ବୁଝାବଣା, ବୁଝାମଣା, ବି. ( ଦେଶଜ ) ନ୍ୟାଯ୍ୟାନ୍ୟାଯ୍ୟ ବିଚାର । ଯଥା—

ଚୋର ସର୍ବସ୍ୱ ହରଲେ ବନ୍ଧୁଙ୍କୁ କପଟ,
କଛୁ ବୁଝାମଣା କରୁ ନାହାନ୍ତି ଦଣ୍ଡଧାରୀ । ବେ. ପ.

ବୁଝିବା, କ୍ରି. (ବୁଧ୍ ଧାତୁଜ ପ୍ରାକୃତ, ବୁଝ୍ ଧାତୁଜ) ଜ୍ଞାତ କରିବା, ଜାଣିବା । ଯଥା—

ଶୁଭାଶୁଭ ବୁଝିଲେ ସବୁ ଧ୍ୟାୟି । କୋ. ବ୍ର. ସୁ.

ବୁଝିଲାସୁଝିଲା, ବିଂ. (ଦେଶଜ) ବୁଝି ପାରୁଥିବା ବା ଜାଣିବା (ଲୋକ) ।

ବୁଠ, ବି. (ଦେଶଜ) ଶସ୍ୟବିଶେଷ ।

ବୁଠା, ବି. ( ଦେଶଜ ) ବସ୍ତ୍ରାଦିରେ ଚିହ୍ନିତ ଗୋଲାକାର ଚିହ୍ନ । ଯଥା—

ଆକାଶ ବାସେ ଋକ୍ଷପନ୍ତି ବୁଠା ପ୍ରାୟେ,
ନୟନକୁ ଦିଶିଲେ ସବୁରି ନରଗଯ୍ୟେ । କୃ.ଭା.ସୌ.ପ.

ବୁଠୀ, ବି. ସ୍ତ୍ରୀ. (ଦେଶଜ) ବଂଶାଦିରେ ନିର୍ମିତ ପାତ୍ରବିଶେଷ; ଔଷଧବିଶେଷ । ଯଥା—

ମନୁଷ୍ୟର ସ୍ମିତ ମନୁଷ୍ୟ ଭ୍ରୂକୁଟୀ,
ହୋଇଛି ଜୀବନ ମରଣର ବୁଠୀ । ଦ. ବା.

ବୁଡ଼, ବି. (ଦେଶଜ ବା ବୁଡ଼୍ ଧାତୁଜ) ସ୍ନାନ । ଯଥା—

ବୁଡ଼ ବନ୍ଧ ପରଭୃତ ପରାକୃତ ନାମେ ଯେ । ବୈ. ବି.

ବୁଡ଼ଗାଳିବା, ବୁଡ଼ୁଗାଳିବା, } କ୍ରି. ( ଦେଶଜ ) ଶିରଃସ୍ନାନ କରିବା ।

ବୁଡ଼ଣା, ବି. (ଦେଶଜ) ବୁଡ଼ିବା । ଯଥା—

ବୁଡ଼ଣା ହୋଇଲା ସ୍ଥଳେ,
ଅନଳ ଲାଗିଲା ଜଳେ । ବୈ. ବି.

ବିଂ. ବୁଡ଼ିଯିବା ଏତେ ପରିମିତ (ଜଳାଦି) । ଯଥା—

ବୁଡ଼ଣା ନୀରେ ପଡ଼ି ଲଜରେ ଦୃଢ଼ ଆଯୁଷୁଁ ଜାଇଁ ।
ବୈ. ବି.

ବୁଡ଼ପାରିବା, କ୍ରି. (ଦେଶଜ) ମୁଣ୍ଡ ଧୋଇବା, ଶିରଃସ୍ନାନ କରିବା ।

ବୁଡ଼ା, ବି. (ଦେଶଜ) ପରିମାଣଜ୍ଞାନବିଶେଷ; ଲୁଚିବା । ଯଥା—

କପାଟ ନ ଫିଟୁଣୁ ଥିବଟି ବୁଡ଼ା ରହି,
ଯାହାନ୍ତି ଅବକାଶେ ପଶିବ ଧ୍ୱଂସାଇ । ନୃ. ପୁ. ପ. ଛ.

ନିମଜ୍ଜନ । ଯଥା—

ଶୁଣି କହେ ଦ୍ୱାରପାଳ, ନୋହେ ଏ ସଂଗ୍ରାମକାଳ ।
ଜଳବୁଡ଼ା କୁତୂହଳ କରେ ଭୂପାଳ ହେ । ବି. ଗ୍ର.

ଶିଆଳ । ବିଂ. ଯେ ବୁଡ଼ିଥାଏ । ଯଥା—

ଯହୁଁ ନୟନର ଛେଡ଼େ ବଢ଼ାଇ,
ମୃଗକୁ ଦେଲି ନଗର ଛଡ଼ାଇ ।
ବୁଡ଼ା କରିଦେଲି ମୀନକମଳ,
ମୋ ସଙ୍ଗେ ହୋଇଥାଅ ବୋଲି ଭୁଲ । ଲା. ବ.

ଯେ ବୁଡ଼ାଇଦିଏ; ଯେ ନାଶ କରିଦିଏ । ଯଥା—

କୁକାଟିକା ନିକଟକୁ କମନୀୟ ଜଡ଼ା,
କେତକୀ ପାଖୁଡ଼ା ବେଢ଼ା ନାଗ ଘରବୁଡ଼ା । ର. କ.

ବୁଡ଼ାଇବା, କ୍ରି. (ଦେଶଜ) ନାଶ କରିବା । ଯଥା—

ବୁଡ଼ାଇବେ ସେ ଗୁଣ ଜ୍ଞାନ,
ବଡ଼ାଇ ଯାହାର ଏସନ । କୋ. ବ୍ର. ସୁ.

ଆସକ୍ତ କରିବା; ନିମଜ୍ଜିତ ବା ନିମଗ୍ନ ହେବା । ଯଥା—

ଅରଜୁନ ବୋଇଲେ ତୁମ୍ଭେ ଆମ୍ଭ ରାଜା,
ସତ୍ୟ ଧର୍ମ ଦୁଇରେ ବୁଡ଼ାଇଛ ମଜ୍ଜା । କୃ. ଭା. ବ. ପ.

ବୁଡ଼ାଣ, ବି. (ଦେଶଜ) ବୁଡ଼ିବା; ଯୁଦ୍ଧ ବ୍ୟାୟାମବିଶେଷ । (ଉଡ଼ାଣ ଶବ୍ଦ ଦେଖ) ବୁଡ଼ିଯିବା ଏତିକ ଜଳର ପରିମାଣ । ବିଂ. ଜଳରେ ବୁଡ଼ିଥିବା । ଯେପରି— ବୁଡ଼ାଣ ଜମି ।

ବୁଡ଼ାପଡ଼ିବା, ବୁଡ଼ାମାରିବା, କ୍ରି. (ଦେଶଜ) ଲୁଚିବା । ଯଥା—

ଜଗିଲେ ବୁଡ଼ା ପଡ଼ି ମୁରରାଜା ଆଟ,
କାଙ୍ଖୋଳା ବସିଲା ସାହସ ଉଡ଼ିଲା
ଜଗି ପାଣିଦ୍ୱାର ବାଟ । ନୃ. ପୁ. ଦ୍ୱି. ଛ.
ଚନ୍ଦ୍ରଲେ ଗଲେ ଇନ୍ଦ୍ର ପଳାଇଯିବ କାହିଁ,
ବୁଡ଼ାମାରି ଜଗିଥିବ ନିଶାକାଳେ ଯାଇ । ନୃ.ପୁ.ଦ୍ୱି.ଛ.

ବୁଡ଼ିବା, କ୍ରି. (ବୁଡ଼୍ ଧାତୁଜ) ନିମଜ୍ଜିତ ହେବା । ଯଥା—

ନବନାଗରୀ ଶୋକସାଗରେ ବୁଡ଼ିଲାଣି । ବି.ଚ.ମ.

ନାଶ ହେବା । ଯଥା—

ବଜ୍ର କି ପଡ଼ିଲା ସାହସ ଉଡ଼ିଲା
ଚେତନା ବୁଡ଼ିଲା ଗୃହୁଁ ଗୃହୁଁ । ବି.ଚ.ମ.

ଶେଷ ହେବା । ଯଥା—

ନ ପାଇଲି ସ୍ଥାନ ଆସି ବୁଡ଼ିଲାଣି ବେଳ । ବେ.ପ.

ବୁଡୁବୁଡୁ, ଅଂ. (ଦେଶଜ) ଅନୁକରଣ ଶବ୍ଦ ବିଶେଷ ।

ବୁଡ଼ବୁଡ଼ୁଆଣି, ବୁଡ଼ୁବୁଡ଼ାଣି, ବୁଡ଼ୁବୁଡ଼ଆଣି, } ବି. (ଦେଶଜ) ଉର୍ଣ୍ଣନାଭି ପୋକ ।

ବୁଢ଼ା, ବି.(ବୃଦ୍ଧ ଶବ୍ଦଜ, ପ୍ରାକୃତ ବୁଡ଼୍ଢ଼ ଶବ୍ଦଜାତ) ବୃଦ୍ଧ; ପ୍ରାଚୀନ ।

ବୁଢ଼ାଲେଙ୍କା, ବି. (ଦେଶଜ) ରାଜକର୍ମଚାରୀଙ୍କ ଉପାଧି ବିଶେଷ ।

ବୁଢ଼ି, ବୁଢ଼ୀ, ବି. ସ୍ତ୍ରୀ. (ବୃଦ୍ଧା ଶବ୍ଦଜ, ପ୍ରାକୃତ ବୁଡ଼୍ଢ଼ା ଶବ୍ଦଜାତ) ବୃଦ୍ଧା ।

ବୁଢ଼ିଆଣି, ବି. (ଦେଶଜ) ବୁଡ଼ୁବୁଡ଼ଆଣି ପୋକ ।

ବୁଣା, ବି. (ଦେଶଜ) ବପନକରିବା; ବିଞ୍ଚିବା; ବସ୍ତ୍ରାଦି ବୟନ କରିବା ।
ବିଂ. ବିଞ୍ଚା ହୋଇଥିବା; ଯହିଁରେ ବିଞ୍ଚା ହୋଇଥାଏ; ବୟନ କରା ଯାଇଥିବା ।

ବୁଣିପଡ଼ିବା, କ୍ରି. (ଦେଶଜ) ବିଞ୍ଚିହେବା ।

ବୁଣିବା, କ୍ରି. (ଦେଶଜ) ବପନକରିବା; ଇତସ୍ତତଃ ବିଞ୍ଚିବା । ଯଥା—

କହି ନକ୍ଷତ୍ର ବୋଲି ଯେ ଦିଶୁଛି,
କୁନ୍ଦା କଣି ବୁଣି ହୋଇଯାଇଛି । ର. ପ.

ବସ୍ତ୍ରାଦି ନିର୍ମାଣ କରିବା । ଯଥା—

ଜାଲ ବୁଣୁ ବୁଣୁ କୂଳୁଁ ନୋଳିଆଣୀ
ଦିଅନ୍ତି ହର୍ଷେ ଉତ୍ତର । ପାବଣି ।

ବୁଣିହେବା, କ୍ରି. (ଦେଶଜ) ଚାରିଆଡ଼େ ବିକ୍ଷିପ୍ତ ହେବା; ( ବୁଣିବା ଶବ୍ଦ ଦେଖ । )

ବୁଦା, ବି. (ଦେଶଜ) କ୍ଷୁଦ୍ରଗୁଳ୍ମ । ଯଥା—

ବୁଦାର ପଛରେ ଲୁଚିଲେ,
ନାରଦ ପ୍ରତ୍ୟକ୍ଷେ ଦେଖିଲେ । ଭ୍ର. ଦ. ସ୍ତ୍ର.

ସାମାନ୍ୟ ବଣ; ବଳ ଛେଲ ।

ବୁଦୁକା, ବି. ( ଦେଶଜ ) ଲତାଫଳବିଶେଷ; ଏକପ୍ରକାର ଗଛ ।

ବୁଦୁବୁଦୁ, ବି. ( ବୁଦ୍‌ବୁଦ ଶବ୍ଦଜ ) ପାଣିଫୋଟକା । ଯଥା—

ହଂସରୁ ପରମ ଯେ ପରମୁ ହେଲା ଫେନ,
ଫେନରୁ ବୁଦୁବୁଦୁ ତହିଁରୁ ଅଣ୍ଡ ଜନ୍ମ । ନୃ.ପୁ.ପ.ଭ.

ଜଳପତନ ଶବ୍ଦ ।

ବୁଦ୍ଧ, ବି. ( ବୁଧ୍‌-ତ ) ବିଷ୍ଣୁଙ୍କ ଅବତାରବିଶେଷ; ବୌଦ୍ଧମତ ପ୍ରଣେତା । ବିଂ. ବିଦିତ, ଜ୍ଞାତ; ଜାଗରିତ ।

ବୁଦ୍ଧି, ବି. ସ୍ତ୍ରୀ. ( ବୁଧ୍‌-ତି ) ଜ୍ଞାନ, ବୋଧ; ମନୋବୃତ୍ତିବିଶେଷ, ଅନ୍ତଃକରଣ ।

ବୁଦ୍ଧିବୃତ୍ତି, ବି. ସ୍ତ୍ରୀ. ବୁଦ୍ଧିର ଧର୍ମ ।

ବୁଦ୍ଧିସଦ୍ମ, ବି. ( ବୁଦ୍ଧି-ସଦ୍ମ = ଗୃହ, ସ୍ଥାନ ) ଚିତ୍ତ, ହୃଦୟ । ଯଥା—

ପ୍ରୋଷ୍ଠୀସମାଶ୍ଳିଷ୍ଟ-ନାଳ ପଦ୍ମପ୍ରାୟେ
କମ୍ପା ଚଞ୍ଚଳବୁଦ୍ଧିସଦ୍ମ । କା. ପ. ନା.

ବୁଦ୍ଧିସହାୟ, ବି. ( ବୁଦ୍ଧି-ସହାୟ ) ମନ୍ତ୍ରୀ, ପରାମର୍ଶଦାତା ।

ବୁଦ୍ଧୀନ୍ଦ୍ରିୟ, ବି. (ବୁଦ୍ଧି-ଇନ୍ଦ୍ରିୟ) ମନଃ, ଚକ୍ଷୁ, ଶ୍ରୋତ୍ର, ନାସିକା, ଜିହ୍ୱା, ତ୍ୱକ୍ ।

ବୁଦ୍‌ବୁଦ, ବି. ସଂ. ଜଳର ଭୁଡ଼ୁଭୁଡ଼ା; ଗର୍ଭସ୍ଥ ଅବୟବବିଶେଷ ।

ବୁଧ, ବି. (ବୁଧ୍‌-ଅ) ଚନ୍ଦ୍ରଙ୍କର ପୁତ୍ର, ବୁଧଗ୍ରହ; ପଣ୍ଡିତ ।

ବୁଧରତ୍ନ, ବି.(ବୁଧ-ରତ୍ନ = ମଣି)ମରକତମଣି ।

ବୁଧାନ, ବି. ( ବୁଧ୍‌ = ଜାଣିବା-ଆନ ) ଗୁରୁ; ଜ୍ଞାନବ୍ୟକ୍ତି; କବି । ବିଂ. ପ୍ରିୟବାଦୀ; ବ୍ରହ୍ମବାଦୀ ।

ବୁଧ୍ନ, ବି. (ବୁଧ୍‌ = ଜାଣିବା-ନ) ଶିବ । (ବନ୍ଧ୍‌-ନ) ବୃକ୍ଷମୂଳ ।

ବୁନିଆଦ, ବୁନୟାଦ, ବି. (ଯାବନିକ) ଭିତ୍ତିମୂଳ; ମୂଳ; କଥାର ଜଡ଼ ।

ବୁନ୍ଦା, ବି. (ବିନ୍ଦୁ ଶବ୍ଦଜ) ବିନ୍ଦୁ । ଯଥା—

ନିଶୁନ ରଡରେ ଶାଗାଗଣ୍ଡଦେଇ
ବହିଲା ବୁନ୍ଦାଏ ଲୁହ । ଛ. ସା. ୧୮.୮.

ବୁଦ୍ଧଆ, ବି. (ଦେଶଜ) ଏକପ୍ରକାର ଘୃତପକ୍ୱ ମିଷ୍ଟ ଖାଦ୍ୟଦ୍ରବ୍ୟ । (ବେଶନ୍ ଶବ୍ଦ ଦେଖ ।)

ବୁବୁଧାନ, ବି. (ବୁଧ୍ = ଜାଣିବା-ଆନ) ଆଚାର୍ଯ୍ୟ; ପଣ୍ଡିତ; ଦେବତା ।

ବୁଭୁକ୍ଷା, ବି. ସ୍ତ୍ରୀ. (ଭୁଜ୍ = ଖାଇବା-ସନ୍-ଦ୍ୱିତ୍ୱ-ଅ-ଆ) ଭୋଜନେଚ୍ଛା, କ୍ଷୁଧା । (ବିଶେଷଣରେ ବୁଭୁକ୍ଷୁ ଓ ବୁଭୁକ୍ଷିତ ହୁଏ ।)

ବୁଭୁତ୍ସା, ବି. ସ୍ତ୍ରୀ. (ବୁଧ୍ = ଜାଣିବା-ସନ୍-ଦ୍ୱିତ୍ୱ-ଅ-ଆ, ଧ = ତ) ଜାଣିବାର ଇଚ୍ଛା, ଜିଜ୍ଞାସା । (ବିଶେଷଣରେ ବୁଭୁତ୍ସୁ ହୁଏ ।)

ବୁଭୂଷା, ବି. ସ୍ତ୍ରୀ. (ଭୂ = ହେବା-ସନ୍-ଦ୍ୱିତ୍ୱ-ଅ-ଆ) ସମ୍ଭବେଚ୍ଛା ।

ବୁର, ବି. (ଦେଶଜ) ଶାଳ୍ମଳୀବୃକ୍ଷ ।

ବୁରବୁଡ଼, ବି. (ଗଡ଼ଜାତରେ) ବାଡ଼ ଭାଙ୍ଗି ପଶିବା ।

ବୁରା, ବି. ସ୍ତ୍ରୀ. (ଗଡ଼ଜାତରେ) ଚୋଟା ।

ବୁରୁଗି, ବି. (ଗଡ଼ଜାତରେ) ଯେଉଁମାନେ ଆଗନ୍ତୁକଙ୍କ କଥା ମାନନ୍ତି ।

ବୁରୁଜ, ବି. (ଦେଶଜ) ଦୁର୍ଗ ପ୍ରାଚୀରର ଚତୁର-କୋଣରେ ସୈନ୍ୟ ଓ ବାରୁଦ ରଖିବା-ପାଇଁ ତୋଳାଇଥିବା ଉଚ୍ଚ ଗୃହ ।

ବୁରୁଳ, ବି. (ଦେଶଜ) ଯବନସ୍ଥ ପରମାଣ ।

ବୁରୁବୁରା, ବି. (ବୁଦ୍‌ବୁଦ ଶବ୍ଦଜ) ପାଣି-ଫୋଟକା, ଜଳର ଭୁଡ଼ୁଭୁଡ଼ା ।

ବୁରେହୀ, ବି. ସ୍ତ୍ରୀ. (ବାରାହୀ ଶବ୍ଦଜ) ଦେବୀ-ବିଶେଷ ।

ବୁଲା, ବି. (ଦେଶଜ) ଭ୍ରମଣ । ଯଥା—

ଶମନସ୍ୱସା ତଟ ଅଟବୀବୁଲା । କ. ଚ. ଚ.

ବିଂ. ଯେ ଭ୍ରମଣ କରେ । ଯେପରି— ଦେଶବୁଲା ଲୋକ ।

ବୁଲାଇବା, କ୍ରି. (ଦେଶଜ) ଭ୍ରମଣ କରାଇବା; ଆଜ ଦେବି କାଲି ଦେବି ବୋଲି ଲୋକଙ୍କୁ ବିମୁଖ କରିବା; ଲେଉଟାଇବା; ଭ୍ରମାଇବା; ଆଡ଼ କରିବା । ଯଥା—

ତନୁ ଦାନ ମାଗୁଁ ନେତ୍ର ବୁଲାଇ । ବି. ଚ. ମ.

ବୁଲାଉଣି, ବି. (ଦେଶଜ) ବୁଲାଇବା । ଯଥା—

ଦେଖିଲେ ଖରଯାଙ୍କର ଜିହ୍ୱା ବୁଲାଉଣି,
ପଚାରିଲେ କେତେ କାର୍ଯ୍ୟେ ଅଇଲ ତରୁଣି ।
ନୃ. ପ୍ର. ପ୍ର. ତ.

ବୁଲାକ, ବି. (ଦେଶଜ) ଏକପ୍ରକାର ନାସା-ଭୂଷଣ, ଦଣ୍ଡି । ଯଥା—

ବନ୍ଦୋବସ୍ତେ ବୁଲାକ ଦଣ୍ଡି,
ବଚନ କୁନ୍ଦନ କୁଞ୍ଚିତ ଦେଇଅଛୁ ମଣ୍ଡି । ସୁ. ପ.

ଭ୍ରମଣଶୀଳ ଅର୍ଥାତ୍ ବୁଲୁଥିବା । ଯଥା—

ପଛ ଦୁଇପଦ ମଧ୍ୟେ ଲାଙ୍ଗୁଳ ରଖି ପଳାୟନ,
ଯେସନେ କରଇ ବୁଲାକ ଶ୍ୱାନ । ଇ. ଧ.

ବୁଲାବୁଲି, ବି. (ଦେଶଜ) ଭ୍ରମଣ ।

ବୁଲି, ବି. ସ୍ତ୍ରୀ. (ବୁଲ୍ = ମଗ୍ନହେବା, ଭାସିଉଠିବା-ଇ) ଭଗ, ସ୍ତ୍ରୀଚିହ୍ନ ।

ବୁଲିବା, କ୍ରି. (ଦେଶଜ) ଭ୍ରମଣକରିବା; ବେଢ଼ିବା । ଯଥା—

ଚଉଦିଗେ ମନୋହର ପାଚେରି ବୁଲିଛି । ସୁ. ପ.

ପ୍ରତ୍ୟାବର୍ତ୍ତନ କରିବା ।

ବୁଷ, ବୁସ, ବି. (ବୁସ୍ = ତ୍ୟାଗକରିବା-ଅ) କୁଣ୍ଡା, ଭୁଷି; ତୁଚ୍ଛଧାନ୍ୟ, ଅଗାଡ଼ ।

ବୁସ୍ତ, ବି. (ବୁସ୍ତ୍ = ଅନାଦରକରିବା-ଅ) ପଣସାଦି ଫଳର ଅସାରଭାଗ; ସ୍ଥାଳୀଭ୍ରଷ୍ଟ ମାଂସ ।

ବୁହା, ବି. (ବହ୍ ଧାତୁଜ) ବହିବା ଅର୍ଥାତ୍ ନେବା । ଯଥା—

ରାଜଧର୍ମ ହେଲା ପ୍ରଜାଧନ ବୁହା । ଦ. ବା.

ଜଳାଦି ପ୍ରସରିବା । ବିଂ. ବହନଶକ୍ୟ । ଯଥା—

ନାଗନାଗରେ ଅବନୀ ବୁହା ନ ଗଲା । ବ. ଚ. ମ.

ବହୁଥିବା; ବହିବା ଲୋକ ।

ବୁହାଇବା, କ୍ରି. ( ବହ୍ ଧାତୁଜ ) ବହନ କରାଇବା; ପ୍ରସରାଇବା । ଯଥା—
ବୁହାଇ ଗଙ୍ଗା ବକ୍ଷୁ ପଦୁ
ବହୁତ କ୍ଲେଶ କରାଇଲେ ଶାନ୍ତ । ବୈ. ବ.
ଚଲାଇବା । ଯଥା—
ଅଶ୍ୱତ୍ଥାମା ରଥକୁ ଆଗକୁ ବୁହାଇ,
ଅର୍ଜୁନଙ୍କ ବୁକୁକୁ ବନ୍ଧିଲେ ରେଖ ବହୁ । କୃ.ଭା.ବ.ପ.

ବୁହେ, ବହେ, କ୍ରି. ବଂ. ( ଦେଶଜ ) ଥରେ; ଯଥେଷ୍ଟରୂପେ, ପର୍ଯ୍ୟାପ୍ତରୂପେ ।

ବୃନ୍ଦାଅର୍କ, ବି. (ବୃନ୍ଦାରକ ଶବ୍ଦଜ) ଦେବତା । ଯଥା—
ସ୍ୱର୍ଗେ ସାଧୁ ସାଧୁ ତୋଡେ କଲେ ବୃନ୍ଦାଅର୍କେ ।
ସା. ଭ. ଆ.

ବୃନ୍ଦାହୁଳ, ବି. (ଦେଶଜ) ଏକପ୍ରକାର ବହୁଡ଼ି । ଯଥା—
ପଞ୍ଚଷଠି ପଦ୍ମ କୁଳଶ ସହସ୍ର ବହୁଡ଼ି,
ଶତସାଗର ଯେ ବୃନ୍ଦାହୁଳ ଅଛୁ ପଡ଼ି । ସା. ଭ. ସ.

ବୃନ୍ଦାହୋଳ, ବି. (ଦେଶଜ) ଏକପ୍ରକାର ଫଳ ଓ ବୃକ୍ଷ । ଯଥା—
ଲେମ୍ବୁ କର୍ମୂଳ ଟଭା ନାରଙ୍ଗ ବୃନ୍ଦାହୋଳ,
ଅଁଳା ନଡ଼ିଆକୋଳ ଖଜୁରି ବେଲ ତାଳ । ନୃ.ପୃ.ଭୂ.ଡ.

ବେ, ଅଂ. (ବି ଉପସର୍ଗଜାତ) ନାସ୍ତ୍ୟର୍ଥ ।

ବେଅନ୍ଦାଜ, ବି. (ଯାବନିକ) ଅପରିମିତ ।

ବେଅରଙ୍ଗ, ବେରଙ୍ଗ, ବିଂ. (ଇଂରାଜି ଶବ୍ଦ ବେରଙ୍ଗ-ଶବ୍ଦଜାତ) ଡାକଟିକଟ ନ ଲଗାଇ ଡାକରେ ପଠାଇବା (ପତ୍ରାଦି) ।

ବେଆଇନ, ବିଂ. ( ଯାବନିକ ) ଆଇନ ବା ବ୍ୟବସ୍ଥାବିରୁଦ୍ଧ ।

ବେଆଦବ, ବିଂ. (ଯାବନିକ) ଅବାଧ୍ୟ; ଅଭଦ୍ର । ଯଥା—
ଏ ବେଆଦବ ପିଲାଟା ପାଠରେ ନବାବଙ୍କୁ
ଜିଣିବାକୁ ବୁଝୁଥିଲା । ଉ. ସା. ୩. ୬.

ବେଆରାମ, ବି. (ଯାବନିକ) ପୀଡ଼ା, ଅଶାନ୍ତ ।

ବେଆରାମୀ, ବିଂ. (ଯାବନିକ) ଅସୁସ୍ଥ ।

ବେଇଁବା, ବେଇବା, କ୍ରି. ( ଦେଶଜ ) ପଶ୍ୱାଦି ପ୍ରସବ କରିବା । ଯଥା—
ଜଉତୁକ ଦେଲ ଗାଈ,
ଗାଈ ବେଇଁଥିଲ ମାଈ । ହା. ଡ.

ବେଇମାନ, ବିଂ. ( ଯାବନିକ ) ଅଧାର୍ମିକ; ବିଧର୍ମୀ ।

ବେଉଆ, ବେଉସ୍ୱା, ବି. ସ୍ତ୍ରୀ. ( ଯାବନିକ ) ଅନାଥା ସ୍ତ୍ରୀ, ପତିପୁତ୍ରହୀନା ନାରୀ ।

ବେଉତ, ବି. ( ଦେଶଜ ) କାର୍ଯ୍ୟସାଧନ କୌଶଳ ।

ବେଉନ୍ତ, ବି. ( ଦେଶଜ ) ବରାଡ; ବର୍ଣ୍ଣନ । ( ବେଉନ୍ତିବା ଶବ୍ଦ ଦେଖ । )

ବେଉନ୍ତିବା, କ୍ରି. (ଦେଶଜ) ବାଣ୍ଟିବା । ଯଥା—
ଧନକୁ ଲକ୍ଷେ ହାଣ୍ଡି ଗୋରସ ହୁଏ ଯାହା,
ରାଜ୍ୟରେ ବେଉନ୍ତ ମୁଁ ଦଅଇ ନତୋ ତାହା ।
ନୃ. ପୃ. ଦ୍ୱି. ଡ.
ବରାଡ କରିବା ।

ବେଉର, ବି.(ଦେଶଜ) ନିମନ୍ତ୍ରଣପତ୍ର । ଯଥା—
ପ୍ରଥମ ଦିବସେ ବରଣ ବେଉର ସାର,
ବିଚକ୍ଷଣ ବ୍ରାହ୍ମଣେ ମିଷ୍ଟ ଭୋଜନ କର । ସା. ଭ. ଆ.

ବେଉରା, ବେଓରା, ବି. ( ଯାବନିକ ) ବାର୍ତ୍ତା; ବିବରଣ । ଯଥା—
ବେଉର କରଣ ଯେ କହ,
କେଉଁ ଦେବତା ଗୃହ କହ । ବି. ପୃ.

ବେଉସା, ବେଉଷା, ବେବସା, ବି. (ବ୍ୟବସାୟ ଶବ୍ଦଜ) କ୍ଷେତ୍ରରେ କରିବା ଶସ୍ୟାଦି । ଯଥା—
ଇନ୍ଦ୍ର ନ ପାଳିଲେ ଏଥି ବେଉଷା ନ ମରି,
ରାମ ନାମ ଜଳରେ ବେଉଷା ଯାଇ ଚଳି । ନା.ର.ଗୀ.
ବୁଣାଧାନଗଛ ଫେର ଚଷିବା ।

ବେଓରା, ବି. (ଦେଶଜ) ବ୍ୟାଖ୍ୟା ବା ଟୀକା; ବିବରଣ ।

ବେକ, ବି. (ଦେଶଜ) ଗଳାର ପଛଭାଗ ।

ବେକଖଣ୍ଡା, ବି. ( ଦେଶଜ ) ଗ୍ରୀବାଦେଶ । ଯଥା—
ବେକଖଣ୍ଡା ସଙ୍ଗେ ଗଲ ଉଦଳାଲା ଭାଙ୍ଗି । ମ. ଯା.

ବେକସୁର, କି. ବି°. ( ଯାବନିକ ) ବିନା-ଦୋଷରେ । ଯଥା—

ଝରଣୀର ପରବର୍ତ୍ତିରେ "ଓଙ୍କାଲ ସିରସ୍ତା ମୋହଷ୍ଣର"
ହେଲେ ବେକସୁର ଖଲାସ । ବା ମା· ପାଞ୍ଜି.

ବେକା, ବି· ( ବାଲେଶ୍ୱର ପ୍ରାନ୍ତରେ କହନ୍ତି ) ଘିଅହାଣ୍ଡି ଓ ଘିଅଘଡ଼ି ।

ବେକାର, ବି°. (ଯାବନିକ) ଯାହାର କୌଣସି କାର୍ଯ୍ୟ ନାହିଁ ।

ବେକେ, ବି. ( ଦେଶଜ ) ବେକ ପର୍ଯ୍ୟନ୍ତ ପରିମାଣ । ବି°. ଚିତ୍ତପରିମିତ । ଯେପରି—ବେକେ ପାଣିରେ ଠିଆ ହୋଇଅଛୁ ।

ବେଖୁ୍, ବି°. ( ଯାବନିକ ବେକୁବ୍ ଶବ୍ଦଜ ) ବୁଦ୍ଧିହୀନ ।

ବେଗଡ଼ା, ବି°. (ଦେଶଜ) ନଷ୍ଟ; ବିକୃତ; ଦୁଷ୍ଟ ।

ବେଗମ, ବି.ସ୍ତ୍ରୀ.(ଯାବନିକ) ରାଣୀ; ମାନ୍ୟା ସ୍ତ୍ରୀ ।

ବେଗଳ, ବି°. (ଦେଶଜ) ଭିନ୍ନ, ପୃଥକ୍ ।

ବେଗାର, ବି. (ଦେଶଜ ବିଶେଷତଃ ବଙ୍ଗ-ଭାଷାରେ ବ୍ୟବହୃତ) ଟଙ୍କା ପଇସା ନେଇ କାର୍ଯ୍ୟ କରିବା ।

ବେଗି, କି. ବି°. ( ବେଗ ଶବ୍ଦଜ ) ଶୀଘ୍ର, ତତ୍‌କ୍ଷଣେ । ଯଥା—

ପ୍ରଖର ନଖର ଲଗି ସେହି ରାମା ଚମକିପଡ଼ିଲା ବେଗି ।
ର. ପ.

ବେଗୁଆର, ବି°. (ଦେଶଜ) ବେଗବନ୍ତ ।

ବେଗୁନିଆ, ବି. (ଦେଶଜ) ଗୁଳ୍ମବିଶେଷ ।

ବେଗେ, ବେଗେଣ, କି. ବି°. (ବେଗ ଶବ୍ଦଜ) ଶୀଘ୍ର । ଯଥା—

ବେଗେଣ ବାନ୍ଧଇ ହାର ଖରଷାଣ ଖିର । ବେ· ସ.

ବେଙ୍ଗ, ବେଙ୍ଗଇ, ବେଙ୍ଗେ, ବେଙ୍ଗେଇ, } ବି. (ଦେଶଜ) ଭେକ । (କଙ୍କଡ଼ା ଶବ୍ଦ ଦେଖ ।)

ବେଙ୍ଗଳା, ବି. ( ଦେଶଜ ) ଧାନ ମର୍ଦ୍ଦିବାକୁ ଅର୍ଥାତ୍ ମଳିବାକୁ ବିସ୍ତୃତ କରି ପକାଇବା ଧାନ କଳାଇ ।

ବେଙ୍ଗା, ବି. (ବ୍ୟଙ୍ଗ ଶବ୍ଦଜ) ରୋଗବିଶେଷ । (ଦେଶଜ) ଆଶଙ୍କା, ଭୟ ।

ବେଙ୍ଗୁଲି, ବି. ( ଦେଶଜ) ମାଈବେଙ୍ଗ । ଯଥା—

ପାଣି ମଧ୍ୟେ କଲେ କଟର କଟର
ବେଙ୍ଗ ଓ ବେଙ୍ଗୁଲିରାଣୀ । ଛ. ସା.

ବେଗୁଲ, ବି. (ଦେଶଜ) ଅଧମ । ଯଥା—

ପ୍ରଥମରେ ଶୁଣିଯାଅ ମଧୁରର ଗୁଲ,
ସିଂହଦ୍ୱାରଠାରେ ବଡ଼ ଦେଖିଲି ବେଗୁଲ । ଛ. ଭୁ.

ବେଜନ୍ମା, ବି°. (ବିଜନ୍ମା ଶବ୍ଦଜ) ଜାରଜ ।

ବେଜାୟ, ବି°. (ଯାବନିକ) ଅନୁଚିତ ।

ବେଜାର, ବିଜାର, ବି. (ଯାବନିକ) ବିରକ୍ତ । ବି°. ବିରକ୍ତ, ଅସନ୍ତୁଷ୍ଟ ।

ବେଜୁ, ବି. (ଦେଶଜ) ଏକଶ୍ରେଣୀୟ ଭଣ୍ଡାର ଜାତି । (ଏମାନେ ଗଡ଼ମାଳ, ଉଡ଼ଙ୍ଗି, ବେଜୁ ଓ କାଙ୍ଗୁ ଏପରି ଚାରି ଶ୍ରେଣୀରେ ବିଭକ୍ତ) । ବି°. ନପୁଂସକ ।

ବେଞ୍ଚ, ବି. ( ଇଂରାଜି ଶବ୍ଦ ) କାଷ୍ଠନିର୍ମିତ ଆସନବିଶେଷ ।

ବେଟା, ବି. (ହିନ୍ଦୀ) ପୁଅ । ଯଥା—

ଦଶରଥରାଜ ବେଟା । ବି. ର.

ବେଟୀ, ବି. ସ୍ତ୍ରୀ. (ହିନ୍ଦୀ) ଝିଅ ।

ବେଟୀଚେଟ, ବି. ନୀଚବ୍ୟକ୍ତି ।

ବେଟୀଚେଟୀ, ବି. ସ୍ତ୍ରୀ. ନୀଚ ସ୍ତ୍ରୀ । ଯଥା—

ବେଟୀଚେଟୀ ଗୁରୁ କୁଲକ୍ଷଣ ଆଲୋ ବୁଦ୍ଧ,
ସ୍ତ୍ରୀ ଜାତି ଅଟୁ ତୋର କସ ବୁଦ୍ଧି ହୋଇ । ସା.ଖ୍ର.ବ.

ବେଠି, ବି. (ବିଷ୍ଟି ଶବ୍ଦଜ) ମାଗଣା । ଯଥା—

ବେଠି ବରତ ଦେଇ ସେ ପରଜା ନୋହେ କହୁ ।
ନୃ. ପୁ. ପ୍ର. ଚ.

ବେଠିଆ, ବି. (ବିଷ୍ଟି ଶବ୍ଦଜ) ବିନାମୂଲ୍ୟରେ ଯେ କାର୍ଯ୍ୟ କରେ । ଯଥା—

ବୋଲନ୍ତି ବନ୍ଧୁ ମୁଁ ତୋର ବେଠିଆ,
ପାଣି ଆଣିବାକୁ ମୋତେ ପଠିଆ । ବି. ଚ. ମ.

ବେଢ଼, ବେଢ଼ି, ବି· (ବେଢ଼ ଶବ୍ଦଜ, ବନ୍ଧନାର୍ଥ) ସାଙ୍କୋଳି ବା ଏକପ୍ରକାର ବନ୍ଧନରଜ୍ଜୁ । ଯଥା—

କାହିଁ ପ୍ରେମଶୀଳା ନବବିବାହିତା ବାଳା,
ପକାଏ ରମଣପଦେ ବେଢ଼ିରୂପେ କି ସେ
ନୀଳୋତ୍ପଳଦଳ ଦାମ ରୁଚି ବେନି ଆଖି । ମ. ଯା.
ହାଣ୍ଡି ଉଠାଇବାପାଇଁ ଲୌହନିର୍ମିତ ହତା ।

ବେଢ଼, ବି. (ବେଧ ଶବ୍ଦଜ) ପରିଧି । ଯଥା—
ବେଢ଼ରେ ଅଳତା ଚନ୍ଦ ଅଛି ବିଚନ୍ଦ । ଲ. ବ.
ଆବରଣ ବା ଘେରା । ଯଥା--
ପ୍ରବୀଣ ବାତ ଭୃଙ୍ଗ ପିକ ଘେନ ଯେ ମାର
ପକାଇଛୁ ବେଢ଼ । ର. ପ.
ଆଡୁଖା । ଯଥା—
ବଲ୍ଲଭ ନେଇ ବଖାଇ ଯୁବତୀରତନ,
ଭରତରେ ବେଢ ଦେଇ ପିନ୍ଧିଲା ବସନ । ଲ. ବ.

ବେଢ଼ଙ୍ଗ, ବିଂ. (ଦେଶଜ) ଅସୁନ୍ଦର ।

ବେଢ଼ଣ, ବି. (ବେଷ୍ଟନ ଶବ୍ଦଜ) ପରିଧି । ଯଥା—
ଗଡ଼ର ବେଢ଼ଣ ନବ ଯୋଜନ ଓସାର । ସା. ଖ୍ରୀ. ସ.
ଆବରଣ ।

ବେଢ଼ଣି, ବି. (ବେଷ୍ଟନ ଶବ୍ଦଜ) ବେଷ୍ଟନ । ଯଥା—
କଟିରେ ଶୋହେ ପୀତାମ୍ବର,
ବେଢ଼ଣି ଛନ୍ଦେ ପିନ୍ଧା ଫେର । ଦା. ର.

ବେଢ଼ପ, ବିଂ. (ଦେଶଜ) କୁତ୍ସିତ ଗଠନ, ଅସୁନ୍ଦର ।

ବେଢ଼ା, ବି. (ବେଷ୍ଟନ ଶବ୍ଦଜ) ଗୃହାଦିଗରେ ଘେରିଥିବା ପ୍ରାଚୀର; ଆବରଣମଧ୍ୟସ୍ଥ ଭୂଭାଗ । ଯଥା—
ବେଢ଼ା କଣୋଧ କରି ଭଲେ,
ସେବକେ ଯେ ଯାହାର ଗଲେ । ଦା. ର.
ବେଷ୍ଟନ । ଯଥା—
ଲୋଟଣୀ କରି ବେକତଳକୁ ଜୁଡ଼ା,
କରିଥିବ ତହିଁରେ କଆପତ୍ର ବେଢ଼ା । କୃ. ଭା. ବ. ପ.
ଥରେ ପରିଭ୍ରମଣ । ଯଥା—
ଠକ ଭଣ୍ଡିଗଲେ କୃଷ୍ଣ ନଇଲେ ବେଢ଼ାଏ ଲୋ ।
କେ. କୋ.
ବିଂ. ବେଢ଼ିଥିବା, ବେଷ୍ଟିତ । (ବୁଢ଼ା ଶବ୍ଦ ଦେଖ ।)

ବେଢ଼ାଣ, ବି. (ବେଷ୍ଟନ ଶବ୍ଦଜ, ଅର୍ଥ ଭିନ୍ନ) ପିନ୍ଧିବା ଲୁଗା; ଅଙ୍ଗର ଆଚ୍ଛାଦନବସ୍ତ୍ର । ଯଥା—
ବଲାହକ ପ୍ରାୟେ ଦିଶେ ଦିଶନ୍ତ,
ବେଢ଼ାଣ ବାସ ସେବକ ପନ୍ତ । ବୈ. ବି.

ବେଢ଼ିବା, କ୍ରି. (ବେଷ୍ଟ୍ ଧାତୁଜ) ଘେରିବା । ଯଥା—
ଏବେ ବେଢ଼ିଅଛୁ ମନୁଷ୍ୟ ପ୍ରାଚୀର । ନ. କେ.

ବେଣା, ବି. (ବିରଣ ଶବ୍ଦଜ) ଉଶୀର ।

ବେଣାପଞ୍ଜିର, ବି. (ଦେଶଜ) ଶୁକ୍ଳବର୍ଣ୍ଣ ସରୁ ଧାନ ।

ବେଣୁଆ, ବି. (ଗଡ଼ଜାତ ଶବ୍ଦ) ହୁଙ୍କା ।

ବେଣ୍ଟ, ବି. (ବୃନ୍ତ ଶବ୍ଦଜ, ପ୍ରାକୃତ) ପୁଷ୍ପାଦିର ନାଡ଼ । ଯଥା—
ଗୁଲନ୍ତେ ମସ୍ତରେ ଅବେଣ୍ଟ ପଦ୍ମ ଫୁଟଇ । ସା.ଖ୍ରୀ.ଆ.
ଶସ୍ତ୍ରାଦିର ମୁଠି; ଛତ୍ରାଦିର ଦଣ୍ଡ । ଯଥା—
ଛତା ପକାଇଣ ବେଣ୍ଟମାନ କରେ ଧରି । ସା. ଖ୍ରୀ. ଆ.
(ଦେଶଜ) ପାରିଧି । ଯଥା—
ଅଠାକାଣ୍ଡିଆ ବେଣ୍ଟ କରି,
ପକ୍ଷୀ ଆଣଇ ନତ୍ୟେ ମାରି । ଦା. ର.

ବେଣ୍ଟକାର, ବି. (ଦେଶଜ) ବ୍ୟାଧ । ଯଥା—
ବଗଜ ବୋଲିକରି ଏକ ଯେ ବେଣ୍ଟକାର,
ସେ ନଗ୍ରକୁ ଯାଇଛୁ ଘେନ ମୃଗଭାର । ସା. ଖ୍ରୀ. ସ.

ବେଣ୍ଠି, ବି. (ଦେଶଜ) କେଶ ଗୁଚ୍ଛପାଖରେ ଥିବା କ୍ଷୁଦ୍ର କେଶ । ଯଥା—
ବାପ ତେଲିଶାଣ୍ଢିରେ ଲଣ୍ଡା,
ପୁଅ ବେଣ୍ଠି ରଖୁଚ । ଉ. ସା. ୧୮.୧୧.

ବେଣ୍ଠିବା, କ୍ରି. (ଗଡ଼ଜାତଜ) ଗୁଡ଼େଇବା ।

ବେଣ୍ଠୁଲା, ବେଣ୍ଠଲି, ବି. (ଦେଶଜ) ସ୍ତ୍ରୀମାନଙ୍କର ମଲ୍ଲିକଡ଼ି ନାମକ କର୍ଣ୍ଣାଳଙ୍କାର । ଯଥା —
ବେଣ୍ଠୁଲା ଶ୍ରବଣେ ସଖୀ ଖଞ୍ଜିଲେ । ବୈ. ବି.

ବେତ, ବି. (ବେତ୍ର ଶବ୍ଦଜ, ପ୍ରାକୃତ) ବେତସ ।

ବେତଣ୍ଡା, ବିଂ. (ଉଚ୍ଛୃଙ୍ଖଳାର୍ଥ ବେତଣ୍ଡ ଶବ୍ଦଜ) ଅମାନିଆ; ଦୁଷ୍ଟ ।

ବେତା, ବେତୁଲି, ବି. (ଦେଶଜ) ବାଡ଼ି ଠୋକାଇ (ବେତରେ ପ୍ରହାର ଦେବା) ।

ବେତାଠକା, ବିଂ. (ଦେଶଜ, ବେ = ନାହିଁ- ତାଠକା = ଭୟ) ନିର୍ଭୟ ।

ବେତାଳ, ବି. ଅସୁରବିଶେଷ । (ବିକଳା ଶବ୍ଦ ଦେଖ) ସଙ୍ଗୀତରେ ତାଳହୀନତା ।

ବେତୁଆ, ବି. (ଦେଶଜ) ବେତ ଧରିବା ଲୋକ; ପାଇକ ବା ଚମ୍ପଗିରି । ଯଥା—
ପ୍ରବେଶି ସିଂହଦ୍ୱାରଠାର,
ଦେଖିଲେ ବେତୁଆ ଅପାର । ଦା. ର.

ବେଦସ୍ତୁର, } ବି. (ଯାବନିକ) ଯାହାର
ବେଦସ୍ତୁର, } ନିୟମ ବା ଠିକ ନାହିଁ ।

ବେଧ, ବି. (ଦେଶଜ) ଜାରଜ ଗର୍ଭ ।

ବେଧଛୁଆ, ବି. (ଦେଶଜ) ଜାରଜ ।

ବେଧପିଲା, ବି. (ଦେଶଜ) ଜାରଜ । ଯଥା—
ବେଧ ପିଲା ବୋଲି ସିନ୍ଧୁକେ ପୁରାଇ
ଜଳରେ ଦେଲେ ମେଲି ।

ବେଧଫଳ, ବି. (ଦେଶଜ) ଜାରଜ ।

ବେଧାର, } ବିଂ. (ଦେଶଜ) ଯାହାର ନିୟମ
ବେଧାରି, } ନାହିଁ ।

ବେଧୁଆ, ବି. (ଦେଶଜ) ଜାରଜ ।

ବେଧୁଇ, } ବି. ସ୍ତ୍ରୀ. (ଦେଶଜ) ଯେଉଁ
ବେଧୋଇ, } ସ୍ତ୍ରୀ ଜାର ପତି କରେ ।

ବେନାମା, ବେନାମୀ, } ବିଂ. (ଯାବନିକ)
ବେନାମି, } ଯାହାର ନାମ ନାହିଁ ।

ବେନାସ୍ତି, ବି. (ଦେଶଜ) କ୍ଷତି । ବିଂ. ଅସ୍ତ- ବ୍ୟସ୍ତ ।

ବେନି, ବିଂ. (ପ୍ରାକୃତ ବର୍ଣ୍ଣି ଶବ୍ଦଜାତ) ଦୁଇ, ଉଭୟ ।

ବେନିଏ, ବିଂ. (ଦେଶଜ) ଦୁହେଁ । ଯଥା—
ନାଶଙ୍କେ ବେନିଏ ନକାଞ୍ଚନେ ଏଥି
କରୁଥିଲେ ବିଚରଣ । ଊର୍ବଶୀ ।

ବେପାର, ବି. (ବ୍ୟାପାର ଶବ୍ଦଜ) ବାଣିଜ୍ୟ । ଯଥା—
ପ୍ରବାସେ ରହିଲା ସୌଦାଗର ବେପାରରେ । ବେ. ପ.
କାର୍ଯ୍ୟ । ଯଥା—
ବେପାର ନ ପାରନ୍ତି କରି,
ପୁଣି ଆଣନ୍ତି କୋଳେ ଧରି । ଖ୍ରୀ. ଦ. ସ୍ତ୍ର.

ବେପାରି, ବି. (ବ୍ୟାପାରୀ ଶବ୍ଦଜ) ବ୍ୟବ- ସାୟକାରୀ ।

ବେବସା, ବି. (ବ୍ୟବସାୟ ଶବ୍ଦଜ) ବ୍ୟବସାୟ । ଯଥା—
କେତେଜଣ କରନ୍ତି ଜୀବିକା,
ତାହାଙ୍କ ବ୍ୟବସା ଯେ କଥାବିକା । ଉ. ସା.

ବେବାକ, ବେବାକ, ବିଂ. (ଯାବନିକ) ସମସ୍ତ ବା ନିଃଶେଷ ।

ବେଭାର, ବି. (ବ୍ୟବହାର ଶବ୍ଦଜ) ରୀତି ବା କ୍ରମ । ଯଥା—
ଜାଣିଲି ଲୋକଙ୍କୁ ଏମନ୍ତ ଶୋକକୁ
ଦେବାର ତ ନୁହେଁ ବେଭାର । ର. କ.
ଆଚରଣ । ଯଥା—
କପଟୀ ସହିତେ ଯୁକ୍ତ କପଟ ବେଭାର । ବେ. ଫ.
ବିବାହାଦିରେ ବନ୍ଧୁଙ୍କୁ କରିବା ମର୍ଯ୍ୟାଦା । ଯଥା—
ସମସ୍ତ ନୃପତିମାନେ ହୋଇଲେ ମେଲଣି,
ଯେ ଯେମନ୍ତ ତେମନ୍ତ ବେଭାର ଦେଲେ ଆଣି ।
ବି. ରା.
ଆୟ ବ୍ୟୟ କାର୍ଯ୍ୟ ।

ବେଭାରି, ବି. (ବ୍ୟବହାରୀ ଶବ୍ଦଜ) ଯେ ଆୟ ବ୍ୟୟ କାର୍ଯ୍ୟ କରେ; ରାଜକୀୟ ଅଧିକାରୀ ।

ବେମଜା, ବିଂ. (ଦେଶଜ) ପାଣିଚିଆ; ବିରସ ।

ବେମାର, ବିଂ. (ଯାବନିକ) ପୀଡ଼ିତ ।

ବେମାରି, ବି. (ଯାବନିକ) ରୋଗ ବା ପୀଡ଼ା ।

ବେୟାଦବ, ବିଂ. (ଯାବନିକ) ଅସଭ୍ୟ ।

ବେୟାଦବି, ବି. (ଯାବନିକ) ଅସଭ୍ୟତା ।

ବେରଣା, ବି. (ଦେଶଜ) ପାଠଜମି ।

ବେରଣ୍ଡ, ଭରଣ୍ଡ, ବି. (ଦେଶଜ) ମୁଖରେ ବାହାରିବା ବ୍ରଣବିଶେଷ । ଯଥା—
ପିଠିରେ ତିନି କୁଜ ବେକରେ ଗଳଗଣ୍ଡ,
ପେଟରେ ପିଳୋହି ପୁଣି ମୁଖରେ ବେରଣ୍ଡ ।
ନୃ. ପୁ. ପ. ଭ.

ବେଳ, ବି. (ବେଳା ଶବ୍ଦର ଅପଭ୍ରଂଶ ପ୍ରାକୃତ) ସମୟ । ଯଥା—
ପରଖର ସିନା ନକଷ ବିପତ୍ତି ବେଳ । ଛ. ବ.
ଥର ବା ବାର । ଯଥା—
ଶଏ ବେଳ କହିଲେ ନ ଛାଆଡ଼ୁ । ଗୋ. ଖ୍ରୀ.

ବେଲ, ବି. (ବିଲ୍ୱ ଶବ୍ଦଜ ପ୍ରାକୃତ ବେଲ୍ଲୋ ଶବ୍ଦ ଜାତ) ବିଲ୍ୱଫଳ ଓ ବୃକ୍ଷ ।

ବେଳଓଳା, ବି. (ବାଲେଶ୍ୱର ପ୍ରାନ୍ତରେ) ଉପରଓଳ ।

ବେଳକୁବେଳ, } କ୍ରି. ବିଂ. (ଦେଶଜ) କ୍ରମେ
ବେଳକବେଳକୁ, } କ୍ରମେ । ଯଥା—

ବେଲକୁବେଲ ସନ୍ତାପ ହୋଇଲା ପ୍ରବଳ । ବୈ. ପ.

ବେଲକେ, କ୍ରି. ବିଂ. (ଦେଶଜ) ଏକସମୟରେ । ଯଥା—

ସେ କନ୍ୟାଠାରୁ ପୁଣି ଜନ୍ମିଲେ ଶକ୍ତିମୁନି,
ପୁଣି ସେ ବେଲକେ ବାଞ୍ଛା ହୋଇଲେ ଶବରଣୀ ।
ନୃ. ପୁ. ତୃ. ତ.

ବେଲଙ୍କ, ବେଲଙ୍ଗ, ବି. (ଦେଶଜ) ଶସ୍ତ୍ରବିଶେଷ । ଯଥା—

ନାରାଚ ଆସନ୍ତେଣ ଦେଖିଲେ ଚକ୍ରପାଣି,
ବେଲଙ୍କ ପଦ୍ମେ ଶର ବନ୍ଧିଲେ ପ୍ରଭୁ ଟାଣି ।
ନୃ. ପୁ. ଚ. ତ.

ବେଲଣା, ବି. (ବେଲ୍ଲନ ଶବ୍ଦଜ) ରୋଟିଆଦି ବେଲିବା ନିମିତ୍ତ ନିର୍ମିତ କାଷ୍ଠଖଣ୍ଡ ।

ବେଳବୁଡ଼, ବି. (ଦେଶଜ) ସାୟଂକାଳ । ଯଥା—

ସକାଳୁ ବେଳବୁଡ଼ଯାଏ,
ଶିବଙ୍କୁ ସେବା କରୁଥାଏ । ମା. ଧା.

ବେଲଶୁଣ୍ଠି, } ବି. (ବିଲ୍ୱଶୁଣ୍ଠୀ ଶବ୍ଦଜ)
ବେଲସୁକୁଟା, } ଖଣ୍ଡ ଖଣ୍ଡ କରି ଶୁଖାଇ ରଖିଥିବା ବେଲ ।

ବେଲା, ବି. (ଦେଶଜ) ଧାତୁପାତ୍ରବିଶେଷ ।

ବେଳାବେଳ, କ୍ରି. ବିଂ. (ଦେଶଜ) ଶୀଘ୍ର । ଯଥା—

କହୁଛ ଏତେହେଁ ବେଳାବେଳ ଲେଉଟ । ର. କ.

ବେଲି, ବି. (ବ୍ୟଲୀକ ଶବ୍ଦଜ) ଭଙ୍ଗୀ । ଯଥା—

ଅର୍ଜୁନର ଗ୍ଳ ବେଲି ତ ଯେତେକ,
ସେପରି ଦଣ୍ଡଅଛି ହସ୍ତିନା ନାୟକ । କୃ. ଖ୍ରି. ବି. ପ.

ଭଣ୍ଡିବା ବା ମିଥ୍ୟା ।

ବେଲିବା, କ୍ରି. (ଦେଶଜ) ମର୍ଦ୍ଦିବା ।

ବେଳୁଁ, ବେଳୁସୁଁ, କ୍ରି. ବିଂ. (ଦେଶଜ) ପ୍ରଥମରୁ; ଆଗରୁ ।

ବେଳୁଁବେଳ, } କ୍ରି. ବିଂ. (ଦେଶଜ) କ୍ରମେ-
ବେଳୁବେଳୁଁ, } କ୍ରମେ । ଯଥା—

ଅସୁର ମାଇଲେ ହୋଇ ପ୍ରବଳ ଉଭୟ ବଳ ହେ,
ସଂଗ୍ରାମେ ବେଳୁଁ ବେଲ । ବି. ଗୀ.

ବେଲେକ, କ୍ରି. ବିଂ. (ଦେଶଜ) ଥରେମାତ୍ର । ଯଥା—

କେତେବେଳେ ଅନ୍ନ ତାକୁ ନ ମିଳେ ବେଲେକ ।
ନୃ. ପୁ. ପ୍ର. ତ.

ବେଲେର, ବେଲୁରି, ବି. (ଦେଶଜ) ଖଟରେ ବୁଣିବା ସୂତନିର୍ମିତ ଡୋରବିଶେଷ । ଯଥା—

ବେଲେର ଖଟ ଉପରେ ନେତର ସୁପାଟ । ସା ଭ୍ର ଆ.

ବେବର୍ତ୍ତା, ବି. (ବ୍ୟବହର୍ତ୍ତା ପଦ ଜାତ) ରାଜଦତ୍ତ ଉପାଧିବିଶେଷ ।

ବେଶ୍, ବିଂ. (ଯାବନିକ) ଉତ୍ତମ; ଅଧିକ ।

ବେଶନ୍, ବି. (ହିନ୍ଦୀ) ମିଷ୍ଟ ପଦାର୍ଥବିଶେଷ । ଯେପରି—ବେଶନ୍ ଲଡ଼ୁ ।

ବେଶର, ବି. (ଦେଶଜ) ସ୍ତ୍ରୀର ନାସିକାଲଙ୍କାରବିଶେଷ । ଯଥା—

ନାସା ମଣ୍ଡିଣ ବେଶରେ, ପ୍ରବର୍ତ୍ତିଥିବ ହାସରେ ।
ପ୍ରେ. ସୁ. ନି.

ଖପରା ।

ବେଶି, ବେଶୀ, ବିଂ. (ଯାବନିକ) ଅଧିକ । ଯଥା—

ଆମ୍ଭେ ଏବେ ଯାଇଣ ନ କଲେ ସମ୍ଭାବନା,
ଋଷିଙ୍କର କୋଧ ଜାତ ବେଶି ହେବ ସିନା ।
ନୃ. ପୁ. ଦ୍ୱି. ତ.

ବେସ, ବି. (ବେଶ ଶବ୍ଦଜ ପ୍ରାକୃତ) ନେପଥ୍ୟ ଅର୍ଥାତ୍ ପୋଷାକ ଓ ଅଳଙ୍କାର ଧାରଣ ।

ବେସର, ବେଶର, ବେସ୍ୱର, ବି. (ବେଶବାର ଶବ୍ଦଜ) ବଟା ସୋରିଷ; ବଟା ସୋରିଷ ଦେଇ ରାନ୍ଧିବା ତିଅଣ ।

ବେସରପୁରିଆ, ବି. (ଦେଶଜ) ବୈଦିକ ବ୍ରାହ୍ମଣଙ୍କ ଶ୍ରେଣୀବିଶେଷ । ଯେପରି—ବେସରପୁରିଆ ବସୁ ।

ବେସରମ, ବେସରମି, ବିଂ. (ଯାବନିକ) ନିର୍ଲ୍ଲଜ୍ଜ ।

ବେସି, ବି. (ଗଡ଼ଜାତ ଶବ୍ଦ) ଦାଣ୍ଡଘର ।

ବେହମ୍ବା, ବେହ୍ୱୟା, } ବିଂ. (ଯାବନିକ) ନିର୍ଲ୍ଲଜ୍ଜ,
ବେହାୟା, } ଲଜ୍ଜାବିହୀନ ।

ବେହରଣ, ବି. (ଦେଶଜ) ସଭା । ଯଥା—

ବେହରଣ ଭାଙ୍ଗି ବିଭୀଷଣ ମୂଳ କଲ । ବୈ. ବି.

ବେଢ଼ା, ବି. (ବିବାହ ଶବ୍ଦଜ) ବିବାହ । ଯଥା—

ତୁ ଯେବେ ବାନ୍ଧି ପାରୁ ଏହା,
ନିଶ୍ଚୟେ କନ୍ୟା ଦେବି ବେଢ଼ା । ଭା. ଦ. ସ୍କ.

ବେହାର, ବି. (ବିହାର ଶବ୍ଦଜ) ଭ୍ରମଣ । ଯଥା—
ମୋହ ଇଚ୍ଛାରେ ବସି ବେହାର କରେ ନଟେ୍ୟ । ନୃ. ପୁ. ସ. ଚ.

ବେହାରି, ବି. (ବିହାରୀ ପଦ ଜାତ) ଭ୍ରମଣକାରୀ; ବେହାରଦେଶସ୍ଥ ।

ବେହୁର, ବି. (ଦେଶଜ) ଦୁଧ ଆଉଟାଇବା ନିମିତ୍ତ ମାଟିପାତ୍ର ।

ବେହେରା, ବି. ( ଦେଶଜ ) ଗଉଡ଼; କେଉଟ ପ୍ରଭୃତି ଜାତିମାନଙ୍କର ଉପାଧି ଏବଂ ଏମାନଙ୍କର ଅଧିକାରୀ; ଭୃତ୍ୟ । ଯଥା—
ବାଜୁପରେ ଢଏ ବସାଇ ବେହେରା । ଦ. ବା.

ବେହେରଣିଆ, ବିଂ. ( ଦେଶଜ ) ରକ୍ଷିତା ସ୍ତ୍ରୀଠାରୁ ଜାତ ହେବା ସନ୍ତାନ ।

ବେହେରାଣୀ, ବି. ସ୍ତ୍ରୀ. (ଦେଶଜ) ବେହେରାର ସ୍ତ୍ରୀ ।

ବେହେଲା, ବେହଲା, ବି. ( ବଲ୍ଲକୀ ଶବ୍ଦଜ ) ବାଦ୍ୟଯନ୍ତ୍ରବିଶେଷ ।

ବେହୋଶ, ବିଂ. (ପାରସ୍ୟ) ଅଜ୍ଞାନ; ମତ୍ତ ।

ବୈଠକ, ବି. (ଦେଶଜ) ସଭା, ଅଧିବେଶନ ।

ବୈଠି, ବି. ( ଦେଶଜ ) ପାଷାଣର ନିମ୍ନସ୍ଥ ଆଧାର; ପାଷର ନିମ୍ନଭାଗ ।

ବୈଠିକ, ବି. (ଦେଶଜ) ବିପରୁଖା ।

ବୈଡ଼ୁର୍ଜ୍ୟ, ବି. (ବୈଦୁର୍ଯ୍ୟ ଶବ୍ଦଜ) ରତ୍ନବିଶେଷ ।

ବୈଭୋଗ, ବି. (ବିଭୋଗ ଶବ୍ଦଜ) ସୁଖଭୋଗ । ଯଥା—
ସୀତା ଘେନି ଅଯୋଧ୍ୟାରେ କରିବେ ବୈଭୋଗ । ନୃ. ପୁ. ଭୃ. ଚ.

ବୈରଖ, ବି. (ଦେଶଜ) ଚିହ୍ନଳ ବା ପତାକା ।

ବୈଶାଲ୍ୟ, ବୈଶାଲ, ବି. (ବିହୁଃଶଳାକ ଶବ୍ଦଜ) ବ୍ରତ ଓ ବିବାହରେ ବେଦୀ ନିକଟରେ ଯେଉଁ ବଂଶଯଷ୍ଟି ପୋତାଯାଏ । ଯଥା—
ଗନ୍ଧାଦିବାସ କରି ବୈଶାଳ ପୋତସାରି,
ପଞ୍ଚଶୀ ଝୁ ପକାଇ ବାସୁକି ନାମ ଧରି । ନୃ. ପୁ. ଦ୍ୱି. ଚ.

ବୈସମ, ବୈଷମ, ବି. ( ବୈଷ୍ଣବ ଶବ୍ଦଜ ) ବୈଷ୍ଣବ ।

ବୋଆଳୁ, ବହାଳୁ, ବି. (ବହୁବାରକ ଶବ୍ଦଜ) ବୃକ୍ଷବିଶେଷ ।

ବୋଇତ, ବୋହିତ, ବି. ( ବହିତ୍ର ଶବ୍ଦଜ, ପ୍ରାକୃତ ବଇତ୍ତିରୁ ଜାତ) ଜାହାଜ । ଯଥା—
ଦୁଃଖସାଗରରେ ତାର ବୋଇତ ବୁଡ଼ିଲା । ବେ. ପ.

ବୋଇତୁଆଳ, ବୋହିତୁଆଳ, ବୋଇତିଆଳ, ବି. ( ବହିତ୍ରପାଳ ଶବ୍ଦଜ ) ଯେ ଜାହାଜ ବାହୁନିଏ, ଜାହାଜ ଅଧିକାରୀ । ଯଥା—
ହୋଇଲା ବୋଇତୁଆଳ ଅତିଶୟ ସୁଖୀ । ଲ. ବ.
ଏହିକାଳେ ଜଣାଇଲେ ବେଶକରେ,
ଆସି ବୋହିତୁଆଳେକ ଅଛି ଦ୍ୱାରେ । ଲ. ବ.

ବୋଉ, ବୌ, ବି. ସ୍ତ୍ରୀ. (ଦେଶଜ) ମାତା ।

ବୋକ, ବି. (ଦେଶଜ) ଚୁମ୍ବନ, ଚୁକ ।

ବୋକଗୃ, ବି. (ଦେଶଜ) ଗଣ୍ଡିରା ବା ଗଣ୍ଡିର, ବୁଜୁଳା ।

ବୋକା, ବିଂ. (ଦେଶଜ) ନିର୍ବୁଦ୍ଧି ବା ମୂଢ଼ । ଯଥା—
ବିଦ୍ୱାନଙ୍କୁ ବଳି ସୁପଣ୍ଡିତ ହେବେ ବୋକା,
ଭଣ୍ଡାଭଣ୍ଡି କରି ସଭା ଜାଣିବେ ସେ ଏକା । ବେ. ପ.
ପାଷଣ୍ଡ ।

ବୋଝ, ବି. (ଦେଶଜ) ମୁଣ୍ଡରେ ବହିବା ଗୁରୁ ପଦାର୍ଥ; ଭାର । ଯଥା—
ସଂସାରର ବୋଝ ପଡ଼ିବ ଯେବେ,
ଅଳସୁଆପଣ ଛାଡ଼ିବ ତେବେ । ହା. ଛ.

ବୋଝାଇ, ବି. ( ଦେଶଜ ) ଭଡ଼ା, ବୋଝବହିବା ମୂଲ ।

ବୋଝାଇ, ବୋଝାଇବା, କ୍ରି. ( ଦେଶଜ ) ବହିବା ।

ବୋଝିଆ, ବିଂ. (ଦେଶଜ) ଯେ ବୋଝ ବହିଥାଏ ।

ବୋଡ଼ା, ବି. (ବୋଡ୍ର ଶବ୍ଦଜ) ସର୍ପବିଶେଷ । (ଦେଶଜ) ଧାନ୍ୟାଦି ମାପିବା ପରିମାଣପାତ୍ରବିଶେଷ; ବିଲୁଆ ବା ଶିଆଳ ।

ବୋଡ଼ି, ବି. ( ଦେଶଜ ) ବିଂଶତି କପର୍ଦ୍ଦିକା ପରିମାଣ । ଯଥା—
ପାଇ ପଣେ ବୋଡ଼ିଏ ଗଣ୍ଡାଏ ଆଦି କରି,
ଏସନକ ବର୍ତ୍ତେ ମୁହିଁ ଜୀବନ ଆଦରି । ସା. ଲ୍ଲ. ଆ.

ବୋତଲ, ବି. (ଇଂରାଜୀ ଶବ୍ଦ) ସ୍ୱନାମପ୍ରସିଦ୍ଧ କାଚପାତ୍ରବିଶେଷ ।

ବୋତା, ବି. (ବୃନ୍ତ ଶବ୍ଦଜ) ପଣସପ୍ରଭୃତିର ଗୁଚ୍ଛାଂଶ ।

ବୋତାମ, ବି. (ଇଂରାଜୀ ବାଟନ୍ ଶବ୍ଦଜ) ଘୁଣ୍ଡି ।

ବୋଡି, ବି. (ଦେଶଜ) ଶସ୍ୟର ଗେ଼ଣ୍ଡା ।

ବୋଦା, ବି. ( ଦେଶଜ ) ବଳି ଦେବାକୁ ଆଣିବା ଛେଳି ଆଦି । ଯଥା—

ଛେଳି ମହିଷୀ ବୋଦା ପୂଜା,
କ୍ଷେତ୍ରପାଳଙ୍କୁ ଦିଅ ଭେଜା । ଖି. ଦ. ସ୍କ.

ବୋଦୁଆ, ବି. (ଦେଶଜ) ମାଛଧରା ଯନ୍ତ୍ର-ବିଶେଷ ।

ବୋଦ୍ଧା, ବୋଦ୍ଧୃ, ବି. (ବୁଧ୍ = ଜାଣିବା-ତୃ) ଜ୍ଞାତା, ଯେ ଜାଣେ ।

ବୋଧ, ବୋଧନ, ବି. (ବୁଧ୍-ଅ, ଅନ) ଜ୍ଞାନ, ବୁଦ୍ଧି ; ଜାଗରଣ; ଉପଲବ୍ଧି; ପ୍ରବୋଧନ । (ବିଶେଷଣରେ ବୋଧମାତ୍ର, ବୋଧିତ, ବୋଧିତବ୍ୟ ପଦ ସିଦ୍ଧ ହୁଏ ।)

ବୋଧକର, ବି.• (ବୋଧ-କୃ = କରିବା-ଅ) ବୈତାଳିକ, ସ୍ତୁତିପାଠକ । (ବୈତାଳିକା ବୋଧକରାଃ—ଅମର ।)

ବୋଧପ୍ରବାହ, ବି. ଯେଉଁ ଶକ୍ତିଦ୍ୱାରା ଦର୍ଶନ, ଶ୍ରବଣ, ଚିନ୍ତା ପ୍ରଭୃତି କାର୍ଯ୍ୟ କରାଯାଏ ସେହି ଶକ୍ତିକୁ ବୋଧପ୍ରବାହ ବୋଲାଯାଏ ।

ବୋଧା, ବି. ( ବୁଧ୍ ଧାତୁଜ ) ଆଶ୍ୱାସନା; ବିଷୟ ଜାଣିବା ବ୍ୟକ୍ତି ।

ବୋଧି, ବି. (ବୁଧ-ଇ) ଅଶ୍ୱତ୍ଥବୃକ୍ଷ; ସମାଧି-ବିଶେଷ । ବି°. ଜ୍ଞାତା ।

ବୋଧିବା, କ୍ରି. (ବୋଧନ ଶବ୍ଦଜ) ମନକୁ ସ୍ଥିର କରାଇବା ।

ବୋଧିସତ୍ତ୍ୱ, ବି. (ବୋଧି-ସତ୍ତ୍ୱ) ବୁଦ୍ଧବିଶେଷ ।

ବୋପୁ, ବି. (ବପୁଃ ଶବ୍ଦଜ) ବଳ; ଦେହ ।

ବୋବା, ବୋବାଳି, ବୋବି, } ବି. (ଦେଶଜ) ଭୟ ଓ ଦୁଃଖରେ ଉଚ୍ଚସ୍ୱର, ଡକା । ଯଥା—

ସକଳ ଦେଶେ ଡକା ବୋବା,
ଆଉ କେ ଅନ୍ନ ଦେବ ଅବା । ଦା. ର.

ପଶନ୍ତେ ବୋବାଳି ମୋର ଶ୍ରବଣ ବିବରେ । ଦ. ବି° କ୍ରନ୍ଦନ । ଯଥା—

ଆଗରେ ମଙ୍ଗଳ ପଛରେ ରବି,
ଘର ଘରକେ ପଡ଼ିଇ ବୋବି । ଡାକବଚନ ।

ଧ୍ୱନି । ଯଥା—

ମକରନ୍ଦ ପିଇ ପରାଗ ହୋଇ ବୋଳି,
ପାଡୁଛନ୍ତି ଅଳି ଉଚ୍ଚରେ ବୋବାଳି । କୃ° ଖି. ବ. ପ.
ମାର ମାର ଧର ଧର ଶୁଭୁଅଛି ବୋବି । ସା. ଖି. ଆ.

ବୋବାଇବା, ବୋବିବା, } କ୍ରି. ( ଦେଶଜ ) ଉଚ୍ଚରେ ଡକାପକାଇବା; ଧ୍ୱନି-କରିବା । ଯଥା—

ବୋବିଲେ ଏବେ କଳକଳ, ନୀଡ଼ ଏଡିଣ ପକ୍ଷିକୁଳ ।

ବୋମା, ବି. ( ଦେଶଜ ) ଜଳ ଉଠାଇବା କଳ ।

ବୋରଝାଞ୍ଜି, ବୁରୁଝାଞ୍ଜି, ବୋଳଝାଞ୍ଜି, } ବି. ( ଦେଶଜ ) ଜଳଜାତ ଗୁଚ୍ଛ ଅର୍ଥାତ୍ ସାନ ଗଛ ।

ବୋରା, ବି. (ଦେଶଜ) ଅଖାର ବଡ଼ ଥଳି । ବି°. ମନ୍ଦ ବା ଅସାର । ବି. (ହିନ୍ଦୀ) ମଦ ।

ବୋରି, ବୋରିଆ, ବି. (ଦେଶଜ) ଯେଉଁ ଚକଡ଼ାରେ ଶ୍ରେଣୀବଦ୍ଧ ହୋଇ ତାଳ ପ୍ରଭୃତି ଗଛର ଚୋଟା ଥାଏ । ଯଥା—

ତାଳବନେ ହାତିମାନେ ତାଳ ଖାଇବାକୁ ତାଳ-ବୋରିକୁ ଆସନ୍ତି । ଉ. ସା. ୧୯ଭା. ୧ସଂ.

ବୋର୍ଡ଼, ବି. ( ଇଂରାଜୀ ଶବ୍ଦ ) କୌଣସି ବ୍ୟବସ୍ଥା ଚଳାଇବା ନିମନ୍ତେ ଭଦ୍ରବ୍ୟକ୍ତି-ମାନଙ୍କ ସମିତି ।

ବୋଳ, ବି. (ଦେଶଜ) ତାମ୍ବୂଳରସ । ଯଥା—

ତାମ୍ବୂଳ ବୋଳରେ ଜରଜର ଅଧର । କୋ. ବ୍ର. ସୁ.

ଗୁଣ୍ଡଳ ପ୍ରଭୃତିରେ ଥିବା ଅତି ସୂକ୍ଷ୍ମ କୁଣ୍ଡା; ଲେପ । ଯଥା—

ଶିର ସୁନ୍ଦର ଦିଶେ ଯାବକ ବୋଳେ,
ଶରଣ ବୋଲି ପଡ଼ିଲି କି ପାଦତଳେ । କ. ଚ. ଚ.

**ବୋଲ**, ବି. (ପ୍ରାକୃତ ବୋଲ୍ଲ ଶବ୍ଦଜ) ବଚନ ।
ଯଥା—
ବିଭୀଷଣ ଦୂତ ବୋଲ,
ସେକାଳେ ହୋଇଲା ସଲ । ବି. ଗୀ.
କ୍ରି. କହ ।

**ବୋଲକରା**, ବି. ( ଦେଶଜ ) ଯେଉଁମାନେ କହିବା କଥା ରଖି କାର୍ଯ୍ୟ କରିଯାନ୍ତି । ଯଥା—
ବୋଲକରା ହୋଇ ରହିଲେ ତାଙ୍କ ଦାସେ । ଉ. ବ.

**ବୋଲଣ**, ବି. (ଦେଶଜ) ବଚନ । ଯଥା—
ଏମନ୍ତ ବୋଲଣ ଶାସ୍ତ୍ରରେ କହିଅଛି । ନା.ର.ଗୀ.

**ବୋଲଣା**, ବି. (ଦେଶଜ) ଅପବାଦ ବା ନିନ୍ଦା ! ଯଥା—
ଆମ୍ଭେ ଯେ ମହନ୍ତ ବୋଲଉଁ,
ପଛକୁ ବୋଲଣା ନ ପାଉଁ । ଦା. ର.
ଭର୍ତ୍ସନା । ଯଥା—
ଆଜ୍ଞା ନୋହିଲେ ତୁମ୍ଭେ ସେଠାକୁ କେହ୍ନେ ଯିବ,
ଗଲେଣ ଦେଖିବାମାତ୍ରେ ବୋଲଣା ପାଇବ ।
ନୃ. ପୃ. ତୃ. ତ.

**ବୋଲଦାର**, ବି. (ଦେଶଜ) ଚର୍ମାସନବିଶେଷ । ଯଥା—
ଚର୍ମଆସନରେ ସାର ବୋଲଦର । ଲ. ବ.

**ବୋଲହାକ**, ବି. (ଗଡ଼ଜାତଜ) କହିବା କଥା ।

**ବୋଳା**, ବି. (ଦେଶଜ) ଲେପିବା । ବିଂ. ସଂଲିପ୍ତ । ଯଥା—
ମଧୁର ପ୍ରଦୋଷ ସମସ୍ତ ସ୍ୱର୍ଣ୍ଣକିରଣ ବୋଳା । ଚ. ଭା.

**ବୋଲିବୋଲି**, ବି. (ଦେଶଜ) କୁହାକୁହି; ଗାଳି ଦିଆଦେଇ । ଯଥା—
ତୁମ୍ଭ ତାଙ୍କର ଯେବେ ହୋଇଛି ବୋଲିବୋଲି,
ଘରେ ପଶିଲେ ଆଉ ଆଏ କି କଥାଜାଲି । ନୃ.ପୃ ସ.ତ.

**ବୋଲି**, ବି. (ପ୍ରାକୃତ ବୋଲ୍ଲ ଶବ୍ଦଜ) ଭାଷା ବା କଥା । ଯଥା—
କିପ୍ରକାରେ ବନ୍ଧୁରୁ କହ ଲକ୍ଷର ବୋଲି । ନୃ.ପୃ ସ.ତ.
ଏକପ୍ରକାର ପଦ୍ୟ କବିତା । ଅଂ. (ଦେଶଜ) ପର୍ଯ୍ୟନ୍ତାର୍ଥ । ଯଥା—
କହରୁକଙ୍କ କାଗଜ ଚକଉଡ଼ା ବେଳି,
ରବିମଣ୍ଡଳକୁ ବୋଲି ଦେଉଅଛି ପେଲି । ସୂ. ପ.
ଏମନ୍ତ, ଏହିପରି ।

**ବୋଳିବା**, କ୍ରି. (ଦେଶଜ) ଲେପିବା ।

**ବୋଲିବା**, କ୍ରି. (ପ୍ରାକୃତ ବୋଲ୍ଲ ଧାତୁଜ) କହିବା ।

**ବୋହିବା**, କ୍ରି. (ବହ୍ ଧାତୁଜ) ଦ୍ରବ ପଦାର୍ଥ ପ୍ରସରିବା; ବହନ କରିବା ।

**ବୋହୂ, ବହୂ, ବହୁ**, } ବି. ସ୍ତ୍ରୀ. ( ବଧୂ ଶବ୍ଦଜ ପ୍ରାକୃତ ) ବଧୂ । ଯଥା—
ବୋହୂ ନାମ ତାର ନାକଫୁଲିଇ,
ଘର କରୁଆନ୍ତି ସକଳେ ଥାଇ । ହା. ତ.

**ବୌଦ୍ଧ**, ବି. (ବୁଦ୍ଧ-ଅ) ବୁଦ୍ଧମତାବଲମ୍ବୀ; ନାସ୍ତିକ; ବୁଦ୍ଧକୃତ ନିରୀଶ୍ୱର ଶାସ୍ତ୍ର ।

**ବୌଧ**, ବି. (ବୁଧ-ଅ-ଅପତ୍ୟାର୍ଥେ) ବୁଧଙ୍କର ପୁତ୍ର; ପୁରୁରବା ।

**ବୌଧାୟନ**, ବି. (ବୁଧ-ଆୟନ) ଋଷିବିଶେଷ ।

**ବ୍ୟନିକେ**, କ୍ରି. ବିଂ. (ବ୍ୟତିରେକ ଶବ୍ଦଜ) ବିନା । ଯଥା—
ବଡବାନଳେ ପକାଅ ରାକ୍ଷସଗଣ,
ବ୍ୟନିକେ ନାହିଁ ଏଥିରୁ ଆନ ମାର୍ଗଣ । ବୈ. ବି.

**ବ୍ୟବସା, ବେବସା**, } ବି. (ବ୍ୟବସାୟ ଶବ୍ଦର ଅପଭ୍ରଂଶ) ବ୍ୟବସାୟ । ଯଥା—
ସଙ୍ଗୀତ ମୃଗୟା ପକ୍ଷୀ କଣା ପଶା,
ଖେଳ କଲ ତୁମ୍ଭେ ଜୀବନ ବ୍ୟବସା । ଦ. ବା.

**ବ୍ୟଭାର**, ବି. (ବ୍ୟବହାର ଶବ୍ଦଜ) ବ୍ୟବହାର । ଯଥା—
କ୍ଷତ୍ରିଙ୍କର ନିଜ ଏ ବ୍ୟଭାର । ବି. ଗୀ.

**ବ୍ୟାଙ୍କ**, ବି. (ଇଂରାଜୀ ଶବ୍ଦ) ଗଚ୍ଛିତ ଧନର ଭଣ୍ଡାର ।

**ବ୍ରତତି, ବ୍ରତତୀ**, } ବି. (ପ୍ର-ତନ୍-କ୍ତି, ଙୀ, ପ = ବ) ବଲ୍ଲୀ; ଲତା; ବିସ୍ତାର ।

**ବ୍ରତିବା, ବର୍ତ୍ତିବା**, କ୍ରି. (ଦେଶଜ) ଜିଇଁବା । ଯଥା—
ଅମୃତ ବୃଷ୍ଟି କର ତୁ ବ୍ରତନ୍ତୁ ସଇନ । ସା. ଭା. ସ୍ୱ.

**ବ୍ରୁଦଳ**, ବି. (ଦେଶଜ) ଏକପ୍ରକାର ଅସ୍ତ୍ର । ଯଥା—
କେ କରେ ଧରିଛି ଚକ୍ରବ୍ରୁଦଳ । ସୂ. ପ.

ବ୍ରଧ୍ନ, ବି. (ବନ୍ଧ୍-ନ, ବନ୍ଧ=ବ୍ରଧ) ବୃକ୍ଷମୂଳ, ଚେର; ଶିବ; ସୂର୍ଯ୍ୟ; ବ୍ରହ୍ମା; ପୁତ୍ର; ଶରୀର; ରୋଗବିଶେଷ ।

ବ୍ରହ୍ମ, ବ୍ରହ୍ମନ୍, ବି. [ବୃହ୍=(ମନୁଷ୍ୟଜାତି) ବୃଦ୍ଧି ପାଇବା-ମନ୍] ବିଧାତା; ବ୍ରାହ୍ମଣ; ପୁରୋହିତବିଶେଷ; ଯୋଗବିଶେଷ; ପରମେଶ୍ୱର; ବେଦମନ୍ତ୍ର; ବେଦ; ବ୍ରହ୍ମ-ତେଜଃ; ତତ୍ତ୍ୱ; ତପସ୍ୟା ।

ବ୍ରହ୍ମକନ୍ୟକା, ବି. ସ୍ତ୍ରୀ. (ବ୍ରହ୍ମନ୍-କନ୍ୟକା) ବାଗ୍‌ଦେବୀ, ସରସ୍ୱତୀ ।

ବ୍ରହ୍ମକୂର୍ଚ୍ଚ, ବି. ବ୍ରତବିଶେଷ, ଅହୋରାତ୍ର ଉପବାସ ଉତ୍ତାରୁ ପଞ୍ଚଗବ୍ୟପାନରୂପ ବ୍ରତ ।

ବ୍ରହ୍ମଚର୍ଯ୍ୟ, ବି. (ବ୍ରହ୍ମଚର୍ଯ୍ୟ ଶବ୍ଦଜ) ବ୍ରହ୍ମ-ନିଷ୍ଠା । ଯଥା—

ବ୍ରହ୍ମଚର୍ଯ୍ୟ ସ୍ୱରୂପେ ଛନ୍ତି ଦେହ ଧରି,
କଣ୍ଠା ମୁଣ୍ଡେ ବାହ୍ମଣ ତପସ୍ୱି ରୂପ ଧରି । ନୃ.ପୁ.ସ.ଚ.

ବ୍ରହ୍ମଚର୍ଯ୍ୟ, ବି. (ବ୍ରହ୍ମନ୍-ଚର୍ଯ୍ୟ) ବ୍ରହ୍ମନିଷ୍ଠା; ବ୍ରହ୍ମଚାରୀର ଧର୍ମ; ବ୍ରତବିଶେଷ ।

ବ୍ରହ୍ମଚାରୀ, ବି. (ବ୍ରହ୍ମନ୍-ଚର-ଇନ୍) ପ୍ରଥମ ଆଶ୍ରମୀ, ଉପନୟନାନନ୍ତର ଯେଉଁ ବ୍ରାହ୍ମଣ ତନୟ ଗୁରୁ ଗୃହରେ ବାସ କରି ବେଦାଧ୍ୟୟନ କରନ୍ତି ।

ବ୍ରହ୍ମଜ୍ଞାନ, ବି. ବ୍ରହ୍ମବିଷୟକ ଜ୍ଞାନ, ଆତ୍ମତତ୍ତ୍ୱ-ବୋଧ ।

ବ୍ରହ୍ମଣ୍ୟ, ବିଂ. (ବ୍ରହ୍ମନ୍-ଯ) ବ୍ରହ୍ମ ବା ବ୍ରାହ୍ମଣ-ସମ୍ବନ୍ଧୀୟ । ବି. ବ୍ରହ୍ମତେଜ; ବ୍ରହ୍ମଜ୍ଞ; ବିଷ୍ଣୁ; ଶନୈଶ୍ଚର; ବ୍ରହ୍ମଦାରୁ ବୃକ୍ଷ ।

ବ୍ରହ୍ମତୀର୍ଥ, ବି. ପୁଷ୍କରତୀର୍ଥ; ଅଙ୍ଗୁଷ୍ଠ ମୂଳଭାଗ ।

ବ୍ରହ୍ମଦଣ୍ଡ, ବି. (ବ୍ରହ୍ମନ୍-ଦଣ୍ଡ) ବ୍ରାହ୍ମଣର ଅଭିଶାପ; ବ୍ରାହ୍ମଣର ଯଷ୍ଟି ।

ବ୍ରହ୍ମବନ୍ଧୁ, ବି. (ବ୍ରହ୍ମନ୍-ବନ୍ଧୁ) ନିନ୍ଦିତ ବ୍ରାହ୍ମଣ, ନାମଧାରକ ବିପ୍ର ।

ବ୍ରହ୍ମଭୂତ, ବି. ସ୍ତ୍ରୀ. (ବ୍ରହ୍ମ-ଭୂତ) ସନ୍ଧ୍ୟାକାଳ ।

ବ୍ରହ୍ମଯଜ୍ଞ, ବି. (ବ୍ରହ୍ମନ୍-ଯଜ୍ଞ) ବେଦାଧ୍ୟୟନ ।

ବ୍ରହ୍ମରନ୍ଧ୍ର, ବି. ବ୍ରହ୍ମତାଳୁ, ମସ୍ତକର ମଧ୍ୟସ୍ଥାନ ।

ବ୍ରହ୍ମର୍ଷିଦେଶ, ବି. (ବ୍ରହ୍ମର୍ଷି-ଦେଶ) କୁରୁକ୍ଷେତ୍ର, ମତ୍ସ୍ୟ, ପାଞ୍ଚାଳ, ଶୂରସେନ ଏହି ଚାରି ଦେଶ ।

ବ୍ରହ୍ମବର୍ଚ୍ଚସ, ବି.(ବ୍ରହ୍ମନ୍-ବର୍ଚ୍ଚସ୍-ଅ) ବ୍ରାହ୍ମଣର ବ୍ରତାନୁଷ୍ଠାନ ଓ ବେଦାଧ୍ୟୟନଜନିତ ସମ୍ପତ୍ତି; ବ୍ରହ୍ମତେଜଃ ।

ବ୍ରହ୍ମବର୍ତ୍ତ, ବି. (ବ୍ରହ୍ମନ୍-ବର୍ତ୍ତ) ବ୍ରହ୍ମାବର୍ତ୍ତଦେଶ ।

ବ୍ରହ୍ମବିନ୍ଦୁ, ବି. (ବ୍ରହ୍ମନ୍-ବିନ୍ଦୁ) ବେଦ (ଶାସ୍ତ୍ରାଦି) ପାଠ କାଳରେ ମୁଖନିର୍ଗତ ନିଷ୍ଠୀବନ ବିନ୍ଦୁ ।

ବ୍ରହ୍ମସୂତ୍ର, ବି (ବ୍ରହ୍ମନ୍-ସୂତ୍ର) ଶାରୀରକ ସୂତ୍ର, ଯଜ୍ଞସୂତ୍ର, ପୈତା ।

ବ୍ରହ୍ମାଣୀ, ବି. ସ୍ତ୍ରୀ. (ବ୍ରହ୍ମନ୍-ଈ) ଦେବୀ-ବିଶେଷ; ବ୍ରହ୍ମାର ପତ୍ନୀ; ବ୍ରହ୍ମାର ଶକ୍ତି ।

ବ୍ରହ୍ମାଣ୍ଡ, ବି. (ବ୍ରହ୍ମନ୍-ଅଣ୍ଡ) ଜଗତ, ବିଶ୍ୱ, ଗୋଲୋକ ।

ବ୍ରହ୍ମାୟଣୀ, ବି. ସ୍ତ୍ରୀ. (ବ୍ରହ୍ମାଣୀ ଶବ୍ଦଜ) ଅଷ୍ଟା-ଦଶ ଦେବୀଙ୍କ ମଧ୍ୟରୁ ଏକ । ଯଥା—

ସାରଦା ସରସ୍ୱତୀ ବାରହୀ ନାରାୟଣୀ,
ବ୍ରହ୍ମାୟଣୀ ରୁଦ୍ରାୟଣୀ ଭଦ୍ରା ଠାକୁରାଣୀ । ନୃ.ପୁ.ଭୃ.ଚ.

ବ୍ରହ୍ମାଙ୍କ ପତ୍ନୀ ।

ବ୍ରହ୍ମାସନ, ବି. (ବ୍ରହ୍ମନ୍-ଆସନ) ଯୋଗାସନ, ଧ୍ୟାନାସନ ।

ବ୍ରହ୍ମୋତ୍ତର, ବି. (ବ୍ରହ୍ମନ୍-ଉତ୍ତର) ବ୍ରାହ୍ମଣ-ମାନଙ୍କୁ ଦତ୍ତ ଭୂମ୍ୟାଦି ।

ବ୍ରାହ୍ମ, ବି. (ବ୍ରହ୍ମନ୍-ଅ) ବ୍ରହ୍ମପୁରାଣ; ବିବାହ-ବିଶେଷ; ବ୍ରହ୍ମୋପାସକ; ହସ୍ତର ଅଙ୍ଗୁଷ୍ଠ-ମୂଳପ୍ରଦେଶ; ବ୍ରହ୍ମାର ଶକ୍ତିବିଶେଷ । (ବ୍ରାହ୍ମ-ଈ) ସରସ୍ୱତୀ; ରୋହିଣୀନକ୍ଷତ୍ର । ବିଂ. ବ୍ରହ୍ମସମ୍ବନ୍ଧୀୟ ।

ବ୍ରାହ୍ମଣ, ବି. (ବ୍ରହ୍ମନ୍=ବ୍ରହ୍ମା-ଅ ଅପତ୍ୟାର୍ଥେ, କିମ୍ବା ବ୍ରହ୍ମନ୍=ବେଦ-ଅ, ଅଧ୍ୟୟନାର୍ଥ, ଯେ ବ୍ରହ୍ମାଙ୍କ ମୁଖରୁ ନିର୍ଗତ ହୋଇଅଛନ୍ତି କିମ୍ବା ଯେ ବେଦ ଅଧ୍ୟୟନ କରନ୍ତି) ଶ୍ରେଷ୍ଠ

ବର୍ଣ୍ଣ; ଦ୍ୱିଜୋତ୍ତମ; ବେଦର ଅଂଶବିଶେଷ; ବ୍ରାହ୍ମଣସମୂହ । ବିଂ. ବ୍ରହ୍ମଜ୍ଞ । (ସ୍ତ୍ରୀ-ଈ) ବ୍ରାହ୍ମଣପତ୍ନୀ, ବ୍ରାହ୍ମଣଜାତୀୟା ସ୍ତ୍ରୀ ।

ବ୍ରାହ୍ମମୁହୂର୍ତ୍ତ, ବି. (ବ୍ରାହ୍ମ-ମୁହୂର୍ତ୍ତ) ଅରୁଣୋଦୟର ପ୍ରଥମ ଦୁଇ ଦଣ୍ଡ, ସୂର୍ଯ୍ୟୋଦୟର ପ୍ରାକ୍‌କାଳ ।

ବ୍ରାନ୍ଦ, ବରାନ୍ଦ, ବାରନ୍ଦ, } ବି. (ଦେଶଜ) ଘରର ଉପରେ ପକାଇବା ଶେଣି ଇତ୍ୟାଦି; ଗୃହ ଗୁଡ଼ର ଉପରଭାଗ ।

ବ୍ରୂବାଣ, ବିଂ. (ବ୍ରୂ=ବୋଲିବା-ଆନ) ଯେ କହୁଅଛି, ବକ୍ତା ।

## ଭ

**ଭ**, ବ୍ୟଞ୍ଜନମାଳାର ଚତୁର୍ବିଂଶ ବର୍ଣ୍ଣ । ବି. (ଭା=ଦୀପ୍ତିପାଇବା-ଅ) ନକ୍ଷତ୍ର; ଗ୍ରହ; ଶୁକ୍ରାଚାର୍ଯ୍ୟ; ରାଶି; ଭ୍ରାନ୍ତି । (ଭଣ୍=ଶବ୍ଦ-କରିବା-ଅ) ଭ୍ରମର ।

ଭଁଭଁ, ଭଅଁଭଅଁ, ଅଂ. (ଦେଶଜ) ଅନୁକରଣ ଶବ୍ଦବିଶେଷ ।

ଭଅଁର, ବି. (ଭ୍ରମର ଶବ୍ଦଜ ପ୍ରାକୃତ) ଭୃଙ୍ଗ; କାଷ୍ଠ ଫୋଡ଼ିବା ଅସ୍ତ୍ରବିଶେଷ ।

ଭଇଁଚ, ବଇଁଚ, ବି. (ବିକଙ୍କତ ଶବ୍ଦଜ) ବୃକ୍ଷବିଶେଷ । ଯଥା—

ବେଲ କରୁଣା କରମଙ୍ଗା,
ଭଇଁଚ ତେନ୍ତୁଳି ସୁନଙ୍ଗା । ମା ମା..

ଭଇଁଷ, ବି. (ମହିଷ ଶବ୍ଦଜ) ମହିଷ ।

ଭଉଁର, ଭଉଁରି, ବି. (ଭ୍ରମରକ ଶବ୍ଦଜ) କୁନ୍ଦିବା ଯନ୍ତ୍ରବିଶେଷ । ଯଥା—

ଭଉଁରରେ କୁନ୍ଦ ହେଲା ପ୍ରାୟେ ଦିଶେ ନାଭି ।
ନୃ. ପୃ. ପ୍ର. ଭ.

ଭଉଁରି, ଭଉଁରୀ, ବି. ସ୍ତ୍ରୀ. (ଭ୍ରମରୀ ଶବ୍ଦଜ) ଜଳଭଉଁରି । ଯଥା—

ବାହୁକୁ ମୃଣାଳ ବିଗ୍ରହ,
ମରାଳ ବୁଲନ୍ତି ଦେଇ ଭଉଁରି । କ. ମ.

ଚକ୍ରାକାର ବୁଲିବା; ଅଳଙ୍କାରାଦିର ପ୍ରଧାନ ଖିଲ । ଯଥା—

ଗର୍ଭକ କଲ୍ପ ଚଉଁରି, ପ୍ରକାଶ ରୂପା ଭଉଁରି । ଲ. ବ.

ପକ୍ଷିବିଶେଷ (ଜୁଇ ଶବ୍ଦ ଦେଖ) । ଯାତାବିଶେଷ ଅର୍ଥାତ୍ ଚନ୍ଦନଯାତା; ମୁଣ୍ଡର ଗୋଲ୍ଲାକାର ଚିହ୍ନ ।

ଭଉଁରିଆ, ବି. (ଦେଶଜ) ଭୂମି ସମ୍ବନ୍ଧୀୟ କାଗଜବିଶେଷ ।

ଭଉଣୀ, ଭଏଣୀ, ବି. ସ୍ତ୍ରୀ. (ଭଗିନୀ ଶବ୍ଦଜ, ପ୍ରାକୃତ ଭଇଣୀ ଶବ୍ଦଜାତ) ଭଗିନୀ । ଯଥା—

ବଳେ ହରିଲେ ମୋ ଭଏଣୀ,
ଆଜ ଆଣିବି ଶିର ହାଣି । ଭା. ଦ. ସ୍କ.

ଭକଭକ, ଅଂ. (ଦେଶଜ) ଅନୁକରଣ ଶବ୍ଦବିଶେଷ । ଯଥା—

ଭକଭକ ରକ୍ତ ସ୍ରାବ ବୁଜିଲେ ସେ ଆଖି । ମ. ଯା.

ବେଙ୍ଗମାନଙ୍କର ଶବ୍ଦ ।

ଭକଆ, ବି.(ସମ୍ବଲପୁର ଅଞ୍ଚଳରେ) ଆଲୋକ ।

ଭକୁଆ, ବିଂ. (ଦେଶଜ) ଓଲୁ ବା ଉଲୁ; ଯେ ଭକଭକ ଶବ୍ଦ କରେ ।

ଭକ୍ତ, ବି. (ଭଜ୍=ସେବା କରିବା ଇତ୍ୟାଦି-ତ) ଭାତ । ବିଂ. ଅନୁଗତ; ସେବକ; ବିଭକ୍ତ ।

ଭକ୍ତକର, ବି. [ଭକ୍ତ-କର (କୃ-ଅ)] କୃତ୍ରିମ ଧୂପ । ବିଂ. ପାଚକ ।

ଭକ୍ତି, ବି. (ଭଜ୍-ତି) ପୂଜ୍ୟବ୍ୟକ୍ତି ପ୍ରତି ଅନୁରାଗ; ପ୍ରେମ; ସେବା; ଉପଚାର; ବିଭାଗ; ରଚନା; ଭଙ୍ଗୀ ।

ଭକ୍ଷଣ, ବି. (ଭକ୍ଷ୍=ଭୋଜନ କରିବା-ଅନ) ଭୋଜନ, ଖାଇବା ।

ଭକ୍ଷଣୀୟ, ଭକ୍ଷ୍ୟ, ବିଂ. (ଭକ୍ଷ-ଅନୀୟ, ଯ) ଭୋଜନୀୟ, ଭକ୍ଷଣଯୋଗ୍ୟ । ବି. ଭକ୍ଷ୍ୟଦ୍ରବ୍ୟ । (ବିଶେଷଣରେ ଭକ୍ଷିତ ମଧ୍ୟ ହୁଏ ।)

ଭକ୍ଷ୍ୟକାର, ବି. (ଭକ୍ଷ୍ୟ = ଭକ୍ଷଣୀୟ-କୃ-ଅ) ଯେ ଭକ୍ଷଣୀୟ ବସ୍ତୁ ପ୍ରସ୍ତୁତ କରେ; ପିଷ୍ଟକ-ବିକ୍ରୟୀ ।

ଭଗ, ବି. (ଭଜ୍-ସେବା କରିବା-ଗ-ଜ ଲୋପ ଅଥବା ଭଜ୍-ଅ, ଜ = ଗ) ଯୋନି, ସ୍ତ୍ରୀଚିହ୍ନ; ସୌନ୍ଦର୍ଯ୍ୟ; ଉତ୍କର୍ଷ; ଇଚ୍ଛା; ଶକ୍ତି ବା ବୀର୍ଯ୍ୟ; ପୂର୍ବାଫାଲ୍‌ଗୁନୀ ନକ୍ଷତ୍ର; ରବି; ଚନ୍ଦ୍ର; କୀର୍ତ୍ତି; ମାହାତ୍ମ୍ୟ; ଧର୍ମ; ଜ୍ଞାନ; ବୈରାଗ୍ୟ; ଐଶ୍ୱର୍ଯ୍ୟ; ଯତ୍ନ; ମୋକ୍ଷ; ସୌଭାଗ୍ୟ । (ଭଗଂ ଶ୍ରୀ ଯୋନି ବୀର୍ଯ୍ୟେଚ୍ଛା ଜ୍ଞାନ ବୈରାଗ୍ୟ କୀର୍ତ୍ତିଷୁ । ମାହାତ୍ମ୍ୟୈଶ୍ୱର୍ଯ୍ୟ ବୀର୍ଯ୍ୟେଷୁ ଧର୍ମେ ମୋକ୍ଷେଽଥବା ରବୌ—ମେଦିନୀ ।)

ଭଗତ, ଭକତ, ବି. (ଭକ୍ତ ଶବ୍ଦର ଅପଭ୍ରଂଶ) ଭକ୍ତ, ଯାହାର ଭକ୍ତି ଅଛି; ସେବକ ।

ଭଗତି, ଭକତି, ବି. (ଭକ୍ତି ଶବ୍ଦର ଅପଭ୍ରଂଶ) ଭକ୍ତି, ସେବା । ଯଥା—

ପ୍ରଧାନ ବାରଣଗତିଠାରେ ଭଗତି । ପ୍ରେ. ସୁ. ନି.

ଭଗଦତ୍ତ, ବି. ନରକରାଜାର ଜ୍ୟେଷ୍ଠପୁତ୍ର; କାମରୂପେଶ୍ୱର ନୃପତିବିଶେଷ; ପ୍ରାଗ୍-ଜ୍ୟୋତିଷ ଦେଶର ଅଧିପତି ।

ଭଗନ୍ଦର, ବି. (ଭଗ=ଶିଶ୍ନ-ଯୋନି-ଦୃ-ବିଦୀର୍ଣ୍ଣ କରିବା-ଅ) (ଭଗଂ ଦୃ ଦାରୟେତ୍ ଯସ୍ମାତ୍ ତସ୍ମାତ୍ ଜ୍ଞେୟୋ ଭଗନ୍ଦରଃ) ଗୁହ୍ୟବ୍ରଣ ।

ଭଗବତ୍, ଭଗବାନ୍, ବିଂ. (ଭଗ-ଐଶ୍ୱର୍ଯ୍ୟାଦି ଷଡ଼୍‌ଗୁଣ-ବତୁ-ଅସ୍ତ୍ୟର୍ଥେ, ଐଶ୍ୱର୍ଯ୍ୟସ୍ୟ ସମଗ୍ରସ୍ୟ ବୀର୍ଯ୍ୟସ୍ୟ ଯଶସଃ ଶ୍ରିୟଃ । ଜ୍ଞାନ-ବୈରାଗ୍ୟୟୋଶ୍ଚୈବ ଷଣ୍ଣାଂ ଭଗ ଇତି ସ୍ମୃତଂ ।) ଭଗଯୁକ୍ତ, ଐଶ୍ୱର୍ଯ୍ୟାଦି ଷଡ଼୍‌ଗୁଣ-ଯୁକ୍ତ; ପୂଜ୍ୟ, ମାନ୍ୟ । ବି. ପରମେଶ୍ୱର; ବୁଦ୍ଧ ।

ଭଗବତୀ, ବି. ସ୍ତ୍ରୀ. (ଭଗ-ବତ୍-ଈ) ଦୁର୍ଗା । ବିଂ. ପୂଜ୍ୟା ।

ଭଗବନ୍ତ, ବି. (ଭଗବତ୍ ଶବ୍ଦଜ, ଅତ୍ ଭାଗାନ୍ତ ଶବ୍ଦ ସବୁ ଓଡ଼ିଆରେ ସଂସ୍କୃତ ବହୁବଚନର ରୂପଧାରଣ କରନ୍ତି) ଭଗବାନ୍; ଈଶ୍ୱର । ବିଂ. ପୂଜ୍ୟ । ଯଥା—

ଋଷି ଭଗବନ୍ତ ଧର୍ମ ରୁଦ୍ର ନାରାୟଣ,
ସମସ୍ତେ ସ୍ୱର୍ଗେ ବସିଲେ ସଭା ମଣ୍ଡାଇଣ । ନୃ.ସୁ.ପ୍ର.ଚ.

ଭଗଲି, ବି. (ଦେଶଜ) ଗ୍ଲେପର, ବେଲି ।

ଭଗା, ଭଙ୍ଗା, ବିଂ. (ଭଙ୍ଗ ଶବ୍ଦଜ) ଭଗ୍ନ । ଯେପରି—ଭଗା ବଇ, ଭଙ୍ଗା ମୃଦଙ୍ଗ ।

ଭଗାରି, ବି. (ଭାଗହାରୀ ଶବ୍ଦଜ) ଶତ୍ରୁ ବା ବିପକ୍ଷ । ଯଥା—

କାହିଁପାଇଁ କରାଇଲ ଭଗାରିହସାକୁ । ବ. ଚ. ମ. ଜ୍ଞାତି ।

ଭଗିନୀ, ଭଗ୍ନୀ, ବି. ସ୍ତ୍ରୀ. (ଭଗ = ଯତ୍ନ-ଇନ୍-ଅସ୍ତ୍ୟର୍ଥେ-ଈ, ଯାହାର ପିତାଙ୍କ ନିକଟରୁ ଦ୍ରବ୍ୟ ଗ୍ରହଣାର୍ଥ ଯତ୍ନ ଅଛି, ଅଥବା ଭନ୍‌ଜ୍ = ଭଗ୍ନ କରିବା-ତ, ତ = ନ, ଜ = ଗ, ଯେ ଭ୍ରାତୃ ଓ ଭ୍ରାତୃଜାୟାଙ୍କର ସ୍ନେହ ଭଗ୍ନ କରେ) ସହୋଦରା, ଭଉଣୀ । ଯଥା—

ରାମକୃଷ୍ଣ ଭଗ୍ନୀକା ନାମ ଅଭିମନ୍ୟୁ । ସା.ଭା.ବି.ପ.

ଭଗୀରଥ, ବି. ସଂ. ସୂର୍ଯ୍ୟବଂଶୀୟ ନୃପବିଶେଷ; ଯେ ଏ ପୃଥିବୀକୁ ଗଙ୍ଗା ଆଣିଥିଲେ ।

ଭଗ୍ନ, ବିଂ. (ଭନ୍‌ଜ୍-ତ) ପରାଜିତ; ନିରସ୍ତ; ଅପମାନିତ; ଖଣ୍ଡିତ, ଭଙ୍ଗା; ବିନଷ୍ଟ ।

ଭଗ୍ନାଂଶ, ବି. (ଭଗ୍ନ-ଅଂଶ) ଯେଉଁ ରାଶିଦ୍ୱାରା ଏକର ଅଂଶ ବ୍ୟକ୍ତ କରାଯାଏ ।

ଭଗ୍ନାତ୍ମା, ବି. (ଭଗ୍ନ-ଆତ୍ମନ୍) ଚନ୍ଦ୍ର; ଚନ୍ଦ୍ର ବୃହସ୍ପତି ପତ୍ନୀଙ୍କର ସତୀତ୍ୱ ହରଣ କରିବାରୁ ଶିବ ଏହାଙ୍କୁ ତ୍ରିଶୂଳଦ୍ୱାରା ଦ୍ୱିଖଣ୍ଡିତ କରିଥିଲେ, ଏହି ହେତୁରୁ ଏହାଙ୍କର ନାମ ଭଗ୍ନାତ୍ମା ହୋଇଅଛି ।

ଭଙ୍ଗ, ବି. (ଭନ୍‌ଜ୍-ଅ) ତରଙ୍ଗ; ପରାଜୟ; ଭେଦ; ପ୍ରତିବନ୍ଧ; ନାଶ; ଗମନ; ଭଗ୍ନ ହେବା; ଖଣ୍ଡ; ବ୍ୟସନ; ରୋଗ; ଭଙ୍ଗୀ; ଭୟ; ନିରସନ ।

ଭଙ୍ଗପ୍ରବଣ, ବିଂ. ସଂ. ଭଙ୍ଗୁର, ଯାହା ସହଜେ ଭାଙ୍ଗିଯାଏ (brittle)। ଯେପରି—କାଚ ପ୍ରଭୃତି ।

ଭଙ୍ଗା, ବିଂ. (ଭଙ୍ଗ ଶବ୍ଦଜ) ଭଗ୍ନ । ଯଥା—
ସେ ସକାଶୁଁ ଶାତକ ଅଜ୍ଞାନ ହୋଇଲେ,
ଭଙ୍ଗା ଭେଳା ପ୍ରାୟେ ରଡ଼ିଟାଏ କଲେ । କୃ.ଶ୍ରୀ.ବି.ପ.
ବି. ଦସ୍ତ ଖେଳରେ ସାର ସବୁ ଗୋଳାଇ ଏକଦେ ରଖିଲା ଉତ୍ତାରୁ ଉପରସ୍ଥ କେତେକ ସାର କାଢ଼ି ତଳେ ରଖିବା; ଭାଙ୍ଗିବା ।

ଭଙ୍ଗି, ଭଙ୍ଗୀ, ବି. (ଭନ୍ଜ୍-ଇ, ଈ) ଭଙ୍ଗ; ଚାତୁରୀ; ବ୍ୟଙ୍ଗ; ତରଙ୍ଗ; ଶୋଭା; ରଚନା; ଭଙ୍ଗିମା ।

ଭଙ୍ଗୁର, ବିଂ. (ଭନ୍ଜ୍-ଉର) ବକ୍ର; ବଙ୍କା; ଅସ୍ଥିର; ଭଙ୍ଗଶୀଳ; ବିନଶ୍ୱର । ବି. ନଦୀର ବାଙ୍କ ।

ଭଜନ, ଭଜନା, ବି. (ଭଜ=ସେବା କରିବା--ଅନ-ଆ) ଉପାସନା, ଆରାଧନା; ସେବା; ଆଶ୍ରୟଗ୍ରହଣ; ଭାଗ ।

ଭଜା, ବି. (ଭ୍ରସ୍ଜ୍ ଧାତୁଜ) ଭାଜିବା; ଭର୍ଜନ କରିବା; ଏକପ୍ରକାର ବ୍ୟଞ୍ଜନ । ବିଂ. ଯାହା ଭାଜିଥାଉ । ଯଥା—
ଭଜା ଚାକଗୁଡ଼ ପାଚଲ,
ରାନ୍ଧଣା ଏକୁଁ ଏକ ଭଲ । ଦା. ର.

ଭଞ୍ଜନ, ବି. (ଭନ୍ଜ୍=ଭାଙ୍ଗିବା-ଅନ) ଭଙ୍ଗ, ଭାଙ୍ଗିବା; ନିରସନ । ବିଂ. ଯେ ଭାଙ୍ଗେ । (ବିଶେଷଣରେ ଭଞ୍ଜକ ହୁଏ ।)

ଭଟ, ବି. (ଭଟ୍=ପୋଷଣ କରିବା ଇତ୍ୟାଦି-ଅ) ଯୋଦ୍ଧା, ବୀର । ଯଥା—
ଭଟ ଦନୁଜଭଟ ପରରକ୍ଷିତା ରାଜଧାନୀ । ଜା.ପ.ନା.
ବର୍ଣ୍ଣସଙ୍କର ଜାତିବିଶେଷ ।

ଭଟଭଟ, ବି. (ଦେଶଜ) ଗୋଳମାଳ; କଳହ; କୋଳାହଳ । ବିଂ. କୋଳାହଳକାରୀ । ଯଥା—
ବନ୍ଧଏ ଆସି ତାଙ୍କ ଶରତ ବନ୍ଧିଲେ,
ଭାଟେ ପଢ଼ି କବିତ୍ୱ ଭଟଭଟ ହେଲେ । କୃ.ଭ୍ର ଆ.ପ.

ଭଟା, ବି. (ଦେଶଜ) ଜଳଉଚ୍ଛ୍ୱାସର ହ୍ରାସ ଅର୍ଥାତ୍ ଜୁଆରର ବିପରୀତ କ୍ରିୟା । (ଗଡ଼ଜାତରେ) ପଦ ।

ଭଟିତ୍ର, ବି. (ଭଟ୍-ଇତ୍ର) ଶଳାକାଦ୍ୱାରା ବିଦ୍ଧ ପକ୍ୱମାଂସାଦି ।

ଭଟ୍ଟ, ବି. ସଂ. ପଣ୍ଡିତ; ଦର୍ଶନଶାସ୍ତ୍ରଜ୍ଞ; ଭାଟ; ଅଧ୍ୟାପକ; ସ୍ୱାମିତ୍ୱ ।

ଭଟ୍ଟମିଶ୍ର, ବି. (ଦେଶଜ ଓଡ଼ିଆ ପଦ ବ୍ୟବହୃତ) ବୈଦିକ ଅପେକ୍ଷା ଉଚ୍ଚ ଶ୍ରେଣୀର ବ୍ରାହ୍ମଣ ।

ଭଟ୍ଟାଚାର୍ଯ୍ୟ, ବି. (ଭଟ୍ଟ-ଆଚାର୍ଯ୍ୟ) ଦର୍ଶନଶାସ୍ତ୍ରଜ୍ଞ; ଅଧ୍ୟାପକ ।

ଭଟ୍ଟାର, ବିଂ. (ଭଟ୍ଟ=ସ୍ୱାମିତ୍ୱ-ଋ=ଗମନ କରିବା, ପାଇବା-ଅ) ମାନ୍ୟ, ପୂଜ୍ୟ ।

ଭଟ୍ଟାରକ, ବି. (ଭଟ୍ଟ-ଋ-ଅ-କ ଯୋଗ) ମୁନି; ଦେବତା; ସୂର୍ଯ୍ୟ; ନାଟ୍ୟୋକ୍ତିରେ ରାଜା । (ରାଜା ଭଟ୍ଟାରକୋ ଦେବଃ—ଅମର ।) ବିଂ. ପୂଜ୍ୟ ।

ଭଟ୍ଟିନୀ, ବି. ସ୍ତ୍ରୀ. (ଭଟ୍ଟ=ସ୍ୱାମିତ୍ୱ-ଇନ୍-ଈ) ଅକୃତାଭିଷେକା ମହିଷୀ; ବ୍ରାହ୍ମଣ ଭାର୍ଯ୍ୟା ।

ଭଡ଼, ବିଂ. (ଦେଶଜ) ବୃହତ୍ । ବି. ସଂ. ବର୍ଣ୍ଣସଙ୍କର ଜାତିବିଶେଷ ।

ଭଡ଼ଙ୍ଗିଆ, ଭଡ଼ଙ୍କଆ, ବିଂ. (ଦେଶଜ) ଚକବିକର ବା ରଙ୍ଗିଲ ।

ଭଡ଼ଭଡ଼ିଆ, ବଡ଼ବଡ଼ିଆ, ବିଂ. (ଦେଶଜ) ବକୁଆ ।

ଭଡ଼ଭାଡ଼, ଭଡ଼ଭଡ଼, ବି. (ଦେଶଜ) ଗୁଡ଼ାଏ କହିବା । ଅଂ. ଅନୁକରଣ ଶବ୍ଦବିଶେଷ । ଯଥା—ଭଡ଼ଭାଡ଼ ପଡ଼ିଗଲା ।

ଭଡ଼ା, ବି. (ଦେଶଜ) ପାଦ । ଯଥା—
କାଣ୍ଡଘାଏ ଘୋଡ଼ାଏ କରି ମୁହଁପୋଡ଼ା,
ରଥ ଧରି ପଙ୍କକୁ ପକାଇଲେ ଭଡ଼ା । କୃ. ଭ୍ର. ଶ୍ରୀ. ପ.
ପାଦେ ପରିମାଣ । ଯଥା—
ତାର ଗୁହିବା ଦେଖି ମାଏ,
ଗୃହ ଯେ ନ ପାରି ଭଡ଼ାଏ । ଭ୍ର. ଦ. ସ୍ତ.
(ଭାଟକ ଶବ୍ଦଜ) ଗୃହାଦିର ମାସୁଲ । ଯଥା—
ଦେଇଅଛି କେତେ କୋଟି ଭଡ଼ା ଗୁଡ଼ା । ଦ. ବା.

ଭଡ଼ାଟିଯ୍ଵା, ଭଡ଼ାଟିଆ, ବଂ. (ଭାଟକୀଯ୍ଵ ଶବ୍ଦଜ) ଭଡ଼ାପାଇଁ ନେଇଥିବା (ଗାଡ଼ି ପ୍ରଭୃତି) ।

ଭଡୁଆ, ଭାଡୁଆ, ବ. (ଦେଶଜ) ଯେଉଁମାନେ ବେଶ୍ୟାରେ ଆସକ୍ତ ।

ଭଣଜା, ଭଣଞ୍ଜା, ବ. ( ଭଗିନୀଜ ଶବ୍ଦଜ ) ଭଉଣୀର ପୁଅ ।

ଭଣଭଣ, ବ. (ଦେଶଜ) ମାଛିଆଦିର ଶବ୍ଦ-ବିଶେଷ ।

ଭଣିତ, ବଂ. (ଭଣ୍ = ବୋଲିବା-ତ) କଥିତ, ଉଚ୍ଚାରିତ । ଯଥା—

ଶ୍ରୀ ଜଯ୍ଵଦେବ ଭଣିତମିଦଂ । ଗୀ. ଗୋ.

ଭଣିତା, } ବ. (ଭଣ ଧାତୁଜ) ପଦ୍ୟ ଶେଷରେ
ଭଣିତି, } କବି ନାମ ସଂଯୋଗ କରିବା ।

ଭଣିତି, ବ. (ଭଣ୍-ତି) ବାକ୍ୟ, କଥା, କଥନ ।

ଭଣିବା, କ୍ରି. (ଭଣ୍ ଧାତୁଜ) କହିବା; ପଦ୍ୟ ଶେଷରେ କବି ନାମ ସଂଯୋଗ କରିବା । ଯଥା—

ଷମେ ଭଣେ ଅଭିମନ୍ୟୁ ସାମନ୍ତସିଂହାର । ବି. ଚ. ମ.

ଭଣ୍ଟାକୀ, ବ. ସ୍ତ୍ରୀ. (ଭଟ୍-ଆକ-ଈ, ମ ଆଗମ) ବାଇଗଣ, ବାର୍ତ୍ତାକୀ ।

ଭଣ୍ଡ, ଭାଣ୍ଡ, ବଂ. (ଭନ୍ଡ୍ = ଭଣ୍ଡିବା-ଅ, ଭାଣ୍ଡ-ତଦ୍ଭବ ଶବ୍ଦ) କୌତୁକୀ, ମସ୍କରା; ଅପ୍ରକୃତ । ଯଥା—

ଭଣ୍ଡତାର ବଢ଼ିଯାଉଛି ପ୍ରସାର । ଦ. ବା.

ନେଉଥିବା ଗାଇ ଦୁର୍ଯୋଧନ ଭଣ୍ଡ,

କହିବ ପଳାଇଲା ନ ସହି ଆମ୍ଭ କାଣ୍ଡ । କୃ.ଖ.ବ.ପ.

ଭଣ୍ଡକ, ବ. ପୁଂ. (ଭଣ୍ଡ-କ) ଖଞ୍ଜନପକ୍ଷୀ ।

ଭଣ୍ଡନ, ବ. ( ଭନ୍ଡ୍-ଅନ ) ପ୍ରତାରଣା, ଭଣ୍ଡାଇବା; କବଚ; ଯୁଦ୍ଧ ।

ଭଣ୍ଡବକର, } ବ. ( ଦେଶଜ ପ୍ରାଯ୍ଵ ) ଅଶ୍ଳୀଳ
ଭଣ୍ଡବଚନ, } ବାକ୍ୟ ।

ଭଣ୍ଡରା, ବଂ. (ଭଣ୍ଡ ଶବ୍ଦଜ) ଭଣ୍ଡିବା ଲୋକ । ଯଥା—

କେତେ କହିବ ଭୋଗ କୁଟର ଉପମା,

କୃପଣ କାମ ଭଣ୍ଡରା ନୋହିବ ଏ ସୀମା । ର. କ.

ଭଣ୍ଡହାସିନୀ, ବ. ସ୍ତ୍ରୀ. (ଭଣ୍ଡ-ହାସିନୀ) ବେଶ୍ୟା ।

ଭଣ୍ଡା, ବ. (ଭଣ୍ଡ ଶବ୍ଦଜ) ଭଣ୍ଡିବା, ଠକିବା; କଦଳୀ ପ୍ରଭୃତିର କାଣ୍ଡ ମଝିଁରୁ ବାହାରିଇ । ଯେପରି—କଦଳୀଭଣ୍ଡା । ଯଥା—

ଫେଣାମାନଙ୍କ ଗର୍ଭରେ ଯେବେ ଭଣ୍ଡା ଥୋଇ,

ଶୋଭଇ କୁଙ୍କୁମ କାନ୍ତି ବହିର୍ଗତ ହୋଇ । ବୃ. ସୁ.

ଆଣ୍ଠୁର ଅଧୋଭାଗ ଅର୍ଥାତ୍ ପେଣ୍ଡା ।

ଭଣ୍ଡାଇବା, କ୍ରି.(ଦେଶଜ) ଠକାଇବା; ଠକିବା ।

ଭଣ୍ଡାଣ, ବ. (ଦେଶଜ) ଠକିବା । ଯଥା—

ଦେଖିଲି ବୁଝିଲି ଏହି ଦୋକାନ,

କେବଳ ନୁହେଁଟି ପିଲାଭଣ୍ଡାଣ । ଛ. ସା.

ଭଣ୍ଡାଭଣ୍ଡି, ବ. (ଭଣ୍ଡ ଶବ୍ଦଜ) ଏଣୁ ତେଣୁ କହି ଠକିବା । (ବୋକା ଶବ୍ଦ ଦେଖ ।)

ଭଣ୍ଡାମି, ଭଣ୍ଡାମୀ, ବ. (ଦେଶଜ ବା ଭଣ୍ଡିମା ଶବ୍ଦଜ) ପ୍ରବଞ୍ଚନା ବା ଭଣ୍ଡତା ।

ଭଣ୍ଡାର, ବ. (ଭାଣ୍ଡାଗାର ଶବ୍ଦଜ)ଯେଉଁ ଗୃହରେ ଧନ ସଞ୍ଚିତ ରଖାଯାଏ । ଯଥା—

ସଖୀ ଅନୁରୋଧେ ଇନ୍ଦିରା ଦେଲେ କୋଠଭଣ୍ଡାରୁ ।
ଚ. ଭା.

ଭଣ୍ଡାରି, ବ. (ଭାଣ୍ଡିର ଶବ୍ଦଜ) କୋଷାଧ୍ୟକ୍ଷ; ନାପିତ ଅର୍ଥାତ୍ ବାରିକ ।

ଭଣ୍ଡାରୁଣୀ, ବ. ସ୍ତ୍ରୀ. (ଦେଶଜ) ନାପିତ ସ୍ତ୍ରୀ ।

ଭଣ୍ଡି, ବ. ସ୍ତ୍ରୀ. (ଭନ୍ଡ୍-ଇ) ବୀଚି, ତରଙ୍ଗ । (ଦେଶଜ) ସ୍ତ୍ରୀ କେଶବନ୍ଧନର ଉପକରଣ-ବିଶେଷ, ଏହାକୁ କେଶ ମଧ୍ୟରେ ରଖି କେଶ ବାନ୍ଧନ୍ତି । ଯଥା—

ରଙ୍ଗ ଭଣ୍ଡି ରଖି ଦିବ୍ୟଚୂଡ଼ାକୁ,

ସଜାଡ଼ିଲେ ଜୁଡ଼ା କ୍ଷାନବୃତ୍ତାକୁ । ଲ. ବ.

ଇଟାକାନ୍ଥର ମଧ୍ୟେ ମଧ୍ୟେ ରଖିଥିବା ଗାତ; ( ଏ ଅର୍ଥରେ ତେଲଙ୍ଗାମାନେ ମଧ୍ୟ ଗଞ୍ଜାମରେ ଭଣ୍ଡି ଶବ୍ଦ ବ୍ୟବହାର କରନ୍ତି ) କଦଳୀର ପୁଷ୍ପ ଓ ଫଳର କୋଷ । ଯଥା—

ମରକତ ରମ୍ଭା ଭଣ୍ଡି ପରି ଶୋଭା
ଦିଶିଲା ଜୁଡ଼ା ଆକାର । ସୁ. ପ.

ଭଣ୍ଡିକା, ଭଣ୍ଡୀ, } ବ. ସ୍ତ୍ରୀ. ସଂ. ମଞ୍ଜିଷ୍ଠା-
ଭଣ୍ଡୀତକୀ, ଭଣ୍ଡୀରୀ, } ଲତା ।

ଭଣ୍ଡିବା, କ୍ରି. (ଭଣ୍ଡ ଶବ୍ଦଜ) ଠକିବା । ଯଥା—
ମଢ ମୋହ ଭଣ୍ଡନ୍ତ ଯୁବତୀ । ର. ପ.

ଭଣ୍ଡିର, ଭଣ୍ଡୀର, ଭଣ୍ଡିଲ, ଭଣ୍ଡୀଲ, ବି. ସଂ. ଶିରୀଷ ବୃକ୍ଷ ।

ଭଣ୍ଡୁର, ଭଣ୍ଡୋର, ବି. ( ଦେଶଜ ) ଖରାପ; ନାଶ ।

ଭଦଭଦଳିଆ, ଭଦଳିଆ, ଭଦାଳିଆ, ବି. ( ଭରଦ୍ଵାଜ ଶବ୍ଦଜ ) ପକ୍ଷି-ବିଶେଷ । ଯଥା—
ଭଦଭଦଳିଆ ମାଲେ ମାଲେ ନଚେ
ପ୍ରକାଶି ବିଚିତ୍ର ତନୁ । ଯ. କେ.

ଭଦ୍ର, ବି.(ଭନ୍ଦ୍=ପ୍ରୀତ ହେବା-ର)ସୌଭାଗ୍ୟ, ମଙ୍ଗଳ; ମୁଥା; ସୁବର୍ଣ୍ଣ; ଶିବ; ବୃଷଭ; ଗଜବିଶେଷ; ସମୂହ; ଖଞ୍ଜନପକ୍ଷୀ; କଦମ୍ବ ବୃକ୍ଷ; ରାମଙ୍କର ଦୂତବିଶେଷ; ବଳଭଦ୍ର । ବିଂ. ଭାଗ୍ୟବନ୍ତ, କୁଶଳୀ; ଉତ୍ତମ, ଶ୍ରେଷ୍ଠ; ସାଧୁ ।

ଭଦ୍ରକ, ବି.(ଭଦ୍ର-କ) ମୁଥାବିଶେଷ, ଭଦ୍ରମୁଥା; ଦେବଦାରୁ ବୃକ୍ଷ । ବିଂ. ମନୋଜ୍ଞ, ସୁନ୍ଦର ।

ଭଦ୍ରକାଳୀ, ବି. ସ୍ତ୍ରୀ. ସଂ. ଦୁର୍ଗା; କାତ୍ୟାୟନୀ ।

ଭଦ୍ରକୁମ୍ଭ, ବି. (ଭଦ୍ର-କୁମ୍ଭ) ମଙ୍ଗଳାର୍ଥ ପୂର୍ଣ୍ଣକୁମ୍ଭ, ଜଳପୂର୍ଣ୍ଣ ଘଟ ।

ଭଦ୍ରହେବା, କ୍ରି. (ଭଦ୍ରାକରଣ ଶବ୍ଦଜ) କ୍ଷୌର ହେବା ।

ଭଦ୍ରା, ବି. ସ୍ତ୍ରୀ. ( ଭଦ୍ର-ଆ ) ତିଥିବିଶେଷ; ହରିଦ୍ରା; ଶ୍ଵେତଦୂବା; କୃଷ୍ଣାନୁଜା, ସୁଭଦ୍ରା; କୃଷ୍ଣଙ୍କ ପତ୍ନୀବିଶେଷ ।

ଭଦ୍ରା, ବି. (ଗଡ଼ଜାତ ଶବ୍ଦ) ଫୁଲ ସୁତା ।

ଭଦ୍ରାକରଣ, ବି. ସଂ. ମୁଣ୍ଡନ ।

ଭଦ୍ରାକୃତ, ବିଂ. ସଂ. ମଙ୍ଗଳପୂର୍ବକ ମୁଣ୍ଡିତ ମସ୍ତକ ।

ଭଦ୍ରାତ୍ମଜ, ବି. (ଭଦ୍ର=ଲୌହ-ଆତ୍ମଜ=ଜାତ) ଅସି, ଖଡ଼୍ଗ ।

ଭଦ୍ରାଶ୍ଵ, ବି. (ଭଦ୍ର-ଅଶ୍ଵ) ପୃଥିବୀର ନବବର୍ଷା-ନ୍ତର୍ଗତ ବର୍ଷବିଶେଷ । ( ଭଦ୍ରାଶ୍ଵଂ କେତୁମାଲଂ ଚ ମେରୋଃ ପ୍ରାକ୍ ପଶ୍ଚିମସ୍ଥିତଂ । )

ଭଦ୍ରାଶ୍ରୟ, ବି. (ଭଦ୍ର-ଆଶ୍ରୟ) ଚନ୍ଦନବୃକ୍ଷ ।

ଭଦ୍ରାସନ, ବି. ( ଭଦ୍ର-ଆସନ ) ସିଂହାସନ; ଯୋଗାସନ ।

ଭଦ୍ରୈଳା, ବି. ସ୍ତ୍ରୀ. ( ଭଦ୍ର-ଏଳା ) ବଡ଼ ଅଳାଇଚ ।

ଭନ୍ଦିଳ, ବି. (ଭନ୍ଦ୍=ଶୁଭ ହେବା-ଇଳ) ଶୁଭ, ମଙ୍ଗଳ ।

ଭବିଷ, ବି. ( ଭବିଷ୍ୟ ବା ଭବିଷ୍ୟତ୍ ଶବ୍ଦଜ ) ଆଗାମୀ କାଳ । ଯଥା—
ଗଙ୍ଗାତଟେ ରହି ହରଙ୍କୁ ସେବିବ
ଭବିଷେ ହେବ କି ଯୋଗ । ସୁ. ପ.

ଭବିଷ, ଭବିଷ୍ୟ, ବି. ( ଭବିଷ୍ୟତ୍ ଶବ୍ଦଜ ) ଘଟନା । ଯଥା—
ଏ ପାଞ୍ଚ ମାସେ ଭ୍ୟାଇଙ୍କ ଏସନେ ଭବିଷ । ସା.ଭା.ଆ.
କାର୍ଯ୍ୟ । ଯଥା—
ଶୂନ୍ୟ ସକାଶୁଁ ହୋଇଲା ଏମନ୍ତ ଭବିଷ । ବି. ଗୁ.
ବିଂ. ବିରୂପ । ଯଥା—
କେ ବୋଲେ ଭବିଷ୍ୟ ତାର ଗାତ୍ର,
ବିକଟ ଦଶନ କୋଟର ନେତ୍ର । ବ. ଗୀ.

ଭମର, ଭମ୍ବର, ବି. (ଭ୍ରମର ଶବ୍ଦଜ ପ୍ରାକୃତ) ଭୃଙ୍ଗ ।

ଭମା, ବି. (ଦେଶଜ) ଧାନରେ ହେବା ପୋକ । ଯଥା—
ଦେଶ ଖାଇଲା କମା, ଧାନ ଖାଇଲା ଭମା । ଢ଼ା. ବ.

ଭମ୍ଭ, ବି. (ଭମ୍=ଅନୁକରଣ ଶବ୍ଦ-ଭା=ଶବ୍ଦ କରିବା, ଦୀପ୍ତି ପାଇବା-ଅ) ଧୂମ, ଧୂଆଁ; ମକ୍ଷିକା, ମାଛି ।

ଭୟ, ବି. (ଭୀ-ଅ) ତ୍ରାସ, ଶଙ୍କା, ଆତଙ୍କ ।

ଭୟାନକ, ବି. ( ଭୀ=ଭୀତ ହେବା-ଆନକ ) ରସବିଶେଷ, ଭୟ ଯେଉଁ ରସର ସ୍ଥାୟୀଭାବ; ବ୍ୟାଘ୍ର; ରାହୁ । ବିଂ. ଭୟଙ୍କର, ଭୟାବହ ।

ଭୟାପହ, ବି. (ଭୟ-ଅପ-ହା-ଅ) ରାଜା । ବିଂ. ଭୟନାଶକ ।

**ଭୟାବହ**, ବିଂ. (ଭୟ-ଆ-ବହ-ଅ) ଭୟ-ଜନକ, ଭୟଙ୍କର।

**ଭର**, ବି. (ଭୃ-ଅ) ଆଧିକ୍ୟ; ସମୂହ; ଭାର; ଭରଣ; ଗୌରବ। ବିଂ. ଭରଣକର୍ତ୍ତା।

**ଭରଟ**, ବି. (ଭୃ-ଅଟ) କୁମ୍ଭକାର, କୁମ୍ଭାର।

**ଭରଣ**, ବି. (ଭୃ-ଅନ) ପୂରଣ, ପୋଷଣ, ପ୍ରତିପାଳନ; ବେତନ; ଧାରଣ। (ଦେଶଜ) ପରିମାଣବିଶେଷ। ଯଥା—
ଦେଖିଣ ଲୋକେ ତାହା ଚମକିତ ହୋଇଲେ,
ସେ ଖାତେ ଲକ୍ଷେ ଭରଣ ମାଟି ପୂରାଇଲେ। ନୃ. ପୁ. ଚ. ଛ.
(ସ୍ତ୍ରୀ-ଈ) ନକ୍ଷତ୍ରବିଶେଷ। (ବିଶେଷଣରେ ଭରଣୀୟ, ଭରଣ୍ୟ ଓ ଭରିତ ହୁଏ।)

**ଭରଣ୍ଡ**, ବି. (ଭୃ-ଅଣ୍ଡ) ପ୍ରଭୁ, ସ୍ୱାମୀ; ରାଜା; ବୃଷ; କୃମି। (ଦେଶଜ) ମୁଖବ୍ରଣବିଶେଷ।

**ଭରଣ୍ୟଭୁକ**, ବିଂ. (ଭରଣ୍ୟ-ଭୁଜ୍-କ୍ୱିପ୍) ଯେଉଁ ବ୍ୟକ୍ତି ବେତନ ନେଇ କର୍ମ କରେ।

**ଭରତ**, ବି. (ଭୃ-ଅତ) ଦଶରଥ ରାଜାଙ୍କ ମଧ୍ୟମ ପୁତ୍ର; ଶକୁନ୍ତଳା ଗର୍ଭଜାତ ଦୁଷ୍ମନ୍ତରାଜ-ପୁତ୍ର; ଜଡ଼ଭରତ, ନାଟ୍ୟଶାସ୍ତ୍ରପ୍ରଣେତା ମୁନି; ନଟ; ନାୟକ; ନାଟ୍ୟଶାସ୍ତ୍ର; ଶବର, ବ୍ୟାଧ; ତନ୍ତୁବାୟ; ରାଜା।

**ଭରତଖଣ୍ଡ**, ବି. ସଂ. ଭାରତବର୍ଷାନ୍ତର୍ଗତ କୁମାରିକାଖଣ୍ଡ।

**ଭରତପୁତ୍ରକ**, ବି. (ଭରତ-ପୁତ୍ର-କ) ନଟ, ଅଭିନୟକାରକ।

**ଭରତଆ, ଭାରତଆ, ଭରଥିଆ, ଭାରଥିଆ,** ବି. (ଦେଶଜ) ପକ୍ଷି-ବିଶେଷ। ଯଥା—
ଊଷା ଉଦ୍‌ବୋଧନ ଭରତଆ ସ୍ୱନ ଶୁଭିଲା ବଳେ। ଊଷା।
ନେପାଳ ଦ୍ରୋଣକାଙ୍କ ଚଢ଼ାଇ ଭାରଥିଆ। ନୃ.ପୁ ଚ.ଛ.

**ଭରଦ୍ୱାଜ**, ବି. (ଭର-ଦ୍ୱା-ଜ) ମୁନିବିଶେଷ; ପକ୍ଷିବିଶେଷ, ଭଦଭଦଳିଆ ଚଢ଼େଇ।

**ଭରସା**, ବି. ସ୍ତ୍ରୀ. (ଦେଶଜ) ଆଶା; ପ୍ରତ୍ୟୟ; ସାହସ। ଯଥା—
ତାଙ୍କ ମଧ୍ୟମାକୁ ତାଙ୍କ ଆଣିବାକୁ
ଏଠାକୁ କାହା ଭରସା। କ. ଚ. ଚ.

**ଭରସିବା**, କ୍ରି. (ଦେଶଜ) ସାହସ କରିବା। ଯଥା—
ମରକତକେଶୀ ଓଷ୍ଠସୁଧା ପାନୁଁ
ନ ଭରସଇ ହଂସକୁମର। ପ୍ରେ. ସୁ. ନି.

**ଭରହ**, ବି. (ଦେଶଜ) ବାଦ୍ୟବିଶେଷ। ଯଥା—
ମୃଦଙ୍ଗ ତାଳ କଂସାଳ ନାନା ରସବେଣୀ,
ସରଗୁଣା ବଇଁଶୀ ଭରହ ଯେ ଗାୟିଣି। ସା. ଭା. ଆ.

**ଭରା**, ବି. (ଭୃ ଧାତୁଜ) ପୂର୍ତ୍ତି କରିବା; ଠେସ; ବୋଝ। ବିଂ. ପୂର୍ଣ୍ଣ; ଯାହାକୁ ଭରି ଥାନ୍ତି। ଯଥା—
ଲାଗୁଅଛୁ ସ୍ୱାଦ ଖୋସାମୋଦି ବାଣୀ ସଜସରସ୍ଥଳ ପରା,
ସାବଧାନ ! ସେହି ସ୍ଥଳରେ ହୋଇଛୁ
କପଟ ଜହର ଭରା। ହି. ସା.

**ଭରାଇବା**, କ୍ରି. (ଭୃ ଧାତୁଜ) ପୂର୍ତ୍ତି କରାଇବା; ପିନ୍ଧାଇବା।

**ଭରାଣ୍ଡି**, ବି. (ଦେଶଜ) ଢିଙ୍କି ପାହାର ପଡ଼ିବା ଗର୍ତ୍ତ ବା ଧାନ୍ୟାଦି କୁଟିବା ଗାତ।

**ଭରାଭର, ଭରାଭରି**, ବିଂ. (ଭୃ ଧାତୁଜ) ପୂର୍ଣ୍ଣ। ବି. ସମ୍ପୂର୍ଣ୍ଣତା।

**ଭରି**, ବି. (ଦେଶଜ) ଦଶ ମସା ଓଜନ। ବିଂ. (ଭୃ ଧାତୁଜ) ପୂର୍ଣ୍ଣ।

**ଭରିତ**, ବିଂ. (ଭୃ-ତ, ଇ ଆଗମ) ପାଳିତ; ପୂରିତ; ଭାରଯୁକ୍ତ; ହରିଦ୍‌ବର୍ଣ୍ଣ।

**ଭରିବା**, କ୍ରି. (ଭୃ ଧାତୁଜ) ପୂର୍ତ୍ତି କରିବା। ଯଥା—
ଭରି ଘନରସ ଉଛୁଳାଇଦେଲେ ନାଗରୀ ହୃଦସରସୀ। ବି. ଚି. ମ.
ସଂଯୁକ୍ତ କରିବା। ଯଥା—
ଚଞ୍ଚଲେକ୍ଷଣୀ ଅଞ୍ଚଳେ ଭରି କର
ପାଏଡ଼ା କଲା ପତିକୁ ସେ। ଲା. ବ.
ଲଗାଇବା ବା ପିନ୍ଧିବା। ଯଥା—
ବଳା ଦୁଇପଟ ଦୁଇ ଗୋଡ଼େ ଖଞ୍ଜି,
ଅଙ୍ଗୁଳିରେ ଭରିଲେ ଗଣ୍ଡାଏ ମୁଦି ମାଜି। କୃ.ଷ.ବ ପ.
ରଖିବା। ଯଥା—
ଝିଣ୍ଟିକା ଆଦି କୀଟ ମାରି,
ଆଣି ତା ମନ୍ଦିରରେ ଭରି। ଦା. ର.

**ଭରିମା**, ବି. (ଭରିମନ୍ = ଭୃ-ଇମନ୍) ଭରଣ, ପ୍ରତିପାଳନ।

ଭରୁ, ବି. ( ଭୃ-ଉ ) ବିଷ୍ଣୁ; ଶିବ; ସମୁଦ୍ର; ସ୍ୱାମୀ; ସ୍ୱର୍ଣ୍ଣ ।

ଭର୍ଗ, ବି. (ଭ୍ରସ୍ଜ୍-ଅ) ଶିବ; ବ୍ରହ୍ମା; ସୂର୍ଯ୍ୟସ୍ଥ ଐଶତେଜଃ; ଭର୍ଜନ, ଭାଜିବା ।

ଭର୍ଜ୍ଜନ, ବି. (ଭ୍ରସ୍ଜ୍-ଅନ) ଭାଜିବା, ଭଜା ।

ଭର୍ତ୍ତବ୍ୟ, ବିଂ. (ଭୃ-ତବ୍ୟ) ପୋଷଣଯୋଗ୍ୟ, ପ୍ରତିପାଳ୍ୟ ।

ଭର୍ତ୍ତା, ବି. (ଭୃ-ତୃ ) ପତି, ସ୍ୱାମୀ; ଅଧିପତି; ରାଜା । ବିଂ. ପାଳନକର୍ତ୍ତା; ଧାରଣକର୍ତ୍ତା ।

ଭର୍ତ୍ତି, ବିଂ. (ଭୃ ଧାତୁଜ) ପୂର୍ଣ୍ଣ । ବି. ପ୍ରବେଶ ।

ଭର୍ତ୍ତୃଦାରକ, ବି. (ଭର୍ତ୍ତୃ = ସ୍ୱାମୀ-ଦାରକ = ପୁତ୍ର) ନାଟ୍ୟରେ ରାଜପୁତ୍ର । ( ରିକା-ସ୍ତ୍ରୀ ) ନାଟ୍ୟୋକ୍ତିରେ ରାଜକନ୍ୟା ।

ଭର୍ତ୍ତୃହରି, ବି. ( ଭର୍ତ୍ତୃ-ହରି ) ବିକ୍ରମାଦିତ୍ୟଙ୍କ ଜ୍ୟେଷ୍ଠଭ୍ରାତା; ଭଟ୍ଟିକାବ୍ୟପ୍ରଣେତା ।

ଭର୍ତ୍ସନ, ଭର୍ତ୍ସନା, ବି. (ଭର୍ତ୍ସ-ଅନ-ଆ) କୁତ୍ସା, ନିନ୍ଦା; ତର୍ଜ୍ଜନ, ତିରସ୍କାର ।

ଭଲ, ବିଂ. (ଭଦ୍ର ଶବ୍ଦଜ, ପ୍ରାକୃତ) ଉତ୍ତମ । ଯଥା—

ଲୋକେ ବୋଲିବେ ମୋତେ ଭଲ,
ତେବେ ସେ ଯିବ ଆତ୍ମା ସଲ । ଭ୍ର. ଦ. ସ୍କ.

କ୍ଷେମ ବା ମଙ୍ଗଳ । ଯଥା—

ଗୋପାଳେ ଅଛନ୍ତି ନା ଭଲେ,
ରୋହିଣୀ ଯଶୋଦାର କୁଳେ । ଭ୍ର. ଦ. ସ୍କ.

ଭଲକା, ବି.(ଦେଶଜ) ବାନ୍ତିର ଧାରା । ଯଥା—

ଗ୍ରହ ଭଲକା ବାନ୍ତି କଲ, ତକ୍ଷଣେ ଅସାଷ୍ଟମ ହେଲ ।

ଭଲକିବା, କ୍ରି. (ଦେଶଜ) ଉଦ୍‌ଗାରିବା କିମ୍ବା ବାନ୍ତି କରିବା । ଯଥା—

ଲୁଦୁବୁଦୁ ହୋଇ ଗିଳି ନ ପାରିଲେ ଢେକ,
କେ କାହିଁ ହୋମ କରିଲେ ପକାନ୍ତି ଭଲକ ।
ନୃ.ପୁ.ଷ.ତ.

ଭଲଭାଇ, ଭଲଭାଯ୍ୟା, } ବି. (ଦେଶଜ)ତେଲି ଆଦି କୁଳର ଏକପ୍ରକାର ଅଧିକାରୀ ।

ଭଲ୍, ବିଂ. (ଭଦ୍ର ଶବ୍ଦଜ) ଧନ୍ୟ; ଉତ୍ତମ । ଯଥା—

ମନକଳ୍ପିତ ସମ୍ପତ୍ତି ସାକ୍ଷାତ ହୋଇବ,
ମୁଁ ଭଲ ଭାଗ୍ୟବନ୍ତ ଭଲ ରେ ଦଇବ । କୋ. ବ୍ର. ସୁ.

ଅଂ. ଆଚ୍ଛା; ଅବଧାରଣ । ଯଥା—

କହନ୍ତୁ ଭଲ, ଆପଣ ବର୍ତ୍ତମାନ କେଉଁଠାକୁ ଯାଉଅଛନ୍ତି । ଜା. ପ. ନା.

ଭଲ, ଅଂ. (ଦେଶଜ) ପରି । ଯଥା—

ତୁମ୍ଭ ଭଲ ଯେବେ ନୋହିଲ ପାତର ।

ଭଲଆ, ଭଲ, ବିଂ. (ଦେଶଜ) ତୁଲ୍ୟ । ଯଥା—

ଶୂଳ ଭଲ ଯତି ଚଳ ଅନାଇଲେ
ଚଳିବ ମନକୁ ପାଉଛୁ । ଲ. ବ.

ଯୋଗ୍ୟ । ଯଥା—

କଳ୍କି ଦେଲ କାଳେ ଶିଳାପଦବୀ,
ରାମା ଚରଣରସା ଭଲ ଭାବ । କୋ. ବ୍ର. ସୁ.

ଭଲେ, କ୍ରି. ବିଂ. ( ଦେଶଜ ) ସହଜେ । ଯଥା—

ଏ ମନ ପ୍ରଭୁ ପାଦେ ଦେଲେ,
ମାୟା ଯେ ନ ଲାଗିବ ଭଲେ ।

ଉତ୍ତମରୂପେ । ଯଥା—

କଂସର ଯେଉଁ ଯାଗ ଧନୁ,
ଉଦ୍ଧବ ତୁ ତ ଭଲେ ଜାଣୁ । ଭ୍ର. ଦ. ସ୍କ.

ଭଲ୍ଲ, ବି. ( ଭଲ୍ଲ୍ =ବଧ କରିବା-ଅ ) ଭାଲୁ; ଅସ୍ତ୍ରବିଶେଷ । ଯଥା—

ଭଲ୍ଲାସ୍ତ୍ରେ ଦଳନ୍ତି ଦର୍ପ ଯେ ଶମ୍ବର । ନ. କେ.

ସ୍ଥୂଳହୃଦଳତୁଲ୍ୟ ଫଳକ ଅସ୍ତ୍ର ।

ଭଲ୍ଲକ, ଭଲ୍ଲୁକ, ଭଲ୍ଲୂକ, ବି. (ଭଲ୍ଲ-କ, ଉକ, ଊକ) ଋକ୍ଷ, ଭାଲୁ ।

ଭଲ୍ଲାତ, ଭଲ୍ଲାତକ, ବି. (ଭଲ୍ଲ = ବାଣବିଶେଷ-ଅତ୍ = ତୁଲ୍ୟ ହେବା-ଅ, କ) ଭାଲିଆଗଛ ଓ ତାହାର ଫଳ ।

ଭଲ୍ଲିକା, ବି. ସ୍ତ୍ରୀ. (ଭଲ୍ଲି-କ-ଆ) ଭାଲିଆଗଛ ।

ଭବ, ବି. ( ଭୂ-ଅ ) ସୃଷ୍ଟି; ଉତ୍ପତ୍ତି; ପ୍ରାପ୍ତି; ଜଗତ୍, ସଂସାର; ଶିବ; ପ୍ରାଧାନ୍ୟ; ମଙ୍ଗଳ; ଓଷଧିଜଫଳ ।

ଭବଦାରୁ, ବି. (ଭବ-ଦାରୁ) ଦେବଦାରୁ ବୃକ୍ଷ ।

ଭବନ, ବି. ( ଭୂ-ଅନ ) ଆଳୟ, ଗୃହ, ବାସସ୍ଥାନ ।

ଭବଭୂତି, ବି. ମାଲତୀ ମାଧବ ପ୍ରଭୃତି ନାଟକ-ପ୍ରଣେତା, ଏହାଙ୍କର ଅନ୍ୟ ନାମ ଶ୍ରୀକଣ୍ଠ; ଶିବଙ୍କର ଐଶ୍ବର୍ଯ୍ୟ ।

ଭବାନୀ, ବି. ସ୍ତ୍ରୀ. (ଭବ-ଆନୀ) ଶିବପତ୍ନୀ ।

ଭବିକ, ବିଂ. (ଭବ=ମଙ୍ଗଳ-ଇକ-ସଂଜ୍ଞାର୍ଥେ) ଶୁଭଜନକ । ବି. ଶୁଭ, କଲ୍ୟାଣ ।

ଭବିତବ୍ୟ, ବିଂ. (ଭୂ-ତବ୍ୟ) ଭାବୀ, ଅବଶ୍ୟମ୍ଭାବୀ । (ବିଶେଷ୍ୟରେ ଭବିତବ୍ୟତା ହୁଏ, ବିଶେଷଣରେ ଭବିତା, ଭବିଷ୍ଣୁ ହୁଏ ।)

ଭବିଷ୍ୟ, ଭବିଷ୍ୟତ୍, ବିଂ. (ଭୂ-ସ୍ୟ, ସ୍ୟତ୍) ଅନାଗତ, ଯାହା ପରେ ହେବ ।

ଭବିଷ୍ୟଦ୍ବାଣୀ, ବି. ସ୍ତ୍ରୀ. ଯାହା ପରେ ଘଟିବ ତାହା ଆଗରୁ କହିବା ।

ଭବ୍ୟ, ବିଂ. (ଭୂ-ଯ) ଶୁଭଜନକ; ଶୁଭଯୁକ୍ତ; ଶିଷ୍ଟ; ସାଧୁ; ଭାଗ୍ୟବାନ୍; ସମୀଚୀନ; ଯୋଗ୍ୟ । ଯଥା—

ଅଭିନୟ କର ଏବେ ନାଟକାଗ୍ରଣୀ ଭବ୍ୟ । ଜା.ପ.ନା.

ସତ୍ୟ; ଭାବୀ । ବି. ଶୁଭ; ଅସ୍ଥି; କରମଙ୍ଗା-ଗଛ; ଦୁର୍ଗା; ରସବିଶେଷ । (ସ୍ତ୍ରୀ. ଭବ୍ୟା) ଦୁର୍ଗା ।

ଭଷ, ଭଷକ, ବି. (ଭଷ୍=କୁକ୍କୁରର ଶବ୍ଦ କରିବା-ଅ, ଅକ) କୁକ୍କୁର ।

ଭସଭସ, ଅଂ. ( ଦେଶଜ ) ଦ୍ରବପଦାର୍ଥ ପ୍ରସରିବାର ଅନୁକରଣ ।

ଭସା, ବି. (ଦେଶଜ) ପାଣି ଉପରେ ଭାସିବା ।

ଭସାଇବା, କ୍ରି. (ଦେଶଜ) ନାଶ କରିବା । ଯଥା—

ପ୍ରାଣସମ କନ୍ୟାକୁ ମୁଁ ଦେଲିଟି ଭସାଇ । ବୈ.ପ.

ପାଣି ଉପରେ ଗୁଡ଼ିବା ।

ଭସିତ, ବି. (ଭସ୍=ଦୀପ୍ତି ପାଇବା-ତ) ଭସ୍ମ, ପାଉଁଶ । (ବିଶେଷଣରେ ଭସ୍ମୀଭୂତ ଓ ଭସ୍ମିତ ହୁଏ ।)

ଭସ୍କା, ଭସକା, ବିଂ. (ଦେଶଜ) ଅସ୍ୱାଦୁ; ପାଣିଚିଆ ।

ଭସ୍ତ୍ରା, ଭସ୍ତ୍ରକା, ଭସ୍ତ୍ରିକା, ଭସ୍ତ୍ରୀ, } ବି. ସ୍ତ୍ରୀ. (ଭସ=ଦୀପ୍ତି-ପାଇବା-ତ୍ର-କ-ଆ, ଈ) ଚର୍ମପ୍ରସେବିକା; ଚର୍ମଥାଳୀ; ବାୟୁଗୁଳିବା ଯନ୍ତ୍ର; ଝରି ପ୍ରାୟ ଜଳପାତ୍ରବିଶେଷ । (ଭସ୍ତ୍ରାଯନ୍ତ୍ର ପ୍ରାଣିବୃତଚର୍ମରେ ଭର୍ତ୍ତିଗାବାଦ୍ୟ-ରବ୍ୟାତ୍ର ।)

ଭସ୍ମ, ବି. (ଭସ୍-ମନ୍) ପାଉଁଶ ।

ଭସ୍ମସାତ୍, ଅଂ. (ଭସ୍ମନ୍-ସାତ୍, ପରିଣତ ଅର୍ଥରେ) ଭସ୍ମାକାରେ ପରିଣତ; ସମ୍ୟକ୍ ଭସ୍ମୀଭୂତ ।

ଭା, ଭାଃ, ବି. ସ୍ତ୍ରୀ. (ଭା-ଅ-ଆ, ଭାସ୍=ଦୀପ୍ତି ପାଇବା-କ୍ବିପ୍) ପ୍ରଭା, ଆଲୋକ; କାନ୍ତି; କିରଣ; ଶୋଭା । ଯେପରି—ଭାସ୍କର ।

ଭାଁଟା, ଭାଣ୍ଟା, ବି. (ଦେଶଜ) ଗିନା ପ୍ରଭୃତି ସାନ ପାତ୍ର ।

ଭାଇ, ବି. (ଭ୍ରାତୃ ଶବ୍ଦଜ) ଭ୍ରାତା । ଯଥା—

ମହତ ଲୋକର ଏ ଗାଢ ଭାଇ । ମେ. ଦୂ.

ଭାଇବୋହୂ, ଭାଇବହୂ, } ବି. ସ୍ତ୍ରୀ. (ଭ୍ରାତୃବଧୂ ଶବ୍ଦଜ) ସାନଭାଇର ଭାର୍ଯ୍ୟା ।

ଭାଉ, ବି. (ଦେଶଜ) ଦର, ମୂଲ୍ୟ ।

ଭାଉଜ, ବି. ସ୍ତ୍ରୀ. (ଭ୍ରାତୃଜାୟା ଶବ୍ଦଜ, ପ୍ରାକୃତ ଭାଉଜାଆ ଶବ୍ଦଜାତ) ବଡ଼ଭାଇର ଭାର୍ଯ୍ୟା ।

ଭାକ୍, ବିଂ. (ଭଜ୍-ଭଜ୍=ପୃଥକ୍ କରିବା-କ୍ବିପ୍) ଭାଗୀ, ଅଂଶୀ । ଯଥା—ଧନଭାକ୍ ।

ଭାକ, ବି. (ବାକ୍ ଶବ୍ଦଜ) କଥାର ଠିକଣା ।

ଭାକୁଡ଼ା, ବି. (ଦେଶଜ) ବେଶ୍ୟାପୁତ୍ର ।

ଭାକୁର, ଭାକୁଡ଼, ବି. (ଭାକୁଟ ଶବ୍ଦଜ) ମତ୍ସ୍ୟ-ବିଶେଷ ।

ଭାକେଶ୍ବରୀ, ବି. ସ୍ତ୍ରୀ. (ବାକ୍ୟେଶ୍ବରୀ ଶବ୍ଦଜ) ଦେବୀବିଶେଷ । (ବାକେଶ୍ବରୀ ଶବ୍ଦ ଦେଖ ।)

ଭାଖା, ବି. (ଦେଶଜ) ରକ୍ଷା । ଯଥା—

ଅଇବ୍ରତ ପାପ କଲେ ସତ ନୋହେ ଭାଖା,
ଦରିଦ୍ର ଲୋକର ପାପ କେ କରିବ ଲେଖା । ଜା.ର.ଗୀ.

ବିଂ. ରକ୍ଷିତ ।

ଭାଗ, ବି. (ଭଜ୍=ଭାଗ କରିବା-ଅ) ଅଂଶ, ଖଣ୍ଡ; ଏକଦେଶ, ପ୍ରଦେଶ; ସ୍ଥାନ; ଅଦୃଷ୍ଟ, ଭାଗ୍ୟ; ବିଭଜନ ।

ଭାଗଧେୟ, ବି. (ଭାଗ-ଧେୟ) ରାଜସ୍ୱ; ଅଂଶ, ଭାଗ; ଦାୟାଦ । (ଭାଗ-ଧେୟ, ସ୍ୱାର୍ଥେ) ଭାଗ୍ୟ ।

ଭାଗବତ, ବି. (ଭଗବତ୍-ଅ) ବ୍ୟାସପ୍ରଣୀତ ଭଗବଦ୍‌ବିଷୟକ ଗ୍ରନ୍ଥବିଶେଷ; ଭଗବଦ୍‌ଭକ୍ତ, ବୈଷ୍ଣବ ।

ଭାଗା, ବି. (ଦେଶଜ) ପଳାୟନ ।

ଭାଗିକ, ବିଂ. (ଭାଗ-ଇକ) ଅସଲ ସୁଧ ଟଙ୍କା, ବୃଦ୍ଧି ସହିତ ମୂଦ୍ରାଦି ।

ଭାଗିନେୟ, ବି. (ଭଗିନୀ-ଏୟ) ଭଗିନୀର ସନ୍ତାନ, ଭଣଜା ।

ଭାଗିବା, କ୍ରି. (ଦେଶଜ) ପଳାୟନ କରିବା । ଯଥା—

ସେହି ସକାଶରୁ ସେ ଦୁହେଁ ସୁରତ,
ଛାଡ଼ି ସେହିଠାରୁ ଭାଗିଲେ ଝଟିତି । କୃ.ଭା.ଆ.ପ.

(ଭନ୍‌ଜ୍ ଧାତୁଜ) ଭଙ୍ଗ ହେବା; ଅନ୍ୟଥା ହେବା; ନାଶ ହେବା ଓ ଦୂର ହେବା । ଯଥା—

ଚଇତନ ଦମ୍ଭ ଯାଉଛୁ ଭାଗି । ବି. ଚ. ମ.

ଭାଗୀ, ବିଂ. (ଭାଗ-ଇନ୍) ଅଂଶୀ; ଗ୍ରହଣକାରୀ ।

ଭାଗୀରଥୀ, ବି. ସ୍ତ୍ରୀ. (ଭଗୀରଥ-ଅ-ଈ) ଗଙ୍ଗା ।

ଭାଗୁଆଳ, ଭାଗୁଆଲ, } ବିଂ. (ଦେଶଜ) ଆପଣା ସହିତ ମିଶି ବ୍ୟବହାର କରିବା ବ୍ୟକ୍ତି; ବ୍ୟବହାରରେ ଯେ ଆପଣାଠାରୁ ଭାଗ ନିଏ ।

ଭାଗୁଡ଼, ବି. (ଦେଶଜ) ତ୍ରସ୍ତ ହୋଇ ଧାଇଁ ପଳାଇବା । ଯଥା—

ଭୀମଙ୍କ ହାତ ତାର ଭାଗୁଡ଼ିକ ଦେଖି,
ଧାଇଁଲ ତା ଗାଣ୍ଡିକ ଦନ୍ତ ଦେଇ ଯୋଖି । କୃ.ଭା କ.ପ.

ପ୍ରଥମେ ମାପିଥିବା ଧାନ ପ୍ରଭୃତି ଫେର ମାପିଲେ ଯେତେ ବା ଯାହା ଊଣା ହୁଏ । ଯଥା—ଗଡ଼ଶାକେ ଗୃର ମାଣ ଭାଗୁଡ଼ ହୁଏ ।

ଭାଗ୍ୟ, ବି. (ଭଜ୍-ଯ ଅବା ଭାଗ-ଯ) ଅଦୃଷ୍ଟ; ଦୈବ । ବିଂ. ଭାଗଯୋଗ୍ୟ; ଭାଗବିଶିଷ୍ଟ, ଭାଗିକ ।

ଭାଗ୍ୟବାନ୍, ବିଂ. (ଭାଗ୍ୟ-ବତ୍) ଭାଗ୍ୟବନ୍ତ, ଅଦୃଷ୍ଟବାନ୍; ସୌଭାଗ୍ୟଶାଳୀ; ଶୁଭାଦୃଷ୍ଟ-ବିଶିଷ୍ଟ ।

ଭାଙ୍କାର, ବି. ସଂ. ଭେରି ପ୍ରଭୃତିର ଧ୍ୱନି । ଯଥା—

ଭେରୀଭାଙ୍କାର ନାଦ ପ୍ରମୁଦିତ କପିଏ
ତାଣ୍ଡବେ ମାଡିଛନ୍ତି । ଜା.ପ.ନା.

ଭାଙ୍ଗ, ବି. (ଭଙ୍ଗ ଶବ୍ଦଜ) ଭଙ୍ଗ । [ଭଙ୍ଗ (ବିଜୟାର୍ଥ) ଶବ୍ଦଜ] ଗଞ୍ଜାଇ ଆଦି ବାଟି କରିବା ପାନୀୟ, କୁସୁମ୍ବା । (ଗଡ଼ଜାତ ଶବ୍ଦ) ଧୂଆଁ ପତ୍ର ।

ଭାଙ୍ଗଉଚଲ, ଭାଙ୍ଗଉଚଳ, } ବି. (ଦେଶଜ) ଦସ୍ତ ଖେଳର କ୍ରମ, ଆପଣା ହାତରେ କୌଣସି ରଙ୍ଗର ରଜା, ନଅ ବା ଦୁକା ଥିଲେ ତାହାକୁ ହାକମ କରିବା ନିମନ୍ତେ ଖେଳିବା । (ଖେଳାଳି ହାତରେ ୧୪ ଖଣ୍ଡ ସାରରୁ ଅନ୍ୟୂନ ଥିଲେ ଏପରି ଖେଳିବାକୁ ହେବ ।

ଭାଙ୍ଗଫୀକ, ବି. (ଦେଶଜ) ଦସ୍ତ ଖେଳର କ୍ରମବିଶେଷ, ଆପଣା ହାତରେ କୌଣସି ରଙ୍ଗର ରଜା, ଆଠ ବା ଛକା ସହ ୨୧ ଖଣ୍ଡ ସାରରୁ ଅନ୍ୟୂନ ଥିଲେ ଆଠ ବା ଛକାକୁ ହାକମ କରିବାପାଇଁ ଖେଳିବା ।

ଭାଙ୍ଗସରା, ଭାଙ୍ଗଶିବ, } ବି. (ଦେଶଜ) ଦସ୍ତ ଖେଳର କ୍ରମବିଶେଷ; ଆପଣା ହାତରେ କୌଣସି ଏକ ରଙ୍ଗର ରଜା, ଦହ ବା ଏକା ସହ ଦଶ ଖଣ୍ଡ ସାରରୁ ଅନ୍ୟୂନ ଥିଲେ ଭାଙ୍ଗସରା କରି ଖେଳନ୍ତି ।

ଭାଙ୍ଗିବା, କ୍ରି. (ଭନ୍‌ଜ୍ ଧାତୁଜ) ଭଗ୍ନ କରିବା; ମେଣ୍ଟିବା । ଯଥା—

ଈଶ୍ୱର ! ତବ ବଚନ କେ ଭାଙ୍ଗିବ । ବି. ଚ. ମ.

ନାଶ କରିବା । ଯଥା—

କରୁଛୁ ଗୁମାନ, କୁଳିଶ ସମାନ,
ହୋଇଥିଲେ ମାନ ଭାଙ୍ଗିଦେବ । ବି. ଚ. ମ.

ଭାଙ୍ଗୁଣି, ବି. (ଭନ୍‌ଜ୍-ଧାତୁଜ) ଯେଉଁ ଉପାୟରେ ରସାୟନ ଔଷଧର ତେଜ ଊଣା ହୁଏ; ଅନ୍ୟଥା କରିବା; ଭାଙ୍ଗିବା ।

ଭାଜନ, ବି. (ଭଜ୍=ସେବା କରିବା, ଭାଗ କରିବା-ଅନ) ପାତ୍ର; ଆଧାର । ବିଂ. ଯୋଗ୍ୟ ।

ଭାଜି, ଭାଜୀ, ବି. (ଭୃଜ୍ ଧାତୁଜ) ଭଜା; ଶାକବ୍ୟଞ୍ଜନ । ଯେପରି—ଶାଗଭାଜି ।

ଭାଜିତ, ବିଂ. (ଭାଜ୍-ତ) ବିଭକ୍ତ । ବି. ଭାଗ, ଅଂଶ । (ବିଶେଷଣରେ ଭାଜକ ମଧ୍ୟ ହୁଏ ।)

ଭାଜିବା, କ୍ରି. (ଭନ୍ଜ ଧାତୁଜ) ଭଗ୍ନ ହେବା; ନାଶ ହେବା । ଯଥା—
ଟେକ ଓଜ ଭାଜିବ ଅବଶ୍ୟ ଶ୍ରମ କରି । ବି.ଚି.ମ.
(ଭୃଜ୍ ଧାତୁଜ) ଭର୍ଜ୍ଜନ କରିବା । ଯଥା—
ତୋର ମାଂସକୁ ଖାଇବୁ ଭାଜି । ବି. ରା.
(ଦେଶଜ) ପଳାୟନ କରିବା । ଯଥା—
ଦୁର୍ଗମ ପଥ ଏ ଭଜନ,
ଭୟେ ଭାଜିଲେ ଯୋଗିଜନ । ଭ୍ର. ଏ. ସ୍କ.

ଭାଞ୍ଜ, ଭାଁଜ, ବି. (ଦେଶଜ) ଖାଦ ଅର୍ଥାତ୍ ସ୍ୱର୍ଣ୍ଣ ରୌପ୍ୟାଦିରେ ମିଶାଇବା କୁତ୍ସିତ ଧାତୁ । ବିଂ. ନିକୃଷ୍ଟ ।

ଭାଞ୍ଜିବା, କ୍ରି. (ଭନ୍ଜ ଧାତୁଜ) ଭଗ୍ନ କରିବା; ମେଣ୍ଟିବା । ଯଥା—
ବହୁଳ ମାଳିକ ରଞ୍ଜି ଯେ,
ବନ୍ଦନା ଅଛୁ ଶଙ୍ଖ ବୋଲି ଯାହାକୁ
କେ ତାହା ପାରିବ ଭାଞ୍ଜି ଯେ । ବୈ. ବି.

ଭାଟ, ବି. (ଭଝ ଶବ୍ଦଜ) ସ୍ତୁତିପାଠକ; ରାଜଦୂତ; ବର୍ଣ୍ଣସଙ୍କର ଜାତିବିଶେଷ । ଯଥା—
ଦ୍ୱିଜ ଭାଟ ପ୍ରଭୃତିଙ୍କି ଅନ୍ନ ବସ୍ତ୍ର ଦେଲେ । ବେ.ପ.

ଭାଟିଆରି, ବି. ରାଗବିଶେଷ ।

ଭାଟୀ, ବି. ସ୍ତ୍ରୀ. (ଦେଶଜ) ମଦ ପ୍ରଭୃତି ରାନ୍ଧିବା ଚୁଲି; ସ୍ତୂପ, ଗଦା । ଯେପରି—ଇଟାଭାଟି ।

ଭାଡ଼ି, ବି. (ଦେଶଜ) ଗୃହୋପକରଣାଦି ରଖିବା ନିମିତ୍ତ ମଞ୍ଚା ।

ଭାଣ, ବି. (ଭଣ୍=କହିବା-ଅ) ନାଟ୍ୟ ଗ୍ରନ୍ଥବିଶେଷ, ଯହିଁରେ ଏକମାତ୍ର ଅଙ୍କ ଥାଏ; ଛଳ, କପଟ; ଜ୍ଞାନ ।

ଭାଣିଜା, ଭାଣିଜି, ଭାଣିଜୀ, ଭାଣେଜି, } ବି. ସ୍ତ୍ରୀ. (ଭଗିନୀଜା ଶବ୍ଦଜ) ଭଗିନୀର ଝିଅ । ଯଥା—
ଭାଣେଜୀ ତୋର ଏ ଅଟଇ,
ଏହାର ବଧ ନ ଯୋଗାଇ । ଭ୍ର. ଦ. ସ୍କ.

ଭାଣ୍ଡ, ବି. (ଭଣ୍=ଶବ୍ଦ କରିବା-ଡ଼ କିମ୍ବା ଭଣ୍ଡ-ଅ) ପାତ୍ର; ହାଣ୍ଡି; ବାଦ୍ୟଯନ୍ତ୍ର; ମୂଳଧନ; ପୁଞ୍ଜି; ଅଳଙ୍କାର; ଅଶ୍ୱଭୂଷଣ । (ଦେଶଜ) ଶଠ ।

ଭାଣ୍ଡାଗାର, ଭାଣ୍ଡାର, } ବି.(ଭାଣ୍ଡ-ଆଗାର, ଭାଣ୍ଡ-ରା-ଅ) ଭଣ୍ଡାର, ଧନାଗାର ।

ଭାଣ୍ଡିର, ବି. (ଦେଶଜ) ବୃକ୍ଷବିଶେଷ, ବେଲଗଛ । ଯଥା—
କଣ୍ଟକମୟ ଅଟଇ ଶ୍ରୀଫଳ ଭାଣ୍ଡିର,
ପାଦରେ ବାଜିଲେ ଲୋକେ ହୁଅନ୍ତି ଅସ୍ଥିର । ବୃ.ସ୍ତୁ.

ଭାଣ୍ଡୀର, ବି. (ଭାଣ୍ଡ=ପାତ୍ର-ଈର=ଗମନ କରିବା-ଅ) ବଟବୃକ୍ଷ ।

ଭାଣ୍ଡୁଆ, ଭାଡ଼ୁଆ, ବିଂ. (ଦେଶଜ) ଥଟେଲ, ମସ୍କର; କୁତ୍ସିତ (ବ୍ୟକ୍ତି) ।

ଭାତ, ବିଂ. (ଭା=ଦୀପ୍ତି ପାଇବା-ତ) ଦୀପ୍ତିମାନ୍ । ବି. ପ୍ରଭାତ, ପ୍ରାତଃକାଳ । (ଭକ୍ତ ଶବ୍ଦଜ, ପ୍ରାକୃତ ଭତ୍ତ ଶବ୍ଦଜାତ) ବି. ଅନ୍ନ ।

ଭାତି, ବି. ସ୍ତ୍ରୀ. (ଭା-ତି) ଶୋଭା, ଦୀପ୍ତି ।

ଭାତିଆ, ଭାତ୍ୟା, ବି. (ଦେଶଜ) ଖାଦ୍ୟସାମଗ୍ରି; ଖାଦ୍ୟସାମଗ୍ରି କ୍ରୟାର୍ଥ ଦ୍ରବ୍ୟ ।

ଭାଥି, ଭାତା, ଭାତି, } ବି. ସ୍ତ୍ରୀ. (ଭସ୍ତ୍ରା ବା ଭସ୍ତ୍ରୀ ଶବ୍ଦଜ) ଯନ୍ତ୍ର; ଝଁସା ।

ଭାତୁଆ, ବିଂ. (ଦେଶଜ) ଅନ୍ନଦାସ ।

ଭାତୁଡ଼ି, ଭାତୁଡ଼ୀ, ବି. ସ୍ତ୍ରୀ. (ଦେଶଜ) ଦେହରେ ଜନ୍ମିବା ବ୍ରଣାକାର କ୍ଷୁଦ୍ର ମାଂସପିଣ୍ଡ ।

ଭାଦ୍ର, ଭାଦ୍ରପଦ, ବି. ସଂ. ମାସବିଶେଷ ।

ଭାଦ୍ରବ, ବି. (ଭାଦ୍ରପଦ ଶବ୍ଦଜ) ଭାଦ୍ରପଦ ମାସ । ଯଥା—
ଭାଦ୍ରବମାସ କୃଷ୍ଣପକ୍ଷ, ସକଳ ଗ୍ରହେ ଚନ୍ଦ୍ର ଉଚ୍ଚ । ଭା. ଦ. ସ୍କ.

ଭାନ, ବି. (ଦେଶଜ) ଛଳ । ଯଥା—
ଅତି ବିନୟର ଭାନ କରଇ କେ ପୁଣ । ମ. ଯା.
(ଭା=ଦୀପ୍ତି ପାଇବା-ଅନ) ପ୍ରକାଶ; ଶୋଭା ।

ଭାନସ, ବି. (ସମ୍ବଲପୁର ଅଞ୍ଚଳରେ) ପାକ, ରନ୍ଧା, ରାନ୍ଧିବା ।

ଭାନୁ, ବି. ( ଭା = ଦୀପ୍ତି ପାଇବା-ନୁ ) ସୂର୍ଯ୍ୟ; କିରଣ; କାନ୍ତି; ଶିବ; ପ୍ରଭୁ; ରାଜା ।

ଭାବିବା, କ୍ରି. (ଭାବନା ଶବ୍ଦଜ) ଭାବନା କରିବା, ଚିନ୍ତିତ ହେବା; ପଶ୍ଚାତ୍ତାପ କରିବା । ଯଥା— ଯାହା ହେବାର ତ ହୋଇଗଲାଣି, ଆଉ ଭାବିଲେ କଣ ହେବ ।

ଭାମ, ବି. (ଭାମ୍ = କ୍ରୁଦ୍ଧ ହେବା-ଅ) କ୍ରୋଧ; ଭଗିନୀପତି । (ସ୍ତ୍ରୀଲିଙ୍ଗରେ ଭାମା ହୁଏ ।)

ଭାମିନୀ, ବି. ସ୍ତ୍ରୀ. (ଭାମ୍ = କ୍ରୋଧ-ଇନ୍-ଈ, ଅଥବା ଭାମ = କ୍ରୋଧ-ନ, ଅସ୍ତ୍ୟର୍ଥେ-ଈ ) ଅତିକୋପନା ସ୍ତ୍ରୀ; ନାରୀ । (ପୁଂଲିଙ୍ଗରେ ଭାମନ ଓ ଭାମୀ ହୁଏ । )

ଭାର, ବି. (ଭୃ-ଅ) ଗୁରୁତ୍ୱ; ରାଶି, ସମୂହ; ବୋଝ; ପରିମାଣବିଶେଷ ।

ଭାରକୁଣ୍ଡା, ବିଂ. ( ଦେଶଜ ) ଶେଷରେ ବିକାରଯୁକ୍ତ ।

ଭାରଣ୍ଡା, ବି. ସଂ. ଉତ୍ତର କୁରୁଦେଶଜ ପକ୍ଷିବିଶେଷ ।

ଭାରତ, ବି. (ଭରତ-ଅ) ଭାରତବର୍ଷ; ମହାଭାରତ ଗ୍ରନ୍ଥ; ନଟ; ଅଗ୍ନି, ଭରତର ସନ୍ତାନ । ବିଂ. ଭରତବଂଶୀୟ ।

ଭାରତବର୍ଷ, ବି. ( ଭାରତ-ବର୍ଷ ) ସମୁଦ୍ରର ଉତ୍ତର ହିମାଳୟର ଦକ୍ଷିଣସ୍ଥ ଦେଶ ।

ଭାରଡି, ବି. (ଦେଶଜ) କାଣ୍ଡମୁଣା । ଯଥା—

କଟିରେ ଯମଦାଢ଼ ବାନ୍ଧି,
ଶର-ଭାରଡି କାନ୍ଧେ ଛନ୍ଦି । ଦା. ର.

ଭାରତୀ, ବି. ସ୍ତ୍ରୀ. ବାକ୍ୟ, ବଚନ; ସନ୍ନ୍ୟାସିମାନଙ୍କର ଉପାଧିବିଶେଷ; କାବ୍ୟରଚନାର ବୃତ୍ତିବିଶେଷ; ପକ୍ଷିବିଶେଷ; ଭରତ ପକ୍ଷୀ; ସରସ୍ୱତୀ ।

ଭାରଥ, ବି. (ଭାରତ ଶବ୍ଦଜ) ମହାଭାରତ ।

ଭାରଥୋଇ, ବି. (ଦେଶଜ) ବିବାହ ପ୍ରଭୃତିରେ ବନ୍ଧୁବର୍ଗଦତ୍ତ ଦ୍ରବ୍ୟସମ୍ଭାର ।

ଭାରଦା, ବି. (ଭାର୍ଯ୍ୟାଦ ଶବ୍ଦଜ) ଯେଉଁ ବ୍ୟକ୍ତି ନିଜ ସ୍ତ୍ରୀକୁ ପର ପୁରୁଷକୁ ଦିଏ । ଯଥା—

ଧନ ଯେଣୁ ପତ୍ନୀକି କରଇ ଯେତ୍ନ ରତ୍ନ,
ଏ ପୁରୁଷକୁ ଭାରଦା ସଂସାରେ ବୋଲନ୍ତି । ନୃ.ପୃ.ପ୍ର.ତ.

ଭାରଦ୍ୱାଜ, ବି. (ଭରଦ୍ୱାଜ-ଅ) ଭରଦ୍ୱାଜ ମୁନି ବା ଋଷି; ଦ୍ରୋଣାଚାର୍ଯ୍ୟ; ଅଗସ୍ତ୍ୟମୁନି; ପକ୍ଷିବିଶେଷ; ଅସ୍ଥି; ହାଡ଼ । ବିଂ. ଭରଦ୍ୱାଜ ବଂଶ ସମ୍ବନ୍ଧୀୟ ।

ଭାରବାହ୍, ଭାରବାହ, ଭାରବାହକ, ଭାରବାହୀ, ଭାରହର, ଭାରହାର, ଭାରୀ, } ବିଂ. ( ଭାର-ବାହ୍, ବାହ, ବାହକ, ବାହିନ୍, ହର, ହାର, ଭୃ-ଇନ୍ ) ଭାର ବହନକାରୀ; ବୋଝିଆ ।

ଭାରବି, ବି. କିରାତାର୍ଜୁନୀୟ ଗ୍ରନ୍ଥକର୍ତ୍ତା ।

ଭାରା, ବିଂ. (ଭାର ଶବ୍ଦଜ) ଭାରୀ, ଗୁରୁ ।

ଭାରି, ଭାରୀ, ବିଂ. (ଭାର ଶବ୍ଦଜ) ଅଧିକ । ଯଥା—

କେହି ନୁହେ ବୟସରେ ଭାରୀ । ର. କ.

ଦୁର୍ବହ ଅର୍ଥାତ୍ ଭାରି । ଯଥା—

ତନୁତନୁ ଅଙ୍ଗ ତାର ଭାରି ହେଲା ଅଛି । ବୈ. ପ.

ବଡ଼ । ଯଥା—ଭାରି ଉତ୍ସବ । (ଭୃ-ଇ) ବି. ସିଂହ । (ଭାର ଶବ୍ଦଜ) ବୋଝ ।

ଭାରିକ, ବିଂ. ( ଭାର-ଇକ ) ଭାରବାହକ; ଭାରୀ; ଭାରଯୁକ୍ତ ।

ଭାରିଚେମା, ବି. (ଦେଶଜ) ଏକପ୍ରକାର ଖେଳ । (ବଡ଼ଚେମା ଶବ୍ଦ ଦେଖ ।)

ଭାରିଯା, ବି. ସ୍ତ୍ରୀ. (ଭାର୍ଯ୍ୟା ଶବ୍ଦଜ) ମାଇପ । (ଦେଶଜ) କ୍ରି. ପଳାଅ । ଯଥା—

ଭାରିଯା ପିତା ଘରେ ବୋଇଲେ ନିଜ ସାଇଁ ।

ଭାରୁଆ, ଭାରିଆ, } ବି. ( ଭାରବାହକ ଓ ଭାରିକ ଶବ୍ଦଜ) ଯେ ଭାର ବହେ ।

ଭାରୁଣ୍ଡ, ବି. ସଂ. ପକ୍ଷିବିଶେଷ ।

ଭାଟରାଇ, ବି. [ଭାରଦ୍ୱାଜ (ପକ୍ଷିଅର୍ଥବୋଧକ) ଶବ୍ଦଜ] ପକ୍ଷିବିଶେଷ ।

ଭାଟେରଇମଲ, ଭାଠରଇମଲ, ଭାଟେରଇମଲ୍ଲି, } ବି. (ଦେଶଜ) ପ୍ରଧାନ ବୀର । ଯଥା—

ଭାରି ନିବାରିବାକୁ ଭାଟେରଇମଲ୍ଲ ତୁ ସେ । ସା.ଭା.ଆ.
ଭାରତେ ଭାଟରଇମଲ ସେହି ଭୀମସେନ । ସା. ଭା. ସ.

**ଭାର୍ଗବ**, ବି. (ଭୃଗୁ-ଅ) ଶୁକ୍ରାଚାର୍ଯ୍ୟ; ପରଶୁରାମ; ଧନୁର୍ଦ୍ଧାରୀ; ହସ୍ତୀ ।

**ଭାର୍ଗବୀ**, ବି. ସ୍ତ୍ରୀ. (ଭୃଗୁ-ଅ-ଈ) ପାର୍ବତୀ; ଶ୍ରୀ, ଲକ୍ଷ୍ମୀ; ଦୂର୍ବା ।

**ଭାର୍ଜନ**, ବିଂ. (ଭାଜନ ଶବ୍ଦଜ) ଯୋଗ୍ୟ ।

**ଭାର୍ଯ୍ୟା**, ବି. ସ୍ତ୍ରୀ. (ଭୃ-ଯ-ଆ) ପତ୍ନୀ, ଜାୟା ।

**ଭାର୍ଯ୍ୟାଟ**, ବିଂ. (ଭାର୍ଯ୍ୟା-ଅଟ୍ = ଗମନକରିବା-ଅ ଯେ ଭାର୍ଯ୍ୟାଦ୍ୱାରା ଜୀବିକାନିର୍ବାହ କରେ) ଯେ ସ୍ୱସ୍ତ୍ରୀଙ୍କୁ ପର ପୁରୁଷଠାକୁ ଯିବାକୁ ଅନୁମତି ଦିଏ ।

**ଭାଳ**, ବି. (ଦେଶଜ) ବିଚାର । ଯଥା—

ଭାଳ ନାହିଁ ଭାଇ ମୋତେ କଦାଚିତେ । ଦ. ବା.

କ୍ରି. ବିଚାରକର । ଯଥା—

ଏ ଛାନ୍ଦକୁ ଭାଳ, ପ୍ରେମ ବିଯୋଗି ଯୋଗିଜନ ଥାଳ । ବି. ଚି. ମ.

**ଭାଲ**, ବି. (ଭା = ଦୀପ୍ତି ପାଇବା-ଲ) କପାଳ, ଲଲାଟ; ତେଜଃ, ଦୀପ୍ତି ।

**ଭାଳଣା**, ବି. (ଦେଶଜ) ଚିନ୍ତା, ବିଚାର ।

**ଭାଲଦର୍ଶନ**, ବି. ସଂ. ସିନ୍ଦୂର; କପାଳଲୋଚନ ମହାଦେବ ।

**ଭାଲି**, ବି. (ଭଲ୍ଲ ଶବ୍ଦଜ) ଅସ୍ତ୍ରବିଶେଷ । ଯଥା—

ଫିଙ୍ଗିବେ ସେ ଟନସଭାଲି । ସଂ. ସ.

ଏକପ୍ରକାର କାଣ୍ଡ । ଯଥା—

ମୋର ଭାଲି କାଣ୍ଡରେ ମୁଣ୍ଡକୁ ଛିଣ୍ଡାଇ,
ଅର୍ଜୁନ ବାନର ରଥଧ୍ୱଜ ଗଡ଼ୁ ମହୀ । କୃ. ଭା. ବି. ପ.

**ଭାଲିଆ**, **ଭାଲ୍ଲୀ**, ବି. (ଭଲ୍ଲାତକ ଶବ୍ଦଜ) ବୃକ୍ଷବିଶେଷ ।

**ଭାଲିଆଗୁଡ଼ଳ**, **ଭାଲ୍ଲୀଗୁଡ଼ଳ**, ବି. (ଭଲ୍ଲାତକ ଗୁଡ଼ଳ) ଭାଲିଆ (ଲଙ୍କାଆମ୍ବ) ମଞ୍ଜି ପୋଡ଼ି ଛଡ଼ାଇଲେ ଏହା ବାହାରଇ ।

**ଭାଳିବା**, କ୍ରି. (ଦେଶଜ) ଭାବନା କରିବା, ଚିନ୍ତିତ ହେବା ।

**ଭାଳୁଣି**, **ଭାଳେଣି**, ବି. ସ୍ତ୍ରୀ. (ଦେଶଜ) ଚିନ୍ତା, ବିଚାର । ଯଥା—

ଭାଳୁଣିରେ ଦୁଃଖ ଗଲା କି କାହାର । ନ. କେ.
ଅନାଇ ବିଯୋଗୀ କଲେ ମନଇଁ ଭାଳେଣି । ଲ. ବ.

**ଭାଲୁ**, ବି. (ଭଲ୍ଲୂକ ଶବ୍ଦଜ) ଭଲ୍ଲୂକ ।

**ଭଲ୍ଲୂକ**, **ଭଲ୍ଲୁକ**, **ଭାଲୁକ**, **ଭାଲୂକ**, ବି. (ଭଲ୍ଲ୍ = ବଧ କରିବା-ଉକ, ଊକ, ଭଲ୍ = ବଧ କରିବା-ଉକ, ଊକ) ଋକ୍ଷ, ଭାଲୁ ।

**ଭାଲ୍ଲାଖାଇ**, **ଭାଲିଆଖାଇ**, ବି. ସ୍ତ୍ରୀ. (ଦେଶଜ) ପକ୍ଷିବିଶେଷ । ଯଥା—

କୁକ୍‌କୁଟ ଭାଲ୍ଲାଖାଇ ଚରଢ଼ ନୀଳକଣ୍ଠ । ନୃ.ପୂ.ଚ.ଡ.

**ଭାବ**, ବି.(ଭୂ-ଅ) ଉତ୍ପତ୍ତି, ଜନ୍ମ; ସ୍ଥିତି; ବିଭୂତି; ସ୍ୱଭାବ; ଆଶୟ; ଚିତ୍ତ; ମନଃ; ଆତ୍ମା; ମନୋବିକାରବିଶେଷ; କ୍ରିୟା; ଧାତ୍ୱର୍ଥ; ଶରୀରର ଭଙ୍ଗୀ; ବସ୍ତୁ; ଉପଦେଶ; ଅଭିପ୍ରାୟ; ଚେଷ୍ଟା; ଜଗତ୍; ସମ୍ଭାବନା ।

**ଭାବନ**, **ଭାବନା**, ବି. (ଭାବି = ବିଚାର କରିବା, ମିଶ୍ରିତ କରିବା-ଅନ୍ ସ୍ତ୍ରୀ-ଆ) ଚିନ୍ତା; ମନେ ମନେ କଳ୍ପନା; ବିବେଚନା; ଅଭିଷେକ; ମିଶ୍ରଣ; ସଜାଇବା; ପର୍ଯ୍ୟାଲୋଚନା । (ବିଶେଷଣରେ ଭାବିତ ହୁଏ ।)

**ଭାବାର୍ଥ**, ବି. (ଭାବ-ଅର୍ଥ) ଅଭିପ୍ରାୟ; ତାତ୍ପର୍ଯ୍ୟ ।

**ଭାବିନୀ**, ବି. ସ୍ତ୍ରୀ. (ଭାବ-ଇନ୍-ଈ) କାମିନୀ, ପ୍ରିୟା ।

**ଭାବୀ**, ବିଂ. (ଭୂ-ଇନ୍) ଭବିଷ୍ୟତ୍, ଆଗାମୀ ।

**ଭାବୁକ**, ବି. (ଭୂ-ଉକ) ମଙ୍ଗଳ; ଭଗିନୀପତି । ବିଂ. ଭାବଗ୍ରାହକ; ଭାବନାଶୀଳ ।

**ଭାବ୍ୟ**, ବିଂ. (ଭୂ-ଯ) ଭବିତବ୍ୟ, ଯାହା ଅବଶ୍ୟ ହେବ; ସାଧ୍ୟ ।

**ଭାଷଣ**, ବି. (ଭାଷ୍-ଅନ) କଥନ, କହିବା । (ବିଶେଷଣରେ ଭାଷିତ ହୁଏ ।)

**ଭାଷା**, ବି. ସ୍ତ୍ରୀ. (ଭାଷ୍-ଅ-ଆ) ଅର୍ଥଯୁକ୍ତ ଉଚ୍ଚାରିତ ଶବ୍ଦ; କଥା; ଯାହାଦ୍ୱାରା ଲୋକେ କଥାବାର୍ତ୍ତା ହୁଅନ୍ତି ।

**ଭାଷ୍ୟ**, ବି. (ଭାଷ୍-ଯ) ବ୍ୟାଖ୍ୟାନ, ବିବରଣ ଗ୍ରନ୍ଥ; ଗୃହବିଶେଷ; ସୂତ୍ର । ବିଂ. କଥନୀୟ ।

ଭାସ୍, ଭାସସ୍, } ବି. (ଭାସ୍ = ଦୀପ୍ତି ପାଇବା-
ଭାସ୍, ଭାସା, } କ୍ୱିପ୍, ଅସ୍, ଅ, ଆ,) କାନ୍ତି,
ଆଲୋକ । (ବିଶେଷଣରେ ଭାସମାନ ଏବଂ ଭାସୁର ପଦ ସିଦ୍ଧ ହୁଏ ।)

ଭାସନ୍ତ, ବି. (ଭାସ୍-ଅନ୍ତ) ସୂର୍ଯ୍ୟ; ଚନ୍ଦ୍ର; ଭାସପକ୍ଷୀ । ବିଂ. ସୁନ୍ଦର, ମନୋହର । (ନ୍ତୀ, ସ୍ତ୍ରୀ.) ନକ୍ଷତ୍ର ।

ଭାସନ୍ତା, ବିଂ. (ଦେଶଜ) ଯେ ବା ଯାହା ଜଳ ଉପରେ ଭାସେ ।

ଭାସିବା, କ୍ରି. (ଦେଶଜ) ଉଶ୍ୱାସ ଦ୍ରବ୍ୟ ଦ୍ରବ ପଦାର୍ଥ ଉପରେ ରୂଳିତ ହେବା । ବିଂ. ଯାହା ଭାସୁଥାଏ ।

ଭାସ୍କର, ବି.(ଭାସ୍-କର) ସୂର୍ଯ୍ୟ; ଅଗ୍ନି; ସିଦ୍ଧାନ୍ତଶିରୋମଣି ପ୍ରଭୃତି ଜ୍ୟୋତିଷ ଗ୍ରନ୍ଥକର୍ତ୍ତା ଭାସ୍କରାଚାର୍ଯ୍ୟ; ବୀର; ପ୍ରସ୍ତରାଦିରେ ଯେଉଁମାନେ ମୂର୍ତ୍ତି ଓ ଅକ୍ଷରାଦି ଖୋଦିତ କରନ୍ତି; ସୁବର୍ଣ୍ଣ ।

ଭାସ୍ୱର, ବିଂ. (ଭାସ୍-ବର) ଦୀପ୍ୟମାନ, ଦୀପ୍ତିଶୀଳ । ଯଥା—

ପ୍ରଚଣ୍ଡ ପାଣ୍ଡବ ଯୋଧେ ଆୟୁଧ ଭାସ୍ୱର,
ଧରି କ୍ରୋଧେ ମହାଯୁଦ୍ଧେ ଧାଇଁଲେ ସତ୍ୱର । କ. ବ.

ଭିଆଇବା, କ୍ରି. (ଦେଶଜ) ରଚନା କରିବା । ଯଥା—

ଭିଆଇଛୁ ନାନା ବର୍ଣ୍ଣେ ମହୋତ୍ସବ । ନ. କେ.

କରିବା । ଯଥା—

ପରକୀୟ ରସ ଉଲ୍ଲାସ ବିଶେଷ
ହେବାରେ ଭିଆଇଲେ କୃଷ୍ଣ । ବି.ଚି.ମ.

ଭିଆଣ, ବି. (ବିଧାନ ଶବ୍ଦଜ) ରଚନା, ନିର୍ମାଣ । ଯଥା—

କଲେ ନାନା ଉତ୍ସବ ଆନନ୍ଦ ଭିଆଣ । ର. କ.

ଉପାୟ । ଯଥା—

ପ୍ରତିକ୍ଷଣ ହେବ ପାଞ୍ଚିଲେ ପ୍ରତିଶୋଧ ଭିଆଣ । ଚ.ଭା.

ଜମିଦାରୀ ବନ୍ଦୋବସ୍ତ ।

ଭିକ, ଭିଖ, ବି. (ଭିକ୍ଷା ଶବ୍ଦଜ) ଭିକ୍ଷା ।

ଭିକାରି, ଭିଖାରି, ବି. (ଭିକ୍ଷାକାରୀ ଶବ୍ଦଜ ପ୍ରାକୃତ) ଯେ ଭିକ୍ଷା ମାଗେ ।

ଭିକାରୁଣୀ, ଭିଖାରୁଣୀ, ବି. ସ୍ତ୍ରୀ. (ଭିକ୍ଷାକାରିଣୀ ଶବ୍ଦଜ) ଭିକ୍ଷା ମାଗିବା ସ୍ତ୍ରୀ ।

ଭିକ୍ଷା, ବି. ସ୍ତ୍ରୀ. (ଭିକ୍ଷ୍ = ମାଗିବା-ଅ-ଆ) ଯାଚ୍ଞା, ପ୍ରାର୍ଥନା, ସେବା; ଯାଚିତ ବସ୍ତୁ; ଏକଗ୍ରାସ ଅନ୍ନ । (ବିଶେଷଣରେ ଭିକ୍ଷ୍ୟମାଣ ଓ ଭିକ୍ଷିତ ପଦ ସିଦ୍ଧ ହୁଏ ।)

ଭିକ୍ଷାକ, ବିଂ. (ଭିକ୍ଷ୍-ଆକ) ଯାଚକ, ଭିକ୍ଷୁକ ।

ଭିକ୍ଷୁ, ଭିକ୍ଷୁକ, ବି. (ଭିକ୍ଷ୍-ଉ-କ ସ୍ୱାର୍ଥେ) ପରିବ୍ରାଜକ, ଭିକ୍ଷୋପଜୀବୀ, ଚତୁର୍ଥାଶ୍ରମୀ । ବିଂ. ଯାଚକ ।

ଭିଜା, ବିଂ. (ଦେଶଜ) ଓଦା, ଆର୍ଦ୍ର ।

ଭିଜାଇବା, ଭିଜିବା, } କ୍ରି. (ଦେଶଜ)
ଭିଜେଇବା, } ତିନ୍ତାଇବା, ଆର୍ଦ୍ର କରିବା ।

ଭିଜାଣ, ବି. (ଦେଶଜ) ଆର୍ଦ୍ର କରିବା ।

ଭିଜାମାଟି, ବି. (ଦେଶଜ) ଚକଟିବାପାଇଁ ବତୁରାଇଥିବା ମୃତ୍ତିକା ।

ଭିଟାମାଟି, ବି. (ଦେଶଜ) ଗୃହରୁ ଭାଜି ଖସିପଡ଼ିବା ମୃତ୍ତିକା ।

ଭିଡ଼, ବି. (ଦେଶଜ) ଲୋକସମୂହ; ଯାକ । ଯଥା—

ବିକଳଭାବ ନୋହିଲା ଲବ,
ପାଇ ନାବୀ ଭିଡ଼ ପ୍ରଭବ । ବୈ. ବି.

ନିବନ୍ଧ । ଯଥା—

ଯେ ଯେତେ ଅଟେ ତାକୁ କରିବ ତେତେ ଭିଡ଼ ।
ନୃ. ପୁ. ଷ. ତ.

ଭିଡ଼ା, ବି. (ଦେଶଜ) ଯାକିବା । ଯଥା—

କରେ ଧରି ମୂଳେ ଭିଡ଼ା ଭିଡ଼ନ୍ତେ,
ବହୁତ ଉପମା ଜନ୍ମିଲା ଚିତ୍ତେ । ଲ. ବ.

ଦୃଢ଼ରେ ବାନ୍ଧିବା । ଯଥା—

ସିପାହିଏ ତା ଦେଖି ଅଣାଇଣ ଘୋଡ଼ା,
ତା ପିଠିରେ ବାଖର ପକାଇଲେ ଭିଡ଼ା । କୃ.ଭା.ଉ.ପ.

ପୁଞ୍ଜା ବା ସମୂହ । ଯଥା—

ସାଗରରୁ ବାହାରି ଆସି ଭିଡ଼ା ଭିଡ଼ା,
ସେ ବୃକ୍ଷରେ ବାଜୁଅଛନ୍ତି ଲହଡ଼ା । କୃ. ଭା. ଆ. ପ.

ବିଂ. ଗଣ୍ଡ ବା ଠେକ; ଯାହାକୁ ଭଡ଼ି ଥାଆନ୍ତି । ଯଥା—

ଭୀମ ଏବେ ଓଷ୍ଠକୁ କରଣ ଦାନ୍ତଭଡ଼ା । କୃ.ଭୀ.ଉ.ପ.

ଭଡ଼ାଭଡ଼ି, ବି. (ଦେଶଜ) ଅନ୍ୟୋନ୍ୟ ଭଡ଼ିବା; ଅନ୍ୟୋନ୍ୟ ସଂଲଗ୍ନ ହେବା । ଯଥା—

ଶୋଭି ପ୍ରଭାବ ଭଡ଼ାଭଡ଼ି,
ହରଷ ରସ ଜଡ଼ାଜଡ଼ି । କୋ. ବ୍ର. ସୁ.

ଭଲ କରି ଭଡ଼ିବା । ବିଂ. ଯେମାନେ ଅନ୍ୟୋନ୍ୟ ଭଡ଼ିଥାନ୍ତି ।

ଭଡ଼ିବା, କ୍ରି. (ଦେଶଜ) ଆଶ୍ଳେରେ ବାନ୍ଧିବା; ଆକର୍ଷଣ କରିବା; ଆଲିଙ୍ଗନ କରିବା; ଯାକିବା; ନିବନ୍ଧ କରିବା ।

**ଭଡ଼ମ୍ଭ**, ବି. (ଦେଶଜ) ବାଦ୍ୟବିଶେଷ । ଯଥା—

ନଭସାଗରଯାଏ ସେ ବାଜଇ ଭଡ଼ମ୍ଭ । ନୃ.ପୁ.ପ.ଚ.

ଭଣା, ବି. (ଦେଶଜ) ପିଞ୍ଜିବା, ବିଦାରିବା । ବିଂ. ଯାହାକୁ ଭଣିଥାନ୍ତି ବା ବିଦାରିଥାନ୍ତି । ଯଥା—

ବଣିଖେ ତୂଳା ତୂଳା ତନୁ ଭଣା ବାତୁଳା । ବୈ. ବି.

**ଭଣିବା**, କ୍ରି. (ଦେଶଜ) ପିଞ୍ଜିବା କିମ୍ବା ବିଦାରିବା ।

ଭଣୋଇ, } ବି. (ଦେଶଜ) ଭଉଣୀର
ଭେଣୋଇ, } ଭର୍ତ୍ତା, ଭଗିନୀପତି ।

ଭିତ, ଅ. (ଅଭିତଃ କିମ୍ବା ଭିତ୍ତି ଶବ୍ଦଜ) ଆଡ଼, ଦିଗ ।

ଭିତର, ବି. (ଅଭ୍ୟନ୍ତର ଶବ୍ଦର ପ୍ରାକୃତ) । ଅଭ୍ୟନ୍ତର, ମଧ୍ୟଭାଗ । ଯଥା—

ଏଥିରୁ ଥୋକାଏ ବର୍ଷକ ଭିତରେ— । ଦ. ବା.

ଅନ୍ତଃପୁର । ଯଥା—

ମଣି ନବେଶି ନିଜଘରେ,
ଆନନ୍ଦେ ଗଲା ସେ ଭିତରେ । ଭା. ଦ. ସ୍କ.

ଭିତର, ଭିତରି, ବିଂ. (ଦେଶଜ) ଭିତରେ ଥିବା; ଗୋପ୍ୟ ।

ଭିତ୍ତ, ବିଂ. (ଭିଦ୍-ତ) ଖଣ୍ଡ ।

ଭିତ୍ତି, ବି. ସ୍ତ୍ରୀ. (ଭିଦ୍-ତି) ଆବୃତ୍ତି, କାନ୍ଥ; ପ୍ରଭେଦ; ବିଭାଗ; ପ୍ରଦେଶ; ଅବସର ।

ଭିତ୍ତିକା, ବି. ସ୍ତ୍ରୀ. (ଭିତ୍ତି-କ-ଆ) ପ୍ରାଚୀର; ଭିତ୍ତି ।

ଭିଦିର, ଭିଦୁର, ବି. (ଭିଦ୍=ଭେଦ କରିବା-ଇର, ଉର) ବଜ୍ର, ଅଶନି । ବିଂ. ମିଶ୍ର, ଏକଜିତ; ଭେଦଶୀଳ; ଭଙ୍ଗୁର । (ଏହି ଧାତୁରୁ ବିଶେଷ୍ୟରେ ଭେଦ, ଭେଦନ ଏବଂ ବିଶେଷଣରେ ଭେଦକ, ଭେଦ୍ୟ, ଭେଦନୀୟ ଇତ୍ୟାଦି ପଦ ହୁଅନ୍ତି ।)

ଭିଦେଳିମ, ବିଂ. (ଭିଦ୍=ଭେଦ କରିବା-ଏଳିମ) ଭଙ୍ଗୁର, ଭଙ୍ଗଯୁକ୍ତ । ଯଥା—

ପାକ ହଟିଲେ ହୃଦୟେ ହୁଏ ଭିଦେଳିମ,
ଉତ୍କଳଏ ନ ବୁଝନ୍ତି ତା ଗୁଣ ଅସୀମ । ବୃ. ସୁ.

ଭିନ୍ଦିପାଳ, ବି. (ଭିନ୍ଦ୍-ଇ = ଭିନ୍ଦି = ଭେଦନ-ପାଳ୍-ଅ) କ୍ଷେପଣୀୟ ଅସ୍ତ୍ରବିଶେଷ ।

ଭିନ୍ନ, ବିଂ. (ଭିଦ୍-ତ) ଅନ୍ୟ; ବିଦୀର୍ଣ୍ଣ; ବିଶୀର୍ଣ୍ଣ; ଶିଥିଳିତ; ବିଫଳିତ; ମର୍ଦ୍ଦିତ; ଛିନ୍ନ; ଭଗ୍ନ; ଖଣ୍ଡିତ; ନିରସ୍ତ; ପ୍ରତିଫଳିତ; ବିଭକ୍ତ; ବିକସିତ; ମିଶ୍ରିତ; ତ୍ୟକ୍ତ; ସ୍ଖଳିତ; ଲୁଣ୍ଠିତ; ବଦଳିତ; ବହୁଳୀଭୂତ; ସ୍ପଷ୍ଟ ।

ଭିନ୍ନକ, ବି. (ଭିନ୍ନ-କ) କ୍ଷପଣକ; ବୌଦ୍ଧ ।

ଭିସ୍ମା, ବି. ସ୍ତ୍ରୀ. (ଭୀ-ଭୟ କରିବା-ଆ) ଭୟ, ଶଙ୍କା ।

ଭିଲ୍ଲ, ବି. ପୁଂ. ଅସଭ୍ୟ ଜାତିବିଶେଷ, ଭୀଲଜାତି ।

ଭିଲ୍ଲୀ, ବି. ସ୍ତ୍ରୀ. ପୁଂ. ଲୋଧ୍ରବୃକ୍ଷ; ଭୀଲଜାତି ସ୍ତ୍ରୀ ।

ଭିଷକ, ଭିଷଜ, ବି. (ଭିଷ୍=ରୋଗ ପ୍ରତିକାର କରିବା-ଅଜ୍) ବୈଦ୍ୟ, ଚିକିତ୍ସକ ।

ଭିସ୍ତି, ବି. ସ୍ତ୍ରୀ. (ଭିସ୍ତା ଶବ୍ଦଜ) ଝରିପ୍ରାୟ ଜଳପାନବିଶେଷ ।

ଭୀ, ଭୀତି, ବି. ସ୍ତ୍ରୀ. (ଭୀ=ଭୀତ ହେବା-କ୍ୱିପ୍, ତି) ଭୟ, ତ୍ରାସ । (ବିଶେଷଣରେ ଭୀତ ହୁଏ ।)

ଭୀମ, ବି. (ଭୀ=ଭୀତ ହେବା-ମ) ମଧ୍ୟମ ପାଣ୍ଡବ; ଭୟାନକ ରସ । ବିଂ. ଭୀଷଣ, ଭୟାନକ । (ମା, ସ୍ତ୍ରୀ.) ଦୁର୍ଗା ।

ଭୀମନାଦ, ବି. (ଭୀମ=ଭୟାନକ-ନାଦ) ସିଂହ; ଭୟାନକ ଶବ୍ଦ ।

ଭୀମା, ବି. (ଭୀମ ଶବ୍ଦର ଅପଭ୍ରଂଶ) ଭୀମସେନ । ଯଥା—
ହିମାଣି ଖେଳନ୍ତି ଭୀମା ତ ଲଗି ଲଗି ଗୋଲ । ନୃ.ପୃ.ସ.ଚ.

ଭୀରୁ, ବିଂ. (ଭୀ=ଭୀତ ହେବା-ରୁ) ଭୟସ୍ତ, ଭୀତସ୍ୱଭାବ । ବି. ଶୃଗାଳ; ବ୍ୟାଘ୍ର । (ସ୍ତ୍ରୀ.) ସ୍ତ୍ରୀବିଶେଷ ।

ଭୀରୁକ, ଭୀଲୁକ, ବିଂ. (ଭୀ-ରୁକ, ଲୁକ) ଭୟଯୁକ୍ତ, କାତର । ବି. ପେଚକ; ଶୃଗାଳ; ଭଲ୍ଲୂକ; ବନ ।

ଭୀଷଣ, ବିଂ. (ଭୀ-ଣିଚ୍-ଅନ) ଭୟଙ୍କର; ଦାରୁଣ; ଦୃଢ଼ । ବି. ଶିବ; ଭୟାନକ ରସ; ଭୟ; କପୋତ; ଭୟପ୍ରଦର୍ଶନ ।

ଭୀଷା, ବି. ସ୍ତ୍ରୀ. ସଂ. ଭୟପ୍ରଦର୍ଶନ ।

ଭୀଷ୍ମ, ବି. (ଭୀ-ମ, ଷ ଆଗମ) ଶାନ୍ତନୁ ରାଜାଙ୍କ ପୁତ୍ର । ବିଂ. ଭୟଙ୍କର ।

ଭୁଆ, ବି. (ଦେଶଜ) ଅଣ୍ଡିରା ବିରାଡ଼ି । ଯଥା—
ନ ପାର ଭୁଆ ମୂଷାମାନଙ୍କୁ ଗ୍ରାସ କର । କୃ.ଖ.ଢ଼.ପ.

ଭୁଆସୁଣୀ, ବି. ସ୍ତ୍ରୀ. (ବହୁସୂନା ଶବ୍ଦଜ ହୋଇପାରେ ଅର୍ଥାତ୍ ବହୁପୁଷ୍ପବତୀ) କୁଳବଧୂ, କୁଳଯୁବତୀ ।

ଭୁଆସୁଣୀଯିବା, କ୍ରି. (ଗଡ଼ଜାତ ଶବ୍ଦ) ପତ୍ନୀର ପାଳି ଶ୍ୱଶୁର ଘରକୁ ଯିବା ।

ଭୁଇଁ, ଭୂଇଁ, ବି. ସ୍ତ୍ରୀ. (ଭୂମି ଶବ୍ଦଜ) ଭୂମି; କ୍ଷେତ୍ର ।

ଭୁଇଁକଖାରୁ, ବି. (ଭୂମିକର୍କାରୁ ଶବ୍ଦଜ) ଔଷଧ କନ୍ଦବିଶେଷ ।

ଭୁଇଁଚମ୍ପା, ବି. (ଭୂମିଚମ୍ପକ ଶବ୍ଦଜ) ପୁଷ୍ପବିଶେଷ ।

ଭୁଇଁଜାମୁ, ଭୂମିଜାମୁ, } ବି. (ଭୂମିଜମ୍ବୁ ଶବ୍ଦଜ) ଏକପ୍ରକାର ଜାମ୍ବ ।

ଭୁଇଁଦଅଣ, ବି. (ଭୂମିଦଳନ ଶବ୍ଦଜ, ପ୍ରାକୃତ) ଭୂମୀ ରଜସ୍ୱଳା ହେବା ପରଦିନ ।

ଭୁଇଁଫୁଲ, ବି. (ଭୂମି-ଫୁଲ୍ଲ ଶବ୍ଦଜ) ଛତୁ ।

ଭୁକ୍, ବିଂ. (ଭୁଜ୍=ଭୋଜନ କରିବା-କ୍ୱିପ୍) ଭୋକ୍ତା । (ଅନ୍ୟ ଶବ୍ଦ ପରେ ବ୍ୟବହୃତ ହୁଏ) ଯେପରି—ବଳିଭୁକ୍, ଆଖୁଭୁକ୍ ଇତ୍ୟାଦି ।

ଭୁକା, ବି. (ବୁକ ଧାତୁଜ) କୁକ୍କୁରର ରଡ଼ି; ଉଚ୍ଚ ଅନର୍ଥ ପ୍ରଳାପ ।

ଭୁକିବା, କ୍ରି. (ବୁକ୍କ ଧାତୁଜ) କୁକ୍କୁର ପ୍ରଭୃତି ରଡ଼ିବା; ଉଚ୍ଚ ଅନର୍ଥ ପ୍ରଳାପ କରିବା । (ଦେଶଜ) ପାଷାଣାଦିରେ ଶସ୍ତ୍ରାଦିଦ୍ୱାରା କ୍ଷତ କରିବା । ଯଥା—ଶସ୍ତ୍ର ଭୁକିଲା ନାହିଁ ଅର୍ଥାତ୍ କ୍ଷତ କରି ପାରିଲା ନାହିଁ ।

ଭୁକ୍ତ, ବିଂ. (ଭୁଜ୍-ତ) ଭକ୍ଷିତ; ଉପଭୁକ୍ତ; ଅନ୍ତର୍ଗତ । ଯଥା—ଏହା ମୋ ଅଧିକାରଭୁକ୍ତ । (ଭୁକ୍ତି-ସ୍ତ୍ରୀ.) ବି. ଭୋଜନ; ଭୋଗ ।

ଭୁକ୍ତପାଚ, ବି. (ଦେଶଜ) ଆଗମନ । ଯଥା—
ଗୁରୁଙ୍କ ପ୍ରସାଦ ମାଗି ଭୁକ୍ତପାଚ କଲେ,
ପାଦ ବେନି ଧରି ମହାମନ୍ତ୍ର ପଚାରିଲେ । ନୃ.ପୃ.ପ୍ର.ଭ.

ଭୁକ୍ତଭୋଗ, ବିଂ. (ଭୁକ୍ତ-ଭୋଗ) କୃତଭୋଗ । (କର୍ମଧାରୟ ସମାସରେ ବିଶେଷ୍ୟ ହେବ ।)

ଭୁକ୍ତଭୋଗୀ, ବିଂ. (ଭୁକ୍ତଭୋଗ-ଇନ୍) ଯେ ଭୋଗ କରିଅଛି ।

ଭୁକ୍ତିବା, କ୍ରି. (ଭୁଜ୍ ଧାତୁଜ) ଭୋଗ କରିବା । ଯଥା—
ବିଭୂତିକି ଭୁକ୍ତି ଥିଲୁ ବିଭୂତିଭୂଷଣେ । ବୈ.ବି.

ଭୁଗା, ବି. (ସମ୍ବଲପୁର ଅଞ୍ଚଳରେ) ବଡ଼ ପାଚ୍ଛିଆ ।

ଭୁଗାଇ, ଭୁଗୈ, ବି. (ଦେଶଜ) ବଂଶନିର୍ମିତ ଶ୍ରେଷ୍ଠ ପାତ୍ର । ଯଥା—ପିଲାକୁ ଭୁଗୈରେ ଭୁଜା ଦିଅ ।

ଭୁଗ୍ନ, ବିଂ. (ଭୁଜ୍=କୁଟିଳ ହେବା-ତ) ବକ୍ର, ବଙ୍କା; ନତ; କୁବ୍ଜୀକୃତ ।

ଭୁଜ, ଭୁଜା, ବି. (ଭୁଜ୍=ଭୋଜନ କରିବା-ଅ, ସ୍ତ୍ରୀ-ଆ) ବାହୁ; ହସ୍ତ; ଭୁଜପତ୍ର; ଧନୁକର ଆକୃତି; ଗୋଲାକାର ବସ୍ତୁ; ତ୍ରିକୋଣାଦି କ୍ଷେତ୍ରର ରେଖାବିଶେଷ; ବାହୁ । ଯଥା—
ସେ ବେଢେ ଭୁଜରେ ନ ଜାଣି ମମ ସନ୍ଧୀତା
ଭୁଜାପାଳକ । ଜା.ପ.ନା.

ଭୁଜଗ, ଭୁଜଙ୍ଗ, ଭୁଜଙ୍ଗମ, } ବି. (ଭୁଜ-ଗମ୍-ଅ, ବିକଳ୍ପେ ମ ଆଗମ) ସର୍ପ; ଫଣୀ; ଷିଡ୍ଗ ବା ବିଟ । (ଭୁଜଙ୍ଗଃ ପନ୍ନଗେ ଷିଡ଼୍ଗେ--ଅମର)

ଭୁଜଙ୍ଗଭୁକ୍, ବି. (ଭୁଜଙ୍ଗ-ଭୁଜ୍=ଖାଇବା-କ୍ୱିପ୍) ଗରୁଡ଼; ମୟୂର ।

ଭୁଜା, ବି. (ଭୃଷ୍ଟ ଶବ୍ଦଜ) ଚୁଡ଼ା, ମୁଢ଼ି ପ୍ରଭୃତି; ଖାଦ୍ୟଦ୍ରବ୍ୟବିଶେଷ ।

ଭୁଜାନ୍ତର, ବି. (ଭୁଜ-ଅନ୍ତର) ବକ୍ଷଃସ୍ଥଳ; ଅନ୍ୟ ଭୁଜ ।

ଭୁଜିଷ୍ୟ, ବି. (ଭୁଜ୍-ଖାଇବା-ଇଷ୍ୟ) ଦାସ, ଭୃତ୍ୟ; ହସ୍ତସୂତ୍ର ।

ଭୁଜୁଣି, ଭୁଞ୍ଜୁଣି, ଭୋଜନ, } ବି. (ଭୁଞ୍ଜାନ ଶବ୍ଦଜ) ଦକ୍ଷିଣ । (ହସ୍ତ ଶବ୍ଦ ସହ ପ୍ରଯୋଜ୍ୟ) ଯେପରି—ଭୁଜୁଣି ହାତ ।

ଭୁଞ୍ଜକ, ବି. (ଦେଶଜ) ଉପପତି ।

ଭୁଞ୍ଜା, ବି. (ଭୁନ୍‌ଜ୍ ଧାତୁଜ) ଭୋଗ; ଭୋଜନ; ଯେ ଭୋଗ କରେ; ଯେ ଭୋଜନ କରେ । ଯଥା—

ଗୋବିନ୍ଦର ମକରନ୍ଦ ରସଭୁଞ୍ଜା ଭ୍ରାତ,
ବଳିଷ୍ଠ ବଣୁଅଛୁ ଦେଖିଲେ ଭୋଇସାତ । ନୃ.ପୁ.ଦ୍ୱି.ତ.

ଭୁଞ୍ଜାଇବା, କ୍ରି. (ଭୁନ୍‌ଜ୍ ଧାତୁଜ) ଖୁଆଇବା; ଭୋଗ କରାଇବା ।

ଭୁଞ୍ଜାନ, ବିଂ. (ଭୁନ୍‌ଜ୍-ଆନ) ଭୋଗକାରୀ ।

ଭୁଞ୍ଜାଭୁଞ୍ଜି, ବି. (ଭୁନ୍‌ଜ୍ ଧାତୁଜ) ଅନ୍ୟୋନ୍ୟ ଖୁଆଇବା; ସମ୍ୟକ୍ ଖାଇବା ।

ଭୁଞ୍ଜିବା, କ୍ରି. (ଭୁନ୍‌ଜ୍ ଧାତୁଜ) ଖାଇବା; ଭୋଗ କରିବା । ଯଥା—

ନିଜ ଘର ସୁଖ ଭୁଞ୍ଜିବାକୁ ଘରେ ଇଚ୍ଛା ଯେବେ,
କର ଯବନ ଦୂର । କ. ବ.

ଭୁଠ, ବି. (ଦେଶଜ) ମକା ।

ଭୁଠଭାଠ, ବି. (ଦେଶଜ) ପ୍ରକାଶ; ଗୁପ୍ତ କଥୋପକଥନ ।

ଭୁଠୁରି, ବି. (ଦେଶଜ) ଭଣ୍ଡିବା । ବିଂ. ଯେ ଭଣ୍ଡଇ ।

ଭୁଡଙ୍ଗ, ଭୁଡୁଙ୍ଗ, ବି. (ଦେଶଜ) ତୂରୀବାଦ୍ୟ ।

ଭୁଡଙ୍ଗିଆ, ଭୁଡୁଙ୍ଗିଆ, } ବି. (ଦେଶଜ) ଭେରୀ ବା ତୂରୀ ବଜାଇବା ଲୋକ ।

ଭୁଡ଼ି, ବି. (ଦେଶଜ) ଅନ୍ତ ବା ନାଡ଼ୀ ।

ଭୁଡ଼ୁଭୁଡ଼ୁ, ଅ. (ଦେଶଜ) ଅନୁକରଣ ଶବ୍ଦବିଶେଷ ।

ଭୁଡ଼ୁଭୁଡ଼ୁକା, ଭୁଡ଼ୁଭୁଡ଼ୁ, ବୁଡ଼ୁବୁଡ଼ୁକା, ବୁଡ଼ୁବୁଡ଼ୁ, } ବି. (ବୁଦ୍‌ବୁଦ ଶବ୍ଦଜ) ବୁଦ୍‌ବୁଦ ।

ଭୁଚଡ଼େ, ଭଚଡ଼େ, କ୍ରି. ବିଂ. (ଦେଶଜ) ପାଦେ, ଚକେ । ଯଥା—

ବାଇଶି ପାବଚ୍ଛ ଗୁଡ଼ି ଖୁଲିଗଲେ ଭୁଚଡ଼,
ଯାତ୍ରିମାନେ ପଡ଼ିଯାନ୍ତି ସେବକ ହାବୁଡ଼େ । ଜ.ଭ୍ର.

ଭୁଣ୍ଡା, ବିଂ. (ଦେଶଜ) ସ୍ଥୂଳ, ମାଂସଳ । ଯଥା—

ଭୁମ୍ବ ବୃକ୍ଷଦଳମାନ ଗୋ ପଶୁ କବଳ,
କୁଣ୍ଡା ଖାଇ ଭୁଣ୍ଡା ଦେହ ହୁଅନ୍ତି ପ୍ରବଳ । ବୃ. ସ୍ତୁ.

ଭୁଣ୍ଡି, ବି. (ଦେଶଜ) ଭଣ୍ଡି; ଅଗ୍ରଭାଗ । ଯେପରି—ଫଳୁଆଭୁଣ୍ଡି ।

ଭୁତ, ବି. (ଭୂତ ଶବ୍ଦର ଅପଭ୍ରଂଶ) ପ୍ରେତ ।

ଭୁତା, ବିଂ. (ଦେଶଜ) ଉଲୁ, ବୁଦ୍ଧିହୀନ ।

ଭୁନି, ବି. (ଦେଶଜ) ବିଧବାର ବସ୍ତ୍ରବିଶେଷ ।

ଭୁୟାଁ, ଭୁୟାଁ, ଭୁଇଁଆ, } ବି. (ଦେଶଜ) ପାର୍ବତ୍ୟ ଜାତିବିଶେଷ । ଯଥା—

ଅନଳ ଲଗାଇ ହୋଇଥିବେ ମତ୍ତ
ସଙ୍ଗୀତେ ଭୁୟାଁ ପ୍ରମଦା । ପାର୍ବତ୍ୟ ।

ଅଧୀନରାଜା । ଯଥା—

ମନ୍ତ୍ରୀବର ବଚନେ ଭୁୟାଁରାଜାଗଣ,
ଝୁରଣ ରାଜା ଆସନ୍ତି କୃପାଣ କରେଣ । ସା. ଖ. ସ.

ଭୁରି, ବି. (ଦେଶଜ) ଗୁଡ଼ବିକାର ।

ଭୁରି, ଭୁରି, ବି. (ଦେଶଜ) ଦକ୍ଷିଣା । ଯଥା—

ଅନେକ ସମ୍ଭାବନା କଲେ,
ଭୁରିଭୋଜନ ତାଙ୍କୁ ଦେଲେ । ଦା. ର.

ଭୁରୁଡ଼ାଇବା, ଭୁରୁଡ଼ିବା, ଭୁରୁଡ଼େଇବା, } କ୍ରି. (ଦେଶଜ) ଭଣ୍ଡିବା । ଯଥା—

ପୁଣି ଦୂତ ଆଗେ ଭୁରୁଡ଼ାଇ କଥା,
ହସିକରି କହିଲେ ଦ୍ରୁପଦ ମହାରଥା । କୃ. ଖ. ଉ. ପ.

ଭୁରୁଡ଼ୁ, ଭୁରୁଡ଼ା, ଭୁରୁଡ଼ି, } ବି. (ଦେଶଜ) ଠକ ।

ଭୁଲ, ଭୁଲୁ, ବି. (ପ୍ରାକୃତ ଭୁଲ୍ଲ ଶବ୍ଦଜ) ବିସ୍ମରଣ; ଭ୍ରମ ।

ଭୂଲଣା, ବି. (ଦେଶଜ) ଭୂଲଇବା; ବିସ୍ମରଣ; ଭ୍ରମ ।

ଭୂଲତା, ବି. ସ୍ତ୍ରୀ. (ଭ୍ରୂଲତା ଶବ୍ଦଜ) ଆଖିର ଉପରିଭାଗରେ ଥିବା ରୋମରେଖା । ଯଥା—
ତୁ ଦେବ ଅଯୋନିସମ୍ଭୂତ,
ବ୍ରହ୍ମାଙ୍କ ଭୂଲତାରୁ ଜାତ । ମା. ମା.

ଭୂଲାଇବା, କ୍ରି. (ପ୍ରାକୃତ ଭୂଲ୍ଲ ଶବ୍ଦଜ) ଭ୍ରମାଇବା । ଯଥା—
ବଡ଼ପଣ ଦେଖୁ ସିନା ଭୂଲାଇ । ବି. ଚ. ମ.

ଭୂଲିବା, କ୍ରି. (ପ୍ରାକୃତ ଭୂଲ୍ଲ ଶବ୍ଦଜ) ଭ୍ରାନ୍ତ ହେବା । ଯଥା—
ଭୂଲେ ତୋ ରୂପେ ମୋର ମାନସ । ବୈ. ବି.
ପାସୋରିବା । ଯଥା—
ପ୍ରବଳ ମଦନ ଦର୍ପ ଅଟେ ଏ କାଳରେ,
ଧନ ଦେଖିଲେ କି ତାହା କିଏ ଭୂଲି ପାରେ । ବେ. ପ.

ଭୂବନ, ବି. (ଭବନ୍ତି ସର୍ବମନେନେତି ଭୁବନଂ, ଭବନ୍ତ୍ୟସ୍ମିନ୍ନିତି ଭୁବନଂ, ଭୂସତ୍ତାୟାଂ, ଭୂ-ଅନ, ନିପାତନ) ଜଗତ୍, ସପ୍ତପାତାଳ ଓ ସପ୍ତସ୍ୱର୍ଗ ଏହି ଚତୁର୍ଦ୍ଦଶ ଭୁବନ; ଜଳ; ଆକାଶ ।

ଭୂବନେଶ୍ୱର, ବି. (ଭୁବନ-ଈଶ୍ୱର) ପୁରୀଜିଲ୍ଲାସ୍ଥ ଶିବକ୍ଷେତ୍ରବିଶେଷ; ଲିଙ୍ଗରାଜ ମହାପ୍ରଭୁ । (ସ୍ତ୍ରୀ-ଈ) ମହାବିଦ୍ୟା ମଧ୍ୟରେ ଦେବୀବିଶେଷ; ନନ୍ଦସଙ୍ଖ୍ୟକ କାଶ୍ୟପାନ୍ୱୟମାନଙ୍କର ଇଷ୍ଟଦେବତା ।

ଭୂଶୁଣ୍ଡୀ, ବି. ସ୍ତ୍ରୀ. ସଂ. ଆଗ୍ନେୟ ଅସ୍ତ୍ରବିଶେଷ । (ଦେଶଜ) ଅପରିଷ୍କୃତା ପୃଥୁଳା ସ୍ତ୍ରୀ । ଯଥା—
ରନ୍ଧନ ଗୃହରେ ପଶି ଭୂଶୁଣ୍ଡୀ,
ଗୋଟା ଗୋଟା କରି ଖୋଜଇ ହାଣ୍ଡି । ହା. ଚ.

ଭୂଷଣ୍ଡି, ଭୂସଣ୍ଡି, ବି. ସଂ. ଅସ୍ତ୍ରବିଶେଷ । (ଗୁର୍ବଣ୍ଡି ଶବ୍ଦ ଦେଖ ।)

ଭୂଷା, ଭୂସା, ବି. (ଦେଶଜ) ପ୍ରହାର । ଯଥା—
ଏ ଭଗେ ଭୂଷୁଣୀ ସେ ଭଗେ ଚଷା,
କାର୍ତ୍ତିକ ମାଇଲେ କୂଆଳ ଭୂଷା । ହା. ଚ.

ଭୂଷି, ଭୂସି, ଭୂଷ, ବି. (ବୁଷ ଶବ୍ଦଜ) ଯବଗୋଧୂମାଦିର ଚୋପା; ତଷୁ ।

ଭୂଷିବା, ଭୂସିବା, କ୍ରି. (ଦେଶଜ) କେଞ୍ଚିବା ଅର୍ଥାତ୍ ଶୂଳାଦି ପ୍ରହାରିବା । ଯଥା—
କେ ଅବା ଉନ୍ମାଦଶୂନ୍ୟେ ଭୂଷଇ ତ୍ରିଶୂଳ । ବେ. ସଂ.

ଭୂଷୁଡ଼ିବା, ଭୂଷୁଳିବା, କ୍ରି. (ଦେଶଜ) ହଠାତ୍ ବିଧ୍ୱସ୍ତ ହୋଇ ପଡ଼ିବା; ନଷ୍ଟହେବା । ଯଥା—
ଭୂଷୁଡ଼ିବତି ସତୀବ୍ରତ ନିୟମ ଧୃତ । କ. ଚ. ଚ.

ଭୂଷୁଣ୍ଡା, ବିଂ. (ଦେଶଜ) ଅପରିଷ୍କୃତ ଓ ପୃଥୁଳ ବ୍ୟକ୍ତି ।

ଭୂଷୁଭୂଷୁ, ଭୂସୁଭୂସୁ, ଅଂ. (ଦେଶଜ) ଦ୍ରବପଦାର୍ଥାଦି ପଡ଼ିବାର ଅନୁକରଣ ଶବ୍ଦବିଶେଷ ।

ଭୂ, ବି. ସ୍ତ୍ରୀ. (ଭୂ = ହେବା-କ୍ୱିପ୍) ପୃଥିବୀ; ସ୍ଥାନ; ଆଧାର; ଯଜ୍ଞାଗ୍ନି । ଅଂ. ପାତାଳ ।

ଭୂଅ, ବି. (ବ୍ୟୂହ ଶବ୍ଦଜ) ବ୍ୟୂହ ।

ଭୂକମ୍ପ, ବି. (ଭୂମି-କମ୍ପ) ପୃଥିବୀର କମ୍ପନ ।

ଭୂକାକ, ବି. ସଂ. ନୀଳବର୍ଣ୍ଣ କପୋତ ।

ଭୂକେଶ, ବି. (ଭୂ-କେଶ) ଶୈବାଳ; ବଟବୃକ୍ଷ । (ଶୀ-ସ୍ତ୍ରୀ.) ରାକ୍ଷସୀ ।

ଭୂଗର୍ଭ, ବି. (ଭୂ-ଗର୍ଭ) ଭବଭୂତି କବି; ଭୂମିର ଅଭ୍ୟନ୍ତର ଭାଗ ।

ଭୂଗୋଳ, ବି. (ଭୂ-ଗୋଳ) ଭୂମଣ୍ଡଳ; ଯେଉଁ ଶାସ୍ତ୍ରଦ୍ୱାରା ପୃଥିବୀର ଉପରିଭାଗର ସବିଶେଷ ବୃତ୍ତାନ୍ତ ଜଣାଯାଏ ।

ଭୂଚିତ୍ର, ବି. (ଭୂ-ଚିତ୍ର) ପୃଥିବୀର ମାନଚିତ୍ର, ମ୍ୟାପ୍ ।

ଭୂଚ୍ଛାୟା, ବି. ସ୍ତ୍ରୀ. (ଭୂ-ଛାୟା) ଅନ୍ଧକାର ।

ଭୂତ, ବି. (ଭୂ-ତ) ପିଶାଚ; ଶିବଙ୍କ ଅନୁଚର; ପୃଥିବୀ, ଜଳ, ଅଗ୍ନି, ବାୟୁ, ଆକାଶ ଏହି ପାଞ୍ଚ; ଜନ୍ତୁ; ସତ୍ୟ; ତତ୍ତ୍ୱାନୁସନ୍ଧାନ; ଚେତନପଦାର୍ଥ, ପ୍ରାଣୀ । ଯଥା—
ନ ଥିଲା ଧରଣୀ ଏହି ଭୂତ ନିକେତନ । କ. ବ.
ବିଂ. ଉତ୍ପନ୍ନ; ଅତୀତ; ଲବ୍ଧ; ଜ୍ଞାତ; ସତ୍ୟ; ଉଚିତ; ତୁଲ୍ୟ; ସ୍ୱରୂପ ।

ଭୂତକାଳ, ବି. ସଂ. ଅତୀତକାଳ ।

ଭୂତଧାତ୍ରୀ, ବି. ସ୍ତ୍ରୀ. ସଂ. ଧରଣୀ, ପୃଥିବୀ । ଯଥା—

ଭୂତଧାତ୍ରୀ ମାତ ବସୁଧେ ଦ୍ୱିଧା ହୁଅ ରୁ ଲଭେ ।

ଭୂତନାଥ, ଭୂତେଶ, ବି. (ଭୂତ-ନାଥ, ଈଶ) ଶିବ ।

ଭୂତପୂର୍ବ, ବିଂ. ଯାହା ପୂର୍ବରେ ଥିଲା ।

ଭୂତଭାବନ, ବି. (ଭୂତ-ଭୂ-ଣିଚ୍-ଅନ) ସୃଷ୍ଟିକର୍ତ୍ତା ।

ଭୂତଳ, ବି. (ଭୂ-ତଳ) ପାତାଳ; ଧରାତଳ; ପୃଥିବୀର ଉପରଭାଗ । ଯଥା—

ତେଜି ସିଂହାସନ କଲେ ଭୂତଳେ ଶୟନ,<br>ସ୍ପୃଷ୍ଟି ଲଙ୍କପତି ବୀର ନିକଷାନନ୍ଦନ । କ. କୁ.

ଭୂତି, ବି. ସ୍ତ୍ରୀ. (ଭୂ = ହେବା-ତି) ଶିବଙ୍କର ଅଣିମାଦି ଅଷ୍ଟବିଧ ଐଶ୍ୱର୍ଯ୍ୟ; ଭସ୍ମ; ମହିମା; ସମ୍ପତ୍ତି; ସିଦ୍ଧି; ଉତ୍ପତ୍ତି; ଅଭ୍ୟୁଦୟ; ମଙ୍ଗଳ; ଉତ୍କର୍ଷ; ମାତଙ୍ଗର ସିନ୍ଦୂରାଦି ସଜ୍ଜା ବା ରଚନ । (ଦେଶଜ) ମୂଲ୍ୟ, ମୂଲ ।

ଭୂତେଶ, ବି. (ଭୂତ-ଈଶ) ଶିବ ।

ଭୂଦାର, ବି. (ଭୂ = ଭୂମି-ଦୃ = ବିଦାରଣ କରିବା-ଅ) ବରାହ, ଶୂକର ।

ଭୂଦେବ, ଭୂସୁର, ବି. ( ଭୂ-ଦେବ, ସୁର ) ବ୍ରାହ୍ମଣ ।

ଭୂଧର, ବି. (ଭୂ-ଧୃ-ଅ) ଅନନ୍ତଦେବ; ଯନ୍ତ୍ରବିଶେଷ; ପର୍ବତ । ଯଥା —

ସାଗର ବକ୍ଷରେ ଭୂଧର କନ୍ଦରେ,<br>ସର୍ବତ୍ର ଶ୍ୱେତାଙ୍ଗେ ବିହରନ୍ତ ରଙ୍ଗେ । କ. ବ.

ଭୂପ, ଭୂପତି, ଭୂପାଳ, ଭୂଭୁଜ୍, ଭୂଭୁକ୍, } ବି. (ଭୂ-ପ, ପତି, ପାଳ, ଭୂ-ଭୁଜ୍-କ୍ୱିପ୍) ରାଜା, ନୃପ ।

ଭୂଭୃତ୍, ବି. (ଭୂ-ଭୃ = ଧାରଣ ଓ ପୋଷଣ କରିବା-କ୍ୱିପ୍) ପର୍ବତ; ରାଜା ।

ଭୂମି, ଭୂମୀ, ବି. ସ୍ତ୍ରୀ. (ଭୂ-ମି-ଈ) ପୃଥିବୀ; ସ୍ଥାନ; କ୍ଷେତ୍ର; ଆଧାର; ଆକର; ଜିହ୍ୱା ।

ଭୂମିକା, ବି. ସ୍ତ୍ରୀ. (ଭୂମି = ସ୍ଥାନ-କ-ସ୍ୱାର୍ଥେ-ଆ) ବେଶଧାରଣ; ରୂପାନ୍ତରପରିଗ୍ରହ; ଗ୍ରନ୍ଥର ଆଭାସ; ରଚନା; ବକ୍ତବ୍ୟ ବିଷୟର ସୂଚନା ।

ଭୂମିପିଶାଚ, ବି. ସଂ. ତାଳବୃକ୍ଷ ।

ଭୂମିରୁହ, ଭୂରୁହ, ବି. (ଭୂମି, ଭୂ-ରୁହ୍ = ଜନ୍ମିବା-ଅ) ବୃକ୍ଷ, ଗଛ ।

ଭୂମିଷ୍ଠ, ବିଂ. (ଭୂମି-ସ୍ଥା-ଅ) ପ୍ରଣତ; ଭୂମିରେ ପତିତ; ଭୂମିରେ ସ୍ଥିତ; ଜାତ, ଉତ୍ପନ୍ନ ।

ଭୂୟଃ, ବିଂ. (ଭୂୟସ୍ = ବହୁ-ଈୟସ୍-ଅତ୍ୟର୍ଥେ, ବହୁ = ଭୂ, ଈ ଲୋପ) ବହୁତର, ଅଧିକ । ବି. ବାହୁଲ୍ୟ, ଆଧିକ୍ୟ । ଅଂ. ପୁନଃପୁନଃ, ବାରମ୍ବାର ।

ଭୂୟିଷ୍ଠ, ବିଂ. (ବହୁ-ଇଷ୍ଠ, ଅତ୍ୟର୍ଥେ) ପ୍ରଚୁର, ବହୁଳ, ଅଧିକ ।

ଭୂରି, ବିଂ. ଅଂ. (ଭୂ = ହେବା-ରି) ଅନେକ, ଅଧିକ । ବି. ସୁବର୍ଣ୍ଣ; ବ୍ରହ୍ମା; ବିଷ୍ଣୁ; ଶିବ ।

ଭୂରିଶଃ, କ୍ରି. ବିଂ. (ଭୂରି-ଶସ୍-ବାରାର୍ଥେ) ଭୂରି, ବହୁ; ବହୁବାର ।

ଭୂର୍ଲୋକ, ଭୂଲୋକ, ବି. (ଭୂର୍ = ଭୂମି-ଲୋକ) ମର୍ତ୍ତ୍ୟଲୋକ, ପୃଥିବୀ ।

ଭୂଲତା, ବି. ସ୍ତ୍ରୀ. ସଂ. କେଞ୍ଚୁଆ ।

ଭୂଷଣ, ଭୂଷା, ବି. ( ଭୂଷ୍-ଅନ, ସ୍ତ୍ରୀ ଆ ) ଅଳଙ୍କାର, ଆଭରଣ; ସଜ୍ଜା; ଶୋଭା; ଅଳଂକୃତକରଣ । (ବିଶେଷଣରେ ଭୂଷିତ, ଭୂଷ୍ୟ ହୁଏ ।)

ଭୂସ୍ୱର୍ଗ, ବି. ( ଭୂ-ସ୍ୱର୍ଗ ) ସୁମେରୁ ପର୍ବତ ।

ଭୂସ୍ୱାମୀ, ବି. (ଭୂ-ସ୍ୱାମିନ୍) ରାଜା, ଭୂପତି; ଜମିଦାର ।

ଭୃକୁଟି, ଭ୍ରୂକୁଟୀ, ବି.ସ୍ତ୍ରୀ. (ଭ୍ରୂ-କୁଟ୍ = କୁଟିଳ ହେବା-ଇ, ଈ) ଭ୍ରୂଭଙ୍ଗି, ଭ୍ରୂକୁଟି ।

ଭୃଗୁ, ବି. (ଭ୍ରସଜ୍ = ଭର୍ଜନ କରିବା-ଉ)ମୁନିବିଶେଷ; ବଂଶବିଶେଷ; ଶିବ; ଶୁକ୍ରାଚାର୍ଯ୍ୟ; ଅତ୍ୟୁଚ୍ଚସ୍ଥାନ; ପର୍ବତାଦିର ଢାଲୁପ୍ରଦେଶ; ଜମଦଗ୍ନି; ଗଡ଼ାଣିଆସ୍ଥଳ । ଯଥା—

ପର୍ବତ କଟକେ ଚଟକା ନର୍ତ୍ତର ଯନ୍ତ୍ରି ଗଡ଼ଇ,<br>ଝର୍ଝର ଶବଦେ ଭୃଗୁରୁ ଭୃଗୁକୁ ଡେଇଁପଡ଼ଇ । ଉଷା ।

ଭୃଗୁସୁତ, ବି. ( ଭୃଗୁ-ସୁତ ) ଶୁକ୍ରାଚାର୍ଯ୍ୟ; ପରଶୁରାମ ।

ଭୃଙ୍ଗ, ବି. (ଭୃ = ପୋଷଣ କରିବା-ଗ) ଭ୍ରମର; ବିଟ, ଲମ୍ପଟ; ବୃକ୍ଷବିଶେଷ ।

ଭୃଙ୍ଗଟ, ବି. ( ଦେଶଜ ) ପରିଧାନବିଶେଷ । ଯଥା—

ମହା ଉଗ୍ର ବଦନ ଯେ ବିକରାଳ ଦଂଷ୍ଟ୍ରା,
କଟିରେ ବିରାଜମାନ ଲଙ୍ଗଟି ଭୃଙ୍ଗଟ । ନୃ.ପୃ ପ୍ର.ତ.

ଭୃଙ୍ଗରାଜ, ବି. (ଭୃଙ୍ଗ-ରାଜ୍-ଅ) ଭ୍ରମର; ପକ୍ଷିବିଶେଷ; ବୃକ୍ଷବିଶେଷ; ଯନ୍ତ୍ରବିଶେଷ ।

ଭୃଙ୍ଗରିଟ, ଭୃଙ୍ଗରୀଟ, ଭୃଙ୍ଗରିଟି, ଭୃଙ୍ଗରୀଟି, } ବି. (ଭୃଙ୍ଗ-ରିଟ୍ = ଶବ୍ଦ କରିବା-ଅ-ଇ, ଅ=ଈ ବା ଈ) ଶିବାନୁଚର; ଭୃଙ୍ଗୀ ।

ଭୃଙ୍ଗାର, ବି. [ ଭ୍ରିୟତେ ଜଳମନେନେତି ଭୃଙ୍ଗାରଃ, ଭୃ-(ଜଳ)ଧାରଣ କରିବା-ଆର, ଅଥବା ଭୃଙ୍ଗ-ଋ=ଗମନ କରିବା-ଅ]ଜଳପାତ୍ରବିଶେଷ; ଲବଙ୍ଗ; ସୁବର୍ଣ୍ଣ; ଭୃଙ୍ଗରାଜ ।

ଭୃଙ୍ଗାରିକା, ବି. (ଭୃଙ୍ଗ-ଅରି-କ-ଆ) ଝିରିଆପୋକ; ଝିଲ୍ଲିପୋକ ।

ଭୃତ୍, ବିଂ. ( ଭୃ-କ୍ୱିପ୍ ) ପାଳନକର୍ତ୍ତା; ଧାରଣକର୍ତ୍ତା ।

ଭୃତ, ବି. (ଭୃ = ଧାରଣ ପୋଷଣ କରିବା-ତ) ପାଳିତ, ପୁଷ୍ଟ; ପୂର୍ଣ୍ଣ ।

ଭୃତକ, ବିଂ. ( ଭୃ-ତ-କ ) ବେତନଗ୍ରାହୀ; ଭୃତ୍ୟ । ବି. ବେତନ; ମାସ ।

ଭୃତି, ବି. (ଭୃ-ତି) ବେତନ; ପୁଞ୍ଜି ; ମୂଳଧନ; ଭରଣ; ପାଳନ; ପୂରଣ; ମୂଲ୍ୟ ।

ଭୃତ୍ୟ, ବି. (ଭୃ = ପୋଷଣ କରିବା-ଯ) ଦାସ, ଚାକର; ବେତନ; ଚାକିରି । (ସ୍ତ୍ରୀ-ଭୃତ୍ୟା ହୁଏ । )

ଭୃମି, ବି. (ଭ୍ରମ୍ = ଭ୍ରମଣ କରିବା, ଘୂରିବା-ଇ) ଘୂର୍ଣ୍ଣିବାୟୁ; ଆବର୍ତ୍ତ ଜଳର ଭଉଁରି; ଭ୍ରମଣ ।

ଭୃଶ, ବିଂ. ( ଭ୍ରଂଶ୍ = ପତିତ ହେବା-ଅ ) ଅନେକ; ଅତ୍ୟନ୍ତ । ଅଂ. ଅତ୍ୟର୍ଥ; ପୁନଃ ପୁନଃ, ବାରମ୍ବାର ।

ଭୃଷ୍ଟ, ବିଂ.(ଭ୍ରସ୍ଜ୍=ଭାଜିବା-ତ)ଭର୍ଜିତ, ଭଜା ।

ଭୃଷ୍ଟି, ବି. ( ଭ୍ରସ୍ଜ୍-ତି ) ଭାଜିବା; ଜନଶୂନ୍ୟ ଉଦ୍ୟାନ ।

ଭେଉଭେଉ, ଅଂ. ( ଦେଶଜ ) ଅନୁକରଣ ଶବ୍ଦବିଶେଷ । ଯଥା—

ଅରକ୍ଷିତ ଶ୍ୱାନ ଭେଉ ଭେଉ ସ୍ୱନ କରୁଅଛି ରହି ରହି ।
କ. ମ.

ଭେକ, ବି. (ଭୀ = ଭୀତ ହେବା-କ) ବେଙ୍ଗ; ମେଘ । (ସ୍ତ୍ରୀଲିଙ୍ଗରେ ଭେକୀ ।)

ଭେକ, ଭେଖ, ବି. (ଦେଶଜ) ଆଶ୍ରୟ । ଯଥା—

ନମୋ ଜଳଦ ପଦ୍ମମୁଖ,
ଭକତଜନଙ୍କର ଭେକ । ଦା. ର.

ଭରସା । ଯଥା—

ଦେଖି କୁଅଜଣା ଦ୍ରବ୍ୟକୁ କଲେ ଭେଖ । କୃ.ଖ୍ରୀ.ବି.ପ.

ବୈଷ୍ଣବମାନଙ୍କର କୌପୁନ । ଯଥା—

ମାଳ ତିଳକ ଭେଖ କରି,
ବୈଷ୍ଣବପଣକୁ ଆଦରି । ଦା. ର.

ବୃତ୍ତି । ଯଥା —

ଜାତିରେ ତ ବ୍ରାହ୍ମଣ ଭିକ୍ଷା ଆମ୍ଭ ଭେକ । କୃ.ଖ୍ରୀ.ଆ.ପ.

ବେଶ । ଯଥା—

ବେଶବାସ ଦେଖି ଦରିଦ୍ରାଣୀ ଭେକ
ଆନ କେ କରିବ ଏହା । ର. କ.

ପଦବୀ । ଯଥା—

ସାନ ବଡ଼ ଜ୍ଞାନ ଭେକର ଭିଆଣ । ଦ. ବା.

ଭେକଟା, ବି. (ଭେକୂଟ ଶବ୍ଦଜ) ପ୍ରଧାନ ମତ୍ସ୍ୟବିଶେଷ । ଯଥା—

ଶଲ୍କାବୃତ ବପୁ ପ୍ରକଟେ ଭେକଟା । ଚିଲିକା ।

ଭେକଲ, ବି. (ଦେଶଜ) ହେଣ୍ଡା ବା ମୂର୍ଖ ।

ଭେକା, ବିଂ. (ଦେଶଜ) ଜ୍ଞାନଶୂନ୍ୟ । ଯଥା—

ଭେକା କରିଦେଲ ଦେବୀଙ୍କି ଭାଷିଣ
ଅଶ୍ରୁତପୂର୍ବ ଘଟଣା । ପାର୍ବତୀ ।

ଭେକି, ବି. (ଦେଶଜ) ଗୁଳ୍ମବିଶେଷ ।

ଭେଟ, ବି. ( ଦେଶଜ ) ଦର୍ଶନ, ଦେଖା; ମେଳନ; ଭଦ୍ରଲୋକଙ୍କୁ ଦର୍ଶନ କରି ଦେବା ଉପହାର । ଯଥା—

ସେ ମୀନ ଶମ୍ବର ନିକଟେ,
ଧୀବର ଆଣିଦେଲ ଭେଟେ । ଭା. ଦ. ସ୍କ.

ଭେଟଣା, ବି. (ଦେଶଜ) ଭୂତ ପିଶାଚାଦିଙ୍କର ହଠାତ୍ ଭେଟ ହେବା । ଯଥା—

କାହାକୁ ଡାଆଣୀ ଖାଇବ,
କେ ଅବା ଭେଟଣା ମରିବ । ବି. ପୃ.

ଭେଟାଇବା, କ୍ରି. ( ଦେଶଜ ) ମେଳନ କରାଇବା; ପ୍ରାପ୍ତ କରାଇବା । ଯଥା—

କରୁ କରୁ ସେ ନାମ ସୁମରଣକୁ,
ବନ୍ଧୁ ଭେଟାଇଦେଉ ସୁ ମରଣକୁ । ବ. ଚ. ମ.

ଭେଟାଭେଟି, ବି. ( ଦେଶଜ ) ଅନ୍ୟୋନ୍ୟ ମେଳନ । ଯଥା—

ଅକସ୍ମାତେ ଭେଟାଭେଟି ହେଲୁଁ ଦୁଇଜଣ । ବୈ. ପ.

ଭେଟି, ଭେଟୀ, ବି. (ଦେଶଜ) ଉପଢ଼ୌକନ ଅର୍ଥାତ୍ ରାଜାଙ୍କ ସମ୍ମୁଖରେ ଦେବା ଉପହାର ।

ଭେଟିବା, କ୍ରି. ( ଦେଶଜ ) ସାକ୍ଷାତ୍ କରିବା; ମିଳିତ ହେବା । ଯଥା—

ଭେଟିବାକୁ ମୃତ୍ୟୁ-ସିନ୍ଧୁ କରିଲ ଲହରୀ । କ. ବ.

ନଜର ଦେବା । ଯଥା —

ଭେଟିଲି ନୃପତି ସମ୍ମୁଖରେ ତା ନେଇଁ ଭୂପସନ୍ତତି ।
ଉଷା ।

ଭେଡ଼, ବି. (ଦେଶଜ) ମେଣ୍ଢା ।

ଭେଡ଼ା, ବି. (ଦେଶଜ) ଶସ୍ୟକ୍ଷେତ୍ରର ମଧ୍ୟବର୍ତ୍ତୀ ପଡ଼ିଆ ବା ଜଙ୍ଗଲମୟ ଭୂମି; ଗାରଡ଼ ବା ମେଣ୍ଢା; ଉତ୍କଳର ସ୍ଥାନବିଶେଷ ।

ଭେଡ଼ୀ, ବି. ସ୍ତ୍ରୀ. (ଦେଶଜ) ମାଈ ମେଣ୍ଢା ।

ଭେଣ୍ଡା, ଭେଣ୍ଡିଆ, ବି. ( ଦେଶଜ ) ଯୁବା ପୁରୁଷ । ଯଥା—

ଦୁଇ ସୈନ୍ୟପାକ ଫରକାର ଭେଣ୍ଡା । କୃ.ଖ୍ରା.ବ.ପ.
ହାତଟିଏ ତାର ବୟସେ ଭେଣ୍ଡିଆ । କୃ.ଖ୍ରା.ସ.ପ.

ଭେଣ୍ଡି, ବି. (ଦେଶଜ) ଖାଦ୍ୟ ଫଳବିଶେଷ ।

ଭେଣ୍ଡୀ, ବି. ସ୍ତ୍ରୀ. (ଦେଶଜ) ଯୁବତୀ ସ୍ତ୍ରୀ ।

ଭେଦ,ବି.(ଭିଦ୍ = ଭେଦ କରିବା-ଅ)ବିଚ୍ଛେଦ, ଅନୈକ୍ୟ; ବୈଲକ୍ଷଣ୍ୟ; ବିଭାଗ; ଛେଦନ; ବିଦାରଣ; ବେଧନ; ଭଙ୍ଗ; ଉପାଧି; ଭିନ୍ନତା; ପ୍ରକାଶ; ରେଚନ; ଉଦରଭଙ୍ଗ; ମନୋଭଙ୍ଗ; ଉନ୍ମେଷ; ଅନ୍ୟୋନ୍ୟ ଭାବ । ('ଅନ' ପ୍ରତ୍ୟୟ ହେଲେ 'ଭେଦନ' ହୁଏ; ଏଥିରୁ ବିଶେଷଣରେ ଭେଦକ, ଭେଦୀ, ଭେଦ୍ୟ, ଭେଦମୀୟ, ଭେଦିତ ଇତ୍ୟାଦି ଶବ୍ଦମାନ ହୁଅନ୍ତି ।)

ଭେଦା, ବି. (ଦେଶଜ) ଗୁହ୍ୟ । (ଭିଦ୍ ଧାତୁଜ) ଭେଦିବା ।

ଭେଦିବା, କ୍ରି. ( ଭିଦ୍ ଧାତୁଜ ) ଜାଣିବାର । ଯଥା--

ଉଦ୍ଧବ କୃଷ୍ଣର ସମ୍ବାଦ,
ସୁଜନଜନେ ଶୁଣି ଭେଦ । ଖ୍ରୀ. ଏ. ସ୍ତ୍ର.

ଭେଦୁଆ,ବିଂ.(ଭିଦ୍ ଧାତୁଜ)ଯେ ଭେଦିପାରେ ।

ଭେଦୁର,ଭେଦିର, ବି.(ଭିଦ୍ = ଭେଦ କରିବା-ଉର, ଇର) ଭିଦୁର, ବଜ୍ର ।

ଭେବଲ, ବି. (ବିହ୍ୱଳ ଶବ୍ଦଜ) ମୋହିତ । ଯଥା—

କେ ଉର ଦେଖନ୍ତେ କେ ହୁଅଇ ଭେବଲ ।
ନୃ. ପ୍ର. ଦ୍ୱି. ତ.

ଭେରି,ଭେରୀ, ବି.ସ୍ତ୍ରୀ.(ଭୀ—ଭୀତ ହେବା-ରି-ଈ) ଢକ୍କା, ବାଦ୍ୟଯନ୍ତ୍ରବିଶେଷ; ପଟହ ବାଦ୍ୟ ।

ଭେରୁଣ୍ଡ, ବିଂ.ସଂ. ଭୟାନକ । ବି. ଗର୍ଭଧାରଣ । (ସ୍ତ୍ରୀ-ଆ) ଦେବୀବିଶେଷ; ଯକ୍ଷିଣୀବିଶେଷ ।

ଭେରେଣ୍ଡା, } ବି. (ଏରଣ୍ଡ ଶବ୍ଦଜ) ଗଛବିଶେଷ ।
ଭେରଣ୍ଡା, } ( ଦେଶଜ ) ଅଣ୍ଡିରା ବଳଦ । ଯଥା—

ଖୁର୍ଣ୍ଣି ସିଂହ ଜ୍ୟାଦି ଯେ ଆବର ଭେରଣ୍ଡା ।
ନୃ. ପ୍ର. ଚ. ତ.

ଭେଲ, ବି. (ଭୀ-ର, ର = ଳ) ଭେଳା; ମୁନିବିଶେଷ । ବିଂ. ଭୀରୁ; ମୂର୍ଖ; ଚଞ୍ଚଳ ।

ଭେଲ, ବିଂ. (ଦେଶଜ) କୃତ୍ରିମ । ଯଥା—

ସବୁ ବନ୍ଧୁ ସୁନା କଏ ସୁନା କଏ ଭେଲ । ଡ.ବ.

ଭେଳକ, ବି. ( ଭେଳ-କ, ସ୍ୱାର୍ଥେ ) ଉଡୁପ; ଭେଳା ।

ଭେଳକ, ଭେଲିକ, } ବି. (ଦେଶଜ) କୁହୁକ ।
ଭେଲକା, ଭେଲିକ, } ଯଥା—

ଶୁଣିଣ ବେଦଧ୍ୱନି ରଖିଲେ ଭଗବାନ,
ଭେଲକା ଲଗାଇଣ କହନ୍ତି ସୁବଚନ । ନୃ.ପ୍ର.ଚ.ତ.

ଏ ଧୂଳିମନ୍ତ୍ର ରାଜଭେଳକ,
ମୋହି ନୋହିବ ଅବଳାବଳକ । ବ. ଚ. ମ.

ମୋହ । ଯଥା—

କେ ନାରୀଙ୍କ ସ୍ତନ ଦେଖି ଢଳନ୍ତି ଭୂମିକ,
କେ ମୁଖ ଦେଖିଲକ୍ଷଣି ହୁଅନ୍ତି ଭେଲକ । ନୃ.ପ୍ର.ଦ୍ୱି.ତ.

ବିଂ. ମୋହିତ; ନଷ୍ଟ, ଚ୍ୟୁତ ।

ଭେଳା, ବି. (ଭେଳକ ଶବ୍ଦଜ) ଭାସିବା ଯନ୍ତ୍ରବିଶେଷ । ଯଥା—

ଭେଳାପକ୍ଷ ବିନା ଏକ ନିଃଶ୍ୱାସେ ସାଗର,
ତରିଲେ ଲଭିବ ସିନା ଶୋକସିନ୍ଧୁ ପାର । ଲ. ବ.

ଗୋଷ୍ଠ; ପୁଞ୍ଜା; ସମୂହ । ଯଥା—
ଦେଖିଲେ ସେ ଯମୁନାଜଳ ଅନ୍ଧ କଲା,
ଫୁଟିଛନ୍ତି ଲହରିରେ ପୁଣ୍ଡରୀକ ଭେଳା । କୃ.ଷ୍ଣ.ବି.ପ.
ସଙ୍ଘାଳ ବା ଏକମାତ୍ର ଆଶ୍ରୟ । ଯଥା—
ବାଲ ପଡ଼ି ତୋ ଚରଣୁ ଆଶଙ୍କା ହୁଏନେ ଏଣୁ,
ନଉକା ନାୟିକା ହେଲେ ବୃଡ଼ିବ ଭେଳା । ବୈ. ବି.

**ଭେଳଆ,** ବି. (ଦେଶଜ-ବିଶେଷତଃ ଗଞ୍ଜାମ ଅଞ୍ଚଳରେ ବ୍ୟବହୃତ) ସାମର୍ଥ୍ୟ ।

**ଭେଲୁ,** ବି. (ଦେଶଜ) ଉପାୟ ।

**ଭେଶ, ଭେସ,** ବି. (ବେଶ ଶବ୍ଦଜ) ବେଶ, ଭଙ୍ଗୀ ।

**ଭେଷଜ,** ବି. (ଭେଷ୍=ଭୟ ପାଇବା-ଅ=ଭେଷ=ପୀଡ଼ା-ଜି-ଅ) ଔଷଧ ।

**ଭେଷଡ଼, ଭେଷଡ଼ା,** ବିଂ. (ଦେଶଜ) କଦର୍ଯ୍ୟ; ଅସଭ୍ୟ ।

**ଭେଷଡ଼ୀ,** ବିଂ. ସ୍ତ୍ରୀ. (ଦେଶଜ) ନିର୍ଲଜ୍ଜା (ସ୍ତ୍ରୀ) ।

**ଭୈକ୍ଷ,** ବି. (ଭିକ୍ଷା-ଅ) ଭିକ୍ଷାଲବ୍ଧ ବସ୍ତୁ, ଭିକ୍ଷା ।

**ଭୈରବ,** ବି. ( ଭୀରୁ-ଅ ) ମହାଦେବ; ମହାଦେବଙ୍କର ଭୟଙ୍କର ମୂର୍ତ୍ତି; ରାଗ-ବିଶେଷ; ନଦବିଶେଷ; ଭୟଙ୍କର ରୂପ ।

**ଭୈରବୀ,** ବି. ସ୍ତ୍ରୀ. ରାଗିଣୀବିଶେଷ; ଶୈବ ସ୍ତ୍ରୀ-ବିଶେଷ । ବିଂ. ଭୟଙ୍କର ।

**ଭୈରୀ,** ବି. (ଗଡ଼ଜାତ ଶବ୍ଦ) ଚୋଡ଼ ମାଛ ।

**ଭୈଷଜ, ଭୈଷଜ୍ୟ,** ବି. ( ଭେଷଜ-ଅ, ଯ ) ଭେଷଜ, ଔଷଧ ।

**ଭୋ, ଭୋଃ,** ଅଂ. ( ଭା-ଓ, ଓସ୍ ) ସମ୍ବୋଧନ ସୂଚକ ଶବ୍ଦ ।

**ଭୋଇ,** ବି. (ଦେଶଜ) ସବାରି ଯେ ବହେ । (ଭୁଞ୍ଜା ଶବ୍ଦ ଦେଖ ।) ନୀଚ ଜାତିବିଶେଷ; ଓଡ଼ିଶାରେ ଯେଉଁମାନେ କର ଆଦାୟ କରନ୍ତି ଓ ଆୟ ବ୍ୟୟାଦିର ହିସାବ ରଖନ୍ତି ।

**ଭୋକ, ଭୋଖ,** ବି. (ବୁଭୁକ୍ଷା ଶବ୍ଦଜ) କ୍ଷୁଧା । ଯଥା—
ଯେ ଆର ପକ୍ଷୀ ଆଇ ଭୋଖେ,
ସାକ୍ଷୀ ସ୍ୱରୂପେ ସବ ଦେଖେ । ଭ୍ର. ଏ. ସ୍ବ.

**ଭୋକ, ଭୋକ୍ଲା, ଭୋଖୀ, ଭୋକିଲ, ଭୋଖିଲ,** ବିଂ. ( ଦେଶଜ ) କ୍ଷୁଧାର୍ତ୍ତ । ଯଥା—
ଗ୍ରାସେ ଅନ୍ନ ଦେଇ ଭୋକିଙ୍କ କେବଳ । ଦ. ବା.
ଭୋଖିଲ ବ୍ୟାଘ୍ରମାନେ ତାହାଙ୍କୁ ଦେଖିକରି,
ଗ୍ରେବାଇଲେ ଆଗ ସଙ୍ଗି ନଲା ଧରି । କୃ.ଷ୍ଣ ଆ.ପ.

**ଭୋଗ,** ବି. (ଭୁଜ୍=ଭୋଜନ କରିବା-ଅ)ସୁଖ; ସୁଖଦୁଃଖାନୁଭବ; ଉପଭୋଗ; ଧନ; ଭୋଜନ; ସର୍ପ; ସର୍ପର ଦେହ; ସର୍ପଫଣା; ପଣ୍ୟସ୍ତ୍ରୀର ବେତନ; ପାଳନ; ଦେବ । (ବିଶେଷଣରେ ଭୋଗ୍ୟ, ଭୋକ୍ତା ଓ ଭୋକ୍ତବ୍ୟ ପଦ ସିଦ୍ଧ ହୁଏ । )

**ଭୋଗଗୃହ, ଭୋଗାବାସ,** ବି. ( ଭୋଗ-ଗୃହ, ଆବାସ ) ବାସଗୃହ; ଅନ୍ତଃପୁର ।

**ଭୋଗବଟା,** ବି. (ଗଞ୍ଜାମୀ ଶବ୍ଦ) ବିଷୟାଦିର ବିଶେଷ ଜ୍ଞାନ; ବୈଷୟିକ ବିବରଣ ।

**ଭୋଗବତୀ,** ବି. ସ୍ତ୍ରୀ. ( ଭୋଗ-ବତ୍-ଈ ) ପାତାଳଗଙ୍ଗା; ନାଗପୁରୀ । ବିଂ. ଭୋଗ-ବିଶିଷ୍ଟା ।

**ଭୋଗବାନ୍,** ବି. ( ଭୋଗ-ବତ୍, ଅସ୍ତ୍ୟର୍ଥେ ) ସର୍ପ; ନୃତ୍ୟ; ଗୀତ । ବିଂ. ଭୋଗବିଶିଷ୍ଟ ।

**ଭୋଗଭୂମି,** ବି. ସ୍ତ୍ରୀ. ( ଭୋଗ-ଭୂମି ) ସୁଖ ଭୋଗର ସ୍ଥାନ, ସ୍ୱର୍ଗ ।

**ଭୋଗାବଳି, ଭୋଗାବଳି,** ବି. ସ୍ତ୍ରୀ. ( ଭୋଗ-ଆବଳୀ ) ସ୍ତୁତି; ପ୍ରଶଂସା; ନାଗପୁରୀ ।

**ଭୋଗାର୍ହ,** ବି. (ଭୋଗ-ଅର୍ହ) ଧନ, ସମ୍ପତ୍ତି ।

**ଭୋଗୀ,** ବି.(ଭୋ-ଇନ୍) ସର୍ପ; ରାଜା; ଗ୍ରାମାଧ୍ୟକ୍ଷ; ଭଣ୍ଡାରି । ବିଂ. ଭୋଗବିଶିଷ୍ଟ, ଭୋଗକାଙ୍କ୍ଷୀ, ସୁଖୀ । (ଭୋଗିନୀ-ସ୍ତ୍ରୀ) ମହିଷୀ ବ୍ୟତୀତ ରାଜାର ଅନ୍ୟାନ୍ୟ ସ୍ତ୍ରୀ ।

**ଭୋଗୀନ୍ଦ୍ର, ଭୋଗୀଶ,** ବି. ( ଭୋଗିନ୍-ଇନ୍ଦ୍ର, ଈଶ) ସର୍ପରାଜ, ଅନନ୍ତଦେବ, ବାସୁକି ।

**ଭୋଟଗଇ, ଭୋଟଗୀ,** ବି. ( ଦେଶଜ ) ସାନ ପାଟୁଆ, ବଂଶନିର୍ମିତ ଶ୍ରେଷ୍ଠ ଯାନ ।

**ଭୋଗ୍ୟା,** ବି. ସ୍ତ୍ରୀ. ( ଭୋଗ୍ୟ-ଆ ) ଗଣିକା; ବେଶ୍ୟା ।

ଭୋଜ, ବି. ( ଭୁଜ୍=ଭୋଗ କରିବା-ଅ )
ଭୋଜପୁର, ସ୍ୱନାମପ୍ରସିଦ୍ଧ ରାଜା; ଯଦୁବଂଶ ।
(ଦେଶଜ) ଘରର ଅଧେ । ଯଥା—
ଅଙ୍ଗାର ଚମ୍ପୁ ଭୋଜ ମୂଲିଆଙ୍କ ଯୋଷା,
ହାତରେ ରଖାଇଣ ପୁରାଇଲେ ବସା । କୃ. ଖ.ଉ.ପ.

ଭୋଜ, ଭୋଜି, ବି. (ଭୋଜ୍ୟ ଶବ୍ଦଜ) ଭୋଜନ ସାମଗ୍ରିର ସମ୍ପୂର୍ଣ୍ଣତା । ଯଥା—
ବଦେହାରାଜନ ଭୋଜ ସମ୍ଭାର ଭୂଆଇ । ବୈ. ବି.
ବନ୍ଧୁବର୍ଗ ସହିତ ଏକତ୍ର ସମାରୋହ ଭୋଜନ । ଯଥା—
ଲେଖି ଭୋଜେ ଯଥା ସ୍ୱମର୍ଯ୍ୟାଦା ଜାଗି,
ବ୍ରଜବାସି-ପଙ୍କେ କହେ ଦେବାଲାଗି । ଦ. ବା.

ଭୋଜନ, ବି. (ଭୁଜ୍ = ଖାଇବା-ଅନ) ଭକ୍ଷଣ; ଭକ୍ଷ୍ୟଦ୍ରବ୍ୟ । (ବିଶେଷଣରେ ଭୋଜ୍ୟ, ଭୋଜୟିତା ହୁଏ ।)

ଭୋଜା, ବି. (ଭୋଜ୍ୟ ଶବ୍ଦଜ) ଭୋଜନଦ୍ରବ୍ୟ । ଯଥା—
ଲୋକେ କରିବେ ତୋତେ ପୂଜା,
ଅନେକ ଦେବେ ବଳିଭୋଜା । ଭା. ଦ. ସ୍କ.

ଭୋଡ଼ଙ୍ଗ, ବି. (ଦେଶଜ) ତୂରୀ ଓ ରଣଶିଙ୍ଗା ।

ଭୋଡ଼ଙ୍ଗା, ବିଂ. (ଦେଶଜ) ପୋଲା ।

ଭୋଦ, ଭୋଦୁଅ, ବି. ( ଭାଦ୍ରପଦ ଶବ୍ଦଜ ) ମାସବିଶେଷ ।

ଭୋପା, ବି. (ଦେଶଜ) ଦେଉଳର ପୂଜକ-ବିଶେଷ ।

ଭୋର, ବି. (ଯାବନିକ) ପାହାନ୍ତି ସମୟ, ପ୍ରାତଃକାଳ ।

ଭୋଳ, ବିଂ. (ବିହ୍ୱଳ ଶବ୍ଦଜ) ଭ୍ରାନ୍ତ; ପ୍ରେମାସକ୍ତ । ବି. ମୋହ । ଯଥା—
ସିଆଁ ହେଲ ପର ବେନି ତନୁ ହୋଇ ଅତନୁ ଭୋଳେ ।
ର. ପ.
ଭ୍ରମ । ଯଥା—
ପାହୋରେ ଆପଣା ବିକ୍ରମ ପ୍ରେମ ମୋହନ ଭୋଳେ ।
ଚ. ଭା.

ଭୋଳା, ବିଂ. (ବିହ୍ୱଳ ଶବ୍ଦଜ) ଉନ୍ମତ୍ତ; ଭ୍ରାନ୍ତ; ପ୍ରେମାସକ୍ତ ।

ଭୋଳାନାଥ, ବି. (ଦେଶଜ) ମହାଦେବ । ଯଥା—
ଭୋଳାନାଥ ମୁଖୁଁ ଏହା ଶୁଣି ବେଦବ୍ୟାସ,
ଆତଙ୍କ ହୋଇ କହନ୍ତି ଶୁଣ ବ୍ୟୋମକେଶ ।
ନୃ. ପୁ. ପ୍ର. ଚ.

ଭୋଳିତ, ବିଂ. (ବିହ୍ୱଳିତ ଶବ୍ଦଜ) ଭ୍ରାନ୍ତ; ମୋହିତ । ଯଥା—
ଯହିଁ ଭୋଳିତ ହୋଇଛନ୍ତି ଋଷି । ପ୍ରେ. ସୁ. ନି.

ଭୌତ, ବିଂ. (ଭୂତ-ଅ) ଭୂତସମ୍ବନ୍ଧୀୟ । ବି. ଭୂତଯଜ୍ଞ । (ଈ-ସ୍ତ୍ରୀ) ରଜନୀ, ରାତ୍ରୀ ।

ଭୌତିକ, ବିଂ. (ଭୂତ-ଇକ) ଭୂତସମ୍ବନ୍ଧୀୟ; ଭୂତକୃତ । ବି. ମହାଦେବ ।

ଭୌମ, ବି. (ଭୂମି-ଅ) ମଙ୍ଗଳଗ୍ରହ, ନରକାସୁର । ବିଂ. ଭୂମିଜାତ; ଭୂମିସମ୍ବନ୍ଧୀୟ । (ମୀ-ସ୍ତ୍ରୀ) ଜାନକୀ, ସୀତା ।

ଭୌମନ, ବି. ସ୍ତ୍ରୀ. ବିଶ୍ୱକର୍ମା ।

ଭୌମରତ୍ନ, ବି. (ଭୌମ=ମଙ୍ଗଳଗ୍ରହ-ରତ୍ନ) ପବାଳ, ପୋହଳା ।

ଭୌମିକ, ବିଂ. (ଭୂମି-ଇକ) ଭୂସ୍ୱାମୀ ।

ଭ୍ରଂଶ, ବି. ( ଭ୍ରନ୍ଶ୍=ପତିତ ହେବା-ଅ ) ପତନ, ଚ୍ୟୁତହେବା; ପଳାୟନ; ନାଶ । (ବିଶେଷଣରେ ଭ୍ରଂଶିତ ଓ ଭ୍ରଷ୍ଟ ହୁଏ ।)

ଭ୍ରକୁଟି, ଭ୍ରକୁଟୀ, ବି. (ଭ୍ରୂ-କୁଟ୍-ଇ, ଈ) ଭ୍ରୂକୁଟୀ, କ୍ରୋଧାଦିଦ୍ୱାରା ଭ୍ରୂଲତାର ବକ୍ରତା ।

ଭ୍ରତ, ବି. (ଭରତ ଶବ୍ଦଜ) ଭରତ । ଯଥା—
ଶୁଣି ଦଶରଥ ରାଜା ସୀକାର କଲେ ।
ଭ୍ରତ ଶତ୍ରୁଘନଙ୍କୁ ମାତୁଳ ଘେନିଗଲେ । ବି. ରା.

ଭ୍ରଥଖଣ୍ଡ, ଭ୍ରତଖଣ୍ଡ, ବି. (ଭରତଖଣ୍ଡ ଶବ୍ଦଜ) ଭାରତବର୍ଷ । ଯଥା—
ଏମନ୍ତ ସନ୍ତୋଷ କ୍ଷଣେ, ରଥ ଉଡ଼ିଲା ଗଗନେ,
ଭ୍ରଥଖଣ୍ଡେ ଗୁଡ଼ି ଅନ୍ତର୍ଦ୍ଧାନ ହେଲା । ଲ. ବ.

ଭ୍ରଥା, ଭ୍ରାତା, ବି. (ଭ୍ରାତା ଶବ୍ଦଜ) ଭାଇ । ଯଥା—
ଯେ ଭ୍ରଥା ଭଗ୍ନୀ ବନ୍ଧୁ ଆର,
ମାଉସୀ ଜେଠାଇ ସୋଦର । ବି. ପୁ.
(ଭର୍ତ୍ତା ଶବ୍ଦଜ) ପତି । ଯଥା—
ସୁପଣ୍ଡିତ ପ୍ରାୟେ ଭ୍ରଥା ଗୃହେ ଆଉଁଥାଉଁ,
ପର ପୁରୁଷେ ଚାହିଁ ପ୍ରକାଶେଁ ଗୃହୁଁ ଗୃହୁଁ । ନୃ.ପୁ.ଚୃ.ଚ.
ବୋଲନ୍ତି ପ୍ରିୟେ ! ମୋର ଶୁଣିମା ଗୁପ୍ତ କଥା,
ତୁମ୍ଭେ ମୋ ପ୍ରାଣମଣି ମୁଁ ତୁମ୍ଭ ନିଜ ଭ୍ରାତା ।
ନୃ. ପୁ. ଚ. ଛ.

ଭ୍ରମ, ବି. ( ଭ୍ରମ୍-ଅ ) ମିଥ୍ୟାଜ୍ଞାନ, ଭ୍ରାନ୍ତି; ଭ୍ରମଣ; ଜଳାବର୍ତ୍ତ; କୁମ୍ଭକାରର ଚକ୍ର; କୁନ୍ଦଯନ୍ତ୍ର ।

ଭ୍ରମଣ, ବି. (ଭ୍ରମ୍-ଅନ) ପର୍ଯ୍ୟଟନ, ବୁଲିବା ।

ଭ୍ରମଣି, ବି. (ଭ୍ରମଣ ଶବ୍ଦଜ) ଭ୍ରମଣ । ଯଥା--

ରଜନୀ ଭ୍ରମଣି କର ରଘୁମଣି । ବି. ରା.

ଭ୍ରମର, ବି. ( ଭ୍ରମ୍-ଅର ) ମଧୁକର, ଭୃଙ୍ଗ, ଅଳି; କାମୁକ । (ସ୍ତ୍ରୀ-ଭ୍ରମରୀ ହୁଏ ।)

ଭ୍ରମରକ, ବି. (ଭ୍ରମର-କ) ଭୃଙ୍ଗ; ଶୃଙ୍ଗ; ଜଳଭ୍ରମ; ଲଲାଟଲମ୍ବିତ ଚୂର୍ଣ୍ଣକୁନ୍ତଳ; ବେଧନ ଯନ୍ତ୍ରବିଶେଷ ।

ଭ୍ରମି, ବି. ସ୍ତ୍ରୀ. (ଭ୍ରମ୍-ଇ) ଘୂର୍ଣ୍ଣିଜଳ, ଆବର୍ତ୍ତ; ଭ୍ରମଣ; ଭ୍ରାନ୍ତି; ଘୂର୍ଣ୍ଣନ ।

ଭ୍ରଷ୍ଟ, ବି. ( ଭ୍ରନଶ୍-ତ ) ଚଳିତ; ଚ୍ୟୁତ; ପତିତ; ଅଧାର୍ମିକ; ଦୋଷଯୁକ୍ତ; ନଷ୍ଟ । (ସ୍ତ୍ରୀ-ଆ) ବ୍ୟଭିଚାରିଣୀ ।

ଭ୍ରାଜିଷ୍ଣୁ, ବିଂ. (ଭ୍ରାଜ୍-ଇଷ୍ଣୁ) ଦୀପ୍ତିଶୀଳ; ଶୋଭାଯୁକ୍ତ; ଉଜ୍ଜ୍ୱଳ ।

ଭ୍ରାଜୀ, ବିଂ. ( ଭ୍ରାଜ-ଇନ୍ ) ଦୀପ୍ତିଶୀଳ; ଶୋଭାଯୁକ୍ତ ।

ଭ୍ରାତ, ବି. (ଭ୍ରାତୃ ଶବ୍ଦର ଅପଭ୍ରଂଶ) ଭାଇ । ଯଥା—

ଭ୍ରାତ କହୁ ପଠିଆଇଅଛୁ ଏହା କରେ । ଲ. ବ.

ଭ୍ରାତା, ଭ୍ରାତୃ, ବି. (ଭ୍ରାଜ୍-ତୃ) ସହୋଦର, ଭାଇ ।

ଭ୍ରାତୃବ୍ୟ, ବି. ( ଭ୍ରାତୃ-ବ୍ୟ, ଅପତ୍ୟାର୍ଥେ ) ପୁତୁରା, ଭ୍ରାତୃଷ୍ପୁତ୍ର; ଶତ୍ରୁ ।

ଭ୍ରାନ୍ତ, ବିଂ. ( ଭ୍ରମ୍-ତ ) ଘୂର୍ଣ୍ଣାୟମାନ; ଭ୍ରମଣଯୁକ୍ତ; ଭ୍ରାନ୍ତିଯୁକ୍ତ । ବି. ଭ୍ରମଣ ।

ଭ୍ରାନ୍ତି, ବି. (ଭ୍ରମ୍-ତି) ଭ୍ରମଣ; ଭ୍ରମ, ଭୁଲ । ଯଥା—

ଦୂର କରେ ଫଣାମଣି ତରଙ୍ଗର ଭ୍ରାନ୍ତି । କ. ବ.

ଭ୍ରୂଣ, ବି. ( ଭ୍ରୂଣ୍ = ଆକାଙ୍କ୍ଷାକରିବା-ଅ ) ବାଳକ; ଗର୍ଭସ୍ଥ ସନ୍ତାନ ।

ଭ୍ରୁ, ଭ୍ରୂ, ବି. ( ଭ୍ରମ୍-ଉ-ଊ ) ଚକ୍ଷୁର ଊର୍ଦ୍ଧ୍ୱ ଓ ଲଲାଟ ନିମ୍ନସ୍ଥ ରୋମରାଜି ।

ଭ୍ରୁକୁଟି, ଭ୍ରୂକୁଟି, ବି. ( ଭ୍ରୂ-କୁଟ୍-ଇ ) ଭ୍ରୂଭଙ୍ଗ, କ୍ରୋଧାଦିଦ୍ୱାରା ଭ୍ରୂର ବକ୍ରତା ।

ଭ୍ରୂଭଙ୍ଗ, ଭ୍ରୂଭଙ୍ଗି, ଭ୍ରୂଭଙ୍ଗୀ, ବି. ଭ୍ରୂକୁଟି, ଭ୍ରୂବିଳାସ । (ଗୌଣାର୍ଥରେ) କ୍ରୋଧ । ଯଥା—

ଭ୍ରୂଭଙ୍ଗମାତ୍ରକେ ଯାର ନହୁଷ ନୃପତି,
ଭ୍ରଷ୍ଟ ହୋଇ ଇନ୍ଦ୍ରପଦୁଁ ଲଭିଲେ ଦୁର୍ଗତି । କ. ବ.

ଭ୍ରେଷ, ଭ୍ରେଷଣ, } ବି. (ଭ୍ରେଷ୍ = ଗମନକରିବା-ଅ, ଅନ) ଗମନ; ଭ୍ରମଣ; ପତନ ।

---

# ମ

ମ, ବ୍ୟଞ୍ଜନମାଳାର ପଞ୍ଚବିଂଶ ବର୍ଣ୍ଣ । ବି. (ମା = ପରିମାଣ କରିବା-ଅ) ବିଷ୍ଣୁ; ଶିବ; ଯମ; ସମୟ; ଚନ୍ଦ୍ର; ବିଷ; ମନୁଷ୍ୟ; ବ୍ରହ୍ମା ।

ମଁ, ଅଂ. (ଦେଶଜ) ବିତର୍କାର୍ଥ, ସମ୍ବୋଧନାର୍ଥ । ଯଥା—

ଯା ମଁ ସଜନି ! କହନା ତୁ । ଗୀତ ।

ମଅଳ, ମହଳ, ବିଂ. ( ଦେଶଜ ) ମଳିନ, ମସିଆ । ଯଥା—

ନାସିକାକୁ ସମାନ ନୋହିବ ତିଳଫୁଲ,
ଘନ ଗଡ଼ିଲେ ସେହୁ ଝଡ଼େ ହୋଇ ମଅଳ । ସା.ଭା.ଆ.

ମଇଁଷ, ବି. (ମହିଷ ଶବ୍ଦଜ) ପୋଡ଼ । ଯଥା—

ଲୁହାର ପ୍ରତିମା ଏକ କରିଥାଇ ଯମ,
ମଇଁଷ ବାହନ କରିଥାଇ ଅବିଶ୍ରାମ । ସା. ଭା. ସ.

ମଇଁଷି, ମଇଁଷୀ, ବି. ସ୍ତ୍ରୀ. ( ମହିଷୀ ଶବ୍ଦଜ ) ସ୍ୱନାମପ୍ରସିଦ୍ଧ ପଶୁବିଶେଷ ।

ମଇଁଷିଆ, ବିଂ. (ଦେଶଜ) ଅସାର ବା ଗୌଣ । ଯେପରି—ଗୁଆ ମଇଁଷିଆ । ମହିଷୀ ସମ୍ବନ୍ଧୀୟ ।

ମଇଁଷିଆଳ, ବି. ( ମହିଷପାଳ ଶବ୍ଦଜ ) ଯେ ମହିଷ ଜଗିଥାଏ ।

ମଇ, ବି. (ଦେଶଜ ବା ମର୍ଦ୍ଦିକା ଶବ୍ଦଜ) କୃଷି କ୍ଷେତ୍ରର ଢେଲା ଗୁଣ୍ଡ କରିବା ନିମିତ୍ତ ବ୍ୟବହୃତ କାଷ୍ଠନିର୍ମିତ ସିଢ଼ି ।

ମଇତ୍ର, ମଇତର, ମୈତ୍ର, } ବି.(ମିତ୍ର ଶବ୍ଦର ଅପଭ୍ରଂଶ) ମିତ୍ର, ବନ୍ଧୁ । ଯଥା—

ମଇତ୍ର ଦ୍ରୋହ କରିଥିଲେ,
ସେ ଦୋଷ କ୍ଷୟ ଯାଏ ଭଲେ । ମା. ମା.
ମୈତ୍ର କରି ତାହାକୁ ରଖିଲି ସଙ୍ଗତରେ । ନୃ.ପୁ.ସ.ତ

ମଇଦାଣ୍ଡି, ବି. (ବାଲେଶ୍ୱର ପ୍ରାନ୍ତରେ କହନ୍ତି) ମେଢ଼ି ।

ମଇନ୍ଦର, ମହିନ୍ଦର, ବି. ( ମହୀନ୍ଦ୍ର ଶବ୍ଦର ଅପଭ୍ରଂଶ ) ମହୀନ୍ଦ୍ର ପର୍ବତ । ଯଥା—

ବାଘ ବଳଦ ବାନ୍ଧିଲି ହଳେ,
ଗୃଷ କଲି ମଇନ୍ଦରମାଳେ । ରାଇଲି ଗୀତ ।

ମଇଳା, ମୈଳା, ବିଂ. (ମଳିନ ଶବ୍ଦଜ, ପ୍ରାକୃତ ମଇଲ ଶବ୍ଦଜାତ) ଅପରିଷ୍କୃତ, ମଳିଆ । ବି.(ମଳ ଶବ୍ଦଜ ) ମଳ ।

ମଉ, ବି. (ମଧୁ ଶବ୍ଦଜ ପ୍ରାକୃତ ) ମଧୁ, ମହୁ ।

ମଉଛବ, ମଉଚ୍ଛୁ, ବି. ( ମହୋତ୍ସବ ଶବ୍ଦଜ ) ମହୋତ୍ସବ; ମଠାଧିପତି ବା ସନ୍ନ୍ୟାସି ବୈଷ୍ଣବମାନଙ୍କ ମୃତ ଦିବସ ।

ମଉଜ, ମୌଜ, ମୌଜା, ବି. (ମୋଦ ଶବ୍ଦଜ) ଆମୋଦପ୍ରମୋଦ । ଯଥା—

ମଉଜେ ବିହରୁଥିଲେ ନାଗରିକ ଯୁବା । ଦ. ବି.

ମଉଡ଼, ମହୁଡ଼, ବି. ( ମକୁଟ ଶବ୍ଦଜ ପ୍ରାକୃତ ) ମୁକୁଟ । ଯଥା—

ଶତେ ବଳ ଆୟତନ ନାମ ମୋ ଗିରଟାଣି,
ରାଜାଙ୍କ ଉପରେ ଗୋ ଅଟେ ମଉଡ଼ମଣି । ସା.ଖି ଆ.

ଟୋପି, ଶିରସ୍ତ୍ରାଣବିଶେଷ ।

ମଉନ, ମଉନି, ବିଂ.(ମୌନ ଶବ୍ଦର ଅପଭ୍ରଂଶ) ତୁନି । ଯଥା—

ରୁମ୍ଭ ପଦ୍ମର ନୂପୁର ପଦ୍ମରରୁ ଖସି,
ପଡ଼ିଥିଲା ଏଥିଠାରେ ମଉନେ ପ୍ରେୟସି । କ. ବ.

ମଉରୁଷି, ବିଂ. ( ଯାବନିକ ) କୁଳକ୍ରମାଗତ, ପୁରୁଷପରମ୍ପରାଗତ । ଯଥା—

ଔପାଧିକ ରାଜା ଉଚ୍ଚାସନେ ବସି,
କ୍ଷୁଣ୍ଣ ହେଉଛନ୍ତି ରାଜା ମଉରୁଷି । ଦ. ବା.

ମଉଳ, ମଉଳି, ବି. (ମୌଳି ଶବ୍ଦର ଅପଭ୍ରଂଶ) ମସ୍ତକ । ଯଥା—

ଭୁଜଙ୍ଗ ଆଭରଣ ପଞ୍ଚଶିଖ ମଉଳେ । ନୃ.ପୁ.ପ୍ର.ତ.

ମଉଳା, ବି. (ମାତୁଳ ଶବ୍ଦଜ) ମାମୁ । ଯଥା—

ତୋର ମଉଳା ବୀର କଂସ । ଖ. ଦ. ସ୍କ.

( ଦେଶଜ ) ମୌଳିବା ଅର୍ଥାତ୍ ମଳିନ ହେବା ।

ମଉଳାଶୁର, ମଳାଶୁର, ବି. (ମାତୁଳ-ଶ୍ୱଶୁର ଶବ୍ଦଜ) ମାମୁଶଶୁର ।

ମଉଳାଶ୍ରାଦ୍ଧ, ବି.(ମାତୁଳଙ୍କ ପିତା ପିତାମହାଦିଙ୍କ ଉଦ୍ଦେଶରେ ହେବାରୁ) ମହାଳୟା ଶ୍ରାଦ୍ଧ ।

ମଉଳିବା, କ୍ରି. (ମ୍ଳୈ ଧାତୁଜ) ଝାଉଁଳିବା । ଯଥା—

ମଉଳଇ ନବମାଲିକା ଯେମନ୍ତ,
ମୂଳ କାଟିଦେଲେ ବଲ୍ଲୀକ ଦୁରନ୍ତ । ନ. କେ.

ନିସ୍ତେଜ ହେବା କିମ୍ବା କ୍ରୋଧ ତ୍ୟାଗ ପୂର୍ବକ ନତ ହେବା । ଯଥା—

ସେ ଅଙ୍ଗୁଷ୍ଠି ଚପା ହୋଇଲା ଗାରଡ଼ିଆ,
ଖମ ସର୍ପ ମଉଳିଗଲେ ନୋହୁ ଠିଆ । କୃ. ଖ. ଆ.

ମଉଷଧି, ମଉସଧି, } ବି. (ମହୌଷଧି ଶବ୍ଦର ଅପଭ୍ରଂଶ) ପ୍ରଧାନ ଔଷଧ । ଯଥା—

ସକଳ ମଉଷଧି ମୂଳ,
ଯେ ପ୍ରଭୁ ନାମ ଆଦିମୂଳ । ଦା. ର.

ମଉସା, ବି. (ମାତୃସ୍ୱସା ଶବ୍ଦଜ ମାଉସୀର ପୁଂଲିଙ୍ଗ) ମାତାଙ୍କ ଭଗିନୀର ପତି । ଯଥା—

ବାପକୁ ତେଜ୍ୟା କରି ମଉସା ପାଦେ ନମ । ନୃ.ପୁ.ଚ.ତ.

ମଏଣ, ବି. ( ତଦର୍ଥବାଚକ ମଦନ ଶବ୍ଦଜ ) ଔଷଧଦ୍ରବ୍ୟବିଶେଷ ଏବଂ ତାହାର ଗଛ ।

ମକଚ୍ଚ, ବି. (ଦେଶଜ) ମୋଡ଼ା । ବିଂ. ଦଳିତ ବା ମୋଡ଼ହେବା ।

ମକଚିବା, କ୍ରି. (ଦେଶଜ) ଦଳିବା କିମ୍ବା ମୋଡ଼ିବା ।

ମକଚହେବା, କ୍ରି. (ଦେଶଜ) ମୋଡ଼ହେବା । ଯଥା—ଗୋଡ଼ଟା ମକଚ ହୋଇଯାଇ ବଡ଼ ବାଧା ଦେଲଣି ।

ମକଦମ, } ବି. (ଦେଶଜ) ଅଧିକାରୀବିଶେଷ;
ମକଦ୍ଦମ, } ଗ୍ରାମାଧିକାରୀ; (ଅଗ୍ରହାରରେ ଯେ ପ୍ରଧାନ ବ୍ୟକ୍ତି ବା ଯେ ସରକାରି କାର୍ଯ୍ୟ ଚଳାଇ ନିଅନ୍ତି ତାହାଙ୍କୁ ମକଦ୍ଦମ କହନ୍ତି ।)

ମକଦମା, ମକଦ୍ଦମା, } ବି. (ଯାବନିକ)
ମୋକଦମା, ମୋକଦ୍ଦମା, } ଚଗାଇଦା ବା ରାଜଦ୍ୱାରରେ ସୁବିଚାର ପ୍ରାର୍ଥନା, ଅଭିଯୋଗ ।

ମକଦଲଫୁଲ, ବି. (ଦେଶଜ) ମଖମଲ ଫୁଲ ବା ଗେଣ୍ଡୁଫୁଲ ।

ମକଦ୍ଦମୀ, } ବି. (ଯାବନିକ) ଜମିଦାରି-
ମକଦ୍ଦମି, } ବିଶେଷ ।

ମକମକ, ଅଂ. (ଦେଶଜ) ଶବ୍ଦାନୁକରଣ-ବିଶେଷ । ଯଥା—

କରି ପିକକୁ ମୂକ ମକମକ ଶାମୂକ
କାମୁକ ଚମକକୁ ନିତ୍ୟେ । ଲ୍. ବ.

ଯୌବନକଣ୍ଡୂ, ଯୌବନମତ୍ତତା ।

ମକମକାଇବା, କ୍ରି. (ଦେଶଜ) ଯୌବନରେ ମତ୍ତ କରିବା, ଯୌବନ ଯୋଗୁଁ ଉନ୍ମତ୍ତ କରିବା । ଯଥା—ଭାତ ମକମକାଉ ଅଛି କି ଯୌବନ ମକମକାଉ ଅଛି ?

ମକର, ବି. (ପ୍ରାଣି କବଳନେ ମୁଖଂ କରୋତି ମକରଃ । କୃ-ବିକ୍ଷେପେ, ମାସ୍ୟଂ କରୋ-ତୀତି ମକରଃ, ଉଣ୍ଟ୍ୱୁ କରଣେ, ମ = ମୁଖ ବା ମନୁଷ୍ୟ-କ = ବିକ୍ଷେପ କରିବା, ହିଂସା କରିବା-ଅ) ଶୃଙ୍ଗବିଶିଷ୍ଟ ମତ୍ସ୍ୟବିଶେଷ । (ଯେ କି ଗଙ୍ଗାଙ୍କ ବାହନ ଓ କାମଦେବଙ୍କ ଧ୍ୱଜ) ରାଶିମ ରାଶି । (ମକର ଇବ ଉଦ୍ଧାଲୁ-ମଣକ୍ୟାଦ୍ଭାନ୍ତକରଃ । ଅଥବା ମକ = ଭୂଷଣ-ରା-ଅ) କୁବେରଙ୍କ ନିଧିବିଶେଷ ।

ମକରକେତନ, } ବି. (ମକର-କେତନ, ଧ୍ୱଜ,
ମକରଧ୍ୱଜ, } କେତୁ = ପତାକା-ଯାହାର)
ମକରକେତୁ, } ମଦନ, କନ୍ଦର୍ପ । (ମକର-କେତନ = ସମୁଦ୍ର ।)

ମକରନ୍ଦ, ବି. (ମଂକ୍ୟତେ ପୁଷ୍ପ୍ୟତେ ଅନେନେତି ମକରନ୍ଦଃ-ମ କ ମଣ୍ଡନେ = ଏହାଦ୍ୱାରା ପୁଷ୍ପ ଅଳଂକୃତ ହୁଏ ବୋଲି ମକରନ୍ଦ, ଅଥବା ମକର-ଦୋ = ଛେଦନ କରିବା-ଅ)ପୁଷ୍ପମଧୁ, ପୁଷ୍ପରସ । (ମକରନ୍ଦଃ ପୁଷ୍ପରସଃ—ଅମର ।) କୁନ୍ଦଫୁଲ ଗଛ; କିଞ୍ଜଳ୍କ, ପୁଷ୍ପର ରେଣୁ । ବିଂ. ମଧୁବିଶିଷ୍ଟ ।

ମକରବାଲୁଆ, } ବି. (ଦେଶଜ) ଶଗଡ଼ର
ମକରା, } ଆଗକୁ ଦୁଇ ଗୁଳା ଅର୍ଥାତ୍ ଦଣ୍ଡାବାଉଁଶ ଯେଉଁ କାଷ୍ଠଖଣ୍ଡରେ ଯୋଡ଼ା ହୋଇଥାଏ ।

ମକରା, ବି. (ଦେଶଜ) ଘରର ଦୁଲି ଉପରେ ବସାଇବା ଚଉପାଯ୍ୟା କାଷ୍ଠ ଖଣ୍ଡ । (କେହି କେହି ଏହାକୁ କମରା କହନ୍ତି ।)

ମକରାର, } ବି. (ଯାବନିକ) କୌଣସି ବ୍ୟକ୍ତିର
ମକରାରି, } ନାମରେ ଜମି ପ୍ରଭୃତି ସ୍ଥାୟୀରୂପେ ବନ୍ଦୋବସ୍ତ କରିଦେବା ।

ମକରାରି, } ବିଂ. (ଯାବନିକ) ଯାହାର ସ୍ଥାୟୀ-
ମକରରି, } ରୂପେ ବନ୍ଦୋବସ୍ତ ହୋଇଅଛି । ଯେପରି—ମକରାରି ବା ମକରରି ଜମି ।

ମକରାଳୟ, ମକରାକର, } ବି. ଙ୍. ସମୁଦ୍ର ।
ମକରକେତନ, }

ମକରିକା, ବି. ସ୍ତ୍ରୀ. (ମକର-ଇକ-ସାଦୃଶ୍ୟାର୍ଥେ-ଆ) ମକରାକାର ପତ୍ରାବଳୀ, ମକରାକାର ଗଣ୍ଡଚିହ୍ନ ।

ମକା, ମକ୍କା, ବି. (ଦେଶଜ) ଏକପ୍ରକାର ଜନା, ଚଣକବିଶେଷ ।

ମକାଖଇ, ବି. (ଦେଶଜ) ମକାଚଣା ବା ଜନାକୁ ଭାଜିଲେ ଯେଉଁ ଲିଆ ବା ଖଇ ହୁଏ ।

ମକୁଟ, ବି. (ମନ୍କ୍ ବା ମକ୍=ଭୂଷିତ କରିବା-ଉଟ) ମୁକୁଟ, ଶିରୋଭୂଷଣ ।

ମକୁଟା, ବି. ( ମକୁଟ ଶବ୍ଦଜ ) ଗୃହ ଗୃହର ଉପରି ଉଭୟ ପାର୍ଶ୍ୱରେ ଊର୍ଦ୍ଧ୍ୱାଧଃ ବାନ୍ଧିଥିବା ଲମ୍ବାୟମାନ ନଡ଼ାଗୁଚ୍ଛ, ବାଉଳ । (ଦେଶଜ) ରେଶମୀ ବସ୍ତ୍ରବିଶେଷ ।

ମକୁର, ବି. (ମନ୍କ୍ ବା ମକ୍=ଭୂଷିତ କରିବା-ଉର-ସଂଜ୍ଞାର୍ଥେ) ଦର୍ପଣ; କୁମ୍ଭକାରର ଦଣ୍ଡ; ମୁକୁଳ, କଢ଼ି, ବକୁଳ ବୃକ୍ଷ । (ମକୁରଃ ସ୍ୟାତ୍ ମୁକୁରବତ୍ ଦର୍ପଣେ ବକୁଳଦ୍ରୁମେ । କୁଲାଳଦଣ୍ଡେ—ମେଦିନୀ ।)

ମକ୍‌କଲ, ବି. ସଂ. ଶୂଳରୋଗବିଶେଷ ।

ମକ୍‌କେଲ, ମୱକ୍‌କେଲ, ମକେଲ, ବି. ( ଯାବନିକ ) ଓକିଲ-ମାନଙ୍କ ଆଶ୍ରିତ ଦାବିଦାର ବା ମକଦ୍ଦମାକାରୀ ।

ମକ୍ର, ବି. ( ମକର ଶବ୍ଦଜ ) ମକର ନାମକ ଜଳଜନ୍ତୁ; ସଂକ୍ରାନ୍ତି ବା ମାସବିଶେଷ । ଯଥା—

ତୁଳ ବିଚ୍ଛା ଧନୁ ମକ୍ର କୁମ୍ଭ ମୀନ ମେଷି,
ବୃଷ ମିଥୁନ କର୍କଡ଼ା ହେଲ ଦଶମାସ । ସା ଭ୍ର ଆ.

ମକ୍ଷ, ବି. (ମକ୍ଷ୍=ରାଶି କରିବା, କ୍ରୁଦ୍ଧ ହେବା-ଅ) ସମୂହ; କ୍ରୋଧ; ସ୍ୱୀୟ ଦୋଷ ଗୋପନ କରିବା ।

ମକ୍ଷିକା, ମକ୍ଷୀକା, ବି. ସ୍ତ୍ରୀ. (ମକ୍ଷ୍=ରାଶି କରିବା ଇତ୍ୟାଦି-ଅକ-ଆ, ଅକ=ଇକ) କୀଟ-ବିଶେଷ, ମାଛି ।

ମକ୍ଷିକାମଲ, ବି. ସଂ. ମହଣ, ମଧୁସିକ୍‌ଥ ।

ମକ୍ଷୁ, ମଂକ୍ଷୁ, ବି°. (ମକ୍ଷ୍=ଗମନ କରିବା-ଉ, ବିକଳ୍ପେ ମ ଆଗମ) ଗତିବିଶିଷ୍ଟ । କ୍ରି. ବି°. ଶୀଘ୍ର, ତ୍ୱରିତ ।

ମଖ, ବି. (ମଖ୍=ଗମନ କରିବା-ଅ ) ଯାଗ, ଯଜ୍ଞ ।

ମଖଡ଼, ବି°. (ମୁଖର ଶବ୍ଦଜ) ଦୁଷ୍ଟ । ଯଥା—

ସର୍ବେ ନନ୍ଦା କର ଯେହୁ ଅପେ ହୁଏ ବଡ଼,
କାବେ ଦୟା ନ କର ଯେ ହୁଅଇ ମଖଡ଼ । ନୃ.ପୃ.ଦ୍ୱି.ଚ.

ମଖନ, ବି. (ଦେଶଜ) ଲହୁଣି, ନବନୀତ ।

ମଖମଲ, ବି. (ଯାବନିକ) ଊର୍ଣ୍ଣାନିର୍ମିତ ବସ୍ତ୍ର-ବିଶେଷ ।

ମଖମଲ, ମଖମଲି, ବି. ( ମଖମଲ୍ଲୀ ଶବ୍ଦଜ ) ପୁଷ୍ପବିଶେଷ; ଗେଣ୍ଡୁ ଫୁଲ ।

ମଖାସା, ବି. (ଯାବନିକ) ଜାଗିର, ପୁରସ୍କାର ସ୍ୱରୂପ ଦତ୍ତ ଜମି ।

ମଖାସାଦାର, ବି. (ଯାବନିକ) ଯେ ମଖାସା ପାଇଅଛି ।

ମଗ, ବି. ସଂ. ସ୍ଥାନବିଶେଷ, ଦେଶବିଶେଷ; ଶାକଦ୍ୱୀପର ବ୍ରାହ୍ମଣ; ସମୁଦ୍ର ତୀରବାସୀ ନୀଚ ଜାତିବିଶେଷ ।

ମଗଜ, ବି. (ଯାବନିକ) ମସ୍ତିଷ୍କ; ବୁଦ୍ଧି; ମଜ୍ଜା; ହୃଦୟର ଭାବ । ଯଥା—

କେ ବୋଲେ ଚନ୍ଦ୍ର ସୂର୍ଯ୍ୟ ଧରଣ ରୂପ ବେନି,
ରାଜା ମଗଜ ବୁଝିଯିବେ ଏ ଦେହ ଦେନି । ନୃ.ପୃ ଚ.ଚ.

ବି°. ଶ୍ରେଷ୍ଠ, ଉତ୍ତମ ।

ମଗଜଲଡ୍ଡୁ, ବି. ଉତ୍ତମ ମିଷ୍ଟାନ୍ନବିଶେଷ ।

ମଗଦୁର, ମଗଦୁର, ବି. ( ଯାବନିକ ) କ୍ଷମତା; ଯୋଗ୍ୟତା; ଅଧିକାର ।

ମଗଧ, ବି. (ମଗ=ମଗବ୍ରାହ୍ମଣ-ଧା-ଅ, ମଗଧ୍=ସ୍ତୁତି କରିବା-ଅ) ଦକ୍ଷିଣ ବେହାର ଦେଶ; ସ୍ତୁତିପାଠକ ।

ମଗର, ବି. ( ମକର ଶବ୍ଦଜ ) ମକର ନାମକ ଜଳଜନ୍ତୁ । ଯଥା—

ମଗର ପର ଚିହ୍ନି ଗଦା ଶଙ୍ଖ ଶୂଳ,
ହୋଇଛନ୍ତି ଶୋଭା ନୀରରେ ଚଞ୍ଚଳ । କୃ.ଭ.ବ.ପ.

ମଗରା, ବି°. (ଦେଶଜ) ଅବାଧ୍ୟ, ଏକଜିଦ୍ଦିଆ । ଯଥା—

ଚଳୁଆ ଯେ ବଡ଼ ମଗରା ଗଉଡ଼
ଶୁଣିଲେ ହେବ ପ୍ରଚଣ୍ଡ ।

(ଗଡ଼ଜାତରେ) ବଡ଼ର ତୁଳାଆ ।

ମଗାଯଗୃ, ମାଗଯାଚ, ବି. (ଦେଶଜ) ମାଗିବା ।

ମଗୁ, ବି. (ମୃଗ ଶବ୍ଦଜ) ମୃଗ ।

ମଗୁଶିର, } ବି. ( ମାର୍ଗଶିରସ୍ ଶବ୍ଦଜ ) ମାସ-
ମଗୁସୁର, } ବିଶେଷ । ଯଥା—

ଏହି ମଗୁଶିର ମାସ, କାକର ପଡ଼େ ବିଶେଷ । ବା.କୋ.

ମଗ୍ନ, ବିଂ. (ମସ୍ଜ୍=ବୁଡ଼ିବା-ତ) ଅନ୍ତଃପ୍ରବିଷ୍ଟ, ଯେ ବୁଡ଼ିଅଛି; ଆସକ୍ତ ।

ମଗ୍ନଗିରି, } ବି. ସଂ. ଯେଉଁ ପର୍ବତ ସମୁଦ୍ର
ମଗ୍ନପର୍ବତ, } ଗର୍ଭରେ ମଗ୍ନ ଥାଏ । **(Submarine Rock)**

ମଘ, ବି. (ମହ୍=ପୂଜା କରିବା-ଅ, ହ=ଘ) ମଘ ନାମକ ମ୍ଲେଚ୍ଛମାନଙ୍କ ଦେଶ; ସୁଖ; ପୂଜା ।

ମଘବା, ବି. (ମଘବନ୍-ମହ୍=ପୂଜା କରିବା-ଅନ, ବ ଆଗମ) ଇନ୍ଦ୍ର । (ସ୍ତ୍ରୀ-ମଘୋନୀ ହୁଏ ।)

ମଘବାନ୍, ବି. [ମଘବତ୍-ମଘ=(ସ୍ୱର୍ଗର) ସୁଖ-ବତ୍, ଅସ୍ତ୍ୟର୍ଥେ] ଇନ୍ଦ୍ର । (ସ୍ତ୍ରୀ-ମଘବତୀ =ଇନ୍ଦ୍ରାଣୀ ।)

ମଘା, ବି. ସ୍ତ୍ରୀ. ନକ୍ଷତ୍ରବିଶେଷ; ଔଷଧ-ବିଶେଷ ।

ମଙ୍ଗ, ବି. ( ଦେଶଜ ପ୍ରାୟ ) ନାସି, ପ୍ରାନ୍ତ; ନୌକାର ପ୍ରାନ୍ତ ବା ଶିରୋଭାଗ । ଯଥା—

ଋଷି ଛନ୍ତି ଆଗ ମଙ୍ଗେ ମୁହିଁ ପଛ ମଙ୍ଗେ,
ତାଙ୍କ ନେତ୍ର ପଡ଼ିଲା ମୋ ଜାନୁ ସ୍ତନ ଜଙ୍ଘେ । ସା.ଭା.ଆ.

ସ୍ୱୀକାର, ସମ୍ମତି । ଯଥା—ଅମଙ୍ଗ ହୁଅ ନାହିଁ । କ୍ରି. ସମ୍ମତି କର ।

ମଙ୍ଗନ, ବି. (ମଙ୍ଗଳ ଶବ୍ଦଜ) ବିବାହର ପୂର୍ବ-ଦିବସ ।

ମଙ୍ଗରାଜ, ବି. (ଦେଶଜ) ରାଜଉପାଧିବିଶେଷ । ଯଥା—

ପଦେ ଉପଇନ୍ଦ୍ର ମଙ୍ଗରାଜ କହି । ର. ପ.

ମଙ୍ଗଳ, ବି. ( ମନ୍ଗ୍=ଗମନ କରିବା-ଅଳ ) କ୍ଷେମ; ଶୁଭ; କୁଜଗ୍ରହ । ବିଂ. ଶୁଭଦାୟକ । (ସ୍ତ୍ରୀ-ଆ) ପାର୍ବତୀ, ଦୁର୍ଗା; ପତିବ୍ରତା ସ୍ତ୍ରୀ; ଶୁକ୍ଳଦୁର୍ବା; ହରିଦ୍ରା; ନୀଳଦୁବା ।

ମଙ୍ଗଳଣ, ବି. (ମଙ୍ଗଳ ବା ମଙ୍ଗଳାଚରଣ ଶବ୍ଦଜ) ବିବାହ ଓ ବ୍ରତ ବା ଉପନୟନର ପୂଜାଧିବାସ । ଯଥା—

କେବଳ ସ୍ତ୍ରିଗଣ ବସି ବଜାନ୍ତି କରତାଳି,
ମଙ୍ଗଳଣ ନୋହୁଁ କେ ଦିଅନ୍ତି ହୁଳହୁଳି । ନୃ.ପୁ.ଭୃ.ଚ.

ମଙ୍ଗଳାଚରଣ, ବି. ସଂ. କର୍ମାରମ୍ଭରେ ଶୁଭ-ଜନକ କ୍ରିୟା; କର୍ମାରମ୍ଭରେ ପ୍ରାଥମିକ ସ୍ତୁତିପାଠ; କାବ୍ୟାଦିର ନାନ୍ଦୀ ଶ୍ଳୋକ ବା ବନ୍ଦନାତ୍ମକ ପଦ୍ୟ ।

ମଙ୍ଗଳିବା, କ୍ରି. (ମଙ୍ଗଳ ଶବ୍ଦଜ) ବିବାହାଦିରେ ମଙ୍ଗଳଣବିଧି କରିବା । ଯଥା—

ରତ୍ନଦୀପ ଜାଳି କୁମ୍ଭେକ ସ୍ଥାପିଲେ,
ମଙ୍ଗଳଣ ହାଣ୍ଡି ନେଇଁ ବେଦୀରେ ଥୋଇଲେ । ମ°.ଗ.

( ଦେଶଜ ) ଅଶୁଚିରେ ସମସ୍ତଙ୍କୁ ଛୁଇଁ-ଦେବା ।

ମଙ୍ଗଳ୍ୟ, ବିଂ. (ମଙ୍ଗଳ-ଯ) ଶୁଭକର; ସୁନ୍ଦର; ସୁଖଦ । ବି. ଚନ୍ଦନ; ଦଧି; ସ୍ୱର୍ଣ୍ଣ; ସିନ୍ଦୂର । (ସ୍ତ୍ରୀ-ଆ) ଦୁର୍ଗା; ଗୋରଚନା; ହରିଦ୍ରା; ଦୁବା ।

ମଙ୍ଗା, ବି. (ଦେଶଜ) ମନରଞ୍ଜନକରା; ସମ୍ମତି-କରଣ ।

ମଙ୍ଗାଇବା, କ୍ରି. ( ଦେଶଜ ) ମନାଇବା । ଯଥା—

ସତ୍ୟବତୀ ବୋଇଲେ ଆସିଛୁ ମୁଁ ମଙ୍ଗାଇ । ନୃ.ପୁ.ସ.ଚ.

ପ୍ରବର୍ତ୍ତାଇବା । ଯଥା—

କୃପାନିଧାନୀଙ୍କ ନିଜ ପୁଣ୍ୟବଶେ
ସୁରୁଖାସ୍ତିରେ ମଙ୍ଗାଇବ । କେ. ପ.

ମଙ୍ଗିବା, କ୍ରି. (ଦେଶଜ) ସମ୍ମତି କରିବା ।

ମଚକା, ବି. ( ଦେଶଜ ) ମୋଡ଼ା ବା ଅଳ୍ପ ଭଙ୍ଗିବା ।

ମଚକିବା, କ୍ରି. (ଦେଶଜ) ମୋଡ଼ି ହୋଇଯିବା କିମ୍ବା ଅଳ୍ପ ଭଗ୍ନପ୍ରାୟ ହେବା ।

ମଚମଚ, ଅଂ. ( ଦେଶଜ ) ଅନୁକରଣ ଶବ୍ଦ-ବିଶେଷ ।

ମଚଳା, ବି. (ଦେଶଜ) କଣ୍ଠରୋଗବିଶେଷ ।

ମଚ୍ଛ, ବି. [ମଦ୍=(ଜଳରେ) ହୃଷ୍ଟ ହେବା-ଶ] ମତ୍ସ୍ୟ, ମାଛ ।

ମଜକୁଷ୍ମ, ବି. ( ଯାବନିକ ) ଯାହାର ରାଜସ୍ୱ ଜମିଦାରଙ୍କର କମ୍ପା ସ୍ଥାନବିଶେଷରେ ଗଭର୍ଣ୍ଣମେଣ୍ଟ କର୍ମଚାରୀଙ୍କ ଯୋଗେ ଆଦାୟ ହୁଏ ଏବଂ ରାଜସ୍ୱ ସମ୍ବନ୍ଧେ ଯେ ଜମା ଅନ୍ୟ ଜମିଦାରଙ୍କ ଅଧୀନ ହୋଇ ଚିରସ୍ଥାୟୀରୂପେ ଭୋଗ ହୁଏ ।

ମଜକୂର, } ବିଂ. ( ଯାବନିକ—ଏହି ଶବ୍ଦଟି ମଜକୁର, } ଦୈଲିଙ୍ଗ ଭାଷାରେ ମଧ୍ୟ ସବିଶେଷ ବ୍ୟବହୃତ ହୁଏ ) ପୂର୍ବୋକ୍ତ ବା ଆଗେ କୁହାଯିବା (ଗ୍ରାମାଦି) ।

ମଜନ, ବି. ( ମଜ୍ଜନଶବ୍ଦର ଅପଭ୍ରଂଶ ) ମଗ୍ନହେବା, ଆସକ୍ତ ହେବା ।

ମଜବୁତ, } ବିଂ. ( ଯାବନିକ ) ଦୃଢ଼, ଶକ୍ତ; ମଜଭୁତ, } ବଳବାନ୍ । ଯଥା—

ନାରାୟଣ ଦାସେ ଥିଲେ ଖୁବ୍ ମଜବୁତ,
ଶେଷକାଳେ କାମ କଲୁ କଲେ ଅଦଭୁତ । ଭ. ଭୁ.

ମଜରା, ବି. (ଯାବନିକ) ଆଳସ୍ୟ; ଶ୍ରାନ୍ତ ।

ମଜଲି, } ବି. ( ଦେଶଜ ) ମାର୍ଗମଧ୍ୟସ୍ଥ ଚଟି ମଝିଲି, } ବା ପଥିକନିବାସାର୍ଥ ଗୃହ, ମାର୍ଗମଧ୍ୟସ୍ଥ ନିବାସ ସ୍ଥାନ ।

ମଜଲିସ, ବି. (ଯାବନିକ) ସମାରୋହ; ସଭା ।

ମଜା, ବି. (ମୃଜ୍ ଧାତୁଜ) ମାଜିବା । ( ମଜ୍ଜା ଶବ୍ଦର ଅପଭ୍ରଂଶ ) ଅନ୍ତଃକରଣ; ଇଚ୍ଛା; ସୁଖ; ତାମସା । ଯଥା—

କରଇ ସେ କେତେ ରଙ୍ଗ କେତେ ମଜା । ଦ.ବା.

ବିଂ. ପରିଷ୍କୃତ । (ମସ୍ଜ୍ ଧାତୁଜ) ମଗ୍ନ ।

ମଜାକ, ବି. (ଦେଶଜ) କୌତୁକ ।

ମଜୁତ, ମଜୁଦ, ବିଂ. ( ଯାବନିକ ) ଜମା; ପ୍ରସ୍ତୁତ । ଯଥା—

ସୁନ୍ଦର ପାଚିଲ ଫଳ ବହୁତ,
ଦୋକାନ ଭିତରେ ଅଛି ମଜୁତ । ଭ. ସା.

ମଜୁମଦାର, ବି. ( ପାରସ୍ୟ ଶବ୍ଦ ) ଉପାଧିବିଶେଷ ।

ମଜୁର, ବି.(ପାରସ୍ୟ ଶବ୍ଦ) ସାମାନ୍ୟ ଶ୍ରମଜୀବୀ ।

ମଜୁରା, ବି. (ଯାବନିକ) ପରିଶୋଧ, ଅସୁଲ । ଯଥା—

ଦେଇଅଛ ଲୋକେ କେତେ ମାଂସ ସୁରା,
ତାପାଇଁ କଡ଼ାଏ ନୋହିବ ମଜୁରା । ଦ. ବା.

ମଜୁରି, } ବି. (ଯାବନିକ) ଦୈନିକ ବେତନ, ମଜୁରୀ, } ମଜୁର ଯେଉଁ ଦୈନିକ ମୂଲ ପାଏ ।

ମଜ୍ଜନ, ବି. (ମସ୍ଜ୍=ମଗ୍ନହେବା-ଅନ) ଅବଗାହନ; ଆସକ୍ତ ହେବା ।

ମଜ୍ଜା, ମଜା, } ବି. ସ୍ତ୍ରୀ. (ମସ୍ଜ୍=ଅସ୍ଥି ପ୍ରଭୃତି ମଜ୍ଜନ୍. } ମଧ୍ୟରେ ଡୁବିବା-ଅ ଆ, ଅନ୍) ଅସ୍ଥି ଓ ମାଂସର ମଧ୍ୟସ୍ଥ ସ୍ନେହବିଶେଷ; ବୃକ୍ଷସାର ।

ମଜ୍ଜାଇବା, } କି. ( ମଜ୍ଜନ ଶବ୍ଦଜ ) ମଜ୍ଜନ ମଜାଇବା, } କରାଇବା; (ମନ) ରଞ୍ଜାଇବା; ଆସକ୍ତ କରିବା ।

ମଜ୍ଜିବା, } କି. ( ମଜ୍ଜନ ଶବ୍ଦଜ ) ଆସକ୍ତ ମଜିବା, } ହେବା; ମଗ୍ନହେବା । ଯଥା—

ଦ୍ୱିଗୁଣ ଆଦରେ ପ୍ରମୋଦ ନଦରେ
ମଜ୍ଜି ଘେନଗଲେ କର ଧରି । କ.ଚ.ଚ.

ମଝା, ବି. ( ମଧ୍ୟ=ପ୍ରାକୃତ ମଜ୍ଝ୍ ଶବ୍ଦଜ ) ମଧ୍ୟଭାଗ; କଟି । ଯଥା—

କ୍ଷୀଣ ମଝା ସୁବିପୁଳ ବକ୍ଷସ୍ଥଳ । ବି. ର.

ମଝାଲ, ବି. (ଦେଶଜ) ମଧ୍ୟସ୍ଥାନ । ବିଂ. ମଧ୍ୟଭଲ ।

ମଝି, ବି. (ମଧ୍ୟ—ପ୍ରାକୃତ ମଜ୍ଝ୍ ଶବ୍ଦଜ) ମଧ୍ୟଭାଗ । ବିଂ. ମଧ୍ୟରେ ଥିବା । ଯେପରି— ମଝିଘର ।

ମଝିଆ, ବିଂ. (ମଧ୍ୟମ—ପ୍ରାକୃତ ମଜ୍ଝିଅ ଶବ୍ଦଜ) ଜ୍ୟେଷ୍ଠର ଦ୍ୱିତୀୟ; ମଧ୍ୟରେ ଥିବା ।

ମଝିକୋଠା, ବି. ( ମଧ୍ୟକୋଷ୍ଠ ଶବ୍ଦଜ ) ମଧ୍ୟଭାଗରେ ଥିବା ବଖରା ।

ମଞ୍ଚ, ମଞ୍ଚକ, ବି. (ମନ୍ଚ୍=ଉଚ୍ଚ ହେବା ଇତ୍ୟାଦି-ଅ-କ ) ପର୍ଯ୍ୟଙ୍କ, ଖଟ; ମଞ୍ଚା; ଉଚ୍ଚ ସ୍ଥାନ; ଭାଡ଼ି; ବେଦୀ; ଉଚ୍ଚ ମଣ୍ଡପବିଶେଷ । (ମର୍ତ୍ତ୍ୟ ଶବ୍ଦଜ) ମର୍ତ୍ତ୍ୟଲୋକ । ଯଥା—

ସୁରବେକ ମିତ ହେ ବୃନ୍ଦ,
ସେ ସମସ୍ତ ସୁଖ ସମ କେ ମଞ୍ଚ ମାଝ । ର. ପ.

ମଞ୍ଜା, ବି. (ମଞ୍ଚ ଶବ୍ଦଜ) ଭାଡ଼ି ।
ମଞ୍ଜାଳିବା, } କ୍ରି. (ଦେଶଜ) ପାଦ ସମ୍ବାହନ
ମଚ୍ଚଳିବା, } କରିବା । ଯଥା—
ବକ୍ଷିଣୀ ପାଦ ମଞ୍ଜାଳି ଗୃହି । ପ୍ରେ. ସୁ. ନି.
ଦୁଇ ହସ୍ତରେ ଘଷିବା । ଯଥା—
ପଣାକାଠି ମନ୍ଦି ମଞ୍ଜାଳଇ ବେନି ହସ୍ତେ । ସା. ଭ୍ର. ସ.
ଚିପିବା । ଯଥା—
ଯୌବନ ମଞ୍ଜାଳିଲି କରେ,
ବିବସ୍ତ୍ର କଲି ଧାଡ଼କାରେ । ମା. ମା.
ମଞ୍ଜି, ମଞ୍ଜା, ବି. (ମଜ୍ଜା ଶବ୍ଦଜ) କାଷ୍ଠାଦିର ସାରଭାଗ । ଯେପରି—କେନ୍ଦୁମଞ୍ଜି; କଦଳୀ ଗଛର ମଧ୍ୟସ୍ଥ ସାର । ଯେପରି—କଦଳୀ-ମଞ୍ଜା; କଦଳୀଗଛର ମଧ୍ୟପଟ । ଯଥା—
ଏକଗୋଟି ମଞ୍ଜ କାଟି ଆଣିଲି,
ମଟିକୋଠାରେ ତା ବସୁଇଦେଲି । ହ୍ରା. ଚ.
ମଞ୍ଜନ, ବି. (ଦେଶଜ) ଦାନ୍ତଘଷା ମିସି ।
ମଞ୍ଜରି, ମଞ୍ଜରୀ, ବି. ସ୍ତ୍ରୀ. (ମଞ୍ଜୁ=ମନୋଜ୍ଞତା ଋ=ଗମନ କରିବା-ଇ, ଈ) ଅଙ୍କୁର; ମୁକୁଳ; ବୃନ୍ତ ବା ବେଣ୍ଟ; ଝାଡ଼; ମୁକ୍ତା, ଲତା । (ବିଶେଷଣରେ ମଞ୍ଜରିତ ହୁଏ ।)
ମଞ୍ଜାର, ମଞ୍ଜାରୀ, ବି. ସ୍ତ୍ରୀ. (ମାର୍ଜାର ଶବ୍ଦଜ, ପୁଂଲିଙ୍ଗ ମଧ୍ୟ ହୁଏ) ବିରାଡ଼ି । ଯଥା—
ଯେତେକ ମଞ୍ଜାରୀ ଦେଖଇ ଆଗେ,
ତାଙ୍କ ଧରି ବୁଢ଼ୀ ପିଟଇ ରାଗେ । ହ୍ରା. ଭ.
ମଞ୍ଜି, ବି. (ମଜ୍ଜା ଶବ୍ଦଜ) ବୀଜ । ଯଥା—
ଡାଳିମ୍ବ ମଞ୍ଜି ମଞ୍ଜୁଳଦଶନା । କ. ଚ. ଚ.
ମଞ୍ଜିକା, ବି. ସ୍ତ୍ରୀ. ସଂ. ଗଣିକା, ବେଶ୍ୟା ।
ମଞ୍ଜିବା, କ୍ରି. (ଗଡ଼ଜାତରେ) ବଣ ଭିତରେ ପଶି ଯିବା ।
ମଞ୍ଜିଷ୍ଠା, ବି. ସ୍ତ୍ରୀ. (ମଞ୍ଜୁ=ମନୋହର-ସ୍ଥା-ଅ-ଆ) ରକ୍ତବର୍ଣ୍ଣ ଲତାବିଶେଷ ।
ମଞ୍ଜୀର, ବି. ( ମନ୍ଜ୍=ଶବ୍ଦକରିବା-ଈର ) ଚରଣାଭରଣ, ନୂପୁର ।
ମଞ୍ଜୁ, ବିଂ. (ମନ୍ଜ୍=ମାର୍ଜନକରିବା-ଉ) ମନୋଜ୍ଞ; ସୁନ୍ଦର; ମଧୁର ।
ମଞ୍ଜୁଆତ୍ତ, } ବି. (ଦେଶଜ) ହ୍ରସ୍ୱବୃକ୍ଷ-
ମଞ୍ଜାତ୍ତି, } ବିଶେଷ । ଯଥା—
ନଖେ ମଞ୍ଜୁ ମଞ୍ଜୁଆତ୍ତ ଚର୍ଚ୍ଚିତ ହୋଇଛୁ
ପୁଣ ଗୃହ ତାରକା । ଲ. ବ.
ମଞ୍ଜୁପାଠକ, ବି. ସଂ. ଶୁକପକ୍ଷୀ; ମନୋହର-ପାଠକ ।
ମଞ୍ଜୁର, ମଞ୍ଜୁରି, ବି. (ଯାବନିକ) ଅଙ୍ଗୀକାର; କାର୍ଯ୍ୟର ସ୍ଥିରତା । ବିଂ. ଅଙ୍ଗୀକୃତ; ସ୍ଥିର । (ଦେଶଜ) ପକ୍ଷିବିଶେଷ । ଯଥା—
ମଞ୍ଜୁର ମାଟିଚଲି ଗୋବଗ୍ଧ ଭଦାଲିଆ । ନୃ. ପ୍ର. ଚ. ଚ.
ମଞ୍ଜୁଳ, ବିଂ. (ମନ୍ଜ୍=ମାର୍ଜନା କରିବା-ଉଳ) ମନୋହର, ସୁନ୍ଦର; ମଧୁର; ସମୀଚୀନ । ବି. ନିକୁଞ୍ଜ; ଶୈବାଳ ।
ମଞ୍ଜୁଷା, } ବି. ସ୍ତ୍ରୀ. ( ମନ୍ଜ୍=ପରିଷ୍କାର
ମଞ୍ଜୂଷା, } କରିବା-ଊଷ, ଊଷ-ଆ) ପେଡ଼ି, ସିନ୍ଦୁକ; ପାଷାଣ; ମଞ୍ଜିଷ୍ଠା ।
ମଟକ, ବି. (ଦେଶଜ) ଚକ୍ଷୁପଲକ । ଯଥା—
ନୃସିଂହ ବୃତ୍ତାନ୍ତ କେ ପାରିବ ଲେଖି,
ଗୃହଦ୍ୱାରେ ମଟକ ନ ପଡ଼େ କାର ଆଖି । ନ. ପୁ ଭୃ. ଚ.
ପଲକପତନମାତ୍ର କାଳ । ଯଥା—
ଆମ୍ଭଙ୍କୁ ଦେଖିବାମାତ୍ରକେ,
ଧଇଲେ ଚକ୍ଷୁର ମଟକେ । ମା. ମା.
ମଟକା, ମସକା, ବି. (ଦେଶଜ) ଯେଉଁ କାଠ ପ୍ରଭୃତି ସହଜରେ ଭାଙ୍ଗିଯାଏ, ଭଙ୍ଗପ୍ରବଣ । ଯଥା—
ସଜନା ଆମୃଡ଼ା ବଡ ମଟକା,
ଦୁର୍ଯ୍ୟୋଧନ ଭୀମ ବଡ ରଟକା ।
ମଟମଟ, ଅ°. (ଦେଶଜ) ଅନୁକରଣ ଶବ୍ଦ-ବିଶେଷ; ଦୃଷ୍ଟିର ଅନୁକରଣ । ଯଥା—
ମୁଁ ମାଇଲବେଲକୁ ଏହାଙ୍କୁ ବରିଟ,
ଦେଖି ମୋତେ ଗୃହୁଁ ଛନ୍ତି ମଟମଟ । କୃ. ଖ୍ରା. ବି. ପ.
ମଟର, ବି. (ମସୂର ଶବ୍ଦଜ) ଫଳବିଶେଷ ବା ଚଣକବିଶେଷ ।
ମଟର, } ବି. (ଇଂରାଜୀ ଶବ୍ଦ) କଳଗାଡ଼ି ।
ମଟରକାର, }

ମଟାମ, } ବି. (ଦେଶଜ) ଭିତ୍ତି ପ୍ରଭୃତିର
ମୋଟାମ, } ପରିମାଣଜ୍ଞାପକ ସମକୋଣ ଯନ୍ତ୍ର-
ବିଶେଷ, ବଢ଼ାଇ ଏବଂ ରାଜମିସ୍ତ୍ରିମାନେ ଏହାର ବ୍ୟବହାର କରନ୍ତି ।

ମଟାଳ, ବିଂ. (ଦେଶଜ) କଠିନ ।

ମଟାଳିବା, କ୍ରି. (ଦେଶଜ) ଅପେକ୍ଷା କରିବା, ବିଳମ୍ବ ସହିବା; ସ୍ଥିର ହୋଇ ରହିବା । ଯଥା—

ଜନନୀ ବୋଇଲେ ବାବୁ ! କ୍ଷଣେ ରୁ ମଟାଳ,
ଦେବପୂଜା ସାରି ମୁଁ ଧରିବି ତୋତେ କୋଳ ।
ନୃ. ପୃ. ତୃ. ତ.

ମଠ, ବି. (ମଠ୍=ବାସ କରିବା-ଅ-ଯେ ସ୍ଥାନରେ ଛାତ୍ରପ୍ରଭୃତି ବାସ କରନ୍ତି) ଦେବାଳୟ; ଟୋଲ; ବାବାଜୀମାନଙ୍କର ଆଖଡ଼ା; ଗାଡ଼ । (ମଟ୍ଠର = ପ୍ରାକୃତ ମଠଅ ଶବ୍ଦ ଜାତ) ବିଳମ୍ବକରଣ । ଯଥା—

ଶୁଙ୍ଗେ ଛଠୁ ଛଠୁ ଉର୍ବଶୀର ମଠ
ଦେଖି ଡାକିବାରୁ ସଖୀ । ଉର୍ବଶୀ ।

ବିଂ. ବିଳମ୍ବ ।

ମଠର, ବି. (ମନ୍=ମାନ୍ୟକରିବା-ଅର-ସଂଜ୍ଞାର୍ଥେ, ନ=ଠ) ମୁନିବିଶେଷ । ବିଂ. ମନ୍ଥ । (ମନ୍ଥର ଶବ୍ଦଜ) ବିଳମ୍ବ ।

ମଠା, ବି. (ଦେଶଜ) ରେଶମୀବସ୍ତ୍ରବିଶେଷ; ଦହି ବା ତକ୍ର । ବିଂ. ଯାହାକୁ ମାଠିଥାନ୍ତି । ଯଥା—

ଯୌବନର ମାଠେ ମଠା ହୋଇ ଅଙ୍ଗ
ଯଷ୍ଟି କିବା ପଲ୍ଲବଣ । ଯ. କେ.

ମଠିଆ, ବି. (ବାଲେଶ୍ୱର ପ୍ରାନ୍ତରେ ବ୍ୟବହୃତ) ମାଟିଆ କମ୍ବା ଖୋବା ।

ମଠୁଆ, ବିଂ. (ଦେଶଜ-ମଠ-ଉଆ) ଅଳସୁଆ; ମଠରେ ଯେ ନିବାସ କରେ; ମଠ-ସମ୍ବନ୍ଧୀୟ ।

ମଡ଼କ, ବି. (ମରକ ଶବ୍ଦଜ) ମାରିଭୟ । ଯଥା—

ଦୁର୍ଭିକ୍ଷ ମଡ଼କ ରାଷ୍ଟ୍ରେ—ଇତ୍ୟାଦି । କ. ବ.

ମଡ଼ଛି, ମଡ଼ଛୀ, } ବି. ସ୍ତ୍ରୀ. (ମୃତବତ୍ସା ଶବ୍ଦଜ)
ମଡ଼ୁଛି, ମରୁଛି, } ଯେଉଁ ସ୍ତ୍ରୀର ସନ୍ତାନ ଜୀବିତ
ରହେ ନାହିଁ । ଯଥା—

ଏତେ ମଡ଼ଛି ଅଛୁ କାହିଁ,
କେ ବୋଲେ ମୁଖ ତା ନ ଚାହିଁ । ଖ୍ରା. ଦ. ସ୍କ.

(ମଡ଼ଛି ଶବ୍ଦ ଦେଖ ।)

ମଡ଼ଫୁଲ, ମଡ଼ଫୁଲ, } ବି. (ଦେଶଜ) ଭୋଜ-
ମେଡ଼ଫୁଲ, } ନିର ଯୋଗାଡ଼; ଅନ୍ନ
ବ୍ୟଞ୍ଜନାଦି । ଯଥା—

ସହସ୍ରେ ସୂପକାର ରାନ୍ଧନ୍ତି ମଡ଼ଫୁଲ,
ବିସ୍ମରଇ ଭୀମସେନ ଏହା ମୁଁ ପାଇଲି । ସା. ଭା. ଆ.
ଏମନ୍ତ ସମସ୍ତେ ରାଜି ଯାମେ ହୋନ୍ତେ ଆସି,
ପକ୍ଷୀ ତାର ମେଡ଼ଫୁଲ ରାନ୍ଧସାରି ବସି । ନୃ.ପୃ.ଦ୍ୱି.ତ.

ମଡ଼ଫୁଲଘର, ବି. (ଦେଶଜ) ପାକଶାଳା । ଯଥା—

ମଡ଼ଫୁଲ ଘରେ ପଶିଲେକ ଗୋପ୍ୟ ହୋଇ,
ଦେଖିଲେ ଭୀମସେନ ପାକ ସକଳ ଖାଇ । ସା.ଭା.ଆ.

ମଡ଼ମଡ଼, ଅଂ. (ଦେଶଜ) ଶବ୍ଦାନୁକରଣ-ବିଶେଷ । ଯଥା—

ମଡ଼ମଡ଼ ମଡ଼ ହୋଇ କମ୍ପିଲା ସଘନେ । ମ. ଯା.

ମଡ଼ମଡ଼ିଆ, ବିଂ. (ଦେଶଜ) ଭଗ୍ନଶୀଳ; ଯେ ସହଜରେ ଭାଙ୍ଗିଯାଏ ।

ମଡ଼ଳ, ବି. (ମଣ୍ଡଳ ଶବ୍ଦଜ) ଗ୍ରାମର ପ୍ରଧାନ ପ୍ରଜା ।

ମଡ଼ା, ବି. ( ଦେଶଜ ) ଶବ, ମୃତଦେହ; ମାଡ଼ିବା; ଗତାଗତ ମାର୍ଗ । ବିଂ. ଯାହା ମାଡ଼ିଥାନ୍ତି; ମାଡ଼ିବା ଲୋକ । ଯଥା—

କାଠମଡ଼ା ମାଲେ ମରିଯିବେ ହୋଇ ଛେତ ।
ନୃ. ପୃ. ଦ୍ୱି. ତ.

ମଡ଼ାସାଇଁ, ମଡ଼ାସାଙ୍ଗି, } ବି. (ଦେଶଜ) ଶବ
ମଡ଼ାସାଙ୍ଗିଆ, } ସଙ୍ଗେ ଯିବା ବ୍ୟକ୍ତି ।
ଯଥା—

ଗୋବର ଲଗାଇଣ ନଦୀରେ ଗାଧୋଇ,
ମଡ଼ାସାଙ୍ଗିଏ ଆସିଲେ ଘରକୁ ଶୁଦ୍ଧି ହୋଇ ।
କୃ. ଭା. ବ. ପ.

ମଡ଼ଆ, ମଡ଼ିଆ, ବି. (ଦେଶଜ) ଯବକୁଡ଼ଆ । ଯଥା—

କୋଇଲି ! ମଡ଼ଆ ଦୁଆରେ ବେନ ଭାଇ,
ମୋତେ ଡାକୁଥିବେ ରାମ ମୁରଲୀର ଥୋଇ । କା.କୋ.

ମଡ଼, ମଡ଼ା, ବି. (ଦେଶଜ) ଶବ ।

ମଢ଼ି, ବିଂ. (ଦୈନ୍ୟ ବା ଦାରିଦ୍ର୍ୟ ଅର୍ଥବୋଧକ ମାଢ଼ି ଶବ୍ଦଜ) କୃପଣ ।

ମଢ଼ିଆ, ବି. ( ଦେଶଜ ) ବ୍ରାହ୍ମଣବିଶେଷ । ( କୌଥିମ ଶବ୍ଦ ଦେଖ । )

ମଢ଼ିଆଳ, ବି. (ଦେଶଜ) ପାଲଟିଲୁଗା, ମଳଆଲୁଗା । ଯଥା—

ବୋଲନ୍ତି ମଢ଼ିଆଲ ବଅ ଛୁ ଦୁଇଖଣ୍ଡ,
ପିନ୍ଧିଣ ଦୁଇ ଭାଇ ବୁଲନ୍ତୁ ଗଜଦାଣ୍ଡ । ନୃ.ପୁ.ଗ ଚ.

ମଢ଼ୁଆଶାଙ୍କୋଳ, ବି. (ଦେଶଜ) ଗୃହଶାଳୀରେ ଦୁଷ୍ଟ ଗୁରୁମାନଙ୍କ ନିମିତ୍ତ ବନ୍ଧନବିଶେଷ । ଯଥା—

ଚରଣେ ଦିଅନ୍ତୁ ମା ଗୋ ମଢ଼ୁଆ ଶାଙ୍କୋଳ ।
ଗୃହବୋଲ ।

ମଣା, ବି. ( ପ୍ରାକୃତ ମଣ୍ ଧାତୁଜ ) ବୋଧ, ଜ୍ଞାନ; ମନୋରଞ୍ଜନ ।

ମଣାଇବା, କ୍ରି. ( ପ୍ରାକୃତ ମଣ୍ ଧାତୁଜ ) ବୁଝାଇବା । ଯଥା—

ମୋହିନୀକୁ କିବା ସହସ୍ର ମଣାଇ
ଆଣନ୍ତି ଦେବ ଅପ୍‌ସରୀ । ଯ. କେ.

ଆପ୍ୟାୟିତ କରିବା; ମନ ରଞ୍ଜାଇବା ।

ମଣାଣ, ବି. (ପ୍ରାକୃତ ମଣ୍ ଧାତୁଜ) ମନାଇବା । ଯଥା—

ସନ୍ନିଧିରେ ଧୀରେ ମଣାଣ ଜଣାଣ ନ କଲ ବନ୍ଧୁବଶରେ ।

ମଣି, ମଣୀ, ବି. (ମଣ = ଶବ୍ଦ କରିବା-ଇନ୍) ରତ୍ନବିଶେଷ; ବହୁମୂଲ୍ୟ ପ୍ରସ୍ତରବିଶେଷ; ଅକାଳୋଦିତ ଇନ୍ଦ୍ରଧନୁ; ଲିଙ୍ଗାଗ୍ର; ଯୋନିର ଅଗ୍ରଭାଗ; ମଣିବନ୍ଧ, କଚ; ଅଜାଗଳସ୍ତନ ।

ମଣିବନ୍ଧ, ବି. ସଂ. ପ୍ରକୋଷ୍ଠ ଏବଂ ପାଣିର ମଧ୍ୟସ୍ଥ କରଗ୍ରନ୍ଥି; ହାତର କଚ ।

ମଣିବା, କ୍ରି. (ପ୍ରାକୃତ ମଣ୍ ଧାତୁଜ) ବୁଝିବା । ଯଥା—

ଏସନ ମଣଇଁ, ପ୍ରସନ୍ନ ସମ ଆନ ନ ଗଣଇ । ପ୍ରେ.ସୁ.ନି.

ମଣିମା, ବି. (ଦେଶଜ) ରାଜସମ୍ବୋଧନ । କ୍ରି. ମଣିମା ।

ମଣିଷ, ମଣସ, ମିଣିଷ, ବି. (ମନୁଷ୍ୟ ଶବ୍ଦଜ ପ୍ରାକୃତ) ମନୁଷ୍ୟ ।

ମଣୋହି, ମୁଣୋହି, ମଣୋଇ, ବି. (ଦେଶଜ) ରାଜାମାନଙ୍କର ଭୋଜନ । ଯଥା—

କାଠି ଲଗି ମାଣ୍ଡ ମୁଣୋହି ପଡ଼ନ୍ତୁ,
ଯେଉଁ କ ହେ ତୁମ୍ଭେ ନର ମଧ୍ୟେ ବଡ଼ । ଦି. ବା.

ମଣ୍ଡ, ବି. (ମନ୍ = ଭୂଷିତ କରିବା-ଡ଼) ଭୂଷଣ; ଫେନ; ସାର; ପିଚ୍ଛ; ଏରଣ୍ଡବୃକ୍ଷ; କାଣ୍ଡି । (ସ୍ତ୍ରୀ-ଆ) ସୁରା, ମଦିରା ।

ମଣ୍ଡକ, ବି. (ମଣ୍ଡ-କ) ପିଷ୍ଟକବିଶେଷ, ମଣ୍ଡା ।

ମଣ୍ଡଣ, ବି. (ମଣ୍ଡନ ଶବ୍ଦଜ ପ୍ରାକୃତ) ମଣ୍ଡନ ।

ମଣ୍ଡଣି, ମଣ୍ଡଣୀ } ବି. ସ୍ତ୍ରୀ. (ମଣ୍ଡନ ଶବ୍ଦଜ) ସାଜସଜ୍ଜା; ଭୂଷଣ । ଯଥା—

କରିଛୁ ମନ୍ଦିର ଅନ୍ତରସ୍ଥ ମଣ୍ଡଣି । ର. କ

ମଣ୍ଡନ, ବି. (ମଣ୍ଡ୍ୟତେ ଅନେନେତି ମଣ୍ଡନଂ, ମଡ଼ିଭୂଷାୟାଂ—ଅମରଟୀକା । ମନ୍ଡ଼୍-ଅନ) ଭୂଷଣ; ଅଳଂକରଣ, ସଜାଇବା । ବିଂ. ଅଳଙ୍କାରକ । (ବିଶେଷଣରେ ମଣ୍ଡିତ ହୁଏ ।)

ମଣ୍ଡପ, ବି. ( ମଣ୍ଡ = ଭୂଷଣ ପା = ପାଳନ କରିବା-ଅ ) ଗୃହବିଶେଷ; ଦେବଗୃହ, ମନ୍ଦିର; ବିବାହଗୃହ; ଜନାଶ୍ରୟ ସ୍ଥାନ । ବିଂ. ମଣ୍ଡପାୟୀ ।

ମଣ୍ଡଳ, ବି. (ମଣ୍ଡ-ଳ-ଅସ୍ତ୍ୟର୍ଥେ, ସ୍ତ୍ରୀ ଈ) ଚନ୍ଦ୍ର ସୂର୍ଯ୍ୟାଦିର ପରିଧି; ଗୋଲ; ଚକ୍ର; ଦେଶ; ବିଭାଗ; ସ୍ଥାନ; ରାଜ୍ୟ; ଅରିମିତ୍ରାଦି ଦ୍ୱାଦଶବିଧ ରାଜା; ଧନୁର୍ଦ୍ଧରମାନଙ୍କର ସ୍ଥାନବିଶେଷ; କୃତ୍ରିମ ରେଖାଦିଦ୍ୱାରା ରଚିତ ସ୍ଥାନବିଶେଷ; ଚନ୍ଦ୍ର ଓ ସୂର୍ଯ୍ୟଙ୍କ ବିମ୍ବ; କୁକ୍‌କୁର; ସର୍ପବିଶେଷ; ସମୂହ ।

ମଣ୍ଡଳାଗ୍ର, ବି. ସଂ. ଅସି, ଖଡ୍‌ଗ ।

ମଣ୍ଡହାରକ, ବି. ସଂ. ଶୌଣ୍ଡିକ, ଶୁଣ୍ଡିଜାତି ।

ମଣ୍ଡା, ବି. ( ମଣ୍ଡକ ଶବ୍ଦଜ ପ୍ରାକୃତ ) ପିଷ୍ଟକ-ବିଶେଷ; ଗୁଚ୍ଛ; ଗୁମ୍ଫା । ଯଥା—

ପୁଷ୍ପମଣ୍ଡାଏ କରେ ଧରି,
ଯେସନ୍ତେ କୁଞ୍ଜର ଦେହେ ମାରି । ଭା. ଦ. ସ୍କ.

(ମଣ୍ଡ୍ ଧାତୁଜ) ମଣ୍ଡନ । ଯଥା—

ହାତଦାନ୍ତ ମୁଠିଲଗା ଯେଉଁ ଖଣ୍ଡା,
ମଲେ ହେଲେ କରୁଛୁ ଯୋଦ୍ଧା କରମଣ୍ଡା । କୃ.ଭା.କ.ପ.

ବିଂ. ଯେ ମଣ୍ଡନ କରେ; ମଣ୍ଡନଯୁକ୍ତ । ଯଥା—

ସୁନାରେ ତ ରାଣ୍ଡୀବିଧନୁ ପୁଷ୍ପ ମଣ୍ଡା । କୃ. ଭା. ବ. ପ.

ମଣ୍ଡିବା, କ୍ରି. (ମଣ୍ଡ୍ ଧାତୁଜ) ଭୂଷିତ କରିବା, ସାଜସଜ୍ଜା କରିବା ।

ମଣ୍ଡୂକ, ବି. (ମଣ୍ଡ୍-ଊକ) ଭେକ, ବେଙ୍ଗ; ମୁନିବିଶେଷ; ବନ୍ଧବିଶେଷ । ବିଂ. ଗାଡ଼ଚେଙ୍ଗା ।

ମଣ୍ଡୂକପ୍ଲୁତିନ୍ୟାୟ, ବି. (ମଣ୍ଡୂକ-ପ୍ଲୁତି = ଲମ୍ଫ ଦେବା) ମଣ୍ଡୂକ ଯେ ବେଙ୍ଗ ଯେପରି ଲମ୍ଫ ମାରି ଅର୍ଥାତ ଡେଇଁ ଡେଇଁ ଗମନ କରେ ତଦ୍ରୂପ ।

ମତ, ବିଂ. (ମନ୍ = ବୋଧ କରିବା-ତ) ଜ୍ଞାତ; ଅଭିପ୍ରେତ; ସମ୍ମତ; ସମ୍ମାନିତ; କୁତ୍ସିତ । ବି. ଅଭିପ୍ରାୟ; ସମ୍ମତି; ସାମ୍ପ୍ରଦାୟିକ ଅଭିପ୍ରାୟ । ଯେପରି—ଅଦ୍ୱୈତ ମତ, ଦ୍ୱୈତ ମତ, ବିଶିଷ୍ଟାଦ୍ୱୈତ ମତ ।

ମତ, ମତେ, ବିଂ. (ତୁଲ୍ୟାର୍ଥ ବତ୍ ପ୍ରତ୍ୟୟରୁ ଜାତ) ତୁଲ୍ୟ । ଯଥା—

କେତୁ ହେଲ ଚହପଟ ମତ । ର. କ.
ବିଭାମଣ୍ଡପ ତୁଳ ପାଦେ ବସିବେ ସୀତା ରାମ ମତେ । କୋ. ବ୍ର. ସୁ.

ମତ, ବି. (ମଦ ଶବ୍ଦଜ) ଗନ୍ଧ ।

ମତଙ୍ଗ, ବି. (ମଦ୍ = ପ୍ରୀତ ହେବା-ଅଙ୍ଗ, ନିପାତନ) ମୁନିବିଶେଷ; ହସ୍ତୀ; ମେଘ; ରାଜର୍ଷିବିଶେଷ ।

ମତଙ୍ଗଜ, ବି. (ମତଙ୍ଗ-ଜନ୍-ଅ) ହସ୍ତୀ ।

ମତଲବ, ମତଲପ, ବି. (ଯାବନିକ-ଆରବ୍ୟ) ଭ୍ରମ, ଭ୍ରାନ୍ତି ।

ମତଲ୍ଲିକା, ବି. ସ୍ତ୍ରୀ. (ମତ-ଅଲ୍ = ଭୂଷିତ କରିବା-ଅକ-ଆ, ଅକ = ଇକ) (ଶବ୍ଦର ପରବର୍ତ୍ତୀ ହୋଇ) ପ୍ରଶସ୍ତ; ଉତ୍ତମ ।

ମତା, ମତାମତି, ବି. (ଦେଶଜ) ମାତିବା, ଉନ୍ମତ୍ତ ହେବା ।

ମତି, ବି. (ମନ୍ = ବୋଧ କରିବା-ତି) ବୁଦ୍ଧି, ଜ୍ଞାନ; ଅନ୍ତଃକରଣ; ସ୍ମୃତି; ଇଚ୍ଛା । (ଦେଶଜ) ଅଂ. ପରି, ପ୍ରକାର । ଯଥା—

ମତିବୃଷଗଡ ଗଜଗତିମତି ହେଲ ସତ ମୋହିବାର । ବି. ଚ. ମ.

ମତୁଆ, ମତୁଆଲ୍, ମତୁଆଳ, ମତୁଆଲ, ବିଂ. (ମତ୍ତ ଶବ୍ଦରୁ ଉତ୍ପନ୍ନ) ଉନ୍ମତ୍ତ, ପାଗଳ । ଯଥା—

କାଙ୍କୋଲି କାତ୍ୟାୟନୀ ରୁଣ୍ଡମୁଣ୍ଡା ଭଦ୍ରକାଳୀ,
ଭକ୍ଷନ୍ତି ରକ୍ତ ମାଂସ ହୋଇଣ ମତୁଆଲି । ନୃ. ପୁ. ଚ. ଉ.

ବି. ଉନ୍ମତ୍ତତା । ଯଥା—

ଅଦାଲ କମଲେ କିବା ମତୁଆଲେ
ଭୃଙ୍ଗ ଗଲ ମଗ୍ନ ହୋଇ । ସୁ. ପ.

ମତ୍କୁଣ, ବି. ପୁଂ. ଛାରପୋକ; ଶ୍ମଶ୍ରୁଶୂନ୍ୟ ପୁରୁଷ; ନିର୍ବିଷାଣ ହସ୍ତୀ । (ବିଷାଣ = ବଡ଼ଦାନ୍ତ) । ନାରିକେଳ; ଜଂଘାତ୍ରାଣ । (ସ୍ତ୍ରୀ-ଆ) ଅଜାତଲୋମ ସ୍ତ୍ରୀଚିହ୍ନ ।

ମତ୍ତ, ବିଂ. (ମଦ୍ = ମତ୍ତ ହେବା ଇତ୍ୟାଦି-ତ) ଆନନ୍ଦିତ; ବିହ୍ୱଳ; କ୍ଷୁବ୍ଧ; ମତୁଆଳ । ବି. କ୍ରୋଧାନ୍ଧ ହସ୍ତୀ; ଧୁସ୍ତୂର; କୋକିଳ; ମହିଷ ।

ମତ୍ତକାଶିନୀ, ମତ୍ତକାସିନୀ, ବି. ସ୍ତ୍ରୀ. (ମତ୍ତ-କାଶ୍, କାସ୍ = ଦୀପ୍ତି ପାଇବା-ଇନ୍-ଈ) ଉତ୍ତମା ସ୍ତ୍ରୀ ।

ମତ୍ସ, ବି. [ମଦ୍ = (ଜଳରେ) ହୃଷ୍ଟ ହେବା-ସ] ମାଛ ।

ମତ୍ସର, ବି. (ମଦ୍ = ଦ୍ୱେଷ କରିବା ଇତ୍ୟାଦି-ସର) ବୈର; ଦ୍ୱେଷ; କ୍ରୋଧ; ଅସୂୟା; ପରଶ୍ରୀକାତରତା; ଆମୃଧିକ୍‌କାର । ବିଂ. କ୍ଷୁଦ୍ର; କୃପଣ; ପରଶ୍ରୀକାତର । (ସ୍ତ୍ରୀ-ଆ) ମକ୍ଷିକା ।

ମତ୍ସ୍ୟ, ବି. [ମଦ୍ = (ଜଳରେ) ହୃଷ୍ଟ ହେବା-ସ୍ୟ] ମୀନ, ମାଛ; ବିଷ୍ଣୁଙ୍କ ଅବତାରବିଶେଷ; ପୁରାଣବିଶେଷ; ବିରାଟଦେଶ, ବର୍ତ୍ତମାନ ଜୟପୁର; କେହି କେହି କୁଚବେହାର ପ୍ରଭୃତିକୁ ବିରାଟଦେଶ କହନ୍ତି; ରାଶିବିଶେଷ ।

ମତ୍ସ୍ୟଣ୍ଡୀ, ମତ୍ସ୍ୟଣ୍ଡିକା, ବି. ପୁଂ. ଖଣ୍ଡବିକାର; ମିଶ୍ରି ନବାତ ।

ମତ୍ସ୍ୟଧାନୀ, ବି. ସ୍ତ୍ରୀ. [ମତ୍ସ୍ୟ-ଧାନୀ (ଧା-ଅନ-ଈ)] ମାଛ ରଖିବା ଖାଳୋଇ ।

ମଥନ, ବି. ( ମଥ୍ = ମନ୍ଥନ କରିବା-ଅନ ) ମନ୍ଥନ; ବିନାଶ; କେଶ । (ବିଶେଷଣରେ ମଥ୍ୟମାନ ଓ ମଥିତ ହୁଏ । )

ମଥା, ବି. (ମସ୍ତ ବା ମସ୍ତକ ଶବ୍ଦଜ) ମୁଣ୍ଡ । ଯଥା—

କାନ୍ତ ଶୁଣି ନତ କଲା ମଥା । ର. କ.

ମଥାଜାଲି, ବି. (ଦେଶଜ) ସ୍ତ୍ରୀ ମସ୍ତକାଳଂକାର-ବିଶେଷ । ଯଥା—

କୋ'ଣମଣି (ଶିରେ) ମଥା ଜାଲି ମଣ୍ଡିଲେ । ଲ. ବ.

ମଥାଦହି, ମଥାଦେଇ, ବି. (ଦେଶଜ) ତୈଳ, ତେଲ ।

ମଥାନ, ବି. (ଦେଶଜ) ଚଉକରର ଲେଖଣୀ; ଉପରଭାଗ । ଯଥା—

ଗ୍ରାମସ୍ଥ କୁଟୀର ମଥାନ ଭେଦି ଧୂମ ଉଠିଲା । ଉ. ସା.

ମଥୁରା, ମଥୂରା, ମଧୁରା, } ବି.ସ୍ତ୍ରୀ.(ମଥ୍ = ବଧ କରିବା-ଉର, ଉରେ—ଏ ସ୍ଥାନରେ ଶତ୍ରୁଘ୍ନ ମଧୁ ନାମକ ଦୈତ୍ୟକୁ ବଧ କରିଥିଲେ ବୋଲି) ସୁନାମପ୍ରସିଦ୍ଧ ନଗରୀ ।

ମଦ, ବି. (ମଦ୍ = ହୃଷ୍ଟ ହେବା, ମତ୍ତ ହେବା-ଅ) ଆନନ୍ଦ; ଆନନ୍ଦଜନିତ ସମ୍ମୋହ; ମଦିରାକୃତ ମନୋବିକାର; ମତ୍ତତା; ଉନ୍ମାଦ; ରେତ; ଅହଙ୍କାର; ଗର୍ବ; କସ୍ତୂରୀ; ମଦ୍ୟ । ଯଥା—

ହୋଇଛି ତ ମୁହିଁ ତୃଷାରେ ଆରତ,
କାତକ ଘରୁ ମଦ ଆଣ ଗୋ ତୁରିତ । କୃ.ଖ ବି.ପ.

(ବିଶେଷଣରେ ମଦଯୁକ୍ତା, ମଦମ୍ମନ୍ଦ ପଦ ସିଦ୍ଧ ହୁଏ ।)

ମଦକଟ, ମଦକଳ, ବି. ସଂ. ମତ୍ତହସ୍ତୀ ।

ମଦଗଳ, ମଦଗଳା, ବି. (ମଦକଳ ଶବ୍ଦଜ) ମତ୍ତହସ୍ତୀ । ଯଥା—

ସିଂହ ଦେଖିକରି ମଦଗଳା ବଳୀ,
ଗଜ କଲା ପରି ବିରଟ କଲେ ଗଜ । କୃ.ଖ ବି.ପ.

ମଦତ, ବି. (ମଦ୍ୟ ଶବ୍ଦଜ) ମାଦକଦ୍ରବ୍ୟ-ବିଶେଷ । (ଯାବନିକ ମଦତ୍ ଶବ୍ଦଜ) ସାହାଯ୍ୟ; ବ୍ୟବହାରବିଦରେ ଧନାଦିର ସାହାଯ୍ୟ ।

ମଦନ, ବି. (ମଦ୍-ଣିଚ୍-ଅନ) କନ୍ଦର୍ପ; ବସନ୍ତ-କାଳ; ବୃକ୍ଷବିଶେଷ; ଦୁଦୁରାଗଛ; ମଏଣ-ଫଳ; ବକୁଳ ବୃକ୍ଷ; ଆଲିଙ୍ଗନବିଶେଷ; ଭ୍ରମର । (ମଦନା = ସୁରା, ମଦିରା) । ବିଂ. ମତ୍ତତାଜନକ ।

ମଦନଗୃହ, ମଦନସଦନ, ମଦନାୟୁଧ, } ବି. ସଂ. ସ୍ତ୍ରୀଚିହ୍ନ ।

ମଦନପାଠକ, ବି. (ମଦନ = ବସନ୍ତ-ପାଠକ) କୋକିଳ ।

ମଦନଲେଖ, ବି. ସଂ. ପ୍ରଣୟସୂଚକ ପତ୍ରିକା ।

ମଦନଶଲାକା, ବି. ସ୍ତ୍ରୀ. ଶାରିକା ପକ୍ଷିଣୀ; କୋକିଳା ।

ମଦନାଙ୍କୁଶ, ବି. ସଂ. ପୁରୁଷଚିହ୍ନ ।

ମଦନୀ, ବି. ସଂ. ସୁରା; ମୃଗନାଭି, କସ୍ତୂରୀ ।

ମଦରଙ୍ଗା, ବି. (ଦେଶଜ) ଶାକବିଶେଷ ।

ମଦାଙ୍ଗ, ବି. (ଦେଶଜ) ବୃକ୍ଷର ଶାଖାରେ ଜନ୍ମିଥିବା ଅନ୍ୟପ୍ରକାର ଗଛ; ଜନ ଗମନାର୍ଥ କବାଟର ଦ୍ୱାରର ସମ୍ମୁଖରେ ରଖିଥିବା ମାର୍ଗ ।

ମଦାତ୍ୟୟ, ବି. (ମଦ = ମତ୍ତତା-ଅତ୍ୟୟ = ନାଶ) ରୋଗବିଶେଷ ।

ମଦାର, ବି. (ମଦ୍ = ମତ୍ତ ହେବା-ଆର) ହସ୍ତୀ; ମତ୍ତହସ୍ତୀ; ଶୂକର । ବିଂ. କାମୁକ; ଧୂର୍ତ୍ତ, ଶଠ । (ଦେଶଜ) ବ୍ୟବହାରରେ ଲୋକ-ବିଶ୍ୱାସ; ଲୋକରେ ବିଶ୍ୱାସ କରିରୁ ଟଙ୍କା ପଇସା ଦିଆ ନିଆ କରିବା ।

ମଦିର, ବି. (ମଦ୍ = ମତ୍ତ ହେବା-ଇର) ମତ୍ତଖଞ୍ଜନ ପକ୍ଷୀ । (ମଦିରେ ମତ୍ତଖଞ୍ଜନଃ —କୋଷାନ୍ତର ।) ବିଂ. ମତ୍ତତାଜନକ । (ସ୍ତ୍ରୀ-ଆ) ମଦ୍ୟ; ବାରୁଣୀମଦ୍ୟ ।

ମଦୁଆ, ବିଂ. (ମଦ୍ୟପ ଶବ୍ଦଜ) ଯେ ମଦ ପିଏ ।

ମଦୋତ୍କଟ, ବି. (ମଦ-ଉତ୍କଟ) ମତ୍ତହସ୍ତୀ । (ସ୍ତ୍ରୀ-ଆ) ବିଂ. ମଦୋଦ୍ଧତ, ଗର୍ବିତ ।

ମଦ୍‌ଗୁର, ମଦ୍‌ଗୁରକ, ବି. (ମଦ୍-ଉର, ଗ ଆଗମ, କ ସ୍ୱାର୍ଥେ) ମାଗୁରମାଛ; ସଙ୍କୀର୍ଣ୍ଣ ଜାତିବିଶେଷ ।

ମଦ୍ୟ, ବି. (ମଦ୍ = ମତ୍ତ ହେବା-ଯ) ମଦିରା, ମଦ ।

ମଦ୍ର, ବି. (ମଦ୍-ର) ଦେଶବିଶେଷ; ଆହ୍ଲାଦ, ହର୍ଷ; ମଙ୍ଗଳ ।

ମଧୁ, ବି. (ମନ୍ = ବୋଧ କରିବା-ଉ, ନ=ଧ) ମଦ୍ୟ; ମହୁ; ପୁଷ୍ପରସ; ମଧୁରରସ; ଜଳ; ଚୈତ୍ରମାସ; ବସନ୍ତକାଳ; ଦୈତ୍ୟବିଶେଷ । ବିଂ. ସ୍ୱାଦୁ, ମିଷ୍ଟ ।

ମଧୁକ, ବି. ସଂ. ମଧୁଯଷ୍ଟିକା, ଜାଠିମହୁ ।

ମଧୁକର, ବି. (ମଧୁ-କୃ-ଅ) ଭ୍ରମର; ପ୍ରଣୟୀ; ବିଲ୍ଲଭ; ଭୃଙ୍ଗରାଜଗଛ ।

ମଧୁକରି, ମଧୁକେରି, } ବି. (ମାଧୁକରୀ ଶବ୍ଦଜ) ଭିକ୍ଷୋପଜୀବୀର ପାଞ୍ଚସ୍ଥାନରୁ ଭିକ୍ଷାଗ୍ରହଣ; ଶ୍ରୀବୃନ୍ଦାବନ କ୍ଷେତ୍ରରେ ମାଗିବା ଭିକ୍ଷା । ଯଥା—

ମାଗନ୍ତେ ଭିକ୍ଷାପାତ୍ର ଧରି,
ଲୋକେ ଯାଚଲେ ମଧୁକେରି । ଦା. ର.

ମଧୁକୋଷ, ମଧୁଜାଲକ, ମଧୁପଟଳ, ବି. ସଂ. ମହୁଘର, ମଧୁଚକ୍ର ।

ମଧୁତୃଣ, ବି. ସଂ. ଇକ୍ଷୁ, ଆଖୁଗଛ ।

ମଧୁଦ୍ରୁମ, ବି. ସଂ. ମହୁଲଗଛ ।

ମଧୁପ, ବି. (ମଧୁ-ପା = ପିଇବା-ଅ) ଭ୍ରମର । ବିଂ. ମଦ୍ୟପାୟୀ; ଯେ ମଧୁ ପାନ କରେ ।

ମଧୁପର୍କ, ବି. (ମଧୁ-ପୃଚ୍ = ସମ୍ପୃକ୍ତହେବା-ଅ) ମଧୁ ଦଧି ପ୍ରଭୃତି ମିଶ୍ରିତ ଭକ୍ଷ୍ୟଦ୍ରବ୍ୟବିଶେଷ ।

ମଧୁପୁରୀ, ବି. ସ୍ତ୍ରୀ. ସଂ. ମଥୁରା ।

ମଧୁପୁଷ୍ପ, ବି. ସଂ. ମହୁଲଗଛ; ଶିରୀଷବୃକ୍ଷ; ଅଶୋକବୃକ୍ଷ; ବକୁଳବୃକ୍ଷ ।

ମଧୁମକ୍ଷିକା, ବି. ସ୍ତ୍ରୀ. ସଂ. ମହୁମାଛି ।

ମଧୁର, ବିଂ. (ମଧୁ-ରା = ଗ୍ରହଣ କରିବା-ଅ, କିମ୍ବା ମଧୁ-ର-ଅସ୍ତ୍ୟର୍ଥେ ) ମିଷ୍ଟରସଯୁକ୍ତ; ମାଧୁର୍ଯ୍ୟଯୁକ୍ତ; ପ୍ରିୟଦର୍ଶନ, ଶାନ୍ତ; ସୁନ୍ଦର; ପ୍ରୀତିଜନକ । ବି. ମିଷ୍ଟରସ; ମାଧୁର୍ଯ୍ୟଗୁଣ; ଟିନଧାତୁ; ବିଷ । (ସ୍ତ୍ରୀ-ଆ) ମଥୁରାନଗରୀ ।

ମଧୁରଚଇଁ, ବି. ( ଦେଶଜ ) ଏକପ୍ରକାର ସୁସ୍ୱାଦୁ ବ୍ୟଞ୍ଜନ ।

ମଧୁଲିଟ୍, ମଧୁଲିହ୍, ମଧୁଲେହ, ମଧୁଲେହୀ, } ବି. ( ମଧୁ-ଲିହ୍ = ଆସ୍ୱାଦନ କରିବା-କ୍ୱିପ୍, ଅ, ଇନ୍) ଭ୍ରମର ।

ମଧୁବନ, ବି. (ମଧୁ = ମିଷ୍ଟ—ବନ = ଯେ ଶବ୍ଦ କରେ) କୋକିଳ; ବୃନ୍ଦାବନସ୍ଥ ବନବିଶେଷ; ମଥୁରାର ଅନ୍ତର୍ଗତ ବନବିଶେଷ; କିଷ୍କିନ୍ଧ୍ୟାସ୍ଥ ବନବିଶେଷ ।

ମଧୁବ୍ରତ, ବି. (ମଧୁ-ବ୍ରତ = ଆସକ୍ତି, ନିୟମ) ଭ୍ରମର ।

ମଧୁସୂଦନ, ବି. ( ମଧୁ = ଦୈତ୍ୟବିଶେଷ, ପୁଷ୍ପରସ, ସୂଦ୍ = ନାଶ କରିବା-ଅନ ) ବିଷ୍ଣୁ; ଭ୍ରମର ।

ମଧ୍ୟ,ବିଂ.(ମ=ସୌନ୍ଦର୍ଯ୍ୟ-ଧା=ଧାରଣ କରିବା-ଅ, ଅ = ଯ—ନିପାତନ) ମଧ୍ୟବର୍ତ୍ତୀ; ମଧ୍ୟମ; ଉପଯୁକ୍ତ; ନ୍ୟାଯ୍ୟ । ବି. ପଶ୍ଚିମଦିଗ; ମଧ୍ୟସ୍ଥାନ; ଦେହର ମଧ୍ୟଭାଗ; କଟିଦେଶ; ଅନ୍ତରାଳ; ନୃତ୍ୟବିଶେଷ; ଅବସାନ ବା ବିରାମ । (ସ୍ତ୍ରୀ-ଆ) କଟିଦେଶ; ନବଯୌବନା ନାୟିକାବିଶେଷ; ମଧ୍ୟବର୍ତ୍ତୀ ଅଙ୍ଗୁଳି ।

ମଧ୍ୟ, ମଧ୍ଧେ, ଅଂ. (ଦେଶଜ) ଅପି ଶବ୍ଦାର୍ଥ ।

ମଧ୍ୟମ,ବି. (ମଧ୍ୟ-ମ-ଭାବାର୍ଥେ) କଟିଦେଶ; ସ୍ୱରବିଶେଷ; ରାଗବିଶେଷ; ମଧ୍ୟଦେଶ; ମୃଗବିଶେଷ । (ସ୍ତ୍ରୀ-ଆ) ନବ ରଜସ୍ୱଳା ଯୁବତୀ । ( ସ୍ୟାନ୍ମଧ୍ୟମା ଦୃଷ୍ଟରଜା—ଅମର । )

ମନଃ, ବି. (ମନସ୍-ମନ୍=ବୁଝିବା-ଅସ୍) ଚିତ୍ତ, ଅନ୍ତଃକରଣ ଓ ଅନ୍ତଃକରଣ ପ୍ରବୃତ୍ତି; ତୃପ୍ତି; ବୁଦ୍ଧି; ଅଭିଳାଷ ।

ମନକୁ, ଅଂ. ( ଦେଶଜ ପ୍ରାୟ ) ସ୍ୱଇଚ୍ଛାରେ । ଯଥା—

ବାଗୁରାରେ ଯାର ମନକୁ ପଡ଼ଇ
ଅବଳା-ମନ ବିହଙ୍ଗ । ଉର୍ବଶୀ ।

ମନନ, ବି. (ମନ୍ = ବୁଝିବା-ଅନ) ଅନବରତ ଅନୁଚିନ୍ତନ; ଅନୁମାନ; ବୋଧନ; ଧାରଣ; ବୁଦ୍ଧି ।

ମନଫେରଣ, ବି. (ଦେଶଜ) ଅନୁତାପ ।

ମନମନ,ଅଂ. (ମନ୍ମନ ଶବ୍ଦଜ) ଅନୁକରଣ ଶବ୍ଦବିଶେଷ; ଗଦଗଦଶବ୍ଦ; ଅସ୍ପଷ୍ଟଧ୍ୱନି । ଯଥା— ମନମନ ମନ ଧ୍ୱନି ଶ୍ରବଣ ଇଚ୍ଛଇ । ବି. ଚ ମ.

ମନମାଫିକ, ବିଂ. ( ଯାବନିକ ) ମନର ଇଚ୍ଛାନୁରୂପ ।

ମନଶିଳା, } ବି. (ମନଃଶିଳା ଶବ୍ଦର ଅପଭ୍ରଂଶ)
ମନସିଳା, } ଉପଧାତୁବିଶେଷ ।

ମନସବଦାର, ବି. (ଯାବନିକ) ଉପାଧିବିଶେଷ, ଶତସୈନ୍ୟର ନେତା ପ୍ରଧାନ ସୁବାଦାର ।

ମନସିଜ, } ବି. (ମନସି = ମନରେ-ଜନ୍-ଅ
ମନସିଶୟ, } = ଜ = ଯେ ଜନ୍ମେ, ମନସି-
ମନୋଭବ, } ଶୀ-ଅ, ଭ-ଅ) କନ୍ଦର୍ପ ।

ମନସ୍କାର, ବି. (ମନସ୍=ମନର-କାର=କାର୍ଯ୍ୟ) ମନର ସୁଖଅଭିଳାଷ; ଅନୁଭବ ।

ମନସ୍ୱୀ, ବିଂ. (ମନସ୍ୱିନ୍-ମନସ୍-ବିନ୍-ପ୍ରଶଂସାର୍ଥେ) ମହାମନା, ଉଦାରଚିତ୍ତ; ମାନୀ; ଧୀର; ବୀର । (ସ୍ତ୍ରୀ-ମନସ୍ୱିନୀ ହୁଏ ।)

ମନା, ବି. (ଦେଶଜ) ନିଷେଧ । ଯଥା—

ମନା କରୁଥିଲି ଏହାକୁ ଗୋ,
ଅନା ନା ବୋଲି ବନ ରହାକୁ । ବି. ଚ. ମ.

ମନାଇବା, କ୍ରି. (ଦେଶଜ ବା ମନ୍ ଧାତୁଜ) ଘେନାଇବା, ରଞ୍ଜାଇବା; ସ୍ୱୀକାର କରାଇବା । ଯଥା—

ନବପ୍ରମଦା ମଦାଳସା ଯୋଷାକୁ
କଳକେଳିରେ ମନାଇବ । ପ୍ରେ. ସୁ. ନି.

ମଜ୍ଜାଇବା । ଯଥା—

ଦୂରଦେଶୀ ଜନ ଦେଲେ ଅନାଇ,
ମଦନରସରେ ମନ ମନାଇ । କୋ. ବ୍ର. ସୁ.

ମନାକ୍, ଅଂ. (ମନ୍ = ଜାଣିବା-ଆକ୍) ଈଷତ୍, ଅଳ୍ପ; ଆସ୍ତେ ଆସ୍ତେ, ମନ୍ଦ ମନ୍ଦ ।

ମନାସ, ବି. (ମାନସ ଶବ୍ଦଜ) ବାଞ୍ଛା ।

ମନାସିବା, କ୍ରି. (ମାନସ ଶବ୍ଦଜ) ଚିନ୍ତିବା, ଭାବିବା । ଯଥା—

ମନାସେ ବିହି କି କଲା, ମହତ୍ତ୍ୱ ଗଲା ଯେ । ବି.ଚ.ମ.

ମନିଚ୍ଛ, ମନିଚ୍ଛା, } କ୍ରି.ବିଂ.(ମନଃ-ଇଚ୍ଛା ଶବ୍ଦଜ)
ମନଇଚ୍ଛା, } ଇଚ୍ଛାନୁସାରେ । ଯଥା—

ଏଣୁ ଋଷିମାନେ ବୋଲନ୍ତି ବେଦବିଚ୍ଛ,
ଜ୍ଞାନର ତତ୍ତ୍ୱକ୍ଷୀର ପିବନ୍ତି ଯେ ମନିଚ୍ଛ । ନୃ.ପୁ.ଭୃ.ତ.

ମନିତ, ବିଂ. (ମନ୍ = ଜାଣିବା-ତ) ଜ୍ଞାତ । ବି. ଜ୍ଞାନ; କୂଜିତବିଶେଷ ।

ମନିଷ, ବି. (ମନୁଷ୍ୟ ଶବ୍ଦଜ) ମନୁଷ୍ୟ ।

ମନିଷା, ମନିଷି, ବି. ସ୍ତ୍ରୀ. (ମନୀଷା ଶବ୍ଦଜ) ବୁଦ୍ଧି; ମନୋରଥ । ଯଥା—

ଭକ୍ତଜନବତ୍ସଳ ତୁ ପୂରସିଅ ମନିଷା । ସା. ଭ୍ର. ସ.
ତୁହି ଦେବ ଦୁଷ୍ଟପ୍ରକୃତିଙ୍କ ଦର୍ପ ଧ୍ୱଂସି,
ଭକତଜନର ଦେବ ପୂରସିଅ ମନିଷି । ସା. ଭ୍ର. ସ.

ମନୀଷା, ବି. ସ୍ତ୍ରୀ. (ମନସ୍-ଈଷା = ଗମନ-ନିପାତନ) ବୁଦ୍ଧି, ପ୍ରଜ୍ଞା । (ବିଶେଷଣରେ ମନୀଷିତ = ବାଞ୍ଛିତ ହୁଏ ।)

ମନୀଷୀ, ବିଂ. (ମନୀଷିନ୍-ମନୀଷା-ଇନ୍-ଅସ୍ତ୍ୟର୍ଥେ) ବୁଦ୍ଧିମାନ୍; ପଣ୍ଡିତ ।

ମନୁ, ବି.[ମନ୍ = (ବେଦ ସକଳ) ଜାଣିବା-ଉ] ମନୁଷ୍ୟ ଜାତିର ଆଦିପୁରୁଷ; ଧର୍ମଶାସ୍ତ୍ର-ପ୍ରଣେତା ମୁନିବିଶେଷ; ମନ୍ତ୍ର; ସୂର୍ଯ୍ୟପୁତ୍ର ଯେ କି ପୃଥିବୀର ପ୍ରଥମ ରାଜା । (ମନ୍ୟୁ ଶବ୍ଦର ଅପଭ୍ରଂଶ) ଶାପ ।

ମନୁଆ, ବିଂ. (ଦେଶଜ) ଦୃଢ଼ଚିତ୍ତ; ମନସ୍ୱୀ ।

ମନୁଜ, ମନୁଷ୍ୟ, ବି. (ମନୁ-ଜନ୍-ଅ, ମନୁ-ଷ ଅପତ୍ୟାର୍ଥେ, ଯ ଆଗମ) ମନୁଙ୍କ ସନ୍ତାନ, ମାନବ ।

ମନୁଷ୍ୟଧର୍ମା, ବି. (ମନୁଷ୍ୟ ଧର୍ମନ୍-ନର ବାହନତ୍ୱରୁ) କୁବେର ।

ମନୋଜ, ମନୋଜନ୍ମା, } ବି. ପୁଂ. କନ୍ଦର୍ପ ।
ମନୋଭବ, ମନୋଭୂ, } ବିଂ. ମନରୁ ଜାତ ।
ମନୋଯୋନି, }

ମନୋଜବ, ବିଂ. (ମନଃ-ଜବ) ଅତିଶୟ ବେଗବାନ୍; ପିତୃତୁଲ୍ୟ । (ମନୋଜବଃ ପିତୃସଧର୍ମାଣ—ନାମମାଳା ।) ବି. ମନର ବେଗ ।

ମନୋଜବସ, ବିଂ. ପୁଂ. ପିତୃତୁଲ୍ୟ । (ମନୋ-ଜବସଃ ପିତୃସନ୍ନିଭଃ—ଅମର ।)

ମନୋଜ୍ଞ, } ବିଂ. (ମନସ୍-ଜ୍ଞା-ଅ, ରମ୍ ଅ)
ମନୋରମ, } ମନୋହର, ସୁନ୍ଦର ।

ମନୋମାତ, ବିଂ. (ମନସ୍-ମା-ତ) ମନର ଅଭିଳଷିତ; ପସନ୍ଦ ।

**ମନୋବୃତ୍ତି**, ବି. (ମନସ୍-ବୃତ୍ତି) ଚିତ୍ତବୃତ୍ତି, ଇଚ୍ଛା । (ଗଞ୍ଜାମରେ) ସମ୍ପତ୍ତିରେ ଅନଧିକାରୀ ବ୍ୟକ୍ତିର ପୋଷଣାର୍ଥ ନିର୍ଦ୍ଧାରିତ ଦେୟ ।

**ମନୋରଥ**, ବି. (ମନସ୍-ରଥ=ଯାନ) ଇଚ୍ଛା, ମନର ବାସନା ।

**ମନୋହର**, ବିଂ. (ମନସ୍-ହୃ-ଅ) ମନୋଜ୍ଞ, ସୁନ୍ଦର । (ଭିନ୍ନାର୍ଥରେ ଓଡ଼ିଆ ଶବ୍ଦରୂପେ ବ୍ୟବହୃତ) ଏକପ୍ରକାର ମିଷ୍ଟାନ୍ନ । ଯଥା—
ପୁଣି ନାଡ଼ୀ ମନୋହର ଅପମାଲୁ କାନ୍ତି ।
ନାନାବର୍ଣ୍ଣେ ପିଷ୍ଟକ ବାଢ଼ିଲେ ମାରବତୀ ।
ନୃ. ପୃ. ଚ. ଚି.

**ମନ୍ତବ୍ୟ**, ବିଂ. (ମନ୍=ଜାଣିବା-ତବ୍ୟ) ଚିନ୍ତନୀୟ; ମନନୀୟ; ବିଚାର୍ଯ୍ୟ । ବି. ବ୍ୟବହାରରେ (opinion), ମନୋଗତ ଭାବ, ମତ ।

**ମନ୍ତା**, ବିଂ. (ମନ୍ତ୍ର୍-ମନ୍=ବୁଝିବା-ତୃ) ପରାମର୍ଶଦାତା; ମନନକର୍ତ୍ତା ।

**ମନ୍ତୁ**, ବି. (ମନ୍=ଜାଣିବା-ତୁନ୍—ସଂଜ୍ଞାର୍ଥେ) ମନୁଷ୍ୟ; ରାଜା; ପ୍ରଜାପତି; ଈର୍ଷ୍ୟା; କୋପ; ଅପରାଧ । (ଆଗୋଽପରାଧୋ ମନ୍ତୁଶ୍ଚ—ଅମର ।)

**ମନ୍ତୁରିବା**, କ୍ରି. (ମନ୍ତ୍ର ଶବ୍ଦଜ) ମନ୍ତ୍ର ପଢ଼ି ଝାଡ଼ିବା । ଯଥା—
ମିତ୍ରର ବଚନେ ସେ ଯେ ପୁସ୍ତକ କାଢ଼ିଲେ,
ଏକ ମନ୍ତ୍ର ଜପ କରି ଜଳ ମନ୍ତୁରିଲେ । ବେ. ପ.

**ମନ୍ତ୍ର**, ବି. (ମନ୍ତ୍ର=ମନ୍ତ୍ରଣା କରିବା-ଅ) ବେଦର ଅଂଶବିଶେଷ; ଦେବୋପାସନାର ଉପଯୋଗୀ ବାକ୍ୟବିଶେଷ; ବଶୀକରଣ ସାଧନ ତନ୍ତ୍ରୋକ୍ତ ବାକ୍ୟ; ରହସ୍ୟ; ମନ୍ତ୍ରଣା, ପରାମର୍ଶ, ବିଚାର; ସନ୍ଧିବିଗ୍ରହାଦି ଷାଡ଼୍‌ଗୁଣ୍ୟ ଚିନ୍ତା ।

**ମନ୍ତ୍ରଣ, ମନ୍ତ୍ରଣା**, ବି. (ମନ୍ତ୍ର୍-ଅନ-ଆ) ଗୁପ୍ତ ପରାମର୍ଶ; ମନ୍ତ୍ର । (ବିଶେଷଣରେ ମନ୍ତ୍ରିତ ହୁଏ ।)

**ମନ୍ତ୍ରୀ**, ବି. (ମନ୍ତ୍ରିନ୍-ମନ୍ତ୍ର=ମନ୍ତ୍ରଣା-ଇନ୍ ଅସ୍ତ୍ୟର୍ଥେ) ଅମାତ୍ୟ, ସଚିବ । ବିଂ. ପରାମର୍ଶଦାତା । (ଓଡ଼ିଆ ଶବ୍ଦ ପ୍ରାପ୍ତ) ଗଞ୍ଜାପା ସାରର ଏକାଦଶ ସଂଖ୍ୟାରେ ନିର୍ଦ୍ଦିଷ୍ଟ ଘୋଡ଼ା ବା ହାତୀରେ ଚିହ୍ନିତ ପାର ।

**ମନ୍ଥ**, ବି. (ମନ୍ଥ୍=ମନ୍ଥନ କରିବା-ଅ) ମନ୍ଥନ ଦଣ୍ଡ; ବିନାଶ; ମନ୍ଥନ, ବିଲୋଡ଼ନ; ଶକ୍ତୁମିଶ୍ର ପେୟବିଶେଷ; ନେତ୍ରମଳ; ନେତ୍ର ରୋଗ ।

**ମନ୍ଥନ**, ବି. (ମନ୍ଥ୍-ଅନ) ମନ୍ଥନଦଣ୍ଡ; ବିଲୋଡ଼ନ; ବିନାଶ ।

**ମନ୍ଥର**, ବିଂ. (ମନ୍ଥ୍=ମନ୍ଥନ କରିବା-ଅର) ମନ୍ଦଗାମୀ; ଅଳସ, ଜଡ଼; ଅଶୀଘ୍ର; ପ୍ରକାଣ୍ଡ ବା ବୃହତ୍; ପୃଥୁ; ନତ; ସୂଚକ; ବକ୍ର; ନୀଚ; ନମ୍ର । (ସ୍ତ୍ରୀ-ଆ) କୈକେୟୀଙ୍କ ଦାସୀ । ବି. ମନ୍ଦଗାମୀ ଯୋଦ୍ଧା; କୋଷ; ଫଳ; କୋପ; ମନ୍ଥନଦଣ୍ଡ; ବାଧା ।

**ମନ୍ଥା**, ବି. (ମନ୍ଥନ ଶବ୍ଦଜ) ମନ୍ଥନ । ଯଥା—
ତଦଅନ୍ତେ ସନ୍ତୁଷ୍ଟ ବୋଇଲେ ଶଙ୍ଖନକ,
ଶୁଣିଲ ତ ଏବେ ସମୁଦ୍ରମନ୍ଥାପାକ । କୃ. ଭା. ଆ. ପ.
ବିଂ. ଯେ ମନ୍ଥନକରେ, ଯାହାକୁ ମନ୍ଥି ଆନ୍ତି ।

**ମନ୍ଥାନ, ମନ୍ଥାନୀ**, ବି. (ମନ୍ଥ୍-ଆନ-ଈ) ମନ୍ଥନଦଣ୍ଡ; ଦଧିମନ୍ଥନପାତ୍ର । (ମନ୍ଥାନୋ ମନ୍ଥଦଣ୍ଡକେ—ଅମର ।)

**ମନ୍ଦ**, ବିଂ. (ମନ୍ଦ୍=ଜଡ଼ୀଭୂତ ହେବା-ଅ)ଜଡ଼; ଅଳସ; ମୃଦୁ; ମୂର୍ଖ; ଅସୁସ୍ଥ; ଅଳ୍ପ; ମତ୍ତ; ଉନ୍ମତ୍ତ; ନୀଚ; ଆତ୍ମମ୍ଭରି; ହତଭାଗ୍ୟ; ଖଳ; ଅପଟୁ; ଅପକୃଷ୍ଟ; ସ୍ୱାଧୀନ । ବି. ଶନିଗ୍ରହ; ଯମ; କାକ; ପ୍ରଳୟ ।

**ମନ୍ଦର**, ବି. (ମନ୍ଦ୍-ଅର) ପର୍ବତବିଶେଷ; ମନ୍ଦାରବୃକ୍ଷ; ଦର୍ପଣ । ବିଂ. ବହୁଳ; ମନ୍ଦ; ଅଳସ ।

**ମନ୍ଦା**, ବି. (ଦେଶଜ) ମଳା; ବୃକ୍ଷମୂଳର ଆଳବାଳ; ସମୂହ; ଜଳାଦିର ଅଳ୍ପପରିମାଣ । ଯଥା—
ମଞ୍ଚରେ ପଞ୍ଚବାରୁ ବ୍ରହ୍ମାର ଧାରୁ ମନ୍ଦା,
ସେ ଧାରୁ ବନ୍ଦ ନପାରି କାନ୍ଦଇ ବସୁଧା । ନୃ. ପୁ. ପ. ଚି.

**ମନ୍ଦାକିନୀ**, ବି. ସ୍ତ୍ରୀ. (ମନ୍ଦ୍=ମୃଦୁ-ଅକ୍=ଗମନ କରିବା-ଇନ୍-ଈ) ସ୍ୱର୍ଗଙ୍ଗା; ସଙ୍କ୍ରାନ୍ତି ବିଶେଷ; ଦ୍ୱାଦଶ ଛନ୍ଦର ବୃତ୍ତବିଶେଷ ।

ମନ୍ଦାକ୍ଷ, } ବି. (ମନ୍ଦ-ଅକ୍ଷି, ଆସ୍ୟ-ଅ) ଲଜ୍ଜା ।
ମନ୍ଦାସ୍ୟ, } ବିଂ. ସଙ୍କୁଚିତନେତ୍ର; ସଙ୍କୁଚିତମୁଖ ।

ମନ୍ଦାର, ବି. (ମନ୍ଦ୍ = ପ୍ରୀତ ହେବା-ଆର) ସ୍ୱର୍ଗୀୟ ଦେବତରୁବିଶେଷ; ଅର୍କବୃକ୍ଷ; ଜବାବୃକ୍ଷ ।

ମନ୍ଦିର, ବି. (ମନ୍ଦ୍ = ନିଦ୍ରିତ ହେବା-ଇର, ଯେ ସ୍ଥଳରେ ମନୁଷ୍ୟ ନିଦ୍ରିତ ହୁଏ) ଗୃହ; ଦେବଗୃହ; ନଗର; ପୁର; ସମୁଦ୍ର; ଜାନୁର ପଶ୍ଚାଦ୍‌ଭାଗ ।

ମନ୍ଦିରପଶୁ, ବି. ସଂ. ବିଡ଼ାଳ, ବିଲେଇ ।

ମନ୍ଦିରା, ବି. (ମନ୍ଦ୍ ଶବ୍ଦଜ) କାଂସ୍ୟନିର୍ମିତ ବାଦ୍ୟଯନ୍ତ୍ରବିଶେଷ ।

ମନ୍ଦୀଭୂତ, ବିଂ. (ମନ୍ଦ-ଭୂତ-ଚ୍ୱି ପ୍ରତ୍ୟୟ) ଯେ ଏବେ ମନ୍ଦ ହେଲା; ଜଡ଼ୀଭୂତ ।

ମନ୍ଦୁରା, ବି. (ମନ୍ଦ୍ = ନିଦ୍ରିତ ହେବା-ଉର-ଆ) ଅଶ୍ୱଶାଳା । (ବାଜିଶାଳା ତୁ ମନ୍ଦୁରା—ଅମର) । (ଦେଶଜ) ହେଁସ; ତୃଣନିର୍ମିତ ଆସନବିଶେଷ ।

ମନ୍ଦେ, ମନ୍ଦାଏ, ବିଂ. (ଦେଶଜ) ଦ୍ରବପଦାର୍ଥର ଅଳ୍ପପରିମାଣ । ଯଥା—
ମନ୍ଦାଏ ତୋରଣି ମୁଁ ପିଇଲେ ଦେହ ଶ୍ରାନ୍ତ,
ନାଶିବ ତୃଷାରେ ମୁଁ ହେଲଣି ଆରତ । କୃ.ଭ.ବି.ପ.

ମନ୍ଦ୍ର, ବିଂ. (ମନ୍ଦ୍ = ପ୍ରୀତ ହେବା-ର) ଗମ୍ଭୀର । ବି. ବାଦ୍ୟଯନ୍ତ୍ରବିଶେଷ; ଗମ୍ଭୀର ଧ୍ୱନି ।

ମନ୍ମଥ, ବି. (ମନସ୍-ମଥ୍ = ମନ୍ଥନ କରିବା-ଅ) କନ୍ଦର୍ପ ।

ମନ୍ମନ, ବି. ସଂ. ଗଦ୍‌ଗଦଧ୍ୱନି; ଅସ୍ପଷ୍ଟ ଶବ୍ଦ ।

ମନ୍ୟୁ, ବି. (ମନ୍ = ଜାଣିବା-ଯୁ) ଶୋକ; ଯଜ୍ଞ; ଅହଙ୍କାର; କ୍ରୋଧ; ଦୈନ୍ୟ । (ମନ୍ୟୁ ର୍ଦୈନ୍ୟେ କ୍ରତୌ କ୍ରୁଧି—ଅମର ।)

ମପା, ବି. (ଦେଶଜ) ମାପିବା, ପରିମାଣ କରିବା ।

ମଫସଲ, ବି. (ଯାବନିକ) ଗ୍ରାମ ।

ମଫସଲିଆ, } ବିଂ. (ଦେଶଜ) ଗ୍ରାମ୍ୟ; ଗ୍ରାମ-
ମଫସଲି, } ସମ୍ବନ୍ଧୀୟ ।

ମମକାର, ବି. ସଂ. ମୋର ପୁତ୍ର, ମୋର କଳତ୍ର, ମୋର ଧନ, ଇତ୍ୟାକାରକ ଜ୍ଞାନକୁ ମମକାର କହନ୍ତି ।

ମମତା, ମମତ୍ୱ, ବି. (ମମ-ତା, ତ୍ୱ) ମାୟା; ମୋର ବୋଲିବା ଜ୍ଞାନ; ଅହଙ୍କାର; ସ୍ନେହ ।

ମୟ, ବି. (ମୟ୍ = ଗମନ କରିବା-ଅ) ଦୈତ୍ୟବିଶେଷ; ଦାନବ ଶିଳ୍ପୀ; ଉଷ୍ଟ୍ର; ଅଶ୍ୱତର । (ସ୍ତ୍ରୀ-ଆ = ମୟା) ଚିକିତ୍ସା । (ମୟୀ) ଉଷ୍ଟ୍ରୀ ।

ମୟଦା, ମଇଦା, } ବି. (ଯାବନିକ) ଗହମ-
ମୈଦା, } ଚୂନା ।

ମୟଦାନ, }
ମଇଦାନ, } ବି. (ଯାବନିକ) ପଡ଼ିଆ, ବିସ୍ତୀର୍ଣ୍ଣ ଭୂମି ।
ମୈଦାନ, }

ମୟନା, ମଇନା, } ବି. (ଯାବନିକ) ସାରିକା
ମୈନା, } ପକ୍ଷୀ ।

ମୟଳା, ମଇଳା, } ବି. (ମଠ ଶବ୍ଦଜ) ମଳ;
ମୈଳା, } ଅପରିଷ୍କୃତତା । ବିଂ. ଅପରିଷ୍କୃତ ।

ମୟୁ, ବି. [ମୟତେ ବନମୟତେ ଇତି ମୟୁଃ = କାମରୂପିତ୍ୱରୁ ରୂପ ବିନିମୟ କରନ୍ତି ବୋଲି ମୟୁ ଅଥବା ମୟ୍ = (ମିଷ୍ଟସ୍ୱର ଇତ୍ୟାଦି) କ୍ଷେପଣ କରିବା-ଉ] କିଂନର, କିଂପୁରୁଷ । (ମୟ୍ = ଗମନ କରିବା-ଉ) ମୃଗ; ଅଶ୍ୱ; ଅଶ୍ୱମେଧର ଅଶ୍ୱ ।

ମୟୂଖ, ବି. [ମା = (ସମୟ) ପରିମାଣ କରିବା-ଊଖ, ମା = ମୟ] କିରଣ; ଦୀପ୍ତି, ଜ୍ୟୋତି; ଶୋଭା; ଜ୍ୱାଳା ।

ମୟୂର, ବି. (ମହୀ = ପୃଥ୍ୱୀ-ରୁ = ରବ କରିବା-ଅ, ଯେ ପୃଥିବୀରେ ରବ କରେ—ନିପାତନ ଅଥବା ମି = କ୍ଷେପଣ କରିବା-ଉର) ସ୍ୱନାମପ୍ରସିଦ୍ଧ ପକ୍ଷୀ ।

ମୟୂରଚଟକ, ବି. ସଂ. ଗୃହକୁକ୍‌କୁଟ ।

ମୟୂରପଦକ, ବି. ସଂ. ନଖାଘାତ, ନଖକ୍ଷତ ।

ମର, ବି. (ମୃ = ମରିବା-ଅ) ମରଣ । ବିଂ. ମରଣାଧୀନ ।

ମରକ, ବି. (ମୃ=ମରିବା-ଅକ) ମାରୀ, ମଡ଼କ ।

ମରକତ, ମରକ୍ତ, ବି. (ମରକ=ମାରିଭୟ-ତୃ=ପାର ହେବା-ଅ) ହରିଦ୍‌ବର୍ଣ୍ଣ ମଣି-ବିଶେଷ ।

ମରଜି, ବି. (ହିନ୍ଦୀ) ଇଚ୍ଛା । ଯଥା—
ତୋ ଦେହ ତମାଲ ଶ୍ୟାମ ମୋ ମରଜି କଷିଲା । କ. ଚ. ଚ.

ମରଣ, ବି. (ମୃ=ମରିବା-ଅନ) ମୃତ୍ୟୁ, ଦେହନାଶ; ବତ୍ସନାଭ ବିଷ ।

ମରତ, ବି. (ମୃ=ମରିବା-ଅତ) ମରଣ, ମୃତ୍ୟୁ । (ମର୍ତ୍ତ୍ୟ ଶବ୍ଦଜ) ମର୍ତ୍ତ୍ୟ; ମାନବ; ମର୍ତ୍ତ୍ୟଲୋକ । ଯଥା—
ଅବା ଏ ଭ୍ରମଇ ମରତେ କପଟ
କିରାତରୂପେ ଅନଙ୍ଗ । ଉର୍ବଶୀ ।

ମରଦ, ମର୍ଦ୍ଦ, ବି. (ହିନ୍ଦୀ) ପୁରୁଷ । (ସରଫ ଶବ୍ଦ ଦେଖ ।)

ମରଦଆ, ମର୍ଦ୍ଦିଆ, ବି. (ମୃଦ୍ ଧାତୁଜ) ମର୍ଦ୍ଦିବା ଲୋକ । ଯଥା—
ଯାମଲ ଭୂଧରନିଭ ପୟୋଧର ମରଦଆ ଗୃକର ରେ । ବି. ଚ. ମ.

ମରନ୍ଦ, ମରନ୍ଦକ, ବି. [ମକରନ୍ଦ, ଦ୍ୱିତୀୟ ବର୍ଣ୍ଣ ଲୋପ, କ-ଯୋଗେ ମରନ୍ଦକ, ଅଥବା ମର=(ଭ୍ରମରାଦିର) ମରଣ-ଦୋ=ଖଣ୍ଡନ କରିବା-ଅ, ମ ଆଗମ] ମକରନ୍ଦ, ପୁଷ୍ପରସ ।

ମରଭୂତ, ମର୍ଭୂତ, ବି. (ମର୍ବୁଦ ଶବ୍ଦଜ) ସଂଖ୍ୟା-ବିଶେଷ । ଯଥା—
ବରଡ଼ ଅଛୁ ମରଭୂତେ,
ଷଣ୍ଢ ଅଛଇ ଅଇବ୍ରୁତେ । ମା. ମା.

ମରମ, ବି. (ମର୍ମ ଶବ୍ଦଜ) ଶରୀରର ସନ୍ଧି ସ୍ଥାନ; ହୃଦୟାଦି ଜୀବ ସ୍ଥାନ ।

ମରମର, ବି. (ଗ୍ରୀକ୍‌ଭାଷା) ଶ୍ୱେତ ପ୍ରସ୍ତର । (ମର୍ମରର ଅପଭ୍ରଂଶ) ବସ୍ତ୍ର ଓ ଶୁଷ୍କପତ୍ରାଦିର ଧ୍ୱନି ।

ମରହଟ୍ଟ, ବି. (ମହାରାଷ୍ଟ୍ର=ପ୍ରାକୃତ ମରହଟ୍‌ଠ ଶବ୍ଦଜ) ଦେଶବିଶେଷ ।

ମରହଟ୍ଟା, ମରହଟ୍ଟୀ, ବି. (ମହାରାଷ୍ଟ୍ରୀ ଶବ୍ଦଜ) ମହାରାଷ୍ଟ୍ର ଦେଶବାସୀ ।

ମରା, ବି. (ମରଣାର୍ଥ ମୃ ଧାତୁଜ) ମରିବା, ମରଣ । ବିଂ. ମାରିବା ବ୍ୟକ୍ତି; ମୃତ ।

ମରାଜ, ବି. (ଦେଶଜ) ଝାଲର, ବସ୍ତ୍ରର ଝୁମ୍ପି ।

ମରାଠ, ବି. (ପ୍ରାକୃତ ମରଟ୍‌ଠ ଶବ୍ଦଜ) ରାଜୋପକରଣବିଶେଷ । ଯଥା—
ଲକ୍ଷେକ ମୁଚୁ ଲକ୍ଷେକ ନିଖିଳ ମରାଠ,
ଲକ୍ଷେକ ଶ୍ୱେତଚାମର ଚମକ ଚହଟ । ମଂ. ଘ.

ମରାଠି, ବି. (ମହାରାଷ୍ଟ୍ରୀ=ପ୍ରାକୃତ ମରଠୀ ଶବ୍ଦଜ) ମହାରାଷ୍ଟ୍ର ନିବାସୀ ।

ମରାମତ, ମରାମତି, ବି. (ଯାବନିକ) ଗୃହାଦିର ନବୀକରଣ; ସଜାଡ଼ିବା ।

ମରାମରି, ବି. (ଦେଶଜ) ଅନ୍ୟୋନ୍ୟ ପ୍ରହାର । ଯଥା—
ଏକେ ଏକେ କଲେ ରଣ ବାନର ଅସୁରଗଣ
ମିଶାମିଶି ହୋଇ ମରାମରି । ବି. ରା.

ମରାଯିବା, କ୍ରି. (ମୃ ଧାତୁଜ) ମୃତହେବା । ଯଥା—
ତୁମ୍ଭର ତ ଧନୁ ଅଟଇ ଦୁର୍ବଳ,
ଏଥେ କି ମରାଯିବେ ମହାରଥିକୁଳ । କୃ.ଖି.ବ.ପ.

ମରାଳ, ବି. (ମୃ=ମରିବା-ଆଳ) ଆରକ୍ତ ଚଞ୍ଚୁ ଚରଣବିଶିଷ୍ଟ ରାଜହଂସ; ପାତିହଂସ; ଅଶ୍ୱ; ମେଘ; କଜ୍ଜ୍ୱଳ । ବିଂ. ମସୃଣ, ସ୍ନିଗ୍ଧ ।

ମରିଆ, ବି.(ଗଡ଼ଜାତରେ) ଏକପ୍ରକାର ନିକୃଷ୍ଟ ଖାଦ୍ୟ ।

ମରିଚ, ମରୀଚ, ବି. ସଂ. ଗୋଲମରିଚ ।

ମରିଚପଡ଼ିବା, କ୍ରି. (ଦେଶଜ) ଅସ୍ତ୍ର ବା ଧାତୁ-ନିର୍ମିତ ପାତ୍ରରେ କଳଙ୍କ ଲାଗିବା ।

ମରିପଡ଼ି, କ୍ରି. ବିଂ. (ଦେଶଜ—ଏହି ପଦଟି ଅସମାପିକା କ୍ରିୟା ସଦୃଶ ଥାଏ) ପ୍ରାଣାନ୍ତ କଷ୍ଟ ପୂର୍ବକ, ପ୍ରାଣପଣେ । ଯଥା—
ରାଜ୍ୟର ଚନ୍ତା ତଣ୍ଡ ଯେ ପଡ଼ିଲେ କଉଡ଼ି,
ଘରୁ ଦ୍ରବ୍ୟ ଦେଇ ସେ ଲୁଗଇ ମରିପଡ଼ି । ନୃ.ପୂ.ପ୍ର.ଚ.

ମରିବା, କ୍ରି. (ମୃ ଧାତୁଜ) ପ୍ରାଣ ତେଜିବା ।

ମରୀଚ, ବି. [ମୃ=(ଅନ୍ଧକାର) ନାଶ କରିବା-ଈଚ) କିରଣ; ଷଟ୍ ତ୍ରସରେଣୁ ପରିମାଣ; ବ୍ରହ୍ମାଙ୍କ ମାନସ ପୁତ୍ର ସୃଷ୍ଟିକର୍ତ୍ତା ମୁନି-ବିଶେଷ ।

ମରୀଚିକା, ବି. ସ୍ତ୍ରୀ. ( ମରୀଚି-କ-ସ୍ୱାର୍ଥେ-ଆ ) ମୃଗତୃଷ୍ଣା; ସୂର୍ଯ୍ୟକିରଣରେ ଜଳ ଭ୍ରମ ।

ମରୁ, ବି. [ମୃ = (ତୃଣାଦି) ମରିବା-ଉ] ଜଳ ଓ ତୃଣାଦିଶୂନ୍ୟ ପ୍ରଦେଶ; ପର୍ବତ; ମାରୁଆଡ଼ୀ ଦେଶ; ସୂର୍ଯ୍ୟବଂଶୀୟ ଭାବୀ ନୃପବିଶେଷ; ଭଗବାନ୍ କଳ୍କିରୂପେ ଅବତୀର୍ଣ୍ଣ ହୋଇ ଏହାଙ୍କୁ ରାଜ୍ୟରେ ଅଭିଷିକ୍ତ କରିବେ ।

ମରୁଆ, ବି. (ମରୁବକ ଶବ୍ଦଜ ) ଏକପ୍ରକାର ସୁବାସ ଶାକ । ଯଥା—

ଦବ୍ୟ ଦସ୍ତୁଣା ମରୁଆ ପ୍ରକଟ । ବି. ଗ.

ମରୁଡ଼ି, ବି. ( ଦେଶଜ ) ଅକାଳ ମରଣ । ଯଥା —

ଆମ୍ଭଙ୍କ ଊଣା ଭାଗ୍ୟ ଥିବ ଅବା ପଡ଼ି,
ଜେଣୁ ବା ମୂର ଦୈତ୍ୟାଙ୍କୁ ନୋହିଲ ମରୁଡ଼ି ।
ନୃ. ସୃ. ତୃ. ତ.

ମହାମାରୀ, ଓଲାଉଠା ।

ମରୁତ୍, ମରୁତ, ବି. ( ମୃ = ମରିବା-ଉତ୍, ମରୁତ୍-ଅ, ଯେ ବନ୍ଧ ହେଲେ ଲୋକେ ମରନ୍ତି) ବାୟୁ; ଦେବତା ।

ମରୁତ୍ତ, ବି. (ମରୁତ୍-ତନ୍ = ବିସ୍ତାର କରିବା-ଅ) ବାୟୁ; ଚନ୍ଦ୍ରବଂଶୀୟ ନୃପତିବିଶେଷ ।

ମରୁତ୍ପଥ, ବି. ସଂ. ଆକାଶ ।

ମରୁତ୍ଫଳ, ବି. ସଂ. କରକା, କୁଆପଥର ।

ମରୁଦ୍ୱିପ, ମରୁପ୍ରିୟ, ବି. ସଂ. ଉଷ୍ଟ୍ର, ଓଟ ।

ମରୁଳ, ବି. (ମୃ-ଉଳ)କାରଣ୍ଡବ; ହଂସବିଶେଷ ।

ମରୁବକ, ବି. (ମରୁ-ବାଲୁକାମୟ ବା ବାରି-ଶୂନ୍ୟ ଭୂମି-ବା = ଜନ୍ମିବା-ଅ-କ ଯୋଗ) ମଏଣ ଗଛ; ପିଣ୍ଡଖର୍ଜୁର; ଜମ୍ବୀର; ବ୍ୟାଘ୍ର; ରାହୁ ।

ମରେଇ, ମରୈ, ବି. ( ଦେଶଜ ) ଧାନ ରଖିବାପାଇଁ ବାଉଁଶନିର୍ମିତ ଡୋଲ ।

ମର୍କ, ବି. ( ମରକ ଶବ୍ଦର ଅନ୍ତ ସଂଶ୍ଳେଷ ) ଓଲାଉଠା; ମଡ଼କ ।

ମର୍କଟ,ବି.(ମର୍କ୍ = ଗମନକରିବା-ଅଟ) ବାନର; ମାକଡ଼ସା; ହାଡ଼ଗିଳା ପକ୍ଷୀ; ବିଷବିଶେଷ ।

ମର୍କଟବାସ, ବି. ( ମର୍କଟ-ବାସ ) ମାକଡ଼ସା-ପୋକର ଜାଲ ।

ମର୍କତ, ବି. (ମରକତ ଶବ୍ଦର ଅନ୍ତ ସଂଶ୍ଳେଷ) ମରକତରତ୍ନ । ଯଥା—

ମାଣିକ୍ୟ ମର୍କତ ମିଶ୍ରା, ପିରୁଲୀ ଚଉରଚନା ।
କୋ. ବ୍ର. ସୁ.

ମର୍କରା, ବି. ସ୍ତ୍ରୀ. ସଂ. ଦରୀ, ଗୁହା; ଭାଣ୍ଡ ବା ପାତ୍ର; ବନ୍ଧ୍ୟା ସ୍ତ୍ରୀ ।

ମର୍ତ୍ତ, ମର୍ତ୍ତ୍ୟ, ବି. (ମୃ = ମରିବା-ତ, ମର୍ତ୍ତ-ଯ-ସ୍ୱାର୍ଥେ) ମାନୁଷ; ମଧ୍ୟମଲୋକ; ପୃଥିବୀ ।

ମର୍ଦ୍ଦ, ମର୍ଦ୍ଦନ, ବି. (ମୃଦ୍ = ମର୍ଦ୍ଦନ କରିବା-ଅ, ଅନ) ପେଷଣ, ଦଳନ, ଚୂର୍ଣ୍ଣନ; ଦେହ-ଘଷିବା, ସଂବାହନ । (ବିଶେଷଣରେ ମର୍ଦ୍ଦିତ ଏବଂ ମୃଦିତ ହୁଏ । )

ମର୍ଦ୍ଦଳ, ବି. (ମର୍ଦ୍ଦ-ମର୍ଦ୍ଦନ-ଲ୍ = ଗ୍ରହଣ କରିବା-ଅ) ବାଦ୍ୟଯନ୍ତ୍ରବିଶେଷ, ମାଦଳ ।

ମର୍ବୁଦ, ଅର୍ବ୍ବୁଦ, ମର୍ବ୍ବୁଧ, ବି. ( ଦେଶଜ ) ଦସ୍ତଖେଳର ନିୟମବିଶେଷ ।

ମର୍ମ୍ମ, ବି. (ମର୍ମନ୍-ମୃ = ମରିବା-ମନ୍) ଶରୀରର ସନ୍ଧି ସ୍ଥାନ; ହୃଦୟାଦି ଜୀବ ସ୍ଥାନ; ସ୍ୱରୂପ-ତତ୍ତ୍ୱ; ତାତ୍ପର୍ଯ୍ୟ; ଅଭିପ୍ରାୟ; ଗୂଢ଼କଥା; ରହସ୍ୟ; ଅନ୍ତର ।

ମର୍ମ୍ମର, ବି. (ମୃ = ମରିବା-ଅର, ମ ଆଗମ) ବସ୍ତ୍ର ଏବଂ ଶୁଷ୍କପତ୍ରାଦିର ଅବ୍ୟକ୍ତ ଧ୍ୱନି । ବିଂ. ମର୍ମ୍ମର ଧ୍ୱନିକାରକ ।

ମର୍ମ୍ମସ୍ପୃକ୍, ମର୍ମ୍ମସ୍ପୃଶ୍, ବିଂ. (ମର୍ମ୍ମନ୍ = ଅନ୍ତର-ସ୍ପୃଶ୍-କ୍ୱିପ୍) ଆନ୍ତରିକ ବ୍ୟଥାଦାୟକ ।

ମର୍ମ୍ମାନ୍ତିକ, ବିଂ. (ମର୍ମ୍ମନ୍ = ଅନ୍ତର-ଅନ୍ତିକ = ସନ୍ନିହିତ) ମର୍ମ୍ମପୀଡ଼କ; ଆନ୍ତରିକ ।

ମର୍ଯ୍ୟାଦା, ବି. (ପରି-ଆ-ଦା = ଦାନ କରିବା-ଅ-ଆ, ପ = ମ ) ନ୍ୟାୟପଥରେ ସ୍ଥିତି; ନିୟମ; ସଦାଚାର; ମାନ, ସମ୍ଭ୍ରମ; ଗୌରବ; ସମ୍ମାନ; ସୀମା; କୂଳ, ତୀର ।

ମର୍ଶ, ମର୍ଶନ, ବି. (ମୃଶ୍ = ପରାମର୍ଶ କରିବା-ଅ, ଅନ) ପରାମର୍ଶ; ଯୁକ୍ତି; ମନ୍ତ୍ରଣା; ଉପଦେଶ ଦେବା ।

ମର୍ଷ, ମର୍ଷଣ, ବି. (ମୃଷ୍=କ୍ଷମାକରିବା-ଅ, ଅନ) କ୍ଷମା; ସହନ; ନାଶନ । (ବିଶେଷଣରେ ମର୍ଷିତ ହୁଏ ।)

ମର୍ଷିତବାନ୍, ବିଂ. (ମୃଷ୍-ତବତ୍) ସହିଷ୍ଣୁ, ସହନଶୀଳ; ଯେ କ୍ଷମା କରିଅଛି ।

ମଳ, ବି. [ମଳ=(ଶରୀର) ଧାରଣ କରିବା-ଅ] ବିଷ୍ଠା, ମୂତ୍ର, ଶ୍ଳେଷ୍ମା ପ୍ରଭୃତି ଶରୀରର ମଇଳା; କାଣ୍ଡି; ସିଠା; ପଚି ଯାଇଥିବା ବସ୍ତୁ ପ୍ରଭୃତି; ବାତ, ପିତ୍ତ, କଫ । (ମଳମାକରଣଶୀଳତ୍ୱାତ୍ ମଇଳାଇତ୍ୟୁଚ୍ୟତେ) ପାପ; କଳଙ୍କ; ସ୍ୱେଦାଦି । ବିଂ. ମଳଯୁକ୍ତ; କୃପଣ ।

ମଲ, ବି. (ମାଲ ଶବ୍ଦର ଅପଭ୍ରଂଶ) ଜାତିବିଶେଷ । (ମଲ୍ଲ ଶବ୍ଦର ଅପଭ୍ରଂଶ) ମଲ୍ଲ, ବୀରପୁରୁଷ ।

ମଲବାର, ବି. (ମଲ୍ଲଭୂ ଶବ୍ଦଜ) ଦେଶବିଶେଷ ।

ମଲମ, ମଇଲମ, ମେଲମ, } ବି. (ଦେଶଜ) ପ୍ରଲେପମୟ ଔଷଧବିଶେଷ ।

ମଳମାସ, ବି. ସଂ. ଅଧିକ ମାସ; ଅମାବାସ୍ୟାଦ୍ୱୟଯୁକ୍ତ ରବି, ସଂକ୍ରାନ୍ତିରହିତ ମାସ ।

ମଳମ୍ବା, ବିଂ. (ଦେଶଜ) ତାମ୍ରପଟ୍ଟ ଉପରେ ସ୍ୱର୍ଣ୍ଣପତ୍ର ଦ୍ୱାରା ଆବୃତ; ଗିଲିଟି କରିଥିବା । ଯଥା—

ମଳମ୍ବା ଅମ୍ବରେ ହେଲ ଏ ଭୂମ୍ବର
ସୁବର୍ଣ୍ଣ ଭ୍ରମ କେବଳ । ଯ. କେ.

ମଳୟ, ବି. [ମଳ୍=(ଚନ୍ଦନ ବନ) ଧାରଣ କରିବା-ଅୟ] ଚନ୍ଦନାଚଳ, ପଶ୍ଚିମ ଘାଟ ପର୍ବତର ଅଂଶ; ଦେଶବିଶେଷ; ଆରାମ, ଉପବନ; ନନ୍ଦନବନ ।

ମଳୟଜ, ବି. (ମଳୟ-ଜନ୍-ଅ) ଚନ୍ଦନ; ଚନ୍ଦନ କାଷ୍ଠ; ରାହୁ । ବିଂ. ମଳୟଜାତ ।

ମଳା, ବି. (ମଣ୍ଡଳା ଶବ୍ଦଜ) ମାଟିହାଣ୍ଡି ପ୍ରଭୃତି ରଖିବାକୁ ପାଳ ପ୍ରଭୃତିରେ ନିର୍ମିତ ମଣ୍ଡଳାକୃତି ବଇଠି; ମନ୍ଦା । ଯେପରି—ଗଛର ମଳା । ମଞ୍ଜିବା । ଯେପରି—ଧାନମଳା ।

ମଳା, ବିଂ. (ଦେଶଜ) ମୃତ । ଯଥା—

ମଲ୍ଲାରେ ମଲାରେ ସମ ହେଲେ ସୁନ୍ଦରୀ । ପ୍ରେ. ସୁ. ନି.

ମଲାଟ, ବି. (ଦେଶଜ) ପୁସ୍ତକ ଉପରେ ବାନ୍ଧିଥିବା କାଗଜ ।

ମଳାଶାସୁ, ମାଇଁଶାସୁ, ମଉଳାଶାସୁ, } ବି. ସ୍ତ୍ରୀ. (ମାତୁଳ-ଶ୍ୱଶ୍ରୂ—ଏ ଉଭୟ ଶବ୍ଦରୁ ଜାତ) ଭର୍ତ୍ତା ବା ସ୍ତ୍ରୀଙ୍କ ମାଇଁ ।

ମଳାଶ୍ୱର, ମଳାଶଶୁର, ମଉଳାଶଶୁର, } ବି. (ମାତୁଳ-ଶ୍ୱଶୁର—ଏ ଉଭୟ ଶବ୍ଦରୁ ଜାତ) ଭର୍ତ୍ତା ବା ସ୍ତ୍ରୀଙ୍କ ମାତୁଳ ।

ମଳି, ବି. (ମଳ ଶବ୍ଦଜ) ଦେହର ଉପରିସ୍ଥ ମଳ; ପାତ୍ରାଦିର ମଇଳା । ବିଂ. ମଳିନ । ଯଥା—

ତନ୍ତ୍ରାଇବ ଲୋକଙ୍କେ ମଳି ଦୁକୂଳ । ମେ. ଦୂ.

ମଲି, ମଲିକା, ବି. ସ୍ତ୍ରୀ. (ମଲ୍ଲୀ ଓ ମଲ୍ଲିକା ଶବ୍ଦର ଅପଭ୍ରଂଶ) ମଲ୍ଲୀପୁଷ୍ପ; ତନ୍ନାମଧାରିଣୀ ଯୁବତୀ ।

ମଲି, ମଲ୍ଲି, ମଲିମଲି, ଅଂ. (ଦେଶଜ) ପୀଡ଼ାସୂଚକାର୍ଥ । ଯଥା—

ହାଁ ହାଁ ହୁଁ ହୁଁ ନା ନା ମଲିମଲି ରଖ
ଭାଷାକୁ କସ ଭୁଲାଇବି । ପ୍ରେ. ସୁ. ନି.

ମଳିଆ, ବିଂ. (ମଳିନ ଶବ୍ଦଜ) ମଳିନ ।

ମଲିକ, ବି. (ରକ୍ଷକାର୍ଥ ମହଲ୍ଲିକ, ମଲ୍ଲିକ ଶବ୍ଦଜ) ଉପାଧିବିଶେଷ; ଦଳୁଆ ଜାତିର ଗୃହସଙ୍କାବିଶେଷ; ଗ୍ରାମର ଅଧିକାରୀ ।

ମଲିକଡ଼ି, ମଲ୍ଲିକଡ଼ି, ମଲକଡ଼ି, } ବି. ସ୍ତ୍ରୀ. (ମଲ୍ଲୀ କଳିକା ଶବ୍ଦଜ) କର୍ଣ୍ଣାଲଂକାରବିଶେଷ । ଯଥା—

ସୁନା ମଲ୍ଲିକଡ଼ି ଫୁଲ କାନ୍ଦ ପଟିଆମ,
ବାଳୀରେ କରିଛୁ ଶ୍ରବଣକୁ ମନୋରମ । ଲ. ବ.

ମଲ୍ଲିକା ପୁଷ୍ପର କଳିକା ।

ମଳିଣ, ବିଂ. (ମଳିନ ଶବ୍ଦଜ ପ୍ରାକୃତ) ମ୍ଳାନ; ମଳଯୁକ୍ତ ।

ମଳିନ, ବିଂ. (ମଳ-ଇନ-ଅସ୍ତ୍ୟର୍ଥେ) ମଳଯୁକ୍ତ; କୃଷ୍ଣବର୍ଣ୍ଣ; ମଇଳା; ପାପଯୁକ୍ତ; ମ୍ଳାନ; ବିଷଣ୍ଣ; ନିତ୍ୟ ନୈମିତ୍ତିକ କ୍ରିୟାତ୍ୟାଗୀ । ବି. ପାପ; କଳଙ୍କ ।

ମଳିନିମା, ବି. ( ମଳିନ-ଇମନ୍-ଭାବାର୍ଥେ ) ମଳିନତା ।

ମଳିନୀ, ମଳିଷ୍ଠା, ବି. ସ୍ତ୍ରୀ. ସଂ. ଋତୁମତୀ ସ୍ତ୍ରୀ । (ମଳିନୀ ଋତୁମତ୍ୟପି—ଅମର ।)

ମଳିବା, କ୍ରି. (ଦେଶଜ) ମନ୍ଥିବା । ଯଥା—

କନ୍ଦେ କରେ ନେତ୍ରଯୁଗ ମଳି । ପାର୍ବତୀ ।

ଇତସ୍ତତଃ ପ୍ରସରଣ କରିବା । ଯଥା—

ନସତ ପକୃତ ନ ଧରେ,
ସମ୍ମୁଖେ ମତ୍ତ ଯୁଦ୍ଧ କରେ । ମା. ମା.

ମଳିମ୍ଳୁଚ, ବି.(ମଳୀ=ମଳଯୁକ୍ତ-ମ୍ଳୁଚ୍=ଗମନ କରିବା-ଅ, ବୈଦିକ କର୍ମାନର୍ହତ୍ୱେନ ଦୁଷ୍ଟଃ ସନ୍ ମ୍ଳୋଚନ୍ତି ଗଚ୍ଛନ୍ତୀତି ମଳିମ୍ଳୁଚଃ) ଚୋର; ଅଗ୍ନି; ବାୟୁ; ମଳମାସ ।

ମଳୀମସ, ବିଂ. (ମଳ-ଈମସ୍-ନିପାତନ)ମଳିନ, ମଳଦୂଷିତ । ( ମଳୀମସଂ ତୁ ମଳିନଂ— ଅମର । ) ବି. ଲୌହ; ମଳମାସ ।

ମଳୁ, ବି. (ଦେଶଜ ବା ବାତ ପିତ୍ତାଦି ଅର୍ଥବୋଧକ ମଳ ଶବ୍ଦଜ) ରୋଗୀ । ଯଥା—

ଧନ୍ୱନ୍ତରି ବୋଇଲେ ଶୁଣ ଅଗ୍ନିଦେବତା,
ମଳୁ ହେଲେ ଆତୁର ବୈଦ୍ୟଙ୍କୁ ବୋଲେ ପିତା ।
ନୃ. ସୃ. ପ. ତ.

ମଳୁକ, ବି. (ଦେଶଜ) ବସ୍ତ୍ରବିଶେଷ ।

ମଳେଇ, ବି. ( ଦେଶଜ ) ଗାଈର ବାଛୁରି ମରିଗଲେ ଲୁଣ ଚଟାଇ ଦୁଗ୍ଧ ଦୁହିଁବାର ଉପାୟ ।

ମଳେଇବା, କ୍ରି. (ଦେଶଜ) ମୃତବତ୍ସା ଗାଈକୁ ଲୁଣ ଚଟାଇ ଦୁଗ୍ଧ ଦୁହିଁବା ।

ମଲ୍ଲ, ବି. (ମଲ୍ଲ୍ =ଧାରଣ କରିବା-ଅ) ବାହୁଯୋଦ୍ଧା, ମାଲ; କପୋଳ, ଗଣ୍ଡସ୍ଥଳ; ଦେଶବିଶେଷ; ପାତ୍ରବିଶେଷ; ମାଳା । ବିଂ. ବଳିଷ୍ଠ, ଅତିବଳବାନ୍ ।

ମଲ୍ଲଭୂ, ମଲ୍ଲଭୂମି, ବି. ସଂ. ମଲ୍ଲମାନଙ୍କର କ୍ରୀଡ଼ାସ୍ଥାନ; ରଣସ୍ଥଳ; ଦେଶବିଶେଷ ।

ମଲ୍ଲାର, ବି. ସଂ. (ମଲ୍ଲ୍ =ଋ=ଗମନ କରିବା-ଅ) ରାଗବିଶେଷ; ରାଗିଣୀବିଶେଷ ।

ମଲ୍ଲି, ମଲ୍ଲୀ, ମଲ୍ଲିକା, } ବି.ସ୍ତ୍ରୀ.(ମଲ୍ଲ୍ =ଧାରଣ କରିବା-ଇ, ଈ, କ ଯୋଗ-ଆ) ପୁଷ୍ପବିଶେଷ ।

ମଲ୍ଲିକ, ବି. (ମଲ୍ଲ୍ =ଧାରଣ କରିବା-ଇ-କ ଯୋଗ) ହଂସବିଶେଷ; ଉପାଧିବିଶେଷ; ଜାତିବିଶେଷ; ମତ୍ସ୍ୟବିଶେଷ; ମୃତ୍ପାତ୍ରବିଶେଷ; ମଲିଫୁଲ ।

ମଶ, ମଶକ, ବି. (ମଶ୍ =ଶବ୍ଦ କରିବା-ଅ, ଅକ) ମଶା; ଚର୍ମମୟ ଜଳପାତ୍ରବିଶେଷ ।

ମଶଲା, ମସଲା, ବି. (ଦେଶଜ) ସୁବାସ ଦ୍ରବ୍ୟବିଶେଷ; ପାନର ଗୁଣ୍ଡି; ବ୍ୟଞ୍ଜନାଦିର ଉପକରଣ ।

ମଶହରୀ, ବି. ସ୍ତ୍ରୀ. ( ମଶ=ମଶା-ହୃ-ଇ-ଈ ) ମଶାରି, ମଶକବାରଣୀ ।

ମଶା, ମସା, ମଚ୍ଛ, } ବି. (ମଶକ ଶବ୍ଦଜ) ଦଂଶକ କୀଟବିଶେଷ ।

ମଶାଣ, ମସାଣି, ମଶାଣି, } ବି. (ଶ୍ମଶାନ ଶବ୍ଦଜ ପ୍ରାକୃତ) ପ୍ରେତଭୂମି । ଯଥା—

ଦକ୍ଷିଣ ମଶାଣ ରାଜସୁତେ କଲେ ଲୌହେ ଉର୍ବୀ ।
ଉଷା ।

ମଶାରି, ମସୁରି, ବି. (ମଶହରୀ ଶବ୍ଦଜ) ମଶକ ନିବାରଣ ପ୍ରାବରଣବିଶେଷ । ଯଥା—

ମଶାରି ଭିତରେ ମଶକ ଯେସନ । ଦ. ବା.

ମଶାଲ, ବି.(ଯାବନିକ)ଦିହୁଡ଼ି; ଦୀପ । ଯଥା—

ମୀନ ଆକର୍ଷଣ ଆଶେ ପୋତପାଳ,
ତରଣୀରେ ଜାଳିଦେଲଣି ମଶାଲ । ଚିଲିକା ।

ମଶିଗୁଣ୍ଡ, ମସିଗୁଣ୍ଡା, } ବି. ( ଦେଶଜ ପ୍ରାୟ ) ସୂକ୍ଷ୍ମ ଚୂର୍ଣ୍ଣ । ଯଥା—

ବାଳିଆ ବେନି ବୃକ୍ଷ ହୋଇଲା ମଶିଗୁଣ୍ଡ,
ତା ନ ମାନିଲା ଭୀମ ଭୋଜନେ ଲଣ୍ଡଭଣ୍ଡ । ସା.ଭା.ଆ.

ମଶିଣି, ମସିଣି, ବିଂ. (ମସୃଣ ଶବ୍ଦଜ) ଚିକ୍କଣ ।

ମଶୁନ, ବି. ସଂ. କୁକ୍କୁର ।

ମସ, ବି. ( ମସ୍ =ପରିମାଣ କରିବା-ଅ ) ପରିମାଣ; ଭାର ।

ମସକା, ମସ୍କା, ବିଂ. (ଦେଶଜ) ମଠକା ଅର୍ଥାତ୍ ଯାହା ଅଳ୍ପ ଆଘାତରେ ଭଗ୍ନ ହୁଏ ।

ମସଜଦ, ବ.(ଯାବନକ) ଯବନ ଭଜନାଳୟ ।

ମସଡ଼, ବ. (ମସୂର ଶବ୍ଦଜ) ଏକପ୍ରକାର ଚଣା ।

ମସଲତ, ବ. (ଦେଶଜ) ବ୍ୟବହାରବିଦରେ ମଧ୍ୟସ୍ଥ ଲୋକଦ୍ୱାରା କଥାବାର୍ତ୍ତା; ନାନା-ପ୍ରକାର ଗଳ୍ପ କରିବା ।

ମସାର, ମସାରକ, ବ. (ମସ୍=ପରିମାଣ-ଋ=ଗମନ କରିବା, ପାଇବା-ଅ, କ ଯୋଗ) ଇନ୍ଦ୍ରନୀଳମଣି ।

ମସାଲଚି, ମସାଲଚୀ, ବ. (ପାରସ୍ୟ) ଯେ ମସାଲ ବା ଦିହୁଡ଼ି ଧରେ ।

ମସାହରା, ବ. (ଯାବନକ) ମାସିକ ବେତନ; ମାସିକ ବୃତ୍ତି ।

ମସି, ମସୀ, ମଶି, ମଶୀ, ମଷି, ମଷୀ, ବ. ସ୍ତ୍ରୀ. (ମସ୍=ଓଜନ କରିବା-ଇ) ଲେଖିବାର କାଳି; ଅଙ୍ଗାର ପ୍ରଭୃତିର କଳା । ଯଥା—

ବୋଲି ଦେଇଅଛୁ ଅଜ୍ଞାନର ମସି । ଦ. ବା.

ମସିଆ, ବ. (ଦେଶଜ) ଫଳଆଳୁ, ଆଳୁଲତାର ଡଙ୍କର ଗଣ୍ଠିମାନଙ୍କରେ ଫଳଥିବା ଆଳୁ । ଯଥା—

ଚୂନ ଟାଙ୍ଗଣା ଭୁଲିଆ ଖଇର,
ଓଲ ମସିଆକୁ ଏକତ୍ର କର ।
ଖାଇଲେ ଯେମନ୍ତ ରଙ୍ଗ ହୁଅଇ,
ବଚନେ ତାହା କହି ତ ନୁହଇ । ବୃ.ଚ. ବହାର ।

ମସିକୂପୀ, ମସିକୂପିକା, ମସିଧାନ, ମସିପ୍ରସୂ, ବ. ସ୍ତ୍ରୀ. ସଂ. ମସି ରଖିବା ପାତ୍ର, ଦୁଆତ ।

ମସିଣା, ବ. (ଦେଶଜ) ତୃଣବିଶେଷରେ ନିର୍ମିତ ବିଛଣା । ଯଥା—

ପରୁଢ଼ି ମସିଣା କାଖରେ ଯାକି ଗୁଲିଗଲେ ଧସଧସ ।
ହ୍ରା. ତ.

ମସିଣି, ବିଂ. (ମସୃଣ ଶବ୍ଦଜ) ଚିକ୍କଣ; କୋମଳ ।

ମସିମଣି, ବ. ସଂ. ଲେଖନୀ; ପେନସିଲ ।

ମସୁଣି, ବ. (ଦେଶଜ) ଛନ୍ଦ ଦଉଡ଼ି । ଯଥା—

ପାଣ୍ଡୋଇ କଠାଉ ମସୁଣି, ଆଣ ଲୁ ଦୁଧର ଦୁହୁଣୀ ।
ଭି. ଦ. ସ୍ତ.

ମସୁର, ମସୂର, ବ. (ମସ୍-ଉର, ଊର) ଶସ୍ୟ-ବିଶେଷ. ଚଣକବିଶେଷ । (ସ୍ତ୍ରୀ. ମସୂରା= ବେଶ୍ୟା ।)

ମସୂରି, ମସୂରୀ, ମସୂରିକା, ବ. ସ୍ତ୍ରୀ. ସଂ. ବସନ୍ତରୋଗ; କୁଟ୍ଟନୀ, ବେଶ୍ୟା; ବାଲିଶ ।

ମସୃଣ, ବିଂ. (ମସ୍-ଋଣ) ଚିକ୍କଣ; କୋମଳ; ଚକଚକିଆ ।

ମସ୍କର, ବ. ( ମସ୍କ୍=ଗମନ କରିବା-ଅର ) ବଂଶ; ବଂଶଯଷ୍ଟି; ଗତି; ଜ୍ଞାନ ।

ମସ୍କରା, ମସ୍କରି, ବ. (ଦେଶଜ) ଗଳ୍ପକାରକ; ପରିହାସକ; ଭଣ୍ଡ ।

ମସ୍କରାମି, ବ. (ଦେଶଜ) ଭଣ୍ଡତା ।

ମସ୍କରୀ, ବ. (ମସ୍କରିନ୍-ମସ୍କର=ବଂଶଦଣ୍ଡ-ଇନ୍ ଅସ୍ତ୍ୟର୍ଥେ) ଦଣ୍ଡୀ, ଭିକ୍ଷୁ, ଚତୁର୍ଥାଶ୍ରମୀ; ଚନ୍ଦ୍ର ।

ମସ୍ତ, ବ. (ମସ୍=ପରିମାଣ କରିବା-ତ) ଶିରଃ, ମଥା; ଅଗ୍ରଭାଗ । ବିଂ. ଉଚ୍ଚ, ଉନ୍ନତ । (ମସ୍ତ ଶବ୍ଦଜ) ମତ୍ତ ।

ମସ୍ତକ, ବ. (ମସ୍ତ-କ-ସ୍ୱାର୍ଥେ) ମୁଣ୍ଡ, ଅଗ୍ରଭାଗ । ବିଂ. ଉଚ୍ଚ ।

ମସ୍ତକସ୍ନେହ, ବ. ସଂ. ଶିରଃସ୍ଥିତ ମଜ୍ଜା, ମସ୍ତିଷ୍କ ।

ମସ୍ତିଷ୍କ, ବ. (ମସ୍ତିଂ ଶିରୋଦେଶମିଷ୍ୟଖଣ୍ଡ- ମସ୍ତିଷ୍କଂ, ଇଷ୍‌ଗତୌ, ମସ୍ତ-ଇଷ୍-ଅ-କ ଯୋଗ) ମସ୍ତକ ଭିତରେ ଘୃତ ପ୍ରାୟ ଯେ କୋମଳବସ୍ତୁ ଅଛି, ମସ୍ତକର ଘୃତ, ମଗଜ ।

ମସ୍ତୁ, ବ. (ମସ୍-ତୁ) ଦଧାଦିର ଜଳୀୟ ଅଂଶ, ଦଧିମଣ୍ଡ । (ମଣ୍ଡଂ ଦଧିଭବଂ ମସ୍ତୁ —ଅମର ।)

ମସ୍ତୋଦନ, ବ. (ଦେଶଜ) ହସ୍ତି ଆକୃତିବିଶିଷ୍ଟ ପ୍ରକାଣ୍ଡ ଜନ୍ତୁବିଶେଷ । (ମାମଥ ଶବ୍ଦ ଦେଖ ।)

ମହ, ବ. (ମହ୍=ପୂଜା କରିବା-ଅ) ଉତ୍ସବ; ଯଜ୍ଞ; ତେଜ; ମହିଷ । ବିଂ. ପୂଜନୀୟ । (ମହତ୍ ଶବ୍ଦର ଅପଭ୍ରଂଶ) ବିଂ. ବଡ଼; ଅଧିକ । ଯଥା—

ଜାଣେ ଚଉର ମହକାତର-କରମନ୍ତ୍ରର ସେହି ।
ପ୍ରେ. ସୁ. ନ.

(ବିଶେଷଣରେ ମହନୀୟ ହୁଏ ।)

ମହରିଷି, ମହରୁଷି, ବ. (ମହାନ୍-ଋଷି ଶବ୍ଦର ଅପଭ୍ରଂଶ) ପ୍ରଧାନ ଋଷି । ଯଥା—

ବିନେ ନାରଦ ମହରୁଷି— । ବି. ରା,

ମହକ, ବି. ( ମହ୍ = ପୂଜା କରିବା-ଅ-କ ଯୋଗ ) ମହଦ୍‌ବ୍ୟକ୍ତି; କଚ୍ଛପ; ବିଷ୍ଣୁ । (ମହକକ ଶବ୍ଦର ଅପଭ୍ରଂଶ) ଦୂରବ୍ୟାପୀ ସୁଗନ୍ଧ । ବିଂ. ସୁବାସଯୁକ୍ତ ।

ମହକାଇବା, କ୍ରି. ସୁବାସଯୁକ୍ତ କରିବା, ସୁବାସ ବ୍ୟାପ୍ତ କରିବା ।

ମହକିବା, } କ୍ରି. ଚତୁର୍ଦ୍ଦିଗରେ ସୁବାସ
ମହକିପଡ଼ିବା, } ବ୍ୟାପ୍ତ ହେବା । ଯଥା—

ଚନ୍ଦନେ ସନ୍ଧରଭ ମହକି ପଡ଼ୁଛି । ଉ. ସା.

ମହକୁମା, ବି. ( ଯାବନିକ ) ଉପବିଭାଗ (Sub-division) ।

ମହକ୍‌କ, ବି. ସଂ. ଦୂରବ୍ୟାପୀ ସୁଗନ୍ଧ ।

ମହଙ୍ଗା, ବିଂ. ( ମହାର୍ଘ ଶବ୍ଦଜ ) ବହୁମୂଲ୍ୟ । (ମହାଙ୍ଗ ଶବ୍ଦଜ) ଏକପ୍ରକାର କୋଳି ।

ମହଜିଦ, } ବି. (ଯାବନିକ) ପଠାଣମାନଙ୍କର
ମହସିଦ, } ପ୍ରାର୍ଥନାଗାର । ଯଥା—

ମନ୍ଦିର ତହୁଁ ଭାଙ୍ଗି ଦେଲ,
ମହଜିଦ ସେ ସ୍ଥାନେ କଲ । ଦା. ର.

ମହଣ, ମଣ, ବି. ( ଦେଶଜ ) ଚାଳିଶ ସେର ଓଜନ ପରିମାଣ; ମଧୂସିକ୍‌ଥ ଅର୍ଥାତ୍ ମହୁ-ମାଛିର ଘର ସନ୍ଧିରେ ହୋଇଥାଏ । ଯଥା—

ଜଉ ମହଣ କି କରିଲ,
କାହୁଁ ଖଞ୍ଜିଲେ ଏତେ ବାଲ । ଦା. ର.

ମହଣବଳିତା, } ବି. (ଦେଶଜ) ମହଣବୋଳା
ମହଣସଳିତା, } ବର୍ତ୍ତିକା; ଜଉବତି ।

ମହଣସାରୁ, ବି. (ଦେଶଜ) ଏକପ୍ରକାର ସାରୁ-କନ୍ଦା ।

ମହଣିବା, କ୍ରି. ( ଦେଶଜ ) ମହଣରେ ମୂର୍ତ୍ତି ତସ୍ତୁର କରିବା ।

ମହତ୍, ବିଂ. ( ମହ୍ = ପୂଜା କରିବା-ଅତ୍ ) ବୃହତ୍; ପ୍ରବଳ; ଅଧିକ; ଅନେକ; ପ୍ରଧାନ; ଉଦାର । ବି. ରାଜ୍ୟ; ମହତ୍ତ୍ୱ । (ସ୍ତ୍ରୀ-ଈ—ମହତୀ) ନାରଦଙ୍କ ବୀଣାଯନ୍ତ୍ର; ବୃହତୀ । (କିମ୍ବଦନ୍ତୀ ଶବ୍ଦମାନଙ୍କ ସହ ମହତ୍ ଶବ୍ଦର ଯୋଗ ହୁଏ ନାହିଁ—ଶବ୍ଦେ ତେଜେ ତଥା ମାଂସେ ବୈଦ୍ୟେ ଜ୍ୟୋତି-ଷିକେ ଦ୍ୱିଜେ । ଯାତାୟାଂ ପଥି ନିଦ୍ରାୟାଂ ମହତ୍ ଶବ୍ଦୋ ନ ପ୍ରଯୁଜ୍ୟତେ । )

ମହତ, ବି. (ମହତ୍ତ୍ୱ ଶବ୍ଦର ଅପଭ୍ରଂଶ)ମର୍ଯ୍ୟାଦା; ଆଧିକ୍ୟ । ଯଥା—

ତାକୁ ଲଘୁ କଲେ ମୋର ସରିବ ମହତ । ନୃ. ସୁ.

ମହତିଆ, ବିଂ. (ମହତ୍ ଶବ୍ଦଜ) ଯାହାର ମହତ୍ତ୍ୱ ଥାଏ; ମହତ୍ତ୍ୱଯୁକ୍ତ; ଉତ୍ତମ ।

ମହତ୍ତ୍ୱ, ବି. ( ମହତ୍-ତ୍ୱ ଭାବାର୍ଥେ ) ବୃହତ୍ତ୍ୱ; ପ୍ରାଧାନ୍ୟ; ପ୍ରକର୍ଷ; ଆଧିକ୍ୟ; ଔଦାର୍ଯ୍ୟ ।

ମହନ୍ତ, ମହାନ୍ତ, ବି. (ମହତ୍ ଶବ୍ଦଜ ପ୍ରାକୃତ) ମଠାଧିକାରୀ । ଯଥା—

ମଠେ ମହନ୍ତ ତାକୁ କଲେ । ଦା. ର.

ବଡ଼ଲୋକ; ସାଧୁ । ଯଥା—

ମହାନ୍ତ ମୁଖୁଁ ଝରେ ନିତି,
ଯେ କର୍ଣ୍ଣପୁଟେ ତା ପିବନ୍ତି । ଭା. ଦ. ସ୍କ.

ମହମବତି, ବି. (ଦେଶଜ) ଜଉବତି ।

ମହମହ, ଅଂ. (ଦେଶଜ) ସୁବାସର ଅନୁକରଣ । ଯଥା—

ଦ୍ୱିତୀୟା ବୋଲେ କି କହ, ଯେଉଁ ତନୁ ମହମହ,
ପଦ୍ମଗ୍ରାସେ ବାସୁଥାଇ, ତହିଁ ଦୁର୍ବାସନା କାହିଁ । ଲ. ବ.

ମହର, ବି. (ମହ୍—ପୂଜା କରିବା-ଅର)ଉର୍ଦ୍ଧ୍ୱସ୍ଥ ମହର୍ଲୋକ । (ଦେଶଜ) ଶଗଡ଼ର ବୋଝ ବା ଭରି ଅଗ୍ରଭାଗରେ ସମଧିକ ହେଲେ ମହର । ଯେପରି—ଶଗଡ଼ ମହର ହୋଇ-ଗଲା ।

ମହରଗ, } ବି. ( ମହାର୍ଘ ଶବ୍ଦଜ ) ବହୁମୂଲ୍ୟ;
ମହର୍ଗ, } କନ୍ତାର । ଯଥା—

ଭିକ୍ଷା କରିଣ ପେଟ ପୋଷି,
ପଡ଼ିଲା ମହରଗ ଆସି । ମା. ମା.

ମହରମ, ବି. ( ଯାବନିକ ) ପଠାଣମାନଙ୍କର ଉତ୍ସବବିଶେଷ । ଯଥା—

ମୁସଲମାନମାନଙ୍କର ପ୍ରଧାନ ଧର୍ମୋତ୍ସବ ମହରମରେ କିପରି ବାଉଁଶ କାଗଜମାନ ଅଭିନୀତ ହୁଏ । ବି. ପ୍ର.

ମହଲ, ବି. ( ଯାବନିକ ) ବାସସ୍ଥାନ, ଘର; ପ୍ରକୋଷ୍ଠ; ବସିବା ସ୍ଥାନ । ଯେପରି—ମକ୍‌କେଲମହଲ ।

ମହଲତ, ବି. (ଯାବନିକ) ଅବକାଶ । ଯଥା—

ନ ଦେବ ମାଗିଲେ ମହଲତ ମାସେ । ଦ. ବା.

ମହଲଦାର, ବି. (ଯାବନିକ) ଯେ ବନ୍ଦୋବସ୍ତ କରି ଜଳକର ବନକର ପ୍ରଭୃତି ରାଜସ୍ୱ ଆଦାୟରେ ଭୋଗ କରେ ।

ମହଲା, ବି. (ଯାବନିକ) ପୁର ବା ତଳ । ଯେପରି—ଦୁଇ ମହଲା ତିନି ମହଲା ଘର; କୋଠା । ଯଥା—
ଗୃହ ମହଲ ତୋଳାଇଲେ,
ଗୃହ ଭାଇଙ୍କ ନାମ ଦେଲେ । ଦା. ର.

ମହଶୀଲଦାର, ବି. (ଯାବନିକ) କୌଣସି ଅଭିଯୁକ୍ତ ବ୍ୟକ୍ତି ପ୍ରତି ଯେ ଆର୍ଥିକଦଣ୍ଡ ହୁଏ, ତାହା ଆଦାୟକରଣାର୍ଥ ନିଯୁକ୍ତ ବ୍ୟକ୍ତି ।

ମହସ୍, ବି. (ମହ୍-ଅସ୍) ତେଜ; ଉତ୍ସବ; ଯଜ୍ଞ ।

ମହସ, ବି. ( ମହ୍-ଅସ ) ଜ୍ଞାନ; ପ୍ରକାର, ପ୍ରଭେଦ ।

ମହସୁପ, ବି. (ଯାବନିକ) ମାନ୍ୟାର୍ଥ ମହାଶୟ । ଯଥା—
ମଝିରେ ମଝିରେ ପେସ୍କାର ମହସୁପ ପିଆଦାଦ୍ୱାରା ପକ୍ଷମାନଙ୍କୁ ଡାକରା କରାଇବେ । ବା.ମା.ପା.

ମହାକାବ୍ୟ, ବି. (ମହତ୍-କାବ୍ୟ) ନାନା ସର୍ଗ ଅର୍ଥାତ୍ ଅଷ୍ଟାଧିକ ସର୍ଗରେ ବର୍ଣ୍ଣିତ କାବ୍ୟ । ଯେପରି—କୁମାରସମ୍ଭବ, କୋଟିବ୍ରହ୍ମାଣ୍ଡ-ସୁନ୍ଦରୀ ପ୍ରଭୃତି ।

ମହାକୁଳ, ବିଂ. ( ମହତ୍-କୁଳ ) କୁଳୀନ, ସତ୍କୁଳଜାତ । ବି. ପ୍ରସିଦ୍ଧ ବଂଶ ।

ମହାକ୍ଷନ୍ଦିୟ, ବି. (ଏହି ସଂସ୍କୃତ ଶବ୍ଦ, କିନ୍ତୁ ଭିନ୍ନାର୍ଥରେ ଦେଶଜ ପ୍ରାୟ) ବୃହତ୍ ବ୍ୟାଘ୍ର, ଅତି ବଡ଼ ବାଘ ।

ମହାଖଳା, ବିଂ. (ଦେଶଜ ପ୍ରାୟ) ମହତ୍, ବୃହତ୍ । ଯଥା—
ବଡ଼ ମାୟାବୀ ସେ ମୋ ଅଟନ୍ତି ଜଗନ୍ନାଥ,
ମହାଖଳା ବିଦ୍ୟାରୁ ଜାଣିଥିଲି ସେ ସମସ୍ତ । ନୃ.ସୃ.ଷ.ତ
ସୁବିସ୍ତୃତ । ଯେପରି— ମହାଖଳା ପୃଥ୍ୱୀ ।

ମହାଖୁଣ୍ଡ,
ମହାଖୁଣ୍ଡ, } ବି. (ଦେଶଜ) ଗଉଡ଼; ଗଉଡ଼-ମାନଙ୍କର ଉପାଧି । ଯଥା—
ଏଥେ ଥିଲେ ହୁଅନ୍ତା ମହାଖୁଣ୍ଡ,
ତହିଁ ହୋଇଛୁ ସବୁରି ଠାକୁର । ଗୋ. ଖ.
ଗାଈମାନଙ୍କର ସଂଖ୍ୟାବିଶେଷ । ଯଥା—
ଶତେ ପଲରେ ଏକ ଲହଡ଼ିଏ ଜାଣି,
ଶତେ ଲହଡ଼ିରେ ଏକ ମହାଖୁଣ୍ଡ ବାଣୀ । ସା. ଭ୍ର. ଆ.
(ପଲ ଶବ୍ଦ ଦେଖ ।)

ମହାଗବ, ବି. ( ମହତ୍-ଗୋ-ଅ ) ଗବୟ, ଗଳକମ୍ବଳଶୂନ୍ୟ ଗୋ ସଦୃଶ ପଶୁ ।

ମହାଗୁରୁ, ବି. (ମହତ୍-ଗୁରୁ) ପୁରୁଷର ପିତା ମାତା ଏବଂ ଆଚାର୍ଯ୍ୟ; ସ୍ତ୍ରୀର ପତି; ଅଦତ୍ତା କନ୍ୟାର ପିତା ଓ ମାତା ।

ମହାଦୃଷ୍ଟ୍ରୀ, ବି. ସ୍ତ୍ରୀ. ସଂ. ସୁରା, ମଦିରା ।

ମହାଙ୍କାଳ, ବି. (ମହାକାଳ ଶବ୍ଦଜ) ଲତାଫଳ-ବିଶେଷ । (ଏହାର ବାହ୍ୟଦୃଶ୍ୟ ମନୋହର ଓ ଅନ୍ତର କଦର୍ଯ୍ୟ ।)

ମହାଙ୍ଗ, ବି. (ମହତ୍-ଅଙ୍ଗ) ଉଷ୍ଟ୍ର, ଓଟ । ବିଂ. ବିପୁଳାବୟବଯୁକ୍ତ ।

ମହାଚ୍ଛାୟ, ବି. (ମହତ୍-ଛାୟା) ବଟବୃକ୍ଷ । ବିଂ. ବୃହତ୍ ଛାୟାଯୁକ୍ତ ।

ମହାଜନ, ବି. (ମହତ୍-ଜନ ) ବେଦରେ ଶ୍ରଦ୍ଧାବାନ୍, ସାଧୁ, ଧାର୍ମିକ ଓ ଖ୍ୟାତିମାନ୍ ବ୍ୟକ୍ତି । (ମହାଜନୋ ଯେନ ଗତଃ ସ ପନ୍ଥା) । ଉତ୍ତମର୍ଣ୍ଣ, ଯେ ବ୍ୟକ୍ତି ସୁଧ ଗ୍ରହଣାର୍ଥ କରଜ ଦିଏ; ବାଣିଜ୍ୟ ବ୍ୟବସାୟୀ । ଯଥା—
ପ୍ରେମ-ମହାଜନଙ୍କ ସୁଖ ବୋଇତ । ବି. ଚ. ମ.

ମହାଜନ,
ମହାଜମା, } ବି. (ମହାଜନ ଶବ୍ଦଜ) ଅନେକ ଲୋକଙ୍କର ସ୍ୱାକ୍ଷରସହ କର୍ତ୍ତୃପକ୍ଷଙ୍କୁ ଦେବା ଆବେଦନ ପତ୍ର; ମହାଜନ ବୃତ୍ତି ।

ମହାତମ, ବି. (ମାହାତ୍ମ୍ୟ ଶବ୍ଦଜ ) ମହିମା । ଯଥା—
ଏ ଗ୍ରନ୍ଥ ମାଘମହାତମ, ଅଶେଷ ବାରାନିଧି ସମ । ମା.ମା.

ମହାତାରା, ବି. ସ୍ତ୍ରୀ. ସଂ. ତନ୍ତ୍ରୋକ୍ତ ତାରିଣୀ ଦେବୀ ।

ମହାତ୍ମା, ବିଂ. (ମହାତ୍ମନ୍, ମହତ୍-ଆତ୍ମନ୍ = ସ୍ୱଭାବାଦି) ମହାମନା; ମହାଶୟ; ବଦାନ୍ୟ;

ଉଦାର । ( ଦେଶଜ—ସ୍ତ୍ରୀ ମହାମ୍ନାଣୀ । ) ଯଥା—

ଏଥେସେ ବୋଲନ୍ତେ କହିଲେ ଦେବୀ କୁନ୍ତୀ,
ଆସ ଆସ ମହାମ୍ନାଣି ଅଛ କେଉଁ ଜାତି । ସା. ଭ. ଆ.

ମହାଦ୍ରୁମ, ବି. ସଂ. ଅଶ୍ୱତ୍ଥ ବୃକ୍ଷ; ବଡ଼ଗଛ ।

ମହାଧନ, ବିଂ. ( ମହତ୍-ଧନ ) ଧନାଢ୍ୟ, ଅତିଶୟ ଧନଶାଳୀ; ବହୁମୂଲ୍ୟ । ବି. ସୁବର୍ଣ୍ଣ; କୃଷିକାର୍ଯ୍ୟ ।

ମହାଧାତୁ, ବି. ସଂ. ସ୍ୱର୍ଣ୍ଣ, କାଞ୍ଚନ ।

ମହାନକ, ବି. ସଂ. ବାଦ୍ୟଯନ୍ତ୍ରବିଶେଷ ।

ମହାନଟ, ବି. ସଂ. ଶିବ, ମହାଦେବ ।

ମହାନଦୀ, ବି. ସ୍ତ୍ରୀ. ସଂ. ଚିତ୍ରୋତ୍ପଳା; ଓଡ଼ିଶା ଦେଶର ମଧ୍ୟ ଦେଇ ପ୍ରବାହିତା ନଦୀବିଶେଷ; ବଡ଼ ନଦୀ ।

ମହାନନ୍ଦ, ବି. (ମହତ୍-ଆନନ୍ଦ) ମୁକ୍ତି, ମୋକ୍ଷ; ଅତିଶୟ ଆନନ୍ଦ । ବିଂ. ଅତିଶୟ ଆନନ୍ଦଯୁକ୍ତ । (ସ୍ତ୍ରୀ-ଆ) ସୁରା, ମଦ୍ୟ; ମାଘ ମାସର ଶୁକ୍ଳ ନବମୀ ।

ମହାନବମୀ, ବି. ସ୍ତ୍ରୀ. ସଂ. ଆଶ୍ୱିନ ଶୁକ୍ଳ ନବମୀ ।

ମହାନସ, ବି. (ମହତ୍-ଅନସ = ଅନ୍ନ-ଅ-ସ୍ୱାର୍ଥେ) ରନ୍ଧନ ଗୃହ, ପାକଶାଳା । ବିଂ. (ମହତ୍-ନସ୍ = ନାସିକା) ଯାହାର ନାକ ବଡ଼ ଅଟେ, ବୃହତ୍‌ନାସିକ । ଯଥା—ମହାନସ ଗରୁଡ଼ ।

ମହାନାଦ, ବି. (ମହତ୍-ନାଦ ଯାହାର) ହସ୍ତୀ; ବର୍ଷୁକ ମେଘ; ସିଂହ; ଉଷ୍ଟ୍ର; ଶଙ୍ଖ; କର୍ଣ୍ଣବାଦ୍ୟ; ବୃହତ୍ ଶବ୍ଦ । ବିଂ. ମହାଶବ୍ଦବିଶିଷ୍ଟ; ମହାଶବ୍ଦକାରୀ ।

ମହାନିଦ୍ରା, ବି. ସ୍ତ୍ରୀ. ସଂ. ମୃତ୍ୟୁ, ମରଣ; ନିମୀଳନ ।

ମହାନିଶା, ବି. ସ୍ତ୍ରୀ. ସଂ. ମଧ୍ୟରାତ୍ର, ରାତ୍ରିର ମଧ୍ୟ ପ୍ରହର ଦ୍ୱୟ । ( ମହାନିଶା ତୁ ବିଜ୍ଞେୟା ମଧ୍ୟମ ପ୍ରହର ଦ୍ୱୟଂ । )

ମହାନୀଳ, ବି. ସଂ. ନାଗବିଶେଷ; ସିଂହଳଦ୍ୱୀପସମ୍ଭୂତ ନୀଳକାନ୍ତମଣି ।

ମହାନୁଭବ, } ବିଂ. (ମହତ୍-ଅନୁଭବ, ଅନୁଭବ
ମହାନୁଭାବ, } = ପ୍ରଭାବ, ମହିମା) ଉଦାର ସ୍ୱଭାବ; ମହାପ୍ରଭାବ । ବି. ଅତି ପ୍ରତାପ ।

ମହାପଥ, ବି. (ମହତ୍-ପଥିନ୍ = ପଥ) ପ୍ରଧାନ ମାର୍ଗ, ରାଜମାର୍ଗ; ମରଣ । (ହିମାଳୟୋତ୍ତରସ୍ଥ ସ୍ୱର୍ଗାରୋହଣ ପଥ ।)

ମହାପଦ୍ମ, ବି. ସଂ. କୁବେରଙ୍କ ନିଧିବିଶେଷ; ନାଗବିଶେଷ; ଲକ୍ଷକୋଟି ସଂଖ୍ୟା; ଶୁକ୍ଳପଦ୍ମ ।

ମହାପାତକ, } ବି. ସଂ. ବ୍ରହ୍ମହତ୍ୟା; ବ୍ରାହ୍ମଣଙ୍କ
ମହାପାପ, } ସ୍ୱର୍ଣ୍ଣ ଚୋରି କରିବା, ସୁରାପାନ ଏବଂ ଗୁରୁଭାର୍ଯ୍ୟା ହରଣ ଓ ଏମାନଙ୍କର ସଂସର୍ଗ ।

ମହାପ୍ରସାଦ, ବି. (ମହତ୍-ପ୍ରସାଦ = ପ୍ରସନ୍ନତା) ଅତି ପ୍ରସନ୍ନତା; ଶ୍ରୀଜଗନ୍ନାଥଙ୍କୁ ନିବେଦିତ ଅନ୍ନାଦି; ବିଷ୍ଣୁଙ୍କ ପାଦୋଦକ, ନିର୍ମାଲ୍ୟ ଓ ନିବେଦିତ ଦ୍ରବ୍ୟ ବା ନୈବେଦ୍ୟ । (ପାଦୋଦକଂ ଚ ନିର୍ମାଲ୍ୟଂ ନୈବେଦ୍ୟଂ ଚ ବିଶେଷତଃ, ମହାପ୍ରସାଦ ଇତ୍ୟୁକ୍ତ୍ୱା ଗ୍ରାହ୍ୟୋ ବିଷ୍ଣୋଃ ପ୍ରଯତ୍ନତଃ । )

ମହାଫିଜ, ମହାଫିସ, } ବି. ( ଆରବ୍ୟ )
ମହାଫିସି, } ଅଭିଭାବକ । ଯଥା—

ମଲେ ଭାଗବତ ରଖି ନାବାଳକ ଚେଲା,
ମଠକାମ ସବୁ ମହାଫିସ ହାତେ ହେଲା । ଛ. ଭ.

ମହାଫେଜ, ବି. ( ଯାବନିକ ) ମକଦ୍ଦମାର ଦଲିଲ ଓ କାଗଜପତ୍ର ସବୁ ଯାହା ନିକଟରେ ଥାଏ ।

ମହାଫେଜଖାନା, ବି. ( ଯାବନିକ ) ଯେଉଁ ସ୍ଥାନରେ ମହାଫେଜମାନଙ୍କ ଜିମାରେ କାଗଜପତ୍ର ରହେ ।

ମହାବଳ, ବି. ( ଏ ଶବ୍ଦଟି ସଂସ୍କୃତ, କିନ୍ତୁ ରୂଢ଼ି ଅର୍ଥରେ ଦେଶଜ ପ୍ରାୟ ) ପଟାଳିଆ ବାଘ, ଅତି ବୃହତ୍ ବ୍ୟାଘ୍ର, ଯେ ବ୍ୟାଘ୍ର ମନୁଷ୍ୟ ଖାଏ ।

ମହାବୋଧି, ବି. ସଂ. ବୁଦ୍ଧ

ମହାଭାଗ, ବିଂ. (ମହତ୍-ଭାଗ = ଭାଗ୍ୟ) ଅତିଶୟ ସୌଭାଗ୍ୟଶାଳୀ, ମହାଶୟ; ଦୟାଦି ଅଷ୍ଟଗୁଣଯୁକ୍ତ ।

ମହାଭୂତ, ବି. ସଂ. ପ୍ରଧାନଭୂତ; ପୃଥିବୀ, ଜଳ, ଆକାଶ, ତେଜ, ପବନ ଏହି ପାଞ୍ଚ; ଶ୍ରେଷ୍ଠ ଜୀବ; ପରମେଶ୍ୱର ।

ମହାଭୋଇ, ବି. (ଦେଶଜ) ଗାଈମାନଙ୍କର ସଂଖ୍ୟାବିଶେଷ । ଯଥା—

ଶତେ ମହାଖଣ୍ଡେ ମହାଭୋଇ ଯେ ଅଟଇ,
ଦ୍ୱାଦଶ ମହାଭୋଇରେ ଗୋଧନ ଯେ କହି । ସା ଭା.ଆ.

(ମହାଖଣ୍ଡ ଓ ପଲ ଶବ୍ଦ ଦେଖ ।)

ମହାମଦ, ବି. (ମହତ୍-ମଦ = ମତ୍ତତା ବା ହସ୍ତିଗଣ୍ଡ ନିଃସୃତ ଜଳ) ମତ୍ତହସ୍ତୀ; ଅତିଶୟ ହର୍ଷ; ଅତିଶୟ ମତ୍ତତା । ବିଂ. ଅତି ମତ୍ତତାଯୁକ୍ତ ।

ମହାମନା, ବିଂ. (ମହାମନସ୍, ମହତ୍-ମନସ୍) ମହାତ୍ମା, ମନସ୍ୱୀ; ଉଦାରଚିତ୍ତ ।

ମହାମହିମ, ବିଂ. (ମହାମହିମନ, ମହତ୍-ମହିମନ୍) ଅତିଶୟ ମହିମାନ୍ୱିତ, ଅତି-ମହତ୍ତ୍ୱବାନ୍ ।

ମହାମାଈ, ବି. ସ୍ତ୍ରୀ. (ମହାମାୟା ଶବ୍ଦଜ ପ୍ରାକୃତ) ଦେବୀ । ଯଥା—

ରାଜାର ଗୃହେ ଯାଇ ପଶିଲେ ମହାମାଈ,
ପୁରଯାକ ଭସ୍ମ କରଦେଲେ ସବୁ ଖାଇ । ନୃ.ସୃ.ଦ୍ୱି .ଚ.

ମହାମାତ୍ର, ବି. (ମହତ୍-ମାତ୍ରା = ଧନ; ହସ୍ତ୍ୟଶ୍ୱାଦି, ଯାହାର ସେନାପତ୍ୟାଦି ମଧ୍ୟରେ ଧନ ବା ହସ୍ତ୍ୟଶ୍ୱାଦି ଅଛି, ମହାନ୍ତିମାତ୍ରାଃ ପରିଚ୍ଛଦାଃ ଯେଷାଂ ତେ ମହାମାତ୍ରାଃ । ପରିଚ୍ଛଦାଃ = ସେନା) ରାଜ-ମନ୍ତ୍ରୀ । (ମନ୍ତ୍ରେ କର୍ମଣି ଭୂଷାୟାଂ ବିତ୍ତେ ମାନେ ପରିଚ୍ଛଦେ । ମାତ୍ରା ଚ ମହତି ଯେଷାଂ ମହାମାତ୍ରାସ୍ତୁତେ ସ୍ମୃତାଃ) ରାଜ୍ୟର କର୍ମକର୍ତ୍ତା; ପ୍ରଧାନ ବ୍ୟକ୍ତି; ହସ୍ତିପକ, ମାହୁନ୍ତ; ଧନାଢ୍ୟବ୍ୟକ୍ତି । (ସ୍ତ୍ରୀ-ଆ) ଆଚାର୍ଯ୍ୟପତ୍ନୀ; ମହାମାତ୍ରପତ୍ନୀ ।

ମହାମାରି, ବି. ସ୍ତ୍ରୀ. (ମହତ୍-ମାରି) ମହାକାଳୀ; ଅତିଶୟ ମରକ ।

ମହାରଜତ, ବି. ସଂ. କାଞ୍ଚନ, ସୁବର୍ଣ୍ଣ ।

ମହାରଣା, ବି. (ଦେଶଜ ପ୍ରାୟ) ଚିତ୍ରକାର ଓ ବଢ଼ାଇମାନଙ୍କର କୁଳାଧିକାରୀ ଏବଂ ଉପାଧିବିଶେଷ ।

ମହାରଥ, ବି. (ମହତ୍-ରଥ) ଦଶ ସହସ୍ର ଧନୁର୍ଦ୍ଧାରିମାନଙ୍କ ସହିତ ଯୁଦ୍ଧକରଣରେ ସମର୍ଥ ଯୋଦ୍ଧା; ବୃହଦ୍ରଥ ।

ମହାରଥିଆ, ବି. (ମହାରଥ ଶବ୍ଦଜ) ମହାରଥ, ଅତି ପ୍ରଧାନ ଯୋଦ୍ଧା । ବିଂ. ପ୍ରଧାନ, ଶ୍ରେଷ୍ଠ । ଯଥା—

ଘୁର ପାଞ୍ଚଖଣ୍ଡ ଦେଢ଼ପଦିଆ,
ରଚ ବୋଲଇଲି ମହାରଥିଆ । ଇନ୍ଦ୍ରଧନୁ ।

ମହାରାଜ, ବି. (ମହତ୍-ରାଜନ୍-ଅ ସ୍ୱାର୍ଥେ) ସମ୍ରାଟ୍, ପ୍ରଧାନ ରାଜା; ପୂର୍ବଜନବିଶେଷ; ନଖ; ପ୍ରଧାନ କ୍ଷତ୍ରିୟ ।

ମହାରାଣା, ବି. (ମହାରାଜ ଶବ୍ଦଜ) ରାଜପୁତ-ବିଶେଷ; ରାଜସ୍ଥାନର ରାଜାମାନଙ୍କର ଉପାଧି ।

ମହାରାୟ, ବି. (ମହାରାଜ ଶବ୍ଦଜ) ମହାରାଜ । ଯଥା—

ଏଥି ଅନ୍ତରେ ଶୁଣ ଆହେ ମହାରାୟ,
ଶ୍ରୀମହାଭାରତ ଶୁଣି ପାପ କର କ୍ଷୟ । ସା. ଭା. ଆ.

ପ୍ରଧାନ କ୍ଷତ୍ରିୟ ।

ମହାରୁଣ୍ଡୀ, ବି. ସ୍ତ୍ରୀ. (ଔଷଧି ଅର୍ଥବାଚକ ମହାରାଷ୍ଟ୍ରୀ ଶବ୍ଦଜ) ଔଷଧି ଗୁଳ୍ମବିଶେଷ ।

ମହାର୍ଘ, ବିଂ. (ମହତ୍-ଅର୍ଘ = ମୂଲ୍ୟ) ମହାମୂଲ୍ୟ; ଅତିଶୟ ମୂଲ୍ୟବାନ୍ । ବି. ଅଧିକ ମୂଲ୍ୟ; କନ୍ତାର ।

ମହାର୍ହ, ବି.ସଂ.ଶ୍ୱେତଚନ୍ଦନ । ବିଂ. ମହାମୂଲ୍ୟ ।

ମହାଲ, ମାହାଲ, ମହଲ, } ବି. (ଯାବନିକ) ବିଭାଗ; ଭୂମିସମ୍ପତ୍ତି, ଯାହାର ରାଜସ୍ୱ ଗଭର୍ଣ୍ଣମେଣ୍ଟଙ୍କୁ ଦିଆଯାଏ ।

ମହାଲକ୍ଷ୍ମୀ, ବି. ସ୍ତ୍ରୀ. ସଂ. ଦେବୀବିଶେଷ; ରାଧା; ନାରାୟଣୀ ଶକ୍ତି ।

ମହାଳୟ, ବି.(ମହତ୍-ଆଳୟ = ଆଶ୍ରୟ) ତୀର୍ଥ; ପରମାତ୍ମା; ଆଶ୍ୱିନ ମାସର କୃଷ୍ଣପକ୍ଷ, ଅପର ପକ୍ଷ; ବୃହଦାଳୟ । (ସ୍ତ୍ରୀ-ଆ) ଆଶ୍ୱିନ କୃଷ୍ଣପକ୍ଷର ଅମାବାସ୍ୟା ।

ମହାଳଆ, କ୍ରି. ବିଂ. (ଦେଶଜ) ଅକାରଣରେ ।
ବି. ଅକାରଣ, ନିଷ୍ପ୍ରୟୋଜନ । (ମହାଳୟ ଶବ୍ଦଜ) ଆଶ୍ୱିନମାସର କୃଷ୍ଣପକ୍ଷ ।

ମହାଳଆଶ୍ରାଦ୍ଧ, ବି. (ମହାଳୟ-ଶ୍ରାଦ୍ଧ ଶବ୍ଦଜ) ଅପର ପକ୍ଷ ଶ୍ରାଦ୍ଧ ।

ମହାବିଦ୍ୟା, ବି. ସ୍ତ୍ରୀ. (ମହତ୍-ବିଦ୍ୟା = ଦୁର୍ଗା) ଦେବୀବିଶେଷ; କାଳୀ, ତାରା, ଷୋଡ଼ଶୀ, ଭୁବନେଶ୍ୱରୀ, ଭୈରବୀ, ଛିନ୍ନମସ୍ତା, ଧୂମାବତୀ, ବଗଳା, ମାତଙ୍ଗୀ, କମଳା ଏହି ଦଶ ।

ମହାବିଳ, ବି. (ମହତ୍-ବିଳ = ଛିଦ୍ର) ଆକାଶ; ଅନ୍ତଃକରଣ, ମନ; ବୃହତ୍ ଛିଦ୍ର ।

ମହାଶୟ, ବିଂ. (ମହତ୍-ଆଶୟ = ମନ ବା ଅଭିପ୍ରାୟ ଯାହାର) ମହାମନା, ମହାତ୍ମା । ବି. ସମୁଦ୍ର ।

ମହାଶୂଦ୍ର, ବି. ସଂ. ଆଭୀର, ଗଉଡ଼ । (ସ୍ତ୍ରୀ-ଈ) ଗଉଡ଼ୁଣୀ, ଗୋପ ସ୍ତ୍ରୀ ।

ମହାଶ୍ମଶାନ, ବି. ସଂ. ଲୋକେ ମରିବାକୁ ଯେଉଁ ସ୍ଥାନକୁ ଗମନ କରନ୍ତି, ବାରାଣସୀ, କାଶୀ ।

ମହାଷ୍ଟମୀ, ବି. ସ୍ତ୍ରୀ. ସଂ. ଆଶ୍ୱିନ ଶୁକ୍ଳାଷ୍ଟମୀ ।

ମହାସୁଲ, ବି. (ଯାବନିକ) ଫଳଥିବା ଶସ୍ୟ ।

ମହାସେନ, ବି. (ମହତ୍-ସେନା) କାର୍ତ୍ତିକେୟ; ବୃହତ୍ ସେନାପତି ।

ମହି, ବି. (ଦେଶଜ) ନିର୍ଜଳ ଦଧି ।

ମହିକା, ବି. ସ୍ତ୍ରୀ. (ମହ୍ = ପୂଜାକରିବା-ଅକ-ଆ, ଅକ = ଇକ) ତୁଷାର, ହିମ ।

ମହିତ, ବିଂ. (ମହ୍ = ପୂଜାକରିବା-ତ) ପୂଜିତ, ସମ୍ମାନିତ ।

ମହିନା, ବି. (ଯାବନିକ) ବେତନ, ବର୍ତ୍ତନ ।

ମହିପାଳ, ବି. (ମହି-ପାଳ) ରାଜା । (ଦେଶଜ ପ୍ରାୟ) ଏକପ୍ରକାର ଧାନ ।

ମହିମା, ବି. (ମହିମନ୍-ମହତ୍-ଇମନ୍) ମାହାତ୍ମ୍ୟ; ଗୌରବ; ଐଶ୍ୱର୍ଯ୍ୟ; ଉତ୍କର୍ଷ; ଶକ୍ତି; ଶିବଙ୍କ ବିଭୂତିବିଶେଷ ।

ମହିର, ବି. (ମୟୂର ଶବ୍ଦଜ) ମୟୂର ।

ମହିରଗିରି, ମଇରଗିରି, ମହିରଗିରିଆ, ମଇରଗିରିଆ, } ବି. (ଦେଶଜ) ଭୁଣ୍ଡିଆ, ଉପଧାତୁ ବିଶେଷ ।

ମହିଳା, ମହେଳା, } ବି. ସ୍ତ୍ରୀ. (ମହ୍ = ପୂଜା କରିବା-ଇଳ-ଆ) ନାରୀ ।

ମହିଷ, ବି. (ମହ୍-ଇଷ) ପଶୁବିଶେଷ, ପୋଢ଼; ଅସୁରବିଶେଷ । (ସ୍ତ୍ରୀ-ଈ) ସ୍ତ୍ରୀମହିଷ, ମଇଁଷୀ; କୃତାଭିଷେକା ରାଣୀ; ବ୍ୟଭିଚାରିଣୀ ସ୍ତ୍ରୀ ।

ମହିଷଟିପା, ବି. (ଦେଶଜ) ମଇଁଷି ବେକରେ ବାନ୍ଧିଥିବା ଲଡ଼ିକ ବା ଘଣ୍ଟି । ଯଥା—
ମହିଷଟିପାର ଗୁରୁ ଗୁରୁ ଧ୍ୱନି,
ଯୋଷେ ମୁଖରିତ ଅରଣ୍ୟ ସରଣୀ । ଚିଲିକା ।

ମହିଷାଳ, ମହିଷଆଳ, } ବି. (ମହିଷପାଳ ଶବ୍ଦଜ) ମହିଷ ଜଗିବା ଲୋକ । ଯଥା—
ମହିଷାଳେ ଯହିଁ ନିର୍ଜନେ ଚରାନ୍ତି ମହିଷ ପଲ । ଉଷା ।

ମହିଷ୍ଠ, ବିଂ. (ମହତ୍-ଇଷ୍ଠ-ଅତିଶୟାର୍ଥେ) ଅତି ମହତ୍ ।

ମହୀ, ମହି, ବି. ସ୍ତ୍ରୀ. (ମହ୍ = ପୂଜା କରିବା-ଇ, ଈ) ପୃଥିବୀ, ଗୋ ।

ମହୀଧର, ମହୀଧ୍ର, ବି. (ମହୀ-ଧୃ-ଅ) ପର୍ବତ ।

ମହୀପ, ମହୀପାଳ, ମହୀପତି, } ବି. (ମହୀ-ପା = ପାଳନ କରିବା-ଅ, ପାଳ, ପତି) ରାଜା ।

ମହୀପ୍ରାଚୀର, ବି. (ପୃଥିବୀକୁ ଚର୍ତୁର୍ଦ୍ଦିଗରେ ବେଷ୍ଟନ କରିଅଛି ବୋଲି) ସମୁଦ୍ର ।

ମହୀୟାନ୍, ବିଂ. (ମହୀୟସ୍-ମହତ୍-ଈୟସ୍ ଅତିଶୟାର୍ଥେ) ଅତି ମହତ୍; ମହାତ୍ମା; ଉତ୍ତମ । (ସ୍ତ୍ରୀ-ମହୀୟସୀ ହୁଏ ।)

ମହୀଲତା, ବି. ସ୍ତ୍ରୀ. ସଂ. କେଞ୍ଚୁଆ ।

ମହୁ, ବି. (ମଧୁ ଶବ୍ଦଜ ପ୍ରାକୃତ) ମଧୁ । ଯଥା—
ମଧୁସୂଦନ ମହୁ କହୁ, ପରଖ କରିବ ତହିଁକି । ଦା.ର.

ମହୁଆଳୁ, ବି. (ମଧ୍ୱାଳୁ ଶବ୍ଦଜ) ଏକପ୍ରକାର ଆଳୁକନ୍ଦା ।

ମହୁକ, ମହୁକା, } ବି. (ଦେଶଜ) ଶିମ୍ବଭେଦ ।
ମହୁକ ଙ୍କ, } ଯଥା—

କଲରା ଶଲରା ଲଉ କଖାରୁ କାକୁଡ଼ି,
କାଙ୍କଡ଼ ମହୁକା ଶିମ୍ବ କନ୍ଦି ବରଗୁଡ଼ି । ବୃ. ସୁ.

ମହୁକା, ବି. (ମଧୂକା ଶବ୍ଦଜ ପ୍ରାକୃତ) ଗୁଳ୍ମ-ବିଶେଷ ।

ମହୁଚକ, ମଉଚକ, } ବି. (ମଧୂଚକ୍ର ଶବ୍ଦଜ)
ମୌଚକ, } ମହୁଘର ।

ମହୁଡ଼ି, ବି. (ମୁକୁଟ ଶବ୍ଦଜ) ମୁକୁଟ । ଯଥା—

ଗଙ୍ଗା ବାକ୍ୟେ ତାକୁ ଦେବ ଚନ୍ଦ୍ରଚୂଡ଼,
ଦାଣ୍ଡିମନ୍ତ୍ର ଦେବାକୁ ଉକ୍ତଲେ ମହୁଡ଼ି । ନ. କେ.

ଚୂଡ଼ା, ଶିଖରଦେଶ । (ମଧୂର ଶବ୍ଦଜ) କ୍ଷୀରି ଇତ୍ୟାଦି ପକ୍ୱ ହେଲା ପରେ ତହିଁ ଉପରେ ଦେବା ଖଣ୍ଡ କର୍ପୂରାଦି ଚୂର୍ଣ୍ଣ । ଯଥା—

ସେ କ୍ଷୀରି ହାଣ୍ଡିରେ କର୍ପୂର ଖଣ୍ଡ ଦୁଇ,
ମହୁଡ଼ି ଦିଆଇଲା ସ୍ୱାଦୁ ହେବାପାଇଁ । କୃ. ଖ୍ରି. ବି. ପ.

(ଦେଶଜ) ବ୍ୟାୟାମବିଶେଷ । ଯଥା—

ଏ ଅନ୍ତରେ ବସନ କାଛୁ ଅଣ୍ଟାତଟେ,
ପେଲିଲେ ଦାଣ୍ଡ, ପାଣ୍ଡୁ ସୁତେ ଅତି ଆଟେ ।
ଦାଣ୍ଡ ପେଲସାରି ମାଇଲେ ମହୁଡ଼ି,
ଭୂମିରେ ପଟପାଟେ ଛେଚିଲେ ପିଠି ହାଡ଼ି ।
କୃ. ଖ୍ରି. ସ. ପ.

ମହୁମାଛି, } ବି. (ମଧୁମକ୍ଷିକା ଶବ୍ଦଜ) ମଧୁ-
ମଉମାଛି, } ମକ୍ଷିକା; ଯେଉଁ କୀଟ ମଧୁ ସଞ୍ଚିତ କରେ ।

ମହୁର, ବି. (ମଧୁର ଶବ୍ଦଜ ପ୍ରାକୃତ) ତରକାରି-ବିଶେଷ । ଯଥା—

ଜିରା ମରିଚ ହିଙ୍ଗୁ ଧାର,
ପକାଇ କଲେକ ମହୁର । ଦା. ର.

ମହୁରୀ, ବି. (ମଧୁରୀ ଶବ୍ଦଜ ପ୍ରାକୃତ) ସ୍ଥାବର ବିଷବିଶେଷ । ଯଥା—

ଗୋଦନ୍ତୀ ଦାରୁମୁଷି ଚୂରି,
ମହୁରୀ ବତ୍ସନାଭ ଭରି । ଦା. ର.

ବାଦ୍ୟବିଶେଷ । ଯଥା—

ବଂଶୀ ମହୁରୀ ଘର୍ଘରୀ ବାଜେ ପୁଣି ପୁଣି । ସା. ଭା. ଆ.

ମହୁରି, ମହୁରୀ, } ବି. ସ୍ତ୍ରୀ. (ମଧୁରିକା ଶବ୍ଦଜ
ମଉରୀ, } ପ୍ରାକୃତ) ପେଁକାହାଳୀ, ତୁରୀ । ଯଥା—

ସହସ୍ରେକ ଶଙ୍ଖ ଭେରୀ ଘଣ୍ଟ ମର୍ଦ୍ଦଳ ମହୁରୀ,
ଟମକ ନିଶାଣ କର୍ଣ୍ଣି ପାଶେ ବାଇଲେ । ବି. ଗୀ.

ମହୁଲ, ବି. (ମଧୂକ ଶବ୍ଦଜ ପ୍ରାକୃତ) ସ୍ୱନାମ-ପ୍ରସିଦ୍ଧ ବୃକ୍ଷ ଓ ତାହାର ଫଳ ।

ମହୁଲୀ, ବି. (ଦେଶଜ) ପକ୍ଷିବିଶେଷ । (ଚମୁଣି ଶବ୍ଦ ଦେଖ ।)

ମହେଚ୍ଛ, ବିଂ. (ମହତ୍-ଇଚ୍ଛା ଯାହାର) ମହାଶୟ ।

ମହେଷ୍ୱାସ, ବିଂ. (ମହେଷୁ = ବୃହତ୍ ବାଣ-ଅସ୍ = କ୍ଷେପଣ କରିବା-ଅ) ମହାଧନୁର୍ଦ୍ଧର । ବି. ବୃହତ୍ ଧନୁ ।

ମହୋକ୍ଷ, ବି. (ମହତ୍-ଉକ୍ଷନ୍ = ବୃଷ) ବଡ଼ ବୃଷଭ ।

ମହୋଦଧି, ବି. (ମହତ୍-ଉଦଧି) ସମୁଦ୍ର; ମହା ସମୁଦ୍ର ।

ମହୋଦୟ, ବି. (ମହତ୍-ଉଦୟ = ଉତ୍ଥାନ) ଆଧିପତ୍ୟ, କର୍ତ୍ତୃତ୍ୱ; ମୁକ୍ତି; ମୋକ୍ଷ । ବିଂ. ଅତି ସମୃଦ୍ଧ; ଅଭ୍ୟୁନ୍ନତ ।

ମହ୍ଲା, ବି. (ଦେଶଜ) ନାଉଡ଼ିଆ ।

ମହ୍ଲାର, ବି. (ଗଡ଼ଜାତରେ) ଏକପ୍ରକାର ପାର୍ବତ୍ୟ ଜାତି ।

ମା, ବି. ସ୍ତ୍ରୀ. (ମା = ପରିମାଣ କରିବା-କ୍ୱିପ୍) ପରିମାଣ; ଜ୍ଞାନ; ଦୀପ୍ତି; ମାତା; ଲକ୍ଷ୍ମୀ । ଅଂ. ନିନ୍ଦା; ବିକଳ୍ପ; ନିଷେଧ ।

ମା, ମାଆଁ, } ବି. ସ୍ତ୍ରୀ. (ମାତା ପଦରୁ ଜାତ
ମାଆ, } ପ୍ରାକୃତ) ମାତା । ଯଥା—

ଏହିକାଳେ ପାଣ୍ଡୁ ସେନାଏ ବାବୁ ମାଆ,
ସମର ପଳାଇଲେ ଯୁଦ୍ଧରେ କୋହ୍ଲୁ ଠିଆ । କୃ.ଖ୍ରି.ସ୍ତ୍ରୀ.ପ.

ମାଆଂସ, ବି. (ମାଂସ ଶବ୍ଦଜ) ମାଂସ । ଯଥା—

ଅସୁରେ ମାଆ ରଚିଲେ, ଆମ୍ଭଙ୍କୁ ମାଆଂସ ଦେଲେ ।
ବି. ସ.

ମାଇଁ, ମାଇଁ, ବି. ସ୍ତ୍ରୀ. (ଦେଶଜ) ମାମୁଙ୍କ ଭାର୍ଯ୍ୟା । ଯଥା—

କଂସ ଜୀବନ ହରି, ମାଇଁଙ୍କି ବୋଧ କରି,
ଜନକ ଜନନୀ ତାରିବେ । ର. କ.

ମାଇ, ମାଈ, ବି. ସ୍ତ୍ରୀ. (ମାତୃ ଶବ୍ଦଜ ପ୍ରାକୃତ) ସ୍ତ୍ରୀ ଜାତି । ଯଥା—

**ଚେତା ପାଇ କହେ ଅଲସୀ ମାଈ । ହା. ଚ.**

ମାଇକନା, ମାଇକନିଆ, ବି. ସ୍ତ୍ରୀ. (ଦେଶଜ) ସ୍ତ୍ରୀ ଜାତି ।

ମାଇଗୁଲିଆ, ବିଂ. ( ଦେଶଜ ) ଯେ ମାଇପର କଥାରେ ରହେ, ସ୍ତ୍ରୀଅଧୀନ । ଯଥା—

**ଗୁରନ୍ତ ବାପୁଡ଼ା ମାଇଗୁଲିଆ । ହା. ଚ.**

ମାଇଗୁ, ବି. (ଦେଶଜ) ନାମର୍ଦ୍ଦ । ଅର୍ଥାତ୍ ସ୍ତ୍ରୀ-ସ୍ୱଭାବ ।

ମାଇଝି, ବି. ସ୍ତ୍ରୀ. (ଗଡ଼ଜାତରେ) ସ୍ତ୍ରୀଜାତି ।

ମାଇନା, ବି. ( ଯାବନିକ ) ନିର୍ଦ୍ଦିଷ୍ଟ ମାସିକ ବେତନ; ଡାକ୍ତରଙ୍କଦ୍ୱାରା ଶରୀର ପରୀକ୍ଷା । ଯଥା—

**ତାହାହେଲେ ପ୍ରତ୍ୟେକ ହାକିମଙ୍କୁ ମାଇନା କରିବାକୁ ହେବ । ଉ. ସା.**

ମାଇପ, ବି. ସ୍ତ୍ରୀ. (ଦେଶଜ) ଭାର୍ଯ୍ୟା । ଯଥା—

**ଥିଲା ତା ମାଇପ ନାମ ଅଲଇ । ହା. ଚ.**

ମାଇପରଣ୍ଡିଆ, ବି. (ଦେଶଜ) ମୃତଦାର ।

ମାଇପି, ବି. ସ୍ତ୍ରୀ. (ଦେଶଜ) ସ୍ତ୍ରୀ ବ୍ୟକ୍ତି । ଯଥା—

**ମାଇପିଟା ଶିଖଣ୍ଡୀ ତାହାର ଶରେ ଗଣ୍ଡି,**
**ଫୁଟାଇଲେ ବୃଦ୍ଧର ମୋହର କାତିଖଣ୍ଡି । କୃ.ଭ.ଉ.ପ.**

ମାଇମୁହାଁ, ବିଂ. ( ଦେଶଜ ) ଲଜ୍ଜାଶୀଳ; ସ୍ତ୍ରୀ-ଲୋକର ମୁଖ ପରି ଯାହାର ମୁଖ ।

ମାଉଁସ, ମାଉସ, ମାଏଁସ, } ବି. (ମାଂସ ଶବ୍ଦଜ) ମାଂସ । ଯଥା—

**ଶିବି ବୋଲଇ ମହାରାଏ,**
**ମାଏଁସ କାଟି ଦାନ ଦିଏ । ଦା. ର.**

ମାଉସି, ମାଉଁସୀ, ବି. ସ୍ତ୍ରୀ. ( ମାତୃସ୍ୱସୃ ବା ପ୍ରାକୃତ ମାଉସିଆ ଶବ୍ଦଜ) ମାତାଙ୍କ ଭଗିନୀ । ଯଥା—

**ଅର ଦିନ ପ୍ରଭାତେ ମନ୍ଦିର କୁମର,**
**ବୋଇଲା ମାଉଁସୀ ଶୁଣ ବଚନ ମୋହର । ବୈ.ପ.**

ମାଏ, ବି. ସ୍ତ୍ରୀ. (ମାତୃ ଶବ୍ଦଜ) ମାତା । ଯଥା—

**ଏମନ୍ତ ବୋଲି ମାଏ ପୋଏ,**
**ଶ୍ରୀହରି ପାଦେ କରି ଲୟେ । ଦା. ର.**

ମାତାମାନେ । ଯଥା—

**ଯେଉଁମାନେ ପୁତ୍ରଙ୍କୁ ବାପ ମାଏ । ଭା. ଦ. ସ୍କ.**

ହେ ମାତଃ । ଯଥା—

**ତୁମ୍ଭର ପୁତ୍ର ମାଏ ! ନାଥ । ଭା. ଦ. ସ୍କ.**

ମାଂସ, ବି. (ମନ୍=ବୋଧ କରିବା-ସ) ଶରୀରର ଅଂଶବିଶେଷ; କାଳ; କୀଟ ।

ମାଂସଳ, ବି. (ମାଂସ-ଳ ଅସ୍ତ୍ୟର୍ଥେ) ବଳବାନ୍; ସ୍ଥୂଳ ।

ମାଂସାଦ, ମାଂସାଶୀ, ବି. (ମାଂସ-ଅଦ୍, ଅଶ୍=ଭୋଜନ କରିବା-ଅ, ଇନ୍) ରାକ୍ଷସ । ବିଂ. ମାଂସଭକ୍ଷକ ।

ମାକଡ଼, ମାଙ୍କଡ଼, ବି. (ମର୍କଟ ଶବ୍ଦଜ) ବାନର ।

ମାକଡ଼ସା, ମାଙ୍କଡ଼ସା, } ବି. (ମର୍କଟକ ଶବ୍ଦଜ) ବୁଡ଼ିଆଣି ପୋକ, ଊର୍ଣ୍ଣନାଭି ।

ମାକଡ଼ାପଥର, ମାଙ୍କଡ଼ାପଥର, } ବି. (ମର୍କଟ-ପ୍ରସ୍ତର ଶବ୍ଦଜ) ଏକପ୍ରକାର ପଥର । ଯଥା—

**ମାଙ୍କଡ଼ା ପ୍ରସ୍ତରେ ଲଗାଇଲେ ମୋର ହସ୍ତ,**
**ଯେତେ ଇଚ୍ଛା ତେତେ ରକ୍ତ ହୋଇବ ଭୋ ତାତ ।**
**ସା. ଭା. ଆ.**

ମାକଡ଼ୀ, ମାଙ୍କଡ଼ୀ, ବି. ସ୍ତ୍ରୀ. (ମର୍କଟୀ ଶବ୍ଦଜ) ବାନରୀ ।

ମାକନ୍ଦ, ବି. (ମା = ସୌନ୍ଦର୍ଯ୍ୟ, ପରିମିତ-କନ୍ଦ = ମୂଳ) ଆମ୍ରବୃକ୍ଷ; ଚନ୍ଦନବୃକ୍ଷ; ଆମ୍ର । (ସ୍ତ୍ରୀ-ଈ) ଆମଳକୀ; ପୀତଚନ୍ଦନ; ନଗରୀ-ବିଶେଷ ।

ମାକୁ, ବି. (ଦେଶଜ-ବିଶେଷତଃ ବଙ୍ଗଭାଷାରେ ବ୍ୟବହୃତ) ତନ୍ତୁବାୟର ଯନ୍ତ୍ରବିଶେଷ; ତୁରୀ ।

ମାକୁ, ମାଖୁ, ବି. (ଦେଶଜ) କାଷ୍ଠନିର୍ମିତ ଆଲମାରି ଟେବୁଲ ପ୍ରଭୃତିର ଫାଟରେ ଲଗାଇବା ନିମିତ୍ତ କାଷ୍ଠଚୂର୍ଣ୍ଣ ମିଶ୍ରିତ ଅଠା ।

ମାକ୍ଷିକ, ମାକ୍ଷୀକ, ବି. (ମକ୍ଷିକା-ଅ କୃତାର୍ଥେ) ମହୁ; ଖନିଜ ସ୍ୱର୍ଣ୍ଣ ରୌପ୍ୟ ।

ମାକ୍ଷିକଜ, ବି. (ମାକ୍ଷିକ-ଜନ୍-ଅ) ମଧୁଶିକ୍ଥ, ମହମ ।

ମାଖ, ମାଖୁ, ବି. (ଦେଶଜ) ଖେଳରେ ବାଉଁଳ କଉଡ଼ି ଉବୁଡ଼ି ହୋଇ ପଡ଼ିବା । ବିଂ. ଉବୁଡ଼ି ହୋଇ ପଡ଼ିଥିବା (କଉଡ଼ି) ।

ମାଖନ, ବି. (ଦେଶଜ) ନବନୀତ, ଲହୁଣୀ । (ଗଡ଼ଜାତରେ) ବୋଇତକଖାରୁ ।

ମାଖର, ବିଂ. (ଦେଶଜ) ଲୁଖୁରା ବା ଶୁଖିଲା, ତୈଳହୀନ ।

ମାଖା, ବି. (ଦେଶଜ ବା ମ୍ରକ୍ଷ୍ ଧାତୁଜ) ଲେପନ, ବୋଳିବା । ବିଂ. ବୋଳା, ଲେପିତ ।

ମାଖିବା, ମାଙ୍ଖିବା, କ୍ରି. (ମ୍ରକ୍ଷ୍ ଧାତୁଜ) ଲଗାଇବା, ଲେପିବା, ବୋଳିବା । ଯଥା—

ମୁଖରେ ସେ କଳା ପାଉଁଶ ଦେଇ ମାଖି । କୃ.ଖ ବ.ପ.

ମାଖୁନା, ବିଂ. (ଦେଶଜ) ଯାହା ମୁଖରେ ବାଜି ଉଠେ ନାହିଁ । ଯଥା—

ଗ୍ରାମ ମଧ୍ୟ ମୋ ପର ପ୍ରତିଜ୍ଞା କରିଛନ୍ତି,
ଯେ ବୋଲିବ ମାଖୁନା ପେଷିବ ଯମ କଡ଼ି । କୃ.ଖ୍ର.କ.ପ.

ମାଖୁଲୁ, ବି. (ଦେଶଜ) ଖେଳରେ ବାଉଁଳ କଉଡ଼ି ସବୁ ମାଖ ଅର୍ଥାତ୍ ଉବୁଡ଼ି ହୋଇ ପଡ଼ିବା ।

ମାଗଣ, ବି. (ମାର୍ଗଣ ଶବ୍ଦଜ) ଭେଦା ବା ଗୁନ୍ଦା; ମାଗିବା ।

ମାଗଣା, ବିଂ. (ଦେଶଜ) ବିନାମୂଲ୍ୟ, ମହାଲଆ, ପୁଲଆ । (ମାର୍ଗଣ ଶବ୍ଦଜ) ମାଗିବା ।

ମାଗତା, ମାଗନ୍ତା, ବିଂ. (ଦେଶଜ) ଯାଚକ, ଯେ ମାଗଇ ।

ମାଗଧ, ବି. (ମଗଧ୍ = ଯାଚ୍ଞା କରିବା-ଅ କିମ୍ବା ମଗଧ = ଦେଶବିଶେଷ-ଅ ଜାତାର୍ଥେ) ବନ୍ଦୀ, ସ୍ତୁତିପାଠକ; ବୈଶ୍ୟର ଔରସରେ କ୍ଷତ୍ରିୟାର ଗର୍ଭରୁ ଜାତ ଜାତିବିଶେଷ, ଭାଟ । ବିଂ. ମଗଧଦେଶୋତ୍ପନ୍ନ । (ସ୍ତ୍ରୀ-ଈ) ଯୂଥିକା ପୁଷ୍ପ, ଯୁଈ ଫୁଲ; ଭାଷାବିଶେଷ; ଗୁଜରାଟି ଅଳାଇଚ; ମଗଧ ଦେଶଜାତା ଗଣିକା ।

ମାଗଯାଚ, ବି. (ଦେଶଜ ପ୍ରାୟ) ମାଗିବା । ଯଥା—

କି ଅବା ମାଗଯାଚ କଲୁ,
କି ଅବା ଉଧାର ଆଣିଲୁ । ଦା. ର.

ମାଗିଖିଆ, ବିଂ. ଭିକାରି, ଯେ ମାଗି ଖାଏ । ବି. ମାଗି ଖାଇବା ।

ମାଗିବା, କ୍ରି. (ଯାଚନାର୍ଥ ମାର୍ଗ ଧାତୁଜ) ଭିକ୍ଷା କରିବା, ପ୍ରାର୍ଥନା କରିବା । ଯଥା—

ଔଷଧିମାନ ହେ ନ ମାଗୁଛୁ ପଦ ଧରି ।
ଓ କରିବ ଆଲୋ ଦାସି, ଡାକିଲେ କଣୋଷା ।
ବି. ଚ. ମ.

ମାଗୁଣି, ବି. (ମାର୍ଗଣ ଶବ୍ଦଜ) ପ୍ରାର୍ଥନା । ଯଥା—

ମନେ ପଡ଼ିବ ପୁଣି ମୋର ମାଗୁଣି । ମେ. ଦୂ.

ରାଜା ଓ ଜମିଦାରମାନେ କୌଣସି ଉତ୍ସବାଦି ନିର୍ବାହାର୍ଥେ ପ୍ରଜାମାନଙ୍କଠାରୁ ଧନ ନେବା; ନିର୍ଦ୍ଦିଷ୍ଟ କର ବ୍ୟତିରେକ ଯାହା ପ୍ରଜାଙ୍କଠାରୁ ଆଦାୟ ହୁଏ ।

ମାଗୁଣିଆ, ବିଂ. (ମାର୍ଗଣ ଶବ୍ଦଜ) ଯେ ମାଗଇ ।

ମାଗୁର, ବି. (ମଦ୍‌ଗୁର ଶବ୍ଦଜ) ମତ୍ସ୍ୟବିଶେଷ ।

ମାଘ, ବି. (ମାଘୀ = ମଘାନକ୍ଷତ୍ରଯୁକ୍ତ ପୌର୍ଣ୍ଣମାସୀ-ଅ-ତଦ୍‌ଯୁକ୍ତ କାଳାର୍ଥେ) ମାସବିଶେଷ, ଦଶମ ମାସ । (ମା-ଅଘ) ଶିଶୁପାଳବଧ କାବ୍ୟ । (ମାଘୋମାଘନ ସଂଶୟଃ) ଶିଶୁପାଳବଧ କାବ୍ୟର ରଚୟିତା କବି । (ସ୍ତ୍ରୀ-ଈ, ମାଘୀ) ମଘାନକ୍ଷତ୍ରଯୁକ୍ତ ପୂର୍ଣ୍ଣିମା; ମାଘମାସସମ୍ବନ୍ଧୀୟା ।

ମାଘି, ମାଘୀ, ବିଂ. (ମାଘ ଶବ୍ଦରେ ଓଡ଼ିଆରେ ଇ ବା ଈ ପ୍ରତ୍ୟୟ) ମାଘମାସରେ ଜାତ । ଯେପରି—ମାଘିତିଳ, ମାଘିରାଶି ।

ମାଘ୍ୟ, ବି. (ମାଘ-ଯ) କୁନ୍ଦପୁଷ୍ପ । ବିଂ. ମାଘମାସ ଜାତ ।

ମାଙ୍ଗ, ବି. (ଦେଶଜ) ସୀମନ୍ତ । ଯଥା—

ଏଥିକୁ କେଶ ବିଭଙ୍ଗେ,
ଧାରା ଦେଖାଉଛୁ ମାଙ୍ଗେ । ଲ. ବ.

ମାଙ୍ଗଟ, ବି. (ଦେଶଜ) ଅଭିମାନ ।

ମାଙ୍ଗଟିଆ, ବିଂ. (ଦେଶଜ) ଅଭିମାନୀ ।

ମାଛ, ମଛ, ବି. (ମତ୍ସ୍ୟ ଶବ୍ଦଜ ପ୍ରାକୃତ) ମତ୍ସ୍ୟ ।

ମାଛରଙ୍କା, ବି. (ମତ୍ସ୍ୟ-ରଙ୍କ ଶବ୍ଦଜ) ପକ୍ଷି-ବିଶେଷ । ଯଥା—

ମାଛରଙ୍କା ଢଳବାଙ୍କମୁଣି କାକ ଛନ୍ତ,
ଚକୋର ଚକ୍ରବାକ କୁଲଙ୍ଗ ପନ୍ତ ପନ୍ତ । ନୃ.ପ୍ର.ଚ.ଡ.

ବିଂ. ଯେ ମାଛ ଖାଇବାପାଇଁ ରଙ୍କ ପରି ହୁଏ ।

ମାଛି, ମାଚ୍ଛି, ବି. (ମକ୍ଷୀ ଶବ୍ଦଜ ପ୍ରାକୃତ) କ୍ଷୁଦ୍ର ପତଙ୍ଗବିଶେଷ । ଯଥା—

ମନୁଷ୍ୟଙ୍କୁ ଯେହ୍ନେ ମଣ୍ଟଥିଲା ମାଛି । ଚଲିକା ।

ନାଳକାସ୍ତ୍ର ବା ନଳର ଅଗ୍ରଭାଗରେ ସ୍ଥିତ ଚିହ୍ନ ।

ମାଛୁଆ, } ବି. ( ଦେଶଜ ) କେଉଟ, ମତ୍ସ୍ୟ-
ମାଛୁଆ, } ବ୍ୟବସାୟୀ ।

ମାଛୁଆଡ଼ୁଙ୍ଗି, ବି. (ଦେଶଜ) ସାନ ନୌକା ।

ମାଜଣା, ବି. ( ମାର୍ଜନା ଶବ୍ଦଜ ) ମାର୍ଜନା, ଦେହାଦି ଘଷିବା; ଦେବତା ଓ ରାଜାମାନଙ୍କ ସ୍ନାନ । ଯଥା—

କାଠିଲଗିରୁ ମାଜଣାଠାରୁ ସୁବେଶ ଶୋଭା ଦେଖିବ ।
ର. କ.

ମାଜିବା, କ୍ରି. ( ମୃଜ୍ ଧାତୁଜ ) ପରିଷ୍କାର କରିବା । ଯଥା—

ତଣେ ଯଥା ଦର୍ପଣେ ଦର୍ପକ ଥିଲେ ମାଜି । ଲ.ବ.

ମାଜିଷ୍ଟ୍ରେଟ, ବି. (ଇଂରାଜି ଶବ୍ଦ) ଗଭର୍ଣ୍ଣମେଣ୍ଟ କର୍ମଚାରିବିଶେଷ ।

ମାଜୁମ, ବି. (ଯାବନିକ) ମାଦକଦ୍ରବ୍ୟବିଶେଷ ।

ମାଜୁଲ, ବିଂ. (ଯାବନିକ) କର୍ମଚ୍ୟୁତ ।

ମାଝ, ବି. ( ମଧ୍ୟ = ପ୍ରାକୃତ ମଜ୍ଝ ଶବ୍ଦଜ ) ମଧ୍ୟସ୍ଥଳ; ଭିତର । ଯଥା—

ବହ୍ନିସୁତ ସ୍ଥୂଳଜଙ୍ଘ ଯୁଝି, ବଜ୍ରଦଂଷ୍ଟ୍ର ନଳ ରଣ ମାଝ ।
ବୈ. ବି.

କଟିପ୍ରଦେଶ, ଅଣ୍ଟା । ଯଥା—

ବେଗ ବେଗ ଚମକାଇ ତା ସରୁ ମାଝ । ର. ପ.

ମାଝି, ବି. ( ଦେଶଜ ) ନାଉରିଆ, ନାବିକ; ଦଳୁଆଜାତିର ଉପାଧି ବା ଘରର ନାମ; ଗଡ଼ଜାତର ଉପାଧିବିଶେଷ । ଯଥା—

ବିଶୋଇ ନାୟକ ଯେ ପଧାନ ଶେଠ ମାଝି,
କୋଠକରଣ ଭ୍ରମୁକରଣ ଆଉ ମୁଦି । ନୃ. ପ୍ର. ପ. ଚ.

ସାମାନ୍ୟ ରାଜାଙ୍କ ଉପାଧି । ଯଥା—

ଚଣ୍ଡପୁର ଦେଶର ସୁଚଣ୍ଡ ନାମେ ମାଝି,
ପାଞ୍ଚକୋଟି ସୈନ୍ୟ ଘେନି ଅଇଲା ସେ ସାଜି ।
ନୃ. ପ୍ର. ଦ୍ବି. ଚ.

ମାଞ୍ଚିଆ, ବି. ( ଯାବନିକ ) ଆସନବିଶେଷ, ଏକପ୍ରକାର ଚୌକି । ଯଥା—

ତମହଲ ଇମାରତେ ମାଞ୍ଚିଆ ପକାଇ,
କହେ କଥା ଚନାଚୁଟି ହଲଇ ହଲଇ । ଉ. ସା.

ମାଟି, ମାଟୀ, ବି. ସ୍ତ୍ରୀ. (ମୃତ୍ତିକା—ପ୍ରାକୃତ ମଟ୍ଟୀ ଶବ୍ଦଜ) ମୃତ୍ତିକା, ଭୂମି । ଯଥା—

ଦନ୍ତେ କେହୁ ତୃଣ କାଟେ କେହୁ ମାଟି ପରେ,
ନଖେ ଲେଖେ ଏଣୁତେଣୁ ମନକୁ ଯା ଆସେ । ମ. ଯା.

ମାଟିଆ, ବି. (ଦେଶଜ) ଯେ ମାଟିକାମ କରେ; ଜାତିବିଶେଷ । ବିଂ. ମୃତ୍ତିକାଯୁକ୍ତ; ମୃତ୍ତିକାବର୍ଣ୍ଣବିଶିଷ୍ଟ; ମୃତ୍ତିକାସମ୍ବନ୍ଧୀୟ । ଯେପରି— ମାଟିଆବର୍ଣ୍ଣ ।

ମାଟିଚଟା, ବି. ( ଦେଶଜ ) ପକ୍ଷିବିଶେଷ । ଯଥା—

ଶାଗୁଣା ମାଟିଚଟା ବାଇଟାହୋଳ ଜୁଇ । ନୃ.ପ୍ର ଚ.ଡ.

ମାଟିଚିଲ, ବି. (ମୃତ୍ତିକା-ଚିଲ୍ଲ ଶବ୍ଦଜ) ମୃତ୍ତିକା-ବର୍ଣ୍ଣଯୁକ୍ତ ପକ୍ଷିବିଶେଷ ।

ମାଟେଇବା, କ୍ରି. ( ଦେଶଜ ) ସ୍ଥଗିତ ହେବା, ବନ୍ଦ ହେବା ।

ମାଠ, ବି. ( ଦେଶଜ ) ମୋଟ ଖିଅଲୁଗା; ଚିକଣ କରିବାର ହତିଆର । ଯଥା—

ଯୌବନର ମାଠେ ମଠା ହୋଇ ଅଙ୍ଗ-ଯଷ୍ଟି
କିବା ପଲ୍ଲବିତା । ଯ. କେ.

ମାଠଗୁଣା, ବି. (ଦେଶଜ) ମାଠି ମାଠି ତିଆରି କରିଥିବା ସ୍ତ୍ରୀମାନଙ୍କର ନାସାଭରଣ-ବିଶେଷ । ଯଥା—

ନାସିକାରେ ମାଠଗୁଣା, କରଇ ବିବେକ ବଣା । ଲ.ବ.

ମାଠା, ବି. (ଦେଶଜ) ନବମୀତ, ଲହୁଣି ।

ମାଠିଆ, } ବି. (ଦେଶଜ-ମାଠି ମାଠି ତିଆରି
ମାଠିଆ, } କରିଥିବାରୁ ଏହାର ନାମ ମାଠିଆ)

ମୃତ୍ତିକା ଘଟବିଶେଷ । ଯଥା—

ଆମ୍ଭେ ତ କରୁଅଛୁଁ ଯୁଦ୍ଧେ ଅନୁକୂଲ,
ଦେଖିବୁଁ କେହି ରୁନ୍ଧେ ମାଠିଆ ଭୂମ୍ବର । କୃ.ଖ୍ର.ବ.ପ.

ମାଠିବା, କ୍ରି. ( ଦେଶଜ ) ଚକ୍‌କଣ କରିବା; ହାତଆରିରେ ପିଟି ସଫା କରିବା; ଲେପିବା, ବୋଳିବା । ଯଥା—

ହଳଦୀ ତେଲ ଦୁଇ ନୋହିବ ମାଠି ଅଙ୍ଗେ ।
ନୃ. ପୁ. ସ. ଚ.

ମାଡ଼, ବି (ଦେଶଜ) ପ୍ରହାର ।

ମାଡ଼ଣ, ବି. ( ଦେଶଜ ବା ମର୍ଦ୍ଦନ ଶବ୍ଦଜ ) ମାଡ଼ିବା, ଚାପିବା; ଶସ୍ୟବିଶେଷ । ଯଥା—

ଅକାଳ ମନ୍ଦାକାଳ ବିକାଳ ବଜ୍ରବାଣ,
ଉଡ଼ାଣ ବୁଡ଼ାଣ ମିଶି ଛାଡ଼ଣ ମାଡ଼ଣ । ନୃ. ପୁ. ଷ. ଚ.

ମାଡ଼ପିଟ, ବି. (ଦେଶଜ) ପ୍ରହାର, ମାରିବା ।

ମାଡ଼ବାରି, ବି. (ଦେଶଜ ପ୍ରାୟ) ଦେଶବିଶେଷ ।

ମାଡ଼ିବା, କ୍ରି. (ଦେଶଜ) ଘୋଟି ଆସିବା । ଯଥା—

ଧୂମାକାରେ ଦୂରେ ପର୍ବତର ପ୍ରାଇ,
ମାଡ଼ି ଆସୁଅଛୁ ଜଳ ସ୍ଥଳ ଛାଇ । ନ. କେ.

ନିଦ୍ରାଦିର ଆବେଶ ହେବା । ଯଥା—

କୃଷ୍ଣବର୍ଣ୍ଣ ଶେଯେ ନ ମାଡ଼ଇ ନିଦ । ବ. ଚ. ମ.

ଚାପିବା; ଭିତରେ ପୂରାଇବା; ଠେଲିବା । ଯଥା—

ଜନ୍ମିଥିବା ପୂର୍ବେ ଭୂମିରେ ଆନ୍ତ ପଡ଼ି,
ଏ ତ ଉଡ଼ିବଢ଼େ ପଳାଉଅଛୁ ମାଡ଼ିମାଡ଼ି । ନୃ.ପୁ ପ୍ର ଚ.

(ମୃଦ୍ ଧାତୁଜ) ମର୍ଦ୍ଦିବା । ଯଥା—

ପକ୍ୱ ବଦରୀ ଗଜମୁକ୍ତା, ଶବେକ ନ କରଣ ମାଡ଼ି ତା
ଗମିଲେ ସୈନ୍ୟ ଯେ । ଲ. ବ.

ମାଡ଼ିବସିବା, କ୍ରି. (ଦେଶଜ) ଅଧିକାର କରିବା; ଆତ୍ମସାତ୍ କରିବା । ଯଥା—

ଅବିବେକ ଭୂପ ଦେଖି ଆନ ନୃପ କ୍ରମେ ରାଜ୍ୟ ମାଡ଼ିବସଇ । ସୁ. ପ.

ଅନ୍ୟକୁ ଠେଲି ପକାଇ ଆକ୍ରମଣ କରିବା ।

ମାଡ଼ିମଖାସା, ବି. ( ଦେଶଜ ) ଜାଗିର ବା ଜାଗିରି ।

ମାଡ଼ିମାଳ, ବି. (ଦେଶଜ) ଚାବୁକ; କୋରଡ଼ା । ଯଥା—

ଏହା ଶୁଣି କୃଷ୍ଣ ଅର୍ଜୁନ ଶୁକଳ,
ଘୋଡ଼ାଙ୍କର ଉପରେ ପିଟିଲେ ମାଡ଼ିମାଳ । କୃ.ଭା.ଶ୍ରୀ.ପ.

ମାଡ଼ିରହିବା, କ୍ରି. (ଦେଶଜ) ଆଚ୍ଛାଦି ରହିବା । ଯଥା—

ନବଯୁଣ ମାଡ଼ି ରହିଛୁ ତାର ଅଙ୍ଗ,
ମୁଁ କସ କରିବ ସ୍ୱାର ମୁହିଁ ବାଳଗୃହ । ସା.ଭା.ବ.ପ.

ମାଡ଼ୁ, ବି. ( ଦେଶଜ ) ଆମ୍ବଅଣ୍ଠି ବା ଆମ୍ବରରେ ଭରିତ କରିଥିବା ପୂର ।

ମାଡ଼ୁଆ, ବି॰. (ଦେଶଜ, ମାଡ଼-ଉଆ ) ଦୁଷ୍ଟ; ଯେ ମାଡ଼ ମାରେ; ମାଡ଼ଖାଇବାର ଯୋଗ୍ୟ ।

ମାଡ଼ୁୋଣି, ବି॰. ସ୍ତ୍ରୀ. (ଦେଶଜ, ମାଡ଼ୁଆର ସ୍ତ୍ରୀଲିଙ୍ଗ ପଦ) ଦୁଷ୍ଟା ସ୍ତ୍ରୀ ।

ମାଢ଼, ବି. ( ଦେଶଜ ) ଦଶ ଚହଳର ପରିମାଣ । ଯଥା—

ସୁବର୍ଣ୍ଣ ଲକ୍ଷଲକ୍ଷ ମାଢ଼ । ଦା. ର.

ମାଢ଼ି, ବି. ସ୍ତ୍ରୀ. (ମହ୍ = ପୂଜାକରିବା-ତି) ପତ୍ରର ଶିରା; ଦୈନ୍ୟ, ଦାରିଦ୍ର୍ୟ । (ଦେଶଜ)କୁମୁଦ ପ୍ରଭୃତିର ପୁଷ୍ପକୋଷ । ଯେପରି—କଇଁ-ମାଢ଼ି । (ମାଢ଼ି ଦୈନ୍ୟଂ ପତ୍ରଶିରା—ହେମ ।)

ମାଣ, ବି. ( ମାନ ଶବ୍ଦଜ ) ଧାନ ପ୍ରଭୃତି ମାପିବାପାଇଁ ପାତ୍ରବିଶେଷ । (ପିହାଣ ଶବ୍ଦ ଦେଖ) ୨୫ ଗୁଣ୍ଠ ପରିମାଣ । ଯଥା—

ମାଗ ତୋର କାହିଁ ନାହିଁ ଭୂମି ମାଣେ । ଦ. ବା.

(ଗଡ଼ଜାତରେ) ଅଧସେର ।

ମାଣକ, ବି. ସ୍ମ. ମୂଳବିଶେଷ, ମାଣକନ୍ଦା ।

ମାଣବ, ମାଣବକ, } ବି. (ମନୁ = ମନୁଷ୍ୟ-ଅ-ଅଲ୍ପାର୍ଥେ, ନ = ଣ, କ-ସ୍ୱାର୍ଥେ) ମନୁଷ୍ୟ-ବାଳକ; ବ୍ରାହ୍ମଣକୁମାର; ମନୁଷ୍ୟ; ବାଳକ । ( ବାଳସ୍ତୁ ସ୍ୟାନ୍ମାଣବକଃ—ଅମର । ) ବିଂଶତି ଯଷ୍ଟିକ ହାର ।

ମାଣବ୍ୟ, ବି. (ମାଣବ—ବାଳକ-ଯ ସମୂହାର୍ଥେ) ବାଳକସମୂହ । (ମାଣବାନାଂ ତୁ ମାଣବ୍ୟଂ) ଶୈଶବକାଳ ।

ମାଣି, ବି. (ମାନ ଶବ୍ଦଜ) ଅଭିମାନ ।

ମାଣିଆବନ୍ଧ, ବି. (ଦେଶଜ) ଏକପ୍ରକାର ଲୁଗା, ମାଣିଆବନ୍ଧ ନାମକ ସ୍ଥାନରେ ତିଆରି ଲୁଗା ।

ମାଣିକ, ବି. ( ମାଣିକ୍ୟ ଶବ୍ଦର ଅପଭ୍ରଂଶ ) ରତ୍ନବିଶେଷ । ଯଥା—
ଦେଖାଇଲା ସ୍ୱର୍ଗ ମାଳା ମାଣିକ । ଲା. ବ.

ମାଣିକ୍ୟ, ବି. (ମଣି = ରତ୍ନ-କୈ—ଶବ୍ଦ କରିବା-ଯ) ରତ୍ନବିଶେଷ, ମାଣିକ ।

ମାଣିଖଣ୍ଡି, ବି. ( ଦେଶଜ ) ଚକପିଢ଼ାଣି ଭିତରେ ପଶିବା କାଠ ।

ମାଣ୍ଡବୀ, ବି. ସ୍ତ୍ରୀ. ସଂ. ରାମାନୁଜ ଭରତଙ୍କ ପତ୍ନୀ ।

ମାଣ୍ଡବ୍ୟ, ବି. ସଂ. ଋଷିବିଶେଷ ।

ମାଣ୍ଡି, ବି. ( ଦେଶଜ ) ମୁରୁଜା, ଚକଆ । ଯଥା—
ଜାଗି ଦେଖୁଥିଲା କରମାଣ୍ଡି ମାତ୍ର
କୁଣ୍ଢାଇଛୁ ଭ୍ରାନ୍ତିସୁଖେ । ଯ. କେ.

ମାଣ୍ଡିଆ, ବି. (ଦେଶଜ) ଶସ୍ୟବିଶେଷ ।

ମାଣ୍ଡୁ, ବି. (ଦେଶଜ) ହସ୍ତରେ ଧରି ଶପଥ-କରଣାର୍ଥ ତପ୍ତ ଲୌହାଦି; ଶଗଡ଼ର ଦୁଇ ଦଣ୍ଡା ତଳେ ଅଖର ଉପରି ବସାଇଥିବା କାଷ୍ଠଖଣ୍ଡଦ୍ୱୟ; ଆମ୍ବଅଡ଼ଙ୍ଗା ବା ଆମ୍ବୁରର ଭିତରେ ଭରତି କରିଥିବା ପୂର ।

ମାଣ୍ଡୁଅ, ବି. (ଦେଶଜ) ପିଷ୍ଟକବିଶେଷ ।

ମାଣ୍ଡୁକଳା, ବି. (ଦେଶଜ ପ୍ରାୟ) ଶଗଡ଼ଦଣ୍ଡା ଓ ମାଣ୍ଡୁକୁ ଯୋଡ଼ିବା କଳା ।

ମାତ, ବି. ସ୍ତ୍ରୀ. ( ମାତୃ ଶବ୍ଦର ଅପଭ୍ରଂଶ ) ମାତା । ଯଥା—
ନାହିଁ ତାହାର ପିତା ମାତ,
ବନ୍ଧୁ ତନୟ ଦାର ସୁତ । ଖ୍ରୀ. ଦ. ସ୍କ.

ମାତଙ୍ଗ, ବି. (ମତଙ୍ଗ—ମୁନିବିଶେଷ, ହସ୍ତୀ-ଅ-ସ୍ୱାର୍ଥେ) ହସ୍ତୀ; ଚଣ୍ଡାଳ; ଅଶ୍ୱତ୍ଥ ବୃକ୍ଷ । (ସ୍ତ୍ରୀ-ଈ) ହସ୍ତିନୀ; ଦଶ ମହାବିଦ୍ୟାର ଅନ୍ତର୍ଗତ ନବମ ମହାବିଦ୍ୟା; ଦେବୀବିଶେଷ ।

ମାତରିଶ୍ୱା, ବି. ସଂ. ପବନ, ବାୟୁ ।

ମାତଳି, ମାତୁଳି, ବି. ସଂ. ଇନ୍ଦ୍ରଙ୍କ ସାରଥି ।

ମାତା, ବି. ( ମାତୃ-ମାତିବର୍ତ୍ତିତେ ଗର୍ଭୋଽସ ମାତା, ମା-ମାନେବର୍ତ୍ତନେ ଚ, ମା-ତୃ ) ଜନନୀ, ମା; ଜନନୀ, ଗୁରୁପତ୍ନୀ, ବ୍ରାହ୍ମଣୀ, ରାଜପତ୍ନୀ, ଗାଈ, ଧାତ୍ରୀ, ପୃଥିବୀ—ଏହି ସପ୍ତ ମାତା; ବ୍ରାହ୍ମୀ, ମାହେଶ୍ୱରୀ ପ୍ରଭୃତି ଅଷ୍ଟ ଶକ୍ତି । (ବ୍ରାହ୍ମୀତ୍ୟାଦ୍ୟାସ୍ତୁ ମାତରଃ) ଜୀବ; ଆକାଶ; ଲକ୍ଷ୍ମୀ । ବିଂ. ପ୍ରମାଣକର୍ତ୍ତା; ପରିମାଣକର୍ତ୍ତା । ( ଦେଶଜ, ସମ୍ବଲପୁର ଅଞ୍ଚଳରେ) ବସନ୍ତ ।

ମାତାମହ, ବି. (ମାତୃ-ଆମହ) ମାତାଙ୍କ ପିତା । (ସ୍ତ୍ରୀ. ମାତାମହୀ) ମାତାଙ୍କ ମାତା ।

ମାତିବା, କ୍ରି. ( ଦେଶଜ ) ଉନ୍ମତ୍ତ ହେବା । ଯଥା—
ମାତିଛୁ ଫୁଲ କାଣ୍ଡରେ ଟଗୋ । ବି. ଚ. ମ.
ଆସକ୍ତ ହେବା । ଯଥା —
ବସି ପାଶେ ଘଡ଼ିଏ ମାତିଲା ପରିହାସେ । ଲ. ବ.
ବ୍ୟାପିବା । ଯଥା—
ଛୁ ଲେ ଛତୁ, ପାଣି ବରଷିଲେ କେତେ ମାତୁ । ଢ଼ଗ.
ଜଳରେ ପହଁରିବା ।

ମାତୁଣି, } ବି. ସ୍ତ୍ରୀ. ( ଦେଶଜ ) ମାତିବା ।
ମାତୁଣୀ, } ଯଥା —
ଶୁକ ବୋଇଲେ ରାଜା ଶୁଣ ହେ ନୃପମଣି,
ବାଛୁରି ଉପରେ କଲା ବୃଷଭ ମାତୁଣି । ନୃ. ସୁ. ତ. ତ.

ମାତୁଳ, ବି. (ମାତୃ-ଡୁଳ ଭ୍ରାତାର୍ଥେ) ମାତାଙ୍କ ଭ୍ରାତା, ମାମୁଁ । (ସ୍ତ୍ରୀ. ମାତୁଳାନୀ) ମାତୁଳ-ଭାର୍ଯ୍ୟା, ମାଇଁ ।

ମାତୁଳପୁତ୍ରକ, ବି. ସଂ. ମାତୁଳତନୟ; ଧୁସ୍ତୂରଫଳ ।

ମାତୁଲୁଙ୍ଗ, } ବି. ସଂ. ଟାଭାଫଳ; ଡାଳିମ୍ବ;
ମାତୁଲୁଙ୍ଗକ, } ଲେମ୍ବୁ ।

ମାତୃକ, ବିଂ. (ମାତୃ-କ) ମାତୃସମ୍ବନ୍ଧୀୟ ।

ମାତୃକା, ବି. ସ୍ତ୍ରୀ. ସଂ. ମାତା; ଧାତ୍ରୀ; ମାତୃ-ମାତା; ଗୌରୀ, ପଦ୍ମା, ଶଚୀ ପ୍ରଭୃତି ଷୋଡ଼ଶ ଦେବୀ ।

ମାତ୍ର, ଅଂ. ( ମା-ପରିମାଣ କରିବା-ତ୍ର ) କେବଳ; ଅବଧାରଣ; ସାକଲ୍ୟ । (ଦେଶଜରୂପେ) କିନ୍ତୁ ।

ମାତ୍ର, ମାତ୍ରକ, ଅଂ.(ଦେଶଜ ପ୍ରାୟ କମ୍ବା ପ୍ରାକୃତ ମାତ୍ରିକ ଶବ୍ଦଜ) କେବଳାର୍ଥ; କିନ୍ତୁ ।

ମାତ୍ରା, ବି. ସ୍ତ୍ରୀ. (ମା-ତ୍ର-ଆ) ଅଂଶ; ଅଳ୍ପ-ପରିମାଣ; ଅକ୍ଷରାବୟବ; ପରିଚ୍ଛଦ ଅର୍ଥାତ୍ ହସ୍ତ୍ୟଶ୍ୱାଦି; ବର୍ଣ୍ଣର ଉଚ୍ଚାରଣକାଳ; ପରିମାଣ; କର୍ଣ୍ଣଭୂଷଣ; ଅବଚ୍ଛେଦ ଇନ୍ଦ୍ରିୟବୃତ୍ତି ।

ମାତ୍ସର୍ଯ୍ୟ, ବି. (ମତ୍ସର=ଶୁଭଦ୍ୱେଷ୍ଟା-ଯ) ପରଶ୍ରୀକାତରତା ।

ମାଥ, ବି. (ମସ୍ତ ଶବ୍ଦଜ) ମସ୍ତକ । ଯଥା—

ତାର ଅରଣ୍ଟି ପଡ଼ୁ ଆମ୍ଭ ମାଥ । ଗୋ. ଭା.

(ମଥ୍=ବଧ କରିବା, ମନ୍ଥନ କରିବା-ଅ) ମନ୍ଥନ; ବଧ; ବିଲୋଡ଼ନ; ବ୍ୟଥା; ପଥ, ମାର୍ଗ ।

ମାଥଟ, ବି. (ଦେଶଜ, ବିଶେଷତଃ ବଙ୍ଗଭାଷାରେ ବ୍ୟବହୃତ) ଚାନ୍ଦା, ବହୁଲୋକଙ୍କଠାରୁ ଅର୍ଥସଂଗ୍ରହ ।

ମାଦ, ବି. (ମଦ୍=ହୃଷ୍ଟ ଓ ଗର୍ବିତ ହେବା-ଅ) ହର୍ଷ; ଅହଙ୍କାର; ମତ୍ତତା ।

ମାଦକ, ବିଂ. (ମଦ୍-ଣିଚ୍-ଅକ) ମତ୍ତତାଜନକ ।

ମାଦଳ, ବି. (ମର୍ଦ୍ଦଳ ଶବ୍ଦଜ) ମୃଦଙ୍ଗବିଶେଷ ।

ମାଦଳା, ବି. (ଦେଶଜ) ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ଏବଂ ତାହାଙ୍କ ମନ୍ଦିରର ବିଷୟ-ବିବରଣ ଲେଖା ପାଞ୍ଜି ।

ମାଦୁ, ବି. (ଦେଶଜ) ଶୋଥବ୍ରଣ । (ଗଡ଼ଜାତରେ) ବାଳମୂଳିଆ କଥ ।

ମାଦୁର, ବି. (ମନ୍ଦୁରା ଶବ୍ଦଜ) ଘୋଡ଼ାଶାଳ; ତୃଣନିର୍ମିତ ଆସନବିଶେଷ ।

ମାଦୁଲୀ, ମାଦୁଳ, ବି. ସ୍ତ୍ରୀ. (ଆରବ୍ୟ ମାଦଆଲ ଶବ୍ଦରୁ ଜାତ) କବଚ, ସାଞ୍ଜୁ ।

ମାଦୃଷ, ମାଦୃକ୍, ମାଦୃଶ, } ବିଂ. (ଅସ୍ମଦ୍-ଦୃଶ୍-ସକ୍, କ୍ୱିପ୍-ଅ, ଅସ୍ମଦ୍=ମତ୍=ମା) ମତ୍ତୁଲ୍ୟ, ମୋପରି ।

ମାଧବ, ବି. (ମା=ଲକ୍ଷ୍ମୀ-ଧବ=ସ୍ୱାମୀ) ବିଷ୍ଣୁ । (ମଧୁ-ଅ ସ୍ୱାର୍ଥେ) ବୈଶାଖମାସ, ବସନ୍ତକାଳ । ବିଂ. ମଧୁସମ୍ବନ୍ଧୀୟ । (ସ୍ତ୍ରୀ. ମାଧବୀ, ମାଧବିକା) ଲତାବିଶେଷ; ତୁଳସୀ; ମଦିରା; ମଧୁଶର୍କରା; ଦୁର୍ଗା; ମାଧବଙ୍କ ପତ୍ନୀ ।

ମାଧୁକରୀ, ବି. ସ୍ତ୍ରୀ. ଭିକ୍ଷୋପଜୀବିର ପାଞ୍ଚ ସ୍ଥାନରୁ ଭିକ୍ଷାଗ୍ରହଣ ।

ମାଧୁରୀ, ବି. ସ୍ତ୍ରୀ. (ମଧୁର-ଅ-ଭାବାର୍ଥେ ଈ) ମଧୁରତା; ଶୋଭା, ସୌନ୍ଦର୍ଯ୍ୟ; ଉତ୍ତମତା ।

ମାଧୁର୍ଯ୍ୟ, ବି. (ମଧୁର-ଯ ଭାବାର୍ଥେ) ମଧୁରତା; ସୌନ୍ଦର୍ଯ୍ୟ; କାବ୍ୟର ଗୁଣବିଶେଷ ।

ମାଧୋଇ, ବି. (ମାଧବ ଶବ୍ଦଜ) ଶ୍ରୀକୃଷ୍ଣ । ଯଥା—

ମୂର୍ଦ୍ଧି ଭୂମିରେ ପଡ଼ିଲଇଁ ଶୋଇ,
ମୋତେ କାଶକର ନେଲେ ମାଧୋଇ । ଗୋ. ଭା.

ମାଧ୍ୟାକର୍ଷଣ, ବି. ସଂ. (Gravitation) ପୃଥିବୀର ଆକର୍ଷଣଶକ୍ତି ।

ମାଧ୍ୱୀ, ବି. ସ୍ତ୍ରୀ. (ମଧୁ-ଅ-ଈ) ମଦ୍ୟ; ମଧୁଦ୍ୱାରା ପ୍ରସ୍ତୁତ ସୁରା; ଦ୍ରାକ୍ଷା; ମତ୍ସ୍ୟବିଶେଷ ।

ମାନ, ବି. (ମା=ପରିମାଣ କରିବା-ଅନ) ପରିମାଣ, ହସ୍ତାଦିଦ୍ୱାରା ମାପ, ପରିମାଣ-ସାଧନ (ପାଦଦଣ୍ଡାଦି) । ସଙ୍ଗୀତରେ କାଳବିଶେଷ । (ମନ୍=ଗର୍ବିତ ହେବା-ଅ) ଅହଙ୍କାର; ଚିତ୍ତସମୁନ୍ନତି; ଅନୁରକ୍ତ ଦମ୍ପତିର ଭାବବିଶେଷ; କୋପ; ଅଭିମାନ; ସଂଭ୍ରମ । (ମାନ୍=ପୂଜାକରିବା-ଅ)ସମ୍ମାନ, ପୂଜା । (ବିଶେଷଣରେ ମାନିତ, ମାନୀ ପଦ ସିଦ୍ଧ ହୁଏ ।)

ମାନନ, ମାନନା, ବି. ସ୍ତ୍ରୀ. (ମାନ=ପୂଜା କରିବା-ଅନ, ଆ) ସମ୍ମାନକରଣ, ପୂଜାକରଣ, ଆଦରକରଣ । (ବିଶେଷଣରେ ମାନନୀୟ ଓ ମାନ୍ୟ ହୁଏ ।)

ମାନବ, ବି. (ମନୁ-ଅ ଅପତ୍ୟାଦ୍ୟର୍ଥେ) ମନୁଷ୍ୟ । ବିଂ. ମନୁସମ୍ବନ୍ଧୀୟ ।

ମାନମନ୍ଦିର, ବି. ସଂ. (Observatory) ଯେଉଁ ସ୍ଥାନରୁ ଗ୍ରହ ନକ୍ଷତ୍ରାଦିର ପର୍ଯ୍ୟବେକ୍ଷଣ କରାଯାଏ ।

ମାନସ, ବି. (ମନସ୍-ଅ ସ୍ୱାର୍ଥେ) ଚିତ୍ତ, ମନ; ଇଚ୍ଛା; ହିମାଳୟସ୍ଥ ସରୋବରବିଶେଷ । ବିଂ. ମନଃସମ୍ବନ୍ଧୀୟ ।

ମାନସୌକାଃ, ବି. (ମାନସୌକସ୍-ମାନସ = ସରୋବରବିଶେଷ-ଓକସ୍ = ସ୍ଥାନ, ଗୃହ) ହଂସ ।

ମାନି, ବି. (ମାନ୍ୟ ଶବ୍ଦଜ) ବନ୍ଧୁତା ସମ୍ବନ୍ଧ । ଯେପରି—ତାର ମୋର ଭାଇ ମାନି, ସେ ମାନି ତୁଡ଼ି ଗାଳି ଦେଲା ।

ମାନିଆ, ବି. (ଦେଶଜ) ଏକପ୍ରକାର ପୁଷ୍ପଗଛ । ଯଥା—

ଦଳମାନ ହରି କରି ଶ୍ୱେତବର୍ତ୍ତି,
ଗୁଚ୍ଛୁ ଅଛି ମାନିଆ କେ ଯୁବତୀ । ଲ. ବ.

ଚୌକାଇ, ବଂଶପର୍ବନିର୍ମିତ ପାତ୍ରବିଶେଷ । ବିଂ. ମାନିବା ବ୍ୟକ୍ତି, ଯେ ମାନି ଥାଏ । ଯଥା—

ନୃପତି ହେତେ ଆମ୍ଭେ କରିବୁଁ ସବୁ କାର୍ଯ୍ୟ,
ରାଜା ମାନିଆ ହୋଇ ରହିବୁଁ ଆମ୍ଭ ରାଜ୍ୟ ।
ନୃ. ପୁ. ଦ୍ୱି. ତ.

ମାନିତ, ମାନିତା, ବିଂ. (ମାନ୍ = ପୂଜା କରିବା-ତ, ଆ) ସମ୍ମାନିତ । ଯଥା—

ମାନିତା ସ୍ତ୍ରୀଙ୍କି ଯେ ହରଇ ବଳେ ପଶି,
ସେ ଦୋଷ ଛଡ଼ୁ ଯାଇ ହୋଇଲେ ତୀର୍ଥବାସୀ ।
ନୃ. ପୁ. ପ୍ର. ତ.

ମାନିବା, କ୍ରି. (ମାନ୍ ଧାତୁଜ) ସ୍ୱୀକାର କରିବା; ଶୋଭା ପାଇବା । ଯଥା—

ଭଲ ମାନୁଛି ବେଶ, ସୁଧାମୟୂଖ ମୁଖ । କ. ଚ. ଚ.

ସମ୍ମାନନା କରିବା । ଯଥା—

ଗୋପାଳେ ମୋତେ ନ ମାନିଲେ । ଭା. ଦ. ସ୍କ.

ଲକ୍ଷ୍ୟ କରିବା । ଯଥା—

ମାନି ନ ଥିଲେ ବିପତ୍ତି ହେଲା ପ୍ରାପତ । ପ୍ରେ. ସୁ. ନି.

ମାନୁଷ, ବି. (ମନୁ-ଅ ଅପତ୍ୟାର୍ଥେ, ନିପାତନ) ମାନବ, ନର ।

ମାନୁଷ୍ୟକ, ବି. (ମନୁଷ୍ୟ-କ ସମୂହାର୍ଥେ) ମନୁଷ୍ୟସମୂହ ।

ମାନ୍ଦ୍ରାଜ, ବି. (ମଦ୍ରରାଜ୍ୟ ଶବ୍ଦଜ, ଭାରତରେ ଉକ୍ତ ଅଛି, ଭାରତର ଦକ୍ଷିଣରେ ମଧ୍ୟ ମଦ୍ର ନାମକ ଏକ ରାଜ୍ୟ ଥିଲା; ଏହି ମଦ୍ର ରାଜ୍ୟ ଶଲ୍ୟଙ୍କର ନୁହେ) ଭାରତର ଦକ୍ଷିଣରେ ସମୁଦ୍ର ତୀରସ୍ଥ ନଗରବିଶେଷ ।

ମାନ୍ୟନ୍ତ, ବି. (ମାନ୍ୟ ବା ମାନନା ଶବ୍ଦଜ) ସମ୍ମାନନା । ଯଥା—

ସମସ୍ତ ଋଷି ପ୍ରବେଶହେତ ଅଇଲେ ରାମଙ୍କୁ
ଦୋଇ ହକରା ସେ ।
ରାମ ମାନ୍ୟନ୍ତ କଲେ, ବସିବାକୁ ଦର୍ଭାସନ ଦେଲେ ।
ବି. ରା.

ମାପ, ବି. (ମା ଧାତୁଜ) ପରିମାଣ । ଯଥା—

ତନୁ ତାର ମାପ ପ୍ରମାଣ, ଅଦଭୁତରେ ସେ ନିର୍ମାଣ ।
କୋ. ବ୍ର. ସୁ.

ମାପିବା, କ୍ରି. (ମା ଧାତୁଜ) ପରିମାଣ କରିବା ।

ମାପୁଣି, ବି. (ଦେଶଜ ପ୍ରାୟ) ମାପିବା । ବିଂ. ପରିମାପକ ବା ପରିମାଣକାରୀ ।

ମାଫ, ମାଫି, ବି. (ଯାବନିକ) ଛାଡ଼, ଛୁଟି । ଯଥା—ଏ ବର୍ଷର ଖଜଣା ମାଫ ହେବ । କ୍ଷମା । ଯେପରି—ମୋର ଦୋଷ ମାଫ କର ।

ମାମକ, ବି. (ମମ-କ ଯୋଗ) ମାତୁଳ । ବିଂ. ମଦୀୟ, ମତ୍ସମ୍ବନ୍ଧୀୟ; ମମତାଯୁକ୍ତ; ସ୍ୱାର୍ଥପର; କୃପଣ ।

ମାମକୀନ, ବିଂ. (ମମ-ଈନ) ମତ୍ସମ୍ବନ୍ଧୀୟ ।

ମାମଥ, ବି. (ଦେଶଜ) ହସ୍ତିର ଆକୃତିବିଶିଷ୍ଟ ପ୍ରକାଣ୍ଡ ଜନ୍ତୁବିଶେଷ । ଯଥା—

ପୂର୍ବକାଳରେ ହାତୀ ଛଡ଼ା ହାତୀ ଜାତୀୟ ମାମଥ ଓ ମଷ୍ଟୋଡନ ନାମରେ ଦୁଇପ୍ରକାର ପ୍ରକାଣ୍ଡ ଜୀବ ଥିଲେ । ଭୂ. ସା.

ମାମଲତ, ବି. (ଯାବନିକ) ମକଦ୍ଦମା; ବ୍ୟବହାରବାଦରେ ମଧ୍ୟସ୍ଥ ବ୍ୟକ୍ତିଦ୍ୱାରା କଥାବାର୍ତ୍ତା; ମଧ୍ୟସ୍ଥରୂପେ ନାନା କଥା କହିବା ।

ମାମଲା, ବି. (ଯାବନିକ) ମକଦ୍ଦମା । ଯଥା—

ନ ଥିବେ ଓକିଲ ଲଢ଼ି ଯେ ମାମଲା,
କରିଦେବେ ଯୁକ୍ତି ବଳେ କଳା ଧଳା । ଦ. ବା.

ମାମା, ବି. ସ୍ତ୍ରୀ. (ମାତାପଦଜାତ) ମାତା । (ରାଜକୁଟୁମ୍ବରେ ଏହାର ବ୍ୟବହାର ହୁଏ) କେତେକ ସ୍ଥଳରେ ମାତୁଳ ଅର୍ଥରେ ମାମା ଶବ୍ଦର ବ୍ୟବହାର ହୋଇଥାଏ ।

ମାମୁ, ବି. (ମାମକ ଶବ୍ଦଜ) ମାତାଙ୍କ ଭାଇ ।

ମାମୁଅଜା, } ବି. (ଦେଶଜ ପ୍ରାୟ) ମାତୁଳଙ୍କ
ମାମୁଜା, } ମାତୁଳ ।

ମାମୁଲ, ବି. (ଆରବୀ) ଚିରପ୍ରଚଳିତ ପ୍ରଥା ବା ମତ; ପୂର୍ବକ୍ରମ ।

ମାୟା, ବି. ସ୍ତ୍ରୀ. (ଯାମାଯାମାୟା ଅଥବା ମା = ପରିମାଣ କରିବା-ଯ-ଆ, ଯାହାଦ୍ୱାରା ବିଶ୍ବର ପରିମାଣ କରାଯାଏ) ଶଠତା, ଚତୁରୀ; କୁହୁକ, ଇନ୍ଦ୍ରଜାଲ; ମମତା, ମୋହ; ଛଦ୍ମବେଶ; ପ୍ରକୃତି; ଭ୍ରାନ୍ତି; ଲକ୍ଷ୍ମୀ; କୃପା । (ବିଶେଷଣରେ ମାୟିକ, ମାୟୀ ଓ ମାୟାବୀ ହୁଏ ।)

ମାୟୁ, ବି. ପୁଂ. ଶରୀରସ୍ଥ ଧାତୁବିଶେଷ, ପିତ୍ତ ।

ମାର, ବି. (ମୃ-ଅ) ମରଣ । (ମୃ-ଣିଚ୍-ଅ) କନ୍ଦର୍ପ; ବିଘ୍ନ; ମାରଣ, ବଧ । (ବିଶେଷଣରେ ମାରକ ହୁଏ ।)

ମାରକମା, ବି. ସ୍ତ୍ରୀ. (ଦେଶଜ) ଦେବୀବିଶେଷ । ଯଥା—

ବାହୁଡ଼ି ସାରକମା ମାରକମା ହୁଙ୍କୁଳା । ନୃ.ପୃ.ଚ.ଚ.

ମାରଣ, ବି. (ମୃ-ଣିଚ୍-ଅନ) ହନନ, ହତ୍ୟା । (ବିଶେଷଣରେ ମାରିତ ହୁଏ ।)

ମାରଣା, ବିଂ. (ମାରଣ ଶବ୍ଦଜ) ଖଣ୍ଡ, ବିଶ୍ୱାସଘାତକ । ଯଥା—

ସେ ଦ୍ରବ୍ୟେ ସ୍ୱୈର ସ୍ଥାନ ଅଗ୍ନିକ ଖିତ ନାହିଁ,
ଖଣ୍ଡ ମାରଣା ଇନ୍ଦ୍ରର ନେବେ ଅବା କେହି ।
ନୃ. ପୃ. ପ. ଚ.

ମାରିବା କିମ୍ବା ନିପାତ କରିବା ଲୋକ; ଯେ ଧାତୁଦ୍ରବ୍ୟାଦି ମାରଣ କରେ । ଯଥା—

କିମ୍ପିର ମାରଣାମାନେ ଛନ୍ତି ବାରୁଣୀରେ । ସା. ଭ୍ର. ଆ.

ମାରପିଟ, } ବି. (ଦେଶଜ) ପ୍ରହାର; ଘୋର
ମାରପିଟା, } କଳହ ।

ମାରଫତ, } ବି. (ଯାବନିକ) ସଙ୍ଗେ; ଦ୍ୱାରା;
ମାରଫିତ, } ନିକଟ ବା ଜମା ।

ମାରା, ମାରୁ, ବିଂ. (ଦେଶଜ) ଦୂଷିତ, ଅଶୁଦ୍ଧ । ଯେପରି—ଏ ପଦାର୍ଥ ସବୁ ମାରା ଗଲା ।

ମାରାଗ, ବି. (ମରକତ ଶବ୍ଦଜ) ରତ୍ନବିଶେଷ । ଯଥା—

ନୀଳଗିରି ସନ୍ଧି ମାରାଗ ମଣ୍ଡପ,
ଟେକିଛୁ ଅମ୍ବରେ ଶୈଳ ସ୍ୱର୍ଣ୍ଣଚୂଡ଼ । ନ. କେ.

ମାରି, ମାରୀ, ବି. ସ୍ତ୍ରୀ. (ମୃ-ଣିଚ୍-ଇ, ଈ) ଜନକ୍ଷୟ, ମରକ ।

ମାରିବା, କ୍ରି. (ମୃ ଧାତୁଜ) ପ୍ରହାର କରିବା; ଧାତୁ ଓ ଉପଧାତୁମାନ ଶୁଦ୍ଧିପୂର୍ବକ ଭସ୍ମ କରିବା ।

ମାରିଶଦଣ୍ଡା, } ବି. (ବାଲେଶ୍ୱର ପ୍ରାନ୍ତରେ)
ମାରିସଦଣ୍ଡା, } ଖଡ଼ା ।

ମାରିଷ, ବି. ପୁଂ. ଏକପ୍ରକାର ଶାକ; ନାଟ୍ୟୋକ୍ତିରେ ମାନ୍ୟବ୍ୟକ୍ତି ।

ମାରିସି, ବି. (ମାରିଷ ଶବ୍ଦଜ) ଶାକବିଶେଷ ।

ମାରୁ, ବିଂ. (ଦେଶଜ) ଦୂଷିତ; ଅଗ୍ରାହ୍ୟ । ବି. (ମୃ ଧାତୁଜ) ମାରଣ, ବିନାଶ । ଯଥା—

ଏରୂପେ ପକ୍ଷିଗଣେ ଶୃଙ୍ଗାର ରସ କରୁଁ,
ଶୃଙ୍ଗାର ନୁହଇ ସେ ଅଟଇ ମହାମାରୁ । ନୃ.ପୃ.ଚ.ଚ.

ମାରୁଣି, } ବି. (ମାରଣ ଶବ୍ଦଜ) ମାରଣ ।
ମାରେଣି, } ଯଥା—

ଗନ୍ଧର୍ବ ମାରୁଣିକି ବୋଲଇ ଏରୂପରେ । କୃ.ଭ୍ର.ବ.ପ.
ଗନ୍ଧର୍ବମାରେଣିକି ଦେଖିଣ ଡରିଲେ । କୃ. ଭ୍ର. ବ. ପ.

ମାରୁଣୀ, ବି. ସ୍ତ୍ରୀ. (ମାରଣ ଶବ୍ଦଜ) ଘାତୁକା ସ୍ତ୍ରୀ । ଯଥା— ମଣିଷମାରୁଣୀ ।

ମାରୁତ, ବି. (ମରୁତ୍-ଅ-ସ୍ୱାର୍ଥେ) ପବନ ।

ମାର୍କଣ୍ଡ, } ବି. (ମୃକଣ୍ଡୁ-ଅ, ଏୟ ଅପ-
ମାର୍କଣ୍ଡେୟ, } ତ୍ୟାର୍ଥେ ଉ ଲୋପ) କଳ୍ପାନ୍ତଜୀବୀ ମୁନିବିଶେଷ ।

ମାର୍କା, ବି. (ଇଂରାଜୀ ମାର୍କ ଶବ୍ଦଜ) ଦାଗ, ଚିହ୍ନ । ଯଥା—

ତା ମୁଣ୍ଡରେ ଦୁଇ ଗୁରଟା ମାର୍କା ମରାହେଲେ ସାବାସ ।
ହି. ସା. ୩. ୯.

ମାର୍ଗ, ବି. (ମୃଜ୍ = ଶୁଦ୍ଧ କରିବା-ଅ) ପଥ; ପାୟୁ, ଗୁହ୍ୟ । (ମାର୍ଗ=ଅନ୍ୱେଷଣ କରିବା-ଅ) ଅନ୍ୱେଷଣ; ଅଗ୍ରହାୟଣ ମାସ; ମୃଗଶିରାନକ୍ଷତ୍ର । (ମୃଗ-ଅ) ମୃଗମଦ, କସ୍ତୁରୀ । ବିଂ. ମୃଗସମ୍ବନ୍ଧୀୟ ।

ମାର୍ଗଣ, ବି. (ମାର୍ଗ୍ = ଅନ୍ୱେଷଣ କରିବା-ଅନ) ପ୍ରାର୍ଥନା; ଅନ୍ୱେଷଣ; ପ୍ରଣୟ; ବାଣ, ଶର । ବିଂ. ଯାଚକ । (ବିଶେଷଣରେ ମାର୍ଗିତ, ମୃଗିତ ଓ ମୃଗ୍ୟ ହୁଏ ।)

ମାର୍ଗଶିର, ମାର୍ଗଶୀର୍ଷ, ବି. ସଂ. ମାସବିଶେଷ ।

ମାର୍ଜନ, ମାର୍ଜନା, ବି. (ମୃଜ୍ = ମାର୍ଜନ କରିବା-ଅନ, ଆ) ପରିଷ୍କରଣ, ପ୍ରକ୍ଷାଳନ; ମଜା ପୋଛା; ଦୋଷକ୍ଷାଳନ; ଧ୍ୱନି । (ବିଶେଷଣରେ ମାର୍ଜିତ, ମୃଷ୍ଟ, ମାର୍ଜନୀୟ ଓ ମାର୍ଜକ ହୁଏ ।) (ସ୍ତ୍ରୀ. ମାର୍ଜନୀ = ଗୁଞ୍ଚୁଣୀ) ।

ମାର୍ଜାର, ମାର୍ଜାରୀ, ମାର୍ଜାରିକା, ବି. ସ୍ତ୍ରୀ. (ମୃଜ୍ = ( ମୁଖ ) ପରିଷ୍କାର କରିବା-ଆର, ଈ, ଇକ-ଆ) ବିଡ଼ାଳ; ରକ୍ତଚିତ୍ରକ ।

ମାର୍ଜାରକ, ମାର୍ଜାରକଣ୍ଠ, ବି. ସଂ. ମୟୂର ।

ମାର୍ତ୍ତଣ୍ଡ, ବି. (ମୃତଣ୍ଡ-ଅ ଅପତ୍ୟାର୍ଥେ, ଅଥବା ପୁତ୍ର ଦ୍ୱିଧାକୃତ ହେବାରୁ ପିତା ବୋଇଲେ, "ହେ ଅଣ୍ଡ ! ତ୍ୱଂ ଆର୍ତ୍ତୋମାଭବ" । ପିତାଙ୍କ ଏହି ବଚନରୁ ମାର୍ତ୍ତଣ୍ଡ ନାମ ହେଲା କମ୍ବା ମୃତ-ଅଣ୍ଡ-ଅ ମୃତଅଣ୍ଡରୁ ଜନ୍ମ ହେବାରୁ ମାର୍ତ୍ତଣ୍ଡ) ସୂର୍ଯ୍ୟ; ଶୂକର; ଅର୍କବୃକ୍ଷ ।

ମାର୍ତ୍ତୋଳ, ମାର୍ତୁଳ, ବି. (ଦେଶଜ) ଯେଉଁ ଅସ୍ତ୍ରରେ ଧାତୁକୁ ପିଟି ବା ପ୍ରହାର କରି ସଫା କରନ୍ତି ।

ମାର୍ଷ୍ଟି, ବି. (ମୃଜ୍-ତି) ମାର୍ଜନ, ପରିଷ୍କରଣ; ମାଖିବା ।

ମାଳ, ବି. (ମା = ଲକ୍ଷ୍ମୀ-ଲା = ଗ୍ରହଣ କରିବା-ଅ, ମା = ପରିମାଣ କରିବା-ର, ର = ଳ) ବିଷ୍ଣୁ; ମନୁଷ୍ୟ; ଅସଭ୍ୟଜାତିବିଶେଷ; ମାଳଭୂମି; ଉନ୍ନତକ୍ଷେତ୍ର ( ମାଳମୁନ୍ନତ ଭୂତଳଂ ) କାପଟ୍ୟ, ଛଳନା; ବନ । (ମାଳା ଶବ୍ଦର ଅପଭ୍ରଂଶ) ପୁଷ୍ପାଦିର ମାଳା; ସମୂହ । ଯଥା—

ପୁଗ ମାଳେ ଯହିଁ ଜଡ଼େ ନାଗବଲ୍ଲୀ । ନ. କେ.

ମାଲ, ବି. (ଦେଶଜ) ଧନ, ସମ୍ପତ୍ତି; ବାଣିଜ୍ୟ-ଦ୍ରବ୍ୟ, ପଣ୍ୟଦ୍ରବ୍ୟ; ସାଧାରଣ ଦ୍ରବ୍ୟ । ଯଥା—

ଅଳପ ଲଭରେ ଗୁଡ଼ୁଚ୍ଛୁ ମାଲ,

ଭଣ୍ଡାଭଣ୍ଡି ନାହିଁ ତୁଳ ଅସଲ । ଉ. ସ୍ୱା.

(ମଲ୍ଲ ଶବ୍ଦଜ) ବାହୁଯୋଦ୍ଧା । (ମାଲ୍ଲ ଶବ୍ଦଜ) ଅସଭ୍ୟଜାତିବିଶେଷ ।

ମାଲକଡ଼, ମାଲକଡ଼ି, ମାଙ୍କଡ଼, ବି. (ଦେଶଜ) କର୍ଣ୍ଣ-ଭୂଷଣବିଶେଷ ।

ମାଲକେଲି, ବି. (ଦେଶଜ) ଦେଶୀକ ଖେଳ-ବିଶେଷ, ପିଲାମାନେ ଅନ୍ୟୋନ୍ୟତଃ ମାଳାକାରରେ ହସ୍ତ ସଂଲଗ୍ନ ରଖି ଠିଆ ରହି ଏହି ଖେଳ ଖେଳନ୍ତି ।

ମାଲଖମ୍ବ, ବି. (ମଲ୍ଲସ୍ତମ୍ଭ ଶବ୍ଦଜ) ମଲ୍ଲମାନେ ଯେଉଁ ସ୍ତମ୍ଭରେ ବାହା ମାରନ୍ତି । ଯଥା—

ଜୟ ଗଙ୍ଗେଶ୍ୱର ବୋଲ ମାଲଖମ୍ବ

କମ୍ପାନ୍ତି ବାହୁ ସ୍ଫୋଟକେ । ପାବଂଗ ।

ମାଲଖାନା, ବି. (ଯାବନିକ) ଖଜଣାଘର; ବହୁମୂଲ୍ୟ ଦ୍ରବ୍ୟମାନ ରଖିବା ଘର । ଯଥା—

ଧନ ପୁରାଇବା ଲଗି ମାଲଖାନା । ଦ. ବା.

ମାଲଗୁଜାରଦାର, ବି. (ଯାବନିକ) ଯେ ବ୍ୟକ୍ତି ମାଲଗୁଜାରି ବା କର ଦେଇଥାଏ ।

ମାଲଗୁଜାରି, ବି. (ଯାବନିକ) ଖଜଣା, କର ।

ମାଲଞ୍ଚ, ବି. (ଦେଶଜ) ପୁଷ୍ପୋଦ୍ୟାନ, ପୁଷ୍ପ-ବାଟିକା ।

ମାଲତୀ, ବି. ସ୍ତ୍ରୀ. (ମାଳ = ବିଷ୍ଣୁ-ଅତ୍ = ଗମନ କରିବା-ଅ-ଈ, ମା = ଲକ୍ଷ୍ମୀ-ଲତ୍ = ବେଷ୍ଟନ କରିବା-ଅ-ଈ) ପୁଷ୍ପବିଶେଷ; ଜାତୀଲତା; ଚନ୍ଦ୍ରିକା; ଯୁବତୀ; ରାତ୍ରି; କଳିକା; ଦ୍ୱାଦଶ ଛନ୍ଦର ବୃତ୍ତବିଶେଷ; ନଦୀବିଶେଷ ।

ମାଲଦାର, ବିଂ. (ଯାବନିକ) ଧନୀ ।

ମାଲପା, ମାଲପି, ବି. (ଦେଶଜ) ତେଲ । ଯଥା —

ଦେହେ ମାଲପା ଲଗାଇବ,

ଙ୍କରୂପେ ତାହାର ଯେ ଭାବ । ବି. ପୁ.

ଗହମଅଟାରେ କୃତ ଘୃତପକ୍ୱ ପିଷ୍ଟକ-ବିଶେଷ ।

ମାଲପାକୁଆ, ବି. (ଦେଶଜ) ତେଲଘଡ଼ି ।

ମାଲବନ୍ଧ, ବି. (ମଲ୍ଲ ବନ୍ଧନ ଶବ୍ଦଜ) ମଲ୍ଲମାନେ ଧରାଧରି ହେବା । ଯଥା—

ରାବଣହିଁ ଧରି, ମାଲବନ୍ଧେ ଯୁଦ୍ଧ କରି । ବି. ରା.

ମଲ୍ଲମାନେ ପିନ୍ଧିଲା ପରି ପିନ୍ଧିବା । ଯଥା—

ମଞ୍ଜିଷ୍ଠା ପାଟଶାଢ଼ୀ ମାଲବନ୍ଧରେ ଭିଡ଼ି,
ଦୋସଡ଼ା କରିଅଛୁ ପାଟ୍ଟେଡ଼ା ସରୁ ଶାଢ଼ୀ । ନୃ. ପୃ ଚ. ଚି.

ମାଲବାର, ବି. (ମାଳବ ଶବ୍ଦଜ) ଦେଶବିଶେଷ ।

ମାଲବିଦ୍ଧାଣ, ବି. ( ମଲ୍ଲବିଧାନ ଶବ୍ଦଜ ) ମଲ୍ଲଯୁଦ୍ଧ । ଯଥା—

କୃଷ୍ଣ, କୃଷ୍ଣଅଗ୍ରଜ ସିଂହାଣ,
କଲେ ବିଚିତ୍ର ମାଲବିଦ୍ଧାଣ । ର. କ.

ମାଲମଶଲା, ବି. (ଦେଶଜ) ନାନାବିଧ ସରଞ୍ଜାମ ବା ଦ୍ରବ୍ୟ, ନାନାବିଧ ଉପକରଣ ।

ମାଲବ, ବି. (ମାଲ-ବା = ଗମନ କରିବା-ଅ) ଅବନ୍ତୀଦେଶ; ରାଗବିଶେଷ ।

ମାଲସ, ବି. (ଯାବନିକ) ଘର୍ଷଣ, ଲେପନ ।

ମାଲସା, ମାଲ୍ସା, ବି. (ଦେଶଜ) ମୃଣ୍ମୟ ପାତ୍ରବିଶେଷ ।

ମାଳା, ବି. ସ୍ତ୍ରୀ. (ମା = ପ୍ରାପ୍ତି-ଲା = ଗ୍ରହଣ କରିବା-ଅ-ଆ) ଶ୍ରେଣୀ; ମାଲ୍ୟ; ସମୂହ ।

ମାଳାକାର, ବି. (ମାଳା-କୃ-ଅ) ଜାତିବିଶେଷ, ମାଳୀ । ବିଂ. ମାଲ୍ୟନିର୍ମାଣକାରୀ ।

ମାଲମ, ବି. (ଯାବନିକ) ମଲ୍ଲଖେଳା, କୁସ୍ତି ।

ମାଳ, ମାଳୀ, ବି. (ମାଳା ଶବ୍ଦଜ) ମାଳା । ଯଥା—

ଯାହାର କଣ୍ଠରେ ନେଇଁ ଦେବ ପୁଷ୍ପମାଳ,
ସେ ତାହାର ବଲ୍ଲଭ ହୋଇବ ପ୍ରତିପାଳ । ସା. ଭୂ. ଆ.

କଣ୍ଠାଳଙ୍କାରବିଶେଷ । ଯଥା—କଣ୍ଠେ ସୁନା କଣ୍ଠିମାଳ । (ମାଳକ ଶବ୍ଦର ଅପଭ୍ରଂଶ) ତୋଟାଳିଆ । ଯଥା—

ଦେବାପାଇଁ ତହୁଁ ପୁଷ୍ପ ନେଲେ କେହି,
ମାଳିଏ ମରନ୍ତି ଜଳମାନ ଦେଇ । ଦ. ବା.

ମାଳାକାର । ଯଥା—

କରୁ କନା ନୂଆ ମାଳୀ କୃପା ଥିଲେ ଚଢେ । ର. କ.

ମାଳିଆ, ବିଂ. (ଦେଶଜ ପ୍ରାପ୍ୟ) ମାଳାଯୁକ୍ତ । ଯେପରି—କାଇଁଚମାଳିଆ ।

ମାଳିକ, ବି. (ମାଳା-ଇକ) ମାଳାକାର ଜାତି, ମାଳୀ । ବିଂ. ମାଳାକାରକ ।

ମାଲିକ, ବି. (ଯାବନିକ) ପ୍ରଭୁ, ସ୍ୱାମୀ ।

ମାଲିକାନା, ବି. (ଯାବନିକ) କର୍ତ୍ତୃତ୍ୱ ଧନବିଶେଷ ।

ମାଲିକି, ବି. ( ଯାବନିକ ) କର୍ତ୍ତୃତ୍ୱସ୍ୱତ୍ୱ, ଅଧିକାର ।

ମାଲିନା, ବି. (ଯାବନିକ) ଘର୍ଷଣ କରିବା, ଘଷା ।

ମାଲିନ୍ୟ, ବି. (ମଳିନ-ଯ) ମଳିନତା, ମଯ୍ଳା ।

ମାଳୀ, ବି. (ମାଳନ୍-ମାଳା-ଇନ୍ ଅସ୍ତ୍ୟର୍ଥେ) ମାଳାକାର । ବିଂ. ମାଲ୍ୟଯୁକ୍ତ; ମାଳାକାରକ । (ସ୍ତ୍ରୀ. ମାଳିନୀ) ନଦୀବିଶେଷ; ସ୍ୱର୍ଗଙ୍ଗା; ଚମ୍ପାନଗରୀ; ମାଳାକାରପତ୍ନୀ; ପଞ୍ଚଦଶ ଛନ୍ଦର ବୃତ୍ତବିଶେଷ ।

ମାଳୁଆ, ବି. (ମାଳୀୟ ଶବ୍ଦଜ) କନ୍ଦଜାତି । ବିଂ. ମାଳପ୍ରଦେଶସମ୍ବନ୍ଧୀୟ; ମାଳପ୍ରଦେଶର ବ୍ୟକ୍ତି ଓ ପଦାର୍ଥ ।

ମାଳୁଣୀ, ବି. ସ୍ତ୍ରୀ. (ମାଳିନୀ ଶବ୍ଦଜ) ମାଳାକାରସ୍ତ୍ରୀ । ଯଥା—

ଏଥୁ ଅନନ୍ତରେ ରସ, ଶୁଣ ହେ ମାଳୁଣୀ ବେଶ ।
ଲ. ବ.

ମାଲୁମ, ବି. (ଯାବନିକ) ଗୋଚର, ବୋଧ, ଅବଗତ ହେବା ।

ମାଲୂର, ବି. ସଂ. ବିଲ୍ୱବୃକ୍ଷ; କପିତ୍ଥବୃକ୍ଷ; ଶ୍ରୀଫଳ ।

ମାଲ୍ୟ, ବି. ( ମାଳା-ଯ ଭବାର୍ଥେ ) ପୁଷ୍ପ; ପୁଷ୍ପମାଳା; ମାଳା; ଶିରୋମାଳା ।

ମାଲ୍ଲ, ବି. (ମଲ୍ଲ-ଅ) ଅସଭ୍ୟ ଜାତିବିଶେଷ ।

ମାଶୁଲ, ମାହାସୁଲ, } ବି. ( ଯାବନିକ ) କୌଣସି ଦ୍ରବ୍ୟାଦି ବହନର ମୂଲ୍ୟ ।

ମାଷ, ମାସ, ବି. (ମଷ୍, ମସ୍—ବଧ କରିବା-ଅ) ବ୍ରୀହି, ବିରି; ସ୍ୱର୍ଣ୍ଣାଦି ପରିମାଣବିଶେଷ ।

ମାଷ୍ଟର, ବି. (ଇଂରାଜୀ ଶବ୍ଦ) ପ୍ରଭୁ; ଶିକ୍ଷକ; ଅଧିକାରୀ ।

ମାସ, ବି. (ମସ୍ = ପରିମାଣ କରିବା-ଅ) କୃଷ୍ଣ ଶୁକ୍ଳ ଉଭୟ ପକ୍ଷାତ୍ମକ କାଳ, ବୈଶାଖାଦିମାସ; ବ୍ରୀହି; ପରିମାଣବିଶେଷ ।

ମାସଗଡ଼ବା, କ୍ର. (ଦେଶଜ) ଗର୍ଭ ହେବା ।
ମାସଳ, ବି. (ଦେଶଜ) ପକ୍ଷିବିଶେଷ । ଯଥା—
ମାସଳ ସେଣା ପକ୍ଷୀ ବାସୁସା ଶୁଦ୍ର ଚଳ । ନୃ.ପୁ.ପ୍ର.ତ.
ବିଂ. (ମାଂସଳ ଶବ୍ଦର ଅପଭ୍ରଂଶ) ପୃଥୁଳ, ପୁଷ୍ଟ, ମୋଟା ।
ମାସୁଲ, ବି. (ଯାବନିକ) ରାଜସ୍ୱ, କର; ପାଚଥିବା ଖଣ୍ଡ । (ଆରବ୍ୟ ମହସୂଲ ଶବ୍ଦଜ) ମୂଲଆର ମୂଲ ।
ମାସ୍ତୁଲ, ବି.(ବୋଧହୁଏ ପୋର୍ତ୍ତୁଗୀଜ Masto ଶବ୍ଦଜ) ଜାହାଜର ଉପରିସ୍ଥ ଉଚ୍ଚ ସ୍ତମ୍ଭ ।
ମାହସୂଲ, ବିଂ. (ଯାବନିକ) ମାସିକ ।
ମାହା, ବି. (ପାରସ୍ୟ) ଚନ୍ଦ୍ର କିରଣ ।
ମାହାଗ, ବି. ( ମାଘ ଶବ୍ଦଜ) ମାଘମାସ ।
ମାହାତ୍ମ୍ୟ, ବି. (ମହାତ୍ମନ୍-ଯ) ମହିମା, ମହତ୍ତ୍ୱ; କୀର୍ତ୍ତି; ଗୌରବ ।
ମାହାନ୍ତି, ବି. (ମାହିଷ୍ୟ ଶବ୍ଦଜ) ମାଚ କରଣ-ଜାତି, କେତେକ ଦକ୍ଷିଣଜାତିର ଉପାଧି ବା ଗୃହ ନାମ ।
ମାହାନ୍ତିଆଣୀ, } ବି. ସ୍ତ୍ରୀ. (ଦେଶଜ) ମାହାନ୍ତି
ମାହାନ୍ତ୍ୟାଣୀ, } ସ୍ତ୍ରୀ । ଯଥା—
ଏଣୁ ମାହାନ୍ତ୍ୟାଣୀ ତେଣୁ ମାହାନ୍ତି,
କାଞ୍ଜିକି ଖାଇଲେ ଯଡ ପାହାନ୍ତି । ହା. ତ.
ମାହାର, ବି. (ଦେଶଜ) ଗାଈରଖୁଆଳ, ରଖୁ-ଆଳ, ରକ୍ଷକ; ଯେପରି—ଗାଈମାହାର, ଗୋରୁମାହାର; ଯେ ମଇଳା ସଫା କରେ ।
ମାହାରଣା, ମହାରଣା, ବି. (ଦେଶଜ) ବଢ଼ାଇ ଜାତିର ଉପାଧି ।
ମାହାଳି, ବି.(ଦେଶଜ) ଗୋହିରି ବା ପାଣିନାଳ ।
ମାହାରି, ବି. ସ୍ତ୍ରୀ. (ଦେଶଜ) ଦେବତାସ୍ଥାନର ନର୍ତ୍ତକୀବିଶେଷ । ଯଥା—
ଗାଇଲେ ମଧୁରେ ଗଙ୍ଗେଶ୍ୱର ଜୟ
ମାହାରି ଦେବବଲ୍ଲଭ । ପାର୍ବତୀ ।
ମାହାଳ, ବି. (ଦେଶଜ) ବୃକ୍ଷବିଶେଷ ।
ମାହାଳିଆ, ବିଂ. (ଦେଶଜ) ଅକାରଣ, ବୃଥା; ମିଥ୍ୟା; ମୂଲଆ, ବିନା ପରିଶ୍ରମ ଓ ବିନା ମୂଲ୍ୟରେ ପ୍ରାପ୍ତ । ଯଥା—
ମୋ ବଚନ କର ମାହାଳିଆ ଅଧେ,
ରାଜ୍ୟ ଖାଇକରି ଘରେ ରହ ସଧେ । କୃ. ଖ୍ରୀ. ହ. ପ.
ମାହିନା, ମାହିୟାନା, ବି. ( ପାରସ୍ୟ ଶବ୍ଦ ) ମାସିକ ବେତନ ।
ମାହିର, ବି.ସଂ. ଇନ୍ଦ୍ର । (ଗଡ଼ଜାତରେ) ଜଣା ।
ମାହିଷ୍ମତୀ, ବି. ସ୍ତ୍ରୀ. ସଂ. ଶିଶୁପାଳର ପୁରୀ; ନର୍ମଦା ନଦୀତୀରସ୍ଥ ନଗରୀବିଶେଷ ।
ମାହୁନ୍ତ, } ବି. ( ଦେଶଜ ବା ମହାମାତ୍ର
ମାହୁନ୍ତିଆ, } ଶବ୍ଦଜ ) ହସ୍ତି ରକ୍ଷକ; ଗଜାରୋହୀ ସୈନ୍ୟ । ଯଥା—
ମାତଙ୍ଗେ ମାହୁନ୍ତ ପଡେ ଭୂରଙ୍ଗେ ରାଉତ । କ. ବ.
ମିଆଁ, ବି. (ଯାବନିକ) ପଠାଣ, ମୁଷଲମାନ ।
ମିଆଁଣୀ, ବି. ସ୍ତ୍ରୀ. ମୁଷଲମାନୀ ।
ମିଛ, ବିଂ. ( ମିଥ୍ୟା = ପ୍ରାକୃତ ମିଚ୍ଛା ଶବ୍ଦଜ ) ଅସତ୍ୟ ।
ମିଛକା, ବିଂ. (ଦେଶଜ) ଅସତ୍ୟ, ମିଛୁଆ । ଯଥା—
ଦେଖି ବହୁ ଉପହାସ କଲେକ ସେ ବାଳୀ,
ମିଛକା ଘରକୁ ଏ ତ ସତକା କୁଆଳ । ସା.ଲ୍ଲ.ସ.
ମିଛି, ବି. ସ୍ତ୍ରୀ. (ଦେଶଜ) କୌଣସି ସ୍ତ୍ରୀର ବିକୃତ ନାମ ।
ମିଛୁଆ, ମିଛୁଗ, ବିଂ. (ଦେଶଜ) ମିଥ୍ୟାବାଦୀ । ଯଥା—
ଏଡ଼େ ମିଛୁଆ ମୁଁ ବୋଲେ ଗୁରୁସ୍ତ,
ଭୃହ ଯାହା କହୁ ଅଟେ ତା ସତ । ହା. ତ.
ମିଛୁଣି, ବି. ସ୍ତ୍ରୀ. ( ଦେଶଜ ) ଯେଉଁ ସ୍ତ୍ରୀ ମିଥ୍ୟା କହେ ।
ମିଛେ, } କ୍ରି. ବିଂ. (ଦେଶଜ ବା ପ୍ରାକୃତ
ମିଛେମିଛେ, } ମିଚ୍ଛା ଶବ୍ଦଜ) ଅକାରଣରେ । ଯଥା—
ମିଛେ ମିଛେ ମୋ ସଙ୍ଗରେ କଲଗୋଳ କଲୁ । ବେ. ପ.
ମିଥ୍ୟାପ୍ରକାଶ ପୂର୍ବକ ।

ମିଜାଜ, ବ. (ଯାବନିକ) ମନର ଭାବ; ସ୍ୱଭାବ, ପ୍ରକୃତି ।

ମିଞ୍ଜିମିଞ୍ଜି, } କ୍ରି. ବିଂ. (ଦେଶଜ) ମନ୍ଦମନ୍ଦ
ମିଞ୍ଜିମିଞ୍ଜି, } ଜଳିବା । ଯଥା—ଦୀପ ମିଞ୍ଜିମିଞ୍ଜି ଜଳୁଅଛି ।

ମିଣ୍ଟାଇବା, କ୍ରି. (ଦେଶଜ) ଦୂର କରିବା; ଶାନ୍ତ କରିବା । ଯଥା—

ବିଶ୍ରାମେ ମିଣ୍ଟାଇ ଶ୍ରମ ତରୁତଳେ । ନ. କେ.

ନିଷ୍ପାଦନ କରିବା କିମ୍ବା କାର୍ଯ୍ୟ ନିଷ୍ପନ୍ନ କରିବା ।

ମିଣ୍ଟାଣ, ବ. (ଦେଶଜ) ନିଷ୍ପାଦନ ।

ମିଟିକା, ବ. (ଦେଶଜ) ଅଙ୍ଗୁଳିସ୍ଫୋଟ; ଆଙ୍ଗୁଠି ଫୁଟା; ନେତ୍ରାନ୍ତ ସ୍ପନ୍ଦନ ପୂର୍ବକ ସଙ୍କେତ । ଯେପରି—ଆଖିମିଟିକା ।

ମିଟିମିଟି, ଅଂ. (ଦେଶଜ) ଦୃଷ୍ଟିର ଅନୁକରଣ । ଯଥା—

ସେ ବୃକ୍ଷରୁ ପକ୍ଷୀ ଉଡ଼ିଗଲା ଯେତେବେଳେ,
ହର ବସି ଗୃହୁଁ ଥିଲେ ମିଟିମିଟି ଡୋଳେ । ନୃ.ପୁ.ପ୍ର.ତ.

ମିଟିମିଟି, } ବ. (ଦେଶଜ) ନେତ୍ରବିକାର ।
ମିଟିମିଟିଆ, } ବିଂ. ନେତ୍ରବିକାରଯୁକ୍ତ ।

ମିଠା, ବ. (ମିଷ୍ଟ = ପ୍ରାକୃତ ମିଟ୍ଠ ଶବ୍ଦଜ) ମଧୁର ପଦାର୍ଥ । ବିଂ. ମଧୁର । ଯଥା—ମିଠା କଥା ।

ମିଠାଇ, ବ. ( ମିଷ୍ଟାନ୍ନ ଶବ୍ଦଜ ) ଏକପ୍ରକାର ଖଜା ବା ମିଷ୍ଟାନ୍ନବିଶେଷ; ମଧୁର ପଦାର୍ଥ । ବିଂ. ମଧୁର, ମିଷ୍ଟ ।

ମିଣିପ, ବ. (ଦେଶଜ) ପୁରୁଷ । ଯଥା—

ମିଣିପ ଲୋକ ତୁ ଗଲୁ ପଳାଇ,
ମାଇପି ଲୋକେ ସେ ହୋଇଅଛୁ ଦହି । ଉ. ସା.

ମିତ, ବିଂ. (ମା = ପରିମାଣ କରିବା-ତ) ଅଳ୍ପ; ପରିମିତ; ଜ୍ଞାତ; ଅନୁମିତ; ସଂଚିତ । ( ବିଶେଷ୍ୟରେ ମିତି ହୁଏ । )

ମିତ, ମିତ୍ର, ବ. (ମିତ୍ର ଶବ୍ଦଜ ପ୍ରାକୃତ) ମିତ୍ର । ଯଥା—

ଗୋବିନ୍ଦ ଈଶ୍ୱର କହନ୍ତି କାତର
ହୋଇଣ ମିତର ପୁରତରେ । ବି.ଚି.ମ.

ମିତଣି, } ବ. ସ୍ତ୍ରୀ. ମିତ୍ରଙ୍କର ସ୍ତ୍ରୀ ବା ଭାର୍ଯ୍ୟା;
ମିତଣୀ, } ସହଚରୀ, ସଖୀ । ଯଥା—

କହୁଛୁ ମିତଣି ! କୃଷ୍ଣବର୍ଣ୍ଣ ପାଣିଠାରେ ମୋର ନତ ଶରଧା । ଭ. କ.

ମିତବ୍ୟୟୀ, ବିଂ. (ମିତବ୍ୟୟିନ୍-ମିତ = ଅଳ୍ପ-ବ୍ୟୟ ଯେ କରେ) ଅଳ୍ପବ୍ୟୟୀ ।

ମିତ୍ର, ମିତ୍ର, ବ. (ମିଦ୍ = ସ୍ନେହ କରିବା-ତ୍ର କିମ୍ବା ମୀ = ଜାଣିବା-ଇତ୍ର, ଯେ ସକଳ ଜାଣେ) ବନ୍ଧୁ; ସୁହୃଦ୍ । (ମି = କ୍ଷେପଣ କରିବା-ତ୍ର) ସୂର୍ଯ୍ୟ । ବିଂ. ଏକଜିହ୍ୱ; ସ୍ନିଗ୍ଧ ।

ମିଥଃ, ଅଂ. ସଂ. ଅନ୍ୟୋନ୍ୟ, ରହସ୍ୟରେ, ଗୋପନ । (ମିଥୋଽନ୍ୟୋନ୍ୟଂ ରହସ୍ୟପି —ଅମର । )

ମିଥିଲା, ବ. (ମିଥି = ଜନକରାଜ-ଳ ଅସ୍ତ୍ୟର୍ଥେ -ଆ) ଜନକରାଜାଙ୍କ ପୁରୀ, ତିର୍ହୁତ ।

ମିଥୁନ, ବ. (ମିଥ୍ = ବଧ କରିବା-ଉନ) ସ୍ତ୍ରୀ ପୁରୁଷ ଯୁଗଳ; ତୃତୀୟରାଶି; ସଂସର୍ଗ, ମିଳନ ।

ମିଥ୍ୟା, ବ. ସ୍ତ୍ରୀ. (ମିଥ୍ = ବଧ କରିବା-ଯ-ଆ) ଅସତ୍ୟ, ମିଛ; ବୃଥା; କାଳ୍ପନିକ ।

ମିଥ୍ୟାଦୃଷ୍ଟି, ବ. ସଂ. ନାସ୍ତିକତା ।

ମିନ, ବ. (ମୀନ ଶବ୍ଦର ଅପଭ୍ରଂଶ) ସାନ ମାଛ ।

ମିନତି, ବ. (ବିନତି ଶବ୍ଦଜ, ପ୍ରାକୃତ ମତେ, ବ = ମ) ବିନୟ । ଯଥା—

ବୃଥା ହେଲା ଏତେ ମିନତି ଏତେ ଗୁଟୁବଚନ । ଚ.ଭା.

ମିନା, ମୀନା, } ବ. (ଦେଶଜ) ଅଳଙ୍କାରାଦିରେ
ମିହ୍ନା, } ଜଡ଼ାଉ କାର୍ଯ୍ୟ । ଯଥା—

ହରିତାଳୀ କାଲୀ ଘେନ ବନିତା,
ପଦପରେ ଉଳୁଟାଇଲେ ଚିତା ।
ସୁନା କଚ୍ଛପ ବନ୍ଧି ରଚନା,
ଫଙ୍କିଲେ କି ତହିଁ ମର୍କତ ମୀନା । କୋ. ବ୍ର. ସୁ.
ମାଣିକ ମର୍କତ ମିହ୍ନା,
ପିରୁଲୀ ଚିତ୍ର ରଚନା । କୋ. ବ୍ର. ସୁ.

ମିନାଫୁଙ୍କିବା, କ୍ରି. (ଦେଶଜ) ଅଳଂକାରାଦିରେ ଜଡ଼ାଉ କରିବା । (ଫୁଙ୍କ ଶବ୍ଦ ଦେଖ ।)

ମିମକ୍ଷା, ବ. ସ୍ତ୍ରୀ. ( ମିମ୍ନକ୍ = ବୁଡ଼ିବା-ସନ୍ ଇଚ୍ଛାର୍ଥେ-ଦ୍ୱିତ୍ୱ-ଆ ) ମଜ୍ଜନ କରିବାର ଇଚ୍ଛା । (ବିଶେଷଣରେ ମିମକ୍ଷୁ ହୁଏ ।)

ମିମନ୍ଥିଷା, ବି. ସ୍ତ୍ରୀ. (ମନ୍ଥ୍=ମନ୍ଥନ କରିବା-ସନ୍-ଦ୍ୱିତ୍ୱ, ଇ ଆଗମ-ଆ)ମନ୍ଥନ କରିବାକୁ ଇଚ୍ଛା । (ବିଶେଷଣରେ ମିମନ୍ଥିଷୁ ହୁଏ ।)

ମିମିକ୍ଷା, ବି. ସ୍ତ୍ରୀ. (ମିହ୍=ସେଚନ କରିବା-ସନ୍, ଦ୍ୱିତ୍ୱ, ହ=କ-ଆ)ପ୍ରସ୍ରାବକରିବାରେଚ୍ଛା, ମୂତ୍ରତ୍ୟାଗେଚ୍ଛା । (ବିଶେଷଣରେ ମିମିକ୍ଷୁ ହୁଏ ।)

ମିୟାନା, ବି. (ହିନ୍ଦୀ) ପାଲିଙ୍କି ।

ମିରକଟିଆ, ବିଂ. (ଦେଶଜ) କୃଶ, କ୍ଷୀଣ; ମଳିନ, ମଇଳାଯୁକ୍ତ । ବି. (ଗଡ଼ଜାତରେ) ମୃତାଶୌଚ ।

ମିରଚ୍, ବି. (ସମ୍ବଲପୁର ଅଞ୍ଚଳରେ) ଲଙ୍କା-ମରିଚ ।

ମିରଗ, ମିର୍ଗ, ବି. (ମୃଗ ଶବ୍ଦଜ) ମୃଗ ।

ମିରଗାକୋଳି, ବି. (ମୃଗ-କୋଳି ଏ ଉଭୟ ଶବ୍ଦରୁ ଜାତ) ଏକପ୍ରକାର କୋଳିଗଛ ।

ମିର୍ଦ୍ଧା, ବି. (ଯାବନିକ) ଗ୍ରାମ୍ୟ ପଞ୍ଚାୟତ ।

ମିଳଣ, ବି. (ମିଳନ ଶବ୍ଦଜ ପ୍ରାକୃତ) ମିଳନ, ମିଶିବା ।

ମିଳନ, ବି.(ମିଲ୍=ସଂଲଗ୍ନହେବା-ଅନ)ମିଶ୍ରଣ, ସଂଯୋଗ, ଐକ୍ୟ; ସନ୍ଧିକରଣ; ସ୍ପର୍ଶନ; ଘଟନ; ସାଦୃଶ୍ୟ, ଔପମ୍ୟ; ସାକ୍ଷାତ୍ । (ବିଶେଷଣରେ ମିଳିତ ହୁଏ ।)

ମିଳମିଳା, ମିଲମିଲା, ବି. (ଦେଶଜ) ବସନ୍ତରୋଗ-ବିଶେଷ, କ୍ଷୁଦ୍ର ବସନ୍ତ ।

ମିଳା, ବି. (ମିଲ୍ ଧାତୁଜ) ମିଶିବା; ଏକତ୍ର ହେବା । (ମ୍ଳୈ ଧାତୁଜ) କ୍ଳାନ୍ତହେବା । ବିଂ. ମିଳିତ; କ୍ଳାନ୍ତ ବା ପଚି ଯାଇଥିବା ।

ମିଳାଇବା, କ୍ରି. (ମିଲ୍ ଧାତୁଜ) ମିଶାଇବା; ଯୋଡ଼ିବା । (ମ୍ଳୈ ଧାତୁଜ) କ୍ଳାନ୍ତ କରିବା । ଯଥା—

ଭୃଙ୍ଗ ପଦ୍ମରୂପ ବିନା କାଶକୁଶ କଲି ମିଳାଇ ସଉଁଗଲା । ବି. ଚ. ମ.

ମିଳାଣ, ବିଂ. (ମ୍ଳାନ ଶବ୍ଦଜ ପ୍ରାକୃତ) ମଳିନ । ବି. କ୍ଳାନ୍ତହେବା ।

ମିଳାପି, ମିଳାପୀ, ମେଳାପି, ମେଳାପୀ, ବିଂ. (ଦେଶଜ) ସଙ୍ଗୀ, ଯେଉଁମାନଙ୍କର ଅନ୍ୟୋନ୍ୟତଃ ମନ ମିଶେ । ଯଥା—

ସାଙ୍ଗ ମନମିଳାପି ଲୋକ ଦେଖିଲେ ଗୃହଆଡ଼କୁ ଅନାଇ ମୁରକି ମୁରକି ହସି ପରସ୍ପରକୁ ସାବଧାନ କରାଇ ଦଅନ୍ତି । ଛ. ଆ. ଗୁ.

ମିଳିନ୍ଦ, ବି. [ମିଲ୍=(ପୁଷ୍ପରେ) ସଂଲଗ୍ନ ହେବା-ଇନ୍ଦ] ଭ୍ରମର ।

ମିଳିବା, କ୍ରି. (ମିଲ୍ ଧାତୁଜ) ମିଶିବା; ପ୍ରାପ୍ତ ହେବା; ପ୍ରବିଷ୍ଟ ହେବା । ଯଥା—

ମିଳେ ସେ ବନରେ କାମ ଯେଣେ । ବି. ଚ. ମ.

(ମ୍ଳୈ ଧାତୁଜ) କ୍ଳାନ୍ତହେବା ।

ମିଲିମିଲି, କ୍ରି. ବିଂ. (ଦେଶଜ) ଦୀପ ପ୍ରଭୃତିର ଅଳ୍ପ ପ୍ରକାଶ । ଯେପରି—ଦୀପ ମିଲିମିଲି ଜଳୁଅଛି । ଦୃଷ୍ଟିର ନିସ୍ତେଜତା । ଯେପରି—ମିଲିମିଲି ଚାହୁଁଅଛି ।

ମିଶା, ବି. (ମିଶ୍ର୍ ଧାତୁଜ) ମିଶ୍ରଣ । ବିଂ. ମିଶ୍ରିତ । ଯଥା—

ମାଉଁସ ମିଶା ଘିଅ-ଅନ୍ନ ଦଆଇଲେ । କୃ. ଭ. ବ. ପ.

ମିଶାଇବା, ମିସାଇବା, କ୍ରି. (ମିଶ୍ର୍ ଧାତୁଜ) ଯୁକ୍ତ କରିବା, ଏକତ୍ରିତ କରିବା ।

ମିଶାଣ, ବି. (ମିଶ୍ରଣ ଶବ୍ଦଜ) ମିଶ୍ରଣ, ମିଳନ, ଏକତ୍ରିତ ହେବା; ସ୍ନେହ; ଅଙ୍କ କଷିବାର ଏକପ୍ରକାର ନିୟମ । ବିଂ. ଅନ୍ୟ ସଙ୍ଗେ ମିଶି ରହିବାର ସ୍ୱଭାବ ଯାହାର ଅଛି, ସ୍ନେହୀ । ଯଥା—ସେ ବଡ଼ ମିଶାଣ ଲୋକ ।

ମିଶାମିଶି, ମିସାମିସି, ବି. (ଦେଶଜ ପ୍ରାୟ) ଅନ୍ୟୋନ୍ୟ ସଂଯୁକ୍ତ ହେବା । ଯଥା—

ହାବ ନୟନ ମିଶାମିଶି । କୋ. ବ୍ର. ପୁ.

ବିଂ. ମିଶ୍ରିତ । ଯଥା—

ନିର୍ମଳ କୁଟିଳ ମିଶାମିଶି ହୃଦ ଗମ୍ଭୀର ଅଟଇ ଅପାର । ବି. ଚ. ମ.

ମିଶି, ମିସି, ବି. (ଦେଶଜ) ଯେଉଁ ଚୂର୍ଣ୍ଣ ଘଷିଲେ ଦାନ୍ତ କଳା ହୁଏ । ଯଥା—

ମିସି ଘଷିଥିବା ବସିନା ଯେସନ । ଦ. ବା.

ମିଶିବା, } କ୍ରି.(ମିଶ୍ର ଧାତୁଜ) ଏକତ୍ରିତ ହେବା,
ମିସିବା, } ଜଡ଼ିତ ହେବା, ସଂଯୁକ୍ତ ହେବା; ମିତ୍ରତା ସମ୍ପାଦିବା, ସ୍ନେହ ସମ୍ପାଦିବା ।

ମିଶ୍ର, ବିଂ. (ମିଶ୍ର=ମିଶ୍ରିତ କରିବା-ଅ) ମିଳିତ, ସଂଯୁକ୍ତ । (ଅନ୍ୟ ଶବ୍ଦର ପରବର୍ତ୍ତୀ ହେଲେ) ଶ୍ରେଷ୍ଠ; ପୂଜ୍ୟ, ମାନ୍ୟ । ଯେପରି—ଆର୍ଯ୍ୟମିଶ୍ରାଃ । ବି. ବ୍ରାହ୍ମଣମାନଙ୍କ ଉପାଧିବିଶେଷ । ଯେପରି—ଗୋବିନ୍ଦ ମିଶ୍ର; ଆନନ୍ଦ ମିଶ୍ର । ମିଶ୍ରିତ ଦ୍ରବ୍ୟ; ଗଜଜାତି ବିଶେଷ । (ଭଦ୍ରୋ ମନ୍ଦୋ ମୃଗୋ ମିଶ୍ରସ୍ତତସ୍ତ୍ରୋ ଗଜଜାତୟଃ ।)

ମିଶ୍ରଣ,ବି.(ମିଶ୍ର୍-ଅନ) ମିଳନ, ଯୋଗ, ଐକ୍ୟ; ସଙ୍କଳନ । (ବିଶେଷଣରେ ମିଶ୍ରିତ ହୁଏ ।)

ମିଶ୍ରି, ମିଚ୍ଛରି, ବି. (ମତ୍ସ୍ୟଣ୍ଡୀ ଶବ୍ଦଜ) ନବାତ ବା କନ୍ଦରୁ ଯେଉଁ ସୁମଧୁର ଦ୍ରବ୍ୟ ଉତ୍ପନ୍ନ ହୁଏ ।

ମିଷ, ବି. (ମିଷ୍=ସ୍ପର୍ଦ୍ଧା କରିବା-ଅ) ଛଳ, କପଟତା; ସ୍ପର୍ଦ୍ଧନ, ପ୍ରତିଯୋଗିତା; ଈର୍ଷା; ଦର୍ଶନ । (ମିଷ୍=ସେଚନ କରିବା-ଅ) ସେଚନ ।

ମିଷ୍ଟ, ବିଂ. (ମିଷ୍=ଜଳସେକ କରିବା-ତ) ମଧୁର; ସିକ୍ତ; ସ୍ପର୍ଦ୍ଧାଯୁକ୍ତ; ସମସ୍ପୋଟିତ । ବି. ମଧୁର ରସ, ମିଷ୍ଟାନ୍ନ ।

ମିସର, ବି. (ମିଶ୍ର ଶବ୍ଦଜ) ବ୍ରାହ୍ମଣ ଉପାଧି ବିଶେଷ । ଯେପରି—ଅଗାଧୁ ମିସର ।

ମିସଲ, ବି. (ଯାବନିକ) ରାଜଦରବାର; ଅଧିକରଣର ଅଧିବେଶନ ।

ମିହିକା, ବି. ସ୍ତ୍ରୀ. (ମିହ୍=ସେଚନକରିବା-ଅକ-ଆ) ହିମ, ତୁଷାର ।

ମିହିନ, ମିହି, ବିଂ. (ଦେଶଜ) ସରୁ, ପାତଳ ।

ମିହିର, ବି. [ମିହ୍=(କରଣ) ସେଚନକରିବା-ଇର] ସୂର୍ଯ୍ୟ; ମେଘ; ବାୟୁ; ଚନ୍ଦ୍ର; ବୃଦ୍ଧ; ବରାହମିହିରସୂର୍ଯ୍ୟ ।

ମୀନ, ବି. (ମୀ=ବଧକରିବା-ନ) ମତ୍ସ୍ୟ; ରାଶିବିଶେଷ; ବିଷ୍ଣୁଙ୍କ ଅବତାରବିଶେଷ ।

ମୀନକେତନ, ବି.ସଂ.କନ୍ଦର୍ପ; ସମୁଦ୍ର; ଜଳାଶୟ ।

ମୀମାଂସକ, ବି. (ମାନ୍=ବିଚାର କରିବା-ସନ୍-ଅକ) ମୀମାଂସାଶାସ୍ତ୍ରବେତ୍ତା । ବିଂ. ନିଷ୍ପତ୍ତିକାରୀ ।

ମୀମାଂସା, ବି. ସ୍ତ୍ରୀ. (ମାନ୍=ବିଚାର କରିବା-ସନ୍-ଦ୍ୱିତ୍ୱ, ନ=ମ, ଇ ଆଗମ-ଆ) ଜୈମିନିକୃତ ଦର୍ଶନଶାସ୍ତ୍ର; ବେଦାନ୍ତଶାସ୍ତ୍ର; ସିଦ୍ଧାନ୍ତ; ନିଷ୍ପତ୍ତି; ବିଚାର; ଇଚ୍ଛା; ପୂର୍ବାପର ବିରୋଧ ପରିହାର । (ବିଶେଷଣରେ ମୀମାଂସ୍ୟ, ମୀମାଂସିତ ହୁଏ ।)

ମୀଳ, } ବି. (ମୀଲ୍=ଚକ୍ଷୁ ମୁଦ୍ରିତ ହେବା-
ମୀଳନ, } ଅ, ଅନ) ଚକ୍ଷୁ ମୁଦ୍ରିତକରଣ; ସଙ୍କୋଚନ । (ବିଶେଷଣରେ ମୀଳିତ ହୁଏ ।)

ମୁଁ, ମୁ, ସର୍ବ. (ଅସ୍ମଦ୍ ଶବ୍ଦଜ, ପ୍ରାକୃତ ମି ଶବ୍ଦରୁ ଜାତ) ମୁହିଁ ।

ମୁଁକାର, } ବି. (ଦେଶଜ ପ୍ରାୟ) ଅହଙ୍କାର ।
ମୁକାର, } ଯଥା—

ରାକ୍ଷସ ଲୋକମାନେ ମୁକାରେ ନ୍ୟନ୍ତ ହନ । ନୃ.ପ୍ର.ସ.ଚ.

ମୁଆଁ, ମୁହାଁ, ବି. (ଦେଶଜ) ଗୁଡ଼ ଧାନ, ଗୁଡ଼ରେ ପକ୍ୱ ଲିଆ କମ୍ବା ମୁଢ଼ି ।

ମୁକା, ବି. (ଦେଶଜ) ଦଫା; ବିଭାଗ । ଯଥା—

ଷୋଳ ପଦ୍ମ ଅକ୍ଷ ଯେ ସାଜେଣି ଥିବ କର,
ମୁକାମୁକା ହୋଇ ଯୁଦ୍ଧ କରନ୍ତେ ବାହାର । ନୃ.ପ୍ର.ଷ.ଚ.

ମୁକାବିଲ, } ବି. (ଆରବ୍ୟ) ସମ୍ମୁଖରେ
ମୋକାବିଲ, } ଭେଟ; ସାକ୍ଷାତ୍ ।

ମୁକମୁ, ବି. (ଦେଶଜ) ସତ୍ୟନାରାୟଣ ବ୍ରତରେ ପାନ ଉପରେ ଦେଇଥିବା ଉତ୍ସର୍ଗ କଦଳୀ ।

ମୁକୁଟ, ବି. (ମୁନ୍କ୍=ଭୂଷିତ କରିବା-ଉଟ ନିପାତନ) କିରୀଟ, ଶିରୋଭୂଷଣ ।

ମୁକୁଟିଆ, ମୁକୁଟିଯା, ବିଂ. (ସଂସ୍କୃତ ଶବ୍ଦରେ ଓଡ଼ିଆ ପ୍ରତ୍ୟୟ) ଯାହାର ମୁକୁଟ ଅଛି । ଯଥା—

ଚୂଳ ମୁକୁଟିଆ ସଖାମାନେ । କ. ତ. ଚ.

ମୁକୁତା, ବି. (ମୁକ୍ତା ଶବ୍ଦର ଅପଭ୍ରଂଶ) ମୁକ୍ତାରତ୍ନ ।

ମୁକୁତାଜାଲି, ବି. (ମୁକ୍ତା-ଜାଲ ଶବ୍ଦଜ) ଅଳଙ୍କାର ବିଶେଷ । ଯଥା—

ସୁମନେ ଝଲି, ସୁପ୍ରେମେ କାଲି,
ସେ ଯେ ଯାଉଛନ୍ତି ମୁକୁତାଜାଲି । ର. ପ.

ମୁକୁତାସାମୁକା, ବି. (ମୁକ୍ତା-ଶମ୍ବୁକ ଶବ୍ଦଜ) ମୁକ୍ତାସଂପୁଟ ।

ମୁକୁତ, ମୁକତ, ବି. ସ୍ତ୍ରୀ. (ମୁକ୍ତି ଶବ୍ଦର ଅପଭ୍ରଂଶ) ମୁକ୍ତି, ମୋକ୍ଷ ।

ମୁକୁତଆର, ମୁକ୍ତାର, ମୁକ୍ତ୍ୟାର, } ବି. (ଯାବନିକ) ନିମ୍ନ କଚେରିରେ ଯେଉଁମାନେ ଓକିଲାତି କରନ୍ତି । ଯଥା—

ଖାଇଲେଣି ଟଙ୍କା ସବୁ ଓକିଲ ମୁକ୍ତାର । ୱ. ଭ୍ର.

ମୁକୁନ୍ଦ, ବି. (ମୁକୁମ୍ = ମୋକ୍ଷ-ଦା-ଅ) ମୁକ୍ତି-ଦାତା ବିଷ୍ଣୁ; କୁବେରଙ୍କ ନିଧିବିଶେଷ; ପାରଦ, ପାରାରସ ।

ମୁକୁର, ବି. (ମୁନ୍କ୍ = ଭୂଷିତ କରିବା-ଉର ନିପାତନ) ଦର୍ପଣ; ବକୁଳ ବୃକ୍ଷ; କୁଲାଳ-ଦଣ୍ଡ; ମୁକୁଳ; ମଲ୍ଲିକା ପୁଷ୍ପଗଛ ।

ମୁକୁଳ, ବି. [ମୁଚ୍ = (ପୁଷ୍ପାଦି) ମୋଚନ କରିବା-ଉଳ] ଈଷତ୍ ବିକସିତ କଳିକା; ଶରୀର; ଆତ୍ମା । (ବିଶେଷଣରେ ମୁକୁଳିତ ହୁଏ ।)

ମୁକୁଳ, ମୁକୁଳା, ମୁକୁଳି, } ବିଂ. (ମୁକୁଳିତ ଶବ୍ଦର ଅନୁକରଣରେ ସୃଷ୍ଟ) ମେଲା ବା ଖୋଲା; ବନ୍ଧନରହିତ । ଯଥା—

କେଶ କରି ମୁକୁଳ, ଟେକି ବାହୁଯୁଗଳ । ବି. ରା.

ଦ୍ରୌପଦୀଙ୍କର କେଶ ହୋଇଛି ମୁକୁଳି,
ଯେତେ ବୋଇଲେ କେଶ ନ ବାନ୍ଧିଲେ ପାଞ୍ଚାଳୀ ।
ସା. ଭ. ସ.

ଖାଲି ବା ଶୂନ୍ୟ । ଯଥା—

କମ୍ପାଁ ମୁକୁଳା କରି ରଖନ୍ତେ ଏତେ ସ୍ଥାନ । ନୃ.ପୁ.ଚ.ତ.

ବନ୍ଧନରୁ ମୁକ୍ତ ।

ମୁକୁଳାଇବା, କ୍ରି. (ଦେଶଜ ପ୍ରାୟ) ବନ୍ଧନରୁ ମୁକ୍ତ କରିବା; ଋଣ ପରିଶୋଧ କରି ଦାମି ବା ବନ୍ଧକ ପଦାର୍ଥ ଆଣିବା ।

ମୁକୁଳିବା, କ୍ରି. (ଦେଶଜ ପ୍ରାୟ) ମେଲା ବା ଖୋଲା ହେବା; ଋଣାଦି ବନ୍ଧନରୁ ମୁକ୍ତ ହେବା ।

ମୁକ୍ତ, ବିଂ. (ମୁଚ୍-ତ) ମୋକ୍ଷପ୍ରାପ୍ତ; ତ୍ୟକ୍ତ; ଉନ୍ମତ୍ତ; ଉଦ୍ଧୃତ; ଆନନ୍ଦିତ; ନିର୍ମଳ । (ବିଶେଷ୍ୟରେ ମୋଚନ ଏବଂ ମୁକ୍ତି ହୁଏ ।)

ମୁକ୍ତକଣ୍ଠରେ, କ୍ରି. ବିଂ. ଉଚ୍ଚୈଃସ୍ୱରରେ ।

ମୁକ୍ତହସ୍ତ, ବିଂ. ସଂ. ଦାନଶୀଳ ।

ମୁକ୍ତା, ବି. ସ୍ତ୍ରୀ. (ମୁକ୍ତ-ଆ) ରତ୍ନବିଶେଷ ।

ମୁକ୍ତି, ବି. ସ୍ତ୍ରୀ. (ମୁଚ୍-ତି) ନିତ୍ୟ ସୁଖପ୍ରାପ୍ତି; ପରିତ୍ରାଣ, ସଂସାରବନ୍ଧନ ମୋଚନ ।

ମୁଖ, ବି. (ଖନ୍ = ଖୋଳିବା ଅର୍ଥାତ୍ ପୀଡ଼ିତ କରିବା-ଅ, ମ୍ ଆଗମ—ନିପାତନ, ଖନ୍ୟତେ ଭକ୍ଷ୍ୟମନେନେତି ମୁଖଂ, ଏହା-ଦ୍ୱାରା ଭକ୍ଷଦ୍ରବ୍ୟ ପୀଡ଼ିତ ହୁଏ ବୋଲି) ତୁଣ୍ଡ, ଆନନ; ଗୃହାଦିର ଦ୍ୱାର; ନିଃସରଣ ପଥ; ଆରମ୍ଭ; ଅଗ୍ରଭାଗ; ଉପାୟ; ବାକ୍ୟ । ବିଂ. ଆଦ୍ୟ; ପ୍ରଧାନ ।

ମୁଖଚୋରା, ବିଂ. (ଦେଶଜ ପ୍ରାୟ) ଲଜ୍ଜାଶୀଳ, ଲାଜୁକ ।

ମୁଖବନ୍ଧ, ବି. ସଂ. କୌଣସି ଗ୍ରନ୍ଥ ବା ଗଳ୍ପ ରଚନାର ପ୍ରାରମ୍ଭରେ ପ୍ରକୃତ ବିଷୟ ଉଲ୍ଲେଖ କରିବା ପୂର୍ବରୁ ତତ୍‌ସମ୍ବନ୍ଧେ କେତେକ କଥା, ପ୍ରସ୍ତାବନା ।

ମୁଖର, ବିଂ. (ମୁଖ = ମୁଖନିର୍ଗତ ବାକ୍ୟ-ର ଅସ୍ତ୍ୟର୍ଥେ) ନିରନ୍ତର ଭାଷୀ, ଅତିଶୟ ବକ୍ତା, ବାଚାଳ; ଅପ୍ରିୟଭାଷୀ; ଅଗ୍ରଭାଷୀ; ଶବ୍ଦାୟମାନ । ବି. କାକ; ଶଙ୍ଖ ।

ମୁଖରିତ, ବିଂ. (ମୁଖର-ଇତ) ଶବ୍ଦାୟମାନ, ଧ୍ୱନିତ ।

ମୁଖଶାଳ, ବି. (ମୁଖ୍ୟଶାଳା ଶବ୍ଦଜ) ଗୃହାବଳୀର ସମ୍ମୁଖ ଭାଗ ।

ମୁଖାମୁଖି, ବି. ଅନ୍ୟୋନ୍ୟ ସମ୍ମୁଖବର୍ତ୍ତୀ ହେବା; ଦେଖାଦେଖି ।

ମୁଖି, ବି. ( ଦେଶଜ ପ୍ରାପ୍ତ ) ମୁଖରେ ମୁଷ୍ଟି ଆଘାତ, ଗୁନ୍ଦା ।

ମୁଖିଅ, ମୁଖିଆ, ବି. ( ମୁଖ୍ୟ ଶବ୍ଦଜ ) ପ୍ରଧାନ, ଶ୍ରେଷ୍ଠ ।

ମୁଖ୍ୟ, ବିଂ. ( ମୁଖ = ପ୍ରଧାନ-ଯ ଇବାର୍ଥେ ) ପ୍ରଧାନ, ଶ୍ରେଷ୍ଠ; ପ୍ରଥମ, ଆଦିମ ।

ମୁଗ, ମୁଗ୍‌ଗ, ବି.(ମୁଦ୍‌ଗ ଶବ୍ଦଜ ପ୍ରାକୃତ)ମୁଦ୍‌ଗ।

ମୁଗା, ବିଂ. (ମୂକ ଶବ୍ଦଜ)ମୂକ, ବାକ୍‌ଶକ୍ତିହୀନ ।

ମୁଗିର, ମୁଗୁର, ବି. ( ଦେଶଜ ) ଗଣ୍ଡସ୍ଥଳର କର୍ତ୍ତିତ କେଶ । ଯଥା—

କସ୍ତୁରୀ ରଞ୍ଜିଲା ଜଣ ମଧ୍ୟରେ ରଖିଲା,
ଗଣ୍ଡସ୍ଥଳେ ଗାଲମୋଚ୍ଛ ମୁଗୁର ରଖିଲା । ମଂ. ଫ

ମୁଗୁନି, ବି. ( ଦେଶଜ ) କୃଷ୍ଣବର୍ଣ୍ଣ ପ୍ରସ୍ତର-ବିଶେଷ । ଯଥା—

ନୀଳ କଳେବର ମୁଗୁନିପଥର
ଘେନି ଗଢ଼ ନୀଳଗିରି । କ. ମ.

ଏକପ୍ରକାର କଦଳୀ ।

ମୁଗୁର, ବି. (ମୁଦ୍‌ଗର ଶବ୍ଦଜ) ବଡ଼ାଇମାନଙ୍କର ପିଟଣା ଅସ୍ତ୍ରବିଶେଷ; ଯଷ୍ଟି; ଗଦା । (ଡିକନା ଶବ୍ଦ ଦେଖ) । ବ୍ୟାୟାମ କରଣାର୍ଥ କାଷ୍ଠ-ନିର୍ମିତ ଉପକରଣବିଶେଷ ।

ମୁଗୁରି, ମୁଗୁଡ଼ି, ବି. (ଦେଶଜ) ଘୃତ ତୈଳପକ୍ୱ ମିଷ୍ଟାନ୍ନବିଶେଷ । ଯଥା—

ଆନନ୍ଦ ନନ୍ଦ ଆରିସା ମୁଗୁରି ମୁଗୁଡ଼ି,
ନିର୍ବିକାର ଖପୁରି ନବରସ ପାପୁଡ଼ି । ମଂ. ଫ.

ମୁଗୁରି, ବି. ( ଦେଶଜ ) ଗଣ୍ଡସ୍ଥଳର କର୍ତ୍ତିତ କେଶ, ଏକପ୍ରକାର ଗାଲମୋଚ୍ଛ; ଧନୁ ପ୍ରାନ୍ତରେ ଖଚିତ ପ୍ରବାଳାଦିରେ ରଚିତ କାରିଗରିବିଶେଷ । ଯଥା—

ପୋଦ୍ଦୋଳାର ମୁଗୁରି ଚନ୍ଦୁରି ପାଟକମ,
ଧନୁ ଧରି ଟେକିଲେ ବାଜଇ ଝମଝମ । ନୃ.ସ୍ତ.ପ୍ର.ଭ.

ମୁଗୁରୁ, ବି. (ମୁଦ୍‌ଗର ଶବ୍ଦଜ) ଶସ୍ତ୍ରବିଶେଷ । ଯଥା—

ଦେଖିକରି ସୂର୍ଯ୍ୟବଂଶୀ କୋପେ ଗୁରୁତର,
ଦୋକନା ମୁଗୁରୁ ବାଣ ବନ୍ଧ ଲକ୍ଷେ ଶର ।ନୃ.ସ୍ତ.ଦ୍ୱି.ଭ.

ମୁଗ୍ଧ, ବିଂ. (ମୁହ୍‌—ମୋହିତ ହେବା-ତ)ମୂଢ଼; ମୋହବଶ; ସୁନ୍ଦର; ନୂତନ; ମୋହିତ । (ସ୍ତ୍ରୀ. ଆ) ସରଳସ୍ୱଭାବା ନାୟିକା ।

ମୁଚଙ୍ଗ, ବି. ( ପାରସ୍ୟ ଶବ୍ଦ ) ବାଦ୍ୟଯନ୍ତ୍ର-ବିଶେଷ; ଏହା ଦନ୍ତଦ୍ୱାରା କାମୋଡ଼ି ବଜାଇବାକୁ ହୁଏ ।

ମୁଚୁଲକା, ମୁଚଲକା, ମୁଚୂଲିକା, } ବି. (ହିନ୍ଦୀ ବା ଉର୍ଦ୍ଦୁ ଶବ୍ଦ) ଏକରାରପତ୍ର; ପ୍ରତିଜ୍ଞାପତ୍ର ।

ମୁଚୁକୁନ୍ଦ, ମୁଚକୁନ୍ଦ, } ବି. ସଂ. ପୁଷ୍ପବିଶେଷ; ମାନ୍ଧାତା ରାଜାଙ୍କ ପୁତ୍ର; ମୁନିବିଶେଷ ।

ମୁଚୂଳା, ମୁଚୂଳୀ, } ବି. (ଦେଶଜ) ବଡ଼ ମାଣ୍ଡି ବା ଘେରେଟ ଚକଆ । ଯଥା—

ମାଣ୍ଡି ମୁଚୂଳା ଅପସର । ଦା. ର.
କେଶରମାନଙ୍କେ ମନୋହର ମୁଚୂଳୀ । ର.କ.

ମୁଛ, ବି. (ଦେଶଜ) ଶ୍ମଶ୍ରୁ, ଦାଢ଼ି ।

ମୁଛଡ଼ନ, ବି. (ଦେଶଜ) ଅଳ୍ପ ଭଗ୍ନହେବା ।

ମୁଛଡ଼ିବା, କ୍ରି. (ଦେଶଜ) ଅଳ୍ପ ଭାଙ୍ଗିଯିବା । (ଗଡ଼ଜାତରେ) ଠକିବା ।

ମୁଛଦ୍ଦି, ମୁସଦ୍ଦି, ମୁସଦ୍ଧି, } ବି. (ଆରବ୍ୟ ମୁତ୍ସଦ୍ଦି ଶବ୍ଦଜ) ଲେଖକ, ଉତ୍ତମ ଲେଖକ; କାର୍ଯ୍ୟାଳୟର ତତ୍ତ୍ୱାବଧାରକ ।

ମୁଜମଦାର, ମଜମଦାର, ମୁଜୁମୁଦାର, } ବି. ( ଯାବନିକ ) ଉପାଧିବିଶେଷ ।

ମୁଞ୍ଚା, ବି. (ମୁଞ୍ଚ୍ ଧାତୁଜ) ତ୍ୟାଗ । ବିଂ. ଯେ ତ୍ୟାଗ କରେ; ତ୍ୟକ୍ତ ।

ମୁଞ୍ଚିବା, କ୍ରି. ( ମୁଞ୍ଚ୍ ଧାତୁଜ ) ତେଜିବା । ଯଥା—

ସକଳ ତାପ ମନରୁ ମୁଞ୍ଚି । ବି. ଚି.

ମୁଞ୍ଜ, ବି. (ମୁଞ୍ଜ୍ —ଶବ୍ଦ କରିବା-ଅ)ରଜ୍ଜୁସାଧନ ତୃଣବିଶେଷ; ଏଥିରେ ବ୍ରହ୍ମଚାରୀଙ୍କ ମେଖଳା ନିର୍ମିତ ହୁଏ । ଯଥା—

ବକ୍ଷାନ୍ତେ ଉପବୀତରେଖା କୃଶକଟିତଟରେ
ମୁଞ୍ଜଜା କାଞ୍ଚିଖଣ୍ଡ । ଜା.ପ.ନା.

ମୁଠା, ବି. ( ମୁଷ୍ଟି ଶବ୍ଦଜ ) କୁଞ୍ଚିତକରତଳ । ଯଥା—
ପାରଦ ରହିବ ମୁଠା ଭିତରେ କେସନେ । ଲ. ବି.
ଖଡ଼୍ଗାଦିର ମୂଳଭାଗ; ଏକପ୍ରକାର ଗୁମ୍ବର; ଦେଶର ବିଭାଗବିଶେଷ; ମହକୁମା ।

ମୁଠାଅଜ୍ଞା, ମୁଠାଜ୍ଞା, } ବି. (ଦେଶଜ) ରାଜାଙ୍କ ଆଦେଶ, ଗୁରୁଙ୍କ ଆଜ୍ଞା ।

ମୁଠାଇବା, ମୁଠେଇବା, } କ୍ରି. ( ଦେଶଜ ) ମୁଠାରେ ଧରିବା ।

ମୁଠି, ମୁହଠି, ବି.(ମୁଷ୍ଟି ଶବ୍ଦଜ ପ୍ରାକୃତ)ଭଣ୍ଡାର ବା ବାଉଁଶମାନଙ୍କର ଖୁଦ ଆଦି ରଖିବାର ଥଳି; ଅସ୍ତ୍ରଶସ୍ତ୍ରର ମୂଳଭାଗ; କୁଞ୍ଚିତ-କରତଳ ବା ମୁଠା; ବିଡ଼ା । ଯଥା—
ବେଳ ପହରକେ ଶେଯରୁ ଉଠି,
ଧୀରେ ଯାଇ ଧରେ ଖଡ଼୍ଗକା ମୁଠି । ହା. ତ.
ଏକମୁଷ୍ଟିପ୍ରମାଣ । ଯଥା—
ଶଙ୍ଖା ଦୁଇ ମୁଠିକ ଦୁଇ ହାତେ ଲଇ ।
ବାଲକୁ ବେଣୀ କରି ତା ଦେଲେ ଲମ୍ବାଇ ।
କୃ. ଭା. ବି. ପ.
ବପନାର୍ଥ ଧାନ୍ୟମୁଷ୍ଟି ।

ମୁଠିଆଇବା, କ୍ରି. ମୁଠାରେ ଧରିବା; କରତଳକୁ ମୁଠା କରିବା ।

ମୁଠୁଣି, ବି. (ମୁଷ୍ଟ୍ୟୂନ ଶବ୍ଦଜ) କହୁଣିଠାରୁ କୁଞ୍ଚିତକରତଳ ପର୍ଯ୍ୟନ୍ତ ଭାଗ; ଚେତକ ପରିମାଣ ।

ମୁଡ଼, ବି. (ଗଡ଼ଜାତରେ) ମୁଣ୍ଡ ।

ମୁଡ଼ଣ, ମୁଡ଼ନ, ବି. (ମୁଣ୍ଡନ ଶବ୍ଦଜ) କେଶ-ଚ୍ଛେଦନ, ମୁଣ୍ଡିତ ହେବା ।

ମୁଡ଼ମୁଡ଼ଆ, ମୁଡ଼ୁମୁଡ଼ଆ, ମୁଡ଼ମଡ଼ଆ, } ବିଂ. ( ଦେଶଜ ) ଅତି ଶୁଷ୍କ; ଚୂର୍ଣ୍ଣନ-ଯୋଗ୍ୟ, ଯାହା ସହଜରେ ଚୂର୍ଣ୍ଣିତ ହୋଇ ପାରେ; ଖରାରେ ପଡ଼ି ଶୁଖି ଶୁଖି ଅତି କ୍ଷୀଣ ହୋଇଥିବା ।

ମୁଡ଼ି, ମୁଢ଼ି, ବି. (ଦେଶଜ) ଏକପ୍ରକାର ଭୁଜା; ଭଜାଗୁଡ଼ିଳ; ଭଜାଚୁଡ଼ା ।

ମୁଡ଼କ, ମୁରକ, କ୍ରି. ବିଂ. (ଦେଶଜ, ହାସର ସହିତ ଅନ୍ୱିତ) ଈଷତ୍ । ଯେପରି— ମୁଡ଼କହସା, ମୁଡ଼କ ମୁଡ଼କ ହସିଲା ।

ମୁଡ଼ୁକ, ବି. (ଦେଶଜ) ସଢ଼େଇ ଅଳ୍ପ ବାନ୍ଧି ଆସୁଥିବା ଅଳ୍ପ ପାଣିଯୁକ୍ତ ନଡ଼ିଆକଷି । ଯେପରି—ନାରିକେଳକୁ ପ୍ରଥମତଃ ଗୋଟମା, ତା ପରେ ମୁଡ଼ୁକ, ତା ପରେ ପଇଡ଼, ପରିଶେଷରେ ନଡ଼ିଆ ବୋଲାଯାଏ ।

ମୁଡ଼ୁଗା, ବି. (ସମ୍ବଲପୁର ଅଞ୍ଚଳରେ) ସଜନା, ସଜନାଗଛ ।

ମୁଣା, ମୁଣି, ବି. (ଦେଶଜ) ଥଳି, ଝୋଲି । ଯଥା—
ହରିଗୋବିନ୍ଦ ମୁଣି (ମୁଣା) ଧଇଲେ ଧନଞ୍ଜୟେ ।
ସା ଭା. ଆ.

ମୁଣାଳ, ବି. (ମୃଣାଳ ଶବ୍ଦଜ ପ୍ରାକୃତ) ମୃଣାଳ, ପଦ୍ମମୂଳ ।

ମୁଣ୍ଡୁହୁଁ, କ୍ରି. ବିଂ. (ଦେଶଜ) ଆଦୌ ବା ପ୍ରଥମରୁ ।

ମୁଣ୍ଡ, ବି. ( ମୁଣ୍ଡ୍ =ଛେଦନ କରିବା-ଅ ) ମସ୍ତକ; ସ୍ଥାଣୁବୃକ୍ଷ; ରାହୁଗ୍ରହ; ନାପିତ । ବିଂ. ମୁଣ୍ଡିତ ।

ମୁଣ୍ଡକାଟ, ବି. (ମୁଣ୍ଡ କର୍ତ୍ତନ ଶବ୍ଦଜ) ଶିର-ଶ୍ଛେଦନ । ବିଂ. ଯାହାର ଶିରଚ୍ଛେଦିତ ହୁଏ । ଯଥା—
ସେ ଦୋଷ କ୍ଷୟଯାଇ ହୋଇଲେ ମୁଣ୍ଡକାଟ ।
ନୃ. ପୁ. ପ୍ର. ତ.

ମୁଣ୍ଡକ, ବି. (ମୁଣ୍ଡ୍-ଅକ) ନାପିତ ।

ମୁଣ୍ଡନ, ବି. (ମୁଣ୍ଡ୍-ଅନ) କ୍ଷୌର, ବପନ । (ବିଶେଷଣରେ ମୁଣ୍ଡିତ ଏବଂ ମୁଣ୍ଡୀ ହୁଏ ।)

ମୁଣ୍ଡପୋଡ଼ା, ବି.(ଦେଶଜ) ଏକପ୍ରକାର ଗାଳି ।

ମୁଣ୍ଡପୋଡ଼ୀ, ବି. ସ୍ତ୍ରୀ. (ଦେଶଜ) ସ୍ତ୍ରୀଜାତିର ଗାଳିବିଶେଷ । ଯଥା—
ଆଲୋ ରଣ୍ଡି ଆଲୋ ମୁଣ୍ଡପୋଡ଼ୀ ବୋଲି,
ସେ ଦେଶ ସ୍ତ୍ରିମାନେ ହୁଅନ୍ତି ବୋଲବୋଲି ।
କୃ. ଭା. କ. ପ.

ମୁଣ୍ଡବଉଳ, ବି. (ଦେଶଜ) ମୁଣ୍ଡ ବା ଉପର ବଉଳଫୁଲବର୍ଣ୍ଣ ସରୁ ଓ ଅଳ୍ପ ଲମ୍ବ ଶୁକ୍ଲଧାନବିଶେଷ ।

ମୁଣ୍ଡଳା, ବି. (ମଣ୍ଡଳ ଶବ୍ଦଜ) ମଣ୍ଡଳାକାର ଟିକା । ଯଥା—
କପାଳରେ ଦେଲେ ନେଇ ସିନ୍ଦୁର ମୁଣ୍ଡଳା । ମଂ.ଫ.

ମୁଣ୍ଡା, ବି. (ଦେଶଜ ପ୍ରାୟ) କାଷ୍ଠର ଗଣ୍ଡି । ଯଥା—

ବହିଥିଲେ ପଳାଶବୃକ୍ଷର ମୁଣ୍ଡାଟିଏ । କୃ.ଖ୍ରୀ.ଆ.ପ.

ଲଣ୍ଡାଗଛ । ଯଥା—

ଏ ସକାଶୁଁ ରଥମାନେ ମୁଣ୍ଡାତାଳ,
ନିନ୍ଦା କଲେ ରଥିଏ ନିନ୍ଦଲେ କପାଳ । କୃ.ଖ୍ରୀ.ଖ୍ରୀ.ପ.

ପରିବାରର ସମସ୍ତେ ମୃତ ହେଲା ପରେ ଯେ ଏକାକୀ ହୋଇ ରହେ । ଯଥା—

ମୁଣ୍ଡା ହୋଇ ବସିଛୁ ତା ପୁଅ ନାତିଯାକ,
ସବୁ ଦେଇ ଗରୁଡ଼କୁ ହୋଇଛୁ ଉତ୍ସୁକ । ନୃ.ପୁ.ପ.ତ.

ଶେଷଭାଗ; ଗମ୍ବିରଜମି ।

ମୁଣ୍ଡାଇବା, } କ୍ରି. (ଦେଶଜ ପ୍ରାୟ) ମସ୍ତ-
ମୁଣ୍ଡିଆଇବା, } କରେ ବହିବା; ମୁକୁଟାଦି ମସ୍ତକରେ ଧାରଣ କରିବା । ଯଥା—

କେ ଚଉତନା କେ ପାଗ ମୁଣ୍ଡେ ମୁଣ୍ଡିଆଇ । ଲ. ବ

ଗୋରୁ ପ୍ରଭୃତି ମୁଣ୍ଡଦ୍ୱାରା ପ୍ରହାର କରିବା; ମୁଣ୍ଡଦ୍ୱାରା ପେଲିବା । ଯଥା—

ଅଧୋମୁଖେ ରହିଣ ପେଲଇ ମୁଣ୍ଡିଆଇ । ନୃ.ପୁ.ଭୃ.ତ.

ମୁଣ୍ଡାପଥର, ବି. ବଡ଼ ଗୋଟା ପଥର ।

ମୁଣ୍ଡାମୁଣ୍ଡି, ବି. (ଦେଶଜ) ପ୍ରାନ୍ତ; ନିଃଶେଷ ।

ମୁଣ୍ଡି, ବି. (ମୁଣ୍ଡ ଶବ୍ଦର ଅନୁକୃତ) ଡେମ୍ଫ; କାଷ୍ଠଗଣ୍ଡି; ଗ୍ରାମାଦିର ଶେଷଭାଗ ।

ମୁଣ୍ଡିଆ, ବି. ମୁଣ୍ଡଦ୍ୱାରା ଆଘାତ ବା ପ୍ରହାର ।

ମୁଣ୍ଡିଚଣା, ବି. (ମୁଣ୍ଡଚଣକ ଶବ୍ଦଜ) ଏକ-ପ୍ରକାର ଚଣା ।

ମୁଣ୍ଡେଇ, } ବି. (ମଣ୍ଡପ ଶବ୍ଦଜ) ଗୃହ-
ମୁଣ୍ଡୋଇ, } ସମ୍ମୁଖସ୍ଥ ମଣ୍ଡପ; ମଠ; ଦେବ-ମନ୍ଦିର । ଯଥା—

ପହରକ ଭିତରେ ପ୍ରବେଶ ହେଲେ ଯାଇ,
କନକାବତୀ ନଗ୍ରର ପଶ୍ଚିମ ମୁଣ୍ଡୋଇ । ନ.ପୁ.ଚ.ତ.

ମୁତ, ମୁତ୍ର, ବି. (ମୂତ୍ର ଶବ୍ଦଜ ପ୍ରାକୃତ) ମୂତ୍ର ।

ମୁତଏନ, ବି. (ଯାବନିକ) ନିଯୁକ୍ତ । ଯଥା—

ଏକ ଜାଗାର କାମ ସରିଗଲେ ଅନ୍ୟ ଜାଗାର ଅଲଆ ସଫା କରିବା ସକାଶେ ତାହାଙ୍କୁ ମୁତଏନ କରାଯାଏ । ଉ. ସା. ୧୧. ୬.

ମୁତା, ବି. (ଦେଶଜ) ମୂତ୍ରତ୍ୟାଗ କରିବା ।

ମୁତା, ମୁନ୍ତା, ବି. (ଦେଶଜ) ଡ଼ାଳ, ଲୋଟା ।

ମୁତାବକ, ବି. (ଯାବନିକ) ମନର ଇଚ୍ଛା; କ୍ରମ । କ୍ରି. ବିଂ. ପ୍ରକାରେ; ଅନୁସାରେ ।

ମୁତିବା, କ୍ରି. ମୂତ୍ରତ୍ୟାଗ କରିବା ।

ମୁତୁରା, ବିଂ. (ଦେଶଜ) ଯେ ଅଧିକ ମୂତ୍ରତ୍ୟାଗ କରେ ।

ମୁତୁରୀ, ବି. ସ୍ତ୍ରୀ. ଯେ ସ୍ତ୍ରୀ ଅଧିକ ମୂତ୍ରତ୍ୟାଗ କରେ ।

ମୁଥ, ବି. (ମୁଷ୍ଟି ଶବ୍ଦଜ) ଖୁନ୍ଦା । ଯଥା—

କଲା ଶ୍ରୀକୃଷ୍ଣଙ୍କୁ ମୁଥେ ପ୍ରହାର । ର. କ.

ବାର କମ୍ବା ଥର ।

ମୁଥଡ଼ା, ମୁଥୁଡ଼ା, ବିଂ. (ଦେଶଜ) ଦାଢ଼ି ବା ଧାଉରହିତ ।

ମୁଥା, ମୁଥିଆ, ବି. (ମୁସ୍ତ ଶବ୍ଦଜ ପ୍ରାକୃତ) ଘାସର ମୂଳବିଶେଷ । (କୁଡ଼ ଶବ୍ଦ ଦେଖ ।)

ମୁଥାମୁଥି, କ୍ରି. ବିଂ. ଥରକୁଥର । ବି. ଅନ୍ୟୋନ୍ୟ ମୁଷ୍ଟି ପ୍ରହାର କରିବା । ଯଥା—

ମୁଷ୍ଟାମୁଷ୍ଟି ମୁଥାମୁଥି କରୁଛନ୍ତି ରଣ । ମ. ଯା.

ମୁଦ୍, ମୁଦା, ବି. ସ୍ତ୍ରୀ. (ମୁଦ୍ = ହୃଷ୍ଟହେବା-କ୍ୱିପ୍-ଆ) ପ୍ରୀତି; ହର୍ଷ; ସନ୍ତୋଷ; ଭାର୍ଯ୍ୟା । (ବିଶେଷଣରେ ମୁଦିତ ହୁଏ ।)

ମୁଦ, ବି. (ମୁଦ୍ରଣ ଶବ୍ଦଜ) ମୁଦ୍ରଣ । ଯଥା—

ବିଶ୍ୱରାଜ ତେଜ ଭଣ୍ଡାର ମେକାପ
ପଦ୍ମିନୀ ମୁଦକରଣ । ଯ. କେ.

ଚିଠାଉ । ଯଥା—

କାରଣ ରହିବ ପଠିଆଉଥିବୁ
ତୋର ଶ୍ରୀକର ମୁଦକୁ । ପ୍ରେ.ସୁ.ନି.

ମୁଦା, ବି.(ଦେଶଜ, ଏହି ଅର୍ଥରେ ତୈଲଙ୍ଗରେ ମଧ୍ୟ ବ୍ୟବହୃତ ଅଛି) ଗୁଳା । ଯଥା—

ତୁଣ୍ଡେ ନୃସିଂହ ନାମ ଧରି,
ବଲଲେ ମୁଦା ମୁଦା କରି । ଦା. ର.

(ମୁଦ୍ରଣ ଶବ୍ଦଜ) ମୁଦ୍ରଣ । ବିଂ. ମୁଦ୍ରିତ ।

ମୁଦାଲ୍, ବି. (ଯାବନିକ) ଯାହା ନାମରେ ମକଦ୍ଦମା କରାଯାଏ । ( ଏହାକୁ ଗଞ୍ଜାମ-ଅଞ୍ଚଳରେ ମୁଦାଇ କହନ୍ତି ।)

ମୁଦ, ମୁଦୀ, ମୁଦି, ବି. ସ୍ତ୍ରୀ. (ମୁଦ୍ରିକା ଶବ୍ଦଜ, ପ୍ରାକୃତ ମୁଦିଆରୁ ଜାତ) ମୁଦ୍ରିକା । (ଦେଶଜ) ଦୋକାନୀ ଅର୍ଥାତ୍ ନାନାଦ୍ରବ୍ୟ ବ୍ୟବସାୟୀ ।

ମୁଦଆ, ବି. (ପ୍ରାକୃତ ମୁଦିଆ ଶବ୍ଦଜ) ମୁଦ; ମୁଦ୍ରିକାକାର ବଳୟ । ଯଥା—

ମୋଡ଼ା ନ ପଡ଼ିବାକୁ ଗୁଣର ମୁଦଆକୁ,
ଖଞ୍ଜିଦେଲେ ନକୁଳ ଏ ଡାଳ ସେ ଡାଳକୁ ।
କୃ. ଭା. ବି. ପ.

ମୁଦିବା, କ୍ରି. (ମୁଦ୍ର୍ ଧାତୁଜ) ମୁଦ୍ରିତ କରିବା । (ମୁଦ୍ ଧାତୁଜ) ତୋଷିବା ।

ମୁଦିର, ବି. (ମୁଦ୍ = ହୃଷ୍ଟ ହେବା-ଇର ନାମାର୍ଥେ) ମେଘ; ଭେକ । ବିଂ. କାମୁକ ।

ମୁଦିରଥ, ବି. ( ଦେଶଜ ) ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସେବକବିଶେଷ । ଯଥା—

ଏହି ନାୟିକାରୁ ପୁଣି ଆଠସସ୍ତ୍ର ଯିବେ,
ପଣ୍ଡା ପଡ଼ିହାରୀ ପଶୁପାଳକ ହୋଇବେ ।
ଗୁଗଡ଼ା ମେହେକାପ ସୁଆର ମୁଦିରଥ,
ଏମାନେ ସେବା କରି ପୂଜିବେ ଜଗନ୍ନାଥ । ନୃ. ପୁ. ଚ. ଚ.

ମୁଦିରୀ, ବି. (ଦେଶଜ) ଯେ ମୁଦି ତୟାରି କରି ବିକ୍ରୟ କରେ । ଯଥା—

ବାଡ଼ିରେ ମୁଦିରୀ ରଖିଛୁ ମନ କଲେ ମୁଦି ପିନ୍ଧିବ ।
ଉ. ସା.

ମୁଦୃଗର, } ବି. (ମୁଦ୍ଗର ଶବ୍ଦଜ) ଅସ୍ତ୍ର-
ମୁଦଗର, } ବିଶେଷ ।

ମୁଦୁଡ଼ି, ବି. (ଦେଶଜ) ଅଳଙ୍କାରବିଶେଷ । ଯଥା—

ମୁକୁଟ କୁଣ୍ଡଳ ତାଡ଼ ବିଦ ଯେ ମୁଦୁଡି,
ଅଷ୍ଟରତ୍ନେ ଖଞ୍ଜି ଛନ୍ତି ଏହା ସବୁ ଗଢ଼ି । ସା. ଭା. ସ.

ମୁଦୁସୁଲି, ବି. ସ୍ତ୍ରୀ. (ଦେଶଜ) ଅନ୍ତଃପୁରର ପୋଇଲି ବା ଦାସୀ ।

ମୁଦେଇ, ବି. (ଯାବନିକ) ବାଦୀ, ଯେ ଗୁହାରି କରେ ।

ମୁଦ, ବି. (ମୁଦ୍-ଗ) ସ୍ୱନାମପ୍ରସିଦ୍ଧ ଶସ୍ୟ-ବିଶେଷ; ଜଳବାୟସ; ପାଣିକୁଆ ।

ମୁଦ୍ଗର, ବି. ( ମୁଦ୍ = ହର୍ଷ-ଗୃ = ଭକ୍ଷଣ କରିବା-ଅ ) ଯଷ୍ଟିବିଶେଷ, ଗଦା ।

ମୁଦାଇ, ବି. (ଆରବ୍ୟ) ବାଦୀ; ବିଗ୍ରହାର୍ଥୀ; ଶତ୍ରୁ ।

ମୁଦ୍ରଣ, ବି. (ମୁଦ୍ର୍-ଅନ) ମୁଦ୍ରିତକରଣ; ନିୟମନ; ମୁଦ୍ରିକା, ଆଙ୍ଗୁଠିରେ ମୁଦ ।

ମୁଦ୍ରା, ବି. ସ୍ତ୍ରୀ. (ମୁଦ୍ = ହୃଷ୍ଟହେବା-ର-ଆ) ମୋହର; ଛାପ; ଟଙ୍କା; ଧନ; ପ୍ରତ୍ୟୟ-କରଣ; ମୋହର କରିବା ଛାପା; ଛାପାର ଅକ୍ଷର; ଖୋଦିତ ଲିପି; ଆକାର; ସୀମା; ଗାନାଦି ସମୟରେ ହସ୍ତ ମୁଖାଦିର ଭଙ୍ଗୀ; ବିନ୍ୟାସ; ନିୟମନ; ତୁଷ୍ଣୀମ୍ଭାବ; ଦେବ ପୂଜା ସମୟରେ ଅଙ୍ଗୁଳ୍ୟାଦି ସନ୍ନିବେଶ-ବିଶେଷ । (ବିଶେଷଣରେ ମୁଦ୍ରିତ ହୁଏ ।)

ମୁନ, ବି. (ଦେଶଜ) ଅସ୍ତ୍ରାଦିର ଧାର ବା ଦାଢ଼; ପଥର ପ୍ରଥମେ ହାଣିବା ଅସ୍ତ୍ର; ଅଗ୍ରଭାଗ । ଯଥା—

ରାମ ରୁପିଲେ ବାମ ଅଙ୍ଗୁଷ୍ଠି ମୁନ । ବି. ରା.

ମୁନଫା, } ବି. ( ଆରବ୍ୟ ଶବ୍ଦ ) ନଫା,
ମୁନାଫା, } ଲାଭ ।

ମୁନସଫ, } ବି. (ଆରବ୍ୟ) ନିମ୍ନ ଅଦାଲତର
ମୁନ୍‌ସଫ, } ପ୍ରଧାନ କର୍ମଚାରୀ ବା ଅଧିକାରୀ ।

ମୁନ୍‌ସୀ, } ବି. ( ପାରସ୍ୟ ) ଲେଖକ;
ମୁନ୍‌ସି, } ପଣ୍ଡିତ ।

ମୁନସୀବ, ବିଂ. (ଆରବ୍ୟ) ଉପଯୁକ୍ତ, ଯୋଗ୍ୟ । ବି. ସୁବିଧା ।

ମୁନି, ବି. (ମନ୍ = ଜାଣିବା-ଇ, ଅ = ଉ, ଯେ ଧର୍ମାଦି ଜାଣନ୍ତି) ଋଷି । ବିଂ. ମନନଯୁକ୍ତ; ଜ୍ଞାନୀ । (ଦେଶଜ) ରାଉଳ ସଦୃଶ ଶିବପୂଜକ ଶୂଦ୍ରଜାତିବିଶେଷ ।

ମୁନିଆଁ, ମୁନିଆ, ବି. (ଯାବନିକ) ଭୂମି-ସମ୍ବନ୍ଧୀୟ ଗୋଳା; ପକ୍ଷିବିଶେଷ । ଯଥା—

ସାରୀ ସୁଆ ଶାମା ତୁଣ୍ଡି ଚଷାପୁଅ ଦଗ୍ଧୀଳ ପୁଣି ମୁନିଆ ।
ଯ. କେ.

ବିଂ. ତୀକ୍ଷ୍ଣୀକୃତ, ଶାଣିତ ।

ମୁନିଙ୍ଗା, ବି. (ଦେଶଜ) ସଜନାଗଛବିଶେଷ ।

ମୁନିବ, ମୁନିବ, ବି. (ଯାବନିକ) ପ୍ରଭୁ ବା ରାଜା; ମୁରବି; କର୍ତ୍ତା ।

ମୁନିଷି, ବି. (ମନୀଷୀ ପଦ ଜାତ) ପଣ୍ଡିତ, ଭଦ୍ରଲୋକ ।

ମୁନସି, ବି. (ହିନ୍ଦୀ) ଅଫିସର ପ୍ରଧାନ କର୍ମଚାରୀ ।

ମୁନହି, } ବି. (ଦେଶଜ) ଚର ବା ଦୂତ ।
ମୁନେହି, } ଯଥା—

ମୁନହ କ ନ କହିଲ ବାରତା ଯେ ଭୁଲୁ । ସା.ଭା.ସ.
ଆଗ ହୋଇ ଚଳଗଲେ ତହିଁ ସେ ମୁନେହ,
ଭୀମସେନ ବସିଛନ୍ତି ମଳସ୍ଥରେ ଯାଇ । ସା. ଭା. ସ.

ମୁନ୍ଦୁରା, } ବି. (ମନ୍ଦୁରା ଶବ୍ଦଜ) ଘୋଡ଼ାଶାଳ;
ମୁନ୍ଦୁରି, } ମସିଣା, ତୃଣନିର୍ମିତ ଆସନବିଶେଷ ।

ମୁଫତି, ବିଂ. (ଯାବନିକ) ବ୍ୟବସ୍ଥାପକ ।

ମୁମୁକ୍ଷା, ବି. ସ୍ତ୍ରୀ. (ମୁଚ୍ = ମୁକ୍ତ ହେବା-ସନ୍-ଦ୍ୱିତ୍ୱ-ଆ) ମୋକ୍ଷେଚ୍ଛା; ବନ୍ଧନରୁ ମୁକ୍ତ ହେବାର ଇଚ୍ଛା । (ବିଶେଷଣରେ ମୁମୁକ୍ଷୁ ହୁଏ ।)

ମୁମୂର୍ଷା, ବି. ସ୍ତ୍ରୀ. (ମୃ = ମରିବା-ସନ୍-ଇଚ୍ଛାର୍ଥେ-ଦ୍ୱିତ୍ୱ-ଆ) ମରଣେଚ୍ଛା । (ବିଶେଷଣରେ ମୁମୂର୍ଷୁ ହୁଏ ।)

ମୁରଗ, ବି. (ପାରସ୍ୟ ଶବ୍ଦ) କୁକ୍କୁଟ ।

ମୁରଗୀ, ମୁର୍ଗୀ, ବି. ସ୍ତ୍ରୀ. (ପାରସ୍ୟ ଶବ୍ଦ) ମାଈକୁକୁଡ଼ା; କୁକୁଡ଼ା ଘର ।

ମୁରଜ, ବି. ସଂ. ବାଦ୍ୟଯନ୍ତ୍ରବିଶେଷ, ମୃଦଙ୍ଗ ।

ମୁରବା, ବି. (ଦେଶଜ) ମିଷ୍ଟାନ୍ନବିଶେଷ, ମିଠାଇ ।

ମୁରବି, ବି. (ଯାବନିକ) ଅଧିକାରୀ; ସ୍ୱାମୀ; କର୍ତ୍ତା ।

ମୁରଲୀ, ବି. ସ୍ତ୍ରୀ. ସଂ. ବଂଶୀ ।

ମୁରାଟ, ବିଂ. (ଦେଶଜ, ଏହି ଶବ୍ଦଟି ସାରଳା-ଭାରତ ପ୍ରଭୃତି ପ୍ରାଚୀନ ପୁରାଣମାନଙ୍କରେ ନାନା ଅର୍ଥରେ ବ୍ୟବହୃତ ହୋଇଅଛି) ମୁଖ୍ୟ, ପ୍ରଧାନ । ଯଥା—

ପିତାର ବଚନ ଶୁଣି ଭୀଷ୍ମ ଯେ ମୁରାଟ,
ଧାତକାରେ ବାହାର ଯେ କରଲେ ମୁକୁଟ । ସା.ଭା.ଆ.

ସୁନ୍ଦର, ଶୋଭମାନ । ଯଥା—

ପଣ୍ଡୁରାମ ପ୍ରାତ୍ୟେକ ଷଢ଼ି ପଣକୁ ଅଟ,
କନ୍ଦର୍ପରୂପରୁ ଦଶ ଦ୍ୱିଗୁଣ ମୁରାଟ । ନୃ.ପୁ.ଭ.ଭ.

ଭ୍ରୂଭଙ୍ଗୀକୁଟିଳ । ବି. ଭ୍ରୂଭଙ୍ଗୀ; ଆଖି-ତରାଟିବା ।

ମୁରାଟିବା, କ୍ରି. (ଦେଶଜ) ତରାଟି ଚାହିଁବା ।

ମୁରୁକ, ମୁରକ, ଅଂ. (ଦେଶଜ) ହାସର ଅନୁକରଣ ।

ମୁରୁକହସା, ବି. (ଦେଶଜ) ମନ୍ଦହାସ । ଯଥା—

ମାରନ୍ତି ଆଖିଲତା ମୁରୁକହସା ଦେଇ । ନୃ.ପୁ.ଭୃ.ଭ.

ମୁରୁକୁଟିଆ, ମୁକୁଟିଆ, ବିଂ. (ଦେଶଜ) ସୁକୁଟା, କ୍ଷୀଣ ।

ମୁରୁଖ, ବିଂ. (ମୂର୍ଖ ଶବ୍ଦଜ) ମୂର୍ଖ ।

ମୁରୁଗ, ବି. (ମୃଗ ଶବ୍ଦଜ) ମୃଗ ।

ମୁରୁଗା, ମୁଗା, ମୁର୍ଗା, ବି. (ମୂର୍ବା ଶବ୍ଦଜ) ସ୍ୱନାମପ୍ରସିଦ୍ଧ ଔଷଧି ଗୁଳ୍ମବିଶେଷ ।

ମୁରୁଚା, ବି. (ଦେଶଜ) ବ୍ୟବହାର ବିନା ଅନେକ ସମୟ ପଡ଼ି ରହିଥିବା ଲୌହ ଶସ୍ତ୍ରାଦିରେ ଲଗ୍ନ କଳଙ୍କ; ଗଡ଼ବନ୍ଦୀ ବା ଦୁର୍ଗର ପ୍ରାଚୀରର ଚାରି କୋଣରେ ସୈନ୍ୟ ଓ ବାରୁଦ ରଖିବାପାଇଁ ନିର୍ମିତ ଉଚ୍ଚ ଗୃହବିଶେଷ । ଯଥା—

ମୁରୁଚା କରିବି ମୁଁ ପଞ୍ଜରର ଆଶ୍ରେ କରି,
ଶ୍ରୀମହାବାହୁ ନଳି କରରେ ଥିବ ଧରି । ମଂ. ସଂ.

ମୁରୁଚ୍ଛା, ମୁଚ୍ଛା, ବି. (ମୂର୍ଚ୍ଛା ଶବ୍ଦଜ) ମୂର୍ଚ୍ଛା, ମୋହ । (ଦେଶଜ) ତ୍ୟାଗ ।

ମୁରୁଚ୍ଛିତ, } ବିଂ. (ମୂର୍ଚ୍ଛିତ ଶବ୍ଦଜ) ମୂର୍ଚ୍ଛା-
ମୁଚ୍ଛିତ, } ଯୁକ୍ତ । ଯଥା—

ପ୍ରାଣ ହୋଇଲା କଣ୍ଠାଗତ, ସହସ୍ର ଫଣା ମୁରୁଛିତ ।

ମୁରୁଚ୍ଛିବା, } କ୍ରି. (ଦେଶଜ) ଚେଙ୍ଗିବା ।
ମୂର୍ଚ୍ଛିବା, ମୁଚ୍ଛିବା, } ଯଥା—

ଅରେ ପିଇ ଆହା ପାଣିବ ଜ କାହା ନେଇ ମୁରୁଛୁ ।
ଉଷା ।

ମନୁ ମୁଚ୍ଛନ୍ତି ବା ସ୍ୱପନ ବୋଲି । ସଙ୍ଗୀତ ।

ମୁରୁଜ, ବି. (ଦେଶଜ) ଝୋଟି ଦେବାପାଇଁ ନାନାବର୍ଣ୍ଣ ଚୂର୍ଣ୍ଣ । ଯଥା—

ଗୋମୟ ଲେପି ମୁରୁଜ ଲେଖିଲେ କାମିନୀ । ମଂ. ସଂ.

ମୁରୁଣାଳ, ବି. (ମୃଣାଳ ଶବ୍ଦଜ) ମୃଣାଳ, ପଦ୍ମମୂଳ ।

ମୁରୁଧୁନା, ମୁର୍ଦ୍ଧନା, ବି. ( ମୂର୍ଦ୍ଧନ୍ ଶବ୍ଦଜ ) ମସ୍ତକ । ବିଂ. ଶ୍ରେଷ୍ଠ । ଯଥା—

ଏହି ତିନ ନାମ ମହାମନ୍ତ୍ରକୁ ମୁର୍ଦ୍ଧନା । ନୃ. ପୃ. ତୃ. ତ.

ମୁର୍ଚ୍ଛିକା, ମୁର୍ଚ୍ଛିକଆ, ମୁର୍ଚ୍ଛିକା, } ବି. ( ମୃତକ ଶବ୍ଦଜ ) ମୃତାଶୌଚ ।

ମୁଦାର, ବି. (ଯାବନିକ) ମଡ଼ା । ଯଥା—

ବାଲୁଆ ସାଗୁଣା ଯେହ୍ନେ ଖାଆନ୍ତି ମୁର୍ଦାର । ଉ. ଭ୍ର.

ମୁର୍ଦ୍ଧନ, ମୁର୍ଦ୍ଧନା, } ବି. (ମୂର୍ଦ୍ଧନ ଶବ୍ଦଜ)ମୁଣ୍ଡ; ଉପରସ୍ଥ ଭାଗ । ଯଥା—

କପିକୁଳସାଇଁ, ଗିରିମୁର୍ଦ୍ଧନରେ ଥାଇ । ବି. ର.

ମୁଲ, ବି. (ମୂଲ୍ୟ=ପ୍ରାକୃତ ମୁଲ୍ଲ ଶବ୍ଦଜ) ଖରିଦ; ମୂଲ୍ୟ; ଦୈନିକ ବେତନ ।

ମୁଲକ, ବି. (ଦେଶଜ) ଦେଶ, ରାଜ୍ୟ ।

ମୁଲମୁଲକା, ବି. (ମୂଲକା ଶବ୍ଦଜ) ଚେରମୂଳ, ଚେରମୂଳ ଔଷଧ ।

ମୁଲଲାଗିବା, କ୍ରି. (ଦେଶଜ) କୃଷକର ରହିବା । (ମୁଲିଆ ଶବ୍ଦ ଦେଖ ।)

ମୁଲା, ବି. (ମୂଲକ ଶବ୍ଦଜ) ସ୍ୱନାମପ୍ରସିଦ୍ଧ କନ୍ଦ ।

ମୁଲାଇବା, କ୍ରି. ( ଦେଶଜ ) ମୂଲ୍ୟ ଠିକଣା କରିବା ।

ମୁଲାକାତ, ବି. ( ଯାବନିକ ) ସାକ୍ଷାତ୍ ବା ଦେଖା । ବିଂ. ଦୃଷ୍ଟ ।

ମୁଲିଆ, ବି. (ଦେଶଜ, ମୁଲ-ଇଆ) କୃଷକ । ଯଥା—

ମୁଲିଆ ମୁଲ ଲାଗି ଯେଉଁପେ କରେ ମୂଲ । ନୃ. ପୃ. ତୃ. ତ.

ମୁଳମୁଳକା, ମୁଳମୁଳିକା, } ବି. ( ଦେଶଜ ) ଚେରମୂଳ; ଚେରମୂଳର ଉପାୟ ।

ମୁଳୁମୁଳିଆ, ବିଂ. (ଦେଶଜ) ଅଳସୁଆ, ଯେ ଅଳ୍ପ ସମୟର କାମ ବହୁ ସମୟରେ ସମ୍ପନ୍ନ କରେ ।

ମୁଳୁମୁଳୁ, ବି. (ଦେଶଜ) ବିଳମ୍ବ ।

ମୁଶଳ, ମୁଷଳ, ମୁସଳ, } ବି. (ମୁଷ୍ = ବଧ କରିବା, ମୁସ୍ = ଛେଦନ କରିବା-ଅଳ) ମୁଦ୍‌ଗର ।

ମୁଷିତ, ବିଂ. ( ମୁଷ୍-ତ ) ଚୋରିତ, ଅପହୃତ; ବଞ୍ଚିତ ।

ମୁଷ୍କ, ବି. (ମୁଷ୍-କ) ଅଣ୍ଡକୋଷ; ତସ୍କର ।

ମୁଷ୍ଟି, ବି.(ମୁଷ୍ = ଚୂର୍ଣ୍ଣିତକରିବା-ତି) କୁଞ୍ଚିତ-ପାଣି, ମୁଠି; ଖଡ୍‌ଗାଦିର ବେଣ୍ଟ; ପରିମାଣ-ବିଶେଷ ।

ମୁଷ୍ଟିମେୟ, ବିଂ. (ମୁଷ୍ଟିଦ୍ୱାରା ପରିମେୟ) ଅଳ୍ପ-ସଂଖ୍ୟକ, ଅଳ୍ପପରିମାଣ ।

ମୁସ୍‌କଲ, ମୁସକିଲ, } ବି. (ଯାବନିକ) ଅଡ଼ୁଆ । ବିଂ. କଷ୍ଟଜନକ, କଠିନ ।

ମୁସବର, ବି. ( ଦେଶଜ ) ଗନ୍ଧଦ୍ରବ୍ୟବିଶେଷ; ଔଷଧବିଶେଷ ।

ମୁସମ୍ବର, ବି. (ଦେଶଜ) ମୂଷିକବିଷ ।

ମୁସଲମାନ୍, ବି. (ଯାବନିକ) ଯବନ ।

ମୁସା, ମୁଷା, ବି. (ମୂଷିକ ଶବ୍ଦଜ) ମୂଷିକ ।

ମୁସାକାନି, ମୁଷାକାନି, } ବି. (ମୂଷିକପର୍ଣ୍ଣୀ ଶବ୍ଦଜ) ଔଷଧି ଗଛବିଶେଷ ।

ମୁସାଫେର, ବିଂ. (ହିନ୍ଦୀ) ବିଦେଶୀ ଲୋକ ।

ମୁସୁକିଲ, ବି. ( ଯାବନିକ ମୁସ୍କିଲ୍ ଶବ୍ଦଜ ) ଅଡ଼ୁଆ । ବିଂ. କଷ୍ଟଜନକ; କଠିନ ।

ମୁସ୍ତର, ବି. ( ଯାବନିକ ) ବାର୍ଷିକଦେୟ; ପ୍ରକାର; କ୍ରମ ।

ମୁସ୍ତାଜ, ମୁସ୍ତାଦାର, } ବି. (ଯାବନିକ) ଯେ ଜମିଦାର ବା ରାଜାଙ୍କଠାରୁ ଗ୍ରାମମାନ ଗୁଣ୍ଠ ବା ଠିକା କରି ନେଇଥାଏ ।

ମୁସ୍ତାଫ, ବି. ( ଯାବନିକ ) ବେଶଭୂଷାରେ ସଜ୍ଜିତ ହେବା । ( ଏହି ଅର୍ଥରେ କେହି କେହି ମୁସ୍ତାଜ ମଧ୍ୟ କହନ୍ତି । )

ମୁହଁ, ମୁହ, ବି. (ମୁଖ ଶବ୍ଦଜ ପ୍ରାକୃତ) ମୁଖ ।

ମୁହଁଖର, ବିଂ. (ମୁଖର ଶବ୍ଦଜ) କଟୁଭାଷୀ ।

ମୁହଁଚୋରା, ବିଂ. (ଦେଶଜ) ଲଜ୍ଜୁକ ।

ମୁହଁଫୁଲା, ବି. (ଦେଶଜ) କ୍ରୋଧ; ରୋଷ ।

ମୁହଁଫୁଲାଇବା, କ୍ରି. କ୍ରୁଦ୍ଧ ବା ରୁଷ୍ଟ ହେବା । ଯଥା—

କଥା ନ କହି ବସିଥାଇ ମୁହଁ ଫୁଲାଇ । ସା.ଲ୍ଲ.ଆ.

ମୁହଁଫୁଲଫୁଲ, ବି. ଅନ୍ୟୋନ୍ୟତଃ କ୍ରୋଧ ବା ରୋଷ ।

ମୁହଁଫୁଲଫୁଲହେବା, କ୍ରି. ଅନ୍ୟୋନ୍ୟତଃ ରୁଷ୍ଟ ହେବା ।

ମୁହଁପୋଡ଼ା, } ବିଂ. (ଦେଶଜ) ଦୁଷ୍ଟ ।
ମୁହପୋଡ଼ା, } ଯଥା—

ବିକଳ୍ପ ଲକ୍ଷ୍ମୀ କୃଷ୍ଣ ! ନାହିଁ ମୋର ଲୋଡ଼ା,
କେ କଲା କହ ମୋତେ ଯୁଦ୍ଧରେ ମୁହଁପୋଡ଼ା ।
କୃ. ଭା. ଆ. ପ.

ମୁହଁପୋଡ଼ୀ, } ବି. ସ୍ତ୍ରୀ. (ଦେଶଜ) ଦୁଷ୍ଟା(ସ୍ତ୍ରୀ) ।
ମୁହପୋଡ଼ୀ, } ଯଥା—

କେଡ଼େ ମୁହଁପୋଡ଼ୀ ଅଟୁ ରୁ ପାମରୀ । କୃ. ଭା. ଆ. ପ.

ମୁହାଁ, ବି. (ଦେଶଜ) ମୁହଁ ଦେବା, କୌଣସି ବିଷୟରେ ପ୍ରବେଶ କରିବା ।

ମୁହାଁଇବା, କ୍ରି. (ଦେଶଜ) ଯେ କୌଣସି ବିଷୟରେ ପ୍ରବେଶ କରିବା ଏବଂ ପ୍ରବେଶ କରାଇବା ।

ମୁହାଁଣ, ବି. (ଦେଶଜ) ଯେ କୌଣସି ବିଷୟରେ ପ୍ରବେଶ; ବିଷୟରେ ଅଗ୍ରସର ହେବା; ସମୁଦ୍ରାଦିର ମୁଖଭାଗ । ଯେପରି— ନଦୀ ମୁହାଁଣ, ବାଙ୍କି ମୁହାଁଣ ।

ମୁହାଁମୁହିଁ, ବି. (ମୁଖାମୁଖି ଶବ୍ଦଜ) ମୁଖାମୁଖି ।

ମୁହାଁସ, } ବି. (ମୋହପାଶ ଶବ୍ଦଜ) ଦାଗ-
ମୁହାସ, } ପୁବାଦିରେ ମୋହ । ଯଥା—

ବିନା ରଜ୍ଜୁରେ ବାନ୍ଧହୋଇ,
ଅଛୁ ମୁଁ ମୁହାଁସ ଲଗାଇ । ଦା. ର.

ଅତ୍ୟନ୍ତ ବିଷୟାଭିଳାଷ; ପ୍ରେମ । ଯଥା—

ଯହୁଁ ସେ ଲାଗିଲା ମୁହାଁସ,
ବ୍ରାହ୍ମଣୀ ହେଲା ଗର୍ଭବାସ । ମା. ମା.

ମୁହିଁ, ସର୍ବଂ. (ଅହ୍ମଦ୍ ଶବ୍ଦଜ) ମୁଁ ।

ମୁହିଁବା, କ୍ରି. (ଦେଶଜ) ମୁଖ ଦେବା, ଯେ କୌଣସି ବିଷୟରେ ପ୍ରବେଶ କରିବା, ଅଗ୍ରସର ହେବା ।

ମୁହୁଃ, } ଅଂ. ସଂ. ପୁନଃପୁନଃ; ଅତ୍ୟନ୍ତ;
ମୁହୁ, } ସଦ୍ୟଃ, ତତ୍କ୍ଷଣାତ୍ ।

ମୁହୁରୁତ, ବି. (ମୁହୂର୍ତ୍ତ ଶବ୍ଦର ଅପଭ୍ରଂଶ) ମୁହୂର୍ତ୍ତ, କାଳବିଶେଷ ।

ମୁହୂର୍ତ୍ତ, ବି. ସଂ. ଦିବାରାତ୍ରିର ତିରିଶ ଭାଗରୁ ଏକ ଭାଗ, ପ୍ରାୟ ଦୁଇ ଦଣ୍ଡ ।

ମୁହ୍ୟମାନ, ବିଂ.(ମୁହ୍-ମାନ, ଯ ଆଗମ)ଯାହାର ଚିତ୍ତ ବିକୃତ ହୋଇଅଛି; ମୋହଯୁକ୍ତ ।

ମୂକ, ବିଂ. (ମୂ = ବନ୍ଧନ କରିବା-କ) ବାକ୍-ଶକ୍ତିରହିତ; ଦୀନ, ଦରିଦ୍ର । ବି. ମତ୍ସ୍ୟ; ଦୈତ୍ୟବିଶେଷ ।

ମୂଢ଼, ବିଂ. (ମୁହ୍-ତ) ମୂର୍ଖ; ଅସଭ୍ୟ; ଭ୍ରାନ୍ତ; ଅବ୍ୟାପୃତ; ଜଡ଼; ବାଳକ ।

ମୂତ୍ର, ବି. (ମୂତ୍ର୍ = ପ୍ରସ୍ରାବ କରିବା-ଅ) ପ୍ରସ୍ରାବ, ମୂତ । (ବିଶେଷଣରେ ମୂତ୍ରିତ ହୁଏ ।)

ମୂର୍ଖ, ବିଂ. (ମୁହ୍ = ମୂର୍ଖ-ଅ) ଅଜ୍ଞ, ମୂଢ଼, ଅବୋଧ ।

ମୂର୍ଚ୍ଛନ, } ବି. (ମୂର୍ଚ୍ଛ୍ = ମୂର୍ଚ୍ଛିତ ହେବା-ଅନ,
ମୂର୍ଚ୍ଛନା, } ଆ) ମୂର୍ଚ୍ଛା; ସ୍ୱରର ଆରୋହଣ ଅବରୋହଣ; ପ୍ରତିଫଳନ; ଔଷଧର ସଂସ୍କାର-ବିଶେଷ; ମିଶ୍ରଣ; ସାକ୍ଷାତ୍କରଣ ।

ମୂର୍ଚ୍ଛା, ବି. ସ୍ତ୍ରୀ. (ମୂର୍ଚ୍ଛ୍-ଅ-ଆ)ମୋହ; ବୃଦ୍ଧି; ବ୍ୟାପ୍ତି; ପ୍ରସାର; ବିସ୍ତାର; ପ୍ରତିଫଳନ । (ବିଶେଷଣରେ ମୂର୍ଚ୍ଛିତ ହୁଏ ।)

ମୂର୍ତ୍ତି, ବି. (ମୂର୍ଚ୍ଛ୍-ତି—ନିପାତନ) ଆକୃତି; ଅଙ୍ଗ; ପ୍ରତିମା; ସ୍ୱରୂପ; ଶରୀର; କାଠିନ୍ୟ; ଦ୍ରବ୍ୟ ।

ମୂର୍ଦ୍ଧା, } ବି.(ମୂର୍ଦ୍ଧନ୍-ମୁର୍ବ୍ = ବନ୍ଧନ କରିବା-
ମୂର୍ଦ୍ଧ୍ୱା, } ଅନ୍, ବ = ଧ) ମସ୍ତକ ।

ମୂର୍ଦ୍ଧାଭିଷିକ୍ତ, ବି. ସଂ. କ୍ଷତ୍ରିୟ; ରାଜା; ମନ୍ତ୍ରୀ; ବ୍ରାହ୍ମଣ; କ୍ଷତ୍ରିୟାଜାତ ଜାତିବିଶେଷ ।

ମୂର୍ବା, } ବି. ସ୍ତ୍ରୀ. (ମୁର୍ବ୍ = ବନ୍ଧନ କରିବା-
ମୂର୍ବୀ, } ଅ-ଆ, ଈ) ମୁରୁଗାଗଛ ।

ମୂଳ, ବି. (ମୂଳ୍ = ସ୍ଥିତି କରିବା-ଅ) ଗଛର ଚେର; ମୂଳା ଆଳୁ ପଲାଣ୍ଡୁ ପ୍ରଭୃତି; ନିଦାନ, ଆଦିକାରଣ; ପ୍ରଥମ; ପୁଞ୍ଜି, ଅସଲ; ପ୍ରଧାନ; ନିବାସଗୃହ; ସ୍ୱନଗର; ନିକୁଞ୍ଜ; ଚରଣ; ନିକଟ; ପ୍ରଥମଗ୍ରନ୍ଥ; ଗଣିତରେ ପ୍ରାଥମିକ ରାଶି; ନକ୍ଷତ୍ରବିଶେଷ ।

ମୂଳଦୁଆ, ବି. (ଦେଶଜ) ପ୍ରାଚୀରାଦିର ମୂଳଭିତ୍ତି ।

ମୂଲ୍ୟ, ବି.(ମୂଲ୍ = ବସ୍ତ୍ରାଦି ଉତ୍ପତ୍ତିର କାରଣ-ଯ) ଦାମ, ମୂଲ, ଭଡ଼ା, ବେତନ । ବିଂ. ରୋପଣଯୋଗ୍ୟ; ପ୍ରତିଷ୍ଠାଯୋଗ୍ୟ ।

ମୂଷକ, ମୂଷିକ, ମୂଷୀକ, ବି. (ମୂଷ୍ = ଲୁଣ୍ଠ କରିବା-ଅକ, ଇକ, ଈକ) ଇନ୍ଦୁର, ମୂଷା ।

ମୃଗ, ବି.(ମୃଗ୍ = ଯାଚ୍ଞା କରିବା-ଅ) ହରିଣ; ପଶୁ; କପୋଳ ଦେଶରେ ଶ୍ୱେତଚିହ୍ନଯୁକ୍ତ ଗଜବିଶେଷ; ନକ୍ଷତ୍ରବିଶେଷ; ମୃଗନାଭି; ଶିକାର; ଅଗ୍ରହାୟଣ ମାସ; ଯଜ୍ଞବିଶେଷ; ମୃଗଜାତି ପୁରୁଷ; ଅନ୍ୱେଷଣ; ଯାଚ୍ଞା ।

ମୃଗତୃଷା, ମୃଗତୃଷ୍ଣା, ମୃଗତୃଷ୍ଣିକା, ବି. ସ୍ତ୍ରୀ. ସଂ. ମରୀଚିକା, ସୂର୍ଯ୍ୟକିରଣରେ ଜଳଭ୍ରାନ୍ତି ।

ମୃଗନାଭି, ମୃଗମଦ, ବି. ସଂ. କସ୍ତୂରୀ ।

ମୃଗୟା, ବି. ସ୍ତ୍ରୀ. (ମୃଗ୍ = ଅନ୍ୱେଷଣ କରିବା-ଯ-ଆ, ଅଥବା ମୃଗ୍-ଯା = ଗମନ କରିବା-କ୍ୱିପ୍) ବନ ପର୍ଯ୍ୟଟନପୂର୍ବକ ମୃଗବଧ, ଶିକାର; ଲକ୍ଷ୍ୟରେ ଶରକ୍ଷେପ ।

ମୃଗୟୁ, ବି. (ମୃଗ = ହରିଣ-ଯା = ଗମନ କରିବା-ଉ) ବ୍ୟାଧ, ବାଣୁଆ; ବ୍ରହ୍ମା; ଶୃଗାଳ ।

ମୃଗରାଜ, ମୃଗେନ୍ଦ୍ର, ବି. ସଂ. ସିଂହ ।

ମୃଗାଙ୍କ, ମୃଗଲାଞ୍ଛନ, ବି. ସଂ. ଚନ୍ଦ୍ର; ବାୟୁ; କର୍ପୂର ।

ମୃଗି, ମୃଗୀ, ବି. (ଦେଶଜ) ମୂର୍ଚ୍ଛାରୋଗ ।

ମୃଗୁଣୀ, ବି. ସ୍ତ୍ରୀ. (ମୃଗଶବ୍ଦରେ ଓଡ଼ିଆ ପ୍ରତ୍ୟୟ) ମୃଗୀ ।

ମୃଚୁ, ବି. (ଦେଶଜ) ରନ୍ଧନୋପକରଣବିଶେଷ । (ମଚୁଟ ଶବ୍ଦ ଦେଖ ।)

ମୃଚ୍ଛା, ବି. (ମୂର୍ଚ୍ଛା ଶବ୍ଦଜ) ମୂର୍ଚ୍ଛା, ମୋହ । ଯଥା—

ଗରୁଡ଼ ଶସ୍ତ୍ର ତେଜ ବିକାଶିଲା ସହୁଁ,
ମୃଚ୍ଛାଗତ ହୋଇଣ ପଡ଼ିଲେ ସର୍ପ ତହୁଁ । ସା.ଭା.ବ.ପ.

ମୃଜା, ବି. ସ୍ତ୍ରୀ. (ମୃଜ୍ = ମାର୍ଜନା କରିବା-ଆ) ମାର୍ଜନା, ପରିଷ୍କାର; ଶୁଦ୍ଧି ।

ମୃଡ଼, ବି. (ମୃଡ଼୍ = ହୃଷ୍ଟହେବା-ଅ) ମହାଦେବ । (ସ୍ତ୍ରୀ. ମୃଡ଼ାନୀ) ଦୁର୍ଗା ।

ମୃଣାଳ, ମୃଣାଳୀ, ବି. (ମୃଣ୍ = ବଧ କରିବା-ଆଳ, ସ୍ତ୍ରୀ. ଈ, ଯାହା ଭକ୍ଷଣାଦି ନିମିତ୍ତ ହିଂସିତ ହୁଏ) ପଦ୍ମପ୍ରଭୃତିର ନାଳ; ପଦ୍ମମୂଳ; ବେଣାଚେର ।

ମୃତ, ବିଂ. (ମୃ-ତ) ଗତପ୍ରାଣ; ଯାଚିତ । ବି. ମରଣ; ଯାଚ୍ଞା ବୃତ୍ତି । (ବିଶେଷ୍ୟରେ ମୃତ୍ତି ହୁଏ ।)

ମୃତକ, ବି. (ମୃତ-କ) ମୃତଶରୀର; ମରଣାଶୌଚ ।

ମୃତ୍ତିକା, ବି. ସ୍ତ୍ରୀ. (ମୃଦ୍-ତିକ ସ୍ୱାର୍ଥେ-ଆ) ମାଟି; ଭୂମି ।

ମୃତ୍ୟୁ, ବି. (ମୃ-ତ୍ୟୁ) ମରଣ; ଯମ ।

ମୃତ୍ୟୁଞ୍ଜୟ, ବି. (ମୃତ୍ୟୁ-ଜି-ଅ) ଶିବ ।

ମୃଦଙ୍ଗ, ବି. ସଂ. ବାଦ୍ୟବିଶେଷ; ମୁରଜ; ପଖାଉଜ; ପଟହ; ଶବ୍ଦ, ଗୋଳମାଳ ।

ମୃଦାରଶିଙ୍ଗି, ବି.(ଦେଶଜ) ଉପଧାତୁବିଶେଷ ।

ମୃଦୁ, ବିଂ. (ମୃଦ୍ = ଚୂର୍ଣ୍ଣ ହେବା-ଉ) କୋମଳ; ଆର୍ଦ୍ର; ମନ୍ଦ । ସ୍ତ୍ରୀ. ଗୃହକନ୍ୟା । (ସ୍ତ୍ରୀ. ମୃଦ୍ୱୀ ହୁଏ । ଅତିଶୟାର୍ଥରେ ମ୍ରଦୀୟାନ୍, ମ୍ରଦିଷ୍ଠ ହୁଏ ।)

ମୃଦୁଳ, ବିଂ. (ମୃଦୁ-ଳ ଅଥବା ମୃଦ୍-ଉଳ) କୋମଳ; ଜଳ ।

ମୃଧନ, ବି. (ମୂର୍ଦ୍ଧନ୍ ଶବ୍ଦଜ) ମସ୍ତକ । ଯଥା—

ପ୍ରଣାମକୁ ମୃଧନ ଭକ୍ତିକି କଲେ ହୁଦ । ନୃ. ପୁ. ପ. ତ.

ମୃଷା, ଅଂ. ମିଥ୍ୟା, ବୃଥା, ଅନର୍ଥକ ।

ମେଁ, ଅଂ. (ଦେଶଜ) ମେଷଧ୍ୱନିର ଅନୁକରଣ ।

ମେଓଆ, ମେଓୟା, ବି. (ପାରସ୍ୟ ଶବ୍ଦ) ଫଳ ।

ମେଓଆ, ମେଉଆ, ବି. (ସମ୍ବଲପୁର ଅଞ୍ଚଳରେ) ପିଜୁଳି; କାବୁଲିଫଳବିଶେଷ ।

ମେକାପ, ବି. (ଯାବନିକ) ରାଜଗୃହରେ ବସ୍ତ୍ର-ରକ୍ଷକ ବା ଭଣ୍ଡାରରକ୍ଷକ । (ମୁଦ ଶବ୍ଦ ଦେଖ ।)

ମେଖ, ବି. (ଦେଶଜ) କିଲା ।

ମେଖଳ, ବି. ( ମେଖଳା ଶବ୍ଦର ରୂପାନ୍ତର ) ପର୍ବତର ନିତମ୍ବଦେଶ; ନିତମ୍ବଦେଶ । ଯଥା—

ପର୍ବତ ମେଖଳେ ବସି ତରୁଛଳେ । ନ. କେ.

ମେଖଳା, ବି. ସ୍ତ୍ରୀ. (ମି = କ୍ଷେପଣ କରିବା-ଖଳ-ଆ) କଟିସୂତ୍ର, କଟିଭୂଷଣ, କାଞ୍ଚୀ; ପର୍ବତର ନିତମ୍ବଦେଶ; ଖଡ୍‌ଗବନ୍ଧ; ନର୍ମଦାନଦୀ ।

ମେଘ, ବି. (ମିହ୍ = ଜଳସିକ୍ତ କରିବା-ଅ, ହ = ଘ) ଜଳଧର; ଦୈତ୍ୟବିଶେଷ; ମୁସ୍ତକ ।

ମେଘଜ୍ୟୋତିଃ, ବି. ସଂ. ବଜ୍ରାଗ୍ନି ।

ମେଘଡ଼ମ୍ବର, ବି. (ମେଘ-ଡ଼ମ୍ବର = ଆଡ଼ମ୍ବର) ମେଘାଡ଼ମ୍ବର; ମେଘଗର୍ଜନ । (ଦେଶଜ-ରୂପେ) ଏକପ୍ରକାର ଶାଢ଼ୀ ।

ମେଘଡମ୍ବୁରୁ, ବି. ( ମେଘାଡ଼ମ୍ବର ଶବ୍ଦଜ ) ଏକପ୍ରକାର ଶାଢ଼ୀ ।

ମେଘପୁଷ୍ପ, ମେଘପ୍ରସବ, ବି. ସଂ. ଜଳ ।

ମେଘା, ବି. (ଦେଶଜ) ବାଦ୍ୟବିଶେଷ । ଯଥା—

ବାଜିଲେ ମେଘା ମୃଦଙ୍ଗ ମର୍ଦ୍ଦଳ ସହିତେ ଯେ ।
କୋ. ବ୍ର. ସୁ.

ମେଘୁଆ, ବିଂ. ( ମେଘ ଶବ୍ଦରେ ଓଡ଼ିଆ ପ୍ରତ୍ୟୟ ) ମେଘାଚ୍ଛାଦିତ; ମେଘଯୁକ୍ତ; ମେଘସମ୍ବନ୍ଧୀୟ ।

ମେଚକ, ବି. (ମଚ୍ = ମିଶ୍ରିତ କରିବା-ଅକ, ଅ = ଏ) ମୟୂରଚନ୍ଦ୍ରିକା; ଧୂମ; ମେଘ; ଶ୍ୟାମବର୍ଣ୍ଣ; ଅନ୍ଧକାର; ଅଞ୍ଜନ; ନୀଳାଞ୍ଜନ । ବିଂ. କୃଷ୍ଣବର୍ଣ୍ଣ, କଳା ।

ମେଜ, ବି. (ଯାବନିକ) ଦ୍ରବ୍ୟାଦି ରଖିବାପାଇଁ ଆସନବିଶେଷ ।

ମେଜାଜ, } ବି. (ଯାବନିକ) ପ୍ରକୃତି, ସ୍ୱଭାବ;
ମିଜାଜ, } ମସ୍ତିଷ୍କ; ମନ ।

ମେଜେଷ୍ଟର, ବି. (ଇଂରାଜୀ ମାଜିଷ୍ଟ୍ରେଟ୍ ଶବ୍ଦଜ) ଜିଲ୍ଲା ହାକିମ, ଫୌଜଦାରୀ ମକଦ୍ଦମା ବିଚାରକର୍ତ୍ତା ।

ମେଞ୍ଚା, ମେଞ୍ଚ, ବି. (ଦେଶଜ) ଗୁଳା । ଯଥା—

କୀଚକକୁ ରଖିଲେ ମାଂସମେଞ୍ଚା ପରି । କୃ. ଭ. ବ. ପ.

ମେଡ଼ା, ବି. (ପ୍ରାକୃତ ମେଡ଼୍‌ଡ଼ ଧାତୁଜ) ବାକ୍ୟ-ଲଙ୍ଘନ ।

ମେଡ଼ିବା, କ୍ରି. (ପ୍ରାକୃତ ମେଡ଼୍‌ଡ଼୍ ଧାତୁଜ) କଥା ଲଙ୍ଘିବା; ଲଙ୍ଘିବା; ଲୋପ କରିବା ।

ମେଡ଼ୁଆର, ବିଂ. ( ପ୍ରାକୃତ ମେଡ଼୍‌ଡ଼ ଧାତୁଜ ) ଅମାନିଆ ।

ମେଢ଼, ବି. (ଦେଶଜ) ଅଟ୍ଟାଳିକା । ଯଥା—

ଗୋବିନ୍ଦ ମାନସ ରସ ଅଭିଳାଷ
ସ୍ୱଖସ୍ୱର୍ଗ ମେଢ଼ ନିଃଶ୍ରେଣୀ । ବ. ଚ. ମ.

ମେଢ଼ା, ବି. (ଦେଶଜ) ଖୋଳସା ।

ମେଢ଼ି, ବି. ( ମେଧି ଶବ୍ଦଜ ପ୍ରାକୃତ ) ଧାନ ମନ୍ଦିବା ସମୟରେ ବଳଦମାନଙ୍କର ଦାଉଣିର ଶେଷଭାଗ ବାନ୍ଧିବାପାଇଁ ଖଳା ମଝିରେ ପୋତିଥିବା କାଷ୍ଠ ଖଣ୍ଡ । ବିଂ. ପ୍ରଧାନ । ( ଯେପରି ଦାଉଣି ରହିବାପାଇଁ ମେଢ଼ି ମୂଳ ବା ପ୍ରଧାନ, ସେହିପରି ବ୍ୟବହାରାଦିରେ ଯେ ମୂଳ ବା ପ୍ରଧାନ ତାକୁ ମେଢ଼ି କହନ୍ତି ।) ଦୁଷ୍ଟାର୍ଥ । ଯଥା—

ଅଗ୍ନିକା ପଳାଉଛୁ ଗୁଡ଼ି,
ରାଗେ ବୋଲଇ ଆଲୋ ମେଢ଼ି । ମା. ମା.

ମେଢ୍ର, ବି. (ମିହ୍-ତ୍ର) ପୁରୁଷୋପସ୍ଥ; ମେଷ ।

ମେଣ୍ଟ, ବି. (ଦେଶଜ) ଦଳ ବା ଖେଦା ।

ମେଣ୍ଟଣ, ବି. (ପ୍ରାକୃତ ମିଣ୍ଟ୍ ଧାତୁଜ) ଲଙ୍ଘନ । ଯଥା—

ଏଣୁଟି ନିଜ କର୍ମପଥ,
ମେଣ୍ଟଣେ କେ ଅଛୁ ସମର୍ଥ । ଦା. ର.

ମେଣ୍ଟା, } ବି. (ଦେଶଜ) ଏକୀକୃତ ଧାନ୍ୟାଦିର
ମେଣ୍ଟି, } ପେଣ୍ଡା । ଯଥା—

ଦକ୍ଷେତରେ ଧାନ ମେଣ୍ଟି ଦେବୀଙ୍କ ପ୍ରସାଦେ । ମ. ଯା.

ତମାଖୁର ବିଡ଼ା ।

ମେଣ୍ଟାଇବା, } କ୍ରି. ( ପ୍ରାକୃତ ମିଣ୍ଟ୍ ଧାତୁଜ )
ମେଣ୍ଟିବା, } ନିବାହ କରିବା । ଯଥା—

ମେଣ୍ଟାଇବାକୁ ଭବବେଗ ଲଳସା । ରୁ. ସୁ.

ଉଲ୍ଲଙ୍ଘନ କରିବା । ଯଥା—

ଏହା ମେଣ୍ଟି ଯେବେ ଗମନ କରିବୁ
ଅବଶ୍ୟ ତୋର ମରଣ ରେ । ବି. ରା.

ଦୂର କରିବା; ଦୂରହେବା । ଯଥା—

ମେଣ୍ଟିବ ସନ୍ଦେହ ସବୁ ଦେଖିଲେ ପ୍ରତ୍ୟକ୍ଷ । ବେ. ପ.

ମେଣ୍ଢାମେଣ୍ଢି, ବି. ( ଦେଶଜ ) ଉଲ୍ଲଂଘନ; ନବାଧ । ବିଂ. ଉଲ୍ଲଂଘିତ; ନବାଧିତ ।

ମେଣ୍ଢାମେଣ୍ଢିକରିବା, କ୍ରି. ଆଦେଶାଦି ଉଲ୍ଲଂଘନ କରିବା; କୌଣସିମତେ ନବାଧ କରିବା ।

ମେଣ୍ଢା, ବି. (ମେଢ୍ର ଶବ୍ଦଜ) ମେଷ । (ଦେଶଜ) ଉପସ୍ଥାପନ, ନିକଟରେ ଉପସ୍ଥିତ କରିବା । କ୍ରି. ମେଣ୍ଢାଅ । (ନିମ୍ନରେ ଦେଖ ।)

ମେଣ୍ଢାଇବା, } କ୍ରି. (ଦେଶଜ) ଭେଟାଇବା,
ମେଣ୍ଢେଇବା, } ଯୋଗାଇବା । ଯଥା—

କେ ଲୋକ ଗଣ୍ଡା ପିଠିରେ ଖଣ୍ଡା ମାରି ବୋଇଲ
ମୋ ପରି ଭେଣ୍ଡା ଅଛୁ କେ ଭାଇ ! ମୋ ସଙ୍ଗେ
ମେଣ୍ଢା ବୁଝିବା ସିନା ହେବ । ସୁ. ପ.

ମେଣ୍ଢାଶିଙ୍ଗା, } ବି. ( ମେଷଶୃଙ୍ଗୀ ଶବ୍ଦଜ )
ମେରଶିଙ୍ଗା, } ସ୍ୱନାମପ୍ରସିଦ୍ଧ ବୃକ୍ଷବିଶେଷ;
ମେଣ୍ଢାସିଂହା, } ଏହାର ପତ୍ର ଅତି ସୁଗନ୍ଧ, ବ୍ୟଞ୍ଜନାଦିରେ ପ୍ରଯୋଜ୍ୟ ହୁଏ ।

ମେଣ୍ଢୀ, ବି. ସ୍ତ୍ରୀ. (ମେଢ୍ରୀ ଶବ୍ଦଜ) ମାଈମେଷ ।

ମେଣ୍ଢେଇପଶିବା, କ୍ରି. (ଦେଶଜ) ଆହ୍ୱାନ ଓ ଆଦର ବିନା କୌଣସି ସ୍ଥାନରେ ବା କୌଣସି ଲୋକ ନିକଟରେ ନିଜେ ସ୍ୱେଚ୍ଛାରେ ଯାଇ ପ୍ରବେଶ କରିବା ।

ମେଥି, ମେଧି, ବି. (ମେଥ୍—ସଂସର୍ଗ କରିବା-ଇ) ଧାନ୍ୟ ମର୍ଦ୍ଦିବା ସମୟରେ ଯେଉଁ କାଷ୍ଠ-ଦଣ୍ଡରେ ଗୋ ମହିଷାଦି ବନ୍ଧା ରହନ୍ତି । (ପୁଂସି ମେଧିଃ ଖଳେ ଦାରୁ ନ୍ୟସ୍ତଂ ଯତ୍ପଶୁବନ୍ଧନେ—ଅମର ।)

ମେଥୀ, ମେଥିକା, ବି. ସ୍ତ୍ରୀ. ସଂ. ସ୍ୱନାମପ୍ରସିଦ୍ଧ କ୍ଷୁଦ୍ର ଗଛ ଓ ତାହାର ବୀଜ ।

ମେଥିଅ, ମେଥି, ବି. ସ୍ତ୍ରୀ. (ମେଥିକା ଶବ୍ଦଜ) ମେଥିକା; ଔଷଧାଦିରେ ପ୍ରଯୋଜ୍ୟ ବୀଜ-ବିଶେଷ ।

ମେଦ, ମେଦସ, ବି. (ମିଦ୍ = ସ୍ନିଗ୍ଧ ହେବା-ଅ, ଅସ) ଅସ୍ଥିର ମଜ୍ଜା, ବସା; ଚର୍ବି ।

ମେଦା, ବି. (ଦେଶଜ) ମେଣ୍ଢା । ଯଥା—

ମଧୁ କୈଟଭକୁ ନାଶି ଦଇତାରି,
ଏ ପୃଥ୍ୱୀ ସର୍ଜିଛନ୍ତି ମେଦମେଦା କରି । ନୃ.ପୁ ଦ୍ୱି.ଭ.

ଚକଟିବା; ଉପରଭାଗରେ ମାଟି ମେଦିଥିବା ଗୃହବିଶେଷ; ମାଟି ମେଦାଥିବା ଘର । ବିଂ. ସ୍ଥୂଳବୁଦ୍ଧି, ଜଡବୋଧ; ଆଘାତରେ ସଂକୁଚିତ । ଯଥା—

ନୋହିଲେ ମୋତେ କହ କର୍ଣ୍ଣଙ୍କ ମୁଣ୍ଡେ ଗଦା,
ପ୍ରହାର କରି ଗୁଣ୍ଡେ କରିଦେବି ମେଦା । କୃ.ଭା.କ.ପ.

ମେଦିତ, ବିଂ. (ମିଦ୍-ତ) ସ୍ନିଗ୍ଧ ।

ମେଦିନୀ, ବି. ସ୍ତ୍ରୀ. (ମେଦ-ଇନ୍-ଈ, ମଧୁ-କୈଟଭ ମେଦରେ ପରିପ୍ଲୁତ ବୋଲି ଏହାର ନାମ ମେଦିନୀ) ପୃଥିବୀ ।

ମେଦିବା, କ୍ରି. (ମୃଦ୍ ଧାତୁଜ) ଚକଟିବା । (ନରୁଡା ଶବ୍ଦ ଦେଖ ।)

ମେଦୁର, ବିଂ. (ମିଦ୍ = ସ୍ନିଗ୍ଧ ହେବା-ଉର) ସ୍ନିଗ୍ଧ, ଚିକ୍କଣ; କୋମଳ; ଉଦ୍ଭଟ; ପୂର୍ଣ୍ଣ ।

ମେଧ, ବି. ସଂ. ଯଜ୍ଞ, ଯାଗ ।

ମେଧା, ବି. ସ୍ତ୍ରୀ. (ମେଧ୍ = ସଙ୍ଗ କରିବା-ଆ) ଧାରଣାବତୀ ବୁଦ୍ଧି, ସ୍ମୃତିଶକ୍ତି । (ଧୀର୍ଧାରଣ-ବତୀ ମେଧା—ଅମର ।) ବୁଦ୍ଧି । (ବିଶେ-ଷଣରେ ମେଧାବୀ; ମେଧିର, ମେଧୀସ୍ୱାନ୍ ଏବଂ ମେଧିଷ୍ଠ ପଦ ସିଦ୍ଧ ହୁଏ ।)

ମେଧ୍ୟ, ବିଂ. (ମେଧ-ଯ) ପବିତ୍ର; ଯଜ୍ଞୀୟ । ବି. ଛାଗ; ଖଦିର ।

ମେବଛ, ବିଂ. (ଦେଶଜ) ସଂଖ୍ୟାବିଶେଷ । ଯଥା—

ଦଶ ମେବଛ ତାର ଅଳକାର ସଇନ । ସା. ଭା. ସ.

ମେବା, ମେଓଆ, } ବି. (ଯାବନିକ) କିସିମିସି
ମେଓୟା, } ପ୍ରଭୃତି ଦ୍ରବ୍ୟ, ଫଳ । ଯଥା—

ଦେଇଅଛି ଡାଲି ଭରି ମେବା ନାନା । ଦ. ବା.

ମେୟ, ବିଂ. ( ମା = ପରିମାଣ କରିବା-ଯ ) ପରିମାଣଯୋଗ୍ୟ; ଜ୍ଞେୟ; ଅନୁମେୟ ।

ମେରଦା, ମେର୍ଦ୍ଦା, ବି. (ଦେଶଜ) ଉପରି ମାଟିଛାତରେ ଆଚ୍ଛାଦିତ ଗୃହବିଶେଷ ।

ମେର, ବି. (ଦେଶଜ) ମେଢ଼ି ।

ମେରଆ, ବି. ( ଯାବନିକ ) ବଳଯୋଗ୍ୟ ନର । ଯଥା—
ମେରଆ ଶୋଣିତେ ନରତେ ପୂରତ ଯାର ଖର୍ପର । ଉଷା ।

ମେରୁ, ବି. (ମି = କ୍ଷେପଣ କରିବା-ରୁ—ଉଚ୍ଚତ୍ୱ ହେତୁରୁ ଏଥିରେ ସକଳ କ୍ଷେପଣ କରାଯାଏ) ସୁମେରୁ ପର୍ବତ; ପୃଥିବୀର ଉତ୍ତର ଏବଂ ଦକ୍ଷିଣ ପ୍ରାନ୍ତ; ଖଡ଼୍ଗାଦିର ମୁଷ୍ଟି ପ୍ରଦେଶ; ପିଠିର ହାଣ୍ଡି, ମେରୁ ହାଡ଼; ଜପମାଳାର ଉପରସ୍ଥ ପ୍ରଧାନ ବୀଜ; କରମାଳାର ଅଙ୍ଗୁଳିପର୍ବବିଶେଷ ।

ମେରୁହାଡ଼, ବି. ( ମିଶ୍ରଣ ଶବ୍ଦ) ପୃଷ୍ଠଦେଶର ମଧ୍ୟସ୍ଥ ଅସ୍ଥି ।

ମେଳ, ମେଳା, ସ୍ତ୍ରୀ. } ବି. (ମିଳ = ମିଳିତ ହେବା-ଅ, ଆ) ମିଳନ, ଐକ୍ୟ; ଜନତା; ଉତ୍ସବ ସ୍ଥାନରେ ଲୋକାରଣ୍ୟ ।

ମେଳ, ମେଳା, ମେଳି, } ବି. ( ମେଳକ ଶବ୍ଦଜ ) ଗୋଷ୍ଠୀ, ସମୂହ । ଯଥା—
ବିଲେ ପକ୍ଷୀ ପାତାଳେ, ମିଳେ ନାଗଙ୍କ ମେଳେ । ବୈ. ବି.
ମହାଶୂନ୍ୟେ ଚନ୍ଦ୍ର ତାରକାର ମେଳା । ନ. କେ.
ସହସ୍ରେ ଏକମେଳ, କୃଷ୍ଣ ସଙ୍ଗରେ କଲି କେଳି । ଭା. ଦ. ସ୍କ.
(ମିଳନ ଶବ୍ଦଜ)ମିଳନ, ସଂଯୋଗ । ଯଥା—
ମଧୁ ମଧୁର ବଧୂଅଧର କିଶୋରବର ଦଶନାମ୍ବର ବିମ୍ବଚୁମ୍ବନ ଚୁଙ୍କୃତ ସ୍ୱନ ମେଳା । କ.ଚ.ଚ.
ବିଂ. ମିଳିତ ।

ମେଲ ବିଂ. (ଦେଶଜ) ଖୋଲା, ମୁକ୍ତ । ଯଥା—
ଏଥର ପଛେ ଯାନ୍ତୁ କରିବା ବନ୍ଧମେଲ । ନୃ.ପୃ.ଦ୍ୱି.ଚ.

ମେଳକ, ବି. (ମେଳ-କ) ସହବାସ; ସମୂହ । ବିଂ. ଯେ ବ୍ୟକ୍ତି ମିଳିତ ହୁଏ, ମିଳନକାରକ ।

ମେଳଣ, ବି. ( ମେଳନ ଶବ୍ଦଜ ପ୍ରାକୃତ ) ସଂଯୋଗ ।

ମେଳନ, ବି. (ମିଳ୍-ଅନ) ମିଳିତ ହେବା ।

ମେଳା, ବି. (ଦେଶଜ ପ୍ରାୟ) ଅନେକ; ତୀର୍ଥାଦି ସ୍ଥଳରେ ବହୁଲୋକର ସମାଗମ; ସମାଜ, ସଭା ।

ମେଲ୍, ବି. (ଦେଶଜ) ଆଖଡ଼ା । ଯଥା—
ଦକ୍ଷିଣ ମେଲ୍‌ଘର ମଣ୍ଡପ ସିଂହାସନ,
ସମସ୍ତ ନର୍ତ୍ତ କରାଇଦେବ ସେହୁ ଜାଣ । ନୃ.ପୃ.ତୃ.ଚ.
ବିଂ. ଖୋଲା । ଯଥା—
କେ ମେଲି ଗବାକ୍ଷେ ଦେଇ ସୁନ୍ଦର ମୁଖ । ର.କ.

ମେଲାଣି, ବି. (ଦେଶଜ) ବିଦାୟ; ପୁରସ୍କାର; ଉପହାର ।

ମେଳି, ବି. ( ଦେଶଜ ପ୍ରାୟ ) ଅନେକଙ୍କୁ ସ୍ୱାଧୀନ କରିନେଇ ଜନ୍ମାଇଥିବା ବିଦ୍ରୋହ; ବିବାଦ ।

ମେଲି, ବି. (ଦେଶଜ) ବିଷୟର ମର୍ମ, ଗୂଢ଼ ରହସ୍ୟ ।

ମେଳିଆ, ବିଂ. (ମେଳ ଶବ୍ଦଜ) ସଙ୍ଗୀ । ଯଥା—
ବାଳମେଳିଆ ଘନଶ୍ୟାମଲିଆ । ସୃ. ପ.
ଯେ ବିବାଦ ଜନ୍ମାଇଦିଏ । ଯଥା—
କି ରେ ! ମେଳିଆଏ ! ଅରଜିଲ କି ଧନ । ର.କ.

ମେଳଚ୍ଛିଆ, ବି. (ମ୍ଳେଚ୍ଛ ଶବ୍ଦଜ)ବିବର୍ଣ୍ଣ, ମଳିନ ।

ମେଲିଦେବା, କ୍ରି.(ଗଡ଼ଜାତରେ) ପଳାଇଯିବା ।

ମେଳିବା, କ୍ରି. (ମିଳ୍ ଧାତୁଜ) ପ୍ରାପ୍ତ ହେବା; ପ୍ରବେଶ କରିବା ।

ମେଲିବା, କ୍ରି. ( ଦେଶଜ ) ପ୍ରକାଶ କରିବା । ଯଥା—
ମୁଁ ତେତେ ମେଲିନ୍ତେ ଗ୍ରହେଁ ସେ ସିଦ୍ଧାଣୀ । ବି. ଚ. ମ.
ଫିଟାଇବା । ଯଥା—
ଥରେ ତ ଚକ୍ଷୁ ମେଲି ଅନାଇଲେ ନାହିଁ । ବେ. ପ.
ଜଳରେ ଭସାଇବା । ଯଥା—
କୃଷ୍ଣଙ୍କୁ ସମୁଦ୍ରେ ମେଲି ଇନ୍ଦ୍ରପ୍ରସ୍ଥେ ଯାଅ । ନୃ.ପୃ.ସ.ଚ.
ବିସ୍ତୃତ କରିବା, ପ୍ରସାରିତ କରିବା । ଯଥା—
ଭବେ ବୈଶ୍ୟପରସ୍ତେ ମୁଁ ମେଲିଛି ପସରା । ବି.ଚ.ମ.

ମେଳେଚ୍ଛ, ବି. ( ମ୍ଳେଚ୍ଛ ଶବ୍ଦଜ ) ନୀଚଜାତିବିଶେଷ । ବିଂ. କୁରୂପୀ, ବିବର୍ଣ୍ଣ ।

ମେଷ, ବି. (ମିଷ୍ = ସ୍ପର୍ଦ୍ଧା କରିବା-ଅ) ମେଣ୍ଢା; ରାଶିବିଶେଷ ।

ମେହ, ବି. (ମିହ୍ = ସେଚନ କରିବା-ଅ) ମୂତ୍ର; ମୂତ୍ରରୋଗବିଶେଷ; ଶୁକ୍ରରୋଗବିଶେଷ ।

ମେହନ, ବି.(ମିହ୍-ଅନ)ମୂତ୍ର; ମୂତ୍ରତ୍ୟାଗ;ଶିଶ୍ନ ।

ମେହନତ, ମେହନତ, ବି. (ଆରବ୍ୟ ଶବ୍ଦ) ପରିଶ୍ରମ ।

ମେହ୍ନତ, ବି. ପାରିଶ୍ରମିକ; ବେତନ; ପରିଶ୍ରମର ପୁରସ୍କାର ।

ମେହ୍ନତି, } ବିଂ. ପରିଶ୍ରମୀ, ଯେ ପରିଶ୍ରମ
ମେହ୍ନତି, } କରେ ।

ମେହ୍ନତ୍, ବି. (ଦେଶଜ) ପରିଶ୍ରମ । ଯଥା—ସେ ଏହି କାର୍ଯ୍ୟ ସାଧନରେ ବଡ଼ ମେହ୍ନତ୍ କରିଅଛି ।

ମେହ୍ନତର, ବି. (ଯାବନିକ) ମାହାର, ଯେ ମଇଳା ସଫା କରେ; ଗୃହାଦି ପରିଶୋଧକ, ଝାଡ଼ୁମାଲ ।

ମେହରବାନ, ବି. (ଯାବନିକ) ବଡ଼ଲୋକ ।

ମେହରବାନି, } ବି. (ଯାବନିକ) ଦୟା, ଅନୁ-
ମେହରବାଣୀ, } ଗ୍ରହ; ଉତ୍କର୍ଷ, ଆଧିକ୍ୟ ।

ମେହ୍ନକାପ, } ବି. (ଯାବନିକ) ଶ୍ରୀଜଗନ୍ନାଥ
ମେକାପ, } ମହାପ୍ରଭୁଙ୍କର ସେବକବିଶେଷ । (ମୁଦିରଥ ଶବ୍ଦ ଦେଖ ।)

ମେହେନା, ବି. (ଯାବନିକ) ଏକପ୍ରକାର ଶିବିକା ଯାନ ।

ମେହେରାବ୍, ବି. (ଯାବନିକ) ଶିଖର । ଯଥା—
ମେହେରାବ ଯସ୍ତ ଝେକଛି ଆକାଶେ ମହୁପଫଟା । ଭକ୍ତ ।

ମୈତ୍ରାବରୁଣ, } ବି. (ମିତ୍ର, ବରୁଣ-ଅ, ଇ
ମୈତ୍ରାବରୁଣି, } ଅପତ୍ୟାର୍ଥେ) ଅଗସ୍ତ୍ୟ ମୁନି; ବଶିଷ୍ଠ ମୁନି ।

ମୈଥିଲୀ, ବି. ସ୍ତ୍ରୀ. (ମିଥିଳା—ଦେଶବିଶେଷ-ଅ ନିବାସାର୍ଥେ, ଅଥବା ମୈଥିଳ = ଜନକ-ଅ ଅପତ୍ୟାର୍ଥେ-ଈ) ସୀତା ।

ମୈଥୁନ, ବି. (ମିଥୁନ-ଅ) ଅଗ୍ନ୍ୟାଧାନାଦି ବିବାହକର୍ମ; ସ୍ତ୍ରୀପୁରୁଷ ସଂଯୋଗ, ରତିକ୍ରିୟା ।

ମୈଦା, ବି. (ଯାବନିକ) ଗହମଅଟା ।

ମୈଦାନ, } ବି. (ଯାବନିକ) ବିସ୍ତୃତ ପଡ଼ିଆ-
ମୟଦାନ, } ଭୂମି ।

ମୈନା, ବି. (ଯାବନିକ) ସାରିପକ୍ଷୀ; ବଣି-ଚଢ଼ାଇ ।

ମୈନାକ, ବି. ସଂ. ପର୍ବତବିଶେଷ ।

ମୈରଗିଡ଼ିଆ, ବି. (ଦେଶଜ) ଭୁତିଆ ।

ମୋ, ସର୍ବଂ. (ପ୍ରାକୃତ ପଦ) ଅସ୍ମଦ୍ ଶବ୍ଦର ଷଷ୍ଠ୍ୟନ୍ତ ପଦ ।

ମୋକଦ୍ଦମା, ବି. (ଆରବ୍ୟ ଶବ୍ଦ) ଅଭିଯୋଗ କରିବା ।

ମୋକା, ବି. (ଦେଶଜ) ଗଛର ମୂଳର କୁଦା, ମୂଳକନ୍ଦ । ଯଥା—
ନିତ ମୂଷା ଗୋଟିଏ ଏ ଗାତରେ ଥାଇ,
ସବୁଆଡ଼ୁ ଦେଲଣି ବେଣାମୋକା ଖାଇ । କୃ.ଭ୍ର.ଆ.ପ.

ମୋକାମ, ମକାମ, ବି. (ଆରବ୍ୟ) ନିବାସ ।

ମୋକ୍ତାର, } ବି. (ଯାବନିକ) ସାଧାରଣ
ମୋଖ୍ତାର, } ଓକିଲ ।

ମୋକ୍ଷ, ବି. (ମୋକ୍ଷ୍ = କ୍ଷେପଣ କରିବା, ମୁକ୍ତ ହେବା-ଅ) ମୁକ୍ତି, ନିତ୍ୟ ସୁଖପ୍ରାପ୍ତି; ପରିତ୍ରାଣ; ମୋଚନ; ମରଣ ।

ମୋକ୍ଷଣ, ବି. (ମୋକ୍ଷ୍-ଅନ) ମୋଚନ, ଉଦ୍ଧାରଣ ।

ମୋକ୍ଷପାନ, ବିଂ. (ଦେଶଜ) ପ୍ରଧାନ, ଶ୍ରେଷ୍ଠ । ଯଥା—
ଗ୍ରାମମାନଙ୍କେ ମୋକ୍ଷପାନ, ନାମ ଯେ ସୁବାହୁଶାସନ । ଦା. ର.

ମୋଗଲ, ବି. (ଯାବନିକ—ମୁଦ୍‌ଗଲ ଶବ୍ଦଜ, ଏମାନଙ୍କ ପ୍ରଧାନ ସ୍ଥାନ ମାଙ୍ଗୋଲିୟା, ମୁଦ୍‌ଗଲୀୟ = ମାଙ୍ଗୋଲିଆ) ଯବନଜାତି-ବିଶେଷ ।

ମୋଘ, ବିଂ. (ମୁହ୍-ଅ) ବ୍ୟର୍ଥ, ବିଫଳ; ହୀନ ।

ମୋଚ, } ବି. (ମୁଚ୍-ଅ, ଆ) କଦଳୀଫଳ;
ମୋଚ୍ଚ, } କଦଳୀଗଛ ।

ମୋଚନ, ବି. (ମୁଚ୍-ଅନ) ମୁକ୍ତି; ତ୍ୟାଗ; ଦମ୍ଭ; ଶାଠ୍ୟ ।

ମୋଚ୍ଚ, } ବିଂ. (ଦେଶଜ) ସଙ୍କୁଚିତ ।
ମୋଚ୍ଚ, } ଯଥା—
ଟିକିଏ ଟିକିଏ ଗୋ ଦିଶଇ ମୋଚ୍ଚ କାନ । ମଂ. ସ.

ମୋଚି, ମଚି, ବି. (ଦେଶଜ) ନୀଚଜାତି-ବିଶେଷ, ଚର୍ମକାର ।

ମୋଚିବା, କ୍ରି. (ଦେଶଜ) ମୋଡ଼ି ସଙ୍କୁଚିତ କରିବା । ଯଥା—
ବକ ବେକ ମୋଚି ଅଛି କେ, କହିଲେ । କୃ.ଭ୍ର.ଆ.ପ.

ମୋଛ, } ବି. ( ଦେଶଜ ) ନସ; ଦାଢ଼ି ।
ମୋଚ, } ଯଥା—

ବାଣାସନେ ଉତ୍ପୂର ପୂରେଇ ଥୋଇ ଶର
ମୋଚ ଆଉଁସୁଛନ୍ତି ଯେ । ବୈ. ବି.

ମୋଟ, ବି. (ଦେଶଜ) ସମୁଦାୟ । ବିଂ. ସ୍ଥୂଳ; ଅଧିକ । ଯଥା—

ନୋହିଲେ ଅବା ଅର୍ଜ୍ଜୁନ ଘେନ ବସୁଟକୁ,
ଆସିଛୁ ହୃଦେ ମୋଟ କରଣ ରାଗକୁ । କୃ. ଷ୍ଠ. ବି. ପ.

ମୋଟକ, ବି. ( ମୁଟ୍ = ଚୂର୍ଣ୍ଣ କରିବା-ଅକ ) ଶ୍ରାଦ୍ଧାଦି କାଳରେ ପ୍ରୟୋଜନୀୟ ଭଗ୍ନ କୁଶପତ୍ର ସମୂହ ।

ମୋଟଙ୍ଗା, ବି. ସ୍ତ୍ରୀ. (ଦେଶଜ) ରାଗିଣୀବିଶେଷ ।

ମୋଟନ, ବି. ( ମୁଟ୍ = ଚୂର୍ଣ୍ଣ କରିବା-ଅନ ) ପେଷଣ, ଚୂର୍ଣ୍ଣନ, ଗୁଣ୍ଡ କରିବା; ବାୟୁ ।

ମୋଟା, ବିଂ. (ଦେଶଜ) ମାଂସଳ, ସ୍ଥୂଳ ।

ମୋଟାର, ବିଂ. (ଦେଶଜ) ଠୁଳ, ଏକତ୍ରିତ । ଯଥା—

ଏବେ ମୋର କଥାଏ ସମସ୍ତେ ତୁମ୍ଭେ କର,
ଗଡ଼ ଗୋଟାଏ ବାନ୍ଧଣ କରିବା ମୋଟାର ।
ଯେତେ ଆମ୍ଭର ଆସିଅଛନ୍ତି ମଲ୍ଲହସ୍ତୀ,
ଏହାଙ୍କୁ ବେଢ଼ାଇ ରଖ କରି ଗଡ଼ ପ୍ରସ୍ଥ ।
ନୃ. ପୃ. ଷ. ତ.

ମୋଟାରକାର, ବି. (ଇଂରାଜୀ ଶବ୍ଦ) ଧୂମଯାନ-ବିଶେଷ ।

ମୋଟିଆ, ବି. (ଦେଶଜ) ଯେ ବୋଝ ବହେ । ଯଥା—

ଦେଖିଲି ହାଟରେ କେତେ ମୋଟିଆ
କେହି ବସିଅଛି କେହି ବା ଠିଆ । ଉ. ସା.

ମୋଟୀ, ବି. ସ୍ତ୍ରୀ. (ଦେଶଜ) ପୃଥୁଳା ସ୍ତ୍ରୀ ।

ମୋଟୁଆ, ବିଂ. (ଦେଶଜ) ଅସୂକ୍ଷ୍ମ । ଯଥା—

ଚନ୍ଦ୍ରଖଣ୍ଡ ପରି ମୋଟୁଆ କାଣ୍ଡ ଯେତେ,
ଅଛନ୍ତି ଖିମନ୍ଦର ବୋଲି ଘେନ ଚତ୍ତେ । କୃ. ଷ୍ଠ ବି. ପ.

ପୃଥୁଳ ।

ମୋଟ୍ଟାୟିତ, ବି. ସଂ. ନାୟିକାର ଭାବବିଶେଷ ।

ମୋଡ଼, ବି. ( ଦେଶଜ ) ବକ୍ରକରଣ । ବିଂ. ବକ୍ର, ବାଙ୍କ । ଯଥା—

ଈଶାନ୍ୟ ମୋଡ଼ ହୋଇ ରହିଲା ଗିରିବର,
ତେଣୁ ଈଶାନ୍ୟେ ଉଦେ ହୁଅନ୍ତି ଦିବାକର ।
ନୃ. ପୃ. ତୃ. ତ.

ମୋଡ଼ଣ, ବି.(ଦେଶଜ)ବକ୍ରକରଣ; ମୋଡ଼ିବା ।

ମୋଡ଼ା, ବି. (ଦେଶଜ) ବାଉଁଶ ଓ ବେତରେ ନିର୍ମିତ ଆସନବିଶେଷ; ଗଣ୍ଡି, ଜଟିଆ । ( ମୁଦୁଆ ଶବ୍ଦ ଦେଖ । ) ଆକୁଞ୍ଚନ, ମୋଡ଼ିବା । ଯଥା—

ଘୋଷଡ଼ା ନାକମୋଡ଼ା କହୁଣି କୋରଡ଼ା । ନୃ. ପୃ. ଚ. ତ.

ବୁଲାଇଦେବା; ପରିବର୍ତ୍ତନ । ଯେପରି—ମୁହଁ ମୋଡ଼ା । ବିଂ. ଯେ ମୋଡ଼ଇ । ଯେପରି— ବକ ବେକମୋଡ଼ା (ଶ୍ରୀକୃଷ୍ଣ) । ଆକୁଞ୍ଚିତ ।

ମୋଡ଼ାମୋଡ଼, ବି. ( ଦେଶଜ ) ମୋଡ଼ିବା; ଆସ୍ଫାଳନ ଦେହ ମୋଡ଼ିବା । ଯଥା—

ଶୋଇ କାଣ୍ଡଘାଏ ହୋଇଲେ ମୋଡ଼ାମୋଡ଼ ।
କୃ. ଷ୍ଠ. ଖ୍ରୀ ପ.

ମୋଡ଼ି, ବି. (ଦେଶଜ) ବକ୍ରହେବା ।

ମୋଡ଼ିଆ, ବି. ( ଦେଶଜ ) ସ୍ୱର୍ଣ୍ଣାଦିର ବଳା । ଯଥା—

ସୁନାମୋଡ଼ିଆ ପଣସକଡ଼ିଆ କୁଣ୍ଡଳ,
ଦୋହଲି ଶୋଭା କରୁଛି ତା ଗଣ୍ଡମଣ୍ଡଳ । ଲ. ବି.

ବିଂ. ସ୍ୱର୍ଣ୍ଣାଦି ବଳୟଯୁକ୍ତ ।

ମୋଡ଼ିବା, କ୍ରି. (ମୁଟ୍ ଧାତୁଜ) ବକ୍ର କରିବା; ଆକୁଞ୍ଚନ କରିବା; କମ୍ପା ବିମର୍ଦ୍ଦିବା । ଯଥା—

ବିବେକ-ତଢ଼ାଇ ବେକ ମୋଡ଼ିଲଣି । ବି. ଚ. ମ.

ବୁଲାଇବା । ଯଥା—

ମୋଡ଼ିଲି ବଦନ ଆଡ଼ିଲି କରି ବାସ ପଣନ୍ତି ।

ହାତରେ ମନ୍ଥିବା । ଯଥା—

ଯୁଦ୍ଧରେ ତ କିଛି ପାଇ ନାହିଁ ଯଶ,
ଦୁଇ ହାତେ କେତେ ମୋଡ଼ୁଅଛ ନଶ । କୃ. ଷ୍ଠ ବି. ପ.

ମୋଡ଼ମାଡ଼, କ୍ରି. ବିଂ. ( ଦେଶଜ ) ନୀରବ ଓ ନିଷ୍ଫଳରେ । ଯଥା—

ଟାଣ ପଦ କେତେ ଶୁଣିଲି ସହୁଁ,
ମୋଡ଼ମାଡ଼ ରହେ କଙ୍କାଳୀ ଚହୁଁ । ହା. ଚ.

ମୋଡ଼ହେବା, } କ୍ରି. ବକ୍ର ହେବା ।
ମୋଡ଼ହୋଇଯିବା, } ଯଥା—

ତପନୀୟ ଲତା ନାନା ଚହେ ଫଳ
ବାତେ ମୋଡ଼ହେଲି ଭାବ । ଲ. ବି.

ମୋଢ଼ା, ବି°. (ଦେଶଜ) ହତଚଳ, ଘାତୁକ । ଯଥା—

ଏ ମୋଢ଼ା ଚଢ଼ାଇ ଦୁଷ୍ଟ କପାଁ ସ୍ତ୍ରୀକୁ ରଖ । ସା.ଭ୍ର.ଆ.

ମୋଢ଼ି, ମୋଢ଼ୀ, ବି°. ମାତ । ଯଥା—

ଏ ମୋଢ଼ି କେଶିନୀ ଅଟେ ବଡ଼ ହତଶିର । ସା.ଭ୍ର ଆ.

ଦୁଷ୍ଟା । ଯଥା—

ଯାହାର ପ୍ରଭୁ ଶ୍ରୀହରି ବ୍ରହ୍ମାଣ୍ଡ ଠାକୁର,
ତାହାକୁ ପୁଣ ମୋଢୀ ବୋଇଲ୍ଲ ନାଟକାର ।
ନୃ. ପୃ. ଦ୍ଵି. ଡ.

ମୋଡହିଁ, ସର୍ବ°. (ଦେଶଜ) ମୋଠାରେ । ଯଥା—

ପ୍ରୟୋଗ ଆଶ୍ଚର୍ଯ୍ୟ ଅଛୁ ମୋ ତହିଁ । ର. ପ.

ମୋତି, ବି. (ମୌକ୍ତିକ = ପ୍ରାକୃତ ମୋତ୍ତିଅ ଶବ୍ଦଜ) ମୁକ୍ତାରତ୍ନ ।

ମୋତିଜାଲ, ବି. (ମୌକ୍ତିକଜାଳ ଶବ୍ଦଜ) ଶିରୋଭୂଷଣବିଶେଷ । ଯଥା—

ବିଭୂଷି କଆପନୀ ମୋତିଜାଲ । ବୈ. ବି.

ମୋତେ, ମତେ, ସର୍ବ°. (ଦେଶଜ) ଅସ୍ମଦ୍ ଶବ୍ଦର ଦ୍ଵିତୀୟା ଏକବଚନ ।

ମୋଦ, ମୋଦନ, ବି. (ମୁଦ୍ = ହୃଷ୍ଟ ହେବା-ଅ, ଅନ) ହର୍ଷ, ଆହ୍ଲାଦ । (ବିଶେଷଣରେ ମୋଦିତ, ମୋଦୀ ଓ ମୋଦକ ହୁଏ ।)

ମୋର, ମୋହର, ସର୍ବ°. (ପ୍ରାକୃତ ମୋହପଦ ଜାତ) ଅସ୍ମଦ୍ ଶବ୍ଦର ଷଷ୍ଠୀ ଏକବଚନ ।

ମୋରତହୁଁ, } ସର୍ବ°. (ଦେଶଜ) ମୋଠାରୁ ।
ମୋତହୁଁ ) ଯଥା—

ସେ ମୋର ତହୁଁ ଶୁଣି ଏହା । ଭା. ଏ. ସ୍କ.

ମୋଲଖି, ବି°. (ଦେଶଜ) ମେ ତୁଲ୍ୟ, ମତ୍ସଦୃଶ ।

ମୋଷ, } ବି. (ମୁଷ୍ = ଚୋର କରିବା-ଅ,
ମୋଷଣ, ) ଅନ) ଚୌର୍ଯ୍ୟ, ଲୁଣ୍ଠନ; ପ୍ରତ୍ୟାହରଣ; ଛେଦନ; ବଧ, ନାଶ; ପ୍ରତାରଣା । (ବିଶେଷଣରେ ମୋଷକ ଓ ମୋଷ୍ଟା ହୁଏ ।)

ମୋସାହେବ, ବି. (ଯାବନିକ) ଅଧୀନ, ସ୍ତୁତିପାଠକ । ଯଥା—ବର୍ତ୍ତମାନେ ମୋସାହେବ ମୋସାହେବ ହେଲଣି ।

ମୋସ୍ତର, ବି. (ଯାବନିକ) ପ୍ରକାର ।

ମୋସ୍ତାସ୍ଵେଦ, ବି°. (ଆରବ୍ୟ) ପ୍ରସ୍ତୁତ, ଉଦ୍ୟତ ।

ମୋହ, } ସର୍ବ°. (ପ୍ରାକୃତ ମହ ପଦରୁ ଜାତ)
ମୋହୋ, ) ଅସ୍ମଦ୍ ଶବ୍ଦର ଷଷ୍ଠୀ ଏକବଚନ ।

ମୋହ, ବି. (ମୁହ୍ = ମୁଗ୍ଧ ହେବା-ଅ) ମୂର୍ଚ୍ଛା; ଅଜ୍ଞାନ, ମୂର୍ଖତା; ଦେହାଦିରେ ଆତ୍ମାଭିମାନ; ଦୁଃଖ । (ବିଶେଷଣରେ ମୋହିତ, ମୋହୀ, ମୋହକ ହୁଏ ।)

ମୋହନ, ବି. (ମୁହ୍-ଣିଚ୍-ଅନ) କାମବାଣବିଶେଷ; ଧୁସ୍ତୁର ବୃକ୍ଷ । ବି°. ମୋହଜନକ; ମନୋହର ।

ମୋହନଭୋଗ, ବି. ଶର୍କରା ଘୃତ ମିଶ୍ରିତ ମିଷ୍ଟାନ୍ନବିଶେଷ ।

ମୋହମତ, ମୋହବତ, ବି. (ମମତା ଶବ୍ଦଜ) ମମତା ।

ମୋହର, ବି. (ଯାବନିକ) ମୁଦ୍ରା, ସ୍ଵର୍ଣ୍ଣମୁଦ୍ରା; ପତ୍ରାଦିରେ ସୀଲମୁଦ୍ରା । (ମଧୁର ଶବ୍ଦଜ) ସୁବ୍ୟଞ୍ଜନବିଶେଷ । ସର୍ବ°. ଅସ୍ମଦ୍ ଶବ୍ଦର ଷଷ୍ଠୀ ଏକବଚନ ।

ମୋହରି, } ସର୍ବ°. (ପ୍ରାକୃତ ହମାସ୍ମ ପଦ ଜାତ)
ମୋରି, ) ଅସ୍ମଦ୍ ଶବ୍ଦର ଷଷ୍ଠୀ ଏକବଚନ ।

ମୋହରିର, } ବି. (ଯାବନିକ) ଯେ ପତ୍ରାଦିରେ
ମୋହରୀର, ) ମୋହର ପକାଏ, ଖାତାବହି ରକ୍ଷକ; କର୍ମଚାରୀବିଶେଷ; ଗଣନା କରିବା ବ୍ୟକ୍ତି ।

ମୋହରେ, ସର୍ବ°. (ଦେଶଜ) ମୋହାରି । ଯଥା—

ଜଳରେ ଲୁଗୃଇ ଅଗ୍ନି କି ବଞ୍ଚାଇ
ମୋହରେ ସଞ୍ଚାଇବାର ହେବ । ବ. ଚ. ମ.

ମୋହାଣ, } ବି. (ଦେଶଜ) ସମୁଦ୍ରାଦିର
ମୁହାଣ, ) ମୁଖଦେଶ । ଯେପରି—ଧାମରାମୋହାଣ ।

ମୌକଲ, } ବି. (ଯାବନିକ) ଯେଉଁମାନେ
ମଉକଲ, ) ବିଚାରାଳୟରେ ନିଜ ବକ୍ତବ୍ୟ ଜଣାଇବାପାଇଁ ଓକିଲ ଇଚ୍ଛା କରନ୍ତି ।

ମୌକ୍ତିକ, ବି. ସଂ. ମୁକ୍ତାରତ୍ନ ।

ମୌଖିକ, ବିଂ. ସଂ. ମୁଖସମ୍ବନ୍ଧୀୟ; କାଳ୍ପନିକ; ଯାହା ଆନ୍ତରିକ ନୁହେ; ମୁଖରେ ପ୍ରକାଶିତ ।

ମୌଛବ, ମଉଛବ, ବି. (ମହୋତ୍ସବ ଶବ୍ଦଜ) ମଠାଧିକାରୀ ବୈଷ୍ଣବମାନଙ୍କ ମୃତ ତିଥି । ଯଥା—

କାଲ୍ ମୌଛବବେଳେ ଆସ,
ବୁଝିବ ଏଥିର ସନ୍ଦେଶ । ଦା. ର.

ମୌଜା, ବି. (ଯାବନିକ) ଦେଶର ଶ୍ରେଷ୍ଠ ବିଭାଗ, କୌଣସି ଏକ ଗ୍ରାମ; ପାଦର ଆଭରଣବିଶେଷ ।

ମୌନ, ବି. (ମୁନି-ଅ ଭାବାର୍ଥେ) ଅଭାଷଣ, ଚୁପ୍ ରହିବା ।

ମୌରସି, ମୌରଶୀ, ବିଂ. (ଯାବନିକ) ପୁରୁଷାନୁକ୍ରମେ ଦଖଲୀ ଅର୍ଥାତ୍ ପୈତୃକ ।

ମୌର୍ବୀ, ବି. ସ୍ତ୍ରୀ. (ମୂର୍ବା = ମୁରୁଗା-ଅ-ଈ) ଧନୁର୍ଗୁଣ । ବିଂ. ମୂର୍ବାସମ୍ବନ୍ଧୀୟ ।

ମୌଲବି, ମୌଲବୀ, ବି. (ଯାବନିକ) ପଣ୍ଡିତ ବ୍ୟକ୍ତି, ଶାସ୍ତ୍ରଜ୍ଞ ଲୋକ ।

ମୌଳା, ବି. (ମାତୁଳ ଶବ୍ଦଜ) ମାମୁ, ମାତାଙ୍କ ଭ୍ରାତା । ବିଂ. ମାମୁଘରସମ୍ବନ୍ଧୀୟ । ଯେପରି—ମୌଳାଶ୍ରାଦ୍ଧ ।

ମୌଳାପକ୍ଷ, ବି. (ଦେଶଜ ପ୍ରାୟ) ଅପର ପକ୍ଷ, ମହାଳୟ ପକ୍ଷ ।

ମୌଳି, ମୌଳୀ, ବି. ସ୍ତ୍ରୀ. (ମୂ = ବନ୍ଧନ କରିବା-ଳି, ଈ) ମସ୍ତକ; ଶିଖା; ଚୂଡ଼ା; ମୁକୁଟ; ଖୋସା; ସଂଯତକେଶ; ଅଗ୍ରଭାଗ; ଭୂମି, ପୃଥିବୀ ।

ମୌଳିକ, ବିଂ. (ମୂଳ-ଇକ) ମୂଳୀଭୂତ, ପ୍ରଧାନସ୍ୱରୂପ; ମୂଳସମ୍ବନ୍ଧୀୟ ।

ମ୍ଳାନ, ବି. (ମ୍ଳୈ-ତ) ବିଷାଦ; ମାଳିନ୍ୟ; ଗ୍ଳାନି । (ବିଶେଷଣରେ ମ୍ଳାନ ହୁଏ ।)

ମ୍ଳେଚ୍ଛ, ବି (ମ୍ଳେଚ୍ଛ୍ = ଅସଂସ୍କୃତ କଥା ବୋଲିବା-ଅ) ଅସଭ୍ୟ; କିରାତ ଶବର ପୁଳିନ୍ଦାଦି ଜାତିବିଶେଷ । ବିଂ. ପାପିଷ୍ଠ, ପାପରତ ।

# ଯ

ଯ, ବ୍ୟଞ୍ଜନମାଳାର ଷଡ଼୍‌ବିଂଶ ବର୍ଣ୍ଣ । ବି. (ଯା = ଯିବା-ଅ) ବାୟୁ; ଯଶ; ଯାନ; ସଂଯମନ; ଯମ । (ସ୍ତ୍ରୀ) ଗତି, ଯାତ୍ରା; ଯୋଗ; ତ୍ୟାଗ; ପ୍ରାପ୍ତି ।

ଯଅ, ବି. (ଯବ ଶବ୍ଦଜ ପ୍ରାକୃତ) ଯବଧାନ ।

ଯେଉଁ, ସର୍ବଂ. (ଯଦ୍ ଶବ୍ଦଜ) ଯେ, ଯାହା ।

ଯଉବଦମାଳା, ଜଉବଦମାଳା, ବି. (ଦେଶଜ) ଜତୁନିର୍ମିତ ମାଳା, ଜଉରେ ତୟାର ହେବା ମାଳ । ଯଥା—

ଯଉ ବଦମାଳା ଘେନଇ କି ଯେ ପୁଣ
ବହଇ ମାଣିକ ? ଲ. ବ.

ଯକୃତ୍, ବି. ସଂ. କୁକ୍ଷି ମଧ୍ୟରେ ଦକ୍ଷିଣଭାଗସ୍ଥ ମାଂସଖଣ୍ଡବିଶେଷ; ତତ୍ସମ୍ବନ୍ଧ ରୋଗବିଶେଷ ।

ଯକ୍ଷ, ବି. (ଯକ୍ଷ୍ = ପୂଜା କରିବା-ଅ) ଦେବଯୋନି-ବିଶେଷ; କୁବେରଙ୍କ ଅନୁଚର; କୁବେର; କୁବେରଙ୍କ ଧନ; ଧନରକ୍ଷକ; ଇନ୍ଦ୍ରଭବନ । (ସ୍ତ୍ରୀ-ଈ) ଯକ୍ଷପତ୍ନୀ; କୁବେରପତ୍ନୀ; ପିଶାଚୀ ।

ଯକ୍ଷକର୍ଦ୍ଦମ, ବି. ସଂ. କର୍ପୂର, କସ୍ତୁରୀ, କୁଙ୍କୁମ, ଅଗୁରୁ, ଚନ୍ଦନ ଓ କକ୍‌କୋଳ ମିଶ୍ରିତ ଦ୍ରବ୍ୟ ।

ଯକ୍ଷତରୁ, ଯକ୍ଷବାସ, ବି. ସଂ. ବଟବୃକ୍ଷ ।

ଯକ୍ଷଧୂପ, ବି. ସଂ. ଝୁଣା; ଟାର୍ପିନତେଲ ।

ଯକ୍ଷ୍ମା, ବି. (ଯକ୍ଷ୍ମନ୍—ଯକ୍ଷ୍ = ପୂଜା କରିବା-ମନ୍) କ୍ଷୟରୋଗ, କାସରୋଗବିଶେଷ ।

ଯଚ୍ଛ, ବି. (ଯଶସ୍ ଶବ୍ଦଜ) ଯଶ, ସୁଖ୍ୟାତି ।

ଯଜନ, ବି. (ଯଜ୍ = ପୂଜା କରିବା-ଅନ) ଯାଗକରଣ; ପୂଜନ ।

ଯଜମାନ, ବି. (ଯଜ୍-ଆନ, ଆନ—ମାନ) ଯାଗକାରକ, ଯେ ବ୍ୟକ୍ତି ଦକ୍ଷିଣା ଦେଇ ଯାଗାଦି କର୍ମ କରାଏ ।

ଯଜୁଃ, ଯଜୁର୍ବେଦ, } ବି. (ଯଜୁସ୍-ଯଜ୍ = ପୂଜା କରିବା-ଉସ୍) ବେଦବିଶେଷ, ବିଶିଷ୍ଟ ବେଦ; ଏହି ବେଦ ଶତ ଶାଖାରେ ଯୁକ୍ତ ।

ଯଜ୍ଞ, ବି. (ଯଜ୍-ନ) ଯାଗ, ହୋମ ।

ଯଜ୍ଞବାଟ, ବି. (ଯଜ୍ଞ-ବାଟ = ଆବୃତସ୍ଥାନ) ଯଜ୍ଞସ୍ଥାନ, ଯଜ୍ଞଭୂମି ।

ଯଜ୍ଞସୂତ୍ର, ବି. ସଂ. ଯଜ୍ଞୋପବୀତ, ପଇତା ।

ଯଜ୍ୱା, ବି. (ଯଜ୍ୱନ୍—ଯଜ୍-ବନ୍) ଯାଜ୍ଞିକ, ଯଜ୍ଞକର୍ତ୍ତା ।

ଯତ୍, ଅଂ. ସଂ. ଯେପରି; ଯେହେତୁ; ଯହିଁରେ; ଯାହା । ବିଂ. ଯେ ।

ଯତ, ବିଂ. (ଯମ୍-ତ) ସଂଯତ, ବଦ୍ଧ; ନିୟମିତ; ଅନୁଷ୍ଠିତ । ବିଂ. ସଂଯମ; ପଦଦ୍ୱାରା ଗଜତାଡ଼ନ ।

ଯତଃ, ଅଂ. ଯେହେତୁ; ଯେପରି; ଯହିଁରେ; ଯାହାଠାରୁ ।

ଯତନ, ଜତନ, ବି. (ଯତ୍ନ ଶବ୍ଦର ଅପଭ୍ରଂଶ) ଯତ୍ନ, ଚେଷ୍ଟା । ବିଂ. ସୁଡ଼ଳ, ସୁନ୍ଦର । ଯଥା—

ଆଖୁଶାଳ ଜଣେ ଯତନ ଆଖୁଶାଳରେ ବସି,
ଗ୍ରାମ କଥା ଗ୍ରାମବାସିଏ ଗଳ୍ପ କରନ୍ତି ହସି । ଗ୍ରା. ମା.

(ଯତନ ଶବ୍ଦ ସଂସ୍କୃତ ମଧ୍ୟ ହୁଏ, ଯତ୍-ଅନ ।)

ଯତି, ବି. (ଯତ୍ = ଯତ୍ନ କରିବା-ଇ, ଯେ ଯମ ନିୟମାଦିରେ ଯତ୍ନ କରେ) ତପସ୍ୱୀ, ମୁନି । (ଯମ୍-ତି, ଯହିଁରେ ଜିହ୍ୱା ନିବୃତ୍ତ ହୁଏ) ଶ୍ଲୋକାଦିର ସ୍ୱର ବିଚ୍ଛେଦ ସ୍ଥାନ; ପଦ୍ୟ ପାଠର ବିରାମ ସ୍ଥାନ; କ୍ରୋଧ; ଅନୁଭୂତି; ବିଧବା ।

ଯତୀ, ବି. (ଯତିନ୍—ଯତ୍-ଇନ୍ ଅଥବା ଯତ = ସଂଯମ-ଇନ୍ ଅସ୍ତ୍ୟର୍ଥେ) ଜିତେନ୍ଦ୍ରିୟ, ମୁନି । (ସ୍ତ୍ରୀ. ଯତିନୀ) ବିଧବା ।

ଯତ୍ନ, ବି. (ଯତ୍ = ଯତ୍ନ କରିବା-ନ) ଚେଷ୍ଟା; ପରିଶ୍ରମ; ଉଦ୍ୟମ; ଅଧ୍ୟବସାୟ ।

ଯତ୍ର, ଅଂ. ସଂ. ଯେଉଁଠାରେ; ଯେ ବିଷୟରେ ।

ଯଥା, ଅଂ. (ଯଦ୍-ଥା ପ୍ରକାରାର୍ଥେ) ଯେପରି; ଯେ ପରିମାଣ; ସାଦୃଶ୍ୟ; ଯୋଗ୍ୟତା; ବୀପ୍ସା; ସତ୍ୟ; ସ୍ୱାର୍ଥ; ଅନତିକ୍ରମ ।

ଯଥାକଥଞ୍ଚିତ୍, ଅଂ. ସଂ. ଯେ କୌଣସି ପ୍ରକାରେ, କଷ୍ଟେସୃଷ୍ଟେ ।

ଯଥାକଥା, କ୍ରି. ବିଂ. (ଏହିଟି ସଂସ୍କୃତ ପଦ ହୋଇ ସୁଦ୍ଧା ଦେଶଜ ପ୍ରାୟ) ଯେ କୌଣସି ପ୍ରକାରେ । ଯଥା—

ଯଥାକଥା କରି ତାକୁ ଜଣାଣ,
ଲେଖିବା ତୁଳକ କାଗଜ ଆଣ । ଲ. ବ.

(ସଂସ୍କୃତ ହେଲେ) କଥାନୁରୂପ ।

ଯଥାକାମ, କ୍ରି. ବିଂ. ସଂ. ସ୍ୱେଚ୍ଛାନୁସାରେ, ଯେପରି ଇଚ୍ଛା ।

ଯଥାକ୍ରମ, ଅଂ. ସଂ. କ୍ରମାନୁରୂପ, କ୍ରମକୁ ଅତିକ୍ରମ ନ କରି ।

ଯଥାଜାତ, ବି. ସଂ. ମୂର୍ଖ; ନୀଚ, ଅସଭ୍ୟ ।

ଯଥାତଥ, କ୍ରି. ବିଂ., ବିଂ. ସଂ. ଯଥାନୁରୂପ, ଯଥାଯୋଗ୍ୟ; ଯଥାର୍ଥ; ଇତିହାସ, ପୁରାବୃତ୍ତ ।

ଯଥାତଥା, ଅଂ. ସଂ. ଯେଉଁଠାରେ ସେହିଠାରେ, ଯହିଁ ତହିଁ ।

ଯଥାଯଥ, ବିଂ. ସଂ. ପୂର୍ବାନୁଯାୟୀ; ଯଥାଯୋଗ୍ୟ ।

ଯଥାର୍ଥ, ବିଂ. (ଯଥା = ଯଥାଭୂତ-ଅର୍ଥ = ସତ୍ୟ) ସତ୍ୟ; ଯୋଗ୍ୟ; ଉପଯୁକ୍ତ ।

ଯଥାର୍ହ, ବିଂ. (ଯଥା-ଅର୍ହ = ଯୋଗ୍ୟ) ଯଥୋଚିତ, ଯଥାଯୋଗ୍ୟ ।

ଯଥାବତ୍, ଅଂ. ସଂ. ବିଧାନାନୁସାରେ; ଯଥାର୍ଥ, ଠିକ ।

ଯଥାସଂସ୍କାରକାରିତା, ବି. ସଂ. ଯେପରି ସଂସ୍କାର ଅଛି ତଦନୁରୂପ କାର୍ଯ୍ୟ କରିବା ।

ଯଥାସ୍ଥିତ, ବିଂ. (ଯଥା = ଯେପରି-ସ୍ଥିତ = ନିର୍ଣ୍ଣୀତ, ସ୍ଥାପିତ) ପ୍ରସ୍ତୁତ; ସତ୍ୟ; ଯୋଗ୍ୟ, ଉପଯୁକ୍ତ । ଅଂ. ଯଥାର୍ଥରୂପେ ।

ଯଥାସ୍ୱ, ଅଂ. (ଯଥା = ଯେପରି-ସ୍ୱ = ନିଜ) ଯଥାଯୋଗ୍ୟରୂପେ । ବିଂ. ଯଥାର୍ଥ ।

ଯଥେଷ୍ଟ, ଅଂ. ବିଂ. (ଯଥା = ଯେପରି-ଇଷ୍ଟ = ବାଞ୍ଛିତ) ଯଥାଭିଳଷିତ, ଇଚ୍ଛାନୁରୂପ; ପ୍ରଚୁର, ବହୁତର, ଅନେକ ।

ଯଥେଷ୍ଟାଚାରୀ, ବିଂ. ସଂ. ସ୍ୱେଚ୍ଛାଚାରୀ । ବି. ପକ୍ଷୀ ।

ଯଥୋଚିତ, ଅଂ. ସଂ. ଯଥାଯୋଗ୍ୟ, ଯଥୋପଯୁକ୍ତ, ଉପଯୁକ୍ତରୂପେ ।

ଯଦା, ଅଂ. ସଂ. ଯେବେ, ଯେଉଁ ସମୟରେ; ଯେହେତୁ ।

ଯଦି, ଅଂ. ସଂ. ଏକ କ୍ରିୟାରେ ଅନ୍ୟର ଅପେକ୍ଷା ସୂଚକ ସମ୍ଭାବନା; ସଂଶୟ; ପକ୍ଷାନ୍ତର; ଅବଧାରଣ ।

ଯଦିବା, ଅଂ. ସଂ. ଅଥବା, ପକ୍ଷାନ୍ତର ।

ଯଦୃଚ୍ଛା, ବି. (ଯଦ୍-ଯେ-ଋଚ୍ଛ୍-ଗମନ କରିବା -ଅ-ଆ) ସ୍ୱାତନ୍ତ୍ର୍ୟ, ସ୍ୱେଚ୍ଛା; ଅନାୟାସ; ଦୈବାତ୍; ସ୍ୱୈରବୃତ୍ତି ।

ଯଦ୍ଭବିଷ୍ୟ, ବିଂ. (ଯଦ = ଯେ-ଭବିଷ୍ୟ = ଭବିଷ୍ୟତ୍) ଭାଗ୍ୟାପେକ୍ଷୀ, କେବଳ ଦୈବ ନିର୍ଭର ।

ଯଦ୍ୟପି, ଅଂ. ସଂ. ଯଦିଚ ।

ଯନ୍ତା, ବି. (ଯନ୍ତୃ—ଯମ୍ = ନିବୃତ୍ତ କରିବା-ତୃ) ସାରଥି; ହାତୀମାହୁନ୍ତ । ବିଂ. ଦମନକାରକ, ନିୟାମକ; ବିରତିକାରକ । (ଯନ୍ତ୍ର ଶବ୍ଦଜ) ଯନ୍ତ୍ର, ଷାଣଯନ୍ତ୍ର । ଯଥା—

ନୂତନେ ଟଙ୍କଳକରି ଶସ୍ତ୍ରମାନଙ୍କୁ,
କେ ଯନ୍ତା ଦିଆଇ କେହି ହିଙ୍ଗୁଳାଇ
କେ ବନ୍ଧାଇ ଆନ କୋଷକୁ । ଲ. ବି.

ବାଘ ପ୍ରଭୃତି ଯନ୍ତାଁରେ ଧରାଯାଏ ।

ଯନ୍ତ୍ର, ବି. (ଯନ୍ତ୍ର୍ = ସଙ୍କୁଚିତ କରିବା-ଅ) କଳ, କଳ କୌଶଳରେ ଯେ କୌଣସି କର୍ମ ନିର୍ବାହାର୍ଥ ନିର୍ମିତ ପଦାର୍ଥ; ଯନ୍ତା; ବନ୍ଧୁକ ପ୍ରଭୃତି; ପଦାର୍ଥ ନିରୂପଣ ସାମଗ୍ରୀ; ବଢ଼େଇର କାଷ୍ଠପ୍ରଭେଦକ ଅସ୍ତ୍ର; ଦେବତାଙ୍କ ଅଧିଷ୍ଠାନଚକ୍ର; ବାଦ୍ୟ ।

ଯନ୍ତ୍ରଣ, ବି. (ଯନ୍ତ୍ର୍ = ପୀଡ଼ାଦେବା ଇତ୍ୟାଦି-ଅନ) ବନ୍ଧନ; ରୋଧ; ରକ୍ଷଣ; ଦମନ; ସଙ୍କୋଚନ । (ସ୍ତ୍ରୀ-ଯନ୍ତ୍ରଣା) ଯାତନା, କ୍ଳେଶ । (ବିଶେଷଣରେ ଯନ୍ତ୍ରିତ ହୁଏ ।)

ଯବାନ, ବି. (ଯୁବନ୍ ଶବ୍ଦଜ) ଯୁବା; ସିପାହି ।

ଯମ, ବି. (ଯମ୍-ଣିଚ୍ = ନିବୃତ୍ତ କରିବା-ଅ) ଦକ୍ଷିଣ ଦିକ୍ପାଳ; ଶନି; କାକ; ସଂଯମନ, ଚିତ୍ତର ଏକାଗ୍ରତାପୂର୍ବକ ଈଶ୍ୱରଙ୍କଠାରେ ନିଯୋଗ; ଅହିଂସା, ସତ୍ୟାଦି; ସହିଷ୍ଣୁତା; ଉତ୍ସବବିଶେଷ; ମୃତ୍ୟୁ; ଯୋଗ । (ସ୍ତ୍ରୀ-ଈ) ଯମୁନା ନଦୀ ।

ଯମକ, ବି. (ଯମ-କ) ଶବ୍ଦାଳଙ୍କାରବିଶେଷ, ରଚନା ମଧ୍ୟରେ ଭିନ୍ନାର୍ଥକ ସ୍ୱରବ୍ୟଞ୍ଜନ-ସମୂହର ପୁନରାବୃତ୍ତି; ସଂଯମ; ଏକ ଗର୍ଭରୁ ଏକ ସମୟରେ ଉତ୍ପନ୍ନ ସନ୍ତାନଦ୍ୱୟ, ଯୁଗ୍ମଜାତ ।

ଯମଜ, ବିଂ. (ଯମ୍-ଜନ୍-ଅ) ଏକ ଗର୍ଭରୁ ଏକଦା ସମୁତ୍ପନ୍ନ ସନ୍ତାନଦ୍ୱୟ, ସହଜାତ; ଭୁମ୍ଳି ।

ଯମଦାଢ଼, ବି. (ସଂସ୍କୃତ ଓଡ଼ିଆ ଶବ୍ଦର ମିଶ୍ରଣ, ଯମଧାର ଶବ୍ଦଜ) ଅସ୍ତ୍ରବିଶେଷ । ଯଥା—

ମିଥ୍ୟା ନୋହେ ନିଦ୍ରାବ୍ୟାଜେ ନେଇ-ଯମଦାଢ଼ରୁ ଯେ
ରଖିଥିଲୁ ପକ୍ଷକୋଷ୍ଟୁଁ କରି ବାହାର । ଲ. ବି.

ଯମଦ୍ରୁମ, ବି. ସଂ. ଶାଳ୍ମଳୀବୃକ୍ଷ, ଶିମୁଳଗଛ ।

ଯମଦ୍ୱିତୀୟା, ବି.ସ୍ତ୍ରୀ.ସଂ. କାର୍ତ୍ତିକ ଶୁକ୍ଳ ଦ୍ୱିତୀୟା ।

ଯମଧାର, ବି. ସଂ. ଅସ୍ତ୍ରବିଶେଷ ।

ଯମନ, ବି. (ଯମ୍-ଅନ) ସଂଯମନ, ବନ୍ଧନ; ଛେଦନ; ଉପରମ; ବିନାଶ, ଯମ । (ବିଶେଷଣରେ ଯମିତ ହୁଏ ।)

ଯମନିକା, ବି. ସ୍ତ୍ରୀ. (ଯମ୍-ଅନ-କ-ଆ, ଅକ = ଇକ) ଯବନିକା, ପର୍ଦ୍ଦା ।

ଯମଭଗିନୀ, ଯମସ୍ୱସା, ଯମାନୁଜା, } ବି. ସ୍ତ୍ରୀ. ସଂ. ଯମୁନା-ନଦୀ ।

ଯମଳ, ବି. (ଯମ-ଲା-ଅ, ଅଥବା ଯମ୍-ଅଳ) ଯୁଗ୍ମ, ଯୋଡ଼ା; ବୃନ୍ଦାବନସ୍ଥ ବୃକ୍ଷବିଶେଷ । (ସ୍ତ୍ରୀ-ଯମଳୀ) ପରିଚ୍ଛଦାଦିବିଶେଷ; ଯାଉଁଳ ।

ଯମାନୀ, ଯମାନିକା, ବି. ସ୍ତ୍ରୀ. ସଂ. ଜୁଆଁଣୀ ।

ଯମୁନା, ବି. ସ୍ତ୍ରୀ. (ଯମ୍ = ବିରତ ହେବା-ଉନ-ଆ) କାଳିନ୍ଦୀନଦୀ; ଦୁର୍ଗା ।

ଯର୍ହି, ଅଂ. ସଂ. ଯେହେତୁ, ଯେଣୁ ।

ଯବ, ବି. ( ଯୁ = ମିଶ୍ରିତ କରିବା-ଅ ) ଶସ୍ୟ-ବିଶେଷ; ପରିମାଣବିଶେଷ; ଅଙ୍ଗୁଳିସ୍ଥ ଯବାକାର ରେଖା; ବେଗ ।

ଯବକ୍ଷାର, ବି. ସଂ. ଯବଖାର, ସୋରା ।

ଯବନ, ବି. (ଯୁ = ମିଶ୍ରିତ କରିବା-ଅନ)ଆରବ ଦେଶ; ତୁରସ୍କଦେଶ; ମୁସଲମାନ; ବେଗ-ବାନ୍ ଅଶ୍ୱ; ବେଗ; ମ୍ଳେଚ୍ଛଜାତି; ବିଧର୍ମୀ, ଅସଦାଚାରୀ । ବିଂ. ବେଗବାନ୍ । ( ସ୍ତ୍ରୀ-ଯବନୀ ) ଯବନ ସ୍ତ୍ରୀ ।

ଯବନିକା, ବି. ସ୍ତ୍ରୀ. (ଜୁ = ବେଗେ ଚଳିବା-ଅନ-ଆ, ଜ = ଯ, ଅଥବା ଯବନୀ-କ-ଆ) ତିରସ୍କରିଣୀ; ପର୍ଦ୍ଦା; ଯବନ ସ୍ତ୍ରୀ ।

ଯବସ, ବି. (ଯୁ = ମିଶ୍ରିତକରିବା-ଅସ) ତୃଣ, ଘାସ । ବିଂ. ଦକ୍ଷ ।

ଯବାଗୂ, ବି. ସ୍ତ୍ରୀ. (ଯୁ ଆଗୂ ଯାହା ମିଶ୍ରିତ କରା-ଯାଏ) ଯାଉ, ଯବମଣ୍ଡ ।

ଯବାନ, ବିଂ. (ଯବ-ବେଗ-ଆ-ନୀ-ପାଇବା-ଅ) ବେଗବାନ୍, ଦ୍ରୁତଗାମୀ । (ଅତିଶୟା-ର୍ଥରେ ଯବୀୟାନ୍, ଯବିଷ୍ଠ ହୁଏ । )

ଯଶଃ, ବି. (ଯଶସ୍-ଅନ୍ତରେ ବିଶ ଇତି ଯଶଃ, ଅଶ୍ ବ୍ୟାପ୍ତୌ; ଯାତି ଦେଶାନ୍ତର ମିତି ବା ଯଶଃ, ଯା ପ୍ରାପଣେ, ଅଶ୍=ବ୍ୟାପିବା-ଅସ୍, ଯ ଆଗମ) ସୁଖ୍ୟାତି, କୀର୍ତ୍ତି; ନିଜ ବଳ ବା ବୁଦ୍ଧିବଳରେ ସମ୍ପାଦିତ ଗୌରବ । (ଦାନାଦି ପ୍ରଭବା କୀର୍ତ୍ତିଃ ଶୌର୍ଯ୍ୟାଦି ପ୍ରଭବଂ ଯଶଃ । )

ଯଶଃଶେଷ, ବି. (ଯଶଃ-ଶେଷ = ଅନ୍ତ) ମୃତ୍ୟୁ; କୀର୍ତ୍ତିବିଶେଷ । ବିଂ. ମୃତ ।

ଯଶସ୍ୟ, ବିଂ. (ଯଶସ୍-ଯ) ଯଶସ୍କର, ସୁଖ୍ୟାତି-ଜନକ ।

ଯଶସ୍ୱାନ୍, ଯଶସ୍ୱୀ, } ବିଂ. (ଯଶସ୍-ବତୁ, ବିନ୍ ଅସ୍ତ୍ୟର୍ଥେ) କୀର୍ତ୍ତିମାନ୍, ସୁବିଖ୍ୟାତ ।

ଯଶୋବନ୍ତୀ, ବି. ସ୍ତ୍ରୀ. ( ଯଶୋବତୀ ଶବ୍ଦଜ ) ଯଶୋଦା, ଶ୍ରୀକୃଷ୍ଣଙ୍କ ମାତା । ଯଥା—

ଏହା ଭଣେ ଯଶୋବନ୍ତୀ,
ନବାର ତାକୁ ନ ପାରନ୍ତି । ଭା. ଦ. ସ୍କ.

ଯଷ୍ଟା, ବି. (ଯଷ୍ଟୃ—ଯଜ୍ = ପୂଜା କରିବା-ତୃ) ଯାଗକର୍ତ୍ତା, ଯଜମାନ ।

ଯଷ୍ଟି, ବି. ସ୍ତ୍ରୀ. (ଯଜ୍ = ପୂଜାକରିବା-ତି, କ ଲୋପ) ବାଡ଼ି, ଲଠି; ଧ୍ୱଜାଦି ଦଣ୍ଡ; ତନୁ. ଶାଖା; ଭୁଜଦଣ୍ଡ; ଜାଠିମହୁ ।

ଯହିଁ, ଜହିଁ, ସର୍ବଂ. ଅ. (ଯତ୍ର ଶବ୍ଦଜ ପ୍ରାକୃତ) ଯେଉଁଠାରେ; ଯହିଁରେ; ଯାହାଠାରେ ।

ଯହିଁକି, ଅଂ. ( ଯଦ୍ ଶବ୍ଦଜ ) ଯା ନିମନ୍ତେ । ଯଥା—

ସ୍ନେହ ଯହିଁକି ମାନସ କରେ । ବି. ଚ. ମ.

ଯେଉଁଠାକୁ ।

ଯହୁଁ, ଅଂ. ( ଯଦ୍ ଶବ୍ଦଜ ) ଯହିଁରୁ, ଯେହେତୁରୁ ।

ଯା, ଜା, ବି. ସ୍ତ୍ରୀ. ( ଯାତୃ ଶବ୍ଦର ଅପଭ୍ରଂଶ ) ପତିଙ୍କ ଭ୍ରାତୃର ଭାର୍ଯ୍ୟା । ସର୍ବଂ. ( ଯଦ୍ ଶବ୍ଦଜ, ପ୍ରାକୃତ) ଯାହା, ଯେଉଁ, ଯାହାର । (କୌଣସି କୌଣସିଠାରେ "ଯେଣୁ ବା ଯେହେତୁ" ଏହି ଅର୍ଥ ହୁଏ । ) ଯଥା—

ସ୍ୱାଗତ ହେ ବହ୍ନି ଶିଖା ! ତୋତେ ରୁ ଯା ଆଣିଲୁ
ଶୁଭ ସନ୍ଦେଶ । ପାର୍ବତୀ ।

କ୍ରି. ଯାଅ । ଯଥା—

କର ଯା ବଳେ ଘରକୁ ଏବେ । ର. କ.

ଯ୍ୟା, ସର୍ବଂ. (ଏତଦ୍ ଶବ୍ଦଜ) ଏହା, ଏହାର । ଯଥା—

କର ଯ୍ୟା ପଦ ଗୋଚ ବ୍ୟଞ୍ଜନ ଆତପତ୍ର,
ଦେବାକୁ ଦେବୀଙ୍କୁ ମନାସ । ଲ. ବ.

ଯାଆଁଳା, ଯାଅଁଳା, ଯାଉଁଳା, } ବିଂ. (ଯାମଳ ଶବ୍ଦଜ) ଯୁଗ୍ମ, ମିଶ୍ରିତ ଦୁଇଟି, ଏକ ଗର୍ଭରୁ ଏକ ସମୟରେ ଉତ୍ପନ୍ନ ସନ୍ତାନଦ୍ୱୟ ।

ଯାଆ, ବି. ସ୍ତ୍ରୀ. ( ଯାତା ପଦଜାତ ପ୍ରାକୃତ ) ଦିଅରର ଭାର୍ଯ୍ୟା; ଦେଢ଼ଶୁରଙ୍କ ଭାର୍ଯ୍ୟା ।

ଯାଆସ, ଯାଆଆସ, ଯାଅଆସ, } ବି. (ଦେଶଜ) ଗମନା-ଗମନ । ବିଂ. ଗତା-ଗତ । ଯଥା—

କ୍ଷଣକେ ଯାଆସ ହୋଇ ଆସୁଛନ୍ତି ବ୍ୟଗ୍ରେ । ନୃ. ସୁ. ପ୍ର. ତ.

ଯାଉ, ଜାଉ, ବି. (ଯବାଗୂ ଶବ୍ଦଜ ପ୍ରାକୃତ) ଯବମଣ୍ଡ; ଚାଉଳପ୍ରଭୃତିର ଚୂନାରେ କୃତ ଖାଦ୍ୟ ବା ପାନୀୟବିଶେଷ ।

ଯାଏ, ଅଂ. (ଯାବତ୍ ଶବ୍ଦଜ) ପର୍ଯ୍ୟନ୍ତ । ଯଥା—
ସିଂହଦ୍ୱାରଯାଏ କଷ୍ଟେ ସୃଷ୍ଟେ ଯିବ ଭାଇ । ଉ. ବ.

ଯାଏଦାଦ, ବି. (ଯାବନିକ) ସମ୍ପତ୍ତି ।

ଯାକ, ଅଂ. (ଦେଶଜ) ସମୁଦାୟ ଅର୍ଥ । (ସର୍ବଦା ଅନ୍ୟ ଶବ୍ଦର ପରେ ପ୍ରଯୋଜ୍ୟ ହୁଏ ।) ଯଥା—
ଶୂଦ୍ର ତିନିବର୍ଣ୍ଣଯାକଙ୍କୁ ସେବା କରୁ,
ତରିବ ଆନ ଗତି ତହିଁଟି ତାହାର । କୃ. ଭ. ବ. ପ.

ଯାକୁ, ସର୍ବଂ. (ଯଦ୍ ଶବ୍ଦଜ) ଯାହାକୁ ।

ୟାକୁ, ସର୍ବଂ. (ଏତଦ୍ ଶବ୍ଦଜ) ଏହାକୁ । ଯଥା—
ଗୁହିଁ ୟାକୁ ମାର ହେବ ଦଣ୍ଡ । ବି. ଚ. ମ.

ଯାକେ, ଅଂ. (ଦେଶଜ) ପର୍ଯ୍ୟନ୍ତ । ଯଥା—
ବ୍ରହ୍ମା ଥିବାଯାକେ ଭୋଗ କରିବୁ ତୁ ମନ୍ତ୍ରୀ । ନୃ. ସୃ. ସ. ଉ.

ଯାଗ, ବି. (ଯଜ୍ = ପୂଜା କରିବା-ଅ) ଯଜ୍ଞ, ହୋମ ।

ଯାଗ୍ନିକ, ଯାଗିନିକ, } ବିଂ. (ଯାଜ୍ଞିକ ଶବ୍ଦଜ) ଯଜ୍ଞକର୍ତ୍ତା । ଯଥା—
ଯାଗେ ଯାଗିନିକ ହେଲେ ପରାଶର ଯତି । ସା. ଭ. ଆ.

ଯାଚନ, ଯାଚନା, ଯାଚ୍ଞା, } ବି. (ଯାଚ୍ = ମାଗିବା-ଅନ, ଆ; ସ୍ତ୍ରୀ. ଯାଚ୍-ତ-ଆ, ତ = ନ = ଞ) ପ୍ରାର୍ଥନା, ଭିକ୍ଷା, ମାଗିବା । (ବିଶେଷଣରେ ଯାଚକ, ଯାଚମାନ, ଯାଚନୀୟ, ଯାଚ୍ୟ ଓ ଯାଚିତ ପଦମାନ ସିଦ୍ଧ ହୁଏ ।)

ଯାଚନକ, ବିଂ. (ଯାଚ୍-ଅନ-କ) ଯାଚକ । ବି. ପ୍ରାର୍ଥନା ।

ଯାଚିତକ, ବି. (ଯାଚ୍-ତ-କ) ପ୍ରାର୍ଥିତବସ୍ତୁ; ଉଧାର ।

ଯାଚିବା, କ୍ରି. (ଯାଚ୍ ଧାତୁଜ) ପ୍ରାର୍ଥନା କରିବା, ମାଗିବା । (ଭିନ୍ନାର୍ଥରେ ଦେଶଜ) ନ ମାଗୁଣୁ ନିଅ ବୋଲିବା । ଯଥା—
ପିକେ ଦେଉଛୁ ମୁନିଭୁଡ ଯାଚି । କୋ. ବ୍ର. ସୁ.

ଯାଜନ, ବି. (ଯଜ୍ = ପୂଜା କରିବା-ଣିଚ୍-ଅନ) ଯାଗ କରାଇବା; ଯଜ୍ଞକ୍ରିୟା କରାଇବା; ପୌରୋହିତ୍ୟ । (ବିଶେଷଣରେ ଯାଜକ ଏବଂ ଯାଜ୍ୟ ହୁଏ ।)

ଯାଜ୍ଞସେନୀ, ବି. ସ୍ତ୍ରୀ. (ଯଜ୍ଞସେନ = ଦ୍ରୁପଦରାଜ -ଅ ଅପତ୍ୟାର୍ଥେ-ଈ) ଦ୍ରୌପଦୀ ।

ଯାଠି, ବି. (ଯଷ୍ଟି ଶବ୍ଦଜ) ଅସ୍ତ୍ରବିଶେଷ । ଯଥା—
ଶୂଳ ଶକ୍ତି ଯାଠି ଭୁଷୁଣ୍ଡି ମୁଦ୍‌ଗର । କୃ. ଭ. ବ. ପ.

ଯାତ, ବିଂ. (ଯା = ଗମନ କରିବା-ତ) ଗତ, ଅତୀତ; ଲବ୍ଧ; ଜାତ । ବିଂ. ଗମନ; ପ୍ରାପଣ; ଜ୍ଞାନ; ଅଙ୍କୁଶାଘାତଦ୍ୱାରା ତାଡ଼ନ । (ଯାତ୍ରା ଶବ୍ଦଜ) ଯାତ୍ରା; ଉତ୍ସବ । ଯେପରି— ଗୁଣ୍ଡିଚା ଯାତ ।

ଯାତନା, ବି. ସ୍ତ୍ରୀ. (ଯତ୍ = ଯନ୍ତ୍ରଣା ଦେବା-ଣିଚ୍-ଅନ-ଆ) ଯନ୍ତ୍ରଣା, ତୀବ୍ରବେଦନା । (ଯାତନା ତୀବ୍ରବେଦନା—ଅମର ।)

ଯାତା, ବି. ସ୍ତ୍ରୀ. (ଯାତୃ—ଯା = ଗମନ କରିବା-ତୃ) ପତିଙ୍କ ଭ୍ରାତୃପତ୍ନୀ । ବିଂ. ଗମନକର୍ତ୍ତା । (ଯତ୍-ତୃ) ରଥଚାଳକ, ସାରଥି, ମାତଲି ।

ଯାତାୟାତ, ବି. ସଂ. ଗମନାଗମନ ।

ଯାତ୍ରିକ, ଯାତୃକ, ବି. ସଂ. ପଥିକ ।

ଯାତୁ, ବି. (ଯା = ଗମନ କରିବା-ତୁନ୍) ପଥିକ; ସମୟ; ବାୟୁ; ରାକ୍ଷସ । (ନୈର୍‌ଋତୋ ଯାତୁ ରକ୍ଷସି—ଅମର ।) ବିଂ. ଗମନକର୍ତ୍ତା ।

ଯାତୁଧାନ, ବି. (ଯାତୁ = ରାକ୍ଷସ-ଧା = ଧାରଣ କରିବା-ଅନ, ଯେ ରାକ୍ଷସ ନାମ ଧାରଣ କରିଅଛି) ନିଶାଚର, ରାକ୍ଷସ ।

ଯାତ୍ରା, ବି. ସ୍ତ୍ରୀ. (ଯା=ଯିବା-ତ୍ର-ଆ) ପ୍ରସ୍ଥାନ; ଯୁଦ୍ଧାର୍ଥ-ନିର୍ଗମନ; ଯାପନ; ଦେବତାଙ୍କ ଉତ୍ସବବିଶେଷ; ତୀର୍ଥଗମନ; ନିର୍ବାହ; ଉପାୟ । (ବିଶେଷଣରେ ଯାତ୍ରିକ, ଯାତ୍ରୀ ଓ ଯାତବ୍ୟ ପଦ ସିଦ୍ଧ ହୁଏ ।)

ଯାଥାତଥ୍ୟ, } ବି°. (ଯଥାତଥା-ଯ, ଯଥାର୍ଥ-
ଯାଥାର୍ଥ୍ୟ, } ଯ) ଯଥାଥତା, ସତ୍ୟତା, ପ୍ରକୃତ ତତ୍ତ୍ୱ । ଯଥା—

ଯଥାତଥ୍ୟ ବସ୍ତୁର ମୂଢ଼ ହୃଦୟେ ତା କାର୍ଯ୍ୟରେ ମଙ୍ଗଳ ।
ଜା. ପ. ନା

ଯାଥାର୍ଥିକ, ବି°. ( ଯଥାର୍ଥ-ଇକ ) ବାସ୍ତବିକ, ସତ୍ୟ ।

ଯାଦଃ, ବି. [ଯାଦସ୍—ଯା = ( ଶୀଘ୍ର ) ଗମନ କରିବା-ଅସ୍, ଦ ଆଗମ] ଜଳଚର ଜନ୍ତୁ ।

ଯାଦା, ବି°. (ପାରସ୍ୟ ଶବ୍ଦ) ଅଧିକ, ଅତିରିକ୍ତ ।

ଯାଦୁ, ବି. (ଦେଶଜ) ବଶୀକରଣ, ମୋହିନୀ ବିଦ୍ୟା ।

ଯାଦୁକର, ବି. (ଦେଶଜ ପ୍ରାୟ) ଯେଉଁମାନେ ମାୟାରେ କୁହୁକ କ୍ରୀଡ଼ା କରନ୍ତି ।

ଯାଦୁଘର, ବି. (ଦେଶଜ) ପୁରାତତ୍ତ୍ୱପ୍ରଦର୍ଶନୀ-ଶାଳା ।

ଯାଦୃଷ, ଯାଦୃଶ୍, } ବି°. ( ଯଦ୍-ଦୃଶ-ସକ୍,
ଯାଦୃଶ, } କ୍ୱିପ, ଅ ) ଯେପରି, ଯେରୂପ ।

ଯାଦୋନାଥ, ଯାଦଃପତି, ବି. ସଂ. ସମୁଦ୍ର; ବରୁଣ ।

ଯାନ, ବି. (ଯା-ଅନ) ବାହନ, ହସ୍ତ୍ୟଶ୍ୱ ଶକଟ ନୌକାଦି ବାହନ; ଗମନ; ଆକ୍ରମଣ; ଶତ୍ରୁର ପ୍ରତିକୂଳ ଯାତ୍ରା । (ବିଶେଷଣରେ ଯାତବ୍ୟ ହୁଏ ।)

ଯାପଟା, ବି. (ଦେଶଜ) ଦୃଢ଼ରେ ଭିଡ଼ିବା ।

ଯାପଟିଧରିବା, କ୍ରି. (ଦେଶଜ) ଭିଡ଼ି ଧରିବା । ଯଥା—

ଏଣେ ଗହଡ଼ୁଣୀ ତେଣେ ଗହଡ଼ ।
କାଙ୍କ୍ଷୀଙ୍କ ଯାପଟି ଧଇଲେ କୋଡ଼ । ହା. ତ.

ଯାପନ, ବି.(ଯା—ଯିବା-ଣିଚ୍-ଅନ, ପ ଆଗମ) କାଳକ୍ଷେପଣ; ବର୍ତ୍ତନ; ଅବସ୍ଥାନ; ନିରସନ; ଅପସାରଣ । (ବିଶେଷଣରେ ଯାପି ଓ ଯାପ୍ୟ ହୁଏ । )

ଯାପ୍ୟଯାନ, ବି. (ଯାପ୍ୟ = କ୍ଷେପଣୀୟ-ଯାନ) ଶିବିକା । (ଶିବିକା ଯାପ୍ୟଯାନଂ ସ୍ୟାତ୍—ଅମର ।)

ଯାବଡ଼, ବି°. (ଦେଶଜ) ଦୃଢ଼; ଘଞ୍ଚ; ଦ୍ରୁତ-ବେଗ ।

ଯାବଡ଼େ, କ୍ରି. ବି°. (ଦେଶଜ) ଦ୍ରୁତବେଗେ, ଶୀଘ୍ରଗତିରେ । ଯଥା—

ବାରତା ଶୁଣିଣ ବୀରବାହୁ ନରପତି,
ଯାବଡ଼ରେ ନେଇଲା ସବୁ ରଥୀ ହସ୍ତୀ । ସା. ଭା. ବ.

ଘଞ୍ଚରୂପେ । ଯଥା —

ପ୍ରୋହିତଙ୍କ ପଛକତି ରଜାର ପଲଣି,
ଯାବଡେ ଉଠିଲେ ଆଠ ସମୁଦ୍ରକୁ ଜିଣି । ସା. ଭା. ସ.

ଦୃଢ଼ରୂପେ ।

ଯାବନ୍ତ, ବି°.(ଯାବତ୍ ଶବ୍ଦଜ) ସମସ୍ତ । ଯଥା—

ବଜାଇ ଯାବନ୍ତ ନୃପସେନା ସହ ନିଜ ବାହିନୀ ମିଶାଇ ।
ପାର୍ବତୀ ।

ଯାମ, ବି. [ଯା = (ଦିନର ମଧ୍ୟ ଦେଇ) ଯିବା-ମ, କିମ୍ବା ଯମ୍ = ନିବୃତ୍ତ କରିବା-ଅ] ପ୍ରହର ପରିମିତ କାଳ; ସମୟ; ସଂଯମ । ବି°. (ଯମ-ଅ) ଯମସମ୍ବନ୍ଧୀୟ ।

ଯାମଳ, ବି. (ଯମଳ-ଅ ସ୍ୱାର୍ଥେ) ଯୁଗ୍ମ, ଯୋଡ଼ା; ତନ୍ତ୍ରଶାସ୍ତ୍ରବିଶେଷ ।

ଯାମି, ଜାମି, ବି. ସ୍ତ୍ରୀ. (ଯା = ଗମନ କରିବା-ମି, ଜମନ୍ତି ଜାମିଃ-ଜମୁଅଦନେ, ଜମ୍ = ଭକ୍ଷଣ କରିବା-ଇ, ଯେ ପିତୃକୁଳର ଧନ ଖାଏ ବା ଅନୁଭବ କରେ ) ଭଗିନୀ; କୁଳସ୍ତ୍ରୀ; ଦୁହିତା । (ଯାମିଃ କୁଳସ୍ତ୍ରୀ ସ୍ୱସ୍ରୋଃସ୍ତ୍ରୀ—କୋଷାନ୍ତର ⌐ ) (ଜାମିଃ ସ୍ୱସୃ କୁଳସ୍ତ୍ରିୟୋଃ—ଅମର । ) ଅ°. ଆଳସ୍ୟ । (ସ୍ୟାଜ୍ଜାମ୍ୟବ୍ୟଯ୍ମାଳସ୍ୟେ—ଅମରକୋଷ ।)

ଯାମିନୀ, ବି. ସ୍ତ୍ରୀ. ( ଯାମ-ଇନ୍ ଅସ୍ତ୍ୟର୍ଥେ-ଈ ) ଯାମବତୀ, ରାତି; ହରିଦ୍ରା ।

ଯାମେୟ, ବି.(ଯାମି—ଭଗିନୀ-ଏୟ ଅପତ୍ୟାର୍ଥେ) ଭାଗିନେୟ, ଭଗିନୀପୁତ୍ର ।

ଯାମ୍ୟ, ବିଂ. ( ଯମ-ଯ ) ଯମସମ୍ବନ୍ଧୀୟ । ବି. ( ଯାମୀ = ଦକ୍ଷିଣଦିକ୍-ଯ ) ଚନ୍ଦନବୃକ୍ଷ; ଅଗସ୍ତ୍ୟମୁନି । ବିଂ. ଦକ୍ଷିଣଦେଶୀୟ ।

ଯାଯଜୂକ, ବିଂ. [ଯଜ୍-ଯ (ଯଙ୍ ଲୁଗନ୍ତ) = ପୁନଃପୁନଃ ଯାଗ କରିବା, ଦ୍ୱିତ୍ୱ-ଊକ] ଯେ ସର୍ବଦା ଯାଗ କରେ, ସର୍ବଦା ଯଜ୍ଞକାରକ ।

ଯାଯାବର, ବି. [ଯା-ଯ(ଯଙ୍ ଲୁଗନ୍ତ) = ପୁନଃ ପୁନଃ ଯିବା, ଦ୍ୱିତ୍ୱ-ବର ଶୀଳାର୍ଥେ] ଅଶ୍ୱମେଧ ଯାଗର ଅଶ୍ୱ; ଜରତ୍କାରୁ ମୁନି; ଯେଉଁ ତପସ୍ୱିମାନଙ୍କର ନିୟମିତ ବାସସ୍ଥାନ ନାହିଁ ବୋଲି ସ୍ଥାନେ ସ୍ଥାନେ ପରିଭ୍ରମଣ କରନ୍ତି; ବ୍ରାହ୍ମଣ; ପର୍ଯ୍ୟଟକ; ସନ୍ନ୍ୟାସୀ । ବିଂ. ସଦାଭ୍ରମଣକାରୀ ।

ଯାଯୁଲ୍ଲମାନ, } ବିଂ. ( ଜାଜ୍ୱଲ୍ୟମାନ ଶବ୍ଦର
ଯାଜୁଲ୍ଲମାନ, } ଅପଭ୍ରଂଶ) ଦୀପ୍ତ, ପ୍ରକାଶମାନ । ଯଥା—

ଏମନ୍ତେ ମକରନ୍ଦ ପ୍ରକାଶେ ପାଦକଞ୍ଜେ,
ଯାଯୁଲ୍ଲମାନ ହୋଇ କଲେଟି ପ୍ରଭୁ ବିଜେ । ନୃ.ପୁ.ପ୍ର.ତ.

ଯାବ, } ବି. (ଯୁ = ମିଶ୍ରିତ କରିବା-ଅ, କ
ଯାବକ, } ଯୋଗ ) ଅଳକ୍ତକ, ଅଳତା ।

ଯାବଜ୍ଜୀବନ, ବି. ଅ. ସମଗ୍ର ଜୀବିତକାଳ ପର୍ଯ୍ୟନ୍ତ, ଯେତେକାଳ ଜୀବିତ ରହିବାକୁ ଥାଏ ।

ଯାବତ୍, ବିଂ. ( ଯଦ୍-ବତ୍-ପରିମାଣାର୍ଥେ ) ଯେତେ, ଯେତେସଂଖ୍ୟକ । (ସ୍ତ୍ରୀ-ଯାବତୀ) । ଯଥା—

ରାମଙ୍କ ପ୍ରତି ଇନ୍ଦ୍ରଙ୍କ ଯାବତୀ ପକ୍ଷପାତିତା । ଜା.ପ.ନା.

ଅଂ. ସାକଲ୍ୟ; ଅବଧି, ପର୍ଯ୍ୟନ୍ତ; ହେତୁ; ଅବଧାରଣ; ପ୍ରଶଂସା; ସୀମା; ପରିଚ୍ଛେଦ; ଅଧିକାର; ସମ୍ଭ୍ରମ; ସମୂହ; ପରିମାଣ; ପକ୍ଷାନ୍ତର ।

ଯାବତୀୟ, ବି. (ଯାବତ୍-ଈୟ) ସମୁଦାୟ, ସମସ୍ତ ।

ଯାବଶୂକ, ବି. (ଯବଶୂକ-ଅ ସ୍ୱାର୍ଥେ) ଯବକ୍ଷାର, ସୋରା ।

ଯାହା, ସର୍ବଂ (ଯଦ୍ ଶବ୍ଦଜ) ଯାହାର; ଅପ୍ରାଣିବାଚକ ଯଦ୍ ଶବ୍ଦର ଦ୍ୱିତୀୟା ।

ଯାହ୍ନ, ସର୍ବଂ. ଯଦ୍ ଶବ୍ଦଜ) ଯାହା । ଯଥା—

ଯାହ୍ନ ବୋଇଲେ କୃଷ୍ଣ ନାମ ବାହାରେ । ବି. ଚ. ମ.

ଯିଦ, ବି. (ଯାବନିକ) ଅଳି; ପଣ ।

ଯିଦବାଲ୍, ବି. ( ଯାବନିକ ) ଯେ ଅଳିପଣ କରିବାରେ ବାହାଦୁର ।

ଯିବା, କ୍ରି. (ଯା ଧାତୁଜ) ଗମିବା । ବିଂ. ଗତ ।

ଯିମିତି, } ଅଂ. ( ପ୍ରାକୃତ ଜିମି ଶବ୍ଦଜ )
ଜିମିତି, } ଯେପରି ।

ଯିଯକ୍ଷୁ, } ବିଂ. (ଯଜ୍=ପୂଜାକରିବା-ସନ୍
ଯିଯକ୍ଷ୍ୟମାଣ, } —ଦ୍ୱିତ୍ୱ, ଉ, ମାନ, ଯ ଆଗମ) ଯଜ୍ଞକରିଣେଚ୍ଛୁ, ଯେ ଯାଗ କରିବାର ଇଚ୍ଛା କରେ । (ବିଶେଷ୍ୟରେ ଯିଯକ୍ଷା ହୁଏ ।)

ଯିଯବିଷା, ବି. ସ୍ତ୍ରୀ. (ଯୁ = ମିଶ୍ରିତ କରିବା-ସନ୍ ଇଚ୍ଛାର୍ଥେ – ଦ୍ୱିତ୍ୱ, ଆ) ମିଶ୍ରିତ କରିବାକୁ ଇଚ୍ଛା । ( ବିଶେଷଣରେ ଯିଯବିଷୁ ହୁଏ । )

ଯିଯାସୁ, ବିଂ. ( ଯା = ଗମନକରିବା-ସନ୍ ଇଚ୍ଛାର୍ଥେ – ଦ୍ୱିତ୍ୱ-ଉ ) ଗମନକରିବାକୁ ଇଚ୍ଛୁକ । ( ବିଶେଷ୍ୟରେ ଯିଯାସା ହୁଏ । )

ଯିସ, ସର୍ବଂ. (ଯଦ୍ ଶବ୍ଦଜ) ଯାହା । (ଏହି ଶବ୍ଦଟି ସାମ୍ପ୍ରତିକ ସାହିତ୍ୟରେ ତାଦୃଶ ବାଞ୍ଛନୀୟ ନୁହେ ।) ଯଥା—

ଦେଶ ବିଦେଶ ଭ୍ରମି ଆଣଇ ବା ଯିସ,
ନୃସିଂହେ ଭୋଗ ଦେଇ କରଇ ତା ଗ୍ରାସ । ନୃ.ପୁ.ପ୍ର ତ.

ଯୁଆଳକଳା, ବି. ( ଯୁଗକୀଲ ଶବ୍ଦଜ ) ଯୁଆଳିର ଦୁଇ ପାର୍ଶ୍ୱସ୍ଥ କାଠର କଳା ବା ଖିଲ ।

ଯୁଆଡ଼େ, କ୍ରି. ବିଂ. (ଦେଶଜ) ଯେଉଁ ଦିଗରେ । ଯଥା—

ଆହା ରେ ଜନମଭୂମି କୁଆଡ଼େ ରହିଲ,
ମୁହିଁ ଲୁଚିଲି ସିନା ଯେ ଯୁଆଡ଼େ ଥିଲି । ଉ.ସା.୯୮.୮.

ଯୁଆନ, ଜୁଆନ, } ବିଂ. ( ଯୁବନ୍ ଶବ୍ଦଜ )
ଯୋଆନ, } ଯୁବା ।

ଯୁଆଳି, ଯୋଆଳି, ବି. ( ଯୁଗ ଶବ୍ଦଜ ) ରଥ ଶକଟ ପ୍ରଭୃତି ଓ ଲଙ୍ଗଳର ଅଙ୍ଗବିଶେଷ ।

ଯୁକତ, } ବି. ( ଯୁକ୍ତ ଶବ୍ଦର ଅପଭ୍ରଂଶ )
ଯୁଗତ, } ଯୋଗ । ଯଥା—

ଅବ୍ୟକ୍ତ ସେ ମାୟାଶକ୍ତି ଯୁଗତେ । ବି. ଚ. ମ.

ବିଂ. ଯୁକ୍ତ । କ୍ରି. ବିଂ. ଯୁକ୍ତକ୍ରମରେ । ଯଥା—

ଯୁବା ହୋଇ ସାହା ହେଲ ଯୁଗତେ,
ମଦନକୁ ଶୁଭିଲ ଏ ଜଗତେ । ଲା. ବ.

ଯୁକ୍ତ, ବିଂ. ( ଯୁଜ୍ = ଯୋଗ କରିବା-ତ ) ନ୍ୟାଯ୍ୟ, ଉପଯୁକ୍ତ; ମିଳିତ; ନିଯୁକ୍ତ; ଆସକ୍ତ; ବ୍ୟାପୃତ ।

ଯୁକ୍ତି, ବି. (ଯୁଜ୍-ତି) ନ୍ୟାୟ; ମିଳନ; ଶକ୍ତି; ଅନୁମାନ; ଲୋକବ୍ୟବହାର; କାରଣ; ମନ୍ତ୍ରଣା; ଉପାୟ; ସିଦ୍ଧାନ୍ତ ।

ଯୁଗ, ବି. (ଯୁ=ମିଳନ କରିବା-ଗମ୍-ଅ) ଯୁଗ୍ମ, ଯୋଡ଼ା; ସତ୍ୟ, ତ୍ରେତା, ଦ୍ୱାପର ଓ କଳି ଏହି ଚାରି; ଚାରିହାତ ପରିମାଣ; ରଥ ଶକଟ ପ୍ରଭୃତିର ଅଙ୍ଗବିଶେଷ, ଯୁଆଳି ।

ଯୁଗକୀଳକ, ବି. ସଂ. ଯୁଆଳିର ଖିଲ ।

ଯୁଗନ୍ଧର, ବି. (ଯୁଗ=ଯୁଆଳି-ଧୃ-ଅ) ଶକଟାଦିର ଯୁଆଳିରେ ଯେ କାଷ୍ଠ ସଂଲଗ୍ନ ଥାଏ; ଲଙ୍ଗଳର ଈଷ; ପର୍ବତବିଶେଷ ।

ଯୁଗପତ୍, ଅଂ. ସଂ. ଏକକାଳରେ, ଏକାବେଳକେ ।

ଯୁଗଳ, ବି. ( ଯୁଗ=ଯୁଗ୍ମ-ଳ ଅସ୍ତ୍ୟର୍ଥେ ) ଯୁଗ୍ମ, ଯୋଡ଼ା ।

ଯୁଗଳମନ୍ତ୍ର, ବି. ରାଧାକୃଷ୍ଣ ଲକ୍ଷ୍ମୀନାରାୟଣଙ୍କ ମନ୍ତ୍ର ।

ଯୁଗ୍ମ, ବି. (ଯୁଜ୍=ଯୋଗ କରିବା-ମ) ଯୁଗଳ, ଯୋଡ଼ା; ମେଳନ; ମିଥୁନରାଶି ।

ଯୁଗ୍ୟ, ବି. ( ଯୁଜ୍=ଯୋଗ କରିବା-ଯ ) ବାହନ, ଯାନ । ବିଂ. ଯୁଗବାହୀ, ଯୁଆଳି ବହୁଥିବା (ପଶୁ) ।

ଯୁଝ, ଜୁଝ, ଜୁଝିଁ, } ବି. ( ଯୁଦ୍ଧ ଶବ୍ଦଜ ପ୍ରାକୃତ ଜୁଝ୍‌ଝରୁ ଉତ୍ପନ୍ନ ) ଯୁଦ୍ଧ । ଯଥା—

ବହ୍ନିସୁତ ସ୍ଥୂଳଜଂଘ ଯୁଝ, ବଜ୍ରଦଂଷ୍ଟ୍ର ନଳ ରଣ ମାଝ । ବୈ. ବ.

ଯୁଝିବା, କ୍ରି. (ପ୍ରାକୃତ ଜୁଝ୍ ଧାତୁଜ) ଯୁଦ୍ଧ କରିବା ।

ଯୁଝିଷ୍ଠି, ଯୁଧିଷ୍ଠି, ବି. ( ଯୁଧିଷ୍ଠିର ଶବ୍ଦଜ ) ଯୁଧିଷ୍ଠିର । ଯଥା—

ଯୁଝିଷ୍ଠି ରଜା ମୁଖ ଚାହିଁ,
ଧୃତରାଷ୍ଟ୍ରକୁ ଉଚ୍ଚେ କହି । ଭା. ଦ. ସ୍ୱ.

ଯୁଞ୍ଜାନ, ବି. (ଯୁଜ୍=ଯୋଗ କରିବା-ଆନ, ନ ଆଗମ) ସାରଥି; ବିପ୍ର । ବିଂ. ଯୋଗାଭ୍ୟାସକାରୀ ।

ଯୁଟିବା, କ୍ରି. ମିଳିବା, ସଂପ୍ରାପ୍ତ ହେବା, ଘଟିବା ।

ଯୁଣ, ବି. (ଯୋଜନ ଶବ୍ଦଜ) ଯୋଜନ, ଚାରିକ୍ରୋଶ । ଯଥା—

ଏଠାକୁ ଦଶଯୁଣଠାରେ,
ଘର କରିଛୁ କ୍ଷେତ୍ରବରେ । ଦା. ର.

ଯୁତ, ବିଂ. (ଯୁ=ଯୋଗ କରିବା-ତ) ଯୁକ୍ତ, ମିଳିତ । ବି. ହସ୍ତିକୁ ପଦାଘାତ; ଚାରିହସ୍ତପ୍ରମାଣ । (ଯୁକ୍ତ=ଯୋଟ) ।

ଯୁଦ୍ଧ, ବି. (ଯୁଧ୍=ଯୁଦ୍ଧ କରିବା-ତ) ସମର, ଲଢ଼େଇ; ବିବାଦ; ଗ୍ରହର ଗତିବିଶେଷ ।

ଯୁଧ, ଯୁଧା, ବି. ସ୍ତ୍ରୀ. (ଯୁଧ୍=ଯୁଦ୍ଧ କରିବା-କ୍ୱିପ୍, ଆ) ଯୁଦ୍ଧ । ଯେପରି— ଯୁଧାଜିତ୍ ।

ଯୁଧାନ, ବି. (ଯୁଧ୍-ଆନ) କ୍ଷତ୍ରିୟ; ଯୋଦ୍ଧା, ଯୁଦ୍ଧକାରୀ ।

ଯୁଧିଷ୍ଠିର, ବି. (ଯୁଧି=ଯୁଦ୍ଧରେ-ସ୍ଥିର, ସ୍ଥ=ଷ୍ଠ) ପାଣ୍ଡବଜ୍ୟେଷ୍ଠ, ଧର୍ମରାଜ ।

ଯୁଧ୍ୟମାନ, ବିଂ. (ଯୁଧ୍-ମାନ, ଯ ଆଗମ) ଯୁଦ୍ଧକାରୀ, ଯେ ଯୁଦ୍ଧ କରୁଅଛି ।

ଯୁଯୁକ୍ଷମାଣ, ବିଂ. (ଯୁଜ୍=ଯୁକ୍ତ କରିବା, ସମାଧିସ୍ଥ ହେବା-ସନ୍ ଇଚ୍ଛାର୍ଥେ-ମାନ) ଯୋଗ କରିବାକୁ ଇଚ୍ଛୁକ; ମୁକ୍ତିକାରକ ।

ଯୁଯୁତ୍ସୁ, ବିଂ. (ଯୁଧ୍=ଯୁଦ୍ଧ କରିବା-ସନ ଇଚ୍ଛାର୍ଥେ—ଦ୍ୱିତ୍ୱ-ଉ) ଯୁଦ୍ଧ କରିବାକୁ ଇଚ୍ଛୁକ । ବି. ଧୃତରାଷ୍ଟ୍ରଙ୍କ ଔରସରେ ବୈଶ୍ୟାର ଗର୍ଭରୁ ଜାତ ସନ୍ତାନ । (ବିଶେଷ୍ୟରେ ଯୁଯୁତ୍ସା ପଦ ସିଦ୍ଧ ହୁଏ ।)

ଯୁଯୁଧାନ, ବି. (ଯୁଧ୍=ଯୁଦ୍ଧ କରିବା-ଆନ ସ୍ୱର ସହିତ ଯକାରର ଦ୍ୱିତ୍ୱ) ଯୋଦ୍ଧା ଯୁଦ୍ଧକାରୀ; ସାତ୍ୟକି; ଇନ୍ଦ୍ର; କ୍ଷତ୍ରିୟ ।

ଯୂଲମ, ଯୂଲମ୍, ବ. (ଦେଶଜ) ବଳାତ୍କାର ।

ଯୁବକ, ବ. ( ଯୁବନ୍-କ ଯୋଗ ) ଯୁବା, ତରୁଣ ।

ଯୁବଗଣ୍ଡ, ବ. (ଯୁବନ୍ = ଯୁବା-ଗଣ୍ଡ = ବଦନୈକଦେଶରେ ସ୍ଫୋଟକ) ଯୁବା ବ୍ୟକ୍ତିର ଗଣ୍ଡସ୍ଥ ବ୍ରଣବିଶେଷ, ବୟସ-ଭରଣ୍ଡ ।

ଯୁବଜାନ, ବ. (ଯୁବତି-ଜାୟା, ଜାୟା ଶବ୍ଦର ଜାନ ଆଦେଶ) ଯୁବତୀର ପତି, ଯାହାର ଜାୟା ଯୁବତୀ ଅଟେ ।

ଯୁବତି, ଯୁବତୀ, ବ. ସ୍ତ୍ରୀ. (ଯୁବନ୍ = ଯୁବା-ତି, ଈ) ପ୍ରାପ୍ତଯୌବନା, ତରୁଣୀ, ନବ-ଯୌବନା; ସ୍ତ୍ରୀମାତ୍ର; ହରିଦ୍ରା ।

ଯୁବରାଜ, ବ. (ଯୁବନ୍-ରାଜନ୍) ରାଜାଙ୍କ ଜ୍ୟେଷ୍ଠ ପୁତ୍ର; ରାଜ୍ୟର ଉତ୍ତରାଧିକାରୀ ଏବଂ ରାଜ୍ୟର ସାହାଯ୍ୟକାରୀ ରାଜପୁତ୍ର; ରାଜପୁତ୍ର ।

ଯୁବା, ବିଂ. (ଯୁବନ୍—ଯୁ = ଯୋଗ କରିବା, ମିଶିବା-ଅନ୍, ଯୌତିସ୍ତ୍ରୀଭିଃ ଯୁବା) ତରୁଣ, ୧୬ ବର୍ଷଠାରୁ ୩୦ ବର୍ଷ ପର୍ଯ୍ୟନ୍ତ ବୟସ୍କ; ସୁନ୍ଦର; ବଳବାନ୍ ।

ଯୁବାନ, ବ. (ଯୁବନ୍ ଶବ୍ଦଜ) ଯୁଆନ, ଭେଣ୍ଡା ।

ଯୁଷ୍ମଦ୍, ସର୍ବଂ. (ଯୁଷ୍ = ସେବା କରିବା-ମଦ୍) ତୁମ୍ଭେ, ତୁମେ ।

ଯୁଷ୍ମଦୀୟ, ବିଂ. (ଯୁଷ୍ମଦ୍-ଈୟ) ତୁମ୍ଭସମ୍ବନ୍ଧୀୟ, ତୁମ୍ଭମାନଙ୍କର ।

ଯୂଇ, ଯୁଇ, ବ. ସ୍ତ୍ରୀ. (ଯୂଥୀ ଶବ୍ଦଜ) ଯୂଥିକା-ପୁଷ୍ପ । ଯଥା—

ଯୁଇ ଜାଇ ପୁନ୍ନାଗ ପ୍ରଫୁଲ୍ଲ ଅଛି । ଗ୍ରୁ. ମା.

(ଦେଶଜ) ଛତା ।

ଯୂକ, ବ. [ ଯୁ = (କେଶ ସହିତ) ଯୁକ୍ତ ହେବା-କ୍ୱିପ୍-କ ଯୋଗ, ଉ = ଊ ] କେଶ-କୀଟ, ଉକୁଣି ।

ଯୂତ, ବ. (ଯୁ = ମିଶ୍ରିତ କରିବା-ତ, ଉ = ଊ) ମିଶ୍ରଣ ।

ଯୂଥ, ବ. (ଯୁ = ଯୁକ୍ତ ହେବା-ଥ, ଉ = ଊ) ପଶୁ-ପକ୍ଷୀ ପ୍ରଭୃତିଙ୍କ ସ୍ୱଜାତୀୟ ଦଳ, ସମୂହ ।

ଯୂଥନାଥ, ଯୂଥପ, } ବ. ( ଯୂଥ-ନାଥ, ଯୂଥ-ପା-ଅ ) ବନ୍ୟ ଗଜମାନଙ୍କରେ ଯେ ପ୍ରଧାନ । (ଯୂଥନାଥସ୍ତୁ ଯୂଥପଃ—ଅମର ।)

ଯୂଥିକା, ଯୂଥୀକା, } ବ. ସ୍ତ୍ରୀ. ସ. ଯୂଇଫୁଲ; ମାଗଧୀ-କୁସୁମ ।

ଯୂନ, ବ. (ଯୁ = ମିଶ୍ରିତ କରିବା-ତ, ତ = ନ) ସଂଯୋଗ, ମିଶ୍ରଣ ।

ଯୂନୀ, ବ. ସ୍ତ୍ରୀ. (ଯୁବନ୍-ଈ) ଯୁବତୀ, ତରୁଣୀ ।

ଯୂପ, ବ. (ଯୁ = ବନ୍ଧନ କରିବା-ପ) ଯଜ୍ଞୀୟ ପଶୁ ବନ୍ଧନାର୍ଥ ସଂସ୍କୃତ କାଷ୍ଠସ୍ତମ୍ଭ, ଜୟସ୍ତମ୍ଭ ।

ଯୂପକଟକ, ବ. (ଯୂପ = କାଷ୍ଠସ୍ତମ୍ଭ, କଟକ = ବଳୟ ଇତ୍ୟାଦି) ଯୂପର ମସ୍ତକସ୍ଥିତ ବଳୟାକାର କାଷ୍ଠଖଣ୍ଡ ।

ଯୂଷ, ବ. ( ଯୁଷ୍ = ବଧ କରିବା-ଅ ) କ୍ୱାଥ, ମଣ୍ଡ; ଝୋଳ ।

ଯେ, ଜେ, ସର୍ବଂ. (ଯଦ୍ ଶବ୍ଦଜ ପ୍ରାକୃତ) ଯେହୁ; ଯେଉଁ । ଅଂ. ପାଦପୂରଣାର୍ଥେ । ଯଥା—

ଲୋକେ ଲୋକେଶ ଯେ ଦୟା କରି ବଗୁର,
ଶର୍ବ ସର୍ବସୁରମୁନି ଯେଣି ବାହାର । ବି. ଚି. ମ.

ନିଶ୍ଚୟାର୍ଥ ଯଥା—

ଛନ୍ଦରେ ନନ୍ଦରେ ଥାଅ ବଧୂରେ କହି,
ଶିତାଶିତାଙ୍କ ପ୍ରେମ ଦେଲେ ଯେ ତହିଁ । ବି.ଚି.ମ.

ଯେଉଁ, ସର୍ବଂ. (ଯଦ୍ ଶବ୍ଦଜ) ଯେ, ଯାହା ।

ଯେଉଁଠି, ଅଂ. (ଦେଶଜ, ଯେଉଁ ସ୍ଥାନେ— ଏହି ପଦରୁ ଉତ୍ପନ୍ନ) ଯେ ସ୍ଥାନରେ ।

ଯେଝା, ସର୍ବଂ. (ଦେଶଜ) ଯେ ଯାହାର । ଯଥା—

ବିଜେ ଆଜ ଦେବଦେବୀଏ ଯେଝା ପୂଜା ସମ୍ଭାରେ । ଚ. ଭା.

ଯେତକ, ବିଂ. (ଦେଶଜ) ଆକୃତିର ପରି-ମାଣାର୍ଥ ।

ଯେତେ, ବିଂ. (ଦେଶଜ) ଯେଉଁ ପରିମାଣ-ବିଶିଷ୍ଟ । ଯଥା—

ଯେ ଯେତେ ତେଜସ୍ୱୀ ତା ତେଜ
ମୋତେ ଅଛଇ ଜଣା । ଚ. ଭା.

ଯେଣିକ, ଅଂ.(ଦେଶଜ) ଯେଉଁଆଡ଼େ । ଯଥା—

ଯେଣିକ ମୁଁ ଚାହିଁ ଦେଉଥିବଟି ତେଣିକ
ଦିଶିଯାଉଥିବ ମୋତେ । କୋ. ବ୍ର. ସୁ.

ଯେଣୁ, ଅଂ. (ଦେଶଜ) ଯେହେତୁରୁ । ଯଥା—
ସ୍ବହାଣୀ ଭଙ୍ଗୀରୁ ଥଲେ ସେହୁ ଯେଣୁ ଆଗହୁଁ ମର । ଉଷା ।

ଯେଉଁଆଡ଼ୁ, ଯେଉଁଦିଗରୁ ।

ଯେଣେ, ଅଂ. (ଦେଶଜ) ଯେଉଁଆଡ଼େ । ସର୍ବଂ. ଯାହାଦ୍ୱାରା । ଯଥା—
ସୁସ୍ୱରେ କରେ ଗୀତରସ,
ଯେଣେ ହୋଇବ ମନ ତୋଷ । ଗ୍ଭ. ଦ. ସୁ.

ଯେତକ, ଅଂ. (ଯାବତ୍ = ପ୍ରାକୃତ ଜେତିକ ଶବ୍ଦଜ) ପରିମାଣାର୍ଥ ।

ଯେତେ, ଯେତେକ, } ବିଂ. (ଯାବତ୍ = ପ୍ରାକୃତ ଜତ୍ତ ଶବ୍ଦଜ) ଯାବତ୍ପରିମିତ ।

ଯେତୋଟି, ବିଂ.(ଦେଶଜ)ଯେତେକ । ଯଥା—
ଦ୍ରୋଣଙ୍କର ବନ୍ଧବା ମାର୍ଗଣ ଯେତୋଟି,
ଧାଇଁଥିଲେ ଯୁଦ୍ଧକୁ ତାଙ୍କୁ ସେ ଦେଲେ କାଟି ।
କୃ. ଗ୍ଭ. ବ. ପ.

ଯେବଣ, ସର୍ବଂ. (ଯଦ୍ ଶବ୍ଦଜ) ଯେଉଁ । ଯଥା—
ପୂରୁଥିଲା ତାର ଉଇଁଲାବେଳକୁ
ଯେବଣ ଯେବେ ବାସନା । ଯ. କେ.

ଯେବେ, ଅଂ. (ଦେଶଜ) ଯେତେବେଳେ; ଯଦି । ଯଥା—ତୁ ଯେବେ ଆଦେଶ ପାଳନ ନ କରୁ, ଅବଶ୍ୟ ଦଣ୍ଡ ଭୋଗ କରିବୁ ।

ଯେମତ, ଯେମନ୍ତ, ଯେମିତି, ଯେମନ୍ତ, ଯେମନ୍ତ, ଯେମନ୍ତେ, ଯେମତେ, } ଅଂ. (ଯଥା ଶବ୍ଦଜ, ପ୍ରାକୃତ ଜେମ ଶବ୍ଦରୁ ଉତ୍ପନ୍ନ) ଯେପରି । ଯଥା—
ବୀର ଦେବବ୍ରତ ଦ୍ୱାପରେ ଯେମତେ,
ସ୍ଥାପିଲେ ବୈଷ୍ଣବଧର୍ମ ଭୂଭାରତେ । ନ. କେ.
ସୌରଜ୍ୟୋ ପ୍ରଜାପୃଷ୍ଠି ବୃଷ୍ଟି ଯେମତ । ରୁ. ସୁ.

ଯେସନ, ଯେସନେ, ଯେସନେକ, ଯେସନେକେ, } ଅଂ. (ଦେଶଜ) ଯେପରି । ଯଥା—
ବିତାନ ଏସନ ପ୍ରସନ୍ନ ଧରେ,
ଯେସନ ଗଗନ ନିଶାକାଳରେ । କୋ. ବ୍ର. ସୁ.
ଶଯ୍ୟନ କଲ୍ପପ୍ରାପ୍ୟେ ଦଶନ୍ତ ବେନଭାଇ,
ଯେସନେକେ ଚନ୍ଦ୍ର ସୂର୍ଯ୍ୟ ଜ୍ୟୋତି ବିରାଜଇ ।
ନୃ. ପୃ. ଚ. ତ.

ଯେହି, ଯେହୁ, ସର୍ବଂ. (ଯଦ୍ ଶବ୍ଦଜ) ଯେ, ଯେବ୍ୟକ୍ତି । ଯଥା—
ଧର୍ମଅସ୍ତ୍ରେ ଯେହୁ କରନ୍ତି ବିଜୟ,
ଯୁଦ୍ଧକ୍ଷେତ୍ର ତାଙ୍କ ମନୁଷ୍ୟ ହୃଦୟ । ନ. କେ.

ଯେହ୍ନେ, ଯେହ୍ନେକ, } ଅଂ. (ଯାଦୃକ୍ ଶବ୍ଦଜ, ପ୍ରାକୃତ ଜେହ୍ନେ ପଦରୁ ଜାତ) ଯେପରି । ଯଥା—
ଯେହ୍ନେ ବିଶ୍ୱଲକ୍ଷ୍ମୀ ବିଶାଳଦର୍ପଣ । ନ. କେ.

ଯୋ, ସର୍ବଂ. (ଯଦ୍ ଶବ୍ଦଜ) ଯେହୁ, ଯାହା । (ହିନ୍ଦୀ) ବଳ, ଶକ୍ତି । ଯଥା—
କାହାର ହଲଚଲ ହେବାର ଯୋ ନାହିଁ । ଉ ସା. ୧୧.୪.
( ଯୋଗ ଶବ୍ଦଜ ) ଉପାୟ, ସୁଯୋଗ; ମୂଳଧନ ।

ଯୋକ୍ତା, ଯୋକ୍ତୃ, ବିଂ. (ଯୁଜ୍—ଯୋଗ କରିବା-ତୃ) ଯୋଗକର୍ତ୍ତା ।

ଯୋକ୍ତ୍ର, ବି. (ଯୁଜ-ତ୍ର) ହଳବନ୍ଧନରଜ୍ଜୁ, ଯୋତଦଉଡ଼ି; ଯୁଆଳି ।

ଯୋଖ,ବି.(ଦେଶଜ)ତୁଳନା, ଉପମା । ଯଥା—
ଇନ୍ଦ୍ର ନୀଳମଣି ଝଳ ଦର୍ପଣ,
ଯୋଖ କରିବା ଯେବେ ପଣପଣ । ବ. ଚ. ମ.
(ଯୁଜ୍ ଧାତୁଜ) ଯୋଡ଼ିବା । ବିଂ. ତୁଲ୍ୟ, ସଦୃଶ । ଯଥା—
ବନକ ଆଦରଣ କ ବାଦ ରଚ ହୁଅନ୍ତେ ଯୋଖ ।
ବେ. ବି.

ଯୋଖା, ବି. (ଦେଶଜ) ମାନସିକ ଗଣିତ, ମନେ ମନେ ଗଣନା କରିବା ଲେଖାକରି କହିବା, ଯୋଡ, ମେଳ । ଯଥା—
ତୁ ମୋତେ ସଙ୍ଗାତୁଣୀ ନ ବୋଲ ଯେ ଏକା,
ଗମ୍ଭୀର ସମୁଦ୍ର କାହିଁ କାଟି ଦେଇ ଯୋଖା । ସା ଭ୍ର ଆ
ତୁଳନା;ଦନ୍ତମୂଳର ମାଂସବୃଦ୍ଧି, ଦନ୍ତପୀଡ଼ା-ବିଶେଷ । ବିଂ. ତୁଲ୍ୟ । ଯଥା—
ଅର୍ଜୁନଙ୍କ ଧ୍ୱଜ ପ୍ରଳୟ ଅଗ୍ନି ଶିଖା,
ତେଜକୁ ସେହିକାଳେ ହୋଇଗଲା ଯୋଖା ।
କୃ. ଭ ଗ୍ଭ. ପ.

ଯୋଖିବା, କ୍ରି. (ଦେଶଜ) ତୁଲ୍ୟ ମଣିବା, ତୁଳନା କରିବା, ଉପମା ଦେବା । ଯଥା—
ଦରପଣତ ଦରପଣ ତ ପାଇବ ଯୋଖୁ ମୁଖେ ।
ବ. ଚ. ମ.
(ଯୁଜ୍ ଧାତୁଜ) ଯୁକ୍ତକରିବା । ଯଥା—
ରୂପେ ଯୋଖି ମାର ବନ୍ଧୁଥିଲା ତାର
ଅନ୍ତରରେ ଅନ୍ତସ୍ତଳେ । ଯ କେ.
ଗଣନା କରିବା । ଯଥା—
କାଠିରେ ମାପିଲେ କ ସମୁଦ୍ର ହୋଏ ଲେଖି,
ଅଙ୍ଗୁଷ୍ଠି ଗଣିଲେ କ ଆକାଶ ହୋଏ ଯୋଖି ।
ନା. ର. ଗୀ.

ଯୋଗ, ବି. (ଯୁଜ୍ = ଯୋଗକରିବା-ଅ) ମିଳନ, ଐକ୍ୟ; ଜୀବାତ୍ମା ଓ ପରମାତ୍ମାର ସଂଯୋଗ; ଯୁକ୍ତି; ସମ୍ବନ୍ଧ; ସଂସ୍କାର; ପ୍ରୟୋଗ; ଉପାୟ; ଚିତ୍ତବୃତ୍ତିନିରୋଧ; ଧ୍ୟାନ; ଜ୍ୟୋତିଃଶାସ୍ତ୍ରରେ ନକ୍ଷତ୍ରାଦି ସମ୍ପୃକ୍ତାଂଶ; ଧନସମ୍ପତ୍ତି; ଉପାର୍ଜନ; ଲାଭ, ପ୍ରାପ୍ତି; କୌଶଳ; ବର୍ମ, ସାଞ୍ଜୁ; ଔଷଧ; ପତଞ୍ଜଳି ମୁନି ପ୍ରଣୀତ ଦର୍ଶନଶାସ୍ତ୍ରବିଶେଷ; ଶୁଭକାଳ ।

ଯୋଗଣ, ବି. (ଦେଶଜ) ମଣୋହି; ରାଜଭୋଜନ । ଯଥା—

ଯୋଗଣାନ୍ତେ ରାଜେ ରତନପଲ୍ୟଙ୍କେ
ହୋଇ ନିଦ୍ରା ଅଭିଭୂତ । ଯ. କେ.

ମଣୋହିର ଉପକରଣ । ଯଥା—

ଗହଳ ହୋଇ ଖାଇଯାକ ମୁଁ ରଖଇ,
ଦଧି ଦୁଧ ଘିଅ ଯୋଗଣ ଦିଅଇ । କୃ. ଖ ବ. ପ.

ଯୋଗଣିଆ, ବି. ( ଦେଶଜ ) ଯେ ଯୋଗଣ ପ୍ରସ୍ତୁତ କରେ; ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ସେବକବିଶେଷ, ଯେ ମହାପ୍ରସାଦାର୍ଥ ଅପକ୍ୱ ଯୋଗଣ ସାମଗ୍ରୀ ଆଣିଦିଏ ।

ଯୋଗଣିବା, କ୍ରି. (ଦେଶଜ) ଯୋଗଣ ସାମଗ୍ରୀ ଠିକ୍ କରିବା ।

ଯୋଗନିଦ୍ରା, ବି. ସ୍ତ୍ରୀ. ( ଯୋଗ = ମନର ବିଷୟାନ୍ତର ନିବୃତ୍ତି-ନିଦ୍ରା ) ଯୋଗରୂପ ନିଦ୍ରା; ପ୍ରଳୟକାଳରେ ପରମେଶ୍ୱରଙ୍କର ସର୍ବଜୀବସଂହାର ଇଚ୍ଛାହେତୁ ଯୋଗବ୍ୟାପାର; ଦୁର୍ଗା ।

ଯୋଗପଟ୍ଟିକା, ବି. (ଯୋଗ=ଯୋଗାଭ୍ୟାସାର୍ଥ-ପଟ୍ଟିକା = ବସ୍ତ୍ର) ଯୋଗିମାନଙ୍କର ବସ୍ତ୍ରବିଶେଷ ।

ଯୋଗମାୟା, ବି. ସ୍ତ୍ରୀ. ସଂ. ଦୁର୍ଗା; ସଂସାରମାୟା ।

ଯୋଗରୂଢ଼, ବି. ସଂ. ଅବୟବଶକ୍ତି ଓ ଅର୍ଥଶକ୍ତିଦ୍ୱାରା ଅର୍ଥବୋଧକ, ଯୌଗିକ ଅଥଚ ରୂଢ଼ ଶବ୍ଦ । ଯେପରି—ପଙ୍କଜାଦି ।

ଯୋଗବାହ, ବି. ( ଯୋଗ-ବାହ୍ = ବହନ କରିବା-ଅ) ଅନୁସ୍ୱାର; ବିସର୍ଗ; ଜିହ୍ୱାମୂଳୀୟ ବର୍ଣ୍ଣ ।

ଯୋଗବିଦ୍, ବି. ( ଯୋଗ-ବିଦ୍ = ଜାଣିବା-କ୍ୱିପ୍ ) ଯୋଗୀ, ତପସ୍ୱୀ ।

ଯୋଗସାର, ବି. ସଂ. ସର୍ବରୋଗାପହାରକ ଉପାୟ ।

ଯୋଗାଇବା, କ୍ରି. ( ଯୋଗ ଶବ୍ଦଜ ) ଦେବା; ଆବଶ୍ୟକ ଦ୍ରବ୍ୟାଦି ଆଣି ସମର୍ପଣ କରିବା; ଯୋଗ କରିବା; ବିବାହରେ ବର ଓ କନ୍ୟାର ନକ୍ଷତ୍ରାଦି ଅନୁକୂଳ ହେବା ।

ଯୋଗାକର୍ଷଣ, ବି. (ଯୋଗ-ଆକର୍ଷଣ) ଯେଉଁ ଗୁଣଦ୍ୱାରା ଏକାଧିକ ପରମାଣୁ ଏକତ୍ରିତ ରହେ, ପରସ୍ପର ବିଚ୍ଛିନ୍ନ ହୁଏ ନାହିଁ; ପରମାଣୁ ସମୁଦାୟର ସମଷ୍ଟିକରଣ; ବନ୍ଧନ ।

ଯୋଗାଡ଼, ବି. (ଯୋଗ ଶବ୍ଦଜ) କର୍ମନିର୍ବାହର ସମ୍ଭାର ବା ଉପକରଣ । ଯଥା—

ସୂତା ବାଣୀ ଶୁଣି ସାଧୁ ଦୁଃଖିତ ହୋଇଲେ,
ସଞ୍ଜ ଯିବା ସମସ୍ତ ଯୋଗାଡ଼ କରିଦେଲେ । ବେ.ପ.

କର୍ମନିର୍ବାହର ଉଦ୍ୟୋଗ ଓ ଉପାୟ । ଯଥା—

ଉଭୟ ପକ୍ଷରୁ ବିଭା ଯୋଗାଡ଼ ଲଗିଲା,
ଦିନ ବାର ଲଗ୍ନ ସବୁ ନିଶ୍ଚୟ ହୋଇଲା । ବେ. ପ.

ଯୋଗାଡ଼ିଆ, ବି. (ଦେଶଜ) ସେବକ । ବିଂ. ଯୋଗାଡ଼କାରକ, ଯେ ଯୋଗାଡ଼ କରେ ।

ଯୋଗାଡ଼ିବା, କ୍ରି. (ଦେଶଜ, ହୁଏତ ଯୋଗ ଶବ୍ଦଜ) ଉଦ୍ୟୋଗ କରିବା, ଉପାୟ କରିବା, ଆୟୋଜନ କରିବା; ସିଦ୍ଧ କରିବା । ଯଥା—

ପରିବା ଲବଣ ପିଠଆର ଆଦି କରି,
ଘୃତଯୋଗେ ଏକା ଘାଲ୍ଲ ଦିଅନ୍ତି ଯୋଗାଡ଼ି । ସା.ଭ୍ର.ସ.

ଯୋଗାଣ, ବି. (ଯୋଗ ଶବ୍ଦଜ) ଯୋଗାଇବା; ଯୋଗ କରିବା ।

ଯୋଗିଆଣୀ, ବି. ସ୍ତ୍ରୀ. (ଯୋଗୀ ପଦରେ ଓଡ଼ିଆ ପ୍ରତ୍ୟୟ ଯୋଗ) ଯୋଗିନୀ । ଯଥା—

ଉମାପରି ଝିଅକୁ ପିତା ମୋର ଦେଲେ ।
ଯୋଗିର ଭାରିଯା ସିନା ଯୋଗିଆଣୀ ହେଲେ ।
ନୃ. ପୁ. ପ୍ର. ଚ.

ଯୋଗୀ, ବି. (ଯୋଗିନ୍-ଯୋଗ-ଇନ୍ ଅସ୍ତ୍ୟର୍ଥେ, ଅଥବା ଯୁଜ୍ = ଯୋଗ କରିବା-ଇନ୍ ଶୀଳାର୍ଥେ) ତପସ୍ୱୀ; ଦଣ୍ଡୀ, ସନ୍ନ୍ୟାସୀ; ବ୍ରହ୍ମବେତ୍ତା । (ସ୍ତ୍ରୀ-ଈ=ଯୋଗିନୀ) ଯୋଗକାରିଣୀ ନାରୀ; ଦେବୀବିଶେଷ; ତିଥିର ଶେଷ ।

ଯୋଗୀଶ, ଯୋଗୀଶ୍ୱର, ବି. ସଂ. ଶିବ, ଯାଜ୍ଞବଲ୍କ୍ୟ ।

ଯୋଗେଶ, ଯୋଗେଶ୍ୱର, } ବି. ସଂ. ବିଷ୍ଣୁ; ଶିବ; ଯାଜ୍ଞବଲ୍କ୍ୟମୁନି ।

ଯୋଗ୍ନୀ, ବି. ସ୍ତ୍ରୀ. (ଯୋଗିନୀ ଶବ୍ଦର ଅପ ସଂଶ୍ଳେଷ) ଯୋଗିନୀ; ଦେବୀବିଶେଷ । (ଏ ଦେବୀମାନଙ୍କ ସଂଖ୍ୟା ୬୪) । ଯଥା—

ରକତ ମାଂସ ଦେଖି ବିଜୟେ ଶମଶାନୀ,
କରନ୍ତି ରୁଧିର ପାନ ଯୋଗ୍ନୀବୃନ୍ଦ ଘେନି । ସା.ଭ୍ର.ଆ.

ଯୋଗ୍ୟ, ବିଂ. (ଯୁଜ୍ = ଯୋଗ କରିବା-ଯ, କିମ୍ବା ଯୋଗ-ଯ) ପ୍ରବୀଣ; ସମର୍ଥ; ଉପଯୁକ୍ତ; ପବିତ୍ର; ପ୍ରତ୍ୟକ୍ଷ; ଯୋଗାର୍ହ । ବି. ପୁଷ୍ୟାନକ୍ଷତ୍ର; ଶକଟାଦିର ବାହନ; ଚନ୍ଦନ; ପିଷ୍ଟକବିଶେଷ । (ସ୍ତ୍ରୀ-ଯୋଗ୍ୟା) ଅଭ୍ୟାସ; ଅନୁଶୀଳନ; ସୂର୍ଯ୍ୟପତ୍ନୀ ।

ଯୋଗ୍ୟତା, ବି. ସ୍ତ୍ରୀ. (ଯୋଗ୍ୟ-ତା ଭାବାର୍ଥେ) କ୍ଷମତା; ପବିତ୍ରତା; ଉପଯୁକ୍ତତା; ପଦାର୍ଥ-ସମୂହର ପରସ୍ପର ସମ୍ବନ୍ଧରେ ବାଧାଭାବ ।

ଯୋଗ୍ଣ, ବି. (ଯୁଜ୍ ଧାତୁଜ) ଯୋଗ କରିବା । ଯଥା—

ଇନ୍ଦ୍ରଙ୍କ ଦେବା ଘୋଡ଼ା ନକୁଳ ରଥେ ଯୋଗ୍ଣ,
ହୋଇଛନ୍ତି ଏଥିରେ ନ କର ଶଙ୍କାପନ୍ଥା । କୃ.ଭ୍ର.ଉ.ପ.

ବିଂ. ସଂଯୁକ୍ତ । ଯଥା —
ଶୁକଲ ଶୁଭ୍ର ଘୋଡ଼ା ଯୋଗ୍ଣ ମୋ ରଥରେ ।କୃ.ଭ୍ର ବ.ପ

ଯୋଚିବା, କ୍ରି. (ଯୁଜ୍ ଧାତୁଜ) ଶକଟାଦିରେ ବଳଦ ପ୍ରଭୃତି ବାନ୍ଧିବା; ସଂଯୁକ୍ତ କରିବା । ଯଥା—

ଗୃହାଁ ବୋଲୁଁ ଗୃହଁଦେଲେତ ଶର ମୁଁ ଯୋଚିଲି । ର.ପ.

ଯୋଜକ, ବିଂ. (ଯୁଜ୍ = ଯୋଗ କରିବା-ଣିଚ୍-ଅକ) ସଂଯୋଗକାରକ, ମେଳକ; ଯେଉଁ ସଂକୀର୍ଣ୍ଣ ଭୂଭାଗ ଦୁଇ ବୃହତ୍ ଭୂଭାଗକୁ ପରସ୍ପର ସଂଯୁକ୍ତ କରେ ।

ଯୋଜନ, ବି. (ଯୁଜ୍-ଅନ) ଯୋଗ; ଚାରି କୋଶ ପରିମାଣ; ପରମାତ୍ମା । ( ସ୍ତ୍ରୀ-ଯୋଜନା ) ଏକତ୍ରକରଣ, ମେଳନ; ସଂଘଟନ ।

ଯୋଜନଗନ୍ଧା, ବି. ସ୍ତ୍ରୀ. ସଂ. କସ୍ତୂରୀ; ସୀତା; ସତ୍ୟବତୀ, ବ୍ୟାସଦେବଙ୍କ ମାତା ।

ଯୋଜିତ, ବିଂ. ( ଯୁଜ୍-ଣିଚ୍-ତ ) ଖଚିତ; ମିଳିତ; ନିୟମିତ; ରଚିତ ।

ଯୋଟ, ଜୋଟ, } ବି. ( ଦେଶଜ ) ମେଳ, ମିଳନ । ଯଥା—

ବେଲ ଧନ ପଦ୍ମର ସରକ ବଗଟ—
ଆଟ ଯାଇ ବିଗନ୍ତି ସଙ୍ଗତେ ହେଲେ ଯୋଟ ।
କୃ. ଭ୍ର. ବ. ପ.

ବିଂ. ମିଳିତ; ତୁଲ୍ୟ । ଯଥା—
ଛଟକ ହେମସମ୍ପୁଟ, ଛବିକ ହୋଇବ ଯୋଟ ।

ଯୋଟକ, ବିଂ. (ଦେଶଜ ପ୍ରାୟ) ଘଟନକାରକ, ମେଳକ, ମିଳନକାରକ ।

ଯୋଟଣୀ, ବି. (ଦେଶଜ) ସଂଘଟନ, ମିଳନ ।

ଯୋଟା, ବି. (ଦେଶଜ) ସଂଯୋଗ । ବିଂ. ସଂଯୁକ୍ତ, ସଂଘଟିତ । ଯଥା—

କର୍ଣ୍ଣ-ରଥ ପାଶେ କରି ରଥ ଯୋଟା,
ବୋଇଲେ ଯୁଦ୍ଧ କର ମୋ ସଙ୍ଗେ ସୂତବେଟା ।
କୃ. ଭ୍ର. ବ. ପ.

ଯୋଟାଯୋଟି, ବିଂ. ( ଦେଶଜ ) ମିଶାମିଶି, ମିଶ୍ରିତ, ମିଳିତ । ଯଥା—

ଗଜ ଯୋଦ୍ଧା ରଥୀ ହୋଇ ଯୋଟାଯୋଟି,
ଅଇଲେ ସୁଖେ ଯମରାଜନକୁ ଭେଟି । କୃ. ଭ୍ର. ଭୀ. ପ.

ବି. ପରସ୍ପର ମିଳନ, ମିଶ୍ରଣ ।

ଯୋଟିବା, କ୍ରି. (ଯୁଜ୍ ଧାତୁଜ) ଯୋଗକରିବା । ଯଥା—

ବାନ୍ଧିଲେ ଯେତେ କାଣ୍ଡ ଧନୁରେ ସେ ଯୋଟି ।
କୃ. ଭ୍ର ବ. ପ.

ତୁଲ୍ୟକରିବା କିମ୍ବା ମଣିବା, ଉପମାଦେବା; ତୁଲ୍ୟହେବା । ଯଥା—

ନିଜ ତେଜ ଓଜରେ ତାହାଙ୍କ ସଙ୍ଗତରେ,
ଯୋଟି ନ ପାରିଲେ ଦେବତା ଦୈତ୍ୟ ନରେ ।
କୃ. ଭ୍ର. ଆ. ପ.

ଯୋଗଦେବା । ଯଥା—
ଚଢ଼ିଥିବ ଯାହାକୁ କାଳଦେବ ଘୋଟି,
ସେହି ସିଦ ଅରଜୁନକୁ ଯୁଦ୍ଧେ ଯୋଟି । କୃ.ଭ୍ର.ବ.ପ.

ଯୋଡ଼, ବି. (ଦେଶଜ) ଯୁଗ୍ମ । ଯେପରି ପାଟ-ଯୋଡ଼ । ମିଳନ । ବିଂ. ମିଳିତ, ସଂଯୁକ୍ତ । ଯଥା—
—ପ୍ରଣମିଲେ ଯୋଡ଼କରେ । ଉର୍ବଶୀ ।

ଯୋଡ଼ା, ବି. (ଦେଶଜ) ଚର୍ମପାଦୁକା; କଠାଉ । ଯଥା—
ଶିକାରେ ଯେଣ ଅନ୍ନ ପୁଡ଼ା,
ବେଢ କାହାଲି ପାଦଯୋଡ଼ା । ଗ୍ରା. ଦ. ସ୍ବ.
ସଂଯୋଗ । ଯଥା—
ସବୁ ଶାସ୍ତ୍ର ବୀଜ ଏଥେ ହୋଇଅଛୁ ଯୋଡ଼ା । ନା.ର.ଗୀ.
ଯୁଗ୍ମ, ଦୁଇଟି । ଯଥା—
ଗ୍ରାମ ଘେନଲେ ବସ୍ତ୍ରପୁଡ଼ା,
ଥିଲ୍ଲ ଉହିଁରେ ଯେତେ ଯୋଡ଼ା । ଗ୍ରା. ଦ. ସ୍ବ.
ବିଂ. ସଂଯୋଜିତ, ସଂମିଳିତ; ତୁଲ୍ୟ, ସମାନ । ଯଥା—
ଏ ସମସ୍ତ ଯୋଡ଼ା ନୋହୁବେଟି ଯୋଡ଼ା
ଜାଣିଥାଅ ଏକାଳକୁ । ସୁ. ପ.

ଯୋଡ଼ାଏ, } ବିଂ. (ଦେଶଜ) ଦୁଇଗୋଟି ।
ଯୋଡ଼କ, } ଯଥା—
ବହୁଗ ଯୋଡ଼ାଏ, ବହୁକ ପୁଣି ଏକାକୀ ପୀଡ଼ାଏ ।
ବୈ. ବ.
ତାଙ୍କ କଙ୍କ ସବୁ ଶାସ୍ତ୍ରକୁ ଗ୍ରାହକ,
ହୋଇ ବହୁଛୁ ସେ କୁଣ୍ଡଳ ଯୋଡ଼କ । କୃ.ଭ.ବ.ପ.

ଯୋଡ଼ାକମ, ବି. (ଦେଶଜ) ବାଦ୍ୟଯନ୍ତ୍ରବିଶେଷ । ଯଥା—
ବାଜିଲ୍ଲ ଦାଉଣ୍ଡି ଶଙ୍ଖ ମହୁରୀ ଯୋଡ଼ାକମ । ନୃ.ପ୍ର ପ୍ର.ଚ.

ଯୋଡ଼, ବି. (ଦେଶଜ) ସାନପୋଖରି, କ୍ଷୁଦ୍ରଜଳାଶୟ; ଯୁଗ । ଯଥା—
ଯୋଡ଼ିକଯୋଡ଼ ଏହିପରି,
ହସ୍ତ ବଢ଼ାଇ ନେଲେ ହରି । ଦା. ର.
ବିଂ. ମିଳିତ, ମିଶ୍ରିତ ।

ଯୋଡ଼ିବା, କ୍ରି. (ଯୁଜ୍ ଧାତୁଜ) ଅନ୍ୟ ସଙ୍ଗେ ତୁଲ୍ୟ କରିବା; ସଂଲଗ୍ନ କରିବା; ମିଳିତ ବା ମିଶ୍ରିତ କରିବା । ଯଥା—କର ଯୋଡ଼ି ଜଣାଇଲେ ।

ଯୋଡ଼ମାଳ, ବି. (ଯୁଗ୍ମମାଳା ଶବ୍ଦଜ) ସ୍ତ୍ରୀକଣ୍ଠାଭରଣ ବିଶେଷ । ଯଥା—
ଯୋଡ଼ମାଳ କାଚ ମାଳ ଯେ,
ଆଉ ମାଳ ଆଳ କେତେହେଁ କହିବା
ଯେତେକ ମଣ୍ଡିଲେ ଆଳୀ ଯେ । ଲ.ବ.

ଯୋତ, ବି. (ଯାବନିକ) ଇଜାରା ଅର୍ଥାତ୍ ଭୂମି ଚଷିବାକୁ ଦେବା ।

ଯୋତଦାର, ବି. (ଯାବନିକ) ରଇତ ।

ଯୋତା, ବି. (ଦେଶଜ) ଚର୍ମପାଦୁକା । ଯଥା—
ଦଦରା ଛତା ଯୋତା ହରଗୋବିନ୍ଦ ମୁଣି,
ସବୁ ପକାଇ ବସ୍ତ୍ର ଉଠିଲେ ଶିର ଝୁଣି । ସା. ଗ୍ରା. ଆ.
(ଯୋକ୍ତ୍ର ଶବ୍ଦଜ) ଶକଟ ଜୁଆଳିରେ ବାନ୍ଧିବା ଦଉଡ଼ି ।

ଯୋତ୍ର, } ବି. (ଯୁ—ଯୋଗ କରିବା-ତ୍ର, ଯୁଜ୍—
ଯୋକ୍ତ୍ର, } ଯୋଗ କରିବା-ତ୍ର) ଲାଙ୍ଗଳାଦି ବାହୀ ବୃଷଭାଦିର ସ୍କନ୍ଧସ୍ଥ କାଷ୍ଠଖଣ୍ଡବିଶେଷ, ଯୁଆଳି; ଯୁଗାଦିବନ୍ଧନ ରଜ୍ଜୁ, ଯୋତଦଉଡ଼ି; ସମ୍ପତ୍ତି ।

ଯୋଦ୍ଧା, ବି. (ଯୋଦ୍ଧୃ—ଯୁଧ୍ = ଯୁଦ୍ଧକରିବା-ତୃ) ଯୁଦ୍ଧକାରକ, ଯେ ଯୁଦ୍ଧ କରେ ।

ଯୋଧ, ବି. (ଯୁଧ୍—ଯୁଦ୍ଧ କରିବା-ଅ) ଯୋଦ୍ଧା; ଯୁଦ୍ଧ ।

ଯୋଧନ, ବି. (ଯୁଧ୍-ଅନ) ଯୁଦ୍ଧ; ଯୁଦ୍ଧାସ୍ତ୍ର; ଯୋଦ୍ଧା ।

ଯୋଧସଂରାବ, ବି. (ଯୋଧ-ସଂରାବ = ଶବ୍ଦ, ଜୟଧ୍ୱନି) ଯୋଦ୍ଧାମାନଙ୍କର ପରସ୍ପର ଯୁଦ୍ଧାର୍ଥ ଆହ୍ୱାନ; ପରସ୍ପର ସ୍ପର୍ଦ୍ଧା କରିବା ।

ଯୋନି, ବି. (ଯୁ = ଯୋଗ କରିବା-ନି) ଆକର, ଉତ୍ପତ୍ତି ସ୍ଥାନ । ଯଥା— ବୀର-ଯୋନି ପ୍ରାଚୀନ ଉତ୍କଳର ମହିମା ଅନ୍ତର୍ହିତ ହୋଇଅଛି । କାରଣ; ସ୍ତ୍ରୀଚିହ୍ନବିଶେଷ; ଜଳ ।

ଯୋବରା, ବି. (ଦେଶଜ) ମଇଳା । ବିଂ. ମଳଯୁକ୍ତ, ବିବର୍ଣ୍ଣ । ଯଥା—
ଦେହ ମଇଳା ଗୃହ ଯୋବରା ଦଶେ ଯାର,
ପୁରୁଷକୁ ଦେଖି ସେ ହସଇ କରକର । ନୃ.ପ୍ର.ପ୍ର.ଚ.

ଯୋର, } ବି. (ଯାବନିକ) ବଳ; ବଳାତ୍କାର;
ଜୋର, } ଆଧିକ୍ୟ । ଯଥା—
ମନେ ଯହୁଁ ହେଲ ଦୁଃଖ ସଞ୍ଚାର,
ଆଖି ବୁଜୁଁ ଲାଗେ ନଦର ଜୋର । ହା. ଚ.

ଯୋଷା, ବି. ସ୍ତ୍ରୀ. (ଯୁଷ୍ = ସେବା କରିବା-ଅ-ଆ) ନାରୀ ।

ଯୋଷିତ୍, } ବି. ସ୍ତ୍ରୀ. (ଯୁଷ୍ = ସେବା କରିବା-
ଯୋଷିତା, } ଇତ୍, ଆ) ସ୍ତ୍ରୀ, ନାରୀ ।

ଯୌ, ବି. (ଯାବନିକ ଶବ୍ଦଜ) ଲକ୍ଷା, ଲାଖ ।

ଯୌକ୍ତିକ, ବିଂ. ( ଯୁକ୍ତି-ଇକ ) ଯୁକ୍ତିସିଦ୍ଧ, ପ୍ରାମାଣିକ; ଯୁକ୍ତିକାରୀ । ବି. କର୍ମସଚିବ ।

ଯୌଗିକ, ବିଂ. (ଯୋଗ-ଇକ) ଯୋଗଜାତ । ବି. ପ୍ରକୃତି ପ୍ରତ୍ୟୟଦ୍ୱାରା ଅର୍ଥବାଚକ ଶବ୍ଦ । ଯଥା—ଧନଦ, ଜଳଦ, ପାଚକ ଇତ୍ୟାଦି ।

ଯୌତକ, } ବି. (ଯୁତକ=ଯୋନସମ୍ବନ୍ଧ-ଅ
ଯୌତୁକ, } ଭାବାର୍ଥେ, କିମ୍ବା ଯୁତ= ବଧୂବର-ଅ-କ ଯୋଗ) ବିବାହକାଳରେ ଦମ୍ପତିର ଲବ୍ଧଧନ; ଉପନୟନାଦି ସଂସ୍କାର କାଳରେ ଦତ୍ତ ଧନକୁ ମଧ୍ୟ ଯୌତୁକ କହନ୍ତି ।

ଯୌଧେୟ, ବି. (ଯୋଧ-ଏୟ) ଯୋଦ୍ଧା; ଯୋଦ୍ଧାର ପୁତ୍ର ।

ଯୌନ, ବିଂ. (ଯୋନି-ଅ ଇଦମର୍ଥେ) ଯୋନି-ସମ୍ବନ୍ଧୀୟ; ଯୋନିଜାତ; ବିବାହସମ୍ବନ୍ଧୀୟ ।

ଯୌବତ, ବି. (ଯୁବତୀ-ଅ ସମୂହାର୍ଥେ) ଯୁବତୀ-ସମୂହ; ଉତ୍ତମ ପରିଚ୍ଛଦ ଓ ଭୂଷଣାଦି ଧାରଣ ପୂର୍ବକ ନଟୀମାନଙ୍କର ଅତି ମଧୁର ନୃତ୍ୟ ।

ଯୌବନ, ବି. ( ଯୁବନ୍-ଅ ଭାବାର୍ଥେ ) ତାରୁଣ୍ୟ ଅବସ୍ଥା, ୧୬ ବର୍ଷର ପ୍ରାରମ୍ଭରୁ ୩୦ ବର୍ଷର ପର୍ଯ୍ୟନ୍ତ । (ଆଷୋଡ଼ଶାଦ୍ଭବେଦ୍ବାଳସ୍ତରୁଣସ୍ତତ ଉଚ୍ୟତେ । ବୃଦ୍ଧଃସ୍ୟାତ୍ସପ୍ତତେରୂର୍ଦ୍ଧ୍ୱଂ ବର୍ଷୀୟାନ୍ ନବତେଃ ପରଂ ।) (ଗୌଣାର୍ଥରେ) ଯୋନି ପ୍ରଭୃତି । ଯଥା—

ଯୌବନ ମଞ୍ଚାଳଲ୍ଲ କରେ,
ବିବସ୍ତ୍ର କଲ୍ଲ ଧାଡକାରେ । ମା. ମା.

ଯୌବନକଣ୍ଟକ, ବି. ସଂ. ଯୁବଗଣ୍ଡ, ବୟସ-ଭରଣ୍ଡ ।

ଯୌବରାଜ୍ୟ, ବି. (ଯୁବରାଜ-ଯ) ଯୁବରାଜ ପଦ, ପିତୃ ଅଧିକାରରେ ପୁତ୍ରର ରାଜପଦ ।

ଯୌଷ୍ମାକ, } ବିଂ. (ଯୁଷ୍ମାକ = ଯୁଷ୍ମଦ୍-ଅ,
ଯୌଷ୍ମାକୀଣ, } ଈନ ଇଦମର୍ଥେ) ଯୁଷ୍ମଦ୍-ସମ୍ବନ୍ଧୀୟ, ଭବତ୍ସମ୍ବନ୍ଧୀୟ ।

# ର

ର, ବ୍ୟଞ୍ଜନମାଳାର ସପ୍ତବିଂଶ ବର୍ଣ୍ଣ । ବି. (ରା=ଦାନ କରିବା-ଅ, ଅଥବା ରମ୍= କ୍ରୀଡ଼ା କରିବା-ଅ) ଅଗ୍ନି; କାମାଗ୍ନି; ସ୍ୱର୍ଣ୍ଣ; ଉତ୍ତାପ; ବେଗ; ରଙ୍ଗ ବା ବର୍ଣ୍ଣ । ବିଂ. ତୀକ୍ଷ୍ଣ ।

ରଇ, ବି. (ଦେଶଜ) ଶ୍ମଶାନାଗ୍ନି । (ରବି ଶବ୍ଦଜ, ପ୍ରାକୃତ) ସୂର୍ଯ୍ୟ; ଉତ୍ତାପ ।

ରଇକାଠ, ବି. ( ଦେଶଜ ) ଚିତାକାଷ୍ଠ, ଶବାଗ୍ନିର କାଷ୍ଠ; ପୁଷ୍କରିଣୀର ନଳାଦାଣ୍ଡି ।

ରଇଜଳା, ବି. (ଦେଶଜ) ସ୍ତ୍ରୀବ୍ୟକ୍ତି ପୁରୁଷ ବ୍ୟକ୍ତିକୁ ଦେବା ଗାଳିବିଶେଷ ।

ରଇଜଳୀ, ବି. (ଦେଶଜ) ସ୍ତ୍ରୀ ବ୍ୟକ୍ତିକୁ ଦେବା ଏକପ୍ରକାର ଗାଳି ।

ରଇତ, ରଏତ, ବି. (ଦେଶଜ) ଯେ ଅନ୍ୟର ଜମି ମାଗିନେଇ ଚାଷ କରେ, ପ୍ରଜା । ଯଥା—

ଜଜ ପରେ ଦିଏ ବସାଇ ଆସାମୀ,
ରଇତ ବସାଇ ବସାଏ ଭୂସ୍ୱାମୀ । ଦ. ବା.

ରଉଆନା, } ବି. ( ଯାବନିକ ) ଚାଲଣି;
ରଓୟାନା, } ଗମନ ।

ରଂହଃ, ବି. (ରଂହସ୍-ରମ୍=କ୍ରୀଡ଼ା କରିବା-ଅସ୍, ହ ଆଗମ) ବେଗ, ଶୀଘ୍ରତା ।

ରକଟା, ବି. (ଦେଶଜ) ଭୋଜନପାତ୍ରାଦିରେ ଲାଗି ରହିଥିବା ଶୁଷ୍କ ଅନ୍ନାଦି । ବିଂ. କର୍କଶ ।

ରକପଡ଼, ବି. (ଦେଶଜ) ପରଶ୍ରୀକାତରତା, ଅସହନଶୀଳତା ।

ରକପଡ଼ହେବା, କ୍ରି. (ଦେଶଜ) ପରର ଶ୍ରୀ ବା ଉତ୍କର୍ଷ ଦେଖି କାତର ହେବା, ପରର ସୁଖରେ ଅସହିଷ୍ଣୁ ହେବା ।

ରକରକ, ବି. (ଦେଶଜ) ଅପ୍ରାପ୍ୟ ବା ଅପ୍ରାପ୍ତ ବସ୍ତୁର ପାଇବା ଇଚ୍ଛା, ନଷ୍ଟଧନାଦିର ପୁନଃ ପ୍ରାପ୍ତି ଇଚ୍ଛା । ବିଂ. ଯେ ସେପରି ଇଚ୍ଛା କରେ ।

ରକବା, ବି. (ଯାବନିକ) ଭୂମିସମ୍ବନ୍ଧୀୟ କାଗଜ ।

ରକମ, ବି. (ଯାବନିକ) ପ୍ରକାର, ଧରଣ, ଖଣ୍ଡ; ନାନାପ୍ରକାର ଦ୍ରବ୍ୟ ।

ରକା, ରକ୍କା, ଅକ୍କା, } ବି. (ଦେଶଜ) ଦେହର କୌଣସି ଅବୟବରେ ପବନ ଅଟକିଯିବାରୁ ଜାତ ପୀଡ଼ା ।

ରକ୍ତ, ବିଂ. (ରନ୍ଜ୍ = ରଙ୍ଗ କରିବା ଇତ୍ୟାଦି-ତ) ରଞ୍ଜିତ; ଅନୁରକ୍ତ; ଆସକ୍ତ; ମଧୁର, ସୁଶ୍ରାବ୍ୟ; ଲୋହିତ; କ୍ରୀଡ଼ାସକ୍ତ । ବି. କୁସୁମ୍ଭ; ହିଙ୍ଗୁଳ; ଲୋହିତବର୍ଣ୍ଣ; ରୁଧିର; କୁଙ୍କୁମ; ତାମ୍ର; ସିନ୍ଦୂର । (ସ୍ତ୍ରୀ-ଆ) ଗୁଞ୍ଜା; ଲାକ୍ଷା ।

ରକ୍ତକ, ବି. (ରକ୍ତ-କ ଯୋଗ, ଅଥବା କୈ = ପ୍ରକାଶ ପାଇବା-ଅ) ଅମ୍ଳାନ ବୃକ୍ଷ; ବନ୍ଧୂକ ବୃକ୍ଷ; ରକ୍ତସଜନା ଗଛ; ରଙ୍ଗଗବଗଛ; ରୁଧିର; ରକ୍ତବସ୍ତ୍ର । ବିଂ. ଅନୁରାଗୀ, ଅନୁରକ୍ତ ।

ରକ୍ତକଣ୍ଠ, ବିଂ. (ରକ୍ତ = ସୁଶ୍ରାବ୍ୟ-କଣ୍ଠ = କଣ୍ଠଧ୍ୱନି) ଯାହାର କଣ୍ଠସ୍ୱର ଉତ୍କୃଷ୍ଟ, ସୁସ୍ୱର କଣ୍ଠ ।

ରକ୍ତଚନ୍ଦନ, ବି. ସଂ. ରକ୍ତବର୍ଣ୍ଣ ଚନ୍ଦନକାଷ୍ଠ । (ଦେଶଜ ରୂପେ) ଧାନ୍ୟବିଶେଷ, ରକ୍ତବର୍ଣ୍ଣ ମୋଟା ଧାନ ।

ରକ୍ତଚିତା, ରକତଚିତା, } ବି. (ରକ୍ତଚିତ୍ରକ ଶବ୍ଦଜ) ରକ୍ତବର୍ଣ୍ଣ ଚିତକ ମୂଳ, ରଙ୍ଗ ଚିତାପାରୁ ।

ରକ୍ତଦୃକ୍, ରକ୍ତନେତ୍ର, } ବି. ସଂ. କପୋତ । ବିଂ. ରକ୍ତବର୍ଣ୍ଣଚକ୍ଷୁବିଶିଷ୍ଟ ।

ରକ୍ତନାସିକ, ବି. ସଂ. ପେଚକ, ପେଚା । ବିଂ. ରକ୍ତବର୍ଣ୍ଣ ନାସିକାଯୁକ୍ତ ।

ରକ୍ତପ, ବି. (ରକ୍ତ = ଶୋଣିତ-ପା = ପିଇବା-ଅ) ରାକ୍ଷସ । ବିଂ. ରକ୍ତପାନକର୍ତ୍ତା । (ସ୍ତ୍ରୀ-ରକ୍ତପା) ଜୋକ; ଡାକିନୀ; ରାକ୍ଷସୀ ।

ରକ୍ତପଲ୍ଲବ, ବି. ସଂ. ଅଶୋକ ବୃକ୍ଷ; ରକ୍ତବର୍ଣ୍ଣ ପତ୍ର ।

ରକ୍ତପାତା, ବି. ସ୍ତ୍ରୀ. (ରକ୍ତ-ଶୋଣିତ-ପାତ = ଦ୍ରୁତିପାଳିତ) ଜଳୌକା, ଜୋକ ।

ରକ୍ତପାୟୀ, ବି. (ରକ୍ତପାୟିନ୍—ରକ୍ତ-ପାୟିନ୍ = ଯେ ପାନ କରେ) ଯେ ସକଳ କୀଟ ରକ୍ତ ପାନ କରନ୍ତି, ମତ୍କୁଣ, ଘୁରପୋକ । (ସ୍ତ୍ରୀ-ଈ) ଜଳୌକା, ଜୋକ ।

ରକ୍ତପିଣ୍ଡ, ବି. ସଂ. ଜବାପୁଷ୍ପ ।

ରକ୍ତପିତ୍ତ, ବି. ସଂ. ରୋଗବିଶେଷ, ଯେଉଁ ରୋଗରେ ମୁଖ ନାସିକାଦିରୁ ରକ୍ତ ପଡ଼େ, ଯକ୍ଷ୍ମାରୋଗର କାରଣଭୂତ ରୋଗ ।

ରକ୍ତପୁଷ୍ପ, ବି. ସଂ. କରବୀର ଗଛ; ରୋହିତ ବୃକ୍ଷ; ରଙ୍ଗକଞ୍ଚଣ ଗଛ; ଦାଡ଼ିମ ବୃକ୍ଷ; ବନ୍ଧୂକ ବା ବଧୂଲି ଗଛ; ପୁନ୍ନାଗ ବୃକ୍ଷ । (ସ୍ତ୍ରୀ-ଆ, ଈ) ଶାଲ୍ମଳି ବୃକ୍ଷ; ପାଟଳୀ ବୃକ୍ଷ; ଜବାବୃକ୍ଷ ।

ରକ୍ତଫଳ, ବି. ସଂ. ବଟ ବୃକ୍ଷ । (ସ୍ତ୍ରୀ-ଆ) ବିମ୍ବିକା ।

ରକ୍ତବାଲୁକ, ରକ୍ତରେଣୁ, } ବି. (ରକ୍ତ-ବାଲୁକା = ବାଲି, ରେଣୁ = ବାଲି) ସିନ୍ଦୂର ।

ରକ୍ତମୋକ୍ଷଣ, ବି. ସଂ. ରକ୍ତସ୍ରାବ ।

ରକ୍ତସଂଜ୍ଞ, ବି. (ରକ୍ତ-ସଂଜ୍ଞା = ନାମ ଯାହାର) କୁଙ୍କୁମ ।

ରକ୍ତସନ୍ଧ୍ୟକ, ବି. (ରକ୍ତ = ଲାଲବର୍ଣ୍ଣ-ସନ୍ଧ୍ୟା = ସାୟଂକାଳ-କ ସାଦୃଶ୍ୟାର୍ଥେ) ରକ୍ତ-କହ୍ଲାର ପୁଷ୍ପ ।

ରକ୍ତସାର, ବି. ସଂ. ରକ୍ତଚନ୍ଦନ; ରକ୍ତଖଦିର ।

ରକ୍ତାକ୍ଷ, ବି. (ରକ୍ତ = ଲାଲବର୍ଣ୍ଣ-ଅକ୍ଷି = ନେତ୍ର) ପାରାବତ; ସାରସ; ଚକୋର ପକ୍ଷୀ; ମହିଷ; କ୍ରୂର ବ୍ୟକ୍ତି । ବିଂ. ରକ୍ତବର୍ଣ୍ଣ ଚକ୍ଷୁବିଶିଷ୍ଟ ।

ରକ୍ତାଙ୍ଗ, ବି. (ରକ୍ତ-ଲାଲବର୍ଣ୍ଣ-ଅଙ୍ଗ-ଦେହ) ମଙ୍ଗଳ ଗ୍ରହ; ମତ୍କୁଣ; ପ୍ରବାଳ, ପୋଦଳା; କୁଙ୍କୁମ । (ସ୍ତ୍ରୀ-ଆ) ମଞ୍ଜିଷ୍ଠା ।

ରକ୍ତାଧାର, ବି. (ରକ୍ତ-ଆଧାର = ଆଲମ୍ବ) ଶରୀରର ଚର୍ମ ।

ରକ୍ତାଶୟ, ବି.(ରକ୍ତ-ଆଶୟ-ଆଧାର)ହୃତ୍ପିଣ୍ଡ ।

ରକ୍ତିକା, ବି. ସ୍ତ୍ରୀ. ସଂ. ଗୁଞ୍ଜା, କାଇଁଚ ।

ରକ୍ତିମା, ବି. ( ରକ୍ତ-ଇମନ୍ ଭାବାର୍ଥେ ) ଶୋଣିତବର୍ଣ୍ଣ ।

ରକ୍ତୋତ୍ପଳ, ବି. ସଂ. କୋକନଦ ପୁଷ୍ପ; ଶାଲ୍ମଳି ବୃକ୍ଷ ।

ରକ୍ତୋପଳ, ବି. ( ରକ୍ତ-ଉପଳ = ପ୍ରସ୍ତର ) ଗୈରିକ, ଗେରୁ ।

ରକ୍ଷ,ବିଂ.(ରକ୍ଷ୍=ରକ୍ଷା କରିବା-ଅ)ରକ୍ଷାକର୍ତ୍ତା । ବି. ରକ୍ଷା ।

ରକ୍ଷଃ, ରକ୍ଷସ୍, ବି. [ରକ୍ଷ୍ = (କୁବେର ଧନ) ରକ୍ଷା କରିବା-ଅସ୍, ଅଥବା ଯେଉଁମାନଙ୍କ-ଠାରୁ ଯଜ୍ଞୀୟ ହବି ରକ୍ଷିତ ହୁଏ) ରାକ୍ଷସ ।

ରକ୍ଷଣ, ବି. ( ରକ୍ଷ୍ = ରକ୍ଷା କରିବା-ଅନ ) ପାଳନ; ପରିତ୍ରାଣ । (କର୍ତ୍ତୃବାଚ୍ୟରେ ଅନ ପ୍ରତ୍ୟୟ କଲେ) ରକ୍ଷକ । (ବିଶେଷଣରେ ରକ୍ଷକ, ରକ୍ଷୀ ବା ରକ୍ଷିନ୍, ରକ୍ଷିତା ବା ରକ୍ଷିତୃ, ରକ୍ଷ୍ୟ, ରକ୍ଷଣୀୟ ଓ ରକ୍ଷିତ ପଦ ସିଦ୍ଧ ହୁଏ । )

ରକ୍ଷା, ବି. (ରକ୍ଷ-ଆ) ପାଳନ; ଭସ୍ମ; ଲାକ୍ଷା ।

ରକ୍ଷାକାଣ୍ଡ, ବି. ସଂ. ରକ୍ଷଣାର୍ଥ ଦୂର୍ବାଦିଗୁଚ୍ଛ ।

ରକ୍ଷାଗୃହ, ବି. ସଂ. ସୂତିକାଗାର ।

ରକ୍ଷିକା, ବି. ସ୍ତ୍ରୀ. (ରକ୍ଷା-କ-ଆ) ରକ୍ଷା ।

ରକ୍ଷୋଘ୍ନ, } ବିଂ. (ରକ୍ଷସ୍=ରାକ୍ଷସ-ହନ୍=ନାଶ
ରକ୍ଷୋହା, } କରିବା-ଅ, କ୍ୱିପ୍) ରାକ୍ଷସ-ନାଶକ, ରାକ୍ଷସଘାତକ ( ବସ୍ତୁ ) । ବି. କାଞ୍ଜିକ; ହିଙ୍ଗୁ; ଶ୍ୱେତସୋରିଷ; ଭଲ୍ଲାତକ ବୃକ୍ଷ । (ସ୍ତ୍ରୀ-ରକ୍ଷୋଘ୍ନୀ) ବଚ ।

ରଖନ୍ତା, ବିଂ.(ରକ୍ଷିତୃ ଶବ୍ଦଜ) ରକ୍ଷକ । ଯଥା—

ଗଲେ ଯେ ରୁକ୍ମିଣୀକି ଘେନି,
ରଖନ୍ତା ନୋହିଲେ ସଇନି । ଭା. ଦ. ସ୍କ.

ରଖା, ବି. ( ରକ୍ଷା ଶବ୍ଦଜ ) ରଖିବା, ରକ୍ଷଣ । ଯଥା—

ତୃଣା ତୃଣାବଳୀ ପରି ହେଲା ବିନାଶ,
ଦକ୍ଷା ଦକ୍ଷାରଖାଠାରେ ହୋଇଲା ବିନାଶ । ବି.ଚ.ମ.

ବିଂ. ଯେ ରଖେ, ରକ୍ଷକ; ଯାହା ରଖାଗଲା, ରକ୍ଷିତ ।

ରଖାଣ, ବି. (ପ୍ରାକୃତ ରକ୍ଖ ଧାତୁଜ) ରକ୍ଷା; ପାଳନ ।

ରଖିବା, କ୍ରି. (ରକ୍ଷ୍ = ପ୍ରାକୃତ ରକ୍ଖ ଧାତୁଜ) ସ୍ଥାପନ କରିବା; ରକ୍ଷା କରିବା କିମ୍ବା ପରିତ୍ରାଣ କରିବା; ପାଳନ କରିବା ।

ରଖୁଆଳ, } ବିଂ. ( ରକ୍ଷାକାରୀ ପଦଜାତ )
ରଖୁଆଳି, } ରଖିବା କିମ୍ବା ପାଳିବା ବ୍ୟକ୍ତି, ରକ୍ଷକ; ପାଳକ । ଯଥା—

ଆମ୍ଭେ ତୁମ୍ଭଙ୍କ ରଖୁଆଳ,
ଭୟ ନ କର ତୁମ୍ଭେ ଚଳ । ଦା. ର.

ରଗ, ବି. (ଦେଶଜ) ରାଗ; ସୂତା । (ଯାବନିକ) କପାଳ ପାର୍ଶ୍ୱ ଦ୍ୱୟର ଶିର ।

ରଗଡ଼, ବି. ( ହୁଗଡ଼ ଶବ୍ଦର ଅପଭ୍ରଂଶ ) ମୃଦଙ୍ଗାଦି ବାଦ୍ୟର ଶବ୍ଦବିଶେଷ; ମୃଦଙ୍ଗାଦି ବାଦ୍ୟର ବାଦନ କ୍ରମବିଶେଷ; ଶିଳ ବା ଚକିଦ୍ୱାରା କୌଣସି ବସ୍ତୁର ଆଘାତ-କରଣ; ମର୍ଦ୍ଦନ; ପେଷଣ; ଘର୍ଷଣ; ଚର୍ବଣ । ଯଥା—

ବଜ୍ରଦଂଷ୍ଟ୍ର ଦନ୍ତରଗଡ଼କୁ ଏକା ଲକ୍ଷ ହୋଇଅଛୁ ପବି ।
ବୈ. ବି.

ରହସ୍ୟ, କୌତୁକ । ବିଂ. ଠାଣି, ଦୃଢ଼ ।

ରଗଡ଼ା, ବି. (ହୁଗଡ଼ ଶବ୍ଦଜ) ଘର୍ଷଣ; ଚର୍ବଣ; ଦନ୍ତରେ ବିଦାରଣ; ପେଷଣ । ବିଂ. ଘର୍ଷିତ; ମର୍ଦ୍ଦିତ; ଚର୍ବିତ ।

ରଗଡ଼ିବା, କ୍ରି. (ହୁଗଡ଼ ଶବ୍ଦଜ ) ଶିଳ ବା ଘୋରଣାରେ ଚୂର୍ଣ୍ଣ କରିବା; ବାଟିବା; ପେଷିବା; ଚୋବାଇବା । ଯଥା—

ଏ ମୁଣ୍ଡମାଳ ତୁଣ୍ଡ ବସ୍ତ୍ରାଣି ନାନା ମତେ,
ଦନ୍ତ ରଗଡ଼ିଣ ଯେ ଦେଖାନ୍ତି ଭୟ କେତେ ।
ନୃ. ପୁ. ସ. ତ.

ରଗରଗ, ବି. ( ଦେଶଜ ) କ୍ରୋଧ; ଅସୂୟା । ବିଂ. କ୍ରୋଧଯୁକ୍ତ; ଅସୂୟାଯୁକ୍ତ ।

ରଗିବା, କ୍ରି. (ଗଡ଼ଜାତରେ) କଷେଇବା ।

ରଘୁନନ୍ଦନ, ରଘୁନାଥ, ରଘୁପତି, ରଘୁବର, ରଘୁଦ୍ୱହ, ରଘୁବଂଶତିଳକ, } ବି. ସଂ. ଶ୍ରୀରାମଚନ୍ଦ୍ର ।

ରଙ୍କ, ବିଂ. ( ରନ୍କ୍ = ଗମନ କରିବା-ଅ ) କୃପଣ; ଦରିଦ୍ର; ନୀଚ; କ୍ଷୁଦ୍ର ।

ରଙ୍କରତନ, ବିଂ. (ରଙ୍କ-ରତ୍ନ ଏହାର ଅନୁକୃତ = ଦରିଦ୍ରର ରତ୍ନ ପ୍ରାପ୍ତି ଯେପରି) ସମ୍ପୂର୍ଣ୍ଣ ପ୍ରିୟ; ଏକାନ୍ତ ଆଦରଣୀୟ ।

ରଙ୍କା, ବିଂ. (ରଙ୍କ ଶବ୍ଦଜ) ଦରିଦ୍ର; ଲୋଭୀ । ଯଥା—

ବିବିଧ ବାଦ୍ୟନାଦେ ପୂରେ ଲଙ୍କା,
ଅସୁରେ ହୋଇଛନ୍ତି ରଣରଙ୍କା । ବି. ରା.

ରଙ୍କାଳ, ରଙ୍କାଳିଆ, ବିଂ. ( ରଙ୍କ ଶବ୍ଦଜ ) କ୍ଷୁଧାତୁର ।

ରଙ୍କି, ରଙ୍କୀ, ବିଂ. (ରଙ୍କ ଶବ୍ଦଜ) ଦରିଦ୍ର । ଯଥା—

ଦୁଃଖୀ ରଙ୍କୀ ତଣ୍ଡି ଚପି ବାରମ୍ବାର,
ଦାନ୍ତାପଣ କେତେ କରୁଛ ପ୍ରଚୁର । ଦ. ବା.

ରଙ୍କୁ, ବି. (ରମ୍ = କ୍ରୀଡ଼ା କରିବା-ଉ, କ ଆଗମ) ମୃଗବିଶେଷ ।

ରଙ୍କୁଣୀ, ବି. ସ୍ତ୍ରୀ. (ରଙ୍କ ଶବ୍ଦରେ ଓଡ଼ିଆ ପ୍ରତ୍ୟୟ ଯୋଗ) ଦରିଦ୍ରା ସ୍ତ୍ରୀ; କୃପଣା ସ୍ତ୍ରୀ । ଯଥା—

ସେ ଯେ ଚତୁର୍ଦ୍ଦଶ ଶିରୋମଣି,
ଶ୍ରୀକୃଷ୍ଣ ଚରିତ ରଙ୍କୁଣୀ । ଦା. ର.

ମାଗୁ ସ୍ତ୍ରୀ ।

ରଙ୍ଗ, ବି. (ରନ୍ଜ୍ = ରଙ୍ଗ କରିବା-ଅ) ରଞ୍ଜକ ଦ୍ରବ୍ୟ; ଶୁକ୍ଳ; ରକ୍ତାଦି ବର୍ଣ୍ଣ; ଖଦିର ସାର; ନାଟ୍ୟ ନୃତ୍ୟ ଗୀତ ଅଭିନୟାଦି; ନାଟ୍ୟଶାଳା; ରଣଭୂମି; ରଙ୍ଗ ଧାତୁ । (ଦେଶଜ ପ୍ରାପ୍ୟ) ପରିହାସ, କୌତୁକ; ଆନନ୍ଦ; ସନ୍ତୋଷ; ରକ୍ତବର୍ଣ୍ଣ । ବିଂ. ରକ୍ତବର୍ଣ୍ଣବିଶିଷ୍ଟ ।

ରଙ୍ଗରଙ୍ଗା, ବିଂ. (ଦେଶଜ) ଯେମାନେ ରଙ୍ଗ ବା ତମାସା ଦେଖିବାକୁ ଭଲପାନ୍ତି, ରଙ୍ଗିଆ ।

ରଙ୍ଗଜ, ବି. (ରଙ୍ଗ = ଧାତୁବିଶେଷ-ଜନ୍-ଅ) ସିନ୍ଦୂର ।

ରଙ୍ଗଜୀବକ, ବି. (ରଙ୍ଗ-ଜୀବକ = ଯେ ଜୀବିକା ନିର୍ବାହ କରେ) ନାଟ୍ୟକାରକ; ଚିତ୍ରକର ।

ରଙ୍ଗଟିଆ, ବିଂ. (ଦେଶଜ) ଈଷତ୍ ରକ୍ତବର୍ଣ୍ଣଯୁକ୍ତ । ବି. ଈଷତ୍ ରକ୍ତବର୍ଣ୍ଣ ।

ରଙ୍ଗଣ, ରଙ୍ଗନ, ବି. (ରନ୍ଜ୍-ଅନ) ଚିତ୍ରକରଣ ।

ରଙ୍ଗଣି, ରଙ୍ଗଣୀ, ବି. ସ୍ତ୍ରୀ. (ରଙ୍ଗିଣୀ ଶବ୍ଦର ଅପଭ୍ରଂଶ) ପୁଷ୍ପବିଶେଷ । ଯଥା—

ବିଶେଷ ତରଙ୍ଗରଙ୍ଗ ରଙ୍ଗଣି ଶୋଭିତ । ବୈ. ବି.

( ଦେଶଜ ) ତନ୍ତୁବାୟ ଜାତିବିଶେଷ । ଯଥା—

ରଙ୍ଗଣି କାହାକୁ ବୋଲଇ ହେ ସୁରତରଙ୍ଗିଣୀ,
ତରଣିରତନ ତୋ ସୁତା ହେଲ ସୁରତରୁଣୀ । ସୁ. ପ.

ରଙ୍ଗତା, ବି. (ଦେଶଜ) ପନ, ଚିତ୍ରକରଣାର୍ଥ ଚୂଣାପିତଳ ପ୍ରଭୃତି । ଯଥା—

ରତ୍ନ ସୁବର୍ଣ୍ଣ ତୁଲେ ରଙ୍ଗତା ଦେଲ ନଛ । ନୃ. ପୁ. ସ. ଚ.

ରଙ୍ଗଭୁଲ୍, ବି. (ଦେଶଜ) ଲୀଳାଭଣ୍ଡାଣ । ଯଥା—

ଧନ ସମ୍ପଦ ବିଷୟ କହିଲ ଯା ଭଲ,
ମାୟା ଲଳିତ ସିନା ଅଟଇ ରଙ୍ଗ ଭୁଲ । ନୃ. ପୁ. ପ୍ର. ଚ.

ରଙ୍ଗଭୂମି, ବି. ସଂ. ନାଟ୍ୟଶାଳା; ରଣସ୍ଥଳ; କୁସ୍ତି କଟିବାପାଇଁ ବାଲୁକାମୟ ପ୍ରଦେଶ ।

ରଙ୍ଗମାତା, ରଙ୍ଗମାତୃକା, } ବି. ସ୍ତ୍ରୀ. (ରଙ୍ଗ = ଅନୁରାଗ, ବର୍ଣ୍ଣ-ମାତୃ, ମାତୃକା) ଦୂତୀ, କୁଟ୍ଟିନୀ; ଲାକ୍ଷା ।

ରଙ୍ଗା, ବି. (ରଙ୍ଗ ଶବ୍ଦଜ) ରକ୍ତବର୍ଣ୍ଣ । ବିଂ. ରକ୍ତବର୍ଣ୍ଣବିଶିଷ୍ଟ ।

ରଙ୍ଗାଇବା, ରଙ୍ଗେଇବା, } କ୍ରି. (ରନ୍ଜ୍ ଧାତୁଜ) ରଙ୍ଗବର୍ଣ୍ଣ କରିବା । ଯଥା—

ବଦ୍ରମୂରୂପି ରଙ୍ଗାଇଲେ ପୁନ । ଲ. ବ.

ରଙ୍ଗାଜୀବ, ବି. (ରଙ୍ଗ = ରଞ୍ଜନ, ନାଟ୍ୟଶାଳା-ଆଜୀବ = ଜୀବିକା) ଚିତ୍ରକର, ଚିତ୍ରକାର ଜାତି । (ରଙ୍ଗାଜୀବଶ୍ଚିତ୍ରକରଃ—ଅମର ।) ନଟ, ନାଟ୍ୟକାରକ ।

ରଙ୍ଗାବତାରକ, ରଙ୍ଗାବତାରି, } ବି. ସଂ. ନଟ, ନାଟ୍ୟକାରକ ।

ରଙ୍ଗିଆ, ବିଂ. (ଦେଶଜ) ଯେ କୌତୁକ ପରିହାସରେ କାଳକ୍ଷେପ କରେ; ରସିକ ।

ରଙ୍ଗିଆରାଇ, ବି. ( ଦେଶଜ ) ଧାନ୍ୟବିଶେଷ, ରଙ୍ଗ ଓ ସରୁ ଧାନ । ଯଥା—

ଧାନ କଳଥିବ ରଙ୍ଗିଆରାଇ,
ରାତକୁ ସୁନ୍ଦର ଲୁଆକୁ ବାଇ । ଡ଼ା. ବି.

ବିଂ. ରସିକଶ୍ରେଷ୍ଠ ।

ରଙ୍ଗିଲ, ବିଂ. (ଦେଶଜ) ରସିକ; ଅସାର ।

ରଙ୍ଗୀ, ବି. (ରଙ୍ଗିନ୍— ରଙ୍ଗ=ବର୍ଣ୍ଣ, ଅନୁରାଗ-ଇନ୍ ଅସ୍ତ୍ୟର୍ଥେ) ରଙ୍ଗବିଶିଷ୍ଟ, ରଞ୍ଜିତ; ଅନୁରାଗୀ ।

ରଂହଃ, } ବି. (ରନ୍ହ=ଗମନ କରିବା-ଅସ୍)
ରଂହସ୍, } ବେଗ, ଶୀଘ୍ରତା ।

ରଚନ, } ବି.(ରଚ୍=ସୃଷ୍ଟି କରିବା, ରଚନା
ରଚନା, } କରିବା-ଣିଚ୍-ଅନ, ଅ ) ଶ୍ରେଣୀପୂର୍ବକ ବିନ୍ୟାସ, ସଜାଇବା; ଅର୍ପଣ; କେଶବିନ୍ୟାସ; ମାଲ୍ୟାଦିଗ୍ରନ୍ଥନ; ଗଦ୍ୟ ବା ପଦ୍ୟମୟ କାବ୍ୟ ବିନ୍ୟାସ; ନିର୍ମାଣ, ଗଠନ, ପ୍ରସ୍ତୁତକରଣ; ସ୍ଥାପନ; ଭୂଷଣ । (ବିଶେଷଣରେ ରଚକ, ରଚୟିତା ଓ ରଚିତ ପଦ ନିଷ୍ପନ୍ନ ହୁଏ ।)

ରଚିବା, } କ୍ରି. ( ରଚ୍ ଧାତୁଜ ) ରଚନା
ରଞ୍ଚିବା, } କରିବା; ନିର୍ମାଣ କରିବା ।

ରଜ, ବି. (ରଜସ୍ ଶବ୍ଦର ଅପଭ୍ରଂଶ) ଧୂଳି; ଭୂମି ରଜସ୍ୱଳା ହେବାର ଦିବସ ।

ରଜ, } ବି. ସ୍ତ୍ରୀ. (ରନ୍ଜ୍=ରଙ୍ଗ କରିବା
ରଜଃ, } ଇତ୍ୟାଦି-ଅ, ଅସ୍) ପୁଷ୍ପରେଣୁ; ଧୂଳି; ନିର୍ଦ୍ଦିଷ୍ଟ ସମୟରେ ସ୍ତ୍ରୀଯୋନିନିଃସୃତ ରକ୍ତ; ସ୍ତ୍ରୀ କୁସୁମ ସମୟ, ଋତୁ; ଇଚ୍ଛା; ଦ୍ୱେଷଅହଙ୍କାରାଦିର କାରଣ ଗୁଣବିଶେଷ ।

ରଜଃସାରଥି, ବି. ( ରଜଃ=ଧୂଳି-ସାରଥି= ରଥାଦି ଚାଳକ ) ବାୟୁ, ପବନ ।

ରଜକ, ବି. [ରନ୍ଜ୍=(ବସ୍ତ୍ର) ରଙ୍ଗ କରିବା-ଅକ] ଧୋବା । ବିଂ. ରଙ୍ଗକାରକ ।

ରଜଡ଼ିବା, କ୍ରି. ( ଦେଶଜ ବିଶେଷତଃ ଗଞ୍ଜାମରେ ବ୍ୟବହୃତ ) କ୍ଷୀଣ ହେବା । ଯେପରି—ଏ ପିଲାଟି ରଜଡ଼ିଗଲା; ଲତା ପ୍ରଭୃତି ହୀନସତ୍ତ୍ୱ ହେବା । ଯଥା—ଲତା ପ୍ରଭୃତି ରଜଡ଼ି ଗଲେ ଫୁଲ ଫଳ ଭଲ ହୁଏ ନାହିଁ ।

ରଜତ, ବି. ( ରନ୍ଜ୍-ଅତ ) ରୌପ୍ୟ, ରୁପା; ସ୍ୱର୍ଣ୍ଣ, ହସ୍ତିଦନ୍ତ; ହାର ।

ରଜତଗିରି, } ବି. ସଂ. (ରଜତ-ଗିରି, ଅଚଳ,
ରଜତାଚଳ, } ଅଦ୍ରି, ପ୍ରସ୍ଥ=ପର୍ବତର ଉପରିସ୍ଥ
ରଜତାଦ୍ରି, } ସମଭୂମି) କୈଳାସ ପର୍ବତ ।
ରଜତପ୍ରସ୍ଥ, }

ରଜନି, } ବି. ସ୍ତ୍ରୀ. (ରନ୍ଜ୍-ଅନି, ଈ) ନିଶା,
ରଜନୀ, } ରାତ୍ରି; ହରିଦ୍ରା; ଲାକ୍ଷା; ନୀଳୀବୃକ୍ଷ ।

ରଜନିକର, } ବି.(ରଜନି=ରାତ୍ରି-କର=କିରଣ
ରଜନୀକର, } ଅଥବା ରଜନୀ-କୃ=କରିବା-ଅ) ନିଶାକର, ଚନ୍ଦ୍ର ।

ରଜନିଚର, } ବି. ( ରଜନୀ = ଚର୍-ଅ,
ରଜନୀଚର, } ରଜନୀରେ ଯେ ସଞ୍ଚାର କରେ) ନିଶାଚର, ରାକ୍ଷସ; ତସ୍କର; ପ୍ରହରୀ; ସର୍ପ ପ୍ରଭୃତି ।

ରଜନିମୁଖ, } ବି. (ରଜନୀ-ମୁଖ = ଆଦ୍ୟ,
ରଜନୀମୁଖ, } ପ୍ରାରମ୍ଭ) ସୂର୍ଯ୍ୟ ଅସ୍ତଗମନ ପରେ ଚାରିଦଣ୍ଡ ସମୟ, ସନ୍ଧ୍ୟାକାଳ ।

ରଜନୀଜଳ, ବି. ସଂ. (ରାତ୍ରିରେ ଜଳବତ୍ ପତିତ ହୁଏ ବୋଲି) ଶିଶିର, ନୀହାର, କାକର ।

ରଜପୁତ, } ବି. (ରାଜପୁତ୍ର ଶବ୍ଦଜ) ବର୍ଣ୍ଣସଙ୍କର
ରଜପୂତ, } କ୍ଷତ୍ରିୟ ଜାତିବିଶେଷ, କ୍ଷତ୍ରିୟବିଶେଷ ।

ରଜସ୍ୱଳ, ବି. (ରଜସ୍=ଧୂଳି ଇତ୍ୟାଦି-ବଳ ଅସ୍ତ୍ୟର୍ଥେ) ମହିଷ । ବିଂ. ରଜୋଯୁକ୍ତ । (ସ୍ତ୍ରୀ-ଆ) ଋତୁମତୀ ।

ରଜା, ବି. ( ରାଜା ପଦର ଅପଭ୍ରଂଶ ) ରାଜା; ଗଞ୍ଜାପା ସାରରେ ଦ୍ୱାଦଶ ସଂଖ୍ୟା ନିର୍ଦ୍ଦିଷ୍ଟ ସାର ।

ରଜୋବଳ, } ବି. ( ରଜସ୍-ବଳ, ରସ=
ରଜୋରସ, } ସାର ) ଅନ୍ଧକାର ।

ରଜ୍ଜୁ, ବି. (ସୃଜ୍ୟତେ ଇତି ରଜ୍ଜୁଃ—ସୃଜ୍ ବିସର୍ଗେ-ଉ, ଟୀକା, ସୃଜ୍=ସୃଷ୍ଟିକରିବା-ଉ ନିପାତନ) ରଶି, ଦଉଡ଼ି; ବେଣୀ, ବାଳଗୁଚ୍ଛ ।

ରଞ୍ଜକ, ବିଂ. (ରନ୍‌ଜ୍-ଣିଚ୍-ଅକ) ବସ୍ତ୍ରାଦିର ରଙ୍ଗକାରକ; ଅନୁରାଗଜନକ । (ଦେଶଜ ପ୍ରାପ୍ତ) ନଳ ବା ବନ୍ଧୁକରେ ପକାଇବା ଦାରୁ ବା ବାରୁଦ । ଯଥା —

ରଞ୍ଜକ ଡାଲଗ ପକାଇଛୁ ଅଳଗୁଳ । ର. ପ.

ରଞ୍ଜନ, ବି. (ରନ୍‌ଜ୍-ଣିଚ୍-ଅନ) ରଙ୍ଗକରିବା; ଅନୁରାଗ ଉତ୍ପାଦନ; ସନ୍ତୁଷ୍ଟକରଣ; ରକ୍ତ-ଚନ୍ଦନ । ବିଂ. ପ୍ରୀତି ବା ରାଗଜନକ । (ସ୍ତ୍ରୀ-ଈ=ରଞ୍ଜନୀ) ନୀଳୀ; ମଞ୍ଜିଷ୍ଠା; ହରିଦ୍ରା; ଶେଫାଳିକା; ହରିଦ୍ରା ପର୍ପଟୀ । (ବିଶେ-ଷଣରେ ରଞ୍ଜିତ ପଦ ସିଦ୍ଧ ହୁଏ ।)

ରଞ୍ଜା, ବି. (ରନ୍‌ଜ୍ ଧାତୁଜ) ରଞ୍ଜନ । ବିଂ. ରଞ୍ଜକ; ରଞ୍ଜିତ । (ଦେଶଜ) ବି. ଜହ୍ନି କାକୁଡ଼ି ପ୍ରଭୃତିର ଲତା ମଡ଼ାଇବା ପାଇଁ ଡାଳ ।

ରଞ୍ଜାଇବା, } କ୍ରି. (ରନ୍‌ଜ୍ ଧାତୁଜ) ରଞ୍ଜିତ
ରଞ୍ଜେଇବା, } କରିବା, ସନ୍ତୁଷ୍ଟ କରିବା । ଯଥା—

ତା ମନ ରଞ୍ଜାଇ ନାଗରୀ ବିଜାଇ
ସୁରସେ ମଜ୍ଜାଇଦେବି । ବି. ଚ. ମ.

ରଞ୍ଜାରଞ୍ଜି, ବି. (ରନ୍‌ଜ୍ ଧାତୁଜ-କ୍ରିୟା ବ୍ୟତି-ହାର) ଅନ୍ୟୋନ୍ୟତଃ ରଞ୍ଜିତ କରିବା । ଯଥା —

ଶିଷ୍ୟେ ଗୁରୁପ୍ରାପ୍ତେ ହେଲେ ବେନି
ଭ୍ରାତ ମନ ରଞ୍ଜାରଞ୍ଜି । ବୈ. ବି.

ରଟକା, ବିଂ. (ଦେଶଜ) ଅଭିମାନୀ; କଡ଼ୁଆ । (ଗଡ଼ଜାତରେ) ବି. କୋଳଥ ।

ରଟକାନ, କ୍ରି. ବିଂ. (ଦେଶଜ) ହଠାତ୍ । (କାମୁଡ଼ିବା ପ୍ରଭୃତି କ୍ରିୟା ସହିତ ପ୍ରଯୋଜ୍ୟ) । ଯଥା—

ରଟକାନ ରେ ଦିଏ କାମୁଡ଼ି,
ହୁକେ ହୁକେ ବୋଲି ପକାଉ ରଡ଼ି । ଉ. ସା.

ରଟନ, ରଟନା, ବି. (ରଟ୍=ବୋଲିବା-ଅନ, ଆ) ଘୋଷଣା, ପ୍ରଚ୍ଚାର; ବିବରଣ; କଥନ; ଖ୍ୟାତି । (ବିଶେଷଣରେ ରଟିତ ହୁଏ ।)

ରଟନ୍ତୀ, ବି. ସ୍ତ୍ରୀ. [ରଟ୍=ବୋଲିବା-ଅତ୍ (ଶତୃ)-ଈ] ମାଘ କୃଷ୍ଣ ଚତୁର୍ଦ୍ଦଶୀ ।

ରଟମଟ, ବିଂ. (ଦେଶଜ) ଆରକ୍ତ । (ଏହି ଅର୍ଥରେ ବିଶେଷତଃ ନେତ୍ରାର୍ଥ ଶବ୍ଦ ସହିତ ପ୍ରଯୋଜ୍ୟ) । ଯଥା—

ସମୁଦ୍ରକୁ ଗ୍ରହିଁ ଚକ୍ଷୁ କଲି ରଟମଟ,
ଦଶନ ପାଟିକୁ ଭିଡ଼ି ଫୁଲାଇ ନାସାପୁଟ । ନୃ.ପୁ.ଦ୍ୱି.ତ.
ବି. ଦନ୍ତ ଶବ୍ଦ । ଅଂ. ଅନୁକରଣ ଶବ୍ଦ-ବିଶେଷ । ଯଥା—

ବଜ୍ରେ ବଜ୍ର ଯେସନ ଘରଷଣ ତେସନ
ଶୁଭେ ରଟମଟ ଦଶନ । ବୈ. ବି.

ରଟରଟ, ଅଂ. (ଦେଶଜ) ଶବ୍ଦାନୁକରଣ-ବିଶେଷ ।

ରଟିବା, ରଡ଼ିବା, କ୍ରି. (ରଟ୍ ଧାତୁଜ) ପକ୍ଷି ପ୍ରଭୃତି ଧ୍ୱନି କରିବା । ଯଥା—

ଚରଣାୟୁଧ ବୃନ୍ଦ ରଟିଲି ରେ,
ଅରବିନ୍ଦହିଁ ବନ୍ଧୁ ଫୁଟିଲି ରେ । ସଙ୍ଗୀତ ।

ରଡ଼, ବି. (ଦେଶଜ) ଅହନ୍ତା ବା ଅକସ; ଶକଟାଦିର ଦ୍ରୁତଗମନ ଶବ୍ଦ; ଦ୍ରୁତଗମନ । ବିଂ. ଜ୍ୱଳନ୍ତ । ଯେପରି—ରଡ଼ନିଆଁ ।

ରଡ଼ି, ବି. (ରଟ୍ ଧାତୁଜ) ଡକା । ଯଥା—

ସିଂହରଡ଼ି ପ୍ରତେ ଦିଗଦନ୍ତିକି । ବି. ଚ. ମ.

ରଡ଼ିବା, କ୍ରି. (ରଟ୍ ଧାତୁଜ) ଡକାପାଡ଼ିବା; ପକ୍ଷି ପ୍ରଭୃତି ବୋବାଇବା; ଗୁଡ଼ାଏ କହିବା ।

ରଣ, ବି. (ରଣ୍=ଶବ୍ଦ କରିବା-ଅ) ଯୁଦ୍ଧ; ବିବାଦ; ଶବ୍ଦ; ଗମନ ।

ରଣଝଣ, } ବି. (ଦେଶଜ) ଅଳଂକାରାଦିର
ରଣଝାଇଁ, } ଶବ୍ଦ । ଯଥା—

ରଣଝଣ ହୋଏ ଖଞ୍ଜା ପାହୁଡ଼ ଚରଣେ । ଲ. ବି.

ରଣଝାଇଁବା, କ୍ରି. (ଦେଶଜ) ରଣଝଣ ଶବ୍ଦ କରିବା । ଯଥା—

ଚରଣେ ଝୁମୁକି ବଳା ଶୁଭେ ରଣଝାଇଁ ।
ନୃ. ପୁ. ଷ. ତ.

ରଣତ୍, ବିଂ. (ରଣ୍=ଶବ୍ଦ କରିବା-ଅତ୍=ଶତୃ) ଶବ୍ଦାୟମାନ ।

ରଣତରି, ବି. (ରଣ=ଯୁଦ୍ଧ-ତରି=ପୋତ) ଯୁଦ୍ଧଜାହାଜ ।

ରଣପା, ବି. ( ଦେଶଜ ) ଲମ୍ବାକୃତି କାଷ୍ଠ-ପାଦୁକାବିଶେଷ । ଯଥା—

ବହିଛନ୍ତି ସେ ବଂଶଶଲାକା ଆଦି ଢୋଲ,
ଘଣ୍ଟ ନାଟ ଅରଟୀ ରଣପା ଯେ ମଞ୍ଜୁଳ । ଲ. ବି.

ବିଂ. ଡେଙ୍ଗା, ଯାହାର ଶରୀର ଅତିଲମ୍ବା ।

ରଣବଣ, } ବିଂ. ( ଦେଶଜ ) ଅସ୍ତବ୍ୟସ୍ତ ।
ରଣଭଣ, } ଯଥା—

ଅସୁରଗଣ ଯେଉଁ ଗୃହେଁ ଆପଣ,
ଜଗତି ଗୃହ ଭାଙ୍ଗି କଲେ ରଣବଣ । ବି. ଗୀ.
'କେଉଁ ବଡ଼ପଣେ ତାହା ଜଣେ ଜଣେକର'
ଏତେ ରଣଭଣ । ର. କ.

ରଣରଙ୍ଗ, ବି. ( ରଣ = ଯୁଦ୍ଧ-ରଙ୍ଗ = ନାଚ ) ରଣକାତର ହସ୍ତୀ । ବିଂ. (ରଣ-ରଙ୍ଗ = କୃପଣ) ଯୁଦ୍ଧ ଛାଡ଼ିବାପାଇଁ ଯେ ଇଚ୍ଛାକରେ ନାହିଁ, ଯୁଦ୍ଧଲୋଲୁପ । ଯଥା—

କପିଳାସ ଖୋଲ ନିବାସୀ ଶବର,
ରଣରଙ୍ଗ ଡେଙ୍ଗା ଯା ବଂଶଶେଖର । ନ. କେ.

ରଣରଣ, ବି. ( ରଣ = ଯୁଦ୍ଧ, ଶବ୍ଦ ଦ୍ୱିତ୍ୱ ) ଅପହୃତ ବା ନଷ୍ଟବସ୍ତୁ ନିମିତ୍ତ ଅନୁଶୋଚନା; ମଶକ, ମଶା; କନ୍ଦର୍ପ; (ପ୍ରାଚୀନ ଛାନ୍ଦ କବିତାରେ ମଦନାର୍ଥ ରଣରଣ ଶବ୍ଦର ବ୍ୟବହାର ସମଧିକ ) ଅଂ. ଶବ୍ଦାନୁକରଣବିଶେଷ । ଯଥା—

ବାଜଇ ରଣରଣ ବାଜେଣି ବଳା । ମେ. ଦୂ.

ରଣରଣକ, ବି. (ରଣରଣ-କ ଯୋଗ) ଉତ୍କଣ୍ଠା; ଦୁର୍ଭାବନା; ଅତିଶୟ; କନ୍ଦର୍ପ । (ରଣରଣ କୋରତିରମଣଃ-କୋଷାନ୍ତର ।) (ଉତ୍କଣ୍ଠାଦି ଅର୍ଥରେ ରଣରଣିକା ମଧ୍ୟ ହୁଏ ।)

ରଣରଣିଆ, ବି. ( ଦେଶଜ ) ରୌଦ୍ରର ପ୍ରଖରତା । ବିଂ. ପ୍ରଖର; ଅତିତୀକ୍ଷ୍ଣ । ଯେପରି— ରଣରଣିଆ ଖରା ।

ରଣରାଉ, ବି. ( ରଣରାହୁ ଶବ୍ଦଜ, ପ୍ରାକୃତ ) ପ୍ରଧାନ ବୀର; ଉପାଧିବିଶେଷ; ଯେ ବାହୁର ପ୍ରାପ୍ତ ହୋଇ ବିନା କୃତକାର୍ଯ୍ୟତାରେ ଯୁଦ୍ଧରୁ ନିବର୍ତ୍ତେ ନାହିଁ ।

ରଣସଙ୍କୁଳ, ବି. ସଂ. ଘୋରଯୁଦ୍ଧ, ତୁମୁଳଯୁଦ୍ଧ ।

ରଣା, ବି. (ଦେଶଜ) ସର୍ପବିଶେଷ । ବିଂ. (ବିଶେଷ୍ୟ ଶବ୍ଦର ପରେ ରହିଲେ) ପ୍ରଧାନ, ଶ୍ରେଷ୍ଠ । ଯଥା—

ମୋହର ମହିମା ତ ବ୍ରହ୍ମାଙ୍କୁ ଅଛି ଜଣା,
ଚଉଦପୁରଯାକେ ମୁଁ ଅଟେ ନୃପରଣା । ନୃ. ପୂ. ଚ. ଉ.

ରଣି, } ବି. ସ୍ତ୍ରୀ. (ଦେଶଜ) ପକ୍ଷୀ ବା ଚଢ଼ାଇ-
ରଣୀ, } ବିଶେଷ । ଯେପରି— ରଣିଚଢ଼ାଇ ।

ରଣିତ, ବିଂ. (ରଣ୍-ଶବ୍ଦ କରିବା-ତ) ଶବ୍ଦିତ, ଶବ୍ଦ କରୁଥିବା । ( ଭାବବାଚ୍ୟରେ 'ତ' ପ୍ରତ୍ୟୟ କଲେ ) ଶବ୍ଦ, ଧ୍ୱନି ।

ରଣ୍ଡ, ବିଂ. (ରମ୍ = କ୍ରୀଡ଼ା କରିବା-ଡ଼) ଧୂର୍ତ୍ତ; ଅର୍ଦ୍ଧଚର୍ମାବଚ୍ଛିନ୍ନ ଅବୟବ; ଆଶ୍ରମହୀନ; ଧର୍ମବିହୀନ; ବନ୍ଧ୍ୟ, ଯେ ବ୍ୟକ୍ତିର ସନ୍ତାନ ହୁଏ ନାହିଁ; ଯେ ବୃକ୍ଷ ବା ଲତାର ପୁଷ୍ପ ବା ଫଳ ହୁଏ ନାହିଁ । (ସ୍ତ୍ରୀ-ଆ = ରଣ୍ଡା) ବିଧବା; ବେଶ୍ୟା ।

ରତ, ବି. (ରମ୍ = କ୍ରୀଡ଼ା କରିବା-ତ) ରତି, ରମଣ । ବିଂ. ଅନୁରକ୍ତ, ଆସକ୍ତ ।

ରତନ, ବି. (ରତ୍ନ ଶବ୍ଦର ଅପଭ୍ରଂଶ) ରତ୍ନ, ମଣି; ସ୍ତ୍ରୀବିଶେଷର ନାମ । ବିଂ. ଶ୍ରେଷ୍ଠ । ଯେପରି— ବିଦ୍ୱାଣି ରତନ, ରୂପକାର ରତନ ଇତ୍ୟାଦି ।

ରତନାଇ, } ବି. ସ୍ତ୍ରୀ. ( ରତ୍ନଦାୟିନୀ ଶବ୍ଦଜ )
ରତ୍ନାଇ, } ଦେବୀଙ୍କ ନାମବିଶେଷ । ଯଥା—

ରୂପାଇ ରତନାଇ ରକ୍ତାକ୍ଷୀ ରୁଦ୍ରାସୁଣୀ,
ରୁଦ୍ରାକ୍ଷୀ ରକ୍ତମୁଖୀ ରତ୍ନାଇ ଗ୍ରାମାସୁଣୀ । ନୃ. ପୂ. ଷ. ଛ.

ରତନିଧି, ବି. ( ରତ = ରମଣ-ନିଧି = ଧନ ) ଖଞ୍ଜନପକ୍ଷୀ ।

ରତରତ, ବିଂ. ( ଦେଶଜ ) ଅସ୍ତୋନ୍ମୁଖ, ଶେଷ ହେବାକୁ ଆରବ୍ଧ । ଯେପରି— ବେଳରତରତ ସମୟ ।

ରତହିଣ୍ଡକ, ବି. (ରତ=ରତି-ହିନ୍ଡ଼୍=ଗମନ କରିବା-ଅକ) ସ୍ତ୍ରୀ ଚୋର; ଲମ୍ପଟ, ଲୋଛା ।

ରତା, } ବିଂ. (ରକ୍ତ ଶବ୍ଦଜ ପ୍ରାକୃତ) ରକ୍ତବର୍ଣ୍ଣ-
ରଥୁ, } ବିଶିଷ୍ଟ । ଯେପରି— ରତା ଗାଈ ।

**ରତାୟନୀ**, ବି. ସ୍ତ୍ରୀ. (ଋତ = ଋତ-ଅୟନ = ଗମନ-ଈ) ବେଶ୍ୟା ।

**ରତି**, ବି. ସ୍ତ୍ରୀ. (ରମ୍-କ୍ତି) କନ୍ଦର୍ପପତ୍ନୀ; ରମଣ; କ୍ରୀଡ଼ା; ପ୍ରୀତି; ଅନୁରାଗ; ଆସକ୍ତି; ସନ୍ତୋଷ । (ରତ୍ତିକା ବା ରକ୍ତିକା ଶବ୍ଦଜ) ପରିମାଣବିଶେଷ ।

**ରତିକୁହର, ରତିଗୃହ, ରତିମନ୍ଦିର**, ବି. ସଂ. ସ୍ତ୍ରୀଚିହ୍ନ, ଯୋନି ।

**ରତିପତି, ରତିପ୍ରିୟ, ରତିରମଣ**, ବି. ସଂ. ମଦନ, କନ୍ଦର୍ପ ।

**ରତୋଦ୍ବହ**, ବି. ସଂ. କୋକିଳ ।

**ରତ୍ତି, ରତ୍ତିକା**, ବି. ସ୍ତ୍ରୀ. (ରମ = କ୍ରୀଡ଼ା କରିବା-ତି, କ ଯୋଗ-ଆ, ମ = ତ) ଗୁଞ୍ଜାଫଳ; ପରିମାଣବିଶେଷ, ଏକଗୁଞ୍ଜାର ପରିମାଣ ।

**ରତ୍ନ**, ବି. (ରମ୍ = କ୍ରୀଡ଼ା କରିବା-ନ, ମ = ତ) ମଣି ମୁକ୍ତାଦି ବହୁମୂଲ୍ୟ ଉତ୍କୃଷ୍ଟ ବସ୍ତୁ; ମାଣିକ୍ୟ; ବଜ୍ର; ଶ୍ରେଷ୍ଠବସ୍ତୁ । ବିଂ. ଯେ କୌଣସି ବସ୍ତୁସମୂହରେ ଶ୍ରେଷ୍ଠ । (ଜାତୌ ଜାତୌ ଯଦୁତ୍କୃଷ୍ଟଂ ତଦ୍ରତ୍ନମିତିକଥ୍ୟତେ ।)

**ରତ୍ନକନ୍ଦଳ**, ବି. ସଂ. ପ୍ରବାଳ, ପୋହଳା ।

**ରତ୍ନକମ୍ବଳ**, ବି. ସଂ. ସ୍ୱର୍ଣ୍ଣାଦି ଖଚିତ ସାଲ; ଅତି ଉତ୍କୃଷ୍ଟ ରେଶମୀବସ୍ତ୍ର ।

**ରତ୍ନଗର୍ଭ**, ବି. (ରତ୍ନ-ଗର୍ଭ) କୁବେର; ସମୁଦ୍ର । (ସ୍ତ୍ରୀ-ଆ) ପୃଥିବୀ । (ରତ୍ନଗର୍ଭା ବସୁନ୍ଧରା ।)

**ରତ୍ନଚୂଡ଼**, ବି. (ଦେଶଜ ପ୍ରାୟ) ରତ୍ନଖଚିତ ହସ୍ତାଭରଣବିଶେଷ; ଧାନ୍ୟବିଶେଷ, ଦୁଇ ଅଗ୍ର ଧୋବ ମଧ୍ୟଭାଗ ଆରକ୍ତ ଅତି ସରୁଧାନ । (ଏହି ଧାନ ଶ୍ଳୋକ ବଡ଼ ଦୁଇ ପ୍ରକାର ।)

**ରତ୍ନତ୍ରୟ**, ବି. ସଂ. ସଦ୍ଦୃଷ୍ଟି, ଜ୍ଞାନ ଓ ଚରିତ ଏହି ତିନି ।

**ରତ୍ନନିଧି**, ବି. ସଂ. ଖଞ୍ଜନପକ୍ଷୀ ।

**ରତ୍ନସାନୁ**, ବି. (ରତ୍ନ-ସାନୁ = ପର୍ବତର ଉପରସ୍ଥ ସମାନ ଭୂମି) ସୁମେରୁପର୍ବତ । (ରତ୍ନସାନୁଃ ସୁରାଳୟଃ—ଅମର ।)

**ରତ୍ନସୂ**, ବି. ସ୍ତ୍ରୀ. (ରତ୍ନ-ସୂ = ପ୍ରସବ କରିବା-କ୍ୱିପ୍) ପୃଥିବୀ; ରତ୍ନପ୍ରସବିନୀ ।

**ରତ୍ନାକର**, ବି. ( ରତ୍ନ-ଆକର ) ସମୁଦ୍ର; ରତ୍ନଖଣି; ବାଲ୍ମୀକଙ୍କ ପୂର୍ବ ନାମ ।

**ରତ୍ନି**, ବି. ସ୍ତ୍ରୀ. (ଋ = ଗମନ କରିବା-ଅତ୍ନି, ଅରତ୍ନି ମଧ୍ୟ ହୁଏ) କଫୁଣିଠାରୁ ବଦ୍ଧମୁଷ୍ଟି ହସ୍ତାଗ୍ର ପର୍ଯ୍ୟନ୍ତ ପରିମାଣ, ମୁଠିଏହାତେ ।

**ରଥ**, ବି. (ରମ୍ = କ୍ରୀଡ଼ା କରିବା-ଥ) ଚକ୍ରଯୁକ୍ତ ଯୁଦ୍ଧଯାନ; ଶକଟାଦି; ବାହନ; ଚରଣ; ଶରୀର; ବେତସବୃକ୍ଷ; ବଞ୍ଜୁଳ ଲତା; ବାନର; ତିନିଶ ବୃକ୍ଷ; ବୈଦିକ ବ୍ରାହ୍ମଣଙ୍କ ସଂଜ୍ଞାବିଶେଷ । ଯେପରି—ଗୋବିନ୍ଦ ରଥ, ବଳଦେବ ରଥ ।

**ରଥକଟ୍ୟା, ରଥକଡ୍ୟା**, ବି. ସ୍ତ୍ରୀ. (ରଥ-କଟ୍ୟ, କଡ୍ୟ-ସମୂହାର୍ଥେ-ଆ) ରଥସମୂହ, ରଥଶ୍ରେଣୀ । (ରଥକଟ୍ୟା ରଥବ୍ରଜେ—ଅମର ।)

**ରଥକର, ରଥକାର**, ବି. (ରଥ-କୃ-ଅ) ବଢ଼ାଇ ଜାତି-ବିଶେଷ, ମାହିଷ୍ୟ ଓ କରଣୀ-ଠାରୁ ଜାତ ଜାତିବିଶେଷ ।

**ରଥକୁଟୁମ୍ବୀ**, ବି. ( ରଥକୁଟୁମ୍ବିନ୍—ରଥ-କୁଟୁମ୍ବିନ୍ ) ସାରଥି, ରଥପରିଚାଳକ ।

**ରଥଗର୍ଭକ**, ବି. ସଂ. ମନୁଷ୍ୟବାହ୍ୟ ଯାନ; ଶିବିକା, ଦୋଲା ପ୍ରଭୃତି ।

**ରଥଗୁପ୍ତି**, ବି. ସଂ. ରଥର ଗୁପ୍ତସ୍ଥାନବିଶେଷ ।

**ରଥଚରଣ, ରଥପାଦ**, ବି. ସଂ. ରଥର ଚକ; ଚକ୍ର; ଚକ୍ରବାକପକ୍ଷୀ ।

**ରଥଯାତ୍ରା**, ବି. ସ୍ତ୍ରୀ. ସଂ. ଆଷାଢ଼ ଶୁକ୍ଳ ଦ୍ୱିତୀୟା-ଠାରୁ କର୍ତ୍ତବ୍ୟ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ନବଦିନବ୍ୟାପୀ ଉତ୍ସବବିଶେଷ ।

**ରଥଯୁକ, ରଥଯୁଜ୍**, ବି. (ରଥ-ଯୁଜ୍ = ଯୋଗ କରିବା-କ୍ୱିପ୍) ସାରଥି, ରଥଚାଳକ ।

**ରଥାଙ୍ଗ**, ବି. ( ରଥ-ଅଙ୍ଗ ) ଚକ, ଚକ୍ର; ଚକ୍ରବାକ ପକ୍ଷୀ ।

**ରଥାଙ୍ଗନାମା**, ବି. ସଂ. ଚକ୍ରବାକପକ୍ଷୀ ।

**ରଥିକ, ରଥିନ,** } ବି. (ରଥ-ଇକ, ଇନ୍, ଇର,
**ରଥିର, ରଥୀ,** } ଇନ୍ ସଂଚରଣାର୍ଥେ) ରଥ-ସ୍ୱାମୀ; ରଥାରୂଢ଼ ବ୍ୟକ୍ତି; ରଥସ୍ଥ ଯୋଦ୍ଧା ।

**ରଥ୍ୟ,** ବି. (ରଥ-ଯ ଯୋଗ୍ୟାର୍ଥେ, ଇଦମର୍ଥେ) ରଥବାହକ ଅଶ୍ୱ; ଚକ୍ର, ଚକ । ବିଂ. ରଥସମ୍ବନ୍ଧୀୟ । ( ସ୍ତ୍ରୀ-ଆ = ରଥ୍ୟା ) ପଥ, ରାସ୍ତା; ରଥସମୂହ; ଚତ୍ବର ।

**ରଦ,** ବି. (ରଦ୍ = ଭେଦକରିବା-ଅ) ଦାନ୍ତ; ଉତ୍ଖାତ, ଖନନ । ( ଯାବନିକ ) ଲୋପ; ରହିତ କରିବା; ପ୍ରତିବାଦ କରିବା ।

**ରଦ,** } ବିଂ. (ଯାବନିକ) ଦୋଷଯୁକ୍ତ; ଲୁପ୍ତ ।
**ରଦ୍ଦ,** } ଯଥା—

ଏ ଦରବାରର ଆସନ ଫରଦ,
ଚନ୍ଦ୍ରଗୁପ୍ତ ପାଞ୍ଜି କରିଦେବ ରଦ । ଦ. ବା.

**ରଦଚ୍ଛଦ,** } ବି. (ରଦ, ରଦନ = ଦାନ୍ତ-ଛଦ
**ରଦନଚ୍ଛଦ,** } = ଆଚ୍ଛାଦନ) ଓଷ୍ଠ, ଅଧର ।

**ରଦନ,** ବି. ( ରଦ୍-ଅନ ) ଦାନ୍ତ; ଖନନ; ଛେଦନ ।

**ରଦନୀ,** } ବି. (ରଦନୀ-ରଦ-ଇନ୍ ଅସ୍ତ୍ୟର୍ଥେ)
**ରଦୀ,** } ଦନ୍ତୀ, ଗଜ ।

**ରଦ୍ଦ,** } ବି. (ଯାବନିକ) ଅପକୃଷ୍ଟ ଦ୍ରବ୍ୟ । ବିଂ.
**ରଦ୍ଦି,** } ତୁଚ୍ଛ, ନିଷ୍ପ୍ରୟୋଜନ । ଯଥା—ରଦ୍ଦି-କାଗଜ କୁଢ଼ । ଅପକୃଷ୍ଟ, ହୀନ । ଯଥା—

ତୋହ ପର ପରନ୍ଦମଯାକ ଯିବ ରଦ୍ଦ ହୋଇ,
ତେତେବେଳେ ଘରେ ପଶିବୁ ଶିର ଲୁଆଁଇ ।
ନ. ପୁ. ଷ. ତ.

**ରନ୍ଦା,** ବି. (ଦେଶଜ) କାଷ୍ଠ ଚିକ୍କଣ କରିବା ପାଇଁ ବଢ଼ାଇମାନଙ୍କର ଅସ୍ତ୍ରବିଶେଷ ।

**ରନ୍ଧନ,** ବି. ( ରଧ୍ = ପାକ କରିବା-ଅନ, ମ ଆଗମ ) ପାକ, ପାଚନ, ରାନ୍ଧିବା । ( ବିଶେଷଣରେ ରନ୍ଧିତ ହୁଏ । )

**ରନ୍ଧା,** } ବି. (ରନ୍ଧନ ଶବ୍ଦଜ ) ରନ୍ଧନ ।
**ରନ୍ଧାରନ୍ଧ,** } ଯଥା—

ଅନ୍ନ ଯେ ରନ୍ଧାବଢ଼ା କଲା,
ଯାଇଣ ପୁଅକୁ ଡାକିଲା । ଦା. ର.
ରନ୍ଧାରନ୍ଧ କଲା ଭାତ ଛଅଣ । ହ୍ଵା. ତ.

ବିଂ. ରାନ୍ଧିଥିବା, ରନ୍ଧିତ ।

**ରନ୍ଧ୍ର,** ବି. ( ରଣନ୍ତି ବାୟୁନେନ ରନ୍ଧ୍ରଂ, ରଣ ଶବ୍ଦେ—ଅମରଟୀକା, ଅଥବା ରମ୍ = କ୍ରୀଡ଼ା କରିବା-କ୍ବିପ୍ = ରମ୍—କ୍ରୀଡ଼ା-ଧୃ= ଧାରଣ କରିବା-ଅ ) ଛିଦ୍ର, ବିବର; କୁକ୍ଷି; ଅନ୍ୟାଯ୍ୟ ଆଳସ୍ୟାଦି ଦୋଷ; ଛଳ; ଜ୍ୟୋତିଷରେ ଲଗ୍ନଠାରୁ ଅଷ୍ଟମ ସ୍ଥାନ ।

**ରନ୍ଧ୍ରବଭ୍ରୁ,** ବି. ( ରନ୍ଧ୍ର = ଗର୍ତ୍ତ-ବଭ୍ରୁ = ନକୁଳ ) ମୂଷିକ ।

**ରପ୍ତାନି,** } ବି. ( ଯାବନିକ ) ଜନସର
**ରଫତାନି,** } ଚଲାଣ, ବାଣିଜ୍ୟ ଦ୍ରବ୍ୟ ସ୍ଥାନାନ୍ତର କରିବା ।

**ରଫା,** ବି. ( ଯାବନିକ ) ଶାନ୍ତ ବା କଳହ ନିଷ୍ପତ୍ତି; ମକଦ୍ଦମାରେ ରାଜିନାମା; ଶେଷ; ବନ୍ଦୋବସ୍ତ ।

**ରଫୁକରିବା,** କ୍ରି. (ଦେଶଜ) ଚିରା ବା ଛିଦ୍ରଯୁକ୍ତ ଲୁଗାକୁ ସିଲାଇରେ ଫେର ବୁଣିଲା ପରି ସମାନ କରି ନେବା, ବସ୍ତ୍ର ମରାମତି କରିବା ।

**ରବାନା,** } ବି. ( ଯାବନିକ ) ସ୍ଥାନାନ୍ତରକୁ
**ରମାନା,** } ପ୍ରେରଣ ।

**ରବି, ରବିଶସ୍ୟ,** ବି. (ଦେଶଜ) ମୁଗ ପ୍ରଭୃତି ଆତପ ଶସ୍ୟ ।

**ରବ୍ଧ,** ବିଂ. (ରଭ୍—ଆରମ୍ଭ କରିବା-ତ) ଆରବ୍ଧ ।

**ରଭସ,** ବି. ( ରଭ୍ = ଉତ୍ସୁକ ହେବା-ଅସ ) ବେଗ, ଶୀଘ୍ରତା; ହର୍ଷ; ଔତ୍ସୁକ୍ୟ; ଶୋକ; ପୂର୍ବାପର ବିବେଚନା; କାର୍ଯ୍ୟକାରଣ ଗବେଷଣା; ଅନୁତାପ; ବଳାତ୍କାର; ଅଭିଧାନବିଶେଷ ।

**ରମ୍ବା,** ବି. (ରମ୍ଭ ଶବ୍ଦଜ) ବଂଶ, ବାଉଁଶ; ବଡ଼ ମୋଟା ବାଉଁଶ ।

**ରମଣ,** ବି. (ରମ୍ = କ୍ରୀଡ଼ା କରିବା-ଣିଚ୍-ଅନ) କନ୍ଦର୍ପ; ପତି । ଯେପରି—ଲକ୍ଷ୍ମୀରମଣ । ଗର୍ଦ୍ଦଭ; ବୃଷଣ; ମହାବିଷ; ରତି, ମୈଥୁନ; କ୍ରୀଡ଼ା; ଜଘନ । ବିଂ. ପ୍ରିୟ । (ସ୍ତ୍ରୀ-ଆ, ଈ) ସୁନ୍ଦରୀ ସ୍ତ୍ରୀ; ପ୍ରିୟା; ପତ୍ନୀ । (ବିଶେଷଣରେ ରମିତା ଓ ରମିତ ହୁଏ ।)

**ରମଣକ,** ବି. ସଂ. ଜମ୍ବୁଦ୍ୱୀପାନ୍ତର୍ଗତ ବର୍ଷ-ବିଶେଷ, ରମ୍ୟକ ବର୍ଷ ।

**ରମଣୀୟ,** } ବିଂ. (ରମ୍ = କ୍ରୀଡ଼ା କରିବା-
**ରମ୍ୟ,** } ଅନୀୟ, ଯ) ସୁନ୍ଦର, ମନୋହର ।

**ରମା,** ବି. ସ୍ତ୍ରୀ. (ରମ୍ = କ୍ରୀଡ଼ା କରିବା-ଣିଚ୍-ଅ-ଆ) ଲକ୍ଷ୍ମୀ; ପ୍ରିୟା; ଉପପତ୍ନୀ; ଶୋଭା । ଯଥା—

ଝାଉଁଳିବା ନବତମାଳ ରମା । କ. ଚ. ଚ.

**ରମାରମି,** କ୍ରି. ବିଂ. (ଦେଶଜ—ବିଶେଷତଃ ଗଞ୍ଜାମରେ ବ୍ୟବହୃତ) ପ୍ରାୟଶଃ; କିଛି ଊଣା ବା ଅଧିକରେ । ଯଥା—ଏ କାର୍ଯ୍ୟରେ ରମାରମି ଚାରି ସହସ୍ର ଟଙ୍କା ବ୍ୟୟିତ ହେବ ।

**ରମିବା,** କ୍ରି. (ରମ୍ ଧାତୁଜ) କ୍ରୀଡ଼ା କରିବା । ଯଥା—

ଗୋବିନ୍ଦେ ବିହରନ୍ତୁ ମନେ,
ଆଜ ରମିବା ବୃନ୍ଦାବନେ । ଭା. ଦ. ସ୍କ.

ସ୍ତ୍ରୀସମ୍ଭୋଗ କରିବା ।

**ରମ୍ଭରମ୍ଭ,** ଅଂ. (ଦେଶଜ) କଣ୍ଡୂସ୍ୱନର ଅନୁକରଣ ଶବ୍ଦ । ଯଥା—

ରମ୍ଭ ରମ୍ଭ କରେ ଦୁଇ ହାତରେ,
ଯହିଁ ବସେ ତହିଁ ଝୁଙ୍କୁଣି ମାରେ । ହା. ତ.

**ରମ୍ଭା,** ବି. (ଦେଶଜ) ଗମ୍ଭୁଡ଼ା ବା ଆମ୍ଭୁଡ଼ା; କଣ୍ଡୂ । ବିଂ. ରମ୍ଭାଯୁକ୍ତ, ଯାହା ଆମ୍ଭୁଡ଼ା-ଥାନ୍ତି; ଅତି ଉଚ୍ଚ (ବ୍ୟକ୍ତି) ।

**ରମ୍ଭ,** ବି. (ରନ୍ଭ = ଶବ୍ଦ କରିବା-ଅ) ବଂଶ, ବାଉଁଶ; ବାନରବିଶେଷ; ରମ୍ଭାସୁର । (ମହିଷାସୁରର ପିତା) (ସ୍ତ୍ରୀ-ଆ = ରମ୍ଭା) କଦଳୀ; ଅପ୍ସରାବିଶେଷ; ଦେବୀବିଶେଷ, ଗୌରୀ; ବେଶ୍ୟା; ଗୋଧ୍ୱନି; ଉତ୍ତରଦିକ୍ ।

**ରୟ,** ବି. (ରୟ୍ = ଗମନ କରିବା-ଅ) ବେଗ; ନଦୀପ୍ରବାହ, ସ୍ରୋତ ।

**ରୟଣି, ରୟଣୀ,** } ବି. ସ୍ତ୍ରୀ. (ରଜନୀ ଶବ୍ଦଜ
**ରଅଣି,** } ପ୍ରାକୃତ) ରାତ୍ର । ଯଥା—

ପାବନ୍ତି କ୍ୟୋଢଷପୁରେ ରହିଲ ନୃମଣି,
ସେ ନଗ୍ରେ ମଣୋହ କରି ବଞ୍ଚିଲ ରୟଣି । ସା. ଭା. ସ.

ଅବସର, ଅବକାଶ । ଯଥା—

ହେଲେ ଅନ୍ନ ନ ହୁଅଇ ନ ହୁଅଇ ପାଣି,
ଋଷିଙ୍କି ଭାବେ ସେ ନ ହୁଅଇ ଯେ ରୟଣି । ସା. ଭା. ଆ.

**ରରାଟ,** ବି. ସଂ. ଲଲାଟ । (ବିଷ୍ଣୋ ! ରରାଟମସି —ଶ୍ରୁତି ।)

**ରଲ୍ଲକ,** ବି. (ରମନ୍ତେ ଅସ୍ମିନ୍ନିତି ରଲ୍ଲକଃ—ଅମର ଟୀକା ।) (ରମ୍ = କ୍ରୀଡ଼ା କରିବା, ହୃଷ୍ଟ ହେବା-ଲକ ନିପାତନ) କମ୍ବଳ । (ସମୌ ରଲ୍ଲକକମ୍ବଳୌ—ଅମର) ପକ୍ଷ୍ମ, ନେତ୍ରଲୋମ; ମୃଗବିଶେଷ ।

**ରଲ୍ଲି, ରଲି,** ବି. (ରଲ୍ଲକ ଶବ୍ଦଜ) ଆଖିପତା ।

**ରବ,** ବି. (ରୁ = ଶବ୍ଦ କରିବା-ଅ) ଶବ୍ଦ; ଗୋଳମାଳ ।

**ରବଣ,** ବି. (ରୁ = ଶବ୍ଦ କରିବା-ଅନ) ଉଷ୍ଟ୍ର; କୋକିଳ; ଗର୍ଦ୍ଦଭ କାଂସ୍ୟ; ଶବ୍ଦକରଣ । ବିଂ. ଶବ୍ଦାୟମାନ । (ରବଣଃ ଶବ୍ଦନଃ—ଅମର) ତୀକ୍ଷ୍ଣ; ଚଞ୍ଚଳ ।

**ରବସ୍ଥା,** ବି. (ଦେଶଜ-କମ୍ପା ରବ ଶବ୍ଦଜ) ଗୋଳମାଳ; ଧନ୍ଦା । ଯେପରି—କାଳଯାକ ଏ ରବସ୍ଥା ଲାଗିଲା ।

**ରବା,** ବି. ସ୍ତ୍ରୀ. ବାଦ୍ୟଯନ୍ତ୍ରବିଶେଷ ।

**ରବାବ,** ବି. (ଯାବନିକ-ବୋଧହୁଏ ରବା ଶବ୍ଦଜାତ) ବୀଣାକୃତି ବାଦ୍ୟଯନ୍ତ୍ରବିଶେଷ ।

**ରବି,** ବି. (ରୁ = ଶବ୍ଦ କରିବା-ଇ) ବୃକ୍ଷ; ସୂର୍ଯ୍ୟ; ନାୟକ; ରକ୍ତାଶୋକ ।

**ରବେଇଖବେଇ,** ବି. (ଦେଶଜ) ଅନ୍ୟୋନ୍ୟ କଳହରେ ଗାଳିଦେବା; ଅସୂୟାବଶତଃ ହୃଦୟରେ ଦୁଃଖ ଭୋଗ କରିବା ।

**ରଶନା,** ବି. ସ୍ତ୍ରୀ. (ରଶ୍ = ଶବ୍ଦ କରିବା-ଅନ-ଆ) ସ୍ତ୍ରୀର କଟିଭୂଷଣ, କାଞ୍ଚୀ; ଜିହ୍ୱା ।

**ରଶ୍ମି,** ବି. (ଅଶ୍ନୁତ ଇତି ରଶ୍ମିଃ-ଅଶୂବ୍ୟାପ୍ତୌ, ଅଶ୍ = ବ୍ୟାପିବା-ମି, ଅ = ର) କିରଣ; ରଜ୍ଜୁ; ଲଗାମ; ପକ୍ଷ୍ମ । (ରଶ୍ମିଃ ପୁମାନ୍ ଦୀଧିତୌ ସ୍ୟାତ୍ ପକ୍ଷ୍ମପ୍ରଗ୍ରହୟୋରପି—ମେଦିନୀ ।)

**ରସ,** ବି. (ରସ୍ = ଆସ୍ୱାଦନ କରିବା-ଅ) ଆସ୍ୱାଦ; କଟୁତିକ୍ତାଦି ଷଟ୍ ରସ; ଶୃଙ୍ଗାରାଦି ନବରସ;

(ଅନ୍ୟମତରେ ବାଗ୍ଭଟ୍ଟ ସମ୍ମତ ରସ ଦଶ-ପ୍ରକାର ।) ଅନୁରାଗ; ଅଭିପ୍ରାୟ; ଭୋଗ୍ୟବସ୍ତୁ; ଦ୍ରବବସ୍ତୁ; ଜଳ; ବିଷ; ସ୍ୱର୍ଣ୍ଣ; ପାରଦ; ମାଧୁର୍ଯ୍ୟାଦି ଗୁଣ; ଦେହସ୍ଥ ଧାତୁବିଶେଷ; ଶୁକ୍ରଧାତୁ ।

ରସକର୍ପୂର, ବି. ସଂ. ପାରଦଜନିତ ଔଷଧ-ବିଶେଷ ।

ରସକୋଇଲି, ବି. ଓଡ଼ିଆ ଛାନ୍ଦ ରାଗବିଶେଷ ।

ରସକୋରା, ବି. (ଦେଶଜ ପ୍ରାୟ) ଏକପ୍ରକାର ଖଜା ।

ରସଜ, ବି. (ରସ-ଜନ୍-ଅ) ରକ୍ତ; ଗୁଡ଼; ମଦ୍ୟକୀଟ ।

ରସଜ୍ଞ, ବିଂ. (ରସ-ଜ୍ଞା=ଜାଣିବା-ଅ) ସ୍ୱାଦଗ୍ରାହୀ; ରସିକ, ଭାବୁକ । ବି. (ସ୍ତ୍ରୀ-ଆ) ଜିହ୍ୱା, ଜିଭ ।

ରସଣ, ରସୁଣ, } ବି. (ଲଶୁନ ଶବ୍ଦଜ) ଗୁଞ୍ଜନ ଅର୍ଥାତ୍ ଏକପ୍ରକାର ଶ୍ୱେତପଳାଣ୍ଡୁ ।

ରସତେଜଃ, ରସତେଜସ୍, ବି. ସଂ. ରୁଧିର, ରକ୍ତ ।

ରସଦ, ବି. (ଯାବନିକ) ସୈନ୍ୟମାନଙ୍କ ଆହାରୀୟ ଦ୍ରବ୍ୟ ।

ରସନ, ବି. (ରସ୍=ଆସ୍ୱାଦନ କରିବା, ଶବ୍ଦ କରିବା-ଅନ) ଆସ୍ୱାଦନ; ଶବ୍ଦ, ଧ୍ୱନନ । (ସ୍ତ୍ରୀ-ଆ) ଜିହ୍ୱା; କାଞ୍ଚୀ, ମେଖଳା; ରଜ୍ଜୁ, ପାଶ; ରାସ୍ନା ।

ରସବେଣି, ରସବେଣୀ, } ବି. ସ୍ତ୍ରୀ. (ସଂସ୍କୃତ ହେଲେ ସୁଦ୍ଧା ଭିନ୍ନାର୍ଥରେ ଦେଶଜ) ବାଦ୍ୟଯନ୍ତ୍ରବିଶେଷ । ଯଥା—

ମୃଦଙ୍ଗ ତାଳ କଂସାଳ ନାନା ରସବେଣୀ,
ସରଗୁଣା ବଇଁଶୀ ଭରନ୍ତି ଯେ ଗାୟିଣୀ । ସା. ସ୍ୱ ଆ.

ରସରା, ବି. (ରସକାର ଶବ୍ଦଜ) ଯେ ରସରେ ଖଜୁ ପ୍ରଭୃତି ତୟାର କରେ ।

ରସରାଜ, ବି. ସଂ. ପାରଦ; ରସିକଶ୍ରେଷ୍ଠ ।

ରସସିନ୍ଦୂର, ବି. ସଂ. ପାରଦଜାତ ସିନ୍ଦୂର-ବିଶେଷ, ଔଷଧଦ୍ରବ୍ୟବିଶେଷ ।

ରସା, ବି. ସ୍ତ୍ରୀ. (ରସାଃସନ୍ତ୍ୟସ୍ୟାମିତି ରସା, ରସ-ଅ ଅସ୍ତ୍ୟର୍ଥେ-ଆ) ପୃଥିବୀ । ଯଥା—

ଆମ୍ଭ ମନରସା ତୋ ବିନା ଏ ରସା
ମଧ୍ୟେର ଭରସା ନାହିଁ ଆନ । ବୃ.ଚ.ମ.

ରସନା; ଦ୍ରାକ୍ଷା; ଶଲ୍ଲକୀ । (ରସ୍ ଧାତୁଜ) ରସିବା । (ଦେଶଜ) ବିଂ. ଖଟୁଆ । କ୍ରି. ରସାଅ । (ଉପରେ ଦେଖ ।)

ରସାଇବା, କ୍ରି. (ରସ୍ ଧାତୁଜ) ସନ୍ତୁଷ୍ଟ କରିବା; ମନ ରଞ୍ଜାଇବା; ରସଯୁକ୍ତ କରିବା; ଅନୁରକ୍ତ କରିବା ।

ରସାଞ୍ଜନ, ବି. ସଂ. ରସଜାତ କଜ୍ଜଳବିଶେଷ, ସୁରମା, ଉପଧାତୁବିଶେଷ ।

ରସାଣ, ବି. (ଉଜ୍ଜ୍ୱଳୀକରଣାର୍ଥ ପ୍ରାକୃତ ରେସାଅଣ ଶବ୍ଦଜ) ସ୍ୱର୍ଣ୍ଣାଦିର ଗିଲ୍ଟ ବା ଚାରକସି । ଯଥା—

ରସାଣ ରଜତ ବାଢେ, କନକଲତା କି ଜଡ଼େ । ଲ.ବ.

ଏକପ୍ରକାର ଲେପ । ଯଥା—

ସଙ୍ଗୀ ଭଙ୍ଗୀ ବଚନେ ଇଙ୍ଗିତଶାଳୀ,
ସନ୍ଧିକ ଅନ୍ତ କଲା ରସାଣ ବୋଲି । ବି. ଚ. ମ.

ସ୍ୱର୍ଣ୍ଣକୁ ପୋଡ଼ି ଧୌତ କଲା ପରେ ଦେବା ଲେପ । ଯଥା—

ନୂତନେ ଦଗ୍ଧିତ ବିରହାନଳେ,
ହେବାରୁ ଜାଣି ମଜ୍ଜାଇଲେ ଜଳେ ।
ତୈଳଯୋଗ ଚେଳ ଛଳ ରସାଣ,
ପାଇ କାନ୍ତି ମହୋଜ୍ଜ୍ୱଳ ଦ୍ୱିଗୁଣ । କୋ. ବ୍ର. ସୁ.

ଉଜ୍ଜ୍ୱଳୀକରଣ ।

ରସାଣଦେବା, କ୍ରି. (ପ୍ରାକୃତ ରେସାଅଣ ଶବ୍ଦଜ) ଉଜ୍ଜ୍ୱଳ କରିବା ।

ରସାଣି, ରଷାଣି, } ବି. (ପ୍ରାକୃତ ରେସାଅଣ ଶବ୍ଦଜ) ସ୍ୱର୍ଣ୍ଣାଦିର ଗିଲ୍ଟ । ଯଥା—

ମର୍କତ ରସାଣିରେ ରସାଣିଲା ଯେ । ବ. ଚ. ମ.

ରସାଣିବା, ରଷାଣିବା, } କ୍ରି. (ପ୍ରାକୃତ ରେସାଅଣ ଶବ୍ଦଜ) ପ୍ରଦୀପ୍ତ କରିବା, ଉଜ୍ଜ୍ୱଳୀକୃତ କରିବା । ଯଥା—

ଯାମିନୀର ଅଙ୍ଗ ରସାଣିଲା ଆହା
ହଇଁ କି ନବଚନ୍ଦ୍ରିକା । ଉର୍ବଶୀ ।

ସ୍ୱର୍ଣ୍ଣାଦି ପଥରରେ ଘଷିବା କିମ୍ବା ଗିଲ୍ଟ କରିବା । (ରଷାଣି ଶବ୍ଦ ଦେଖ ।)

ରସାତଳ, ବି. (ରସା=ପୃଥିବୀ·ତଳ=ଅଧୋଭାଗ) ପାତାଳ, ଭୂତଳ ।

ରସାନ, ବି. ସଂ. ଆର୍ଦ୍ରକରଣ; ସ୍ୱର୍ଣ୍ଣାଦି ମାର୍ଜନ; ଉଜ୍ଜ୍ୱଳକରଣ ।

ରସାନ୍ନ, ବି. (ଦେଶଜ) ପୂଜା, ପୁଷ୍ଟି ।

ରସାଭାସ, ବି. (ରସ-ଆଭାସ=ସଦୃଶ) ରସତୁଲ୍ୟ; ଅନୁଚିତ ବିଷୟରେ ରସବର୍ଣ୍ଣନ; ନୀଚରସ, ନୀଚ ପ୍ରକୃତିଗତ ରସ ।

ରସାୟନ, ବି. ( ରସ-ଅୟନ=ପଥ, ଗମନ ) ବିଷବିଶେଷ; ଜରା ଓ ବ୍ୟାଧିନାଶକ ଆୟୁଷ୍କାରକ ଔଷଧବିଶେଷ; ପକ୍ଷୀ; ଜରା; ବ୍ୟାଧିବିଶେଷ; ତକ୍ର; ଗରୁଡ଼; ଦୁଇ ବା ବହୁ ପଦାର୍ଥ ପରସ୍ପର ସଂଯୁକ୍ତ ହେଲେ ଏକ ବସ୍ତୁରେ ପରିଣତ ଏବଂ ଗୁଣାନ୍ତର ବା ରସାନ୍ତର ପ୍ରାପ୍ତ ହୁଏ, ଯାହାଦ୍ୱାରା ଏହି ବିଷୟର ଜ୍ଞାନ ଜନ୍ମେ ତାହାକୁ ରସାୟନ କହନ୍ତି ।

ରସାୟନବିଦ୍ୟା, ବି. ସଂ. (Chemistry) ଯେଉଁ ବିଦ୍ୟାଦ୍ୱାରା ରୂଢ଼ ପଦାର୍ଥ ସମୁଦାୟର ଗୁଣ ଏବଂ ସେଗୁଡ଼ିକର ପରସ୍ପର ସଂଯୋଗ ଓ ବିଯୋଗ ବିଷୟକ ଜ୍ଞାନ ଜନ୍ମେ ।

ରସାଳ, ବି. (ରସ-ଆ·ଲା=ଗ୍ରହଣ କରିବା-ଅ) ଇକ୍ଷୁ; ଆମ୍ର; ପନସ । ବିଂ. ରସଯୁକ୍ତ । (ସ୍ତ୍ରୀ-ଆ) ରସନା;ଦୂର୍ବା;ଦ୍ରାକ୍ଷା;ପୁଷ୍ପବିଶେଷ; ପେୟବିଶେଷ; ଲେହ୍ୟବିଶେଷ । ଯଥା—

ଏଷା ବୃକୋଦରକୃତା ସରସା ରସାଲା
ଯା ସ୍ୱାଦିତା ଭଗବତା ମଧୁସୂଦନେନ । ସୂପଶାସ୍ତ୍ର ।

ରସାଳସା, ବି. ସ୍ତ୍ରୀ. ଧମନୀ, ନାଡ଼ୀ; ରସମୁଗ୍ଧା; ଯେ ସ୍ତ୍ରୀ ରସରେ ଅଳସ ହୋଇଥାଏ ।

ରସାଳସୀ, ବି. ସ୍ତ୍ରୀ. ( ରସାଳସା ଶବ୍ଦଜ ) ରସମୁଗ୍ଧା; ରସରେ ଅଳସପ୍ରାପ୍ତା ।

ରସି, ରସୀ, ବି. ( ରଶ୍ମି ଶବ୍ଦଜ ) ରଜ୍ଜୁ, ଦଉଡ଼ି; ଘୋଡ଼ାର ଲଗାମ ।

ରସିକ, ବିଂ. ( ରସ-ଇକ ଜ୍ଞାନାର୍ଥେ ) ରସଜ୍ଞ; ସ୍ୱାଦଗ୍ରାହୀ; ଗୁଣଗ୍ରାହୀ । ବି. ଅଶ୍ୱ; ହସ୍ତୀ; ସାରସପକ୍ଷୀ । ( ସ୍ତ୍ରୀ-ରସିକା ) ରସନା, କାଞ୍ଚୀ; ଗୁଡ଼; ରସଜ୍ଞା ।

ରସିତ, ବି. (ରସ୍=ଶବ୍ଦ କରିବା-ତ) ଧ୍ୱନି; ମେଘ ଶବ୍ଦ । (ରସ୍=ଆସ୍ୱାଦନ କରିବା-ତ) ଆସ୍ୱାଦ । ବିଂ. ଆସ୍ୱାଦିତ; ସ୍ୱର୍ଣ୍ଣାଦିଦ୍ୱାରା ଖଚିତ; ଶବ୍ଦିତ ।

ରସିଦ, ବି. ( ଯାବନିକ ବା ପାରସ୍ୟ ) ପ୍ରାପ୍ତି ସ୍ୱୀକାରପତ୍ର ।

ରସୁଆ, ବିଂ. (ରସିକ ଶବ୍ଦଜ) ରସିବା ଲୋକ, ରସିକ; ରସସମ୍ବନ୍ଧୀୟ; କ୍ରୀଡ଼ାସମ୍ବନ୍ଧୀୟ । ଯଥା—

ରସୁଆ ଖଟକୁ ପାଳର ଦଉଡ଼ି
ଛୁଞ୍ଚିଗଲୁ ପଟପଟ । ଗ୍ରା. ଗ.

ରସୁଆଳ, ବିଂ. ( ରସାଳ ଶବ୍ଦଜ ) ରସବନ୍ତ, ରସପୂରିତ ।

ରସୁନ, ରସୂନ, ରସୋନ, ବି. ( ରସ୍-ଉନ, ଊନ, ଓନ) ମୂଳବିଶେଷ, ରସଣ ।

ରସେନ୍ଦ୍ର, ରସରାଜ, ବି. ସଂ. ପାରଦ ।

ରହ, ରହସ୍, ବି. (ରହ୍=ତ୍ୟାଗ କରିବା-ଅ, ଅଥବା ରମ୍=କ୍ରୀଡ଼ା କରିବା-ଅସ୍, ମ=ହ—ରହ୍ୟନ୍ତେ ଅନୁପଯୋଗିନୋ ଜନା-ଅତେନେତିରହଃ ରହସ୍ତ୍ୟାଗେ — ଅମର-ଟୀକା । ) ଗୋପନୀୟ କଥା; ଗୋପନୀୟ ଧର୍ମତତ୍ତ୍ୱ; ସୁରତ, ଶୃଙ୍ଗାର; ବିଜନପ୍ରଦେଶ । ଅଂ. ନିର୍ଜ୍ଜନରେ ।

ରହଣି, ବି. (ପ୍ରାକୃତ ରହଣ ଶବ୍ଦଜ) ରହିବା । ବିଂ. ବହୁଦିନ ସଂଚିତ । ଯେପରି— ରହଣିଘିଅ । ସ୍ଥିତ; ନିବାସୀ । ଯଥା— ଅମୁକ ଗ୍ରାମ ରହଣି ।

ରହରହ, ବିଂ. ( ପ୍ରାକୃତ ରୁହ୍ ଧାତୁଜ ) ରହିରହି ଯାଉଥିବା । ଯଥା—

କାଳନ୍ଦୀରେ ପଡ଼ି ଗନ୍ଧବାହ,
କରେ ଗତି ହୋଇ ରହ ରହ । ର. କ.

ରହସ, ବିଂ. ( ରହସ୍ୟ ଶବ୍ଦର ଅପଭ୍ରଂଶ ) ରହସ୍ୟ, ଗୋପନୀୟ ।

ରହସ୍ୟ, ବିଂ. ( ରହସ୍ = ଗୋପନ-ଯ ) ଗୋପନୀୟ । ବି. ମର୍ମ; ଗୁପ୍ତବିଷୟ; ନିର୍ଜ୍ଜନବିହାର; ଗୂଢ଼ତତ୍ତ୍ୱ; ପରିହାସ; କୌତୁକ । (ରହସ୍ୟ ତ୍ରିବିଧ—ଧର୍ମ-ରହସ୍ୟ, ଅର୍ଥରହସ୍ୟ, କାମରହସ୍ୟ ।)

ରହିତ, ବିଂ. (ରହ୍ = ତ୍ୟାଗ କରିବା-ତ) ତ୍ୟକ୍ତ, ବର୍ଜିତ, ବିହୀନ ।

ରହିବା, କ୍ରି. (ପ୍ରାକୃତ ରହ୍ ଧାତୁଜ) ନିବାସ କରିବା; ସ୍ଥିର ହେବା । ଯଥା—

ନ ବୁଡ଼ି ଶଇଳ ସଲିଳ ଉପରରେ ରହିଲା । ଲ୍. ବ.

ରହୁ, ରହୁବର, ବି. (ରଥ କିମ୍ବା ରଥବର ଶବ୍ଦଜ) ରଥ । ଯଥା—

ଘୃତଙ୍କା କରଣ ବାହାର ହୋଇଲ
ହେମରହୁବର ଚଢ଼ି । ବ. ରା.

ରା, ବି. (ରା = ଦାନ କରିବା, ଗ୍ରହଣ କରିବା-କ୍ୱିପ୍) ଦାନ; ଗ୍ରହଣ; ବିଭୂମ; ଧନ; ସ୍ୱର୍ଣ୍ଣ; ଶବ୍ଦ । (ରାଜନ୍ ଶବ୍ଦର ଅପଭ୍ରଂଶ—ବିଶେଷ୍ୟ ବା ବ୍ୟକ୍ତିବାଚକ ପଦର ପରେ ରହି) ପ୍ରଭୁ, ଶ୍ରେଷ୍ଠ । ଯେପରି—ପଣ୍ଡିତ ରା, ସାମନ୍ତ ରା ଇତ୍ୟାଦି ।

ରାଇ, ବି. ( ରାଜିକା ଶବ୍ଦଜ ) ଏକପ୍ରକାର ସର୍ଷପ; ରାଇସୋରିଷ । (ରାଜନ୍ ଶବ୍ଦଜ) କ୍ଷତ୍ରିୟ ଉପାଧିବିଶେଷ; ବଟା ସୋରିଷ; ବଟା ସୋରିଷ ଦେଇ ରାନ୍ଧିବା ବ୍ୟଞ୍ଜନ ବିଶେଷ ।

ରାଇଗୁରୁ, ବି. (ଓଡ଼ିଆ ଓ ସଂସ୍କୃତ ଶବ୍ଦର ମିଶ୍ରଣ) ବ୍ରାହ୍ମଣଙ୍କୁ ରାଜଦତ୍ତ ଉପାଧି-ବିଶେଷ । (ଖାଡ଼ଙ୍ଗା ଶବ୍ଦ ଦେଖ ।)

ରାଇଜ, ବି. (ରାଜ୍ୟ ଶବ୍ଦଜ) ରାଜ୍ୟ ।

ରାଇତା, ବି. (ରାଜୀ-ଅକ୍ତା = ରାଜ୍ୟକ୍ତା ଶବ୍ଦଜ ହୋଇ ପାରେ) ବଟା ସୋରିଷ ଦେଇ ରାନ୍ଧିବା ବ୍ୟଞ୍ଜନବିଶେଷ ।

ରାଇବା, କ୍ରି. (ରୈ ଧାତୁଜ) ଡାକିବା । ଯଥା—

ବନ୍ଧୁ ବୋଲି ତାକୁ ରାଇବ । ପ୍ରେ. ସୁ. ନି.

ଶବ୍ଦ କରିବା । ଯଥା—

ସେ ରଜା ଶବ୍ଦ ସବୁରି ଶରୀରେ ରାଉଛି,
ଏହି ରାଧା ଶୁଣି ଧାତା ବ୍ରହ୍ମ ବୋଲାଉଛି । ନୃ.ପୁ.ପ୍ର.ତ.

ରାଇବାର, } ବି. (ଦେଶଜ) କୌଣସି ରାଜାଙ୍କ-
ରାୟବାର, } ଠାରୁ ଅନ୍ୟ ରାଜାଙ୍କଦ୍ୱାରା ପ୍ରେରିତ ଭଦ୍ର ବ୍ୟକ୍ତି, ଏବଂ ତଦ୍ଦତ୍ତ ସମ୍ବାଦ । ଯଥା—

ରାଜାର ବଚନେ ଚଳନ୍ତି ଗଲେ ଚରଗଣ,
ରାଇବାର ପ୍ରାୟେ ହୋଇ ମିଳିଲେ ଆଗେଣ । ସା.ଭ୍ର.ସ.

ମଧ୍ୟସ୍ଥ ଭଦ୍ରବ୍ୟକ୍ତିଙ୍କଦ୍ୱାରା ବ୍ୟାବହାରିକ ବିଷୟର କଥାବାର୍ତ୍ତା ।

ରାଇଲଗୀତ, ବି. (ଦେଶଜ) ଏକପ୍ରକାର ଗୀତ । ( ଗଞ୍ଜାମ ଅଞ୍ଚଳରେ ବର୍ଷର ନିର୍ଦ୍ଦିଷ୍ଟ ସମୟରେ କେତେକ ପଞ୍ଚମଜାତି ଏହି ଗୀତ ଗାନ କରି ଦ୍ୱାରେ ଦ୍ୱାରେ ମୁଷ୍ଟିଭିକ୍ଷା କରନ୍ତି ।)

ରାଇଶା, ବି. (ଗଡ଼ଜାତରେ) ଏକପ୍ରକାର ରବି ଶସ୍ୟ ବା ବରଗଡ଼ା ଛୁଇଁ ।

ରାଈ, ରାଯୀ, ବି. ସ୍ତ୍ରୀ. ( ରାଧିକା ଶବ୍ଦଜ ) ରାଧିକା । ଯଥା—

ନପୂଣ ରାଧିକା ରୁମୁରେ କହିଲ ଯାଇ,
ଅନେକ ଉପହାସ ମୋତେ କରିବ ରାଈ । ସା.ଭ୍ର.ଆ.

ରାଉ, ରାଓ, ବି. ( ରାଜନ୍ ଶବ୍ଦଜ ପ୍ରାକୃତ ) ଉପାଧିବିଶେଷ ।

ରାଉତ, ବି. (ଦେଶଜ) ଅଶ୍ୱାରୋହୀ; ଅଶ୍ୱାରୋହୀ ସୈନ୍ୟ । (ମାହୁନ୍ତ ଶବ୍ଦ ଦେଖ ।)

ରାଉତରା, ବି. (ଦେଶଜ-ରାଉତ-ରାୟ) ଜମି-ଦାରଙ୍କ ଉପାଧିବିଶେଷ; ବୀରପୁରୁଷଙ୍କର ଉପାଧିବିଶେଷ; ପ୍ରଧାନ ଅଶ୍ୱାରୋହୀ; ଅଶ୍ୱାରୋହିସୈନ୍ୟର ଅଧିନେତା ।

ରାଉରାଉ, ବିଂ. (ଦେଶଜ) ଉଦ୍‌ବେଗଯୁକ୍ତ; କ୍ଷୁଧାତୁର । ଯଥା—ପିଲାଟି ଭୋକରେ ରାଉରାଉ ହୋଇଗଲାଣି ।

ରାଉଳ, ରାହୁଳ, ବି. (ରାଜକୁଳ ଶବ୍ଦଜ, ପ୍ରାକୃତ) କ୍ଷତ୍ରଜାତିବିଶେଷ; ଶିବପୂଜକ ଶୂଦ୍ର ଜାତିବିଶେଷ ।

ରାଉଳା, ରାଉଳି, ବି. (ଦେଶଜ କିମ୍ବା ରୈ ଧାତୁଜ) ରଡ଼ି ବା ଗର୍ଜନ ।

ରାଉଳଆ, ବିଂ. (ଦେଶଜ) ଯେ ବିଶେଷ ତର୍ଜନ ଗର୍ଜ୍ଜନ କରେ । ବି. କେଳାଜାତିବିଶେଷ ।

ରାଉଳବା, କ୍ରି. (ଦେଶଜ) ଉଚ୍ଚ ରଡ଼ି ବା ଗର୍ଜନ କରିବା ।

ରାକା, ବି. ସ୍ତ୍ରୀ. [ରା=(ପରମ ଶୋଭା) ଦାନ କରିବା-ଅକ-ଆ] ପୂର୍ଣ୍ଣିମା ତିଥି; ନବ-ଋତୁମତୀ ସ୍ତ୍ରୀ; ନଦୀବିଶେଷ; କଚ୍ଛୁରୋଗ ।

ରାକ୍ଷସ, ବି. (ରକ୍ଷ୍=ରକ୍ଷା କରିବା-ଅସ, କିମ୍ବା ରକ୍ଷସ୍-ଅ ସ୍ୱାର୍ଥେ] ନିଶାଚର; କୁବେରଙ୍କ ଧନରକ୍ଷକ; ବଳପୂର୍ବକ ବିବାହ; ନିଷ୍ଠୁରାତ୍ମା; ଧର୍ମଦ୍ରୋହୀ । ବିଂ. ରକ୍ଷଃସମ୍ବନ୍ଧୀୟ । (ସ୍ତ୍ରୀ—ରାକ୍ଷସୀ) ରାକ୍ଷସପତ୍ନୀ; ଦଂଷ୍ଟ୍ରା; ସାୟାହ୍ନ ବେଳା; ଅସ୍ତଚକସ୍ତ୍ରା ।

ରାକ୍ଷସୁଣୀ, ରାକ୍ଷାସୁଣୀ, } ବି. ସ୍ତ୍ରୀ. (ରାକ୍ଷସ ଶବ୍ଦରେ ଓଡ଼ିଆର ଉଣୀ ପ୍ରତ୍ୟୟ ଯୋଗ) ରାକ୍ଷସୀ । ଯଥା—

ଋଷି ବିଚାରିଲେ ରାକ୍ଷସୁଣୀ ପ୍ରାୟେ ମଣି,
ତା ଉପରେ ଦୋଷ ଦେଲ ସେ ପରଦାରେଣୀ ।
ସା. ଭ. ଆ.

ନିଷ୍ଠୁରା ସ୍ତ୍ରୀ ।

ରାକ୍ଷା, ବି. ସ୍ତ୍ରୀ. ସଂ. ଲାକ୍ଷା, ଜଉ; ଅଳତା ।

ରାଗ, ବି. (ରନ୍ଜ୍=ରଙ୍ଗ କରିବା ଇତ୍ୟାଦି-ଅ) ରକ୍ତବର୍ଣ୍ଣ; ଅନୁରାଗ; ସନ୍ତୋଷ; ଇଚ୍ଛା; ବିଷୟେଚ୍ଛା; ରଞ୍ଜକ ଦ୍ରବ୍ୟ; ରଞ୍ଜନ; ଉତ୍ସାହ; ମାତ୍ସର୍ଯ୍ୟ, ଦ୍ୱେଷ । (ରନ୍ଜ୍-ଣିଚ୍-ଅ) ଚନ୍ଦ୍ର; ନୃପ; ସ୍ୱର; ସ୍ୱରର ପ୍ରକାର-ବିଶେଷ; ଭୈରବ, ମାଳବ ପ୍ରଭୃତି ରାଗ । (ଦେଶଜ) କଟୁରସ; କ୍ରୋଧ ।

ରାଗଜିର, ବି. (ଦେଶଜ) ପରିଚ୍ଛଦବିଶେଷ । ଯଥା—

କବଚ କବାଇ ରାଗଜିର ଟୋପି ବକତର ଏହିପ୍ରକାର ।
ଲ. ବ.

ରାଗଭର, ବିଂ. (ଓଡ଼ିଆ ଓ ସଂସ୍କୃତ ଶବ୍ଦର ମିଶ୍ରଣ) କ୍ରୋଧପୂର୍ଣ୍ଣ । ଯଥା—

ରାଗଭର ହୋଇଣ ମୁଁ ନ ପାରିଲି ସହି,
ଅନଳବାଣ ବିନ୍ଧିଲି ଯେ ସଂସାର ଦହି । ସା. ଭ. ବ. ପ.

ରାଗସାଡ଼ବ, ବି. ସଂ. ଗୁଡ଼ ଏବଂ ତେଲରେ ପାକ କରାଯିବା ଅପକ୍ୱ ଆମ୍ବର ଆଚାର ।

ରାଗିଆ, ବିଂ. (ଦେଶଜ) କଟୁରସଯୁକ୍ତ; କ୍ରୋଧୀ ।

ରାଗିବା, କ୍ରି. (ଦେଶଜ) କ୍ରୁଦ୍ଧହେବା ।

ରାଗୀ, ବିଂ. (ଦେଶଜ) କ୍ରୋଧୀ ।

ରାଗୀ, ବିଂ. (ରାଗ-ଇନ୍ କିମ୍ବା ରନ୍ଜ୍-ଇନ୍) ଅନୁରକ୍ତ; କାମୁକ; ରଞ୍ଜନକାରୀ । (ସ୍ତ୍ରୀ-ରାଗିଣୀ) ସ୍ୱରବିଶେଷ; ରାଗର ପତ୍ନୀସ୍ୱରୂପା; ଅନୁରକ୍ତା ସ୍ତ୍ରୀ; ମେନକାଙ୍କ ଜ୍ୟେଷ୍ଠାକନ୍ୟା ।

ରାଗେଡ଼ି, ରାଗିଡ଼ି, ବି. (ଦେଶଜ) ଗୋଲାକୃତି ମସ୍ତକାଳଙ୍କାରବିଶେଷ । ଯଥା—

ଶିର ଉପରେ ରଜତ, ରାଗେଡ଼ିକ କଲ ଯୁତ—
ଗଗନେ କି କଳାକର-ଉଦେପ୍ରକାର । ସୁ. ପ.

ରାଘବ, ବି. (ରଘୁ=ରଘୁରାଜା, ରଘୁବଂଶ-ଅ ଅପତ୍ୟାର୍ଥେ) ରାମଚନ୍ଦ୍ର; ରଘୁବଂଶୀୟ ନୃପ; ସମୁଦ୍ର; ମତ୍ସ୍ୟବିଶେଷ । ବିଂ. ରଘୁବଂଶୀୟ ।

ରାଘବାୟନ, ବି. ସଂ. ରାମାୟଣ ।

ରାଙ୍କବ, ବି. (ରଙ୍କୁ=ମୃଗବିଶେଷ-ଅ ଇଦମର୍ଥେ) ପଶୁଲୋମନିର୍ମିତ ବସ୍ତ୍ରାଦି । ବିଂ. ରଙ୍କୁସମ୍ବନ୍ଧୀୟ ।

ରାଜ୍, ବି. (ରାଜ୍=ଦୀପ୍ତି ପାଇବା-କ୍ୱିପ୍) ରାଜା, ପ୍ରଭୁ । ବିଂ. ଶୋଭମାନ ।

ରାଜକୀୟ, ବିଂ. (ରାଜକ=ଶାସନକର୍ତ୍ତା-ଈୟ) ରାଜସମ୍ବନ୍ଧୀୟ ।

ରାଜଘ, ବିଂ. (ରାଜନ୍-ହନ୍=ବଧ କରିବା-ଅ, ହନ୍=ଘ) ତୀକ୍ଷ୍ଣ, ଉଗ୍ର; ରାଜହନ୍ତା; ରାଜଶ୍ରେଷ୍ଠ ।

ରାଜଜାମୁ, ବି. (ରାଜଜମ୍ବୁ ଶବ୍ଦଜ) ବଡ଼ଜାମ୍ବୁ । ଯଥା—

ଅଏଁଲା ରାଜଜାମୁ ଜେନ୍ତୁଳ ମାଲମାଲ । ନୃ.ପୁ.ଚ.ଛ.

ଗୋଲାପଜାମ ।

ରାଜଦନ୍ତ, ବି. (ରାଜ=ଶୋଭମାନ-ଦନ୍ତ) ସମ୍ମୁଖୀନ ଦନ୍ତଚତୁଷ୍ଟୟ, ଆଗଦାନ୍ତ ।

ରାଜଧାନ, ରାଜଧାନକ, ରାଜଧାନୀ, ରାଜଧାନିକା, } ବି. (ରାଜନ୍-ଧା=ଧାରଣ କରିବା-ଅନ, କ ସ୍ୱାର୍ଥେ, ସ୍ତ୍ରୀ-ଈ, ଆ, ଅକ=ଇକ) ପ୍ରଧାନ ନଗରୀ, ଯେ ସ୍ଥାନରେ ରାଜା ବାସ କରନ୍ତି ।

ରାଜନୀଳ, ବି. (ରାଜ=ଶୋଭମାନ-ନୀଳ) ମରକତମଣି; ଇନ୍ଦ୍ରନୀଳମଣି ।

**ରାଜନ୍ୟ**, ବି. (ରାଜ୍ = ଦୀପ୍ତି ପାଇବା-ଅନ୍ୟ କିମ୍ବା ରାଜନ୍-ଯ) କ୍ଷତ୍ରିୟ; ରାଜପୁତ୍ର; ଅଗ୍ନି ।

**ରାଜନ୍ୟକ**, ବି. (ରାଜନ୍ୟ-କ ସମୂହାର୍ଥେ) କ୍ଷତ୍ରିୟସମୂହ ।

**ରାଜନ୍‌ବାନ୍**, ରାଜନ୍‌ବତ୍, ବି. (ରାଜନ୍-ବତ୍ ଅସ୍ତ୍ୟର୍ଥେ) ସୁରାଜଯୁକ୍ତ ଦେଶ । (ସ୍ତ୍ରୀ-ରାଜନ୍‌ବତୀ) ସୁରାଜଯୁକ୍ତା । (ରାଜନ୍‌ବତୀ-ମାହୁରେନେନ ଭୂମିଂ ।)

**ରାଜପୁତାନା**, ବି. (ରାଜପତ୍ତନ ଶବ୍ଦଜ) ଦେଶ-ବିଶେଷ ।

**ରାଜପୁରପ୍ରବେଶ ନ୍ୟାୟ**, ବି. ସଂ. ବିଶୃଙ୍ଖଳ ଗମନ ଅସହିଷ୍ଣୁ ରକ୍ଷିବର୍ଗ ସମ୍ମୁଖରେ ରାଜପୁରରେ ଯେପରି ଲୋକମାନଙ୍କର ଶ୍ରେଣୀରୂପେ ପ୍ରବେଶ ।

**ରାଜବଣି**, ବି. (ଦେଶଜ) ଏକପ୍ରକାର ପକ୍ଷୀ । ଯଥା—

ନୀଳବର୍ଣ୍ଣ ରାଜବଣି ଚେଣ୍ଢୁଆ ଛଞ୍ଚାଣ । ନୃସୁ ଭ.ଭ

**ରାଜଭୂୟ**, ବି. (ରାଜନ୍-ଭୂ = ହେବା-ଯ) ରାଜା ହେବା; ରାଜ୍ୟ; ରାଜତ୍ୱ ।

**ରାଜମଣ୍ଡଳ**, ବି. (ରାଜନ୍-ମଣ୍ଡଳ = ସମୂହ) ରାଜସମୂହ; ଦ୍ୱାଦଶବିଧ ରାଜା; ଶତ୍ରୁ, ମିତ୍ର, ଶତ୍ରୁର ମିତ୍ର, ମିତ୍ରର ମିତ୍ର, ଶତ୍ରୁମିତ୍ରର ମିତ୍ର—ଏହି ପାଞ୍ଚ ବିଜିଗୀଷୁର ପୁରଃସର ଏବଂ ପାର୍ଷ୍ଣିଗ୍ରାହ,ଆକ୍ରନ୍ଦ, ପାର୍ଷ୍ଣିଗ୍ରାହାସାର, ଆକ୍ରନ୍ଦାସାର—ଏହି ଚାରି ବିଜିଗୀଷୁର ପଶ୍ଚାଦ୍ବର୍ତ୍ତୀ ଏବଂ ବିଜିଗୀଷୁ, ମଧ୍ୟମ ଓ ଉଦାସୀନ ଏହି ତିନି, ସମୁଦାୟରେ ଦ୍ୱାଦଶ ।

**ରାଜଯକ୍ଷ୍ମା**, ବି. (ରାଜଯକ୍ଷ୍ମନ୍-ରାଜ-ଯକ୍ଷ୍ମା = କ୍ଷୟ-ରୋଗ) କ୍ଷୟରୋଗ । (ରାଜା ଯେ ଚନ୍ଦ୍ର ଙ୍କର ଏହି ଯକ୍ଷ୍ମାରୋଗ ହୋଇଥିବାରୁ ଏହାର ନାମ ରାଜଯକ୍ଷ୍ମା ହେଲା ।) ବିଂ. ରାଜଯକ୍ଷ୍ମା ପରି ବିନାଶକ । (ରାଜନ୍ୟାନାଂ ପର ପରିଭବୋ ରାଜଯକ୍ଷ୍ମାହି କୀର୍ତ୍ତେଃ ।)

**ରାଜରାଜ**, ବି. ସଂ. କୁବେର; ଏକଚ୍ଛତ୍ରରାଜା; ଚନ୍ଦ୍ର; ସମ୍ରାଟ୍ ।

**ରାଜରାଜେଶ୍ୱରୀ**, ବି. ସ୍ତ୍ରୀ. ସଂ. ଦେବୀବିଶେଷ ।

**ରାଜବୀଜୀ**, ବିଂ. (ରାଜବୀଜିନ୍—ରାଜନ୍-ବୀଜ-ଇନ୍) ରାଜବଂଶୀୟ ।

**ରାଜସ**, ରାଜସିକ, ବିଂ. (ରଜସ୍-ଅ, ଇକ) ରଜୋଗୁଣପ୍ରଧାନ । ବି. ମାନ ପୂଜା-ସମ୍ମାନାର୍ଥ ଦମ୍ଭବଶତଃ ଯେ କାର୍ଯ୍ୟ କରାଯାଏ; ଖ୍ୟାତିଜନକ କର୍ମ । (ସ୍ତ୍ରୀ-ରାଜସୀ) ରଜୋଗୁଣମୟୀ ଦୁର୍ଗା; ରଜୋଗୁଣ ସମ୍ବନ୍ଧିନୀ ।

**ରାଜସୂୟ**, ବି. (ରାଜନ୍ = ରାଜ-ସୂ = ପ୍ରସବ କରିବା-ଯ, ନିପାତନ) ସମ୍ରାଟଙ୍କ ସମ୍ପାଦ୍ୟ ସାମବେଦବିହିତ ଯଜ୍ଞବିଶେଷ; ପର୍ବତ-ବିଶେଷ; ଧାନ୍ୟବିଶେଷ ।

**ରାଜହଂସ**, ବି. (ରାଜନ୍ = ରାଜା-ହଂସ) ରକ୍ତବର୍ଣ୍ଣ ଚରଣ ଓ ଚଞ୍ଚୁବିଶିଷ୍ଟ ଶୁକ୍ଳବର୍ଣ୍ଣ ହଂସ; କଳହଂସ; ରାଜଶ୍ରେଷ୍ଠ (ଯେଉଁ ରାଜା ହଂସ ପରି ସାରଗ୍ରହଣ କରନ୍ତି ।)

**ରାଜା**, ବି. [ରାଜନ୍—ରନ୍‌ଜ୍ = (ପ୍ରଜାମାନଙ୍କୁ) ପ୍ରୀତି କରିବା-ଅ, କିମ୍ବା ରାଜ୍ = ଦୀପ୍ତି-ପାଇବା-ଅ] ପ୍ରକୃତିରଞ୍ଜକ ଦୀପ୍ତିଶୀଳ ନୃପତି; କ୍ଷତ୍ରିୟ; ପ୍ରଭୁ; ଚନ୍ଦ୍ର; ଇନ୍ଦ୍ର; ଯକ୍ଷ । (ଅନ୍ୟ ଶବ୍ଦର ସହ) ଶ୍ରେଷ୍ଠ ।

**ରାଜାଧିରାଜ**, ବି. ସଂ. ସାର୍ବଭୌମ, ସମ୍ରାଟ୍ ।

**ରାଜି**, ବି. (ଦେଶଜ) ଅଙ୍ଗୀକାର, ଅନୁମୋଦନ । ବିଂ. ଅଙ୍ଗୀକୃତ, ସମ୍ମତ । ଯଥା—

ବୁଝିଲଣି ମରଜି, ଆଉ କି ହୋଇବ ରାଜି,
ନିକୁଞ୍ଜେ ତୋ ସଙ୍ଗେ ବିହରିବ ରେ । ସ ସ.

**ରାଜି**, ରାଜୀ, ବି. ସ୍ତ୍ରୀ. (ରାଜ୍ = ଦୀପ୍ତି ପାଇବା-ଇ, ଈ) ଶ୍ରେଣୀ; ରେଖା; ଶରୀରସ୍ଥ କ୍ଷୁଦ୍ର ଆଧାରବିଶେଷ ।

**ରାଜିକା**, ବି. ସ୍ତ୍ରୀ. ସଂ. ଶ୍ରେଣୀ; ରେଖା; ରାଇସୋରିଷ ।

**ରାଜିତ**, ବିଂ. (ରାଜ୍ = ଦୀପ୍ତି ପାଇବା-ତ) ଶୋଭିତ; ପ୍ରଦୀପିତ ।

**ରାଜିନାମା**, ବି. (ଯାବନିକ) ନିର୍ବିବାଦ ।

**ରାଜିଳ**, ବି. (ରାଜି = ଶ୍ରେଣୀ-ଳ) ଜଳବ୍ୟାଳ, ପାଣିଧଣ୍ଡ ସାପ ।

ରାଜୀବ, ବି. [ରାଜୀ=(ଦଳ) ଶ୍ରେଣୀ-ବ ଅସ୍ତ୍ୟର୍ଥେ] ପଦ୍ମ; ବୃହତ୍ ମତ୍ସ୍ୟ; ହରିଣ-ବିଶେଷ; ହସ୍ତୀ; ସାରସପକ୍ଷୀ । ବିଂ. ରାଜୋପଜୀବୀ; ରାଜାନୁଗ ।

ରାଜୁତ, ବି. (ରାଜପୁତ୍ର ଶବ୍ଦଜ) ରାଜପୁତ୍ର; ରାଜା । ଯଥା—

ପାତାଳରୁ ଅଇଲେ ଯେ ନାଗରାଜା ଦୂତେ,
ମଣ୍ଡ ସାତ ଦାଗରୁ ଅଇଲେ ତ ରାଜୁତେ । ନୃ.ପୁ.ପ.ତ.

(ରାଜତ୍ୱ ଶବ୍ଦଜ) ରାଜତ୍ୱ, ରାଜ୍ୟାଧିକାର । ଯଥା—

ଶୁଣିଣ ମୁରସୁର ବୋଇଲା ସତ ସତ,
ସୈନ୍ୟ ନ ଥାଇ କେମନ୍ତେ ହୋଇବ ରାଜୁତ ।
ନୃ. ପୁ. ଦ୍ୱି. ତ.

ରାଜୁତି, ରାଜୁତ, ବି. (ରାଜତ୍ୱ ଶବ୍ଦଜ) ରାଜତ୍ୱ, ରାଜ୍ୟାଧିକାର । ଯଥା—

ପୁର ପ୍ରତୀରଙ୍କୁ ରାଜ୍ୟେ କଲେ ଅଧିପତି,
ଦ୍ୱାପରେ ସତପଠି ସସ୍ର ବର୍ଷ ରାଜୁତି । ସା. ଭା. ସ.

ରାଜୁସି, ବି. (ରାଜସୂୟ ଶବ୍ଦଜ) ରାଜସୂୟ ଯାଗ । ଯଥା—

ତହିଁ ରାଜୁସି ଯଜ୍ଞକାଳେ,
ଅନ୍ଧନନ୍ଦନ ରାଜମେଳେ । ଭା. ଦ. ସ୍କ.

(ରାଜର୍ଷି ଶବ୍ଦଜ) ରାଜରଷି ।

ରାଜ୍ୟ, ବି. (ରାଜନ୍-ଯ ଭାବ ଓ କର୍ମ ଅର୍ଥରେ) ରାଜତ୍ୱ; ରାଜକାର୍ଯ୍ୟ; ଦେଶ; ଲକ୍ଷଗ୍ରାମର ଆଧିପତ୍ୟ । (ଲକ୍ଷାଧିପତ୍ୟଂ ରାଜ୍ୟଂ ସ୍ୟାତ୍ ସାମ୍ରାଜ୍ୟଂ ଦଶଲକ୍ଷକେ ।)

ରାଜ୍ୟତନ୍ତ୍ର, ବି. ସଂ. ରାଜ୍ୟଶାସନପ୍ରଣାଳୀ ।

ରାଜ୍ୟାଙ୍ଗ, ବି. (ରାଜ୍ୟ-ଅଙ୍ଗ) ସ୍ୱାମୀ, ମନ୍ତ୍ରୀ, ସୁହୃତ୍, ଧନ, ଦେଶ, ଦୁର୍ଗ, ସୈନ୍ୟ—ଏହି ସାତ; ପ୍ରକୃତି ସମେତ ଅଷ୍ଟ ତପସ୍ୱିଙ୍କି ଘେନ ନବ; ଏଗୁଡ଼ିକ ରାଜ୍ୟର ଆବଶ୍ୟକ ଅଙ୍ଗ ।

ରାଞ୍ଜୁଡ଼ା, ବି. (ଦେଶଜ) ଦେହରେ କଣ୍ଟା ପ୍ରଭୃତି ଲାଗି (ରେଖାକାର) କ୍ଷତ ହେବା ।

ରାଞ୍ଜୁଡ଼ିବା, କ୍ରି. (ଦେଶଜ) ନଖାଦିଦ୍ୱାରା କ୍ଷତବିକ୍ଷତ କରିବା ।

ରାଞ୍ଜୁରାଞ୍ଜୁଆ, ବିଂ. (ଦେଶଜ) ରେଖାକାର କ୍ଷତବିକ୍ଷତ ଓ ଲଖିତ ।

ରାଣ୍ଡିଆନ୍ତ, ରାଣ୍ଡ୍ୟାନ୍ତ, ବି. (ରାଣ୍ଡାନ୍ତ ଶବ୍ଦଜ) ନାନା କଥାରେ ଗୋଳମାଳ କରି ହାଟ ବସାଇବା; ନାନା ବିତଣ୍ଡା ବାଦରେ ଗୋଳମାଳ କରିବା ।

ରାଠ, ବି. (ରାଟ୍ ପଦଜାତ) ରାଜା । ଯଥା—

ଜାଣି ନାହିଁକି ସେ କଂସରାଠକୁ । ବି. ଚ. ମ.

ରାଠି, ବି. (ରଠ୍=ଶବ୍ଦ କରିବା-ଇ) ଶରାଳି ପକ୍ଷୀ; ଯୁଦ୍ଧ, ସଂଗ୍ରାମ ।

ରାଢ଼, ବି. (ରହ୍=ତ୍ୟାଗ କରିବା-ଅ. ହ=ଢ଼) ବଙ୍ଗଳାର ଦେଶବିଶେଷ; ସୌନ୍ଦର୍ଯ୍ୟ । (ସ୍ତ୍ରୀ-ରାଢ଼ା, ରାଢ଼ୀ) ଶୋଭା; ସୂକ୍ଷ୍ମ; ପୁଷ୍ପ-ବିଶେଷ ।

ରାଢ଼, ବିଂ. (ଦେଶଜ) କୃପଣ; ନିର୍ଦ୍ଦୟ । ଯଥା—

ସବୁ ଲେଖେ ସେହୁ ପାଞ୍ଜିକାର ରାଢ଼,
କଢ଼ା ଦାଢ଼ ତହୁଁ ଯାଏ ନାହିଁ ଗୁଡ଼ । ଦ. ବା.

ଦୁଷ୍ଟ । ଯଥା—

ନିର୍ଦ୍ଦୟ ନିରପେକ୍ଷ ରାଢ଼,
ଓପ୍ରଧ ନ କରଇ ମୂଢ଼ । ମା. ମା.

ରାଢ଼ା, ବିଂ. (ଦେଶଜ) କର୍କଶ ।

ରାଢ଼ି, ବିଂ. (ଦେଶଜ) କୃପଣ; ଦୁଷ୍ଟ । ଯଥା—

ଶିଶୁପାଳକୁ ଦେଖିଣ ଭୀଷ୍ମ ଆଗ ବଢ଼ି,
ଆରେ ଶିଶୁପାଳ ! ତୁହି ଅଟୁ ବଡ଼ ରାଢ଼ି । ସା.ଭା.ସ.

ବି. କୈବର୍ତ୍ତ ଜାତିବିଶେଷ; ପଞ୍ଚମ ଜାତି-ବିଶେଷ । ଯଥା—

ରାଢ଼ି ଯେ ହାଡ଼ିଠାରୁ ଜାତ,
ସେହୁ ଅସ୍ପୃଶ୍ୟ ବହୁତ । ବ. ପୁ.

ରାଢ଼ୁଣୀ, ରାଢ଼େଣୀ, ବି. ସ୍ତ୍ରୀ. (ଦେଶଜ) ଦୁଷ୍ଟା ସ୍ତ୍ରୀ । ଯଥା—

ଦୁଇ ସ୍ତନରେ ବିଷ ପୂରାଇ ରାଢ଼େଣୀହି,
ମୋତେ ମାରିବାପାଇଁ ଅଇଲା ଜାଣ ସେହି । ସା ଭା.ସ.

ମାଗୁ ସ୍ତ୍ରୀ; ଭାଗ୍ୟହୀନା ସ୍ତ୍ରୀ । ଯଥା—

ମୁଁ ରାଢ଼େଣୀ କପାଁ ଯେ ଗ୍ରାଣ୍ଡିଗଲ ତୋତେ,
ମାଧ୍ରୀ ଏସନେକ କର୍ମ କଲା ଅଦଭୁତେ । ସା. ଭା. ଆ.

ରାଣ, ବି. (ରଣ=ଶବ୍ଦ କରିବା-ଅ) ପତ୍ର-ବିଶେଷ; ମୟୂରପୁଚ୍ଛ । (ରାଜନ୍ ଶବ୍ଦଜ, ପ୍ରାକୃତ) ରାଜା । ଯଥା—

କନକ ରସାଣ ହେଲା ସୁରରାଣ
ନୀଳରତନ ସ୍ଥଳରେ । ର. କ.

(ଦେଶଜ) ଶପଥ । ଯଥା—

ଲକ୍ଷ ଲକ୍ଷ ରାଣ ଅଛୁ ମୋର,
ଲଲାମ ଆଦି ଭୂଷା ସଜ କର । କ. ଚ. ଚ.

ରାଣା, ବି. (ରାଜନ୍ ଶବ୍ଦଜ, ପ୍ରାକୃତ) ରାଜା; ରାଜ ଉପାଧିବିଶେଷ ।

ରାଣୀ, ବି. ସ୍ତ୍ରୀ. (ରାଜ୍ଞୀ ଶବ୍ଦଜ) ରାଜପତ୍ନୀ ।

ରାଣ୍ଡ, ବି. (ରଣ୍ଡ ଶବ୍ଦଜ) ଅନାଥ, ଅରକ୍ଷକ । ଯଥା—

କର୍ଣ୍ଣ ସେନାପତି ମଲେ ଧୃତରାଷ୍ଟ୍ର,—
ସେନା ରାଣ୍ଡ ହୋଇବେ ପାଇ ଯୁଦ୍ଧକଷ୍ଟ । କୃ.ଷ୍ଣ.ହ.ପ.

ରାଣ୍ଡି, ରାଣ୍ଡୀ, ବି. ସ୍ତ୍ରୀ. (ରଣ୍ଡା ଶବ୍ଦଜ) ବିଧବା । ଯଥା—

ତଣ୍ଡି ଦୁଃଖୀ ରଙ୍କ ଅରକ୍ଷିତ ରାଣ୍ଡ । ଦ. ବା.

ରାତାରାତି, ରାତିରାତିକେ, } କ୍ରି. ବିଂ. (ଦେଶଜ) ଏକ ରାତ୍ରି ମଧ୍ୟରେ । ଯଥା—

ଆମ୍ଭମାନଙ୍କ ଚହ୍ଲାରରେ ରାତାରାତି ଯେ ସବୁ ବଦଳିଯିବ, ତାହା ନୁହେ । ଉ. ସା.

ରାତି, ରାତ୍ତି, ବି. ସ୍ତ୍ରୀ. (ରାତ୍ରୀ=ପ୍ରାକୃତ ରାତ୍ତି ଶବ୍ଦଜ) ରଜନୀ, ରାତ୍ରୀ ।

ରାତ୍ରକ, ବି. (ଏକ ରାତ୍ରି ଶବ୍ଦଜ) ଏକରାତ୍ରି । ଯଥା—

ରାତ୍ରକ ମଧ୍ୟେ କେଶଭାର, କଅଁଳ ଦିଶୁଛୁ ସୁନ୍ଦର ।
ଦା. ର.

ରାତ୍ରି, ରାତ୍ରୀ, ବି. ସ୍ତ୍ରୀ. [ରା=(ବିଶ୍ରାମ) ଦାନ କରିବା-କ୍ରିପ୍] ରଜନୀ, ନିଶା ।

ରାତ୍ରିକ, ବି. (ରାତ୍ରି-କ) ପଞ୍ଚରାତ୍ର; ଏକ ବତ୍ସର ବେଶ୍ୟାଗୃହବାସୀ ବ୍ୟକ୍ତି ।

ରାତ୍ରିଚର, ରାତ୍ରିଞ୍ଚର, ରାତ୍ରିମଟ, } ବି. (ରାତ୍ରି-ଚର୍, ମଟ୍= ବୁଲିବା-ଅ, ମ ଆଗମ) ନିଶାଚର, ଅସୁର, ରାକ୍ଷସ । ବିଂ. ରାତ୍ରିରେ ଗମନକର୍ତ୍ତା ।

ରାତ୍ରିଜଳ, ବି. ସଂ. ଶିଶିର, କୁଜ୍‌ଝଟିକା ।

ରାତ୍ରିଜାଗର, ବି. ସଂ. କୁକ୍‌କୁର ।

ରାଦ୍ଧ, ବିଂ. (ରାଧ୍=ନିଷ୍ପନ୍ନ କରିବା-ତ) ସିଦ୍ଧ, ସମ୍ପନ୍ନ; ପକ୍ୱ; ଫଳିତ ।

ରାଦ୍ଧାନ୍ତ, ବି. (ରାଦ୍ଧ-ଅନ୍ତ=ଶେଷ, ନିର୍ଣ୍ଣୟ) ସିଦ୍ଧାନ୍ତ, ମୀମାଂସା ।

ରାଧ, ବି. (ରାଧୀ—ବିଶାଖା ନକ୍ଷତ୍ରଯୁକ୍ତା ପୂର୍ଣ୍ଣିମା-ଅ) ବୈଶାଖ ମାସ । (ସ୍ତ୍ରୀ-ରାଧା) ବିଶାଖା ନକ୍ଷତ୍ର; ଶ୍ରୀକୃଷ୍ଣଙ୍କ ପ୍ରେୟସୀ ଗୋପୀବିଶେଷ; କର୍ଣ୍ଣଙ୍କ ମାତା; ବିଦ୍ୟୁତ୍; ଆମଳକୀ; ବିଷ୍ଣୁକ୍ରାନ୍ତା; ବାଣମୋକ୍ଷଣକାଳୀନ ଭଙ୍ଗୀବିଶେଷ; ଦୁଇ ପାଦ ପରସ୍ପର ଏକ ଚୂଖଣ୍ଡ ଅନ୍ତରରେ ରହିବା । (ସ୍ତ୍ରୀ-ରାଧା, ରାଧିକା) ବୃଷଭାନୁନନ୍ଦିନୀ, କୃଷ୍ଣପ୍ରିୟା । (ସ୍ତ୍ରୀ-ରାଧୀ— ରାଧ୍=ସିଦ୍ଧ କରିବା-ଅ-ଈ) ବୈଶାଖୀ ପୂର୍ଣ୍ଣିମା ।

ରାନ୍ଧଣା, ବି. (ରନ୍ଧନ ଶବ୍ଦଜ) ରନ୍ଧନ । ଯଥା—

ରାନ୍ଧଣା ଏକୁଁ ଏକ ଭଲ । ଦା. ର.

ବିଂ. ରାନ୍ଧିଥିବା, ପାକସିଦ୍ଧ । ଯଥା—

ଭାତ ଡଅଣ ଯେତେକ ଥିଲକ ରାନ୍ଧଣା,
ସବୁଥିରୁ ଅଧେ ଅଧେ ଭୁଞ୍ଜିଲ ଦୁଲଣା । ସା. ଭା. ଆ.

ରାନ୍ଧିବା, ରାନ୍ଧିରୁନ୍ଧିବା, } କ୍ରି. ( ରନ୍ଧ୍ ଧାତୁଜ ) ପାକ କରିବା । ଯଥା—

ଯେତେକ ବ୍ରାହ୍ମଣ ସେ ଅଟନ୍ତି ସାମବେଦୀ,
ନଡିହିଁ ଘରେ ଅନ୍ନ ଦିଅଇ ରାନ୍ଧିରୁନ୍ଧି । ନୃ. ପୃ. ଚ. ତ.

ରାନ୍ଧୁଣି, ବି. (ରନ୍ଧନ ଶବ୍ଦଜ) ରନ୍ଧନ ।

ରାନ୍ଧୁଣିଆ, ରାନ୍ଧୁଣିଯା, } ବି. (ଦେଶଜ କିମ୍ବା ରନ୍ଧନ ଶବ୍ଦଜ) ଯେ ରନ୍ଧନ କରେ, ସୁଆର । ଯଥା—

ଭୀମ ବୋଇଲେ ମୁଁ ରାନ୍ଧି ତ ପାରଇ,
ବିରାଟ ରାନ୍ଧୁଣିଆ ହୋଇବି ମୁଁ ଯାଇ । କୃ.ଷ୍ଣ.ବି.ପ.

ରାବିବା, କ୍ରି. (ରବ ଶବ୍ଦଜ) ଧ୍ୱନିକରିବା ।

ରାମ, ବି. (ରମ୍=କ୍ରୀଡ଼ା କରିବା-ଅ) ରାମଚନ୍ଦ୍ର; ପରଶୁରାମ; ବଳରାମ; ବରୁଣ; ଘୋଟକ; ପଶୁବିଶେଷ; ହରିଣ ବା ମୃଗବିଶେଷ । ବିଂ. ମନୋହର; ଶୁଭ୍ର; ମାଳବର୍ଣ୍ଣ । (ସ୍ତ୍ରୀ-ରାମା) ସୁନ୍ଦରୀ ସ୍ତ୍ରୀ; ଗୀତକଳାଭିଜ୍ଞା ନାରୀ ।

ରାମକେଲୀ, ବି. ସ୍ତ୍ରୀ. ସଂ. ରାଗ ବା ରାଗିଣୀବିଶେଷ ।

ରାମଠ, ବି. (ରମ୍-ଅଠ) ହିଙ୍ଗୁ ।

ରାମଣୀୟକ, ବି. (ରମଣୀୟ-କ) ଶୋଭା; ରମଣୀୟତା ।

ରାମତାଳ, ବି. (ରାମ-ତାଳ ଶବ୍ଦଜ) ବାଦ୍ୟଯନ୍ତ୍ର ବିଶେଷ । ଯଥା—

ବାଜୁଅଛି ରାମତାଳ ବେଗେ ସୁବେଲରେ ମିଳି । ବୈ. ବି.

ରାମନାମୋଚ୍ଚାରଣ ସହ ବଜାଇବା ତାଳ ।

ରାମତିଲା, ବି. (ଦେଶଜ ପ୍ରାୟ) ଏକପ୍ରକାର ରାଶି ବା ତିଳ ।

ରାମଶିଙ୍ଗା, ବି. (ରାମ-ଶୃଙ୍ଗ ଶବ୍ଦଜ) ବାଦ୍ୟଯନ୍ତ୍ର ବିଶେଷ, ହରିକୀର୍ତ୍ତନ ସମୟରେ ବୈଷ୍ଣବମାନେ ଏହାର ବ୍ୟବହାର କରନ୍ତି ।

ରାମା, ବି. (ଦେଶଜ) ଏକପ୍ରକାର ଖେଳ ।

ରାମାଉତ, ରାମାନନ୍ଦ, ରାମାନନ୍ଦୀ, } ବି. (ଦେଶଜ ପ୍ରାୟ) ଏକପ୍ରକାର ବୈଷ୍ଣବ ପନ୍ଥା ବା ସମ୍ପ୍ରଦାୟ । ଯଥା—

କୁଆଡାର ତହିଁ ମଧ୍ୟେ ବିରାଜିତା,
ପ୍ରାଚୀ କରିଛି କି ରାମାନନ୍ଦୀ ଚିତା । ନ. କେ.

ରାମାୟଣ, ବି. (ରାମ-ଆୟନ=ବାସସ୍ଥାନ, ଆଶ୍ରୟ) ବାଲ୍ମୀକିକୃତ ରାମଚନ୍ଦ୍ରଙ୍କ ଉପାଖ୍ୟାନ ଘଟିତ ମହାକାବ୍ୟ ।

ରାମ୍ଭ, ବି. (ରମ୍ଭ=ବେଣୁ-ଅ) ବ୍ରତାର୍ଥ ଧୃତ ବଂଶଯଷ୍ଟି । (ବ୍ରତେ ରାମ୍ଭସ୍ତୁ ବୈଣବଃ— ଅମର ।)

ରାମ୍ପୁଡ଼ା, ବି. (ଦେଶଜ) ନଖରେ ବିଦାରଣ ।

ରାମ୍ପୁଡ଼ାରାମ୍ପୁଡ଼, ବି. (ଦେଶଜ, କ୍ରିୟା ବ୍ୟତିହାର) ଅନ୍ୟୋନ୍ୟତଃ ନଖରେ ବିଦାରଣ ।

ରାମ୍ପୁଡ଼ିବା, କ୍ରି. (ଦେଶଜ) ନଖରେ ବିଦାରିବା ।

ରାୟ, ବି. (ରାଜନ୍ ଶବ୍ଦଜ) ରାଜା । ଯଥା—

ଭ୍ରମୁ ଭ୍ରମୁ ଠାବେ ଠାବେ ଭଗ୍ନ ହୋଇ
ସ୍ତମ୍ଭିତେ ରହିଲେ ରାୟେ । ଉର୍ବଶୀ ।

ରାଜଦତ୍ତ ଉପାଧିବିଶେଷ । ଯେପରି— ରାମାନନ୍ଦ ରାୟ । (ଯାବନିକ) ମତ, ଉପଦେଶ ।

ରାୟଣ ବି. (ରୈ=ଶବ୍ଦ କରିବା-ଅନ) ପୀଡ଼ା, କ୍ଲେଶ; ଶବ୍ଦକରଣ ।

ରାଳ, ବି. ସଂ. ସର୍ଜରସ, ଝୁଣା ।

ରାବ, ବି. (ରୁ=ଶବ୍ଦ କରିବା-ଅ) ଶବ୍ଦ, ଧ୍ୱନି ।

ରାବଣ, ବି. (ରୁ=ଶବ୍ଦ କରିବା-ଣିଚ୍-ଅନ) ଲଙ୍କାଧିପ ।

ରାଶି, ବି. (ଅଶ୍=ବ୍ୟାପିବା-ଇ, ନିପାତନ) ପୁଞ୍ଜ; ସ୍ତୂପ, ଗଦା; ମେଷାଦି ଦ୍ୱାଦଶ ରାଶି ।

ରାଷ୍ଟ୍ର, ବି. (ରାଜ୍=ଦୀପ୍ତିପାଇବା-ଷ୍ଟ୍ରନ୍) ରାଜ୍ୟ, ଦେଶ, ଉପଦ୍ରବ; ମଣ୍ଡଳ ପ୍ରଭୃତି; ପ୍ରଚାର, ପ୍ରକାଶ ।

ରାଷ୍ଟ୍ରବିପ୍ଳବ, ବି. ସଂ. ( Revolution ) ରାଜ୍ୟଶାସନର ପ୍ରଚଳିତ ପ୍ରଣାଳୀର ପରିବର୍ତ୍ତନ, ଦେଶବିଦ୍ରୋହ ।

ରାଷ୍ଟ୍ରିୟ, ରାଷ୍ଟ୍ରୀୟ, ବି. ( ରାଷ୍ଟ୍ର-ଇୟ, ଈୟ ) (ନାଟ୍ୟୋକ୍ତିରେ) ରାଜଶାଳକ । ବିଂ. ରାଜ୍ୟସମ୍ବନ୍ଧୀୟ ।

ରାସ, ବି. (ରସ୍=ଶବ୍ଦ କରିବା-ଅ) ଶ୍ରୀକୃଷ୍ଣଙ୍କ ଲୀଳାବିଶେଷ; କୋଳାହଳ, ଗୋଳମାଳ; ଶବ୍ଦ; ଶୃଙ୍ଖଳା ବନ୍ଧନ ତୁଲ୍ୟ କ୍ରୀଡ଼ାବିଶେଷ ।

ରାସଭ, ବି. ( ରସ୍=ଶବ୍ଦ କରିବା-ଅଭ ) ଗର୍ଦ୍ଦଭ ।

ରାସାଙ୍ଗତ, ବିଂ. ( ରସାତଳଗତ ଶବ୍ଦଜ ) ନିର୍ମୂଳ, ଏକାବେଳକେ ବିନଷ୍ଟ । ଯଥା—

ଶ୍ରୀନୃସିଂହ ହାତେ ମୂର ନ ମରିବ ଯେବେ,
ଏହିଠାରୁ ରାସାଙ୍ଗତ ହେବୁଁ ଆମ୍ଭେ ସବେ ।
ନୃ. ପୂ. ଷ. ଚ.

ପାତାଳଗତ ।

ରାସାନ୍ତଳ, ବି. (ରସାତଳ ଶବ୍ଦଜ) ପାତାଳ । ଯଥା—

ଆକାଶେ ଶିର ଯେ ପାଦ ଗଲା ରସାନ୍ତଳେ,
ମଧ୍ୟଭାଗ ହୋଇଲାକ ନାଭିର ମଣ୍ଡଳେ । ସା. ଭା. ଆ.

ବିଂ. ଅଧୋଗତ ।

ରାସାୟନିକ, ବିଂ. ସଂ. ( Chemical ) ରସାୟନବିଦ୍ୟା ସମ୍ବନ୍ଧୀୟ । ଯେପରି— ରାସାୟନିକ ଆକର୍ଷଣ, ରାସାୟନିକ ସମ୍ବନ୍ଧ ।

ରାସ୍ତା, ବି. (ଯାବନିକ) ପଥ, ମାର୍ଗ ।

ରାହା, ବି. (ରଥ୍ୟା ଶବ୍ଦଜ) ମାର୍ଗ, ପଥ । ଯଥା—

ଯଳାନ୍ତୁ ରେ ଅନୁସର ନିଜ ନିଜ ରାହା । କ. ବ.

ରାହାଖର୍ଚ୍ଚ, ରାହାଖରଚ, } ବି. (ଦେଶଜ) ବାଟଖରଚ, ପାଥେୟ ।

ରାହାଗିର, ବି. (ଯାବନିକ) ପଥିକ ।

ରାହାଜାନି, ରାହାଜାମି, } ବି. (ଯାବନିକ ବା ପାରସ୍ୟ) ପଥରେ ଦସ୍ୟୁତା, ଡକାଇତି; ଗତାଗତମାର୍ଗ ।

ରାହାଦାରି, ରାହାଧାରି, } ବି. ( ଦେଶଜ ) ଗତାଗତ-ମାର୍ଗ ।

ରାହାସ, ବି. (ରାସ ଶବ୍ଦଜ) ସ୍ତ୍ରୀମାନଙ୍କ ସହିତ କ୍ରୀଡ଼ାବିଶେଷ । ଯଥା—

ସରଯୂ ନଦୀର ତୀରେ ରାହାସ ମୁଁ କରି,
ବାଳକଭାବେ ଯିବ ବାର ବରଷ ପୂରି । ନୃ.ପୁ.ତୃ.ଚ.

ରାହିନ, ବି. (ଯାବନିକ) ଯେ ବ୍ୟକ୍ତି ସମ୍ପତ୍ତି ବନ୍ଧା ଦିଏ ।

ରାହୁ, ବି. (ରହ୍ = ତ୍ୟାଗକରିବା-ଉ) ଅଷ୍ଟମ ଗ୍ରହ; ତ୍ୟାଗ ।

ରାହୁତ, ବି. ( ଯାବନିକ ) ଜାତିବିଶେଷ; କାୟସ୍ଥ ଜାତିର ଉପାଧିବିଶେଷ ।

ରାହୁତିଆ, ରାଉତିଆ, } ବି. (ଦେଶଜ) କ୍ଷତ୍ରିୟ ଜାତି-ବିଶେଷ । ଯେପରି—କାଠ-ରାଉତିଆ କ୍ଷତ୍ରିୟ ।

ରିକା, ବିଂ. (ରିକ୍ତ ଶବ୍ଦଜ, ପ୍ରାକୃତ) ଶୂନ୍ୟ; ନିଷ୍ଫଳ ।

ରିକାଇବା, କ୍ରି. (ଦେଶଜ, ଗଞ୍ଜାମରେ ନିମ୍ନ ଶ୍ରେଣୀରେ ବ୍ୟବହୃତ) ଢାଳିଦେବା; ଶୂନ୍ୟ କରିଦେବା । (ଏହି ସବଦ ବ୍ୟବହୃତ ହେବା ବାଞ୍ଛନୀୟ ।)

ରିକାବ, ରିକାବି, ବି. (ଯାବନିକ) ଛୋଟ ଥାଳି ।

ରିକ୍ତ, ବିଂ. (ରିଚ୍=ବିଯୁକ୍ତ ହେବା-ତ) ଶୂନ୍ୟ, ଖାଲି; ନିଷ୍ଫଳ; ଦରିଦ୍ର । ବି. ବନ; ଅବକାଶ; ଶୂନ୍ୟ । (ସ୍ତ୍ରୀ-ଆ) ଚତୁର୍ଥୀ ପ୍ରଭୃତି ତିଥି ।

ରିକ୍ଥ, ବି. (ରିଚ୍ = ସଂପୃକ୍ତ ହେବା-ଥ) ଧନ, ସ୍ଥାବର ଅସ୍ଥାବର ସମ୍ପତ୍ତି ।

ରିକ୍ଥହାରୀ, ବି. ସଂ. ଦାୟାଦ; ଉତ୍ତରାଧିକାରୀ; ମାତୁଳ ।

ରିଙ୍ଖଣ, ରିଙ୍ଗଣ, ବି. (ରିନ୍ଖ୍, ରିନ୍ଗ୍ = ଗମନ କରିବା-ଅନ) ଗମନ; ସ୍ଖଳନ; ପତନ; ସନ୍ମାର୍ଗରୁ ଚ୍ୟୁତି; ବାଳକ ହାମୁଡ଼ିବା ।

ରିଝ, ବି. (ଦେଶଜ) ରଞ୍ଜନ, ବିନୋଦନ । ବିଂ. ମନୋମୀତ । ଯଥା—

ଶ୍ଲେଷ ହିଙ୍ଗୁଳରଦନ- ବାସୁଁ କରି ମଧୁଦାନ
କଲ ସୁସ୍ମିତ କହେ ରିଝ ଯେ । ର. ପ.

ରିଝା, ବି. (ଦେଶଜ) ରଞ୍ଜନ; ବିନୋଦନ । ବିଂ. ମନୋମୀତ । ଯଥା—

ମନ ରିଝା ପୀରତିକି କେ କଲନି ମନା । ସଙ୍ଗୀତ ।

ରିଝାଇବା, କ୍ରି. ( ଦେଶଜ ) ରଞ୍ଜାଇବା, ମନାଇବା । ଯଥା—

ସୁଲୋଚନାକୁ କହିବ ବୁଝାଇ,
ଦୂତୀ ହୋଇଣ ତା ମନ ରିଝାଇ । ବୃ. ପ.

ରିଝିବା, କ୍ରି. (ଦେଶଜ) ମଜ୍ଜିବା; ସନ୍ତୁଷ୍ଟ ହେବା । ଯଥା—

ଭଗତଭାବେ ଯେ ଭଜଇ,
ମୋ ମନ ତାଠାରେ ରିଝଇ । ଦା. ର.

ମନୋମୀତ କରିବା । ଯଥା—

କହିଲେଣ ପ୍ରସଙ୍ଗ ନ ବୁଝି କଥା ରିଝେ,
ଖରସ୍ପର୍ଶେ ହୋଇଣ ସ୍ଖଳଇ ବହି ବୋଝେ ।
ନୃ. ପୁ. ଦ୍ଵି. ଚ.

ରିଣ, ବି. (ଋଣ ଶବ୍ଦଜ ପ୍ରାକୃତ) ଋଣ ।

ରିତୁ, ବି. (ଋତୁ ଶବ୍ଦଜ ପ୍ରାକୃତ) ବସନ୍ତାଦି ଋତୁ; ସ୍ତ୍ରୀରଜଃପ୍ରକାଶ । ଯଥା—

ବରଷେ ହେଲେ ରିତୁ ହୋଇ,
ରିତୁ ଅମୃତ ସର୍ବଦେହୀ । ବି. ପୁ.

ରିପୁ, ବି. [ରିପତ୍ୟପକୀର୍ତ୍ତିଂ ରିପୁଃ, ରପଲପ ବ୍ୟକ୍ତାୟାଂ ବାଚି—ରପ୍ = ( ଅପକୀର୍ତ୍ତି ) କହିବା-ଉ, ଅ = ଇ] ଶତ୍ରୁ, ବିପକ୍ଷ; କାମ, କ୍ରୋଧ, ଲୋଭ, ମୋହ, ମଦ ଓ ମାତ୍ସର୍ଯ୍ୟ ଶରୀରସ୍ଥ ଏହି ଷଡ୍ଶତ୍ରୁ; ଲଗ୍ନର ଷଷ୍ଠସ୍ଥାନ ।

ରିମା, ବି. (ଦେଶଜ) କ୍ରୋଧ, ରୋଷାବେଶ ।

ରିମି, ବି. (ଗଡ଼ଜାତରେ) ବନ୍ୟପଶୁଦ୍ୱାରା ହତ ମୃଗଜାତୀୟ ଜୀବ ବା ଜନ୍ତୁ ।

ରିରଂସା, ବି. ସ୍ତ୍ରୀ. (ରମ୍ = ରମଣ କରିବା-ସନ୍ ଇଚ୍ଛାର୍ଥେ ଦ୍ୱିତ୍ୱ-ଅ-ଆ ) ରମଣେଚ୍ଛା; କ୍ରୀଡ଼ାର ଇଚ୍ଛା । (ବିଶେଷଣରେ ରିରଂସୁ ହୁଏ । )

ରିଷ୍ଟ, ବି. (ରିଷ୍ = ବଧକରିବା-ତ) କଲ୍ୟାଣ, ଶୁଭ; ଅଶୁଭ; ପାପ; ନାଶ; ଅଭାବ; ପାରଦ; ଖଡ଼୍ଗ । ବିଂ. ପାପଜନକ; ଅଶୁଭଦାୟକ; ଅଶୁଭଯୁକ୍ତ ।

ରିଷ୍ଟି, ବି. ( ରିଷ୍-ତି ) ଅଶୁଭ; ଅସୌଭାଗ୍ୟ; ଶୁଭ; ଖଡ଼୍ଗ; ଅମଙ୍ଗଳ ।

ରିସବତ୍, ବି. ( ଯାବନିକ ବା ଆରବୀ ) ଉତ୍କୋଚ ।

ରିସା, ବି. ( ଈର୍ଷା = ପ୍ରାକୃତ ଈସା ଶବ୍ଦଜ ) କ୍ରୋଧ । ଯଥା—

> କେ ଅବା ରିସା କରଣ ଶଣା,
> ସଙ୍ଗତେ ପିଟି ଅନେକ ମୂଷା,
> ବୋଲେ ମୋ ପକ୍ଷ କେ ଅଛୁ ରସା,
> ଶୂନ୍ୟେ ଡେଇଁଲ ଯେ । ସୁ. ପ.

ରିସ୍ୱତ୍, ରିସପତ, ବି. (ଯାବନିକ) ଲାଞ୍ଚ ।

ରିହ, ବି. (ଈର୍ଷା ଶବ୍ଦଜ) ରୋଷ । ଯଥା—

> ମରୁତ ସାରଥି ବୋଲେ ଗୁଡ଼ ସ୍ୱାର ରିହ,
> ଅନାଥ ଲୋକରେ କପାଁ କର ଏଡ଼େ କୋହ ।
> ସା. ଭା. ସ. ପ.

ରୀଢ଼ା, ବି. ସ୍ତ୍ରୀ. (ରିହ = ରଣକରିବା-କ୍ତ ବା ତ-ଆ) ଅବଜ୍ଞା, ଘୃଣା ।

ରୀତି, ବି. ସ୍ତ୍ରୀ. (ରୀ = ଗମନ କରିବା-ତି) କ୍ରମ, ଧାରା, ପଦ୍ଧତି; ସ୍ୱଭାବ; କ୍ଷରଣ; ଲୌହମଳ । ଦେଶ ବିଦେଶୀୟ ଆଗୃହ ବ୍ୟବହାର; ସୀମା; ଗମନ; ସ୍ୱାଭାବିକ କର୍ମ; ଗୁଣ ବା ପ୍ରବୃତ୍ତି; ପିତ୍ତଳ; କାବ୍ୟର ପଦ ସଂଘଟନା ବିଶେଷ ।

ରୁ, ଅଂ. (ଦେଶଜ) ପଞ୍ଚମୀବିଭକ୍ତି ପ୍ରତ୍ୟୟ ।

ରୁଅ, ବି. (ଦେଶଜ) ଛପରବନ୍ଧ କରିବା ପାଇଁ ଗୃହର ଉପର ସଜାଇବା ସେଜ ବା ଲମ୍ବ କାଷ୍ଠଖଣ୍ଡମାନ । ଯଥା—

> ବଳଦ ବାସୁଡ଼ା ଘର ଗୁହଅଛୁ ଦୂବ କର ରୁଅ ବତା ।
> ନୃ. ପ୍ର. ସ. ତ.

ଦେବତାଙ୍କ ସ୍ତୋତ୍ରପାଠାଦିର ଏକ ବାର ଆବୃତ୍ତି । ଯଥା—

> ରୁଏ ଅଭିଷେକପାଇଁ ଦକ୍ଷିଣା ଗ୍ରହଣା । ଭ.ସା.୧୮.୯.

ରୁଆ, ବି. (ଦେଶଜ) ପରାଗ, ଧୂଳି; କ୍ଷୁଦ୍ରଅଂଶ । ଯଥା—

> କୁଙ୍କୁମରୁଆ ଚନ୍ଦ୍ର ଚନ୍ଦନ ଅଙ୍ଗେ ବୋଳି,
> ସୁବର୍ଣ୍ଣକୁମ୍ଭେ ପାଣି ଢ଼ାଳିଲେ ଅଙ୍ଗେ ଆଳୀ ।
> କୃ. ଭ. ଆ. ପ.

( ରୋହ ଶବ୍ଦଜ ) ଅଙ୍କୁର; ଧାନଗଛ ରୋପଣ । ବିଂ. ରୋପଣ କରା ଯାଇଥିବା । ଯେପରି—ରୁଆ ଧାନଗଛ ।

ରୁଆଇବା, ରୋଇବା, କ୍ରି. ରୋପଣ କରିବା ।

ରୁକ୍, ବି. (ରୁଚ୍ = ଦୀପ୍ତି ପାଇବା-କ୍ୱିପ୍)ଦୀପ୍ତି; ଶୋଭା; ଇଚ୍ଛା । (ରୁଜ୍—ରୁଜ୍ = ପୀଡ଼ିତ ହେବା କ୍ୱିପ୍) ପୀଡ଼ା, ରୋଗ; ବିଦ୍ୟୁତ୍; ଋଗ୍‌ବେଦ ।

ରୁକିବା, କ୍ରି. ( ଗଡ଼ଜାତରେ ) ଢାଳିବା, ଢାଳିଦେବା ।

ରୁକ୍ମ, ବି. ( ରୁଚ୍ = ଦୀପ୍ତି ପାଇବା-ମ ) ସ୍ୱର୍ଣ୍ଣ; ନାଗକେଶର; ଧୁସ୍ତୁର; ଲୌହ ।

ରୁକ୍ଷ, ବିଂ. (ରୁହ୍ = ଉତ୍ପନ୍ନ ହେବା-ସକ୍, ହ = କ) କର୍କଶ; କଠିନ; ଅଚିକ୍କଣ; ନିଷ୍ଠୁର; ଉଗ୍ର, ତୀବ୍ର ।

ରୁଖ, ବି. ( ରୋକ ଶବ୍ଦଜ ) ବାଣର ଅଗ୍ନି-ସ୍ଫୁଲିଙ୍ଗ । ( ରୁକ୍ଷ ଶବ୍ଦଜ ) ଏକପ୍ରକାର ଲୁହା, ରୁଖଲୁହା ।

ରୁଖା, ବିଂ. ( ରୁକ୍ଷ ଶବ୍ଦଜ ପ୍ରାକୃତ ) କର୍କଶ । ଯେପରି—ରୁଖାଭାତ । ( ଦେଶଜ କମ୍ବା ପାତ୍ରବିଶେଷାର୍ଥବୋଧକ ଉଖ ଶବ୍ଦର ଅନୁକରଣରେ ସୃଷ୍ଟ) ଦୀପର ଆସନ, ଦୀପାଧାରପାତ୍ର । ଯଥା—

> ପାଞ୍ଚ କୁମ୍ଭ ପାଞ୍ଚ ରୁଖା ପାଞ୍ଚ ଦୀପ ଜାଳି । ମ°. ଫ.

ରୁଖାଭାତ, ବି. (ରୁକ୍ଷଭକ୍ତ ଶବ୍ଦଜ) ବିଗଡ଼ା-ଅନ୍ନ । ଯଥା—

> ଯେ ରାମ ବୋଲେ ରୁଖାଭାତ,
> ଦହି ବୋଲନ୍ତି ସେ ମହନ୍ତ । ଦା. ର.

ରୁଗୁଡ଼, ବି.(ଗଡ଼ଜାତରେ)କାଙ୍କର ବା ଗୋଡ଼ ।

ରୁଗ୍ଣ, ବିଂ. ( ରୁଜ୍ = ପୀଡ଼ିତ ହେବା-ତ ) ରୋଗାନ୍ୱିତ, ପୀଡ଼ିତ; ଭଗ୍ନ; ଆହତ ।

ରୁଚ୍, ରୁଚ୍ଚ, ବି. ସ୍ତ୍ରୀ. ସଂ. କାନ୍ତି, ଶୋଭା; ଇଚ୍ଛା ।

ରୁଚି, ରୁଚୀ, ବି. ସ୍ତ୍ରୀ. (ରୁଚ୍ = ଦୀପ୍ତିପାଇବା ଇତ୍ୟାଦି-ଇ, ଈ) ପ୍ରୀତି; ସ୍ପୃହା; ଶୋଭା; ଦୀପ୍ତି; କିରଣ; ଆସ୍ୱାଦ; ବୁଭୁକ୍ଷା; ଗୋରୋଚନା ।

ରୁଚିର, ବିଂ. (ରୁଚ୍-ଇର) ସୁନ୍ଦର, ମନୋଜ୍ଞ; ମଧୁର; ଉଜ୍ଜ୍ୱଳ । ବି. କୁଙ୍କୁମ ।

ରୁଜ୍, ରୁଜା, ବି. ସ୍ତ୍ରୀ. ସଂ. ବ୍ୟାଧି, ପୀଡ଼ା; ଭଙ୍ଗ; ହାନି; କୁଷ୍ଠ ।

ରୁଜି, ରୁଜୁ, ବି. (ଦେଶଜ) ଖଡ଼ିଲେଖା; ଖଡ଼ିରେ ଗଣିତ କରିବା । ଯଥା—

ବୃହସ୍ପତିଙ୍କ ହସ୍ତେ କରାଇ ଖଡ଼ି ରୁଜି,
ଅଙ୍କକୁ ସ୍ଥାପିଣ ସର୍ବେ ନ ପାରିଲୁ ହେଜି । ନୃ.ପ୍ର.ଚ.ତ.

ଅନ୍ୟର ବାକିଥିବା ପଦାର୍ଥ ଦେବାକୁ ସ୍ୱୀକାର କରିବା ।

ରୁଜିଦେବା, ରୁଜୁଦେବା, କ୍ରି. (ଦେଶଜ) ଉକ୍ତ କଥାକୁ ସପ୍ରମାଣ କରିବା ।

ରୁଜିହେବା, ରୁଜୁହେବା, କ୍ରି. (ଦେଶଜ) ସମ୍ମୁଖରେ ନିଦର୍ଶନ ପ୍ରଦର୍ଶନ ପୂର୍ବକ କହିବା । ଯଥା—

ତେଣୁକରି ମହାପ୍ରଭୁ ଯିବେ ବର ଝଙ୍କି,
କାଲି ଅସି ତୁମ୍ଭଙ୍କୁ ସମସ୍ତ ହେବେ ରୁଜି । ନୃ.ପ୍ର.ଚ.ତ.

ରୁଜୁ, ବି. (ଦେଶଜ) ଉକ୍ତ ବିଷୟର ସତ୍ୟତା ପ୍ରଦର୍ଶନ ।

ରୁଝାଳ, ବି. (ଦେଶଜ) ଦୁଇ ପର୍ବତ ମଧ୍ୟସ୍ଥ ଗଭୀର ନିମ୍ନଭାଗ । ବିଂ. ଅତିଗଭୀର ।

ରୁଝାଳିବା, କ୍ରି. ( ଦେଶଜ ) ଗଭୀର କରି ଖୋଳିବା, କୂପ ପ୍ରଭୃତିରୁ ପଙ୍କ ଉଦ୍ଧାର କରି ଗଭୀର କରିବା ।

ରୁଞ୍ଜି, ବିଂ. (ଦେଶଜ) ମନୋହର, ମଞ୍ଜୁଳ । ଯଥା—

ଗୋରୋଚନା ଚିତା ଶୋଭେ କପାଳେ,
ତହିଁ ଉପରେ ରୁଞ୍ଜି ଗୁଞ୍ଜ ମାଳେ । ଗୋ. ଭା.

ରୁଟ୍‌କିନ, କ୍ରି. ବିଂ. ( ଦେଶଜ ) ହଠାତ୍, ଟୁକୁକିନ । ଯଥା—

ଭୁଇଁ ତଳେ ତଳେ ଥାଏ,
କଅଁଳ ମାଉଁସ ଟିକିଏ ପାଇଲେ ରୁଟ୍‌କିନ ଖାଏ ।
ଉ. ସା.

ରୁଟି, ବି. (ରୋଟିକା ଶବ୍ଦଜ) ପିଷ୍ଟକବିଶେଷ ।

ରୁଠା, ରୁଣ୍ଠା, ବିଂ. ( ଦେଶଜ ) ନୀରସ, ଅନୁର୍ବର ।

ରୁଢ଼, ବି. (ରୁହ୍ ଧାତୁଜ) ଅଳ୍ପ ଉଠିଥିବା ବାଳ । ଯଥା—

(ବାଳ) ଅର୍ଦ୍ଧ ଅଙ୍ଗୁଳ ବଢ଼ିଲେ ରୁଢ଼ ବୋଲି କହି ।
ନୃ. ପ୍ର. ପ୍ର. ତ.

ରୁଣଝୁଣ, ରୁଣୁଝୁଣୁ, ବି. (ଦେଶଜ) ଅଳଂକାରାଦିର ଶବ୍ଦବିଶେଷ । ଯଥା—

ଚଳନ୍ତେ ନୂପୁର ତାର ରୁଣଝୁଣ ବାଜେ । ବ. ଗୁ.

ଅଂ. ଶବ୍ଦାନୁକରଣବିଶେଷ ।

ରୁଣ୍ଡ, ବି. (ରୁନଠ୍ = ଲୁଣ୍ଠନ କରିବା, ଚୋରି କରିବା-ଅ, ଠ = ଡ଼) କବନ୍ଧ, ଶିରୋହୀନ କଳେବର । (ଦେଶଜ) ବିଂ. ଏକତ୍ରିତ । ଯଥା—

ଚଣ୍ଡାୟୁଧ ଖଣ୍ଡ ଯୁଦ୍ଧେ ହୋଇ ରୁଣ୍ଡ । ନ. କେ.

ରୁଣ୍ଡହେବା, କ୍ରି. (ଦେଶଜ) ଏକତ୍ରିତ ହେବା ।

ରୁଣ୍ଡାଇବା, ରୁଣ୍ଡିଆଇବା, ରୁଣ୍ଡେଇବା, କ୍ରି. ( ଦେଶଜ ) ଗୋଟାଇ ଏକତ୍ରିତ କରି ନେବା । ଯଥା—

ସବୁଙ୍କୁ ଖଗେ ଯାଇ ଧଇଲା ରୁଣ୍ଡିଆଇ,
ସମୁଦ୍ରେ ପକାଇଲା ବଡ଼ବାନଳେ ନେଇ । ନୃ ପ୍ର ଚ.ତ.

ରୁଣ୍ଡିକା, ବି. ସ୍ତ୍ରୀ. (ରୁଣ୍ଡ-କ-ଆ, ଅକ-ଇକ) ରଣସ୍ଥଳ; ଦ୍ୱାରର ସମ୍ମୁଖ; ଚୌକାଠ; କୁଟ୍ଟିମ; ବିଭୂତି; ଦୈବଶକ୍ତି ।

ରୁତ, ରୁତ୍ର, ବି. ( ରୁ = ଶବ୍ଦ କରିବା, କାନ୍ଦିବା-ତ, କ୍ରୁପ୍ ) ପଶୁପକ୍ଷିର ଶବ୍ଦ; କ୍ରନ୍ଦନ; ରବ, ଶବ୍ଦ ।

ରୁଦିତ, ବି. (ରୁଦ୍ = କାନ୍ଦିବା-ତ) ରୋଦନ । ବିଂ. ରୋଦନକାରୀ ।

ରୁଦ୍ଧ, ବିଂ. (ରୁଧ୍ = ଆବରଣ କରିବା-ତ) ଆବୃତ; ପ୍ରତିବନ୍ଧ; ବ୍ୟାପ୍ତ; ନିବାରିତ ।

ରୁଦ୍ର, ବି. (ରୁଦ୍ = ରୋଦନ କରିବା-ଣିଚ୍-ର) ଶିବ; ଅଜ, ଏକପାଦ ପ୍ରଭୃତି ଏକାଦଶ ଗଣଦେବତାବିଶେଷ; ଏକାଦଶ ସଂଖ୍ୟା; ଆର୍ଦ୍ରା ନକ୍ଷତ୍ର ।

ରୁଦ୍ରଜଟା, ବି. ସଂ. ପିଙ୍ଗଳବର୍ଣ୍ଣ ଲତାବିଶେଷ ।

ରୁଦ୍ରାକ୍ଷ, ବି. ସଂ. ବୃକ୍ଷବିଶେଷ, ତାହାର ଫଳ ।

ରୁଦ୍ରାଣୀ, ବି. ସ୍ତ୍ରୀ. ( ରୁଦ୍ର-ଈ, ଆନ ଆଗମ ) ରୁଦ୍ରପତ୍ନୀ, ଦୁର୍ଗା ।

ରୁଦ୍ରାୟଣୀ, ବି. ସ୍ତ୍ରୀ. (ରୁଦ୍ରାଣୀ ଶବ୍ଦଜ) ଦୁର୍ଗା, ଅଷ୍ଟାଦଶ ଦେବୀଙ୍କ ମଧ୍ୟରୁ ଏକ । ଯଥା—

ବ୍ରହ୍ମାୟଣୀ ରୁଦ୍ରାୟଣୀ, ଭଦ୍ରା ଠାକୁରାଣୀ । ନୃ.ପୁ.ତୃ.ତ.

ରୁଧିର, ବି. (ରୁଧ୍ = ଆବରଣ କରିବା-ଇର) ଶୋଣିତ, ରକ୍ତ; କୁଙ୍କୁମ; ମଙ୍ଗଳ ଗ୍ରହ; ରକ୍ତବର୍ଣ୍ଣ । ବିଂ. ରକ୍ତବର୍ଣ୍ଣବିଶିଷ୍ଟ ।

ରୁନ୍ଧା, ରୁନ୍ଧାରୁନ୍ଧି, ବି. ( ରୁଧ୍ ଧାତୁଜ ) ପ୍ରତିରୋଧ ।

ରୁନ୍ଧିବା, କ୍ରି. (ରୁଧ୍ = ପ୍ରାକୃତ ରୁନ୍ଧ ଧାତୁଜ) ପ୍ରତିରୋଧ କରିବା ।

ରୁନ୍ଧହେବା, କ୍ରି. (ରୁଧ୍ ଧାତୁଜ) ରୁଦ୍ଧ ହେବା; ଆକ୍ରାନ୍ତ ହେବା, ଆକ୍ରମଣରୁ ବାଧା ପାଇବା । ଯଥା—

ଦ୍ରୌପଦୀ ବୋଇଲେ ମୁଁ ଅଟଇ ସେରନ୍ଧ୍ରୀ,
ମୋତେ ଦେଖି କପାଁରୁ କାମରେ ହେଉ ରୁନ୍ଧ ।
କୃ. ଭା. ବି. ପ.

ରୁପା, ବି. (ରୌପ୍ୟକ—ପ୍ରାକୃତ ରୁପ୍ପ ଶବ୍ଦଜ) ରଜତ ।

ରୁପିଆ, ବି. (ଦେଶଜ) ଟଙ୍କା । ଯଥା—

ନଅ ରୁପିଆ ପାଞ୍ଚଗୋଟି । ଦା. ଭ.

ରୁପିବା, } କ୍ରି. ( ରୋପ୍ ଧାତୁଜ ) ବୃକ୍ଷାଦି
ରୋପିବା, } ରୋପଣ କରିବା । ଯଥା—

ପ୍ରେମ ପାଦପ ରୁପାଇବ । ପ୍ରେ. ସୁ. ନି.

ରୁପୁଲି, ବିଂ. ( ଦେଶଜ ) ରୌପ୍ୟନିର୍ମିତ । ଯଥା—

କନ୍ଧେଇ ରଖିଛୁ ରୁପୁଲି ବାଡ଼ି । ଉ. ସା.

ରୌପ୍ୟସମ୍ବନ୍ଧୀୟ ।

ରୁବା, ରୁବୁଣା, ବି. ( ଦେଶଜ ) ରୁବୁଣାରେ ପେଷଣ, ଚୂର୍ବିବା ।

ରୁବିବା, } କ୍ରି. ( ଦେଶଜ ) ରୁବୁଣାରେ
ରୋବିବା, } ପେଷିବା ।

ରୁବୁଣା, } ବି. ( ଦେଶଜ ) ପେଷଣଯନ୍ତ୍ର,
ରୋବଣା, } ଯହିଁରେ ବିରି ମୁଗ ପ୍ରଭୃତି ରୁବନ୍ତି ।

ରୁମ, ବି. (ରୋମନ୍ ଶବ୍ଦର ଅପଭ୍ରଂଶ) ଲୋମ ।

ରୁମଲୁଗୁବେଳ, ବି. (ଦେଶଜ) ସନ୍ଧ୍ୟାସମୟ ।

ରୁମା, ବି. ସଂ. ସୁଗ୍ରୀବଙ୍କ ଭାର୍ଯ୍ୟା ।

ରୁମାଲ, } ବି. ( ଯାବନିକ ) ଛୋଟ ବସ୍ତ୍ର-
ରୋମାଲ, } ବିଶେଷ, ମୁଖମାର୍ଜନ ବସ୍ତ୍ର ।

ରୁରୁ, ବି. ( ରୁ = ରବ କରିବା-ରୁ ) ମୃଗବିଶେଷ; ଦୈତ୍ୟବିଶେଷ ।

ରୁରୁଦିଷୁ, ବିଂ. (ରୁଦ୍ = କାନ୍ଦିବା-ସନ୍ ଇଚ୍ଛାର୍ଥେ ଦ୍ୱିତ୍ୱ-ଉ) ରୋଦନ କରିବାକୁ ଇଚ୍ଛୁକ । (ବିଶେଷ୍ୟରେ ରୁରୁଦିଷା ହୁଏ ।)

ରୁବୁ, ରୁବୂକ, } ବି. ସଂ. ଏରଣ୍ଡବୃକ୍ଷ,
ରୁବୁକ, ରୂବୁକ, } ଗବଗଛ ।

ରୁଷ୍, ରୁଷା, ବି. ସ୍ତ୍ରୀ. (ରୁଷ୍ = କ୍ରୋଧ କରିବା-କ୍ୱିପ୍, ଆ) ରୋଷ, କ୍ରୋଧ, ରାଗ; ମାନ କରିବା । ଯଥା—

ଟିକିକ ଦୋଷକୁ ରମା କେଡ଼େ ରୁଷା ରୁଷିଲୁ । ସଙ୍ଗୀତ.

(ବିଶେଷଣରେ ରୁଷିତ ଏବଂ ରୁଷ୍ଟ ହୁଏ ।)

ରୁଷାଣି, } ବି. ( ରୋଷ ଶବ୍ଦଜ ) ରୋଷ,
ରୁଷଣି, } କ୍ରୋଧ; ମାନ; ବ୍ରତ ଓ ବିବାହରେ ବ୍ରହ୍ମଚାରୀ ଓ ବର ରୁଷିଯିବା । ଯଥା—

(ବିବାହରେ) ସେ ଯଜ୍ଞୋପବୀତକୁ ଘେନଲେ
ଶେଷେ ପୁଣି ।
ଏଥି ଉତ୍ତାରୁ ପୁଣ କଲେକ ସେ ରୁଷଣି । ନୃ.ପୁ ତୃ.ତ.

ରୁଷିବା, କ୍ରି. (ରୁଷ୍ ଧାତୁଜ) ଅଭିମାନକରିବା; କ୍ରୋଧକରିବା । (ରୁଷା ଶବ୍ଦ ଦେଖ ।)

ରୂହ, ବିଂ. (ରୁହ୍ = ଉତ୍ପନ୍ନହେବା-ଅ) ଜାତ । ଯଥା— ଭୂରୁହ, ମହୀରୁହ । ଆରୂଢ଼ । (ସ୍ତ୍ରୀ-ଆ) ବି. ଦୂବା ।

ରୁହାଇବା, କ୍ରି. (ରୁହ୍ ଧାତୁଜ) ରଖାଇବା । ଯଥା—
କ୍ଷଣସତ୍ତ୍ୱ ପ୍ରଜ୍ଞାକ ସ୍ଥିର କରି ମୁଁ ରୁହାଇବି । ପ୍ରେ.ସୁ.ନି.
ସ୍ଥିର ରଖିବା, ସ୍ଥିର କରିବା । ଯଥା—
କୁଷ୍ମାଣ୍ଡକ ବନେ ନେଇଁ ଥାଟ ସେ ରୁହାଇ । ସା.ଭା.ବି

ରୂଢ଼, ବିଂ. (ରୁହ୍ —ଉତ୍ପନ୍ନହେବା-ତ) ଉତ୍ପନ୍ନ; ପ୍ରସିଦ୍ଧ; ପ୍ରବୃଦ୍ଧ । ପ୍ରକୃତି ପ୍ରତ୍ୟୟର ଅର୍ଥ ଅପେକ୍ଷା ନ କରି ଅନ୍ୟାର୍ଥ ପ୍ରକାଶକ (ଶବ୍ଦ) । ଯେପରି—ଗୋ ବୃକ୍ଷାଦି ।
(ମୁଖ୍ୟା ଲକ୍ଷଣିକୋ ଗୌଣଃ ଶବ୍ଦଃ ସ୍ୟାଦ୍ଦୌପଚାରିକଃ । ଯୌଗିକୋ ଯୋଗରୂଢ଼ୋ ବା ରୂଢ଼ୋ ବା ମୁଖ୍ୟ ଏବ ସଃ ।)
(ବିଶେଷ୍ୟରେ ରୂଢ଼ି ପଦ ନିଷ୍ପନ୍ନ ହୁଏ ।)

ରୂପ, ବି. (ରୂପ୍—ରୂପଯୁକ୍ତ କରିବା-ଅ) ସ୍ୱଭାବ; ଶରୀର; ଆକୃତି; ପ୍ରକାର; ସୌନ୍ଦର୍ଯ୍ୟ; ଶୁକ୍ଳାଦି ବର୍ଣ୍ଣ; ବିଭକ୍ତିଯୁକ୍ତ ଶବ୍ଦ ବା ଧାତୁ; ଦୃଶ୍ୟକାବ୍ୟ । ବିଂ. (ଶବ୍ଦର ପରବର୍ତ୍ତୀ ହେଲେ) ସଦୃଶ, ତୁଲ୍ୟ । ଯେପରି—ତଦ୍ରୂପ = ତତ୍ତୁଲ୍ୟ ।

ରୂପକ, ବି. (ରୂପ୍-ଣିଚ୍-ଅକ) ଆକୃତି; କାବ୍ୟର ଅଳଂକାରବିଶେଷ; ନାଟ୍ୟଗ୍ରନ୍ଥବିଶେଷ; ଦୃଶ୍ୟକାବ୍ୟ; ଶୁକ୍ଳାଦି ବର୍ଣ୍ଣ; ଗୁଞ୍ଜାବିପ୍ ପରିମାଣ ।

ରୂପଧେୟ, ବି. (ରୂପ-ଧେୟ ସ୍ୱାର୍ଥେ) ସୌନ୍ଦର୍ଯ୍ୟ ।

ରୂପସୀ, ବି. ସ୍ତ୍ରୀ. (ରୂପୀ/ରୂପସୀ ଶବ୍ଦଜ) ରୂପବତୀ । ଯଥା—
ରୂପାସ୍ତ୍ରର ହେଲ ରୂପସୀ ଷଷ୍ଠୀ ଅମୋଘ ବାଣ । ଚ.ଭା.

ରୁପାଈ, } ବି. ସ୍ତ୍ରୀ. (ଦେଶଜ) ଦେବୀବିଶେଷ ।
ରୁପାଇ, } ଯଥା—
ରୁପାଇ ହାଡ଼ବାଇ କମ୍ପାଇ ମହାମାସ୍ତ୍ରୀ,
ନମାଇ ଅନନ୍ତାଇ ପଟୋଲୀ ପର୍ବତାଇ । ନୃ.ସ୍ୱ ଚ ତ

ରୂପାଜୀବା, ବି. ସ୍ତ୍ରୀ. (ରୂପ-ଆଜୀବ = ଜୀବିକା) ବେଶ୍ୟା ।

ରୂପାସ୍ତ୍ର, ବି. (ରୂପ-ଅସ୍ତ୍ର) କନ୍ଦର୍ପ । (ରୂପସୀ ଶବ୍ଦ ଦେଖ ।)

ରୂପ୍ୟ, ବି. (ରୂପ-ଯ) ରୌପ୍ୟ; ସ୍ୱର୍ଣ୍ଣ; ଅଳଂକାରାଦି ନିର୍ମାଣାର୍ଥେ ଆହତ ସ୍ୱର୍ଣ୍ଣ ବା ରୌପ୍ୟ । ବିଂ. ରୂପବାନ୍, ସୁନ୍ଦର ।

ରୂଷିତ, ବିଂ. (ରୂଷ୍—ଭୂଷିତକରିବା-ତ) ଭୂଷିତ; ଚୂର୍ଣ୍ଣିତ; ଦୂଷିତ; ଲେପିତ ।

ରେ, ଅଂ. ( ରୁ = ଶବ୍ଦକରିବା-ଏ ) ନୀଚସମ୍ବୋଧନ ।

ରେକ, ବି. ( ରେକ = ଶଙ୍କା କରିବା-ଅ ) ସନ୍ଦେହ, ଶଙ୍କା; ବେଙ୍ଗ; ନୀଚ । (ରିଚ୍ = ନିଃସରଣ କରିବା-ଅ ) ବିରେଚନ । (ଦେଶଜ) ବେତନିର୍ମିତ ପରିମାଣପାତ୍ରବିଶେଷ; ବୃଦ୍ଧାଙ୍ଗୁଳି ଏବଂ ମଧ୍ୟମାଙ୍ଗୁଳିକୁ ଅର୍ଦ୍ଧବୃତ୍ତାକାର କଲେ ତହିଁ ମଧ୍ୟବର୍ତ୍ତୀ ସ୍ଥାନର ପରିମାଣ । ଯଥା—
ହେଲା ରେକ ସଂଖ୍ୟା କଟି,
ଖସି ନିତମ୍ବ ବିମ୍ବକୁ ଆଶ୍ରେ କଲା ଶାଟୀ । ଲା. ବ.

ରେକଟା, ବି. (ଦେଶଜ) ଘେରାଇ ଛିଣ୍ଡାଇବା । ବିଂ. କର୍କଶ ।

ରେକଟିବା, କ୍ରି. (ଦେଶଜ) ଦନ୍ତରେ ଘେରାଇ ଛିଣ୍ଡାଇବା । ଯଥା—
ସେ ସୂତାକୁ ଦନ୍ତରେ ଧରି ରେକୁଟୁଛି । କୃ.ଭା.ଆ.ପ.

ରେକା, ବି. ( ଦେଶଜ ) ବୃଦ୍ଧାଙ୍ଗୁଳି ଏବଂ ମଧ୍ୟମାଙ୍ଗୁଳିକୁ ଅର୍ଦ୍ଧବୃତ୍ତାକାର କଲେ ତହିଁ ମଧ୍ୟବର୍ତ୍ତୀ ସ୍ଥାନର ପରିମାଣ; ଦୁବ୍ବା ପ୍ରଭୃତିର ସାନ ବିଡ଼ା ।

ରେଖ, ବି. (ରେଖା ଶବ୍ଦର ଅପଭ୍ରଂଶ) ରେଖା । ଯଥା—
ରୂପରେଖ ମୂରତି କେମନ୍ତ ବର୍ଣ୍ଣି ତାର । ନୃ.ପୁ.ପ୍ର.ଚ.

ରେଖା, ବି. ସ୍ତ୍ରୀ. ( ଲିଖ୍ = ଲେଖିବା-ଅ-ଆ, ଲ = ର) ବିସ୍ତୃତିହୀନ ଦୀର୍ଘ ଧରାତଳ; ଲମ୍ବାକୃତି ଚିହ୍ନ; ଶ୍ରେଣୀ; ପରିପୂର୍ଣ୍ଣତା; ଅଳ୍ପମାତ୍ର; ଛଳ; କପଟ; ଶରୀରସ୍ଥ ଶୁଭାଶୁଭ ଲକ୍ଷଣ ଚିହ୍ନ ।

ରେଖାଗଣିତ, ବି.(Geometry) କ୍ଷେତ୍ରତତ୍ତ୍ୱ ।

ରେଖିବା, କ୍ରି. (ରେଖା ଶବ୍ଦଜ ବା ଲିଖ୍ ଧାତୁଜ) ରେଖାକାର କରିବା, ରେଖାକୃତିରେ କର୍ତ୍ତନ କରିବା । ଯଥା—
ଅଳକା ରେଖୁଥିଲା ବସି
ଝଲକାନନୀ ଯେ କନ୍ଦିଶୀ ଦେଖି । ଲା. ବ.

ରେଚନ, ବି. ( ରିଚ୍ = ନିଃସାରଣ କରିବା-ଅନ) ବିରେଚନ, ଭେଦ । ବିଂ. ଭେଦକ, ବିରେଚକ । (ବିଶେଷଣରେ ରେଚକ ଓ ରେଚିତ ହୁଏ ।)

ରେଜା, ରେଜାଇ, ରେଜକି, } ବି. (ଦେଶଜ) ଟଙ୍କା ଦେଇ ଦୁଅଣି ସୁକି ପ୍ରଭୃତି ବଦଳାଇବା ।

ରେଣୁ, ବି. (ରି = ବଧ କରିବା-ନୁ) ଧୂଳି; ପରାଗ ।

ରେତଃ, ବି. (ରେତସ୍ — ସ୍ରୀ = କ୍ଷରିତ ହେବା-ଅସ୍, ତ ଆଗମ) ବୀର୍ଯ୍ୟ; ଶିବବୀର୍ଯ୍ୟ, ପାରଦ ।

ରେପ, ବିଂ. (ରି = ବଧ କରିବା-ପ) ନିନ୍ଦିତ; ନୀଚ; କ୍ରୂର, ନିର୍ଦ୍ଦୟ; କୃପଣ । (ରେପଃ-ସ୍ୟାନ୍ନିନ୍ଦିତେ କ୍ରୂରେ—ବିଶ୍ୱ ।)

ରେଫ, ବିଂ. ( ରେଫ୍ = ନିନ୍ଦା କରିବା-ଅ ) କ୍ରୂର; କୃପଣ; କୁତ୍ସିତ; ନୀଚ । ବି. ର ବର୍ଣ୍ଣ; ରାଗ, ସ୍ନେହ ।

ରେୟାତ୍, ରେୟାତ, ବି. (ଯାବନିକ) ଦୟା, ଅନୁଗ୍ରହ ।

ରେଲି, ବି. (ଦେଶଜ) ଚଣ୍ଡାଳଜାତିବିଶେଷ । (ଏ ଜାତି ଗଞ୍ଜାମରେ ଅଛନ୍ତି ।)

ରେଲିଆଣୀ, ରେଲାଣୀ, } ବି. ସ୍ତ୍ରୀ. (ଦେଶଜ) ରେଲି ଜାତିର ସ୍ତ୍ରୀ ।

ରେବଟ, ବି. (ରେବ୍ = ଗମନ କରିବା-ଅଟ) ଦକ୍ଷିଣାବର୍ତ୍ତ ଶଙ୍ଖ; ଶୂକର; ବେଣୁ; ବିଷ-ବୈଦ୍ୟ; ବାତୁଳ; କଦଳୀବୃକ୍ଷ; ଧୂଳି; କାଞ୍ଜି; ଔଦ୍ଜାଲ ।

ରେବତୀ, ବି. ସ୍ତ୍ରୀ. (ରେବତ = ଏକରାଜା-ଅ ଅପତ୍ୟାର୍ଥେ-ଈ) ବଳରାମଙ୍କ ପତ୍ନୀ; ନକ୍ଷତ୍ର-ବିଶେଷ; ସ୍ତ୍ରୀଗୋରୁ; ଦୁର୍ଗା; ମାତୃକା-ବିଶେଷ; ବାଳଗ୍ରହବିଶେଷ ।

ରେବତୀଜାନି, ବି. (ରେବତୀ-ଜାୟା ଯାହାର, ଜାୟା = ଜାନି) ଚନ୍ଦ୍ର; ବଳରାମ ।

ରେବା, ବି. ସ୍ତ୍ରୀ. (ରେବ୍ = ଗମନ କରିବା-ଅ-ଆ) ନର୍ମଦା ନଦୀ; କନ୍ଦର୍ପପତ୍ନୀ; ଦୁର୍ଗା ।

ରେଶବତ୍, ରେଷବତ୍, ରେଶ୍ୱତ୍, } ବି. ( ଯାବନିକ ) ଉତ୍କୋଚ, ଲାଞ୍ଚ ।

ରେଶମ, ରେସମ, ବି. (ଯାବନିକ) ଊର୍ଣ୍ଣା, ମେଷାଦିର ଲୋମ ।

ରେଶମୀ, ରେସମୀ, ବିଂ. (ଯାବନିକ) ରୋମ-ସମ୍ବନ୍ଧୀୟ (ବସ୍ତ୍ର) ।

ରେହ, ବି. (ରେଖା = ପ୍ରାକୃତ ରେହା ଶବ୍ଦଜ) ରେଖା, ଚିହ୍ନ । ଯଥା—

ସେ ଗୃଧ୍ରୁଷିକ ତର୍କି, ବୋଲୁ ମୁଁ ଚରୁଷିକ,
କେହୁ ଲୁଚିବ ନଖ ରେହ । ର. ପ.

ରେହନ, ବି. (ଯାବନିକ) ବନ୍ଧକ ଦେବା ।

ରୈ, ବି. (ରା = ଦାନ କରିବା-ଐ) ଧନ; ସ୍ୱର୍ଣ୍ଣ; ଶବ୍ଦ । (ଦେଶଜ) ଶୃଗାଳାଗ୍ନି ।

ରୋଇ, ରୋହି, ବି. (ରୋହିତ ଶବ୍ଦର ଅପଭ୍ରଂଶ) ମତ୍ସ୍ୟବିଶେଷ । ଯଥା—

ପଡ଼ିଲା (ରୋହି) ରୋଇ ମାଛ ଆସି । ଦା. ର.

ରୋଇବା, କ୍ରି. ( ରୋପଣ ଶବ୍ଦଜ ) ବୃକ୍ଷାଦି ପୋତିବା ।

ରୋକ, ବି. (ରୁଚ୍ = ଦୀପ୍ତି ପାଇବା-ଅ) ଦୀପ୍ତ; ନୌକା; ଗର୍ତ୍ତ, ଛିଦ୍ର । (ଯାବନିକ— ରୋକଠୋକ ଶବ୍ଦ ଦେଖ ।) (ଦେଶଜ) ନଗଦ ଟଙ୍କା । ବିଂ. ଅତ୍ୟାବଶ୍ୟକ ।

ରୋକଠୋକ, ବି. ( ଦେଶଜ ) ତତକ୍ଷଣେ ମୂଲ୍ୟ ଦେବା; ନିର୍ଦ୍ଧାରଣ, ନିଷ୍ପତ୍ତି । ଯଥା—

ଶେଷେ ଏହି କଥା ପୁଣି ହେଲା ରୋକଠୋକ,
ଧୋବା ଭଣ୍ଡାରି ଦୁଆର-ପୂଜା ହେଲା ରୋକ ।
ହ. ସା. ୧୮. ୯.

ରୋକଡ଼, ବିଂ. ( ଦେଶଜ ) ଅବିସ୍ମୃତ; ସଞ୍ଚିତ, ରଖାଯିବା । ଯଥା—

ରାଜଦ୍ୱାରେ ବାନ୍ଧିବାକୁ ସାଆନ୍ତର ଶାଢ଼ୀ,
ରୋକଡ଼ ପଞ୍ଚାଶ ଟଙ୍କା ଘରୁ ନେଲେ କାଢ଼ି ।
ହ. ସା. ୧୮. ୯.

ବି. (ଯାବନିକ) ଜମା ଖର୍ଚ୍ଚ ଲେଖିବା ବହି ।

ରୋକସୋଦ, ବି. ( ଯାବନିକ ) ଅନୁମତି; ବିଦାୟ ।

ରୋକା, ବି. (ଯାବନିକ) ରସିଦ ।

ରୋଗ, ବି. (ରୁଜ୍ = ରୁଗ୍ଣ ହେବା-ଅ) ବ୍ୟାଧି, ପୀଡ଼ା । (ଲୋକବ୍ୟବହାରରେ) ବିକାର; ଦୁଶ୍ଚେଷ୍ଟା ।

ରୋଗା, ରୋଗିଆ, ବିଂ. ( ରୋଗୀ ଶବ୍ଦଜ ) ରୋଗପୀଡ଼ିତ ।

ରୋଚକ, ରୋଚନ, ବିଂ. ( ରୁଚ୍-ଣିଚ୍-ଅକ, ଅନ) ରୁଚିକାରକ; ଦୀପ୍ତିପ୍ରଦ; ବଳକାରକ । ବି. ପଳାଣ୍ଡୁ ।

ରୋଚନା, ବି. ସ୍ତ୍ରୀ. ସଂ. ଗୋରୋଚନା ।

ରୋଚିଃ, ବି. (ରୋଚିସ୍—ରୁଚ୍ = ଦୀପ୍ତିପାଇବା-ଇସ୍) ଦୀପ୍ତି; କାନ୍ତି । ( ବିଶେଷଣରେ ରୋଚୀ, ରୋଚିଷ୍ଣୁ ଓ ରୋଚ୍ୟ ପଦ ସିଦ୍ଧ ହୁଏ । )

ରୋଜ, ବି. (ଯାବନିକ) ତାରିଖ ବା ଦିବସ; ପ୍ରତ୍ୟହ, ପ୍ରତିଦିନ ।

ରୋଜଗାର, ବି. (ଯାବନିକ) ଉପାର୍ଜନ, ଆୟ, ଧନଉପାର୍ଜନ ।

ରୋଜନାମଚା, ବି. (ଯାବନିକ) ଦୈନିକଲିପି, ଦୈନିକ ବିବରଣ (diary) ।

ରୋଜନାମଚାନବିସ, ବି. (ଯାବନିକ) ଦୈନିକ ବିବରଣ ଲେଖକ ।

ରୋଜନାମା, ବି. ( ଯାବନିକ ) ଦୈନିକ ହିସାବର ବହି, ଯେଉଁ ବହିରେ ଦୈନିକ ବିବରଣ ଲେଖାଯାଏ ।

ରୋଜା, ବି. (ଯାବନିକ) ମୁସଲମାନମାନଙ୍କର ବ୍ରତବିଶେଷ ।

ରୋଟ, ରୋଟା, ବିଂ. (ଦେଶଜ) ମୋଟା, ସ୍ଥୂଳ । ଯଥା—

କେତେ କୁକୁଟ ଶିରମୁକୁଟ,
କମ୍ପାଇଦେଇ ଭୁଜରେ କଣ୍ଠ,
କଣତି ରୋଟ ଧ୍ୱନି ପ୍ରକଟ କରନ୍ତି ତହିଁ ହେ । ସୁ. ପ.

ରୋଟି, ରୋଟିକା, ବି. ସ୍ତ୍ରୀ. (ରୁଟ୍ = ଦୀପ୍ତିପାଇବା-ଇ, ଅନ୍ୟପକ୍ଷେ ଅକ-ଆ, ଅକ = ଇକ) ଗୋଧୂମ ଚୂର୍ଣ୍ଣରେ ପ୍ରସ୍ତୁତ ପିଷ୍ଟକ-ବିଶେଷ; ରୁଟି ।

ରୋଡ଼ସେସ୍, ବି. (ଇଂରାଜି ଶବ୍ଦ) ପଥକର ।

ରୋଦ, ରୋଦନ, ବି. ( ରୁଦ୍ = କାନ୍ଦିବା-ଅ, ଅନ ) କ୍ରନ୍ଦନ ।

ରୋଦସୀ, ବି. ସ୍ତ୍ରୀ. ସଂ. ପୃଥିବୀ; ସ୍ୱର୍ଗ; ସ୍ୱର୍ଗ ଓ ପୃଥିବୀ ଉଭୟ ।

ରୋଧ, ରୋଧନ, ବି. (ରୁଧ୍ = ଆବରଣ କରିବା-ଅ, ଅନ) ଅବରୋଧନ, ଅଟକ, ବାଧା । (ବିଶେଷଣରେ ରୋଧୀ, ରୋଧକ ଓ ରୋଦ୍ଧା ହୁଏ ।)

ରୋଧଃ, ରୋଧ, ବି. ( ରୋଧସ୍—ରୁଧ୍ = ଆବରଣ କରିବା-ଅସ୍, ଅ) କୂଳ ତୀର ।

ରୋଧିବା, କ୍ରି. ( ରୁଧ୍ ଧାତୁଜ ) ଅଟକିବା; ବନ୍ଦକରିବା ।

ରୋପ, ବି. (ରୁପ୍ = ମୂର୍ଚ୍ଛିତ ହେବା-ଅ) ଶର, ବାଣ ।

ରୋପଡ଼, ବି. ( ଦେଶଜ ) ମୃଗୟା ସମୟରେ ଚତୁର୍ଦ୍ଦିଗରେ ମନୁଷ୍ୟ ଜଗି ଜନ୍ତୁ ଘଉଡ଼ି ଆଣିବା ।

ରୋପଣ, ବି.(ରୁହ୍ = ଜନ୍ମିବା-ଣିଚ୍-ଅନ, ହ = ପ) ବୀଜାଦି ବପନ; ସ୍ଥାପନ; ଉତ୍ପାଦନ; ଅର୍ପଣ । (ବିଶେଷଣରେ ରୋପିତ ହୁଏ ।)

ରୋବଣ, ରୁବଣ, ରୁଗଣ, ବି. ( ଦେଶଜ ) ଚିତ୍ରକରଣର ବର୍ଣ୍ଣବିଶେଷ; ଚିତ୍ରକାରମାନେ ଝୁଣାରେ କାଠତେଲ ମିଶାଇ ବାନ୍ଧି ଏହା ତୟାର କରନ୍ତି, ଚିତ୍ରକାର୍ଯ୍ୟ ଶେଷ ହେଲା ଉତ୍ତାରୁ ଝଲ ବାହାର କରିବା ପାଇଁ ଏହା ଲଗାଇ ଦିଅନ୍ତି । ଯଥା—

ବିଶ୍ୱସୃକ ଚିତ୍ରକାର ହୋଇଛୁ କି
ରୋବଣ ବନକେ ଲିହୁ ଯେ । ବୈ. ବି.
ବର୍ଣ୍ଣକ ରୋଗଣ ରମ୍ୟ, ବର୍ଣ୍ଣନ କରେ ଅଗମ୍ୟ ।
କୋ. ବ୍ର. ସୁ.

ରୋବଣା, ରୁବୁଣା, ବି. ( ଦେଶଜ ) ପାଷାଣନିର୍ମିତ ପେଷଣ ଯନ୍ତ୍ର; ପେଷଣ, ରୁବିବା ।

ରୋବଣାଗୁଡ଼ା, ରୁବୁଣାଗୁଡ଼ା, ବି. (ଦେଶଜ) ରୋବଣାରେ ପେଷିବା ଲମ୍ବ ପ୍ରସ୍ତରଖଣ୍ଡ ।

ରୋମ,ଲୋମ,ବି. (ରୋମନ୍— ରୁ = ଶବ୍ଦକରିବା-ମନ୍) ଲୋମ, ଶରୀରଜାତ କେଶ; ଜଳ ।

ରୋମକୂପ, ଲୋମକୂପ, ବି. ସଂ. ଲୋମ ବିବର ।

ରୋମନ୍ଥ, ରୋମନ୍ଥନ, } ବି.(ରୋମ-ମନ୍ଥ = ବଧ କରିବା-ଅ, ଅନ, ନିପାତନ) ପଶୁମାନଙ୍କର ଚର୍ବିତଚର୍ବଣ, ପାକୁଳାଇବା ।

ରୋମନ୍ଥକ, ରୋମନ୍ଥିକ, } ବି. ସଂ. ଯେ ସକଳ ଜନ୍ତୁ ରୋମନ୍ଥ କରନ୍ତି ।

ରୋମଶ, ଲୋମଶ, } ବିଂ. (ରୋମ-ଶ ଅସ୍ତ୍ୟର୍ଥେ) ଅଧିକ ରୋମଯୁକ୍ତ । ବି. ମେଷ; ଶୂକର ।

ରୋମହର୍ଷଣ, ରୋମାଞ୍ଚ, ଲୋମହର୍ଷଣ, ଲୋମାଞ୍ଚ, } ବି. ସଂ. ପୁଲକ, ଲୋମୋଦ୍ଗମ । (ବିଶେଷଣରେ ରୋମହର୍ଷିତ ଓ ରୋମାଞ୍ଚିତ ହୁଏ ।)

ରୋମାଞ୍ଚିବା, କ୍ରି. ( ରୋମାଞ୍ଚ ଶବ୍ଦଜ) ପୁଲକିତ ହେବା । ଯଥା—

ଏଣୁ ତନୁ ରୋମାଞ୍ଚିଲଣି । ବି. ଚ. ମ.

ରୋମାଲ, ବି. (ଯାବନିକ) ଅତିକ୍ଷୁଦ୍ର ଗୃଦର । ଯଥା—

ପୋଛଇ ବଦନ ରୋମାଲ କାନରେ । ଦ. ବା.

ରୋମାଳ, ରୋମାଳୀ, ରୋମାବଳ, ରୋମାବଳୀ, } ବି.ସ୍ତ୍ରୀ.ସଂ. ନାଭିର ଊର୍ଦ୍ଧ୍ୱ ଭାଗରେ ଉଦରମଧ୍ୟସ୍ଥ ରଜ୍ଜୁ ରୋମଶ୍ରେଣୀ ।

ରୋମୋଦ୍ଗମ,ରୋମୋଦ୍ଭେଦ, ବି.ସଂ. ରୋମାଞ୍ଚ ।

ରୋରୁଦ୍ୟମାନ, ବିଂ. [ରୁଦ୍ = କାନ୍ଦିବା-ଯ ଅତିଶଯ୍ୟାର୍ଥେ (ଦ୍ୱିତ୍ୱ)-ମାନ] ଅତିଶୟ ରୋଦନଶୀଳ, ଯେ ଅତିଶୟ କାନ୍ଦୁଅଛି ।

ରୋଳ, ବି. ସଂ. ଶବ୍ଦ, ଧ୍ୱନି । ଯଥା—

କହୁ ହେ ତୁମ୍ଭେ ମାତୃକୋଳେ,
କନ୍ଦନ କଲ ମହାରୋଳେ । ଗ୍ରୁ. ମ.

(ଦେଶଜ ପ୍ରାୟ) ଗୋଳମାଳ, କଳହ । ଯଥା —

ବାସବାର, ବେଗେ ଆସି ଆରମ୍ଭିଲେ ରୋଳ । ବୈ.ବି.

ନଃଶ୍ରେଣୀ । ଯଥା—

ରୋଳ ଆଣିଲା ଧାଡିକାର,
ଛଟିଲା ତଥିର ଉପର । ଲ. ଦ. ସ୍ଥ.

ରୋଲମ୍ବ, ବି. (ରୋଡ଼୍ = ଉନ୍ମତ୍ତ ହେବା-ଅମ୍ବର୍, ଡ଼ = ଲ) ଭ୍ରମର; ଶୁଷ୍କଭୂମି । ବିଂ. ଅବିଶ୍ୱାସୀ ।

ରୋଶନ, ରୋଶନାଇ, ରୋଶନି, } ବି. (ପାରସ୍ୟ ବା ଯାବନିକ) ଆଲୋକ ।

ରୋଷ, ବି. ( ରୁଷ୍ = କ୍ରୋଧ କରିବା-ଅ ) କ୍ରୋଧ, ରାଗ ।

ରୋଷ, ରୋଷାଇ, ରୋଷେଇ, } ବି. (ଦେଶଜ) ରନ୍ଧନ । ଯଥା—

ରୋଷ ସେବକ ଡାକଆଣି,
ବରଗିଦେଲା ତାକୁ ଗଣି । ଦା. ର.
କପର କରିବ ରୋଷାଇ ମୁହିଁ । ହ୍ରା. ଚ.

ରୋଷଘର, ରୋଷାଇଘର, ବି. (ଦେଶଜ) ପାକଶାଳା ।

ରୋଷଣ, ବିଂ. ( ରୁଷ୍ = କ୍ରୁଦ୍ଧହେବା-ଅନ ) କ୍ରୋଧଶୀଳ । ବି. ପାରଦ; କଷଟିପଥର; ଊଷରଭୂମି ।

ରୋଷାସ୍ୟା, ରୋସାୟ୍ୟା, ରୁଷିଆ, ରୋଷେଇଆ, } ବି.(ଦେଶଜ)ପାଚକ, ଯେ ରାନ୍ଧଇ ।

ରୋହ, ବି. (ରୁହ୍ = ଉତ୍ପନ୍ନ ହେବା ଇତ୍ୟାଦି-ଅ) ଆରୋହଣ; ଅଙ୍କୁର । ବିଂ. ଆରୋହୀ ।

ରୋହଣ, ବି. (ରୁହ୍-ଅନ) ଉତ୍ପତ୍ତି, ପ୍ରାଦୁର୍ଭାବ; ଆରୋହଣ; ରେତ, ବୀର୍ଯ୍ୟ; ଶୈଳ ।

ରୋହିଣୀ, ବି.ସ୍ତ୍ରୀ.(ରୁହ୍ = ଉତ୍ପନ୍ନ ହେବା-ଇନ୍-ଈ) ନକ୍ଷତ୍ରବିଶେଷ; ଚନ୍ଦ୍ରଙ୍କ ପତ୍ନୀ; ବଳରାମଙ୍କ ମାତା; ନବବର୍ଷ ବୟସ୍କା କନ୍ୟା; ଗାଭୀ; ବିଦ୍ୟୁତ୍; ହରୀତକୀ; ମଞ୍ଜିଷ୍ଠା ।

ରୋହିତ, ରୋହିତକ, } ବି. (ରୁହ୍ = ଆରୋହଣ କରିବା-ଇତ, କ ଯୋଗ) ରୋହିମାଛ; ହରିଣବିଶେଷ; ରକ୍ତବର୍ଣ୍ଣ; ରକ୍ତ; ପଦ୍ମରାଗମଣି; କୁଙ୍କୁମ; ଋଜୁଇନ୍ଦ୍ରଧନୁ । ବିଂ. ରକ୍ତବର୍ଣ୍ଣବିଶିଷ୍ଟ ।

ରୌଦ୍ର, ବି. ( ରୁଦ୍ର = ଶିବ ଇତ୍ୟାଦି-ଅ ) କ୍ରୋଧ; ଆତପ; ଯମ; ରସବିଶେଷ; ହେମନ୍ତଋତୁ । ବିଂ. ଉଗ୍ର, ପ୍ରଚଣ୍ଡ, ଭୟାନକ; ତୀବ୍ର; ରୁଦ୍ରସମ୍ବନ୍ଧୀୟ । (ସ୍ତ୍ରୀ-ଆ) ଚଣ୍ଡୀ, ଦୁର୍ଗା ।

ରୌରବ, ବି. ( ମହାନ୍ ରୌଦ୍ରଃ ରବଃ ଅସେନ୍ତି ମହାରୌରବଃ ରୌରବଶ୍ଚ, ଏଠାରେ ଅତି ଭୟଙ୍କର ଧ୍ୱନି ହୁଏ ବୋଲି ରୌରବ) ନରକବିଶେଷ । ବିଂ. ଭୟଙ୍କର; ଚଞ୍ଚଳ; ଧୂର୍ତ୍ତ; ରୁରୁ ମୃଗ ସମ୍ବନ୍ଧୀୟ ।

# ଲ

**ଲ,** ବ୍ୟଞ୍ଜନମାଳାର ଅଷ୍ଟାବିଂଶ ବର୍ଣ୍ଣ । ବି. (ଲା—ଦାନ କରିବା-ଅ) ଶକ୍ର; ଇନ୍ଦ୍ର; ପୃଥ୍ୱୀବୀଜ । (ସ୍ତ୍ରୀ-ଲା) ଆଶ୍ଳେଷ ।

ଲଇଁବା, ଲହିଁବା, କ୍ରି. (ଦେଶଜ) ନମ୍ରହେବା ।

ଲଇ, ବି. ( ଲତା ଶବ୍ଦଜ ପ୍ରାକୃତ ) ବୃକ୍ଷ ଓ ଲତାରୁ ବାହାର କରାଯିବା ରଜ୍ଜୁବିଶେଷ । ଯଥା—

ଲଇ ଗୁନ୍ଥି ଖ୍ରାମ ବହେ ଚନ୍ଦ ଭାର ଗୋଟି । ସା.ଭା.ଆ.

ଲଉଡ଼ି, ବି. (ଲଗୁଡ଼ ଶବ୍ଦଜ) ଯଷ୍ଟି । ଯଥା—

ଗୋପପୁରଯାକ ରୁଣ୍ଡ ହୋଇବା,
କରେ କାଉଁରି ଲଉଡ଼ି ଧରିବା । ଗୋ. ଭା.

( ଦେଶଜ ) ଦଶ କୋଟି ଗାଈମାନଙ୍କର ସମଷ୍ଟି ସଂଖ୍ୟା । (ପଲ ଏବଂ ମହାଖୁଡ଼ି ଶବ୍ଦ ଦେଖ ।)

ଲଉଣୀ, ବି. ( ଦେଶଜ ) ବିବାହ ଶବ୍ଦ ସହ ପ୍ରଯୋଜ୍ୟ । ଯେପରି—ବିଭା ଲଉଣୀ ।

ଲକ, ବି. (ଦେଶଜ) ରେଶମର ସୂତ୍ରବିଶେଷ ।

ଲକଚ, ଲକୁଚ, ଲିକୁଚ, } ବି. (ଲକ୍=ଆସ୍ୱାଦନ କରିବା-ଅଚ, ଉଚ) ବୃକ୍ଷବିଶେଷ ଓ ତାର ଫଳ, ଜେଉଟ ଫଳ । ( ଲକୁଚେ ଲିକୁଚେଡ଼ହୁଃ—ଅମର । ) (କୁଚ ସହିତ ଏହାର ଉପମା ଅଛି । ଯେପରି—ଲକୁଚକୁଚ ।)

ଲକଠକ, ବିଂ. (ଦେଶଜ) ସୁସଜ୍ଜ, ଉତ୍ତମ । ଯଥା—

ଭ୍ରମର ଲକଠକ କରି ଦେଖେଇବା ଗୁଣରେ
ଟିକିଏମାତ୍ର ଲୋକହାସ ହେବ ନାହିଁ । ଶ.ନା ସୁ.ଯୁ.

ଲକରଲକର, ବି. (ଦେଶଜ) ପାକଦ୍ୱାରା ଅନ୍ନ ପ୍ରଭୃତି ସିଝିବା ସମୟର ଶବ୍ଦ । ଅଂ. ଅନ୍ନାଦି ପାକର ଅନୁକରଣ ଶବ୍ଦବିଶେଷ ।

ଲକଲକ, ବି.(ଦେଶଜ) ହଲିବା । ବିଂ. ପାକ-ଦ୍ୱାରା କୋମଳ । ଅଂ. ପାକଦ୍ୱାରା ଅନ୍ନାଦି ସିଝିବାର ଅନୁକରଣ ଶବ୍ଦବିଶେଷ । ଯେପରି —ଲକଲକ ହୋଇ ସିଝୁଅଛି ।

ଲକଲକିଆ, ବିଂ. (ଦେଶଜ) ପାତଳ, ହଲ-ହଲିଆ ।

ଲକସ୍ତକ, ବିଂ. ( ଦେଶଜ ) ବିନୟଯୁକ୍ତ । ଯଥା—

କାର୍ଯ୍ୟପାଇଁ ଲୋକ ହେଲେ ଲକସ୍ତକ
ନୋହେ ସେ କଉନ । ସୁ. ପ.

ବି. ଦୈନ୍ୟ, ନମ୍ରତା ।

ଲକାମରିଚ, ଲଙ୍କାମରିଚ, ଲଙ୍କା, } ବି. ( ଦେଶଜ ) ବ୍ୟଞ୍ଜନାଦି ପରିଜବା ମରିଚ, ଏହା ଅପକ୍ୱ ଓ ଅଶୁଷ୍କ ଅବସ୍ଥାରେ ଅତି ରୁଚିକର ।

ଲକି, ବି. (ଦେଶଜ) ତସଲା, ପାତ୍ରବିଶେଷ ।

ଲକିଆ, ବି. ( ଦେଶଜ ) ବ୍ୟଞ୍ଜନବିଶେଷ, ଏକପ୍ରକାର ତିଅଣ ।

ଲକ୍କା, ବି. ( ଦେଶଜ ) ପାରାବତବିଶେଷ, ଏକପ୍ରକାର କାବତା ପକ୍ଷୀ ।

ଲକ୍ତକ, ବି. [ଲକ୍ =( ହୀନଲୋକ କର୍ତ୍ତୃକ ) ଆଚ୍ଛାଦନ କରିବା-ତ, କ ଯୋଗ] ଜୀର୍ଣ୍ଣ ବସ୍ତ୍ରଖଣ୍ଡ; ଅଳତା ।

ଲକ୍ଷ, ବି. (ଲକ୍ଷ୍=ଦର୍ଶନ କରିବା, ଚିହ୍ନ କରିବା-ଅ) ଶତସହସ୍ର ସଂଖ୍ୟା; ଛଳ, ଅପଦେଶ; ଚୂଡ଼ାନ୍ତ, ପ୍ରବଞ୍ଚନା; ଶରବ୍ୟ, ଲକ୍ଷ୍ୟ; ଦୃଷ୍ଟି; ବ୍ୟାଖ୍ୟା । (ବ୍ୟାଖ୍ୟାୟୁାଂଚ ନ ନାଲକ୍ଷଂ କ୍ଳୀବଂ ବ୍ୟାଜ ଶରବ୍ୟୟୋଃ—ରଭସ ।)

ଲକ୍ଷଣ, ବି. ( ଲକ୍ଷ୍-ଅନ ) ସ୍ୱରୂପ; ଚିହ୍ନ; ବ୍ୟାକରଣସୂତ୍ର; ପରିଚ୍ଛେଦକରଣ; ପରିଚୟ; ସଜାତୀୟ ବ୍ୟବଚ୍ଛେଦ; ଦର୍ଶନ; ଶ୍ରୀରାମଙ୍କ ଭ୍ରାତା । ବିଂ. ଶ୍ରୀମାନ୍ । (ସ୍ତ୍ରୀ-ଆ) ସାରସୀ, ହଂସୀ, ଛନ୍ଦର ଶକ୍ତିବିଶେଷ । (ବିଶେଷଣରେ ଲକ୍ଷିତ ଏବଂ ଲକ୍ଷଣୀୟ ହୁଏ ।)

ଲକ୍ଷ୍ମ, ବି. (ଲକ୍ଷ୍-ମନ୍) ଚିହ୍ନ; ପ୍ରଧାନ ।

ଲକ୍ଷ୍ମଣ, ବି. (ଲକ୍ଷ୍ମୀ-ଅନ ଅସ୍ତ୍ୟର୍ଥେ, ଲକ୍ଷ୍ମୀରସ୍ୟାସ୍ତୀତି ଲକ୍ଷ୍ମୀବାନ୍ ଲକ୍ଷ୍ମଣଶ୍ଚ) ସୁମିତ୍ରାଙ୍କ ପୁତ୍ର, ରାମଙ୍କ ଭ୍ରାତା; ସାରସ ପକ୍ଷୀ; ଚିହ୍ନ; ସ୍ୱରୂପ; ନାମ । ବିଂ. ସୌଭାଗ୍ୟଶାଳୀ; ଶ୍ରୀମାନ୍ ।

ଲକ୍ଷ୍ମୀ, ବି. ସ୍ତ୍ରୀ. (ଲକ୍ଷ୍ = ଦର୍ଶନ କରିବା ଇତ୍ୟାଦି-ଈ, ମ ଆଗମ) ବିଷ୍ଣୁପତ୍ନୀ; ସୀତା; ଦୁର୍ଗା; ରାଜଶ୍ରୀ; ସମ୍ପତ୍ତି; ଶୋଭା; ସୌନ୍ଦର୍ଯ୍ୟ; ଋଦ୍ଧି ନାମ ଔଷଧ; ମୋକ୍ଷପ୍ରାପ୍ତି; ସ୍ଥଳପଦ୍ମିନୀ; ଶମୀ; ଦ୍ରବ୍ୟ; ମୁକ୍ତା; ଖାରପତ୍ନୀ; ହରିଦ୍ରା ।

ଲକ୍ଷ୍ୟ, ବି. (ଲକ୍ଷ୍-ଯ) ଶରବ୍ୟ, ଲାଖ; ଛଳ; ଚିହ୍ନ; ଗୃହୁଣି; ଶତସହସ୍ର ସଂଖ୍ୟା । ବିଂ. ଦ୍ରଷ୍ଟବ୍ୟ; ଉଦ୍ଦେଶ୍ୟ; ଲକ୍ଷଣାଶକ୍ତିଦ୍ୱାରା ବୋଧ୍ୟ; ଜ୍ଞେୟ; ଅନୁମେୟ ।

ଲଖ, ବି. (ନଖ ଶବ୍ଦଜ) ନଖ । ଯଥା—

ଏତେ ବୋଲି ବିଷ୍ଣୁ ଦେଲେ ପାଦ ଟେକି,
ବହିଲ ସେ ଗଙ୍ଗା ଲଖକୋଣରୁ ଭୂମିକି । ନୃ.ପୁ.ପ୍ର ଚ

ଲଖଣ, ବି. (ଲକ୍ଷଣ ବା ଲକ୍ଷ୍ମଣ ଶବ୍ଦଜ ପ୍ରାକୃତ) ଲକ୍ଷଣ; ଶ୍ରୀମନ୍ତପୁରୁଷ; ସୌମିତ୍ରି ଲକ୍ଷ୍ମଣ ।

ଲଖାଇବା, କ୍ରି. (ଲକ୍ଷ ଶବ୍ଦଜ) ଲକ୍ଷ କରିବା । ଯଥା—

ସୁରମାର ଗଣ୍ଡି ମଧ୍ୟକୁ ଦେଖାଇ,
ବନ୍ଧିଲେ ମୁନ ଥିବା କାଣ୍ଡକୁ ଲଖାଇ । କୃ.ଖ.ବ.ପ.

ଲଖିବା, କ୍ରି. (ଲକ୍ଷ୍ ଧାତୁଜ) ଲକ୍ଷ କରିବା; ଲାଖଦେଖିବା; ଦୃଷ୍ଟିନିକ୍ଷେପିବା ।

ଲଖୀଁ, ଲଙ୍ଖୀଁ, ବି. ସ୍ତ୍ରୀ. (ଲକ୍ଷ୍ମୀ ଶବ୍ଦଜ) ଲକ୍ଷ୍ମୀ ।

ଲଖୀଁପାଟ, } ବି. ( ଲକ୍ଷ୍ମୀ-ପଟ୍ଟ ଶବ୍ଦଜ )
ଲକ୍ଷ୍ମୀପାଟ, } ଦେଉଳର ଦ୍ୱାରବନ୍ଧ ଉପରେ ପ୍ରଥମେ ପଡ଼ିବା ଲମ୍ବା ପଥର । (ତା ପରେ ନବଗ୍ରହ ପାଟ ।)

ଲଗଡ଼, ବି. (ଦେଶଜ) ସୁନ୍ଦର । ଯଥା—

ବାହୁରେ ସୁବର୍ଣ୍ଣ ତାଡ଼, ରହିଛୁ ହୋଇ ନିବାଡ଼,
ମାଣିକ୍ୟ ରତ୍ନ ଲଗଡ଼ ହୋଇ ବସିଛୁ । ସୁ. ପ.

ଲଗଣ, ଲଗ୍ଣ, ବି. (ଲଗ୍ନ ଶବ୍ଦଜ) ବିବାହାଦିର ଶୁଭମୁହୂର୍ତ୍ତ ।

ଲଗା, ବି. (ଲଗ୍ ଧାତୁର ଅନୁକରଣରେ ସୃଷ୍ଟ) ଗଳାରେ ଦଉଡ଼ିଦେବା ପ୍ରଭୃତି: ଯେ ଅପମୃତ୍ୟୁରେ ମରେ । ଯଥା—

ଲଗା, ଏମନ୍ତ ବୋଲି କହି,
ଶୁଣ ହୋ ନୃପତି ତନଇ ।
କେ ଅବା ବାଡ଼ିଯୋଗେ ମରେ,
କାହାକୁ ସର୍ପ ଅବା ଧରେ । ବ. ପୁ.

ସମ୍ବନ୍ଧ । ଯଥା—

ଦୁର୍ଯ୍ୟୋଧନ ବୋଇଲା ତୁମ୍ଭଙ୍କୁ କିସ ଲଗା,
ସ୍ଥାନଛଡ଼ା ଲୋକଙ୍କୁ ଦେବ କେ ଆଉ ଜାଗା ।
ନୃ. ପୁ ସ. ତ.

ହସ୍ତାଦି ସ୍ପର୍ଶ କରିବା; ଜାମିନଦାର; ଜାମିନ; ଲଗ୍ନ କରିବା । ବିଂ. ଲଗ୍ନ: ଦାୟୀ ।

ଲଗାଇବା, କ୍ରି. (ଲଗ୍ ଧାତୁଜ) ଲଗ୍ନ କରିବା; ସ୍ପର୍ଶ କରିବା । ଯଥା—

ମୁହଁ ନ ଲଗାଅ କେହି ଧିଟକୁ । ବି. ଚ. ମ.

ଆରମ୍ଭ କରିବା । ଯଥା—କାଲିଠାରୁ ପୁରାଣ ପଢ଼ା ଲଗାଅ । ଭେଟାଇବା । ଯଥା—

ଖୁସିଲ ଜନକୁ କୂଳେ ଲଗାଇଲ । ବି. ଚ. ମ.

ଉଭୟଙ୍କ ମଧ୍ୟରେ କଳହ ଲଗାଇବାପାଇଁ ଖେଚ କହିବା, ଉଭୟଙ୍କ ମଧ୍ୟରେ କଳହ ଜନ୍ମାଇଦେବା । ଯଥା—

କେ କିସ ଲଗାଇ, କହିଛୁ ଆରେ ସହି,
ଏଥିକି ରୋଷ ବହି, ଆନନ ତାଙ୍କୁ ତଳେ । ସ.ସ.

ଲଗାଏତ, } କ୍ରି. ବିଂ. (ଦେଶଜ) ପ୍ରାରମ୍ଭରୁ;
ଲଗାୟତ, } ଠାରୁ । ଯେପରି—ଆଜିଲଗାଏତ ପାଞ୍ଚ ମାସ ପର୍ଯ୍ୟନ୍ତ ।

ଲଗାଜୋଡ଼ା, ବି. (ଦେଶଜ) ଖଚ କରିବା, ଖଚ । ଯଥା—

**କେ କ ଲଗାଜୋଡ଼ା କଲା ମୋ ନା'ରେ । ସଙ୍ଗୀତ ।**
**ଲଗାଜୋଡ଼ା କରି ତାହାଙ୍କୁ କହିବେ । କୃ. ଭା. ଉ. ପ.**

ଲଗାଣ, ବିଂ. (ଲଗ୍ନ ଶବ୍ଦଜ) ଏକକୁ ଆରକ ଲାଗିଥିବା । ଯେପରି—ଲଗାଣ ବୃଷ୍ଟି । ବି. ସଂକୀର୍ତ୍ତନର ଆରମ୍ଭରେ ରାଗାଳାପ ଲଗାଇବା ।

ଲଗାମ, ବି. (ଯାବନିକ) ଘୋଡ଼ାର ବାଗ ।

ଲଗାର, ବି. (ଦେଶଜ) ଯେ ପାପ ଓ ଦୋଷର ବିଚାର କରେ; ଯମଦ୍ୱାରରେ ଚିତ୍ରଗୁପ୍ତ ପ୍ରଭୃତି । ଯଥା—

**ପାପୀ ହୋଇଲେ ନର ନାରୀ,**
**ଯମର ଦୂତେ ତାକୁ ଧରି ।**
**ଧରିଣ ବେଗେ ଘେନିଯାଇ,**
**ଲଗାର ସମୀପେ ଦିଅଇ । ବି. ପୁ.**

ଲଗାଲଗି, ବିଂ. (ଲଗ୍ନ ଶବ୍ଦଜ) ସଂଲଗ୍ନ । ଯଥା—

**ଦେହକୁ ଦେହ ଶରେ ହୋଇ ଲଗାଲଗି,**
**ଯୋଜନ ଚାରିଯାଏ ସେ ରହିଲେ ଲାଗି । କୃ.ଭା.ବ.ପ.**

ଘଞ୍ଚ; ନିକଟ । ବି. ଲଗାଇବା ।

ଲଗାହାରି, ବି. (ଦେଶଜ) ମରଣାର୍ଥ ଗଳାରେ ଦଉଡ଼ି ଦେବା ପ୍ରଭୃତି; ଯେ ଅପମୃତ୍ୟୁରେ ମରେ । ଯଥା—

**କେ ଗଳେ ଦଉଡ଼ି ଦିଅଇ,**
**କେ ଅବା କୋଷ୍ଟିରେ ମରଇ ।**
**ଜ୍ୱର ବାଧକା ମୁଣ୍ଡବଥା,**
**ଏମାନ ଲଗାହାରି କଥା । ବି. ପୁ.**

ପରଦ୍ରବ୍ୟକୁ ନିଜପରି ଅଧିକାର କରି ବସିବା; ଯେ ପରଦ୍ରବ୍ୟରେ ଅଧିକାରୀ ହେବାକୁ ଚାହେ । ଯଥା—

**ଗୁରୁଙ୍କ ଘରକୁ ଯେ ଚଳନ୍ତି ଋଣକରି,**
**ପରର ପଦାର୍ଥରେ ହୁଅନ୍ତି ଲଗାହାରି । ନୃ. ପୁ. ପ. ଛ.**

ଲଗି, ଲଗୀ, ବି. (ହିନ୍ଦୀ) ଆଙ୍କୁଡ଼ି; ବଡ଼ ଲମ୍ବା ବାଉଁଶ । ଯଥା—

**ଖରବେଳେ ପିଲାମାନେ ଲଗି ଅଗ୍ରେ ବାନ୍ଧି,**
**ଦାଆ, ଦଳଦଳ ହୋଇ କାଟନ୍ତି ତା କାନ୍ଧି । ବୃ.ସୁ.**

ନୌକାବାହନ ଦଣ୍ଡବିଶେଷ ।

ଲଗିତ, ବିଂ. (ଲଗ୍ = ଲାଗିବା-ତ) ସଂଲଗ୍ନ, ଯୁକ୍ତ ।

ଲଗୁଡ଼, ବି. (ଲଗ୍ = ଭଳ, ଳ = ଡ଼) ବଂଶମୟ ଯଷ୍ଟି, ଠେଙ୍ଗା; ଲୌହମୟ ମୁଦ୍ଗର; ଗଦା ।

ଲଗ୍ନ, ବିଂ. (ଲଗ୍-ସଂଯୁକ୍ତହେବା-ତ) ସଂଯୁକ୍ତ । ବି. ସ୍ତୁତିପାଠକ । (ଲସ୍ଜ୍ = ଲଜ୍ଜିତହେବା-ତ) ବି. ମେଷାଦି ରାଶିର ଉଦୟକାଳ; ସୂର୍ଯ୍ୟଙ୍କ ରାଶିସଂକ୍ରମଣ ମୁହୂର୍ତ୍ତ । ବିଂ. ଲଜ୍ଜିତ ।

ଲଗ୍ନକ, ବି. (ଲଗ୍ନ-କ ଯୋଗ) ପ୍ରତିଭୂ, ଜାମିନ ।

ଲଗ୍ନିକା, ବି. ସ୍ତ୍ରୀ. ସଂ. ଅପ୍ରାପ୍ତବୟସ୍କା, ଅଦୃଷ୍ଟ ରଜସ୍କା, ଦଶ ବର୍ଷର ବାଳିକା ।

ଲଘୁ, ବିଂ. (ଲନ୍ଘ୍ = ଉପବାସ କରିବା, ଶୁଷ୍କ ହେବା-ଉ) ହାଲୁକା, ଭାରହୀନ; ଅସାର; ନିସ୍ତେଜ; ନିକୃଷ୍ଟ; ଶୁଷ୍କ; ଶୀଘ୍ର; କ୍ଷୁଦ୍ର; ଅଳ୍ପ; ହ୍ରସ୍ୱ; ସଂକ୍ଷିପ୍ତ; ସୁନ୍ଦର; ବାଞ୍ଛିତ; ସୂକ୍ଷ୍ମ; ହ୍ରସ୍ୱବର୍ଣ୍ଣ । (ଅତିଶୟ ଅର୍ଥରେ ଲଘୀୟାନ୍, ଲଘିଷ୍ଠ ପଦ ଏବଂ ବିଶେଷ୍ୟରେ ଲଘିମା ପଦ ସିଦ୍ଧ ହୁଏ ।)

ଲଙ୍କମୁହାଁ, ବି. (ଦେଶଜ) ଏକପ୍ରକାର ଗୃହ । (ଦୋମୁହାଁ ଶବ୍ଦ ଦେଖ ।)

ଲଙ୍କା, ବି. ସ୍ତ୍ରୀ. [ ଲକ୍ = (ସୁଖ) ପାଇବା-ଅ ମ ଆଗମ-ଆ, ନିପାତନ ] ରାବଣପୁରୀ, କୁଳଟା; ଶାଖା; ଶାକମ୍ଭୀ (ସ୍ତ୍ରୀଭୂତ) । ବିଂ. (ଦେଶଜ ବ୍ୟାବହାରିକ ଭାଷାରେ) ବହୁତ, ଯଥେଷ୍ଟ । ବି. ଦଳୁଆ ନାମକ ଶୂଦ୍ରଜାତିର ଉପାଧିବିଶେଷ ।

ଲଙ୍କାଆମ୍ବ, ବି. (ଦେଶଜ ପ୍ରାୟ) ସ୍ୱନାମପ୍ରସିଦ୍ଧ ଫଳବିଶେଷ । ଯଥା—

**ହେମଫଳେ ନମ୍ର ଯହିଁ ଲଙ୍କାଆମ୍ବ ପାଦପପନ୍ତି । ଉଷା ।**

ଲଙ୍କାଦଳୁଆ, ବି. (ଦେଶଜ) ଦଳୁଆ ନାମକ ଶୂଦ୍ରଜାତିର ଏକ ଶାଖା ।

ଲଙ୍କିଣୀ, ବି. ସ୍ତ୍ରୀ. (ଲଙ୍କିନୀ ଶବ୍ଦର ରୂପାନ୍ତର) ଦେବୀଙ୍କ ନାମବିଶେଷ । ଯଥା—

**ଲଳିତା ଲୋହିତାକ୍ଷୀ ଲଙ୍କିଣୀ ଲୀଳେଶ୍ୱରୀ,**
**ଲୋକମା ଲୋକକର୍ତ୍ତ୍ରୀ ଲହରୀ ଲମ୍ବୋଦରୀ ।**
**ନୃ. ପୁ. ପ. ଛ.**

ଲଙ୍କିମୀ, ବି. ସ୍ତ୍ରୀ. ଲଙ୍କାର ଦେବୀ, ଲଙ୍କାର ଠାକୁରାଣୀ ।

ଲଙ୍ଗର, ବି. ( ଦେଶଜ ) ଜାହାଜ ଆଦି ଅଟକାଇ ରଖିବାପାଇଁ ଲୌହନିର୍ମିତ ଯନ୍ତ୍ରବିଶେଷ ।

ଲଙ୍ଗଳ, } ବି. (ଲାଙ୍ଗଳ ଶବ୍ଦର ଅପଭ୍ରଂଶ )
ନଙ୍ଗଳ, } ଭୂମି କର୍ଷଣ ଯନ୍ତ୍ର ।

ଲଙ୍ଗଳା, } ବିଂ. ( ନଗ୍ନ ଶବ୍ଦଜ) ଉଲଙ୍ଗ,
ନଙ୍ଗଳା, } ଦିଗ୍‌ବାସ । ଯଥା—

ସ୍ତନ ଜାନୁ ଢଣଇ ଯେ ବୁଲଇ ଲଙ୍ଗଳା । ସା ଭା.ଆ.

ଲଙ୍ଗୂଳ, ବି. ( ଲନ୍‌ଗ୍ = ଗମନକରିବା-ଊଳ ) ଲାଞ୍ଜ ।

ଲଙ୍ଘନ, ବି. (ଲନ୍‌ଘ୍ = ଉପବାସ କରିବା, ଗମନ କରିବା-ଅନ) ଉପବାସ; ଯାପନ, ଅତିକ୍ରମ । ଯେପରି—ଆଦେଶ ଲଙ୍ଘନ । ଅଭିଘାତ, ଆକ୍ରମଣ; ଲମ୍ଫ ମାରିବା ।

ଲଙ୍ଘିବା, କ୍ରି.(ଲନ୍‌ଘ୍ ଧାତୁଜ)ଅତିକ୍ରମ କରିବା; ଅତିବାହିତ କରିବା, ଡେଇଁଯିବା ।

ଲଛମନ, ବି. (ଲକ୍ଷ୍ମଣ ଶବ୍ଦଜ) ଶେଷଦେବ । ଯଥା—

ଶ୍ରୀଲଛମନଙ୍କ ଶବର, ଭକତ ମୁକତ ଦୁଆର । ଦା.ର.

ଲକ୍ଷ୍ମଣ, ତନ୍ନାମଧାରୀ ବ୍ୟକ୍ତି ।

ଲଛମା, ବି. ( ଲକ୍ଷ୍ମଣ ଶବ୍ଦଜ ) ଲକ୍ଷ୍ମଣ, ତନ୍ନାମଧାରୀ ବ୍ୟକ୍ତି । ( ଲକ୍ଷ୍ମୀ ଶବ୍ଦଜ ) ଲକ୍ଷ୍ମୀ, ତନ୍ନାମଧାରିଣୀ ସ୍ତ୍ରୀ ।

ଲଚ୍ଛା, ବି. (ଦେଶଜ) ତପ୍ତ ଲୌହଶଳାକାରେ ଦାଗ ଦେବା; ନଳ ବା ବନ୍ଧୁକର ଆଘାତ ।

ଲଛି, ଲଚ୍ଛି, ବି. ସ୍ତ୍ରୀ. (ଲକ୍ଷ୍ମୀ ଶବ୍ଦଜ, ପ୍ରାକୃତ) ଲକ୍ଷ୍ମୀ, ତନ୍ନାମଧାରିଣୀ ସ୍ତ୍ରୀ ।

ଲଜ୍ଜା, ବି. ସ୍ତ୍ରୀ.(ଲସ୍‌ଜ୍—ଲଜ୍ଜିତ ହେବା-ଅ-ଆ) ବ୍ରୀଡ଼ା, ଲାଜ; ଅନୁଚିତ କର୍ମ କଲେ ପର ପରିଜ୍ଞାନ ଭୟ । (ବିଶେଷଣରେ ଲଜ୍ଜମାନ, ଲଜ୍ଜାଳୁ, ଲଜ୍ଜାବାନ୍ ଓ ଲଜ୍ଜିତ ପଦ ସିଦ୍ଧ ହୁଏ ।)

ଲଜ୍ୟା, ବି. ସ୍ତ୍ରୀ. (ଲସ୍‌ଜ୍-ଯ-ଆ) ଲାଜ ।

ଲଞ୍ଜ, ବି. (ଲନ୍‌ଜ୍—ବରିଷ୍ଠ ହେବା-ଅ) ପାଦ; କଚ୍ଛ, କଚ୍ଛୁ; ପୁଚ୍ଛ; ଅନଦ୍ଧା; ଲାମ୍ପଟ୍ୟ; ସ୍ରୋତ; ଲକ୍ଷ୍ମୀ ।

ଲଠ, ବି. (ଲଠ୍ = ବୃପଳାଦି ବାଲଭାବ ପ୍ରକାଶ କରିବା, ବୋଲିବା-ଅ) ପ୍ରମାଦବଚନ; ଦୋଷ । ବିଂ. ପାଗଲ; ଅବୋଧ; ଚୋର । (ଦେଶଜ ପ୍ରାୟ) କୌତୁକ । ଯଥା—

ଲଗାଇଛ ଲଠ ଯେଉଁ ରସରେ,
ଲୁଟିବ ସିନା କାଲି ପ୍ରଭାତରେ । କ. ଚ. ଚ.

ଆଶା, ଭରସା । ଯଥା—

ପାଞ୍ଚନ୍ତ ଏ ବାଣ ତ ଅଟଇ ଅପାଲଠ,
ବ୍ରହ୍ମା ବିଷ୍ଣୁ ହର ହେଲେ ସରଇ ତ ଲଠ । ନୃ.ପୁ.ପ.ଚ.

ଛଳନା । ଯଥା—

ରାଜାଏ ଗୋଳ କରିବେ ଧନୁ ଲଠ ଲଗାଇ ।
ସା. ଭା. ଆ.

ଲଠକ, ବି. (ଲଠ-ଅକ) ଦୁର୍ଜ୍ଜନ ବା ଅସାଧୁ ବ୍ୟକ୍ତି । ଯେପରି—ଲଠକ ମେଳକ ।

ଲଠକଣ, ଲଠକାଣ, ବି. (ହିନ୍ଦୀ) ଲମ୍ବାଇବା, ବାନ୍ଧି ଝୁଲାଇବା । ବିଂ. ଲମ୍ବମାନ ।

ଲଠକଣି, ବି. ( ଦେଶଜ ) ପାଗର ଲମ୍ବମାନ ଗୁଚ୍ଛ । ଯଥା—

ଲପଟା ପାଗେ ଜରିପଟା ତ ପଡ଼ିଛୁ,
ପୃଷ୍ଠକୁ ଲମ୍ବି ପୁଷ୍ପ ଶୋଭା ସେ କରୁଛୁ ।
ଲଠକଣି ପୁଣି ହୋଇଅଛୁ ବନ୍ଧା,
ଦେଖିଲେ ତାହା ଲୋକ ମନ ହୁଏ ଧନ୍ଦା । କୃ.ଭା.ଆ.ପ.

ଲଠକା, ବି. ( ଦେଶଜ ) ବାନ୍ଧି ଲମ୍ବାଇବା । ବିଂ. ବନ୍ଧନରୁ ଲମ୍ବି ଥିବା ।

ଲଠକାଇବା, କ୍ରି. ( ଦେଶଜ ) ଉକୁଗୁଇବା; ବାନ୍ଧି ଲମ୍ବାଇଦେବା ।

ଲଠକାଳି, } କ୍ରି. ବିଂ. ( ଦେଶଜ ) ହଠାତ୍,
ଲଠଗାଳି, } ଅକସ୍ମାତ୍, ସହସା । ଯଥା—

ଏସନ ବୋଲି ରାଜା ରଜନୀଯାକ ଭାଳି,
ପାହାନ୍ତ ପହରେ ସେ ଶୋଇଲା ଲଠକାଳି । ନୃ.ପୁ.ଚ.ଚ.
ବନସ୍ତ ଭାବେ ପାର୍ଥ ହୋଇଣ କୃତାଞ୍ଜଳି,
ପୁଣିହିଁ କୃଷ୍ଣପାଦେ ପଡ଼ଇ ଲଠଗାଳି । ନୃ. ପୁ. ସ. ଚ.

ଲଠପଠ, ବି. (ଦେଶଜ) ଧୂଳି ବା କାଦୁଅରେ ଏଣେତେଣେ ଗଡ଼ିବା ଓ ବୋଳିହେବା ।

ଲଠରପଠର, ବି. (ଦେଶଜ) ଗଡ଼େଇତଡ଼େଇ; ଇତସ୍ତତଃ ଚଳନ ।

ଲଟଲଟ, କ୍ରି. ବିଂ. ଅଠା ପରି । ଯଥା—
ଲଟଲଟ ଲାଗି ରହିଲା ।

ଲଟା, ବି. ( ଲଗ୍ନ ଶବ୍ଦଜ ) ଲଗ୍ନ; ସଂଯୋଗ କରିବା । ବିଂ. ସଂଯୁକ୍ତ ।

ଲଟାଇବା, କ୍ରି. ( ଦେଶଜ ) ସଂଲଗ୍ନ କରିବା, ମିଳାଇବା ।

ଲଟି, ବି. ସ୍ତ୍ରୀ. ( ଲଗ୍ନିକା ଶବ୍ଦଜ ) ଲଗ୍ନ; ସଂଯୋଗ ।

ଲଟୁ, ବି. (ଦେଶଜ) ଖେଳନାବିଶେଷ ।

ଲଟେଇ, ନଟେଇ, ବି. ( ଦେଶଜ ) ସୂତା ଗୁଡ଼ାଇ ରଖିବା ଯନ୍ତ୍ର ।

ଲଟ୍ୱା, ବି. ସ୍ତ୍ରୀ. ସଂ. ନଟୀକରଞ୍ଜ ଗଛ; ପକ୍ଷିବିଶେଷ, ଗ୍ରାମଚଟକ ପକ୍ଷୀ; ମିଷ୍ଟ ଖାଦ୍ୟଦ୍ରବ୍ୟବିଶେଷ; ବାଦ୍ୟବିଶେଷ; ଦୁଷ୍ଟଚରିଣୀ ସ୍ତ୍ରୀ; କୁସୁମ ଫୁଲ ଓ ଫଳ । (ଲଟ୍ୱା କରଞ୍ଜଭେଦେ ସ୍ୟାତ୍ ଫଳେ ବାଦ୍ୟେ ଖଗାନ୍ତରେ—ମେଦିନୀ ।)

ଲଠା, ବି. (ଦେଶଜ) ଅଠା ।

ଲଠାଳିଆ, ବିଂ. (ଦେଶଜ) ଅଠା ପରି ହେବା ।

ଲଠି, ବି. ( ପ୍ରାକୃତ ଲଟ୍ଠି ଶବ୍ଦଜ ) ଯଷ୍ଟି, ଠେଙ୍ଗା ।

ଲଡ଼କ, ବି. (ଦେଶଜ) ଗାଈ ମଇଁଷି ବେକରେ ବାନ୍ଧିବାପାଇଁ କାଷ୍ଠନିର୍ମିତ ଦଣ୍ଡିକା ।

ଲଡ଼ଣ, ଲଡ଼ଣା, ବି. (ସ୍ପନ୍ଦନାର୍ଥ ଲଡ଼୍ ଧାତୁଜ) ଚଳନ ।

ଲଡ଼ବଡ଼, ବିଂ. ( ଦେଶଜ ) ଏଣେତେଣେ ଗତାଗତ । ବି. ଇତସ୍ତତଃ ଗମନାଗମନ; ଚଳନ ।

ଲଡ଼ବଡ଼, ଲଡ଼ଲଡ଼, ବିଂ. ( ଦେଶଜ ) ଶିଥିଳ, ଶ୍ଳଥ; ଇତସ୍ତତଃ ଚଳିତ । ଯଥା—
ଖଣ୍ଡା ବାଳ କାହାର ଛୁଡ଼ି ପିଠି ହାଡ଼,
ଉଠିଲେ ଅଣ୍ଟା ହେଉଅଛି ଲଡ଼ଲଡ଼ । କୃ.ଖ୍ର.ବ.ପ.

ଲଡ଼ବଡ଼ିଆ, ବିଂ. (ଦେଶଜ) ଚପଳ (ବ୍ୟକ୍ତି), ଅସ୍ଥିର, ଚଞ୍ଚଳ ।

ଲଡ଼ହ, ବିଂ. (ଲଡ଼୍ = ବିଳାସ କରିବା-ଅହ) ସୁନ୍ଦର; ବିଳାସବାନ୍; ଲୋଳ ।

ଲଡ଼ା, ବି. (ସ୍ପନ୍ଦନାର୍ଥ ଲଡ଼୍ ଧାତୁଜ) ଚଳନ । ବିଂ. ଚଳିତ ।

ଲଡ଼ାଇ, ଲଡ଼େଇ, ଲଢ଼ାଇ, ଲଢ଼େଇ, ବି. ( ଦେଶଜ ) ଯୁଦ୍ଧ; ବିବାଦ । ଯଥା—
ମୃଗ ହୋଇ ସିଂହ ସଙ୍ଗତେ ଲଢ଼ାଇ,
କରିବାକୁ କପାଁ କରୁଛ ବଢ଼ାଇ । କୃ. ଖ୍ର. ବ. ପ.

ଲଡ଼ାଲଡ଼ି, ବି. (ଦେଶଜ) ଚଳନ, ଇତସ୍ତତଃ-କରଣ ।

ଲଡ଼ାଲଡ଼ି, ଲଢ଼ାଲଢ଼ି, ବି.(ଦେଶଜ-କ୍ରିୟା ବ୍ୟତିହାର) ଅନ୍ୟୋନ୍ୟ ଯୁଦ୍ଧ; ଅନ୍ୟୋନ୍ୟ କଳହ । ଯଥା—
ପୁରୁଷ ସଙ୍ଗରେ ଲଢ଼ାଲଢ଼ି ଭିଡ଼ାଭିଡ଼,
କରୁ କରୁ ଅଙ୍ଗୁ ଅଲଙ୍କାର ଗଲା ପଡ଼ି । ବୈ. ପ.

ଲଡ଼ିବା, କ୍ରି. ( ଦେଶଜ ) ଚଳିତ ହେବା; ହଲିବା ।

ଲଢ଼ିବା, ଲଡ଼ିବା, କ୍ରି. (ଦେଶଜ) ବିବାଦ କରିବା; ଯୁଦ୍ଧ କରିବା ।

ଲଡ଼ୁ, ବି. (ଲଡ୍ଡୁକ ଶବ୍ଦଜ) ମିଷ୍ଟାନ୍ନବିଶେଷ ।

ଲଢ଼େଇହେବା, ଲଡ଼ାଇହେବା, କ୍ରି. ( ଦେଶଜ ) ଅଯଥା ଅଧିକାର ଦେଖାଇ ଏଣେ ତେଣେ ହେବା; ଅଯଥା ଅଧିକାର ଦେଖାଇବା ।

ଲଡ୍ଡୁ, ଲଡ୍ଡୁକ, ବି. (ଲଡ୍-ଡୁ, ଲଡ୍ଡୁ-କ) ମୋଦକ, ମିଷ୍ଟାନ୍ନବିଶେଷ ।

ଲଣ୍ଠଣ, ଲଣ୍ଠନ, ବି. (ଇଂରାଜୀ ଶବ୍ଦଜ) କାଚର ଦୀପପଞ୍ଜୁରୀ ।

ଲଣ୍ଡ, ଲଣ୍ଡା, ବି. (ଲନ୍ଡ୍ = ଉତ୍କ୍ଷେପ କରିବା-ଅ, ଆ) କଠିନ ଲମ୍ବାକୃତି ବିଷ୍ଠା, ଲେଣ୍ଡି । (ପପାତ ଲଣ୍ଡଂ ବିସୃଜନ୍ କ୍ଷିତୌ ବ୍ୟସୁଃ ।)

ଲଣ୍ଡଭଣ୍ଡ, ବିଂ. (ଦେଶଜ) ଉଚ୍ଛିନ୍ନ; ଅସ୍ତବ୍ୟସ୍ତ, ଅସ୍ତବ୍ୟସ୍ତ । ଯଥା —
ବାଜଣ ବେଳ ବୃକ୍ଷ ହୋଇଲା ମସିଗୁଣ୍ଡ,
ତା ନ ମାନିଲା ଗ୍ରାମ ଲୋକଙ୍କେ ଲଣ୍ଡଭଣ୍ଡ । ସା.ଭା.ଆ.
ବିଦୂରିତ; ଅପମାନିତ; ଅନାଦୃତ । ବି. ଗୋଳମାଳ ।

ଲଣ୍ଡା, ବିଂ. (ଦେଶଜ) କେଶହୀନ । ଯେପରି— ଲଣ୍ଡାମୁଣ୍ଡ । ଯାହାର ମସ୍ତକରେ କେଶ ନାହିଁ ।

ଲଣ୍ଡାବାବୁଲ, ବି. (ଦେଶଜ) ଗୁଳ୍ମବିଶେଷ ।

ଲତଲତ, ବିଂ. (ଦେଶଜ) କଅଁଳ; ଦୃଢ଼ତାହୀନ ।

ଲତଲତାଇବା, } କ୍ରି. (ଦେଶଜ) ଚିପି କଅଁଳ
ଲତଲତେଇବା, } କରିଦେବା, ଦୃଢ଼ତାହୀନ କରିଦେବା ।

ଲତା, ଲତିକା, ବି. ସ୍ତ୍ରୀ. (ଲତ୍ = ବେଷ୍ଟନ କରିବା-ଅ-ଆ, କ ସ୍ୱାର୍ଥେ, ଆକାରର ପୂର୍ବେ ଇକ) ବଲ୍ଲୀ; ଶାଖାରହିତ ମୃଦୁବଲ୍ଲୀ; ସୂତ୍ର; ଶାଖା; ଦୁବା; କୈବର୍ତ୍ତିକା; ସାରିକା; ନାରୀ ।

ଲତାପନସ, ବି. ସଂ. ତରୁଭୁଜ ଗଛ ଓ ଫଳ ।

ଲତାପ୍ରତାନମ୍ପି, ବି. ସ୍ତ୍ରୀ. ସଂ. ଶାଖାବିଦ୍ୱାରା ବିସ୍ତୃତ ଲତା ।

ଲଥା, ବି. (ଦେଶଜ) ଉପକଥା । ଯଥା—
ଏଥିରେ ବାଛିବାକୁ ଅଛି କେଉଁ କଥା,
ବହୁତ ନ ଥାଇ ହେ ଏଥି ଖଞ୍ଜି ଲଥା । କୃ.ଷ୍ଟ.ଗୀ.ପ.
ବୋଝ ଉପରେ ଗ୍ଲେଟ ବୋଝ ।

ଲଥିବା, କ୍ରି. (ଦେଶଜ) ବୋଝ ଉପରେ ଗ୍ଲେଟ ବୋଝ ଦେବା; କଥାକୁ ଅନ୍ୟ କଥା ଲଗାଇବା ।

ଲଦନ, ବି. (ଦେଶଜ) ପରିମାଣବିଶେଷ; ବୋଝ; ହସ୍ତିପୃଷ୍ଠର ଆସନ । ଯଥା—
ମାହୁନ୍ତ ଆସିଲେ ଲଦନ ପକାଇ
ଗିରୁ ବରଡ଼ାଲ ଅଣି । ଉ. ସା.

ଲଦା, ଲଦାଣ, ବି. (ଦେଶଜ) ମସ୍ତକ ପ୍ରଭୃତି ଉପରେ ଭାର ଥୋଇବା ।

ଲଦାମୁ, ବି. (ଦେଶଜ) ଗୃହମଧ୍ୟରେ ଆଚ୍ଛୁ କରିବାପାଇଁ ପକାଇବା କାଠ ବା ବୁଲ୍ଲ ।

ଲଦିବା, କ୍ରି. (ଦେଶଜ) ଭାର ବିନ୍ୟାସ କରିବା; ଗୋଟାକ ଉପରେ ଆଉ ଗୋଟାଏ ରଖିବା; ଥୋଇବା । ଯଥା—
(ରଙ୍ଗ କମଳ) ଲଦୁଥାଇ ଶିରେ ବାରବାର । ବି.ଚ.ମ.

ଲପଟା, ବି. (ଲମ୍ବ-ପଟ ଶବ୍ଦଜ) ଲମ୍ବାପଗଡ଼ି । ଯଥା—
ଲପଟା ପାଗମାନ ଲେଟିଛୁ ପିଠିକି । କୃ.ଷ୍ଟ.ଆ.ପ.

ଲପଟାଇବା, }
ଲପଟେଇବା, } କ୍ରି. (ଦେଶଜ) ଜଡ଼ାଇବା;
ଲପ୍ଟାଇବା, } ସଂଶ୍ଳିଷ୍ଟ କରିବା ।

ଲପନ, ବି. (ଲପ୍ = କହିବା-ଅନ) ବଦନ, ମୁଖ; କଥନ ।

ଲପିତ, ବି. (ଲପ୍-ତ) କଥନ, ବଚନ । ବିଂ. କଥିତ ।

ଲପିବା, କ୍ରି. (ଲପ୍ ଧାତୁଜ) କହିବା ।

ଲପେଟ, ବି. (ଦେଶଜ) ବିନାମାବିଶେଷ, ଜୋତା ବା ପାଦରକ୍ଷକବିଶେଷ ।

ଲପ୍ସିକା, ବି. ଏକପ୍ରକାର ସୁମିଷ୍ଟ ଖାଦ୍ୟ, ମୋହନଭୋଗ ।

ଲଫା, ବି. (ଦେଶଜ) ଲାଭ ।

ଲଫାଫା, ବି. (ଯାବନିକ) କାଗଜର ଖୋଳ, ଚିଠିର ବହିରାବରଣ ।

ଲବଣି, ଲବଣୀ, ବି. (ନବନୀତ ଶବ୍ଦଜ) ଲହୁଣି । ଯଥା—
ଲବଣିପିତୁଳାରୁ ହୋଇ ଜନମ
ବଜ୍ରରୁ କଠିନ ଦରବ । ପ୍ରେ. ସୁ. ନି.

ଲବ୍ଜ, ଲବଜ, ବି. (ଦେଶଜ) ସ୍ନେହାନୁବନ୍ଧ, ମୌଜ; କୌତୁକ, ଥଟ୍ଟା ।

ଲବ୍ଧ, ବିଂ. ( ଲଭ୍ = ପାଇବା-ତ ) ପ୍ରାପ୍ତ; ଉପାର୍ଜିତ; ଗୃହୀତ । (ବିଶେଷ୍ୟରେ ଲବ୍ଧି ହୁଏ ।)

ଲବ୍ଧବର୍ଣ୍ଣ, ବିଂ. ସଂ. ବିଚକ୍ଷଣ, ପଣ୍ଡିତ ।

ଲଭିବା, କ୍ରି. (ଲଭ୍ ଧାତୁଜ) ପାଇବା ।

ଲଭ୍ୟ, ବିଂ. (ଲଭ୍-ଯ) ପ୍ରାପ୍ୟ; ନ୍ୟାଯ୍ୟ, ଉପଯୁକ୍ତ ।

ଲମଟା, ବି. (ଦେଶଜ) ରାଜସେବକବିଶେଷ, ରାଜାଙ୍କ ପାତଲିଆ । (ଲେଙ୍କା ଶବ୍ଦ ଦେଖ ।)

ଲମ୍ପଟ, ବି. (ରମ୍ = ଅନୁରକ୍ତ ହେବା-ଅଟନ୍, ପ ଆଗମ, ର = ଲ) କାମୁକ; ଲୋଲୁପ; ଆସକ୍ତ ।

ଲମ୍ଫ, ବି. (ଲମ୍ଫ୍ = ଡେଇଁବା-ଅ) ଉଲ୍ଲମ୍ଫନ, ଡେଇଁବା ।

ଲମ୍ଫଦେବା, } କ୍ରି. (ଲମ୍ଫ ଶବ୍ଦଜ) ଡେଇଁବା ।
ଲମ୍ଫମାରିବା, }

ଲମ୍ବ, ବିଂ. ( ଲମ୍ବ୍ = ଲମ୍ବିତ ହେବା-ଅ ) ଦୋଳାୟମାନ; ସ୍ରସ୍ତ; ଝୁଲୁଥିବା; ଦୀର୍ଘ, ପ୍ରସାରିତ । ବି. ନର୍ତ୍ତକ; କାନ୍ତ, ଉତ୍କୋଚ; ଅବଲମ୍ବନ; ଅକ୍ଷବିଶେଷ; ଊର୍ଦ୍ଧ୍ୱରେଖା । (perpendicular) ତ୍ରିଭୁଜ କ୍ଷେତ୍ରର ଲମ୍ବମାନ ରେଖା ।

ଲମ୍ବନ, ବି. (ଲମ୍ବ୍-ଅନ) ଆଶ୍ରୟ; ଦୋଳନ, ଝୁଲଣ, ଝୁଲିବା । (ବିଶେଷଣରେ ଲମ୍ବମାନ ଓ ଲମ୍ବିତ ହୁଏ ।)

ଲମ୍ବଲମ୍ବ, ବି. (ଲମ୍ବ ଶବ୍ଦଜ) ଡେଙ୍ଗ; ଦୀର୍ଘତା । ବିଂ. ଡେଙ୍ଗା; ଦୀର୍ଘ ।

ଲମ୍ବା, ବି. ସ୍ତ୍ରୀ. ଗୌରୀ; ଲକ୍ଷ୍ମୀ । (ଲମ୍ବ ଶବ୍ଦଜ) ଦୈର୍ଘ୍ୟ । ବିଂ. ଡେଙ୍ଗା; ଦୀର୍ଘ । ଯଥା—
କିଏ ଲମ୍ବା କିଏ ବଙ୍କା ହୋଇଣ ତେନ୍ତୁଳି,
ଫଡ଼ା ଶାଖାମାନ ବ୍ୟାପି ଆଆନ୍ତି ଓହଳି । ବୃ. ସୁ.

ଲମ୍ବିବା, କ୍ରି. (ଲମ୍ବ୍ ଧାତୁଜ) ଓହଳିବା ।

ଲମ୍ବିଯିବା, କ୍ରି. ( ଗଡ଼ଜାତରେ ବ୍ୟବହୃତ ) ଗୁଳିଯିବା ।

ଲମ୍ଭନ, ବି.(ଲମ୍ଭ୍ = ଶବ୍ଦ କରିବା ଇତ୍ୟାଦି-ଅନ) ଧ୍ୱନି; ପ୍ରାପଣ; ଲାଞ୍ଛନା; ତିରସ୍କାର; ନିନ୍ଦା । (ବିଶେଷଣରେ ଲମ୍ଭିତ ହୁଏ ।)

ଲୟ, ବି. (ଲୀ = ଆଶ୍ଳିଷ୍ଟ ହେବା-ଅ) ଗୀତ ବାଦ୍ୟାଦିର ସମାନ ସମୟ; ଅଭିନୟ; ଲୀନ ହେବା କିମ୍ବା ମିଶିଯିବା; ବିନାଶ; ପ୍ରଣୟ; ଆବାସ; କ୍ରୀଡ଼ା; ବିଳାସ; ସଂଶ୍ଳେଷ । (ଦେଶଜ) ଧ୍ୟାନ । ଯଥା—
କଳେବର ସ୍ଥିର କରି ବକମାନେ
ମୀନକୁ କରନ୍ତି ଲୟେ । ର. କ.

ଲଳନ, ବି. (ଲଲ୍ ବା ଲଡ଼୍ = କଟାକ୍ଷାଦି ଭଙ୍ଗୀ ଦେଖାଇବା-ଅନ) କ୍ରୀଡ଼ା; ଗୃଳନ; ବାଳ; କମ୍ପନ । (ସ୍ତ୍ରୀ-ଆ) ସ୍ତ୍ରୀ, କାନ୍ତା, ପତ୍ନୀ; ଜିହ୍ୱା ।

ଲଲନ୍ତିକା, ବି. ସ୍ତ୍ରୀ. ସଂ. ନାଭିଲମ୍ବିତ ହାର ।

ଲଲାଟ, ବି. (ଲଲ୍ = ଇଚ୍ଛା-ଅଟ୍ = ଗମନ କରିବା- ଅ) ଭାଲ, କପାଳ ।

ଲଲାଟନ୍ତପ, ବି. ସଂ. ସୂର୍ଯ୍ୟ । ବିଂ. ଲଲାଟ-ତାପକାରୀ ।

ଲଲାଟିକା, ବି. (ଲଲାଟ-ଇକ-ଆ) ଲଲାଟର ଭୂଷଣବିଶେଷ; ଚନ୍ଦନାଦି ତିଳକ ।

ଲଲାମ, ଲଲାମନ୍, ବି. (ଲଲାମତି ଲଲାମଂ, ଲଲ ବିଲାସେ, ଲଲ୍-ଅ-ଲଲ୍ = କ୍ରୀଡ଼ା-ଅମ୍ = ଗମନ କରିବା-ଅନ୍) ଭୂଷଣ, ଲଲାଟର ଭୂଷଣ; ଚିହ୍ନ; ଲଲାଟସ୍ଥ ଚିହ୍ନ; ଶୃଙ୍ଗ; ପୁଚ୍ଛ; ଶ୍ରେଷ୍ଠ; ଧ୍ୱଜ; ପୁଣ୍ଡ୍ର; ପ୍ରଭାବ; ଅଶ୍ୱ ।

ଲଳିତ, ବି. (ଲଲ୍ = ଇଚ୍ଛା କରିବା କିମ୍ବା ଲଡ଼୍ = ବିଳାସ କରିବା-ତ) ବିଳାସ; ଚଳନ; ସ୍ତ୍ରୀନୃତ୍ୟ; କ୍ରୀଡ଼ା; ହାରବିଶେଷ; ରାଗବିଶେଷ । ବିଂ. କୋମଳ; ସୁନ୍ଦର; ପ୍ରିୟ; ଚଞ୍ଚଳ; ବାଞ୍ଛିତ । (ସ୍ତ୍ରୀ-ଆ) ଗୋପୀ-ବିଶେଷ; ଦୁର୍ଗା; କସ୍ତୁରୀ; ନାରୀ ।

ଲବ, ବି. (ଲୂ-ଛେଦନ କରିବା-ଅ) ଛେଦନ; ବିନାଶ; ବିଳାସ; ପୁଷ୍ପରେଣୁ; ଗୋପୁଚ୍ଛର ଲୋମ; ଲେଶ; ସୂକ୍ଷ୍ମସମୟବିଶେଷ; ରାମଙ୍କ ଦ୍ୱିତୀୟ ପୁତ୍ର; ପକ୍ଷ; ଲବଣ; ବିଭାଜ୍ୟରାଶି; ଜାଇଫଳ; ଲବଙ୍ଗ ।

ଲବଣ, ବି. [ଲୂ = (ମଇଳା) ଛେଦନ କରିବା-ଅନ] ଲୁଣ, କ୍ଷାରରସ; ଲବଣ-ସମୁଦ୍ର; ଅସୁରବିଶେଷ । ବିଂ. କ୍ଷାରରସ-ଯୁକ୍ତ, ଲୁଣିଆ ।

ଲବନ, ବି. (ଲୂ-ଅନ) ଛେଦନ, କର୍ତ୍ତନ ।

ଲବଲୀ, ବି. ସ୍ତ୍ରୀ. ବୃକ୍ଷବିଶେଷ । (କୋମଳତାର ସହିତ ଏହାର ଉପମା ହୁଏ ।)

ଲବିତ୍ର, ବି. (ଲୂ-ଇତ୍ର) ଅସ୍ତ୍ରବିଶେଷ, ଦାଆ ।

ଲଶୁନ, ଲଶୂନ, ବି. (ଲଶ୍ = ଭୋଜନ କରିବା-ଉନ, ଊନ) ରସୁଣ ।

ଲଷିତ, ବିଂ. (ଲଷ୍ = ଅଭିଳାଷ କରିବା-ତ) ବାଞ୍ଛିତ ।

ଲସନ୍ତ, ବିଂ. [ ଲସ୍ = କ୍ରୀଡ଼ା କରିବା-ଅନ୍ତ (ଶତୃ) ] ଶୋଭମାନ; ଚେଷ୍ଟମାନ ।

ଲସକର, ଲସ୍କର, ବି. (ଯାବନିକ) ସୈନ୍ୟ ।

ଲସମ, ବି. (ଦେଶଜ) କଫ; ଆର୍ଦ୍ରତା । ଯେପରି—ଭୂମିର ଲସମ ଅଛି ।

ଲସଲସିଆ, ବିଂ. (ଦେଶଜ) ଅଠାପରି ଥିବା ।

ଲସା, ଲସି, ଲସଣି, } ବି. (ଲସିକା ଶବ୍ଦଜ ବା ଦେଶଜ) ପୁଷ୍ପାଦିର ଡେମ୍ଫରୁ ବାହାରିବା ଦ୍ରବ । ଯେପରି—ଆମ୍ବଲସି । ଯଥା—

ଅଳ୍ପ ବଢ଼ିଲେ ଆମ୍ବକୁ କରନ୍ତି ଚଟଣି,
ଭୃଙ୍ଗାଣି ସଙ୍ଗେ ପିଅନ୍ତି ସୁରଭି ଲସଣି ।

ଲସାଇବା, କ୍ରି. (ଦେଶଜ) ଦ୍ରବାଇବା, ଉପୁରେ ତରଳିତ କରିବା । ଯଥା—

ଚନ୍ଦ୍ରକୁ କହେ କୁମାର ମାରକୁ କି
ଏହି ନିକଟେ ଲସାଇବି । ପ୍ରେ. ସୁ. ନି.

ଲସିକା, ବି. ସ୍ତ୍ରୀ. (ରସ୍ = ଆସ୍ୱାଦନ କରିବା ଇତ୍ୟାଦି-ଇକ, ଆ) ଲାଳ, ମୁଖଜାତ ଜଳ ।

ଲସିତ, ବି. ( ଲସ୍ = କ୍ରୀଡ଼ା କରିବା-ତ ) ବିଳାସ; ଉଲ୍ଲାସ; ଚେଷ୍ଟା । ବିଂ. ଶୋଭିତ; ଚେଷ୍ଟିତ ।

ଲସିବା, କ୍ରି. (ଦେଶଜ) ଦ୍ରବପରି ବହିଯିବା । ଯଥା—

ଯେତେ ଜୀବ ଗିରିକୋଟରେ ଥିଲେ,
ଗିରି ଲସିବାରେ ଦଳି ହୋଇଗଲେ । ବି. ଗୀ.

ବିନଷ୍ଟ ହେବା, ମୃତ ହେବା । ଯଥା—

ଲସିଲି କାଳେ ବିକୁଣ୍ଡଳ ।
ତକ୍ଷଣେ ଆସି ଯମଦୂତେ,
ବାନ୍ଧିଣ ନେଲେ ସେ ଭୁଜତେ । ମା. ମା.

ଲହକା, ବିଂ. (ଦେଶଜ) ଯାହା ସହଜରେ ଲଇଁ ଯାଏ ବା ନମ୍ର ହୋଇଯାଏ ।

ଲହଙ୍ଗା, ବି. (ଦେଶଜ) ପରିଧାନ ବସ୍ତ୍ର-ବିଶେଷ । ଯଥା—

ପିନ୍ଧନ୍ତି ସେ ଅତଲସ ଲହଙ୍ଗା ଉପରେ । ଲା. ବ.

ଲହଡ଼ା, ଲହଡ଼ି, ବି. ସ୍ତ୍ରୀ. (ଲହରୀ ଶବ୍ଦଜ) ଲହରୀ, ଢେଉ ।

ଲହମା, କ୍ରି. ବିଂ. (ଲଘୁକ ଶବ୍ଦଜ) ସତ୍ୱର, ଚଞ୍ଚଳେ, କ୍ଷଣକେ ବା ମୁହୂର୍ତ୍ତକେ ।

ଲହର, ବି. (ଦେଶଜ) ଅଭିନିବେଶ ବା ମନୋଯୋଗ । (ଲହରୀ ଶବ୍ଦଜ) ପ୍ରବାହ, ସ୍ରୋତ; ଲହରୀ । ଯଥା—

ଦେଖ ଦେଖ ଦୂରେ ଆସୁଛି ଯବନ,
ହଉଛି କେତନ ବାୟୁ ଲହରେ । କ. ବ.

ଲହରଫସର, ବିଂ. (ଦେଶଜ) ଇତସ୍ତତଃ ଚଳିତ, ଇତସ୍ତତଃ ଗତାଗତ । ବି. ଏଣେ ତେଣେ ଯିବା ।

ଲହରି, ଲହରୀ, ବି. ସ୍ତ୍ରୀ. (ଲ = ଇନ୍ଦ୍ରିୟ-ହୃ = ହରିବା-ଇ, ଈ) ତରଙ୍ଗ, ଢେଉ ।

ଲହଲହ, ବି. (ପ୍ରାକୃତ) (ଜିହ୍ୱାଦିର) ମନ୍ଦ ମନ୍ଦ ଚଳନ ।

ଲହସ, ନହସ, ବି. (ଦେଶଜ) ଚଞ୍ଚଳତା; ପ୍ରଣାଳୀ । (ଏହି ଶବ୍ଦ ବିଶେଷତଃ କଥାଶବ୍ଦ ସହ ପ୍ରଯୋଜ୍ୟ ହୋଇଥାଏ ।) ଯଥା—

କଥା ନହସରେ ନଦୀ ବେନ୍ନ ତୀରେ
ପରବେଶୁଁ ଯାଇ ବାଳୀ । କ. ମ.

ଲହସା, ବି. (ଗଡ଼ଜାତରେ) ଗୋବସନ୍ତ ।

ଲହସିପଡ଼ିବା, କ୍ରି. (ଦେଶଜ) ବହିପଡ଼ିବା, ଖସିପଡ଼ିବା । ଯଥା—

ରଖନ୍ତେ ପଡ଼ିଲା ଲହସି,
ଅଳପ ଶେଷମାନ ଦଶି । ଦା. ର.

ଲହୁ, ବି. (ଲୋହିତ ଶବ୍ଦଜ) ବହଳ ରକ୍ତ । ଯଥା—

ବହଇ ଅଧରୁ ଲହୁଧାର,
ନିଜ ଦନ୍ତେ ନିଜକୁ କାମୁଡ଼ି । ମ. ଯା.

ଲହୁଆ, ବି. (ଲୋହ ଶବ୍ଦଜ) ଲୁହା । ଯଥା—

ଲହୁଅନିର୍ମିତ ବର୍ମକୁ ଭୁମ୍ବର । କ. ମ.

ଲହୁଣି, ଲଉଣି, ବି. ( ନବନୀତ ଶବ୍ଦଜ ) ନବନୀତ ।

ଲହୁଣିଆ, ବି. (ଦେଶଜ) ଲହୁଣି ଯେ ବିକ୍ରୟ କରଇ; ଏକପ୍ରକାର ଦେଶିକ ବ୍ୟାୟାମ । ବିଂ. ଲହୁଣିମିଶ୍ରିତ; ଲହୁଣିସମ୍ବନ୍ଧୀୟ ।

ଲହୁରୁଣି, ଲହୁରୁଣୀ, ନହୁରୁଣି, } ବି. (ନଖରଞ୍ଜନୀ ଶବ୍ଦଜ) ନଖ କାଟିବା ଅସ୍ତ୍ର । ଯଥା—

କ୍ଷୁର ନହୁରୁଣି ଧରି କେହୁ ମାଂସ କାଟି । ନା.ର.ଗୀ.

ଲହୁଲି, ଲଉଲି, ବି. ( ଲୌଲ୍ୟ ଶବ୍ଦଜ ) କୋମଳ; ନୂତନ ।

ଲହୁଲୀ, ବି. ସ୍ତ୍ରୀ. (ଲୌଲ୍ୟା ଶବ୍ଦଜ) ଦେବୀଙ୍କ ନାମବିଶେଷ । (ଲଙ୍କିଣୀ ଶବ୍ଦ ଦେଖ ।)

ଲା, ଲାହା, ବି. (ଲାକ୍ଷା ଶବ୍ଦଜ) ଜଉ; ସାରାଂଶ, ସାରବସ୍ତୁ ।

ଲାଇକ, ବିଂ. (ଦେଶଜ) ଉପଯୁକ୍ତ; ସୁନ୍ଦର ।

ଲାଇବା, କ୍ରି. (ଦେଶଜ) ପୂରାଇବା; ପରିଧାନ କରିବା, ପିନ୍ଧିବା । ଯଥା—

ଅଙ୍ଗେ ଲାଇଲେ ହେ ଅଭେଦ କବଚମାନ । ବି. ଚି.

ଅଳଂକାରାଦି ଲଗାଇବା । ଯଥା—

ଶଙ୍ଖା ଦୁଇବାହୁ ଦୁଇ ହାତେ ଲାଇ । କୃ. ଖ. ବ. ପ

ଲାଉ, ନାଉ, ବି. ( ଲାବୁ ଶବ୍ଦଜ, ପ୍ରାକୃତ ) ସ୍ୱନାମପ୍ରସିଦ୍ଧ ଫଳବିଶେଷ ।

ଲାକଆ, ଲାଙ୍କିଆ, ବି. (ଦେଶଜ) ଅସ୍ତ୍ରବିଶେଷ । ଯଥା—

ବଳେ ବେନି ସଇନ ହେଲେ ଉଚବାଚି,

ଉଦ୍ଧରନ୍ତି ଲାକଆ ଧନୁଶର ଆମଚ୍ଛି । ସା. ଶ୍ରି. ଆ.

ପଟାକୁନ୍ତ ଅସିପରି ଭୂଷଣ୍ଡି ମୂଷଳୀ,

ଝଲକନ୍ତି ଲାଙ୍କିଆ ମେଘେ ଯେସ୍ନେ ବିଜୁଳୀ । ନୃ. ପୁ.

ଲାକ୍ଷା, ବି. ସ୍ତ୍ରୀ. ( ଲକ୍ଷ୍ = ଚିହ୍ନକରିବା-ଅ-ଆ ) ଜଉ ।

ଲାଖ, ବି. (ଲାକ୍ଷା ଶବ୍ଦଜ) ଜଉ । (ଲକ୍ଷ ଶବ୍ଦଜ) ଲକ୍ଷ୍ୟ । ଯଥା—

ଲାଖ ବାନ୍ଧୁଛନ୍ତି କାହିଁ ଯୋଧିଦଳ । ନ. କେ.

ଲାଖବତି, ବି. ( ଲାକ୍ଷାବର୍ତ୍ତୀ ଶବ୍ଦଜ ) ଜଉର ଶଳାକା; ଜଉରେ ନିର୍ମିତ ବତି ।

ଲାଖରାଜ, } ବି. ( ଯାବନିକ ) ନିଷ୍କର ଭୂମି ।
ଲାଖରାଜି, } ବିଂ. ନିଷ୍କର ।

ଲାଖସାଜ, ବି. ( ଲକ୍ଷ-ସଜ୍ଜ ଶବ୍ଦଜ ) ଲକ୍ଷରେ ନିପୁଣତା । ଯଥା—

ଦେଖିବା କାହାର କେଡ଼େ ଅଛି ଲାଖସାଜ ।
ନୃ. ପୁ. ଭୂ. ଚ.

ବିଂ. ଲକ୍ଷରେ ନିପୁଣ ।

ଲାଖି, ବିଂ. (ଲକ୍ଷ ଶବ୍ଦଜ) ଭୂଖ୍ୟ ।

ଲାଖିବା, } କ୍ରି. ( ଲକ୍ଷ୍ ଧାତୁଜ ) ସଂଲଗ୍ନ
ଲାଖିରହିବା, } ହେବା । ଯଥା—

ମାତ୍ର ସାଧୁବାଦ ହୁହୁଁ ଉଠି ତାର
ରହିଲା ଲାଖି ଗଳାର । ଉର୍ବଶୀ ।

ଲାଗ, ବି. ( ଲଗ୍ନ = ପ୍ରାକୃତ ଲଗ୍‌ଗ ଶବ୍ଦଜାତ) ନିକଟ, ନିକଟରେ ଥିବା ସ୍ଥାନ । ଯଥା—
କୁଟୀ କଲେ ତହିଁ ଲାଗରେ । କ୍ଷଣ ବା ମୁହୂର୍ତ୍ତ । ଯଥା—ସେ ଏଲାଗେ ଆସିବେ । ବିଂ. ନିକଟବର୍ତ୍ତୀ । (ସମ୍ବଲପୁର ଅଞ୍ଚଳରେ) ଋଣ ।

ଲାଗଣି, } ବି. (ଲଗ୍‌ଗ ଶବ୍ଦଜ) ବନ୍ଧୁ ସମ୍ବନ୍ଧ,
ଲାଗଣିକ, } ବନ୍ଧୁତ୍ୱ । ଯଥା—ତାଙ୍କର ଆମର ଲାଗଣିକ ଅଛି ।

ଲାଗପାଟ, ବିଂ. ( ଦେଶଜ ) ନିକଟ; ନିକଟବର୍ତ୍ତୀ ।

ଲାଗି, ବି. ( ଲଗ୍ ଧାତୁର ଅନୁକୃତ ) ଗ୍ରହଣ । ଯଥା—

ସଜ ଲାଗ ଆଦର କଲେଣି ହେଲା । ବି. ଚ. ମ.

ମତ୍ତତା; ଗଞ୍ଜାଇ ପ୍ରଭୃତିର ନିଶା । ବିଂ. ଗ୍ରହଣ କରା ଯାଇଥିବା, ଗୃହୀତ । ଯଥା—

ଲୁଚ୍ଛାଇଛ କାହିଁ ଶ୍ୟାମ ହେ ଦିଅ ମୋ ଲାଗି ଶାଢ଼ୀ ।
କ. ଚ. ଚ.

ଅଂ. (ପ୍ରାକୃତ) ହେତୁରୁ । ଯଥା—

ଯାବନଜନନୀ ଲାଗିଗଲା ବୋଲି
ସତେ ଏ ଭାଗ୍ୟ ଅରଜିବି । ପ୍ରେ. ସୁ. ନି.

ନିମନ୍ତେ । ଯଥା—

ଯାହା ଲଭିବାର ଲାଗି, ଅଛୁ ଅବିରତ ଜାଗି । କ. ବ.

ଲାଗିବା, କ୍ରି. ( ଲଗ୍ ଧାତୁଜ ) ଲଗ୍ନହେବା, ମିଶିବା; ବୋଧହେବା, ଅନୁଭୂତହେବା । ଯଥା—

ଗୃହରେ ଲାଗଇ ଶୀତ ପୁଣି ଗଲେ
ଖରକୁ କାଟଇ ଖରା । ଉର୍ବଶୀ ।

ଆବିଷ୍ଟ ହେବା; ଦେହ ଭିତରେ ପଶି ଅଧିକାର କରିବା । ଯଥା—

ଗଞ୍ଜାଇକ ଭଳି ଲାଗି ଯାଙ୍କେ ପୁଣି
ରଞ୍ଜାଇଲା ମନ ଝଳି । କ. ଚ. ଚ.

ଆରମ୍ଭ ହେବା । ଯଥା—କାଲଠାରୁ ଉତ୍ସବ ଲାଗିବ । କଳହ କରିବା । ଯଥା—ସେ ମୋ ସଙ୍ଗେ ସର୍ବଦା ଲାଗୁଅଛି ।

ଲଗିହେବା, କ୍ରି. ( ଲଗ୍ ଧାତୁଜ ) ବସ୍ତ୍ରାଦି ପିନ୍ଧିବା । ଯଥା—

କେତେରୂପେ ଅମ୍ବର ଲଗି ହୋଇ । ର. କ.

ଅଶ୍ୱାଦିରେ ଚଢ଼ିବା । ଯଥା—

କୃଷ୍ଣବଲ୍ଲଭ ରଜା ହୋଇଲେ ଅଶ୍ୱଲଗି,
ନୃସିଂହ ଗହଣେ ଲଗିଛନ୍ତି ମାସ୍ୱାତ୍ୟାଗୀ । ନୃ.ପୁ.ପ୍ର.ତ.

ଗ୍ରହଣ କରିବା ।

ଲଗୁଆ, ଲଗୁଆସାଗୁଆ, ବି. (ଦେଶଜ) ମୂଲ୍ୟ ପଛେ ଦେବାକୁ କହି କଣିବା, କାଳନେବା ।

ଲଗୁଆଣି, ବି. (ଦେଶଜ) ଚୁଲିରେ ନିଆଁ କରିବା ପାଇଁ ଶୁଖିଲା ଝୁଣ୍ଟିକାଠ । ଯେପରି —ଲଗୁଆଣି କାଠ ।

ଲଘବ, ବି. ଲଘୁ-ଅ ଭାବାର୍ଥେ) ଲଘୁତା, ଭାରରାହିତ୍ୟ; ଅଗୌରବ; ଆରୋଗ୍ୟ; ଶୀଘ୍ରତା ।

ଲଙ୍ଗଟ, ଲଙ୍ଗଟା, ଲଙ୍ଗଟି, ଲଙ୍ଗଟି, ବି. (ଦେଶଜ) କାଛପରି ଏକ ପ୍ରକାର ବସ୍ତ୍ର । ଯଥା—

ଲଙ୍ଗଟ ବସନ କୁବୁଜଗଲାର ଆଖି,
ଭୀମ କରତାଳ ମାରି ହସିଲା ତା ଦେଖି । ସା. ଭା. ଆ.
କର୍ଣ୍ଣରେ ତାମ୍ରକୁଣ୍ଡଳ ପଞ୍ଝଣିରେ ଜଟା,
ହସ୍ତରେ ଡାକଡମ୍ବରୁ କଟିରେ ଲଙ୍ଗଟା । ନୃ.ପୁ.ପ୍ର.ତ.

ଲଙ୍ଗଳ, ବି. (ଲନ୍ଗ୍=ଗମନ କରିବା-ଅଳ) ଭୂମିକର୍ଷଣ ଯନ୍ତ୍ରବିଶେଷ; ଲଙ୍ଗ; ପୁଷ୍ପବିଶେଷ; ତାଳବୃକ୍ଷ ।

ଲଙ୍ଗଡ଼, ବି. (ଲଙ୍ଗୂଳ ଶବ୍ଦଜ) ଗୋରୁ ପ୍ରଭୃତିର ପୁଚ୍ଛ ବା ଲାଞ୍ଜ ।

ଲଙ୍ଗୁଡ଼ାତାରା, ବି. ( ଲଙ୍ଗୂଳ-ତାରା ଶବ୍ଦଜ ) ଧୂମକେତୁ । ଯଥା—

ଲଙ୍ଗୁଡ଼ା ତାରା ନାମ ଏ ବହ୍ନି ବିଶେଷେ । ନୃ.ପୁ.ପ୍ର.ତ.

ଲଙ୍ଗୂଳ, ଲାଙ୍ଗୂଳ, ବି. ( ଲନ୍ଗ୍=ଆସକ୍ତ ହେବା-ଊଳ, ଉଳ) ପୁଚ୍ଛ, ଲାଞ୍ଜ ।

ଲଞ୍ଛ, ବି. (ପ୍ରାକୃତ ଲଞ୍ଛ ଧାତୁଜ) ତପ୍ତ ଲୌହଶଳାକାର ଦାଗ; ନଳ ବା ବନ୍ଧୁକର ଆଘାତ; ଘାପରେ ସଳିତା ପ୍ରଭୃତି ଲଗାଇବା ।

ଲଞ୍ଛିବା, କ୍ରି. (ପ୍ରାକୃତ ଲଞ୍ଛ ଧାତୁଜ) ତପ୍ତ ଲୌହଶଳାକାରେ ଦାଗ ଦେବା; ବାଣ, ନଳ ପ୍ରଭୃତି ଫୁଟାଇବା; ଅଗ୍ନିରେ ସଳିତା ପ୍ରଭୃତି ଲଗାଇବା ।

ଲଜ, ଲଜା, ବି. (ଲାଜ୍—ଭର୍ଜନ କରିବା-ଅ-ଆ) ସ୍ତ୍ରୀ. ଭୃଷ୍ଟଧାନ୍ୟ, ଲିଆ; ଆତପତଣ୍ଡୁଳ; ଆର୍ଦ୍ରତଣ୍ଡୁଳ; ବଡ଼ର ଗୁଣ୍ଡଳ; ଉଶୀର, ବେଣାମୂଳ ।

ଲଜ, ବି. (ଲଜ୍ଜା ଶବ୍ଦଜ) ଲଜ୍ଜା ।

ଲଜକୁଳା, ବିଂ. ( ଲଜ୍ଜାକୁଳ ଶବ୍ଦଜ ) ଲଜ୍ଜାଶୀଳ ।

ଲଜକୁଳି, ବି. (ଦେଶଜ) ଏକପ୍ରକାର ଗଛ ।

ଲଜକୁଳୀ, ବି. ସ୍ତ୍ରୀ. ( ଲଜ୍ଜାକୁଳା ଶବ୍ଦଜ ) ଲଜ୍ଜାଶୀଳା ।

ଲଜଲଜ, ବିଂ. (ଲଜ୍ଜା ଶବ୍ଦଜ, ଦ୍ୱିତ୍ୱ) ଲଜ୍ଜିତ ।

ଲଜଲଜହେବା, କ୍ରି. ଲଜ୍ଜିତ ହେବା । ଯଥା—

ଦ୍ରୌପଦୀ ତାହା ଶୁଣି ଲଜଲଜ ହୋଇ,
ଛିଡ଼ାହେଲେ ଅର୍ଜୁନ ପିଠି ଗୁଡ଼ିଦେଇ । କୃ.ଭା.ବ.ପ.

ଲଜାବନ୍ଧନନ୍ୟାୟ, ବି. ସଂ. କ୍ଷୁଧାରେ କାତର କୌଣସି ଏକ ବ୍ୟକ୍ତି ସ୍ତମ୍ଭରେ ଭର ଦେଇ ଠିଆ ହୋଇଥିଲା । ଅନ୍ୟ କୌଣସି ବ୍ୟକ୍ତି ଲିଆଗୁଡ଼ାଏ ତାକୁ ଦେବାପାଇଁ ହାତ ପାତିବାକୁ କହିଲା । ତେତେବେଳେ କ୍ଷୁଧାର୍ତ୍ତ ଅତି ବ୍ୟଗ୍ର ହୋଇ ସ୍ତମ୍ଭର ଦୁଇ ପାର୍ଶ୍ୱ ଦେଇ ଅଞ୍ଜଳି ପ୍ରସାରିତ କଲାରୁ ଆଗନ୍ତୁକ ପୁରୁଷ ଅଞ୍ଜଳିରେ ଲିଆ ଦେଇ ବାହାରିଗଲା । ଅନନ୍ତର କ୍ଷୁଧାର୍ତ୍ତ ମୁଖ ବଢ଼ାଇ ଖାଇ ନ ପାରେ, ଅନ୍ୟକୁ ଦେବାକୁ ମଧ୍ୟ ଇଚ୍ଛୁକ ହୋଇ ନ ପାରେ, ଅଥଚ ଲିଆତକ ତ୍ୟାଗ କରି ବନ୍ଧନରୁ ମୁକ୍ତ ହୋଇ ନ ପାରେ । ତାର ଏପରି ଅବସ୍ଥାରେ ଅଞ୍ଜଳିସ୍ଥ ଲିଆଗୁଡ଼ିକ ବତାସରେ ଉଡ଼ି ଯାଉଅଛି, ତଥାପି "ମୁଁ ଏହି ଲିଆଗୁଡ଼ିକ ଖାଇବି" ଏହି ପ୍ରତ୍ୟାଶାରେ

ହସ୍ତବସ୍ତୁର ବନ୍ଧନ ମୁକ୍ତ କରି ନ ପାରି ଲୋଭର ଆଶାବନ୍ଧନରେ ବନ୍ଧ ହୋଇ ରହିଲା । ଏତାଦୃଶ ନ୍ୟାୟରେ ମାନବଗଣ ଅତି ତୁଚ୍ଛ ସାଂସାରିକ ଭୋଗ ପ୍ରତ୍ୟାଶାରେ ଏହି ସଂସାରରେ ବନ୍ଧ ହୋଇଥାନ୍ତି ବୋଲି ବେଦାନ୍ତବିଦ୍ ପଣ୍ଡିତମାନେ କହନ୍ତି ।

ଲାଜୁଆ, ଲାଜୁକ, ବିଂ. (ଦେଶଜ ପ୍ରାପ୍ତ) ଲଜ୍ଜାଯୁକ୍ତ ।

ଲାଞ୍ଚ, ବି. (ଦେଶଜ) ଉତ୍କୋଚ । ଯଥା—
ଉଚ୍ଚାସନ ନେବୁ ଚହିଁ ଦେଇ ଲାଞ୍ଚ । ଦ. ବା.

ଲାଞ୍ଚୁଆ, ବି. (ଦେଶଜ) ଯେ ଲାଞ୍ଚ ନିଏ । ଯଥା—
ଲାଞ୍ଚୁଆଟି କେଡ଼େ ହେଲ ହେ ବନ୍ଧୁ । କ.ଚ.ଚ.

ଲାଞ୍ଛନ, ବି. (ଲାଞ୍ଛ୍ = ଚିହ୍ନ କରିବା-ଅନ) ଚିହ୍ନ; ଧ୍ୱଜ; କଳଙ୍କ; ନାମ; ଅଙ୍କନ । (ବିଶେଷଣରେ ଲାଞ୍ଛିତ ହୁଏ ।)

ଲାଞ୍ଜ, ବିଂ. (ପୁଚ୍ଛାର୍ଥ ଲଞ୍ଜ ଶବ୍ଦଜ) ଲାଙ୍ଗୁଡ଼ ।

ଲାଞ୍ଜକଟା, ବିଂ. (ଦେଶଜ) ଛିନ୍ନପୁଚ୍ଛ ।

ଲାଞ୍ଜି, ବି. (ଦେଶଜ ବା ପୁଚ୍ଛାର୍ଥ ଲଞ୍ଜ ଶବ୍ଦଜ) ସୂକ୍ଷ୍ମରେଖା । ଯଥା—
ଲାଞ୍ଜି ବିସ୍ତାରେ କଜ୍ଜଳ, ନୟନେ ଦିଶେ ଉଜ୍ଜ୍ୱଳ । ଲ.ବ.
ବସ୍ତ୍ରର ଫେର । ଯଥା—
କନକନିଭ ପଣତ ପାଟ ଲାଞ୍ଜି ମଧ୍ୟରେ
ଯାଉଛି ଲେଟି । ର. କ.
ଡିଙ୍ଗିର ପୁଚ୍ଛ ବା ଶେଷଭାଗ ।

ଲାଞ୍ଜିତରା, ଲାଜଆତରା, ଲାଞ୍ଜାତରା, } ବି. (ଦେଶଜ ପ୍ରାପ୍ତ) ଧୂମକେତୁ ।

ଲାଟ, ବି. (ଲଟ୍ = ବୋଲିବା ଇତ୍ୟାଦି-ଅ) ଦେଶବିଶେଷ; ଦୋଷ; ବୃଥାବାକ୍ୟ; ବିଦଗ୍ଧ ବ୍ୟକ୍ତି । ବିଂ. ପୁରାତନ; ମଳିନ; ଜୀର୍ଣ୍ଣ । (ଦେଶଜ ପ୍ରାପ୍ତ) ପିନ୍ଧାଲୁଗା । ବିଂ. ମାରୁ, ପାଳଟା । ଯଥା—
ପଖାଳ ପିତାରେ ଶୁଖାନ୍ତି ଲାଟ କାପଡ଼ । ସା.ଭା.ଆ.
(ଇଂରାଜି ଲର୍ଡ଼ ଶବ୍ଦଜ) ପ୍ରଭୁ ।

ଲାଟସାହେବ, ବି. ଗଭର୍ଣ୍ଣର ସାହେବ ।

ଲାଟବନ୍ଦୀ, ବି. (ଯାବନିକ) ସରକାରୀ ଖଜଣା ଦେବାର ନିର୍ଦ୍ଦିଷ୍ଟ ସମୟ ।

ଲାଟିମ, ବି. (ଦେଶଜ) ବର୍ତ୍ତୁଳାକାର ଖେଳଣାବିଶେଷ ।

ଲାଠି, ଲାଠୀ, ବି. (ଯଷ୍ଟି = ପ୍ରାକୃତ ଲଟ୍‌ଠି ଶବ୍ଦଜ) ଯଷ୍ଟି, ବାଡ଼ି; ଯୋଗିମାନେ ଧରିବା ବାଡ଼ି । ଯଥା—
ବେନି କରେ ତୁମ୍ବା ଲାଠି । ଦା. ର.
ମୁଦ୍‌ଗର ବା ଏକପ୍ରକାର ଅସ୍ତ୍ର । (ବାଙ୍କେଡ଼ି ବା ବାକେଡ଼ି ଶବ୍ଦ ଦେଖ ।) ମାଛ ଧରିବାପାଇଁ ଯୋପଯୁକ୍ତ ରଜ୍ଜୁ ବନ୍ଧା ହୋଇଥିବା ବାଉଁଶ ।

ଲାଡ଼ନ, ଲାଡ଼ଣ, ବି. (କ୍ଷେପଣାର୍ଥ ଲାଡ଼ ଧାତୁଜ) ସ୍ଥାନାନ୍ତରକରଣ, ଚଞ୍ଚଳକରଣ ।

ଲାଡ଼ିବା, କ୍ରି. ହଲାଇବା ।

ଲାଡ଼ହେବା, କ୍ରି. ସଗର୍ବେ କହିବା । ଯଥା—
ଶ୍ରୀକୃଷ୍ଣ ବୋଇଲେ ହେ କର୍ଣ୍ଣ ! ଶୁଣ ତୁଅ,
ଲାଡ଼ ନୁହ ସଭାରେ ତୁମ୍ଭେ ତ ସୂତପୁଅ । କୃ.ଭ.ଉ.ପ.

ଲାଣ୍ଡିଆ, ବିଂ. (ଦେଶଜ) ଅସୁନ୍ଦର; ଶୂନ୍ୟ, ଖାଲି । (ଗଡ଼ଜାତରେ) ଫୋପଡ଼ ।

ଲାଣ୍ଡୀ, ବି. ସ୍ତ୍ରୀ. (ଦେଶଜ, ଲଣ୍ଡାର ସ୍ତ୍ରୀଲିଙ୍ଗ) ମୁଣ୍ଡିତକେଶା ସ୍ତ୍ରୀ ।

ଲାଣ୍ଡୁ, ବିଂ. (ଦେଶଜ) ହୀନ, ତୁଚ୍ଛ, ନୀଚ; ବିରକ୍ତ । ଯଥା—
ତୁ ମାଡ଼ ମାରି କେତେ ହୋଇବୁ ମାଦ ଲାଣ୍ଡୁ ।
ନୃ. ପୁ. ଚ. ତ.

ଲାତ, ବି. (ଆଘାତ କରଣାର୍ଥ ଲତ୍ ଧାତୁଜ) ଗୋଇଠା ।

ଲାତାଇବା, ଲାତେଇବା, } କ୍ରି. ଗୋଡ଼ ମାରି ପେଲିଦେବା, ଗୋଡ଼ରେ ପ୍ରହାର କରିବା ।

ଲାଫ, ବି. (ଲମ୍ଫ ଶବ୍ଦଜ) ଲମ୍ଫ, ଡେଇଁବା ।

ଲାବଗନ, ବି. (ଯାବନିକ) ମାସ୍ତୁଲ ଦୃଢ଼କରଣାର୍ଥ ମାସ୍ତୁଲର ଉଭୟପାର୍ଶ୍ୱସ୍ଥ ଦଉଡ଼ି ।

ଲାବାଢ଼, ବିଂ. (ଦେଶଜ) ଲୋଚା ।

ଲାବାଣ୍ୟ, ଲାବଣ୍ୟ, ବି. (ଦେଶଜ) ବିନୟ । ଯଥା—
ଆଶ୍ଚର୍ଯ୍ୟ ଦେଖି ରାଜା ବୈଷ୍ଣବ ପାଶେ ଗିବେ,
ବହୁତ ଲାବଣ୍ୟ ହୋଇ ଦଣ୍ଡବତ ହେବେ । ନୃ.ପୁ.ପ୍ର ଭ.
ବିଂ. ବିନୀତ ।

ଲାଭ, ବି. (ଲଭ୍‌-ଅ) ପ୍ରାପ୍ତି, ଉପାର୍ଜନ; ଅଧିକା ଧନ ।

ଲାୟକ, ଲାଇକ, ବିଂ. ( ଦେଶଜ ) ଉପଯୁକ୍ତ; ସୁନ୍ଦର ।

ଲାଳ, ବି. (ଲାଳା ଶବ୍ଦର ଅପଭ୍ରଂଶ) ଛେପ, ମୁଖନିଃସୃତ ଜଳ ।

ଲାଲ, ବି. (ଦେଶଜ) ରକ୍ତବର୍ଣ୍ଣ । ବିଂ. ରକ୍ତବର୍ଣ୍ଣବିଶିଷ୍ଟ ।

ଲାଲ, ନାଲ, ବି. ( ଦେଶଜ ) ଘୋଡ଼ା ଓ ବଳଦର ଖୁରରେ ମାରିବା ଲୁହାପଟି ।

ଲାଳଚ, ଲାଳଚ୍ଚ, ବି. (ଲାଳସା ଶବ୍ଦଜ) ଲୋଭ, ଆଶା । ଯଥା—
ମାୟା ଲାଳଚ ଗିନା ଅଟଇ ରଙ୍ଗଭୂଲା । ନୃ.ପୁ.ପ୍ର ଭ.

ଲାଳନ, ବି. (ଲଡ଼୍‌ = ଯତ୍ନରେ ପାଳନ କରିବା-ଅନ) ସସ୍ନେହପାଳନ । (ବିଶେଷଣରେ ଲାଳିତ ହୁଏ ।)

ଲାଲପ୍ୟମାନ, ବିଂ.(ଲପ୍‌-ଯ-ଦ୍ୱିତ୍ୱ-ମାନ)ପୁନଃ ପୁନଃ କଥିତ ।

ଲାଲବନ୍ଧାଇବା, କ୍ରି. ( ଦେଶଜ ) ଘୋଡ଼ା ଓ ବଳଦର ଖୁରରେ ବାଧା ନ ହେବାପାଇଁ ଲୁହାର ପଟି ବାନ୍ଧିବା ।

ଲାଲମୋହନ, ବି. (ଦେଶଜ ପ୍ରାପ୍ତ) ମିଷ୍ଟାନ୍ନବିଶେଷ, ଏକପ୍ରକାର ଖଜା । ( ସନ୍ଦେଶ ଶବ୍ଦ ଦେଖ । )

ଲାଲସ, ବିଂ. (ଲସ୍‌-ଯ-ଦ୍ୱିତ୍ୱ-ଅ) ଲୋଲୁପ ।

ଲାଲସା, ବି. (ଲସ୍‌-ଯ-ଦ୍ୱିତ୍ୱ-ଅ-ଆ) ସ୍ପୃହା; ଆଶା; ଔତ୍ସୁକ୍ୟ; ଚଞ୍ଚଳତା; ଗର୍ଭିଣୀଦୋହଦ । (ଲାଳସାସୂତ୍ରମାସି ତୁ ।)

ଲାଳା, ବି. ସ୍ତ୍ରୀ. (ଲଲ୍‌-ଣିଚ୍‌-ଅ-ଆ) ମୁଖାଦ୍‌ରୁ ଜାତ ଦ୍ରବ, ଲାଳ ।

ଲାଲାଟିକ, ବିଂ. ( ଲଲାଟ-ଇକ ସମ୍ବନ୍ଧାର୍ଥେ ) ଲଲାଟ ସମ୍ବନ୍ଧୀୟ; ଭାଗ୍ୟଲବ୍ଧ; ଲଲାଟଭୂଷଣ; ଭାଗ୍ୟାପେକ୍ଷୀ; କାର୍ଯ୍ୟରେ ଅକ୍ଷମ, ଅଳସ ।

ଲାଲିଆ, ନାଲିଆ, ବି. (ଦେଶଜ) ରକ୍ତବର୍ଣ୍ଣବିଶିଷ୍ଟ । ଯଥା—
ଲାଲିଆ ଦଶେ ତା ଶରୀର । ଦା. ର.

ଲାବ, ଲାବା, ବି. [ଲାବ=(ଶସ୍ୟ) ଛେଦନ କରିବା, ଭକ୍ଷଣ କରିବା-ଅ, ଆ, କର୍ ଯୋଗେ ଲାବକ ମଧ୍ୟ ହୁଏ) ପକ୍ଷିବିଶେଷ । ( ଲୂ = ଛେଦନ କରିବା-ଅ ) ଛେଦନ । (ବିଶେଷଣରେ ଲାବୀ ଓ ଲାବ୍ୟ ହୁଏ ।)

ଲାବଣ୍ୟ, ବି. ( ଲବଣ-ଯ ) ଲବଣତ୍ୱ; ସୌନ୍ଦର୍ଯ୍ୟ, ରୂକଚକ୍ୟ ।

ଲାବୁ, ଲାବୂ, ବି. [ଲୂ=(ପୀଡ଼ା) ଛେଦନ କରିବା-ଉ, ଊ] ଲାଉ, ଲତାଫଳବିଶେଷ ।

ଲାଶ, ବି. (ପାରସ୍ୟ) ଶବ, ମୃତଦେହ ।

ଲାସ, ଲାସ୍ୟ, ବି. (ଲସ୍‌ = କ୍ରୀଡ଼ା କରିବା-ଅ, ଯ ଭାବେ) ନୃତ୍ୟ, ସ୍ତ୍ରୀନୃତ୍ୟ ।

ଲାସକ, ଲାସିକ, ବି. (ଲସ୍‌-ଣିଚ୍‌-ଅକ, ଇକ) ନର୍ତ୍ତକ ।

ଲାସା, ବି. ( ଦେଶଜ ) ଅଠା, ପକ୍ଷୀ ଧରିବା ଅଠା ।

ଲାହା, ବି. (ଲାକ୍ଷା ଶବ୍ଦଜ) ଜଉ ।

ଲାହା, ନାହା, ବି. (ଦେଶଜ) ସତ୍ତ୍ୱ, ସାହସିକ ବଳ । ଯଥା—
ନୋହିଲେ ତୁ ପରକାଶ, କନ୍ଦର୍ପ ଅତନୁ ବାଣ,
ନିଃଶେଷ କଲୁଟି ଦେହ ଲାହା । କ. ଚ. ଚ.

ଲିଆ, ବି. (ଲାଜା ଶବ୍ଦଜ) ଖଇ, ଭୃଷ୍ଟଧାନ୍ୟ ।

ଲିକେଇଦେବା, କ୍ରି. ( ଏକଦେଶୀୟ-ଗଞ୍ଜାମର କେତେକ ଅଞ୍ଚଳରେ ବ୍ୟବହୃତ ) ଶୁଭ୍ର କରିବା, ଆବର୍ଜନା ଦୂର କରିବା ।

ଲିକ୍ଷ, ଲିକ୍ଷା, ବି. ସ୍ତ୍ରୀ. କେଶକୀଟ, ଉକୁଣି; କ୍ଷୁଦ୍ରକୃମି । (ଯୂକାଲିକ୍ଷାସ୍ତୁ ନାମତଃ—ବୈଦ୍ୟଶାସ୍ତ୍ର ।)

ଲିଖ, ବି. (ଲିକ୍ଷ ଶବ୍ଦଜ) କ୍ଷୁଦ୍ର ଉକୁଣି । ବିଂ. ଅତି କ୍ଷୁଦ୍ର ।

ଲିଖନ, ବି. (ଲିଖ୍ = ଲେଖିବା-ଅନ) ଲେଖନ, ଅକ୍ଷରବିନ୍ୟାସ; ଚିତ୍ରକରଣ; ଲିପି, ଚିଠି, ପତ୍ର । (ବିଶେଷଣରେ ଲିଖିତ ହୁଏ ।)

ଲିଙ୍ଗ, ବି. (ଲିନ୍ଗ୍ = ଗମନ କରିବା ଇତ୍ୟାଦି-ଅ) ଚିହ୍ନ; ସ୍ତ୍ରୀ ପୁରୁଷ ଚିହ୍ନ; କାରଣ; ସୂଚନ; ଉପସ୍ଥ; ଶିବଙ୍କ ମୂର୍ତ୍ତିବିଶେଷ; ଅନୁମାନ । (ଦେଶଜ ପ୍ରାୟ) ବସ୍ତ୍ରାଦିର ଧଡ଼ିରେ ପଡ଼ିଥିବା ରେଖା । ଯଥା—

ବାହାର କଲେ ନାଲ ଟିକ ଶାଢ଼ୀ,
ସିନ୍ଦୂରୀ ଧଡ଼ି ଫୁଲ ଲିଙ୍ଗ ପଡ଼ି । ଲ. ବ.

ଲିଚି, ବି. (ଲିଚ୍ୟା ଶବ୍ଦଜ) କ୍ଷୁଦ୍ର ପକ୍ଷିବିଶେଷ ।

ଲିତା, ବି. (ଲିପ୍ତା ଶବ୍ଦଜ) ଦଣ୍ଡର ଷାଠିଏ ଭାଗରୁ ଏକଭାଗ; କଂଚଳମାତ୍ର । ଯଥା—

ବଂଶାକ୍ଷ ଦେଖି ସୁଖୀ ରଥି ଓହ୍ଲାଇ
ତୋକୁଁ ନ ଚଳି ଲିତାଏ । ବୈ. ବ.

ଲିପା, ଲିପାପୋଛା, ବି. (ଲିପ୍ ଧାତୁଜ) ଲେପନ । ଯଥା—

ମନ୍ଦିର ଲିପାପୋଛା କଲା । ଦା. ର.

ଲିପି, ଲିବି, ଲିପୀ, ଲିବୀ, ବି. [ଲିପ୍ = (କାଳିରେ) ଲେପନ କରିବା-ଇ] ଲିଖିତ ପତ୍ରାଦି, ଅକ୍ଷରବିନ୍ୟାସ; ଚିତ୍ରକରଣ ।

ଲିପିକର, ଲିପିକାର, ବି. (ଲିପି-କୃ-ଅ) ଲେଖକ; ଚିତ୍ରକର ।

ଲିପିବା, କ୍ରି. (ଲିପ୍ ଧାତୁଜ) ଲେପନ କରିବା ।

ଲିପ୍ତ, ବିଂ. (ଲିପ୍-ତ) ଚନ୍ଦନାଦିରେ ଚର୍ଚ୍ଚିତ; ବିଷାକ୍ତ; ମିଳିତ; ଭକ୍ଷିତ । ବି. ସୂକ୍ଷ୍ମକାଳବିଶେଷ । (ସ୍ତ୍ରୀ-ରେ ଲିପ୍ତିକା ହୁଏ ।)

ଲିପ୍ସା, ବି. ସ୍ତ୍ରୀ. (ଲଭ୍ = ପାଇବା-ସନ୍ ଇଚ୍ଛାର୍ଥେ-ଅ-ଆ) ବାଞ୍ଛା, କାମନା; ଲୋଭ । (ବିଶେଷଣରେ ଲିପ୍ସୁ ହୁଏ ।)

ଲିଫିଲିଫି, ବି. (ଦେଶଜ) ଅଳ୍ପଅଳ୍ପ ବୃଷ୍ଟି ।

ଲିବା, ଲିଭା, ବି. (ଦେଶଜ) ଦୀପାଦି ଲିଭିବା । ବିଂ. ଯେ ଦୀପାଦି ଲିଭାଇଦିଏ ।

ଲିବିବା, ଲିଭିବା, କ୍ରି. (ଦେଶଜ) ଦୀପାଦି ନିର୍ବାପିତ ହେବା । ଯଥା—

ଘନରସ ଯୋଗେ ବନଦାବାନଳ ଲିଭେ । ଲ. ବ.

କ୍ଷତାଦିର ଚିହ୍ନ ବିଦୂରିତ ହେବା । ଯଥା—

ବ୍ରଣ ଲିଭଣ ହୋଇଲା ସୁବର୍ଣ୍ଣ,
ଗତରୁ ଅଧିକ ବଳସମ୍ପନ୍ନ । ବ. ସ୍ନ.

ଲିମକଣ୍ଟା, ନିମକଣ୍ଟା, ବି. (ଦେଶଜ ପ୍ରାୟ) କବାଟର ପଟା ଯୋଡ଼ିବାପାଇଁ ଲୁହା ମେଖ ।

ଲିମ୍ବ, ବି. (ନିମ୍ବ ଶବ୍ଦଜ) ତିକ୍ତ ବୃକ୍ଷବିଶେଷ ।

ଲିହଣ, ଲେହଣ, ବି. (ଲିଖନ ଶବ୍ଦଜ, ପ୍ରାକୃତ) ବଢ଼ାଇମାନଙ୍କର ଅସ୍ତ୍ରବିଶେଷ ।

ଲିହାଜ, ବି. (ଦେଶଜ) ଅନୁମାନ ।

ଲିହିବା, କ୍ରି. (ଲିଖ୍ = ପ୍ରାକୃତ ଲିହ ଧାତୁଜ) ଲେଖିବା; ଲେହିଁବା, ଚାଟିବା । ଯଥା—

ସ୍ତନ ପିଆଇ ଦେହ ଲିହି,
ହୁଁକାର ନାଦେ ସବୁ ଗାଈ । ଭା. ଦ. ସ୍କ.

ଲୀଢ଼, ବିଂ. (ଲିହ୍ = ଲେହିଁବା-ତ) ଆସ୍ୱାଦିତ; ଭକ୍ଷିତ; ସ୍ପୃଷ୍ଟ ।

ଲୀନ, ବିଂ. (ଲୀ = ଲୀନ ହେବା-ତ, ତ = ନ) ଲୟପ୍ରାପ୍ତ; ସଂଯୁକ୍ତ, ମିଳିତ; ଶୟିତ ।

ଲୀଳା, ବି. ସ୍ତ୍ରୀ. (ଲୀୟତେ ଇତି ଲୀଳା— ଲୀଙ୍ ଶ୍ଳେଷଣେ, ଲୀ = ଆଲିଙ୍ଗନ କରିବା-କ୍ୱିପ୍- ଲା = ଗ୍ରହଣ କରିବା-ଅ-ଆ) ଶୃଙ୍ଗାର ସ୍ୱଭାବଜାତ କ୍ରିୟାବିଶେଷ; ବିଳାସ; ଶୋଭା; କେଳି; ଖେଳା; ଭଙ୍ଗୀ ।

ଲୁଆଁଇବା, ଲୁଆଇଁବା, କ୍ରି. (ନମ୍-ଣିଚ୍ ଧାତୁଜ) ନମ୍ର କରିବା ।

ଲୁକ୍କାୟିତ, ବିଂ. ସଂ. ଗୁପ୍ତ; ଅନ୍ତର୍ହିତ; ଅଦୃଷ୍ଟ, ପ୍ରଚ୍ଛନ୍ନ ।

ଲୁଖରା, ଲୁଖୁରା, ନୁଖୁରା, ବିଂ. (ରୁକ୍ଷ ଶବ୍ଦଜ) ଶୁଖିଲା ବା ମାଖରା; ତୈଳହୀନ ।

ଲୁଗା, ବି. (ଲଗ୍ନ ଶବ୍ଦଜ) ବସ୍ତ୍ର; ସ୍ତ୍ରୀ ପରିଧେୟ ଶାଢ଼ୀ । ଯେପରି— ଫୁଟା ଲୁଗା ।

ଲୁଗାପଟା, ବି. ସାଧାରଣ ବସ୍ତ୍ର ।

ଲୁଙ୍ଗୁଡ଼ା, ଲୁଙ୍ଗୁର, ବି°. (ଦେଶଜ) ଲମ୍ପଟ; ଚୋର; ମନ୍ଦାଭିଳାଷୀ; ଅପରିଚ୍ଛନ୍ନ । ଯଥା—

ତା ପାଦ ତଳେ ଶୋଇଛନ୍ତି ଘର ବାପୁଡ଼ା,
ବସ୍ତ୍ରସ୍ଥାନେ ଦିଶନ୍ତି ସେ ଯେପରି ଲୁଙ୍ଗୁଡ଼ା । ସା ଭ.ଆ.

ଲୁଙ୍ଗୁପୁଙ୍ଗୁ, ଲଙ୍ଗପଙ୍ଗ, ବି°. (ଦେଶଜ) ଗତାଗତ । ଯଥା—

ସେମାନଙ୍କ ବାଡ଼ି ପନ୍ଦଡ଼ାରେ କ୍ରମେ ସଭ୍ୟ ଶିକ୍ଷିତ ଆଲୋକପ୍ରାପ୍ତ ବାବୁଯାକ ଦିନରାତି ଲୁଙ୍ଗୁପୁଙ୍ଗୁ ହେଉଅଛ । ଭ. ସା. ୧୮. ୧୧.

ବି. ଯିବା ଆସିବା ।

ଲୁଚକାଳି, ଲୁଚୁକାଳି, ବି. (ଦେଶଜ) ପିଲାମାନେ ଲୁଚି ଲୁଚି ଖେଳିବା ଖେଳବିଶେଷ, ଯହିଁରେ କେତେ ଜଣ ଖେଳାଳି ଲୁଚନ୍ତି, ଜଣେ ସେମାନଙ୍କୁ ଖୋଜେ, ସେ ଜଣକ ଯାହାକୁ ଧରେ ସେ ଚୋର ହୁଏ । ଯଥା—

ଲୁଚକାଳି କିବା ଖେଳଇ ତାରକା ଶାରଦ ଘନେ ।
ଉଷା ।

ଲୁଚଲୁଗୁଣି, ଲୁଚୁଲୁଗୁଣି, ବି. (ଦେଶଜ) ଲୁଚକାଳି ଖେଳ ।

ଲୁଗ୍ଚ, ବି. (ଲୁକ୍କ ଧାତୁଜ) ଲୁକ୍କାୟିତ, ପ୍ରଚ୍ଛନ୍ନ ରହିବା । ଯଥା—

ପଳାଇ ଆଗୁ କେହୁ ପଛରେ ଲୁଗ୍ଚ ଦିଅନ୍ତି । ନୃ.ପୁ.ତୃ ତ.

ବି°. ଯେ ଲୁଚେ ଓ ଲୁଗ୍ଚଏ ।

ଲୁଗ୍ଚଇବା, ଲୁକାଇବା, ଲୁଚେଇବା, ଲୁକେଇବା, କ୍ରି. (ଲୁକ୍କ ଧାତୁଜ) ଗୁପ୍ତ କରିବା, ଲୁକ୍କାୟିତ କରିବା, ଘୋଡ଼ାଇ ରଖିବା ।

ଲୁଗ୍ଚଏ, ଲୁଚଏ, ଲୋଗ୍ଚଏ, ଲୋଚଏ, ବି°. (ଦେଶଜ) ଗୁଡ଼ାଏ ବା କେତେକ । ଯଥା—ମାଟି ଲୁଗ୍ଚଏ, କାଦୁଅ ଲୁଚଏ, ଗୁଡ଼ ଲୋଗ୍ଚଏ ଇତ୍ୟାଦି ।

ଲୁଗ୍ଚଦେବା, କ୍ରି. (ଦେଶଜ) ଲୁଚିବା । (ଲୁଗ୍ଚ ଶବ୍ଦ ଦେଖ ।)

ଲୁଗ୍ଚଲୁଚି, ବି. (ଦେଶଜ) ଗୋପନ, ଲୁଚିବା । ବି°. ଗୁପ୍ତ । ଯଥା—ଲୁଗ୍ଚଲୁଚି କଥା ।

ଲୁଚି, ବି. (ଦେଶଜ) ଗୋଧୂମଚୂର୍ଣ୍ଣନିର୍ମିତ ଘୃତପକ୍ୱ ମିଷ୍ଟାନ୍ନବିଶେଷ ।

ଲୁଚିବା, ଲୁକିବା, ନୁଚିବା, କ୍ରି. (ଲୁକ୍କ ଧାତୁଜ) ଛପି ରହିବା; ଲୁକ୍କାୟିତ ହେବା ।

ଲୁଚୁକାଳି, ବି. ଏକପ୍ରକାର ଖେଳ । (ଲୁଚକାଳି ଶବ୍ଦ ଦେଖ ।)

ଲୁଚ୍ଛିଯିବା, ନୁଚିଯିବା, କ୍ରି. (ଦେଶଜ) ଅନ୍ୟର ଶୋଭା, ସ୍ନେହ, ଆଦର ଓ ଦୟାର ଆଧିକ୍ୟରେ ମୁଗ୍ଧହେବା ।

ଲୁଚ୍ଛିହୋଇଯିବା, କ୍ରି. (ଦେଶଜ) ଅନ୍ୟର ଶୋଭାଦିରେ ମୁଗ୍ଧହେବା । ଯଥା—

ଲୁଚ୍ଛିହୋଇଯାଇ ନଉଁଗ୍ରହଥାଇ
ସେଡ଼ି ବଦନକୁ ଇନ୍ଦୁ । ଲ. ବ.

ଲୁଞ୍ଚିତ, ବି°. (ଲୁନ୍ଚ୍ = ଛିଣ୍ଡାଇବା, ତ୍ୟାଗ କରିବା-ତ) ଛିନ୍ନ; ପରିତ୍ୟକ୍ତ; ଲୂନ; ଭିନ୍ନ ।

ଲୁଟ, ଲୁଟା, ବି. (ଚୌର୍ଯ୍ୟାର୍ଥ ଲୁଟ୍ ଧାତୁଜ) ବଳପୂର୍ବକ ଅପହରଣ ।

ଲୁଟକାର, ବି. (ଲୁଣ୍ଠନକାରକ ଶବ୍ଦଜ) ଅପହାରକ ।

ଲୁଟପାଟ, ବି. (ଦେଶଜ) ଅପହରଣ ।

ଲୁଟା, ବି. (ଲୁଟ୍ ଧାତୁଜ) ବଳପୂର୍ବକ ଅପହରଣ ।

ଲୁଟି, ବି. (ଚୌର୍ଯ୍ୟାର୍ଥ ଲୁଟ୍ ଧାତୁଜ) ବଳପୂର୍ବକ ନେଇଯିବା, ଚୋରାଇ ନେଇଯିବା । ଯଥା—

ବସ୍ତୁପଦ ସମ୍ପଦ ଲୁଟିରୁ ରହୁମସ୍ତେ । ବୈ. ବ.

ଲୁଟିଆଗ, ଲୁଟିୟାଗ, ବି. (ଦେଶଜ) ଡକାଇତି ।

ଲୁଟିବା, କ୍ରି. (ଚୌର୍ଯ୍ୟାର୍ଥ ଲୁଟ୍ ଧାତୁଜ) ବଳପୂର୍ବକ ଅପହରଣ କରିବା; ଜୁରକରିବା ବା ଜୁରିବା । ଯଥା—

ଲୁଟାଇ ପାର କୃପାରେ ମୁକତି ଭଣ୍ଡାର । କୋ.ବ୍ର.ସୁ.

ଚୋରାଇବା ।

ଲୁଠନ, ବି. (ଲୁଠ୍ = ଗଡ଼ିବା-ଅନ) ଭୂମ୍ୟାଦିରେ ଅଙ୍ଗପରିବର୍ତ୍ତନ, ଗଡ଼ାଗଡ଼ିହେବା, ଗଡ଼ିବା । (ବିଶେଷଣରେ ଲୁଠିତ ଓ ଲୁଣ୍ଠିତ ହୁଏ ।)

ଲୁଠିବା, କ୍ରି. (ଲୁଣ୍ଠ୍ ଧାତୁଜ) ଗଡ଼ିବା । ଯଥା—

ଲୁଠି ଅଳି କରି କୋଳପାଇଁ ଯଶୋଦାଙ୍କୁ । ବି.ଚି.ମ.

ଲୁଣ୍ଡୁକା, ବି. (ଦେଶଜ) କର୍ଣ୍ଣଭୂଷଣବିଶେଷ ।

ଲୁଣ୍ଡୁବୁଣ୍ଡୁ, ବି. (ଦେଶଜ) ଏଣେତେଣେ ଗୁଳିବା । ବିଂ. ଏଣେତେଣେ ଗୁଳିତ । ଯଥା—

ବାହୁମାନଙ୍କରେ ସାପମାନେ ଖଣ୍ଡୁ,
ହୋଇ ହେଉଛନ୍ତି ହେ ରାଜନ ଲୁଣ୍ଡୁବୁଣ୍ଡୁ ।
କୃ. ଭା. ସୌ. ପ.

ଲୁଣ, ନୁଣ, ବି. (ଲବଣ ଶବ୍ଦଜ) ଲବଣ ।

ଲୁଣଚଉଁର, } ବି. (ଲବଣଚମସ ଶବ୍ଦଜ)
ଲୁଣଚଉଁସ, } ବିବାହର କାର୍ଯ୍ୟବିଶେଷ । ଯଥା—

ଲୁଣଚଉଁସ ପୂଜିଲେ ଜନକଦୁଲଣୀ । ମଂ. ପ.

ଲୁଣି, ଲୁଣିଆ, ବିଂ. (ଲବଣ ଶବ୍ଦଜ) ଅଧିକ ଲବଣଯୁକ୍ତ । ବି. ଏକପ୍ରକାର କୋଳିଗଛ ।

ଲୁଣିଆ, ବି. (ଲବଣୋଦ ଶବ୍ଦଜ) ସମୁଦ୍ର । ଯଥା —

ଶାରଦା ବୋଇଲେ ଆଗୋ ଲୁଣିଆର ଝିଅ,
ପଥ କର ଗୋବିନ୍ଦଙ୍କୁ ସମର୍ପି କ ଦେହ। ନୃ.ପୁ.ଦ୍ୱି.ତ.

ଲବଣବିକ୍ରୟୀ ।

ଲୁଣିଲୁଣିଆ, ବି. (ଦେଶଜ) ଏକପ୍ରକାର କୋଳି ଗଛ ।

ଲୁଣ୍ଠନ, ବି. (ଲୁଣ୍ଠ୍ = ଲୁଟିକରିବା-ଅନ) ଅପହରଣ । (ବିଶେଷଣରେ ଲୁଣ୍ଠାକ ଓ ଲୁଣ୍ଠକ ହୁଏ ।)

ଲୁଣ୍ଠନ, ବି. (ଲୁଣ୍ଠ୍ - ଅନ) ଅପହରଣ; ଭୂମିରେ ଲୋଟିବା, ଗଡ଼ିବା । (ବିଶେଷଣରେ ଲୁଣ୍ଠିତ ହୁଏ ।)

ଲୁଣ୍ଡା, ବି. (ଦେଶଜ) କୁଠାର ବିଡ଼ା; ନିଃଶେଷ ଗ୍ରହଣ; ସମସ୍ତ ଘେନିଯିବା ।

ଲୁଣ୍ଡାଦେବା, କ୍ରି. (ଗଡ଼ଜାତରେ) ଲିପିବା ।

ଲୁଣ୍ଡାଲୁଣ୍ଡି, ବି. (ଦେଶଜ) ଯେତେକ ଥାଏ ସେ ସମସ୍ତ ନେବା, ନିଃଶେଷ କରି ନେବା ।

ଲୁଣ୍ଡି, ବି. (ଦେଶଜ) ତନ୍ତୁବାୟମାନଙ୍କର ସୂତ୍ରବିସ୍ତାର ।

ଲୁଣ୍ଡେଇବା, } କ୍ରି. (ଦେଶଜ) ସମସ୍ତ
ଲୁଣ୍ଡେଇନେବା, } ଘେନିଯିବା ।

ଲୁଦୁବୁଦୁ, } ବି. (ଦେଶଜ) ମନ୍ଦାଗ୍ନି ବିକାର ।
ଲୁଧୁବୁଧୁ, } ଯଥା—

ଅଗ୍ନିଦେବଙ୍କର ହେଲା ଲୁଦୁବୁଧୁ ବ୍ୟାଧି । ସା. ଭା. ବି.

ବିଂ. ଯାହାର ଦେହ ଅତି ସ୍ଥୂଳ ଓ ଶିଥିଳ ଅଟେ, ଫମ୍ପା ଶରୀର ।

ଲୁବ୍ଧ, ଲୁବ୍ଧକ, ବି. (ଲୁଭ୍ = ଲାଭାକାଙ୍କ୍ଷା-ତ) ବ୍ୟାଧ । ବିଂ. ଲୋଭୀ; ଲମ୍ପଟ ।

ଲୁଲାପ, ଲୁଲାପ୍ୟ, ବି. (ଲୁଲ୍ = ବିଲୋଡ଼ନ-ଆପ୍ = ପାଇବା-ଅ, ଯେ ପଙ୍କର ବିଲୋଡ଼ନ ପାଏ, ଲୋଲନଂ ଲୁଲସ୍ତମପ୍ନୁବନ୍ତି ଲୁଲାପ୍ୟଃ, ଅପ୍ୟଗତୌ—ଅମର ଟୀକା) ମହିଷ ।

ଲୁଳିତ, ବିଂ. (ଲୁଲ୍ = ପୀଡ଼ନ କରିବା-ତ) ଦୋଳିତ; କମ୍ପିତ; ଚଳିତ; ରମ୍ୟ ।

ଲୁଳିବା, କ୍ରି. (ଲୁଲ୍ ଧାତୁଜ) ଲମ୍ବିବା; ଦୋହଲିବା । ଯଥା—

ଶ୍ରବଣେ ମକରକୁଣ୍ଡଳ, ଲୁଳଇ ବେନି ଗଣ୍ଡସ୍ଥଳ । ଦା.ର.

ଲୁହ, ବି. (ଲୋତକ ଶବ୍ଦଜ) ଚକ୍ଷୁ ଜଳ ।

ଲୁହା, ବି. (ଲୋହ ଶବ୍ଦଜ) ଲୋହ ।

ଲୂତା, ଲୂତିକା, ବି. ସ୍ତ୍ରୀ. (ଲୂ = ଛେଦନ କରିବା-ତକ୍-ଆ, କ ସ୍ୱାର୍ଥେ-ଆ, ଅକ = ଇକ) ମାକଡ଼ସା; ପିପୀଲିକା ।

ଲୂତାତନ୍ତୁନ୍ୟାୟ, ବି. ସଂ. ଲୂତା ଯେପରି ସୂକ୍ଷ୍ମ ଉତ୍ପାଦନ କରି ଜାଲ ରଚନା କରେ ଏବଂ ତାହା ଗ୍ରହଣ କରେ, ତଦ୍ରୂପ ।

ଲୂନ, ବିଂ. (ଲୂ = ଛେଦନ କରିବା-ତ, ତ = ନ) କର୍ତ୍ତିତ, ଛିନ୍ନ । (ବିଶେଷ୍ୟରେ ଲୂନି ହୁଏ ।)

ଲେଜ୍ଝ, ବି. (ଦେଶଜ) କସରତ ବା ବ୍ୟାୟାମ କରିବା ସମୟରେ ହସ୍ତରେ ଧରି ବୁଲାଇବା କାଷ୍ଠ ମୁଦ୍‌ଗର; ପ୍ରତ୍ୟାବର୍ତ୍ତନ; ପଦାର୍ଥାଦିର ବଦଳ ବା ବିନିମୟ । ବିଂ. ଆଗାମୀ, ଆଗତ, ପୁନରାଗତ । ଯଥା—

ହେ ଅବତାର ଅନ୍ତେ ଯିବେ ବୈକୁଣ୍ଠପୁର,
ଲେଉଟଜନ୍ମ ଶୁଣ କହିବା ପ୍ରଭୁଙ୍କର । ନୃ.ପୁ ତୃ.ତ.

ଲେଉଟପାଉଟ, ବି. (ଦେଶଜ) ଏ ତଡ଼ ସେ ତଡ଼କୁ ଲେଉଟାଇବା ।

ଲେଉଟବଚନ, } ବି. (ଦେଶଜ ପ୍ରାପ୍ତ)
ଲେଉଟଭାଷ, } ପ୍ରତ୍ୟୁତ୍ତର । ଯଥା—

ବଚନ ଲେଉଟଭାଷ, ରସିକା କର ପ୍ରକାଶ । ବି.ଚି.ମ.

ଲେଉଟାଇବା, } କ୍ରି. (ଦେଶଜ) ଫେରାଇବା;
ଲେଉଟେଇବା, } ଓଲଟାଇବା ।

ଲେଉଟାଣ, } ବି. (ଦେଶଜ) ପ୍ରତ୍ୟାବୃତ୍ତି,
ଲେଉଟାଣି, } ଫେରିବା ।

ଲେଉଟି, ଅ°. (ଦେଶଜ) ପୁନରପି, ଆଉ ଥରେ । ଯଥା—

ପୁରାଣ ଶିଖାଇ ତକ୍ଷଣେ,
ଲେଉଟି ପଢ଼ିଲେ ଆପଣେ । ଦା. ର.

ଲେଉଟିବା, କ୍ରି. (ଦେଶଜ) ତଳ ଉପର ହେବା; ଫେରି ଆସିବା । ଯଥା—

କପିରାଜ, ଦେଖିଣ ଯୁଦ୍ଧକୁ ଲେଉଟେ । ବି. ରା.

ପରିବର୍ତ୍ତିତ ହେବା ।

ଲେଖ, ବି. (ଲିଖ୍=ଲେଖିବା-ଅ) ଦେବତା । (ଲେଖା ଅଦିତିନନ୍ଦନାଃ—ଅମର ।) ଲିଖିତ ପତ୍ର, ଚିଠାଉ; ଲିଖନ । ବି°. ଲେଖନୀୟ । (ସ୍ତ୍ରୀ-ଆ=ଲେଖା) ରେଖା; ଲିଖନ; ଚିତ୍ରକରଣ; ଚିହ୍ନ; ଶ୍ରେଣୀ; ଲିପି; ସ୍ଥଳୀ । (ବିଶେଷଣରେ ଲେଖକ, ଲେଖନିକ, ଲେଖିତ ଓ ଲେଖନୀୟ ଏବଂ ବିଶେଷ୍ୟରେ ଲେଖନ ପଦ ସିଦ୍ଧ ହୁଏ ।)

ଲେଖହାର, } ବି. ସଂ. ପତ୍ରବାହକ ।
ଲେଖହାରକ, }

ଲେଖା, ବି. (ଲେଖ ଶବ୍ଦଜ) ବନ୍ଧୁତା ନିର୍ଣ୍ଣୟ, ପିତା ପୁତ୍ରାଦି ସମ୍ବନ୍ଧ ନିର୍ଣ୍ଣୟ । ଯଥା—

ଇହଲୋକେ ଦେହଶୁର ଭାଇବୋହୂ ଲେଖା,
ପରଲୋକ ହେଲେ ଦୁହେଁ ସମସର ଏକା । ନୃ.ପୃ ଭୃ ତ.

ଲେଖିବା; ଲିପି; ଗଣନା । ବି°. ଲିଖିତ; ଗଣିତ; ଭୁଲ୍ଲି ।

ଲେଖାଏଁ, } କ୍ରି. ବି°. (ଦେଶଜ ପ୍ରାପ୍ତ)
ଲେଖାରେ, } ଗଣତିରେ ବା ଗଣନାରେ, ପରିମାଣରେ । ଯଥା—ଜଣକେ ଦୁଇ ଦୁଇଟି ଲେଖାଏଁ ବାଣ୍ଟି ଦିଅ ।

ଲେଖାଜୋଖା, } ବି. (ଦେଶଜ) ହିସାବ,
ଲେଖାଯୋଖା, } ସଂଖ୍ୟା; ଆୟବ୍ୟୟାଦିର ନିଦର୍ଶନ ପତ୍ର; ବନ୍ଧୁତା ନିର୍ଣ୍ଣୟ, ଭାଇ ଭଉଣୀ ପ୍ରଭୃତି ସମ୍ବନ୍ଧ ନିର୍ଣ୍ଣୟ । ଯଥା—

ଇହଲୋକେ ପ୍ରାଣିଏ ହୁଅନ୍ତି ଲେଖାଜୋଖା,
ପରଲୋକ ହେଲେ ସମସ୍ତେ ସରି ଏକା । ନୃ.ପୃ.ଭୃ.ତ.

ଲେଖିବା, ବି. (ଲିଖ୍ ଧାତୁଜ) ଲେଖନ କରିବା; ଗଣନା କରିବା; ଭାବିବା । ଯଥା—

ଦେଖିଲକ୍ଷଣୀ ତ ଲେଖିଲି ଇଷ୍ଟ ଆଗତ ମଲ୍ଲ । ବି.ଚି ମ.

ଲେଖ୍ୟ, କ୍ରି. (ଲିଖ୍-ଯ) ଅକ୍ଷର; ଲିଖିତ ପତ୍ରାଦି ଓ ଚିତ୍ରାଦି; ଦଲିଲ, ଦସ୍ତାବେଜ । ବି°. ଲେଖନୀୟ, ଲେଖନଯୋଗ୍ୟ ।

ଲେଙ୍କଡ଼ା, ବି°. (ଦେଶଜ) ଚିରା, ଜୀର୍ଣ୍ଣଶୀର୍ଣ୍ଣ । ଯଥା—

ଲେଙ୍କଡ଼ା କନାଏ ପିନ୍ଧିବୁ । ଦା. ର.

ଲେଙ୍କା, ବି. (ଦେଶଜ) କେତେକ ଦଳୁଆ ନାମକ ଶୂଦ୍ରଜାତିର ଘରର ନାମ ବା ଉପାଧି; ରାଜସେବକବିଶେଷ । ଯଥା—

ଷୋଳନିଯୋଗୀ ଷୋଳସାଆନ୍ତ ପଢ଼ିହାରି,
ଲେଙ୍କା ଲମଡା ମୂଳେ ପୋଇଲି ପରିବାରି । ନୃ ପୃ ପ୍ର.ତ°

ଲେଙ୍ଗଡ଼ା, } ବି°. (ଦେଶଜ) ଖଞ୍ଜ,
ଲେଙ୍ଗେଡ଼ା, } ଖୋଟା ।

ଲେଙ୍ଗଡ଼ୀ, } ବି°. ସ୍ତ୍ରୀ. (ଦେଶଜ) ଖୋଟୀ,
ଲେଙ୍ଗେଡ଼ୀ, } ଯେଉଁ ସ୍ତ୍ରୀ ଖୋଟେଇ ଚାଲେ ।

ଲେଙ୍ଗୁଟି, ବି. (ଦେଶଜ) କୌପୀନ ଭୁଲ୍ଲି କ୍ଷୁଦ୍ର ବସ୍ତ୍ର । ଯଥା—

ଲେଙ୍ଗୁଟି ଫିଟାଇଣ ଦେଲେ,
କ୍ରୋଧରେ ମୂତ୍ର ତ୍ୟାଗ କଲେ । ଦା. ର.

ଲେଚ୍ଛ, ବି. (ଦେଶଜ) ତ୍ୟାଗ ।

ଲେଚ୍ଛିବା, କ୍ରି. (ଦେଶଜ) ତ୍ୟାଗକରିବା । ଯଥା—

ତାଙ୍କୁ କେମନ୍ତ କରି ମୁରୁଛିବା,
ପୋଡ଼ୁ ପୋଡ଼ୁ ଏ ଜୀବନ ଲେଚ୍ଛିବା । ଗୋ.ଲୀ.

ଲେଞ୍ଜରା, ନେଞ୍ଜରା, ବି. ( ଦେଶଜ ) ଅଡୁଆ; ଅଳଆ ।

ଲେଠା, ବି. ( ଦେଶଜ—ବିଶେଷତଃ ବଙ୍ଗ ଭାଷାରେ ବ୍ୟବହୃତ) ଉତ୍ପାତ, ଗୋଳ-ଯୋଗ; ସଙ୍କଟ ।

ଲେଡ଼, ବି. (ଲେଣ୍ଡ ଶବ୍ଦଜ) ଲମ୍ବାକୃତି ମଳ ।

ଲେଡ଼ା. ଲେଡ଼, ବି. ( ଦେଶଜ ) ଗୁଲ୍ଫ ଅର୍ଥାତ୍ ପାଦର ମୂଳଭାଗ । ଯଥା—

କାହାକୁ ଲେଡ଼ାଘାତେ କାହାକୁ ଛେଳ କରେ ।
ନୃ. ପୃ. ପ୍ର. ଚ.

ସଜ କରି ଭୃତ୍ୟକେ ଘୋଡ଼ାକୁ ଚଢ଼ିଲେ,
ଲେଡ଼ିକ ମାରି ଧାଡ଼ିଧାଡ଼ି ବାହାରିଲେ । କୃ.ଭା.ବି ପ.

ଲେଣା, ଲେଉଣା, ବି. (ଲୀ ଧାତୁଜ) ନେବା ।

ଲେଣ୍ଡ, ବି. ସଂ. କଠିନ ଲମ୍ବାକୃତି ମଳ । ( ଉତ୍ସର୍ଜ ବୃହଲ୍ଲେଣ୍ଡଂ ମୂତ୍ରଂ ଚ ଭୟମାପହ । )

ଲେଣ୍ଡା, ବି. (ଲେଣ୍ଡ ଶବ୍ଦର ରୂପାନ୍ତର) କଠିନ ଲମ୍ବାକୃତି ମଳ ।

ଲେଣ୍ଡି . ଲଣ୍ଡି , ବି. ( ଲେଣ୍ଡ ଶବ୍ଦଜ ) ଛେଳି-ପ୍ରଭୃତିର ମଳ ।

ଲେନ୍ଥା, ଲେନ୍ଥ, ବି. ( ଦେଶଜ ) ପୁଞ୍ଜ ବା ସମୂହ । ଯଥା—

ପେଣ୍ଡା ପେଣ୍ଡା ନାଗେଶ୍ୱର ଲେନ୍ଥା ଲେନ୍ଥା ଗୁଆ ।
ମଂ. ସ.

ହଂସ ଯେ ମୟୂର ତହିଁ ଲେନ୍ଥ ଲେନ୍ଥ ପନ୍ତି । ମଂ. ସ.

ଲେନ୍ଦରା, ଲେନ୍ଦୁ, ବି. ( ଦେଶଜ ) ନେଉଳର ମଳ ।

ଲେନ୍ଧୁଆ, ବିଂ. ( ଦେଶଜ ) ଲେନ୍ଧୁଯୁକ୍ତ । ଯେପରି— ଲେନ୍ଧୁଆ ଆଖି, ଯାହାର ଆଖିରୁ ଲେନ୍ଧୁ ବାହାରେ ।

ଲେପ, ବି. ( ଲିପ୍ = ଲେପନ କରିବା-ଅ ) ଲେପନ; ଭୋଜନ; ବନ୍ଧନ; ପ୍ରଲେପ; ଲେପନସାଧନ ବସ୍ତୁ; ଭକ୍ଷ୍ୟଦ୍ରବ୍ୟ; ଚୂର୍ଣ୍ଣ । (ବିଶେଷଣରେ ଲେପକ, ଲେପୀ, ଲିପ୍ତ ଓ ଲେପ୍ୟ ଏବଂ ବିଶେଷ୍ୟରେ ଲେପନ ଶବ୍ଦ ସିଦ୍ଧ ହୁଏ । )

ଲେଫଡ଼ା, ବି. (ଦେଶଜ) ଦାନ୍ତଲେସଡ଼ା ।

ଲେଫଡ଼ିବା, } କ୍ରି. ( ଦେଶଜ ) ଦାନ୍ତ
ଲେଫଡ଼ିଦେବା, } ଲେସଡ଼ିବା । ଯଥା—

ପରକୁ ଗୁହିଁ ଦାନ୍ତ ଲେଫଡ଼ିଦେବା, ପରୋପଦେଶ ପାଣ୍ଡିତ୍ୟ କରିବା ସହଜ କଥା । ଚା. ମା. ପା.

ଲେଫେଡ଼ା, ଲେଫଡ଼ା, ବିଂ. (ଦେଶଜ) ଛତିଆ; ବିକୃତ । ଯଥା—

ଲେଫେଡ଼ା ମୁହଁ ତାର ଗୋ ଚେପା ନାକ ଦିଶେ ।
ମଂ. ସ.

ଲେବଡ଼ା, } ବିଂ. ( ଦେଶଜ ) ଲମ୍ପଟ,
ଲେବେଡ଼ା, } ଲୁଚ୍ଚା, କାମୁକ । ଯଥା—

ସୁଯୋଧନ ରାଜା ତ ରାଇଜ ଲେଭଡ଼ା—
ହୋଇଛନ୍ତି ତେଣୁ ସେ ହୋଇଛନ୍ତି ଛୁଡ଼ା । କୃ.ଭା.ଶ.ପ.

ଲେମ୍ବୁ, ଲେମ୍ବାଉ, } ବି. ( ନିମ୍ବୂକ ଶବ୍ଦଜ )
ଲେମ୍ବାଉ, } ଅମ୍ଳଫଳ ବିଶେଷ, ସ୍ୱନାମପ୍ରସିଦ୍ଧ ଫଳ ।

ଲେଲିହାନ, ବିଂ. ( ଲିହ୍ = ଲେହିଁବା-ଯ— ଦ୍ୱିତ୍ୱ-ଆନ) ବାରମ୍ବାର ଲେହନକାରୀ । ବି. ସର୍ପ ।

ଲେଶ, ବି. ( ଲିଶ୍ = ଅଳ୍ପହେବା-ଅ ) ଅଳ୍ପ; ବିନ୍ଦୁ ।

ଲେସଡ଼ା. ବିଂ. ( ଦେଶଜ ) ଦୈନ୍ୟଭାଷୀ, ନାହିଁ ବୋଲି କହୁଥିଲେ ସୁଦ୍ଧା ଯେ ଅତି ବିନୟରେ ପ୍ରାର୍ଥନା କରୁଥାଏ । ଯଥା—

ଲେସଡ଼ା ଲୋକ ପ୍ରାୟେ କହୁଛୁ ପେଲପେଲ୍ ।
ନୃ. ପୃ. ପ ଚ.

କୃପଣ । ବି. ଦୈନ୍ୟପ୍ରକାଶ, ପୁନଃପୁନଃ ବିନୀତ ପ୍ରାର୍ଥନା; ପାଟି ଛତିଆ କରିବା ।

ଲେସଡ଼ିବା, } କ୍ରି. (ଦେଶଜ) ଦୈନ୍ୟ ପ୍ରକାଶ
ଲେସିଡ଼ିବା, } କରିବା; ପାଟି ଛତିଆ ବା ବିକୃତ କରିବା । ଯଥା—

ରଥ ମାଡ଼ିଯିବାରେ ପାଇକ କୋଟି କୋଟି,
ମଲେ ଲେସିଡ଼ିଣି ଦେଇ ଦୁଇ ପାଟି । କୃ. ଭା. ବି. ପ.

ଲେସଡ଼ିହେବା, } କ୍ରି. (ଦେଶଜ) ନିଷେଧିତ
ଲେସିଡ଼ିହେବା, } ହୋଇ ସୁଦ୍ଧା ପ୍ରାର୍ଥୀ ହେବା, ଆପଣାର ଦୀନାବସ୍ଥା ପ୍ରକାଶ କରିବା ।

ଲେସା, ଲେଶା, ବି. (ଦେଶଜ) ମାଟି ଆଦି ଗୁଡ଼ିବା; ବୋଳା ବା ଲେପନ । ବିଂ. ଛଟା ହୋଇଥିବା ( ମାଟି ପ୍ରଭୃତି ) । ବୋଳା ହୋଇଥିବା, ଲିପ୍ତ । ଯଥା—

କେତେ ହୋଇଅଛୁ ସାହସରେ ଲେସା । କୃ.ଭା.ବି.ପ.

ଲେସିବା, } କ୍ରି. (ଦେଶଜ ବା ଲିଶ ଧାତୁଜ)
ଲେଶିବା, } ବୋଳିବା, ଲିପିବା; ମାଟି ଆଦି ଘଷିବା ।

ଲେହ, ଲେହନ, ବି. (ଲିହ୍=ଆସ୍ୱାଦନ କରିବା-ଅ, ଅନ) ଜିହ୍ୱାଦ୍ୱାରା ରସଗ୍ରହଣ, ଆସ୍ୱାଦନ; ଭକ୍ଷଣ; ଚାଟିବା । (ବିଶେଷଣରେ ଲେହ୍ୟ ହୁଏ ।)

ଲେହ, ବି. (ଲେହ୍ୟ ଶବ୍ଦଜ) ନାନା ଦ୍ରବ୍ୟରେ ନିର୍ମିତ ଘୃତାଦି ମିଶ୍ରିତ ଔଷଧବିଶେଷ ।

ଲେହା, ଲିହାଁ, ବି. (ଲେହ ଶବ୍ଦଜ) ଚାଟିବା । ଯଥା—

ଗିଳା ଲେହା ଚୋବା ପିଆ ଏ ଚାରି ବିଶେଷ ।
ନୃ. ପୁ. ପ. ତ

ଲେହି, ଲେଇ, ବି. (ଲେହ୍ୟ ଶବ୍ଦଜ) ମଣ୍ଡ ।

ଲେହିବା, ଲେହିଁବା, କ୍ରି. (ଲିହ୍ ଧାତୁଜ) ଚାଟିବା ।

ଲୋ, ଅଂ. (ଦେଶଜ) ନୀଚ ସ୍ତ୍ରୀ ସମ୍ବୋଧନ । ଯେପରି—ପାଣ ଲୋ, ହରି ଲୋ ।

ଲୋକ, ବି. (ଲୋକ୍=ଦେଖିବା-ଅ) ଭୁବନ । ଯେପରି—ତ୍ରିଲୋକ । ଜନ; ସମୂହ; ଦୃଷ୍ଟି ।

ଲୋକନ, ବି. (ଲୋକ୍-ଅନ) ଦର୍ଶନ ।

ଲୋକପ୍ରବାଦ, } ବି. ସଂ. ଜନଶ୍ରୁତି; ଯାହା
ଲୋକବାଦ, } ସମସ୍ତେ କହୁଥାନ୍ତି ।

ଲୋକସାନ, ଲୋକସାନ, ବି. (ଯାବନିକ) କ୍ଷତି, ହାନି ।

ଲୋକହସା, ବି. (ଦେଶଜ) ହଟହଟା; ଲୋକେ ହସିଲା ପରି କରିବା ।

ଲୋକାନ୍ତର, ବି. ସଂ. ପରଲୋକ; ଅନ୍ୟଲୋକ ।

ଲୋକାୟତ, ବି. ସଂ. ନାସ୍ତିକ ଦର୍ଶନଶାସ୍ତ୍ର; ସ୍ୱଭାବକମତ । (ବିଶେଷଣରେ ଲୋକାୟତିକ ହୁଏ ।)

ଲୋକାରଣ୍ୟ, ବି. ସଂ. ଜନତା, ଲୋକସମୂହ ।

ଲୋକାଲୋକ, ବି. (ଲୋକ-ଅଲୋକ) ବ୍ରହ୍ମାଣ୍ଡ-ବେଷ୍ଟନ ପର୍ବତ ।

ଲୋଚନ, ବି. (ଲୋଚ୍=ଦେଖିବା-ଅନ) ନୟନ; ଦର୍ଶନ; ଆଲୋଚନା; ସୂର୍ଯ୍ୟ ।

ଲୋଚୁ, ଲୋଚା, } ବିଂ. (ଦେଶଜ) ଲମ୍ପଟ,
ନୋଚୁ, } କାମୁକ; ନୀଚ; ସଙ୍କୁଚିତ । ଯଥା—

ପାଦ ଶିର ହସ୍ତ ତାହାର ଲୋଚୁ କରି,
କୀଚକକୁ ରଖିଲେ ମାଂସମେଣ୍ଢା ପରି । କୃ. ଭା. ବି. ପ.

ବି. ସମୂହାର୍ଥ । ଯଥା—

ଅସୁର ଲୋଚୁଙ୍କୁ ମାରି ରଖିଲି ସଂସାର । ନୃ.ପୁ.ସ.ତ.

ଲଘବାର୍ଥ ।

ଲୋଚାମୀ, ବି. (ଦେଶଜ) ବ୍ୟଭିଚାର; ଲେଉଟାପଣିଆ; ନୀଚତ୍ୱ ।

ଲୋଟଣ, } ବି. (ପ୍ରାକୃତ ଲୋଟ୍ ଧାତୁଜ)
ଲୋଟଣି, } ଲେଉଟିବା । ବିଂ. ଲେଉଟିଥିବା । ଯଥା—

ପ୍ରଲୋଟଣ ନାସାମଣି, ପ୍ରଭାରେ କବିଙ୍କି ଜିଣି । ର. ପ.

ଯେପରି—ଲୋଟଣି ଜୁଡ଼ା । ଯେ ଲେଉଟୁଥାଏ । ଯେପରି—ଲୋଟଣିପାରା ।

ଲୋଟଣିପାରା, ବି. (ଦେଶଜ) ଲେଉଟି ଲେଉଟି ଯେଉଁ ପାରାବତ ପକ୍ଷୀ ଭୂଇଁରେ ଗଡ଼ି ଗଡ଼ି ଯାଏ । ଯଥା—

ଯାଅ ଆସ କରନ୍ତି ଲୋଟଣିପାରା ଜାଣି । ନୃ.ପୁ.ଦ୍ୱି.ତ.

ଲୋଟା, ବି. (ଦେଶଜ) ଜଳପାତ୍ରବିଶେଷ, ଡାଳ । (ଲୁଠ୍=ପ୍ରାକୃତ ଲୋଟ୍ ଧାତୁଜାତ) ଢଳିବା । ଯଥା—

ସେ ଶରକୁ କାଟି ନ ପାରି ରୁଷିବେଟା,
ଧନୁ ଗୁଣ୍ଡି ରଥ ମଧ୍ୟରେ ଦେଲେ ଲୋଟା । କୃ.ଭା ଉ.ପ.

ଲୋଟାଇବା, କ୍ରି. (ପ୍ରାକୃତ ଲୋଟ୍ ଧାତୁଜ) ଗଡ଼ାଇବା ।

ଲୋଟାଦେବା, କ୍ରି. (ଦେଶଜ) ଢଳିବା; ଗଡ଼ିବା । (ଲୋଟା ଶବ୍ଦ ଦେଖ ।)

ଲୋଟିଆ, ବି. (ଦେଶଜ) ପାତ୍ରବିଶେଷ । ଯଥା—

ଲୋଟିଆବଲା କୁମ୍ଭ ଯେତେ,
ଯେ ଷ୍ଟାଲ୍ମି କରୁଆ ସହିତେ । ଦା. ର.

ଚାକର, ଯେ ଲୋଟା ଧରି ପଛରେ ଯାଏ ।

ଲୋଟିବା, କ୍ରି. (ପ୍ରାକୃତ ଲୋଟ୍ ଧାତୁଜ) ଗଡ଼ିବା; ଢଳପଡ଼ିବା ।

ଲୋଡ଼ା, ବି. (ଦେଶଜ) ପ୍ରୟୋଜନ । ବିଂ. ପ୍ରୟୋଜନୀୟ । ଯଥା—
ଏକାଳେ ସାହସ ତୋର ଲୋଡ଼ା ଅତିଶୟ । କ. ବ.

ଲୋଡ଼ିବା, କ୍ରି. ( ଲୁଡ୍ ଧାତୁଜ ବା ଦେଶଜ ) ଖୋଜିବା । ଯଥା—
କାତର ହୋଇ ମାଏ ଲୋଡ଼ୁଥିବେ । ର. କ.
ଇଚ୍ଛିବା । ଯଥା—
ନୃପଙ୍କରେ କର ଲୋଡ଼ଇ ଗୁହାରି । ବି. ଚ. ମ.
ନିମନ୍ତ୍ରଣ କରିବା । ଯଥା—
ବୋଇଲା ଯିବା ଗୃହ ଅଛଇ କଂସ ଲୋଡ଼ି ।
ନୃ. ପୁ. ସ. ଚ.

ଲୋଣା, ବିଂ. (ଲବଣ ଶବ୍ଦଜ) ଲୁଣିଆଁ ।

ଲୋତରା, ନୋତରା, ଲୋତରାକୋତରା, } ବିଂ. ( ଲୁଳିତତର ଶବ୍ଦଜ ) ଅତି ସଢ଼ିଯିବା, କ୍ଳାନ୍ତ, କ୍ଲାନ୍ତ; ପୀଡ଼ାରେ ପ୍ରପୀଡ଼ିତ ।

ଲୋତେକ, ବି. ( ଲୋତକ ଶବ୍ଦଜ ) ଲୁହ, ନେତ୍ରଜଳ । ଯଥା—
ଏତେକ ଜନ୍ମ ଲୋତେକ ଭାବ ଯେତେକ ଚନ୍ଦ୍ର ।
ପ୍ରେ. ସୁ. ନି.

ଲୋପ, ଲୋପ୍‌ସ, ବି. ସଂ. ସ୍ତେୟଧନ, ଚୋରଧନ ।

ଲୋଧ, ଲୋଦ୍ଧ, ବି. (ଲୋଧ୍ର ଶବ୍ଦଜ) ଔଷଧଦ୍ରବ୍ୟବିଶେଷ ।

ଲୋପ, ବି. ( ଲୁପ୍-ଅ ) ନାଶ; ଛେଦନ; ଅଭାବ, ଅଦର୍ଶନ । (ଲୋକବ୍ୟବହାରରେ) ତ୍ରୁଟି, ଦୋଷ । (ବିଶେଷଣରେ ଲୁପ୍ତ ପଦ ସିଦ୍ଧ ହୁଏ । )

ଲୋବାନ, ବି. ( ଦେଶଜ ) କୁନ୍ଦୁରୁ ଅର୍ଥାତ୍ ଏକପ୍ରକାର ଧୂପ ।

ଲୋଭ, ବି. (ଲୁଭ୍-ଅ) ଆକାଂକ୍ଷା, ପରଦ୍ରବ୍ୟହରଣରେ ଅଭିଳାଷ; ପୁତ୍ରାଦିରେ ସ୍ନେହ । ( ବିଶେଷଣରେ ଲୋଭୀ, ଲୋଭ୍ୟମାନ, ଲୋଭନୀୟ ପଦ ସିଦ୍ଧ ହୁଏ । )

ଲୋଭି, ବିଂ. (ଲୋଭୀ ଶବ୍ଦଜ) ଲୋଭୀ । ଯଥା—
ଯୋଷା ମୁଖେ ସ୍ୱେଦବିନ୍ଦୁ ଗ୍ରହିଁ ହଂସ ଲୋଭି । ଲା.ବ.

ଲୋଭିଆ, ବି. ( ବାଲେଶ୍ୱର ପ୍ରାନ୍ତରେ ) ବରଗୁଡ଼ିଚ୍ଛୁଇଁ ।

ଲୋଭେଇବା, ଲୋଭାଇବା, } କ୍ରି. ( ଲୋଭ ଶବ୍ଦଜ ) ଲୋଭ କରିବା ।

ଲୋମ, ବି. (ଲୋମନ୍-ଲୂ = ଛେଦନ କରିବା-ମନ୍) ରୁମ, କ୍ଷୁଦ୍ରକେଶ; ଲାଞ୍ଜ ।

ଲୋର, ଲୋହ, ବି. (ଦେଶଜ) ଅଶ୍ରୁ, ଚକ୍ଷୁଜଳ ।

ଲୋଳ, ବି. ( ଲୋଡ୍ = ଉନ୍ମତ୍ତ ହେବା-ଅ ) ଚଞ୍ଚଳ; ଚଳିତ; ସତୃଷ୍ଣ; ଲୋଭୀ; ଇଚ୍ଛୁକ; ଶ୍ଲଥ ବା ଶିଥିଳ । ଯେପରି—ଲୋଳମାଂସ । (ନାମଧାତୁରେ—ବିଶେଷଣରେ ଲୋଳାୟମାନ ହୁଏ, କେବଳ ବିଶେଷଣରେ ଲୋଳିତ ହୁଏ । )

ଲୋଳା, ନୋଳା, ବି. (ଦେଶଜ) ଯଷ୍ଟି ଆଘାତଜନିତ ଶିରର ଉଲ୍ଲସନ ବା ଫୁଲିବା ।

ଲୋଳାବସିବା, କ୍ରି. ( ଦେଶଜ ) ଯଷ୍ଟି ପ୍ରଭୃତି ଆଘାତରୁ ଦେହର ଶିରା ଫୁଲିଯିବା । ଯଥା—
ପିଟିଲେ ବଲ୍ଲୀଶ୍ୱର ରାଗେ,
ଲୋଳା ବସିଲା ତାର ଅଙ୍ଗେ । ଦା. ର.
ମାଛର ମଞ୍ଜି ।

ଲୋଳିଆ, ନୋଳିଆ, ବି. (ଦେଶଜ) ସମୁଦ୍ରରୁ ମାଛଧରିବା ଜାତିବିଶେଷ । [ଲୋଳା (ମାଛ ମଞ୍ଜି) ବିକିବାରୁ ଲୋଳିଆ । ]

ଲୋଳିଆଣୀ, ନୋଳିଆଣୀ, } ବି. ସ୍ତ୍ରୀ. (ଦେଶଜ) ନୋଳିଆର ସ୍ତ୍ରୀ ।

ଲୋଲୁପ, ଲୋଲୁଭ, ବିଂ. (ଲୁପ୍, ଲୁଭ୍-ଯଙ୍ ଦ୍ୱିତ୍ୱ-ଅ) ଅତିଲୋଭୀ; ଇଚ୍ଛୁକ; ଆସକ୍ତ ।

ଲୋଷ୍ଟ, ଲୋଷ୍ଟ୍ର, ଲୋଷ୍ଟୁ, } ବି. (ଲୋଷ୍ଟ୍ = ରାଶି କରିବା-ଅ, ର, ଉ) ମୃତ୍ଖଣ୍ଡ; ଢେଲା; ଲୌହମଳ ।

ଲୋହ, ବି. (ଲୂ = ଛେଦନ କରିବା-ହ) ଲୁହା; ଧାତୁ; ଅସ୍ତ୍ରବିଶେଷ; ଶୋଣିତ, ରକ୍ତ; ରକ୍ତଚନ୍ଦନ; ଅଗୁରୁ ।

ଲୋହକାର, ବି. ସଂ. କମାର, କର୍ମକାର ।

ଲୋହପୃଷ୍ଠ, ବି. ସଂ. କଙ୍କପକ୍ଷୀ ।

ଲୋହଳ, ବି. ସଂ. ଅସ୍ପଷ୍ଟଭାଷୀ; ଲୋହକାରକ । (ଲୋହଲଃ ସ୍ୟାଦସ୍ଫୁଟବାକ୍—ଅମର ।)

ଲୋହାର, ବି. (ଲୋହକାର ଶବ୍ଦଜ) କମାର ।

ଲୋହାରଖାନା, ବି. (ଦେଶଜ) କମାରଶାଳ ।

ଲୋହି, ଲୋଇ, ବି. (ଲୋମନ୍ ଶବ୍ଦଜ) ଲୋମନିର୍ମିତ ବସ୍ତ୍ରବିଶେଷ ।

ଲୋହିତ, ବି. (ରୁହ୍ = ଉତ୍ପନ୍ନହେବା-ଇତନ୍, ର = ଳ) ରୁଧିର, ରକ୍ତ; ରକ୍ତବର୍ଣ୍ଣ; ମସୁର; ମଙ୍ଗଳ ଗ୍ରହ; ରୋହିମାଛ; କୁଙ୍କୁମ; ରକ୍ତଚନ୍ଦନ; ଯୁଦ୍ଧ; ମୃଗବିଶେଷ; ସର୍ପ । ବିଂ. ରକ୍ତବର୍ଣ୍ଣଯୁକ୍ତ ।

ଲୌଲ୍ୟ, ବି. (ଲୋଲ-ଯ) ଚାଞ୍ଚଲ୍ୟ, ଚାପଲ୍ୟ; ସ୍ପୃହା; ଲୋଭ; କାମନା; ଦୈନ୍ୟ । (ତଚ୍ଚ ଲୌଲ୍ୟମପି ମୂଲ୍ୟ କେବଳଂ ।)

ଲୌହ, ବି. (ଲୋହ-ଅ ସ୍ୱାର୍ଥେ) ଲୁହା । ବିଂ. ଲୋହନିର୍ମିତ ।

# ବ

ବ, ବ୍ୟଞ୍ଜନମାଳାର ଊନତ୍ରିଂଶ ବର୍ଣ୍ଣ । ବି. (ବା = ବୋଧ କରିବା-ଅ) ବାୟୁ; ବରୁଣ; ବାହୁ; ବରୁଣାଳୟ; ବକ୍ଷଃସ୍ଥଳ; ସାନ୍ତ୍ୱନ; ବମନ; ମନ୍ତ୍ରବିଶେଷ । ଅଂ. ସାଦୃଶ୍ୟ ।

ବଂଶ, ବି. (ବମ୍ = ବମନ କରିବା-ଶ, ଯେ ପୂର୍ବପୁରୁଷମାନଙ୍କୁ ବମନ କରେ ।) କୁଳ; ଗୋଷ୍ଠ । (ବନ୍ = ଶବ୍ଦକରିବା-ଶ) ବାଉଁଶ; ବଂଶୀ; ସମୂହ; ବର୍ଗ; ସ୍ୱରବିଶେଷ; ଗର୍ବ; ପୃଷ୍ଠଦଣ୍ଡ ।

ବଂଶଧର, ବି. ସଂ. ବଂଶପ୍ରବର୍ତ୍ତକ; କୁଳରକ୍ଷକ ।

ବଂଶାବଳୀ, ବି. ସ୍ତ୍ରୀ. (ବଂଶ-ଆବଳୀ) ପୂର୍ବପୁରୁଷମାନଙ୍କର ନାମାବଳୀ ଏବଂ ସେମାନଙ୍କ ଚରିତ ।

ବଂଶୀ, ବି. ସ୍ତ୍ରୀ. (ବଂଶ-ଈ) ମୁରଲୀ ।

ବକ, ବି. (ବକ୍ = କୁହାଯିବା-ଅ, ଯେ ମତ୍ସ୍ୟଖାଦକ ବୋଲି କୁହାଯାଏ) ସ୍ୱନାମପ୍ରସିଦ୍ଧ ଜଳଚର ପକ୍ଷିବିଶେଷ; ପୁଷ୍ପବିଶେଷ; ରାକ୍ଷସବିଶେଷ ।

ବକାଣ୍ଡପ୍ରତ୍ୟାଶାନ୍ୟାୟ, ବି. ନଦୀତୀରସ୍ଥ ମତ୍ସ୍ୟାକାଙ୍କ୍ଷୀ ବକାବଳୀ ବୃଷଗଣର ଲମ୍ବମାନ ଅଣ୍ଡକୋଷକୁ ସଫରୀ ମତ୍ସ୍ୟ ଜ୍ଞାନ କରି ଅଣ୍ଡକୋଷ ଖସିପଡ଼ିଲେ ଖାଇବା ପ୍ରତ୍ୟାଶାରେ ସତତ ତ୍ୟାଗପୂର୍ବକ ବୃଷର ପଶ୍ଚାତ୍ ପଶ୍ଚାତ୍ ଗମନ କଲେ । ଅସମ୍ଭାବିତ ଦୃଢ଼ତର ଆଶାରେ ବଦ୍ଧହୋଇ ବୃଷପଦାଘାତରେ ନଷ୍ଟହେବାର ସଂଭାବନା ଥିଲେ ସୁଦ୍ଧା ତାହାର ପଶ୍ଚାତ୍ ଗମନ କରିବା ତ୍ୟାଗ କରନ୍ତି ନାହିଁ । ତାତ୍ପର୍ଯ୍ୟ ଏହି ଯେ, ଜୀବଲୋକ ପରମେଶ୍ୱର ଉପାସନା ତ୍ୟାଗକରି ଏତାଦୃଶ ବକାଣ୍ଡପ୍ରତ୍ୟାଶାରୂପ ବିଷୟ ପ୍ରତ୍ୟାଶାରେ ନଷ୍ଟ ହୁଅନ୍ତି; ବୃଥା ଆଶା ।

ବକୁଳ, ବି. (ବଚ୍ = କହିବା-ଉଳ, ଯେ କବିଙ୍କଦ୍ୱାରା କୁହାଯାଏ ବା ବର୍ଣ୍ଣିତ ହୁଏ) ବଉଳଗଛ ଓ ଫୁଲ ।

ବକ୍ତବ୍ୟ, ବିଂ. ( ବଚ୍ = ବୋଲିବା-ତବ୍ୟ ) କଥନୀୟ, କହିବାର ଯୋଗ୍ୟ; ନିନ୍ଦନୀୟ । (ଭାବବାଚ୍ୟରେ ତବ୍ୟ ହେଲେ) କଥନ; ବକ୍ତବ୍ୟ ଅଭିପ୍ରାୟ ବା ଅଭିମତ; ନିନ୍ଦା ।

ବକ୍ତା, ବକ୍ତୃ, ବିଂ. (ବଚ୍-ତୃ) ବାକ୍ପଟୁ, ଯେ ସମ୍ୟକ୍ କହିପାରନ୍ତି ।

ବକ୍ତୃତା, ବି. (ବକ୍ତୃ-ତା ଭାବାର୍ଥେ) ବାକ୍ପଟୁତା, ଖୁବ୍ କହିବାର କ୍ଷମତା ।

ବକ୍ତ୍ର, ବି. (ବଚ୍-ତ୍ର) ମୁଖ; ବସ୍ତ୍ରଭେଦ ।

ବକ୍ର, ବି. (ବନ୍କ୍ = କୁଟିଳ ହେବା-ରକ୍) ନଦୀର ବାଙ୍କ; ଶନି ଓ ମଙ୍ଗଳ ଗ୍ରହ । ବିଂ. ବଙ୍କା, କୁଟିଳ; କ୍ରୂର; ଶଠ । (ବିଶେଷ୍ୟରେ ବକ୍ରିମ ଓ ବକ୍ରିମା ହୁଏ ।)

ବକ୍ଷଃ, ବି. (ବକ୍ଷସ୍ ବକ୍ଷ୍ = ସଂହତ ହେବା-ଅସ୍) ଉରଃସ୍ଥଳ, ବୁକୁ ।

ବକ୍ଷୋଜ, ବକ୍ଷୋରୁହ, } ବି. (ବକ୍ଷସ୍-ଜନ୍, ରୁହ୍-ଅ) ସ୍ତନ, ପୟୋଧର ।

ବକ୍ଷ୍ୟମାଣ, ବିଂ. (ବଚ୍ = କହିବା-ସ-ମାନ) ଯାହା ବୋଲାଯିବ, ବକ୍ତବ୍ୟ ।

ବଙ୍କ, ବିଂ. (ବନ୍କ୍ = କୁଟିଳ ହେବା-ଅ) ବଙ୍କା, ବକ୍ର । ବି. ନଦୀ ବାଙ୍କ ।

ବଚନ, ବି. (ବଚ୍ = ବୋଲିବା-ଅନ) କଥନ, ବାକ୍ୟ, ଧର୍ମଶାସ୍ତ୍ରର ପଦ୍ୟ; ବିଭକ୍ତିର ଏକତ୍ୱାଦି ।

ବଚନୀୟ, ବିଂ. (ବଚ୍-ଅନୀୟ) କଥନୀୟ; ନିନ୍ଦନୀୟ । ବି. ନିନ୍ଦା ।

ବଚନୀୟତା, ବି. (ବଚନୀୟ-ତା ଭାବାର୍ଥେ) ନିନ୍ଦା, ଅପବାଦ ।

ବଚସ୍, ବି. (ବଚ୍-ଅସ୍) ବଚନ, କଥା ।

ବଜ୍ର, ବି. (ବଜ୍ = ଗମନ କରିବା-ର) କୁଳିଶ, ଇନ୍ଦ୍ରଙ୍କ ଆୟୁଧବିଶେଷ; ହୀରକ ।

ବଜ୍ରପୁଷ୍ପ, ବି. ସଂ. ତିଳପୁଷ୍ପ ।

ବଞ୍ଚକ, ବି. (ବନ୍ଚ୍ = ବଞ୍ଚନା କରିବା-ଅକ) ଶୃଗାଳ; କୁକ୍କୁର । ବିଂ. ପ୍ରତାରକ, ଧୂର୍ତ୍ତ । (ବିଶେଷ୍ୟରେ ବଞ୍ଚନ ଓ ବଞ୍ଚନା ଏବଂ ବିଶେଷଣରେ ବଞ୍ଚିତ ଏବଂ ବଞ୍ଚୁକ ମଧ୍ୟ ହୁଏ ।)

ବଞ୍ଚନ, ବଞ୍ଚନା, ବି. ସଂ. ପ୍ରତାରଣା, ଠକିବା ।

ବଟ, ବି. (ବଟ୍ = ବେଷ୍ଟନ କରିବା-ଅ ଯେ ସମଧିକ ଭୂମି ତଳ ବେଷ୍ଟନ କରେ) ସ୍ୱନାମପ୍ରସିଦ୍ଧ ବୃକ୍ଷ; କପର୍ଦ୍ଦକ; ବର୍ତ୍ତୁଳାକାର ବସ୍ତୁ; ସାଦୃଶ୍ୟ; ବଡ଼ା ।

ବଟୀ, ବଟିକା, ବି. ସ୍ତ୍ରୀ. (ବଟ୍-ଇ, କ ଯୋଗ-ଆ) ଗୁଟିକା, ବଡ଼ି; ରଜ୍ଜୁ ।

ବଟୁ, ବଟୁକ, ବି. [ବଟ୍ = (ଯଜ୍ଞସୂତ୍ର ଇତ୍ୟାଦି) ବେଷ୍ଟନ କରିବା-ଉ, କ ସ୍ୱାର୍ଥେ] ବ୍ରାହ୍ମଣକୁମାର; ବାଳକ ବ୍ରହ୍ମଚାରୀ, ବ୍ରହ୍ମଚାରୀ ଛାତ୍ର; ଅଜ୍ଞାନ ନିର୍ବୋଧ ବ୍ୟକ୍ତି ।

ବଡ଼ଭି, ବଡ଼ଭୀ, ବଳଭି, ବଳଭୀ. } ବି. ସ୍ତ୍ରୀ. (ବଳନ୍ତି ସଂବୃଣୋତି ବଳଭୀ, ବଳସଂବରଣେ, ବଳ = ଆଚ୍ଛାଦନ କରିବା-ଅଭ, ଇ) ଗୃହର ଉପରିସ୍ଥ ଆଚ୍ଛାଦନ ଭାଗ; ସୌଧପଂକ୍ତିର ଉପରିସ୍ଥ ଗୃହ; ଶୁଦ୍ଧାନ୍ତ ବା ଅନ୍ତଃପୁର; ଚନ୍ଦ୍ରଶାଳା । (ଶୁଦ୍ଧାନ୍ତେ ବଡ଼ଭୀ ଚନ୍ଦ୍ରଶାଳେ ସୌଧୋର୍ଦ୍ଧ୍ୱବେଶ୍ମନି ।)

ବଡ଼ିଶ, ବଡ଼ିଶା, ବଡ଼ିଶୀ, } ବି. ସ୍ତ୍ରୀ. (ବଳ = ମତ୍ସ୍ୟଖାଦ୍ୟ-ଶୋ = ଗ୍ରଥନ କରିବା-ଅ, ଆ, ଇ) ମତ୍ସ୍ୟବେଧନୀବିଶେଷ, ମାଛଧରିବା ଲଠି ।

ବଣ୍ଟ, ବି. (ବନ୍ଟ୍ = ବାଣ୍ଟିବା-ଅ) ଭାଗ, ବଣ୍ଟନ; ଦାତ୍ରାଦିର ମୁଷ୍ଟି, ବେଣ୍ଟ । ବିଂ. ଅବିବାହିତ ।

ବଣ୍ଟନ, ବି. (ବନ୍ଟ୍-ଅନ) ବିଭାଗକରଣ । (ବିଶେଷଣରେ ବଣ୍ଟକ ଓ ବଣ୍ଟିତ ହୁଏ ।)

ବଣ୍ଠ, ବିଂ. (ବନ୍ଠ୍ = ଏକାକୀ ବୁଲିବା-ଅ) ଅବିବାହିତ; ବାମନ ।

ବତ, ଅଂ. ସଂ. ସମ୍ବୋଧନ; ଖେଦ, ଦୁଃଖ; କରୁଣା; ହର୍ଷ; ବିଳମ୍ବ ।

ବତଂସ, ବତଂସକ, } ବି. (ଅବ-ତନ୍ସ୍ = ଭୂଷିତ କରିବା-ଅ, କ ସ୍ୱାର୍ଥେ, ଅବର ଅ ଲୋପ) କର୍ଣ୍ଣଭୂଷଣ; ଶିରୋଭୂଷଣ; ଭୂଷଣ ।

ବତ୍ସ, ବି. (ବଦ୍ = ପ୍ରକାଶ କରିବା-ସ, ଯେ ସାମର୍ଥ୍ୟ ପ୍ରକାଶ କରେ) ବକ୍ଷଃସ୍ଥଳ । (ବଦ୍ = ସ୍ନେହ ପ୍ରକାଶ କରିବା-ସ) ସ୍ନେହବ୍ୟଞ୍ଜକ ଶବ୍ଦ, ସନ୍ତାନାଦିରେ ପ୍ରଯୋଜ୍ୟ; ବଚ୍ଛା, ସନ୍ତାନ । (ସ୍ତ୍ରୀ-ଆ) ଗୋଶିଶୁ, ବାଛୁରୀ; ସମ୍ବତ୍ସର, ବର୍ଷ ।

ବତ୍ସତର, ବି. ସଂ. ବାଛୁରୀ, ଗୋଶିଶୁ ।

ବତ୍ସର, ବି. (ବସ୍ = ବାସ କରିବା-ସର, ସ୍ = ତ) ବର୍ଷ ।

ବତ୍ସଳ, ବି. (ବତ୍ସ = ବତ୍ସସ୍ଥ ସ୍ନେହ-ଲ ଅସ୍ତ୍ୟର୍ଥେ) ସ୍ନେହଯୁକ୍ତ, ଅନୁରକ୍ତ; ଭକ୍ତ ।

ବଦ, ବି°. (ବଦ୍ = କହିବା-ଅ) ବକ୍ତା ।

ବଦନ, ବି. (ବଦ୍ = ବୋଲିବା-ଅନ) ମୁଖ; କଥନ । (ବିଶେଷଣରେ ବଦମାନ ହୁଏ ।)

ବଦାନ୍ୟ, ବଦନ୍ୟ, } ବି. (ବଦ୍ = ବୋଲିବା-ଆନ୍ୟ, ଅନ୍ୟ, ଉଦ୍ୟତେଷୁଯୁତେ ଇତି ବଦାନ୍ୟଃ, ବଦବ୍ୟକ୍ତାୟାଂ ବାଚି) ବଡ଼-ଦାତା, ଦାନଶୀଳ; ସଦ୍‌ବକ୍ତା; ମଧୁରଭାଷୀ ।

ବନ, ବି. (ବନ୍ = ବ୍ୟାପିବା, ଶବ୍ଦକରିବା, ସେବା କରିବା ଇତ୍ୟାଦି-ଅ) ଅରଣ୍ୟ; ଜଳ; ପ୍ରସ୍ରବଣ; ନିବାସ; ଆଳୟ; ପୁଷ୍ପାଦିର କାନନ; କୁଞ୍ଜ । (ସ୍ତ୍ରୀ-ଈ = ବନୀ) ବହୁ-ବୃକ୍ଷାଦିଯୁକ୍ତ ସ୍ଥାନ ।

ବନପ୍ରିୟ, ବି. ପୁଂ. କୋକିଳ । ବି°. ଅରଣ୍ୟପ୍ରିୟ ।

ବନମକ୍ଷିକା, ବି. ସ୍ତ୍ରୀ. ଦଂଶ, ଡାଁଶ ।

ବନମାଳା, ବି. ପୁଂ. ପାଦପର୍ଯ୍ୟନ୍ତ ଲମ୍ବିତ ମାଳା; ବନଶ୍ରେଣୀ ।

ବନସ୍ପତି, ବି. (ବନ-ପତି, ସ୍ ଆଗମ) ବୃକ୍ଷ; ପୁଷ୍ପ ବିନା ଫଳଜନକ ବୃକ୍ଷ, ଅଶ୍ୱତ୍ଥାଦି ।

ବନାୟୁଜ, ବାନାୟୁଜ, } ବି. ପୁଂ. ବନାୟୁ ଦେଶଜାତ ଅଶ୍ୱ, ପାରସ୍ୟଦେଶର ଅଶ୍ୱ ।

ବନିତ, ବି°. (ବନ୍ = ଯାଚ୍ଞା କରିବା-ତ) ଯାଚିତ; ସେବିତ ।

ବନିତା, ବି. ସ୍ତ୍ରୀ. (ବନ୍ = ଯାଚ୍ଞା କରିବା-ତ-ଆ) ନାରୀ; ପ୍ରିୟା, ଭାର୍ଯ୍ୟା ।

ବନୀୟକ, ବନୀକ, ବନୀପକ, } ବି°. (ବନାଂ ଯାଚ୍ଞାମାତ୍ମନ ଇଚ୍ଛତୀତି ବନୀୟକଃ, ବନୀ ଯାଚ୍ଞା ତାଂ ପାତି ରକ୍ଷତୀତି ବନୀପକଃ, ବନୀ = ଯାଗ-କ) ଯାଚକ । ଯଥା— ଅବନୀପକ ବନୀପକ ହେବା ଉଚିତ ନୁହେ ।

ବନେଚର, ବନଚର, } ବି. (ବନେ = ବନରେ-ଚର = ଯେ ସଞ୍ଚର କରେ) କିରାତ । ବି°. ଅରଣ୍ୟସଞ୍ଚାରୀ ।

ବନୌକା, ବି. (ବନୌକସ୍-ବନ-ଓକସ = ବାସସ୍ଥାନ) ବାନର । ବି°. ବନବାସୀ ।

ବନ୍ଦନ, ବନ୍ଦନା, ବି.(ବନ୍ଦ୍ = ସ୍ତବକରିବା-ଅନ, ଆ) ସ୍ତ୍ରୀ. ଅଭିବାଦନ, ପ୍ରଣାମ; ସ୍ତବ । (ବିଶେଷଣରେ ବନ୍ଦକ, ବନ୍ଦାରୁ, ବନ୍ଦୀ, ବନ୍ଦ୍ୟ, ବନ୍ଦନୀୟ ଏବଂ ବନ୍ଦିତ ପଦମାନ ଯଥାଯୋଗ୍ୟ ଅର୍ଥରେ ସିଦ୍ଧ ହୁଏ ।)

ବନ୍ଦନମାଳା, ବନ୍ଦନମାଳିକା, } ବି. ସ୍ତ୍ରୀ. ପୁଂ. ବହିର୍ଦ୍ୱାରରେ ପରିସ୍ଥ ମଙ୍ଗଳସୂଚକ ମାଲ୍ୟ ବା ମାଳା ।

ବନ୍ଦି, ବନ୍ଦୀ, ବି°. (ବନ୍ଦ୍ = ସ୍ତବ କରିବା-ଇ, ଈ) କାରାରୁଦ୍ଧ । ବି. ବାନ୍ଦନା ।

ବନ୍ୟ, ବି°. (ବନ-ଯ) ବନସମ୍ବନ୍ଧୀୟ ।

ବନ୍ୟା, ବି. (ବନ = ଜଳ, ଅରଣ୍ୟ-ଯ ସମୂହାର୍ଥେ-ଆ) ଜଳପ୍ଲାବନ, ପାଣିବଢ଼ି; ଅରଣ୍ୟସମୂହ ।

ବପ, ବପନ, ବି. (ବପ୍ = ବୀଜବୁଣିବା, ମୁଣ୍ଡନ କରିବା-ଅ, ଅନ) ବୀଜରୋପଣ; ବୟନ, ବୁଣିବା; କ୍ଷୌର । (ବିଶେଷଣରେ ବାପିତ ହୁଏ ।)

ବପା, ବି. (ବପ୍-ଆ) ରନ୍ଧ୍ର; ମେଦ, ଚର୍ବି ।

ବପୁଃ, ବି. (ବପୁସ୍—ବପ୍-ଉସ୍) ଶରୀର; ପ୍ରଶସ୍ତ ଆକୃତି । (ବପୁ-ଦେଶଜ ପ୍ରାୟ ହେଲେ) ବଳ, ଶକ୍ତି ।

ବପ୍ତା, ବପ୍ତୃ, ବି°. (ବପ୍-ତୃ) ବପନକାରୀ । ବି. ପିତା, କବି; କୃଷୀବଳ, କୃଷକ ।

ବପ୍ର, ବି. (ବପ୍-ର) କ୍ଷେତ୍ର, କଆର; ମୃତ୍ତିକା-ସ୍ତୂପ, ପ୍ରାଚୀର; ରେଣୁ; ତଟ; ସାନୁପ୍ରଦେଶ; ପିତା; ପ୍ରଜାପତି ।

ବମ, ବମଥୁ, ବମନ, ବମି, } ବି. (ବମ୍ = ବାନ୍ତି କରିବା-ଅ, ଅଥୁ, ଅନ, ଇ) ବାନ୍ତି, ଉଦ୍‌ଗୀରଣ । (ବିଶେଷଣରେ ବମିତ ଓ ବମନୀୟ ହୁଏ ।)

ବୟଃ, ବି. (ବୟସ୍—ବୟ୍-ଅସ୍) ପକ୍ଷୀ; ବାଲ୍ୟାଦି ଜୀବନକାଳ; ଆୟୁ; ଯୌବନ ।

ବୟଃସ୍ଥ, ବୟସ୍ଥ, ବି°. ପୁଂ. ତରୁଣ, ଯୁବା, ମଧ୍ୟବୟସ୍କ ।

ବୟସ୍ୟ, ବି. (ବୟସ୍-ଯ ତୁଲ୍ୟାର୍ଥେ) ସମାନ-ବୟସ୍କ, ସଖା । (ସ୍ତ୍ରୀ-ଆ) ସହଚରୀ, ସଖୀ ।

**ବର**, ବି. (ବୃ=ପ୍ରାର୍ଥନା କରିବା, ବରଣ କରିବା-ଅ) ପ୍ରାର୍ଥନା; ଦେବତାଙ୍କଠାରୁ ଯାଚିତ ବିଷୟ; ଇଚ୍ଛା; ଆଶୀର୍ବାଦ; କର୍ମନିର୍ବାହାର୍ଥ ନିଯୋଗ; ଆବରଣ; ବିବାହକର୍ତ୍ତା; ଜାମାତା; ପତି; କୁଙ୍କୁମ । ବିଂ. ଜ୍ୟେଷ୍ଠ; ଶ୍ରେଷ୍ଠ; ଉତ୍କୃଷ୍ଟ; ଅଗ୍ରିଷ୍ଠ; ଅପେକ୍ଷାକୃତ ଉତ୍ତମ । (ଏହାର ଅତିଶୟ ଅର୍ଥରେ ବରୀୟାନ୍ ଓ ବରିଷ୍ଠ ହୁଏ ।)

**ବରଟ, ବରଟା**, ବି. (ବୃ=ସେବା କରିବା-ଅଟ, କିମ୍ବା ବର=ଶ୍ରେଷ୍ଠ-ଅଟ=ଗମନ) କୁନ୍ଦପୁଷ୍ପ; ରାଜହଂସ । (ସ୍ତ୍ରୀ) ରାଜହଂସୀ; ହଂସୀ । (ହଂସସ୍ୟ ଯୋଷିତ୍ ବରଟା—ଅମର ।)

**ବରଣ**, ବି. (ବୃ=ବରଣ ଓ ଆବରଣ କରିବା-ଅନ) ନିଯୁକ୍ତକରଣ; କନ୍ୟାଦି ଦାନ କାଳରେ ଜାମାତାଦିଙ୍କୁ ଅଭ୍ୟର୍ଥନା କରିବା; ବେଷ୍ଟନ; ଆଚ୍ଛାଦନ; ପୂଜନାଦି; ପ୍ରାର୍ଥନା; ଇଚ୍ଛା; ପ୍ରାଚୀର; ବରୁଣବୃକ୍ଷ; ଉଷ୍ଟ୍ର । (ସ୍ତ୍ରୀ-ଆ) କାଶୀସ୍ଥ ନଦୀବିଶେଷ । (ବିଶେଷଣରେ ବୃତ ହୁଏ ।)

**ବରଣ୍ଡ**, ବିଂ (ବୃ-ଅଣ୍ଡ) ବରଣ୍ଡା ବା ଗୃହର ପାର୍ଶ୍ୱଭାଗ; ଭରଣ୍ଡ ବା ମୁଖବ୍ରଣବିଶେଷ; ସମୂହ ବଡ଼ଶସୂତ୍ର; ଗଣ୍ଡିଶ । (ସ୍ତ୍ରୀ-ଆ) ସାରିକା ।

**ବରପୁତ୍ର**, ବି. ଦେବତାଙ୍କ ମାୟା ପ୍ରଭାବରେ ଶାପଭ୍ରଷ୍ଟ ହୋଇ ଯେ ଭୂତଳରେ ଜନ୍ମଗ୍ରହଣ କରେ । ଯେପରି—କାଳିଦାସ ସରସ୍ୱତୀଙ୍କ ବରପୁତ୍ର ଥିଲେ ।

**ବରମ୍**, ଅଂ. ସଂ. ଅପେକ୍ଷାକୃତ ଉତ୍କୃଷ୍ଟ; ମନାକ୍ ବା ଅଳ୍ପ ଇଷ୍ଟ । ଯଥା—କୁପୁତ୍ର ପ୍ରାପ୍ତି ଅପେକ୍ଷା ବରଂ ଅପୁତ୍ରିକ ହେବା ଭଲ ।

**ବରୟିତା, ବରୟିତ**, ବି. (ବୃ-ଣିଚ୍-ତୃ) ପାଣିଗ୍ରାହକ, ସ୍ୱାମୀ । ଯେଉଁମାନେ ପ୍ରତିନିଧି ବାଛି ନିଅନ୍ତି ।

**ବରବର୍ଣ୍ଣିନୀ**, ବି. ସ୍ତ୍ରୀ. ସଂ. ଉତ୍ତମା ସ୍ତ୍ରୀ; ସତୀ; ଗୌରୀ; ଲକ୍ଷ୍ମୀ; ହରିଦ୍ରା; ଉତ୍ତମବର୍ଣ୍ଣଯୁକ୍ତା ।

**ବରବାହ୍ଲୀକ**, ବି. ସଂ. କୁଙ୍କୁମ ।

**ବରାକ**, ବିଂ. (ବୃ-ଆକ) ନୀଚ; ଦୀନ; ଶୋଚନୀୟ (ବ୍ୟକ୍ତି); ଜଘନ୍ୟ; ନିରପରାଧ । ବି. ଭିକ୍ଷୁ; ଶିବ; ଯୁଦ୍ଧ ।

**ବରାଙ୍ଗ**, ବି. ସଂ. ମସ୍ତକ; ଉପସ୍ଥ; ଗୁହ୍ୟଦେଶ; ଶ୍ରେଷ୍ଠାବୟବ । (ବରାଙ୍ଗଂ ମୂର୍ଦ୍ଧ ଗୁହ୍ୟୟୋଃ—ଅମର ।)

**ବରାଟ**, ବି.(ବୃ-ଆଟ କିମ୍ବା ବର-ଅଟ=ଗମନ) କଉଡ଼ି; ରଜ୍ଜୁ ବା ଦଉଡ଼ି ।

**ବରାଟକ**, ବି. (ବର-ଅଟ=ଗମନ କରିବା-ଅକ) ପଦ୍ମବୀଜକୋଷ; ରଜ୍ଜୁ ।

**ବରାଟିକା**, ବି.ସ୍ତ୍ରୀ.ସଂ. କଉଡ଼ି; ତୁଚ୍ଛବଚନ ।

**ବରାରୋହ**, ବି. (ବର=ଶ୍ରେଷ୍ଠ, ଆରୋହ=ଆରୋହଣ ଯେ କରେ) ହସ୍ତିପକ । (ସ୍ତ୍ରୀ-ଆ, ଗୁରୁତ୍ୱହେତୁ ଶ୍ରେଷ୍ଠ ଆରୋହ ଅର୍ଥାତ୍ ଶ୍ରୋଣି ଯାହାର) ପରମସୁନ୍ଦରୀ ସ୍ତ୍ରୀ; କଟିଦେଶ ।

**ବରାହ**, ବି. (ବର-ଆ-ହନ୍=ଆଘାତ କରିବା-ଅ) ଶୂକର; ବିଷ୍ଣୁଙ୍କ ଅବତାରବିଶେଷ; ପର୍ବତ ଓ ଦେଶବିଶେଷ ।

**ବରିବସ୍, ବରିବସ୍ୟା**, ବି. (ବୃ=ସେବା କରିବା ଇତ୍ୟାଦି-ଇବସ୍, ଯ-ଆ) ସେବା; ପୂଜା; ଶୁଶ୍ରୂଷା । (ବିଶେଷଣରେ ବରିବସିତ, ବରିବସ୍ୟିତ ଏବଂ ବରିବସିତା ହୁଏ ।)

**ବରୁଣ**, ବି. [ବୃ=(ପୃଥ୍ୱୀକୁ) ବେଷ୍ଟନ କରିବା-ଉନ] ସମୁଦ୍ର; ଜଳାଧିପ ଦେବତା; ସୂର୍ଯ୍ୟ; ଜଳ । (ସ୍ତ୍ରୀ-ବରୁଣାନୀ) ବରୁଣପତ୍ନୀ ।

**ବରୂଥ**, ବି. (ବୃ=ଆବରଣ କରିବା-ଊଥନ୍) ରଥଗୁପ୍ତି, ଶତ୍ରୁ ପ୍ରହାରରୁ ରକ୍ଷାପାଇବାପାଇଁ ରଥସ୍ଥ ଗୁପ୍ତସ୍ଥାନବିଶେଷ; ବର୍ମ, କବଚ ।

**ବରୂଥୀ**, ବି. (ବରୂଥିନ୍—ବରୂଥ=ରଥଗୁପ୍ତି-ଇନ୍ ଅସ୍ତ୍ୟର୍ଥେ) ରଥ । (ସ୍ତ୍ରୀ-ଇ=ବରୂଥିନୀ) ସେନା ।

**ବରେଣ୍ୟ**, ବିଂ. (ବୃ-ଏନ୍ୟ) ପ୍ରଧାନ; ପ୍ରାର୍ଥନୀୟ ।

**ବର୍ଗ**, ବି. (ବୃଜ୍=ବର୍ଜନ କରିବା-ଅ ଯେ ବିଜାତୀୟମାନଙ୍କଠାରୁ ପୃଥକ୍ କୃତ ହୁଏ) ଜାତୀୟସମୂହ; ଶ୍ରେଣୀ । ଯେପରି—ମନୁଷ୍ୟବର୍ଗ । ବୃନ୍ଦ, ସଙ୍ଘ । ଯେପରି—କ ବର୍ଗ, ଚ ବର୍ଗ । ପରିଚ୍ଛେଦ; ବର୍ଜନ, ତ୍ୟାଗ ।

ବର୍ଚ୍ଚଃ, ବି. (ବର୍ଚ୍ଚସ୍ ବର୍ଚ୍ଚ୍‌=ଦୀପ୍ତିପାଇବା-ଅସ) ତେଜ; ଶୁକ୍ର; କାନ୍ତି; ରୂପ; ଆକାର; ପୁରୀଷ, ମଳ । (ବିଶେଷଣରେ ବର୍ଚ୍ଚସ୍ୱୀ ହୁଏ । )

ବର୍ଜନ, ବି. ( ବୃଜ୍‌ = ତ୍ୟାଗ କରିବା-ଅନ ) ତ୍ୟାଗ; ହିଂସା, ବଧ । ( ବିଶେଷଣରେ ବର୍ଜିତ ଓ ବର୍ଜନୀୟ ହୁଏ । )

ବର୍ଣ୍ଣ, ବି. (ବର୍ଣ୍ଣ୍‌=ପ୍ରେରଣ କରିବା, ସ୍ତବ କରିବା-ଅ)ବ୍ରାହ୍ମଣାଦି ଜାତି; ଶୁକ୍ଳାଦି ରଙ୍ଗ, ହସ୍ତିପୃଷ୍ଠସ୍ଥ ଶବ୍ଦକମ୍ବଳାଦି; ସ୍ତବ; ଗୁଣ; ପ୍ରଶଂସା; କୀର୍ତ୍ତି; ସୌନ୍ଦର୍ଯ୍ୟ, ବର୍ଣ୍ଣନା; ରୂପ; ଅଙ୍ଗରାଗ; ଉତ୍କର୍ଷ; ଗୀତକ୍ରମ; ସୁବର୍ଣ୍ଣ; ଅକାରାଦି ଓ କକାରାଦି ଅକ୍ଷର ।

ବର୍ଣ୍ଣନ, ବର୍ଣ୍ଣନା, } ବି. ( ବର୍ଣ୍ଣ୍‌-ଅନ ) ଗୁଣକଥନ; ସ୍ତ୍ରୀ. ବିବରଣ; ରଞ୍ଜନ; ପ୍ରଶସ୍ତି; ସ୍ତୁତି । (ବିଶେଷଣରେ ବର୍ଣ୍ଣିତ ଓ ବର୍ଣ୍ଣନୀୟ ହୁଏ । )

ବର୍ଣ୍ଣୀ, ବି. (ବର୍ଣ୍ଣିନ୍‌—ବର୍ଣ୍ଣ-ଇନ୍ ଅସ୍ତ୍ୟର୍ଥେ) ଚିତ୍ରକର; ବ୍ରହ୍ମଚାରୀ; ବିପ୍ରାଦି ଜାତି । (ସ୍ତ୍ରୀ-ବର୍ଣ୍ଣିନୀ) ସ୍ତ୍ରୀ; ହରିଦ୍ରା ।

ବର୍ତ୍ତକ, ବର୍ତ୍ତିକା, ବି. ସ୍ତ୍ରୀ. ସଂ. ପକ୍ଷିବିଶେଷ ।

ବର୍ତ୍ତନ, ବି. ( ବୃତ୍‌-ଅନ ) ବୃତ୍ତି; ସ୍ଥିତି; ବେତନ; ନିଯୋଗ । (ବିଶେଷଣରେ ଯଥାଯୋଗ୍ୟ ଅର୍ଥରେ ବର୍ତ୍ତିତବ୍ୟ, ବର୍ତ୍ତିଷ୍ଣୁ, ବର୍ତ୍ତିଷ୍ୟମାଣ ଇତ୍ୟାଦି ପଦ ହୁଏ । )

ବର୍ତ୍ତମାନ, ବି. (ବୃତ୍‌=ବିଦ୍ୟମାନ ରହିବା-ମାନ କିମ୍ବା ଆନ, ଆ=ମା ଅଥବା ମ ଆଗମ) ପ୍ରାରବ୍ଧ ଓ ଅସମାପ୍ତ କାଳ । ବିଂ. ବିଦ୍ୟମାନ; ସାକ୍ଷାତ୍; ସ୍ଥିତିଶୀଳ ।

ବର୍ତ୍ତି, ବର୍ତ୍ତୀ, ବର୍ତ୍ତିକା, } ବି. ସ୍ତ୍ରୀ.(ବୃତ୍‌-ଇ, ଈ, ପକ୍ଷେ-କ-ଆ) ବତି ବା ସଳିତା; ପ୍ରଦୀପ; ତୂଳିକା; ପକ୍ଷିବିଶେଷ; ବର୍ଣ୍ଣୋପର ଲେପବିଶେଷ, କାର୍ତ୍ତିଶ୍ ।

ବର୍ତ୍ତୁଳ, ବିଂ.(ବୃତ୍‌-ଉଳ) ଗୋଲାକାରବିଶିଷ୍ଟ; ସ୍ଥୂଳ ।

ବର୍ତ୍ମ, ବି. (ବର୍ତ୍ମନ୍‌—ବୃତ୍‌-ମନ୍) ପନ୍ଥା, ପଥ; ଆଚାର; ଚକ୍ଷୁପଲକ ।

ବର୍ଦ୍ଧକ, ବି. (ବର୍ଦ୍ଧୟତି ଛେଦୟତି କାଷ୍ଠାଦୀନି ବର୍ଦ୍ଧକିଃ, ବର୍ଧ ଛେଦନେ, ବର୍ଧ୍-ଅକ) ବଢ଼େଇ ।

ବର୍ଦ୍ଧନ, ବି. (ବୃଧ୍‌—ବୃଦ୍ଧିପାଇବା-ଅନ) ବୃଦ୍ଧି, ଉନ୍ନତି; ପୂରଣ । (ବର୍ଧ୍‌ =ଛେଦନ-ଅନ) ଛେଦନ । ବିଂ. ବୃଦ୍ଧିକାରକ । (ସ୍ତ୍ରୀ-ବର୍ଦ୍ଧନୀ) କଳଶବିଶେଷ, ଜଳପାତ୍ର; ସମ୍ମାର୍ଜନୀ । (ବିଶେଷଣରେ—ବର୍ଦ୍ଧକ, ବର୍ଦ୍ଧିତ, ବର୍ଦ୍ଧିଷ୍ଣୁ ଇତ୍ୟାଦି ପଦ ସିଦ୍ଧ ହୁଏ । )

ବର୍ମ୍ମ, ବି. (ବର୍ମ୍ମନ୍-ବୃ=ଆବରଣ କରିବା-ମନ୍) କବଚ; କ୍ଷତ୍ରିୟମାନଙ୍କ ଉପାଧି । (ବିଶେଷଣରେ ବର୍ମିତ, ବର୍ମୀ ହୁଏ । )

ବର୍ମ୍ମହର, ବିଂ. ସଂ. କବଚଧାରୀ । ବି. ତରୁଣ ।

ବର୍ଯ୍ୟ, ବିଂ. (ବୃ=ପ୍ରାର୍ଥନାକରିବା-ଯ,ନିପାତନ) ପ୍ରଧାନ, ଶ୍ରେଷ୍ଠ । ବି. କନ୍ଦର୍ପ । (ସ୍ତ୍ରୀ-ବର୍ଯ୍ୟା) ପତିମ୍ବରା କନ୍ୟା ।

ବର୍ବଣା, ବି. ସ୍ତ୍ରୀ. ସଂ. ନୀଳମକ୍ଷିକା ।

ବର୍ବର, ବି. (ବର୍ବ୍‌=ପୁନଃପୁନଃ ପ୍ରାର୍ଥନା-କରିବା-ଅ) ନୀଚଜାତି, ପାମର, ମୂର୍ଖ । (ସ୍ତ୍ରୀ-ବର୍ବରୀ) କ୍ଷୁଦ୍ରଜାତୀୟ ମଧୁମକ୍ଷିକା ।

ବର୍ବୂର, ବି. ସଂ. ବାବୁଲଗଛ ।

ବର୍ଷ, ବି. (ବୃଷ୍‌=ବର୍ଷିବା-ଅ) ବୃଷ୍ଟି; ବତ୍ସର; ମେଘ; ଭାରତାଦି ଦେଶ । ( ସ୍ତ୍ରୀ-ବର୍ଷା ) ପ୍ରାବୃଟ୍ କାଳ ।

ବର୍ଷଣ, ବି. ( ବୃଷ୍‌= ବର୍ଷିବା-ଅନ ) ବର୍ଷା । ( ବିଶେଷଣରେ—ବର୍ଷମାନ ଓ ବର୍ଷୁକ ପଦ ସିଦ୍ଧ ହୁଏ । )

ବର୍ଷଧର, ବର୍ଷବର, ବି. ସଂ. ନପୁଂସକ ।

ବର୍ଷାଭୂ, ବି. ( ବର୍ଷା-ଭୂ-କ୍ୱିପ୍ ) ଭେକ; ପୁନର୍ନବା; ଇନ୍ଦ୍ରଗୋପ କୀଟ; କେଞ୍ଚୁଆ । ବିଂ. ବର୍ଷାଜାତ ।

ବର୍ଷିଷ୍ଠ, ବର୍ଷୀୟାନ୍, ବିଂ. (ବୃଦ୍ଧ-ଇଷ୍ଠ, ଈୟସ୍) ଅତିବୃଦ୍ଧ; ସର୍ବଜ୍ୟେଷ୍ଠ ।

ବର୍ଷୋପଳ, ବି. ( ବର୍ଷା-ଉପଳ = ପଥର ) କୁଆପଥର, କରକା ।

ବର୍ଷ୍ମ, ବି. ( ବର୍ଷ୍ମନ୍—ବୃଷ୍-ମନ୍ ) ଶରୀର; ପରିମାଣ; ସୁନ୍ଦର ଆକୃତି; ଉଚ୍ଚତା; ପାଷାଣ ।

ବର୍ହ, ବି. (ବୃହ୍ = ବୃଦ୍ଧିପାଇବା-ଅ) ମୟୂରପୁଚ୍ଛ; ପତ୍ର; ଅନୁଚର ବା ସଙ୍ଗୀ ।

ବର୍ହି, ବର୍ହିସ୍, ବି. (ବୃହ୍-ଇ, ଇସ୍) ଅଗ୍ନି ।

ବର୍ହିଣ, ବର୍ହୀ, ବି. (ବର୍ହ = ମୟୂରପୁଚ୍ଛ-ଇନ, ଇନ୍) ମୟୂର ।

ବଳୟ, ବି. (ବଳ୍ = ବେଷ୍ଟନକରିବା, ବଳଯୁକ୍ତ ହେବା ଇତ୍ୟାଦି-ଅୟ) କରଭୂଷଣ, ବଳା; ମଣ୍ଡଳ; ବେଷ୍ଟନ; ଗଳରୋଗବିଶେଷ । (ବିଶେଷଣରେ ବଳୟିତ ହୁଏ ।)

ବଳବତ୍ତ୍ୱ, ବି. ସଂ. ଶକ୍ତି, ସାମର୍ଥ୍ୟ; ଅତିଶୟ ।

ବଳାକ, ବଳାକା, ବି. ( ବଳ-ଅକ୍-ଅ, ବଳେନ ମେଘମାଳାମକତି ବଳାକା, ଅକ୍ କୁଟିଳାୟାଂ ଗତୌ) କ୍ଷୁଦ୍ରଜାତୀୟ ବକ, ବକବିଶେଷ; କ୍ଷୁଦ୍ରଜାତୀୟ ବକଶ୍ରେଣୀ; କାମୁକୀ ସ୍ତ୍ରୀ ।

ବଲ୍କ, ବଲ୍କଳ, ବି. (ବଲ = ଆବରଣ କରିବା-ଅକ, କଳ) ବୃକ୍ଷର ଛାଲି; ମାଛର କାତି; ତାଳଚଟ ।

ବଲ୍ଗନ, ବଲ୍ଗିତ, ବି. ( ବଲ୍ଗ = ଡେଉଁପଡ଼ିବା, ଲମ୍ଫ ମାରିବା-ଅନ, ତ ) ଅଶ୍ୱର ଗତିବିଶେଷ । (ଘୋଡ଼ାର ପଞ୍ଚବିଧ ଗତି । ଯଥା—ଆସ୍କନ୍ଦିତ, ଧୌରିତକ, ରେଚିତ, ବଲ୍ଗିତ ଓ ପ୍ଲୁତ) ହସ୍ତପାଦାଦିର ଆସ୍ଫାଳନ; ବହୁଭାଷଣ; ଗମନ; ଲମ୍ଫନ ।

ବଲ୍ଗୁ, ବିଂ. (ବଲ୍ = ଆଭରଣ କରିବା-ଗୁକ୍) ସୁନ୍ଦର; ମଧୁର । ବି. ଛାଗଳ ।

ବଲ୍ମିକ, ବଲ୍ମିକା, ବଲ୍ମୀକ, ବଲ୍ମୀକା, ବି. (ବଲ୍ = ଆଚ୍ଛାଦନ କରିବା, ବୃଦ୍ଧି ପାଇବା-ଇକ, ଇକା, ଈକ, ଈକା, ମ ଆଗମ) ବଳା, ଉଇହୁଙ୍କା; ବାଲ୍ମୀକିମୁନି; ଗଳଗଣ୍ଡ, ଶୋଥ ରୋଗ ।

ବଲ୍ଲକୀ, ବି. ସ୍ତ୍ରୀ. (ବଲ୍ଲ୍ = ଆଚ୍ଛାଦନ କରିବା-ଅକ-ଈ) ବୀଣା; ଶଲ୍ଲକୀବୃକ୍ଷ ।

ବଲ୍ଲଭ, ବିଂ. (ବଲ୍ଲ୍ = ଆଚ୍ଛାଦନ କରିବା-ଅଭ) ପ୍ରିୟ, ପ୍ରଣୟୀ; ଅଧ୍ୟକ୍ଷ । ବି. ପତି; ପ୍ରଶସ୍ତ କୁଳୋତ୍ପନ୍ନ ଅଶ୍ୱ; ନାୟକ । ( ସ୍ତ୍ରୀ-ଆ ) ପ୍ରିୟା, ପ୍ରଣୟିନୀ ।

ବଲ୍ଲରି, ବଲ୍ଲରୀ, ବି. ସ୍ତ୍ରୀ. (ବଲ୍ଲ୍ = ଆଚ୍ଛାଦନ କରିବା-ଅରି, ଈ) ମଞ୍ଜରୀ; ଲତା ।

ବଲ୍ଲବ, ବି. (ବଲ୍ଲ = ଭକ୍ଷ୍ୟଦ୍ରବ୍ୟ-ବ ଅସ୍ତ୍ୟର୍ଥେ) ପାଚକ; ଭୀମସେନ; ଗୋପ, ଗଉଡ଼ । (ସ୍ତ୍ରୀ-ଈ) ଗୋପୀ ।

ବଲ୍ଲି, ବଲ୍ଲୀ, ବି. ସ୍ତ୍ରୀ. (ବଲ୍ଲ-ଆଚ୍ଛାଦନ କରିବା-ଇ, ଈ) ଲତା; ପୃଥିବୀ ।

ବଶ, ବି. (ବଶ୍ = ଅଭିଳାଷ କରିବା-ଅ) ଅଭିଳାଷ; ସ୍ୱାଧୀନତା; ପ୍ରଭୁତ୍ୱ; ଆୟତ୍ତତା; ବେଶ୍ୟାଗୃହ । ବିଂ. ଅଧୀନ; ଅନୁକୂଳ, ମନ୍ତ୍ରାଦିଦ୍ୱାରା ମୁଗ୍ଧ । (ସ୍ତ୍ରୀ-ଆ) ବନ୍ଧ୍ୟା ସ୍ତ୍ରୀ; ବନ୍ଧ୍ୟା ଗାଈ; କନ୍ୟା; ହସ୍ତିନୀ; ନାରୀ । ( ବିଶେଷଣରେ ବଶୀକୃତ, ବଶୀଭୂତ ଓ ବଶ୍ୟ ପଦ ସିଦ୍ଧ ହୁଏ । )

ବଶତଃ, ଅ°. ସଂ. ବଶତା ହେତୁରୁ ।

ବଶଂବଦ, ବିଂ. (ବଶ = ଅଧୀନତା-ବଦ୍-ଅ) ଯେ ବାକ୍ୟଦ୍ୱାରା ବଶୀଭୂତ କରେ; ପ୍ରିୟବାଦୀ, ମିଷ୍ଟବକ୍ତା; ବଶୀଭୂତ ।

ବଶିଷ୍ଠ, ବଶିଷ୍ଟ, ବସିଷ୍ଠ, ବି. ସଂ. ମୁନିବିଶେଷ ।

ବଶୀ, ବିଂ. (ବଶିନ୍—ବଶ = ସ୍ୱାଧୀନତା-ଇନ୍ ଅସ୍ତ୍ୟର୍ଥେ) ସ୍ୱାଧୀନ; ଜିତେନ୍ଦ୍ରିୟ; ବଶବର୍ତ୍ତୀ ।

ବସତି, ବସତୀ, ବି. (ବସ୍ = ବାସ କରିବା-ଅତି; ଈ) ବାସସ୍ଥାନ, ଗୃହ; ରାତି; ବାସ, ସ୍ଥିତି ।

ବସନ, ବି. (ବସ୍ = ଆଚ୍ଛାଦନ କରିବା-ଅନ) ବସ୍ତ୍ର; ଆଚ୍ଛାଦନ; ବାସସ୍ଥାନ ।

ବସନ୍ତ, ବି. ( ବସ୍ = ବାସ କରିବା-ଅନ୍ତ ) ଋତୁବିଶେଷ; ସ୍ୱନାମପ୍ରସିଦ୍ଧ ରୋଗ; ରାଗବିଶେଷ ।

ବସନ୍ତଦୂତ, ବି. ପୁଂ. କୋକିଳ; ଆମ୍ରବୃକ୍ଷ; ପଞ୍ଚମସ୍ୱର । (ସ୍ତ୍ରୀ-ଈ) ମାଧବୀ ଲତା; କୋକିଳା ।

ବସା, ବି. ସ୍ତ୍ରୀ. ପୁଂ. ମଜ୍ଜା, ମେଦ, ଚର୍ବି ।

ବସାନ, ବିଂ. [ବସ୍ = ଆଚ୍ଛାଦନ କରିବା-ଆନ (ଶାନ)] ପରିଧାନକର୍ତ୍ତା. ଆଚ୍ଛାଦୟିତା ।

ବସୁ, ବି. (ବସ୍ = ବାସ କରିବା-ଉ) ଦେବତାଗଣବିଶେଷ; କୁବେର; ସୂର୍ଯ୍ୟ; ଅଗ୍ନି; ରଶ୍ମି; କିରଣ; ଦୀପ୍ତି; ରାଜା; ଜଳାଶୟ; କାୟସ୍ଥ ଜାତିର ଉପାଧିବିଶେଷ; ରତ୍ନ; ଧନ; ସ୍ୱର୍ଣ୍ଣ; ଜଳ । ବିଂ. ମଧୁର; ଶୁଷ୍କ ।

ବସୁଧା, ବି. ସ୍ତ୍ରୀ. (ବସୁ = ଧନ-ଧା = ଧାରଣ କରିବା-କ୍ୱିପ୍) ପୃଥିବୀ ।

ବସୁଧାରା, ବି. ସ୍ତ୍ରୀ. ପୁଂ. ଆଭ୍ୟୁଦୟିକ କର୍ମର ପୂର୍ବେ ଭିତ୍ତିରେ ଦତ୍ତ ଘୃତଧାରା ।

ବସୁନ୍ଧରା, ବସୁମତୀ, } ବି. ସ୍ତ୍ରୀ. (ବସୁ-ଧୃ-ଅ-ଆ, ବସୁ-ମତୁ ଅସ୍ତ୍ୟର୍ଥେ-ଈ) ପୃଥିବୀ ।

ବସ୍ତି, ବସ୍ତୀ, ବି. (ବସ୍ = ଆଚ୍ଛାଦନ ଓ ବାସ କରିବା-ତି, ଈ) ନାଭିର ଅଧୋଭାଗ, ତଳପେଟ; ବାସସ୍ଥାନ; ବାସ; ବସ୍ତ୍ରର ଦଶୀ ।

ବସ୍ତୁ, ବି. (ବସ୍-ତୁ) ଦ୍ରବ୍ୟ, ପଦାର୍ଥ, ସାମଗ୍ରୀ; ବୃତ୍ତାନ୍ତ; ସଦ୍ଭାବ; ସତ୍ୟ ।

ବସ୍ତୁତଃ, ଅଂ. ସଂ. ଫଳତଃ; ବାସ୍ତବିକ, ଯଥାର୍ଥତଃ ।

ବସ୍ତ୍ର, ବି. ( ବସ୍ = ଆଚ୍ଛାଦନ କରିବା-ତ୍ର ) ବସନ; ଆଚ୍ଛାଦନ ।

ବସ୍ଥା, ବି. ସ୍ତ୍ରୀ. (ଅବ-ସ୍ଥା-ଅ-ଆ, ଅବର ଅ ଲୋପ) ଅବସ୍ଥା, ଦଶା ।

ବସ୍ୱୋକସାରା, ବି. ସ୍ତ୍ରୀ. (ବସୁ = ଧନ-ଓକସ୍ = ସ୍ଥାନ-ସୃ = ଗମନ କରିବା-ଅ-ଆ ) ଦେବତାମାନଙ୍କର ଆଗମନ ସ୍ଥାନ; ଏହିଟି ଉତ୍ତର ଆଦିଆଖଣ୍ଡର ମେରୁର ସ୍ଥାନ, ଏହାର ବର୍ତ୍ତମାନ ନାମ ବୋଖାରା; ଅଳକାପୁରୀ; ଅମରାବତୀ; ଅଯୋଧ୍ୟା ।

ବହ, ବି. (ବହ୍ = ବହିବା-ଅ) ବୃଷର ସ୍କନ୍ଧଦେଶ; ଅଶ୍ୱ; ବାୟୁ; ପନ୍ଥା; ନଦ; ବାହୁ; ଗୃହର ଦ୍ରୋଣ ପରିମାଣ; ବାହନ । ବିଂ. ବହନକାରୀ । ଯେପରି—ଗନ୍ଧବହ ।

ବହନ, ବି. (ବହ୍-ଅନ) ଧାରଣ; ବହି ନେବା; ନୌକା; ବାହନ । (ବିଶେଷଣରେ ବହମାୟୁ, ବହମାନ ପଦ ସିଦ୍ଧ ହୁଏ ।)

ବହଳ, ବିଂ. (ବହ୍ = ବହନ କରିବା-ଅଳ) ଦୃଢ଼; କଠିନ; ବହୁଳ, ଅନେକ; ନୌକା; ଭେଳା ।

ବହିତ୍ର, ବି. (ବହ୍ = ବହନ କରିବା-ଇତ୍ର) ନୌକା, ବୋଇତ ।

ବହିଃ, ଅଂ. ସଂ. ବାହ୍ୟଦେଶ; ସୀମାର ଶେଷ ।

ବହିରଙ୍ଗ, ବିଂ. (ବହିଃ-ଅଙ୍ଗ) ଅନାତ୍ମୀୟ, ପର । ବି. ବାହ୍ୟ ଅଙ୍ଗ ।

ବହିର୍ବାଣିଜ୍ୟ, ବି. ପୁଂ. ଅନ୍ୟ ଦେଶରେ କ୍ରୟବିକ୍ରୟ ।

ବହିର୍ବାସ, ବି. ପୁଂ. ବୈଷ୍ଣବମାନେ ପ୍ରଥମତଃ କୌପୀନ ଭିଡ଼ ପରେ ଯେଉଁ ବାସ ପିନ୍ଧନ୍ତି ।

ବହିର୍ଭୂତ, ବିଂ. (ବହିଃ-ଭୂ-ତ) ବହିର୍ଗତ ।

ବହିର୍ମୁଖ, ବିଂ. (ବହିଃ-ମୁଖ) ବିମୁଖ; ବାହ୍ୟ ବିଷୟାସକ୍ତ । ବି. ଦେବତା ।

ବହ୍ନି, ବି. (ବହ୍ = ବହନ କରିବା-ନି) ଅଗ୍ନି ।

ବା, ଅଂ. ସଂ. ବିକଳ୍ପ; ବିତର୍କ; ନିଶ୍ଚୟ; ସମୁଚ୍ଚୟ; ଅଶ୍ଣତ; ବିଶ୍ୱାସ ଇତ୍ୟାଦି ।

ବାକ୍, ବାଚ୍, ବି. ସ୍ତ୍ରୀ. (ବାଚ୍—ବଚ୍ = ବୋଲିବା-କ୍ୱିପ୍, ଆ) ବାକ୍ୟ; ଶବ୍ଦ; ବିଦ୍ୟା; ସରସ୍ୱତୀ; ବାଗିନ୍ଦ୍ରିୟ ।

ବାକ, ବି. (ବଚ୍-ଅ) ବଚନ । (ନାମୋବାକଂ ପ୍ରଶାସ୍ମହେ) ଗ୍ରନ୍ଥବିଶେଷ । ( ବକ-ଅ ) ବକସମୂହ । ବିଂ. ବକସମ୍ବନ୍ଧୀୟ ।

ବାକ୍ପତି, ବି. ପୁଂ. ବୃହସ୍ପତି; ଉତ୍ତମ ବକ୍ତା ।

ବାକ୍ୟ, ବି. (ବଚ୍ = ବୋଲିବା-ଯ) ପଦସମୂହ; ବଚନ ।

ବାଗୁର, ବି. ସ୍ତ୍ରୀ. (ବା = ହିଂସା କରିବା-ଉର-ଆ, ଗ ଆଗମ) ମୃଗବନ୍ଧନୀ, ମୃଗବନ୍ଧନ ଜାଲ ।

ବାଗୁରିକ, ବି. (ବାଗୁରା-ଇକ) ବ୍ୟାଧ ।

ବାଗ୍ମୀ, ବାଗ୍ମିନ୍, ବିଂ. (ବାକ୍-ମିନ୍ ଅସ୍ତ୍ୟର୍ଥେ) ମିତପ୍ରଶସ୍ତବାକ୍ଶୀଳ, ବାକ୍ପଟୁ । (ମିତଂ ଚ ସାରଂ ଚ ବଚୋହି ବାଗ୍ମିତା) ବାଗ୍ମୂଳ । ବି. ବୃହସ୍ପତି ।

ବାଙ୍ମୟ, ବିଂ. (ବାକ୍-ମୟ ଅପୃଥକ ଭାବାର୍ଥେ) ବାକ୍ୟାତ୍ମକ, ବାକ୍ୟମୟ । ବି. ବକ୍ତୃତା; ସାହିତ୍ୟ; ଅଳଙ୍କାର ଶାସ୍ତ୍ର; ବାକ୍ୟଜନିତ ପାପ; ବାକ୍ୟଶାସ୍ତ୍ର । (ସ୍ତ୍ରୀ-ଈ) ସରସ୍ୱତୀ ।

ବାଚଂଯମ, ବି. (ବାଚଂ = ବାକ୍ୟକୁ-ଯମ ଯେ ସଂଯମ କରେ) ମୁନି । ବିଂ. ମିତଭାଷୀ ।

ବାଚକ, ବିଂ. ( ବଚ୍ = ବୋଲିବା-ଅକ ) ବୋଧକ; ଅର୍ଥପ୍ରକାଶକ; କଥକ; ପୁରାଣାଦି ପାଠକ ।

ବାଚନିକ, ବିଂ. (ବଚନ-ଇକ) ମୌଖିକ ।

ବାଚଃପତି, ବାଚସ୍ପତି, } ବି. (ବାଚସ୍ = ବାକ୍ୟର-ପତି) ବୃହସ୍ପତି; ବିଦ୍ୱାନ୍; ସଦ୍ବକ୍ତା ।

ବାଗ୍ଦୃଟ, ବାଗ୍ମୂଳ, ବିଂ. ( ବାଚ-ଆଟ, ଆଲ ) ବହୁ କୁତ୍ସିତଭାଷୀ, ଅସମ୍ବନ୍ଧପ୍ରଳାପୀ ।

ବାଚ୍ୟ, ବି. (ବଚ୍ = ବୋଲିବା-ଯ) କର୍ତ୍ତୃକର୍ମାଦି ବାଚ୍ୟ । ବିଂ. ନିନ୍ଦନୀୟ; ଜାତିଭ୍ରଷ୍ଟ; ଦୁଷ୍ଟ; କଥନୀୟ; ବୋଧ୍ୟ ।

ବାଚ୍ୟମାନ, ବିଂ. ( ବଚ୍-ମାନ ଯ ଆଗମ ) ପଠ୍ୟମାନ; କଥ୍ୟମାନ; ନିନ୍ଦ୍ୟ ।

ବାଜ, ବି. (ବଜ୍ = ଗମନକରିବା-ଅ) ବେଗ; ଶରପକ୍ଷ; ଶବ୍ଦ; ଘୃତ; ଯଜ୍ଞ; ଅନ୍ନ; ବାରି; ପୂଜା; ଶ୍ରାଦ୍ଧାନ୍ନ; ମଦ୍ୟବିଶେଷ; ଜପାଦିର ସମାପକ ମନ୍ତ୍ର; ପକ୍ଷ, ଡେଣା ।

ବାଜପେୟ, ବି. (ବାଜ = ଘୃତ-ପେୟ) ଯଜ୍ଞ-ବିଶେଷ ।

ବାଜୀ, ବି. ( ବାଜିନ୍—ବାଜ = ପକ୍ଷ ପ୍ରଭୃତି-ଇନ୍ ଅସ୍ତ୍ୟର୍ଥେ) ପକ୍ଷୀ; ବାଣ; ଅଶ୍ୱ; ଗନ୍ଧ । ବିଂ. ବେଗବାନ୍ ।

ବାଜୀକରଣ, ବି. ସଂ. ବାଜିବତ୍ ସୁରତ-ଶକ୍ତିକାରୀ ଔଷଧବିଶେଷ ।

ବାଞ୍ଛନ, ବାଞ୍ଛା, ବି. (ବାଞ୍ଛ୍ = ଇଚ୍ଛାକରିବା-ଅନ, ଅ-ଆ) ଇଚ୍ଛା । (ବିଶେଷଣରେ ବାଞ୍ଛିତ ଓ ବାଞ୍ଛନୀୟ ହୁଏ ।)

ବାଣିଜ୍ୟ, ବି. ( ବଣିକ୍-ଯ ) କ୍ରୟବିକ୍ରୟ ବ୍ୟବସାୟ ।

ବାଣୀ, ବି. ସ୍ତ୍ରୀ. ( ବଣ୍ = ଶବ୍ଦକରିବା-ଇ-ଈ ) ବାକ୍ୟ, ସରସ୍ୱତୀ ।

ବାତ, ବି. (ବା = ବହିବା-ତ) ପବନ; ରୋଗ-ବିଶେଷ; ଜାର; ଧୃଷ୍ଟନାୟକ । ବିଂ. ଗତ ।

ବାତପ୍ରମୀ, ବାତମୃଗ, } ବି. ସଂ. ବେଗଗାମୀ ମୃଗବିଶେଷ, ବାହୁଟା ହରିଣ ।

ବାତଯାନ, ବାତରଥ, } ବି. (ବାତ-ଯାନ, ରଥ) ମୃଗ ।

ବାତାୟନ, ବି. ( ବାତ-ଅୟନ ) ଗବାକ୍ଷ, ଝରକା ।

ବାତାୟୁ, ବି. (ବାତ-ଆୟ୍ = ଗମନକରିବା-ଉ) ମୃଗ, ହରିଣ ।

ବାତୂଳ, ବାତ୍ଲ, ବିଂ. ( ବାତ-ଊଳ, ଉଳ) ବାତରୋଗୀ; ଉନ୍ମତ୍ତ ।

ବାତ୍ୟା, ବି. ସ୍ତ୍ରୀ. ( ବାତ-ଯ ସମୂହାର୍ଥେ-ଆ ) ବାତସମୂହ, ବତାସ ।

ବାଦ, ବି. (ବଦ୍ = ବୋଲିବା-ଅ)ଯଥାର୍ଥବିଚାର; ବିତର୍କ; ଉକ୍ତି, କଥନ; ପ୍ରବାଦ; ବାଦ୍ୟ । (ବିଶେଷଣରେ ବାଦୀ ଏବଂ ବାଦକ ହୁଏ ।)

ବାଦନ, ବି. ( ବଦ୍-ଣିଚ୍ = ବଜାଇବା-ଅନ) ବଜାଇବା, ବାଦ୍ୟ । ( ବିଶେଷଣରେ ବାଦକ ଓ ବାଦିତ ହୁଏ । )

ବାଦରାୟଣ, ବାଦରାୟଣି, } ବି. (ବାଦର = ତୀର୍ଥସ୍ଥାନ-ଅୟନ = ଗମନ, ଇ ସ୍ୱାର୍ଥେ) ବ୍ୟାସ-ଦେବ ।

ବାଦିତ୍ର, ବାଦ୍ୟ, ବି. ( ବଦ୍-ଣିଚ୍-ଇତ୍ର, ଯ ) ବାଦ୍ୟଯନ୍ତ୍ର ।

ବାନପ୍ରସ୍ଥ, ବି. (ବନ-ଅ = ବାନ = ବନୈକଦେଶ-ପ୍ରସ୍ଥ = ପ୍ର-ସ୍ଥା-ଅ-ଯେ ପ୍ରସ୍ଥାନକରେ) ତୃତୀୟ ଆଶ୍ରମୀ । (ଆଶ୍ରମୀ ଚତୁର୍ବିଧ— ବ୍ରହ୍ମଚାରୀ, ଗୃହୀ, ବାନପ୍ରସ୍ଥ ଓ ଭିକ୍ଷୁ) ପଲାଶବୃକ୍ଷ ।

ବାନର, ବି. (ବନ-ରମ୍ = କ୍ରୀଡ଼ାକରିବା-ଅ = ବନର-ଅ ସ୍ୱାର୍ଥେ କିମ୍ବା ବା = ତୁଲ୍ୟ-ନର, ଯେ ନରତୁଲ୍ୟ) କପି, ମର୍କଟ ।

ବାନସ୍ପତ୍ୟ, ବି. ସଂ. ଯେ ସକଳ ବୃକ୍ଷରେ ପୁଷ୍ପ ହୋଇ ଫଳ ହୁଏ -- ଆମ୍ରବୃକ୍ଷ ପ୍ରଭୃତି ।

ବାନ୍ତ, ବି. (ବମ୍ = ବମନକରିବା-ତ) ବମନ, ଉଦ୍ଗୀରଣ । (ବିଶେଷଣରେ ବାନ୍ତ ହୁଏ ।)

ବାପି, ବାପୀ, ବି. ସ୍ତ୍ରୀ. (ବପ୍ = ବପନକରିବା-ଇ, ଯହିଁରେ ପଦ୍ମାଦି ବପନ କରଯାଏ) ବୃହତ୍ ପୁଷ୍କରିଣୀ, ଦୀର୍ଘିକା ।

ବାମ, ବିଂ. (ବମ୍ = ବମନକରିବା-ଅ, କିମ୍ବା ବା = ଗମନ କରିବା-ମ) ପ୍ରତିକୂଳ; ବିମୁଖ; ଦକ୍ଷିଣେତର, ବାଁ; ବାମଦିଗସ୍ଥ; ବିପରୀତ; ବକ୍ର; ସୁନ୍ଦର; ଅଧମ; ନୀଚ; ଶ୍ରେଷ୍ଠ । ବି. ଶିବ; କାମଦେବ । ( ସ୍ତ୍ରୀ-ବାମା) ନାରୀ; ଲକ୍ଷ୍ମୀ; ଦୁର୍ଗା । ( ସ୍ତ୍ରୀ-ବାମୀ ) ଘୋଟକୀ; ଗର୍ଦ୍ଦଭୀ; ଶୃଗାଳୀ; ହସ୍ତିନୀ ।

ବାମଦେବ, ବି. ସଂ. ମହାଦେବ; ଋଷିବିଶେଷ ।

ବାମନ, ବିଂ. (ବମ୍-ଣିଚ୍-ବିପରୀତ ବୋଲିବା-ଅନ) ଖର୍ବ; କ୍ଷୁଦ୍ର, ଅଳ୍ପ; ନୀଚ । (ବାମ= ବିପତ୍ତି-ନ = ଛେଦକ) ବିଷ୍ଣୁଙ୍କ ଅବତାରବିଶେଷ; ଦକ୍ଷିଣଦିଗର ହସ୍ତୀ ।

ବାମଲୂର,ବି.(ବାମ-ବିପରୀତ-ଲୂ = ଛେଦନ କରିବା-ର) ବଲ୍ମୀକ, ବିଲ ।

ବାମାଚାର, ବି. ସଂ. ତନ୍ତ୍ରଶାସ୍ତ୍ରୋକ୍ତ ମଦ୍ୟମାଂସାଦି ସେବନରୂପ ଆଚାରବିଶେଷ ।

ବାୟ, ବି. (ବେ = ବସ୍ତ୍ରାଦି ବୁଣିବା-ଅ) ବସ୍ତ୍ର ବୁଣିବା ।

ବାୟଦଣ୍ଡ, ବି. ସଂ. ବେମା, ବସ୍ତ୍ରବୁଣା ତନ୍ତ ।

ବାୟସ, ବି. ( ବୟ = ଗମନକରିବା-ଅସ ) କାକ ।

ବାୟସାରାତି, } ବି. (ବାୟସ-ଅରାତି, ଅରି = ବାୟସାରି, } ଶତ୍ରୁ) ପେଚକ, ପେଚା ।

ବାୟୁ, ବି. (ବା = ଗମନକରିବା, ଚଳିବା-ଉ, ଯ ଆଗମ, ବାତିବାୟୁଃ-ବା ଗତି-ବନ୍ଧନୟୋଃ) ପବନ; ପ୍ରାଣ । (ଏଥିରୁ ବାୟବ, ବାୟବୀ, ବାୟବ୍ୟ, ବାୟବୀୟ ପ୍ରଭୃତି ପଦମାନ ସିଦ୍ଧ ହୁଏ ।)

ବାୟୁସଖ, ବି. (ବାୟୁ-ସଖା) ଅଗ୍ନି ।

ବାର୍, ବି. ( ବୃ-ଣିଚ୍ = ଆବରଣକରିବା-କ୍ୱିପ୍ ) ଜଳ ।

ବାର, ବି. (ବୃ = ଆବରଣକରିବା-ଅ) ରବି ସୋମ ପ୍ରଭୃତି ବାସର; ଅବସର; ସମୂହ; ଜଳ; ଦ୍ୱାର; ନିବାରଣ । ବିଂ. ନିବାରଣୀୟ ।

ବାରଣ,ବି.(ବୃ-ଣିଚ୍ = ନିବାରଣକରିବା-ଅନ) ହସ୍ତୀ; ବର୍ମ ବା କବଚ; ଅଙ୍କୁଶ; ନିଷେଧ । (ନିଷେଧାର୍ଥରେ ବିଶେଷଣରୂପେ ବାରକ, ବାରୟିତା, ବାରଣୀୟ, ବାର୍ଯ୍ୟମାଣ, ବାରିତ ପ୍ରଭୃତି ପଦ ସିଦ୍ଧ ହୁଏ ।)

ବାରଣବୁଷା, ବି. ସ୍ତ୍ରୀ. ସଂ. କଦଳୀଗଛ; କଦଳୀ ଫଳ ।

ବାରନାରୀ, ବାରମୁଖ୍ୟା, ବାରବଧୂ, ବାରବନିତା, ବାରବାଣୀ, ବାରବିଳାସିନୀ, ବାରଯୋଷା, ବାରସ୍ତ୍ରୀ, ବାରାଙ୍ଗନା, } ବି.ସ୍ତ୍ରୀ. (ବାର = ଅନେକ - ନାରୀ-ଯେ ଅନେକଙ୍କ ନାରୀ, ବାରଃ = ସମୂହ-ସ୍ତସ୍ୟ ସ୍ତ୍ରୀ ବାରସ୍ତ୍ରୀ, ବାରେ ବେଶ୍ୟାସମୂହେ ମୁଖ୍ୟା ବାରମୁଖ୍ୟା ଇତ୍ୟାଦି) ବେଶ୍ୟା ।

ବାରମ୍ବାର, ଅଂ. ସଂ. ପୁନଃପୁନଃ, ଥରକୁଥର ।

ବାରାଣସୀ, ବି. ସ୍ତ୍ରୀ. (ବାର = ଯେ ବାରଣକରେ-ଅନସ୍ = ଜନ୍ମ-ଯେ ପୁନର୍ଜନ୍ମ ବାରଣକରେ) କାଶୀ, ଶିବପୁରୀ ।

ବାରି, ବି. (ବୃ-ଣିଚ୍ = ଆବରଣ କରିବା-ଇ) ଜଳ; ବାଳ । (ସ୍ତ୍ରୀ-ବାରି, ବାରୀ) ଜଳପାତ୍ର, କଳସୀ; ହସ୍ତିବନ୍ଧନ ରଜ୍ଜୁ; ହସ୍ତିବନ୍ଧନ ସ୍ଥାନ; ସରସ୍ୱତୀ ।

ବାରିଜ, ବି. (ବାରି-ଜନ୍-ଅ) ପଦ୍ମ । ବିଂ. ଜଳଜାତ ।

ବାରଦ, ବାରିବାହ, ବାରିବାହନ, } ବି. (ବାରି-ଦା-ଅ; ବାରି-ବାହ, ବାହନ) ମେଘ ।

ବାରିଧି, ବାରିନିଧି, ବାରାଂନିଧି, ବାର୍ଦ୍ଧି, ବାରିରାଶି, } ବି. (ବାରି-ଧା-ଇ, ବାରି, ବାରାଂ-ନିଧି, ବାର୍-ଧା-ଇ, ବାରି-ରାଶି) ସମୁଦ୍ର ।

ବାର୍ତ୍ତିକ, ବି. ପୁଂ. ପକ୍ଷିବିଶେଷ ।

ବାର୍ତ୍ତା, ବି. (ବୃତ୍ତ=ଲୋକଚରିତ୍ର-ଅ, ଅସ୍ତ୍ୟର୍ଥେ ଆ) ସମ୍ବାଦ; ଜନଶ୍ରୁତି ।

ବାର୍ତ୍ତାବହ, ବି. (ବାର୍ତ୍ତା-ବହ୍-ଅ) ଚର, ଦୂତ ।

ବାର୍ଦ୍ଧକ, ବାର୍ଦ୍ଧକ୍ୟ, } ବି. (ବୃଦ୍ଧ-କ, ବାର୍ଦ୍ଧକ-ଯ) ବୃଦ୍ଧାବସ୍ଥା । (ବାର୍ଦ୍ଧକ=ବୃଦ୍ଧ-ସମୂହ; ବୃଦ୍ଧକର୍ମ ।)

ବାର୍ଦ୍ଧୁଷି, ବାର୍ଦ୍ଧୁଷିକ, } ବି. (ବୃଦ୍ଧି-ଇକ-ତଦ୍ଦ୍ୱାରା ଜୀବତି ଅର୍ଥରେ ନିପାତନ, ବାର୍ଦ୍ଧୁଷିକ) ଯେ ବୃଦ୍ଧି ଦ୍ୱାରା ବଞ୍ଚେ, ବୃଦ୍ଧିଜୀବୀ ।

ବାର୍ମ୍ମଣ, ବି. (ବର୍ମ୍ମନ୍-ଅ ସମୂହାର୍ଥେ) କବଚ-ସମୂହ ।

ବାର୍ଷିକ, ବି. (ବର୍ଷ-ଇକ ଭବାର୍ଥେ, ଦେୟାର୍ଥେ) ବତ୍ସରସମ୍ବନ୍ଧୀୟ; ପ୍ରତିବର୍ଷରେ ଦେୟ; ବର୍ଷାକାଳୀନ । (ସ୍ତ୍ରୀ-ଈ) ବର୍ଷ-କର୍ତ୍ତବ୍ୟ ପୂଜାଦି ।

ବାଲ୍ମୁକ, ବାଲ୍ମୀକ, ବାଲ୍ମୁକି, ବାଲ୍ମୀକି, } ବି. (ବଲ୍ମୁକ, ବଲ୍ମୀକ-ଅ, ଇ ଜାତାର୍ଥେ) ରାମାୟଣ ପ୍ରଣେତା ମୁନି, ଆଦ୍ୟକବି ।

ବାବଦୂକ, ବି. (ବଦ୍-ଯ-ଦ୍ୱିତ୍ୱ-ଊକ) ଯେ ଶାସ୍ତ୍ରଜ୍ଞାନସମ୍ପନ୍ନ ଏବଂ ଯୁକ୍ତିଯୁକ୍ତ ବାକ୍ୟ ପ୍ରୟୋଗ କରେ, ସୁବକ୍ତା; ବାଚାଳ, ଯେ ଅଧିକ କଥା କହେ ।

ବାଷ୍ପ, ବାସ୍ପ, ବି. (ବା=ଗମନ କରିବା-ପ, ସ ଆଗମ, ନିପାତନ) ଉଷ୍ମା; ସୂକ୍ଷ୍ମ ଜଳବିନ୍ଦୁ; ଧୂମ; ଲୋହ; ନେତ୍ରଜଳ; କଣ୍ଠଜଳ; ଆନନ୍ଦ, ଈର୍ଷ୍ୟା, ଆର୍ତ୍ତି ଏବଂ ବିବିଧ କାରଣରୁ ଜନିତ ଉଷ୍ମା ।

ବାସ, ବି. (ବସ୍=ବାସ କରିବା-ଅ) ଗୃହ; ବାସସ୍ଥାନ; ସ୍ଥିତି; (ବସ୍=ଆଚ୍ଛାଦନ କରିବା-ଅ) ବସ୍ତ୍ର । (ବାସ୍=ବାସିତ କରିବା-ଅ) ସୁଗନ୍ଧ ।

ବାସନ, ବାସନା, } ବି. (ବସ=ବାସିତ କରିବା-ଅନ) ସ୍ତ୍ରୀ. ସୁଗନ୍ଧୀକରଣ; ଧୂପନ । (ବସ୍=ପରିଧାନ କରିବା-ଣିଚ୍-ଅନ) ବସ୍ତ୍ର । (ବସ୍=ବାସ କରିବା-ଅନ) ବାସସ୍ଥାନ । (ସ୍ତ୍ରୀ-ଆ) ମନୋବୃତ୍ତି; ଜ୍ଞାନ; ପ୍ରତ୍ୟାଶା; କଳ୍ପନା; ଯୁକ୍ତି ।

ବାସର, ବି. (ବସ୍-ଣିଚ୍=ବାସ କରାଇବା-ଅର) ଦିବସ ।

ବାସବ, ବି. (ବସୁ=ଧନ-ଅ) (ଯେ ବହୁଧନ ବିଶିଷ୍ଟ) ଇନ୍ଦ୍ର । (ସ୍ତ୍ରୀ-ବାସବୀ) ବ୍ୟାସ-ଦେବଙ୍କ ମାତା, ମତ୍ସ୍ୟଗନ୍ଧା; ଧନିଷ୍ଠା ନକ୍ଷତ୍ର ।

ବାସସ୍, ବି. (ବସ୍-ଣିଚ୍-ଅସ୍) ବସ୍ତ୍ର ।

ବାସିତ, ବିଂ. [ ବାସି (ନାମଧାତୁ)=ବାସିତ କରିବା-ତ ] ସୁଗନ୍ଧୀକୃତ; ବିଖ୍ୟାତ; ଭାବିତ । (ବସ୍-ଣିଚ୍-ଆଚ୍ଛାଦନ କରାଇବା-ତ) ବସନ ପରିହିତ; ଆବରିତ; ଆର୍ଦ୍ରୀକୃତ; ପର୍ଯ୍ୟୁଷିତ; ଅଧ୍ୟୁଷିତ । (ସ୍ତ୍ରୀ-ବାସିତା) କରିଣୀ; ନାରୀ ।

ବାସୁଦେବ, ବି. (ବସୁଦେବ-ଅ ଅପତ୍ୟାର୍ଥେ) ଶ୍ରୀକୃଷ୍ଣ ।

ବାସ୍ତୋଷ୍ପତି, ବାସ୍ତୋସ୍ପତି, } ବି. (ବାସ୍ତୋଃ ଗୃହ କ୍ଷେତ୍ରାଦେଃ ପତିରଧିଦେବତା) ବାସ୍ତୋସ୍=ବାସ୍ତୁବାଟୀର-ପତି) ଇନ୍ଦ୍ର ।

ବାହ, ବି. (ବହ୍=ବହନ କରିବା, ବାୟୁ ବହିବା-ଅ) ଅଶ୍ୱ; ବୃଷ; ମହିଷ; ବାୟୁ; ପରିମାଣବିଶେଷ । ବିଂ. ବାହକ ।

ବାହକ, ବିଂ. (ବହ୍-ଣିଚ୍-ଅକ) ବହନକର୍ତ୍ତା । ବି. ସାରଥି ।

ବାହନ, ବି. (ବହ୍-ଅନ) ଯାନ, ହସ୍ତୀ ଅଶ୍ୱ ନୌକା ପ୍ରଭୃତି; ରଥ ।

ବାହିତ, ବିଂ. (ବହ୍-ଣିଚ୍-ତ) ଚାଳିତ; ପ୍ରାପିତ; ପ୍ରବାହିତ; ପ୍ରତାରିତ, ବଞ୍ଚିତ; ସଂଯତ୍ନୀକୃତ ।

ବାହିନୀ, ବି. ସ୍ତ୍ରୀ. (ବାହାଃ ଅସ୍ୟାଂ ସନ୍ତୀତି ବାହିନୀ) ସେନା; ସେନାବିଶେଷ । (ଅକ୍ଷୌହିଣୀ ଶବ୍ଦ ଦେଖ) ନଦୀ ।

ବାହ୍ଲିକ, } ବି.(ବଲ୍ହ୍ = ପ୍ରାପ୍ତି ପାଇବା-ଇକ,
ବାହ୍ଲୀକ, } ଇକ) ଦେଶବିଶେଷ, ତାହାର ଦେଶ ଅନ୍ତଃପାତୀ ବଲ୍ଖ; ତଦ୍ଦେଶଜ ଅଶ୍ୱ; ଗନ୍ଧଦ୍ରବ୍ୟବିଶେଷ; କୁଙ୍କୁମ; ହିଙ୍ଗୁ ।

ବି, ବି. ( ବେ = ବିସ୍ତାର କରିବା-ଇ ) ପକ୍ଷୀ; ଚକ୍ଷୁ; ଆକାଶ; ସ୍ୱର୍ଗ ।

ବି, ଅ°. ଉପ. ସଂ. ବିପରୀତ; ବିରୁଦ୍ଧ; ନିଶ୍ଚୟ; ବିଶେଷ; ବିଷମ ଇତ୍ୟାଦି ।

ବିଂଶ, ବି°. ସଂ. ବିଂଶତିର ପୂରଣ ।

ବିଂଶତି, ବି°. ସଂ. ୨୦ ସଂଖ୍ୟା ।

ବିକଚ, ବି°. (ବି = ନା-କଚ୍ = ବନ୍ଧନ କରିବା-ଅ) ବିକସିତ, ପ୍ରସ୍ଫୁଟିତ । (ବି = ନାହିଁ-କଚ = କେଶ) କେଶରହିତ । ବି. କେତୁଗ୍ରହ; ଧ୍ୱଜା; ଉଲଙ୍ଗ; ରାକ୍ଷସବିଶେଷ; କ୍ଷପଣକ ।

ବିକଟ, ବି°.(ବି-କଟ୍ = ଆଚ୍ଛାଦନ କରିବା-ଅ) ବିଶାଳ; ଭୟଙ୍କର; ଭୟାନକ; ଦନ୍ତୁର; ବିକୃତ; ସୁନ୍ଦର; ବିସ୍ଫୋଟକ ।

ବିକତ୍ଥନ, } ବି. (ବି-କତ୍ଥ୍ = ପ୍ରଶଂସା କରିବା-
ବିକତ୍ଥନା, } ଅନ, ଆ) ଆତ୍ମଶ୍ଲାଘା; ବୃଥାସ୍ତୁତି, ମିଥ୍ୟାଶ୍ଲାଘା । ବି°. ଆତ୍ମଶ୍ଲାଘୀ ।

ବିକର୍ତ୍ତନ, ବି. (ବି-କୃତ୍ = ଛେଦନ କରିବା-ଅନ) ସୂର୍ଯ୍ୟ । ବି°.ଛେଦନକାରୀ; ବିନାଶକ ।

ବିକର୍ଷଣ, ବି. (ବି-କୃଷ୍-ଅନ) ଆକର୍ଷଣ ।

ବିକଳ, ବି°. ( ବି = ନାହିଁ-କଳା = ଚନ୍ଦ୍ରଙ୍କ ଷୋଡ଼ଶାଂଶ ଇତ୍ୟାଦି) ଅସମ୍ପୂର୍ଣ୍ଣ; ହ୍ରାସ-ପ୍ରାପ୍ତ; କଳାହୀନ; ଅପ୍ରତିଭ; ବିହ୍ୱଳ; ଅବଶ; ଅସ୍ୱାଭାବିକ; ଅସମର୍ଥ ।

ବିକଳ୍ପ, ବି. ( ବି = ପ୍ରଭିନ୍ନ-କଳ୍ପ-ବିଧାନ ଇତ୍ୟାଦି) ସନ୍ଦେହ; ଭ୍ରାନ୍ତି; ବିବିଧ କଳ୍ପନା; ଇଚ୍ଛାନୁଯାୟୀ; କଳ୍ପନା । (ବିଶେଷଣରେ ବିକଳ୍ପିତ ହୁଏ । )

ବିକଶିତ,ବି°.(ବି-କଶ୍-ତ) ପ୍ରସ୍ଫୁଟିତ, ପ୍ରଫୁଲ୍ଲ ।

ବିକାର, ବି. ସଂ. ପ୍ରକୃତିର ଅନ୍ୟଥା ଭାବ, ବିକୃତି; ଅସ୍ୱାସ୍ଥ୍ୟ; ରୋଗ, ସ୍ଖଳନ । (ବିଶେଷଣରେ ବିକୃତ ହୁଏ । )

ବିକାଶ, ବିକାସ, } ବି. ( ବି-କାଶ୍ = ଦୀପ୍ତି
ବୀକାଶ, } ପାଇବା-ଅ) ପ୍ରକାଶ; ଉଲ୍ଲାସ; ପ୍ରସାର, ବିସ୍ତାର; ଆକାଶ; ଗୋପନ; ବିଜନ ।

ବିକୀର୍ଣ୍ଣ, ବି°. (ବି-କୃ = ବିକ୍ଷେପ କରିବା-ତ) ବିକ୍ଷିପ୍ତ; ବିସ୍ତୃତ । (ବିଶେଷ୍ୟରେ ବିକିରଣ ହୁଏ । )

ବିକ୍ରମ, ବି. (ବି-କ୍ରମ୍ = ବଳବାନ୍ ହେବା ଇତ୍ୟାଦି-ଅ) ବୀରତ୍ୱ; ପରାକ୍ରମ; ସାମର୍ଥ୍ୟ; ସାହସ; ଚଳନ; ଆକ୍ରମଣ; ପକ୍ଷିର ଗତି; ଚରଣ; ବିକ୍ରମାଦିତ୍ୟ ରାଜା । ( ବିଶେ-ଷଣରେ ବିକ୍ରାନ୍ତ ହୁଏ । )

ବିକ୍ରୟ, ବି. (ବି-କ୍ରୀ = କିଣିବା-ଅ) ବିକିବା । (ବିଶେଷଣରେ ବିକ୍ରେତା, ବିକ୍ରୟିକ, ବିକ୍ରୟୀ, ବିକ୍ରେୟ ଓ ବିକ୍ରୀତ ପଦ ସିଦ୍ଧ ହୁଏ । )

ବିକ୍ଳବ, ବି°. ( ବି-କ୍ଳବ୍ = ଭୀତ ହେବା-ଅ ) ବିବଶ; ବିହ୍ୱଳ; ଚଞ୍ଚଳଚିତ୍ତ; କାତର; ଭୀତ; ଉପହତ; କିଂକର୍ତ୍ତବ୍ୟବିମୂଢ଼ । ବି. ବ୍ୟାକୁଳତା; ଜଡ଼ତା; ଔଦାସ୍ୟ; ଭ୍ରାନ୍ତି ।

ବିକ୍ଷେପ, ବି. (ବି-କ୍ଷିପ୍-ଅ) ତ୍ୟାଗ; ନିକ୍ଷେପ; ଭୟ; ପ୍ରେରଣ; ସଞ୍ଚାଳନ । (ବିଶେଷଣରେ ବିକ୍ଷିପ୍ତ ହୁଏ । )

ବିଖ୍ୟାତ, ବି°. ( ବି-ଖ୍ୟା = ବୋଲିବା-ତ ) ପ୍ରସିଦ୍ଧ । (ବିଶେଷ୍ୟରେ ବିଖ୍ୟାତି ହୁଏ । )

ବିଗଣନ, } ବି. (ବି-ଗଣ = ସଂଖ୍ୟା କରିବା-
ବିଗଣନା, } ଅନ, ଆ) ଋଣମୋଚନ; ସଂଖ୍ୟାକରଣ; ଅବଜ୍ଞା । (ବିଶେଷଣରେ ବିଗଣିତ ହୁଏ । )

ବିଗତ, ବି°. ( ବି-ଗମ୍-ତ ) ଅତୀତ; ନଷ୍ଟ; ପ୍ରସ୍ଥିତ; ସମାପିତ; ନିଷ୍ପ୍ରଭ, ମଳିନ । (ବିଶେଷ୍ୟରେ ବିଗମ ହୁଏ । )

ବିଗାହ, ବି. (ବି-ଗାହ୍ = ଅବଗାହନ କରିବା-ଅ) ଅବଗାହନ, ସ୍ନାନ; ବିଲୋଡ଼ନ । ( ବିଶେଷଣରେ ବିଗାଢ଼ ଓ ବିଗାହ୍ୟମାନ ହୁଏ । )

**ବିଗୀତ**, ବିଂ. (ବି-ଗୀତ) ନିନ୍ଦିତ; ଅପବାଦିତ । (ବିଶେଷ୍ୟରେ ବିଗାନ ହୁଏ ।)

**ବିଗୂଢ଼**, ବିଂ. (ବି-ଗୁହ୍ = ଗୋପନ କରିବା-ତ) ନିନ୍ଦିତ, ଗର୍ହିତ; ଗୁପ୍ତ ।

**ବିଗ୍ର, ବିଖ୍ୟ**, ବିଂ. (ବିଗତା ନାସିକା ଯସ୍ୟ, ନାସିକାଶବ୍ଦସ୍ୟ ଗ୍ରାଦେଶଃ ଖ୍ୟଶ୍ଚେତି, ବି-ନାସିକା—ନାସିକାର ଗ୍ର ଓ ଖ୍ୟ ଆଦେଶ) ଛିନ୍ନନାସିକା । ଯଥା—

ବିଗ୍ର ହେଲ ରାକ୍ଷସୀ । ବୈ. ବି.

**ବିଗ୍ରହ**, ବି. (ବି-ଗ୍ରହ୍ = ଗ୍ରହଣ କରିବା-ଅ) ଶରୀର; ମୂର୍ତ୍ତି; ଦେବମୂର୍ତ୍ତି; ସମାସର ବାକ୍ୟ; ବିସ୍ତାର; ବିଭାଗ; ଯୁଦ୍ଧ; ବିବାଦ, କଳହ; ପ୍ରହାର; ବୈର ।

**ବିଘଟନ**, ବି. ( ବି-ଘଟ୍-ଅନ ) ବିଶ୍ଳେଷ; ବ୍ୟାଘାତ; ବିରୋଧ; ବିନାଶ । (ବିଶେଷଣରେ ବିଘଟିତ ହୁଏ ।)

**ବିଘଟ୍ଟନ**, ବି.(ବି-ଘଟ୍ଟ = ଅଭିହତ ହେବା-ଅନ) ବିଶ୍ଳେଷ; ଆଘାତ, ସଞ୍ଚାଳନ; ଦୃଢ଼ସଂଯୋଗ । (ବିଶେଷଣରେ ବିଘଟ୍ଟିତ ହୁଏ ।)

**ବିଘସ**, ବି. ( ବି = ବିଶେଷରୂପେ-ଅଦ୍ = ଭୋଜନ କରିବା-ଅ, ଅଦ୍ ସ୍ଥାନେ ଘସ୍ ) ଭୋଜନ; ଭୋଜନାବଶିଷ୍ଟ ।

**ବିଘ୍ନ**, ବି. (ବି-ହନ୍ = ବଧ କରିବା-ଅ, ହ—ଘ) ପ୍ରତିବନ୍ଧ; ବାଧା । (ବିଶେଷଣରେ ବିଘ୍ନିତ ହୁଏ ।)

**ବିଚକ୍ଷଣ**, ବିଂ. [ ବି-ଚକ୍ଷ୍ = ( ଜ୍ଞାନପୂର୍ବକ ) ବୋଲିବା-ଅନ ] ଜ୍ଞାନୀ, ବିଦ୍ୱାନ୍; ବିଜ୍ଞ; ଦକ୍ଷ, ନିପୁଣ ।

**ବିଚାର, ବିଚାରଣ, ବିଚାରଣା**, ବି. ( ବି-ଚର୍ = ନିର୍ଣ୍ଣୟ କରିବା-ଅ, ବି-ଚର୍-ଣିଚ୍-ଅନ, ଆ) ବିବେଚନା; ମୀମାଂସା; ଯଥାର୍ଥନିର୍ଣ୍ଣୟ । (ବିଶେଷଣରେ ବିଚାରକ, ବିଚାର୍ଯ୍ୟ, ବିଚାରିତ ପଦ ସିଦ୍ଧ ହୁଏ । )

**ବିଚିକିତ୍ସା**, ବି. (ବି-କିତ୍ = ସଂଶୟ କରିବା-ସ-ଆ) ସନ୍ଦେହ ।

**ବିଚିତ୍ର**, ବି. (ବି ଚିତ୍ର୍ = ବିସ୍ମୟ ପ୍ରଦାନ କରିବା-ଅ) ନାନାବର୍ଣ୍ଣ । ବିଂ. ନାନାବର୍ଣ୍ଣବିଶିଷ୍ଟ; ସୁନ୍ଦର; ଆଶ୍ଚର୍ଯ୍ୟ; ବିସ୍ମୟକର ।

**ବିଚ୍ଛିତ୍ତି**, ବି. (ବି-ଛିଦ୍ = ଛେଦନ କରିବା-ତି) ବିଚ୍ଛେଦ; ଅଙ୍ଗରାଗ; ଚମତ୍କାରବିନାଶ; ବୈଚିତ୍ର୍ୟ; ସ୍ତ୍ରୀଲୋକର ହାବବିଶେଷ ।

**ବିଚ୍ଛୁରିତ**, ବିଂ.(ବି-ଛୁର୍ = ରଞ୍ଜିତ କରିବା-ତ) ଅନୁଲିପ୍ତ; ଅନୁରଞ୍ଜିତ ।

**ବିଚ୍ଛେଦ**, ବି. (ବି-ଛିଦ୍ = ଛେଦନ କରିବା-ଅ) ବିଯୋଗ; ବିଭାଗ; ଅଭାବ; ପାର୍ଥକ୍ୟ; ଖଣ୍ଡ । (ବିଶେଷଣରେ ବିଚ୍ଛିନ୍ନ, ବିଚ୍ଛେଦକ ହୁଏ ।)

**ବିଚ୍ୟୁତି**, ବି. (ବି-ଚ୍ୟୁ = ପତିତ ହେବା-ତି) ପତନ, ସ୍ଖଳନ, ବିଶ୍ଳେଷ; କ୍ଷରଣ । (ବିଶେଷଣରେ ବିଚ୍ୟୁତ ହୁଏ ।)

**ବିଜନ**, ବିଂ. (ବି = ନାହିଁ-ଜନ) ନିର୍ଜନ ।

**ବିଜୟ**, ବି. (ବି-ଜି = ଜୟ କରିବା-ଅ) ଜୟ; ଅର୍ଜୁନ; ଯମ; ବିମାନ । (ସ୍ତ୍ରୀ-ଆ) ଦୁର୍ଗା; ଶ୍ରବଣାନକ୍ଷତ୍ରଯୁକ୍ତା ଶୁକ୍ଳାଦ୍ୱାଦଶୀ; ବିଜୟାଦଶମୀ; ବିଶ୍ୱାମିତ୍ରଙ୍କ ବିଦ୍ୟାବିଶେଷ; ଗଞ୍ଜାଇ । ( ବିଶେଷଣରେ ବିଜେତା, ବିଜିତ, ବିଜେୟ ହୁଏ । )

**ବିଜାତୀୟ**, ବିଂ. (ବିଜାତି = ଭିନ୍ନଜାତି ଈୟ) ବିଭିନ୍ନଧର୍ମାବଲମ୍ବୀ ।

**ବିଜିଗୀଷା**, ବି. ସ୍ତ୍ରୀ. [ବି-ଜି-ସ ( ସନନ୍ତ ) ଇଚ୍ଛାର୍ଥେ ଦ୍ୱିତ୍ୱ, ଆ] ଜୟେଚ୍ଛା । (ବିଶେଷଣରେ ବିଜିଗୀଷୁ ହୁଏ ।)

**ବିଜୃମ୍ଭଣ**, ବି. (ବି-ଜୃମ୍ଭ୍-ଅନ) ବିକାଶ; ଇଚ୍ଛା; ବିସ୍ତାର; ହାଇମାରିବା । ( ବିଶେଷଣରେ ବିଜୃମ୍ଭମାଣ, ବିଜୃମ୍ଭିତ ହୁଏ । )

**ବିଜ୍ଞ**, ବିଂ. ( ବି-ଜ୍ଞା = ଜାଣିବା-ଅ ) ଜ୍ଞାନୀ, ବିଶେଷଜ୍ଞ; ବିଚକ୍ଷଣ, ନିପୁଣ ।

**ବିଜ୍ଞପ୍ତି, ବିଜ୍ଞାପ୍ତି**, ବି. (ବି-ଜ୍ଞପ୍, ଜ୍ଞା-ଣିଚ୍-ତି, ପ ଆଗମ) ନିବେଦନ, ବୃତ୍ତାନ୍ତକଥନ ।

**ବିଜ୍ଞାନ**, ବି. (ବି = ବିଶେଷ, ସାମାନ୍ୟ, ବିବିଧ, ବିରୂପ-ଜ୍ଞା-ଅନ) (Science) ପଦାର୍ଥର ତତ୍ତ୍ୱନିର୍ଣ୍ଣାୟକ ଶାସ୍ତ୍ର; ଜ୍ୟୋତିର୍ବିଦ୍ୟାଦି; ଜ୍ଞାନ; ତତ୍ତ୍ୱଜ୍ଞାନ; ଶିଳ୍ପାଦି ଜ୍ଞାନ । (ବିଜ୍ଞାନଂ ଶିଳ୍ପିଶାସ୍ତ୍ରୟୋଃ—ଅମର ।) (ବିଶେଷଣରେ ବିଜ୍ଞାନ ଏବଂ ବିଜ୍ଞେୟ ହୁଏ ।)

**ବିଜ୍ଞାପନ,** } ବି. (ବି-ଜ୍ଞା-ଣିଚ୍-ଅନ, ଆ, ପ
**ବିଜ୍ଞାପନା,** } ଆଗମ) ନିବେଦନ, ଜଣାଇବା । (ବିଶେଷଣରେ ବିଜ୍ଞାପିତ, ବିଜ୍ଞାପକ ହୁଏ ।)

**ବିଟ**, ବି. (ବିଟ୍ = ଗାଳିଦେବା, ଶବ୍ଦ କରିବା-ଅ) ଧୂର୍ତ୍ତ; କାମୁକ, ଲବଣବିଶେଷ; ଖଦିରବିଶେଷ; ମୂଷିକ; ନାଗରଙ୍ଗବୃକ୍ଷ ।

**ବିଟଙ୍କ**, ବି. ( ବି = ପକ୍ଷୀ କିମ୍ବା ବିଶେଷରୂପେ ଟଙ୍କ୍ = ବନ୍ଧନ କରିବା-ଅ ) କପୋତପାଳିକା, ପାରା ରହିବାର ଘର ।

**ବିଟପ**, ବି. (ବିଟ୍ = ଶବ୍ଦ କରିବା-ଅପ) ଶାଖା, ଡାଳ; ପଲ୍ଲବ; ସ୍ତମ୍ବଗୁଚ୍ଛ; ବିସ୍ତାର । (ବିଟ-ପା-ଅ) ବିଟପାଳକ, ଅତିଶୟ ଲମ୍ପଟ ।

**ବିଟପୀ**, ବି. (ବିଟପିନ୍—ବିଟପ = ଶାଖା-ଇନ୍ ଅସ୍ତ୍ୟର୍ଥେ) ବୃକ୍ଷ । (ବିଟପ-ଈ) ବ୍ୟଭିଚାରିଣୀ ।

**ବିଡ଼ମ୍ବନ,** } ବି. (ବି-ଡ଼ମ୍ବ୍ = କ୍ଳେଶଦେବା,
**ବିଡ଼ମ୍ବନା,** } ପ୍ରେରଣ କରିବା ଇତ୍ୟାଦି-ଅନ, ଆ) ଯନ୍ତ୍ରଣା; କ୍ଳେଶ; ଅନୁକରଣ; ସଦୃଶୀକରଣ; ଦୂଷୀକରଣ; ବଞ୍ଚନା । (ବିଶେଷଣରେ ବିଡ଼ମ୍ବିତ ହୁଏ ।)

**ବିଡ଼ାଳ,** } ବି. [ବିଡ଼୍ = (ମୂଷିକ) ଭେଦନ
**ବିଡ଼ାଳୀ,** } କରିବା-ଆଳ, ଈ] ମାର୍ଜାର, ବିରାଡ଼ି; ନେତ୍ରପିଣ୍ଡ ।

**ବିଡ଼ୋଜାଃ,** } ବି. (ବିଡ଼ୋଜସ୍, ବିଡ଼ୌଜସ୍-
**ବିଡ଼ୌଜାଃ,** } ବିଡ୍-ଓଜସ୍, ବିଡ଼ଂ ବ୍ୟାପନଶୀଳଂ ଓଜୋ ଯସ୍ୟ ସଃ, ବିଡ଼ଂ ଶତ୍ରୁଭେଦମାକ୍ରୋଶନଂ ବା ଓଜୋ ଯସ୍ୟ ସଃ) ଇନ୍ଦ୍ର ।

**ବିତଂସ**, ବି.(ବି-ତନ୍ସ୍ = ଭୂଷିତ କରିବା-ଅ) ପକ୍ଷିବନ୍ଧନ ରଜ୍ଜୁ, ଛନ୍ଦୁକ । (ବିଶେଷଣରେ ବୈତଂସିକ-ଯେ ବନ୍ଧନରେ ପକ୍ଷୀ ଧରେ ।)

**ବିତଣ୍ଡା**, ବି. ସ୍ତ୍ରୀ. (ବି-ତଣ୍ଡ୍ = ତର୍କ କରିବା-ଅ-ଆ) ବିତର୍କ, ମିଥ୍ୟାବିଚାର । (ବିଶେଷଣରେ ବୈତଣ୍ଡିକ-ଯେ ବିତଣ୍ଡା କରେ ।)

**ବିତତ**, ବିଂ. (ବି-ତନ୍ = ବିସ୍ତୃତ ହେବା-ତ) ବିସ୍ତୃତ, ବ୍ୟାପ୍ତ । (ବିଶେଷ୍ୟରେ ବିତତି ହୁଏ ।)

**ବିତଥ**, ବିଂ. (ବି = ଗତ-ତଥ୍ୟ, ଯ ଲୋପ) ବିଫଳ,ଅସତ୍ୟ ।

**ବିତରଣ**, ବି. (ବି-ତୃ-ଅନ) ଦାନ, ବଣ୍ଟନ । (ବିଶେଷଣରେ ବିତରିତ ହୁଏ ।)

**ବିତର୍କ**, ବି. (ବି-ତର୍କ୍ = ବାଦାନୁବାଦ କରିବା-ଅ) ବାଦାନୁବାଦ; ଆଲୋଚନା; ସନ୍ଦେହ; ଅନୁମାନ ।

**ବିତାନ**, ବି. (ବି-ତନ୍ = ବିସ୍ତାର କରିବା-ଅ) ଚାନ୍ଦୁଆ; ପଟମଣ୍ଡପ; ସମୂହ; ଯଜ୍ଞ; ବିସ୍ତାର; ଅବକାଶ । ବିଂ. ଶୂନ୍ୟ; ତୁଚ୍ଛ; ମନ୍ଦ । ( ବିଶେଷଣରେ ବିତାୟମାନ ହୁଏ = ବିସ୍ତାର୍ଯ୍ୟମାଣ । )

**ବିତୀର୍ଣ୍ଣ**, ବିଂ. (ବି-ତୃ = ବ୍ୟାପିବା ଇତ୍ୟାଦି-ତ) ବ୍ୟାପ୍ତ; ଦତ୍ତ; ଉତ୍ତୀର୍ଣ୍ଣ ।

**ବିତ୍ତ**, ବି. (ବିଦ୍ = ଲାଭ କରିବା, ଜାଣିବା-ତ) ଧନ । ବିଂ. ବିଦିତ; ବିଚାରିତ; ଖ୍ୟାତ; ଲବ୍ଧ ।

**ବିଦଗ୍ଧ**, ବିଂ. (ବି-ଦହ୍ = ଦାହ କରିବା, ନିପୁଣ ହେବା ଇତ୍ୟାଦି-ତ) ରସିକ; ନିପୁଣ; ପଣ୍ଡିତ । (ସ୍ତ୍ରୀ-ଆ) ରସିକା ସ୍ତ୍ରୀ; ନାୟିକାବିଶେଷ ।

**ବିଦାରଣ**, ବି. (ବି-ଦୃ-ଣିଚ୍-ଅନ) ଚିରିବା; ଭେଦନ; ମାରଣ; ଯୁଦ୍ଧ । (ବିଶେଷଣରେ ବିଦାରକ, ବିଦାରିତ ଏବଂ ବିଦୀର୍ଣ୍ଣ ହୁଏ ।)

**ବିଦିତ**,ବିଂ.(ବିଦ୍ = ଜାଣିବା-ତ)ଜ୍ଞାତ;ପ୍ରାର୍ଥିତ । ( ଭାବବାଚ୍ୟରେ ତ ପ୍ରତ୍ୟୟ ହେଲେ ) ଜ୍ଞାନ; ଖ୍ୟାତି; ଲାଭ । (ବିଶେଷଣରେ ଉର ପ୍ରତ୍ୟୟ କଲେ ବିଦୁର ହୁଏ ।)

**ବିଦୁଷୀ**, ବି. ସ୍ତ୍ରୀ. (ବିଦ୍ୱସ୍-ଈ) ପଣ୍ଡିତା ।

**ବିଦ୍ଧ**, ବିଂ. (ବ୍ୟଧ୍-ତ) ଛିଦ୍ରିତ; ଆହତ; ନିକ୍ଷିପ୍ତ; ସଦୃଶ; ପ୍ରେରିତ ।

ବିଦ୍ୟମାନ, ବିଂ. (ବିଦ୍ = ବର୍ତ୍ତମାନ ରହିବା-ମାନ, ଯ ଆଗମ) ବର୍ତ୍ତମାନ, ଉପସ୍ଥିତ ।

ବିଦ୍ୟା, ବି. ସ୍ତ୍ରୀ. (ବିଦ୍ = ଜାଣିବା-ଯ-ଆ, ଯାହାଦ୍ୱାରା ଧର୍ମାଧର୍ମ ଜଣାଯାଏ) ଜ୍ଞାନ, ଅଧ୍ୟୟନାଦିଜନ୍ୟ ବୋଧ; ଦର୍ଶନଶାସ୍ତ୍ର; ତତ୍ତ୍ୱଜ୍ଞାନ; ମନ୍ତ୍ର; ବେଦ ବେଦାଙ୍ଗ ପ୍ରଭୃତି ଚତୁର୍ଦ୍ଦଶ ବିଦ୍ୟା ।

ବିଦ୍ୟାର୍ଥୀ, ବି. (ବିଦ୍ୟାର୍ଥିନ୍-ବିଦ୍ୟା-ଅର୍ଥିନ୍ = ଯେ ପ୍ରାର୍ଥନାକରେ) ଛାତ୍ର, ଶିଷ୍ୟ, ଯେ ବିଦ୍ୟାଶିକ୍ଷା କରିବାର ପ୍ରାର୍ଥନାକରେ ।

ବିଦ୍ୟୁତ, ବି. ( ବି = ନାହିଁ-ଦ୍ୟୁତ = ଦୀପ୍ତି, ଯାହାର ଅଧିକକ୍ଷଣ ଦୀପ୍ତି ନାହିଁ ) ବିଜୁଳି ।

ବିଦ୍ୟୋତ, ବି. (ବି-ଦ୍ୟୁତ = ଦୀପ୍ତିପାଇବା-ଅ) ଦ୍ୟୁତି, ପ୍ରଭା, ଦୀପ୍ତି ।

ବିଦ୍ରବ, ବିଦ୍ରାବ, ବି. (ବି-ଦ୍ରୁ = ପଳାୟନ କରିବା ଇତ୍ୟାଦି-ଅ) ପଳାୟନ; ଭୟ; କ୍ଷରଣ; ଦ୍ରବୀଭାବ; ନିନ୍ଦା; ଯୁଦ୍ଧ । (ବିଶେଷଣରେ ବିଦ୍ରାବିତ, ବିଦ୍ରୁତ ହୁଏ ।)

ବିଦ୍ରୁମ, ବି. [ ବି=(ଦର୍ଶନରେ)ନିର୍ଦ୍ଦିଷ୍ଟ-ଦ୍ରୁମ= ବୃକ୍ଷ, ବର୍ଣିତ୍ତୋ ଦ୍ରୁମୋ ବିଦ୍ରୁମଃ) ପ୍ରବାଳ, ପୋହଳା; କିଶଳୟଃ ମୁକ୍ତାଫଳ ବୃକ୍ଷ ।

ବିଦ୍ରୋହ, ବି. (ବି-ଦ୍ରୁହ୍ = ହିଂସାକରିବା-ଅ) ଅନିଷ୍ଟାଚରଣ; ବିଦ୍ୱେଷ ।

ବିଦ୍ୱାନ୍, ବିଂ. (ବିଦ୍ୱସ୍-ବିଦ୍ = ଜାଣିବା-ବସ୍) ବିଦ୍ୟାବାନ୍, ପଣ୍ଡିତ, ଜ୍ଞାନୀ । (ସ୍ତ୍ରୀ-ବିଦୁଷୀ ହୁଏ ।)

ବିଦ୍ୱେଷ, ବିଦ୍ୱେଷଣ, } ବି. (ବି-ଦ୍ୱିଷ୍=ଦ୍ୱେଷକରିବା-ଅ, ଅନ) ଶତ୍ରୁତା; ଦ୍ୱେଷ; ଈର୍ଷ୍ୟା । (ବିଶେଷଣରେ ବିଦ୍ୱିଷ୍ଟ, ବିଦ୍ୱେଷୀ ହୁଏ ।)

ବିଧ, ବିଧା, ବି. ( ବି-ଧା-ଅ, ଆ ) ପ୍ରକାର; ବିଧାନ; ଗତି; ବିଧି; ନିୟମ; ବୃଦ୍ଧି; କାର୍ଯ୍ୟ ।

ବିଧବା, ବି. ସ୍ତ୍ରୀ. (ବି = ନାହିଁ-ଧବ)ମୃତପତିକା, ରାଣ୍ଡୀ; ବିବସ୍ତା ।

ବିଧାତା, ବି. (ବିଧାତୃ—ବି-ଧା-ତୃ ) ବ୍ରହ୍ମା; କନ୍ଦର୍ପ । ବିଂ. ନିର୍ମାତା; ସୃଷ୍ଟିକର୍ତ୍ତା; ବିଧାନ-କର୍ତ୍ତା ।

ବିଧାନ, ବି. (ବି-ଧା = ଧାରଣ କରିବା-ଅନ) ବିଧି, ଶାସ୍ତ୍ରନିୟମ; ନିର୍ମାଣ; ପ୍ରେରଣ; ଉପାୟ; ଜନନ; କରଣ । (ବିଶେଷଣରେ ବିଧାୟୀ, ବିଧାୟକ ହୁଏ ।)

ବିଧି, ବି. (ବି-ଧା = ଧାରଣକରିବା-ଇ) ବ୍ରହ୍ମା; ବିଷ୍ଣୁ; କ୍ରମ; ନିୟମ; ନିଯୋଗ; ଅନୁଷ୍ଠାନ; ଦୈବ; ଭାଗ୍ୟ; ଆଚାର; ପ୍ରକାର ।

ବିଧିତ୍ସା, ବି. ସ୍ତ୍ରୀ. [ ବି-ଧା-ସ ( ସନନ୍ତ ) ଇଚ୍ଛାର୍ଥେ ଦ୍ୱିତ୍ୱ-ଅ-ଆ] ବିଧାନକରଣେଚ୍ଛା । (ବିଶେଷଣରେ ବିଧିତ୍ସୁ ହୁଏ ।)

ବିଧୂନନ, ବିଧୂନନ, } ବି. (ବି-ଧୂଞ୍ = କମ୍ପିବା-ଣିଚ୍-ଅନ, ନିପାତନେ) କମ୍ପନ; କମ୍ପାଇବା; ତ୍ୟାଗ । ( ବିଶେଷଣରେ ବିଧୁତ, ବିଧୂତ, ବିଧୂୟମାନ, ବିଧୂନିତ ହୁଏ । )

ବିଧୁର, ବିଂ.(ବି = ଦୁଃସହ-ଧୁର = କାର୍ଯ୍ୟଭାର ଯାହାର) କାତର; ଦୁଃଖିତ; ଭୀତ; ଅସମର୍ଥ; ବିଯୁକ୍ତ; ବିମୂଢ଼ । ବି. ବିଯୋଗ; ବିକଳ ବା ବୈକଲ୍ୟ; କଷ୍ଟ, ଶତ୍ରୁ ।

ବିଧେୟ, ବିଂ. ( ବି-ଧା-ଯ ) କଥାରବାଧ୍ୟ; ଅଧୀନ; ଉଚିତ; ବିଧିସିଦ୍ଧ; ବିଧାନ-ଯୋଗ୍ୟ; ବିନୟୀ ।

ବିନତି, ବିନୟ, ବି.(ବି-ନମ୍ = ନତହେବା-ତି, ବି-ନୀ-ଅ) ନମ୍ରତା; ଶିଷ୍ଟତା; ସୁଶୀଳତା; ଦମନ, ଶାସନ; ଶିକ୍ଷା । (ବିଶେଷଣରେ ବିନତ ଏବଂ ବିନୟୀ ହୁଏ ।)

ବିନା, ଅଂ. ସଂ. ବ୍ୟତିରେକେ; ବର୍ଜନ; ଅଭାବ ।

ବିନାୟକ, ବି. ସଂ. ଗଣେଶ; ଗରୁଡ଼ ।

ବିନାଶ,ବି.(ବି-ନଶ୍ = ନାଶ କରିବା-ଅ)ଧ୍ୱଂସ, ଉଚ୍ଛେଦ; ମୃତ୍ୟୁ; କ୍ଷୟ; ଅଭାବ; ଲୋପ । (ବିଶେଷଣରେ ବିନାଶକ, ବିନାଶୀ, ବିନାଶିତ, ବିନଷ୍ଟ ପ୍ରଭୃତି ପଦ ସିଦ୍ଧ ହୁଏ ।)

ବିନିମୟ, ବି. (ବି-ନି-ମୀ = ପରିବର୍ତ୍ତନ କରିବା -ଅ) ପରିବର୍ତ୍ତନ, ବଦଳ; ବନ୍ଧକ; ଗଚ୍ଛିତ ।

ବିନୀତ, ବିଂ. (ବି-ନୀ = ନେବା, ନତ ହେବା ଇତ୍ୟାଦି-ତ) ନମ୍ର, ଶାନ୍ତ; ଧାର୍ମିକ; ଜିତେନ୍ଦ୍ରିୟ; ଶିକ୍ଷିତ; ଶାସିତ; ଅପନୀତ; ନିକ୍ଷିପ୍ତ; ଗୃହୀତ; ସୁନ୍ଦର । ବି. ଶିକ୍ଷିତ ଅଶ୍ୱ ।

ବିନୋଦ, ବିନୋଦନ, ବି. (ବି-ନୁଦ୍ = ପ୍ରେରଣ କରିବା, ସନ୍ତୁଷ୍ଟ କରିବା ଇତ୍ୟାଦି-ଅ, ଅନ) ଆମୋଦିତକରଣ; ଔତ୍ସୁକ୍ୟ; ଆମୋଦପ୍ରମୋଦ; ଅପନୟନ; ସାନ୍ତ୍ୱନା ।

ବିନ୍ଦୁ, ବି. (ବିନ୍ଦ୍ = ଅବୟବୀଭୂତ ହେବା-ଉ) ଦ୍ରବଦ୍ରବ୍ୟର କଣା; ଚିହ୍ନ; ଅନୁସ୍ୱାର ।

ବିପକ୍ଷ, ବି. (ବି = ବିରୁଦ୍ଧ-ପକ୍ଷ) ଶତ୍ରୁ । ବିଂ. ପକ୍ଷହୀନ ।

ବିପଞ୍ଚୀ, ବିପଞ୍ଚିକା, ବି. ସ୍ତ୍ରୀ. ସଂ. ବୀଣା; ବଂଶୀ ।

ବିପଣି, ବିପଣୀ, ବି. ସ୍ତ୍ରୀ. (ବି-ପଣ୍ = କ୍ରୟ-ବିକ୍ରୟ କରିବା-ଇ, ଈ) ପଣ୍ୟବୀଥିକା, ଶ୍ରେଣୀବଦ୍ଧ ଦୋକାନ ।

ବିପତ୍ତି, ବିପଦ୍, ବି. (ବି-ପଦ୍ = ବିପନ୍ନ ହେବା-ତି, କ୍ୱିପ୍) ଆପଦ; ଦୁର୍ଭାଗ୍ୟ; ବିନାଶ । (ବିଶେଷଣରେ ବିପନ୍ନ ହୁଏ ।)

ବିପରୀତ, ବିଂ. (ବି-ପରି-ଇ = ଗମନ କରିବା-ତ) ବିରୁଦ୍ଧ; ପ୍ରତିକୂଳ; ଉଲଟା ।

ବିପର୍ଯ୍ୟୟ, ବିପର୍ଯ୍ୟାୟ, ବି. (ବି-ପରି-ଇ = ଗମନ କରିବା-ଅ) ବୈପରୀତ୍ୟ; ବ୍ୟତିକ୍ରମ; ବିନାଶ ।

ବିପଶ୍ଚିତ୍, ବି. ସଂ. ବିଦ୍ୱାନ୍, ପଣ୍ଡିତ ।

ବିପାକ, ବି. ସଂ. ବନ୍ଧନ; ଦୁର୍ଗତି; ପରିଣାମ; ପରିପାକ; କର୍ମର ସଦୃଶ ଫଳ ।

ବିପାଟନ, ବି. (ବି-ପଟ୍-ଣିଚ୍-ଅନ) ବିଦାରଣ । (ବିଶେଷଣରେ ବିପାଟିତ ହୁଏ ।)

ବିପାଠ, ବିପାଟ, ବି. ସଂ. ବାଣ; ଶର ।

ବିପିନ, ବି. (ବପ୍ = କର୍ଷିବା-ଇନ) ଅରଣ୍ୟ ।

ବିପୁଳ, ବିଂ. (ବି-ପୁଲ୍ = ବୃହତ୍ ହେବା-ଅ) ବୃହତ୍; ଅନେକ; ମହତ୍; ଗମ୍ଭୀର; ପ୍ରଶାନ୍ତ ।

ବିପ୍ର, ବି. (ବି-ପ୍ରା = ପୂରଣ କରିବା-ଅ) ଷଟ୍‌କର୍ମାଦି ଯେ ପୂରଣ କରେ, ବ୍ରାହ୍ମଣ ।

ବିପ୍ରୟୋଗ, ବି. (ବି-ପ୍ର-ଯୋଗ) ବିରହ; ବିରୋଧ ।

ବିପ୍ରଲାପ, ବି. (ବି-ପ୍ର-ଲପ୍-ଅ) ବିରୋଧ ବଚନ; ଅନର୍ଥକ ବିବାଦ ।

ବିପ୍ଳବ, ବି. (ବି-ପ୍ଲୁ = ଉପଦ୍ରବ କରିବା ଇତ୍ୟାଦି-ଅ) ବିବାଦ; ବିନାଶ; ବିଦ୍ରୋହ; ଦେଶଲୁଣ୍ଠନ; ଭୟପ୍ରଦର୍ଶନ; କଷ୍ଟ; ପାପ; ଦୁଷ୍ଟତା । (ବିଶେଷଣରେ ବିପ୍ଳୁତ ହୁଏ ।)

ବିବୁଧ, ବି. (ବି-ବୁଧ୍ = ଜାଣିବା-ଅ) ଦେବତା; ପଣ୍ଡିତ ।

ବିଭକ୍ତି, ବି. (ବି-ଭଜ୍ = ଭାଗ କରିବା-ତି) ବିଭାଗ; ରଚନା; ଭଙ୍ଗୀ; ଶବ୍ଦ ଓ ଧାତୁର ଉତ୍ତର ପ୍ରଥମାଦି ଅର୍ଥରେ ପ୍ରତ୍ୟୟ ଯୋଗ । (ବିଶେଷଣରେ ବିଭକ୍ତ ହୁଏ ।)

ବିଭବ, ବି. (ବି-ଭୂ-ଅ) ପ୍ରଭୁତ୍ୱ; ମୋକ୍ଷ; ବର୍ଷବିଶେଷ; ମହତ୍ତ୍ୱ; ସମ୍ପତ୍ତି ।

ବିଭାଗ, ବି. (ବି-ଭଜ୍ = ଭାଗ କରିବା-ଅ) ବଣ୍ଟନ । (ବିଶେଷଣରେ ବିଭାଜକ, ବିଭାଜ୍ୟ ହୁଏ ।)

ବିଭୀଷିକା, ବି. ସ୍ତ୍ରୀ. (ବି-ଭୀଷ୍-ଣିଚ୍-ଅକ-ଆ) ଭୟପ୍ରଦର୍ଶନ ।

ବିଭୁ, ବି. (ବି = ପ୍ରଧାନ, କାରଣ-ଭୂ-ଉ) ପ୍ରଭୁ; ବ୍ରହ୍ମା; ବିଷ୍ଣୁ; ଶିବ; ବ୍ୟାପକ । ବିଂ. ସର୍ବବ୍ୟାପୀ; ସମର୍ଥ । (ବିଭୁଃ ପ୍ରଭୌ ସର୍ବଗତେ ।)

ବିଭୂତି, ବି. ସ୍ତ୍ରୀ. (ବି-ଭୂ-ତି) ଐଶ୍ୱର୍ଯ୍ୟ; ସମୃଦ୍ଧି; ଭସ୍ମ ।

ବିଭ୍ରମ, ବି. (ବି-ଭ୍ରମ୍ = ଭ୍ରମ କରିବା ଇତ୍ୟାଦି-ଅ) ବିଳାସ; ସଂଶୟ; ଭ୍ରମଣ; ଭ୍ରମ । ଯଥା—

ବ୍ରହ୍ମା ସମୀପେ ଗଲେ,
ବିଭ୍ରମ ସେ କୈକେୟୀଙ୍କୁ କଲେ । ବୈ. ବି.

(ବିଶେଷଣରେ ବିଭ୍ରାନ୍ତ ହୁଏ ।)

ବିମର୍ଦ୍ଦ, ବିମର୍ଦ୍ଦନ, } ବି. (ବି-ମୃଦ୍ = ଚୂର୍ଣ୍ଣ କରିବା-ଅ, ଅନ) ଚୂର୍ଣ୍ଣନ, ମନ୍ଥନ; ସମ୍ପର୍କ; ବିନାଶ, ଘାତନ; ପରିମଳ । (ବିଶେଷଣରେ ବିମର୍ଦ୍ଦିତ ହୁଏ ।)

ବିମର୍ଶ, ବିମର୍ଶନ, } ବି. (ବି-ମୃଶ = ବିଚାର କରିବା-ଅ, ଅନ) ବିଚାର, ବିବେଚନା; ଅସନ୍ତୋଷ ।

ବିମର୍ଷ, ବିମର୍ଷଣ, } ବି. (ବି-ମୃଷ୍ = ସହିବା-ଅ, ଅନ) ଅସହନ; ଅସନ୍ତୋଷ ।

ବିମଳ, ବି. (ବି-ମଳ) ସୁନ୍ଦର; ନିଷ୍ପାପ; ଶୁଭ୍ର ।

ବିମାନ, ବି. (ବି-ମନ୍ = ବୋଧ କରିବା-ଅ କିମ୍ବା ବି-ମା = ପରିମାଣ କରିବା-ଅନ) ଦେବରଥ; ବ୍ୟୋମଯାନ; ଯାନ; ସିଂହାସନ; ମଣ୍ଡପ; ଅଶ୍ୱ, ରାଜପ୍ରାସାଦ; ଅସମ୍ମାନ; ପରିମାଣ ।

ବିମୃଶ୍ୟକାରୀ, ବିମୃଷ୍ୟକାରୀ, } ବିଂ. (ବିମୃଶ୍ୟ = ବିଚାର କରି-କାରୀ = ଯେ କରେ) ଯେ ବ୍ୟକ୍ତି ବିବେଚନା କରି କଥା କହେ ଓ କାର୍ଯ୍ୟ କରେ ।

ବିମ୍ବ, ବି. (ବିମ୍ବ୍ = ଶୋଭା ପାଇବା-ଅ) ଚନ୍ଦ୍ର ଓ ସୂର୍ଯ୍ୟଙ୍କର ମଣ୍ଡଳ; ମଣ୍ଡଳ ପରି ଗୋଲ-କାର । ଯେପରି—ନିତମ୍ବ ବିମ୍ବ । ପ୍ରତିବିମ୍ବ, ଛାୟା; କୃକଳାସ; ତୋରଡ଼ା ଫଳ ।

ବିୟତ୍, ବି. (ବି-ଯମ୍ = ବିରାମ କରିବା-କ୍ୱିପ୍) ଆକାଶ ।

ବିଯୋଗ, ବି. (ବି-ଯୁଜ୍-ଅ) ବିଚ୍ଛେଦ; ବିରହ; ଅଭାବ । (ବିଶେଷଣରେ ବିଯୁକ୍ତ ହୁଏ ।)

ବିରକ୍ତ, ବିଂ. (ବି-ରନ୍ଜ = ଅନୁରକ୍ତ ହେବା-ତ) ବିରାଗଯୁକ୍ତ; ନିସ୍ପୃହ; ବିରତ । (ବିଶେଷ୍ୟରେ ବିରାଗ ଏବଂ ବିରକ୍ତି ହୁଏ ।)

ବିରଞ୍ଚି, ବି. (ବି-ରଚ୍ = ସୃଷ୍ଟି କରିବା-ଇ) ବ୍ରହ୍ମା ।

ବିରତ, ବିଂ. (ବି = ନାହିଁ-ରତ = ଆସକ୍ତ) ନିବୃତ୍ତ; ବିମୁଖ । (ବିଶେଷ୍ୟରେ ବିରତି ହୁଏ ।)

ବିରଳ, ବିଂ. (ବି = ପୃଥକ୍-ର = ଏ ସ୍ଥଳରେ ହେବା-ଅଳ) ଅନବିଡ଼; ଶିଥିଳ; ଅଲଗା ବା ଛଡ଼ାଛଡ଼ି ।

ବିରସ, ବିଂ. (ବି = ନାହିଁ-ରସ) ରସହୀନ; ବିରକ୍ତିଯୁକ୍ତ; ଅତୃପ୍ତିକର । ବି. ଅଶ୍ରଦ୍ଧା ।

ବିରହ, ବି. (ବି-ରହ୍ = ତ୍ୟାଗ କରିବା-ଅ) ବିଚ୍ଛେଦ; ତ୍ୟାଗ ।

ବିରାଟ୍, ବି. ପୁଂ. କ୍ଷତ୍ରିୟ; ସର୍ବବ୍ୟାପୀ ପୁରୁଷ; କାନ୍ତି ।

ବିରାମ, ବି. (ବି-ରମ୍-ଅ) ବିଶ୍ରାମ; ଅବସାନ ।

ବିରୂପାକ୍ଷ, ବି. ପୁଂ. ମହାଦେବ ।

ବିରେକ, ବିରେଚନ, } ବି. (ବି-ରିଚ୍ = ପୁନଃ ପୁନଃ ବିଷ୍ଠାକ୍ଷରଣ-ଅ, ଅନ) ମଳ ନିଃସାରଣ । (ବିଶେଷଣରେ ବିରେଚକ ହୁଏ ।)

ବିରୋଚନ, ବି. (ବି-ରୁଚ୍ = ଦୀପ୍ତିପାଇବା-ଅନ) ସୂର୍ଯ୍ୟ; ଅଗ୍ନି; ଚନ୍ଦ୍ର । (ଚନ୍ଦ୍ରାଗ୍ନ୍ୟର୍କା ବିରୋଚନାଃ—ଅମର ।)

ବିରୋଧ, ବି. (ବି-ରୁଧ୍ = ରୁଦ୍ଧ କରିବା-ଅ) ବୈର; ବିପକ୍ଷତା, ଅବରୋଧ । (ବିଶେଷଣରେ ବିରୁଦ୍ଧ ହୁଏ ।)

ବିଲ, ବି. (ବିଲ୍ = ଭେଦ କରିବା-ଅ) ଗର୍ତ୍ତ, ଛିଦ୍ର; ଗୁହା; ଉଚ୍ଚୈଃଶ୍ରବା ଅଶ୍ୱ ।

ବିଲକ୍ଷଣ, ବିଂ. (ବି = ନାହିଁ-ଲକ୍ଷଣ = ଚିହ୍ନ ସ୍ୱରୂପ ଯାହାର) ଅସାମାନ୍ୟ; ଭିନ୍ନ, ପୃଥକ୍; ପରୀକ୍ଷକ; ଦର୍ଶକ ।

ବିଲଗ୍ନ, ବି. ପୁଂ. କଟିଦେଶ । ବିଂ. ସଂଲଗ୍ନ; ଜନିତ; ବୃଦ୍ଧ ।

ବିଲମ୍ବ, ବିଲମ୍ବନ, } ବି. (ବି-ଲମ୍ବ-ଅ, ଅନ) ଦୋଳନ; ଅଶୀଘ୍ରତା । (ବିଶେଷଣରେ—ବିଲମ୍ବିତ ଓ ବିଲମ୍ବୀ ହୁଏ ।)

ବିଲୟ, ବି. (ବି-ଲୀ-ଅ) ପ୍ରଳୟ; ବିନାଶ; ଅନ୍ତର୍ଦ୍ଧାନ ।

ବିଳସନ, ବିଳସିତ, } ବି. (ବି-ଲସ୍ = କ୍ରୀଡ଼ା କରିବା-ଅନ, ତ) ବିଳାସ; ଦୀପ୍ତି, ଶୋଭା; ସ୍ଫୁରଣ ।

ବିଳାପ, ବି. (ବି-ଲପ୍-ଅ) ଖେଦୋକ୍ତି ।

ବିଳାସ, ବି. (ବି-ଲସ୍ = କ୍ରୀଡ଼ା କରିବା ଇତ୍ୟାଦି-ଅ) କ୍ରୀଡ଼ା, ଆମୋଦପ୍ରମୋଦ; ଶୋଭା; ସୁଖଭୋଗ; ସ୍ଫୁରଣ; ପ୍ରାଦୁର୍ଭାବ । (ବିଶେଷଣରେ ବିଳାସୀ ହୁଏ ।)

ବିଳେବାସୀ, } ବି. (ବିଳେ-ବସ୍-ଇନ୍, ଶୀ =
ବିଳେଶୟ, } ଶୋଇବା-ଅ) ସର୍ପ, ମୂଷିକ, ଗୋଇସାପ ପ୍ରଭୃତି ।

ବିଲୋଡ଼ନ, ବି. (ବି-ଲୁଡ଼୍ = ମନ୍ଥନ କରିବା-ଅନ) ଆଲୋଡ଼ନ, ମନ୍ଥନ । (ବିଶେଷଣରେ ବିଲୋଡ଼ିତ ହୁଏ ।)

ବିଲୋଭନ, ବି. (ବି-ଲୁଭ୍-ଣିଚ୍-ଅନ) ଲୋଭ ପ୍ରଦର୍ଶନ ।

ବିଲୋମ, ବିଂ. (ବି = ଭିନ୍ନ, ଓଲଟା-ଲୋମ) ପ୍ରତିକୂଳ; ବିପରୀତ, ଓଲଟା ।

ବିଲ୍ୱ, ବି. ସଂ. ବେଲଗଛ ଓ ଫଳ ।

ବିବକ୍ଷା, ବି. ସ୍ତ୍ରୀ (ବଚ୍ = ବୋଲିବା-ସନ୍ ଇଚ୍ଛାର୍ଥେ ଦ୍ୱିତ୍ୱ-ଆ) କହିବାର ଇଚ୍ଛା, ଅଭିଳାଷ । (ବିଶେଷଣରେ ବିବକ୍ଷୁ ଓ ବିବକ୍ଷିତ ହୁଏ ।)

ବିବତ୍ସା, ବି. ସ୍ତ୍ରୀ. (ବସ୍ = ବାସ କରିବା-ସନ୍ ଇଚ୍ଛାର୍ଥେ ଦ୍ୱିତ୍ୱ-ଆ, ସ = ତ୍) ବାସ-କରିବାର ଇଚ୍ଛା । (ବିଶେଷଣରେ ବିବତ୍ସୁ ହୁଏ ।)

ବିବର, ବି. (ବି-ବୃ-ଅ) ରନ୍ଧ୍ର, ଛିଦ୍ର, ଗର୍ତ୍ତ; ଦୋଷ; ବିଚ୍ଛେଦ; ପୃଥକ୍‌ଭାଗ ।

ବିବରଣ, ବି. (ବି-ବୃ-ଅନ) ବର୍ଣ୍ଣନ, ବ୍ୟାଖ୍ୟା; ଟୀକା; ପ୍ରକାଶ; ଅର୍ଥପ୍ରକାଶକରଣ ।

ବିବର୍ଣ୍ଣ, ବିଂ. (ବି-ବର୍ଣ୍ଣ = ଜାତି) ନୀଚଜାତି, ପାମର ।

ବିବର୍ତ୍ତ, ବି. (ବି-ବୃତ୍-ଅ) ପରିବର୍ତ୍ତନ; ଘୂର୍ଣ୍ଣନ, ଭ୍ରମଣ; ଭ୍ରାନ୍ତି; ସମୂହ; ପରିଣାମ; ନୃତ୍ୟ । (ବିଶେଷଣରେ ବିବର୍ତ୍ତିତ ହୁଏ ।)

ବିବଶ, ବିଂ. (ବି-ବଶ୍ = ଇଚ୍ଛା କରିବା-ଅ) ଅବଶ, ଅବାଧ; ନିଶ୍ଚେଷ୍ଟ; ବିହ୍ୱଳ; ନିର୍ଥକ ।

ବିବସ୍ୱାନ୍, ବି. (ବିବସ୍ୱତ୍—ବି = ବିବିଧ-ପ୍ରକାର-ବସ୍ = ବାସ କରିବା-କ୍ୱିପ୍ = ଆବରଣ ଅର୍ଥାତ୍ ତେଜୋରୂପ ଆବରଣ-ବତ୍) ସୂର୍ଯ୍ୟ; ଅରୁଣ; ଦେବତା ।

ବିବାଦ, ବି. (ବି = ବିରୁଦ୍ଧ-ବଦ୍-ଅ) ବିରୋଧ, କଳହ; ବ୍ୟବହାର; ମୋକଦ୍ଦମା ।

ବିବାସ, } ବି. (ବି-ବସ୍-ଅ, ଅନ)
ବିବାସନ, } ନିର୍ବାସନ । (ବିଶେଷଣରେ ବିବାସିତ ହୁଏ ।)

ବିବାହ, ବି. ସଂ. ଦାରପରିଗ୍ରହ । (ବିଶେଷଣରେ ବିବାହିତ ।)

ବିବିକ୍ତ, ବିଂ. (ବି-ବିଚ୍ = ପୃଥକ୍ ହେବା-ତ) ନିର୍ଜ୍ଜନ; ପବିତ୍ର; ଶୁଭ୍ର; ଏକାଗ୍ର; ପୃଥକ୍‌କୃତ; ବିବେଚକ । (ସ୍ତ୍ରୀ-ବିବିକ୍ତା = ଦୁର୍ଭଗା ।)

ବିବିକ୍ଷା, ବି. (ବିଶ୍ = ପ୍ରବେଶ କରିବା-ସନ୍-ଆ) ପ୍ରବେଶ କରିବାର ଇଚ୍ଛା । (ବିଶେଷଣରେ ବିବିକ୍ଷୁ ହୁଏ ।)

ବିବୃତି, ବି. ସଂ. ବିବରଣ, ବ୍ୟାଖ୍ୟା ।

ବିବୃତ୍ତି, ବି. ସଂ. ଘୂର୍ଣ୍ଣନ; ସ୍ଫୁରଣ ।

ବିବେକ, ବି. (ବି-ବିଚ୍ = ବିଚାର ଓ ପୃଥକ୍-କରିବା-ଅ) ବିବେଚନା; ବିଭିନ୍ନତା; ତତ୍ତ୍ୱଜ୍ଞାନ । (ବିଶେଷଣରେ ବିବେଚକ, ବିବେଚିତ ହୁଏ ।)

ବିଶଙ୍କଟ, ବିସଙ୍କଟ, ବିଂ. ସଂ. ବିଶାଳ, ବୃହତ୍, ବଡ଼ ।

ବିଶଦ, ବିଂ. (ବିଶଦ୍ = ନିର୍ମଳ ହେବା-ଅ) ଶୁଭ୍ର, ଶୁକ୍ଳ ।

ବିଶାରଦ, ବିଂ. [ବିଶାଳ = ବୃହତ୍ (ଯଶ ଇତ୍ୟାଦି)-ଦା = ଦାନ କରିବା-ଅ, ଳ = ର] ନିପୁଣ; ଚତୁର; ଯେପରି — ରଣବିଶାରଦ; ପଣ୍ଡିତ; ପ୍ରସିଦ୍ଧ, ବିଖ୍ୟାତ; ପ୍ରଗଲ୍‌ଭ; ଶ୍ରେଷ୍ଠ; ବିସ୍ତୃତ; ଗର୍ବିତ ।

ବିଶାଳ, ବିଂ. (ବି-ଶାଳ ବା ବିଶ୍ = ପ୍ରବେଶିବା-ଆଳ) ବୃହତ୍; ବିସ୍ତୃତ; ବିଖ୍ୟାତ ।

ବଶିଖ, ବି. (ବି = ବିଶିଷ୍ଟ-ଶାଖା = ଅଗ୍ରଭାଗ) ବାଣ; ଶରଗଛ । ବିଂ. ଶାଖାରହିତ ।

ବଶିଷ୍ଟ, ବିଂ. (ବି-ଶିଷ୍ = ବିଶେଷ କରିବା-ତ) ମିଳିତ; ବିଲକ୍ଷଣ; ଭିନ୍ନ; ଖ୍ୟାତ, ପ୍ରସିଦ୍ଧ ।

ବିଶେଷ, ବି. (ବି-ଶିଷ୍-ଅ) ପ୍ରଭେଦ; ନିୟମ; ତିଳକ; ଆଧିକ୍ୟ । ବିଂ. ଅଧିକ; ଉତ୍କୃଷ୍ଟ ।

ବିଶୋଧନ, ବି. (ବି-ଶୋଧନ) ସଂଶୋଧନ ।

ବିଶ୍ରମ୍ଭ, ବି. (ବି- ଶ୍ରନ୍ଭ୍ = ବିଶ୍ୱାସ କରିବା-ଅ) ବିଶ୍ୱାସ; ପ୍ରଣୟ; କେଳି କଳହ । (ବିଶେଷଣରେ ବିଶ୍ରବ୍ଧ ଏବଂ ବିଶ୍ରମ୍ଭୀ ହୁଏ । )

ବିଶ୍ରାଣନ, ବି. (ବି-ଶ୍ରଣ୍-ଣିଚ୍ = ଦାନକରିବା-ଅନ) ଦାନ, ବିତରଣ । (ବିଶେଷଣରେ ବିଶ୍ରାଣିତ ହୁଏ । )

ବିଶ୍ରାନ୍ତି, ବିଶ୍ରାମ, ବି. (ବି-ଶ୍ରମ-ତି, ଅ) ବିରାମ, ନିବୃତ୍ତି, ଆରାମ କରିବା । (ବିଶେଷଣରେ ବିଶ୍ରାନ୍ତ ହୁଏ । )

ବିଶ୍ଳେଷ, ବି. (ବି-ଶ୍ଲିଷ୍ = ସଂଯୁକ୍ତହେବା-ଅ) ଅସଂଯୋଗ; ବିକାଶ; ବିରାଗ; ଶୈଥିଲ୍ୟ । (ବିଶେଷଣରେ ବିଶ୍ଳିଷ୍ଟ ହୁଏ । )

ବିଶ୍ୱ, ବି. ( ବିଶ୍ = ପ୍ରବେଶ କରିବା-ବ ) ଗଣଦେବତାବିଶେଷ; ପରିମାଣବିଶେଷ; ଜଗତ୍; ବ୍ରହ୍ମାଣ୍ଡ; ସମସ୍ତ ।

ବିଶ୍ୱମ୍ଭର, ବି. (ବିଶ୍ୱଂ = ଜଗତକୁ-ଭୃ = ଭରଣ କରିବା-ଅ — ଯେ ପୋଷଣ କରେ) ବିଷ୍ଣୁ; ଇନ୍ଦ୍ର । ବିଂ. ବିଶ୍ୱଧାରଣକର୍ତ୍ତା । (ସ୍ତ୍ରୀ-ଆ) ପୃଥିବୀ ।

ବିଶ୍ୱବିଦ୍ୟାଳୟ, ବି. ସଂ. (University) ସର୍ବପ୍ରକାର ବିଦ୍ୟାର ଆଲୋଚନା ସ୍ଥାନ ।

ବିଶ୍ୱସନ, ବି. (ବି-ଶ୍ୱସ୍ = ବିଶ୍ୱାସ କରିବା-ଅନ) ବିଶ୍ୱାସ । (ବିଶେଷଣରେ ବିଶ୍ୱସିତ ଏବଂ ବିଶ୍ୱସ୍ତ ହୁଏ । )

ବିଷ, ବି. (ବିଷ୍ = ବ୍ୟାପିବା-ଅ) ଗରଳ; ଜଳ; ପଦ୍ମାଦିର ମୃଣାଳ; ବିଷନାଭି ।

ବିଷଦ, ବିଂ. (ବି-ସଦ୍ = ନିର୍ମଳ ହେବା-ଅ) ଶୁଭ୍ର, ନିର୍ମଳ; ସ୍ପଷ୍ଟ; ବିଷଦାତା । ବି. ଶୁକ୍ଳବର୍ଣ୍ଣ; ମେଘ ।

ବିଷମ, ବିଂ. ( ବି = ନାହିଁ-ସମ = ସମାନ ) ଅସମାନ; ଅଯୁଗ୍ମ; କ୍ଲେଶକର; ଦୁର୍ଗମ; ଦୁଃସହ; ଦାରୁଣ; ଉନ୍ନତାନତ; ଉତ୍କଟ ।

ବିଷୟ, ବି. (ବି-ସି = ବନ୍ଧନକରି-ଅ) ଇନ୍ଦ୍ରିୟ-ଗ୍ରାହ୍ୟ ପଦାର୍ଥ; ଜନପଦ; ଦେଶ; ସ୍ଥାନ; ଆଧାର, ପାତ୍ର; ଜ୍ଞେୟ ଓ ଭୋଗ୍ୟବସ୍ତୁ; ସମ୍ପତ୍ତି; ବର୍ଣ୍ଣନୀୟ ପଦାର୍ଥ; ଗୃହ; ଧର୍ମନୀତି ।

ବିଷାଣ, ବି. (ବେଷ୍ଟୀତିବିଷାଣଂ, ବିଷବ୍ୟାପ୍ତୌ-ବିଷ୍-ଆନ) ପଶୁର ଶୃଙ୍ଗ; ପଶୁର ବୃହତ୍ ଦନ୍ତ; ହସ୍ତିଦନ୍ତ; ଶୂକରଦନ୍ତ; ମେଷଶୃଙ୍ଗୀ-ବୃକ୍ଷ ।

ବିଷାଦ, ବି. (ବି-ସଦ୍ = ଅବସନ୍ନ ହେବା-ଅ) ଖେଦ, ଦୁଃଖ; ଜଡତା, ନିଶ୍ଚେଷ୍ଟତା । (ବିଶେଷଣରେ ବିଷଣ୍ଣ ହୁଏ । )

ବିଷୁବରେଖା, ବି. ସଂ. (Equator) ଉଭୟ ମେରୁର ସମଦୂରବର୍ତ୍ତୀ ସ୍ଥାନରେ ଯେ ମଣ୍ଡଳାକାର କଳ୍ପିତ ରେଖା ପୂର୍ବ ପଶ୍ଚିମ ଗୋଲକର ଚତୁର୍ଦିଗରେ ବ୍ୟାପି ରହିଅଛି, ସୂର୍ଯ୍ୟ ଏହି ରେଖାରେ ଉପସ୍ଥିତ ହେଲେ ଦିବା ରାତ୍ରି ସମାନ ହୁଏ ।

ବିଷ୍କିର, ବି. (ବି-କୃ = ବିକ୍ଷେପ କରିବା-ଅ, ଋ = ଇର, ସ ଆଗମ) ପକ୍ଷୀ । (ବିବିଷ୍କିର ପତନ୍ତ୍ରିଃ । )

ବିଷ୍ଟପ, ବି. ( ବିଶ୍ = ପ୍ରବେଶ କରିବା-ଟପ ) ଭୁବନ, ଲୋକ; ଜଗତ୍ ।

ବିଷ୍ଟର, ବି. ସଂ. ଦର୍ଭମୁଷ୍ଟି; କୁଶାସନ ।

ବିଷ୍ଟରଶ୍ରବା, ବି. (ବିଷ୍ଟରଶ୍ରବସ୍—ବିଷ୍ଟର = ବୃକ୍ଷ-ଶ୍ରୁ = ଶ୍ରବଣ କରିବା-ଅସ୍, ବିଷ୍ଟରେ ଅଶ୍ୱତ୍ଥତରୌ ଶ୍ରୂୟତେ—ଅଥବା ବିଷ୍ଟର-ଇବ ଶ୍ରବସୀ କର୍ଣ୍ଣୌ ଯସ୍ୟ ସଃ) ବିଷ୍ଣୁ ।

**ବିଷ୍ଣୁପଦ**, ବି. (ବିଷ୍ଣୁ-ବ୍ୟାପକ-ପଦ-ସ୍ଥାନ) ଆକାଶ; କ୍ଷୀରୋଦସମୁଦ୍ର; ପଦ୍ମ । (ସ୍ତ୍ରୀ-ଈ) ଗଙ୍ଗାନଦୀ ।

**ବିଷ୍ଣୁରଥ**, ବି. (ବିଷ୍ଣୁ-ର = ଦାନକରିବା-ଥ) ପକ୍ଷୀଶ୍ରେଷ୍ଠ ଗରୁଡ଼ ।

**ବିଷ୍ୱକ୍**, ଅ°. ସ°. ସମନ୍ତାତ୍, ସର୍ବତ୍ର ।

**ବିସ**, ବି. (ବିସ୍ = କ୍ଷେପଣକରିବା-ଅ) ପଦ୍ମାଦିର ମୃଣାଳ ।

**ବିସମ୍ବାଦ**, ବି. (ବି-ସମ୍-ବଦ୍-ଅ) ପ୍ରତାରଣା; ବୈଲକ୍ଷଣ୍ୟ; ବିରୋଧ ।

**ବିସଂସ୍ଥୁଳ**, ବି°. (ବି-ସମ୍-ସ୍ଥା-ଉଳ) ବିଶୃଙ୍ଖଳ; ଅବ୍ୟବସ୍ଥିତ ।

**ବିସର**, ବି. (ବି-ସୃ = ଗମନକରିବା-ଅ) ସମୂହ; ବିସ୍ତାର ।

**ବିସର୍ଗ**, ବି. (ବି-ସୃଜ୍-ତ୍ୟାଗକରିବା-ଅ) ତ୍ୟାଗ; ମଳନିର୍ଗମ; ବିୟୋଗ; ଦାନ; ଦୀପ୍ତି ।

**ବିସର୍ଜନ**, ବି. (ବି-ସୃଜ୍-ଅନ) ତ୍ୟାଗ; ପ୍ରେରଣ । (ବିଶେଷଣରେ ବିସୃଷ୍ଟ ହୁଏ ।)

**ବିସର୍ପ**, **ବିସର୍ପଣ**, ବି. (ବି-ସୃପ୍ = ଗମନ କରିବା, ବ୍ୟାପିବା-ଅ, ଅନ) ପ୍ରସରଣ, ବିସ୍ତୃତ ହେବା ।

**ବିସୃତ**, ବି. (ବି-ସୃ-ତ) ବ୍ୟାପ୍ତ, ବିସ୍ତୃତ ।

**ବିସୃତ୍ୱର**, **ବିସୃମର**, ବି°. (ବି-ସୃ-ବର ତ ଆଗମ, ମର) ବ୍ୟାପନଶୀଳ ।

**ବିସ୍ତର**, ବି. (ବି-ସ୍ତୃ = ବିସ୍ତାରକରିବା-ଅ) ସମୂହ; ପ୍ରଚୁର; ପ୍ରଣୟ; ଆସନ; ବାକ୍ପ୍ରପଞ୍ଚ; ବିଶେଷବର୍ଣ୍ଣନ; ସଂଖ୍ୟା; ଶଯ୍ୟା ।

**ବିସ୍ତାର**, ବି. (ବି-ସ୍ତୃ-ଅ) ବିସ୍ତୃତି; ବିଶାଳତା; ଓସାର; ଶାଖା; ଗୁଚ୍ଛ । (ବିଶେଷଣରେ ବିସ୍ତାରିତ, ବିସ୍ତୀର୍ଣ୍ଣ, ବିସ୍ତୃତ ହୁଏ ।)

**ବିସ୍ଫାର**, **ବିଷ୍ଫାର**, ବି. (ବି-ସ୍ଫାୟ୍ = ବୃଦ୍ଧିପାଇବା-ର) ଟଙ୍କାର ଧ୍ୱନି, ଧନୁକର ଶବ୍ଦ; ସ୍ଫୂର୍ତ୍ତି ବିସ୍ତାର । (ବିଶେଷଣରେ ବିସ୍ଫାରିତ ହୁଏ ।)

**ବିସ୍ମୟ**, ବି. (ବି-ସ୍ମି = ଆଶ୍ଚର୍ଯ୍ୟାନ୍ୱିତ ହେବା-ଅ) ଆଶ୍ଚର୍ଯ୍ୟ; ଗର୍ବ, ଅହଙ୍କାର । (ବିଶେଷଣରେ ବିସ୍ମିତ ହୁଏ ।)

**ବିସ୍ମାପନ**, **ବିସ୍ମାୟନ**, ବି. (ବି-ସ୍ମି = ବିସ୍ମୟାପନ୍ନହେବା-ଣିଚ୍ = ସ୍ମାପି = ବିସ୍ମୟକରାଇବା-ଅନ) ବିସ୍ମୟଜନନ; କୁହୁକ, ମାୟା; ଗନ୍ଧର୍ବନଗର; କାମଦେବ ।

**ବିସ୍ମୃତି**, **ବିସ୍ମରଣ**, ବି. (ବି-ସ୍ମୃ-ତି, ଅନ) ଭୁଲ, ପାସୋରିବା । (ବିଶେଷଣରେ ବିସ୍ମୃତ ହୁଏ ।)

**ବିସ୍ର**, ବି. ସ°. କଞ୍ଚାମାଂସଗନ୍ଧ, ଆମଗନ୍ଧ ।

**ବିସ୍ରଂସ**, **ବିସ୍ରଂସନ**, ବି. (ବି-ସ୍ରନ୍ସ୍ = ପତିତହେବା-ଅ, ଅନ) ପତନ; କ୍ଷରଣ । (ବିଶେଷଣରେ ବିସ୍ରସ୍ତ ହୁଏ ।)

**ବିହଗ**, **ବିହଙ୍ଗ**, **ବିହଙ୍ଗମ**, ବି. (ବିହାୟସ = ଆକାଶ-ଗମ୍-ଅ, ବିହାୟସ୍ର ବିହ ଆଦେଶ, ବିକଳ୍ପେ ମକାର ଲୋପ ଏବଂ ଆଗମ) ପକ୍ଷୀ; ଚନ୍ଦ୍ର; ସୂର୍ଯ୍ୟ । ବି°. ଆକାଶରେ ଗମନକାରୀ ।

**ବିହରଣ**, ବି. (ବି-ହୃ-ଅନ) ବିହାର, କ୍ରୀଡ଼ା; ଭ୍ରମଣ; ବିୟୋଗ ।

**ବିହାୟସ୍**, **ବିହାୟସ**, ବି. (ବି-ହା - ଗମନକରିବା-ଅସ୍, ବିଶେଷେଣ ହୟନ୍ତି ଗଚ୍ଛନ୍ତି ସର୍ବମସ୍ମିନ୍ନିତି ବିହାୟଃ, ବିହାୟସ୍-ଅ) ଆକାଶ; ପକ୍ଷୀ ।

**ବିହାର**, ବି. (ବି-ହୃ-ଅ) କ୍ରୀଡ଼ା; ଭ୍ରମଣ, ପରିକ୍ରମ; ବୌଦ୍ଧମଠ; କ୍ରୀଡ଼ାସ୍ଥାନ ।

**ବିହିତ**, ବି°. (ବି-ଧା = ବିଧାନକରିବା-ତ) ଅନୁଷ୍ଠିତ; କର୍ତ୍ତବ୍ୟ; ବିଧେୟ; କଥିତ । ବି. ବିଧାନ ।

**ବିହୀନ**, ବି°. (ବି-ହା = ତ୍ୟାଗକରିବା-ତ) ବିରହିତ, ତ୍ୟକ୍ତ ।

**ବିହ୍ୱଳ**, ବି°. (ବି-ହ୍ୱଳ୍ = କମ୍ପିବା-ଅ) ଶୋକ ଭୟାଦିଦ୍ୱାରା ଅଭିଭୂତ; ବିବଶ; ଦ୍ରବୀଭୂତ ।

**ବୀକ୍ଷଣ**, ବି. ( ବି-ଈକ୍ଷ୍ = ଦେଖିବା-ଅନ ) ନିରୀକ୍ଷଣ । (ବିଶେଷଣରେ ବୀକ୍ଷିତ, ବୀକ୍ଷଣୀୟ ହୁଏ ।)

**ବୀଜ**, ବି. (ବି = ନାନାବିଧ-ଜନ = ଉତ୍ପନ୍ନହେବା -ଅ, ଇ = ଈ) ଶୁକ୍ର; କାରଣ; ଅଙ୍କୁର; ଶସ୍ୟାଦିର ଫଳ; ଆଧାର; ମୂଳ; ଅଙ୍କବିଦ୍ୟା ।

**ବୀଜନ**, ବି. (ବି-ଅଜ୍ = କ୍ଷେପଣ କରିବା-ଅନ, ଅ ସ୍ଥାନେ ଈ) ବ୍ୟଜନ; ସଞ୍ଚାଳନ; ବିଞ୍ଚିବା; ଗୃମଗନ୍ଧ; ଚକ୍ରବାକ, ଚକୋର ପକ୍ଷୀ । (ବିଶେଷଣରେ ବୀଜିତ ହୁଏ ।)

**ବୀଜାଙ୍କୁରନ୍ୟାୟ**, ବି. ସଂ. ଆଗେ ବୀଜ ତା ପରେ ଅଙ୍କୁର, କି ଆଗେ ଅଙ୍କୁର ତା ପରେ ବୀଜ, ଏହିରୂପ ଅନିର୍ଣ୍ଣୟବିଶତଃ ବୀଜାଙ୍କୁରପ୍ରବାହ, ଅନାଦି ।

**ବୀଟି, ବୀଟୀ, ବୀଟିକା,** } ବି. ସ୍ତ୍ରୀ. (ବି-ଇଟ୍ = ଗମନ କରିବା-ଇ, ଈ, ପକ୍ଷେ-ବି-ଇଟ୍-ଅକ-ଆ) ପାନବିଡ଼ା, ଖିଲ; ବନ୍ଧନ ।

**ବୀଣା**, ବି.ସ୍ତ୍ରୀ. (ବୀ = କ୍ଷେପଣ କରିବା ଇତ୍ୟାଦି-ନକ୍-ଆ) ସପ୍ତତନ୍ତ୍ରୀବିଶିଷ୍ଟ ବାଦ୍ୟଯନ୍ତ୍ର ।

**ବୀତ**, ବି. (ବି-ଇ = ତ୍ୟାଗ କରିବା ଇତ୍ୟାଦି-ତ) ପରିତ୍ୟକ୍ତ, ଅପଗତ; ଅତୀତ; ବନ୍ଧନ-ମୁକ୍ତ; ନିବୃତ୍ତ ।

**ବୀତି**, ବି. ( ବି-ଇ = ତ୍ୟାଗ କରିବା-ତି ) ନିବୃତ୍ତି; ମୁକ୍ତି; ଗତି, ଭୋଜନ; ଧାତ୍ରି; ଉତ୍ପାଦନ; ପରିଷ୍କରଣ; ପଶୁପ୍ରେରଣ ।

**ବୀତିହୋତ୍ର**, ବି. (ବୀତି = ପୁରୋଡ଼ାଶାଦି ଭୋଜନ ନିମିତ୍ତ-ହୋତ୍ର = ଦେବଗଣ ଆହୂତ ହୁଅନ୍ତି ଯେଉଁ ସ୍ଥାନରେ) ଅଗ୍ନି; ସୂର୍ଯ୍ୟ ।

**ବୀଥି, ବୀଥୀ, ବୀଥିକା,** } ବି. ସ୍ତ୍ରୀ. (ବିଥ୍ = ଯାଚିଞ୍ଚା କରିବା-ଇ, ଈ, କ-ଆ) ଶ୍ରେଣୀ; ଉଭୟ ପାର୍ଶ୍ୱରେ ବୃକ୍ଷଶ୍ରେଣୀଯୁକ୍ତ ପଥ; ପଥ; ଦୃଶ୍ୟକାବ୍ୟବିଶେଷ ।

**ବୀର**, ବି. (ବୀର୍ = ଶୌର୍ଯ୍ୟ ପ୍ରକାଶ କରିବା-ଅ) ରସବିଶେଷ; ନଟ; ବିଷ୍ଣୁ; କୁଳଗୁରୁ-ବିଶେଷ । ବିଂ. ଶୂର, ବିକ୍ରମଶାଳୀ; ବୀରତ୍ୱବିଶିଷ୍ଟ ।

**ବୀର୍ଯ୍ୟ**, ବି. (ବୀର-ଯ) ଶୌର୍ଯ୍ୟ, ବଳ, ବୀରତ୍ୱ; ସାମର୍ଥ୍ୟ; ରେତ; ବୀଜ ।

**ବୁଷ୍, ବୁସ**, ବି. (ବୁସ୍ = ତ୍ୟାଗ କରିବା-ଅ) ତୁଚ୍ଛଧାନ୍ୟ, ଅଗାଡ଼ି ।

**ବୃଂହଣ**, ବି. (ବୃନ୍ହ୍ = ସମୃଦ୍ଧ ହେବା-ଅନ) ପୁଷ୍ଟିକାରକ ।

**ବୃଂହିତ**, ବି. (ବୃନ୍ହ୍ = ଶବ୍ଦ କରିବା, ସମୃଦ୍ଧ ହେବା-ତ) କରିଗର୍ଜନ, ହାତିର ରଡ଼ି । ବିଂ. ପୁଷ୍ଟ; ବର୍ଦ୍ଧିତ ।

**ବୃକ**, ବି. ( ବୃକ୍ = ଗ୍ରହଣ କରିବା-ଅ ) ହେଟାବାଘ; କାକ; ଜଠରାଗ୍ନି; ବକବୃକ୍ଷ; ଶୃଗାଳ; କ୍ଷତ୍ରିୟ ।

**ବୃକୋଦର**, ବି. ( ବୃକ = ଅଗ୍ନି-ଉଦର ) ଭୀମସେନ ।

**ବୃକ୍ଷ**, ବି. (ବୃକ୍ଷ୍ = ବେଷ୍ଟନ କରିବା-ଅ କିମ୍ବା ବୃଶ୍ଚ = ଛେଦନ କରିବା-ନକ୍, ଛେଦନ କଲେ ସୁଦ୍ଧା ଯେ ଜନ୍ମେ) ଗଛ ।

**ବୃଜନ, ବୃଜିନ**, ବି. (ବୃଜ୍ = ତ୍ୟାଗ କରିବା-ଅନ, ଇନ) ପାପ; ଅପରାଧ; କ୍ଲେଶ; ଆକାଶ; କେଶ; ନିରାକରଣ । ବିଂ. କୁଟିଳ, ବକ୍ର ।

**ବୃତ୍ତ**, ବିଂ. (ବୃତ୍ = ବର୍ତ୍ତମାନ ରହିବା ଇତ୍ୟାଦି -ତ) ଜାତ; ଦୃଢ଼; ବର୍ତ୍ତୁଳ; ଅତୀତ; ମୃତ; ନିଯୁକ୍ତ; ଆଚ୍ଛାଦିତ; ଅଭ୍ୟସ୍ତ । ବି. କଚ୍ଛପ; ଚରିତ୍ର; ପଦ୍ୟବିଶେଷ ।

**ବୃତ୍ତାନ୍ତ**, ବି. (ବୃତ୍ତ-ଅନ୍ତ) ବାର୍ତ୍ତା; ବିବରଣ; ପ୍ରସ୍ତାବ ।

**ବୃତ୍ତି**, ବି. ସ୍ତ୍ରୀ. (ବୃତ୍-ତି) ଆହାର; ଜୀବିକା; ପ୍ରବୃତ୍ତି; ବ୍ୟବସାୟ; ସ୍ଥିତି; ବ୍ୟାଖ୍ୟାନ ଗ୍ରନ୍ଥ; ବ୍ୟାପ୍ତି ।

**ବୃଥା**, ଅଂ. ସଂ. ନିଷ୍ଫଳ; ନିରର୍ଥକ ।

**ବୃଦ୍ଧ**, ବି. ( ବୃଧ୍ = ବର୍ଦ୍ଧିତ ହେବା-ତ ) ପ୍ରାଚୀନ, ବୁଢ଼ା; ଜ୍ୟେଷ୍ଠ; ବୃହତ୍; ବୃଦ୍ଧି-ଯୁକ୍ତ; ପଣ୍ଡିତ ।

**ବୃଦ୍ଧପ୍ରପିତାମହ**, ବି. ସଂ. ପ୍ରପିତାମହଙ୍କ ପିତା ।

**ବୃଦ୍ଧପ୍ରମାତାମହ**, ବି. ସଂ. ପ୍ରମାତାମହଙ୍କ ପିତା ।

ବୃଦ୍ଧଶ୍ରବାଃ, ବି. (ବୃଦ୍ଧଶ୍ରବସ୍—ବୃଦ୍ଧ=ବୃହତ୍-ଶ୍ରବସ୍=କର୍ଣ୍ଣ) ଇନ୍ଦ୍ର ।

ବୃଦ୍ଧି, ବି. (ବୃଧ୍=ବର୍ଦ୍ଧିତ ହେବା-ତି) ଅଭ୍ୟୁଦୟ; ବିସ୍ତାରି; ସୁଦ; ସମ୍ପତ୍ତି; ଆଧିକ୍ୟ ।

ବୃନ୍ତ, ବି. (ବୃ=ଆବରଣ କରିବା-ତ, ନ ଆଗମ) ଫଳପତ୍ରାଦିର ଡେମ୍ପ; କୁଚାଗ୍ର ।

ବୃନ୍ଦ, ବି. (ବୃଣ୍=ପ୍ରୀତକରିବା-ଦ) ସମୂହ; ସଂଖ୍ୟାବିଶେଷ । (ସ୍ତ୍ରୀ-ଆ) ତୁଳସୀଦେବୀ; ରାଧିକା; ରାଧିକାଙ୍କ ସଖୀବିଶେଷ ।

ବୃନ୍ଦାରକ, ବି. (ଶୋଭନଂ ବୃନ୍ଦଂ ଯେଷାଂ ତେ ବୃନ୍ଦାରକାଃ, ବୃନ୍ଦ=ସମୂହ-ଆର ଅସ୍ତ୍ୟର୍ଥେ-କ ସ୍ୱାର୍ଥେ) ଦେବତା; ଦଳପତି । ବିଂ. ପ୍ରଧାନ; ସୁନ୍ଦର; ଆନନ୍ଦଜନକ, ତୃପ୍ତିକର; ଉତ୍କୃଷ୍ଟ; ବୃହତ୍; ଖ୍ୟାତ; ଯଶସ୍ୱୀ ।

ବୃଶ୍ଚିକ, ବି. (ବ୍ରଶ୍ଚ୍=ଛେଦନକରିବା-ଇକ) ବିଛା; ରାଶିବିଶେଷ ।

ବୃଷ, ବି. (ବୃଷ୍=ପ୍ରଭୁ ହେବା, ବର୍ଷଣକରିବା-ଅ) ଷଣ୍ଢ; ଦ୍ୱିତୀୟ ରାଶି; ଶୁକ୍ରଳ ପୁରୁଷ; ଇନ୍ଦ୍ର; ଧର୍ମ; ମୂଷିକ; ରାଧାତନୟ କର୍ଣ୍ଣ; ବଳବାନ୍ ପୁରୁଷ । (ବିଶେଷ୍ୟର ପରବର୍ତ୍ତୀ ହେଲେ) ଶ୍ରେଷ୍ଠ ।

ବୃଷଣ, ବି. [ବୃଷ=(ବୀର୍ଯ୍ୟ) ବର୍ଷଣକରିବା-ଅନ] ଅଣ୍ଡକୋଷ ।

ବୃଷଦଂଶକ, ବି. ସଂ. ମାର୍ଜାର, ବିରାଡ଼ି ।

ବୃଷଭ, ବି. (ବୃଷ୍-ଅଭ) ଷଣ୍ଢ । (ବିଶେଷ୍ୟ ଶବ୍ଦର ପରବର୍ତ୍ତୀ ହେଲେ) ଶ୍ରେଷ୍ଠ ।

ବୃଷଳ, ବି. (ବୃଷ୍=ବର୍ଷଣ କରିବା-ଅଳ) ଅଶ୍ୱ; ଶୂଦ୍ର; ରସୁଣ; ପାପୀ । ବିଂ. ଅଧାର୍ମିକ, ପାପିଷ୍ଠ ।

ବୃଷସ୍ୟନ୍ତୀ, ବି. ସ୍ତ୍ରୀ. ସଂ. (ଅସକୃତ୍ ବାଜନକ୍ଷେକ ସମସ୍ତେ ବୃଷଃ ତମାସନ ଇଚ୍ଛତୀତି ବୃଷସ୍ୟନ୍ତୀ) ଅତି କାମୁକୀ ସ୍ତ୍ରୀ; ବୃଷାର୍ଥିନୀ ଗୌ ।

ବୃଷା, ବି. (ବୃଷନ୍—ବୃଷ୍=ବର୍ଷଣକରିବା-ଅନ୍) ଇନ୍ଦ୍ର; ଷଣ୍ଢ; ଘୋଟକ; ଦୁଃଖ ।

ବୃଷ୍ଟି, ବି. (ବୃଷ୍=ବର୍ଷିବା-ତି) ବର୍ଷଣ । (ବିଶେଷଣରେ ବୃଷ୍ଟ ହୁଏ ।)

ବୃଷ୍ୟ, ବିଂ. (ବୃଷ-ଯ) ବୀର୍ଯ୍ୟକାରକ ।

ବୃହତ୍, ବିଂ. [ବୃହ୍=ବୃଦ୍ଧିପାଇବା-ଅତ୍ (ଶତୃ)] ବିପୁଳ, ବଡ଼ ।

ବୃହଦ୍ଭାନୁ, ବି. (ବୃହତ୍-ଭାନୁ=କିରଣ) ଅଗ୍ନି; ସୂର୍ଯ୍ୟ ।

ବେଗ, ବି. (ବିଜ୍=ଗମନକରିବା-ଅ) ଶୀଘ୍ରତା, ମୂତ୍ର ବିଷ୍ଠାଦିର ନିର୍ଗମ ପ୍ରବୃତ୍ତି; ଆନନ୍ଦ; ଦୃଢ଼ ପ୍ରତିଜ୍ଞା; ଉଦ୍ୟମ; ପ୍ରଣୟ; ରେତ; ଆମ୍ରବିଶେଷ; ମହାକାଳ ଫଳ । (ବିଶେଷଣରେ ବେଗୀ, ବେଗିତ ହୁଏ ।)

ବେକଟ, ବିଂ. (ବିକ୍-ଣିଚ୍=ଖ୍ୟାତହେବା-ଟ) ଖ୍ୟାତ, କ୍ଲେଶିତ, ଉପ୍ତକର୍ମିତ ।

ବେଣି, ବେଣୀ, ବେଣିକା, } ବି. ସ୍ତ୍ରୀ. (ବେନ୍ତି ଶୋଭନ୍ତେ ବେଣୀ, ବେଣୟନ୍ତି ବେଣୀ, ବେଣ୍ୟତେ ପ୍ରେରଣ ଶ୍ଳେଷଣେଷୁ, ବୀ=ଶୋଭାପାଇବା-ନି, ଈ, ବେଣ=ଶ୍ଳେଷଣ ପ୍ରଭୃତି-ଇ-କ-ଆ) ସର୍ପାକାର ରଚିତ କେଶବେଶ; ବିନ୍ୟସ୍ତ କେଶପାଶ; ଜଳପ୍ରବାହ । ଯେପରି—ତ୍ରିବେଣୀ । କବୁନ, ବୁଣିବା; ନଦୀବିଶେଷ; ଦେବତାଡ଼ ବୃକ୍ଷ ।

ବେଣୁ, ବି. (ବୟୂନ୍ତ୍ୟନେନ ବେଣୁଃ—ବେଞ୍ଚନ୍ତ ସନ୍ତାନେ, ଅଥବା ବନ୍=ଶବ୍ଦକରିବା-ଉ, ନିପାତନ) ବଂଶ, ବାଉଁଶ; ବଂଶୀ, ଶୁଷିର ବାଦ୍ୟଯନ୍ତ୍ରବିଶେଷ ।

ବେତଣ୍ଡ, ବି. (ବେ=ଯେ ଗମନ କରେ-ତନ୍ଡ୍=ତାଡ଼ନା କରିବା-ଅ) ହସ୍ତୀ; ତାଡ଼ନାର୍ହ ଉଚ୍ଛୃଙ୍ଖଳ ବ୍ୟକ୍ତି ।

ବେତନ, ବି. (ବୀ=ଗମନକରିବା-ତନ) କର୍ମର ମୂଲ୍ୟ, ମଜୁରି; ଜୀବିକା ।

ବେତସ, ବେତ, ବି. [ବୀ=(ଜଳପ୍ଲାବନରେ) ଗମନ କରିବା-ତସ, ତ] ବେତଗଛ ।

ବେତାଳ, ବି.ସଂ. ଭୂତାଧିଷ୍ଠିତ ଶବ; ଶିବାନୁଚରବିଶେଷ; ଦ୍ୱାରପାଳ; ମଲ୍ଲବିଶେଷ ।

ବେତ୍ତା, ବି. (ବେତ୍ତୃ — ବିଦ୍ = ଜାଣିବା-ତୃ) ଜ୍ଞାତା, ଯେ ଜାଣେ । ଅନ୍ୟ ଶବ୍ଦର ପରେ ବ୍ୟବହୃତ ହୁଏ । ଯେପରି—ଶାସ୍ତ୍ରବେତ୍ତା ।)

ବେଦ, ବି. (ବିଦ୍ = ଜାଣିବା-ଅ) ବ୍ରହ୍ମମୁଖ-ନିର୍ଗତ ଧର୍ମଜ୍ଞାପକ ଶାସ୍ତ୍ର, ଋକ୍, ଯଜୁଃ, ସାମ, ଅଥର୍ବ—ଏହି ଚାରି ବେଦ; ଜ୍ଞାନ; ଚାରି ସଂଖ୍ୟା ।

ବେଦନ, ବେଦନା, } ବି. (ବିଦ୍ = ଜାଣିବା ଇତ୍ୟାଦି-ଅନ, ଆ) ଅନୁଭବ, ଜ୍ଞାନ; ଯାତନା, ବ୍ୟଥା; ବିବାହ । (ବିଶେଷଣରେ ବେଦନୀୟ, ବେଦିତବ୍ୟ, ବେଦ୍ୟ, ବେଦିତ ହୁଏ ।)

ବେଦାଙ୍ଗ, ବି. କ୍ଲୀ. ଶିକ୍ଷା, କଳ୍ପ, ବ୍ୟାକରଣ, ନିରୁକ୍ତ, ଛନ୍ଦ ଓ ଜ୍ୟୋତିଷ—ଏ ଛଅଟି ଶାସ୍ତ୍ର ବେଦର ଅବୟବ ।

ବେଦି, ବେଦୀ, ବେଦିକା, } ବି. ସ୍ତ୍ରୀ. (ବିଦ୍ = ବିଦ୍ୟମାନ ରହିବା ଇତ୍ୟାଦି-ଇ, ଈ, କ ଯୋଗ-ଆ) ଯଜ୍ଞାଦିକରଣାର୍ଥ ପରିଷ୍କୃତ ଭୂମି; ମଞ୍ଚ; ଅଙ୍ଗନାଦିର ମଧ୍ୟବର୍ତ୍ତୀ ଚତୁରସ୍ର ଭୂମି; ମୃତ୍ତିକା ପ୍ରସ୍ତୁତ ଭିତ୍ତି ।

ବେଧ, ବେଧନ, ବି. (ବିଧ୍ = ବିଦ୍ଧ କରିବା-ଅ, ଅନ) ଛିଦ୍ରକରଣ; ଗଭୀରତା; ବସ୍ତୁର ପୃଥୁ ପରିମାଣ ବା ସ୍ଥୂଳତାର ପରିମାଣ; ବିବାହାଦି ନିଷେଧକ ଗ୍ରହସଂସ୍ଥାପନ-ବିଶେଷ । (ବିଶେଷଣରେ ବିଦ୍ଧ, ବେଧିତ, ବେଧ୍ୟ ପଦ ସିଦ୍ଧ ହୁଏ ।)

ବେଧାଃ, ବି. (ବେଧସ୍-ବିଧ୍ = ବିଧାନ କରିବା ଅଥବା—ବି-ଧା = ଧାରଣା କରିବା-ଅସ୍) ବ୍ରହ୍ମା; ବିଷ୍ଣୁ; ସୂର୍ଯ୍ୟ; ପଣ୍ଡିତ ।

ବେପଥୁ, ବେପନ, } ବି. (ବେପ୍ = କମ୍ପିତ ହେବା-ଅଥୁ, ଅନ) କମ୍ପନ । (ବିଶେଷଣରେ ବେପମାନ ହୁଏ ।)

ବେର, ବି. (ବୀ = ଗମନ କରିବା-ର) ଶରୀର । ଯଥା—କୁବେର ।

ବେଳା, ବି. ସ୍ତ୍ରୀ. (ବେଲ୍ = ଚଞ୍ଚଳ ହେବା-ଅ-ଆ) ସମୟ, ଅବସର; ସମୁଦ୍ର; ତୀର; ସମୁଦ୍ରତଟ; ଜଳ; ଜୁଆର; ଭଟ୍ଟା; ମର୍ଯ୍ୟାଦା; ହଠାତ୍ ମୃତ୍ୟୁ; ପୀଡ଼ା; ବାକ୍ୟ; ସୁଯୋଗ; ରାଗ ।

ବେଲ୍ଲନ, ବି. (ବେଲ୍ଲ୍ = ଚଞ୍ଚଳ ହେବା-ଅନ) ଲୁଣ୍ଠନ, ଗଡ଼ାଗଡ଼ି; ଚଳନ; ଦୋଳନ; ରୁଟି ପ୍ରଭୃତି ନିର୍ମାଣାର୍ଥ ସ୍ଥୂଳ ବର୍ତ୍ତୁଳ କାଷ୍ଠ-ବିଶେଷ । (ବିଶେଷଣରେ ବେଲ୍ଲିତ ହୁଏ ।)

ବେଶ, ବେଷ, ବି. (ବିଶ୍ = ପ୍ରବେଶ କରିବା, ବିଷ୍ = ବ୍ୟାପିବା-ଅ) ପ୍ରବେଶ; ସଜ୍ଜା, ବସ୍ତ୍ରାଲଂକାରାଦି ପରିଧାନ; ବେଶ୍ୟାପଲ୍ଲୀ; ବେଶ୍ୟାଗୃହ; ଗୃହ ।

ବେଶ୍ମ, ବି. (ବିଶ୍ = ପ୍ରବେଶିବା-ମନ୍) ଭବନ, ଗୃହ ।

ବେଶ୍ମଭୂ, ବି. ସ୍ତ୍ରୀ. କ୍ଲୀ. ବାସୋପଯୁକ୍ତ ଭୂମି ।

ବେଶ୍ୟା, ବି. ସ୍ତ୍ରୀ. (ବିଶ୍ = ପ୍ରବେଶ କରିବା-ଯ-ଆ କିମ୍ବା ବେଶ = ସଜ୍ଜା-ଯ-ଆ) ସର୍ବ-ସାଧାରଣ ସ୍ତ୍ରୀ, ବାରସ୍ତ୍ରୀ ।

ବେଷ୍ଟନ, ବି. (ବେଷ୍ଟ୍ = ବେଷ୍ଟନ କରିବା-ଅନ) ଚତୁର୍ଦ୍ଦିଗରେ ଆବରଣ; ପ୍ରଦକ୍ଷିଣ; କର୍ଣ୍ଣକୁହର; ପରିଧି, ବେଢ଼; ଉଷ୍ଣୀଷ । (ବିଶେଷଣରେ ବେଷ୍ଟିତ, ବେଷ୍ଟନୀୟ ହୁଏ ।)

ବୈକଲ୍ୟ, ବି. ( ବିକଳ-ଯ ) କାତରତା, ବିକୃତଭାବ; ଅସମ୍ପୂର୍ଣ୍ଣତା ।

ବୈକୁଣ୍ଠ, ବି. (କସ୍ମିଂଶ୍ଚିତ୍ ମନ୍ୱନ୍ତରେ ବିକୁଣ୍ଠାୟାଂ ମାତରିଜାତତ୍ୱାତ୍ ବୈକୁଣ୍ଠଃ, ବିକୁଣ୍ଠା-ଅ ଅପତ୍ୟାର୍ଥେ) ବିଷ୍ଣୁ; ଇନ୍ଦ୍ର । (ବି = ବିଗତ-କୁଣ୍ଠ = ପ୍ରତିବନ୍ଧକ) ବିଷ୍ଣୁଙ୍କ ପୁରୀ ।

ବୈକ୍ରାନ୍ତ, ବି. (ବିକ୍ରାନ୍ତ-ଅ) ମଣିବିଶେଷ, ସ୍ପର୍ଶମଣି, ଚୁମ୍ବକପଥର ।

ବୈକ୍ଲବ୍ୟ, ବି. ( ବିକ୍ଲବ-ଯ ) କାତରତା, ବିହ୍ୱଳତା, ଅଧୀରତା ।

ବୈଖରୀ, ବି. ସ୍ତ୍ରୀ. (ବି-ଖନ୍ = ଖୋଳିବା ଅଥବା ବି = ବିଶେଷରୂପେ-ଖ = ଆକାଶ-ରା = ଗ୍ରହଣ କରିବା-ଅ ସ୍ୱାର୍ଥେ-ଈ) କଣ୍ଠରୁ ଶବ୍ଦୋତ୍ପତ୍ତିର ବ୍ୟାପାରବିଶେଷ ।

ବୈଖାନସ, ବି. (ବି-ଖନ୍ = ଖୋଳିବା-ଅ-ଅନ = ଜୀବିତ ହେବା-ଅସ-ଯେଉଁମାନେ ମୂଳାଦିଦ୍ୱାରା ଜୀବିକା ନିର୍ବାହ କରନ୍ତି) ବାନପ୍ରସ୍ଥ, ବନବାସୀ । ବିଂ. ବାନପ୍ରସ୍ଥ-ସମ୍ବନ୍ଧୀୟ ।

ବୈଜନନ, ବି. (ବିଜନନ-ଅ) ପ୍ରସବ ମାସ, ଯେଉଁ ମାସରେ ସନ୍ତାନ ଭୂମିଷ୍ଠ ହୁଏ । (ସୂତି ମାସୋ ବୈଜନନଃ—ଅମର ।)

ବୈଜୟନ୍ତ, ବି. (ବି-ଜି = ଜୟ କରିବା-ଅନ୍ତ) ଇନ୍ଦ୍ରପୁରୀ, ଇନ୍ଦ୍ରଧ୍ୱଜ । (ସ୍ତ୍ରୀ-ଈ) ପତାକା; ଜାନୁ ପର୍ଯ୍ୟନ୍ତ ଲମ୍ବିତ ପଞ୍ଚବର୍ଣ୍ଣମୟୀ ମାଳା ।

ବୈଜ୍ଞାନିକ, ବିଂ. (ବିଜ୍ଞାନ-ଇକ) ନିପୁଣ; ବିଜ୍ଞାନଶାସ୍ତ୍ରବେତ୍ତା; ବିଜ୍ଞାନସମ୍ବନ୍ଧୀୟ ।

ବୈଣବିକ, ବିଂ. (ବେଣୁ-ଇକ ବାଦନାର୍ଥେ) ବେଣୁ ବା ବଂଶୀବାଦକ ।

ବୈଣିକ, ବିଂ. (ବୀଣା-ଇକ ବାଦନାର୍ଥେ) ବୀଣାବାଦକ ।

ବୈତଂସିକ, ବିଂ. (ବୀତଂସ=ଫାନ୍ଦ ବା ଜାଲ-ଇକ ଜୀବିତାର୍ଥେ) ମାଂସବିକ୍ରୟୀ, ଯେ ପଶୁ ପକ୍ଷୀ ପ୍ରଭୃତି ମାରି ମାଂସ ବିକ୍ରୟ କରେ ।

ବୈତନିକ, ବିଂ. (ବେତନ-ଇକ ଜୀବିତାର୍ଥେ) ବେତନଭୋଗୀ (କର୍ମକାର) । ବେତନ-ସାଧ୍ୟ ।

ବୈତାଳ, ବୈତାଳିକ, ବି. (ବିବିଧାସ୍ତାଳାଃ ପ୍ରୟୋଜନ ମେଷାଂ ବୈତାଳିକାଃ, ବି = ବିବିଧ-ତାଳ-ଇକ) ସ୍ତୁତିପାଠକ । ବିଂ. (ବେତାଳ-ଇକ) ବେତାଳସମ୍ବନ୍ଧୀୟ ।

ବୈଦିକ, ବି. ( ବେଦ-ଇକ ଜ୍ଞାନାର୍ଥେ ) ବେଦଜ୍ଞ ବ୍ରାହ୍ମଣ । ବିଂ. ବେଦବିହିତ, ବେଦୋକ୍ତ ।

ବୈଦୁଷ୍ୟ, ବି. (ବିଦ୍ୱସ୍=ପଣ୍ଡିତ-ଯ) ପାଣ୍ଡିତ୍ୟ, ବିଚକ୍ଷଣତା ।

ବୈଦେହ, ବି. (ବିଦେହ = ନଗରବିଶେଷ-ଅ) ସଙ୍କରଜାତିବିଶେଷ; ବଣିକ୍; ମିଥିଳାର ରାଜା । (ସ୍ତ୍ରୀ-ଈ) ବିଦେହ ରାଜକନ୍ୟା, ସୀତା; ବଣିକ୍‌ପତ୍ନୀ; ଗୋରୋଚନା; ପିପ୍ପଳୀ; ହରିଦ୍ରା ।

ବୈଦେହକ, ବି. (ବୈଦେହ-କ ସ୍ୱାର୍ଥେ) ବଣିକ୍; ଶୂଦ୍ରର ଔରସରେ ବୈଶ୍ୟାର ଗର୍ଭଜାତ ସନ୍ତାନ ।

ବୈଦ୍ୟ, ବି. (ବେଦ=ଆୟୁର୍ବେଦ-ଯ, ବିଦ୍ୟା-ଅ) ଆୟୁର୍ବେଦବେତ୍ତା; ବିଦ୍ୱାନ । ବିଂ. (ବେଦ-ଯ) ବେଦସମ୍ବନ୍ଧୀୟ ।

ବୈଦ୍ୟକ, ବି. (ବୈଦ୍ୟ-କ) ଚିକିତ୍ସାଶାସ୍ତ୍ର ।

ବୈଧ, ବିଂ. ( ବିଧି-ଅ ଅନପେତାର୍ଥେ ) ବିଧିସିଦ୍ଧ ।

ବୈଧାତ୍ର, ବି. ( ବିଧାତୃ-ଅ ଅପତ୍ୟାର୍ଥେ ) ବିଧାତାଙ୍କ ପୁତ୍ର ସନତ୍କୁମାର ପ୍ରଭୃତି । ବିଂ. ବିଧାତୃସମ୍ବନ୍ଧୀୟ ।

ବୈଧେୟ, ବିଂ. (ବିଧାତୁଂ ଯୋଗ୍ୟୋ ବିଧେୟଃ, ବିଧେୟ ଏବ ବୈଧେୟଃ, ବିଧେୟ-ଅ—ଯେ ଶିକ୍ଷା ପାଇବାର ଯୋଗ୍ୟ) ଅଜ୍ଞାନ, ମୂର୍ଖ । (ମୂର୍ଖ ବୈଧେୟ ବାଳିଶାଃ—ଅମର ।) ବିଧିସମ୍ବନ୍ଧୀୟ; ବିଧେୟସମ୍ବନ୍ଧୀୟ ।

ବୈନତେୟ, ବି. (ବିନତା-ଏୟ ଅପତ୍ୟାର୍ଥେ) ଗରୁଡ଼; ଅରୁଣ ।

ବୈପରୀତ୍ୟ, ବି. (ବିପରୀତ-ଯ) ବିପର୍ଯ୍ୟୟ; ଓଲଟା ।

ବୈଭବ, ବି. (ବିଭୁ = ପ୍ରଭୁ-ଅ) ବିଭୁତା, ସାମର୍ଥ୍ୟ; ବିଭବ, ସମ୍ପତ୍ତି; ମହିମା; ବାହୁଲ୍ୟ ।

ବୈମାତ୍ର, ବୈମାତ୍ରେୟ, ବି. (ବିମାତୃ-ଅ, ଏୟ ଅପତ୍ୟାର୍ଥେ) ବିମାତାର ସନ୍ତାନ ।

ବୈମାନିକ, ବିଂ. (ବିମାନ = ଆକାଶ-ଇକ) ବିମାନଚାରୀ, ଆକାଶବିହାରୀ ।

ବୈୟାକରଣ, ବିଂ. (ବ୍ୟାକରଣ-ଅ ଜ୍ଞାନାର୍ଥେ, ଯ = ଈୟ) ବ୍ୟାକରଣବେତ୍ତା; ବ୍ୟାକରଣ-ସମ୍ବନ୍ଧୀୟ ।

ବୈୟାସକି, ବି. (ବ୍ୟାସ-ଇ ଅପତ୍ୟାର୍ଥେ, ଯ୍ୟ=ଐୟ) ଶୁକଦେବ ।

ବୈୟାସିକ, ବୈୟାସକ, } ବିଂ. (ବ୍ୟାସ-ଇକ, ଅ କୃତାର୍ଥେ, ଯ=ଐୟ) ବ୍ୟାସଦେବ ପ୍ରଣୀତ; ବ୍ୟାସସମ୍ବନ୍ଧୀୟ । (ବୈୟାସିକୀ=ବ୍ୟାସପ୍ରଣୀତ ସଂହିତା ।)

ବୈର, ବି. (ବୈର-ଅ) ଶତ୍ରୁତା, ବିରୋଧ । (ବୀର-ଅ) ଶୌର୍ଯ୍ୟ । (ବିଶେଷଣରେ—ବୈରୀପ୍ରମାଣ ହୁଏ ।)

ବୈରନିର୍ଯ୍ୟାତନ, ବୈରପ୍ରତିକ୍ରିୟା, ବୈରପ୍ରତୀକାର, ବୈରଶୁଦ୍ଧି, } ବି. ସଂ. ଶତ୍ରୁତାର ପ୍ରତିକ୍ରିୟା, ଅପକାରର ପ୍ରତି ଅପକାରକରଣ ।

ବୈରାଗ୍ୟ, ବି. (ବିରାଗ-ଯ) ବିବେକ; ସଂସାରରେ ଔଦାସ୍ୟ, ବିରାଗ ।

ବୈଲକ୍ଷଣ୍ୟ, ବି. (ବିଲକ୍ଷଣ-ଯ) ପ୍ରଭେଦ, ପୃଥକ୍‌ଭାବ ।

ବୈଲକ୍ଷ୍ୟ, ବି. (ବିଲକ୍ଷ=ଲଜ୍ଜିତ-ଯ) ଲଜ୍ଜା; ବିସ୍ମୟ; ସ୍ୱଭାବରେ ବୈଲକ୍ଷଣ୍ୟ ।

ବୈବସ୍ୱତ, ବି. (ବିବସ୍ୱତ୍=ସୂର୍ଯ୍ୟ-ଅ ଅପତ୍ୟାର୍ଥେ) ସପ୍ତମମନୁ; ଯମ; ଶନି । (ସ୍ତ୍ରୀ-ଈ) ଦକ୍ଷିଣଦିଗ ।

ବୈଶେଷିକ, ବି. (ବିଶେଷ=ବିଶେଷପଦାର୍ଥ-ଇକ-ନିରୂପଣାର୍ଥେ) କଣାଦମୁନି ପ୍ରଣୀତ ଦର୍ଶନଶାସ୍ତ୍ର, (ଏହାଙ୍କର ମତ ନ୍ୟାୟଦର୍ଶନ ମତ ପ୍ରାୟ ।) ବିଂ. ତତ୍‌ଶାସ୍ତ୍ରଜ୍ଞ ।

ବୈଶ୍ୟ, ବି. (ବିଶ୍-ଯ) ତୃତୀୟବର୍ଣ୍ଣ, ବଣିକ ପ୍ରଭୃତି ।

ବୈଶ୍ରବଣ, ବି. (ବିଶ୍ରବସ୍-ଅ—ନିପାତନରେ ବିଶ୍ରବଣାଦେଶ, ବିଶେଷେଣ ଶୃଣୋତୀତି ବିଶ୍ରବାଃ, ତସ୍ୟାପତ୍ୟଂ ବୈଶ୍ରବଣଃ) କୁବେର; ରାବଣ ।

ବୈଶ୍ୱାନର, ବି. (ବିଶ୍ୱାନର=ମୁନିବିଶେଷ-ଅ ଅଥବା ବିଶ୍ୱ=ସମୂହ, ସମସ୍ତ-ନର=ମନୁଷ୍ୟଜାତି-ଅ, ସମସ୍ତ ନରମାନଙ୍କ କୁକ୍ଷିରେ ଅବସ୍ଥାନ କରୁଥିବାରୁ ଅଗ୍ନିଙ୍କ ନାମ ବୈଶ୍ୱାନର) ଅଗ୍ନି, ଅଗ୍ନିଲୋକାଧିପ ବହ୍ନି; ଚିତ୍ରକ ବୃକ୍ଷ ।

ବୈଷୟିକ, ବିଂ. (ବିଷୟ-ଇକ ସମ୍ବନ୍ଧାର୍ଥେ) ବିଷୟସମ୍ବନ୍ଧୀୟ ।

ବୈଷ୍ଣବ, ବି. (ବିଷ୍ଣୁ-ଅ ଭକ୍ତାର୍ଥେ) ବିଷ୍ଣୁଭକ୍ତ; ପୁରାଣବିଶେଷ । ବିଂ. ବିଷ୍ଣୁସମ୍ବନ୍ଧୀୟ । (ସ୍ତ୍ରୀ-ଈ) ବିଷ୍ଣୁଶକ୍ତି; ଦୁର୍ଗା; ଗଙ୍ଗା ।

ବୈସାରଣ, ବି. (ବିସାରନ୍-ଅ) ମତ୍ସ୍ୟ ।

ବୈସାଦୃଶ୍ୟ, ବି. (ବିସଦୃଶ-ଯ) ବୈଷମ୍ୟ ।

ବୋଢ଼ବ୍ୟ, ବିଂ. (ବହ୍=ବହନ କରିବା-ତବ୍ୟ) ବହନୀୟ ।

ବୋଢ଼ା, ବୋଢ଼ୃ, ବି. (ବହ୍-ତୃ) ବହନକର୍ତ୍ତା, ସ୍ଥାନାନ୍ତର ପ୍ରାପକ; ବିବାହକର୍ତ୍ତା; ଭାରବାହକ; ସାରଥି; ବୃଷଭ; ପଥଦର୍ଶକ ।

ବୌଦ୍ଧ, ବି. ବୁଦ୍ଧକୃତ ନିରୀଶ୍ୱରଶାସ୍ତ୍ର । ବିଂ. ବୁଦ୍ଧସମ୍ବନ୍ଧୀୟ ।

ବ୍ୟକ୍ତ, ବିଂ. (ବି-ଅନ୍‌ଜ୍=ପ୍ରକାଶିତ ହେବା-ତ) ସ୍ପଷ୍ଟ, ସ୍ଫୁଟ, ବିକସିତ; ପ୍ରକଟ; ସ୍ଥୂଳ; ଦୃଷ୍ଟ; ଅନୁମିତ; ପ୍ରକାଶିତ ।

ବ୍ୟକ୍ତି, ବି. ସ୍ତ୍ରୀ. (ବି-ଅନ୍‌ଜ୍-ତି) ଲୋକ, ଜୀବ, ଦ୍ରବ୍ୟ ପ୍ରକାଶ ।

ବ୍ୟଗ୍ର, ବିଂ. (ବି-ଅଗ୍ର=ପ୍ରଧାନ) ବ୍ୟସ୍ତ; ତ୍ୱରିତ; ବ୍ୟସ୍ତ; ଉଦ୍ୟମଶୀଳ; ଆଗ୍ରହୀ, ଆସକ୍ତ ।

ବ୍ୟଙ୍ଗ, ବିଂ. (ବି=ହୀନ-ଅଙ୍ଗ) ଅଙ୍ଗହୀନ । ବି. ଭେକ; ମୁଖରୋଗବିଶେଷ; କ୍ଷୁଦ୍ର ରୋଗବିଶେଷ । (ଏହି ରୋଗରେ ମୁଖରେ କଳା ଚିହ୍ନମାନ ହୁଏ ।) (ବିଶେଷଣରେ ବ୍ୟଙ୍ଗିତ ହୁଏ ।)

ବ୍ୟଙ୍ଗ୍ୟ, ବି. (ବି-ଅନ୍‌ଜ୍=ବ୍ୟକ୍ତ କରିବା-ଯ) ବ୍ୟଞ୍ଜନାବୃତ୍ତିରେ ବୋଧ ଅର୍ଥ, ତାତ୍ପର୍ଯ୍ୟାର୍ଥ, ନିଗୂଢ଼ଭାବ ।

ବ୍ୟଜ, ବ୍ୟଜନ, ବି. (ବି-ଅଜ୍=କ୍ଷେପଣ କରିବା-ଅ, ଅନ) ବାୟୁସଂଚାଳନ, ତାଳବୃନ୍ତ, ବିଞ୍ଚଣା ।

ବ୍ୟଞ୍ଜନ, ବି. (ବି-ଅଞ୍ଜ୍-ଅନ) ଚିହ୍ନ; କଖାଦି ହଲ୍‌ବର୍ଣ୍ଣ; ସୂପଶାକାଦି ତରକାରି; ସ୍ତ୍ରୀପୁଂଚିହ୍ନ । (ସ୍ତ୍ରୀ-ବ୍ୟଞ୍ଜନା) ବାକ୍ୟର ବ୍ୟଙ୍ଗ୍ୟାର୍ଥବୋଧକ ଶକ୍ତି । (ବିଶେଷଣରେ ବ୍ୟଞ୍ଜକ ଓ ବ୍ୟଞ୍ଜିତ ହୁଏ ।)

ବ୍ୟତିକର, ବି. (ବି-ଅତି-କୃ-ଅ) ବ୍ୟସନ ବା ବିପଦ; ବ୍ୟାପ୍ତି; ସମୂହ; ସମ୍ବନ୍ଧ; ମିଶ୍ରଣ; ଅନ୍ୟୋନ୍ୟ କର୍ମକରଣ । ବିଂ. ସମ୍ପର୍କଯୁକ୍ତ ।

ବ୍ୟତିକ୍ରମ, ବି. (ବି-ଅତି-କ୍ରମ୍-ଅ) ବୈପରୀତ୍ୟ; ଉଲ୍ଲଙ୍ଘନ । (ବିଶେଷଣରେ ବ୍ୟତିକ୍ରାନ୍ତ ହୁଏ ।)

ବ୍ୟତିରେକ, ବି. (ବି-ଅତି-ରିଚ୍ = ବିଯୁକ୍ତ କରିବା-ଅ) ବିଭିନ୍ନତା; ବିନା; ଅଭାବ; ବୃଦ୍ଧି; ଅତିକ୍ରମ । (ବିଶେଷଣରେ ବ୍ୟତିରିକ୍ତ ହୁଏ ।)

ବ୍ୟତିହାର, } ବି. (ବି-ଅତି-ହୃ-ଅ) ପରସ୍ପର
ବ୍ୟତୀହାର, } ଏକରୂପ କ୍ରିୟାକରଣ; ପରିବର୍ତ୍ତ, ବିନିମୟ; ମାରାମାରି; ଗାଳି ଦିଆଦେଇ, ଅନ୍ୟୋନ୍ୟ ଗାଳିଦେବା ।

ବ୍ୟତ୍ୟୟ, } ବି. ( ବି-ଅତି-ଇ = ଗମନ
ବ୍ୟତ୍ୟାସ, } କରିବା-ଅ, ବି-ଅତି-ଅସ୍ = କ୍ଷେପଣ କରିବା-ଅ ) ବ୍ୟତିକ୍ରମ; ବୈପରୀତ୍ୟ ।

ବ୍ୟତ୍ୟସ୍ତ, ବିଂ. (ବି-ଅତି-ଅସ୍-ତ) ବିପରୀତ-ଭାବେ ଅବସ୍ଥିତ; ଓଲଟପାଲଟ ।

ବ୍ୟଥା, ବି. ସ୍ତ୍ରୀ. ( ବ୍ୟଥ୍-ଅ-ଆ) ପୀଡ଼ା; ଶୋକ; ଭୟ; ବାଧା । (ବିଶେଷଣରେ ବ୍ୟଥିତ ହୁଏ ।)

ବ୍ୟପଦେଶ, ବି. (ବି-ଅପ-ଦିଶ୍ = ବୋଲିବା ଇତ୍ୟାଦି-ଅ) ଛଳ; ନାମ; କୁଳ, ବଂଶ; ନାମୋଲ୍ଲେଖ ବା କଥନ । (ବିଶେଷଣରେ ବ୍ୟପଦେଷ୍ଟା ହୁଏ ।)

ବ୍ୟଭିଚାର, ବି. [ବି-ଅଭି-ଚର୍ = (ବିରୁଦ୍ଧ) ଆଚରଣ କରିବା-ଅ] କଦାଚାର; ଅନ୍ୟଥା-ଚରଣ; ସ୍ଖଳନ; ପୁରୁଷର ପର ସ୍ତ୍ରୀ ସଂସର୍ଗ । (ବିଶେଷଣରେ ବ୍ୟଭିଚାରୀ ହୁଏ ।)

ବ୍ୟୟ, ବି. ( ବ୍ୟୟ୍ = ଖରଚ କରିବା ଅ ) ଖରଚ; ଅପଚୟ, ନାଶ; ଅଭାବ । (ବିଶେଷଣରେ ବ୍ୟୟିତ ଓ ବ୍ୟୟୀ ହୁଏ ।)

ବ୍ୟର୍ଥ, ବିଂ. ( ବି-ଅର୍ଥ ) ନିରର୍ଥକ, ନିଷ୍ପ୍ରୟୋଜନ ।

ବ୍ୟଳୀକ, ବି. (ବି-ଅଳ୍ = ନିବାରଣ କରିବା-ଇତ୍ୟାଦି-ଈକ) ପୀଡ଼ା; ମନୋଦୁଃଖ; ଲଜ୍ଜା; ଅପରାଧ; ପ୍ରତାରଣା; ବୈଲକ୍ଷ୍ୟ; ଲମ୍ପଟ । ବିଂ. ଅପ୍ରିୟ; ମିଥ୍ୟା; ଅଯୁକ୍ତ; କଷ୍ଟଦାୟକ; ଅପରିଚିତ; ଅଦ୍ଭୁତ ।

ବ୍ୟବକଳନ, } ବି. (ବି-ଅବ-କଳ୍ = ଗଣନ
ବ୍ୟବକଳନା, } କରିବା ଇତ୍ୟାଦି ଅନ) ବିଯୋଗ, ବିଯୋଜନ । (ବିଶେଷଣରେ ବ୍ୟବକଳିତ ହୁଏ ।)

ବ୍ୟବଧା, ବ୍ୟବଧାନ, } ବି. (ବି-ଅବ-ଧା-ଆ,
ବ୍ୟବଧି, } ଅନ, ଇ) ଆଚ୍ଛାଦନ; ତିରୋଧାନ; ଅନ୍ତର । (ବିଶେଷଣରେ ବ୍ୟବହିତ ଓ ବ୍ୟବଧାୟକ ହୁଏ ।)

ବ୍ୟବସାୟ, ବି. (ବି-ଅବ-ସୋ = ଉଦ୍‌ଯୋଗ କରିବା ଇତ୍ୟାଦି-ଅ) ଉଦ୍ୟମ ଯତ୍ନ; ବ୍ୟାପାର; ନିଶ୍ଚୟ; ଇଚ୍ଛା । (ବିଶେଷଣରେ ବ୍ୟବସାୟୀ ଓ ବ୍ୟବସିତ ହୁଏ ।)

ବ୍ୟବସ୍ଥା, ବି. ସ୍ତ୍ରୀ. (ବି-ଅବ-ସ୍ଥା-ଆ) ପୃଥକ୍ ପୃଥକ୍ ସ୍ଥାପନ; ଶାସ୍ତ୍ରୀୟ ବିଧି; ନିୟମ; ସ୍ଥିତି, ସ୍ଥିରତା । (ବିଶେଷଣରେ ବ୍ୟବସ୍ଥିତ ହୁଏ ।)

ବ୍ୟବସ୍ଥାପନ, ବି. (ବି-ଅବ-ସ୍ଥା-ଣିଚ୍-ଅନ, ପ ଆଗମ) ବ୍ୟବସ୍ଥାପ୍ରଣୟନ; ନିର୍ଦ୍ଧାରଣ, ନିଶ୍ଚିତକରଣ । (ବିଶେଷଣରେ ବ୍ୟବସ୍ଥାପିତ ହୁଏ ।)

ବ୍ୟବହାର, ବି. (ବି-ଅବ-ହୃ-ଅ) ବ୍ୟବସାୟ; ଋଣଦାନାଦି; ଆଚରଣ; ପ୍ରଥା ବା ରୀତି; ବାଣିଜ୍ୟ । (ବିଶେଷଣରେ ବ୍ୟବହର୍ତ୍ତା, ବ୍ୟବହାରୀ, ବ୍ୟବହାର୍ଯ୍ୟ ଓ ବ୍ୟବହୃତ ହୁଏ ।)

ବ୍ୟବାୟ, ବି. (ବି-ଅବ-ଇ = ଗମନ କରିବା-ଅ) ସ୍ତ୍ରୀସଙ୍ଗମ; ଆଚ୍ଛାଦନ; ଅନ୍ତର୍ଦ୍ଧାନ ।

**ବ୍ୟଷ୍ଟି**, ବି. (ବି-ଅଶ୍ = ବ୍ୟାପିବା-ତି) ପୃଥକ୍, ଭିନ୍ନ ।

**ବ୍ୟସନ**, ବି. [ବି-ଅସ୍ = (ଶ୍ରେୟସ୍ରୁ ମାର୍ଗରୁ) କ୍ଷିପ୍ତ ହେବା-ଅନ] ବିପଦ; ପତନ; ବିନାଶ; ଦୁଃଖ; ପାପ; ଅଶୁଭ; ବୃଥା ଚେଷ୍ଟା; ଦୁର୍ଭାଗ୍ୟ; ବିଷୟାସକ୍ତି; ଅଯୋଗ୍ୟତା; କାମକ୍ରୋଧାଦିଜନିତ ଦୋଷ; ମୃଗୟା, ଦ୍ୟୂତ, ଦିବାନିଦ୍ରା, ପରନିନ୍ଦା, ବେଶ୍ୟାସକ୍ତି, ନୃତ୍ୟ, ଗୀତ, କ୍ରୀଡ଼ା, ବୃଥା ଭ୍ରମଣ, ମଦ୍ୟପାନ ଏହି ଦଶ ପ୍ରକାର କାମଜ ଦୋଷ; ଦୁଷ୍ଟତା, ଦୌରାତ୍ମ୍ୟ, କ୍ଷତି, ଦ୍ୱେଷ, ଈର୍ଷା, ପ୍ରତାରଣା, କଟୂକ୍ତି, ନିଷ୍ଠୁରାଚରଣ ଏହି ଆଠପ୍ରକାର କ୍ରୋଧଜ ଦୋଷ ।

**ବ୍ୟସ୍ତ**, ବିଂ. (ବି-ଅସ୍ = ଉତ୍କଣ୍ଠିତ ହେବା ଇତ୍ୟାଦି-ତ) ବ୍ୟାକୁଳ; ବିଭକ୍ତ ବା ପୃଥକ୍ ପୃଥକ୍; ଉତ୍କ୍ଷିପ୍ତ; ବିପର୍ଯ୍ୟସ୍ତ ।

**ବ୍ୟାକରଣ**, ବି. ( ବି-ଆ-କୃ-ଅନ ) ଶବ୍ଦ-ବ୍ୟୁତ୍ପାଦକ ଶାସ୍ତ୍ର; ବ୍ୟାଖ୍ୟାନ; ବିକାଶନ ।

**ବ୍ୟାକୁଳ**, ବିଂ. ( ବି-ଆକୁଳ ) ଉତ୍କଣ୍ଠିତ; କାତର; ବ୍ୟାପୃତ; ଇତିକର୍ତ୍ତବ୍ୟତା-ଜ୍ଞାନଶୂନ୍ୟ ।

**ବ୍ୟାକୋଶ, ବ୍ୟାକୋଷ**, ବିଂ. (ବ୍ୟାବୃତ୍ତଃ କୋଶୋଽସ୍ୟ-ବ୍ୟାକୋଶଃ କୁଶଟଶ୍ଳିଷ୍ଟେଣ, ବି-ଆ-କୋଶ) ପ୍ରସ୍ଫୁଟିତ, ବିକସିତ ।

**ବ୍ୟାଖ୍ୟା, ବ୍ୟାଖ୍ୟାନ**, ବି. ସ୍ତ୍ରୀ. (ବି-ଆ-ଖ୍ୟା = ବର୍ଣ୍ଣନ କରିବା-ଅ-ଆ, ଅନ) ବିବରଣ, ଟୀକା, ଅର୍ଥପ୍ରକାଶନ; ବର୍ଣ୍ଣନ, କଥନ । (ବିଶେଷଣରେ ବ୍ୟାଖ୍ୟାତ, ବ୍ୟାଖ୍ୟେୟ ହୁଏ ।)

**ବ୍ୟାଘାତ**, ବି. (ବି-ଆ-ହନ୍-ଅ, ହନ୍ = ଘାତ) ଆଘାତ, ବିଘ୍ନ । (ବିଶେଷଣରେ ବ୍ୟାହତ ଓ ବ୍ୟାହନ୍ୟମାନ ପଦ ହୁଏ ।)

**ବ୍ୟାଘ୍ର**, ବି. (ବି-ଆ-ଘ୍ରା = ସୁଙ୍ଘିବା-ଅ) ବାଘ । (ସ୍ତ୍ରୀ-ବ୍ୟାଘ୍ରୀ) ଅନ୍ୟ ପଦର ପରେ ରହିଲେ ଶ୍ରେଷ୍ଠ । ଯେପରି—ପୁରୁଷବ୍ୟାଘ୍ର ।

**ବ୍ୟାଜ**, ବି. (ବି-ଅଜ୍ = ପ୍ରତାରଣା କରିବା ଇତ୍ୟାଦି-ଅ) କପଟ; ବାଧା, ବିଘ୍ନ; କାଳ ବିଳମ୍ବ; ଟଙ୍କାର ସୁଧ ବା କଳନ୍ତର ।

**ବ୍ୟାଦାନ**, ବି. (ବି-ଆ-ଦା = ବିସ୍ତୃତ କରିବା-ଅନ) ପ୍ରସାରଣ; ଉଦ୍‌ଘାଟନ । (ବିଶେଷଣରେ ବ୍ୟାଦିତ ହୁଏ ।)

**ବ୍ୟାଧ**, ବି. (ବ୍ୟଧ୍ = ବିଦ୍ଧ କରିବା, ପୀଡ଼ନ କରିବା-ଅ) ମୃଗବଧ ବ୍ୟବସାୟୀ । (ଜାତି) ଶବର; ନୀଚ ଜାତି; ଦୁଷ୍ଟ ।

**ବ୍ୟାଧି**, ବି. (ବି-ଆ-ଧା = ପୀଡ଼ିତ ହେବା-ଇ) ରୋଗ । (ବିଶେଷଣରେ ବ୍ୟାଧିତ ହୁଏ ।)

**ବ୍ୟାପନ, ବ୍ୟାପ୍ତି**, ବି. (ବି-ଆପ୍-ଅନ, ତି) ସର୍ବତ୍ର ଅବସ୍ଥାନ, ଆଚ୍ଛାଦନ । (ବିଶେଷଣରେ ବ୍ୟାପକ ଓ ବ୍ୟାପ୍ତ ହୁଏ ।)

**ବ୍ୟାପାଦନ**, ବି. (ବି-ଆ-ପଦ୍ = ଗମନ କରିବା-ଣିଚ୍-ଅନ) ମାରଣ, ବଧ; ପରର ଅନିଷ୍ଟଚିନ୍ତନ । ( ବିଶେଷଣରେ ବ୍ୟାପାଦିତ, ବ୍ୟାପାଦକ ହୁଏ । )

**ବ୍ୟାପାର**, ବି. (ବି-ଆ-ପୃ = ପରିଶ୍ରମ କରିବା-ଅ) ବ୍ୟବସାୟ; କାର୍ଯ୍ୟ; ଅଭ୍ୟାସ । (ବିଶେଷଣରେ ବ୍ୟାପାରିତ, ବ୍ୟାପୃତ ଓ ବ୍ୟାପାରୀ ହୁଏ ।)

**ବ୍ୟାୟାମ**, ବି. (ବି-ଆ-ଯମ୍ = ନିବୃତ୍ତ ହେବା, ଦୀର୍ଘ ହେବା-ଅ) ଶାରୀରିକ ପରିଶ୍ରମ; କ୍ଳାନ୍ତି; ଦୁର୍ଗମ ସ୍ଥାନ, ଭ୍ରମଣ; ବ୍ୟାପାର; ଦୈର୍ଘ୍ୟ ।

**ବ୍ୟାଳ**, ବି. (ବି-ଆ-ଅଲ୍ = ଭୂଷିତ କରିବା-ଅ, ଜମ୍ବା ଦଂଷ୍ଟ୍ରାଂ ବ୍ୟଡ଼ଣ୍ଣାତି ବ୍ୟାଡ଼ଃ, ଡଳୟୋ ରଭେଦାତ୍ ବ୍ୟାଳଃ—ଅଙ୍ଗ ଉଦ୍ୟମନେ, ବ୍ୟଲ୍ଲତ ଇତି ବ୍ୟାଳଃ—ଅଲଭୂଷଣ ପର୍ଯ୍ୟାପ୍ତି ବାରଣେଷୁ ) ସର୍ପ; ହିଂସ୍ରଜନ୍ତୁ; ଚିତାବାଘ; ଦୁଷ୍ଟ ହସ୍ତୀ; ରାଜା । ବିଂ. କ୍ରୂର; ଅପକାରୀ; ହିଂସ୍ର ।

**ବ୍ୟାଳଗ୍ରାହ, ବ୍ୟାଳଗ୍ରାହୀ**, ବିଂ. (ବ୍ୟାଳ-ଗ୍ରହ୍-ଅ, ଇନ୍) ସାପୁଆ, ସାପ ଧରି ଯେ ଜୀବିକା ନିର୍ବାହ କରେ ।

ବ୍ୟାବର୍ତ୍ତନ, ବି. ( ବି-ଆବର୍ତ୍ତନ ) ପରାଙ୍ମୁଖୀକରଣ, ଫେରାଇବା; ଫେରିବା, ପରାଙ୍ମୁଖ ହେବା । (ବିଶେଷଣରେ ବ୍ୟାବର୍ତ୍ତିତ ହୁଏ ।)

ବ୍ୟାବୃତ୍ତି, ବି. [ବି-ଆ-ବୃତ୍ = (ରହିବାର) ନିଷେଧ କରିବା ଇତ୍ୟାଦି-ତି ] ଖଣ୍ଡନ; ନିରାକରଣ; ବେଷ୍ଟନ; ସ୍ତୁତି; ନିଷେଧ; ବାଧା; ନିବୃତ୍ତି; ନିଯୋଗ; ବିପର୍ଯ୍ୟାସ । (ବିଶେଷଣରେ ବ୍ୟାବୃତ୍ତ ହୁଏ ।)

ବ୍ୟାସ, ବି. [ବି-ଆ-ଅସ୍ = (ହେବା) ବିଭାଗ କରିବା ଇତ୍ୟାଦି-ଅ] ବେଦବିଭାଗକର୍ତ୍ତା ମୁନିବିଶେଷ; ବୈଶମ୍ପାୟନ ବ୍ୟାସଦେବ; ପୁରାଣପାଠକ ବ୍ରାହ୍ମଣ; ଗୋଲ ବସ୍ତୁର ମଧ୍ୟ ରେଖା (**Diameter**); ବିସ୍ତାର; ବିଭାଗ ।

ବ୍ୟାସକୂଟ, ବି. ସଂ. ଗ୍ରନ୍ଥିକସ୍ୱରୂପ ଦୁର୍ବୋଧ ଓ ଅସ୍ପଷ୍ଟ ଶ୍ଳୋକ ।

ବ୍ୟାହାର, ବ୍ୟାହରଣ, ବ୍ୟାହୃତି, } ବି. (ବି-ଆ-ହୃ-ଅ, ଅନ, ତି) ଉକ୍ତି, କଥନ । (ବିଶେଷଣରେ ବ୍ୟାହୃତ ହୁଏ ।)

ବ୍ୟୁତ୍ପତ୍ତି, ବି. ସ୍ତ୍ରୀ. (ବି-ଉତ୍-ପଦ୍ = ବୋଧ କରିବା-ତି ) ଜ୍ଞାନବିଶେଷ, ଶାସ୍ତ୍ରଜ୍ଞାନ ବିଶେଷ, ଉତ୍ପତ୍ତି; ଶବ୍ଦର ପ୍ରକୃତି ପ୍ରତ୍ୟୟ ବିଭଜନ କୌଶଳ । ( ବିଶେଷଣରେ ବ୍ୟୁତ୍ପନ୍ନ, ବ୍ୟୁତ୍ପାଦ୍ୟ, ବ୍ୟୁତ୍ପାଦକ ଓ ବ୍ୟୁତ୍ପାଦିତ ପଦ ସିଦ୍ଧ ହୁଏ । )

ବ୍ୟୂଢ଼, ବିଂ. [ବି-ବହ୍ -(ବହନ କରିବା) ବଡ଼ ହେବା ଇତ୍ୟାଦି-ତ, ବ = ଉ] ବିପୁଳ; ସଂହତ; ସ୍ଥିତ; ବିନ୍ୟସ୍ତ; ଉତ୍ତମ; ଭୁଲ୍ଲ; ବିବାହିତ । (ବିଶେଷ୍ୟରେ ବ୍ୟୂଢ଼ି ହୁଏ ।)

ବ୍ୟୂହ, ବି. (ବି-ଉହ୍ = ତର୍କ କରିବା, ବିନ୍ୟାସ କରିବା, ବିସ୍ତାର କରିବା ଇତ୍ୟାଦି-ଅ) ସୈନ୍ୟରଚନା; ବିସ୍ତାର; ତର୍କ; ନିର୍ମାଣ; ସମୂହ; ସୈନ୍ୟସମୂହ, ଦେହ ।

ବ୍ୟୋମ, ବି. (ବ୍ୟୋମନ୍—ବିଶ୍ୱଂ ବ୍ୟୟନ୍ତି ସବୃଣୋତୀତି ବ୍ୟୋମ — ବ୍ୟେଞ୍ ସଂବରଣେ, ବ୍ୟୋମନ୍ ନିପାତନ) ଆକାଶ; ଜଳ; ଅଭ୍ରକ; ସୂର୍ଯ୍ୟଙ୍କ ଉପାସନା ମନ୍ଦିର ।

ବ୍ୟୋମକେଶ, ବି. (ବ୍ୟୋମନ୍-କେଶ ଯାହାର) ମହାଦେବ ।

ବ୍ୟୋମଯାନ, ବି. ସଂ. ବିମାନ, ଦେବଯାନ; ବେଲୁନ ।

ବ୍ରଜ, ବି. (ବ୍ରଜ୍ = ଗମନକରିବା-ଅ) ଗମନ; ସମୂହ; ଗୋଷ୍ଠ; ମଥୁରା ନିକଟସ୍ଥ ଗୋକୁଳଗ୍ରାମ; ପଥ । (ଗୋଷ୍ଠାଧ୍ୱନିବହାବ୍ରଜାଃ—ଅମର ।)

ବ୍ରଣ, ବି. (ବ୍ରଣ-କ୍ଷତକରିବା-ଅ) କ୍ଷତ, ଘାଆ । (ବିଶେଷଣରେ ବ୍ରଣିତ ଓ ବ୍ରଣୀ ହୁଏ ।

ବ୍ରତ, ବି. ( ବୃ = ପ୍ରାର୍ଥନାକରିବା-ଅତଚ୍ ) ନିୟମ । (ନିୟମୋବ୍ରତମସ୍ତ୍ରୀତୁ—ଅମର) । ପୁଣ୍ୟଜନକ କର୍ମ ।

ବ୍ରତତି, ବ୍ରତତୀ, } ବି. ସ୍ତ୍ରୀ. (ବୃତ୍ = ରହିବା-ଅତି, ଈ) ଲତା; ବିସ୍ତାର । (ବିସ୍ତାରବଲ୍ଲୋର୍ବ୍ରତତିଃ—ଅମର ।)

ବ୍ରଧ୍ନ, ବି. ସଂ. ସୂର୍ଯ୍ୟ; ଶିବ; ବୃକ୍ଷମୂଳ; ବ୍ରହ୍ମା; ଶରୀର; ପୁର ।

ବ୍ରଶ୍ଚନ, ବି. (ବ୍ରଶ୍ଚ୍ = ଛେଦନକରିବା-ଅନ) ଛେଦନ; ସ୍ୱର୍ଣ୍ଣାଦି ଛେଦନସାଧନ ଅସ୍ତ୍ର । ବିଂ. ଛେଦକ ।

ବ୍ରାତ, ବି. (ବୃ-ପ୍ରାର୍ଥନାକରିବା-ଅତ, ଅ-ଆ) ସମୂହ; ପତିତ ବ୍ରାହ୍ମଣଙ୍କ ସନ୍ତତି; ପାରିଶ୍ରମିକ ମଜୁରି; ବରଯାନ ଓ କନ୍ୟାଯାନ ।

ବ୍ରୀଡ଼, ବ୍ରୀଡ଼ା, ବ୍ରୀଡ଼ନ, } ବି. (ବ୍ରୀଡ଼୍ = ଲଜ୍ଜିତହେବା-ଅ,ଆ, ଅନ) ଲଜ୍ଜା । (ବ୍ରୀଡ଼ିତ ଶବ୍ଦର ଅର୍ଥ ଲଜ୍ଜିତ ଓ ଲଜ୍ଜା ହୁଏ ।)

ବ୍ରୀହି, ବି. ସଂ. ଧାନ୍ୟ; ଆଶୁଧାନ୍ୟ; ବିର ପ୍ରଭୃତି ।

# ଶ

**ଶ**, ବ୍ୟଞ୍ଜନମାଳାର ତ୍ରିଂଶ ବର୍ଣ୍ଣ । ବି. (ଶୀ = ଶୟନ କରିବା-ଅ) କଲ୍ୟାଣ; ଧର୍ମ; ଶିବ; ସୀମା । (ଶୋ = ତୀକ୍ଷ୍ଣ କରିବା-ଅ) ଶସ୍ତ୍ର ।

ଶ, ଶଅ, } ବି. ( ଶତ ଶବ୍ଦଜ, ପ୍ରାକୃତ )
ସ, ସଅ, } ୧୦୦ ସଂଖ୍ୟା ।

ଶଅମ୍ବର, ବିଂ. (ଶମ୍ବର ଶବ୍ଦଜ) ବନ୍ୟଜନ୍ତୁ ବା ମୃଗବିଶେଷ । ଯଥା—
ମୃଗ ଶୂକର ଶଅମ୍ବର ହରିଣୀ
କୃଷ୍ଣାଜିନର ସଙ୍ଗେ ମେଳ । ବି. ଗ.

ଶଅର, ବି. (ଶବର ଶବ୍ଦଜ) ଶବର, ଏକପ୍ରକାର ପାର୍ବତ୍ୟ ଜାତି ।

ଶଅଳ, ଶିଅଳ, ବି. (ଦେଶଜ) ଗୋରୁଙ୍କୁ ପୃଥକ୍ ରଖିବାପାଇଁ ଲଙ୍ଗଳର ଜୁଆଳରେ ଲାଗିଥିବା କାଷ୍ଠଦ୍ରବ୍ୟ ।

ଶଇଁ, ବି. (ଶମୀ ଶବ୍ଦଜ) ଶମିଗଛ ।

ଶଏ, ସଏ, } ବି. (ଶତ ଶବ୍ଦଜ) ଏକଶତ ।
ଶହେ, ସହେ, } ଯଥା—
ସୁରତି ମଣ୍ଡରେ ଶଏ (ସହେ) ଠାକର । ବି. ଚ. ମ.

ଶଂଯୁ, ଶଂବ, ବିଂ. (ଶମ୍ = କଲ୍ୟାଣ-ଯୁ, ବ ଯୁକ୍ତାର୍ଥେ) କଲ୍ୟାଣଯୁକ୍ତ । ବି. ସୌଭାଗ୍ୟ; ଇନ୍ଦ୍ରଙ୍କ ବଜ୍ର । (ଶତକୋଟିଃ ସ୍ୱରୁଃ ଶଂବଃ —ଅମର ।)

ଶଂସନ, ଶଂସା, ବି. (ଶନ୍ସ୍ = କୋଲିବା ଇତ୍ୟାଦି-ଅନ, ଅ-ଆ) କଥନ; ନଷ୍ଟସ୍ତୁ; ସ୍ତୁରନ; ଇଚ୍ଛା; ପ୍ରଶଂସା । (ବିଶେଷଣରେ ଶଂସିତ, ଶଂସୀ ଓ ଶଂସ୍ୟ ହୁଏ ।)

ଶକ, ବି. (ଶକ୍ = ପାରକ ହେବା-ଅ) ଅବ୍ଦପ୍ରବର୍ତ୍ତକ ରାଜା, ଶାଳିବାହନ ରାଜା; ତତ୍ପ୍ରବର୍ତ୍ତିତ ଅବ୍ଦ; ଦେଶବିଶେଷ; ଜାତିବିଶେଷ ।

ଶକଟ, ବି. ( ଶକ୍ = ପାରକ ହେବା-ଅଟ ) ଶଗଡ଼; ଅସୁରବିଶେଷ । (ସ୍ତ୍ରୀ-ଶକଟୀ, ଶକଟିକା ହୁଏ ।)

ଶକଟୀ, ସକଟୀ, ବି. (ଦେଶଜ, ଏଥିରେ ଶକଟ ପ୍ରଭୃତି ଖେଳାର ସାଧନ ଥାଏ ବୋଲି ଏହି ନାମ) ଖେଳବିଶେଷ । ଯଥା—
ଦ୍ୟୂତ ଶକଟୀ ପଶାରଙ୍ଗେ,
ମାତିଲ ବେଶ୍ୟାଗଣ ସଙ୍ଗେ । ଦା. ର.

ଶକଳ, ବି. (ଶକ୍ୟତେଭେତ୍ତୁମିତିଶକଳଂ-ଶକ୍ଳ-ଶକ୍ତୌ, ଶକ୍-ଅଳ) ଅଂଶ, ଏକଦେଶ; ଖଣ୍ଡ । (ଭିତ୍ତଂ ଶକଳଖଣ୍ଡେବା—ଅମର) ତ୍ୱକ୍, ଚର୍ମ ।

ଶକାର, ବି. ସଂ. ମଦମୂର୍ଖତା ଓ ଅଭିମାନବିଶିଷ୍ଟ ଦୁଷ୍କୁଳଜାତ ଏବଂ ରାଜାଙ୍କ ରକ୍ଷିତା ସ୍ତ୍ରୀର ଭ୍ରାତା ।

ଶକୁନ, ବି. (ଶକ୍-ଉନ) ଗୃଧ୍ର; ଚିଲ; ପକ୍ଷୀ; ଉତ୍ସବକାଳରେ ସ୍ତ୍ରୀମାନ ମଙ୍ଗଳଗୀତ; ଶୁଭାଶୁଭସୂଚକ ଚିହ୍ନ ।

ଶକୁନି, ବି. (ଶକ୍-ଉନି) ପକ୍ଷୀ; ଗୃଧ୍ର; ଚିଲପକ୍ଷୀ; ଦୁର୍ଯ୍ୟୋଧନଙ୍କ ମାତୁଳ, ସୌବଳ ।

ଶକୁନ୍ତ, ଶକୁନ୍ତି, ବି. (ଶକ୍-ଉନ୍ତ, ଉନ୍ତି) ପକ୍ଷୀ; ଭାସପକ୍ଷୀ; କୀଟବିଶେଷ ।

ଶକୁଳ, ଶକୂଳ, ବି. ( ଶକ୍-ଉଳ, ଊଳ ) ଷୋହଳ ମାଛ ।

ଶକୁଳାର୍ଭକ, ବି. ( ଶକୁଳ-ଅର୍ଭକ = ପିଲା ) ଗଡ଼ିଶ ମାଛ ।

ଶକୃତ୍, ବି. [ଶକ୍ = (ବହିଷ୍କୃତ ହେବାକୁ) ପାରଗ ହେବା-ଋତ୍] ବିଷ୍ଠା, ମଳ ।

ଶକ୍ତ, ବିଂ. (ଶକ୍ = ପାରଗ ହେବା-ତ) ଶକ୍ତିଯୁକ୍ତ, ସମର୍ଥ; କଠିନ; ପରିଶ୍ରମୀ; ପ୍ରିୟମ୍ବଦ ।

ଶକ୍ତି, ବି. (ଶକ୍-ତି) ବଳ, କ୍ଷମତା; ପ୍ରଭାବଜ, ଉତ୍ସାହଜ ଓ ମନ୍ତ୍ରଜ—ଏହି ତ୍ରିବିଧ ରାଜଶକ୍ତି; ଅସ୍ତ୍ରବିଶେଷ; ଗୌରୀ, ଲକ୍ଷ୍ମୀ, ଦେବୀବିଶେଷ; ଶବ୍ଦାଦିର ବୃତ୍ତିବିଶେଷ । ଏହା ତିନିପ୍ରକାର—ଅଭିଧା, ଲକ୍ଷଣା, ବ୍ୟଞ୍ଜନା ।

ଶକ୍ତିହେତିକ, ବି. (ଶକ୍ତି-ହେତି = ପ୍ରହରଣାସ୍ତ୍ରକ ସମାସାନ୍ତେ) ଶକ୍ତି ଅସ୍ତ୍ରଧାରୀ ଯୋଦ୍ଧା ।

ଶକ୍ତୁ, ବି. (ଶଚ୍ = କୋଲିବା ଇତ୍ୟାଦି-ତ-ନୁ) ଯବାଦିଚୂର୍ଣ୍ଣ, ଛତୁଆ ।

ଶକ୍ୟ, ବିଂ. (ଶକ୍ = ପାରଗହେବା-ଯ) ଶକ୍ତିଯୋଗ୍ୟ; ସମ୍ଭବ; ଯାହା କରି ଯାଇପାରେ, ଅଭିଧା ବୃତ୍ତିଦ୍ୱାରା ବୋଧ ।

ଶକ୍ର, ବି. (ଶକ୍ = ସାମର୍ଥ୍ୟ ପ୍ରକାଶ କରିବା-ର) ଇନ୍ଦ୍ର; (ଭୁଲ୍ଲିନାମଭୁରୁ) ପେଚକ, ପେଚୁ; କୁଟଜବୃକ୍ଷ; ଅର୍ଜୁନବୃକ୍ଷ; ଜ୍ୟେଷ୍ଠାନକ୍ଷତ୍ର ।

ଶକ୍ରଗୋପ, ବି. (ଶକ୍ର-ଗୋ = ପ୍ରାପ୍ତି-ପା = ରକ୍ଷା କରିବା-ଅ) ଇନ୍ଦ୍ରଗୋପ, ପାଟପୋକ ।

ଶକ୍ରଶାଳା, ବି. ସ୍ତ୍ରୀ. ସଂ. ଯଜ୍ଞଗୃହ ।

ଶକ୍ରଶିରଃ, ବି. ସଂ. ବଲ୍ମୀକ, ଉଇହିକରି ।

ଶକ୍ରାସନ, ବି. (ଶକ୍ର-ଅଶନ = ଭକ୍ଷଣୀୟ, ରାବଣ ସହିତ ଯୁଦ୍ଧ କଲା ସମୟରେ ବାନରଗଣଙ୍କ ଶରୀରରେ ପତିତ ଅମୃତ ଛିଟାରୁ ଯାହା ଉତ୍ପନ୍ନ) ଗଞ୍ଜାଇ ।

ଶକ୍ଷ, ଶଖ୍ୟ, ସକ୍ଷ, ସଖ୍ୟ, } ବି. (ଶକ୍ୟ ଶବ୍ଦଜ) ସାମର୍ଥ୍ୟ । ଯଥା—

ଅପ୍ରମେୟ ଆକାଶ କହିବା କେତେ ବଡ଼ି,
ଶକ୍ଷ ଅନୁକ୍ରମେ ଯିନା ପକ୍ଷୀ ଯାଏ ଉଡ଼ି । ନା.ର.ଗୀ.

ଶଗଡ଼, ସଗଡ଼, ବି. (ଶକଟ ଶବ୍ଦଜ) ଶକଟ, ଗାଡ଼ି ।

ଶଗଡ଼ବାଟୁଆ, ବି. (ଦେଶଜ) ବୃକ୍ଷବିଶେଷ । ଯଥା—

ବାଲପ୍ରରୂପ ଖୋଲେ ରଙ୍ଗେ ଯହିଁ ପ୍ରଜାପତିଙ୍କ ଆଟ,
ସୁରଭି-ଶଗଡ଼ବାଟୁଆ-ନିକୁଞ୍ଜେ କରନ୍ତି ନାଟ । ଉଷା ।

ଶଗଡ଼, ବି. (ଶକଟ ଶବ୍ଦଜ) ଶକଟ, ଗାଡ଼ି । ଯଥା—

ତୃଷ୍ଣି କରି ପୂର୍ଣ୍ଣ କଲ ସେ ସ୍ୱଭାବେ
ସମ୍ଭାରରେ ଗଡ଼ ଶଗଡ଼ । ଲା. ବ.

ଶଗଡ଼ିଆ, ସଗଡ଼ିଆ, } ବି. (ଶାକଟିକ ଶବ୍ଦଜ) ଶଗଡ଼ ବାହିବା ଲୋକ । ବିଂ. ଶଗଡ଼ ସମ୍ବନ୍ଧୀୟ ।

ଶଙ୍କର, ବି. (ଶମ୍ = କଲ୍ୟାଣ-କୃ-ଅ) ଶିବ । ବିଂ. ଶୁଭକାରକ । (ସ୍ତ୍ରୀ-ଈ) ପାର୍ବତୀ । ବିଂ. ଶୁଭଦାୟିନୀ ।

ଶଙ୍କା, ବି. ସ୍ତ୍ରୀ. (ଶନ୍କ୍ = ଖ୍ୟାତ ହେବା, ଆଶଙ୍କା କରିବା-ଅ-ଆ) ଭୟ; ସନ୍ଦେହ; ବିତର୍କ । (ବ୍ୟବହାରରେ) ଲଜ୍ଜା । (ବିଶେଷଣରେ ଶଙ୍କମାୟ ଓ ଶଙ୍କିତ ହୁଏ ।)

ଶଙ୍କିବା, କ୍ରି. (ଶଙ୍କା ଶବ୍ଦଜ) ଭୟ କରିବା; ବିତର୍କ କରିବା; ଲଜ୍ଜା କରିବା ବା ପାଇବା ।

ଶଙ୍କୁ, ବି. (ଶନ୍କ୍ = ଖ୍ୟାତ ହେବା ଇତ୍ୟାଦି-ଉ) ଅସ୍ତ୍ରବିଶେଷ; କୀଳକ; ଦ୍ୱାଦଶାଙ୍ଗୁଳ କାଠି; ସ୍ଥାଣୁ ବା ଲଣ୍ଡାଗଛ; ଶିବ; ଭୃତ; ପାପ; ଲିଙ୍ଗ, ମେଢ୍ର; ଚିହ୍ନ; ବର୍ଷା; ବଲ୍ମୀକ; ଭୟ; ପତ୍ରର ଶିରାସମୂହ; ଘଟିକାଯନ୍ତ୍ରର କଣ୍ଟା (**Index**); ସଂଖ୍ୟାବିଶେଷ; ମତ୍ସ୍ୟବିଶେଷ ।

ଶଙ୍କୁଅ, ବି. (ଦେଶଜ) ଜଳନିର୍ଗମନ ହେବା ପଥ, ପୋଲ । ଯଥା—

ଗୃହପାଶେ ବେଢ଼ିଅଛି କନକ ପାଚେରି,
ତଥି ପରେ ଖାଇକଲୀ ଜଳ ଅଛି ପୂରି ।
ଚହୁପାଶେ ଚହୁଦ୍ୱାର ପାଷାଣ ଶଙ୍କୁଅ,
ତଥି ଗୃହପାଶେ ବନ ଦିଶେ ଅତି ଭୟ । ବି. ରା.

ଶଙ୍କୁନି, ବି. (ଶକୁନି ଶବ୍ଦଜ) ଦୁର୍ଯ୍ୟୋଧନଙ୍କ ମାତୁଳ । (ଶଙ୍ଖିନୀ ଶବ୍ଦଜ) ଉପଦେବତାବିଶେଷ ।

ଶଙ୍କୁନ୍ୟ, ସଙ୍କୁନ୍ୟ, } ବି. (ଶକୁନ ଶବ୍ଦଜ) ଶୁଭାଶୁଭସୂଚକ ଚିହ୍ନ । ଯଥା—

ଦ୍ରୌପଦୀ ବୋଇଲେ ଆଗୋ ଶୁଣ ମୃଦୁସ୍ୱଲ,
ଏହିକ୍ଷଣି ଜାଣିବେ ମୁଁ ସଙ୍କୁନ୍ୟ ଦେଖିଲି । ସା.ଭା.ଆ.

ଶଙ୍ଖ, ବି. (ଶମ୍ = ଶାନ୍ତ ହେବା-ଖ) ସମୁଦ୍ରଜାତ ଦ୍ରବ୍ୟବିଶେଷ; ଲଲାଟର ଅସ୍ଥି; ଗଳଦେଶ; ନାଗବିଶେଷ; କୁବେର ନିଧିବିଶେଷ; ଧର୍ମଶାସ୍ତ୍ର ପ୍ରଣେତା ମୁନିବିଶେଷ; ରଣବାଦ୍ୟବିଶେଷ; ସଂଖ୍ୟାବିଶେଷ । (ଦେଶଜ) ପୋଲ, ଶଙ୍କୁଅ ।

ଶଙ୍ଖକ, ବି. (ଶଙ୍ଖ-କ) ଶଙ୍ଖନିର୍ମିତ ବଳୟ, ଶଙ୍ଖା; କପାଳ; ଲଲାଟ; ଶିରୋରୋଗବିଶେଷ ।

ଶଙ୍ଖଚିଲ, ବି. (ଶଙ୍ଖ-ଚିଲ୍ଲ ଶବ୍ଦ ଜାତ) ଗୁରୁଡ଼ ପକ୍ଷୀ, ଯେଉଁ ଚିଲର କଣ୍ଠ ଶଙ୍ଖାକୃତି ଓ ଶୁକ୍ଳ ଏବଂ ଶରୀର ପାଟଳ । ଯଥା—
ଧର୍ମ ଉଦୟେ ଆସି ହୋଇଲେ ପାଞ୍ଚାଳୀକ,
ଦୃଶ୍ୟ ହେଲ ଶଙ୍ଖଚିଲ ଭରଦ୍ୱାଜ ପକ୍ଷୀ । ସା. ଭା. ଆ.

ଶଙ୍ଖଚୂଡ଼ୀ, ଶଙ୍ଖଚୁଡ଼, ବି. ସ୍ତ୍ରୀ. (ଦେଶଜ ପ୍ରାୟ) ଶଙ୍ଖରେ ନିର୍ମିତ ଚୁଡ଼ୀ; ସ୍ତ୍ରୀର ଏକପ୍ରକାର ହସ୍ତାଭରଣ । ଯଥା—
ଜାଉଁଳ ଭାଡ଼ ସଜାଡ଼ି କଡ଼ିଆଳି ଶଙ୍ଖଚୁଡ଼ି
ସେ ପ୍ରୀତିରୁ ଦେଖିବାରୁ କାନ୍ତ ଅଧିକା । ଲ. ବ.

ଶଙ୍ଖବେଳାନ୍ୟାୟ, ବି. ସଂ. ଯେପରି କୌଣସି ବ୍ୟକ୍ତି ଶଙ୍ଖଶବ୍ଦଦ୍ୱାରା ବେଳାବିଶେଷ ନିର୍ଣ୍ଣୟ କରେ ।

ଶଙ୍ଖମୁଖ, ବି. ସଂ. କୁମ୍ଭୀର ।

ଶଙ୍ଖା, ସଙ୍ଖା, ବି. ସ୍ତ୍ରୀ. ( ଶଙ୍ଖକ ଶବ୍ଦଜ ) ସ୍ତ୍ରୀଲୋକେ ହସ୍ତରେ ପିନ୍ଧିବା ଏକପ୍ରକାର କାଚ । ଯଥା—
ଦୁଇ ହସ୍ତେ ଶଙ୍ଖା ଦେଇ କଲ ସୁଶୋଭନ । ବେ. ପ

ଶଙ୍ଖାରି, ବି. [ଶଙ୍ଖ (କ) କାରି ଶବ୍ଦଜ] ଯେଉଁ ଜାତି ଶଙ୍ଖା ତିଆରି କରନ୍ତି; ଯେଉଁମାନେ ଶଙ୍ଖା ବିକ୍ରୟ କରନ୍ତି । ଯଥା—
କେତେବେଳେ କାଚରି ଶଙ୍ଖାରି କଇବର୍ତ୍ତ । ର. କ.
ସଂ. (ଶଙ୍ଖ = ଅସୁରବିଶେଷ-ଅରି = ଶତ୍ରୁ) ବିଷ୍ଣୁ ।

ଶଙ୍ଖିନୀ, ବି. ସ୍ତ୍ରୀ. (ଶଙ୍ଖିନ୍-ଈ) ସ୍ତ୍ରୀଜାତିବିଶେଷ; ( ସ୍ତ୍ରୀ ସମୁଦାୟ ଚାରିପ୍ରକାର—ପଦ୍ମିନୀ, ଚିତ୍ରିଣୀ, ଶଙ୍ଖିନୀ ଓ ହସ୍ତିନୀ); ଉପଦେବତାବିଶେଷ ।

ଶଙ୍ଖୁଆ, ବିଂ. ( ଦେଶଜ ପ୍ରାୟ, ଶଙ୍ଖ-ଉଆ ) ଯେ ଶଙ୍ଖ ବଜାଏ । ଯଥା—
କେଳିକଦମ୍ବେ ଶଙ୍ଖଧ୍ୱନି କରନ୍ତି
ସଧୀରେ ଶଙ୍ଖୁଆ ମଧୁପ । ର. କ.
ବି. ଏକପ୍ରକାର ଦାରୁମୁଷିବିଷ । ଯଥା—
ମଧୁର ସ୍ୱାଦରେ ତାହା ଭୁଞ୍ଜିବ ମାରୁତ,
ଶଙ୍ଖୁଆ ମିଶାଇ ପଣାରସ ଦେଲେ କତ । ସା. ଭା. ଆ.
ବିଂ. ଶଙ୍ଖାକୃତିବିଶିଷ୍ଟ । ଯେପରି—ଶଙ୍ଖୁଆ ଆମ୍ବ ।

ଶଚ, ଶଚୀ, ବି. (ଶଚନ୍ତି ହଂସବତ୍ ଗଚ୍ଛନ୍ତି ଶଚୀ, ଶଚିଶୁଚିଗତୌ—ଶଚ୍-(ହଂସ ପରି) ଗମନ କରିବା-ଇ, ଈ) ଇନ୍ଦ୍ରାଣୀ ।

ଶଜାରୁ, ବି. (ଦେଶଜ) ଶଲ୍ଲକୀ; ଝିଙ୍କ ନାମକ ବନ୍ୟଜନ୍ତୁବିଶେଷ ।

ଶଟା, ବି. ସ୍ତ୍ରୀ. (ଶଟ୍ = ଗମନ କରିବା ଇତ୍ୟାଦି-ଅ-ଆ) ଜଟା; ପଶୁର କେଶର ।

ଶଠ, ବିଂ. (ଶଠ୍ = ବଞ୍ଚନା କରିବା-ଅ) ଧୂର୍ତ୍ତ; ଦୁଷ୍ଟ; ମୂର୍ଖ; ପାଜି; ନଷ୍ଟକର୍ମା; ଗୂଢ଼ବିପ୍ରିୟକାରୀ ନାୟକ । ବି. ଉଦାସୀନ ବ୍ୟକ୍ତି; କୁଙ୍କୁମ; ଧୁସ୍ତୁର, ଲୌହ ।

ଶଡ଼ଙ୍ଗ, ଶଡ଼ଙ୍ଗା, ବିଂ. (ଦେଶଜ) ଶୀର୍ଣ୍ଣ ଅଥଚ ଦୀର୍ଘ; ଡେଙ୍ଗା ପାତଳା ମନୁଷ୍ୟ ।

ଶଣ, ବି. [ଶଣ = (ସୂତ୍ର) ଦାନ କରିବା-ଅ] କ୍ଷୁଦ୍ର ବୃକ୍ଷବିଶେଷ; ଶଣଗଛ ।

ଶଣ୍ଡ, ବି. (ଶଣ୍ = ଦାନ କରିବା-ଡ଼) ବୃଷ । ( ଭ୍ରମରେଭ୍ୟୋରସଂସନୋଜ୍ଞିତ ଷଣ୍ଡଃ, ଷଣ୍ଡଶ୍ଚ ଷଣ୍ଡୁଦାନେ) ପଦ୍ମସମୂହ ।

ଶଣ୍ଡା, ବି. (ଶୁଣ୍ଡ ଶବ୍ଦଜ) ପିଆଜ ପ୍ରଭୃତିର ଶୁଣ୍ଡି ଭୂମି ପରିବର୍ଦ୍ଧିତ ପତ୍ର ।

ଶଣ୍ଡାସି, ସଣ୍ଡାସି, ଶଣ୍ଡୁଆସି, ସାଣ୍ଡୁଆସି, } ବି. (ସଂଦଂଶ ଶବ୍ଦଜ) ଲୁହାର ଚିମୁଟାବିଶେଷ ।

ଶଣ୍ଢ, ବି. (ଶଣ୍-ଦାନ କରିବା-ଢ଼) ପୁଂସ୍ତ୍ୱହୀନ ଅନ୍ତଃପୁର ସ୍ତ୍ରୀରକ୍ଷକ; ନପୁଂସକ; ବୃଷ; ସନ୍ତାନୋତ୍ପାଦନରେ ଅସମର୍ଥ ବ୍ୟକ୍ତି; ଉନ୍ମତ୍ତ ବ୍ୟକ୍ତି; ମତ୍ତ ।

ଶତ, ବିଂ. ସଂ. ୧୦୦ ସଂଖ୍ୟା ।

ଶତକ, ବିଂ. (ଶତ-କ ପରିମାଣାର୍ଥେ) ଶତସଂଖ୍ୟାବିଶିଷ୍ଟ । ବି. ଶତକବିତାନିବଦ୍ଧ କାବ୍ୟ । ଯେପରି—ଶାନ୍ତ ଶତକ; ଶତ ସଂଖ୍ୟା ।

**ଶତକୋଟି**, ବି. (ଶତ-କୋଟି=ଧାର ଯାହାର) ବଜ୍ର; ୧୦୦ କୋଟି ସଂଖ୍ୟା । (ବଜ୍ରର ନାମ ଶତଧାର ମଧ୍ୟ ହୁଏ ।)

**ଶତକ୍ରତୁ**, ବି. (ଶତ-କ୍ରତୁ=ଯାଗ-ଯାହାଦ୍ୱାରା ଅନୁଷ୍ଠିତ) ଇନ୍ଦ୍ର ।

**ଶତଘ୍ନୀ**, ବି. ସ୍ତ୍ରୀ. (ଶତ-ହନ୍-ଅ-ଈ) ଅସ୍ତ୍ରବିଶେଷ ।

**ଶତତମ**, ବିଂ. (ଶତ-ତମ ପୂରଣାର୍ଥେ) ଶତ ସଂଖ୍ୟାର ପୂରକ ।

**ଶତଧା**, ଅଂ. (ଶତ-ଧା ପ୍ରକାରାର୍ଥେ) ଶତ-ପ୍ରକାର; ଶତବାର ।

**ଶତପତ୍ର**, ବି. (ଶତ-ପତ୍ର) ପଦ୍ମପୁଷ୍ପ; ସାରସ-ପକ୍ଷୀ ।

**ଶତପର୍ବା**, ବି. (ଶତ-ପର୍ବ-ଯାହାର) ବଂଶ, ବାଉଁଶ; ଇକ୍ଷୁ, ଆଖୁ ।

**ଶତଭୀରୁ**, ବି. ସ୍ତ୍ରୀ. ସଂ. ମଲ୍ଲିକାପୁଷ୍ପ ।

**ଶତମଖ**, **ଶତମନ୍ୟୁ**, } ବି. ( ଶତ-ମଖ, ମନ୍ୟୁ = ଯଜ୍ଞ ) ଇନ୍ଦ୍ର ।

**ଶତରଞ୍ଜ**, **ଶତରଞ୍ଜି**, } ବି. ( ଦେଶଜ ପ୍ରାୟ ) ବିଚିତ୍ର ସୂତ୍ରନିର୍ମିତ ଆସନବିଶେଷ, ଗାଲିଚ; କ୍ରୀଡ଼ାବିଶେଷ ।

**ଶତଶଃ**, ଅଂ. (ଶତଶସ୍-ଶତ-ଶସ୍-ବାରାର୍ଥେ) ଶତବାର; ଶତ ଶତ କରି ।

**ଶତସାହସ୍ର**, ବିଂ. (ଶତସହସ୍ର-ଅ) ଲକ୍ଷ-ସଂଖ୍ୟକ, ଲକ୍ଷସଂଖ୍ୟା ।

**ଶତହ୍ରଦା**, ବି. ସ୍ତ୍ରୀ. (ଶତ-ହ୍ରଦ=ଆଲୋକ, କମ୍ପା ହ୍ରାଦ=ଶବ୍ଦ) ବିଦ୍ୟୁତ୍, ବିଜୁଳି ।

**ଶତାଙ୍ଗ**, ବି. (ଶତ-ଅଙ୍ଗ ଯାହାର) ରଥ । (ଶତାଙ୍ଗଃ ଶ୍ୟନ୍ଦନୋ ରଥଃ—ଅମର ।)

**ଶତାନକ**,ବି.(ଶତ-ଆନକ=ଢକ୍କା)ଶ୍ମଶାନ ।

**ଶତାନୀକ**, ବି. (ଶତ-ଅନୀକ=ସୈନ୍ୟ) ଯୁଦ୍ଧ; ରାଜବିଶେଷ; ଜନମେଜୟଙ୍କ ପୁତ୍ର । ବିଂ. ଶତସୈନ୍ୟବିଶିଷ୍ଟ ।

**ଶତ୍ରୁ**, ବି. (ଶଦ୍=ଗମନ କରିବା-ରୁ) ରିପୁ, ବିପକ୍ଷ ।

**ଶନଶନ**, ଅଂ. (ଦେଶଜ) ଅନୁକରଣ ଶବ୍ଦ-ବିଶେଷ । ଯଥା—

ଶନଶନ ଶରକୁଳ ଗୁଳିଲ ଅମ୍ବରେ । ବୈ. ସ.

**ଶନି**, **ଶନୈଶ୍ଚର**, } ବି. (ଶନ୍=ଦାନ କରିବା-ଇ, ଶନୈଃ=ଅଳ୍ପ ଅଳ୍ପ-ଚର୍=ଗମନ କରିବା-ଅ) ସପ୍ତମଗ୍ରହ । ବିଂ. (ଶନୈଶ୍ଚର=ମନ୍ଦଗାମୀ ।)

**ଶନୈଃ**, **ଶନୈଃଶନୈଃ**, } ଅଂ. ସଂ. ଅଳ୍ପ ଅଳ୍ପ; ମନ୍ଦ ମନ୍ଦ; କ୍ରମେକ୍ରମେ ।

**ଶପ**, **ଶପଥ**, **ଶପନ**, } ବି. ( ଶପ୍=ରାଣଦେବା-ଅ, ଅଥନ୍, ଅନ ) ରାଣ; ପ୍ରତିଜ୍ଞା ବା ସତ୍ୟାବଧାରଣ; ଭର୍ତ୍ସନା, ଗାଳି । (ବିଶେଷଣରେ ଶପମାନ=ଶପଥକାରୀ ।)

**ଶପ**, ବି. (ଶପ୍ପ ଶବ୍ଦଜ) ତୃଣବିଶେଷ ।

**ଶପ୍ତ**, ବିଂ. (ଶପ୍=ରାଣଦେବା-ତ) ଶାପଗ୍ରସ୍ତ । ବି. ଅଙ୍ଗୀକାର; ତୃଣବିଶେଷ ।

**ଶଫ**, ବି. (ଶମ୍=ଶାନ୍ତହେବା-ଣିଚ୍-ଅ, ମ=ଫ) ପଶ୍ୱାଦିର ଖୁରା; ବୃକ୍ଷମୂଳ ।

**ଶଫର**, **ଶଫରୀ**, } ବି. (ଶଫ=ଖୁରା-ରା = ତୁଲ୍ୟ ସ୍ତ୍ରୀ. ହେବା-ଅ, ଈ) କେରାଣ୍ଡି ମାଛ ।

**ଶବରଣୀ**, **ଶବରାଣୀ**, **ଶବରୁଣୀ**, **ଶବରଉଣୀ**, **ଶବରିବଣୀ**, } ବି. ସ୍ତ୍ରୀ. (ଶବର ଶବ୍ଦରେ ଦେଶଜ ପ୍ରତ୍ୟୟ ଯୋଗ) ଶବରସ୍ତ୍ରୀ । ଯଥା—

ସ୍ୱାମୀଙ୍କୁ ପ୍ରବୋଧି ସେ ଚଳଇ ଶବରଣୀ,
ସରୋବରେ ପଶିଣ ସେ ପୂରଇଲା ପାଣି । ସା. ଭ. ଆ.
ସେ କନ୍ୟାଠାରୁ ପୁଣି ଜନ୍ମିଲେ ଶକ୍ତିମୁନି,
ପୁଣି ସେ ବେଳକେ ବିଭା ହେଲେ ଶବରବଣୀ ।
ନୃ. ପୁ. ଭ. ତ.

**ଶବଳ**, ବିଂ. (ଶପ୍-ଅଳ, ଶବତି ନାନା-ବର୍ଣ୍ଣାମିତି ଶବଳଃ—ଶବଗତୌ) ନାନା-ବର୍ଣ୍ଣଯୁକ୍ତ । ବି. ନାନାବର୍ଣ୍ଣ ।

**ଶବ୍ଦ**, ବି. (ଶବ୍ଦ୍=ଧ୍ୱନିକରିବା-ଅ) ଧ୍ୱନି; ବିଭକ୍ତିରହିତ ନାମ; ଯଶ । (ବିଶେଷଣରେ ଶବ୍ଦାୟମାନ, ଶବ୍ଦିତ ହୁଏ ।)

ଶବ୍ଦକୋଷ, ବି. ସଂ. ଅଭିଧାନ (Dictionary)।

ଶବ୍ଦଗ୍ରହ, ବି. (ଶବ୍ଦ-ଗ୍ରହ୍=ଗ୍ରହଣ କରିବା-ଅ) କର୍ଣ୍ଣ; ଶବ୍ଦର ଜ୍ଞାନ।

ଶବ୍ଦନ, ବି. (ଶବ୍ଦ-ଅନ) ଶବ୍ଦ୍। ବିଂ. ଶବ୍ଦାୟମାନ।

ଶବ୍ଦଯୋନି, ବି. ସ୍ତ୍ରୀ. (ଶବ୍ଦ-ଯୋନି=ଉତ୍ପତ୍ତି-ସ୍ଥାନ) ଧାତୁ।

ଶବ୍ଦଶାସ୍ତ୍ର, ବି. ସଂ. ବ୍ୟାକରଣାଦି ଶାସ୍ତ୍ର।

ଶବ୍ଦାନୁଶାସନ, ବି. ସଂ. ବ୍ୟାକରଣଶାସ୍ତ୍ର।

ଶମ୍, ଅଂ. (ଶୀ=ଶୟନ କରିବା-ଡମ) କଲ୍ୟାଣ, ସୁଖ।

ଶମ, ବି. (ଶମ୍=ଶାନ୍ତହେବା-ଅ) ଶାନ୍ତି; ଅନ୍ତରିନ୍ଦ୍ରିୟନିଗ୍ରହ; ମୋକ୍ଷ; ମନଃସଂଯମ; କ୍ଷମା; ନିବୃତ୍ତି; ତିରସ୍କାର; ହସ୍ତ। (ବିଶେଷଣରେ ଶମକ, ଶମିତ ଏବଂ ଶମୟିତା ହୁଏ।)

ଶମନ, ବି. (ଶମ୍=ଶାନ୍ତହେବା-ଣିଚ୍-ଅନ) ଯଜ୍ଞାର୍ଥ ପଶୁବଧ; ମନଃଶାନ୍ତି; ହିଂସା; ତିରସ୍କାର; ଚର୍ବଣ; ଆଘାତ; ଦମନ; ଯମ; ମୃଗବିଶେଷ।

ଶମନସ୍ୱସା, ବି. ସ୍ତ୍ରୀ. (ଶମନ=ଯମ, ସ୍ୱସା= ଭଗିନୀ) ଯମୁନାନଦୀ।

ଶମା, ସମା, ବି. (ଶମ୍ୟା ଶବ୍ଦଜ) ଢେଙ୍କୀର ଥୋଡରେ ଲାଗିବା ଲୌହବଳୟ।

ଶମି, ଶମୀ, ବି. (ଶମ୍=ପୀଡ଼ାଶାନ୍ତ କରିବା-ଣିଚ୍-ଇ, ଈ) ବୃକ୍ଷବିଶେଷ।

ଶମୀଗର୍ଭ, ବି. ସଂ. ବ୍ରାହ୍ମଣ; ଅଗ୍ନି।

ଶମ୍ପା, ବି. ସ୍ତ୍ରୀ. (ଶମ୍=ସୁଖ-ପା=ପାନ କରିବା-ଅ, ଆ, ଉପୁଙ୍କର ଆକୃତିଦ୍ୱାରା ଯେ ସୁଖ ନଷ୍ଟ କରେ) ବିଦ୍ୟୁତ୍, ବିଜୁଳି।

ଶମ୍ପାକ, ବି. (ଶମ୍=ହର୍ଷ-ପାକ=ଯେ ପକ୍ୱ କରେ) ସୁନାରିଗଛ; ଅଳକ୍ତକ, ଅଳତା; ରଞ୍ଜନ।

ଶମ୍ବ, ସମ୍ବ, ବି. (ଶମ୍ବ୍=ଗତି କରିବା-ଅ) ବଜ୍ର; ଲୌହମୟାଗ୍ରଭାଗ ମୁଦଗର; ଦରିଦ୍ର। ବିଂ. ଭାଗ୍ୟବାନ୍, ଶୁଭାନ୍ୱିତ।

ଶମ୍ବର, ବି. (ଶମ୍ବ୍=ଗମନ କରିବା-ଅର) ଅସୁରବିଶେଷ; ମୃଗବିଶେଷ; ମତ୍ସ୍ୟ-ବିଶେଷ; ଯୁଦ୍ଧ; ଜଳ; ଧନ; ଶ୍ରେଷ୍ଠ।

ଶମ୍ବଳ, ବି. (ଶମ୍ବ୍-ଅଳ) ପାଥେୟ, ପଥଖରଚ; କୂଳ ବା ତୀର; ମାତ୍ସର୍ଯ୍ୟ। (ସ୍ତ୍ରୀ-ଶମ୍ବଳୀ) କୁଟ୍ଟିନୀ।

ଶମ୍ବୁ, ଶମ୍ବୂ, ଶମ୍ବୁକ, ଶମ୍ବୂକ, } ବି. (ଶମ୍=ଶାନ୍ତ ହେବା-ଉ, ଊ, କ ଆଗମ, କ ଯୋଗ) ଶାମୁକ; ଗଜକୁମ୍ଭାଗ୍ର; କ୍ଷୁଦ୍ରଶଙ୍ଖ; ଦୈତ୍ୟବିଶେଷ।

ଶମ୍ଭଳୀ, ବି. ସ୍ତ୍ରୀ. (ଶମ୍=ସୁଖ-ଭଲ୍=ବର୍ଣ୍ଣନା କରିବା-ଅ-ଈ) ଦୂତୀ; କୁଟ୍ଟିନୀ।

ଶମ୍ଭୁ, ବି. (ଶମ୍=କଲ୍ୟାଣ-ଭୂ=ହେବା-ଉ, ଯାହା ହେତୁରୁ ମଙ୍ଗଳ ହୁଏ) ଶିବ; ବ୍ରହ୍ମା; ବିଷ୍ଣୁ।

ଶମ୍ୟା, ବି. ସ୍ତ୍ରୀ. ସଂ. ଯୁଗକୀଳକ, ଜୁଆଳି କାଠର ଖିଲ। (ଶମ୍ୟାତୁ ଯୁଗକୀଳକଃ— ଅମର।)

ଶମ୍ୟାକ, ବି. ସଂ. ଶାଳ୍ମଳୀରଜ; ଶମିପରାଗ। ଯଥା—(ଶମ୍ୟକସ୍ୟ ରଜଃ ପ୍ରମୃଜ୍ୟ ଚରଣେ ଦତ୍ତୋମୟା ଯାବକଃ।)

ତୋ ପାଦାବ୍ଜେ ଲିହିଲି ଅଳତା
ପୋଛି ଶମ୍ୟାକ ଧୂଳି। ଜା. ପ. ନା.

ଶୟ, ବି. (ଶଯ୍ୟା ଶବ୍ଦର ଅପଭ୍ରଂଶ) ଶଯ୍ୟା। ଯଥା—

ସଞ୍ଜବେଳୁ ସଜ କର ଶୟ,
ସଜସୁମନେ ହୋଇବ ସଜ। ବି. ଚ. ମ.

ଶୟ୍ୟ, ବି. (ଶୀ=ଶୟନ କରିବା-ଅ, ଯହିଁରେ ମସ୍ତକ ଦେଇ ଶୟନ କରିବାକୁ ହୁଏ) ହସ୍ତ; ଶଯ୍ୟା; ନିଦ୍ରା; ସର୍ପ; ପଣ। ବିଂ. ଶୟନକାରୀ।

ଶୟୁତ୍ନ, ବି. (ଶ୍ୟେନ ଶବ୍ଦଜ) ଶ୍ୟେନପକ୍ଷୀ।

ଶୟୁତାନ, ବି. (ଯାବନିକ) ଭୂତ; ପିଶାଚ; ଦୁଷ୍ଟ।

ଶୟନ, ବି. (ଶୀ=ଶୋଇବା-ଅନ) ନିଦ୍ରା; ସ୍ତ୍ରୀସଙ୍ଗମ; ଶଯ୍ୟା; ଖଟ୍ୱା।

ଶୟନୀୟ, } ବି. (ଶୀ = ଶୋଇବା-ଅନୀୟ-କ
ଶୟନୀୟକ, } ଯୋଗ) ଶୟନର ସ୍ଥାନ; ଶଯ୍ୟା । ବିଂ. ଶୟନଯୋଗ୍ୟ ।

ଶୟଳ, ବି. (ଦେଶଜ) ସଂସାର । ଯଥା—

ଦେଖ ନାଥ ତୋର ମାୟାବଳେ,
ମୋହିତ ଜନ ଏ ଶୟଳେ । ଭ୍ର. ଦ. ସ୍ତୁ.

ଶୟାନ, ବିଂ. (ଶୀ = ଶୋଇବା-ଆନ) ନିଦ୍ରିତ, ଯେ ଶୟନ କରିଅଛି ।

ଶୟାଳୁ, ବିଂ. (ଶୀ-ଆଳୁ ଶୀଳାର୍ଥେ) ନିଦ୍ରାଳୁ, ସର୍ବଦା ନିଦ୍ରାଶୀଳ । ବି. ଅଜଗର ସର୍ପ; ଶୃଗାଳ; କୁକୁର ।

ଶୟିତ, } ବିଂ. (ଶୀ = ଶୟନ କରିବା-ତ,
ଶୟିତବତ୍, } ତବତ୍) ନିଦ୍ରିତ ଯେ ଶୟନ କରିଅଛି । ବି. ଶୟନ ।

ଶଯ୍ୟା, ବି. ସ୍ତ୍ରୀ. (ଶୀ = ଶୋଇବା-ଯ-ଆ) ଶୟନୀୟ, ବିଛଣା; ଖଟ୍ବା; ଶୟନ; ଶବ୍ଦଗୁମ୍ଫ ।

ଶର, ସର, ବି. (ଶୃ = ଭେଦ କରିବା-ଅ) ବାଣ; ଶରତୃଣ; ଜଳ; ଦଧି ଦୁଗ୍ଧର ସାରଭାଗ ।

ଶରଜ, } ବି. (ଶରଜନ୍ମନ-ଶର = ତୃଣ-
ଶରଜନ୍ମା, } ଜନ୍-ଅ, ମନ୍) କାର୍ତ୍ତିକେୟ ।

ଶରଟ, } ବି. (ଶୃ, ସୃ = ବଧ କରିବା-
ସରଟ, } ଅଟନ୍) କୃକଳାସ, ଏଣ୍ଡୁଅ ।

ଶରଣ, ବି. (ଶୃ = ହିଂସା କରିବା-ଅନ) ଗୃହ; ରକ୍ଷକ; ରକ୍ଷା; ଆଶ୍ରୟ; ବଧ ।

ଶରଣାଗତ, ବିଂ. (ଶରଣ = ରକ୍ଷା-ଆଗତ— ରକ୍ଷଣାର୍ଥ ଯେ ଆସିଅଛି) ଶରଣାପନ୍ନ, ରକ୍ଷାର୍ଥୀ ।

ଶରଣି, } ବି. ସ୍ତ୍ରୀ. (ଶୃ = ହିଂସା କରିବା-ଅନ,
ଶରଣୀ, } ଇ) ପଥ, ରାସ୍ତା; ପ୍ରସାରଣୀଗଛ ।

ଶରଣ୍ୟ, ବିଂ. (ଶରଣ-ଯ) ରକ୍ଷାକର୍ତ୍ତା, ରକ୍ଷଣସମର୍ଥ; ରକ୍ଷଣୀୟ । ବି. ଆଶ୍ରୟ; ଗୃହରକ୍ଷଣ; ଆଘାତ; କ୍ଷତ । (ସ୍ତ୍ରୀ-ଆ) ଦୁର୍ଗା ।

ଶରଦ୍, ବି. (ଶୃ = ହିଂସା କରିବା-ଅଦ୍) ଋତୁବିଶେଷ, ଆଶ୍ୱିନ ଓ କାର୍ତ୍ତିକ ମାସ; ବର୍ଷ ।

ଶରଧା, } ବି. (ଶ୍ରଦ୍ଧା ଶବ୍ଦର ଅପଭ୍ରଂଶ) ଅତି
ସରଧା, } ସ୍ନେହ । ଯଥା—

କହୁଥାଏ ମନ ଏ ରଥେ-ଗମନ
କରିବାକୁ ବଡ଼ ଶରଧା । ର. କ.

ଶରଧି, ବି. (ଶର-ଧା = ଧାରଣ କରିବା-ଇ) ଶରାଧାର, ତୂଣୀର ।

ଶରଭ, ବି. (ଶୃ = ହିଂସା କରିବା-ଅଭ) ଅଷ୍ଟପାଦ ମୃଗବିଶେଷ; ଉଷ୍ଟ୍ର; ହସ୍ତିଶାବକ; ବାନରବିଶେଷ; ଶଲଭ ।

ଶରମ, ବି. (ଯାବନିକ) ଲଜ୍ଜା ।

ଶରବ୍ୟ, ବି. (ଶର-ବ୍ୟେଞ୍ = ସଂବରଣ କରିବା-ଅ, ଶରୈଃ ବ୍ୟୟତେ ଇତି ଶରବ୍ୟଂ, ବ୍ୟେଞ୍ ସଂବରଣେ) ଶରର ଲକ୍ଷ ।

ଶରା, ସରା, ବି. (ଶରାବ ଶବ୍ଦର ଅପଭ୍ରଂଶ) ମୃତ୍ପାତ୍ରବିଶେଷ । ଯଥା—

ଅଜ୍ଞାନେ ଧରାକୁ କର ଶରା ଜ୍ଞାନ । ଦ. ବା.

ଶରାଟି, ଶରାଣି, ଶରାଡ଼ି, } ବି. ସଂ. ପକ୍ଷି-
ଶରାରି, ଶରାସି, ଶରାଳୀ, } ବିଶେଷ ।

ଶରାବ, ସରାବ, ବିଂ. (ଯାବନିକ) ମତୁଆଲି ବା ମଦ୍ୟପାୟୀ ।

ଶରାରୁ, ବିଂ. (ଶୃ = ହିଂସା କରିବା-ଆରୁ ଶୀଳାର୍ଥେ) ହିଂସ୍ର, ଘାତୁକ । (ଶରାରୁର୍ଘାତୁକୋ ହିଂସ୍ରଃ = ଅମର ।)

ଶରାରୋପ, ବି. (ଶର-ଆରୋପ = ଆଶ୍ରୟ) ଧନୁକ ।

ଶରାବ, ବି. (ଶର = ଦାନ କିମ୍ବା ଦଧି ପ୍ରଭୃତିର ସାର-ଅବ୍ = ରକ୍ଷା କରିବା-ଅ) ମୃତ୍ପାତ୍ରବିଶେଷ, ଶରା; ସେର ପରିମାଣ ।

ଶରାସନ, ବି. (ଶର-ଆସନ) ଧନୁକ, କାର୍ମୁକ ।

ଶରୀର, ବି. (ଶୃ = ନଷ୍ଟହେବା-ଈର) ଦେହ ।

ଶରୀରୀ, ବି. (ଶରୀରିନ୍-ଶରୀର-ଇନ୍ ଅସ୍ତ୍ୟର୍ଥେ) ଆତ୍ମା, ଜୀବାତ୍ମା; ପ୍ରାଣୀ, ଜୀବ; ମନୁଷ୍ୟ; ଜନ୍ତୁ ।

ଶର୍କରା, ବି. ସ୍ତ୍ରୀ. (ଶୃ = ବଧ କରିବା, ନଷ୍ଟହେବା-କରନ୍-ଆ) ସାକର, ଚିନି; ରୋଗବିଶେଷ; ଖପରା; ଉପଳଖଣ୍ଡ; ଖଣ୍ଡ; ଶର୍କରାନ୍ୱିତ ଦେଶ । (ଶର୍କରା ଖଣ୍ଡ ବିକୃତା ବୁପଳା କର୍ପରାଂଶୟୋଃ । ଶର୍କରାନ୍ୱିତଦେଶେଽପି ରୁକ୍ଭେଦେ ଶକଳେଽପି ଚ —ମେଦିନୀ ।)

ଶର୍କରିଳ, ବିଂ. (ଶର୍କରା-ଇଳ) ଶର୍କରାନ୍ୱିତ ଦେଶ ।

ଶର୍ମ, ବି. [ଶର୍ମନ୍—ଶ=(ଅଶୁଭ) ହିଂସା କରିବା-ମନ୍] ସୁଖ; ସ୍ୱଚ୍ଛନ୍ଦ; କଲ୍ୟାଣ । (ଶର୍ମା) ବ୍ରାହ୍ମଣମାନଙ୍କ ଉପନାମ ।

ଶର୍ବ, ବି. ( ଶର୍ବ୍=ବଧ କରିବା-ଅ ) ମହାଦେବ । (ସ୍ତ୍ରୀ-ଶର୍ବାଣୀ) ପାର୍ବତୀ ।

ଶର୍ବର, ବି. ( ଶର୍ବ୍=ବଧ କରିବା-ଅର ) ଅନ୍ଧକାର; କନ୍ଦର୍ପ ।

ଶର୍ବରୀ, ବି. ସ୍ତ୍ରୀ. (ଶର୍ବ୍=ବଧ କରିବା-ଅର-ଈ) ରାତ୍ରି; ନାରୀ; ହରିଦ୍ରା ।

ଶର୍ବଳା, ବି.ସ୍ତ୍ରୀ.(ଶର୍ବ=ସିଂହାସନ-ଲା ଗ୍ରହଣ କରିବା-ଅ-ଆ) ତୋମରାସ୍ତ୍ର, ସାବଳ । ( ସର୍ବଳା ମଧ ହୁଏ—ସର୍ବାନ୍ ଲାତି ସର୍ବଳା, ଯେ ସମସ୍ତ ଶତ୍ରୁମାନଙ୍କୁ ଗ୍ରହଣ କରେ । )

ଶଲ, ବି. (ଶଲ୍=ଗମନ କରିବା-ଅ) ଶଲ୍ଲକୀ-ଲୋମ; ଝିଙ୍କକାଠି; କୁନ୍ତଅସ୍ତ୍ର; ଉଷ୍ଟ୍ର; ବ୍ରହ୍ମା ।

ଶଲ, ସଲ, ସଲ୍ଲ, ବି. (ଶଲ୍ୟ ଶବ୍ଦଜ, ପ୍ରାକୃତ) ଅସ୍ତ୍ରବିଶେଷ । ଯଥା—

ଜଳା ହେଲେ କୋକିଳ ସରସ୍ୱତୀ କେବଳ
ବିରହିଜନ ଶଲ । ର. କ.

ନିତାନ୍ତ ଅହିତ । ଯଥା—

ରଥୀ ମହାରଥୀ ମଲ୍ଲ, ଅଶ୍ୱ ଗଜ ପଲପଲ,
ମଲେ ଦୈତ୍ୟ ଭଲ ଭଲ ପୃଥିବୀ ସଲ । ବି. ର.

କଣ୍ଟକ ବା ଶଙ୍କୁ । ଯଥା—

ଲୋକେ ବୋଲିବେ ମୋତେ ଭଲ,
ତେବେ ସେ ଯିବ ଆତ୍ମା ସଲ । ଭ୍ର. ଦ. ସ୍ମ.

ଶଲଭ, ବି. ( ଶଲ୍=ଗମନ କରିବା-ଅଭ ) ପତଙ୍ଗ, ଝିଣ୍ଟିକା ।

ଶଲରା, } ବି. (ଶଲ୍ଲକୀ ଶବ୍ଦଜ) କଣ୍ଟକ ବୃକ୍ଷ-
ସଲରା, } ବିଶେଷ । (ମହୁକ ଶବ୍ଦ ଦେଖ ।)

ଶଲଲ, ବି. ( ଶଲ୍=ଗମନ କରିବା-ଅଲ ) ଶଲ୍ଲକୀ ଲୋମ; ଝିଙ୍କକାଠି ।

ଶଳା, ସଳା, ବି. (ଶାଳକ ଶବ୍ଦଜ) ଭାର୍ଯ୍ୟାର ଭାଇ । (ଶଳାକା ଶବ୍ଦର ଅପଭ୍ରଂଶ) ଶଳାକା; ଭୂଲ । (ଯାଜନିକ) ପରାମର୍ଶ ।

ଶଳାକା, ବି. ସ୍ତ୍ରୀ. (ଶଲ୍=ଗମନ କରିବା-ଆକ-ଆ) କ୍ଷୁଦ୍ରଯଷ୍ଟି; ନଳ; ଅଙ୍କୁର; ବାଣ; ତୁଳି; ଅସ୍ଥି ବା ହାଡ଼; କଣ୍ଟା; ଶଲ୍ୟ; ଦିଆସିଲ୍ଲାଇ କାଠି; ଦାନ୍ତକାଠି ପ୍ରଭୃତି ।

ଶଲାଟୁ, ବି. ( ଶଲ୍=ଗମନ କରିବା-ଆଟୁ ) ଅପକ୍ୱ ଫଳ । (ଆମେଫଳେ ଶଲାଟୁଃସ୍ୟାତ୍ —ଅମର ।)

ଶଳାଭାଉଜ, ବି. (ଦେଶଜ) ଶାଳକର ପତ୍ନୀ ।

ଶଲ୍କ, ବି. (ଶଲ୍=ଗମନ କରିବା-କ) ଖଣ୍ଡ; ବଲ୍କଳ । (ଶଲ୍କଂ ଶକଲବଲ୍କଳେ— ଅମର ।) ଆଁଇସକାତି ବା ମାଛକାତି ।

ଶଲ୍କଳ, ବି. (ଶଲ୍=ଗମନ କରିବା-କଳନ୍) ମତ୍ସ୍ୟତ୍ୱକ୍, ମାଛକାତି; ବୃକ୍ଷତ୍ୱକ୍, ବଲ୍କଳ । (ବିଶେଷଣରେ ବା ତଦ୍-ବିଶିଷ୍ଟାର୍ଥରେ ଶଲ୍କୀ ଓ ଶଲ୍କଳୀ ହୁଏ ।)

ଶଲ୍ୟ, ବି. (ଶଲ୍=ଗମନ କରିବା-ଯ) ମଦ୍ରଦେଶାଧିପ; ଝିଙ୍କ ନାମକ ବନ୍ୟଜନ୍ତୁ; ସୀମା; ଶଙ୍କୁ; କୀଳକ; ବାଣ; ଶସ୍ତ୍ରବିଶେଷ; ଲୌହ ଶାବଳ; ବିଷ; ଦୁର୍ବାକ୍ୟ; ଅସ୍ଥି; କଣ୍ଟକ ।

ଶଲ୍ଲକୀ, ବି. ସ୍ତ୍ରୀ. (ଶଲ୍ଲକ-ଈ) ବୃକ୍ଷବିଶେଷ; ବାଲକଗଛ; ଝିଙ୍କ ନାମକ ବନ୍ୟଜନ୍ତୁ-ବିଶେଷ ।

ଶବ, ବି. (ଶବ୍=ଗମନ କରିବା-ଅ) ମୃତ ଶରୀର; ଜଳ ।

ଶବର, ବି. ( ଶବ=ମଡ଼ା-ର=ଗ୍ରହଣ କରିବା-ଅ ) କିରାତ; ବ୍ୟାଧ; ଶିବ; ଶାସ୍ତ୍ରବିଶେଷ; ହସ୍ତ; ଜଳ । (ସ୍ତ୍ରୀ-ଶବରୀ) ।

ଶଶ, ଶସ, ବି. (ଦେଶଜ) କାଷ୍ଠର ମଜ୍ଜା । ଯଥା—

ମଳୟ ଚନ୍ଦନକୁ ପାଷାଣେ ଘୋରୁଥିଲେ,
ଶସ ସହରଭ କି ନ ବାସେ ସମରୁଲେ । ନୃ.ପୁ.ପ.ତ.

ତାଳ ପ୍ରଭୃତିର ମଜ୍ଜାରସ । ଯଥା—

ଜ୍ୟେଷ୍ଠମାସେ କଲମସ୍ତ ସ୍ୱାଦୁ ତାର (ତାଳଫଳର) ଶଶ,
ଖାଇବାକୁ ବ୍ୟଗ୍ର ହୋଇ ବଢ଼ାଇ ସାହସ । ବୃ ସ୍ତୁ.

ଶଶ, ଶଶକ, ବି. (ଶଶ୍=ଡେଇଁ ଡେଇଁ ଯିବା-ଅ, କ ସ୍ୱାର୍ଥେ) ମୃଗବିଶେଷ, ଠେକୁଆ; ଚନ୍ଦ୍ରଲାଞ୍ଛନ; ପୁରୁଷବିଶେଷ, ଚତୁର୍ବିଧ ପୁରୁଷରୁ ଏକ ।

ଶଶଧର, ଶଶଭୃତ୍, ଶଶଲାଞ୍ଛନ, ଶଶାଙ୍କ, } ବି. ସଂ. ଚନ୍ଦ୍ର । (ଚନ୍ଦ୍ର ନାମଭଳରୁ) କର୍ପୂର ।

ଶଶବିଷାଣ ବି. (ଶଶ-ବିଷାଣ = ଶୃଙ୍ଗ) ଶଶକର ବିଷାଣ ଥିବା ଏକାନ୍ତ ଅସମ୍ଭବ ଓ ଅସତ୍ୟ ଅଟେ, ଅତଏବ ଅତ୍ୟନ୍ତ ଅସମ୍ଭବ ବା ଅଳୀକ ବିଷୟର ଉଦାହରଣ ପ୍ରଦର୍ଶନ ସମୟରେ ଏହାର ପ୍ରୟୋଗ ହୁଏ ।

ଶଶା, ବି. (ଶଶକ ଶବ୍ଦଜ) ଠେକୁଆ । ଯଥା—

ସିଂହ ପରେ ହଏ ଚଢ଼ାଇ ଶଶାକୁ । ଦ. ବା.

ଶଶାଦ, ଶଶାଦନ, } ବି. ( ଶଶ-ଅଦ୍ = ଖାଇବା-ଅ, ଅନ ) ଶ୍ୟେନପକ୍ଷୀ ।

ଶଶ୍ୱତ୍, ଅଂ. ବାରମ୍ବାର; ସବୁବେଳେ ।

ଶଷ୍କୁଲ, ଶଷ୍କୁଳ, ଶଷ୍କୁଲୀ, ଶଷ୍କୁଳୀ, } ବି. (ଶଶ୍ = ଡେଇଁ ଡେଇଁ ଯିବା-କୁଲ, କୁଲ-ଈ) ଅପୂପବିଶେଷ; ଚକୁଳିପିଠା; କର୍ଣ୍ଣଛିଦ୍ର । ଯେପରି—କର୍ଣ୍ଣଶଷ୍କୁଳୀ । ତିଳଚଣ୍ଡୁଳାଦି ମିଶ୍ରିତ ଯବାଗୁ ।

ଶଷ୍ପ, ଶସ୍ପ, ବି. ( ଶସ୍ = ବଧ କରିବା-ପ, ସ = ଷ) ବାଳତୃଣ, କୋମଳ ଘାସ । (ଶଷ୍ପଂ ବାଳତୃଣଂ ଘାସଃ—ଅମର ।)

ଶସ୍ତ, ବିଂ. (ଶନ୍ସ୍ = ସୁଖୀ କରିବା, ଆଶୀର୍ବାଦ କରିବା, ବଧ କରିବା-ତ) ସୁଖୀ; କଲ୍ୟାଣଯୁକ୍ତ; ପ୍ରଶସ୍ତ; ଉତ୍କୃଷ୍ଟ; ସ୍ତୁତ; ହତ । ବି. ସୁଖ; ଶରୀର; କଲ୍ୟାଣ ।

ଶସ୍ତା, ସସ୍ତା, ବିଂ. ( ଶସ୍ତ ଶବ୍ଦଜ ) ସୁଲଭ ମୂଲ୍ୟରେ ବିକ୍ରୀତ । ବି. ସୁଲଭ ମୂଲ୍ୟ, ଅଳ୍ପ ମୂଲ୍ୟ । ଯଥା—

ଶସ୍ତା ଦାମ କରି ଗୁରିଆଡ଼େ ଦିଅ ବୁଣି,

ଗରାଖ ଆସନ୍ତୁ ଧାଇଁ ଦୂରଦେଶୁଁ ଶୁଣି । ହ. ଭ୍ର.

ଶସ୍ତ୍ର, ବି. ( ଶସ୍ = ବଧ କରିବା-ତ୍ର) ଆୟୁଧ, ଅସ୍ତ୍ର ।

ଶସ୍ୟ, ବି. (ଶସ୍ = ହିଂସା କରିବା-ଯ) ବୃକ୍ଷାଦିର ଫଳପୁଷ୍ପ; ଧାନ୍ୟାଦି । ବିଂ. (ଶନ୍ସ୍ = ସ୍ତୁତି କରିବା-ଯ) ପ୍ରଶଂସନୀୟ ।

ଶହ, ସହ, ବିଂ. (ଶତ = ପ୍ରାକୃତ ସଅ ଶବ୍ଦଜ) ୧୦୦ ସଂଖ୍ୟା ।

ଶହସ୍ତ୍ର, ବି. (ଶସ୍ତ୍ର ଶବ୍ଦଜ—ଅଧିକ ବର୍ଣ୍ଣଯୋଗ) ଶସ୍ତ୍ର । ଯଥା—

ଭୋଜନରେ ଅତୃପ୍ତିର ସଂଗ୍ରାମେ ଅତୃପ୍ତି,

ଶୃଙ୍ଗାରରେ ଅତୃପ୍ତିର ଶହସ୍ତ୍ରେ ଅତୃପ୍ତି । ସା. ଭ୍ର. ଆ.

ଶାଆଣ, ବି. (ଶାଣ ଶବ୍ଦଜ—ଅଧିକ ବର୍ଣ୍ଣଯୋଗ) ଶସ୍ତ୍ରାଦି ତୀକ୍ଷ୍ଣକରଣର ସାଧନ, ଶାଣ; ଶସ୍ତ୍ରାଦି ତୀକ୍ଷ୍ଣକରଣ । ଯଥା—

ସୁଯୋଧନ ରଜାର ଦେହଶାଣେ ନେଇ,

ଦିଆଇବି ଶାଆଣ ମୁଁ ବାଣ ବହାଇ । କୃ. ଭ. ହ. ପ.

ଶାଇଁ, ବି. (ଶମି ଶବ୍ଦଜ) ଶମିଗଛ ।

ଶାଉଁଳା, ସାଉଁଳା, ଶାଉଁଳିଆ, } ବିଂ. (ଶ୍ୟାମଳ ଶବ୍ଦଜ) ଶ୍ୟାମଳବର୍ଣ୍ଣ ବା କୃଷ୍ଣବର୍ଣ୍ଣବିଶିଷ୍ଟ ।

ଶାକ, ବି. [ଶକ୍-(ଭୋଜନ କରିବାକୁ) ପାରଗ ହେବା-ଅ କମ୍ବା ଶକ୍ = (ସାମର୍ଥ୍ୟ) ସୃଷ୍ଟି କରିବା-ଅ] ଶାଗ, ବୃକ୍ଷର ପତ୍ରାଦି; ଦ୍ୱୀପବିଶେଷ ।

ଶାକମ୍ଭରୀ, ବି. ସ୍ତ୍ରୀ. ( ଶାକ-ଭୃ = ପୋଷଣ କରିବା-ଅ-ଈ) ଦୁର୍ଗା; ତୀର୍ଥବିଶେଷ ।

ଶାକଶାକଟ, ଶାକଶାକିନ, } ବି. (ଶାକ-ଶାକଟ, ଶାକିନ ତତ୍‌କ୍ଷେତ୍ରାର୍ଥେ) ଶାକକ୍ଷେତ୍ର ।

ଶାକମ୍ଭୀ, ବି. ସ୍ତ୍ରୀ. (ଶାକ-ଇନ୍-ଈ) ଦୁର୍ଗାଙ୍କ ଅନୁଚରୀ; ସ୍ତ୍ରୀଭୂତ; ଶାକଯୁକ୍ତା ଭୂମି ।

ଶାକୁନ, ବି. (ଶକୁନ-ଅ) ଯେଉଁ ଶାସ୍ତ୍ରରେ ଶକୁନଦ୍ୱାରା ଶୁଭାଶୁଭ ନିରୂପିତ ହୁଏ; କାକଚରିତ ଗ୍ରନ୍ଥ । ବିଂ. ନିମିତ୍ତଜ୍ଞ ।

ଶାକୁନିକ, ବି. ( ଶକୁନ = ପକ୍ଷୀ-ଇକ ହନନାର୍ଥେ) ବ୍ୟାଧବିଶେଷ, ଯେ ପକ୍ଷୀ ହନନ କରେ; ପକ୍ଷିସମୂହ; ନିମିତ୍ତଜ୍ଞ ।

ଶାକ୍ତ, ବି. (ଶକ୍ତି = ଦୁର୍ଗା-ଅ ଭକ୍ତାର୍ଥେ) ଶକ୍ତି-ଉପାସକ; ସମ୍ପ୍ରଦାୟବିଶେଷ ।

ଶାକ୍ତିକ, ବି. ( ଶକ୍ତି = ଅସ୍ତ୍ରବିଶେଷ-ଇକ ପ୍ରହରଣାର୍ଥେ ) ଶକ୍ତି ଅସ୍ତ୍ରଧାରୀ ।

ଶାଖା, ବି. ସ୍ତ୍ରୀ. ( ଶାଖ୍ = ବ୍ୟାପିବା-ଅ-ଆ ) ବୃକ୍ଷର ଅଙ୍ଗବିଶେଷ, ଡାଳ; ଅଂଶ ବା ଏକଦେଶ; ବାହୁ; ବେଦର ଅଂଶବିଶେଷ; ଗ୍ରନ୍ଥ ପରିଚ୍ଛେଦ; ସମୀପ ।

ଶାଖାମୃଗ, ବି. (ଶାଖା-ମୃଗ = ପଶୁ) ବାନର ।

ଶାଖାଶିଫା, ବି. ସ୍ତ୍ରୀ. ସଂ. ବଟାଦି ଅବରୋହ, ବଟ ଓର ପ୍ରଭୃତି ।

ଶାଖୀ, ବି. ( ଶାଖା-ଇନ୍ ଅସ୍ତ୍ୟର୍ଥେ ) ବୃକ୍ଷ; ବେଦ । ବିଂ. ଶାଖାଯୁକ୍ତ ।

ଶାଖୋଟ, ବି. (ଶାଖା-ଓଟନ୍) ସାହାଡ଼ା ଗଛ ।

ଶାଗ, ସାଗ, ବି. (ଶାକ ଶବ୍ଦଜ) ଶାକ ।

ଶାଗୁଆ, ସାଗୁଆ, ବି. (ଦେଶଜ) ସବୁଜବର୍ଣ୍ଣ । ବିଂ. ସବୁଜବର୍ଣ୍ଣବିଶିଷ୍ଟ; ବହୁ ଶାକଯୁକ୍ତ; ଯେ ବହୁ ଶାକ ଖାଏ ।

ଶାଙ୍କୁଳ, ଶାଙ୍କୋଳୀ, ସାଙ୍କୋଳ, ବି. ସ୍ତ୍ରୀ. ( ଶୃଙ୍ଖଳା ଶବ୍ଦଜ ) ସାମାନ୍ୟ ବନ୍ଧନ । ଯଥା—

ବ୍ରତ ଯାର ଅଧୀନତାଶାଙ୍କୁଳ ସର୍ଜନା । ମ. ଯା.

ଶୃଙ୍ଖଳା ପ୍ରଭୃତିରେ ବନ୍ଧନ । ଯଥା—

ଶାଙ୍କୋଳି ବାଳୀ ଝଲକା ସ୍ୱଭାବ,
ସଦମ୍ଭ-ଜନ ମାନସକୁ ଦେବ । ସୁ. ପ.

ଶୃଙ୍ଖଳାବନ୍ଧନ, କଇଦ; ଶୃଙ୍ଖଳା ।

ଶାଟ, ବି. (ଦେଶଜ) ଶଗଡ଼ଦଣ୍ଡାର ଶେଷରେ ଥିବା ଫଳ ।

ଶାଟ, ଶାଟକ, ଶାଟୀ, ଶାଟିକା, ବି. ସ୍ତ୍ରୀ. [ଶାଟ୍ = (ଅଙ୍ଗରେ)ଗମନ କରିବା-ଅ, କ ସ୍ୱାର୍ଥେ, ପକ୍ଷେ-ଈ, ଶାଟକ-ଆ, ଅକ = ଇକ] ପରିଧେୟ ବସ୍ତ୍ର, ଶାଢ଼ୀ; ଧୋତି । (ଲମ୍ବଶାଟପଟାବୃତଃ ।)

ଶାଠ, ସାଠ, ବି. ( ଦେଶଜ ) ପାଠ ଶବ୍ଦ ସହ ପ୍ରଯୋଜ୍ୟ ପାଠ । ଯଥା—

ନ ଜାଣେ ପାଠଶାଠ ନ ଜାଣେ ଶାସ୍ତ୍ରବୃତ୍ତି ।
ନୃ. ପୁ. ଦ୍ୱି. ଭ.

ଶାଡ଼ା, ବି. (ଶାଖୋଟ ଶବ୍ଦଜ) ସାହାଡ଼ା ଗଛ ।

ଶାଢ଼ୀ, ବି. ସ୍ତ୍ରୀ. (ଶାଟୀ ଶବ୍ଦଜ, ପ୍ରାକୃତ) ସ୍ତ୍ରୀ ପରିଧେୟ ବସ୍ତ୍ର ।

ଶାଣ, ବି. (ଶୋ = ତୀକ୍ଷ୍ଣ କରିବା-ଣ) କଷଟିପଥର, ଘର୍ଷଣପ୍ରସ୍ତର; ଶାଣଯନ୍ତ୍ର; କରତ; ଶଣସୂତ୍ରନିର୍ମିତ ବସ୍ତ୍ର । ( ବିଶେଷଣରେ ଶାଣିତ ହୁଏ । )

ଶାଣ୍ଡିଲ୍ୟ, ବି. (ଶଣ୍ଡିଳ = ମୁନିବିଶେଷ-ଯ ଅପତ୍ୟାର୍ଥେ) ଗୋତ୍ରକାରକ ମୁନିବିଶେଷ; ବିଲ୍ୱବୃକ୍ଷ; ଅଗ୍ନିମୂର୍ତ୍ତିବିଶେଷ ।

ଶାତ, ବିଂ. (ଶୋ=ତୀକ୍ଷ୍ଣ କରିବା-ତ) କୃଶ; ଦୁର୍ବଳ; ସରୁ; ଶାଣିତ; ସୁଖୀ; ସୁନ୍ଦର; ଭ୍ରମଶାଳୀ । ବି. ସୁଖ । (ଶର୍ମଶାତସୁଖାନିଚ —ଅମର ।) (ଶଦ୍-ଣିଚ୍ = ଶାଦ = ପତିତ ହେବା-ଅ) ପତନ; ପାତନ ।

ଶାତକୁମ୍ଭ, ବି. (ଶତକୁମ୍ଭ = ପର୍ବତବିଶେଷ-ଅ ଭବାର୍ଥେ) ସ୍ୱର୍ଣ୍ଣ, ସୁନା ।

ଶାତନ, ବି. (ଶଦ୍-ଣିଚ୍ = ଶାଦ = ପକାଇବା ଇତ୍ୟାଦି-ଅନ, ନିପାତନ) କୃଶକରଣ; ପତନ; ପାତନ; ଛେଦନ; ବିନାଶନ ।

ଶାତ୍ରବ, ବି. ( ଶତ୍ରୁ-ଅ ସ୍ୱାର୍ଥେ, ଭବାର୍ଥେ ) ଶତ୍ରୁ; ଶତ୍ରୁତା; ଦ୍ୱେଷ; ଶତ୍ରୁସମୂହ ।

ଶାଦ, ବି. (ଶୋ = ତୀକ୍ଷ୍ଣ କରିବା-ଦ) ପଙ୍କ, କର୍ଦ୍ଦମ, କାଦୁଅ; ନୂତନ ଘାସ । (ଶାଦୋ ଜମ୍ବାଳ ଶଷ୍ପୟୋଃ—ଅମର ।) ( ଶ୍ରଦ୍ଧା ଶବ୍ଦଜ ) ଆକାଂକ୍ଷା ।

ଶାଦା, ସାଦା, ବିଂ. ( ଶ୍ୱେତ ଶବ୍ଦଜ ) ଶୁକ୍ଳ, ଶୁଭ୍ର; ସରଳ । ଯଥା—ସେ ବଡ଼ ସାଦା ଲୋକ, ସେ ବଡ଼ ସାଦାସିଧା ଲୋକ ।

ଶାଦ୍ୱଳ, ବି. (ଶାଦ = ନବତୃଣ-ବଳ ଅସ୍ତ୍ୟର୍ଥେ) ନବତୃଣପୂର୍ଣ୍ଣ ସ୍ଥାନ ।

ଶାନକୀ, ଶାନ୍କୀ, ବି. (ଯାବନିକ ମୁଷଲମାନମାନଙ୍କର ମୃଣ୍ମୟ ଭୋଜନପାତ୍ରବିଶେଷ ।

ଶାନବା, କ୍ରି. (ଗଡ଼ଜାତରେ) ଗୋଳାଇବା ।

ଶାନ୍ତ, ବିଂ. (ଶମ୍‌–ଶାନ୍ତ ହେବା-ତ) ଶମଗୁଣ-ବିଶିଷ୍ଟ; ଜିତେନ୍ଦ୍ରିୟ; ଶିଷ୍ଟ; ନିବୃତ୍ତ; ମୃତ; ବିନଷ୍ଟ; ବିମୀତ; ପରିଷ୍କୃତ; ରସବିଶେଷ । (ବିଶେଷ୍ୟରେ ଶାନ୍ତି ପଦ ସିଦ୍ଧ ହୁଏ ।)

ଶାନ୍ତନବ, ବି. (ଶାନ୍ତନୁ-ଅ ଅପତ୍ୟାର୍ଥେ) ଭୀଷ୍ମ ।

ଶାନ୍ତମ୍, ଅଂ. ସଂ. ନିବୃତ୍ତି, ବାରଣ; ଶମତା-ପ୍ରାପ୍ତ ।

ଶାପ, ବି. (ଶପ୍‌=ଶାପ ଦେବା, ଘୃଣ ପକାଇବା-ଅ) ଅଭିସମ୍ପାତ; ଶପଥ, ଘୃଣ; ନିନ୍ଦା । (ବିଶେଷଣରେ ଶାପିତ ହୁଏ ।)

ଶାଫ, ସାଫ, ବିଂ. (ଯାବନିକ) ନିର୍ମଳ, ପରିଶୁଭ୍ର ।

ଶାବଳ, ସାବଳ, } ବି. (ବଙ୍ଗଳା ଶବ୍ଦଜ) ମାଟି ଖୋଳିବା ଅସ୍ତ୍ରବିଶେଷ । ଯଥା—

ବାଜିଲେ ସାବଳାଗ୍ର ସେ ନିଧି ଖାତରେ । କୃ.ଭ୍ର ଅ.ପ.

ଶାବୁତ ଶାବୁଦ, } ବି. (ଯାବନିକ) ପ୍ରମାଣ; ସାକ୍ଷ୍ୟ ।

ଶାବୁନ, ବି. (ଯାବନିକ) ବସ୍ତ୍ରାଦି କ୍ଷାଳନ ଓ ଗାତ୍ର ପରିଷ୍କାରକରଣାର୍ଥ ଦ୍ରବ୍ୟବିଶେଷ ।

ଶାବେଳ ଶାବେଳୀ, ସାବେଳ, } ବି. (ବଙ୍ଗଳା ଶବ୍ଦଜ) ଅସ୍ତ୍ର-ବିଶେଷ । ଯଥା—

କେ କାନ୍ଧେ ବହିଛି ଟେଣ୍ଟା ଶାବେଳ,
କେ କରେ ଧରିଛି ଚନ୍ଦ୍ର ବୁଦ୍ଦଳ । ସୁ ପ.

ଶାମଲ, ବିଂ. (ଶ୍ୟାମଳ ଶବ୍ଦଜ) ଶ୍ୟାମଳବର୍ଣ୍ଣ-ବିଶିଷ୍ଟ ।

ଶାମଳିଆ, ବିଂ. (ଶ୍ୟାମଳ ଶବ୍ଦରେ ଓଡ଼ିଆ ପ୍ରତ୍ୟୟ) ଶ୍ୟାମଳବର୍ଣ୍ଣବିଶିଷ୍ଟ । ଯଥା—

ଗୋପାଳବାଳମେଳିଆ ଘନଶାମଳିଆ । ସୁ. ପ.

ଶାମଳିବା, ସାମଳିବା, ଶାଉଁଳିବା, ସାଉଁଳିବା, } କ୍ରି. (ଦେଶଜ) କେଶାଦି ପରିଷ୍କୃତ କରିବା । ଯଥା—

ମାଙ୍ଗ ଭଙ୍ଗ ରଖି ହରିମାଙ୍ଗରେ,
ଆସୁଛି କରି ଶାମଳିଲ ଧୀରେ । ଲ. ବ.
ହଳଦି ଅଳଣ ଥିଲ ଯେଉଁ କେଶ
ଫୁଲର ତଇଲ ସାମଳି । ସୁ. ପ.

ଦେହରେ ଚନ୍ଦନାଦି ଅଳ୍ପ ଲଗାଇବା । ଯଥା—

ପାଦ ପ୍ରକ୍ଷାଳନ କରି ନବବସ୍ତ୍ର ଦେଇ,
ଅଷ୍ଟାଙ୍ଗ ଶରୀରେ ଚନ୍ଦନ ସାମଲାଇ । ସା. ଭ. ସ.

ଶାମିୟାନା, ବି. (ଯାବନିକ) ଆଚ୍ଛାଦନ, ଚନ୍ଦୁଆ ।

ଶାମୁକ, ଶାମୁକ, ଶାମୁକା, ସାମୁକା, ଶାମୁକା, } ବି. (ଶମ୍ବୁକ ଶବ୍ଦଜ) ଜଳଶୁକ୍ତିକା, ସାମୁକା ପୋକ । ଯଥା—

କରି ପିକକୁ ମୂକ ଶାମୁକ ମକମକ
କାମୁକ ଚମକକୁ ନତ୍ୟେ । ଲ. ବ.

ଶାମ୍ବରୀ, ବି. ସ୍ତ୍ରୀ. (ଶମ୍ବର=ଅସୁରବିଶେଷ-ଅ କୃତାର୍ଥେ-ଈ) ଇନ୍ଦ୍ରଜାଲ ବିଦ୍ୟା; ମାୟା; କୁହୁକ ।

ଶାମ୍ବିକ, ବି. (ଶମ୍ବୁ-ଶାମୁକ-ଇକ ଜୀବି-କାର୍ଥେ) ସଙ୍ଖାରି ।

ଶାମ୍ବୁକ, ଶାମ୍ବୂକ, } ବି. (ଶମ୍ବୁକ, ଶମ୍ବୂକ-ଅ ସ୍ୱାର୍ଥେ) ଶାମୁକ ।

ଶାୟକ, ବି. (ଶୋ=ତୀକ୍ଷ୍ଣ କରିବା-ଅକ) ବାଣ; ଖଡ୍ଗ ।

ଶାୟିତ, ବିଂ. (ଶୀ=ଶୋଇବା-ଣିଚ୍-ତ) ଯାହାକୁ ଶୁଆଇଅଛନ୍ତି; ପାତିତ ।

ଶାରଙ୍ଗ, ବି. (ସାର=ଧ୍ୱଂସନ-ଗମ୍=ଗମନ କରିବା-ଅ, କିମ୍ବା ଶାର=କର୍ବୁର ବା ନାନାବର୍ଣ୍ଣ-ଅଙ୍ଗ, ସଂହିତ୍ୟ ଅରଂ ଗଚ୍ଛତୀତି ସାରଙ୍ଗଃ ଶାରଙ୍ଗଶ୍ଚ=ସ୍ୱଜାତୀୟଙ୍କ ସଙ୍ଗେ ମିଶି ଯେ ଶୀଘ୍ର ଯାଏ) ମୃଗ; ହସ୍ତୀ; ଚାତକ ପକ୍ଷୀ; ଭ୍ରମର, ମୟୂର । (ଶାରଙ୍ଗଶ୍ଚାତକେ ଭୃଙ୍ଗେ କୁରଙ୍ଗେ ଚ ମତଙ୍ଗଜେ— କୋଷାନ୍ତର ।) ବିଂ. ନାନାବର୍ଣ୍ଣଯୁକ୍ତ । (ସ୍ତ୍ରୀ-ଈ) ବାଦ୍ୟଯନ୍ତ୍ରବିଶେଷ ।

ଶାରଦ, ବି. (ଶରଦ୍=ବର୍ଷ; ଶରତ୍‌କାଳ-ଅ ସ୍ୱାର୍ଥେ, ଭବାର୍ଥେ) ବତ୍ସର; କାଳ; ବକୁଳ । ବିଂ. ଶରତ୍‌କାଳୀନ; ନୂତନ; ବିମୀତ; ଅପ୍ରତିଭ; ପ୍ରଶସ୍ତ । (ସ୍ତ୍ରୀ-ଆ) ସରସ୍ୱତୀ; ଦୁର୍ଗା; ବୀଣାବିଶେଷ ।

ଶାର, ଶାରି, } ବି. ସ୍ତ୍ରୀ.(ଶୃ = ହିଂସା କରିବା-
ଶାରିକା, } ଇ, ଈ, କ-ଆ) ପାଶ କ୍ରୀଡ଼ାର ବଳ; ପକ୍ଷିଣୀବିଶେଷ, ମୟୂନା; ବୀଣାଦି ବଜାଇବାର ଯଷ୍ଟି; ଯୁଦ୍ଧାର୍ଥ ସଜ୍ଜିତ ହସ୍ତିର ପଲାଣ; ପ୍ରତାରଣା; ବ୍ୟବହାରବିଶେଷ; ପାଶ; କପଟ; ଗୀତବିଶେଷ ।

ଶାରଫଳ, } ବି. (ଶାର = ପାଶକ୍ରୀଡ଼ାଦିର
ଶାରଫଳକ, } ବଳ-ଫଳ, ଫଳକ = ପଟା) ପଶାଖେଳର ଛକ, ଯେଉଁ ପଟାରେ ପଶାଖେଳ ପ୍ରଭୃତିର ଘାଲି କଟା ହୋଇଥାଏ ।

ଶାର୍ଙ୍ଗ, ବିଂ. ( ଶୃଙ୍ଗ-ଅ ସମ୍ବନ୍ଧାର୍ଥେ ) ଶୃଙ୍ଗସମ୍ବନ୍ଧୀୟ; ଶୃଙ୍ଗନିର୍ମିତ; ଧନୁକ; ବିଷ୍ଣୁଙ୍କ ଧନୁକ; ଆର୍ଦ୍ରକ ।

ଶାର୍ଦ୍ଦୂଳ, ବି. (ଶୃ = ହିଂସା କରିବା-ଦୂଳଚ୍) ବ୍ୟାଘ୍ର; ରାକ୍ଷସ; ଶରଭ; ପକ୍ଷିବିଶେଷ । (ଅନ୍ୟ ଶବ୍ଦର ପରେ ଯୁକ୍ତ ହେଲେ) ଶ୍ରେଷ୍ଠ ।

ଶାର୍ବର, ବି.(ଶର୍ବରୀ-ଅ)ଗାଢ଼ ଅନ୍ଧକାର । ବିଂ. ରାତ୍ରିକାଳୀନ; ଘାତୁକ । (ସ୍ତ୍ରୀ-ଈ) ରାତ୍ରି ।

ଶାଳ, ସାଳ, ବି. (ଶଳ୍-ଗମନ କରିବା, କିମ୍ବା ଶାଲ୍ = ପ୍ରଶଂସା କରିବା-ଅ) ମତ୍ସ୍ୟବିଶେଷ; ଶାଳିବାହନ ରାଜା; ପ୍ରାଚୀର ବା ପ୍ରାକାର; ବୃକ୍ଷ; ସର୍ଜ୍ଜବୃକ୍ଷ ।

ଶାଳଗ୍ରାମ, } ବି. (ସ = ସହିତ-ଅର = ଚକ୍ର-
ସାଳଗ୍ରାମ, } ଗ୍ରାମ = ସମୂହ, ସ = ଶ) କୀଟଛିଦ୍ରିତ ଚକ୍ରଯୁକ୍ତ ଗଣ୍ଡକୀସ୍ଥିତ ଶିଳାଖଣ୍ଡବିଶେଷ; ଦେଶବିଶେଷ ।

ଶାଳଭଞ୍ଜି, } ବି. ସ୍ତ୍ରୀ. (ଶାଳ-ବୃକ୍ଷବିଶେଷ-
ଶାଳଭଞ୍ଜୀ, } ଭନ୍ଜ୍ = ଭାଙ୍ଗିବା-ଇ, ଈ, କ
ଶାଳଭଞ୍ଜିକା, } ଯୋଗ-ଆ—ଯାହାପାଇଁ ଶାଳକାଷ୍ଠକୁ ରୁଞ୍ଜିବାକୁ ହୁଏ) . ପିତୁଳା; ବେଶ୍ୟା; କ୍ରୀଡ଼ାବିଶେଷ ।

ଶାଳା, ବି. ସ୍ତ୍ରୀ. (ଶଳ୍-ଗମନ କରିବା-ଅ-ଆ) ଗୃହ; ଗୃହର ଏକଦେଶ; ବଡ଼ ଡାଳ ।

ଶାଳାମୃଗ, ବି. (ଶାଳା = ଗୃହ-ମୃଗ) ଶୃଗାଳ, ଶିଆଳ ।

ଶାଳାବୃକ, ବି. (ଶାଳା = ଗୃହ-ବୃକ-ହେଟାବାଘ) ବାନର; କୁକ୍କୁର; ଶୃଗାଳ; ବିଡ଼ାଳ; ହରିଣ ।

ଶାଳି, ସାଳି, ବି. (ଶାଲ୍ୟନ୍ତେ ଶ୍ଲାଘ୍ୟନ୍ତେ ଜନୈରିତି ଶାଲୟଃ—ଶାଲଶ୍ଲାଘାୟାଂ, ଶାଲ୍-ଇ) କଳମାଦି ଧାନ୍ୟ; ଷଷ୍ଟିକାଦି ଧାନ୍ୟ; ଗନ୍ଧମାର୍ଜାର ।

ଶାଳି, ସାଳୀ, ବି. (ଶ୍ୟାଳିକା ଶବ୍ଦଜ)ଭାର୍ଯ୍ୟାର ଭଗିନୀ ।

ଶାଲିଆନା, } ବିଂ. (ଯାବନିକ) ବାର୍ଷିକ । ବି.
ଶାଲିୟାନା, } ବାର୍ଷିକ ଆୟ ।

ଶାଲିଆନାଦାର, ବି. (ଯାବନିକ) ବାର୍ଷିକବୃତ୍ତିଭୋଗୀ ।

ଶାଳିଆପୂତନ, } ବି. (ଶାଳି ଶବ୍ଦଜ) ଗନ୍ଧ-
ସାଳିଆପତନ, } ମାର୍ଜାର; ଏହାର ସୁଗନ୍ଧଯୁକ୍ତ ଅବୟବବିଶେଷ ।

ଶାଳିତ, ବିଂ. (ଶବଳିତ ଶବ୍ଦଜ) ଚର୍ଚ୍ଚିତ । ଯଥା—

କଳା ଧଳା ବର୍ଣ୍ଣ ତୃଣସ୍ଥ ଲେପନ
ହୁଙ୍ଗୁଳେ ଶାଳିତ ଏକ । କୋ. ବ୍ର. ସୁ.

ଶାଳିବା, କ୍ରି. (ଶବଳ ଶବ୍ଦଜ) ରଙ୍ଗାଇବା, ଚର୍ଚ୍ଚିତ କରିବା । ଯଥା—

ଶାଳି ଶଙ୍ଖ ନାଲି ହୁଙ୍ଗୁଳେ,
ସୂକ୍ଷ୍ମ ପକ୍ଷ ପଠିକୁ ଲଗାଇ ମଣ୍ଡୁଳେ । ସୁ. ପ.

ଶାଳିବାହନ, ବି. (ଶାଳି = ସିଂହରୂପୀ ଯକ୍ଷବାହନ—ଏହି ରାଜା ଶୈଶବ କାଳରେ ଏହି ଯକ୍ଷ ଉପରେ ଆରୋହଣ କରି ବୁଲନ୍ତି ବୋଲି) ଶକପ୍ରବର୍ତ୍ତକ ନୃପତିବିଶେଷ ।

ଶାଲିଶ, ବି. (ଯାବନିକ) ଅଦାଲତର ଆଶ୍ରୟ ନ ନେଇଁ ଆପଣା ମଧ୍ୟରେ କଳହ ରଫା କରିବା ।

ଶାଳିହୋତ୍ର, ବି. ପୁଂ. ଅଶ୍ୱ; ଅଶ୍ୱଶାସ୍ତ୍ର ।

ଶାଳୀନ, ବିଂ. (ଶାଳା = ଗୃହ-ଈନ ଯେ ଗୃହପ୍ରବେଶଯୋଗ୍ୟ) ବିନୀତ; ସଲଜ୍ଜ; ସଦୃଶ; ଶାଳାସମ୍ବନ୍ଧୀୟ ।

ଶାଲୁର, ଶାଲୂର, ବି. (ଶଲ୍ = ଗମନ କରିବା ଊର, ଉର) ଭେକ ।

ଶାଳେହା, } ବି. (ଦେଶଜ କିମ୍ବା ଶାଳ-ଇହା-
ସାଳେହା, } ମୃଗ ଶବ୍ଦଜ) ଏକପ୍ରକାର ବନ୍ୟଜନ୍ତୁ; ମୃଗବିଶେଷ । ଯଥା—

ବରାହ ଗଜ ଅଶ୍ୱ ହରିଣ ଯେ ଶମ୍ବର,
ଶାଳେହା ମୃଗ ଶଶା ଯେ ବଲଆ ଟିଙ୍କର । ନୃ.ସୃ.ଚ.ଚ.

ଶାଲ୍ମଳ, } ବି. ( ଶାଲ-ମଳଚ୍, ମଳ, ଈ )
ଶାଲ୍ମଲି, } ଶିମୁଳିଗଛ; ସପ୍ତଦ୍ୱୀପରୁ ଏକ
ଶାଲ୍ମଳୀ, } ଦ୍ୱୀପ ।

ଶାବ, ଶାବକ, ବି. (ଶବ୍ = ଗମନ କରିବା-ଅ, କ ଯୋଗ) ଶିଶୁ । ବିଂ. ଶବସମ୍ବନ୍ଧୀୟ ।

ଶାଶ୍ୱତ, ବିଂ. (ଶଶ୍ୱତ୍-ଅ) ନିତ୍ୟ, ଅବିନଶ୍ୱର ।

ଶାସନ, ବି. ( ଶାସ୍ = ଶାସନ କରିବା-ଅନ ) ଆଦେଶ; ଉପଦେଶ; ଦଣ୍ଡ; ଦମନ; ପ୍ରତିପାଳନ; ଆଜ୍ଞାପତ୍ର; କୂଟଲିଖିତାଦି; ଶାସ୍ତ୍ର; ବେଦାଦି; ରାଜଦତ୍ତ ଭୂମି; ଅଗ୍ରହାର । (ବିଶେଷଣରେ ଶାସକ, ଶାସିତୃ ବା ଶାସିତା, ଶାସ୍ତା, ଶାସିତ, ଶାସନୀୟ ହୁଏ ।)

ଶାସା, ବି. (ଗଡ଼ଜାତରେ) ଶ୍ମଶ୍ରୁ ଅର୍ଥାତ୍ ଦାଢ଼ି, ସାସୁ ।

ଶାସୁ, ସାସୁ, ବି. ସ୍ତ୍ରୀ. (ଶ୍ୱଶ୍ରୂ ଶବ୍ଦଜ) ଶ୍ୱଶୁରଙ୍କ ପତ୍ନୀ, ପତିଙ୍କ ମାତା, ଭାର୍ଯ୍ୟାଙ୍କ ମାତା ।

ଶାସ୍ତି, ବି.(ଶାସ୍ = ଶାସନ କରିବା-ତି) ଶାସନ, ଦଣ୍ଡ; ନିୟମ ।

ଶାସ୍ତ୍ର, ବି. (ଶାସ୍-ଶାସନ କରିବା, ଶିକ୍ଷାଦେବା-ତ୍ର) ଶାସନ; ଆଜ୍ଞା; ଦେବତା ବା ମୁନିପ୍ରଣୀତ ଗ୍ରନ୍ଥ ।

ଶାହା, ସାହା, ବି. (ଯାବନିକ) ରଜା । (ଶାଖା ଶବ୍ଦଜ) ଶାଖା, ସହାୟ ।

ଶାହାନ୍‌ଶାହା, ବି. (ଯାବନିକ ବା ପାରସ୍ୟ) ରଜାର ରଜା, ରାଜରାଜେଶ୍ୱର ।

ଶାହି, ଶାହି, } ବି. (ଶାଖା ଶବ୍ଦଜ) ସହବାସିଙ୍କ
ସାହି, } ଗୃହାବଳି । ଯେପରି— ମାର୍କଣ୍ଡସାହି, ବାସେଳୀସାହି ଇତ୍ୟାଦି ।

ଶାହାସ୍ତ୍ର, ସାହାସ୍ତ୍ର, } ବି. (ଶାସ୍ତ୍ର ଶବ୍ଦଜ) ଶାସ୍ତ୍ର ।
ଶାହସ୍ତ୍ର, ଶାସ୍ତ୍ର, } ଯଥା—

ସେ ଗ୍ରାମଜନଙ୍କୁ ଡକାଇ,
କହନ୍ତି ଶାହାସ୍ତ୍ର ଦେଖାଇ । ଦା. ର.

ଶିଅଳ, ବି. (ଦେଶଜ) ମଦ୍ୟବିକ୍ରୟଜୀବୀ ବା ଶୁଣ୍ଡି ଜାତି । ଯଥା—

ସେ ବନ ମଧ୍ୟରେ ଅଛୁ କୃପାଳୁ ଶିଅଳ,
ସୁବର୍ଣ୍ଣ ଭାଣ୍ଡ ଧରି ବସିଛୁ ବୃକ୍ଷତଳ ।
ଖଜୂରି ତରୁଶିଖେ ଲମ୍ବାଇଅଛୁ ଭାଣ୍ଡ,
ସେ ଭାଣ୍ଡେ ଦୋହୋର ଝରି ପୂରେ ହୋଇ ରୁଣ୍ଡ ।
ନୃ. ସୃ. ଚ. ଚ.

ଚମାରଜାତି;ଜୁଆଳିର ଦୁଇପାର୍ଶ୍ୱରେ ଯେଉଁ କିଳାକୁ ଲଗାଇ ବଳଦ ବେକରେ ଦଉଡ଼ି ବାନ୍ଧନ୍ତି ।

ଶିଆଳ, ବି. (ଶୈବାଳ ଶବ୍ଦଜ) ଜଳଜାତ ଉଦ୍ଭିଜ୍ଜବିଶେଷ; କୋମଳ ଲତାବିଶେଷ । ଯଥା—

ମଉଳଲ ଆହା ଶିଆଳ ଲତା କି
ନବପୁଷ୍ପସ୍ତବକିନୀ । ଯ. କେ.

ଶିଉଳ, ବି. (ଶୈବାଳ ଶବ୍ଦଜ) ଜଳଜାତ ଉଦ୍ଭିଜ୍ଜବିଶେଷ । ଯଥା—

ପଦାଶ୍ରିତ ବନଲତା ବିକଶିତ ଶିଉଳମସୃଣ କାଣ୍ଡ ।
ଯ. କେ.

(ଶେଫାଳିକା ଶବ୍ଦଜ) ପୁଷ୍ପବିଶେଷ ।

ଶିଂଶପା,ବି.(ଶିବ-ମଙ୍ଗଳ-ପା = ରକ୍ଷାକରିବା-ଅ, ନିପାତନ) ବୃକ୍ଷବିଶେଷ, ଶିଶୁଆ ଗଛ ।

ଶିକ, ବି. (ଦେଶଜ) ଦୀର୍ଘ ଲୌହଶଳାକା ।

ଶିକଳା, ଶିକୁଳା, } ବି. ( ଶୃଙ୍ଖଳ ଶବ୍ଦଜ )
ଶିକୁଳି, } ଶୃଙ୍ଖଳା । ଯଥା—

ଧଣ୍ଡା ଶିକଳା ଚରଣେ କରକଙ୍କଣରେ,
ବିରାଜଛି ହେମବାଳି ବାମ ଶ୍ରବଣରେ । ଲ. ବି.

ଶିକା, ବି. (ଶିକ୍ୟ ଶବ୍ଦଜ) ଦ୍ରବ୍ୟାଦି ରକ୍ଷଣାର୍ଥ ରଜ୍ଜୁନିର୍ମିତ ଆଧାରବିଶେଷ । ଯଥା—

କଠାଉ ଦଉଡ଼ି, ଶିକା ଭାର ବାଡ଼ି,
ଆସ୍ଥା ହେଲାନ ତେତେବେଳୁ । ର. କ.

ଶିକାର, ବି. (ଯାବନିକ) ମୃଗୟା । ଯଥା —

କହୁଅଛନ୍ତି ଶିକାରିଜନ, ବହୁ ଜୀବରେ ଏ ବନ ଘନ,
ହେବ କି ବନ୍ଧେ ଶିକାର ମନ, ଆଜକି ରହି ଯେ । ଲ.ବି.

ମୃଗୟାରେ ନିହତ ବା ହନ୍ତବ୍ୟ ଜନ୍ତୁ ।
ଯଥା—

**ମଣେ କରଗତ ପଲକେ ପର ହେଲା ଶିକାର । ହଷା ।**

(ସମ୍ବଲପୁରରେ) ମାଂସ ।

ଶିକାର, ବି. (ଦେଶଜ) ବାଣୁଆ । (ଶିକାର ଶବ୍ଦ ଦେଖ ।)

ଶିକୁଳ, ଶିକୁଳୀ, ଶିଙ୍କୁଳୀ, } ବି. ସ୍ତ୍ରୀ. (ଶୃଙ୍ଖଳା ଶବ୍ଦଜ) ଶୃଙ୍ଖଳା । ଯଥା—

**ସ୍ମର ରାଜସଦ୍ମ ଶିକୁଳୀରେ ବନ୍ଧ । ପାବଂଶ ।**
**ଶିଙ୍କୁଳ ବ୍ୟାଜେ ଶାଙ୍କୋଳ ଦଅନ୍ତି ଖଳ । ସୁ. ପ.**

ଶିକ୍ଥ, ଶିକ୍ଥକ, ବି. ସଂ. ମହୁସିଠା; ଏକ ଗ୍ରାସ ଅନ୍ନ ।

ଶିକ୍ୟ, ବି.(ଶକ୍=ପାରଗହେବା-ଯ-ନିପାତନ, ଶକ୍=ଶିକ) ଶିକା । (ବିଶେଷଣରେ ଶିକ୍ୟିତ=ଶିକାରେ ସ୍ଥାପିତ ।)

ଶିକ୍ଷକ, ବି.(ଶିକ୍ଷ୍=ଉପଦେଶଦେବା-ଣିଚ୍-ଅକ) ଶିକ୍ଷାଦାୟକ, ଅଧ୍ୟାପକ; ଶାସନକର୍ତ୍ତା ।

ଶିକ୍ଷଣ, ବି. ( ଶିକ୍ଷ୍=ଉପଦେଶଦେବା-ଅନ ) ଶିକ୍ଷା, ଅଭ୍ୟାସ; ଅଧ୍ୟୟନ; ଅଧ୍ୟାପକ; ଦମନ । ( ବିଶେଷଣରେ—ଶିକ୍ଷୟିତା, ଶିକ୍ଷଣୀୟ ଓ ଶିକ୍ଷିତ ପଦ ସାଧିତ ହୁଏ । )

ଶିକ୍ଷା, ବି. ସ୍ତ୍ରୀ. (ଶିକ୍ଷ୍=ଉପଦେଶଦେବା-ଅ-ଆ) ଉଚ୍ଚାରଣବୋଧକ ବେଦାଙ୍ଗ ଗ୍ରନ୍ଥବିଶେଷ; ଅଭ୍ୟାସ; ବିନୟ; ଉପଦେଶ; ଅଧ୍ୟୟନ; ଦମନ ।

ଶିକ୍ଷାନବିସ, ବି. ସ୍ତ୍ରୀ. (ଫାର୍ସୀ) ଶିକ୍ଷାର୍ଥୀ ।

ଶିଖ, ବି. (ଶିଖର ଶବ୍ଦର ଅପଭ୍ରଂଶ) ଶିଖର । ଯଥା—

**ଶିର ତୋଳ ଶୈଳଶିଖ ଝାଙ୍କୁଥାନ୍ତି ।**

ବିଂ. ଶ୍ରେଷ୍ଠ । ଯଥା—

**ହେ ନାରୀଗଣଙ୍କର ମସ୍ତକ ଶିଖ,**
**ଆଜ ଏଥିପାଇଁ ନ କର ତୁ ଦୁଃଖ । କୃ.ଷ୍ଣ.ବ.ପ.**

ଶିଖଣ୍ଡ, ଶିଖଣ୍ଡକ, } ବି. ( ଶିଖାଭଳରଗ୍ରସ୍ତରେଣ୍ଡିୟତେ ଚଳଣ୍ଡିତ ଶିଖଣ୍ଡଃ, ଉଣ୍ଟବହାଯୁସା ଗତୌ—ଶିରସିଖଣ୍ଡତେଗ୍ଚନ ବର୍ତ୍ତମାନତ୍ୱାତ୍ ଶିଖଣ୍ଡକଃ—ଅମରଟୀକା, ଶିଖା-ଣ୍ଡ-ଅ, ନ ଆଗମ—ନିପାତନ) ମୟୂରପୁଚ୍ଛ; ଶିଖା, ଚୂଡ଼ା; କାକପକ୍ଷ, ଜୁଲପି ।

ଶିଖଣ୍ଡୀ, ବି.(ଶିଖଣ୍ଡିନ୍-ଶିଖଣ୍ଡ-ଇନ୍ ଅସ୍ତ୍ୟର୍ଥେ) ମୟୂର; ମୟୂରପୁଚ୍ଛ; ଦ୍ରୁପଦରାଜାଙ୍କ ପୁତ୍ର; କୁକ୍କୁଟ; ବାଣ; ଗୁଞ୍ଜା । ବିଂ. ଶିଖଣ୍ଡଯୁକ୍ତ । (ସ୍ତ୍ରୀ-ଶିଖଣ୍ଡିନୀ) ଦ୍ରୁପଦରାଜକନ୍ୟା; ମୟୂରୀ; ମଲ୍ଲିକାବିଶେଷ ।

ଶିଖର, ବି. (ଶିଖା-ଚୂଡ଼ା-ର) ପର୍ବତର ଶୃଙ୍ଗ, ଅଗ୍ରଭାଗ; ବୃକ୍ଷାଗ୍ର; ରୋମାଞ୍ଚ; କୋଠି; କକ୍ଷ; ଶୁଷ୍କତୃଣ; ରତ୍ନବିଶେଷ; ଖଡ୍ଗର ଅଗ୍ରଭାଗ ।

ଶିଖରୀ, ବି. (ଶିଖରିନ୍-ଶିଖର-ଇନ୍ ଅସ୍ତ୍ୟର୍ଥେ) ପର୍ବତ; ବୃକ୍ଷ; ଅପାମାର୍ଗ ଗଛ; କର୍କଟଶୃଙ୍ଗୀ; ପର୍ବତଦୁର୍ଗ । ବିଂ. ଅଗ୍ରଭାଗବିଶିଷ୍ଟ । (ସ୍ତ୍ରୀ-ଶିଖରିଣୀ)ଉତ୍ତମା ସ୍ତ୍ରୀ; ମଲ୍ଲିକା; ଦୁଗ୍ଧର ସର ଓ ଚିନିମିଶ୍ରିତ ମିଷ୍ଟାନ୍ନବିଶେଷ; ରୋମାବଳୀ; ସପ୍ତଦଶାକ୍ଷରବିଶିଷ୍ଟ ବୃତ୍ତବିଶେଷ ।

ଶିଖା, ବି. (ଶୀ=ଶୋଇବା-ଖନ୍-ଆ) ଅଗ୍ରଭାଗ, ଚୂଡ଼ା; କିରୀଟ; ମସ୍ତକସ୍ଥ କେଶଗୁଚ୍ଛ; ଶାଖା; କାମଜ୍ୱର; ପାଦାଗ୍ର ।

ଶିଖା, ଶିଖାଣ, ବି. ( ଶିକ୍ଷା ଶବ୍ଦଜ ) ଶିକ୍ଷା । ଯଥା—

**ଯେ କୋପ ଗର୍ବ ଦେହେ ଜାତ,**
**ଏ ତୋ ଅଖିଳ ଶିଖା ଅର୍ଥ । ଭା. ଦ. ସ୍କ.**

**କୋଳରେ ଧରି ମୁଖରେ ଦେଉଥାନ୍ତି ସ୍ତନ,**
**ସେ ପୁଣ ଯୁବାବେଳକୁ ହୁଅଇ ଶିଖାଣ । ନୃ.ସୃ.ପ୍ର.ଭ.**

ଉପଦେଶ । ଯଥା—ତୁମ୍ଭେମାନେ କାହାର ଶିଖାଣରେ ଏଥିରେ ମାତିଅଛ ? ବିଂ. ଶିକ୍ଷିତ । ଯେପରି—ଶିଖାଣ ଲୋକ ।

ଶିଖାଇବା, କ୍ରି. (ଶିକ୍ଷ୍ ଧାତୁଜ) ଶିକ୍ଷାଦେବା, ଚିହ୍ନାଇବା; ଉପଦେଶ ଦେବା, ଖଚଳକରିବା । ଯଥା—

**କେ କି ଶିଖାଇଲା ମୋହନା ରେ,**
**କେକୀଶିଖା କୁନ୍ତଳା ମୋହନା ରେ । ସଙ୍ଗୀତ ।**

ଶିଖାଣିଆ, ବିଂ. (ଦେଶଜ) ଯେ ପରକୁ ନାନା କଥା ଶିଖାଏ ।

ଶିଖାବଳ, ବି. ( ଶିଖା-ବଳଚ୍ ଅସ୍ତ୍ୟର୍ଥେ ) ମୟୂର ।

ଶିଖିଧ୍ୱଜ, ବି. (ଶିଖୀ = ଅଗ୍ନି, ମୟୂର-ଧ୍ୱଜ = ଚିହ୍ନ) ଧୂମ; ଧୂଆଁ, କାର୍ତ୍ତିକେୟ ।

ଶିଖିବା, କ୍ରି. (ଶିକ୍ଷ୍ ଧାତୁଜ) ଅଭ୍ୟାସ କରିବା ।

ଶିଖୀ, ବି. (ଶିଖିନ୍—ଶିଖା-ଇନ୍ ଅସ୍ତ୍ୟର୍ଥେ) ଅଗ୍ନି; ମୟୂର, ପର୍ବତ; ବାଣ; ବଳୀବର୍ଦ୍ଦ; କେତୁଗ୍ରହ; କୁକ୍କୁଟ; ଘୋଟକ; ବ୍ରାହ୍ମଣ; ବୃକ୍ଷ । ବିଂ. ଶିଖାଯୁକ୍ତ ।

ଶିଖୁଆ, ବି. (ଦେଶଜ) ଏକପ୍ରକାର ଖେଳ । (ଧୂଳିଗୁଞ୍ଜାଇ ଶବ୍ଦ ଦେଖ ।) ବିଂ. ଯେ ଶିଖିପାରେ ।

ଶିଙ୍ଗ, ସିଙ୍ଗ, ବି. (ଶୃଙ୍ଗ ଶବ୍ଦଜ, ପ୍ରାକୃତ) ଗୋ ମେଷାଦି ମସ୍ତକସ୍ଥ ଶୃଙ୍ଗ । (ଶୂଙ୍ଗ ଶବ୍ଦଜ) ଧାନ୍ୟର ଅଗ୍ରଭାଗ ।

ଶିଙ୍ଗଡ଼ା, ବି. (ଶୃଙ୍ଗାଟକ ଶବ୍ଦଜ) ପାଣିରେ ଜାତ କଣ୍ଟକଫଳବିଶେଷ ।

ଶିଙ୍ଗା, ସିଂହା, ଶିଂଘା, ଶିଂହା, } ବି. (ଶୃଙ୍ଗ ଶବ୍ଦଜ) ବାଦ୍ୟ-ଯନ୍ତ୍ରବିଶେଷ । ଯଥା—

ବଜା ରଣଶିଙ୍ଗା ଆରେ ଶୃଙ୍ଗଧର । କ. ବି.
ବଇଁଶୀ ସିଂହା ଦୁଇ ଅଣ୍ଟାରେ ଖୋସିଲେ,
ପତର ତଲାରକ ମୁଣ୍ଡରେ ଲଦିଲେ । କୃ.ଷ୍ଣ.ବ.ପ.

ଶିଙ୍ଘାଣି, ବି. (ଶିଙ୍ଘାଣ ଶବ୍ଦଜ) ନାସିକାର ମଳ; ଲୌହମଳ ।

ଶିଙ୍ଗାରହାର, ସିଙ୍ଗାରହାର, } ବି. (ଶୃଙ୍ଗାରହାର ଶବ୍ଦଜ) ଗଙ୍ଗଶିଉଳି ଫୁଲ ।

ଶିଙ୍ଗି, ବି. (ଶୃଙ୍ଗୀ ଶବ୍ଦଜ) ମତ୍ସ୍ୟବିଶେଷ ।

ଶିଙ୍ଘାଣ, ବି. (ଶିନ୍ଘ୍ = ଆଘ୍ରାଣ କରିବା-ଆନ) ଲୌହମଳ; ନାସିକାର ମଳ ।

ଶିଙ୍ଘାଣକ, ବି. ( ଶିନ୍ଘ୍-ଆଣକ ) ଶ୍ଳେଷ୍ମା; ନାସିକାମଳ ।

ଶିଜୁ, ସିଜୁ, ସିଝୁ, ବି. ( ସୁଧା ଶବ୍ଦଜ ) ବୃକ୍ଷବିଶେଷ ।

ଶିଞ୍ଜ, ଶିଞ୍ଜା, } ବି. ସ୍ତ୍ରୀ. (ଶିନ୍ଜ୍ = ଅବ୍ୟକ୍ତ ଶବ୍ଦ କରିବା-ଅ, ଆ) ଭୂଷଣ ଧ୍ୱନି; ଅବ୍ୟକ୍ତ ଧ୍ୱନି; ଧନୁର୍ଗୁଣ ।

ଶିଞ୍ଜିତ, ବି. (ଶିନ୍ଜ୍ = ଅବ୍ୟକ୍ତ ଶବ୍ଦ କରିବା-ତ) ଭୂଷଣ ଧ୍ୱନି; ଅବ୍ୟକ୍ତ ଧ୍ୱନି; ଧନୁର୍ଗୁଣ । ବିଂ. ମୁଖର; ଶବ୍ଦକାରୀ । ( ବିଶେଷଣରେ ଶିଞ୍ଜୀ ହୁଏ ।)

ଶିଞ୍ଜିନୀ, ବି. ସ୍ତ୍ରୀ. (ଶିଞ୍ଜା-ଇନ୍ ଅସ୍ତ୍ୟର୍ଥେ-ଈ) ଧନୁର୍ଗୁଣ; ନୂପୁର ।

ଶିତ, ବିଂ. (ଶୋ ବା ଶି = ତୀକ୍ଷ୍ଣ କରିବା-ତ) ଶାଣିତ, ଦାଢ଼ୁଆ; ତୀକ୍ଷ୍ଣ; କ୍ଷୀଣ; ଦୁର୍ବଳ; କ୍ଷୟପ୍ରାପ୍ତ ।

ଶିତାଣ, ବି. (ଶିରସ୍ତ୍ରାଣ ଶବ୍ଦଜ) ଉପଧାନ, ତକିଆ ।

ଶିତି, ବି. (ଶି = ତୀକ୍ଷ୍ଣ କରିବା-ତି) କୃଷ୍ଣବର୍ଣ୍ଣ; ଶୁକ୍ଳବର୍ଣ୍ଣ । ବିଂ. କୃଷ୍ଣବର୍ଣ୍ଣବିଶିଷ୍ଟ; ଶୁକ୍ଳବର୍ଣ୍ଣବିଶିଷ୍ଟ ।

ଶିତିକଣ୍ଠ, ବି. (ଶିତି = କୃଷ୍ଣବର୍ଣ୍ଣ-କଣ୍ଠ) ଶିବ; ମୟୂର; ଦାତ୍ୟୂହ ପକ୍ଷୀ ।

ଶିତୁଳିବା, ଶୀତୁଳିବା, } କ୍ରି. (ଶୀତଳ ଶବ୍ଦଜ, ପ୍ରାକୃତ) ଥଣ୍ଡା କରିବା ।

ଶିତୁଳିପଡ଼ିବା, କ୍ରି. (ଦେଶଜ ପ୍ରାୟ) ଶୀତଳ ହୋଇଯିବା; ଉତ୍ତେଜନା ଉଦ୍‌ବେଗାଦି ଊଣା ହେବା ।

ଶିତୁଳିଆ, ଶୀତୁଳିଆ, } ବି. (ଦେଶଜ) ଗ୍ରୀଷ୍ମକାଳରେ ମୁଣ୍ଡରେ ଯେଉଁ ସବୁ ବଥ ହୁଏ ।

ଶିଥିଳ, ବିଂ. (ଶ୍ଲଥ୍ = ମୋଚନ କରିବା-ଇଳ, ନିପାତନ) ଶ୍ଲଥ, ଢିଲା; କ୍ଲାନ୍ତ, ଅବସନ୍ନ; ଅଳସ; ଦୁର୍ବଳ; କ୍ଷୀଣ; ପରିତ୍ୟକ୍ତ ।

ଶିପ, ସିପ, ବି. (ଶୁକ୍ତି = ପ୍ରାକୃତ ସିପ୍‌ପି ଶବ୍ଦଜ) ସାମୁକା । ଯଥା—

ମୁକୁତା ଶିପେ କରି ଭ୍ରାନ୍ତ,
ରଜତପ୍ରାପ୍ତେ ତା ଜାଣନ୍ତ । ଷ୍ଣ. ଦ. ସ୍ମ.

ଶିପି, ବି. ସଂ. ରଶ୍ମି ବା କିରଣ; ଚର୍ମ ।

ଶିପିବିଷ୍ଟ, ବି. (ଶିପି = କିରଣ-ବିଷ୍ଟ = ପ୍ରବିଷ୍ଟ) ବିଷ୍ଣୁ; ଶିବ; ଇନ୍ଦ୍ରଲୁପ୍ତ ଅର୍ଥାତ୍ ଟାଙ୍ଗରା; କୁଷ୍ଠରୋଗୀ ।

ଶିପିଯିବା, କ୍ରି. (ଦେଶଜ) ଯେ କୌଣସି ପଦାର୍ଥ ପାଣିରେ ପକାଇଲେ ସଙ୍କୁଚିତ ହେବା ।

ଶିଫ, ଶିଫା, } ବି. (ଶୀ = ଶୋଇବା-ଫକ୍) ସ୍ତ୍ରୀ. ତନ୍ତୁବିଶିଷ୍ଟ ଚେର; ଗଛର ମୂଳ; ପଦ୍ମକନ୍ଦ; ହରିଦ୍ରା ।

ଶିମ, ଶିମ୍ବ, ସିମ୍ବ, } ବି. (ଶିମ୍ବୀ ଶବ୍ଦଜ) ଶିମ୍ବଲତା ଓ ଫଳ ।

ଶିମନ୍ଥାନ, ଶିମସ୍ଥାନ, ସିମସ୍ଥାନ, } ବି. (ଶିରସ୍ତ୍ରାଣ ବା ସୀମନ୍ତସ୍ଥାନ ଶବ୍ଦଜ) ଶିରୋଦେଶ, ମୁଣ୍ଡତଳ । ଯଥା—

ପାଦ ନୃପନ୍ତି ଭଗବାନ,
ଦେଇଣ ଜାନୁ ଶିମନ୍ଥାନ । ଭ. ଦ. ସ୍କ.
ଶୋଇଛି ଶିମସ୍ଥାନେ ଦେଇ,
ଲୋକେ ଦେଖିଲେ ତାହା ଯାଇ । ଦା. ର.
ଜାନୁରେ ଦେଇ ସିମସ୍ଥାନ,
କେ ବସି ନୃପନ୍ତି ଚରଣ । ଭ. ଦ. ସ୍କ.

ଶିମିଳ, ଶିମୁଳ, ସିମିଳ, ଶିମ୍ବିଳ, } ବି. (ଶାଲ୍ମଳି ଶବ୍ଦଜ) ବୁରଗଛ । ଯଥା—

ସିମିଳ ବୃକ୍ଷ ବାନ୍ଧ କଣ୍ଟାଗ୍ରେଟ ପିଟି,
କ୍ଷୁର ନହରୁଣୀ ଧରି ଦେହୁ ମାଂସ କାଟି । ନା.ର.ଗୀ.
ଏହାକୁ ବାନ୍ଧ ବେଗେ ନିଅ,
ଶିମିଳ ବୃକ୍ଷେ ବାନ୍ଧିଥାଅ । ମା. ମା.

ଶିମୁଳଲତା, ବି. ସ୍ତ୍ରୀ. (ଦେଶଜ) କୁଳପ୍ରଥା-ବିଶେଷ, ନବ କୁଳବଧୂ ଶାଶୁଘରକୁ ପ୍ରଥମେ ଆସିବା ସମୟରେ ବହିର୍ଦ୍ୱାରଠାରୁ ଈଶାଣ ପର୍ଯ୍ୟନ୍ତ ପିଠୋଉରେ ଲେଖି ଲେଖି ଯିବା ଲତାକାର ରେଖା । (ଏହି ପ୍ରଥା କରଣ ପ୍ରଭୃତି କେତେକ ଜାତିରେ ପ୍ରଚଳିତ ଅଛି । )

ଶିମ୍ବି, ଶିମ୍ବୀ, ଶିମ୍ବିକା, } ବି. ସ୍ତ୍ରୀ. (ଶି = ଶ୍ଲିଷ୍ଟ କରିବା-ବ, ନିପାତନ) ଶିମ୍ବଗଛ ଓ ଫଳ ।

ଶିୟର, ବି, (ଶିରସ୍ ବା ଶୀର୍ଷ ଶବ୍ଦଜ) ଯେଉଁ ଦିଗରେ ଶୟନକାରୀର ମସ୍ତକ ରହେ ।

ଶିୟାଳ, ଶେଆଳ, ଶେୟାଳ, } ବି. (ଶୃଗାଳ ଶବ୍ଦଜ) ବିଲୁଆ, ଶୃଗାଳ ।

ଶିର, ବି. (ଶ୍ରି = ସେବା କରିବା, ମାନ୍ୟ କରିବା-ଅ, ନିପାତନ) ମସ୍ତକ ।

ଶିରଃ, ବି. (ଶିରସ୍—ଶ୍ରି = ସେବା କରିବା, ମାନ୍ୟ କରିବା-ଅସ୍, ନିପାତନ) ମସ୍ତକ; ବୃକ୍ଷାଗ୍ର; ଅଗ୍ରଭାଗ; ସୈନ୍ୟର ଅଗ୍ରବର୍ତ୍ତୀ ଦଳ ।

ଶିରକାଟ, ବି. (ଶିରଃକର୍ତ୍ତନ ଶବ୍ଦଜ) ମୁଣ୍ଡ କାଟିବା । ବିଂ. ଛିନ୍ନମସ୍ତକ, ଯାହାର ଶିର କଟାଗଲା । ଯଥା—

ଚନ୍ଦ୍ରବଂଶ କ୍ଷତ୍ରିଶ ସେ ଦମନର ଥାଟ,
ଅସୁର ସମେତେ ସର୍ବେ ହେଲେ ଶିରକାଟ । ସା.ଭ ଆ.

ଶିରନାମା, ବି. (ଶିରୋନାମନ୍ ଶବ୍ଦଜ) ପତ୍ରର ଉପରଭାଗରେ ଲେଖିବା ନାମ । (ସଂସ୍କୃତ ହେଲେ ଶିରୋନାମ ହୁଏ ।)

ଶିରପା, ଶିରପା, } ବି. (ଶିରଃପା ଶବ୍ଦଜ) ପୁରସ୍କାର ଶାଢ଼ିକା; ଶିରସ୍ତ୍ରାଣବିଶେଷ, ଯାହା କି ଉପାଧିପ୍ରଦାନ ପ୍ରଭୃତି ସମୟରେ ବନ୍ଧା ହୁଏ । (ଶିରଃପାଦ ଶବ୍ଦଜ) ଅଶ୍ୱର ଅଗ୍ରପଦ ଉତ୍ତୋଳନ ।

ଶିରପେଞ୍ଚ, ବି. (ଦେଶଜ ପ୍ରାୟ) ମସ୍ତକଭୂଷଣ-ବିଶେଷ । ଯଥା—

ଶିରପେଞ୍ଚ ଯାହା କଲୁ ଧନ ଅନ୍ତ୍ରେ,
ତରଳେ କରକାପ୍ରାସ୍ତେ କାଳଦନ୍ତ୍ରେ । ଦ. ବା.

ଶିରସ୍ତା, ବି. (ଆରବ୍ୟ) ହିସାବ ପତ୍ରାଦିର ତାଡ଼ା ବା ବିଡ଼ା ।

ଶିରସ୍ତାଦାର, ବି. (ଆରବ୍ୟ) ଶିରସ୍ତାର ଅଧିକାରୀ ।

ଶିରସ୍ତ, ଶିରସ୍ତ୍ରାଣ, ଶିରସ୍କ, } ବି. (ଶିରସ୍-ତ୍ରୈ = ରକ୍ଷା କରିବା-ଅ, ଅନ, ପକ୍ଷେ ଶିରସ୍-କ) ଉଷ୍ଣୀଷ, ପାଗ, ଟୋପି ।

ଶିରସ୍ୟ, ବିଂ. (ଶିରସ୍-ଯ ସମ୍ବନ୍ଧାର୍ଥେ) ଶିରଃ-ସମ୍ବନ୍ଧୀୟ; ଶିରୋଜ । ବି. ନିର୍ମଳକେଶ, ପରିଷ୍କୃତ ଚୂଡ଼ା । (ଶିରସ୍ୟୋ ବିଶଦେ କଚେ—ଅମର ।)

ଶିର, ବି. (ଶୃ = ହିଂସାକରିବା-ଅ-ଆ) ନାଡ଼ୀ । (ଦେଶଜ) ନବାନ୍ନ ରାନ୍ଧିଲାବେଳେ ଗୁଡ଼ରୁ ଜାତ ସାର ଅଂଶ । ଯଥା—

ଛେନା ଦଶ ବଶା ଚପୁଡ଼ି ଆଣ,
ନବାନ୍ନଶିରରୁ ଦଶ ମହଣ । ହା. ତ.

(ଗଞ୍ଜାମୀ) ଗଞ୍ଜାମରେ ସମଧିକ ଲୋକେ ତୈଲଙ୍ଗ ଅଭ୍ୟାସବଶରୁ କାଳୀକୁ ଶିରା କହନ୍ତି ।

ଶିରବଣ, ବି. (ଶ୍ରାବଣ ଶବ୍ଦର ଅପଭ୍ରଂଶ) ଶ୍ରାବଣ ମାସ । ଯଥା—

ଦେଖ ଧାରା ଶିରବଣ, ଜଳ ପଡ଼େ ଅନୁକ୍ଷଣ । ବା.କୋ.

ଶିରାଳ, ବିଂ. (ଶିରା-ଳ ଅସ୍ତ୍ୟର୍ଥେ) ଶିରାଯୁକ୍ତ । ବି. କରମଙ୍ଗା ଫଳ ।

ଶିରି, ବି. (ଶୃ = ହିଂସାକରିବା-ଇ, ଋ=ଇର୍) ଖଡ୍ଗ; ବାଣ; ହିଂସ୍ରବ୍ୟକ୍ତି; ଶଲଭ; ଝିଣ୍ଟିକା । (ଶ୍ରୀ ଶବ୍ଦର ଅପଭ୍ରଂଶ) ସମ୍ପତ୍ତି; ଶୋଭା । ଯଥା—ଏଥିରେ ଏକାବେଳକେ ତାର ଶିରି ଛୁଡ଼ିଗଲା ।

ଶିରିପଞ୍ଚମୀ, ଶିରିପଞ୍ଚମି, } ବି. ସ୍ତ୍ରୀ. (ଶ୍ରୀପଞ୍ଚମୀ ଶବ୍ଦଜ) ମାଘ ଶୁକ୍ଳପଞ୍ଚମୀ ତିଥି ।

ଶିରିସ, ଶିରୁସ, ଶିରୁସା, } ବି. (ଶୀର୍ଷ ଶବ୍ଦଜ) ମସ୍ତକ । ଯଥା—

ଶରୀରଯାକ ଫୁଟି ବଣଇ ଚକ୍ଷୁ ଶିର,
ସହସ୍ର ଶିରୁସା ତେଣୁ ବୋଲନ୍ତି ଦାମୋଦର । ନୃ.ପୁ.ପ.ତ.

ଶିରିଷି, ଶିରିସ, } ବି. (ଶିରୀଷ ଶବ୍ଦଜ) ବୃକ୍ଷବିଶେଷ ଓ ତାର ଫୁଲ ଫଳ ।

ଶିରୀଷ, ବି. (ଶୃ = ହିଂସାକରିବା-ଈଷନ୍) ବୃକ୍ଷବିଶେଷ; ଶିରୀଷପୁଷ୍ପ ।

ଶିରୋଗୃହ, ବି. ସଂ. ଚନ୍ଦ୍ରଶାଳା, ଅଟ୍ଟାଳିକାର ସର୍ବୋପରିସ୍ଥ ଗୃହ ।

ଶିରୋଧରା, ଶିରୋଧି, } ବି. (ଶିରସ୍-ଧୃ-ଅ-ଆ, ପକ୍ଷେ-ଇ ପ୍ରତ୍ୟୟ) ଗ୍ରୀବା, ଗଳଦେଶ ।

ଶିରୋପା, ବି. (ଶିରସ୍-ପା = ରକ୍ଷାକରିବା-ଅ-ଆ) ଉଷ୍ଣୀଶ, ପାଗ ।

ଶିରୋରୁହ, ଶିରୋଜ, ବି. ସଂ. କେଶ, ବାଳ ।

ଶିରୋବେଷ୍ଟ, ଶିରୋବେଷ୍ଟନ, } ବି. (ଶିରସ୍-ବେଷ୍ଟ,ବେଷ୍ଟନ) ଉଷ୍ଣୀଷ, ପାଗ ।

ଶିଳ, ବି. (ଶିଲ୍ = କ୍ଷେତ୍ରରେ ପତିତ ଧାନ୍ୟାଦି ବାଛିନେବା-ଅ) ଉଞ୍ଛବୃତ୍ତି । (ଶିଳାଶବ୍ଦଜ) ହଳଦି ପ୍ରଭୃତି ବାଟିବା ନିମନ୍ତେ ପ୍ରସ୍ତରବିଶେଷ, ସାଧାରଣ ପଥର ।

ଶିଲ, ସିଲ, ବି. (ଗଞ୍ଜାମରେ ବ୍ୟବହୃତ) ଛାଡ଼ି ବା ବିଦାୟ, ଛୁଟି, ଅବସର ।

ଶିଳପଟା, ଶିଳପୁଆ, ଶିଳୁପା, ଶିଳପୁତା, ଶିଳିପଟା, } ବି. (ଶିଳାପୁତ୍ର ଶବ୍ଦଜ) ଶିଳ ଉପରେ ଯେଉଁ ପ୍ରସ୍ତରଖଣ୍ଡ ରଖି ବାଟିବାକୁ ହୁଏ । ଯଥା —

ଉଠିଲେ ଭବ ସୁଖଦାତା, ଘରୁ ଆଣିଲେ ଶିଳପଟା ।
ପିଟିଲେ ଦଧିଭାଣ୍ଡେ ନେଇଁ । ଖ୍ରୀ. ଦ. ସ୍କ.

ଶ୍ରୀପତି ଶିଳପୁଆ ଧରି, ଗୋବିନ୍ଦ ନାମେ ଗୁଣ୍ଡା କରି ।
ଦା. ର.

ଶିଳା, ବି. ସ୍ତ୍ରୀ. (ଶିନୋତିତନୂକରୋତି ଆୟୁଧମିତି ଶିଳା—ଶିଙ୍ ନିଶାତନେ, ଶି-ଳ-ଆ) ପ୍ରସ୍ତର, ପଥର । (ଶାଲ୍ୟତେଶ୍ଳାଘ୍ୟତେ ଇତି ଶିଳା, ଶାଲ୍ୟଶ୍ଳାଘାୟାଂ ।) (ଶାଲ୍-ଅ-ଆ = ଇ—ନିପାତନ) ଦ୍ୱାରର ଅଧଃସ୍ଥିତ କାଷ୍ଠାଦି ।(ଅଧସ୍ତାଦାରୁଣି ଶିଳା—ଅମର ।) ଦୁଇସ୍ତମ୍ଭର ଉପରିସ୍ଥାପିତ ଦୀର୍ଘକାଷ୍ଠ ।

ଶିଳପ,ବି.(ଶିଳ୍ପ ଶବ୍ଦଜ) କାରୁକାର୍ଯ୍ୟ । ଯଥା—

ଧନ୍ୟ ଧନ୍ୟ ଧନ୍ୟ ଶିଳପ ଗୁରୁରି । କ. ମ.

ଶିଳନ୍ଧ୍ର, ବି. (ଶିଳୀ = ଭେକ-ଧୃ-ଅ) ଛତ୍ରାକ, ଛତୁ; ବେଙ୍ଗର ଛତା; କଦଳୀଗଛ ।

ଶିଳୀ, ବି. ସ୍ତ୍ରୀ. ସଂ. ଭେକ, ବାଇବେଙ୍ଗ । (ଶିଳୀ ଗଣ୍ଡୂପଦୀ ଭେକୀ—ଅମର ।)

ଶିଳୋଚ୍ଚୟ, ବି. (ଶିଳା-ଉତ୍-ଚି-ଅ) ପର୍ବତ, ପର୍ବତଶୃଙ୍ଗ ।

ଶିଳୋଞ୍ଛ, ବି. (ଶୀଳ-ଉଞ୍ଛ୍ = ଖୁଣ୍ଟିନେବା, ବାଛି ନେବା-ଅ) ଉଞ୍ଛବୃତ୍ତି ।

ଶିଲ୍ପ, ବି. (ଶିଳ୍ = ନିପୁଣହେବା-ପକ୍) ବସ୍ତୁ ନିର୍ମାଣାଦି କର୍ମ, କାରିଗରି; ବେଣୁବୀଣାଦି ବାଦ୍ୟ; ନୃତ୍ୟଗୀତ ବାଦ୍ୟାଦି । (ବିଶେଷଣରେ ଶିଳ୍ପିକ ଓ ଶିଳ୍ପୀ ହୁଏ ।)

ଶିଲ୍ପଲିପି, ବି. ସଂ. ପ୍ରସ୍ତରାଦିରେ ଖୋଦିତ ଅକ୍ଷରପଂକ୍ତି ।

ଶିବ, ବି. [ଶିବ = କଲ୍ୟାଣ-ଅ ଅସ୍ତ୍ୟର୍ଥେ କିମ୍ବା ଶୋ = ( ଅଶୁଭ ) ନାଶ କରିବା-ବ ] ମହାଦେବ; ମୁକ୍ତି; ପାରଦ; ବେଦ; ସୁଖ; ମଙ୍ଗଳ; ଜଳ; ଶୁଭ; ଅଦ୍ୱୈତବ୍ରହ୍ମ । ବିଂ. ଶୁଭଦ; ସୁଖଦ; ରମଣୀୟ ।

ଶିବତାତି, ବିଂ. ସଂ. ( ଶିବ = ସୁଖ-ତାତି ) କ୍ଷେମଙ୍କର, ଶୁଭଜନକ ।

ଶିବରାତ୍ରି, ବି. ସ୍ତ୍ରୀ. (ଶିବ-ରାତ୍ରି) ଶିବଚତୁର୍ଦ୍ଦଶୀ, ଫାଲ୍ଗୁନ କୃଷ୍ଣଚତୁର୍ଦ୍ଦଶୀ ଓ ସେହି ରାତ୍ରି ।

ଶିବା, ବି. ସ୍ତ୍ରୀ. (ଶିବ-ଆ) ଶୃଗାଳୀ; ହରୀତକୀ; ଆମଳକୀ; ହରିଦ୍ରା; ଦୂବା; ମୁକ୍ତି; ଶମୀବୃକ୍ଷ; ନଦୀବିଶେଷ; ଗୌରୀ ।

ଶିବିକା, ବି. ସ୍ତ୍ରୀ. (ଶିବ ନାମଧାତୁ = ସୁଖଦାନ କରିବା-ଅକ-ଆ) ଯାନବିଶେଷ, ପାଲିଙ୍କି, ଡୋଲି ।

ଶିବିର, ବି. (ଶୀ = ଶୟନ ବା ବିଶ୍ରାମ କରିବା-ଇର, ବ ଆଗମ ) ସେନାନିବେଶ; ପଟାବାସ; ଶସ୍ତ୍ରବିଶେଷ ।

ଶିଶୟିଷା, ବି. ସ୍ତ୍ରୀ. ( ଶୀ = ଶୋଇବା-ସନ୍ ଇଚ୍ଛାର୍ଥେ ଦ୍ୱିତ୍ୱ-ଅ-ଆ) ଶୋଇବାର ଇଚ୍ଛା । (ବିଶେଷଣରେ ଶିଶୟିଷୁ ହୁଏ ।)

ଶିଶି, ବି. ( ଯାବନିକ ) କାଚନିର୍ମିତ କ୍ଷୁଦ୍ର ପାତ୍ରବିଶେଷ । (ଶିଶୁ ଶବ୍ଦଜ) ଶିଶୁ, ପିଲା । ଯଥା—

ଶୁଣି ଶବର ଅଳପ ହସି, ବୋଇଲେ ଶୁଣ ବାଳଶିଶି । ଦା. ଭ.

ଶିଶିର, ବି. [ଶଶ୍ = (ଦକ୍ଷିଣକୁ ସୂର୍ଯ୍ୟ ଗଲେ) ଗମନ କରିବା-ଇର, ଅ = ଇ ] ହିମ, ତୁଷାର; ଶୀତକାଳ, ମାଘଫାଲ୍ଗୁନମାସ । ବିଂ. ଶୀତଳ; ଜଡ଼ ।

ଶିଶୁ, ବି. (ଶିଶ୍ = ଗମନ କରିବା-ଉ) ବାଳକ ।

ଶିଶୁ, ଶିଶୁଆ, ଶିଶୁପା, ବି. (ଶିଂଶପା ଶବ୍ଦଜ) ବୃକ୍ଷବିଶେଷ ।

ଶିଶୁମାର, ବି. (ଶିଶୁ-ମୃ-ଣିଚ-ଅ) ଜଳଜନ୍ତୁବିଶେଷ; ତାରାଚକ୍ରବିଶେଷ ।

ଶିଶୁମୂନା, ବି. ସ୍ତ୍ରୀ. (ସୁଷୁମ୍ନା ଶବ୍ଦଜ) ଦେହସ୍ଥ ପ୍ରାଣନାଡ଼ୀବିଶେଷ । ଯଥା —

ଇଅଁଳା ପିଅଁଳା ଯେ ଶିଶୁମୂନା ଧାର,
ଚହ୍ଲିଲେ ସେ ପ୍ରତ୍ୟକ୍ଷ ଅଟନ୍ତି ଗଙ୍ଗାନୀର । ନୃ. ପ୍ର.ପ୍ର.ଚ.

ଶିଶ୍ନ, ବି. ( ଶିଶ୍ = ଗମନକରିବା-ନକ୍, ନିପାତନ ) ପୁରୁଷଉପସ୍ଥ ।

ଶିଷ, ଶିଷି, ବି. (ଶିଷ୍ୟ ଶବ୍ଦଜ) ଶିଷ୍ୟ; ପୁତ୍ର । ଯଥା—

ବୋଇଲା ଶୁଣ ଧନଶିଷ,
କର୍ଭସ୍ଥ ହୋଇ ବେଗେ ଆସ । ଦା. ଭ.
ଗ୍ରାମୁରେ କହିଲୁ ବିଶେଷି,
ଶୁଣି ବୋଇଲେ ଧର୍ମଶିଷି । ମା. ମା.

ଶିଷର, ବି. (ଶୁଷିର ଶବ୍ଦଜ) ବାଦ୍ୟବିଶେଷ ।

ଶିଷା, ଶିଂଷା, ଶିଂସା, ବି. (ଶୀର୍ଷ ଶବ୍ଦଜ) ଶସ୍ୟଗୁଚ୍ଛ, ଧାନ୍ୟାଦିର ମଞ୍ଜରୀ । ଯଥା—

ଧାନ ନଡ଼ା ଗୋଟିକେ ଶଏ ଗୋଟି ଶିଂଷା ।
ଗୋଟି ହୋଇଛନ୍ତି ଦେ ରାଜନ ମହାଯଶା । କୃ.ଭ.ଖ ପ.

ଶିଷୀ, ବି. ସ୍ତ୍ରୀ. (ଶିଷ୍ୟା ଶବ୍ଦଜ) ଶିଷ୍ୟା, ମାଈ ପିଲା । ଯଥା—

ଶୁଣି ତରି ଭୂଠରେ ଜଗିଲା ବାଳଶିଷୀ,
କାତ କେଳୁଆର ଧରି ନାଚେ ଅଛୁ ବସି । ନା.ର.ଗୀ.

ଶିଷ୍ଟ, ବିଂ. (ଶାସ୍ = ଶାସନକରିବା-ତ) ଶାନ୍ତ, ସୁବୋଧ; ମାର୍ଜିତ; ଅବଶିଷ୍ଟ; ବଶତାପନ୍ନ; ଶିକ୍ଷିତ; ବିନୀତ; ପ୍ରଧାନ, ବିଖ୍ୟାତ; ଆଜ୍ଞପ୍ତ । ବି. ମନ୍ତ୍ରୀ; ସଭ୍ୟ; ସର୍ଦ୍ଦାର ।

ଶିଷ୍ଟି, ବି.(ଶାସ୍ = ଶାସନକରିବା-ତି, ନିପାତନ) ଶାସନ, ତାଡ଼ନ; ଆଦେଶ; ଶୋଧନ; ବିନ୍ୟାସ ।

ଶିଷ୍ୟ, ବି. ( ଶାସ୍-ଯ ) ଛାତ୍ର । ବିଂ. ଶାସନଯୋଗ୍ୟ; ଉପଦେଷ୍ଟବ୍ୟ, ଶିକ୍ଷଣୀୟ ।

ଶିସ, ସିସ, ସିସ୍ସ, } ବି. (ଶିଷ୍ୟ ଶବ୍ଦଜ, ପ୍ରାକୃତ) ଶିଷ୍ୟ ।

ଶିହ୍ଲ, ଶହ୍ଲକ, ବି. ସଂ. ସୁଗନ୍ଧଦ୍ରବ୍ୟବିଶେଷ ।

ଶିହ୍ଲା, ସିହ୍ଲା, ବି. (ଶହ୍ଲକ ଶବ୍ଦଜ) ସୁଗନ୍ଧ ଦ୍ରବ୍ୟବିଶେଷ ।

ଶୀକର, ବି. (ଶୀକ୍ = ଜଳାଦି ସେକ କରିବା-ଅର) ବାୟୁପ୍ରେରିତ ଜଳବିନ୍ଦୁ, ଜଳକଣା; ସୂକ୍ଷ୍ମବୃଷ୍ଟି; ବାୟୁ ।

ଶୀଘ୍ର, କ୍ରି. ବିଂ. (ଶିନ୍ଘ୍ = ଆଘ୍ରାଣ କରିବା-ରକ୍, ନିପାତନ) ଅବିଳମ୍ବ, ତ୍ୱରା । ବିଂ. ଶୀଘ୍ରତାଯୁକ୍ତ, ସତ୍ୱର ।

ଶୀଘ୍ରଚେତନ, ବି. (ଶୀଘ୍ର-ଚେତନ) କୁକ୍କୁର ।

ଶୀଘ୍ରାୟମାଣ, ବିଂ. [ଶୀଘ୍ର-ଆୟ (ନାମଧାତୁ) ମାନ] ଶୀଘ୍ର ଗମନକାରୀ ।

ଶୀତ, ବିଂ. (ଶ୍ୟୈ = ଗମନ କରିବା-ତ) ଶୀତଳ; ଜଡ଼; ଅଳସ । ବି. ଶୀତଋତୁ; ଶୀତଳତା; ଜଳ; ବେତସବୃକ୍ଷ; କର୍ପୂର ।

ଶୀତକର, ଶୀତଗୁ, } ବି. [ଶୀତ-କର, ଗୁ (ଗୋ)] ଚନ୍ଦ୍ର; କର୍ପୂର ।

ଶୀତଳ, ବିଂ. (ଶୀତ = ଶୀତଳତା-ଲା = ଦାନ କରିବା-ଅ, କିମ୍ବା ଶୀତ = ଶୈତ୍ୟ-ଳ ଅସ୍ତ୍ୟର୍ଥେ) ଶୈତ୍ୟଗୁଣଯୁକ୍ତ । ବି. ଚନ୍ଦନ; ମୌକ୍ତିକ; ବେଣାମୂଳ; ପଥ; ଚନ୍ଦ୍ର । (ସ୍ତ୍ରୀ-ଆ) ଦେବୀବିଶେଷ, ବିସ୍ଫୋଟକାଦିର ଅଧିଷ୍ଠାତ୍ରୀ ଦେବତା ।

ଶୀତ୍କାର, ଶୀତ୍କୃତ, ଶୀତ୍କୃତି, } ବି. (ଶୀତ୍ = ଅନୁକରଣ ଶବ୍ଦ-କୃ = କରିବା-ଅ, ତ, ତି) ରତି କାଳରେ ସ୍ତ୍ରୀମାନଙ୍କର ମୁଖର ଅବ୍ୟକ୍ତ ଧ୍ୱନି, ରତିକାଳୀନ ଧ୍ୱନିବିଶେଷ, ଈସି ଇସ୍ ଏହି ଶବ୍ଦ ।

ଶୀଧୁ, ଶୀଧୂ, ବି. (ଶୀ = ଶୋଇବା-ଧୁ) ଇକ୍ଷୁରସଜନିତ ମଦ୍ୟବିଶେଷ ।

ଶୀର୍ଣ୍ଣ, ବିଂ. (ଶୄ = ହିଂସାକରିବା-ତ, ର = ଈର) କ୍ଷୀଣ; ଶୁଷ୍କ; ଛିନ୍ନ; ପତିତ ।

ଶୀର୍ଷ, ବି. (ଶିରସ୍ ସ୍ଥାନେ ଶୀର୍ଷ) ମସ୍ତକ ।

ଶୀର୍ଷକ, ବି. (ଶୀର୍ଷ-କ = ସୁଖ) ଟୋପର; ପଗଡ଼ି, ପାଗ; ଶିରୋବେଷ୍ଟି; ମସ୍ତକ; ଜୟ-ପରାଜୟ ନିଦର୍ଶନପତ୍ର; ରାହୁଗ୍ରହ ।

ଶୀର୍ଷଚ୍ଛେଦିକ, ଶୀର୍ଷଚ୍ଛେଦ୍ୟ, } ବିଂ. (ଶୀର୍ଷ-ଛେଦ-ଇକ, ଶୀର୍ଷ-ଛିଦ୍-ଯ) ଶିରଶ୍ଛେଦନ-ଯୋଗ୍ୟ, ବଧ୍ୟ ।

ଶୀର୍ଷଣ୍ୟ, ବି. (ଶିରସ୍-ଯ, ଶିରସ୍ ସ୍ଥାନେ ଶୀର୍ଷଣ ଆଦେଶ) ଶିରସ୍ତ୍ରାଣ, ପାଗ; ବିଷଦ-କେଶ । ବିଂ. ମସ୍ତକସ୍ଥ; ମସ୍ତକଜାତ ।

ଶୀଳ, ବି. (ଶୀଲ୍ = ଏକାନ୍ତ ପ୍ରବୃତ୍ତ ହେବା-ଅ) ସ୍ୱଭାବ, ଚରିତ୍ର; ସଚ୍ଚରିତ୍ର । ବିଂ. ବିଶିଷ୍ଟ, ଯୁକ୍ତ ।

ଶୀଳନ, ବି. (ଶୀଲ୍-ଅନ) ଆଲୋଚନା; ଅଭ୍ୟାସ; ପ୍ରବର୍ତ୍ତନ; ପରିଦର୍ଶନ । (ବିଶେଷଣରେ ଶୀଳିତ ହୁଏ ।)

ଶୁଆ, ବି. (ଶୁକ ଶବ୍ଦଜ) ଶୁକପକ୍ଷୀ । (ଶୀ ଧାତୁଜ) ଶୋଇବା । ଯଥା—

ଶେଯଶୁଆ ଛଡ଼ାଇବି, ସେ କୋମଳାଙ୍ଗୀକି,
ଆନନ୍ଦଦାୟିକି ଗୃହରେ ପହୁଡ଼ାଇବି । ବ. ଚ. ମ.

ବିଂ. ଯେ ଶୋଇଥାଏ ।

ଶୁଆଇବା, କ୍ରି. (ଶୀ ଧାତୁଜ) ଶୟନ କରାଇବା; ହତୌଜ ଓ ପରାଭୂତ କରିବା ।

ଶୁଆପକ୍ଷିଆ, ଶୁଆପଖିଆ } ବିଂ. (ଶୁକପକ୍ଷୀୟ ଶବ୍ଦଜ) ଶୁକ-ପକ୍ଷ ତୁଲ୍ୟ, ଶୁକପକ୍ଷସମ୍ବନ୍ଧୀୟ । ବି. ହରିଦ୍ବର୍ଣ୍ଣ । ଯଥା—

ସେ ବଲ ଆଗ ଲୁଆ, ଶୁଆପକ୍ଷିଆ ବୂଲିଗଲଣି ।
ଛ. ଆ. ଗୁ.

ଶୁକ, ବି. (ଶୁକଶାତ ଶୁକଃ—ଶୁକ୍‌ଗତୌ, ଶୁକ୍ = ଗମନ କରିବା-ଅ) ପକ୍ଷିବିଶେଷ, ଶୁଆପକ୍ଷୀ; ବ୍ୟାସଙ୍କ ପୁତ୍ର; ରାବଣଙ୍କ ମନ୍ତ୍ରୀ; ଶିରୀଷବୃକ୍ଷ; ବସ୍ତ୍ର; ବସ୍ତ୍ରାଞ୍ଚଳ; ଉଷ୍ଣୀଷ ।

ଶୁକତାରା, ବି. ସ୍ତ୍ରୀ. (ଶୁକ୍ରତାରକା ଶବ୍ଦଜ) ଶୁକ୍ରଗ୍ରହ; ଏହି ତାରା କେବେ ଉଷାର ପୂର୍ବେ ପୂର୍ବଦିଗରେ କେବେ ସାୟଂ ସମୟରେ ପଶ୍ଚିମଦିଗରେ ବହୁଦିନ ପର୍ଯ୍ୟନ୍ତ ଦୃଷ୍ଟିଗୋଚର ହୋଇଥାଏ ।

ଶୁକୁଆ, ସୁକୁଆ, ଶୁଖୁଆ, } ବି.(ଦେଶଜ ବା ଶୁଷ୍କ ଆମିଷ ଶବ୍ଦଜ) ଶୁଖିଲା ମାଛ ।

ଶୁକୁଟା, ସୁକୁଟା, ଶୁକ୍ତା, } ବିଂ. (ଶୁଷ୍କ ଶବ୍ଦଜ)ମୁରୁକୁଟିଆ, ଶୁଷ୍କ । ବି. ଶୁଷ୍କଦ୍ରବ୍ୟ । ଯେପରି—ଆମ୍ବ ସୁକୁଟା ।

ଶୁକ୍ତ, ବି. ( ଶୁଚ୍ = ଶୁଚିହେବା-ତ ) ମାଂସ; କାଞ୍ଜିକ,ବ୍ୟଞ୍ଜନବିଶେଷର ଯୂଷ; ଦୁର୍ବାକ୍ୟ । ବିଂ. ପବିତ୍ର; ପରିଷ୍କୃତ; ପର୍ଯ୍ୟୁଷିତ;ନିଷ୍ଠୁର; ନିର୍ଜ୍ଜନ ।

ଶୁକ୍ତି, ବି. (ଶୁଚ୍=ଶୋକ କରିବା ଇତ୍ୟାଦି-କ୍ତି) ଶାମୁକା; ଶଙ୍ଖ; ଅଶ୍ୱର ବକ୍ଷଃସ୍ଥଳରେ ଲୋମାବଳୀକୃତ ଆବର୍ତ୍ତିବସ୍ତୁ ।

ଶୁକ୍ର, ବି. (ଶୁଚ୍ = ଶୁଚିହେବା ଇତ୍ୟାଦି-ରକ୍) ଦୈତ୍ୟଗୁରୁ; ଅଗ୍ନି; ଚିତ୍ରକବୃକ୍ଷ; ଜ୍ୟେଷ୍ଠ-ମାସ; ତେଜଃ; ବୀର୍ଯ୍ୟ; ଚକ୍ଷୁରୋଗବିଶେଷ ।

ଶୁକ୍ରଶିଷ୍ୟ, ବି. ସଂ. ଦୈତ୍ୟ, ଅସୁର ।

ଶୁକ୍ଳ, ବିଂ. ( ଶୁଚ୍ = ନିର୍ମଳ ହେବା-ଲକ୍ ) ଶ୍ୱେତବର୍ଣ୍ଣବିଶିଷ୍ଟ; ଶୁଦ୍ଧ । ବି. ଶ୍ୱେତବର୍ଣ୍ଣ; ରୁପା; ନବନୀତ; ଚକ୍ଷୁରୋଗବିଶେଷ ।

ଶୁକ୍ଳକର୍ମା, ବିଂ. (ଶୁକ୍ଳ=ନିର୍ମଳ-କର୍ମନ୍ ଯାହାର) ସତ୍କର୍ମର ଅନୁଷ୍ଠାତା; ଶୁଦ୍ଧଚରିତ୍ର ।

ଶୁକ୍ଳାପାଙ୍ଗ, ବି. (ଶୁକ୍ଳ-ଅପାଙ୍ଗ = ନେତ୍ରପ୍ରାନ୍ତ ଯାହାର) ମୟୂର ।

ଶୁକ୍ଳିମା, ବି. (ଶୁକ୍ଳ-ଇମନ୍ ଭାବାର୍ଥେ) ଶୁକ୍ଳତ୍ୱ ।

ଶୁଖା, ସୁଖା, ବି. (ଶୁଷ୍କ ଶବ୍ଦଜ) ଶୁଷ୍କକରିବା । ବିଂ. ଶୁଷ୍କ । କ୍ରି. ଶୁଷ୍କକର ।

ଶୁଖାଇବା, କ୍ରି. (ଶୁଷ୍ ଧାତୁଜ) ଶୁଷ୍କ କରିବା; କ୍ଷୀଣ କରିବା ।

ଶୁଖିବା, କ୍ରି. (ଶୁଷ୍ ଧାତୁଜ) ଶୁଷ୍କହେବା; କ୍ଷୀଣ ହେବା ।

ଶୁଖିଲା, ସୁଖିଲା, } ବିଂ. (ଶୁଷ୍କ = ପ୍ରାକୃତ ସୁକ୍ଖ ଶବ୍ଦଜ) ଶୁଷ୍କ । ଯେପରି—ଶୁଖିଲା ପତର ।

ଶୁଙ୍ଗ, ବି. (ଶମ୍=ଶାନ୍ତହେବା-ଗ, ନିପାତନ—ଅନ୍ୟମତରେ ଏହି ଶବ୍ଦଟି ଦେଶଜ) ବଟବୃକ୍ଷ; ଆମ୍ବ୍ରାତକଗଛ; ଧାନ୍ୟାଦିର ସୁଙ୍କ ।

ଶୁଙ୍ଘିବା, ସୁଂଘିବା, ସୁଙ୍ଘିବା, କ୍ରି. (ଦେଶଜ) ଆଘ୍ରାଣ କରିବା । ଯଥା—
ଯେଉଁ ବୃଷଭର ମୂତ୍ରକୁ ଶୁଙ୍ଘିଲେ,
ବନ୍ଧ୍ୟା ସ୍ତ୍ରୀ ଶିଘ୍ର ପୁତ୍ର ପ୍ରସବଇ ଭଲେ । କୃ.ଭା.ବ.ପ.

ଶୁଚ୍. ଶୁଚା, ବି. ( ଶୁଚ୍ = ଶୋକ କରିବା-କ୍ୱିପ୍, ଆ) ଶୋକ, ଦୁଃଖ ମନସ୍ତାପ ।

ଶୁଚି, ବି. ( ଶୁଚ୍ = ନିର୍ମଳହେବା-ଇ ) ଅଗ୍ନି; ଜ୍ୟେଷ୍ଠମାସ; ଆଷାଢ଼ମାସ; ସୂର୍ଯ୍ୟ, ଚନ୍ଦ୍ର; ମହାଦେବ; ବୃହସ୍ପତି; ବ୍ରାହ୍ମଣ; ଶୃଙ୍ଗାର-ରସ; ଶ୍ୱେତବର୍ଣ୍ଣ; ସଦାଚାର । ବିଂ. ନିର୍ଦ୍ଦୋଷ; ଅନୁପହତ; ପବିତ୍ର; ନିର୍ମଳ; ଶ୍ୱେତବର୍ଣ୍ଣବିଶିଷ୍ଟ; ଅନୁକୂଳ ।

ଶୁଣା, ବି. (ଶ୍ରୁ = ପ୍ରାକୃତ ଶୁଣ୍ ଧାତୁଜ) ଶ୍ରବଣ କରିବା । ବିଂ. ଶ୍ରବଣ କରାଯିବା, ଶ୍ରୁତ । ଯେପରି—ଶୁଣାକଥା ।

ଶୁଣାମଣା, ଶୁଣାମଣି, } ବି. (ପ୍ରାକୃତ ଶୁଣ୍ ଧାତୁଜ)ପ୍ରଭୁଙ୍କୁ ଶ୍ରବଣ କରାଇବା ।

ଶୁଣିବା, ଶୁଣିମା, ସୁଣିବା, ସୁଣିମା, } ବି. ( ଶ୍ରୁ = ପ୍ରାକୃତ ଶୁଣ୍ ଧାତୁଜ ) ଶ୍ରବଣକରିବା ।

ଶୁଣିବା, ଶୁଣିଲା, ବିଂ. ( ଶୁଣ୍ ଧାତୁର ରୂପ ) ଶ୍ରୁତ ।

ଶୁଣ୍ଠିଆ, ବି. (ଗଡ଼ଜାତରେ) ଶୁଖିଲା କାଠ ।

ଶୁଣ୍ଡ, ବି. ( ଶୁଣ୍ = ଗମନକରିବା-ଡ଼ ) ହସ୍ତି-ହସ୍ତ; ହସ୍ତିର ଗଣ୍ଡସ୍ଥଳରୁ ମଦକ୍ଷରଣ ।

ଶୁଣ୍ଡା, ବି. ସ୍ତ୍ରୀ. (ଶୁଣ୍ଡ ଆ) ମଦ୍ୟ; ଜଳହସ୍ତିନୀ; କୁଟ୍ଟିନୀ; ହାତୀର ଶୁଣ୍ଡ ।

ଶୁଣ୍ଡାପନ, ବି. ସଂ. ମଦ୍ୟପାନ ଗୃହ ।

ଶୁଣ୍ଡାଳ, ବି. (ଶୁଣ୍ଡା-ଳ ଅସ୍ତ୍ୟର୍ଥେ) ହସ୍ତୀ ।

ଶୁଣ୍ଡି, ସୁଣ୍ଡି, ବି. (ଶୁଣ୍ଡି ବା ଶୌଣ୍ଡିକ ଶବ୍ଦଜ) ମଦ୍ୟବିକ୍ରେତା (ଜାତି) ।

ଶୁଣ୍ଡିକା, ବି. ସ୍ତ୍ରୀ. (ଶୁଣ୍ଡା-କ-ଆ) ଶୁଣ୍ଡା ।

ଶୁଣ୍ଡୀ, ବି. ( ଶୁଣ୍ଡିନ୍-ଶୁଣ୍ଡା-ଇନ୍ ଅସ୍ତ୍ୟର୍ଥେ ) ହସ୍ତୀ; ମଦ୍ୟପ୍ରସ୍ତୁତକାରକ (ଜାତି) ।

ଶୁତବା, ସୁତବା, କ୍ରି. (ଶୀ ଧାତୁଜ) ଶୋଇବା । ଯଥା—

ଗୁରୁଙ୍କ ପାଦ ଧୋଇ ଶୁତବ ପାଦେ ପଡ଼,
ଦଣ୍ଡବତ କରଣ ଉଠିବ କର ଯୋଡ଼ । ନୃ. ପୁ. ଭୃ. ଚ.

ଶୁଦୁର, ଶୂଦୁର, ବି. (ଶୂଦ୍ର ଶବ୍ଦଜ) ଶୂଦ୍ର (ଜାତି) ।

ଶୁଦୁଣୀ, ଶୂଦୁଣୀ, ବି. ସ୍ତ୍ରୀ. (ଶୂଦ୍ରୀ ଶବ୍ଦଜ) ଶୂଦ୍ରା ସ୍ତ୍ରୀ । ଯଥା—

ଏତେ କହି ଗଲ ତହୁଁ ଶୂଦୁଣୀର ସୁତ,
ଧୃତରାଷ୍ଟ୍ର ଆଗେ ଯାଇ ପ୍ରବେଶ ତୁରିତ । ସା. ଭା. ଆ.

ଶୁଦ୍ଧ, ବିଂ. (ଶୁଧ୍ = ଶୁଦ୍ଧହେବା-ତ) ପବିତ୍ର; ନିର୍ମଳ, ଉଜ୍ଜ୍ୱଳ; ନିର୍ଦ୍ଦୋଷ; ଶାଣିତ; କ୍ଷମତାପ୍ରାପ୍ତ; ଅନବଦ୍ୟ; ଉଦ୍ଧୃତ; ଶୁଭ୍ର; କେବଳ; ଶୁକ୍ଳ । ଯେପରି— ମାର୍ଗଶିର ଶୁଦ୍ଧ ଏକାଦଶୀ । (ବିଶେଷ୍ୟରେ—ଶୁଦ୍ଧି ପଦ ସିଦ୍ଧ ହୁଏ ।)

ଶୁଦ୍ଧାନ୍ତ, ବି. (ଶୁଦ୍ଧ = ପବିତ୍ର-ଅନ୍ତ = ଶେଷ ପର୍ଯ୍ୟନ୍ତ, ସମୀପ, ଶୁଦ୍ଧାଃ ପରିଶୁଦ୍ଧାଃ ରକ୍ଷକା ଅନ୍ତେ ସମୀପେ ଅସ୍ୟେତି ଶୁଦ୍ଧାନ୍ତଃ) ଅନ୍ତଃପୁର; ଅନ୍ତଃପୁର ସ୍ତ୍ରୀ; ଅଶୌରିନ୍ତ; ରାଜାଙ୍କ ଅନ୍ୟଗୋଚର କକ୍ଷାନ୍ତର । (ସ୍ତ୍ରୀ-ଆ) ରାଣୀ, ରାଜପତ୍ନୀ, ରାଜାଙ୍କ ରକ୍ଷିତା ସ୍ତ୍ରୀ ।

ଶୁନ୍‌ଶାନ୍, ବିଂ. (ଦେଶଜ) ନିଃଶବ୍ଦ ।

ଶୁନ, ଶୁନକ, ଶୁନ, ବି. (ଶୁନ୍—ଗମନକରିବା-ଅ, ସ୍ୱାର୍ଥେ କ, ପକ୍ଷେ ଇ) କୁକ୍କୁର ।

ଶୁନାଶୀର, ସୁନାସୀର, ଶୁନାସୀର, } ବି. ସଂ. ଇନ୍ଦ୍ର; ମେଘକ । (ଶୁନାଶୀରେ ଦ୍ୱିତାଲବ୍ୟଃ ସୁନାସୀରେ ଦ୍ୱିଦନ୍ତ୍ୟକଃ ତାଲବ୍ୟାଦି ଦନ୍ତ୍ୟମଧ୍ୟଃ, ଶୁନାସୀରଶ୍ଚ ଦୃଶ୍ୟତେ ।)

ଶୁନ୍ୟଚଢ଼, ଶୂନ୍ୟଚଢ଼, } ବି. (ଦେଶଜ ପ୍ରାପ୍ତ) ବ୍ୟାୟାମ କ୍ରୀଡ଼ାବିଶେଷ । ଯଥା—

କେତେବେଳେ ପୁଣି ପଡ଼ନ୍ତ ହୋଇ ଚଢ଼,
ମାରଯାନ୍ତି ବେଗେ ଉଠି ଶୂନ୍ୟଚଢ଼ । କୃ. ଭ ସ ପ.

ଶୁଭ, ବି. (ଶୁଭ୍ = ଦୀପ୍ତି ପାଇବା-ଅ) ମଙ୍ଗଳ; ସୁଖ; ଯୋଗବିଶେଷ । ବିଂ. ମଙ୍ଗଳକାରକ; ସୁଖୀ; କୁଶଳୀ; ସୁନ୍ଦର । (ସ୍ତ୍ରୀ-ଆ) କାନ୍ତି; ଇଚ୍ଛା; ଶୋଭା; ଦେବସଭା । ବିଂ. ମଙ୍ଗଳଜନକା ।

ଶୁଭଂଯୁ, ବିଂ. (ଶୁଭଂ = ମଙ୍ଗଳ-ଯୁ ଅସ୍ତ୍ୟର୍ଥେ) ଶୁଭାନ୍ୱିତ ।

ଶୁଭଇବା, କ୍ରି. (ପ୍ରାକୃତ ସୁଣଧାତୁଜ) ଶୁଭିଲା ପରି କହିବା । ଯଥା—

ଶୁଣି ଶୁଭାଇ ପଢ଼ିଲ ସୁନ୍ଦରୀ ସନ୍ଦେଶ । ଲ. ବ.

ଶୁଭିବା, କ୍ରି. (ପ୍ରାକୃତ ସୁଣଧାତୁଜ) ଶ୍ରବଣଗତ ହେବା ।

ଶୁଭ୍ର, ବି. (ଶୁଭ୍-ରକ୍) ଶୁକ୍ଳବର୍ଣ୍ଣ; ଚନ୍ଦନ; ଅଭ୍ରକ । ବିଂ. ଶୁକ୍ଳବର୍ଣ୍ଣବିଶିଷ୍ଟ; ଉଦ୍ଦୀପ୍ତ ।

ଶୁଭ୍ରାଂଶୁ, ବିଂ. (ଶୁଭ୍ର-ଅଂଶୁ = କିରଣ) ଚନ୍ଦ୍ର; କର୍ପୂର ।

ଶୁରମା, ଶୁର୍ମା, ବି. (ଯାବନିକ) ଏକପ୍ରକାର ଅଞ୍ଜନ ।

ଶୁଳା, ଶୂଳା, ସୁଳା, ବି. (ଶୂଳ ଶବ୍ଦଜ) ବେଦନା ବିଶେଷ, ଶୂଳପୀଡ଼ା ।

ଶୁଳା, ବି. (ଦେଶଜ) ଠେକା ।

ଶୁଳଆ, ଶୂଳଆ, } ବିଂ. (ଶୂଳୀୟ ଶବ୍ଦଜ) ଶୂଳସମ୍ବନ୍ଧୀୟ । ବି. ଶୂଳପୀଡ଼ା ।

ଶୂଳଆପଦା, ବି. ଅପରାଧୀକୁ ଯେଉଁଠାରେ ଶୂଳରେ ବସାନ୍ତି । ଯଥା—

ଶୂଳଆପଦାକୁ ତାକୁ ଘେନାଇ ଚଳିଲେ । ବୈ. ପ.

ଶୁଳେଇ, ଶୋଳହ, } ବି. (ଦେଶଜ) ଏକପ୍ରକାର ଖେଳ; ଏହାକୁ ଚାରି ଗଣ୍ଡା କଉଡ଼ିରେ ଚାରିଜଣ ଖେଳନ୍ତି, ଚାରିଜଣର ଚାରିଟା ଦାନ ହୁଏ, ତିଆ, ପୁଞ୍ଜା, ଦୁଆ ଓ ନକ; ତିଆର ଅର୍ଥ ତିନ, ସାତ, ଏଗାର ଓ ପନ୍ଦର; ପୁଞ୍ଜାର ଅର୍ଥ ଚାରି, ଆଠ, ବାର ଓ ଷୋହଳ; ଦୁଆର ଅର୍ଥ ଦୁଇ, ଛଅ, ଦଶ ଓ ଚଉଦ; ନକର ଅର୍ଥ ଏକ, ପାଞ୍ଚ, ନଅ ଓ ତେର ସଂଖ୍ୟା । ଯଥା—

ପଣ ସକଟା ଟିମାଣି ଖେଳରୁ ଶୋଳହ,
ଏ କଥାକୁ ମାତା ଗୋ ନ କର ଚନ୍ଦ୍ରା ରୁହ ।
ନୃ. ପୁ. ଦ୍ୱି. ଭ.

ଶୁଳ୍କ, ବି. (ଶୁଳ୍‌—ଗମନ କରିବା-କ) ମାସୁଲ ବା କରବିଶେଷ; ବିବାହର ପଣ; ମୂଲ୍ୟ; ଯୌତୁକ; ବାଜି ।

ଶୁଲ୍ବ, ବି. (ଶୋଚନ୍ତ୍ୟନେନମୃଗାଦୟ ଇତି ଶୁଲ୍ବଂ, ଶୁଚ୍ = ଶୋକ କରିବା-ବ, ଚ—ଳ, ଶଳତି ଆଶୁଗଚ୍ଛତି ଦ୍ରବାବସ୍ଥାପ୍ୟମିତି ଶୁଲ୍ବଂ, ଶଲ୍ = ଶୀଘ୍ର ଗମନ କରିବା-ବ, ଅ = ଉ) ରଜ୍ଜୁ; ତାମ୍ର; ଯଜ୍ଞକର୍ମ; ଆଚାର; ଜଳସନ୍ନିଧି । (ଶୁଲ୍ବଂ ତାମ୍ରେ ଯଜ୍ଞକର୍ମଣ୍ୟାଚାରେ ଜଳ ସନ୍ନିଧୌ— ମେଦିନୀ ।)

ଶୁଶ୍ରୂଷଣ, ବି. (ଶ୍ରୁ = ଶୁଣିବା-ସନ୍ ଇଚ୍ଛାର୍ଥେ ଦ୍ୱିତ୍ୱ-ଅନ) ସେବା; ଉପାସନା; ଶ୍ରବଣେଚ୍ଛା । (ବିଶେଷଣରେ ଶୁଶ୍ରୂଷିତ ହୁଏ ।)

ଶୁଶ୍ରୂଷା, ବି.ସ୍ତ୍ରୀ. (ଶ୍ରୁ = ଶୁଣିବା-ସନ୍ ଇଚ୍ଛାର୍ଥେ ଦ୍ୱିତ୍ୱ-ଅ-ଆ) ଶ୍ରବଣେଚ୍ଛା; ପରିଚର୍ଯ୍ୟା, ସେବା । (ବିଶେଷଣରେ ଶୁଶ୍ରୂଷୁ ହୁଏ ।)

ଶୁଷ, ଶୁଷି, ବି. (ଶୁଷ୍ = ଶୁଷ୍କ ହେବା-ଅ, ଇ) ଶୋଷଣ; ବିବର, ଛିଦ୍ର ।

ଶୁଷିର, ବି (ଶୁଷି-ର ଅସ୍ତ୍ୟର୍ଥେ) ରନ୍ଧ୍ର, ଛିଦ୍ର; ବଂଶାଦି ବାଦ୍ୟ (ବଂଶାଦିକଂ ତୁ ଶୁଷିରଂ— ଅମର ।) ଅବକାଶ । ବିଂ. ସଚ୍ଛିଦ୍ର, ରନ୍ଧ୍ରଯୁକ୍ତ ।

ଶୁଷ୍କ, ବି. (ଶୁଷ୍ = ଶୁଖିବା-ତ, ତ ସ୍ଥାନେ କ ଆଦେଶ) ନୀରସ; ଶୀର୍ଣ୍ଣ; ଅକାରଣ, ନିରର୍ଥକ । ଯେପରି —ଶୁଷ୍କ ବିବାଦ ।

ଶୁଷ୍ମନ୍, ଶୁଷ୍ମା, ବି. (ଶୁଷ୍-ମନ୍) ଅଗ୍ନି; ସୂର୍ଯ୍ୟ; ତେଜ; ଶୌର୍ଯ୍ୟ; ବଳ; ବାୟୁ; ଦୀପ୍ତି ।

ଶୂକ, ବି. (ଶୋ —ତୀକ୍ଷ୍ଣ କରିବା-ଉକ, ନିପାତନ) ଧାନ୍ୟାଦିର ସୂକ୍ଷ୍ମାଗ୍ରଭାଗ, ସୁଙ୍କ; ଦୟା; ଶିଖା; ସବିଷଜଳ ମକୋଇଭଳି ଜନ୍ତୁବିଶେଷ ।

ଶୂକର, ସୂକର, ବି. (ଶୂକ-ର ଅସ୍ତ୍ୟର୍ଥେ କିମ୍ବା ଶୂ = ଅନୁକରଣ ଶବ୍ଦ-କୃ-ଅ) ବରାହ ।

ଶୂକଳ, ବି. ସଂ. ଦୁର୍ବିନୀତ ଅଶ୍ୱ, ଦୁଷ୍ଟ ଘୋଡ଼ା ।

ଶୂଦ୍ର, ବି. (ଶୁଚ୍ = ପବିତ୍ର ହେବା-ର, ଉ = ଊ ଓ ଚ ସ୍ଥାନେ ଦ) ଚତୁର୍ଥବର୍ଣ୍ଣ ।

ଶୂନ, ବିଂ.(ଶ୍ୱି = ବୃଦ୍ଧି ପାଇବା-ତ) ସ୍ଫୀତ । (ସ୍ତ୍ରୀ-ଆ = ଶୂନା) ବି. ବଧଭୂମି, ମାଂସହାଟ; ପ୍ରାଣିବଧ ।

ଶୂନ୍ୟ, ବି. (ସୁ —ଅତିଶୟ-ଊନ-ଯ, ସ = ଶ) ଆକାଶ; ବିନ୍ଦୁ; ନିର୍ଜନସ୍ଥାନ; ଅଭାବ; ରିକ୍ତ, ଖାଲି; ନିର୍ଜ୍ଜନ; ରହିତ; ତୁଚ୍ଛ ।

ଶୂୟମାନ, ବିଂ. (ଶ୍ୱି —ବୃଦ୍ଧି ପାଇବା-ମାନ, ଯ ଆଗମ) ଯାହା ସ୍ଫୀତ ହୋଇଅଛି ।

ଶୂର, ବି. (ଶୂର୍ = ସାହସୀ ହେବା-ଅ) ଯାଦବବିଶେଷ; ସୂର୍ଯ୍ୟ; ବୀର; ସିଂହ; ଶୂକର । ବିଂ. ବଳବାନ୍; ସାହସୀ ।

ଶୂରଣ, ବିଂ. ସଂ. ଓଲୁଅକନ୍ଦା ।

ଶୂର୍ପ, ସୂର୍ପ, ବି. (ଶୂର୍ପ୍ = ପରିମାଣ କରିବା-ଅ) କୁଲା; ଦ୍ରୋଣଦ୍ୱୟ ପରିମାଣ ।

ଶୂର୍ପୀ, ସୂର୍ପୀ, ବି. ସ୍ତ୍ରୀ. (ଶୂର୍ପ-ଈ ହ୍ରସ୍ୱାର୍ଥେ) ଶ୍ରେଷ୍ଠ କୁଲା ।

ଶୂଳ, ବି. (ଶୂଲ୍ = ରୋଗଗ୍ରସ୍ତ ହେବା-ଅ) ରୋଗବିଶେଷ; ବ୍ୟଥା; ଶୂଳାକୃତି ଅସ୍ତ୍ର; ତ୍ରିଶୂଳ; ଧ୍ୱଜା; ମୃତ୍ୟୁ; ଯୋଗବିଶେଷ; ଚିହ୍ନ ।

ଶୂଳାକୃତ, ବି. (ଶୂଳ-କୃତ = ଯାହା କରାଯାଇ ଅଛି, ଆ ଆଗମ) ଶଳାକାଗ୍ରରେ ବିଦ୍ଧ ପକ୍ୱ ମାଂସ ।

ଶୂଳୀ, ବିଂ. (ଶୂଳ-ଇନ୍ ଅସ୍ତ୍ୟର୍ଥେ) ଶୂଳଧାରୀ; ଶୂଳରୋଗୀ । ବି. ମହାଦେବ । (ଶୂଳିନୀ) ଦୁର୍ଗା ।

ଶୃକାଳ, ଶୃଗାଳ, } ବି. (ଅସୃକ୍ ଆଲାତି ସୃଗାଳଃ ଶୃଗାଳଶ୍ଚ, ଲା ଆଦାନେ, ଅସୃକ୍ — ରକ୍ତ ମାଂସ-ଲା = ଗ୍ରହଣ କରିବା-ଅ, ମାଂସ ଖାଏ ବୋଲି ଶୃଗାଳ ନାମ, ନିପାତନ) ଶିଆଳ; ଦୈତ୍ୟବିଶେଷ; ନୃପବିଶେଷ; କଟୁଭାଷୀ ବ୍ୟକ୍ତି; ଭୀତ ବୀର । ବିଂ. ନିଷ୍ଠୁର । (ସ୍ତ୍ରୀ-ଶୃଗାଳୀ ଓ ଶୃଗାଳିକା ହୁଏ ।)

ଶୃଗାଳୁଣୀ, ବ. (ସଂସ୍କୃତ ଶବ୍ଦରେ ଓଡ଼ିଆ ପ୍ରତ୍ୟୟ) ମାଈ ଶିଆଳ । ଯଥା—
ଶୃଗାଳ ଶୃଗାଳୁଣୀ ପୁଣି,
ପାଳନ୍ତ ଅତି ସ୍ନେହ ଘେନି । ମା. ମା.

ଶୃଙ୍ଖଳ, ବ. (ଶୃଙ୍ଗୈଃ ପ୍ରଧାନମଣିଭିଃ ଖଳନ୍ତିତ ଶୃଙ୍ଖଳଂ—ଖଳ ସଂଚଳନେ, ଶୃଣାତି ବନ୍ଧନେନ ଗଜମିତି ଶୃଙ୍ଖଳଂ; ଶୃ ହିଂସାୟାଂ, ଶୃଙ୍ଗ = ପ୍ରଧାନମଣି-ଖଲ୍ = ସଂଚଳନ କରିବା କିମ୍ବା ହେବା-ଅ ନିପାତନ) ପୁରୁଷର କଟିଭୂଷଣ । (ପୁଂସ୍କଟ୍ୟାଂ ଶୃଙ୍ଖଳଂ ତ୍ରିଷୁ—ଅମର ।) ପୁରୁଷର କଟିବସ୍ତ୍ରବନ୍ଧନ; ଗଜାଦିର ଲୌହମୟ ପାଦବନ୍ଧନୀ; ନିଗଡ଼; ବନ୍ଧନ; ଶିକୁଳି; ସୂତ୍ର, ଧାଡ଼ି; ବନ୍ଧନୀ; ବ୍ରାକେଟ ଚିହ୍ନ । (ବିଶେଷଣରେ ଶୃଙ୍ଖଳିତ ହୁଏ ।)

ଶୃଙ୍ଖଳକ, ବ. (ଶୃଙ୍ଖଳଂବନ୍ଧନମେଷାମିତି ଶୃଙ୍ଖଳକାଃ, ଶୃଙ୍ଖଳ-କ ଅଥବା କୈ = ପ୍ରକାଶ କରିବା-ଅ) କାଷ୍ଠନିର୍ମିତ ପାଦବନ୍ଧନୀଦ୍ୱାରା ବଦ୍ଧ କରଭ ଅର୍ଥାତ୍ ଉଷ୍ଟ୍ର; ଶିକୁଳି । (କରଭାଃ ସ୍ୟୁଃ ଶୃଙ୍ଖଳକାଦାରବୈଃ ପାଦବନ୍ଧନୈଃ—ଅମର ।)

ଶୃଙ୍ଗ, ବ.(ଶୃ = ହିଂସା କରିବା-ଗନ୍ ନିପାତନ) ଶିଖର; ଧନୁକାଦିର ଅଗ୍ରଭାଗ; ବିଷାଣ, ଶିଙ୍ଗ; ଚିହ୍ନ; ପ୍ରଭାବ; ପ୍ରଭୁତ୍ୱ; ପ୍ରାଧାନ୍ୟ; ପିଚକାରୀଯନ୍ତ୍ର; ଶୃଙ୍ଗନିର୍ମିତ ବାଦ୍ୟଯନ୍ତ୍ରବିଶେଷ, ଶିଙ୍ଗା; ତୀକ୍ଷ୍ଣ ଅଗ୍ରଭାଗ; ପଦ୍ମ; ଅତିସୂକ୍ଷ୍ମ; କାମୋଦ୍ରେକ; ଔଷଧୀୟ ମୂଳବିଶେଷ ।

ଶୃଙ୍ଗଗ୍ରାହିତାନ୍ୟାୟ, ବ. ସଂ. ଯେପରି ଦୁର୍ବୃତ୍ତ ବୃଷଭାଦିର ପ୍ରଥମତଃ କୌଶଳଦ୍ୱାରା ଏକ ଶୃଙ୍ଗ ଗ୍ରହଣ କରି ପରେ ଅପର ଶୃଙ୍ଗ ଗ୍ରହଣ କରିବାକୁ ହୁଏ ।

ଶୃଙ୍ଗବେର, ବ. ସଂ. ଆର୍ଦ୍ରକ, ଅଦା; ଗୁହକ ଶବରର ପୁରୀ ।

ଶୃଙ୍ଗାଟ, ଶୃଙ୍ଗାଟକ, ଶୃଙ୍ଗାଟିକ, ବ. (ଶୃଙ୍ଗ-ଅଟ୍ = ଗମନ କରିବା-ଅ, ପକ୍ଷେ କ, ଇକ ସ୍ୱାର୍ଥେ, ଶୃଙ୍ଗୈରଟନ୍ତ୍ୟସ୍ମିନ୍ନିତି ଶୃଙ୍ଗାଟକଂ) ଚତୁଷ୍ପଥ, ଚୌରାସ୍ତା । (ଶୃଙ୍ଗାଟକ ଚତୁଷ୍ପଥେ—ଅମର ।) ଜଳକଣ୍ଟକ, ଶିଙ୍ଗଡ଼ା; ଦେଶ ଓ ପର୍ବତବିଶେଷ ।

ଶୃଙ୍ଗାର, ବ. (ଶୃଙ୍ଗ = ପ୍ରାଧାନ୍ୟ-ଋ = ଗମନ କରିବା, ପାଇବା-ଅ) ଆଦିରସ; ସୁରତ; ଗଜଭୂଷଣ; ହସ୍ତିର ମସ୍ତକରେ ସିନ୍ଦୂରାଦିରେ କୃତ ସଜ୍ଜା; ନାଟ୍ୟ; ନାଟ୍ୟରସ; ସିନ୍ଦୂର; ସୁଗନ୍ଧଚୂର୍ଣ୍ଣ ।

ଶୃଙ୍ଗି, ଶୃଙ୍ଗୀ, ବ. ସ୍ତ୍ରୀ. ସଂ. ଶିଙ୍ଗିମାଛ ।

ଶୃଙ୍ଗୀ, ଶୃଙ୍ଗିନ୍, ବ. (ଶୃଙ୍ଗ ଇନ ଅସ୍ତ୍ୟର୍ଥେ) ହସ୍ତୀ; ପର୍ବତ; ବୃକ୍ଷ । ବିଂ. ଶୃଙ୍ଗବିଶିଷ୍ଟ ।

ଶୃଣି, ସୃଣି, ବ. [ଶୃ = (ମର୍ମସ୍ଥାନରେ) ହିଂସା କରିବା-ନି, ଋ = ର] ଅଙ୍କୁଶ ।

ଶୃତ, ବିଂ. ( ଶ୍ରା = ପାକ କରିବା-ତ ) କ୍ୱଥିତ ବା ପକ୍ୱ । (ଦୁଗ୍ଧ ଘୃତ ଜଳ ।)

ଶେଉଳ, ଶଉଳ, ଶୌଳ, ସେଉଳ, ଷୋହଳ, ବ. ( ଶକୁଳ ଶବ୍ଦଜ ) ପୁଷ୍କରିଣୀ ପ୍ରଭୃତିର ମତ୍ସ୍ୟବିଶେଷ । ଯଥା—
ଶେହଳକୁ ମାଢ଼ିବସେ ଯେମନ୍ତ ପୋହ୍ଳ । ଉ. ଭୁ.

ଶେଖର, ବ. (ଶିନ୍ଖ୍ = ଗମନ କରିବା-ଅର) ଶିଖାସ୍ଥିତ ମାଳ୍ୟ; କର୍ଣ୍ଣଟସ୍ଥ ପୁଷ୍ପ; ଚୂଡ଼ା; କିରୀଟ ।

ଶେଠ, ବ. (ଶ୍ରେଷ୍ଠ ଶବ୍ଦଜ) ବଣିକବିଶେଷ ।

ଶେଠି, ସେଠି, ବ. (ଶ୍ରେଷ୍ଠୀ ଶବ୍ଦଜ) ଧୋବାମାନଙ୍କର ଉପାଧି; ବଣିକମାନଙ୍କର ଉପାଧି । ଯଥା—
ସ୍ୱାମୀଙ୍କ ଭାର୍ଯ୍ୟା ସାକେତ ସେଠିର ବୃହତ୍ତାର ପୁଂସବନ କର୍ମ କରାଯାଇଛି । ଶ. ନା. ସ୍ୱ. ଯୁ.

ଶେଣି, ବ. (ଶ୍ରେଣୀ ଶବ୍ଦଜ) ଗୃହର ସ୍ତମ୍ଭଦ୍ୱୟରେ ପଡ଼ିବା ଲମ୍ବାକାର କାଷ୍ଠ । ଯଥା—
ଶେଣି ଉପରେ ପୁଣି ରୂପାର ଗ୍ରନ୍ଥଣି,
ନାନାବର୍ଣ୍ଣେ ଝଟକନ୍ତ ରତ୍ନ ସାରି ପୁଣି । ସା.ଭ୍ର.ଆ.

ଶେତା, ବ. (ଶ୍ୱେତ ଶବ୍ଦଜ) ରକ୍ତହୀନତା । ବିଂ. ଯାହା ଦେହରେ ତାଦୃଶ ରକ୍ତ ନ ଥାଏ ।

**ଶେଫଃ, ଶେଫ, ଶେପ,** } ବି.(ଶେଫସ୍-ଶୀ-ଶୋଇବା-ଫସ୍, ଫ, ପ ଯେ ଶୁକ୍ରପାତ ପରେ ଶୋଇପଡ଼େ ) ଶିଶ୍ନ, ଲିଙ୍ଗ । ବିଂ. ଶୟନକର୍ତ୍ତା ।

**ଶେଫାଳ, ଶେଫାଳୀ, ଶେଫାଳିକା,** } ବି. ସ୍ତ୍ରୀ. ସଂ. ଗଙ୍ଗଶିଉଳିଫୁଲ, ମାଳସିନ୍ଧୁବାର ।

**ଶେମୁଷୀ,** ବି. ସ୍ତ୍ରୀ (ଶୀ = ଶୋଇବା କୃପ୍ = ଶେ = ଜଡ଼ତା, ମୋହ-ମୁଷ୍ = ହରଣ କରିବା-ଅ-ଈ, ଯେ ଜଡ଼ତା ହରଣ କରେ) ବୁଦ୍ଧି ।

**ଶେଯ, ଶେଜ, ସେଜ,** } ବି. (ଶଯ୍ୟା ଶବ୍ଦଜ, ପ୍ରାକୃତ ଶେଜ୍ଜ ଓ ସେଜ୍ଜାରୁ ଜାତ) ଶଯ୍ୟା । (ଗଡ଼ଜାତରେ) ରେଜାଇ ।

**ଶେଯପଡ଼ା,** ବି. ( ଶଯ୍ୟାପଟ ଶବ୍ଦଜ) ଶେଯର ଉପରେ ବିଛାଇବା ବସ୍ତ୍ର; ଶେଯ ପକାଇବା । ଯଥା—

ରତ୍ନପଲଙ୍କେ ଶେଯପଡ଼ା
ରତ୍ନପାଦୁକା ସୁନା ପିଢ଼ା । ଭ ଦ. ସ୍କ.

**ଶେଯାଇବା, ଶେଜାଇବା, ସେଜାଇବା,** } କ୍ରି ( ଶଯ୍ୟା ଶବ୍ଦଜ ନାମଧାତୁରୂପ ) ଶେଯ ପକାଇବା, ବିଛଣା ବିଛାଇବା । ଯଥା—

କେ ଅଙ୍ଗ ସଜ ବଢ଼ାଇ ଶେଯ ଶେଜାଇ ରଥ ଆଣେ ।
ର. କ.

**ଶେୟାଳ, ଶେଆଳ,** } ବି. (ଶୈବାଳ ଶବ୍ଦଜ ) ଜଳମାଳ; ଜଳଘାସ ।

**ଶେଳ,** ବି. (ଶଲ୍ୟ ଶବ୍ଦଜ) ଅସ୍ତ୍ରବିଶେଷ, ଛେଲ ।

**ଶେଳସମ, ଶେଳଷମ,** } ବି. (ଶ୍ଳେଷ୍ମା ଶବ୍ଦଜ) କଫ ।

**ଶେଶ୍ୱୀୟମାନ,** ବିଂ. (ଶ୍ୱି = ବୃଦ୍ଧି ପାଇବା-ଯ (ଯଙ୍ ଲୁଗନ୍ତ) ଅତିଶୟ ଅର୍ଥରେ-ମାନ) ଅତିଶୟ ସ୍ଫୀତ, ଅତିଶୟ ବୃଦ୍ଧିଯୁକ୍ତ ।

**ଶେଷ,** ବି. (ଶିଷ = ବଧ କରିବା, ଶେଷ ରଖିବା-ଅ) ସର୍ପରାଜ; ବଳରାମ; ବାସୁକି; ବିନାଶ; ନିଷ୍ପତ୍ତି; ଅନ୍ତ; ଅବଶେଷ । ବିଂ. ଅବଶିଷ୍ଟ; ପରିତ୍ୟକ୍ତ ।

**ଶୈଳ,** ବି. ( ଶିଳା-ଅ ସମୂହାର୍ଥେ ) ପର୍ବତ; ଶୈଳେୟ ଗନ୍ଧଦ୍ରବ୍ୟ । ବିଂ. ଶିଳାସମ୍ବନ୍ଧୀୟ, ପାର୍ବତୀୟ ।

**ଶୈଳାଟ,** ବି. (ଶୈଳ = ପର୍ବତ-ଅଟ୍ = ଗମନ କରିବା-ଅ) ସିଂହ; ବ୍ୟାଧ; ଦେବପୂଜକ ।

**ଶୈଳୀ,** ବି. ସ୍ତ୍ରୀ. ( ଶୀଳ-ଅ-ଈ ) ସ୍ୱଭାବ; କୌଶଳ; ସଂକ୍ଷିପ୍ତ ପ୍ରଣାଳୀ; ଗାନ୍ତ ।

**ଶୈଳୂଷ,** ବି.(ଶିଳୂଷ = ଏକ ନୃତ୍ୟୋପଦେଶକ-ଅ ଅପତ୍ୟାର୍ଥେ ) ନଟ, ନର୍ତ୍ତକ; ଧୂର୍ତ୍ତ; ବିଲ୍ୱବୃକ୍ଷ ।

**ଶୈଳୂଷିକ,** ବି. (ଶିଳୂଷ-ଇକ) ନଟ; ଶୈଳୂଷିକ ଜାତି । (ସ୍ତ୍ରୀ-ଶୈଳୂଷିକୀ ହୁଏ । )

**ଶୈବ,** ବି. (ଶିବ-ଅ ଭକ୍ତାର୍ଥେ) ଶିବଉପାସକ; ଧୁସ୍ତୁର; ଆଗୁରବିଶେଷ; ଶିବପୁରାଣ; ଶୈବାଳ ।

**ଶୈବଳ, ଶୈବାଳ,** } ବି. ( ଶୀ = ଜଳରେ ଶୟନ କରିବା-ବଳ, ବାଳ ) ଜଳଜାତ ଉଦ୍ଭିଦ୍ବିଶେଷ, ଶିଆଳ ।

**ଶୈବଳିନୀ,** ବି. ସ୍ତ୍ରୀ. ( ଶୈବଳ-ଇନ୍-ଈ ) ନଦୀ ।

**ଶୈବ୍ୟ,** ବିଂ. ( ଶିବ-ଯ ) ଶିବସମ୍ବନ୍ଧୀୟ । ବି. କୃଷ୍ଣଙ୍କ ଅଶ୍ୱବିଶେଷ; ନୃପ ଏବଂ ପାଣ୍ଡବମାନଙ୍କର ସେନାବିଶେଷ । ବିଂ. ଶିବସମ୍ବନ୍ଧୀୟ । (ସ୍ତ୍ରୀ-ଆ) ହରିଶ୍ଚନ୍ଦ୍ର ପତ୍ନୀ ।

**ଶୋଇବା, ସୋଇବା,** କ୍ରି. (ଶୀ ଧାତୁଜ) ଶୟନ କରିବା ।

**ଶୋକ,** ବି. ( ଶୁଚ୍ = ଶୋକ କରିବା-ଅ ) ଇଷ୍ଟବିୟୋଗଜ ମନୋଦୁଃଖ, ଦୁଃଖାଦି ହେତୁକ ମନର ବିକଳତା ।

**ଶୋଚନ, ଶୋଚନା,** } ବି. ( ଶୁଚ୍ = ଶୋକ କରିବା-ସ୍ତ୍ରୀ. ଅନ, ଆ ) ଶୋକ କରିବା । (ବିଶେଷଣରେ ଶୋଚ୍ୟ ଓ ଶୋଚନୀୟ ହୁଏ । )

**ଶୋଚିଃ,** ବି. ( ଶୋଚିସ୍—ଶୁଚ୍ = ନିର୍ମଳ ହେବା-ଇସ୍) ପ୍ରଭା; ଜ୍ୱାଳା ।

**ଶୋଟୀର୍ଯ୍ୟ,** ବି. (ଶୁଟୀର = ବୀର-ଯ) ପରାକ୍ରମ; ଗର୍ବ ।

ଶୋଣ ବିଂ (ଶୋଣ୍=ରକ୍ତବର୍ଣ୍ଣ କରିବା କିମ୍ବା ହେବା-ଅ) ରକ୍ତବର୍ଣ୍ଣ; ଅଗ୍ନି; ମଙ୍ଗଳଗ୍ରହ; ରକ୍ତବର୍ଣ୍ଣ ଘୋଟକ; ସମୁଦ୍ର; ରକ୍ତ ବା ରୁଧିର; ସିନ୍ଦୂର । ବିଂ. ରକ୍ତବର୍ଣ୍ଣବିଶିଷ୍ଟ ।

ଶୋଣିତ, ବି. ( ଶୋଣ୍=ରକ୍ତବର୍ଣ୍ଣ-ଇତ ଜାତାର୍ଥେ ) ରୁଧିର; କୁଙ୍କୁମ । ବିଂ. ରକ୍ତବର୍ଣ୍ଣଯୁକ୍ତ ।

ଶୋଥ, ଶୋଫ, ଶୋଥକ, } ବି.(ଶୁ=ବୃଦ୍ଧି ପାଇବା; ଗମନ କରିବା-ଥ, ଫ, ସ୍ୱାର୍ଥେ କ ) ଫୁଲାରୋଗ ।

ଶୋଧକ, ବିଂ. (ଶୁଧ୍-ଣିଚ୍=ନିର୍ମଳହେବା ଓ କରିବା-ଅକ) ଶୋଧନକାରକ, ପାବକ ।

ଶୋଧନ, ବି. (ଶୁଧ୍-ଅନ ) ଶୁଦ୍ଧି; ପରିଶୋଧ, ପ୍ରତିଦାନ; ଧାତୁନିର୍ଦ୍ଦୋଷକରଣ; ହରଣ; ଭାଗକରଣ ।(ଶୁଧ୍-ଣିଚ୍-ଅନ) ପରିଷ୍କରଣ; ଅପନୟନ; ମଳ । (ସ୍ତ୍ରୀ-ଶୋଧନୀ) ଝାଡ଼ୁ, ଗୁଞ୍ଜୁଣୀ । (ସମ୍ମାର୍ଜନୀ ଶୋଧନୀ ସ୍ୟାତ୍)ବିଂ. ପରିଷ୍କାରକ, ଶୁଦ୍ଧିକାରକ । (ବିଶେଷଣରେ ଶୋଧିତ, ଶୋଧନୀୟ ପଦ ସିଦ୍ଧ ହୁଏ । )

ଶୋଧା, ବି.( ଦେଶଜ ) ସମସ୍ତଙ୍କୁ ଦୂର କରାଇ ନିର୍ଜନ କରିବା । (ଶୁଧ୍ ଧାତୁଜ) ଶୋଧନ ।

ଶୋଧାପିଲା, ବି. ( ଦେଶଜ ) ଅନ୍ତଃପୁରରେ ରହିବା ବାଳକ ଭୃତ୍ୟ ।

ଶୋଧି, ବି. (ଦେଶଜ) ଅଙ୍କପାଠବିଶେଷ ।

ଶୋଧିବା, ସୋଧିବା, } କ୍ରି.(ଶୁଧ୍ ଧାତୁଜ) ଲେଖାହୁଣ୍ଡିର ପରିଶୋଧନ କରିବା; ଋଣ-ମୁକ୍ତିର ସାଧନ କରିବା; ଗାଳିଦେବା; ନିର୍ଜ୍ଜନ କରିବା । ଯଥା—

ଦେଉଳ ଶୋଧିଲେ ସେବକେ । ଦା. ରା

ନାଶ କରିବା । ଯଥା—

ବଂଶଯାକ ଶୋଧି କରିବ ଭସ୍ମରାଶି,
ଦେଖିବେ ସ୍ୱର୍ଗରେ ତାହା ଦେବଗଣ ଆସି । ସା.ଭା.

ଶୋବିତା, ବିଂ. (ଶୋଭିତ ଶବ୍ଦଜ) ସୁନ୍ଦର ।

ଶୋଭ, ବିଂ. ( ଶୁଭ୍=ଦୀପ୍ତି ପାଇବା-ଅ ) ଶୋଭନଶୀଳ ।

ଶୋଭନ,ବିଂ (ଶୁଭ୍-ଣିଚ୍-ଅନ) ଶୋଭାଜନକ, ଶୋଭାଯୁକ୍ତ; ସୁନ୍ଦର । ବି. ଯୋଗବିଶେଷ; ଗ୍ରହ; ପଦ୍ମ ।(ସ୍ତ୍ରୀ-ଆ)ହରିଦ୍ରା; ଗୋରୋଚନା

ଶୋଭା, ବି. ସ୍ତ୍ରୀ. ( ଶୁଭ୍-ଅ-ଆ ) କାନ୍ତି, ସୌନ୍ଦର୍ଯ୍ୟ; ହରିଦ୍ରା; ଗୋରୋଚନା ।

ଶୋଭାଞ୍ଜନ, ବି. ସଂ. ସଜନା ଗଛ ଓ ଫଳ ।

ଶୋଭାବନ, ବିଂ. ( ଶୋଭାବାନ ପଦଜାତ ) ଶୋଭାଯୁକ୍ତ, ସୁନ୍ଦର । ଯଥା—

ଚିଲିକା ତୋହର ଏହି ଶୋଭାବନ,
ବର୍ଣ୍ଣୋଜ୍ଜ୍ୱଳମୟ ଦୃଶ୍ୟ ସାୟନ୍ତନ । ଚିଲିକା ।

ଶୋଭିକ, ବିଂ. (ଶୋଭା-ଇକ) ଶୋଭାଶାଳୀ ।

ଶୋଭିତ, ବିଂ. ( ଶୁଭ୍-ତ ) ଶୋଭାଯୁକ୍ତ; ଭୂଷିତ ।

ଶୋଭିବା, କ୍ରି. ( ଶୁଭ୍ ଧାତୁଜ ) ଶୋଭାଯୁକ୍ତ ହେବା ।

ଶୋରା, ଶୋଡ଼ା, ବି. (ଯାବନିକ) ଯବକ୍ଷାର ।

ଶୋଲ, ସୋଲ, ବି. ( ଦେଶଜ ) ଜଳଜାତ ତୃଣବିଶେଷ । ଯଥା—

ଭାସିଲି ସୋଲଭେଲା ଯଥା,
ଆଜକୁ ରହିଛି ଏ କଥା ଦା. ର.

ଶୋଶୁଚ୍ୟମାନ, ବିଂ.(ଶୁଚ୍=ଶୋକକରିବା-ଯ-ଅତିଶୟ ଅର୍ଥରେ-ଦ୍ୱିତ୍ୱ-ମାନ ) ଅତିଶୟ ଶୋକକାରୀ ।

ଶୋଷ,ବି.(ଶୁଷ୍=ଶୁଷ୍କକରିବା, ଶୁଷ୍କହେବା-ଅ) ମାଉସତା; ରସାକର୍ଷଣ; ଯକ୍ଷ୍ମାରୋଗ ।

ଶୋଷ, ସୋଷ, ସୋସ, } ବି. (ଶୁଷ୍ ଧାତୁଜ) ତୃଷା । ଯଥା—

ଅଳସୀ ବୋଇଲି ଲାଗୁଛି ଶୋଷ,
ନଦ ମାଡ଼ୁ ନାହିଁ କରିବ କଷ । ଦ୍ୱା. ତ.

ଶୋଷକ, ବିଂ. ( ଶୁଷ୍-ଅକ ) ଶୋଷଣକର୍ତ୍ତା; ରସାକର୍ଷକ ।

ଶୋଷଣ, ବି. ( ଶୁଷ୍-ଣିଚ୍-ଅନ) ଶୁଷ୍କକରିବା; କନ୍ଦର୍ପବାଣବିଶେଷ । ବିଂ. ଶୋଷଣକର୍ତ୍ତା ।

ଶୋଷା, ବି. ( ଶୁଷ୍ ଧାତୁଜ ) ଶୋଷଣ । ବିଂ. ଶୋଷିତ ।

ଶୋଷି, ଶୋଷୀ, ବି. (ଶୁଷ୍ ଧାତୁଜ) ତୃଷାର୍ତ୍ତ । ଯଥା—

ଗ୍ରାସେ ଅନ୍ନ ଦେଇ ଭୋକକୁ କେବଳ,
ଶୋଷିକି ମହାଏ ମାଜ ଦେଇ ଜଳ । ଧ. ବା.

ଶୋଷିତ, ବିଂ. (ଶୁଷ୍-ତ) ନୀରସୀକୃତ ।

ଶୋଷିବା, କ୍ରି. (ଶୁଷ୍ ଧାତୁଜ) ଶୋଷଣ କରିବା; ଚୋଷି ପିଇବା ।

ଶୋହା, ସୋହା, ବି. (ଶୋଭା ଶବ୍ଦଜ, ପ୍ରାକୃତ) ଶୋଭା ।

ଶୋହିବା, } ସୋହିବା, } କ୍ରି. (ପ୍ରାକୃତ ସୋହା ଶବ୍ଦଜ) ଶୋଭାପାଇବା । ଯଥା—

ଗୋରୋଚନା ଚିତା ଶୋହେ କପାଳେ । ଗୋ.ଭ୍ର.

ଶୌକ୍ତିକେୟ, } ଶୌକ୍ତେୟ, } ବି. (ଶୁକ୍ତିକା, ଶୁକ୍ତି-ଏୟ ସମ୍ବନ୍ଧାର୍ଥେ) ମୁକ୍ତା । ବିଂ. ଶୁକ୍ତିସମ୍ବନ୍ଧୀୟ ।

ଶୌଚ, ବି. (ଶୁଚ=ପବିତ୍ର-ଅ) ଶୁଦ୍ଧି; ନିର୍ମଳତା; ପବିତ୍ରତା ।

ଶୌଚେୟ, ବି. (ଶୁଚ=ନିର୍ମଳୀକରଣ-ଏୟ) ରଜକ, ଧୋବା ।

ଶୌଟୀର, ବିଂ.(ଶୌଟ୍=ଅହଙ୍କାର କରିବା-ଈର) ଗର୍ବିତ, ଅହଂକୃତ । ବି. ବୀର; ଦାତା ।

ଶୌଟୀର୍ଯ୍ୟ, ବି. (ଶୌଟୀର-ଯ) ବୀର୍ଯ୍ୟ, ପରାକ୍ରମ; ଗର୍ବ ।

ଶୌଣ୍ଡ, ବିଂ. (ଶୁଣ୍ଡା=ମଦ୍ୟ-ଅ) ମତ୍ତ; ଅତ୍ୟାସକ୍ତ; ବିଖ୍ୟାତ ।

ଶୌଣ୍ଡିକ, ଶୌଣ୍ଡୀ, ବି. (ଶୌଣ୍ଡିନ୍-ଶୁଣ୍ଡା=ମଦ୍ୟ-ଇକ, ଇନ୍ ବୃତ୍ତ୍ୟର୍ଥେ) ଜାତିବିଶେଷ, ଶୁଣ୍ଡି ।

ଶୌଣ୍ଡିର, } ଶୌଣ୍ଡୀର, } ବିଂ.(ଶୁଣ୍ଡା=ମଦ୍ୟ ଇର, ଈର) ଅହଙ୍କାରୀ, ଗର୍ବିତ; ତେଜସ୍ୱୀ ।

ଶୌଦ୍ଧୋଦନ, ବି. (ଶୁଦ୍ଧୋଦନ-ଅ ଅପତ୍ୟାର୍ଥେ) ବୁଦ୍ଧଦେବ ।

ଶୌର, ସୌର, ବି. (ଶୂର, ସୂର=ନାମବିଶେଷ ବା ବୀର-ଇ) କୃଷ୍ଣ; ଶନିଗ୍ରହ ।

ଶୌର୍ଯ୍ୟ, ବି. (ଶୂର-ଯ ଭାବାର୍ଥେ) ସାହସ, ବୀରତ୍ୱ; ବଳ ।

ଶ୍ଚୋତ, ଶ୍ଚ୍ୟୋତ, ବି. (ଶ୍ଚୁତ୍, ଶ୍ଚ୍ୟୁତ୍=କ୍ଷରିତହେବା-ଅ) କ୍ଷରଣ; ପ୍ରୋକ୍ଷଣ ।

ଶ୍ମଶାନ, ବି. (ଶବ=ମଡ଼ା-ଶୟନ=ସ୍ଥାନ, ଶବସ୍ଥାନେ ଶ୍ମ, ଶୟନସ୍ଥାନେ ଶାନ ଆଦେଶ, ଶବାନାଂ ଶୟନଂ ଶ୍ମଶାନଂ—ଅମରଟୀକା) ଶବଦାହ ସ୍ଥାନ ।

ଶ୍ମଶ୍ରୁ, ବି. (ଶ୍ମନ୍=ମୁଖ-ଶ୍ରି=ଆଶ୍ରୟକରିବା-ଉ) ଦାଢ଼ି ।

ଶ୍ମଶ୍ରୁଳ, ବିଂ.(ଶ୍ମଶ୍ରୁ-ଳ ଅସ୍ତ୍ୟର୍ଥେ) ଶ୍ମଶ୍ରୁବିଶିଷ୍ଟ ।

ଶ୍ୟାନ, ବିଂ. (ଶ୍ୟୈ=ଗମନକରିବା-ତ)ପ୍ରାପ୍ତ; ଘନୀଭୂତ; ଶୁଷ୍କ ।

ଶ୍ୟାମ, ବିଂ.(ଶୈ=ଗମନକରିବା-ମ) କୃଷ୍ଣବର୍ଣ୍ଣବିଶିଷ୍ଟ, ହରିତ୍ବର୍ଣ୍ଣବିଶିଷ୍ଟ । ବି. କୃଷ୍ଣବର୍ଣ୍ଣ; ହରିଦ୍ବର୍ଣ୍ଣ; ମେଘ; କୋକିଳ ।

ଶ୍ୟାମଳ, ବିଂ.(ଶ୍ୟାମ=କୃଷ୍ଣବର୍ଣ୍ଣ-ଳ ଅସ୍ତ୍ୟର୍ଥେ) କୃଷ୍ଣବର୍ଣ୍ଣବିଶିଷ୍ଟ; ହରିଦ୍ବର୍ଣ୍ଣବିଶିଷ୍ଟ । ବି. କୃଷ୍ଣବର୍ଣ୍ଣ; ହରିଦ୍ବର୍ଣ୍ଣ ।

ଶ୍ୟାମା, ବି. ସ୍ତ୍ରୀ. (ଶ୍ୟାମ-ଆ) ଦେବୀବିଶେଷ; ପ୍ରିୟଙ୍ଗୁଲତା; ତୁଳସୀ; ରାତ୍ରି; ହରିଦ୍ରା; କୃଷ୍ଣବର୍ଣ୍ଣା ସ୍ତ୍ରୀ; ଯୌବନମଧ୍ୟସ୍ଥା ସ୍ତ୍ରୀ । (ଶ୍ୟାମା ଯୌବନମଧ୍ୟସ୍ଥା—ଉତ୍ପଳମାଳା ।)

ଶ୍ୟାମିକା, ବି. ସ୍ତ୍ରୀ. (ଶ୍ୟାମ-କ-ଆ, ଅକ=ଇକ) ଶ୍ୟାମବର୍ଣ୍ଣ; ମାଳିନ୍ୟ ।

ଶ୍ୟାଳ, } ଶ୍ୟାଳକ, } ବି. (ଶ୍ୟୈ=ଗମନକରିବା-ଆଳ, କ ଯୋଗ) ପତ୍ନୀର ଭ୍ରାତା । (ସ୍ତ୍ରୀ—ଶ୍ୟାଳୀ, ଶ୍ୟାଳକା) ପତ୍ନୀର ଭଗିନୀ ।

ଶ୍ୟାବ, ବି. (ଶ୍ୟୈ=ଗମନକରିବା-ବନ୍) କପିଶ ବର୍ଣ୍ଣ, କୃଷ୍ଣପୀତ ମିଶ୍ରବର୍ଣ୍ଣ । ବିଂ. ତଦ୍ବର୍ଣ୍ଣଯୁକ୍ତ । (ଶ୍ୟାବସ୍ତୁ କପିଶୋ ଧୂମ୍ରଃ—ଅମର ।)

ଶ୍ୟେନ, ବି. (ଶ୍ୟୈ=ଗମନକରିବା-ଇନ) ବାଜପକ୍ଷୀ; ଯଜ୍ଞବିଶେଷ ।

ଶ୍ରଦ୍ଧାନ, ବିଂ. (ଶ୍ରତ୍ = ଭକ୍ତି-ଧା = ଧାରଣ-କରିବା-ଆନ, ଦ୍ୱି ଭି)ଶ୍ରଦ୍ଧାଯୁକ୍ତ; ଭକ୍ତିମାନ୍ ।

ଶ୍ରଦ୍ଧା, ବି. ସ୍ତ୍ରୀ. (ଶ୍ରତ୍ = ଭକ୍ତି-ଧା = ଧାରଣ-କରିବା-ଅ-ଆ) ଭକ୍ତି; ଧର୍ମକାର୍ଯ୍ୟରେ ଦୃଢ଼ବିଶ୍ୱାସ, ବିଶ୍ୱାସ; ସ୍ପୃହା, ଇଚ୍ଛା; ଆଦର; ଶତ୍ରୁର ପ୍ରସାଦ ।

ଶ୍ରଦ୍ଧାଳୁ, ବିଂ. ( ଶ୍ରଦ୍ଧା-ଆଳୁ ଶୀଳାର୍ଥେ ) ଶ୍ରଦ୍ଧାବିଶିଷ୍ଟ ।

ଶ୍ରମ, ବି. ( ଶ୍ରମ୍-ଅ ) ଶ୍ରାନ୍ତି, ପରିଶ୍ରମ; ଖେଦ; ତପଃ; ଶାସ୍ତ୍ରାଭ୍ୟାସ । (ବିଶେଷଣରେ ଶ୍ରମୀ, ଶ୍ରାନ୍ତ ହୁଏ ।)

ଶ୍ରୟ, ବି. (ଶ୍ରି = ଆଶ୍ରୟକରିବା-ଅ) ଆଶ୍ରୟ, ଅବଲମ୍ବନ ।

ଶ୍ରବ, ଶ୍ରବଃ, ଶ୍ରବସ୍, } ବି. (ଶ୍ରୁ = ଶୁଣିବା-ଅ, ଅସ୍) ଶ୍ରବଣେନ୍ଦ୍ରିୟ, କର୍ଣ୍ଣ; ଶ୍ରବଣ, ଶୁଣିବା; ଖ୍ୟାତି; କୀର୍ତ୍ତି; କ୍ଷରଣ ।

ଶ୍ରବଣ, ବି.(ଶ୍ରୁ = ଶୁଣିବା-ଅନ) କର୍ଣ୍ଣ; ଶୁଣିବା। (ସ୍ତ୍ରୀ-ଆ) ନକ୍ଷତ୍ରବିଶେଷ । (ବିଶେଷଣରେ ଶ୍ରବ୍ୟ, ଶ୍ରବଣୀୟ ପ୍ରଭୃତି ପଦ ସିଦ୍ଧ ହୁଏ ।)

ଶ୍ରବ୍ୟକାବ୍ୟ, ବି. ସଂ. ନାଟକାଦି ।

ଶ୍ରାଦ୍ଧ, ବି. (ଶ୍ରଦ୍ଧା-ଅ) ପିତୃକୃତ୍ୟ । ବିଂ. ଶ୍ରଦ୍ଧା-ଯୁକ୍ତ; ଶ୍ରଦ୍ଧାପ୍ରଯୁକ୍ତ ଯାହା ଦିଆଯାଏ ।

ଶ୍ରାନ୍ତି, ବି. (ଶ୍ରମ୍-ତି) ଶ୍ରମ; କ୍ଳେଶ; ଖେଦ; ବିଶ୍ରାମ । (ବିଶେଷଣରେ ଶ୍ରାନ୍ତ ହୁଏ ।)

ଶ୍ରାବକ, ବିଂ. (ଶ୍ରୁ = ଶୁଣିବା-ଅକ) ଶ୍ରୋତା, ଶ୍ରବଣକର୍ତ୍ତା ।

ଶ୍ରାବନ୍ତି, ବି. (ଶ୍ରାବନ୍ତୀ ଶବ୍ଦଜ) ଦେଶବିଶେଷ ।

ଶ୍ରାବ୍ୟ, ବିଂ. (ଶ୍ରୁ = ଶୁଣିବା-ଯ)ଶ୍ରବଣଯୋଗ୍ୟ।

ଶ୍ରିୟା,ବି.ସ୍ତ୍ରୀ. (ଶ୍ରୀ ଶବ୍ଦଜ) ମହାଲକ୍ଷ୍ମୀ । ଯଥା—
ଖେଦେବ ଶ୍ରିୟାକାନ୍ତ ଶୁଣିବା ନାରାୟଣ,
ତୁମ୍ଭଙ୍କୁ ନ କହି ମୁହିଁ କି କରିବ କାଣ । ନୃ. ପୁ. ପ୍ର. ତ.

ଶ୍ରୀ, ବି. ସ୍ତ୍ରୀ. (ଶ୍ରି = ଆଶ୍ରୟକରିବା ଇତ୍ୟାଦି-ଇ, ଈ) ଲକ୍ଷ୍ମୀ; ସମ୍ପତ୍ତି; ଶୋଭା; ବେଶବିନ୍ୟାସ; ସୌନ୍ଦର୍ଯ୍ୟ; କୀର୍ତ୍ତି; ସରସ୍ୱତୀ; ତ୍ରିବର୍ଗ; ଦୀପ୍ତି; ଆଲୋକ; ବୁଦ୍ଧି; ବୃଦ୍ଧି; ସିଦ୍ଧି; ବେଲଗଛ; ଲବଙ୍ଗ; ନାମର ଉପାଧିବିଶେଷ ।

ଶ୍ରୀକାପଡ଼ା, ବି. (ଦେଶଜ ବା ଶ୍ରୀକର୍ପଟ ଶବ୍ଦଜ) ମହାପ୍ରଭୁଙ୍କ ଲାଗିବସ୍ତ୍ର ।

ଶ୍ରୀଖଣ୍ଡ, ବି. (ଶ୍ରୀ-ଖଣ୍ଡ) ଚନ୍ଦନକାଷ୍ଠ ।

ଶ୍ରୀପଞ୍ଚମୀ, ବି. ସ୍ତ୍ରୀ. ସଂ. ମାଘ ଶୁକ୍ଳପଞ୍ଚମୀ ତିଥି ।

ଶ୍ରୀଫଳ, ବି. ସଂ. ବିଲ୍ୱଫଳ; ନାରିକେଳ ।

ଶ୍ରୀମାନ୍, ବିଂ. (ଶ୍ରୀ-ମତ୍ ଅସ୍ତ୍ୟର୍ଥେ) ଐଶ୍ୱର୍ଯ୍ୟ-ଶାଳୀ; କଲ୍ୟାଣଯୁକ୍ତ; ସୁନ୍ଦର; ବିଷ୍ଣୁ; କୁବେର; ଶିବ । (ସ୍ତ୍ରୀ-ଶ୍ରୀମତୀ ହୁଏ ।) ।

ଶ୍ରୀମୂର୍ତ୍ତି, ବି.ସ୍ତ୍ରୀ. ସଂ. ଦେବବିଗ୍ରହ, ବିଷ୍ଣୁ ପ୍ରତିମା ।

ଶ୍ରୀଯୁତ, ଶ୍ରୀଯୁକ୍ତ, ଶ୍ରୀଳ, } ବିଂ. ସଂ. ଲକ୍ଷ୍ମୀବାନ୍; ଶୋଭାଯୁକ୍ତ; ସୌଭାଗ୍ୟବାନ୍; କଲ୍ୟାଣଶାଳୀ ।

ଶ୍ରୀବାସ, ବି. (ଶ୍ରୀ-ବାସ) ପଦ୍ମ; ବିଷ୍ଣୁ; ଶିବ; ସରଳ ବୃକ୍ଷର ନିର୍ଯ୍ୟାସ, ତାର୍ପିନ ।

ଶ୍ରୀବୃକ୍ଷ, ବି. ସଂ. ବେଲଗଛ; ଅଶ୍ୱତ୍ଥଗଛ ।

ଶ୍ରୁତ, ବିଂ. (ଶ୍ରୁ = ଶୁଣିବା-ତ) ଯାହା ଶ୍ରବଣ କରା ଯାଇଅଛି; ଜ୍ଞାତ; ପ୍ରସିଦ୍ଧ । ବି. ବେଦ; ଶାସ୍ତ୍ର ।

ଶ୍ରୁତବାନ୍, ଶ୍ରୁତଶାଳୀ, } ବିଂ. ( ଶ୍ରୁତ = ଶାସ୍ତ୍ର-ବତ୍, ଶାଳିନ୍ ) ଶାସ୍ତ୍ରଜ୍ଞ, ବିଦ୍ୱାନ୍ ।

ଶ୍ରୁତି, ବି. (ଶ୍ରୁ = ଶୁଣିବା-ତି) କର୍ଣ୍ଣ, ଶ୍ରବଣ; ବେଦ; କିମ୍ବଦନ୍ତୀ; ସ୍ୱରବିଶେଷ ।

ଶ୍ରୁତିଧର, ଶ୍ରୁତିଧର, } ବିଂ.(ଶ୍ରୁତି=ଶ୍ରବଣ-ଧୃ-ଅ—ଶ୍ରବଣ ମାତ୍ରେ ଯେ ବିଷୟ ଗ୍ରହଣକରେ) ଯେ ବ୍ୟକ୍ତି ଶୁଣିବା ମାତ୍ରକେ ସମସ୍ତ ବିଷୟ ହୃଦୟଙ୍ଗମ ଓ ଅଭ୍ୟାସ କରିପାରେ ।

ଶ୍ରୁବ,ଶ୍ରୁବା,ବି.ସ୍ତ୍ରୀ.(ଶ୍ରୁ-ଅ, ଆ)ଯଜ୍ଞ; ଯଜ୍ଞରେ ଘୃତକ୍ଷେପ ପାତ୍ରବିଶେଷ ।

ଶ୍ରୂୟମାଣ, ବିଂ. (ଶ୍ରୁ-ମାନ, ଯ ଆଗମ) ଯାହା ଶ୍ରବଣ କରାଯାଏ ।

ଶ୍ରେଣି, ଶ୍ରେଣୀ, ବି. ସ୍ତ୍ରୀ. (ଶ୍ରି = ଆଶ୍ରୟ କରିବା-ନି) ପଂକ୍ତି, ଧାଡ଼ି; ଦଳ, ସମାନବ୍ୟବସାୟୀ ବ୍ୟକ୍ତିଗଣ; ସେଚନପାତ୍ର ।

ଶ୍ରେୟସ୍, ଶ୍ରେୟାନ୍, } ବି. (ଅତିଶୟେନ ପ୍ରଶସ୍ତ ଇତି ଶ୍ରେୟଃ, ଶୁଭେ ନ ଶ୍ରିୟତେ ଇତି ବା ଶ୍ରେୟଃ, ଶ୍ରି-ଈୟସ୍) ଧର୍ମ; ମୋକ୍ଷ; ଅପବର୍ଗ; ମଙ୍ଗଳ; ଶୁଭ; ସୌଭାଗ୍ୟ; ସୁଖ; ଶୁଭକର; ଶ୍ରେଷ୍ଠ; ଅତି ପ୍ରଶସ୍ତ । (ସ୍ତ୍ରୀ-ଶ୍ରେୟସୀ = ଶୁଭଯୁକ୍ତା ।)

ଶ୍ରେଷ୍ଠ, ବିଂ. (ଅତିଶୟେନ ପ୍ରଶସ୍ତଃ ଶ୍ରେୟାନ୍ ଶ୍ରେଷ୍ଠ୍ଇଷ୍ଠ) ଅତିପ୍ରଶସ୍ତ; ପ୍ରଧାନ; ଜ୍ୟେଷ୍ଠ । ବି. କୁବେର; ରାଜା; ବ୍ରାହ୍ମଣ; ବିଷ୍ଣୁ; ଗୋଦୁଗ୍ଧ ।

ଶ୍ରେଷ୍ଠୀ, ବି. (ଶ୍ରେଷ୍ଠ-ଇନ୍) ବଣିକ୍‌ବିଶେଷ, ଶେଠ ।

ଶ୍ରୋଣି, ଶ୍ରୋଣୀ, } ବି. ସ୍ତ୍ରୀ. (ଶ୍ରୋଣତି ସଂଗଚ୍ଛତେ ଶ୍ରୋଣିଃ ଶ୍ରୋଣୀ, ଶ୍ରୋଣ୍ୟତେ ସଂଘାତେ, ଶ୍ରୋଣ୍ = ସଂହତହେବା-ଇ, ଈ) କଟିଦେଶ, ନିତମ୍ବ; ପଥ । (ଶୋଣିତ ଶବ୍ଦଜ) ରକ୍ତ । ଯଥା—

ଯମ ପାଦରୁ ପୂଜ ଶ୍ରୋଣି,
ଆପ୍ୟାନକରେ ସେହୁ ପ୍ରାଣୀ । ମା. ମା.

ଶ୍ରୋତଃ, ଶ୍ରୋତସ୍, ବି. (ଶ୍ରୁ-ଅସ୍, ତ ଆଗମ) ନଦ୍ୟାଦିର ବେଗ; ଜ୍ଞାନେନ୍ଦ୍ରିୟ ।

ଶ୍ରୋତବ୍ୟ, ବିଂ. (ଶ୍ରୁ-ତବ୍ୟ) ଶ୍ରବଣଯୋଗ୍ୟ ।

ଶ୍ରୋତା, ବିଂ. (ଶ୍ରୁ-ତୃ) ଶ୍ରବଣକର୍ତ୍ତା ।

ଶ୍ରୋତ୍ର, ଶ୍ରୌତ୍ର, ବି. (ଶ୍ରୁ-ତ୍ର) ଶ୍ରବଣ, କାନ, ବେଦ ।

ଶ୍ରୋତ୍ରିୟ, ବି. (ଶ୍ରୋତ୍ର = ବେଦ-ଇୟ) ବେଦାଧାୟୀ ବ୍ରାହ୍ମଣ; ସଚ୍ଚରିତ୍ର ବ୍ରାହ୍ମଣ । ବିଂ. ସୁଶୀଳ, ସଚ୍ଚରିତ୍ର; ସତ୍‌କୁଳଜାତ ।

ଶ୍ଲଥ, ବିଂ. (ଶ୍ଲଥ୍-ଅ) ଶିଥିଳ, ଅଦୃଢ଼; ଦୁର୍ବଳ ।

ଶ୍ଲାଘା, ବି. ସ୍ତ୍ରୀ. ( ଶ୍ଲାଘ୍-ଅ-ଆ ) ପ୍ରଶଂସା; ପରିଚର୍ଯ୍ୟା; ନିଜଗୁଣଜ୍ଞାପନ; ଅଭିଳାଷ । (ବିଶେଷଣରେ ଶ୍ଲାଘ୍ୟ ଓ ଶ୍ଲାଘନୀୟ ହୁଏ ।)

ଶ୍ଲେଟ, ବି. (ଇଂରାଜୀ ଶବ୍ଦ) ଖଡ଼ିପଟା ।

ଶ୍ଲେଷ, ବି. ( ଶ୍ଲିଷ୍ = ଆଲିଙ୍ଗନକରିବା-ଅ ) ସଂଯୋଗ; ଆଲିଙ୍ଗନ । (ବିଶେଷଣରେ ଶ୍ଲିଷ୍ଟ ହୁଏ ।)

ଶ୍ଲେଷ୍ମା, ଶ୍ଲେଷ୍ମକ, ବି. (ଶ୍ଲିଷ୍-ମନ୍, ଶ୍ଲେଷ୍ମନ୍-କ) କଫ, ଶର୍ଦ୍ଦି ।

ଶ୍ଲୋକ, ବି. (ଶ୍ଲୋକ୍ ଗ୍ରଥିତହେବା ଇତ୍ୟାଦି-ଅ) ପଦ୍ୟ; ସୁଖ୍ୟାତି; ଯଶ । ( ପଦ୍ୟେ ଯଶସି ଚ ଶ୍ଲୋକଃ—ଅମର । )

ଶ୍ୱଃ, ଅଂ. ଆଗାମୀ ଦିବସ, କାଲି ।

ଶ୍ୱପଚ, ଶ୍ୱପାକ, ବି. (ଶ୍ୱନ୍-ପଚ୍ ଅ ଚଣ୍ଡାଳ; ବ୍ୟାଧ ।

ଶ୍ୱବୃତ୍ତି, ବି. (ଶ୍ୱନ୍-ବୃତ୍ତି) ସେବା; ଚାକିରି ।

ଶ୍ୱଶୁର, ବି. (ଶଂସୁଖଂ ଅଶ୍ନୁତେ ଜାମାତାରଂ ସ୍ନୁଷାଂ ଚ ଲବ୍‌ଧ୍ୱା ଶ୍ୱଶୁରଃ ଅଶୂବ୍ୟାପ୍ତୌ, ଶୁ = ସୁଖ-ଅଶ୍ = ପାଇବା-ଉର) ଭର୍ତ୍ତା କିମ୍ବା ପତ୍ନୀର ପିତା; ମାନ୍ୟବ୍ୟକ୍ତି ।

ଶ୍ୱଶ୍ରୁ, ଶ୍ୱଶ୍ରୂ, ବି. ସ୍ତ୍ରୀ. ( ଶ୍ୱଶୁର-ଉ, ଊ, ଅ ଲୋପ ) ଭର୍ତ୍ତା କିମ୍ବା ପତ୍ନୀର ମାତା ।

ଶ୍ୱସନ, ଶ୍ୱସିତ, ବି. ( ଶ୍ୱସ୍-ନିଃଶ୍ୱାସ ପ୍ରଶ୍ୱାସ ତ୍ୟାଗକରିବା-ଅନ, ତ) ପବନ; ନିଃଶ୍ୱାସ; ଜୀବନ ।

ଶ୍ୱା, ବି. (ଶ୍ୱନ୍-ଶ୍ୱୟତି ଗଚ୍ଛତି ଶ୍ୱା, ଶ୍ୱି-ଗତି କରିବା-ଅନ୍ ) କୁକ୍କୁର ।

ଶ୍ୱାନ, ବି. (ଶ୍ୱନ୍-ଅ) କୁକ୍କୁର । (ସ୍ତ୍ରୀ-ଶୁନୀ ହୁଏ । )

ଶ୍ୱାପଦ, ବି. (ଶ୍ୱନ୍-ଆ-ପଦ୍-ଅ) ଯେଉଁ ପଶୁ ମାନେ ମାଂସ ଭକ୍ଷଣ କରି ଜୀବନଯାତ୍ରା ନିର୍ବାହ କରନ୍ତି; ବ୍ୟାଘ୍ର ପ୍ରଭୃତି ।

ଶ୍ୱାସ, ବି. (ଶ୍ୱସ୍-ଅ) ନିଃଶ୍ୱାସ; ବାୟୁ; ରୋଗ-ବିଶେଷ ।

ଶ୍ୱିତ୍ର, ବି. (ଶ୍ୱିତ୍ = ଶୁକ୍ଳବର୍ଣ୍ଣ ହେବା-ର) ଧବଳକୁଷ୍ଠ, ଶ୍ୱେତକୁଷ୍ଠ ।

ଶ୍ୱେତ, ବି. ( ଶ୍ୱିତ୍ = ଶୁକ୍ଳବର୍ଣ୍ଣ ହେବା-ଅ ) ଶୁକ୍ଳବର୍ଣ୍ଣ; ଦ୍ୱୀପବିଶେଷ; ପର୍ବତବିଶେଷ; ଶୁକ୍ରଗ୍ରହ; ଶଙ୍ଖ; ରଜତ । ବିଂ. ଶୁକ୍ଳବର୍ଣ୍ଣ-ବିଶିଷ୍ଟ ।

ଶ୍ୱେତଗରୁତ୍, ଶ୍ୱେତଚ୍ଛଦ, } ବି. (ଶ୍ୱେତ-ଗରୁତ୍, ଛଦ = ପକ୍ଷ) ହଂସ ।

ଶ୍ୱେତବାହନ, ଶ୍ୱେତହୟ, } ବି.(ଶ୍ୱେତ-ବାହନ = ଯାନ, ହୟ = ଅଶ୍ୱ-ଯାହାର) ଅର୍ଜୁନ ।

# ଷ

**ଷ,** ବ୍ୟଞ୍ଜନମାଳାର ଏକତ୍ରିଂଶ ବର୍ଣ୍ଣ । ବି. (ଷୋ = ନାଶକରିବା-ଅ) କେଶ; ଶିକ୍ଷକ; ନାଶ; ଅବଶେଷ; ପ୍ରାକ୍ତନସଂସ୍କାର; ମୁକ୍ତି; ସ୍ୱର୍ଗ; ନିଦ୍ରା; ଅଙ୍କୁର; ଧୈର୍ଯ୍ୟ । ବିଂ. ବିଜ୍ଞ; ଶ୍ରେଷ୍ଠ; ଶୋଭନ ।

ଷଟ୍, ଷଷ୍, ବିଂ. ସଂ. (ଷୋ = ନାଶକରିବା-କ୍ୱିପ୍ ନିପାତନ) ଛଅ ସଂଖ୍ୟା ।

ଷଟ୍‌କ, ବିଂ. (ଷଟ୍-କ) ଛଅ ସଂଖ୍ୟା ।

ଷଟ୍‌କର୍ମ, ବି. ସଂ. ଯଜନ, ଯାଜନ, ଅଧ୍ୟୟନ, ଅଧ୍ୟାପନ, ଦାନ ଓ ପ୍ରତିଗ୍ରହ; ତନ୍ତ୍ରରେ— ଶାନ୍ତି, ବଶୀକରଣ, ସ୍ତମ୍ଭନ, ବିଦ୍ୱେଷ, ଉଚ୍ଚାଟନ ଓ ମାରଣ ।

ଷଟ୍‌କୋଣ, ବି. ( ଷଟ୍-କୋଣ-ଯାହାର ) ହୀରକ; ବଜ୍ର । ବିଂ. ଯାହାର ଛଅଗୋଟି କୋଣ ଅଛି ।

ଷଟ୍‌ଚତ୍ୱାରିଂଶତ୍, ବିଂ. ସଂ. ୪୬ ସଂଖ୍ୟା ।

ଷଟ୍‌ଚରଣ, ଷଟ୍‌ପଦ, } ବି.(ଷଟ୍-ଚରଣ, ପଦ-ଯାହାର) ଭ୍ରମର; ଉକୁଣି; ଛଅ ପା ।

ଷଟ୍‌ତ୍ରିଂଶତ୍, ବିଂ. ସଂ. ୩୬ ସଂଖ୍ୟା ।

ଷଟ୍‌ପଞ୍ଚାଶତ୍, ବିଂ. ସଂ. ୫୬ ସଂଖ୍ୟା ।

ଷଠିଘର, ଷଠୀଘର, ଷଠିଘରା, } ବି. (ଷଷ୍ଠୀଗୃହ ଶବ୍ଦଜ) ବାଳକ ଜନ୍ମର ଷଷ୍ଠ ଦିବସରେ କରିବା କୃତ୍ୟବିଶେଷ । ଯଥା—

ପଞ୍ଚୁଆଡ଼ି ଷଠୀଘର ଉତ୍ସବ ଗଲା,
ଏକବିଂଶ ଦିବସ ପ୍ରବେଶ ହୋଇଲା । ବି. ରା.

ଷଠିଦେଈ, ଷଠୀଦେଈ, } ବି. ସ୍ତ୍ରୀ. (ଷଷ୍ଠୀଦେବୀ ଶବ୍ଦଜ) ଷଷ୍ଠୀଦେବୀ ।

ଷଠିଧାନ, ବି. (ଷଷ୍ଟିକ ଧାନ୍ୟ ଶବ୍ଦଜ) ଏକପ୍ରକାର ଶାଳିଧାନ ।

ଷଡ଼୍, ବିଂ. (ଷଟ୍ ଶବ୍ଦଜ) ଛଅ ସଂଖ୍ୟା । ଯଥା—

ବନ୍ଧୁତ ବଳ ଘେନିଣ ଏ ଷଡ଼ ଜଣ । ବି. ରା.

ଘୃତାଦି ଗୋରସରେ ପରିଷ୍କୃତ ଓ ପରିପୂତ (କଳଶାଦି) । ଯେପରି—ଷଡ଼୍ ହାଣ୍ଡି, ଷଡ଼୍ କଳସି ।

ଷଡ଼ଙ୍ଗ, ବି. (ଷଟ୍-ଅଙ୍ଗ = ଅବୟବ = ଅଂଶ) ଶିକ୍ଷା, କଳ୍ପ, ବ୍ୟାକରଣ, ନିରୁକ୍ତ, ଛନ୍ଦ ଓ ଜ୍ୟୋତିଷ ବେଦର ଏହି ଛଅ ଅଙ୍ଗ; ମୌଳ, ଭୃତ୍ୟ, ସୁହୃତ୍, ଶ୍ରେଣୀ, ଦ୍ୱିଷତ୍ ଓ ଆଟବିକ—ଏହି ଛଅଗୋଟି ସେନାର ଅଙ୍ଗ । ବିଂ. ଛଅ ଅଙ୍ଗବିଶିଷ୍ଟ ।

ଷଡ଼ଂଘ୍ରି, ବି. (ଷଟ୍-ଅଂଘ୍ରି = ଚରଣ-ଯାହାର) ଭ୍ରମର ।

ଷଡ଼ଭିଜ୍ଞ, ବି. ( ଷଟ୍-ଅଭିଜ୍ଞ ) ଦିବ୍ୟଚକ୍ଷୁ ଓ ଶ୍ରୋତ୍ର, ପରଚିତ୍ତ ଜ୍ଞାନ, ପୂର୍ବଜନ୍ମ ସ୍ମରଣ, ଆତ୍ମଜ୍ଞାନ, ବିୟଦ୍‌ଗତି ବା ଆକାଶଗମନରେ କ୍ଷମତା ଓ କାୟବ୍ୟୂହସିଦ୍ଧି ଅର୍ଥାତ୍ ଯେ କୌଣସି ଦେହ ଧାରଣ କରିବାରେ କ୍ଷମତା ଏହି ଛଅ ବିଷୟରେ ଅଭିଜ୍ଞ; ବୌଦ୍ଧ ।

ଷଡ଼ଶୀତି, ବିଂ. (ଷଟ୍-ଅଶୀତି) ୮୬ ସଂଖ୍ୟା; ସଂକ୍ରାନ୍ତିବିଶେଷ; ମିଥୁନ, କନ୍ୟା, ଧନୁ ଓ ମୀନରାଶିରେ ସୂର୍ଯ୍ୟଙ୍କ ସଂକ୍ରମଣ ।

ଷଡ଼ଷଡ଼୍, ବି. ( ଦେଶଜ ) ଭୋଗ୍ୟ ପଦାର୍ଥ ଦେଖିଲେ ଭୋଗ କରିବାର ଇଚ୍ଛା; ଶବ୍ଦ-ବିଶେଷ ।

ଷଡ଼ାନନ, ଷଟ୍‌ବକ୍ତ୍ର, } ବି. (ଷଟ୍-ଆନନ, ବକ୍ତ୍ର-ଯାହାର) କାର୍ତ୍ତିକେୟ ।

ଷଡ଼୍‌ଗୟା, ବି.ସଂ. ଷଡ଼୍‌ବିଧ ଗୟା । (ଗୟାଗଜୋ ଗୟାଦିତ୍ୟୋ ଗାୟତ୍ରୀ ଚ ଗଦାଧରଃ, ଗୟା ଗୟାସୁର ଶ୍ଚୈବ ଷଟ୍‌ଗୟା ମୁକ୍ତିଦାୟିକା ।)

ଷଡ଼୍‌ଗୁଣ, ବି. ସଂ. ସନ୍ଧି, ବିଗ୍ରହ, ଯାନ, ଆସନ ଅର୍ଥାତ୍ ଦୁର୍ଗ ନିର୍ମାଣ କରି ଅବସ୍ଥାନ କରିବା, ଦ୍ୱୈଧ ଅର୍ଥାତ୍ ବଳସହିତ ସନ୍ଧି ଅବଳ ସହିତ ବିଗ୍ରହ ଓ ଆଶ୍ରୟ ଅର୍ଥାତ୍ ବଳିଷ୍ଠ ରାଜାମାନଙ୍କର ଆଶ୍ରୟ ନେବା ରାଜାମାନଙ୍କର ଏହି ଛଅ ଗୁଣ ।

ଷଡ଼୍‌ଜ, ବି. (ଷଟ୍‌-ଜନ୍‌-ଜନ୍ମିବା-ଅ-ଯେ ଛଅ ସ୍ଥାନରୁ ଜନ୍ମେ) ତନ୍ତ୍ରୀକଣ୍ଠୋତ୍ଥିତ ସ୍ୱରବିଶେଷ, ଏହା ମୟୂରର ସ୍ୱର ତୁଲ୍ୟ ।

ଷଡ଼୍‌ଦର୍ଶନ, ବି. ସଂ. ପୂର୍ବ ମୀମାଂସା, ବେଦାନ୍ତ, ସାଂଖ୍ୟ, ପାତଞ୍ଜଳ, ନ୍ୟାୟ ଓ ବୈଶେଷିକ ।

ଷଡ଼୍‌ଧା, ଅଂ. (ଷଟ୍‌-ଧା ପ୍ରକାରାର୍ଥେ) ଷଡ଼୍‌ବିଧ ।

ଷଡ଼୍‌ରସ, ବି. ( ଷଟ୍‌-ରସ ) ମଧୁର, ତିକ୍ତ, କଷାୟ, ଅମ୍ଳ, କଟୁ, ଲବଣ ।

ଷଡ଼ୁର୍ଗ, } ବି. ( ଷଟ୍‌-ବର୍ଗ, ଊର୍ମି = ବେଗ )
ଷଡ଼ୂର୍ମି, } କାମ, କ୍ରୋଧ, ଲୋଭ, ମୋହ, ମଦ ଓ ମାତ୍ସର୍ଯ୍ୟ ।

ଷଣ୍ଡ, ବି. (ଶଣ୍‌ = ଦାନ କରିବା-ଡ଼) ସ୍ୱାଧୀନବୃଷ; ନପୁଂସକ; ସମୂହ; ବୃଷ; ପଦ୍ମସମୂହ ।

ଷଣ୍ଡା, ଷଣ୍ଢ଼ା, ବିଂ. ( ଷଣ୍ଡ ଶବ୍ଦଜ ) ଉଦ୍ଧତ, ଦୁର୍ବିନୀତ, ବଳବାନ୍‌ ।

ଷଣ୍ଡାଳୀ, ବି. ସ୍ତ୍ରୀ. ସଂ. ତୈଳମାନବିଶେଷ, ଛଟାଙ୍କି; ସରୋବର; କାମୁକା ସ୍ତ୍ରୀ ।

ଷଣ୍ଡିଆ, ବି. (ଷଣ୍ଡ ଶବ୍ଦଜ) ନପୁଂସକ ।

ଷଣ୍ଢ଼, ବି. (ଷଣ୍‌-ଦାନ କରିବା-ଢ଼)ନପୁଂସକ, ବୃଷ । ( ଷଣ୍ଢଃସ୍ୟାତ୍‌ ପୁଂସିଗୋପତୌ— କୋଷାନ୍ତର । )

ଷଣ୍ଢୁଣୀ, } ବି. ସ୍ତ୍ରୀ. (ସଂସ୍କୃତ ଶବ୍ଦରେ ଓଡ଼ିଆ
ଷଣ୍ଢୁଣୀ, } ପ୍ରତ୍ୟୟ) ପ୍ରସବରହିତା ଗାଈ; ବନ୍ଧ୍ୟା ଗୋ । ଯଥା—

ଶମନ ବୋଲେ ପରଦାରହରଣ ଦୋଷ,
ଷଣ୍ଢ ଷଣ୍ଢୁଣୀକି ଦାନ ଦେଲେ ହୁଏ ନାଶ । ସା.ଭା.ସ.

ଷଷ୍ଠ, ଷଷ୍ଠକ, ବି. (ଷଷ୍‌-ଥ ପୂରଣାର୍ଥେ) ଛଅର ପୂରଣ ।

ଷଷ୍ଟି, ବିଂ. (ଷଷ୍‌-ତି)୬୦ ସଂଖ୍ୟା, ତତ୍‌ସଂଖ୍ୟକ ।

ଷଷ୍ଟିକ, ବି. ସଂ. ଧାନ୍ୟବିଶେଷ; ୬୦ ଦିନରେ ଯେଉଁ ଧାନ ପାଚେ । ବିଂ. ଷଷ୍ଟି ସଂଖ୍ୟାଦ୍ୱାରା କ୍ରୀତ ।

ଷଷ୍ଟିତମ, ବିଂ. ( ଷଷ୍ଟି-ତମ ପୂରଣାର୍ଥେ ) ଷାଠିଏର ପୂରଣ ।

ଷଷ୍ଟିମତ୍ତ, ବି. ସଂ. ଷାଠିଏ ବର୍ଷରେ ଯେ ମତ୍ତ ହୁଏ ହସ୍ତୀ ।

ଷଷ୍ଟିହାୟନ, ବି. (ଷଷ୍ଟିନ୍‌ = ଷାଠିଏ-ହାୟନ = ବତ୍ସର—ଏ ସମୟରେ ଯେ ସଂପୂର୍ଣ୍ଣ ବୟଃପ୍ରାପ୍ତ ହୁଏ) ହସ୍ତୀ ।

ଷଷ୍ଠୀ, ଷଷ୍ଠିକା, ବି. ସ୍ତ୍ରୀ. ସଂ. ଦେବୀବିଶେଷ; ତିଥିବିଶେଷ ।

ଷାଠି, ଷାଠୀ, } ବିଂ. ( ଷଷ୍ଟି ଶବ୍ଦଜ ) ୬୦
ଷାଠିଏ, } ସଂଖ୍ୟା । ଯଥା—

ଷାଠୀସହସ୍ର ବ୍ରହ୍ମଋଷି, ଯଜ୍ଞ କରନ୍ତି ତହିଁ ବସି ।
ଭା. ଦ. ସ୍କ.

ଷାଠିଏ ଘର ବନ୍ଧ ବଗୁଲି ହେଲେ ବୋଧ । ଲ. ବ.

ଷାଣ୍ମାତୁର; ବି. (ଷଟ୍‌-ମାତୃ-ଅ ଅପତ୍ୟାର୍ଥେ, ଋ = ଉର) କାର୍ତ୍ତିକେୟ ।

ଷିଡ୍‌ଗ, ବି. ( ଷିଟ୍‌ = ଘୃଣା କରିବା-ଗକ୍‌ ) କାମୁକ; ଉପପତି ।

ଷୋଡ଼ଶ, ବିଂ. ସଂ. ୧୬ ସଂଖ୍ୟାର ପୂରଣ; ୧୬ ସଂଖ୍ୟା ।

ଷୋଡ଼ଶାଂଶୁ, } ବି. (ଷୋଡ଼ଶ = ୧୬ ସଂଖ୍ୟା-
ଷୋଡ଼ଶାର୍ଚ୍ଚିଃ, } ଅଂଶୁ, ଅର୍ଚ୍ଚିଃ = କିରଣ ଯାହାର) ଶୁକ୍ରଗ୍ରହ । ବିଂ. ଷୋଡ଼ଶ କିରଣଯୁକ୍ତ ।

ଷୋଡ଼ଶାଂଘ୍ରି, ବି. (ଷୋଡ଼ଶ-ଅଂଘ୍ରି = ଚରଣ ଯାହାର) କର୍କଟ, କଙ୍କଡ଼ା । ବିଂ. ଷୋଡ଼ଶ ଚରଣବିଶିଷ୍ଟ ।

ଷୋଡ଼ଶାର, ବି. (ଷୋଡ଼ଶ-ଆର = କୋଣ) ଷୋଡ଼ଶଦଳପଦ୍ମ ।

ଷୋଡ଼ଶୀ, ବି. (ଷୋଡ଼ଶିନ୍‌-ଷୋଡ଼ଶ-ଇନ୍‌) ଯଜ୍ଞପାତ୍ରବିଶେଷ, ସସୋମକପାତ୍ର । (ସ୍ତ୍ରୀ-ଷୋଡ଼ଶିନ୍‌-ଈ) କାଳୀ ତାରା ପ୍ରଭୃତି ମହାବିଦ୍ୟା ମଧ୍ୟରେ ଏକ ମହାବିଦ୍ୟା ।

ଷୋଢ଼ା, ଅଂ. (ଷଷ୍‌ = ଛଅ-ଧାଚ୍‌ ପ୍ରକାରାର୍ଥେ) ଛଅପ୍ରକାର; ଛଅଥର ।

ଷୋଳ, ସୋଳ, } ବିଂ. (ଷୋଡ଼ଶ = ପ୍ରାକୃତ
ଷୋହଳ, } ସୋଳହ ଶବ୍ଦଜ) ୧୬ ସଂଖ୍ୟା; ଉକ୍ତ ସଂଖ୍ୟା ପରମିତ । ଯଥା—

ଷୋଳ ଗୁଣ ଷୋଳ କଳା ସଦ୍ୟ ପୂର୍ଣ୍ଣ ତହିଁ । ପ୍ରେ.ସୁ ନି.
ସେ ଚନ୍ଦରେ ପଦ୍ମ ଫୁଟେ ଷୋହଳ ପାଖୁଡ଼ା ।
ନୃ. ସୁ. ଭୃ. ଚ.

ଷ୍ଟେସନ, ବି. ( ଇଂରାଜୀ ଶବ୍ଦ ) ଥାନା; ଯେ ସ୍ଥାନରେ ରେଲଗାଡ଼ି ପ୍ରଭୃତି ରହେ ଏବଂ ଯେଉଁ ସ୍ଥାନରୁ ଛାଡ଼େ ।

ଷ୍ଠୀବନ, ବି. (ଷ୍ଠୀବ୍ = ଛେପ ପକାଇବା-ଅନ) ଥୁତ୍କାର କ୍ଷେପଣ ।

ଷ୍ଠ୍ୟୂତ, ବିଂ. (ଷ୍ଠୀବ୍ = ଛେପ ପକାଇବା-ତ) ନିରସ୍ତ; ବାନ୍ତ ବା ବମନ କରିବା; ଛେପ ପକାଇବା ।

# ସ

ସ, ବ୍ୟଞ୍ଜନମାଳାର ଦ୍ୱାତ୍ରିଂଶ ବର୍ଣ୍ଣ । (ସୋ = ଗମନ କରିବା-ଅ) । ବି. ଶିବ; ବିଷ୍ଣୁ; ବାୟୁ; ସର୍ପ; ଜୀବାତ୍ମା; ଚନ୍ଦ୍ର; ଭୃଗୁ; ପକ୍ଷୀ; ଜ୍ଞାନ । (ସ୍ତ୍ରୀ-ସା) ଲକ୍ଷ୍ମୀ; ଗୌରୀ; ଶାନ୍ତି; ଶ୍ରୀ ।

ସଅଳ, କ୍ରି. ବିଂ. (ଦେଶଜ) ଶୀଘ୍ର ।

ସଇଁତିଶ, ବିଂ. (ସପ୍ତତ୍ରିଂଶ ଶବ୍ଦଜ) ୩୭ ସଂଖ୍ୟା ।

ସଇ, ବି. ସ୍ତ୍ରୀ. (ସଖୀ ଶବ୍ଦଜ) ସଖୀ । (ଦେଶଜ) ଅଙ୍ଗୀକାର, ସ୍ୱୀକାର ।

ସଇନ, ସଇନ, ବି. (ସୈନ୍ୟ ଶବ୍ଦଜ) ସୈନ୍ୟ । ଯଥା—

ଶୁଭିଲା ଡାକ ସଇନ ସାଜ । ଲ. ବ.
ରାମ ଲକ୍ଷ୍ମଣ ସୁଗ୍ରୀବଙ୍କୁ ଘେନ,
ଆବର ସବୁ ବାନର ସଇନ । ବି. ରା.

ସଇନ୍ଧୁ, ସଏନ୍ଧୁ, ବି. (ଦେଶଜ) ସଙ୍ଗମର ଅବ୍ୟବହିତ ପରେ ଜାତ ସନ୍ତାନ । ଯଥା —

ସମାସ୍ତେ ସୁନ୍ଦରୀ ଯେ ନ ପାରଇ ଚଳି,
ସଇନ୍ଧୁ ପ୍ରଧେକ ହୋଇ ଗୁଡ଼ିଲ ବୋବାଳି । ସା.ଖ୍ର.ଆ.
କାଲ କଳା କରନ୍ତେ ଖସିଲ ଗର୍ଭେ ବନ୍ଧୁ,
ତକ୍ଷଣେ ପୁତ୍ରମାନେ ଯେ ହୋଇଲେ ସଇନ୍ଧୁ ।
ନୃ. ପୃ. ପ୍ର. ତ.

ସଇନ୍ଧ୍ରୀ, } ବି. ସ୍ତ୍ରୀ. (ସୈରନ୍ଧ୍ରୀ ଶବ୍ଦଜ) ଅନ୍ତଃ-
ସୈନ୍ଧ୍ରୀ, } ପୁରସ୍ଥା ବେଶକାରିଣୀ । ଯଥା—

ସଇନ୍ଧ୍ରୀକି ବୋଇଲେ ପଣା ସାର ଆଣ,
କଙ୍କ ପଣ୍ଡା ଭୁଲରେ ଖେଳନ୍ତୁ ଏକ୍ଷଣ । କୃ ଖ ବ.ପ.
ସୁଦେଷ୍ଣା ବୋଇଲେ ବାବୁ ସୈନ୍ଧ୍ରୀରେ ଭକତ,
ତାହାଙ୍କ କଲ୍ୟାଣେ ଯଣ ହେଉ ପତ୍ରପତ । ସା.ଖ୍ର.ବ.ପ.

ସଇସ, ବି. ( ପାରସ୍ୟ ସାଇସ ଶବ୍ଦଜ ) ଅଶ୍ୱ-ରକ୍ଷକ । ଯଥା—

ବାଗୀଶ ଉପରେ ବସାଏ ବାଲିଶ,
ହବାର ଉପରେ ବସାଏ ସଇସ । ଦ. ବା.

( ସଦସ୍ୟ ଶବ୍ଦଜ ) ସଦସ୍ୟ, ବୈଦିକ ଉପାଧିବିଶେଷ; ସଭ୍ୟ ।

ସଈ, ସହୀ, ବି. ସ୍ତ୍ରୀ. (ସଖୀ ଶବ୍ଦଜ, ପ୍ରାକୃତ) ସଖୀ, ସହଚରୀ । ଯଥା—

ପରସ୍ତରେ ଲୁଚିବେ ଦେଖ ଗୋ ସଈ । ମେ.ଦୂ.

ସଉଆଲ, ସବାଲ, ସଓୟାଲ, ବି. (ଯାବନକ) ପ୍ରଶ୍ନ, ଜିଜ୍ଞାସା ।

ସଉକ, ବି. (ସୌଖିକ ଶବ୍ଦଜ) ଚିତ୍ତବିନୋଦ, ମଉଜ । ଯଥା—

ଟିକିଏଲେଖାଏଁ ପାଚକପାଣି ସାର ଆମ ସଉକ ଓ ତୃଷ୍ଣା ନିବୃତ୍ତ କରିଥିଲୁଁ । ଉ. ସା. ୧୮. ୧୧.

ବିଂ. ଚିତ୍ତବିନୋଦକ; ବିନୋଦୀ ।

ସଉଣ୍ଡ, ସଉଣ୍ଡା, ବିଂ. (ଶୌଣ୍ଡ ଶବ୍ଦଜ) ଉତ୍କଟ; ଉତ୍କୃଷ୍ଟ; ନିପୁଣ । ଯଥା—

ପାଣ୍ଡୁସୁତମାନେ ସମର ସଉଣ୍ଡା,
ସାଲ ଗଛ ପରି ଅଟନ୍ତି ସେ ଭେଣ୍ଡା । କୃ. ଖ. ଉ. ପ.

ସଉତୁଣୀ, ବି. ସ୍ତ୍ରୀ. (ସପତ୍ନୀ ଶବ୍ଦଜ) ସମାନ-ପତିକା ସ୍ତ୍ରୀ ।

ସଉଦା, ବି. (ପାରସିକ) କିଣିବାଦ୍ରବ୍ୟ ।

ସଉଦାଗର, ବି. (ପାରସିକ) ବଣିକ ।

ସଉପ, ବି. (ଦେଶଜ) ଔଷଧ ଦ୍ରବ୍ୟବିଶେଷ ।

ସଉପମସିଣା, ବି. ( ଦେଶଜ ) ଏକପ୍ରକାର ତୃଣନିର୍ମିତ ଆସନବିଶେଷ ।

ସଏମ୍ବର, ସୟମ୍ବର, ବି. ( ସ୍ୱୟମ୍ବର ଶବ୍ଦଜ ) ସ୍ୱୟମ୍ବର ।

ସଏମ୍ବର, ବି. (ଶମ୍ବର ବା ସମ୍ବର ଶବ୍ଦଜ) ମୃଗବିଶେଷ । ଯଥା—

କମଠ ନକୁଳ ଇନ୍ଦୁର,
ଗଣ୍ଡା ଗଏଲ ସଏମ୍ବର । ମା. ମା.

ସଓୟାର, ସଵାର, ବି. ( ପାରସିକ ଶବ୍ଦ ) ଚଢ଼ନଦାର, ଆରୋହୀ ।

ସଓୟାରି, } ସଵାରି, } ବି. ( ପାରସିକ ଶବ୍ଦ ) ପାଲଙ୍କୀ; ଯାନ; ବାଦ୍ୟଯନ୍ତ୍ରବିଶେଷ, ରଜା ବାହାରକୁ ବିଜେ ହେବା ସମୟରେ ବାଜିବା ବାଦ୍ୟବିଶେଷ ।

ସଁପା, ବି. (ସମର୍ପଣ ଶବ୍ଦଜ) ସମର୍ପଣ । (ଶାପ ଶବ୍ଦଜ) ଶାପଦେବା; ଗାଳିବିଶେଷ ।

ସଁପିବା, କ୍ରି. (ସମର୍ପଣ ଶବ୍ଦଜ) ସମର୍ପଣକରିବା । (ଶାପ ଶବ୍ଦଜ) ଶାପଦେବା; ଗାଳିଦେବା ।

ସଂକ୍ରମଣ, ବି. ( ସମ୍-କ୍ରମ୍ = ଗମନ କରିବା-ଅନ) ଗମନ; ପ୍ରବେଶ; ପ୍ରାପ୍ତି; ସଂକ୍ରାନ୍ତି ବା ସୂର୍ଯ୍ୟାଦିଙ୍କ ରାଶ୍ୟନ୍ତର ପ୍ରବେଶ; ସୋପାନ; ସେତୁ; ଉପାୟ । (ବିଶେଷଣରେ ସଂକ୍ରମିତ ଓ ସଂକ୍ରାମିତ ହୁଏ ।)

ସଂକ୍ରାନ୍ତ, ବିଂ. ( ସମ୍-କ୍ରମ୍-ତ ) ପ୍ରତିବିମ୍ବିତ; ସମ୍ବନ୍ଧୀୟ; ସଂକ୍ରମଣବିଶିଷ୍ଟ; ଗତ ବା ପ୍ରାପ୍ତ; ଯୁକ୍ତ; ପ୍ରବିଷ୍ଟ; ବ୍ୟାପ୍ତ । ( ବିଶେଷ୍ୟରେ ସଂକ୍ରାନ୍ତି ପଦ ନିଷ୍ପନ୍ନ ହୁଏ । )

ସଂକ୍ରାମକ, ବିଂ. (ସମ୍-କ୍ରମ୍-ଅକ) ଏକସ୍ଥାନରୁ ଅନ୍ୟ ସ୍ଥାନରେ ପ୍ରବେଶକାରକ । ଯେପରି— ସଂକ୍ରାମକ ରୋଗ ।

ସଂଗ୍ରହ, } ସଂଗ୍ରହଣ, } ବି. (ସମ୍-ଗ୍ରହ୍ = ଗ୍ରହଣକରିବା-ଅ, ଅନ) ଏକତ୍ରୀକରଣ; ସଂଚୟ; ଗ୍ରହଣ; ସଂକ୍ଷେପ; ସ୍ୱୀକାର । (ବିଶେଷଣରେ ସଂଗୃହୀତ, ସଂଗ୍ରହୀତା ଓ ସଂଗ୍ରାହକ ପଦ ସିଦ୍ଧ ହୁଏ ।)

ସଂଗ୍ରାମ, } ସଙ୍ଗ୍ରାମ, } ବି. (ସଂଗ୍ରାମ୍ = ଯୁଦ୍ଧକରିବା-ଅ) ଯୁଦ୍ଧ ।

ସଂଜ୍ଞା, ବି. ସ୍ତ୍ରୀ. ( ସମ୍-ଜ୍ଞା = ଜାଣିବା-ଅ-ଆ ) ଜ୍ଞାନ ବା ଚେତନା; ନାମ; ବୁଦ୍ଧି; ସଙ୍କେତ; ସୂର୍ଯ୍ୟପତ୍ନୀ; ଗାୟତ୍ରୀ । ( ବିଶେଷ୍ୟରେ ତି ପ୍ରତ୍ୟୟ ସଂଜ୍ଞପ୍ତି, ଅନ ପ୍ରତ୍ୟୟରେ ସଂଜ୍ଞାନ ହୁଏ । )

ସଂଜ୍ଞୁ, ବିଂ. ( ସମ୍ = ମିଳିତ-ଜାନୁ— ଜାନୁର ଜ୍ଞୁ ଆଦେଶ ) ଯାହାର ଜାନୁଦ୍ୱୟ ପରସ୍ପର ମିଳିତ । ( ସଂଜ୍ଞୁଃ ସଂହତଜାନୁକଃ— ଅମର ।)

ସଂଯମ, ସଂଯମନ, ବି. ( ସମ୍ ଯମ୍ = ନିବୃତ୍ତ କରିବା-ଅ, ଅନ ) ଇନ୍ଦ୍ରିୟନିଗ୍ରହ; ବନ୍ଧନ; ସମାଧି; ଧ୍ୟାନ; ନିୟମ; ଚତୁଃଶାଲ ଗୃହ; ଯମ । (ବିଶେଷଣରେ ସଂଯମୀ, ସଂଯମିତ, ସଂଯତ, ସଂଯନ୍ତା ପଦ ସିଦ୍ଧ ହୁଏ ।)

ସଂଯମନୀ, ବି. ସ୍ତ୍ରୀ. ସଂ. ଯମପୁରୀ । ( ଅନ୍ତେଽପି ଯେ ସଂଯମିନଃ ସଂଯମନ୍ୟାମୁଦୀର୍ଣ୍ଣିତଂ । )

ସଂଯାନ, ବି. (ସମ୍ ଯାନ) ମିଳିତ ହୋଇ ଗମନ କରିବା ।

ସଂଯୁଗ, ବି. (ସମ୍-ଯୁଜ୍-ଅ) ଯୁଦ୍ଧ; ସଂଯୋଗ ।

ସଂଯୋଗ, ସଂଯୋଜନ, ବି. (ସମ୍ ଯୁଜ୍ = ଯୋଗ କରିବା-ଅ, ଅନ) ମିଶ୍ରଣ; ସମ୍ପର୍କ । ( ବିଶେଷଣରେ ସଂଯୁକ୍ତ, ସଂଯୋଗିତ, ସଂଯୋଜିତ ହୁଏ । )

ସଂରମ୍ଭ, ବି. ( ସମ୍-ରନ୍ଭ୍ = କ୍ରୋଧ କରିବା ଇତ୍ୟାଦି-ଅ ) କ୍ରୋଧ; ଆକ୍ରୋଶ; ଗର୍ବ; ସଂଭ୍ରମ, ବେଗ; ଉତ୍ସାହ । (ବିଶେଷଣରେ ସଂରବ୍ଧ ପଦ ସିଦ୍ଧ ହୁଏ ।)

ସଂରାଧନ, ବି. (ସମ୍-ରାଧ୍ = ଆରାଧନା କରିବା ଇତ୍ୟାଦି-ଅନ) ଆରାଧନା, ସେବା । (ବିଶେଷଣରେ ସଂରାଧିତ ହୁଏ ।)

ସଂରୋହ, ବି. ( ସମ୍-ରୁହ୍ = ଉତ୍ପନ୍ନ ହେବା ଇତ୍ୟାଦି-ଅ) ଅଙ୍କୁର; ଉତ୍ପତ୍ତି । (ବିଶେଷଣରେ ସଂରୂଢ଼ ହୁଏ ।)

ସଂଲାପ, ବି. ( ସମ୍-ଲପ୍ = କୋଲିବା-ଅ ) ପରସ୍ପର କଥାବାର୍ତ୍ତା । (ସଂଲାପୋ ଭାଷଣଂ ମିଥଃ— ଅମର ।)

ସଂବତ୍, ବି. ସଂ. ବର୍ଷ, ବତ୍ସର । (ଗ୍ରମଃ ପଞ୍ଚ-
ଦଶେ ସଂବଦସୋଧାଂ ପ୍ରବିବେଶହ ।)

ସଂବତ୍ସର, ବି.(ସମ୍ୟକ୍ ବସନ୍ତ୍ୟୃତବୋଽସ୍ମିନ୍ନିତି
ସଂବତ୍ସରଂ, ବସ୍ନିବାସେ—ଅମରଟୀକା,
ସମ୍-ବସ୍-ସର ସ୍ = ତ୍) ବର୍ଷ, ବତ୍ସର ।

ସଂବଦନ, ବି. ( ସମ୍-ବଦ୍ = କହିବା-ଅନ )
କଥନ; ସମ୍ବାଦ; ସନ୍ଦର୍ଶୀକରଣ; ଦୃଷ୍ଟି ।
(ସ୍ତ୍ରୀ-ସଂବଦନା) ବଶୀକରଣ; ମନ୍ତୌଷଧି-
ଦ୍ୱାରା ମୁଗ୍ଧକରଣ; ଆଲୋଚନ ।

ସଂବନନ, ବି. (ସମ୍-ବନ୍ = ଅଧୀନ କରିବା-
ଅନ) ବଶୀକରଣ; ମନ୍ତୌଷଧିଦ୍ୱାରା
ଆୟତ୍ତୀକରଣ; ଆଲୋଚନ ।

ସଂବରଣ, ବି. ( ସମ୍-ବୃ-ଅନ ) ବରଣ;
ସଂଗୋପନ; ଆବରଣ; ନିବାରଣ ।
(ବିଶେଷଣରେ ସଂବରିତ ହୁଏ ।)

ସଂବର୍ତ୍ତ, ବି. ( ସମ୍-ବୃତ୍ = ପ୍ରବର୍ତ୍ତିବା-ଅ )
ମହାପ୍ରଳୟ; ମେଘବିଶେଷ; ସ୍ମୃତିକାରକ
ମୁନିବିଶେଷ ।

ସଂବର୍ତ୍ତୀ, ସଂବର୍ତ୍ତିକା, ବି. ସ୍ତ୍ରୀ. (ସମ୍-ବୃତ୍-ଇ,
ଅକ-ଆ) ପଦ୍ମାଦିର ନବପତ୍ର; ଦୀପାଦିର
ଦଶା ।

ସଂବର୍ଦ୍ଧନ, ସଂବର୍ଦ୍ଧନା, ବି. (ସମ୍-ବୃଧ୍ = ବର୍ଦ୍ଧିତ
ହେବା-ଅନ, ଆ) ବୃଦ୍ଧି; ସମ୍ମାନନ ।
(ବିଶେଷଣରେ ସଂବର୍ଦ୍ଧକ, ସଂବର୍ଦ୍ଧିତ ପଦ
ସିଦ୍ଧ ହୁଏ ।)

ସଂବଳିତ, } ବିଂ. ( ସମ୍-ବଲ = ବେଷ୍ଟନ-
ସମ୍ବଳିତ, } କରିବା-ତ ) ସହିତ, ମିଳିତ;
ଚଳିତ; ଚୂର୍ଣ୍ଣିତ; ବେଷ୍ଟିତ ।

ସମ୍ବାଦ,ବି. (ସମ୍-ବଦ୍=କହିବା-ଅ)ସମାଚାର;
ବୃତ୍ତାନ୍ତ; ସାଦୃଶ୍ୟ; ସମ୍ଭାଷଣ ।

ସମ୍ବାହ,ସମ୍ବାହନ,ବି.[ସମ୍-ବହ୍-ଣିଚ୍=(ସୁଖ)
ପାଇବା-ଅନ] ଅଙ୍ଗମର୍ଦ୍ଦନ; ଭାରାଦି ବହନ ।
(ବିଶେଷଣରେ ସମ୍ବାହକ, ସମ୍ବାହିତ ହୁଏ ।)

ସଂବିଦ୍, ସଂବିଦା,ବି. ସ୍ତ୍ରୀ. (ସମ୍-ବିଦ୍ = ଜାଣିବା
ଇତ୍ୟାଦି-କ୍ୱିପ୍, ଆ) ଜ୍ଞାନ, ବୁଦ୍ଧି; ପ୍ରତିଜ୍ଞା;
ନିୟମ; ଆଚାର; ସଙ୍କେତ; ସମାଧି;
ସମ୍ଭାଷଣ; ସନ୍ତୋଷ; ଯୁଦ୍ଧ ।

ସଂବୀକ୍ଷଣ, ବି. (ସମ୍ = ସମ୍ୟକ୍ ପ୍ରକାରେ, ବି =
ବିବିଧ-ଈକ୍ଷଣ) ଅନ୍ୱେଷଣ; ଦର୍ଶନ ।

ସଂବୀତ,ବି.(ସମ୍-ବ୍ୟେ = ଆଚ୍ଛାଦନ କରିବା-ତ)
ଆବୃତ; ରୁଦ୍ଧ; ଗୁପ୍ତ । ( ସମ୍-ବି-ଇ =
ଗମନ କରିବା-ତ ) ସମିଳିତ, ଏକତ୍ରୀଭୂତ ।

ସଂବୃତ, ବିଂ. (ସମ୍-ବୃ=ଆଚ୍ଛାଦନ କରିବା-ତ)
ଆଚ୍ଛାଦିତ; ଗୁପ୍ତ; ଗୋପିତ । ( ବିଶେ-
ଷ୍ୟରେ ସଂବୃତି ହୁଏ । )

ସଂବୃତ୍ତ, ବିଂ. (ସମ୍-ବୃତ୍=ହେବା ଇତ୍ୟାଦି-ତ)
ସମ୍ପାଦିତ ବା ନିଷ୍ପନ୍ନ; ଜାତ; ଗୋପିତ ।
(ବିଶେଷ୍ୟରେ ସଂବୃତ୍ତି ହୁଏ ।)

ସଂବେଦ, ସଂବେଦନ, } ବି. ( ସମ୍-ବିଦ୍ =
ସଂବେଦନା, } ଜାଣିବା-ଅ, ଅନ;
ଆ) ଅନୁଭବ; ଜ୍ଞାନ ବା ବୋଧ । (ବିଶେ-
ଷଣରେ ସଂବେଦ୍ୟ, ସଂବିଦିତ ହୁଏ ।)

ସଂବେଶ, ବି. (ସମ୍-ବିଶ୍ = ପ୍ରବେଶ କରିବା,
ଶୟନ କରିବା ଇତ୍ୟାଦି-ଅ) ନିଦ୍ରା;
ଉପବେଶନ; ଆସନ; ଶଯ୍ୟା; ସୁରତ ।
(ବିଶେଷଣରେ ସଂବିଷ୍ଟ ହୁଏ ।)

ସଂବ୍ୟାନ, ବି. ( ସମ୍-ବ୍ୟେ = ଆଚ୍ଛାଦନ-
କରିବା-ଅନ ) ଉତ୍ତରୀୟ ବସ୍ତ୍ର । (ସଂବ୍ୟାନ
ମୁତ୍ତରୀୟଂ ଚ — ଅମର ।) ବସ୍ତ୍ର, ବସନ ।

ସଂଶପ୍ତକ, ବି. ( ସମ୍-ଶପ୍ତ = ପ୍ରତିଜ୍ଞା-କଣ୍ )
ପ୍ରଧାନ ସୈନ୍ୟ, ଯୁଦ୍ଧରୁ ଅନିବର୍ତ୍ତି ସୈନ୍ୟ;
ଭାରତଯୁଦ୍ଧରେ ନାରାୟଣୀ ସେନାବିଶେଷ ।
(ସଂଶପ୍ତକାସ୍ତୁ ସମୟାତ୍ ସଂଗ୍ରାମାଦନିବର୍ତ୍ତିନଃ
— ଅମର ।)

ସଂଶୟ, ବି. ( ସମ୍-ଶୀ = ଶୋଇବା, ସନ୍ଦେହ
କରିବା-ଅ ) ସନ୍ଦେହ; ଦ୍ୱୈଧଜ୍ଞାନ ।
( ବିଶେଷଣରେ ସଂଶୟାନ, ସଂଶୟାଳୁ ଓ
ସଂଶୟିତା ହୁଏ । )

**ସଂଶିତ,** ବିଂ. (ସମ୍-ଶୋ = ନାଶ କରିବା, ନିର୍ଣ୍ଣୟ କରିବା ଇତ୍ୟାଦି-ତ) ନିର୍ଣ୍ଣୀତ ବା ନିର୍ଦ୍ଧାରିତ; ସମ୍ପୂର୍ଣ୍ଣ; ନିବାହିତ; ବ୍ରତ-ବିଷୟକ ଯତ୍ନବାନ୍ । ଯେପରି—ସଂଶିତ ବ୍ରାହ୍ମଣ । ଶାଣିତ ବା ତୀକ୍ଷ୍ଣ ।

**ସଂଶ୍ରବ, ସଂଶ୍ରାବ,** ବି. (ସମ୍-ଶ୍ରୁ = ଶୁଣିବା, ଅଙ୍ଗୀକାର କରିବା-ଅ) ପ୍ରତିଜ୍ଞା;ଅଙ୍ଗୀକାର; ସମ୍ପର୍କ । (ବିଶେଷଣରେ ସଂଶ୍ରୁତ ହୁଏ ।)

**ସଂଶ୍ଳେଷ,** ବି. (ସମ୍-ଶ୍ଳିଷ୍ = ଆଲିଙ୍ଗନ କରିବା-ଅ) ଆଲିଙ୍ଗନ; ମିଳନ; ସମ୍ପର୍କ । (ବିଶେଷଣରେ ସଂଶ୍ଳିଷ୍ଟ ହୁଏ ।)

**ସଂସକ୍ତ,** ବିଂ.(ସମ୍-ସନ୍ଜ = ଆସକ୍ତ ହେବା-ତ) ସଂଲଗ୍ନ; ମିଳିତ; ଆସକ୍ତ; ସମନ୍ତାତ୍ ବିସ୍ତୀର୍ଣ୍ଣ ।

**ସଂସଦ୍,** ବି. ( ସମ୍-ସଦ୍-କ୍ୱିପ୍ ) ସଭା, ସମାଜ । ଯଥା—

ନାନା ପୁରସ୍କାରକୁ ସଂସଦେ ସେ,
ସମାଦରେ ବହୁଳ ପାଇ ତୋଷେ । ବହୁଳଣକାବ୍ୟ ।

**ସଂସର, ସମେଶ୍ୱର, ସମସର,** ବି. (ଦେଶଜ) ଗଞ୍ଜପାସାରର ଏକପ୍ରକାର ରଙ୍ଗ, ଗୈରିକ ବାଟି କଇଥ ଅଠା ମିଶାଇ ଏହି ବର୍ଣ୍ଣ ତିଆର କରନ୍ତି ।

**ସଂସର୍ଗ,** ବି. (ସମ୍-ସୃଜ୍=ସୃଷ୍ଟି କରିବା, ସହବାସ କରିବା-ଅ) ସହବାସ; ସମ୍ପର୍କ ବା ସମ୍ବନ୍ଧ ।

**ସଂସାର,** ବି. (ସମ୍-ସୃ = ଗମନ କରିବା-ଅ) ଜଗତ୍; ମର୍ତ୍ତ୍ୟଲୋକ; ପରିବାର; ଅବିଦ୍ୟା-ବନ୍ଧନ । (ବିଶେଷଣରେ ସଂସାରୀ ହୁଏ ।)

**ସଂସାରଗୁରୁ,** ବି. ସଂ. କନ୍ଦର୍ପ; ଜଗଦ୍‌ଗୁରୁ ।

**ସଂସାରି, ସଂସାରିକା ,** ବିଂ. (ସାଂସାରିକ ଶବ୍ଦଜ) ସଂସାରସମ୍ବନ୍ଧୀୟ । ଯଥା—

ସଂସାରିକା ଧର୍ମ କେବେ ନ ଛାଡ଼ନ୍ତି ମୁନି । ନୃ.ପୃ.ପ୍ର.ଭ.

ସାଧାରଣ ଗୃହସ୍ଥ । ଯଥା—

ସଂସାରିକା ଘରେ ଭ୍ରୂର କସ ଆଉ ଅଛି । ନୃ.ପୃ.ପ୍ର.ଭ.

**ସଂସୃତି,** ବି. (ସମ୍-ସୃ = ଗମନ କରିବା-ତି) ସଂସାର; ସ୍ରୋତ; ସଙ୍ଗେ ଗମନ ।

**ସଂସୃଷ୍ଟି** ବି.(ସମ୍-ସୃଜ୍ = ସହବାସ କରିବା-ତି) ସଂସର୍ଗ; ମିଳନ; ସହବାସ; ଉପମାଦି ଅଳଂକାରର ଏକତ୍ର ସଂଯୋଗରେ ପ୍ରତ୍ୟେକର ପ୍ରାଧାନ୍ୟ ଥିଲେ ସଂସୃଷ୍ଟି କହନ୍ତି । (ବିଶେଷଣରେ ସଂସୃଷ୍ଟ ଓ ସଂସୃଷ୍ଟୀ ହୁଏ ।)

**ସଂସ୍କାର** ବି. (ସମ୍-କୃ-ଅ, ସ ଆଗମ) ପୂର୍ବ କର୍ମବାସନା; ଶାସ୍ତ୍ରାଭ୍ୟାସଜନିତ ବାସନା; ଗୁଣବିଶେଷ; ବୈଦିକମତେ ବିବାହ, ଗର୍ଭାଧାନ, ପୁଂସବନ, ସୀମନ୍ତୋନ୍ନୟନ, ଜାତକର୍ମାଦି ଦଶବିଧ ଶୁଦ୍ଧିଜନକ କାର୍ଯ୍ୟ; ଶୁଦ୍ଧି; ନିର୍ମଳୀକରଣ; ଭୂଷିତକରଣ; ଜୀର୍ଣ୍ଣୋଦ୍ଧାର ବା ମରାମତି; ବ୍ୟାକରଣାଦି ଶାସ୍ତ୍ରରେ ବ୍ୟୁତ୍ପତ୍ତି; ଉଦ୍ଦୀପ୍ତକରଣ; ବେଗ; ସ୍ଥିତିସ୍ଥାପକ ଗୁଣ; ପାକ । (ବିଶେଷଣରେ ସଂସ୍କର୍ତ୍ତା, ସଂସ୍କାରକ ଏବଂ ସଂସ୍କୃତ ହୁଏ ।)

**ସଂସ୍ତର,** ବି. (ସମ୍-ସ୍ତୃ = ଆସ୍ତରଣ କରିବା-ଅ) ଶଯ୍ୟା; ପଲ୍ଲବାଦି ରଚିତ ଆସ୍ତରଣ; ଯଜ୍ଞ ।

**ସଂସ୍ତବ,** ବି. (ସମ-ସ୍ତୁ = ଆଳାପ କରିବା-ଅ) ପରିଚୟ । (ସଂସ୍ତବଃ ସ୍ୟାତ୍ ପରିଚୟଃ— ଅମର ।) ପ୍ରଶଂସା ବା ସ୍ତୁତି । (ବିଶେଷଣରେ ସଂସ୍ତୁତ ହୁଏ ।)

**ସଂସ୍ଥାନ,** ବି.(ସମ୍-ସ୍ଥା = ଥିବା ଇତ୍ୟାଦି-ଅନ) ଆକୃତି; ନାଶ; ବିନ୍ୟାସ; ନିର୍ମାଣ; ସଞ୍ଚୟ; ସ୍ଥିତି; ରାଶି; ଚିହ୍ନ; ସନ୍ନିବେଶ; ଚତୁଷ୍ପଥ ।

**ସଂସ୍ଥାପନ,** ବି. (ସମ୍-ସ୍ଥା-ଣିଚ୍-ପ ଆଗମ-ଅନ) ସ୍ଥାପିତ କରିବା; ସ୍ଥିରୀକରଣ । ଯେପରି—ଧର୍ମ ସଂସ୍ଥାପନ । (ବିଶେଷଣରେ ସଂସ୍ଥିତ ହୁଏ ।)

**ସଂସ୍ଥିତି,** ବି. (ସମ୍-ସ୍ଥା = ଥିବା ଇତ୍ୟାଦି-ତି) ସଂସ୍ଥାନ; ମୃତ୍ୟୁ; ଗୃହ । (ବିଶେଷଣରେ ସଂସ୍ଥିତ ହୁଏ ।)

**ସଂସ୍ରବ, ସଂସ୍ରାବ,** ବି. (ସମ୍-ସୃ = ଗମନ କରିବା, ମିଳିତ ହେବା-ଅ) ସମ୍ପର୍କ ବା ସମ୍ବନ୍ଧ; ମିଳନ ।

ସଂହତ, ବିଂ. ( ସମ୍-ହନ୍ = ମିଳିତହେବା ଇତ୍ୟାଦି-ତ ) ଦୃଢ଼; ମିଳିତ; ଜମାଟ; ସଞ୍ଚିତ; ଆଘାତପ୍ରାପ୍ତ; ସମ୍ୟକ୍ ହତ ।

ସଂହତି, ବି. (ସମ୍-ହନ୍-ତି) ସମୂହ; ଅବୟବ ସଂଶ୍ଳେଷ; ନିବିଡ଼ ସଂଯୋଗ; ସମ୍ୟକ୍ ବଧ ।

ସଂହନନ, ବି. ( ସମ୍-ହନ୍ = ଆଘାତକରିବା-ଅନ) ଶରୀର । (ଗାତ୍ରଂ ବପୁଃ ସଂହନନଂ—ଅମର ।) ସମ୍ୟକ୍ ଆଘାତ; ବଧ ।

ସଂହାର, ବି. (ସମ୍-ହୃ=ହରଣକରିବା, ବିନାଶ କରିବା ଇତ୍ୟାଦି-ଅ) ପ୍ରଳୟ; ବିନାଶ; ସଂକ୍ଷେପ; ସଂଗ୍ରହ, ସଙ୍କୋଚ; ପ୍ରତ୍ୟାକର୍ଷଣ; ନରକବିଶେଷ ।

ସଂହିତ, ବିଂ. ( ସମ୍-ଧା = ଧାରଣକରିବା, ସଂଗ୍ରହ କରିବା-ତ, ଧା = ହି ) ମିଳିତ; ସଂଗୃହୀତ ଏକତ୍ରୀକୃତ ।

ସଂହିତା, ବି. ସ୍ତ୍ରୀ. ( ସଂହିତ-ଆ ) ଧର୍ମଶାସ୍ତ୍ର । ଯେପରି— ମନୁସଂହିତା । କର୍ମକାଣ୍ଡ ପ୍ରତିପାଦିତ ବେଦର ଶାଖା; ଋଷିପ୍ରଣୀତ ଶାସ୍ତ୍ର । ଯେପରି—ଚରକସଂହିତା । ଋଷିତୁଲ୍ୟ ବ୍ୟକ୍ତିଙ୍କ ରଚିତ ଶାସ୍ତ୍ର । ଯେପରି—ଶାରଙ୍ଗଧରସଂହିତା ଇତ୍ୟାଦି ।

ସଂହୃତି, ବି. (ସମ୍-ହୃ-ତି) ସଂହାର; ସଙ୍କୋଚ; ସଂଗ୍ରହ; ଗ୍ରହଣ; ଆକ୍ରମଣ । (ବିଶେଷଣରେ ସଂହୃତ ହୁଏ ।)

ସକଳ, ବିଂ. ( ସ = ସହିତ-କଳା = ଅଂଶ ) ସମୁଦାୟ, ସମସ୍ତ; କଳାସହିତ ।

ସକସକ, ବି. (ଦେଶଜ—ପ୍ରାୟଶଃ କ୍ରନ୍ଦନାର୍ଥ ଶବ୍ଦ ସହ ପ୍ରଯୋଜ୍ୟ) ବିଳାପନ । ଯଥା—
ବିଗିଟଙ୍କ ଧରି ପଡ଼ିବା ଜାଣି ଲୋକେ,
ପଳାଇଲେ ପଛକୁ କାନ୍ଦି ସକସକେ । କୃ.ଷ୍ଣ.ବ.ପ.
କ୍ରନ୍ଦନାଭିନୟ । ଯଥା—
ନଣନ୍ଦ ଶାଶୁ ଶଶୁର ସାନ ଦିଅରକୁ,
ସକସକ କରି କହେ ନିନ୍ଦା କରି ତାଙ୍କୁ । ନୃ.ସୃ.କୃ.ତ.

ସକାଇବା, ସକେଇବା, ସକଇବା, } କ୍ରି. ( ଦେଶଜ ) ନାକରେ କାନ୍ଦିବା; କାନ୍ଦିଲା ପରି ହେବା । ଯଥା—
ଜଞ୍ଜାଳୀ ଏ କଥା ଶୁଣି ସକାଇ,
ନଟ ଗୋପାଳଙ୍କ ଗୃହିଁ କହଇ । ହ୍ରୀ. ତ.

ସକାଈ, ବି. ସ୍ତ୍ରୀ. (ଦେଶଜ ପ୍ରାୟ) ଦେବୀ-ବିଶେଷ । ଯଥା—
ସକାଈ ବିନ୍ଧାବାଈ ଗରୁଡ଼ାଈ ଘଟାରି,
ଜାଗୁଳାଈ କାଳରାତ୍ରୀ ଆଦି କାଳଞ୍ଜରୀ । ନୃ.ସୃ.ଦ୍ଵି.ତ.

ସକାଳ, ବି. (ସଦ୍ୟଃକାଳ ଶବ୍ଦଜ) ପ୍ରାତଃ-କାଳ । ଯଥା—
ସକାଳ କର୍ମଯାକ କରଣ ତୁରିତେ । କୃ.ଷ୍ଣ.କ.ପ.
କ୍ରି. ବିଂ. ଶୀଘ୍ର ।

ସକାଳପାଇବା, କ୍ରି. (ଚଢ଼କାତରେ) ଗତି ପାଇବା ।

ସକାଶ, ବିଂ. ( ସ = ସହିତ-କାଶ୍ = ଦୀପ୍ତି-ପାଇବା-ଅ) ସମୀପ, ନିକଟ; କାଶଯୁକ୍ତ । (ଦେଶଜ) ଅଂ. ପାଇଁ, ନିମନ୍ତେ । ଯଥା—
ତୁମ ସକାଶ ବା ତୁମ ସକାଶେ ସେ କଷ୍ଟ ପାଇଲେ ।

ସକୃତ୍, ଅଂ. ସଂ. ଏକବାର, ଥରେମାତ୍ର; ସହିତ; ସର୍ବଦା ।

ସକ୍‌ଡ଼ା, ବି. (ଯାବନିକ) ଚର୍ମନିର୍ମିତ ବୃହତ୍ ଜଳପାତ୍ର ।

ସକ୍ତ, ବିଂ. ( ସନ୍ଜ୍ = ଆସକ୍ତହେବା-ତ ) ଆସକ୍ତ; ଅର୍ପିତ; ଅଭିନିବିଷ୍ଟ; ସଂଲଗ୍ନ । (ବିଶେଷ୍ୟରେ ସଂସକ୍ତି ହୁଏ ।)

ସକ୍ତୁ, ବି. (ସଚ୍ = ଜଳାଦି ସେକକରିବା-ତୁ) ଯବାଦି ଚୂର୍ଣ୍ଣ ।

ସକ୍ଥ୍, ବି. (ସନ୍ଜ୍-ଆସକ୍ତ ହେବା-ଥି) ଊରୁ ।

ସଖା, ବି. (ସଖି—ସ-ସମାନ-ଖ୍ୟା = କହିବା-ଇ—ଲୋକରେ ଯେ ସମାନ ବୋଲି କୁହାଯାଏ) ମିତ୍ର; ସହଚର; ସହାୟ ।

ସଖିତା, ସଖିତ୍ୱ, } ବି. ( ସଖି-ତା, ତ୍ୱ ଭାବାର୍ଥେ ) ମିତ୍ରତା, ବନ୍ଧୁତ୍ୱ । (ଏହି ଅର୍ଥରେ ସଖ୍ୟ ମଧ୍ୟ ହୁଏ ।)

ସଗର୍ଭ, } ବି. ( ସ = ସମାନ-ଗର୍ଭ-ଉଦର,
ସଗର୍ଭ୍ୟ, } ସଗର୍ଭ-ଯ) ସହୋଦର । ବିଂ. ଗର୍ଭଯୁକ୍ତ ।

ସଗ୍ଧି, ବି. ( ସ-ଅଦ୍-ତି ) ସହଭୋଜନ । (ସଗ୍ଧିସ୍ତୁ ସହଭୋଜନଂ ।)

ସଙ୍କଟ, ବିଂ.(ସମ୍-କଟ୍ = ଆବରଣକରିବା-ଅ) ସଂକୀର୍ଣ୍ଣ, ଅଳ୍ପପ୍ରସ୍ଥ; ଆପଦଜନକ; ନିବିଡ଼; ଅଭେଦ୍ୟ; ଜନତାଯୁକ୍ତ । ବି. କ୍ଲେଶ; ଜନତା, ଭିଡ଼ ବା ସଂମର୍ଦ୍ଦ; ବିପଦ୍; ସଂକୀର୍ଣ୍ଣ ସ୍ଥାନ । ଯେପରି—ଗିରିସଙ୍କଟ । (ସ୍ତ୍ରୀ-ଆ) ଦେବୀବିଶେଷ ।

ସଙ୍କଟତାରିଣୀ, ବି. ସ୍ତ୍ରୀ. ସଂ. ଦେବୀବିଶେଷ; ବିପଦ୍ନାଶିନୀ ।

ସଙ୍କର, ବି. (ସମ୍-କୄ = ବିକ୍ଷେପକରିବା-ଅ) ସମ୍ମାର୍ଜନୀକ୍ଷିପ୍ତ ଧୂଳି ପ୍ରଭୃତି; ମିଳନ; ବର୍ଣ୍ଣସଙ୍କର ଜାତି; ପରସ୍ପର ବିରୁଦ୍ଧ ପଦାର୍ଥର ଏକତ୍ରାବସ୍ଥାନ ।

ସଙ୍କରାତି, } ବି. (ସଙ୍କ୍ରାନ୍ତି ଶବ୍ଦଜ) ସୌର
ସଙ୍କରାନ୍ତ, } ମାସର ଆଦ୍ୟ ବା ପ୍ରଥମ ଦିବସ । ଯଥା—

ଅମାସ୍ୟା ସଙ୍କରାନ୍ତ ଦିନ,
ତଇଲ ଘେନନ୍ତ ସେ ପୁଣ । ମା ମା.

ସଙ୍କର୍ଷଣ, ବି. (ସମ୍-କୃଷ୍ = ଚଷିବା ଇତ୍ୟାଦି-ଅନ)ବଳରାମ;ଆକର୍ଷଣ;କର୍ଷଣ,କୃଷିକାର୍ଯ୍ୟ ।

ସଙ୍କଳ, } ବି. (ସମ୍-କଳ୍ = ସଂଗ୍ରହ କରିବା
ସଙ୍କଳନ, } ଇତ୍ୟାଦି-ଅ, ଅନ) ସଂଗ୍ରହ; ଯୋଗ ବା ମିଳନ; ଅଙ୍କଯୋଗ । (ବିଶେଷଣରେ ସଙ୍କଳିତ ହୁଏ ।)

ସଙ୍କଳ୍ପ, ବି. (ସମ୍-କଳ୍ପ୍ ମନେ ମନେ ଇଚ୍ଛା କରିବା ଇତ୍ୟାଦି-ଅ ) ମାନସକର୍ମ; ମନୋରଥ; ଇଚ୍ଛା । ( ବିଶେଷଣରେ ସଂକଳ୍ପିତ ହୁଏ ।)

ସଙ୍କାଶ, ବି. (ସମ୍-କାଶ୍ = ଦୀପ୍ତି ପାଇବା-ଅ) ସମୀପ । (ଅନ୍ୟ ଶବ୍ଦର ପରବର୍ତ୍ତୀ ହେଲେ) ତୁଲ୍ୟ, ସଦୃଶ ।

ସଙ୍କୀର୍ଣ୍ଣ, ବିଂ. (ସମ୍-କୄ = ନିରନ୍ତର ବ୍ୟାପିବା ଇତ୍ୟାଦି-ତ) ବ୍ୟାପ୍ତ; ନାନାବିଧ ବସ୍ତୁ ମିଳିତ; ସଙ୍କୁଚିତ; ପରସ୍ପର ବିଜାତୀୟ; ଅପ୍ରଶସ୍ତ । ବି. ବର୍ଣ୍ଣସଙ୍କର ଜାତି; ମିଶ୍ରିତ ରାଗ ।

ସଙ୍କୀର୍ତ୍ତନ, ବି. (ସମ୍-କୃତ୍ = ପ୍ରଶଂସା କରିବା-ଅନ) ସମ୍ୟକ୍ରୂପେ ଗୁଣାଦିକଥନ; ଗାନଦ୍ୱାରା ଦେବଗୁଣାଦି ବର୍ଣ୍ଣନ; ବର୍ଣ୍ଣନା; ଉଚ୍ଚାରଣ । (ବିଶେଷଣରେ ସଂକୀର୍ତ୍ତିତ ହୁଏ ।)

ସଙ୍କୁଡ଼ି, ସଙ୍ଗୁଡ଼ି, ବି. (ଦେଶଜ) ଭାତ ଡାଲି ପ୍ରଭୃତି, ଯାହା କି ମିଷ୍ଟାନ୍ନ ନୁହେଁ; ଉଚ୍ଛିଷ୍ଟ ଅନ୍ନ । ଯଥା—

ପରଗୋଷ୍ଠି ଲୋକ ସଙ୍ଗେ ଭୁଞ୍ଜି ବସିଥିଲେ,
ତାଙ୍କୁ ଛୁଇଁ ଖାଇଲେ ଲେଖି ସଙ୍କୁଡ଼ି ରୁଲେ ।
ନୃ. ପୁ. ତୃ. ଡ.

ସଙ୍କୁଳ, ବିଂ. (ସମ୍-କୁଳ୍ = ରାଶି କରିବା-ଅ) ବହୁଲୋକ ସମାକୀର୍ଣ୍ଣ; ବ୍ୟାପ୍ତ; ମିଶ୍ରିତ; ସଂକୀର୍ଣ୍ଣ । ବି. ପରସ୍ପର ବିରୁଦ୍ଧବାକ୍ୟ; ଯୁଦ୍ଧ; ଜନତା ବା ଭିଡ଼ ।

ସଙ୍କୁଳା ବି. (ଦେଶଜ) ସ୍ୱାଗତପ୍ରଶ୍ନ; କୁଶଳ-ପ୍ରଶ୍ନ; ଆଶ୍ୱାସନା ।

ସଙ୍କୁଳିବା, କ୍ରି. (ଦେଶଜ) ସ୍ୱାଗତ ବା କୁଶଳ ପୁଚ୍ଛିବା । ଯଥା—

ରାଣୀଦଳେ ପାଟମହାଦେଇ ତାଙ୍କୁ ସଙ୍କୁଳନେଲେ ଆଦରେ । ଯ. କେ.

ଆଶ୍ୱାସନା କରିବା ।

ସଙ୍କେତ, ବି. (ସମ୍-କିତ୍ = ସନ୍ଦେହ କରିବା, ବୋଲିବା-ଅ) ଇଙ୍ଗିତ, ଇସାରା; ଚିହ୍ନ; ନିୟମ; ସନ୍ଧାନ; ନିଯୋଗ; ଗୁପ୍ତସ୍ଥାନ ଶବ୍ଦର ଅର୍ଥବୋଧନ ଶକ୍ତି ।

ସଙ୍କୋଚ, ବି. (ସମ୍-କୁଚ୍ = ସଙ୍କୁଚିତ ହେବା ଇତ୍ୟାଦି-ଅ) ସଂକ୍ଷେପ; ବନ୍ଧନ; ମୁଦ୍ରଣ ବା ପ୍ରସ୍ଫୁଟିତ ନ ହେବା; ମତ୍ସ୍ୟବିଶେଷ; କୁଙ୍କୁମ । (ବିଶେଷଣରେ ସଙ୍କୁଚିତ ହୁଏ ।)

ସଙ୍କ୍ରନ୍ଦନ,ବି.(ସମ୍-କ୍ରନ୍ଦ୍ = କାନ୍ଦିବା-ଣିଚ୍-ଅନ, ସଙ୍କ୍ରନ୍ଦୟତିରିପୂନ୍ ଇତି ସଙ୍କ୍ରନ୍ଦନଃ = ଶତ୍ରୁମାନଙ୍କୁ ସେ କନ୍ଦାଏ) ଇନ୍ଦ୍ର; କ୍ରନ୍ଦନ; ଅତିକ୍ରନ୍ଦନ ।

ସଙ୍କ୍ରମ, ସଙ୍କ୍ରାମ, ସଙ୍କ୍ରମଣ, ବି. (ସମ୍ କ୍ରମ୍=ଗମନ କରିବା-ଅ, ଅନ) ପ୍ରତିହତ ଗମନ; ଗ୍ରହମାନଙ୍କର ଏକ ରାଶିରୁ ଅନ୍ୟ ରାଶିକୁ ଗମନ; ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା; ଅତିକ୍ରମ; ଗମନ; ପର୍ଯ୍ୟଟନ; ପ୍ରାପ୍ତି; ସମସାମୟିକତା;ସେତୁ;ସୋପାନ; ଉପାୟ । (ବିଶେଷଣରେ ସଙ୍କ୍ରମିତ, ସଙ୍କ୍ରାମିତ ହୁଏ ।)

ସଙ୍କ୍ରାନ୍ତି, ବି. (ସମ୍-କ୍ରମ୍-ତି) ସୂର୍ଯ୍ୟାଦିଙ୍କର ଏକ ରାଶିରୁ ଅନ୍ୟ ରାଶିକୁ ଗମନ; ଗତି; ଅବସ୍ଥା; ପରିବର୍ତ୍ତନ; ପ୍ରତିବିମ୍ବନ; ପ୍ରତିରୂପକରଣ; ସଂସ୍ରବ; ବ୍ୟାପ୍ତି । (ବିଶେଷଣରେ ସଙ୍କ୍ରାନ୍ତ ହୁଏ ।)

ସଂକ୍ଷେପ, ବି. [ସମ୍-କ୍ଷିପ୍ = (କ୍ଷେପଣ) ସଂକୋଚ କରିବା ଇତ୍ୟାଦି-ଅ] ସଂକୋଚ; ଅଳ୍ପୀକରଣ । (ବିଶେଷଣରେ ସଂକ୍ଷିପ୍ତ ହୁଏ ।)

ସଙ୍ଖଳା, ସଙ୍ଖାଳ, ବି. (ଦେଶଜ) ପ୍ରିୟବସ୍ତୁ ବା ପ୍ରାଣଧନ । ଯଥା—

ଆଉ ପଦାର୍ଥକୁ ଡେଡ଼େ ନ କର ସଙ୍ଖଳା,
ଅମୃତକୁଣ୍ଡ ଗଲେ ବୁଡ଼ିବ ମୋ ଭେଲା । ନୃ.ପୃ.ଦ୍ଵି.ତ.

ଧନ । ଯଥା—

ଯାଚକ ହୋଇଣ ଯେବେ ମଧ୍ୟସ୍ଥ ହୁଅନ୍ତି,
ସଙ୍ଖାଳ ନ ଥାଇଣ ଯେ ବାଣିଜ୍ୟ କରିଥାନ୍ତି ।
ନୃ.ପୃ ପ ତ

ସଙ୍ଖି, ଶଙ୍ଖି, ବି. (ଶଙ୍ଖ ଶବ୍ଦଜ-ଶଙ୍ଖର ସମାକୃତିରୁ ଯେନ ଏହି ଶବ୍ଦ ଗଠିତ ହୋଇଅଛି) ଗଳଦେଶ । ଯଥା—

କୀଚକ ମସ୍ତକକୁ ଆଣି ବୃକୋଦର,
ଚପିଦେଲେ ସଙ୍ଖିନଳାକୁ ତାହାର । କୃ.ଷ୍ଣ ବି.ପ.

ସଙ୍ଖୋଳା, ସଙ୍ଖୋଳା, ସଙ୍ଖୋଳନା, ସଙ୍ଖଳନା, ବି. (ଦେଶଜ) କୁଶଳ ପ୍ରଶ୍ନ । ଯଥା—

ସବୁ ସଖୀଙ୍କି ସଙ୍ଖୋଳା ମୋହର । ଲ. ବ
ତହିଁ ତୁମ୍ଭମାନଙ୍କୁ କର ସଙ୍ଖଳନା,
ଛଡ଼ାଇବ ଯେ ଥିବ ହୃଦର ବେଦନା । କୃ.ଷ୍ଣ.ବି.ପ.

ଆଶ୍ଵାସନା; ଅନ୍ଵେଷଣ । ଯଥା—

ତାହା ଶୁଣି ଲୋକେ ଲଗାଇଣ ଦୁଳା,
କୀଚକକୁ ଆସି କଲେ ସେ ସଙ୍ଖୋଳା । କୃ.ଷ୍ଣ.ବି.ପ.

ସଙ୍ଖୋଳିବା, ସଙ୍ଖୋଳବା, କ୍ରି. (ଦେଶଜ) କୁଶଳପ୍ରଶ୍ନ କରିବା; ଆଶ୍ଵାସନା କରିବା ।

ଯଥା—

ପରଜାଙ୍କୁ ନ ସଙ୍ଖୋଳି ହୁଅଇ ରାଜା ଯେହୁ,
ତାଙ୍କୁ କି ସର୍ବଥା ହୁଅନ୍ତି ଲକ୍ଷ୍ମୀ ଆଉ । ନୃ.ପୃ.ପ୍ର.ତ.

ପଚାରିବା । ଯଥା—

ନୃପତି କୁଳକୁ ଯିନା ଏ ବାଦ୍ୟ ଶୋଭଇ,
ସେ କାହିଁକି ନଜାଣି ସଙ୍ଖୋଳି ବେଗେ ଯାଇ ।
ନୃ. ପୃ. ପ୍ର. ତ.

ସଙ୍ଖ୍ୟ, ବି. ସ୍ତ୍ରୀ. (ସମ୍-ଖ୍ୟା = ପରସ୍ପର ନାମୋଚ୍ଚାରଣ କରିବା-ଅ) ଯୁଦ୍ଧ ।

ସଙ୍ଖ୍ୟା, ବି. ସ୍ତ୍ରୀ. (ସମ୍-ଖ୍ୟା = ଗଣନାକରିବା ଇତ୍ୟାଦି-ଅ, ଆ) ଗଣନା; ବିଚାର, ବୁଦ୍ଧି । (ବିଶେଷଣରେ ସଂଖ୍ୟାତ ହୁଏ ।)

ସଙ୍ଖ୍ୟାବାନ୍, ବି. (ସଙ୍ଖ୍ୟାବତ୍—ସଙ୍ଖ୍ୟା = ବୁଦ୍ଧି-ବତ୍ ଅସ୍ତ୍ୟର୍ଥେ)ପଣ୍ଡିତ । ବିଂ.ସଙ୍ଖ୍ୟାବିଶିଷ୍ଟ ।

ସଙ୍ଗ, ବି. (ସନ୍ଜ୍ = ଆସକ୍ତହେବା-ଅ) ସହବାସ; ପ୍ରତିବନ୍ଧ; ଅନୁରାଗ; ବିଷୟାନୁରାଗ; ମିଳନ; ସମ୍ବନ୍ଧ; ବାସନା; ଆସକ୍ତି; ନଦୀଗଣର ମିଳନ ସ୍ଥାନ ।

ସଙ୍ଗତ, ବିଂ. (ସମ୍-ଗମ୍ = ମିଳିତ ହେବା ଇତ୍ୟାଦି-ତ) ଉପଯୁକ୍ତ; ଯୁକ୍ତିଯୁକ୍ତ; ମିଳିତ; ସାକ୍ଷାତ୍କୃତ; ସଂଶ୍ଲିଷ୍ଟ; ଦୃଷ୍ଟ । (ବିଶେଷ୍ୟରେ ସଙ୍ଗତି ହୁଏ ।)

ସଙ୍ଗମ, ବି. (ସମ୍-ଗମ୍-ଅ) ମିଳନ, ସହବାସ; ସମ୍ଭୋଗ ।

ସଙ୍ଗର, ବି. (ସମ୍-ଗୃ-ଯୁଦ୍ଧକରିବା ଇତ୍ୟାଦି-ଅ) ଯୁଦ୍ଧ; ଆପଦ୍; ସମ୍ପଦ୍; ପ୍ରତିଜ୍ଞା; ପ୍ରଶ୍ନ; ନିୟମ; ଜ୍ଞାନ; ବିଷ; ବିଷୟବିନିଶ୍ଚୟନିର୍ଦ୍ଧାରଣ ।

ସଙ୍ଗବ, ବି.ସଂ.ପ୍ରାତଃକାଳର ପରମୁହୂର୍ତ୍ତିସମୟ ।

ସଙ୍ଗା,ବିଂ.(ଶକଟବାହକ ବୃଷାର୍ଥକ ଶଙ୍ଗଶବ୍ଦଜ) ଯେଉଁ ବଳଦ ଶକଟ ବହନ କରେ ।

ସଙ୍ଗାତ,ବି.(ସମଗାହ ପଦରୁ ଉତ୍ପନ୍ନ) ମିତ୍ର ।

ସଙ୍ଗାତ୍ରୁଣୀ, ବି. ସ୍ତ୍ରୀ. (ସଙ୍ଗାତ ଶବ୍ଦର ସ୍ତ୍ରୀଲିଙ୍ଗ) ମିତ୍ରସ୍ତ୍ରୀ; ପ୍ରେୟସୀ । ଯଥା—

ତୁ ମୋତେ ସଙ୍ଗାତ୍ରୁଣୀ ନ ବୋଲ ଯେ ଏକା ।ସ୍ଵା.ଜ୍ଞ.ଅ

ସଙ୍ଗାବଳଦ, ବି. (ଶଙ୍କ ବଳୀବର୍ଦ୍ଦ ଶବ୍ଦଜ) ଶଗଡ଼ବୁହା ବଳଦ ।

ସଙ୍ଗୀତ, ବି. (ସମ୍-ଗୀତ) ଗାନ, ତୌର୍ଯ୍ୟତ୍ରିକ ଅର୍ଥାତ୍ ନୃତ୍ୟ, ଗୀତ ଓ ବାଦ୍ୟ । ବିଂ. ସମ୍ୟକ୍ ଗୀତ ।

ସଙ୍ଗୀତି, ବି.(ସମ୍-ଗୈ=ଗାଇବା-ତି) ଆଳାପ, କଥୋପକଥନ; ସଙ୍ଗୀତ ।

ସଙ୍ଗୀନ, ବିଂ. ( ଦେଶଜପ୍ରାୟ ) ବିଷମ, ଭୟାନକ ।

ସଙ୍ଗୂଢ଼, ବିଂ. (ସମ୍-ଗୁହ୍=ଗୋପନ କରିବା-ତ) ଲୁକ୍‌କାୟିତ; ଆଚ୍ଛାଦିତ; ସଙ୍କଳିତ । (ସଙ୍ଗୂଢ଼ଃ ସ୍ୟାତ୍ ସଙ୍କଳିତଃ—ଅମର ।)

ସଙ୍ଗୋଇବା, କ୍ରି. ( ସମ୍-ଗମ୍ ଧାତୁଜ ) ସଂଯୋଗ କରିବା । ଯଥା—
କିମ୍ପାଁ ସଙ୍ଗୋଇଣ ବାନ୍ଧିଲେ ଉଦ୍ୟ ଚୂଳ,
ଶୀତ ପୀଡାରୁଣ ଯେ ରଞ୍ଜିଲେ ପୁଷ୍ପମାଳ । ମଂ. ସ.

ସଂଘ, ବି. (ସମ୍-ହନ୍=ବଧ କରିବା, ପଚ୍ଛନ୍ନ ହେବା-ଅ) ସମୂହ, ଗଣ, ଦଳ ।

ସଂଘଟ, ସଂଘଟ୍ଟ, ସଂଘଟନ, ସଂଘଟ୍ଟନ, ସଂଘଟନା, } ବି. ( ସମ୍-ଘଟ୍=ମିଳିତହେବା, ଚେଷ୍ଟା କରିବା ଇତ୍ୟାଦି-ଅ, ଅନ, ଆ) ମେଳନ, ଯୋଜନ; ସଂଘର୍ଷ; ପରସ୍ପର ଘର୍ଷଣ; ଗଠନ; ଘଟନା; ଘୋଟନ । (ବିଶେଷଣରେ ସଂଘଟିତ, ସଂଘଟ୍ଟିତ ହୁଏ ।)

ସଂଘଶଃ, ଅଂ. ସ. ଭୂରିଶଃ, ବହୁଶଃ; ଦଳେ-ଦଳେ; ପୁଞ୍ଜାପୁଞ୍ଜା ।

ସଂଘା, ବି. (ଦେଶଜ) ଘର ଭିତରେ ଶୃଳକୁ ଲାଗି ବନ୍ଧା ହୋଇଥିବା ଭଡ଼ି । ଯଥା—
ମନ୍ତ୍ରିପୁଅ ସେ ଘର ଭିତରକୁ ପଶି ଗଲବେଳକୁ ସଂଘାରେ ମଣିଷ ମୁଣ୍ଡ ମାଳକୁମାଳ ଟଙ୍ଗା ହୋଇଛି । ଢ. ସା.

ସଂଘାଟିକା, ବି. ସ୍ତ୍ରୀ. ସଂ. ଯୁଗ୍ମ; ଘ୍ରାଣ; ଦୂତୀ; ଜଳକଣ୍ଟକ ।

ସଂଘାଡ଼, ସଙ୍ଗାଡ଼, } ବି. (ଯୁଗ୍ମାର୍ଥ ସଂଘାଟିକା ଶବ୍ଦଜ) ଯଜ୍ଞୋପବୀତ ଯୁଗଳ । ଯେପରି—ଗୁରି ସଂଘାଡ଼ ପଇତା ।

ସଂଘାତ, ବି. ( ସମ୍ ହନ୍-ଅ, ହନ୍=ଘାତ୍ ) ସମୂହ, ସମଷ୍ଟି; ଆଘାତ; ବଧ; ନିବିଡ଼ ସଂଯୋଗ; ଘନ; ନରକବିଶେଷ ।

ସଂଘାର, ବି. (ସଂହାର ଶବ୍ଦଜ, ପ୍ରାକୃତ) ନାଶ ।

ସଂଘାରିବା, କ୍ରି. ନାଶ କରିବା । ଯଥା —
ଅଘାସୁର ଦୈତ୍ୟଙ୍କୁ ବନସ୍ତେ ସଂଘାରିଲେ । ନୃ. ପୂ ସ ତ.

ସଚରାଚର, ବିଂ. (ସ=ସହିତ ଚରାଚର=ସ୍ଥାବରଜଙ୍ଗମ) ସର୍ବସାଧାରଣ; ଜଗତ୍; ସ୍ଥାବରଜଙ୍ଗମ ।

ସଚ୍ଚ, ସଚା, ବିଂ. (ସତ୍ୟ=ପ୍ରାକୃତ ସଚ ଶବ୍ଦଜାତ) ଠିକ୍ ବା ଯଥାର୍ଥ । ଯଥା—
ପ୍ରତିଜ୍ଞା ସଚ୍ଚ ତୋର ହୋଇଲା ଦ୍ୱିଜବର,
ପାଣ୍ଡବଙ୍କୁ ମାରି ରାଜ୍ୟ ଦିଅ କୁରୁବୀର । ସା. ଭା. ଆ.
ଉତ୍ତମ । ଯଥା—
ଶାନ୍ତ ସୁବୁଦ୍ଧି ଦୟାଶୀଳ,
ତପେଣ ସଚା ମହୀପାଳ । ମା. ମା.

ସଚିବ, ବି. (ସଚ୍=ସମ୍ବନ୍ଧ କରିବା-ଇ=ସଚି=ବନ୍ଧୁତା-ବା=ପାଇବା-ଅ) ସହାୟ; ସଙ୍ଗୀ; ମନ୍ତ୍ରୀ ।

ସଚ୍ଛନ୍ଦ, ଛଚ୍ଛନ୍ଦ, ବିଂ. (ସ୍ୱଚ୍ଛନ୍ଦ=ପ୍ରାକୃତ ସଚ୍ଛନ୍ଦ ଶବ୍ଦଜ) ସ୍ୱେଚ୍ଛାଯୁକ୍ତ ବା ପ୍ରତିବନ୍ଧରହିତ ।

ସଚ୍ଛଳ, ସଚ୍ଛଳ, ବିଂ. (ସଚ୍ଛୀଳ ଶବ୍ଦଜ) ଦାତା; ବ୍ୟୟୀ ।

ସଜ, ବିଂ. (ସଦ୍ୟଃ ପଦଜାତ) ନୂଆ, ଯାହା ବାସି ନୁହେ । ଯେପରି—ସଜପଖାଳ ଭାତ । (ସଜ୍ଜା ଶବ୍ଦଜ) ବେଶ । ଯଥା—
କେ ଅଙ୍ଗ ସଜ ବଢ଼ାଇ । ର. କ.
ଅଳଙ୍କାର । ଯଥା—
ସଜ ଲାଗି ଆଦର କଲେଣି ହେଲା । ବ. ଚ. ମ.
ଉପକରଣ । ଯଥା —
ଚନ୍ଦନଲ୍ଲର ଶୀକାର ସଜ,
ଆଣ ବୋଲନ୍ତେ ନୃପଆତ୍ମଜ । ଲ. ବ.
ଗୃହର ଉପକରଣ ବା ପିତଳ ପ୍ରଭୃତି ପାତ୍ର । ଯଥା—
ଘରେ ପିତଳ ସଜ ଯେତେ,
ଯେ କଂସା ତମ୍ବାଦି ସହିତେ । ଦା. ର.
କଟାରି ମୋଚ ପ୍ରଭୃତିଙ୍କର ଅସ୍ତ୍ର । ଯଥା—
ବୋଇଲା ଏ ପଥର ରଖି,
ତୋର ସଜକୁ ଦମ୍ଭ ଦେଖି । ଦା. ର.
ସୁବିଧା । ଯଥା—ସେ କାର୍ଯ୍ୟଟି ଏକ୍ଷଣି କରିବାପାଇଁ ସଜ ହେଲା ନାହିଁ ।

ସଜକରିବା, କ୍ରି. (ସଜ୍ଜା ଶବ୍ଦଜ) ସଜାଡ଼ିବା, ବେଶଭୂଷା କରିବା ।

ସଜଘିଅ, ବି. (ସଦ୍ୟୋଘୃତ ଶବ୍ଦଜ) ସେହିକ୍ଷଣି ଲହୁଣି ମାରି କାଢ଼ିଥିବା ଘିଅ ।

ସଜଡ଼ା, ବି. (ଦେଶଜ) ସାଜିବା । ଯଥା—

ଝଁଗ ସଜଡ଼ାକାଳେ ସୁମନସରେ,
ଶ୍ୱାସ ତେଜି ମଜ୍ଜିବ ସୁମନଶରେ ।

ବିଂ. ସାଜିଥିବା ।

ସଜଡ଼ାଇବା, କ୍ରି. (ଦେଶଜ) ତଯ୍ୟାର କରାଇବା । ଯଥା—

ସଜଡ଼ାଇ ଆଣିଲେ କ ଏ ମୂରତି । ବି. ଚି. ମ.

ସଜ୍ଜିତ କରାଇବା । ଯଥା—

ଶେଯଶ୍ରୀ ସଜଡ଼ାଇବ । ବି. ଚି. ମ.

ସଜନା, ବି. (ଶୋଭାଞ୍ଜନ ଶବ୍ଦଜ) ଏକପ୍ରକାର ମୁନିଗାଗଛ ଓ ଫଳ ।

ସଜନାଛୁଇଁ, ସଜନାଦଣ୍ଡା, ବି. (ଦେଶଜ ପ୍ରାୟ) ମୁନିଗାଫଳ ।

ସଜନୀ, ବି. ସ୍ତ୍ରୀ. (ସ୍ୱ ଜନ ଶବ୍ଦଜ) ସହଚାରିଣୀ; ସ୍ୱ ସ୍ତ୍ରୀ; ସହଚରୀ ବା ସଖୀ ।

ସଜବାଜ, ବି. (ଦେଶଜ) ଅଳଙ୍କାର । ଯଥା—

କସ୍ତୁନ ଆଲୋକ ଝଲେ କନ୍ୟା ସଜବାଜେ ।
ନୃ. ପୁ. ଦ୍ୱି. ଉ.

ସଜଳସ, ବି. (ସର୍ଜ୍ଜରସ ଶବ୍ଦଜ) ଝୁଣା । ଯଥା—

କଉ ଛଣପଟ ସଜଳସ ଘୃତ ଦେବୁ । ସା. ଭା. ଆ.

ସଜହେବା, କ୍ରି. (ସଜ୍ଜା ଶବ୍ଦଜ) ସନ୍ନଦ୍ଧ ହେବା । ଯଥା—

ବାରବସ୍ତ୍ର ବାହୁ ସଜ ହେଉଅଛୁ ଆଶା ତରେ
କୋଳ କରିବାର ହେ ସୁନ୍ଦର । ବି. ଚି. ମ.

ଅଳଙ୍କୃତ ହେବା ।

ସଜା, ବି. (ଯାବନିକ) ଦଣ୍ଡ ବା ଶାସ୍ତି ।

ସଜାଇବା, କ୍ରି. (ସଜ୍ଜା ଶବ୍ଦଜ) ସୁସଜ୍ଜ କରିବା, ବେଶ କରିବା ।

ସଜାଉ, ବି. (ଦେଶଜ) ବାଦ୍ୟବିଶେଷ । ଯଥା—

ନାକଲି ସଜାଉ ଆଉ ଟମକ ନିଶାଣ,
ସେ ସଜାକୁ ଭୀମସେନ କଲେ କମଣ୍ଡଣ । ସା. ଭା. ସ.

ସଜାଡ଼ି, ବି. (ଦେଶଜ ବା ସଜ୍ଜା ଶବ୍ଦଜ) ଯତ୍ନ; ଯଥାଯୋଗ୍ୟ ସନ୍ନିବେଶ ।

ସଜାଡ଼ିବା, କ୍ରି. (ସଜ୍ଜା ଶବ୍ଦଜ) ଯତ୍ନ କରିବା; ସଜ୍ଜିତ କରିବା । ଯଥା—

ଭଲ ଯୌବନ ସୃଷ୍ଟି ସଜାଡ଼ିଲ,
ଆଗ ଉପମା ସୃଷ୍ଟି ଅଜାଡ଼ିଲ । କୋ. ବ୍ର. ସୁ.

ସଜାତୀୟ, ବିଂ. (ସଜାତି = ସମାନ ଜାତି-ଈୟ) ଏକଶ୍ରେଣିଭୁକ୍ତ; ଏକବିଧ; ସଦୃଶ, ତୁଲ୍ୟ ।

ସଜାରି, ବି. (ଦେଶଜ) କାର୍ଯ୍ୟକାରମାନଙ୍କର ଭାଗୁଆଳି; ସମାନ କାର୍ଯ୍ୟକାରୀ ।

ସଜାରୁ, ବି. (ଦେଶଜ) ଝିଙ୍କନାମକ ଜନ୍ତୁ ।

ସଜିଲ, ବି. (ଦେଶଜ) ସୁବିଧା । ବିଂ. ଠିକ୍ ।

ସଜୀବ, ବିଂ. (ସ = ସହ-ଜୀବ = ଜୀବନ) ଜୀବିତ, ଯାହାର ଜୀବନ ଅଛି ।

ସଜ୍ଜ, ବିଂ. (ସସ୍ଜ୍ = ସୁସଜ୍ଜିତ ହେବା-ଅ) ସଜ୍ଜିତ, ଭୂଷିତ; ପ୍ରସ୍ତୁତ; ସନ୍ନାହବିଶିଷ୍ଟ; ବର୍ମିତ; ପ୍ରାକାରାଦିଦ୍ୱାରା ସୁରକ୍ଷିତ । (ସ୍ତ୍ରୀ-ସଜ୍ଜା) ବେଶଭୂଷା; ସନ୍ନାହ; ଆୟୋଜନ ।

ସଜ୍ଜନ, ବିଂ. (ସତ୍-ଜନ) କୁଳୀନ, ସୁଜନ । (ସସ୍ଜ୍ = ସୁସଜ୍ଜିତ ହେବା-ଅନ) ବି. ସୈନ୍ୟ ରକ୍ଷଣାର୍ଥ ନିଯୁକ୍ତ ପ୍ରହରୀକାଦି ବିନ୍ୟାସ । (ସଜ୍ଜନଂ ତୁପରକ୍ଷଣଂ—ଅମର ।) ଘାଟ; ସଜ୍ଜା; ଆୟୋଜନ; ଗଜସଜ୍ଜୀକରଣ; ସୈନ୍ୟସ୍ଥାପନ । (ବିଶେଷଣରେ ସଜ୍ଜିତ ହୁଏ ।)

ସଞ୍ଚ, ବି. (ସମ୍-ଚି = ଏକତ୍ର କରିବା-ଅ) ପୁସ୍ତକ ଲେଖିବା ପାଇଁ ପତ୍ରସମୂହ, ଗ୍ରନ୍ଥ । (ଦେଶଜ) ଛନ୍ଦ; ଆକୃତି । ଯଥା—

ନାହା ବେଳସୁତେ ରହିଲ ଝାଲସଞ୍ଚ
ଛଳଫୁଲ ମକରନ୍ଦକୁ କଲ ମୀଚ । କୃ. ଭା. ବ. ଯ.

ଶୋଭା । (ସୋର ଶବ୍ଦ ଦେଖ) ବିଂ. ସୁଡ଼ଳ, ସୁନ୍ଦର । ଯଥା—

ବହଙ୍ଗ ସ୍ତନ ତରୁ ଫଳ,
ବଦଗ୍ଧ ସଞ୍ଚ ପତାବଳୀ । ବୈ. ଭ.

ସଞ୍ଚନ, ବି. (ସଞ୍ଚୟ ଶବ୍ଦଜ) ସଞ୍ଚୟ । ଯଥା—
ଧନ ସଞ୍ଚନେ ଦେଇ ମନ,
କିଛୁହିଁ ନ କରଇ ପୁଣ । ମା. ମା.

ସଞ୍ଚପ, ବି. (ସଂକ୍ଷେପ ଶବ୍ଦଜ) ସଂକ୍ଷେପ । ଯଥା—
ଅସଞ୍ଚପ ଏଥି କେହୁ କରିବ ଲେଖନ,
ସଂକ୍ଷେପ କରିବାକୁ ପାଇବା କାହିଁ ଧନ । ସା. ଭା. ସ.

ସଞ୍ଚପିବା, କ୍ରି. (ସଂକ୍ଷେପ ଶବ୍ଦଜ) ସଂକ୍ଷେପ କରିବା । ଯଥା—
ଏ କଥା ସଞ୍ଚପି ମୋତେ କହିବା ଗୋସାଇଁ । ନା. ର. ଗୀ.
ସଂଚୟ କରିବା । ଯଥା—
ବିଶ୍ଵକର୍ମାର ଶିଳ୍ପିପଣ,
ସଞ୍ଚପି କରିଛୁ ନିର୍ମାଣ । ଭା. ଦ. ସ୍କ.

ସଞ୍ଚୟ, ବି. (ସମ୍-ଚି = ଏକତ୍ର କରିବା-ଅ) ସମୂହ; ସଂଗ୍ରହ ।

ସଞ୍ଚୟନ, ବି. (ସମ୍-ଚି-ଅନ) ସଂଗ୍ରହକରଣ । (ବିଶେଷଣରେ ସଞ୍ଚିତ ଓ ସଞ୍ଚେୟ ହୁଏ ।)

ସଞ୍ଚର, } ବି. (ସମ୍-ଚର୍-ଅ, ଅନ) ଗମନ,
ସଞ୍ଚରଣ, } ଚଳନ; କମ୍ପନ; ପଥ; ସ୍ଥାନ; ଶରୀର; ସେତୁ । (ବିଶେଷଣରେ ସଂଚରିତ, ସଞ୍ଚରିଷ୍ଣୁ ହୁଏ ।)

ସଞ୍ଚା, ବି. (ଦେଶଜ) ଚିହ୍ନ । ଯଥା—
ସଞ୍ଚା ଆଣିଛୁ ଚୂଡ଼ାର, ସାକ୍ଷାତେ କି ପରହର । ର. ପ.
ଶୋଭା । ଯଥା—
ଚାଲିବାବେଳେ ତାଙ୍କ ପାଦତଳେ କୁଞ୍ଚା,
ଅଙ୍ଗୁଳିରେ ବାଜି ନିଦ୍ଦଳା ପଦ୍ମସଞ୍ଚା । କୃ. ଭା. ବି. ପ.
ଛିଟା । ଯଥା—
ମୁଣ୍ଡ କାଟିବାରେ ରକତ ସଞ୍ଚା ପଡ଼ି,
ଦେହ ଲୁଗା ତୁମ୍ଭର ଯାଇ ତ ନାହିଁ ବୁଡ଼ି । କୃ. ଭା. ବି. ପ.
(ସଞ୍ଚୟ ଶବ୍ଦଜ) ସାମଗ୍ରୀ ବା ଉପକରଣ । ଯଥା—
କହିଲା କୁଟିଳଭାଷ, କିଛି ସଞ୍ଚା ଯେବେ ଆସ । ପୁ. ପ.
ଛଞ୍ଚା, ଖାଦ୍ୟସାମଗ୍ରୀ । ଯଥା—
ବିରାଟ ଦେଖିକର ନୃପତିମାନଙ୍କୁ,
ବସା ସଞ୍ଚା ଦେଇ ପୂଜିଲେ ତାହାଙ୍କୁ ।
ସମଷ୍ଟି ବା ଏକୀକରଣ । ଯଥା—
ନିରଞ୍ଜନ ମରନ୍ତେ ସଂସାର ହେଲା ଭୁଗ୍ନ,
ଯାବତ ଆତ୍ମାଯାକ ହୋଇଲେ ଏକସଞ୍ଚା । ନୃ. ପୁ ପ୍ର. ଚ.
ବିଂ. ଦୃଢ଼ । ଯଥା –
କର୍ଣ୍ଣର ଶରୀର ହୋଇଥିଲାକ ସେ କଞ୍ଚା,
ଶକ୍ତି ତେଜ ଲାଗି ସେ ହୋଇଗଲା ବଜ୍ରସଞ୍ଚା ।
ସା. ଭା. ଉ. ପ.

ସଞ୍ଚାଇବା, କ୍ରି. (ସଞ୍ଚୟ ଶବ୍ଦଜ) ସଂଚିତ କରାଇବା ।

ସଞ୍ଚାଣ, ବି. (ସଞ୍ଚୟ ଶବ୍ଦଜ) ସଂଚୟନ, ସଂଗ୍ରହକରଣ ।

ସଞ୍ଚାଣ, } ବି. (ଶଶାଦନ ଶବ୍ଦଜ) ପକ୍ଷି-
ଛଞ୍ଚାଣ, } ବିଶେଷ । ଯଥା—
ଜୀବନ ବିକଳେ ମୂଷା ସଞ୍ଚାଣକୁ ଚାହେଁ । କ. ବ.

ସଞ୍ଚାଣି, ବି. (ସଞ୍ଚୟ ଶବ୍ଦଜ) ସଞ୍ଚୟନ, ସଂଗ୍ରହକରଣ । ବିଂ. ସଞ୍ଚିତ; ନିର୍ଦ୍ଧାରିତ । ଯଥା—
ଆଗହୁଁ ଏ କଥା ତୋତେ ହୋଇଛୁ ସଞ୍ଚାଣି,
ମୋତେ ନ ପୁଛୁ କପାଇ କରୁଛୁ ଭ୍ରମଣି ।
ନୃ. ପୁ ଦ୍ୱି ଚ.

ସଞ୍ଚାର, } ବି. (ସମ୍-ଚର୍ = ଗମନ କରିବା-
ସଞ୍ଚାରଣ, } ଅ, ଅନ) ଗତି; ବୃଦ୍ଧି; ଗ୍ରହାଦିର ରାଶ୍ୟନ୍ତରକୁ ସଂକ୍ରମଣ; ବିସ୍ତାର; କଷ୍ଟଗତି; କଷ୍ଟ; ପଥପ୍ରଦର୍ଶନ; ଉତ୍ତେଜନ; ଚାଳନ; ସର୍ପମଣି; ସେତୁ; ପଥ । (ବିଶେଷଣରେ ସଞ୍ଚାରୀ ଓ ସଞ୍ଚାରିତ ହୁଏ ।)

ସଞ୍ଚିଲା, ବିଂ. (ସଞ୍ଚୟ ଶବ୍ଦଜ) ସଞ୍ଚିତ; ପାଳିତ । ଯଥା—
ସଞ୍ଚିଲା ଜନରେ କୋପ କେଉଁ କାରଣ । ବି. ଗୁ.

ସଞ୍ଚିବା, କ୍ରି. (ସମ୍-ଚି ଧାତୁଜ) ସଞ୍ଚୟ କରିବା ।

ସଞ୍ଜ, ବି. (ସନ୍ଧ୍ୟା = ପ୍ରାକୃତ ସଞ୍ଝା ଶବ୍ଦଜ) ସାୟଂକାଳ; ସନ୍ଧ୍ୟାଦୀପ । ଯଥା—
ସଞ୍ଜ ନ ଲାଗୁଣୁ ନେଇ ପାଲିଙ୍କି ବଡ଼ା କାଖେ,
ହାଜର ହୋଇଲେ ଆସି ମହିଁଦଣ୍ଡା ପାଖେ ।
ଛ. ଗା. ୧୮. ୯.

ସଞ୍ଜବନ, ବି. (ସମ୍-ଜୁ = ଗମନ କରିବା-ଅନ) ଚତୁଃଶାଳ; ପରସ୍ପରାଭିମୁଖ ଗୃହଚତୁଷ୍ଟୟ ।

ସଞ୍ଜା, ବି. (ଦେଶଜ) ପକ୍ଵ ଶସ୍ୟକ୍ଷେତ୍ରର ନିର୍ଦ୍ଦିଷ୍ଟ ରାଜଭାଗ । ଯଥା—
ବାଟିଏ ଯେ ଚଷେ ପଡ଼ୁଟିଏ ଦିଏ ସଞ୍ଜା,
ଦ୍ଵାଦଶ ଫଳ ଅର୍ଜି ସୁଖେ ନିଅଇ ପ୍ରଜା । ସା. ଭା. ଆ.

ସଞ୍ଜାଇ, ବି. ସ୍ତ୍ରୀ. ( ସନ୍ଧ୍ୟାଦେବୀ ଶବ୍ଦଜ ) ଦେବୀବିଶେଷ । ଯଥା—
ସିଦ୍ଧେଶ୍ୱରୀ ସୁରେଶ୍ୱରୀ ସଞ୍ଜାଇ ସାରଳା । ନୃ.ସୁ.ପ ଚ.

ସଞ୍ଜାକଟିବା, ସଞ୍ଜାଦେଖିବା, } ବି. (ଦେଶଜ) ପକ୍ୱ ଶସ୍ୟ-କ୍ଷେତରୁ ପ୍ରାପ୍ୟ ରାଜଭାଗ ସ୍ଥିର କରିବା ।

ସଞ୍ଜାପ, ବି. (ଦେଶଜ) ଧଡ଼ି ।

ସଞ୍ଜୀବନ, ବିଂ. ( ସମ୍-ଜୀବ୍ = ବଞ୍ଚିବା-ଣିଚ୍-ଅନ ) ଜୀବନଦାୟୀ । ( ସ୍ତ୍ରୀ-ସଞ୍ଜୀବନୀ ) ଜୀବନଦାୟିନୀ ( ଔଷଧିବିଶେଷ ) । ବି. ଜୀବନଧାରଣ ।

ସଟ, ସଟା, ବି. (ସଟ୍ = ଅଂଶକରିବା ଇତ୍ୟାଦି-ଅ, ଆ) କେଶର, ସିଂହାଦିର ମସ୍ତକର ଚୂଳ; ଶିଖା ।

ସଟରବଟର, ବି. (ଦେଶଜ) କୁମନ୍ତ୍ରଣା ।

ସଟାବଟା, ବି. (ଦେଶଜ) ଅଳୀକ ପ୍ରବୋଧ-ବାକ୍ୟ; କୌଶଳ, ଉପାୟ । ଯଥା —
ଏହିରୂପେ ଯହୁଁ ଚେଷ୍ଟା, କଲି ଦୁର୍ଜନ ପ୍ରଚେଷ୍ଟା,
କଲି ତାକୁ ସଟାବଟା, କପାଳ ଫଟା ହେବାରୁ । ସୁ.ପ.

ବିଂ. ସାମାନ୍ୟ; ତୁଚ୍ଛ, ନିଷ୍ପ୍ରୟୋଜନ । ଯଥା —
କହିଲ କଥା ମୋର ମଣିଲ ସଟାବଟା,
ନକଟେ ମରବଟି ଧନବସ୍ତୁ ବେଟା । କୃ. ସି. ମ ପ.

ସଟ୍ଟକ, ବି. ସଂ ପ୍ରାକୃତ ଭାଷା ନାଟକ ନାଟକ-ବିଶେଷ । ଯେପରି କର୍ପୂରମଞ୍ଜରୀ ସଟ୍ଟକ ।

ସଡ଼, ବିଂ. (ଦେଶଜ) ପରିଶୁଦ୍ଧ, ଉତ୍ତମ; ଘୃତ ଦୁଗ୍ଧାଦିରେ ପରିଶୁଦ୍ଧ (ପାକ) । ଯେପରି— ସଡ଼ କଳସି ।

ସଡ଼କ, ବି. (ପ୍ରଧାନ ପଥାର୍ଥବୋଧକ ସରକ ଶବ୍ଦଜ ବା ସରଣୀ ଶବ୍ଦଜ) ପଥ, ଦାଣ୍ଡ ।

ସଡ଼କା, ବି. (ଦେଶଜ) ଅବ୍ୟବହାର୍ଯ୍ୟ ଗଛ ।

ସଡ଼ସଡ଼, ବି. ( ଦେଶଜ ) ଯେ କୌଣସି ଦ୍ରବ୍ୟାଦିର ଅନୁଭବ ଇଚ୍ଛା; ଅନନୁଭୂତ ଦ୍ରବ୍ୟ ଦେଖିଲେ ଅନୁଭବ କରିବାର ଇଚ୍ଛା । ଅଂ. ଅନୁକରଣ ଶବ୍ଦବିଶେଷ ।

ସଡ଼ସଡ଼ା, ବିଂ. (ଦେଶଜ) ନୀରସ, ଶୁଷ୍କ ।

ସଡ଼ା, ସଡ଼ା, ବିଂ. (ଦେଶଜ) ପଚାଯାଇଥିବା । ଯଥା—
କେମନ୍ତେ କହିବି କପାଁ ଅଣ୍ଡାଳିଲ ଶିଶୁର ସଡ଼ା ଶରୀର ।
ପାଦବନ୍ଧ ।

ବି. ପଚିବା ।

ସଡ଼ାଇ, ସଡ଼େଇ, ସଡ଼ାଇ, ସଡ଼େଇ, } ବି. ( ଦେଶଜ ) ନଡ଼ିଆ ଖୋଳପା । ଯଥା—
ନଡ଼ିଆ ସଡ଼ାଇ ଦ୍ୱିଫାଳ,କରଣୀଆଇ କରତାଳ । ଦା.ର

ସଡ଼ିବା, ସଡ଼ିବା, କ୍ରି. (ପ୍ରାକୃତ ସଡ଼ ଧାତୁଜ) ପଚିବା । ଯଥା—
ନ ସଡ଼ି ବଢ଼ିମା ତାମସ ଗହ୍ୱରେ,
କମେ ଉଠ ଧର୍ମ ଶଇଳ ଶିଖରେ । ଦ. ବା.

ଦୁଃଖାଦିରେ ସଙ୍କୁଚିତ ହେବା । ଯଥା —
ଲାଜାକଥି ହେ ଲକେ ମୁଁ ଗଲିଣି ସଡ଼ି । କ. ଚ. ଚ.

ସଡ଼ୁ, ସଡ଼ୁ, ବି. (ସହୋଦର ଶବ୍ଦଜ) ଭାର୍ଯ୍ୟାର ଭଗିନୀର ପତି । ଯଥା—
ବସୁଦେବ ଆମ୍ଭେ ଅଟୁଁ ସହୋଦର ସଡ଼ୁ । ସା.ଭା ସ.

ସଣ୍ଟୁଣା, ବି. (ସଂସ୍ଥାନ ଶବ୍ଦଜ) ମର୍ଯ୍ୟାଦା । ବିଂ. ମର୍ଯ୍ୟାଦାବନ୍ତ, ସଭ୍ୟ; ଉତ୍ତମ ।

ସଣ୍ଡାସି, ସଣ୍ଡୁଆସି, } ବି. ( ସନ୍ଦଂଶ ଶବ୍ଦଜ ) ଲୌହ-ଚିମୁଟାବିଶେଷ ।

ସଣ୍ଡିଆକଳା, ସଣ୍ଡିଆକଳା, } ବି. (ଦେଶଜ) ଶଗଡ଼ର ଦୁଇ ପଇ ମଧ୍ୟରେ ଯୋଡ଼ଥିବା କଳା, ଏହି କଳା ଯୋଗୁଁ ପଇଗୁଡ଼ିକ ଦୃଢ଼ରେ ଲାଗି ରହିଥାଏ ।

ସଣ୍ଡୀନ, ବି. (ସମ୍-ଡ଼ୀ = ଆକାଶରେ ଗମନ-କରିବା-ତ, ତ=ନ) ପକ୍ଷିର ଗମନବିଶେଷ ।

ସଣ୍ଢା, ବିଂ. (ସନ୍ନଦ୍ଧ ଶବ୍ଦଜ) କାର୍ଯ୍ୟ କରିବାକୁ ସମୁତ୍ସୁକ; କାର୍ଯ୍ୟଦକ୍ଷ । ବି. (ଦେଶଜ) ଜ୍ୱର ପ୍ରତାପରୁ ମୁଖରେ ଜନିତ ବ୍ରଣବିଶେଷ । ଯେପରି—ଜରସଣ୍ଢା ।

ସତ, ବି. (ସତ୍ୟ ଶବ୍ଦର ଅପଭ୍ରଂଶ) ସତ୍ୟ । (ସତ୍ତ୍ୱ ଶବ୍ଦର ଅପଭ୍ରଂଶ) ସତ୍ତ୍ୱଗୁଣ । ଯଥା—
ସତ ରଜ ତମ ଯେ ପରଶ ପ୍ରକୃତ । ନୃ.ସୁ.ତୃ.ଚ.

ସତକୁସତ, } କ୍ରି. ବିଂ. ( ଦେଶଜ )
ସତକୁସତେ, } ନିଶ୍ଚୟରେ ।

ସତଚାଳିଶ, } ବିଂ. (ସପ୍ତଚତ୍ୱାରିଂଶ ଶବ୍ଦଜ)
ସତଚାଳିଶି, } ୪୭ ସଂଖ୍ୟା ।

ସତତ, କ୍ରି. ବିଂ. (ସମ୍-ତନ୍=ବିସ୍ତାର କରିବା-ତ) ନିରନ୍ତର, ସର୍ବଦା ।

ସତର, ବିଂ. (ସପ୍ତଦଶ=ପ୍ରାକୃତ ସତ୍ତରହ ଶବ୍ଦଜ) ୧୭ ସଂଖ୍ୟା ।

ସତରଞ୍ଜି, ବି. ( ଦେଶଜ ) .ଖେଳବିଶେଷ; ନାନା ବର୍ଣ୍ଣ ସୂତ୍ରନିର୍ମିତ ଆସନବିଶେଷ ।

ସତର୍କ, ବିଂ. (ସ=ସହିତ-ତର୍କ=ବିଚାର ବା ବିବେଚନା) ସାବଧାନ ।

ସତଳ, ବିଂ. ( ସମତଳ ଶବ୍ଦଜ ) ସମାନ, ଚୌରସ ।

ସତଷଠି, ବିଂ. (ସପ୍ତଷଷ୍ଟି ଶବ୍ଦଜ) ୬୭ ସଂଖ୍ୟା ।

ସତା, ବି. (ସତ୍ତ୍ୱ ଶବ୍ଦର ଅପଭ୍ରଂଶ) ବଳ, ଶକ୍ତି; ସାରଅଂଶ ।

ସତାଇଶ, } ବିଂ. (ପ୍ରାକୃତ ସତ୍ତାଇସା ଶବ୍ଦଜ)
ସତାଇଶି, } ୨୭ ସଂଖ୍ୟା ।

ସତାଣୋଇ, } ବିଂ. ( ସପ୍ତନବତି ଶବ୍ଦଜ )
ସତାନବେ, } ୯୭ ସଂଖ୍ୟା ।

ସତାବନ, ବିଂ. ( ସପ୍ତପଞ୍ଚାଶତ୍=ପ୍ରାକୃତ ସତ୍ତାବଣ ଶବ୍ଦଜ) ୫୭ ସଂଖ୍ୟା ।

ସତାଶି, } ବିଂ. (ସପ୍ତାଶୀତି ଶବ୍ଦଜ) ୮୭
ସତାଅଶି, } ସଂଖ୍ୟା ।

ସତୀ, ବି. ସ୍ତ୍ରୀ. [ଦର୍ଶନାଦେବ ପାପଂ ସ୍ୟତୀତି ସତୀ-ଷୋଽନ୍ତକର୍ମଣି, ଷୋ=(ପାପ) ନାଶ କରିବା-ଅତ୍-ଈ ଯେ ଦର୍ଶନ ମାତ୍ରକେ ପାପ ନାଶ କରେ] ପତିବ୍ରତା ସ୍ତ୍ରୀ; ଦକ୍ଷ-କନ୍ୟା, ଭବାନୀ; ଦାନ; ଅବସାନ ।

ସତୀର୍ଥ, } ବି. (ସ=ସମାନ-ତୀର୍ଥ=ଗୁରୁ-
ସତୀର୍ଥ୍ୟ, } ଯାହାର) ସହାଧ୍ୟାୟୀ । (ସତୀର୍ଥା-ସ୍ତ୍ୱେକ ଗୁରବଃ—ଅମର ।)

ସତୁରି, } ବିଂ. (ସପ୍ତତି=ପ୍ରାକୃତ ସତ୍ତରି
ସତୋରି, } ଶବ୍ଦଜ) ୭୦ ସଂଖ୍ୟା ।

ସତ୍, ବିଂ. [ଅସ୍ତୀତି ସତ୍-ଅସ୍ ଭୁବି, ପାପଂ ସ୍ୟତୀତି ସତ୍ (ନ୍), ଷୋଽନ୍ତକର୍ମଣି, ଅସ୍=ହେବା-ଅତ୍ (ଶତୃ)] ସତ୍ୟ; ସାଧୁ; ପ୍ରଶସ୍ତ; ଶୋଭନ; ବିଦ୍ୟମାନ, ବର୍ତ୍ତମାନ; ଚିରସ୍ଥାୟୀ; ବିଦ୍ୱାନ୍; ବିଚକ୍ଷଣ; ପୂଜ୍ୟ । ବି. ବ୍ରହ୍ମ । ଅଂ. ଆଦର ।

ସତ୍କାର, ସତ୍କୃତି, } ବି. (ସତ୍=ମାନ୍ୟ-କାର,
ସତ୍କ୍ରିୟା, } କୃତି, କ୍ରିୟା) ସମାଦର; ପୂଜା; ପୁରସ୍କାର । (ବିଶେଷଣରେ ସତ୍କୃତ ପଦ ସିଦ୍ଧ ହୁଏ ।)

ସତ୍ତମ, ବିଂ. (ସତ୍-ତମ ଅତ୍ୟର୍ଥେ) ଅତିଉତ୍ତମ, ଅତିଶୋଭନ ।

ସତ୍ତା, ବି. ସ୍ତ୍ରୀ. ( ସତ୍=ବିଦ୍ୟମାନ-ତା ଭାବାର୍ଥେ) ବିଦ୍ୟମାନତା; ଉନ୍ନତି; ଉତ୍କର୍ଷ; ସାଧୁତା ।

ସତ୍ତ୍ର, ସତ୍ର, ବି. (ସଦ୍=ଗମନ କରିବା-ତ୍ର) ଯଜ୍ଞ; ଗୃହ; ଅରଣ୍ୟ; ଆଚ୍ଛାଦନ, ସଦା-ଦାନ; ସରୋବର; ଧନ; କୈତବ ।

ସତ୍ତ୍ରୀ, ସତ୍ରୀ, ବିଂ. (ସତ୍ତ୍ର ବା ସତ୍ର=ଯାଗ-ଇନ୍) ବହୁଯାଗକର୍ତ୍ତା ।

ସତ୍ତ୍ୱ, ସତ୍ୱ, ବି. (ସତ୍=ଉତ୍ତମ ଇତ୍ୟାଦି-ତ୍ୱ ଭାବାର୍ଥେ, ପକ୍ଷେ-ତ୍ ଲୋପ) ପ୍ରାଣୀ ବା ଜନ୍ତୁ; ପ୍ରଧାନଗୁଣ; ଦ୍ରବ୍ୟ; ମନ; ସ୍ୱଭାବ; ବ୍ୟବସାୟ; ବଳ, ଶକ୍ତି; ଧୈର୍ଯ୍ୟ; ଉତ୍ସାହ; ସ୍ଥିତି; ଧନ; ପ୍ରାଣ; ଚୈତନ୍ୟ; ପରାକ୍ରମ; ସାହସ; ବିଦ୍ୟମାନତା ।

ସତ୍ୟ, ବି. (ସତ୍=ଯେ ହୁଏ-ଯ) ଅମିଥ୍ୟା; ଶପଥ; ପ୍ରତିଜ୍ଞା; କୃତଯୁଗ ବା ପ୍ରଥମଯୁଗ; ବ୍ରହ୍ମଲୋକ । ବିଂ. ଯଥାର୍ଥ । (ସ୍ତ୍ରୀ-ସତ୍ୟା) ସୀତା; ସତ୍ୟବତୀ; ସତ୍ୟଭାମା; ଦୁର୍ଗା ।

ସତ୍ୟବାକ୍, ବି. (ସତ୍ୟ-ବାକ୍=ବଚନ ଯାହାର) କାକ; ଋଷି ।

ସତ୍ୟସନ୍ଧ, ବିଂ. (ସତ୍ୟ—ସନ୍ଧା=ପ୍ରତିଜ୍ଞା ଯାହାର) ସତ୍ୟପ୍ରତିଜ୍ଞ; ସଫଳପ୍ରତିଜ୍ଞ ।

ସତ୍ୟାନୃତ, ବି. (ସତ୍ୟ-ଅନୃତ=ମିଥ୍ୟା, ଯହିଁରେ ସତ ମିଛ ଦୁଇ ଥାଏ) ବାଣିଜ୍ୟ, ବ୍ୟବସାୟ ।

ସଭର, ବି°. (ସ = ସହିତ-ଭର) ଭରଯୁକ୍ତ; ଶୀଘ୍ର, ଅବିଳମ୍ବ ।

ସଦ, ବି°. ( ସତ୍ ଶବ୍ଦଜ ) ଉତ୍ତମ; ସାଧୁ । ଯଥା—
ନାହିଁ ମୋହର ସଦଜ୍ଞାନ । ଦା. ର.
ବି. (ସଦ୍ = ଗମନ କରିବା-ଅ) ଲଭ ।

ସଦନ, ବି. ( ସଦ୍ = ଗମନ କରିବା-ଅନ ) ଗୃହ; ବିଷାଦ; ଜଳ ।

ସଦୟ, ବି°. (ସ = ସହିତ-ଦୟା) ଦୟାଯୁକ୍ତ । ବି. (ସତ୍-ଅୟ) ଶୁଭାବହ ବିଧି ।

ସଦର, ବି. (ଦେଶଜ) ଆସ୍ଥାନ, ବୈଠକସ୍ଥାନ । ବି°. (ଯାବନିକ) ପ୍ରୋକ୍ତ, ଉକ୍ତ; ମୁଖ୍ୟ; ପ୍ରକାଶ୍ୟ ।

ସଦସ୍, ବି. ( ସଦ୍ = ଗମନ କରିବା-ଅସ୍ ) ସଭା ।

ସଦସ୍ୟ, ବି°. (ସଦସ୍-ଯ) ସଭ୍ୟ, ସାମାଜିକ । ବି. ଯଜ୍ଞାଦି ସ୍ଥଳରେ ବିଧିଦର୍ଶକ ।

ସଦା, କ୍ରି. ବି°. ସ୍ଫ. ସର୍ବଦା, ସବୁବେଳେ ।

ସଦାଗତି, ବି. (ସଦା-ଗତି = ଗମନ ଯାହାର) ପବନ । ବି°. ସର୍ବଦା ଗମନଶୀଳ ।

ସଦାତନ, ବି°. (ସଦା-ତନ) ଚିରସ୍ଥାୟୀ । ବି. ବିଷ୍ଣୁ ।

ସଦାବର୍ତ୍ତ, ବି. ( ଦେଶଜ ପ୍ରାପ୍ତ ) ଅନ୍ନସତ୍ର; ଅନ୍ନଦାନ । ଯଥା—
ସାଧୁଙ୍କ ହାତରେ ଭଗତ,
ନଚ୍ଚେ ଦିଅଇ ସଦାବର୍ତ୍ତ । ଦା. ର.

ସଦୃକ୍, ସଦୃକ୍ଷ, ସଦୃଶ, ବି°. (ସଦୃଶ-ସ = ସମାନ-ଦୃଶ୍ = ଦେଖିବା- କ୍ୱିପ୍, ସକ୍, ଅ) ଅନୁରୂପ, ସମାନ; ଉପଯୁକ୍ତ, ଯୋଗ୍ୟ ।

ସଦେଶ, ବି°. (ସ = ସମାନ-ଦେଶ = ସ୍ଥାନ) ସମୀପସ୍ଥ ।

ସଦ୍ଭାବ, ବି. (ସତ୍-ଭାବ) ବନ୍ଧୁତା, ପ୍ରଣୟ; ଶିଷ୍ଟତା; ସତ୍ତା, ସ୍ଥିତି ।

ସଦ୍ମ, ବି. (ସଦ୍ମନ୍—ସଦ୍ = ଗମନ କରିବା-ମନ୍) ଆବାସ, ଗୃହ; ଜଳ ।

ସଦ୍ୟଃ, ଅ°. ସ୍ଫ. ତତ୍କ୍ଷଣେ, ଉପସ୍ଥିତ ସମୟରେ ଓ ଦିବସରେ ।

ସଦ୍ୟସ୍କ, ବି°. ( ସଦ୍ୟସ୍-କଣ୍ ) ନୂତନ, ସଦ୍ୟୋଜାତ ।

ସଧ, ବି. ( ଦେଶଜ ) କୌତୁକ । ଯଥା—
କାମମଣ୍ଡଳାର୍ଦ୍ଧ ମଣ୍ଡନ କରି ଯେ
ସାରିଲା ତାର ସବୁ ସଧ । ର. କ.
ଉପାୟ । ଯଥା—
ଅସୁର ମାରିବାକୁ ସେ କରେ ସଧ । ବି. ଗ.
ଇଚ୍ଛା । ଯଥା—
ଭେଟେ ନାଥ ତୋର ପଦ୍ମପାଦ,
ଦର୍ଶନେ ରବ କଲି ସଧ । ଭା. ଦ ସ୍କ.

ସଧର୍ମଚାରିଣୀ, ସଧର୍ମିଣୀ, ବି. ସ୍ତ୍ରୀ. (ସ = ସହିତ-ଧର୍ମ-ଚାରିଣୀ; ସଧର୍ମିନ୍-ଈ) ପତ୍ନୀ; ଭାର୍ଯ୍ୟା ।

ସଧର୍ମା, ବି. (ସଧର୍ମନ୍-ସ = ସମାନ-ଧର୍ମ ଯାହାର ) ଏକଧର୍ମାକ୍ରାନ୍ତ; ସଦୃଶ; ଏକରୂପ ।

ସଧର୍ମୀ, ବି°. (ସଧର୍ମିନ୍-ସ = ସହିତ ବା ସମାନଧର୍ମ-ଇନ୍) ଏକଧର୍ମାବଲମ୍ବୀ; ସଦୃଶ ।

ସଧା, ବି. (ସାଧନ ଶବ୍ଦଜ) ସାଧନ, ସାଧିବା ।

ସଧାଇବା, କ୍ରି. ( ସାଧି ଧାତୁଜ) ସାଧନ କରାଇବା । ଯଥା—
ଭୈରବ ନ ସଧାଇଲେ, ଏମନ୍ତ ଚଣ୍ଡେ ଧାଇଲେ ।
କୋ. ବ୍ର. ସୁ.

ସନ, ବି. (ଯାବନିକ) ସାଲ୍ ବା ବର୍ଷ । (ସନ୍ = ଦାନ ଓ ସେବା କରିବା ଇତ୍ୟାଦି-ଅ) ହସ୍ତିର କର୍ଣ୍ଣାସ୍ଫାଳନ ।

ସନକ, ବି. (ସନ୍ = ସେବା କରିବା-ଅକ) ମୁନିବିଶେଷ ।

ସନତ୍କୁମାର, ବି. (ସନତ୍ = ବ୍ରହ୍ମା-କୁମାର = ପୁତ୍ର, କିମ୍ବା ସନାତ୍ = ନିତ୍ୟ-କୁମାର ) ବ୍ରହ୍ମାଙ୍କ ପୁତ୍ର ମୁନିବିଶେଷ ।

ସନଦ, ସନନ୍ଦ, ବି. ( ଯାବନିକ ) ଲେଖ୍ୟ, ଦଲିଲ ପ୍ରଭୃତି; ଅଧିକାରପତ୍ର । ଯଥା—
କର୍ଣ୍ଣ ମହାରଥଙ୍କ ଶାଢ଼ି ସନନ୍ଦ ଦିଏ,
ଦୁଷ୍ଟ ବିନାଶି ମଇନ କରି ଦାଗ ଜସ୍ତେ । ଯା. ଖ୍ଵା. ଆ.

ସନନ୍ଦ, ବି. ( ସ = ସହିତ-ନନ୍ଦ = ଆନନ୍ଦ ) ବ୍ରହ୍ମାଙ୍କ ପୁତ୍ରବିଶେଷ । ବିଂ. ଆନନ୍ଦଯୁକ୍ତ; ନନ୍ଦ ସହିତ । ବି. (ଦେଶଜ) ପ୍ରମାଣସ୍ୱରୂପ ଲିଖିତ ପତ୍ରାଦି; ଅଧିକାରପତ୍ର ।

ସନମତ, ବି. ( ସମ୍ମତ ଶବ୍ଦଜ ) ସ୍ୱୀକାର । ଯଥା—

କରେ ସନମତ ବିଦେଶ ନ ଯିବ
ବୋଲି ଚୁମ୍ବ ଦେଇ ଚିବୁକରେ । ପ୍ରେ.ସୁ.ନି.

ସନା, ସନାକୁ, ଅଂ. ଫ. ସର୍ବଦା, ନିତ୍ୟ । (ସନା ନିତ୍ୟେ—ଅମର ।)

ସନାଇ, ଶନାଇ, ବି. ( ହିନ୍ଦୀ ) ବାଦ୍ୟଯନ୍ତ୍ରବିଶେଷ ।

ସନାକ୍ତ, ବିଂ. (ଯାବନିକ) ଚିହ୍ନା ପଡ଼ିଥିବା ।

ସନାତନ, ବିଂ. (ସନା = ନିତ୍ୟ-ତନ ଭବାର୍ଥେ) ସଦାତନ, ଚିରସ୍ଥାୟୀ । ବି. ବ୍ରହ୍ମା; ବିଷ୍ଣୁ; ଶିବ । (ସ୍ତ୍ରୀ-ଈ) ସରସ୍ୱତୀ; ଲକ୍ଷ୍ମୀ; ଦୁର୍ଗା ।

ସନାଥ, ବିଂ. (ସ = ସହିତ-ନାଥ) ନାଥବିଶିଷ୍ଟ; ସହିତ; ଯୁକ୍ତ ।

ସନାଭି, ବି. (ସ = ସହିତ ବା ସଦୃଶ-ନାଭି) ସପ୍ତପୁରୁଷାନ୍ତର୍ଗତ ଜ୍ଞାତି । ବିଂ. ସଦୃଶ; ସ୍ନେହଯୁକ୍ତ ।

ସନି, ସନୀ, ବି. ସ୍ତ୍ରୀ. (ସନ୍ = ସେବା ଓ ଦାନ କରିବା-ଇ, ଈ) ପୂଜା; ଦାନ; ନିଯୋଗ; ପ୍ରାର୍ଥନା; ପ୍ରଦେଶ, ଅଞ୍ଚଳ ।

ସନିଧି, ସନ୍ନିଧି, ବି. (ସନ୍ନିଧି ଶବ୍ଦଜ) ନିକଟ, ସମୀପ । ଯଥା —

ଜଗତବିଳାସୀ ରମା,     ସନ୍ନିଧେ ଯାଉଁ ଚନ୍ଦ୍ରମା,
ଭବନ୍ତି ସେ ଆଦରଣ । କୋ. ବ୍ର. ସୁ.

ସନିଧାନ, } ବି. (ସନ୍ନିଧାନ ଶବ୍ଦଜ) ନିକଟ ।
ସନ୍ନିଧାନ, } ଯଥା—

ଜରେ ଘେନ ପୁଣି ଶିଖଣ୍ଡୀ ଧୃଷ୍ଟଦ୍ୟୁମ୍ନନ,
ନେଇଁ ଦେଖାଇଲେ ଜରାସନ୍ଧ ସନିଧାନ । ସା.ଭା.ଆ.ପ.

ସନେ, ଅଂ. (ବଙ୍ଗୀୟ ଶବ୍ଦ) ସଙ୍ଗେ । ଯଥା—

ସ୍ୱରଗେ ଅମରପୁରେ ଥାଇ ଦେବତାଙ୍କ ସନେ । ଭ.ସା.

ସନ୍ତ, ବିଂ. (ସତ୍ ଶବ୍ଦଜ, ପ୍ରାକୃତ) ସାଧୁ ।

ସନ୍ତକ, ବି. (ଦେଶଜ) ସ୍ୱାକ୍ଷର; ସ୍ୱାକ୍ଷର ଚିହ୍ନ । ଯଥା—

ଚୂଳଅଗ୍ରକ ପରେ ତହିଁ ସନ୍ତକ
କାଟିଲେ ଖେଳେ ରସିକ । ବୈ. ବି.

ନିଦର୍ଶନ ଦ୍ରବ୍ୟ । ଯଥା—

ଭାନୁମତୀ ବୋଇଲା ସନ୍ତକ ନାଅ ତାତ,
ଅଘଟଣ ଶୀଳ ଦିଅ ସବୁଙ୍କର ହସ୍ତ । ସା.ଭା.ଆ.

ସନ୍ତତ, ବିଂ. (ସମ୍-ତନ୍ = ବିସ୍ତାର କରିବା-ତ) ଅନାଦି, ଅନନ୍ତ; ଅବିଚ୍ଛିନ୍ନ; ବିସ୍ତୃତ; ବହୁଳ । କ୍ରି. ବିଂ. ନିରନ୍ତର, ଅବିରତ ।

ସନ୍ତତି, ବି. ( ସମ୍-ତନ୍-ତି ) ବଂଶ, ଗୋତ୍ର; ପୁତ୍ର; କନ୍ୟା; ସନ୍ତାନ; ପଂକ୍ତି, ଶ୍ରେଣୀ; ବିସ୍ତାର, ବ୍ୟାପ୍ତି; ଅବିଚ୍ଛେଦ; ଧାରା ।

ସନ୍ତପନ୍ତ, ବିଂ. (ସନ୍ତପ୍ତ ଶବ୍ଦଜ) ଦୁଃଖିତ । ଯଥା —

ବର୍ତ୍ତିଇ ସନ୍ତପନ୍ତ ହୋଇ,
ବାଳକେ ମୁଖୁ ପୂଣ ହୋଇ । ମା. ମା.

ସନ୍ତପ୍ତ, ବିଂ. ( ସମ୍-ତପ୍ = ଉତ୍ତପ୍ତ ବା ଦଗ୍ଧ ହେବା-ତ ) ସନ୍ତାପଯୁକ୍ତ; ଉତ୍ତପ୍ତ; ଦଗ୍ଧ; ପଥଶ୍ରମରେ ପରିଶ୍ରାନ୍ତ । ( ବିଶେଷ୍ୟରେ ସନ୍ତାପ ହୁଏ । )

ସନ୍ତର, ବି. ( ସଂସ୍ତର ଶବ୍ଦଜ ) ତୃଣବିଶେଷ । ଯଥା—

ନୀଳକଇଁ ଶ୍ୱେତକହ୍ଲାର-ଲାଞ୍ଛିତ ହରିତଘନ ସନ୍ତର ।
ଯ. କେ.

ଓଦା ଭୂମି ।

ସନ୍ତସନ୍ତିଆ, ବିଂ. ( ଦେଶଜ ) ଅଳ୍ପ ଓଦା ହୋଇଥିବା ।

ସନ୍ତା, ବିଂ. (ଦେଶଜ) ଓଦା, ଆର୍ଦ୍ର ।

ସନ୍ତାଇବା, } କ୍ରି. (ଦେଶଜ) ଆର୍ଦ୍ର କରିବା;
ସନ୍ତେଇବା, } କ୍ଲେଶ ଦେବା ।

ସନ୍ତାନ, ବି. (ସମ୍-ତନ୍ = ବିସ୍ତାର କରିବା-ଅ) ବଂଶ; ପୁତ୍ର ଓ କନ୍ୟା; ଅପତ୍ୟ; ପ୍ରବନ୍ଧ; ଧାରା; ପରିଚ୍ଛେଦ; ପ୍ରବାହ; ବିସ୍ତାର; ବ୍ୟାପ୍ତି; ଦେବବୃକ୍ଷବିଶେଷ । ( ସନ୍ତାନଃ କଳ୍ପବୃକ୍ଷଷ୍ଟ—ଅମର । )

ସନ୍ତାପନ, ବି. (ସମ୍-ତପ୍ = ଉତ୍ତପ୍ତ କରିବା-ଣିଚ୍ ଅନ) କନ୍ଦର୍ପର ବାଣବିଶେଷ; ତାପଦାନ, ସନ୍ତପ୍ତ କରିବା । ବିଂ. ସନ୍ତାପଜନକ । (ବିଶେଷଣରେ ସନ୍ତାପିତ ମଧ୍ୟ ହୁଏ ।)

ସନ୍ତୁଆ, ବିଂ. (ଦେଶଜ) ରୋଗରେ ଅକର୍ମଣ୍ୟ । ଯଥା—

ଗୁହଳ ପଛକେ ଅଧୁଆ ହେଉ ପେଜ ହେଉ ବହଳଆ,
ଘଇତା ପଛକେ ସନ୍ତୁଆ ହେଉ ଲୁଗା ହେଉ ଚଉଁରଆ ।
ଢଗ ।

ଅଳ୍ପ ଆର୍ଦ୍ର ହୋଇଥିବା ।

ସନ୍ତୁଳା, ବି. (ସନ୍ତୋଳନ ଶବ୍ଦଜ) ବ୍ୟଞ୍ଜନବିଶେଷ; ବ୍ୟଞ୍ଜନ ପାକକ୍ରିୟାବିଶେଷ; ବ୍ୟସ୍ତବ୍ୟସ୍ତକରଣ । ବିଂ. ବ୍ୟସ୍ତବ୍ୟସ୍ତ ।

ସନ୍ତୁଳିବା, କ୍ରି. (ସନ୍ତୋଳନ ଶବ୍ଦଜ) ବ୍ୟଞ୍ଜନବିଶେଷ ବା ସନ୍ତୁଳା ପ୍ରସ୍ତୁତ କରିବା; ବ୍ୟଞ୍ଜନାଦି ପ୍ରସ୍ତୁତ କରିବା ପୂର୍ବେ ମସଲା ପ୍ରଭୃତି ଦେଇ ଉତ୍ତାପଦ୍ୱାରା ସିଦ୍ଧ ପ୍ରାୟ କରିବା । ଯେପରି—ମାଛ ସନ୍ତୁଳିଲା ପରେ ତର୍କାରି କରିବାକୁ ହୁଏ । ବ୍ୟସ୍ତବ୍ୟସ୍ତ କରିବା ।

ସନ୍ତୁଷ୍ଟ, ବିଂ. (ସମ୍-ତୁଷ୍ = ତୃପ୍ତ ହେବା-ତ) ସନ୍ତୋଷଯୁକ୍ତ, ତୃପ୍ତ; ଆହ୍ଲାଦିତ । (ବିଶେଷ୍ୟରେ ସନ୍ତୋଷ ହୁଏ ।)

ସନ୍ତୋଳନ, ବି. ସଂ. ତରକାରି ସୁସିଦ୍ଧ କରି ତେଲ ମସଲାଦିଦ୍ୱାରା ଭର୍ଜିତକରଣ ।

ସନ୍ଥ, ସନ୍ତ, ବି. (ପ୍ରାକୃତ ଶବ୍ଦ) ସାଧୁ । ଯଥା—

ନ ହୁଅଇ ମୀର ସନ୍ଥେ ତୃଣ ହିଷରେ,
ଶକାରେ କାମପ୍ରାପ୍ତେ ସନ୍ଥ ଅନ୍ତରେ । ବୃ. ସ୍ତ.

ମଠାଧିକାରିବିଶେଷ । ଯେପରି—ସନ୍ଥମହନ୍ତ । ଗୁରୁଙ୍କଠାରୁ ଗ୍ରହଣ କରିଥିବା ପାଠ । ଯଥା—

ପ୍ରେମ ଗୁରୁଠାରୁ ଶିଖିଲ ସେ
ଅନୁଭବ ରୂପର ଆଦ୍ୟ ସନ୍ଥ । ଯ. କେ.

ସନ୍ଦଂଶ, ବି. (ସମ୍-ଦନ୍ଶ୍ = ଦଂଶନ କରିବା-ଅ) ସମ୍ୟକ୍ ଦଂଶନ; ସଣ୍ଡାଶି, ଲୌହ ଚିମୁଟାବିଶେଷ ।

ସନ୍ଦର୍ଭ, ବି. (ସମ୍ ଦୃଭ୍ = ଗ୍ରନ୍ଥନ କରିବା, ସଂଗ୍ରହ କରିବା-ଅ) ପ୍ରବନ୍ଧ, ପରସ୍ପରାନ୍ୱିତ ରଚନା; ସଂଗ୍ରହ; ବିସ୍ତାର; ଗ୍ରନ୍ଥ; ଅନ୍ୟୋନ୍ୟ ସାଙ୍ଗତ୍ୟ ।

ସନ୍ଦର୍ଶ, ବି. (ସମ୍-ଦୃଶ୍-ଅ) ସମ୍ୟକ୍ ଦର୍ଶନ ।

ସନ୍ଦଶ, ବି. (ସନ୍ଦଂଶ ଶବ୍ଦର ଅପଭ୍ରଂଶ) ଚିମୁଟା ବା ସଣ୍ଡାଶି ।

ସନ୍ଦାନ, ବି. (ସମ୍-ଦୋ = ଛେଦନ କରିବା-ଅନ, ସଂଜ୍ଞାୟାଂତେ ବଧ୍ୟତେଽନେନ ସନ୍ଦାନଂ) ଦାମ, ରଜ୍ଜୁ; ଶୃଙ୍ଖଳା; ବନ୍ଧନସାଧନ ବସ୍ତୁ; ବନ୍ଧନ; ସମ୍ୟକ୍ ଛେଦନ । (ସମ୍ = ସହିତ-ଦାନ = ହସ୍ତିର ମଦଜଳ) ହସ୍ତିର ଜାନୁଦ୍ୱୟର ଅଧୋଭାଗ; ହସ୍ତିର କପୋଳଦେଶ । (ବିଶେଷଣରେ ସନ୍ଦାନିତ ଓ ସନ୍ଦିତ ପଦ ସିଦ୍ଧ ହୁଏ । ଯଥା—ଗ୍ରଥିତଂ ସନ୍ଦିତଂ ଦୃବ୍ଧଂ । ଉଦ୍ଧିତଂ ସନ୍ଦିତଂ ସିତଂ—ଅମର ।)

ସନ୍ଦାବ, ସନ୍ଦ୍ରାବ, } ବି. (ସମ୍-ଦୁ, ଦ୍ରୁ = ଗମନ କରିବା-ଅ) ପଳାୟନ, ଯୁଦ୍ଧରୁ ହଟି ବାହାରିଯିବା । (ପ୍ରଦ୍ରାବୋଦ୍ରାବସନ୍ଦ୍ରାବସନ୍ଦାବା ବିଦ୍ରବୋଦ୍ରବଃ—ଅମର ।)

ସନ୍ଦିଗ୍ଧ, ସନ୍ଦିହାନ, } ବିଂ [ସମ୍-ଦିହ୍ = (ଲେପନ କରିବା) ସଂଶୟ କରିବା ତ, ଆନ] ସନ୍ଦେହଯୁକ୍ତ । (ବିଶେଷ୍ୟରେ ସନ୍ଦେହ ହୁଏ ।)

ସନ୍ଦିଷ୍ଟ, ବିଂ. (ସମ୍-ଦିଶ = ଆଦେଶ କରିବା ଇତ୍ୟାଦି-ତ) ଅଦିଷ୍ଟ ବା ଆଦେଶପ୍ରାପ୍ତ, ଆଜ୍ଞପ୍ତ; କଥିତ । (ଭାବବାଚ୍ୟରେ ତ ପ୍ରତ୍ୟୟ କଲେ) ଆଦେଶ; ବାର୍ତ୍ତା, ସମ୍ବାଦ । (ବିଶେଷ୍ୟରେ ସନ୍ଦେଶ ହୁଏ ।)

ସନ୍ଦିଷ୍ଟାର୍ଥ, ବି. (ସନ୍ଦିଷ୍ଟ-ଅର୍ଥ = ପ୍ରୟୋଜନ) ଦୂତ ।

ସନ୍ଦିସା, ବି. (ଦେଶଜ) ଅଭିଳାଷ, ମନୋରଥ । ଯଥା—

ମୁକ୍ତିର କାରଣ ରୁମ୍ଭେ କର ହୋ ମନସା,
ନିଶ୍ଚେ ପ୍ରାପ୍ତ ହେବ ଯାର ଯେବଣ ସନ୍ଦିସା । ସା. ଭ୍ର. ସ.

ସନ୍ଦେଶ, ବି. (ଦେଶଜ ପ୍ରାୟ) ମିଷ୍ଟାନ୍ନବିଶେଷ । ଯଥା —

ଫେଣାଇ ସନ୍ଦେଶ ଲଲମୋହନ ପ୍ରଭୃତି,
ମିଷ୍ଟ ଗୁଡ଼ାଦିରେ କରେ ଗୁଡ଼କାର କୃତି । ବୃ. ସୁ.

(ସମ୍-ଦିଶ୍-ଅ) ଆଦେଶ; ବାର୍ତ୍ତା ।

ସନ୍ଦେଶବହ, ସନ୍ଦେଶହର, ସନ୍ଦେଶହାର, } ବି.(ସନ୍ଦେଶ-ବହ୍-ଅ,-ହୃ-ଅ) ବାର୍ତ୍ତାବହ, ଦୂତ ।

ସନ୍ଦେହ, ବି. (ସମ୍-ଦିହ୍-ଅ) ସଂଶୟ ।

ସନ୍ଦୋହ, ବି. (ସମ୍-ଦୁହ୍ = ପୂରଣକରିବା-ଅ) ସମୂହ । (ସମ୍-ଦୁହ୍ = ଦୋହନକରିବା-ଅ) ସମ୍ୟକ୍ ଦୋହନ, ଦୁଗ୍ଧ । ( ସନ୍ଦୋହ-ଶ୍ଚାଷ୍ଟମେଽହନି । )

ସନ୍ଧା, ବି. ସ୍ତ୍ରୀ. ( ସମ୍-ଧା = ଧାରଣକରିବା, ମିଳନ କରିବା ଇତ୍ୟାଦି-ଅ-ଆ ) ପ୍ରତିଜ୍ଞା-ପଣ; ସନ୍ଧି, ମିଳନ; ସ୍ଥିତି; ଅନୁସନ୍ଧାନ; ସନ୍ଧ୍ୟାକାଳ ।

ସନ୍ଧାନ, ବି. ( ସମ୍-ଧା-ଅନ ) ସନ୍ଧି, ମିଳନ, ମିଶ୍ରଣ; ପ୍ରାପ୍ତି; ବନ୍ଧନ; ଅନ୍ୱେଷଣ; ପାଳନ; ସଂଯୋଜନ; ସଂଘଟନ; ଧନୁରେ ବାଣ-ଯୋଜନା । (ବିଶେଷଣରେ ସନ୍ଧାନିତ ହୁଏ ।)

ସନ୍ଧି, ବି. (ସମ୍-ଧା-ଇ) ମିଳନ, ବିଜିଗୀଷୁ ଏବଂ ଅରିର ବ୍ୟବସ୍ଥାପୂର୍ବକ ଐକ୍ୟ; ଦୁଇଗୃହର ମଧ୍ୟସୀମା; ଶରୀରର ଅସ୍ଥିପ୍ରଭୃତିର ମିଳନ ସ୍ଥାନ; ସତ୍ୟାଦି ଯୁଗଦ୍ୱୟର ମଧ୍ୟ ସମୟ; ସୁଡଙ୍ଗ ବା ସିନ୍ଧି; ଯୋନିଦ୍ୱାର; ବିଶ୍ରାମ; ସାଧନ; କାରଣ; ନାଟକର ଅଂଶବିଶେଷ; ବର୍ଣ୍ଣଦ୍ୱୟର ମିଳନରେ ବର୍ଣ୍ଣବିକାର-ବିଶେଷ । ଯଥା — ହରି-ଅଶ୍ୱ = ହର୍ଯ୍ୟଶ୍ୱ ଇତ୍ୟାଦି । ( ବିଶେଷଣରେ ସନ୍ଧିତ ଓ ସନ୍ଧେୟ ପଦ ସିଦ୍ଧ ହୁଏ । )

ସନ୍ଧିଚୋର, ବି. ସଂ. ସିନ୍ଧିଖୋଳ ଚୋର ।

ସନ୍ଧିବା, କ୍ରି. (ସନ୍ଧାନ ଶବ୍ଦଜ) ସନ୍ଧାନକରିବା । ଯଥା—

ବେଗେ ମନ୍ତ୍ର କଙ୍କପତ୍ର ସନ୍ଧି,
ବିଷ ପ୍ରତିଜ୍ଞା ଝାଡ଼ିଲେ ଶୋଧି । ବୈ. ବି.

ସନ୍ଧୁକ୍ଷିତ, ବି. ( ସମ୍-ଧୁକ୍ଷ୍ = ପ୍ରଦୀପ୍ତହେବା-ତ ) ଉଦ୍ଦୀପିତ; ଉତ୍ତେଜିତ ।

ସନ୍ଧ୍ୟା, ବି. ସ୍ତ୍ରୀ. [ସନ୍ଧି-(ଦିବାରାତ୍ରିର) ମିଳନ-ଯ-ଆ] ଅଥବା (ସମ-ଧ୍ୟୈ-ଧ୍ୟାନକରିବା-ଯ-ଆ) ଦିବାରାତ୍ରିର ମିଳନକାଳ, ପ୍ରାତଃ-ସନ୍ଧ୍ୟା ଓ ସାୟଂସନ୍ଧ୍ୟା । ତତ୍ସମୟର ମନ୍ତ୍ରୋପାସନା; ଯୁଗସନ୍ଧି; ପ୍ରତିଜ୍ଞା; ସୀମା ।

ସନ୍ନ, ବିଂ. (ସଦ୍ = ଗମନକରିବା-ତ, ତ = ନ) କ୍ଷୀଣ; ଅବସନ୍ନ; ହୀନ ବା ରହିତ; ଗତ; ନଷ୍ଟ ।

ସନ୍ନହନ, ବି. (ସମ୍-ନହ୍-ବନ୍ଧନକରିବା-ଅନ) କବଚ ପରିଧାନ; ଉଦ୍ଯୋଗ; ଅସ୍ତ୍ରବନ୍ଧନ; ରଣସଜ୍ଜା । (ବିଶେଷଣରେ ସନ୍ନଦ୍ଧ ହୁଏ ।)

ସନ୍ନାହ, ବି. (ସମ୍-ନହ୍-ଅ) କବଚ, ସାଞ୍ଜୁ; ପରିଚ୍ଛଦ ।

ସନ୍ନିକର୍ଷ, ବି. ( ସମ୍-ନି-କୃଷ୍-ଅ ) ସାନ୍ନିଧ୍ୟ, ନୈକଟ୍ୟ; ଇନ୍ଦ୍ରିୟଗୋଚର । ( ବିଶେଷଣରେ ସନ୍ନିକୃଷ୍ଟ ହୁଏ । )

ସନ୍ନିକର୍ଷଣ, ବି.(ସମ୍-ନି-କୃଷ୍-ଅନ) ସନ୍ନିଧାନ ।

ସନ୍ନିଧି, ବି. (ସମ୍-ନି-ଧା = ଧାରଣକରିବା-ଅ) ସାମୀପ୍ୟ । ବିଂ. ସମୀପ ।

ସନ୍ନିଧାନ, ସନ୍ନିଧି, } ବି.(ସମ୍-ନି-ଧା = ଧାରଣକରିବା-ଅନ, ଇ) ସାମୀପ୍ୟ; ଆବିର୍ଭାବ; ସ୍ଥିତି; ଆଶ୍ରୟ; ସମାଗମ; ଇନ୍ଦ୍ରିୟବିଷୟ । (ସତ୍-ନିଧାନ, ନିଧି) ସାଧୁମାନଙ୍କର ସ୍ଥାନ; ଉତ୍ତମ ନିଧି ।

ସନ୍ନିଧାପନ, ବି.[ସମ୍-ନି-ଧା-ଣିଚ୍(ପ ଆଗମ)-ଅନ] ସଂସ୍ଥାପନ, ରଖିବା ।

ସନ୍ନିପାତ, ସନ୍ନିପାତନ, } ବି. ( ସମ୍-ନି-ପତ୍ = ଗମନ କରିବା-ଅ, ଅନ ) ସମୂହ; ଏକତ୍ର ମିଳନ; ବାତାଦି ତ୍ରିଦୋଷଜ ବିକାର, ରୋଗବିଶେଷ; ଯୁଦ୍ଧ; ସମ୍ୟକ୍ ପ୍ରକାରେ ପତନ; ନାଶ; ଅବତରଣ, ଉପସ୍ଥିତି ।

ସନ୍ନିଭ, ବିଂ. (ସମ୍-ନି-ଭା = ପ୍ରତିପାଇବା-ଅ) ସଙ୍କାଶ, ସଦୃଶ ।

ସନ୍ନିବିଷ୍ଟ, ବିଂ. ( ସମ୍-ନିବିଷ୍ଟ ) ଉପବିଷ୍ଟ; ସମ୍ମୁଖରେ ଉପସ୍ଥିତ; ନିକଟସ୍ଥ; ସଙ୍କ୍ରାନ୍ତ ।

ସନ୍ନିବେଶ, ବି. (ସମ୍-ନି-ବିଶ୍ = ପ୍ରବେଶ କରିବା-ଅ) ଆଶ୍ରମ; ସ୍ଥାନ; ନଗରାଦିର ବହିଃସ୍ଥିତ ବିହାରଭୂମି; ଭିତରେ ପ୍ରବେଶ-କରିବା; ସମଷ୍ଟି, ସଂଗ୍ରହ; ନିକଟ; ସ୍ଥିତି; ବିନ୍ୟାସ; ସଂଯୋଗ; ମିଳନ ।

ସନ୍ନିହିତ, ବିଂ. (ସମ୍-ନି-ଧା=ଧାରଣ କରିବା-ତ, ଧା = ହି) ନିକଟବର୍ତ୍ତୀ, ସମୀପସ୍ଥ; ସମ୍ୟକ୍ ସ୍ଥାପିତ । ବି. ସନ୍ନିଧାନ ।

ସନ୍ନ୍ୟାସ, ବି. (ସମ୍-ନି-ଅସ୍ = କ୍ଷେପଣ କରିବା-ଅ) ଚତୁର୍ଥ ଆଶ୍ରମ ବା ଭିକ୍ଷୁଧର୍ମ, ସଂସାରର ବାସନା ପରିତ୍ୟାଗ; ତ୍ୟାଗ; ନିକ୍ଷେପ, ଗଚ୍ଛିତରଖିବା; ହଠାତ୍ ମୃତ୍ୟୁ; ସମର୍ପଣ । (ବିଶେଷଣରେ ସନ୍ନ୍ୟାସିନ୍ ବା ସନ୍ନ୍ୟାସୀ ଓ ସନ୍ନ୍ୟସ୍ତ ପଦ ସିଦ୍ଧ ହୁଏ ।)

ସନ୍ମାନ, ବି. (ସତ୍-ମାନ) ଆସ୍ଥା, ଆଦର ।

ସପ, ବି. (ଦେଶଜ) ଚଟେଇ ବା ମସିଣା-ବିଶେଷ; ଲମ୍ବା କାଠିରେ ନିର୍ମିତ ପରଦା-ବିଶେଷ ।

ସପକ୍ଷ, ବି.(ସ-ସମାନ-ପକ୍ଷ = ସହାୟ ଇତ୍ୟାଦି) ସହାୟ; ଅନୁକୂଳ । ବିଂ. ତୁଲ୍ୟ; ଯାହାର ପକ୍ଷ ବା ଡେଣା ଅଛି ।

ସପତ, ସବତ, ବି. (ଶପଥ ଶବ୍ଦଜ) ରାଣ । ଯଥା—

ଛାଡ଼ିଲ ମୋ ସପତ କହି ତ ସତ ସହି । ର. ପ.

(ସପ୍ତ ଶବ୍ଦଜ) ୭ ସଂଖ୍ୟା ।

ସପତଣୀ, ବି. ସ୍ତ୍ରୀ. (ସପତ୍ନୀ ଶବ୍ଦଜ) ସଉତୁଣୀ । ଯଥା—

ସପତଣୀ ପୁତ୍ର ହସ୍ତେ କେତକୀ
ଦେଖି କରେ ମୁଖ ଶୋଲ । ର. ପ.

ସପତ୍ନ, ବି. (ସପତ୍ନୀ-ଅ ତୁଲ୍ୟାର୍ଥେ, ଅଥବା ସହ = ଏକାର୍ଥେ-ପତ୍ = ଯତ୍ନକରିବା-ନ, ସପତ୍ନକର୍ତ୍ତା ଦୁଃଖଦେବୁଦ୍ଧାତ୍ ସପତ୍ନଃ, ସମାନପତିତ୍ୱାଦ୍ୱା ସପତ୍ନଃ) ଶତ୍ରୁ ।

ସପତ୍ନୀ, ବି.ସ୍ତ୍ରୀ.(ସ = ସମାନ-ପତି ଯାହାର-ଈ, ନ ଆଗମ) ସମାନପତିକା ସ୍ତ୍ରୀ, ସଉତୁଣୀ ।

ସପଦି, ଅଂ. ସଂ. ତତ୍କ୍ଷଣାତ୍, ଶୀଘ୍ର ।

ସପନ, ବି. (ସ୍ୱପ୍ନ ଶବ୍ଦର ଅପଭ୍ରଂଶ) ନିଦ୍ରା; ସ୍ୱପ୍ନ । ଯଥା—

ଇନ୍ଦ୍ରସ୍ଥ ଅର୍ଥ ଯେଣେ ଧାଇ,
ମାସ୍ଥା ସପନପ୍ରାପ୍ତେ ହୋଇ । ଭା. ଦ. ସ୍କ.

ସପର୍ଯ୍ୟା, ବି. ସ୍ତ୍ରୀ. (ସପର୍ = ପୂଜାକରିବା-ଯ-ଆ, ଅଥବା ପରେଣ ସହ ବର୍ତ୍ତତେ ସପରଃ ସପରେ ସାଧ୍ୱୀ ସପର୍ଯ୍ୟା) ପୂଜା; ଆରାଧନା । ଯଥା—

ଶ୍ରୀ ଶାରଦାଙ୍କୁ କରଣ ପ୍ରଥମେ ସପର୍ଯ୍ୟା । ବି. କା.

ସପିଣ୍ଡ, ବି. (ସ = ସମାନ ପିଣ୍ଡ) ସପ୍ତପୁରୁଷା-ନ୍ତର୍ଗତ ଜ୍ଞାତି ।

ସପୀତି, ବି. ସ୍ତ୍ରୀ. (ସ = ସହିତ-ପୀତି = ପାନ) ସହପାନ, ଏକତ୍ର ମିଳିତ ପାନ ।

ସପୁରି, ବି. (ଦେଶଜ) ଏକପ୍ରକାର ପଣସ; ମିଷ୍ଟାନ୍ନବିଶେଷ । ଯଥା—

ସପୁରି ପାରିଜାତକ ଅପମାଲ୍ୟ କୋରି,
କିସ୍ପୁର ଆରସା ଆଉ ସାକର ଲାକରି । ନୃ. ସୁ. ଭୃ. ତ.

ସପ୍ତ, ବିଂ. (ସପ୍ତନ୍-ସପ୍ = ଏକତ୍ରିତ ହେବା-ତନ୍) ୭ ସଂଖ୍ୟା ।

ସପ୍ତକୀ, ବି. (ସପ୍ତନ୍-କୈ = ପ୍ରକାଶ କରିବା-ଅ-ଈ, ଅଥବା ସପ୍ତଭି ସମବେତି କଟ୍ୟାମିତି ସପ୍ତକୀଷପସମବାୟେ) କାଞ୍ଚୀ, ମେଖଳା ।

ସପ୍ତଚତ୍ୱାରିଂଶତ୍, ବିଂ. ସଂ. ୪୭ ସଂଖ୍ୟା ।

ସପ୍ତଜିହ୍ୱ, ସପ୍ତଜ୍ୱାଳ, ସପ୍ତଦୀଧିତି, } ବିଂ. (ସପ୍ତନ୍-ଜିହ୍ୱା, ଜ୍ୱାଳା, ଦୀଧିତି = ପ୍ରଭା ଯାହାର) ଅଗ୍ନି ।

ସପ୍ତତନ୍ତୁ, ବି. (ସପ୍ତ-ତନ୍ = ବିସ୍ତାର କରିବା-ତୁ, ସପ୍ତଭିଶ୍ଛନ୍ଦୋଭିସ୍ତନ୍ୟତେ ଇତି ସପ୍ତ-ତନ୍ତୁଃ) ଯଜ୍ଞ, ଯାଗ ।

ସପ୍ତତି, ବିଂ. ସଂ. ୭୦ ସଂଖ୍ୟା; ତତ୍ସଂଖ୍ୟକ ।

ସପ୍ତତିତମ, ବିଂ. ସଂ. ସପ୍ତତି ସଂଖ୍ୟାର ପୂରଣ ।

ସପ୍ତଦଶ, ବିଂ. ସଂ. ୧୭ ସଂଖ୍ୟାର ପୂରଣ ।

ସପ୍ତଦଶନ୍, ବିଂ. ସଂ. ୧୭ ସଂଖ୍ୟା ।

ସପ୍ତପଦୀ, ବି. ସ୍ତ୍ରୀ. (ସପ୍ତପଦର ସମାହାର) ବିବାହ କାଳରେ ଗନ୍ତବ୍ୟ ସପ୍ତପଦ ।

**ସପ୍ତମ**, ବିଂ. ( ସପ୍ତନ୍-ମଟ୍ ପୂରଣାର୍ଥେ ) ୭ ସଂଖ୍ୟାର ପୂରଣ । (ସ୍ତ୍ରୀ-ଈ) ତିଥିବିଶେଷ ।

**ସପ୍ତର୍ଷି**, ବି. ( ସପ୍ତନ୍-ଋଷି ) ମରୀଚି, ଅଙ୍ଗିରା, ଅତ୍ରି, ପୁଲସ୍ତ୍ୟ, ପୁଲହ, କ୍ରତୁ, ବଶିଷ୍ଠ ଏହି ସାତ ଋଷି ।

**ସପ୍ତଲା**, ବି. ସ୍ତ୍ରୀ. [ସପ୍ତନ୍ (ପତ୍ର ଇତ୍ୟାଦି)-ଲା =ପାଇବା-ଅ-ଆ] ନଆଳୀଫୁଲ, ନବମଲ୍ଲିକା ପୁଷ୍ପ ।

**ସପ୍ତା**, ବି. (ସପ୍ତାହ ଶବ୍ଦର ଅପଭ୍ରଂଶ)ସପ୍ତାହ ।

**ସପ୍ତାହ**, ବି. (ସପ୍ତନ୍-ଅହନ୍) ସାତଦିନ ।

**ସପ୍ତି**, ବି. [ସପ୍ =(ସୈନ୍ୟ ମଧ୍ୟରେ) ଏକତ୍ରିତ ହେବା-ତି] ଅଶ୍ୱ ।

**ସଫର**, ବି. (ଆରବ୍ୟ) ଭ୍ରମଣ, ଗସ୍ତ ।

**ସଫର, ସଫରୀ,** ବି. ସଂ. କେରାଣ୍ଡିମାଛ । ( ଶଫରୀ ସ୍ତ୍ରୀ. ଶବ୍ଦ ଦେଖ । )

**ସଫରିୟା**, ବିଂ. (ଆରବ୍ୟ ଶବ୍ଦ) ଭ୍ରମଣକାରୀ ।

**ସଫଳ**, ବିଂ. (ସ =ସହିତ-ଫଳ) ଫଳବିଶିଷ୍ଟ; ସୁସିଦ୍ଧ; ଲାଭଜନକ ।

**ସଫା**, ବିଂ. (ଯାବନିକ) ନିର୍ମଳ, ସ୍ୱଚ୍ଛ; ଶ୍ୱେତ । କ୍ରି. ବିଂ. (ବ୍ୟାବହାରିକ ଭାବରେ) ନିଃଶେଷରୂପେ, ନିଃଶେଷ କରି । ଯଥା—

ଯାହା ଯାହା ଥିଲା, ସେ ସଫା ଘେନିଗଲା ।

**ସଫାସଫି**, ବିଂ. (ଦେଶଜ) ନିର୍ମଳ, ସୁସ୍ପଷ୍ଟ ।

**ସଫେତ, ସଫେଦ**, ବି. (ଯାବନିକ) ଶୁକ୍ଳ ।

**ସବାଖିଆ**, ବି. (ସର୍ବଖାଦକତ୍ୱ ବା ସର୍ବଖାଦକତା ପଦଜାତ) ମ୍ଳେଚ୍ଛଜାତିବିଶେଷ, ଯେ ମେଧ୍ୟାମେଧ୍ୟ ନ ବିଚାରି ସବୁ ଖାଏ; ସବୁ ଖାଇବା ।

**ସବାପଛେ**, କ୍ରି. ବିଂ.(ଦେଶଜ) ପରିଶେଷରେ । ଯଥା—

ସବା ପଛେ ବନେ ବେନି ଅଶ୍ୱବାର ବାରେ । ମ. ଯା.

**ସବାର**, ବି. (ଯାବନିକ) ଅଶ୍ୱାରୋହୀ । ଯଥା—

ସବାର ଉପରେ ବସାଏ ସଇସ । ଉ. ବା.

**ସବାରି**, ବି. ( ଦେଶଜ ) ଶିବିକାବିଶେଷ; ସାଧାରଣ ବାହନ । ଯଥା—

ଷୋଳ ପଦ୍ମ ଅଶ୍ୱ ଯେ କରିଅଛୁ ସବାରି,
ଷୋଳ ପଦ୍ମ ସୈନ୍ୟ ବସି ଆସେ ଯୁଦ୍ଧ କରି ।
ନୃ. ପୃ. ଷ. ଚ.

**ସବାଲ, ସୁଆଲ**, ବି. ( ଯାବନିକ ) ପଚରା, ପ୍ରଶ୍ନ; ପ୍ରତ୍ୟୁତ୍ତର ।

**ସବିଏ, ସଭିଏ**, ସର୍ବଂ. (ସର୍ବ ଶବ୍ଦଜ) ସମସ୍ତେ ।

**ସବିଙ୍କି, ସଭିଙ୍କି,** ସର୍ବଂ. ( ସର୍ବ ଶବ୍ଦଜ ) ସମସ୍ତଙ୍କୁ । ଯଥା—

ବେଷ୍ଟରେ ମହତ୍ତ୍ୱରେ ସଭିଙ୍କି ପ୍ରଢପାଳେ । ନୃ. ପୃ. ତୃ. ଚ.

**ସବୁ, ସବା, ସବ୍ବା,** ସର୍ବଂ. ( ସର୍ବ =ପ୍ରାକୃତ ସବ୍ବ ଶବ୍ଦଜାତ ) ସମସ୍ତ । ଯଥା—

ସ୍ନାଆନ୍ତେ ହେଲେ ସିଢ଼ିର ସବ୍ବା ଉପରେ । ବା. ମା. ପା.

**ସବୁଥିରେ**, ସର୍ବଂ.(ଦେଶଜ) ସମସ୍ତ ବିଷୟରେ ।

**ସବୁନ୍ତ**, ସର୍ବଂ. (ଦେଶଜ) ସମସ୍ତେ । ଯଥା—

ଯେଣେ ଦେଖିଲେ ସବୁ ଅସୁରମୟ ପୃଥ୍ୱୀ,
ମୁରକୁ ଆଶ୍ରିତ ହୋଇ ରହିଲେ ସବୁନ୍ତ । ନୃ. ପୃ. ଦ୍ୱି. ଚ.

ସମସ୍ତଙ୍କୁ । ଯଥା—

ବିଭୁଷର ନନ୍ଦନ ଶମ୍ଭୁସ୍ରଣ ନୃପତି,
ଜଗପାଳମାନ ସେହି ବରିଲ ସବୁନ୍ତ । ସା. ଭ. ଆ.

**ସବୁବେଳେ**, କ୍ରି. ବିଂ. (ସର୍ବ-ବେଳା ଶବ୍ଦଜ) ସର୍ବଦା; ସନ୍ତତରେ ।

**ସବୁର**, ବି. (ଯାବନିକ) ଅପେକ୍ଷା; ଅବକାଶ । ଯଥା—

ସବୁର କଲେ ମେଉଆ ଫଳେ । ଉ ସା. ୧୧. ୫.

**ସବୁରି**, ସର୍ବଂ. (ସର୍ବ ଶବ୍ଦଜ) ସମସ୍ତଙ୍କର । ଯଥା—

କୃଷ୍ଣ ପାଦପଦ୍ମ ଧୂଳି ଲଗିଥାଉ ଆମ୍ଭ ସବୁରି ମଉଳି ।
ର. କ.

**ସବୁରିଙ୍କି**, ସର୍ବଂ. ( ସର୍ବ ଶବ୍ଦଜ ) ସମସ୍ତଙ୍କୁ । ଯଥା—

ଶୁଣିଣ କୁରୁରାୟ ବୋଇଲା ସବୁରିଙ୍କି । ନୃ. ପୃ. ସ. ଚ.

**ସଭଳିତ**, ବିଂ.(ସ୍ଖଳିତ ଶବ୍ଦଜ)ସ୍ଖଳିତ । ଯଥା—

ସଭଳିତ ଚରଣ ହେଲା, ସର୍ବାଙ୍ଗେ ପୁଲକ ପୂରିଲା । ସୁ. ପ.

**ସଭା**, ବି. ସ୍ତ୍ରୀ. ( ସ =ସହିତ-ଭା =ଦୀପ୍ତି ପାଇବା-କ୍ୱିପ୍-ଆ—ଯେ ସ୍ଥାନରେ ସମସ୍ତେ ଏକତ୍ରିତ ହୋଇ ଶୋଭା ପାଆନ୍ତି) ସମାଜ; ଜନତା; ଗୃହ ।

ସଭାଖାଇ, ବି. (ଦେଶଜ ପ୍ରାୟ) କାର୍ତ୍ତିକ ବ୍ରତ ସମାପନରେ ମାର୍ଗଶିର କୃଷ୍ଣ ପ୍ରତିପଦା ଦିନର କର୍ତ୍ତବ୍ୟ ସଙ୍ଗ ପଂକ୍ତିଭୋଜନ ।

ସଭାଜନ, ବି. (ସଭାଜ୍ = ସେବା କରିବା ଇତ୍ୟାଦି-ଅନ) ସତ୍କାର, ପୂଜା; ସ୍ୱାଗତ ଓ କୁଶଳ ପ୍ରଶ୍ନ ପ୍ରଭୃତି; ଆନନ୍ଦନ । (ଆନନ୍ଦନ ସଭାଜନେ—ଅମର ।) (ସଭା-ଜନ = ଲୋକ) ସଭ୍ୟ । ବିଂ. (ସ = ସହ-ଭାଜନ) ଭାଜନଯୁକ୍ତ । (ବିଶେଷଣରେ ସଭାଜିତ ପଦ ସିଦ୍ଧ ହୁଏ ।)

ସଭାସଦ୍, } ବିଂ. (ସଭା-ସଦ୍ = ଗମନ କରିବା
ସଭାସ୍ତାରି, } ଅର୍ଥାତ୍ ଉପବେଶନ କରିବା-କ୍ୱିପ୍, ସଭା-ସ୍ତୃ = ଆବରଣ କରିବା-ଅ) ସଭ୍ୟ; ବିଜ୍ଞ ।

ସଭାସାନ, ବିଂ. (ଦେଶଜ) ଯେ ସମସ୍ତଙ୍କଠାରୁ କନିଷ୍ଠ ।

ସଭିଏ, } ସର୍ବଂ. (ସବ ଶବ୍ଦଜ) ସମସ୍ତେ ।
ସବିହେଁ, } ଯଥା—

ଭଲକାଲେ ଭଲ ସଭିଏ । ର. କ.
ଗୁଣ୍ଡାଏ ଗୁଣ୍ଡାଏ ହସ୍ତେ ଖାଆନ୍ତି ସବିହେଁ । ସା.ଷ୍ଟ.ଅ.

ସଭିକ, } ବିଂ. (ସଭା-ଇକ, ଈକ ପ୍ରକୃତି
ସଭାକ, } ପ୍ରତ୍ୟୟାର୍ଥାନୁସରଣରେ ଠିକ୍ ସଭ୍ୟ ଅର୍ଥରେ ବ୍ୟବହୃତ ହୁଏ ନାହିଁ) ଦ୍ୟୂତସଭାର ଅଧ୍ୟକ୍ଷ ।

ସଭ୍ୟ, ବିଂ. (ସଭା-ଯ ସାଧ୍ୱର୍ଥେ) ସାମାଜିକ; ସଜ୍ଜନ; ସଦ୍‌ବଂଶଜାତ; ବିଶ୍ୱସ୍ତ; ବିଜ୍ଞ; ସଭାସମ୍ବନ୍ଧୀୟ ।

ସମ୍, ଅଂ. ସଂ. ଉପସର୍ଗବିଶେଷ; ସଙ୍ଗତ; ସମ୍ୟକ୍; ସମୂହ; ଶୋଭନ; ସମାନ; ଆଶ୍ଳେଷ; ପ୍ରକୃଷ୍ଟ ।

ସମ, ବିଂ. ( ସମ୍ = ଅବିକଳ ହେବା-ଅ ) ସକଳ; ତୁଲ୍ୟ; ସାଧୁ; ଅବକ୍ର ୁର । ଯେପରି—ସମତଳ । ଯୁଗ୍ମ । ( ଗଣିତରେ ) ବି. ବିଂ. ପୂର୍ଣ୍ଣିଭାବରେ । (ସ୍ତ୍ରୀ-ଆ = ସମା) ବର୍ଷ, ବତ୍ସର ।

ସମକକ୍ଷ, ବିଂ. ସଂ. ତୁଲ୍ୟ, ପ୍ରତିଯୋଗୀ ।

ସମକଛ, } ବିଂ. (ସମକକ୍ଷ ଶବ୍ଦଜ) ତୁଲ୍ୟ,
ସମକଛ, } ସମାନ । ଯଥା—

ସେ ଆମ୍ଭର ସଂଶିତ୍ରାତ ଆମ୍ଭେ ତାକୁ ଲକ୍ଷ,
ବ୍ରହ୍ମାଣ୍ଡ ଭିତରେ ଆଉ ନାହିଁ ସମକଛ । ନା.ର.ଗୀ.

ସମକ୍ଷ, କ୍ରି. ବିଂ. ( ସମ୍-ଅକ୍ଷି-ଅ ) ଚକ୍ଷୁ ସମୀପରେ, ଅଗ୍ରତଃ ।

ସମଗ୍ର, ବି. ( ସମ୍ = ସମୂହ-ଗ୍ରହ୍ = ଗ୍ରହଣ କରିବା-ଅ) ସମସ୍ତ, ସମୁଦାୟ ।

ସମଜସ, } ବି. (ଦେଶଜ) ସମାଧାନ ।
ସମଜାଇସ, } ଯଥା—

ଭକ୍ତ ନନ୍ଦାକୁ ସିନା ବନ୍ଧଣଥିଲି ଶେଷ,
ଏବେ ସେ କମଳାକୁ କରିବା ସମଜସ । ନୃ.ପୃ.ପ.ଚ.

ସମଜସ, ବିଂ. (ସମଞ୍ଜସ ଶବ୍ଦର ଅପଭ୍ରଂଶ) ଯୁକ୍ତିଯୁକ୍ତ, ସୁସଙ୍ଗତ; ଉତ୍ତମ ।

ସମଜାଇବା, କ୍ରି. (ଦେଶଜ) ବୁଝାଇବା । ଯଥା—

ସମଜାଇ ସେ ଶାମ ଯାଇ । ସଙ୍ଗୀତ ।

ସମଜାଇସି, ବି. ( ଦେଶଜ ) କଇଫିୟତ; ସମାଧାନ ।

ସମଜାସମଜ, ବି. ( ଦେଶଜ ) ବୁଝାଇବା, ବୋଧ ।

ସମଜିବା, } କ୍ରି. (ଦେଶଜ) ବୁଝିବା, ଜାଣି
ସମୁଜିବା, } ପାରିବା ।

ସମଜ୍‌ଦାର, ବି. (ଯାବନିକ) ଯେ କୌଣସି ବିଷୟ ଭଲକରି ବୁଝିପାରେ ।

ସମଞ୍ଜସ, ବିଂ. (ସମ୍ = ସମ୍ୟକ୍-ଅଞ୍ଜସ୍ = ଔଚିତ୍ୟ-ଅ) ଉଚିତ; ଉପଯୁକ୍ତ; ପରିଚିତ; ଯଥାର୍ଥ; ସଦୃଶ; ଉତ୍ତମ; ସୁଜନ । ବି. ଉପଯୁକ୍ତତା, ଯୋଗ୍ୟତା ।

ସମତୁଲ, ବିଂ. (ସମ-ତୁଲ୍ୟ ଶବ୍ଦଜ) ଏକ-ତୁଲ୍ୟ; ସମାଧା ।

ସମଦଣ୍ଡ, ବି. (ଦେଶଜ) ସେନା, ସୈନ୍ୟ । ଯଥା—

ସମଦଣ୍ଡ ଘେନିଣ ଯେ ପବନ ଆତ୍ମଜେ,
ପଶ୍ଚିମ ଦିଗକୁ ଭୀମସେନ ଜଳ ବଳେ । ସା.ଭା.ସ.

ସମଧ, ସମନ୍ଧ, ବି. (ସମ୍ବନ୍ଧ ଶବ୍ଦର ଅପଭ୍ରଂଶ) ସମ୍ବନ୍ଧ ।

ସମଧିକ, ବିଂ. (ସମ୍-ଅଧିକ) ଅତ୍ୟଧିକ, ପ୍ରଚୁର ।
ସମଧୃତ, ବିଂ. ସଂ. ସମାନ, ଏକବିଧ ।
ସମନ, ବି. (ଯାବନିକ) ଡାଖିଚ, ଆଦେଶପତ୍ର ।
ସମନ୍ତ, ବି. ( ସମ୍-ଅନ୍ତ = ଶେଷ ) ସୀମା, ପର୍ଯ୍ୟନ୍ତ ଭାଗ । ବିଂ. ସମସ୍ତ, ସକଳ ।
ସମନ୍ତତଃ, } ଅଂ. ସଂ. ସର୍ବତଃ; ସକଳ-
ସମନ୍ତାତ୍, } ଦିଗରେ ।
ସମନ୍ତପଞ୍ଚକ, ବି. ସଂ. ( ପର୍ଶୁରାମ କ୍ଷତ୍ରିୟ ରୁଧିରରେ ସମନ୍ତ ଅର୍ଥାତ୍ ଚତୁର୍ଦ୍ଦିଗରେ ପାଞ୍ଚଗୋଟି ହ୍ରଦ କରିଥିଲେ ବୋଲି) କୁରୁକ୍ଷେତ୍ରସ୍ଥ ତୀର୍ଥବିଶେଷ ।
ସମନ୍ତଭଦ୍ର, ବି. (ସମନ୍ତ-ଭଦ୍ର) ବୁଦ୍ଧଦେବ ।
ସମନ୍ୱୟ, ବି. (ସମ୍-ଅନ୍ୱୟ) ସଂଯୋଗ; ଅବିରୋଧ; ପ୍ରାକୃତିକ କାର୍ଯ୍ୟକାରଣ ପ୍ରବାହ । (ବିଶେଷଣରେ ସମନ୍ୱିତ ହୁଏ ।)
ସମଭିବ୍ୟାହାର, ବି.(ସମ୍-ଅଭି-ବି-ଆ-ହୃ-ଅ) ସଙ୍ଗ; ଏକତ୍ରାବସ୍ଥାନ । (ବିଶେଷଣରେ ସମଭିବ୍ୟାହାରୀ ଓ ସମଭିବ୍ୟାହୃତ ହୁଏ ।)
ସମଭିହାର, ବି. (ସମ୍-ଅଭି-ହୃ-ଅ)ବାରମ୍ବାର; ଆତିଶଯ୍ୟ ।
ସମୟ, ବି. (ସମ୍-ଇ = ଗମନ କରିବା-ଅ) କାଳ; ଅବସର; ଶପଥ; ଆଚାର; ପ୍ରତିଜ୍ଞା; ସଙ୍କେତ; ସୀମା; ସିଦ୍ଧାନ୍ତ; ନିୟମ; ନିର୍ଦ୍ଦେଶ; କର୍ତ୍ତବ୍ୟନିର୍ବାହ; ପ୍ରଚାର ବା ଘୋଷଣା; ଦୁଃଖାବସାନ; ଉପଦେଶ; ଧର୍ମ । ବିଂ. ସୌଭାଗ୍ୟଶାଳୀ ।
ସମୟା, ଅଂ.ସଂ. ସମୀପରେ; ମଧ୍ୟରେ; କର୍ତ୍ତବ୍ୟ ।
ସମର,ବି. (ସମ୍-ଋ = ଗମନ କରିବା-ଅ) ଯୁଦ୍ଧ ।
ସମରାଜ, ବି. (ଦେଶଜ) ସୁବାସ ଦ୍ରବ୍ୟବିଶେଷ । ଯଥା—

ସମରାଜ କୁଆଦ ଜାହ୍ନବୀ ଜଳ,
ମନୋହର ବଂଶପତ୍ରୀ ହରିତାଳ । ଲ. ବ.

ସମର୍ଥ, ବିଂ. (ସମ୍-ଅର୍ଥ = ଶକ୍ତ ହେବା ଇତ୍ୟାଦି -ଅ) ବଳବାନ୍, କ୍ଷମତାପନ୍ନ; ଉପଯୁକ୍ତ; ହିତ; ପ୍ରଶସ୍ତ; ଅଭୀଷ୍ଟ; ଯୁକ୍ତିସଙ୍ଗତ ।
ସମର୍ଥନ, } ବି. (ସମ୍-ଅର୍ଥ = ଶକ୍ତ ହେବା
ସମର୍ଥନା, } ସ୍ତ୍ରୀ. ଇତ୍ୟାଦି-ଅନ୍, ଆ) ବିବେଚନା; ମୀମାଂସା; ସମ୍ଭାବନା; ଉତ୍ସାହ; ଦୃଢ଼ୀକରଣ; ବିବାଦ ଭଙ୍ଗ କରିବା । (ବିଶେଷଣରେ ସମର୍ଥକ ଓ ସମର୍ଥିତ ହୁଏ ।)
ସମର୍ପଣ, ବି. (ସମ-ଅର୍ପଣ) ଦାନ; ସ୍ଥାପନ । (ବିଶେଷଣରେ ସମର୍ପିତ ହୁଏ ।)
ସମଲ, } ବି. ସ୍ତ୍ରୀ. ( ଦେଶଜ ) ଦେବୀଙ୍କ
ସମଲଈ, } ନାମବିଶେଷ । ଯଥା—

ଶାବାନୀ ଶାକମ୍ଭରୀ ସାରଲା ମା ସାବିତ୍ରୀ
ସମଲ ସତ୍ୟରୂପା ସାରଙ୍ଗୀ ସୁଶୃଙ୍ଗାରୀ । ନୃ.ପୁ.ପ ତ.

ସମବର୍ତ୍ତୀ, ବି. (ସମବର୍ତ୍ତିନ୍ — ସମ = ସମାନ-ବୃତ୍-ଇନ୍) ଯମ । ବିଂ. ତୁଲ୍ୟରୂପେ ସ୍ଥିତ; ସମସ୍ତଙ୍କଠାରେ ଯେ ସମାନ ପ୍ରବର୍ତ୍ତନା କରେ ।
ସମବାୟ, ବି. (ସମ୍-ଅବ-ଇ = ଗମନ କରିବା, ଯୁକ୍ତ ହେବା-ଅ) ନିତ୍ୟସମ୍ବନ୍ଧ; ମିଳନ; ସମୂହ । (ବିଶେଷଣରେ ସମବେତ ହୁଏ ।)
ସମଷ୍ଟି, ବି. (ସମ୍-ଅଶ୍ = ବ୍ୟାପିବା-ତି) ସମ୍ୟକ୍ ବ୍ୟାପ୍ତି; ଧର୍ମାଭୂତ ସମସ୍ତ ପଦାର୍ଥ; ସାକଲ୍ୟ ।
ସମସନ, ବି, (ସମ୍-ଅସ୍ = କ୍ଷେପଣ କରିବା-ଅନ) ସମାସ, ସଂକ୍ଷେପକରଣ ।
ସମସର, ବିଂ. (ଦେଶଜ ପ୍ରାୟ) ତୁଲ୍ୟ । ଯଥା—

ଗଭୀର ବାଣୀ ବସନ୍ତଦୂତ ସମସର । ନୃ.ପୁ.ପ.ତ.

ସହିତାର୍ଥ । ଯଥା—

ସୁବର୍ଣ୍ଣ ଥାଳୀରେ ସେହୁ ପଞ୍ଚରତ୍ନ ଭରି,
ଅଖଣ୍ଡିତ ଦୁବ ସେ ଅକ୍ଷତ ସମସରି । ସା. ଭା. ଆ.

ସମସ୍ତ, ବିଂ. (ସମ୍-ଅସ୍ = କ୍ଷେପଣ କରିବା-ତ) ସମୁଦାୟ, ସକଳ; ଏକତ୍ରୀକୃତ, ଯୁକ୍ତ; ସଂକ୍ଷିପ୍ତ; ଯାହା ସମାସ କରା ହୋଇଅଛି ।
ସମସ୍ୟା, ବି. ସ୍ତ୍ରୀ. ( ସମ୍-ଅସ୍-ଯ-ଆ) ଶ୍ଳୋକ ସମ୍ପୂର୍ତ୍ତ୍ୟର୍ଥ ପ୍ରଶ୍ନ; ସଂଘଟନ; ମିଶ୍ରଣ ।
ସମା, ବି. ସଂ. ସମ୍ବତ୍ସର । ଯଥା—

ହେଲ ଚୌଦ ସମା ସମାପନ
ମହାଦୁଃଖେ ବନାନୁକ୍ରମେ । ଜା.ପ.ନା.

ସମା, } ବି. (ଶମ୍ୟା ଶବ୍ଦଜ) ଶଗଡ଼କାରମାନଙ୍କର
ଶମା, } ଧାର କାଟିବା ଅସ୍ତ୍ରବିଶେଷ; ଢେଙ୍କିର ଥୋଇରେ ଲାଗିଥିବା ଲୌହବଳୟ ।

ସମାକର୍ଷୀ, } ବି. ( ସମ୍-ଆକର୍ଷିନ୍ ) ଅତି
ସମାକର୍ଷିନ୍, } ଦୂରଗାମୀ ସୁଗନ୍ଧ । ବିଂ. ଆକର୍ଷଣକାରୀ ।

ସମାକୁଳ, ବିଂ. (ସମ୍-ଆକୁଳ) ବ୍ୟାକୁଳ ବା କାତର; ସନ୍ଦିଗ୍ଧ ।

ସମାଗତ, ବିଂ. (ସମ୍-ଆଗତ) ମିଳିତ; ଉପସ୍ଥିତ; ସାକ୍ଷାତ୍କୃତ; ସାକ୍ଷାତପ୍ରାପ୍ତ ।

ସମାଗମ, ବି. (ସମ୍-ଆଗମ) ଉପସ୍ଥିତି; ସଙ୍ଗମ ।

ସମାଚାର, ବି. (ସମ୍-ଆଚାର) ଉତ୍ତମ ଆଚରଣ; ସମ୍ବାଦ, ଖବର ।

ସମାଜ, ବି. (ସମ୍-ଅଜ୍ = ଗମନ କରିବା-ଅ) ସମୂହ; ସଭା; ବୈଷ୍ଣବମାନଙ୍କ ସମାଧି ସ୍ଥାନ ।

ସମାଦର, ବି. (ସମ୍-ଆଦର) ସମ୍ମାନ, ସମ୍ବର୍ଦ୍ଧନା । (ବିଶେଷଣରେ ସମାଦୃତ ହୁଏ ।)

ସମାଦି, ବି. ( ସମାଧି ଶବ୍ଦଜ ) ଯୋଗାସନ । ଯଥା—

ଧ୍ୟାନ ସମାଦି କେଉଁ ସ୍ଥାନେ,
ବ୍ରହ୍ମ ସମାଧି ସ୍ଥିରମନେ । ଭ୍ର. ଦ. ସ୍କ.

ମଠାଧିକାରୀ ବୈଷ୍ଣବମାନେ ମୃତ ହେଲେ ତାହାଙ୍କ ଅସ୍ଥି ଯେଉଁଠାରେ ପୋତି ରଖନ୍ତି ।

ସମାଧା, } ବି.(ସମ୍-ଆ-ଧା=ଧାରଣ କରିବା,
ସମାଧାନ, } ନିଷ୍ପନ୍ନ କରିବା ଇତ୍ୟାଦି-ଅ-ଆ, ଅନ ) ବିରୋଧଭଞ୍ଜନ; ନିଷ୍ପତ୍ତି; ନିୟମ; ଅନୁସନ୍ଧାନ; ସମର୍ଥନ; ତପସ୍ୟା; ଧ୍ୟାନ; ପ୍ରତିକାର ।

ସମାଧି, ବି. (ସମ୍-ଆ-ଧା-ଇ) ନିୟମ; କାରଣ-ସମୂହ; ନିଦ୍ରା; ଚିତ୍ତର ଏକାଗ୍ରତା; ଯୋଗ; ଧ୍ୟାନ; ପ୍ରତିଜ୍ଞା; ସମ୍ମତି; ପ୍ରତିଶୋଧ; ବିବାଦଭଞ୍ଜନ ବା ସମାଧାନ; ଇନ୍ଦ୍ରିୟ-ନିରୋଧ; ଅସାଧ୍ୟ ବିଷୟରେ ଅଧ୍ୟବସାୟ; ସମର୍ଥନ; ମୌନଭାବ; ଆର୍ତ୍ତି ଚିରକ୍ଷଣ ଚିନ୍ତା ।

ସମାନ, ବିଂ. (ସ = ସମାନ-ମାନ = ପରିମାଣ, ଅଥବା ସମ୍-ଆ-ନୀ-ଅ) ତୁଲ୍ୟ, ଅଭିନ୍ନ । (ସମ୍-ଅନ୍ = ବଞ୍ଚିବା-ଅ) ନାଭିସ୍ଥିତ ବାୟୁ-ବିଶେଷ ।

ସମାନୋଦର୍ଯ୍ୟ, ବି. ( ସମାନ-ଉଦର-ଯ ଜନନାର୍ଥେ ) ସହୋଦର ।

ସମାପନ, } ବି. ( ସମ୍-ଆପ୍ = ପାଇବା-ଅନ,
ସମାପ୍ତି, } ତି ) ସମ୍ପୂରଣ; ପରିଚ୍ଛେଦ; ବଧ; ସମାଧାନ; ଲାଭ । (ବିଶେଷଣରେ ସମାପକ ଏବଂ ସମାପିତ ଓ ସମାପ୍ତ ହୁଏ ।)

ସମାପିକା, ବି. ସ୍ତ୍ରୀ. ସ୍ନ. ବାକ୍ୟସମାପକ କ୍ରିୟା ।

ସମାରୋହ, ବି.(ସମ୍-ଆ-ରୁହ୍ = ଉନ୍ନତ ହେବା ଇତ୍ୟାଦି-ଅ) ଆଡ଼ମ୍ବର, ଜାକଜମକ; ଅତ୍ୟୁନ୍ନତି; ଆରୋହଣ; ସମ୍ମତ ହେବା ।

ସମାର୍ଜନା, ବି. (ଦେଶଜ) ଆଶ୍ୱାସନା; ସମାଧା; ତିଆର ନିବର୍ତ୍ତାଇବା । ଯଥା—

ଦୁଷ୍ଟ ରଜାମାନଙ୍କୁ ସମାର୍ଜନା କରନ୍ତି । ସା ଭା.ଆ.

ସମାର୍ଜିବା, କ୍ରି. (ଦେଶଜ)ଆଶ୍ୱାସିବା । ଯଥା—

ଏତେ ଧୃତରାଷ୍ଟ୍ରେ ତିଆର ସମାର୍ଜି । ସା. ଭା. ଆ.

ସମାଲମ୍ଭ, } ବି. (ସମ୍-ଆ-ଲମ୍ଭ୍ = ବଧ
ସମାଲମ୍ଭନ, } କରିବା ଇତ୍ୟାଦି-ଅ, ଅନ)
ସମାଲଭନ, } କୁଙ୍କୁମାଦି ବିଲେପନ; ବଧ ।

ସମାବର୍ତ୍ତନ, ବି. [ସମ୍-ଆ-ବୃତ୍ = (ବେଦାଧ୍ୟୟନରୁ) ନିବୃତ୍ତହେବା-ଅନ] ବ୍ରହ୍ମଚର୍ଯ୍ୟ ପରେ ଗୃହଧର୍ମରେ ପ୍ରବେଶ; ପ୍ରତ୍ୟାଗମନ ।

ସମାବେଶ,ବି.(ସମ୍-ଆ-ବିଶ୍=ପ୍ରବେଶକରିବା-ଅ) ପ୍ରବେଶ; ସମ୍ମିଳିତ, ଏକତ୍ର ଅବସ୍ଥାନ; ମନୋଯୋଗ; ଏକତ୍ର ସ୍ଥାପନ । (ବିଶେଷଣରେ ସମାବିଷ୍ଟ ଓ ସମାବେଶିତ ହୁଏ ।)

ସମାସ, ବି. (ସମ୍-ଅସ୍ = ସଂକ୍ଷେପକରିବା ଇତ୍ୟାଦି-ଅ) ସଂକ୍ଷେପ; ସଂଗ୍ରହ; ସମର୍ଥନ; ସମାହାର; ମିଳନ; ଅନେକ ପଦର ଏକ-ପଦୀକରଣ । (ସ = ସହିତ-ମାସ)ସମ୍ବତ୍ସର ।

ସମାହାର, ବି. ( ସମ୍-ଆ-ହୃ-ଅ ) ମିଳନ; ସଂଗ୍ରହ; ସଂକ୍ଷେପ; ସମୂହ; ଦ୍ୱିଗୁ ଓ ଦ୍ୱନ୍ଦ୍ୱସମାସବିଶେଷ ।

ସମାହିତ, ବିଂ. (ସମ୍-ଆ-ଧା-ତ, ଧା = ହି) ଅଙ୍ଗୀକୃତ; ଅଭ୍ରାନ୍ତଚିତ୍ତ; ସମାଧିନିଷ୍ଠ; ଅବହିତ, ଏକାଗ୍ରଚିତ୍ତ; ନିଷ୍ପାଦିତ; ମୀମାଂସିତ; ସ୍ଥାପିତ; ସଞ୍ଚିତ; ସମାଧିକ୍ଷେତ୍ରରେ ନିହିତ; ଅବିଚଳିତ ।

ସମିଆନା,ସାମିଆନା, ବି.(ଯାବନିକ) ଚନ୍ଦ୍ରାତପ ।

ସମିଗାତ, ବି. (ଦେଶଜ) ଦେଉଳ କବାଟରେ ଡିଳ ଖୁସି ରହିବାପାଇଁ ପଥରଖଣ୍ଡରେ କରିଥିବା ଗର୍ତ୍ତ ।

ସମିତ୍, ବି. (ସମ୍-ଇ-କ୍ୱିପ୍, ତ୍ ଆଗମ)ଯୁଦ୍ଧ ।

ସମିତି, ବି. ସ୍ତ୍ରୀ. ( ସମ୍-ଇ-ତି ) ଯୁଦ୍ଧ; ସଭା; ସଙ୍ଗ ।

ସମିଧ୍,ସମିଧ, ବି.(ସମ୍-ଇନ୍ଧ୍ = ପ୍ରଦୀପ୍ତିପାଇବା-କ୍ୱିପ୍, ଅ) ହୋମକାଷ୍ଠ; ଅଗ୍ନି ଜ୍ୱଳନାର୍ଥ ତୃଣାଦି ।

ସମିନ୍ଧନ, ବି.(ସମ୍-ଇନ୍ଧ୍-ପ୍ରଦୀପ୍ତିପାଇବା-ଅନ) ଅଗ୍ନି ଜ୍ୱଳନାର୍ଥ କାଷ୍ଠାଦି; ଉଦ୍ଦୀପନ ।

ସମୀକ, ବି.(ସମ୍-ବିହ୍ୱଳହେବା-ଈକନ୍)ଯୁଦ୍ଧ ।

ସମୀକ୍ଷ୍ୟକାରୀ,ବିଂ.(ସମୀକ୍ଷ୍ୟକାରିନ୍-ସମୀକ୍ଷ୍ୟ = ସମ୍ୟକ୍ ଦେଖି-କାରୀ = ଯେ କରେ) ପୂର୍ବାପର ବିବେଚନା କରି ଯେ କାର୍ଯ୍ୟ କରେ ।

ସମୀଚୀନ, ବିଂ. (ସମ୍ୟଚ୍ = ସତ୍ୟ ଇତ୍ୟାଦି-ଈନ) ଯଥାର୍ଥ, ଉପଯୁକ୍ତ; ଉତ୍ତମ; ସତ୍ୟ ।

ସମୀପ, ବି. (ସମ୍ = ସଙ୍ଗତ-ଅପ୍ = ଜଳ-ଅ, ଅ = ଈ) ନିକଟ, ସନ୍ନିହିତ ।

ସମୀର, ସମୀରଣ, ବି. (ସମ୍-ଈର୍ = ଗମନକରିବା-ଅ, ଅନ) ପବନ; ପ୍ରେରଣ । (ବିଶେଷଣରେ ସମୀରିତ ହୁଏ ।)

ସମୁଚ୍ଚୟ, ବି. (ସମ୍-ଉତ୍-ଚି = ଏକତ୍ର କରିବା-ଅ) ସମାହାର; ମିଳନ; ସମୂହ; ଅନେକ ପଦାର୍ଥର ଏକ କ୍ରିୟାରେ ଅନ୍ୱୟ ।

ସମୁତ୍ଥ, ସମୁତ୍ଥିତ, ବିଂ.(ସମ୍-ଉତ୍-ସ୍ଥା-ଅ, ତ)ଉତ୍ପନ୍ନ; ଉଦିତ; ଉଠିଥିବା । (ବିଶେଷ୍ୟରେ ସମୁତ୍ଥାନ ହୁଏ ।)

ସମୁଦୟ, ବି. (ସମ୍-ଉତ୍-ଇ = ଗମନକରିବା-ଅ) ସମଗ୍ର, ସକଳ; ଉତ୍ଥାନ; ଉଦୟ, ଉତ୍ପତ୍ତି; ଯୁଦ୍ଧ; ଦିବସ; ଲଗ୍ନ ।

ସମୁଦାଚାର, ବି. ସଂ. ଶିଷ୍ଟାଚାର; ଆଶ୍ରୟ, ଅଭିପ୍ରାୟ ।

ସମୁଦାୟ, ବି. (ସମ୍-ଉତ୍-ଇ-ଗମନ କରିବା-ଅ) ସମଗ୍ର, ସକଳ; ଯୁଦ୍ଧ; ଉଦୟ; ଉନ୍ନତି; ପଶ୍ଚାଦ୍‌ଭାଗରେ ସ୍ଥିତ ସୈନ୍ୟ ।

ସମୁଦି, ସମୁଧି, ସମୁଧି, ସମନ୍ଧି, ସମଧି, ସମଧୀ, ବି. (ସମ୍ବନ୍ଧୀ ପଦରୁ ଜାତ) ବର ଓ କନ୍ୟାର ପିତା । ଯଥା—

ସମାଗ୍ରେହେ ବରକର୍ତ୍ତା ପୁତ୍ରବନ୍ଧୁ ଲଗେ,
ଚଳିଗଲେ ସମୁଧି ଘରକୁ ଅତି ବେଗେ । ବେ.ପ.
ଦ୍ରୁପଦେଶ୍ୱର ବୋଇଲେ ଶୁଣ ହେ ସମୁଧି । ସା.ଭା ଆ.

ସମୁଦ୍ଗ, ସମୁଦ୍ଗକ, ବି. ( ସମ୍-ଉତ୍-ଗମ୍-ଅ, କ ) ସଂପୁଟକ, ଫରୁଆ ।

ସମୁଦ୍ର, ବି. (ସମ୍-ଉନ୍ଦ୍ = କ୍ଲିନ୍ନ ହେବା-ର ସମ୍ୟଗୁନତ୍ତିଚନ୍ଦ୍ରୋଦୟାତ୍ ଇତି ସମୁଦ୍ରଃ— ଉନ୍ଦ୍ କ୍ଲେଦନେ, ଚନ୍ଦ୍ରୋଦୟରେ ଯେ ବୃଦ୍ଧି ପାଏ, ସମନ୍ତାତ୍ ମୁଦଂରାଶିତି ବା ସମୁଦ୍ରଃ— ରଦାନେ । ମୁଦ୍ରସ୍ୟା ଈଶ୍ୱରଙ୍କସ୍ୟା ସହିତଃ ସମୁଦ୍ରଃ) ସାଗର, ଜଳନିଧି । ବିଂ. ମୁଦ୍ରିତ; ମୁଦ୍ରାଯୁକ୍ତ ।

ସମୁଦ୍ରନବନୀତ, ବି. (ସମୁଦ୍ର-ନବନୀତ-ସମୁଦ୍ର ମନ୍ଥନରୁ ଯାହା ଉତ୍ପନ୍ନ) ଅମୃତ; ଚନ୍ଦ୍ର ।

ସମୁଦ୍ରମେଖଳା, ସମୁଦ୍ରରସନା, ସମୁଦ୍ରାମ୍ବରା, ବି. ସ୍ତ୍ରୀ. ( ସମୁଦ୍ର-ମେଖଳା, ରସନା-କଟିଭୂଷଣ, ଅମ୍ବର -ପରିଚ୍ଛଦ ଯାହାର) ପୃଥିବୀ ।

ସମୁଧୁଣୀ, ସମ୍ନଧିଆଣୀ, ସମୁଦିଆଣୀ, ବି. ସ୍ତ୍ରୀ. ( ସମ୍ବନ୍ଧିନୀ ଶବ୍ଦଜ ) ବର ଓ କନ୍ୟାର ମାତା । ଯଥା—

ମଣ୍ଡିତ ଲୋକ ତୁମ୍ଭେ ଗୋ ଅଟ ସମୁଧୁଣୀ,
ନାନା ଗୀତ ଗାଇ ଗୋ କଳହକାମିନୀ । ମଂ.ସଂ.

ସମୁନ୍ନଦ୍ଧ, ବିଂ. ( ସମ୍-ଉତ୍-ନହ୍ = ବନ୍ଧନ କରିବା, ଗର୍ବ କରିବା ଇତ୍ୟାଦି-ତ ) ପଣ୍ଡିତଂମନ୍ୟ; ଗର୍ବିତ; ଉତ୍ପନ୍ନ; ବଦ୍ଧ; ଉଦ୍‌ବଦ୍ଧ; ପ୍ରଧାନ ବା ଶ୍ରେଷ୍ଠ ।

ସମୁପଧାନ,ବି.(ସମ୍-ଉପ-ଧା-ଅନ) ଉତ୍ପାଦନ; ସ୍ଥାପନ; ରକ୍ଷାକରଣ ।

ସମୁପବେଶ, ବି. (ସମ୍-ଉପବେଶ) ଅଭ୍ୟର୍ଥନା; ବସିବା ।

ସମୁପେତ, ବିଂ. (ସମ୍-ଉପେତ) ସମାଗତ ।

ସମୂହ, ବି. (ସମ୍-ବହ୍=ବହିବା, ଊହ=ତର୍କ କରିବା-ଅ) ସମୁଦାୟ; ସମ୍ୟକ୍ ତର୍କ ।

ସମୃଦ୍ଧ, ବିଂ.(ସମ-ଋଧ୍-ତ) ସମୃଦ୍ଧିଯୁକ୍ତ; ବୃଦ୍ଧି-ଯୁକ୍ତ; ସମ୍ପନ୍ନ ବା ସମ୍ପତ୍ତିଶାଳୀ; ଉତ୍ପନ୍ନ । (ବିଶେଷ୍ୟରେ ସମୃଦ୍ଧି ହୁଏ ।)

ସମେତ,ବିଂ.(ସମ୍-ଆ-ଇ = ଗମନ କରିବା ତ) ସହିତ; ସଙ୍ଗତ; ପ୍ରାପ୍ତ, ଉପସ୍ଥିତ ।

ସମ୍ଜା, ବି. (ପାରସ୍ୟ) ବୁଝାଣ; ଚିନ୍ତାକରିବା ।

ସମ୍ଜାଣ, ବି. ( ପାରସ୍ୟ ସମ୍ଜାନ ଶବ୍ଦଜ ) ସମ୍ୟକ୍ ଚିନ୍ତାକରିବା, ସମଝିବା, ବୁଝିବା ।

ସମ୍ପତ୍ତି, ସମ୍ପଦ୍, ବି. ସ୍ତ୍ରୀ. (ସମ୍-ପଦ୍= ସମୃଦ୍ଧ ହେବା ଇତ୍ୟାଦି-ତି, କ୍ୱିପ୍)ଐଶ୍ୱର୍ଯ୍ୟ; ଧନ; ଶୋଭା; ଗୁଣୋତ୍କର୍ଷ; ଗୌରବ ।

ସମ୍ପଧି, ସମ୍ପ୍ରଧି, ବି. (ସମ୍ପତ୍ତି ଶବ୍ଦଜ) ସମ୍ପତ୍ତି । ଯଥା—

ନିଅତକାଳରେ କଲୁ ବିପରୀତ ବୁଦ୍ଧି,
ଅଦଭୁତେ ହରାଇଲୁ ଏଡ଼େକ ସମ୍ପଧି । ସା. ଭା. ସ.
ମୋହର ବଚନରେ ମରିବାକୁ ତୋର ବୁଦ୍ଧି,
ପାଦେ କପାଁ ଟଳାଉଛୁ ଏଡ଼େକ ସମ୍ପ୍ରଧି । ସା. ଭା. ସ.

ସମ୍ପନ୍ନ, ବିଂ. (ସମ୍-ପଦ୍-ତ, ତ = ନ) ସମ୍ପୂର୍ଣ୍ଣ, ନିଷ୍ପନ୍ନ; ସହିତ; ଯୁକ୍ତ; ଐଶ୍ୱର୍ଯ୍ୟବିଶିଷ୍ଟ ।

ସମ୍ପରାୟ; ବି. (ସମ୍-ପରା-ଇ = ଗମନ କରିବା-ଅ) ଆପଦ୍; ଯୁଦ୍ଧ; ଉତ୍ତରକାଳ; ସନ୍ତାନ ।

ସମ୍ପର୍କ, ବି. ( ସମ୍-ପୃଚ୍ = ଯୁକ୍ତହେବା-ଅ ) ସଂସର୍ଗ; ସମ୍ବନ୍ଧ; ସଂଯୋଗ; ସ୍ତ୍ରୀସଂସର୍ଗ ।

ସମ୍ପାତ, ବି. (ସମ୍-ପତ୍ = ପଡ଼ିବା-ଅ) ପତନ; ଉଡ୍ଡୟନ; ଗମନ; ପ୍ରବେଶ; ସମୂହ ।

ସମ୍ପାଦନ,ବି.(ସମ୍-ପଦ୍=ଗମନ କରିବା-ଣିଚ୍-ଅନ) ନିର୍ବାହ, ସମାପନ; ଉପାର୍ଜ୍ଜନ । ( ବିଶେଷଣରେ ସମ୍ପାଦକ ଓ ସମ୍ପାଦିତ ହୁଏ । )

ସମ୍ପାଦିବା, କ୍ରି. (ସମ୍ପାଦନ ଶବ୍ଦଜ) ସମ୍ପାଦନ କରିବା, ସଂଚୟ କରିବା; ଖୋଜିଆଣିବା ।

ସମ୍ପିବା, କ୍ରି. ( ସମର୍ପଣ ଶବ୍ଦଜ ) ସମର୍ପଣ କରିବା । ( ଶାପ ଶବ୍ଦଜ ) ଶାପଦେବା; ଗାଳିଦେବା ।

ସମ୍ପୁଟ, ସମ୍ପୁଟକ, ବି. [ସମ୍-ପୁଟ୍ = (ଭ୍ୱାଦିସହିତ) ସଂଲଗ୍ନହେବା-ଅ, କ ସ୍ୱାର୍ଥେ] ସଂପୁଆ; ଗ୍ରନ୍ଥି ପେଟରା ପ୍ରଭୃତି; ଏକଜାତୀୟ ପଦାର୍ଥ ମଧ୍ୟରେ ଭିନ୍ନ ଜାତୀୟ ପଦାର୍ଥର ସମ୍ୟକ୍ ବ୍ୟାପ୍ତି; ପୁଡ଼ା, ପୁଟଳ । ଯଥା—

ଚମ୍ପା ପୁଷ୍ପର ସଂଯୋଗେ ଯଥା ସମ୍ପୁଟ ବାସିତ ।
ଜା. ପ. ନା.

ସମ୍ପୂର୍ଣ୍ଣ, ବିଂ. ( ସମ୍-ପୂର୍ଣ୍ଣ ) ପରିପୂର୍ଣ୍ଣ; ସମଗ୍ର; ସମାପ୍ତ ।

ସମ୍ପୃକ୍ତ, ବିଂ. (ସମ୍-ପୃଚ୍ = ମିଳିତ ହେବା-ତ) ମିଳିତ; ସମ୍ବଦ୍ଧ; ଖଚିତ; ଗ୍ରଥିତ ।

ସମ୍ପୋଡ଼, ବି. (ଦେଶଜ) ଲୀଳା ବା କୌତୁକ । ଯଥା—

ଅତି ଉଗ୍ର ଦଶଇ ତାର ହାତ ଗୋଡ଼,
ତା ଭୂଲେ କଲେ ଦେବ ରତିରଙ୍ଗ ସମ୍ପୋଡ଼ । ସା. ଭା. ଆ.

ସମ୍ପୋଡ଼େ, କ୍ରି. ବିଂ. ( ଦେଶଜ ) ଅବ-ହେଳାରେ । ଯଥା—

ଭୁ ଦେବ କି ପୁର ବଧ କଲୁ ଅବହେଳେ,
ଅନ୍ଧକ ନିବାରଣ ଭୁ କଲୁ ଯେ ସମ୍ପୋଡ଼େ । ସା. ଭା. ଆ.

ସମ୍ପ୍ରତି, ଅଂ. ସଂ. ଏବେ, ଅଧୁନା ।

ସମ୍ପ୍ରଦା, ବି. ( ସମ୍ପ୍ରଦାୟ ଶବ୍ଦର ଅପଭ୍ରଂଶ ) ମତର ସମାଜ । ଯଥା—

ଗୁରୁ ସମ୍ପ୍ରଦା ଗୁରୁ ଅଟନ୍ତି ଜଗନ୍ନାଥ,
ଦର୍ଶନ ମାତ୍ରକେ ସର୍ବେ ହୁଅନ୍ତି କୃତାର୍ଥ । ନୃ. ପୁ. ତ୍ରି. ଭ.

ସମ୍ପ୍ରଦାନ, ବି. ( ସମ୍-ପ୍ର-ଦା-ଅନ ) ଦାନୀୟ-ବ୍ୟକ୍ତି; କାରକବିଶେଷ ।

ସମ୍ପ୍ରଦାୟ, ବି. (ସମ୍-ପ୍ର-ଦା = ଦାନ କରିବା, ଉପଦେଶ କରିବା-ଅ, ଯ ଆଗମ) ଗୁରୁ-ପରମ୍ପରାଗତ ଉପଦେଶ; ସମାଜ ।

ସମ୍ପ୍ରଧାରଣ, } ବି. ସଂ. ଉଚିତାନୁଚିତ
ସମ୍ପ୍ରଧାରଣା, } ବିବେଚନା; କର୍ତ୍ତବ୍ୟନିର୍ଣ୍ଣୟ; ଅବଧାରଣ ।

ସମ୍ପ୍ରସାରଣ, ବି. ସଂ. ବିସ୍ତାରଣ; ବ୍ୟାକରଣରେ ସଂଜ୍ଞାବିଶେଷ; ଇ, ଉ, ରୃ, ଌ ସ୍ଥାନରେ ଯ, ବ, ର, ଲ ହେବା ।

ସମ୍ପ୍ରହାର, ବି. ସଂ. ଯୁଦ୍ଧ; ହନନ; ସମ୍ୟକ୍ ପ୍ରହାର; ଗମନ ।

ସମ୍ବନ୍ଧ, ବି. (ସମ୍-ବନ୍ଧ୍ = ବନ୍ଧନ କରିବା-ଅ ସମ୍ପର୍କ; ସଂଯୋଗ; ସଂଘଟନ; ସୌଭାଗ୍ୟ ବା ସମୃଦ୍ଧି; ଯୋଗ୍ୟତା; ଉପଯୁକ୍ତତା; ମିତ୍ରତା; କୁଟୁମ୍ବିତା । (ବ୍ୟାକରଣରେ) ଜନ୍ୟ ଜନକ ଇତ୍ୟାଦି । ବିଂ. ସମର୍ଥ; ଉପଯୁକ୍ତ; ମିଳିତ । (ବିଶେଷଣରେ ସମ୍ବନ୍ଧୀ ହୁଏ)

ସମ୍ବର, ବି.(ସମ୍ବ୍ =ଗମନ କରିବା-ଅର କିମ୍ବା ସମ୍-ବୃ–ଆବରଣ କରିବା-ଅ)ଜଳ; ସମ୍ବରଣ;ଇନ୍ଦ୍ରିୟଦମନ; ଦୈତ୍ୟବିଶେଷ; ହରିଣବିଶେଷ; ମତ୍ସ୍ୟବିଶେଷ; ପର୍ବତ; ସେତୁ ।

ସମ୍ବରଣ, ବି. (ସମ୍-ବୃ-ଅନ)ବରଣ,ବରମାଲ୍ୟ ଦାନ; ସଙ୍ଗୋପନ; ଆବରଣ; ଦମନ; ଇନ୍ଦ୍ରିୟସଂଯମ ।

ସମ୍ବଳ, ବି. (ସମ୍ବ୍ = ଗମନ କରିବା-ଅଳର୍ ) ବାଟଖରଚ, ପାଥେୟ; ସଂସ୍ଥାପନ; ଜଳ ।

ସମ୍ବାଧ, ବି. (ସମ୍-ବାଧ୍ = ପୀଡ଼ନ କରିବା-ଅ) ଭୟ; ସଙ୍କଟ; ବାଧା; ଭିଡ଼, ସଂଘର୍ଷ । ବିଂ. ସଂକୀର୍ଣ୍ଣ; ଜନତାପୂରିତ ।

ସମ୍ବୁଦ୍ଧି, } ବି. (ସମ୍-ବୁଧ୍ = ଜାଣିବା,
ସମ୍ବୋଧନ, } ସାମ୍ମୁଖ୍ୟ କରିବା-ତି, ଅନ ) ଆହ୍ୱାନ; ଆମନ୍ତ୍ରଣ; ଦର୍ଶନ; ବିଶେଷଣ; ବିଭକ୍ତିବିଶେଷ ।

ସମ୍ଭବ, ସମ୍ଭର, ବି. (ସମ୍ଭାର ଶବ୍ଦଜ) ଉତ୍ସବ । ଯଥା—

କୋଟିବ୍ରହ୍ମାଣ୍ଡ ଶୁଭେ ପୂର,
ପ୍ରଭୁ ସମ୍ଭବେ ବିଜେ କର । ଦା. ର.
ରାଜାମାନଙ୍କର ଥିବେ ଯେତେକ ସଇନ,
ସମ୍ଭରେ ଆସିବେ ଦେଖା ଦରଶନ ଘେନ । ସା. ଭା. ସ

ସମାରୋହ, ଆଡ଼ମ୍ବର । ଯଥା—

ଆସ୍ଥାନେ ବାସବ ମୋତେ ବସାଇଲେ କୋଳେ,
ଅପସରା ବେଢ଼ିଲେ ମୋତେ ଅତି ସମ୍ଭବରେ ।ସା ଭା ବି.

ସମ୍ଭଳୀ, ବି. ସ୍ତ୍ରୀ. (ସମ୍-ଭଲ୍ = ନିରୂପଣ କରିବା, ବୋଲିବା-ଅ-ଈ) ଦୂତୀ ।

ସମ୍ଭବ, ବି. (ସମ୍-ଭୂ-ଅ) ଉତ୍ପତ୍ତି; ସମ୍ଭାବନା; ଯୋଗ୍ୟତା; ସଙ୍କେତ; ଉପାୟ; ଯୁକ୍ତି; ଷଣ୍ଡ; ସମୀଚୀନତା; କ୍ଷମତା; ପରିଚୟ; ସଖ୍ୟ; କାରଣ । ବିଂ. ଉତ୍ପନ୍ନ; ମେଳକ ।

ସମ୍ଭାଇବା, } କ୍ରି. (ସମ୍ଭବ ଶବ୍ଦଜ) ସମ୍ଭାବିତ
ସମ୍ଭେଇବା } ହେବା; ପ୍ରବିଷ୍ଟ ହେବା କିମ୍ବା ଉପସ୍ଥିତ କରିବା । ଯଥା—

ଏତେ ବଜ୍ରର ମୂନ ବାଇ ବେଣ୍ଡଦଣ୍ଡ,
ଭେଦିଲା ସପତସ୍ୱର୍ଗ ଯେ ସପତ ବ୍ରହ୍ମାଣ୍ଡ ।
ନୃସିଂହ ଦସ୍ତ୍ୟାଙ୍କୁ କଣ୍ଠେ ସମ୍ଭାଇଲା ଯାଇ,
ସର୍ପ ଯେସନ୍ତେ ବିଲରେ ପରବେଶ ହୁଅଇ । ନୃ. ପୂ ଚ ତ.

ସମ୍ଭାର, ବି. (ସମ୍-ଭୃ = ଧାରଣ କରିବା ଇତ୍ୟାଦି-ଅ) ସଂଗ୍ରହ; ସମ୍ପୂର୍ଣ୍ଣତା; ରାଶି ବା ସମୂହ; ପୁଷ୍ଟିସାଧନ, ଉପକରଣ ।

ସମ୍ଭାଳିବା, କ୍ରି. (ପ୍ରାକୃତ ସଂଭଲ୍ ଧାତୁଜ) (ଅନ୍ୟକୁ) ନିବାରି ରଖିବା । ଯଥା —

ଭୂକୂଳ କବଳ ସମ୍ଭାଳୁଅଛୁ ଦକ୍ଷିଣେତରେ । ଚ. ଭା.

ପାଳିବା । ଯଥା—ଏ ପିଲାଗୁଡ଼ିକୁ ତୁମ୍ଭେ ସମ୍ଭାଳି ରଖ ।

ସମ୍ଭାଳିହେବା, କ୍ରି. (ପ୍ରାକୃତ ସଂଭଲ୍ ଧାତୁଜ) ବାଧା ନ ଲଭି ସୁସ୍ଥ ହୋଇ ରହିବା । ଯଥା —

ଯୋଗିଗଣେ ଜଣେ ମୁଁ ଚଳିବେ ଭଲ,
ଶମ୍ଭୁ ଶିଳା ହେଲେ ହେବ ସମ୍ଭାଳ । କୋ. ବ୍ର. ସୁ.

ସମ୍ଭାବନ, } ବି. (ସମ୍-ଭାବି–ଚିନ୍ତା କରିବା
ସମ୍ଭାବନା, } ଯୋଗ୍ୟ ହେବା ଇତ୍ୟାଦି-ଅନ, ଆ) ଅନୁଗ୍ରହ; ସୁଖ୍ୟାତି; ସତ୍କାର; ଚିନ୍ତା; ଯୋଗ୍ୟତା; ସ୍ୱୀକାର; ସମ୍ପାଦନ; ଅଭିସନ୍ଧି; ତର୍କ; ସଂଶୟ; କାବ୍ୟାଳଂକାର ବିଶେଷ । ( ବିଶେଷଣରେ ସମ୍ଭାବିତ ଓ ସମ୍ଭାବ୍ୟ ହୁଏ । ) ଯଥା—

ମୋ ତାତର ସମ୍ଭାବିତ କୈତବପଣ କି?
ବିଦ୍ଧଣ କାବ୍ୟ ।

ସମ୍ଭାଷ, ସମ୍ଭାଷଣ, ସମ୍ଭାଷା, ବି. (ସମ୍-ଭାଷ୍, ଭାଷଣ, ଭାଷା) ପରସ୍ପର କଥୋପକଥନ ବା ଆଳାପ ।

ସମ୍ଭୋଗ, ବି. (ସମ୍-ଭୋଗ) ରତିକ୍ରିୟା; ସୁଖାସ୍ୱାଦନ ।

ସମ୍ଭ୍ରମ, ବି. (ସମ୍-ଭ୍ରମ୍ = ଭ୍ରମଣକରିବା, ମାନ୍ୟ ହେବା ଇତ୍ୟାଦି-ଅ) ଭୟ; ଭୟାଦିଜନିତ ତ୍ୱରା; ସମ୍ମାନ; ଆଦର; ଭ୍ରାନ୍ତି; ଘୂର୍ଣ୍ଣନ; ଆବେଗ । (ବିଶେଷଣରେ ସମ୍ଭ୍ରାନ୍ତ ହୁଏ ।)

ସମ୍ମତି, ବି. (ସମ୍-ମନ୍ = ଅନୁମତି କରିବା ଇତ୍ୟାଦି-ତି) ଅନୁମତି, ଆଦେଶ; ଅଭିପ୍ରାୟ, ଇଚ୍ଛା; ଆତ୍ମବୋଧ । (ବିଶେଷଣରେ ସମ୍ମତ ପଦ ସିଦ୍ଧ ହୁଏ ।)

ସମ୍ମର୍ଦ୍ଦ, ବି. (ସମ୍-ମର୍ଦ୍ଦ୍-ଅ) ଯୁଦ୍ଧ; ଭିଡ଼, ଜନତା; ସଂଘର୍ଷ ।

ସମ୍ମାନ, ସମ୍ମାନନ, ସମ୍ମାନନା, ବି.(ସମ୍-ମାନ୍ = ପୂଜା କରିବା-ଅ, ଅନ, ଆ) ପୂଜା; ସମାଦର, ଗୌରବ । (ବିଶେଷଣରେ ସମ୍ମାନିତ ହୁଏ ।)

ସମ୍ମୁଖ, ବିଂ. ସଂ. ସମର୍ଥ; ଅଭିମୁଖ ।

ସମ୍ୟକ୍, ଅଂ. ସଂ. ସର୍ବପ୍ରକାରେ; ସମଗ୍ରରୂପେ; ଉପଯୁକ୍ତରୂପେ ।

ସମ୍ରାଟ, ବି. (ସମ୍ରାଜ୍—ସମ୍-ରାଜ୍ = ଦୀପ୍ତି-ପାଇବା-କ୍ୱିପ୍) ସାର୍ବଭୌମ, ରାଜାଧିରାଜ ।

ସର, ବି. (ସୃ = ଗମନ କରିବା-ଅ) ଦୁଗ୍ଧ ଦଧି ପ୍ରଭୃତି ସାର; ବାଣ; ଲବଣ; ସରୋବର ବା ପୁଷ୍କରିଣୀ; ନିର୍ଝର; ଜଳ; ଗତି; ଭୂଷଣବିଶେଷ; ମାଳା; ମଧୁ ।

ଦୁଗ୍ଧ ପ୍ରଭୃତିର ସାର । ଯଥା—

କଅଁଳାଯାଉ ଥିବ ବନରୁ ଆସି ଘରେ
ନ ରହଇ ସରଲବଣୀ । ର. କ.

ସୁରଙ୍ଗ ବିଶେ ହାଣ୍ଡିଧାର,
ମଧ୍ୟେ ଧବଳ ଫେଜସର । ଡା. ର.

ସରସ୍, ବି. (ସୃ-ଅସ୍) ପୁଷ୍କରିଣୀ; ଜଳ; ଦଧିଅଗ୍ର; ଗତି; ବାଣ; ଲବଣ; ନିର୍ଝର ।

ସରକ, ବି. (ଦେଶଜ) ଦ୍ରବ୍ୟ, ପଦାର୍ଥ । ସଂ. ବିଂ. ଗମନଶୀଳ । ବି. ମଦ୍ୟପାନ; ମଦ୍ୟ ପରିବେଷଣ ।

ସରକାର, ବି. (ଯାବନିକ) ରାଜା; ରାଜପୁରୁଷ । ବିଂ. ରାଜକୀୟ । ଯଥା—

ଯେତେ ପଦାର୍ଥ ବ୍ୟୟ ହେବ,
ଲେଖି ମୋ ସରକାରୁ ନେବ । ଡା. ର.

ସରଗ, ବି. (ସ୍ୱର୍ଗ ଶବ୍ଦର ଅପଭ୍ରଂଶ) ସ୍ୱର୍ଗ; ସ୍ୱର୍ଗ ତୁଲ୍ୟ ବିଷୟ ଓ ପ୍ରଦେଶ । ଯଥା—

ନାରଦ ବୋଲେ ସେ ବନ ବାରୁଣୀ ସରଗ । ସା. ଭ. ସ.

ସରଗରମ, ବିଂ. (ପାରସ୍ୟ) ଉଷ୍ଣ; ମଜା ଗରମ; ଉତ୍ତେଜିତ; ଉତ୍ସାହଶୀଳ । ଯଥା—

ଏପରି ଦୃଶ୍ୟ ଦେଖି କଳ୍ପନା ଦେବୀ ଆହୁରି ଟିକିଏ ସରଗରମ ହୋଇ ଉଠିଲେ । ଭ ସା.

ସରଗୁଣା, ବି. (ଦେଶଜ ପ୍ରାୟ) ବାଦ୍ୟଯନ୍ତ୍ର-ବିଶେଷ । ଯଥା—

ସରଗୁଣା ବଇଁଶୀ ଭରିବ ଯେ ଗାୟଣୀ । ସା. ଭ. ଆ.

ସରଘର, ବି. (ଦେଶଜ) ଯେ ସ୍ଥାନରେ ନାନା-ପ୍ରକାର ଆହାର୍ଯ୍ୟ ପଦାର୍ଥ ସଞ୍ଚିତ ରହେ । ଯଥା—

ସରଘର ନର ହରିଷର । ବ. ଚ. ମ.

ସରଘରିଆ, ବି. (ଦେଶଜ) ସରଘରର ଅଧିକାରୀ ।

ସରଘା, ବି. ସ୍ତ୍ରୀ. (ସରନ୍ତୀତି ସରାଃ ସ୍ୱବିଷୟଂ ପ୍ରାପ୍ତାଃ ତାନ୍ ହନ୍ତୀତି ସରଘାଃ—ସ୍ୱବିଷୟରେ ଆସିବା ଲୋକଙ୍କୁ ଯେ ହିଂସା କରେ, ସର = ଯେ ଗମନ କରେ-ହନ୍ = ହିଂସା କରିବା-ଅ) ମଧୁମକ୍ଷିକା, ମହୁ-ମାଛି । (ସରଘା ମଧୁମକ୍ଷିକା—ଅମର ।)

ସରଜ, ବି. (ସରୋଜ ଶବ୍ଦର ଅପଭ୍ରଂଶ) ପଦ୍ମ । ଯଥା—

ପଦସାର ସରଜାକ୍ଷୀ ପଦଚିହ୍ନ ମାଣ କରେ ପସ୍ପରଣ ।
ବ. ଚ. ମ.

ସଂ. (ସର = ଦୁଗ୍ଧାଦିସାର-ଜନ୍-ଅ) ନବନୀତ ।

ସରଜମୀନ, } ବି. (ଯାବନିକ) ବିଷୟୀଭୂତ
ସରେଜମୀନ, } ଜମି; ଘଟନାସ୍ଥଳ ।

ସରଜା, ସର୍ଜା ବି. (ସୃଜ୍ ଧାତୁଜ) ସୃଜନ ।

ସରଜିବା, କ୍ରି. (ସୃଜ୍ ଧାତୁଜ) ଜନ୍ମାଇବା । ଯଥା—

ରଜନୀଶ ଦର୍ପଣ ନୀରଜରଞ୍ଜନ ମୁଖେ ହାସ ସରଜ ।
ବ ଚ. ମ.

ସରଞ୍ଜାମ, ବି. ( ପାର୍ସି ) ଆୟୋଜନ ।

ସରଞ୍ଜାମ, } ବି. (ଦେଶଜ) ଜିନିଷପତ୍ର ବା
ସରଜାମ, } ଦ୍ରବ୍ୟ ସାମଗ୍ରୀ ।

ସରଞ୍ଜାମୀଖରଚ, ବି. ଜମିଦାରର କର୍ମଚାରି-ମାନଙ୍କୁ ଆଦାୟ ଅସୁଲ ନିମିତ୍ତ ଯେଉଁ ଖରଚ ଦେବାକୁ ହୁଏ ।

ସରଟ, ସରଟୁ, ବି. (ସୃ = ଗମନ କରିବା-ଅଟ, ଅଟୁ) କୃକଲାସ, ଏଣ୍ଡୁଅ; ଝିଟିପିଟି ।

ସରଣି, ସରଣୀ, ବି. ସ୍ତ୍ରୀ. ( ସୃ = ଗମନ କରିବା-ଅନ-ଇ ) ପଥ, ମାର୍ଗ; ଶ୍ରେଣୀ; ପଙ୍କ୍ତି; ଗଳରୋଗବିଶେଷ ।

ସରଣ୍ଡା, ବି. ( ଭୂଷଣାର୍ଥ ଶରଣ୍ଡ ଶବ୍ଦଜ ) ଉତ୍କଳର ପର୍ବତବିଶେଷ ।

ସରତ, ବି. (ଯାବନିକ) ନିୟମ ।

ସରନ୍ଧି, ବି. ( ସୃ = ଗମନ କରିବା-ଅନ୍ଧି ) ବଦ୍ଧମୁଷ୍ଟି ହସ୍ତ; ଚତୁପରିମାଣ, ମୁଠିଏ ।

ସରଦ, ବି. ( ଶରତ୍ ଶବ୍ଦଜ ) ଶରତ୍କାଳ । ଯଥା—

ଚକୋର ଦେଖିଲି କି ସରଦର ଚନ୍ଦ୍ର । ବ ର.

ସରଦାର, ସର୍ଦ୍ଦାର, ବି. (ଯାବନିକ) ସେନାର ପ୍ରଧାନ ଅଧିକାରୀ । ଯଥା—

ସଜ ହୋଇ ସୁର ସରଦାର ଅବା ଆସେ,
ସ୍କନ୍ଧସ୍ଥ ଫଉଜ ଘେନିଅଛୁ ଗୁରୁପାଶେ । କ.ଚ.ଚ.

ସରଦ୍ଧ, ସର୍ଦ୍ଦି, ବି. (ଯାବନିକ) କଫ, ଲସମ; ଶୀତଳତା ।

ସରପଣା, ବି. (ଦେଶଜ ପ୍ରାୟ) ପେୟବିଶେଷ, ପ୍ରପାନକବିଶେଷ । ଯଥା —

ଦରଶନ ଆରମ୍ଭେ, ସରସ ଗିର ଦମ୍ଭେ,
ପରଶିଦେଲି ସରପଣା ରେ । ଙ. ସ.

ସରପାପୁଡ଼ି, ବି. (ସରପର୍ପଟୀ ଶବ୍ଦଜ) ପିଷ୍ଟକ-ବିଶେଷ ।

ସରପୁଳି, ବି. (ଦେଶଜ ପ୍ରାୟ) ପିଷ୍ଟକବିଶେଷ । ଯଥା—

ନାଡ଼ୀ ଯେ ସରପୁଳି ଗଜା,
ଅମାଲୁ ଆଦି ଦ୍ରବ୍ୟ ଖଜା । ଦା. ର.

ସରପୋଷ, } ବି. (ପାରସ୍ୟ ଶବ୍ଦ) ଢ଼ାଙ୍କୁଣୀ,
ସର୍ପୋସ, } ଆଚ୍ଛାଦନ ।

ସରଫରାଜ, ବି. (ପାରସ୍ୟ) ପ୍ରଶଂସା କରିବା; ଦମ୍ଭ ବା ଗର୍ବ କରିବା; ସ୍ପର୍ଦ୍ଧା ।

ସରଫବେଶି, ବି. ( ଯାବନିକ ) ଓଜନ ସମୟରେ ଲୁଣ କଞ୍ଚା ଥିବାରୁ କିଛି ବେଶି ନିଆ ଯାଇଥାଏ, ଫେର ଲୁଣ ନିକାଶି ଦେବା ସମୟରେ ସେଥିରୁ ଯାହା ବଳକା ରହେ ତାହାର ନାମ ସରଫବେଶି ।

ସରବରା, ସର୍ବରା, ବି. (ଯାବନିକ) ଖଜଣା, କର ।

ସରବରାକାର, ବି. ( ଦେଶଜ ) ଯେ ଖଜଣା ଅସୁଲ କରେ ।

ସରମ, ସର୍ମ, ବି. (ଦେଶଜ) ଲଜ୍ଜା । ଯଥା—

କହୁଅଛୁ ସରମ ଛାଡ଼ିକରି ମୁହିଁ,
ନରମ ଦେହେ ଦୁଃଖ ସହିବ ମୁଁ କେହୁ । କୃ ଭ.ବ.ପ.

(ଶ୍ରମ ଶବ୍ଦଜ) ଶ୍ରମ । ଯଥା—

ତୀର୍ଥ ଫଳମାନ ଅଟେ କେବଳ ସରମ । ନୃ.ପୃ.ପ୍ର.ତ.

ସରଳ, ବି. (ସୃ-ଅଳ) ଦେବଦାରୁ ବୃକ୍ଷ; ଶାଳ ଗଛ । ବିଂ. ଅକପଟ; ଉଦାର ବା ସାଧୁ; ଅବକ୍ର । (ଦେଶଜ) ବି. ଅଳଙ୍କାରବିଶେଷ । ଯଥା—

ଚାଉ୍ ଟ୍ଟମା ସରଳ ବାହୁଟି ଜଗଦଳା । ସା. ଭ୍ର. ସ.

ସରସ, ବି. (ସୃ-ଅସ କିମ୍ବା ସ = ସହିତ-ରସ) ସରୋବର । ବିଂ. ରସଯୁକ୍ତ; ମଧୁର; ସୁସ୍ୱାଦ; ନୂତନ । (ଦେଶଜ) ଅଧିକ, ବହୁତ ।

ସରସିଜ, } ବି. ( ସରସି = ସରୋବରରେ
ସରସୀରୁହ, } -ଜନ୍-ଅ, ସରସୀ-ରୁହ୍ = ଜନ୍ମିବା-ଅ) ପଦ୍ମ ।

ସରସୀ, ବି. ସ୍ତ୍ରୀ. (ସରସ୍-ଈପ୍) ସରୋବର ।

ସରସୁଆଳ, ବି. (ଦେଶଜ) ମିଷ୍ଟାନ୍ନବିଶେଷ । ଯଥା—

ସରସୁଆଳକୁ, ଧରି ଗ୍ରାଣ୍ଡିଲେ କି,
କରଇ ହୃଦର ଶାନ୍ତି । ସଂ. ସ.

ସରସ୍ୱତୀ, ବି. ସ୍ତ୍ରୀ. (ସରସ୍ୱତ୍-ଈ) ନଦୀ-ବିଶେଷ; ବାକ୍‌ଦେବୀ, ବାଣୀ; ବଚନ; ନଦୀ; ଉତ୍ତମା ସ୍ତ୍ରୀ ।

ସରସ୍ୱାନ୍, ବି. (ସରସ୍ୱତ୍—ସରସ୍=ହ୍ରଦ-ବତ୍ ଅସ୍ତ୍ୟର୍ଥେ) ସାଗର, ସମୁଦ୍ର; ସରୋବର; ନଦ; ମହିଷ ।

ସରା, ବି. (ସର ଶବ୍ଦଜ) ସୋରା । ଯଥା—

ଶିର ପରେ ସିମନ୍ତିନୀ ଚଉସରା ମୋଡ଼,
କଣ୍ଠେ ମାଣିକ୍ୟ ହାର ଲମ୍ବଇ ପନ୍ତପନ୍ତ । ନୃ.ପୁ.ଭୃ.ତ.

(ଶରାବ ଶବ୍ଦଜ) ମୃତ୍ପାତ୍ରବିଶେଷ ।

ସରାଇ, ବି. (ପାରସ୍ୟ) ପାନ୍ଥଶାଳା, ମାର୍ଗରେ ଯାତ୍ରିମାନଙ୍କର ବିଶ୍ରାମ କରିବାର ସ୍ଥାନ (Caravansary); ମଦ୍ୟଶାଳା ।

ସରାଗ, ବିଂ. ( ସ = ସହିତ-ରାଗ = ଅନୁରାଗ ) ଅନୁରକ୍ତ; ରଞ୍ଜିତ; ରଙ୍ଗବର୍ଣ୍ଣ; ଅଭିଳାଷୀ ।
ବି. (ଦେଶଜପ୍ରାୟ ବ୍ୟବହୃତ) ଶ୍ରଦ୍ଧା, ପ୍ରେମ ।

ସରାପ, ବି. (ଯାବନିକ) ମଦ୍ୟ, ମଦ ।

ସରାପଖାନା, ବି. ( ଯାବନିକ ) ମଦ୍ୟଶାଳା, ଯେଉଁଠି ମଦ୍ୟ ବିକ୍ରୟ ହୁଏ ।

ସରାଳି, ବି. ( ଶରାରି ଶବ୍ଦଜ ) ପକ୍ଷିବିଶେଷ । ଯଥା—

ଝଙ୍କାରିତ ଊର୍ଦ୍ଧ୍ୱେ ଆକାଶେ ଉଡ୍‌ଡୀନ
ସରାଳି କୂଳ ଝଙ୍କାରେ । ଯ. କେ.

ସରାସରି, ବି. (ଦେଶଜ) ନିଃଶେଷ । କ୍ରି. ବିଂ. ସର୍ବଶେଷରେ ।

ସରି, ବିଂ. (ସଦୃଶ ଶବ୍ଦଜ, ପ୍ରାକୃତ) ସମାନ । ଯଥା—

ସୁନ୍ଦରୀ ମୋ ଅପସରୀ ସରି । ପ୍ରେ. ସୁ. ନି.

ଭଳି ଅର୍ଥାତ୍ ସମଦଶାପନ୍ନ । ଯଥା—

ଫୁଙ୍କିଦେଲେ ଉଡ଼ିଯିବା ସରି ପଡ଼ିଅଛନ୍ତି ତନୁବଲ୍ଲରୀ ।
କି. ଚ. ଚ.

(ସର ଶବ୍ଦଜ) ବି. ସୋରା । ଯଥା—

ଜଟା କଲାପରେ କେତେ ସର୍ପସରିସର । ମ. ଦ.

ସାମ୍ୟ, ଉପମା । ଯଥା—

ଆଉ ପାଦକୁ କି ଦେବା ସରି । କୋ. ବ୍ର. ସୁ.

ଧାରା, ଶ୍ରେଣୀ, ଧାଡ଼ି । ଯଥା—

ସରି ସରି ହୋଇ ଝରି ପୁରି ଆସୁ ଆସୁ,
ନିରାକାର ବୋଇଲେ ତୁ କାହାକୁଟି ଗ୍ରାସୁ । ନୃ. ପୁ. ପ୍ର.ତ.

(ଦେଶଜ) ଅଂ. ପର୍ଯ୍ୟନ୍ତ । ଯଥା—

ତା ନେତ୍ର ଗତାଗତ ଅପାଙ୍ଗ ସରି । ଲ୍ଲ. ବ.

ବିସ୍ମୟାର୍ଥ; ପର୍ଯ୍ୟାପ୍ତିବୋଧକ ।

ସରିକ, } ବି. (ଯାବନିକ)ସମ୍ପତ୍ତିର ଅଂଶୀ-
ସରିକଦାର, } ଦାର; ଭାଗଦାର ବା ଅଂଶୀ ।

ସରିକ, ଅଂ. (ଦେଶଜ) ପର୍ଯ୍ୟନ୍ତ । ଯଥା—

କନମାସୁ ଦନ୍ତପନ୍ତି ଦେଖି ଅନ୍ତ ସରିକ ହୃଦୟ ଫାଟିଲା ।
କି. ଚ. ଚ.

ମଧ୍ୟ, ସୁଦ୍ଧା । ଯଥା—

ଘଟିସରିକ କରେ, ନାହିଁ କି ବିବେକରେ,
ମହାର୍ଣ୍ଣବରେ ଅବଗାହିଲୁ ରେ । କି. ଚ. ଚ.

ସରିତ୍, ବି. ସ୍ତ୍ରୀ. (ସୃ = ଗମନ କରିବା-ଇତ୍) ନଦୀ; ସୂତ୍ର ।

ସରିବା, କ୍ରି. (ଦେଶଜ) ଶେଷହେବା । ଯଥା—

ପଡ଼ଇ ଯେତେବେଳେ ସେ ମାନସରେ,
ଜ୍ଞାନେନ୍ଦ୍ରିୟମାନଙ୍କ ଗୁମାନ ସରେ । ବି. ଚି. ମ.

ବିକାଯିବା; ଆଦୃତ ହେବା ।

ସରିଯାଏ, ଅଂ. ( ଦେଶଜ—ଦୁଇ ଶବ୍ଦର ଏକମାତ୍ର ଅର୍ଥ ) ପର୍ଯ୍ୟନ୍ତ । ଯଥା—

କର୍ଣ୍ଣସରିଯାଏ ଲଗିଛୁ ଲଞ୍ଜୀ,
କାମୀ ଦେଖିଲେ ହୋଇବେ କାମେ ଗଞ୍ଜି । ର କ.

ସରିସମ, ବିଂ. (ପ୍ରାକୃତ ସରିସ ଶବ୍ଦଜ) ତୁଲ୍ୟ, ସଦୃଶ ।

ସରିସା, ବିଂ. (ସଦୃଶ—ପ୍ରାକୃତ ସରିସ ଶବ୍ଦଜ) ତୁଲ୍ୟ, ସଦୃଶ । ଯଥା—

ଅଦ୍ଭୁତ ତାହା ଦେଖି ବହିଲେ ବଡ଼ ହିଂସା,
ପାଞ୍ଚିଲେ ମୋତେ ଆସି ଏ ହୋଇଲା ସରିସା ।
ନୃ. ପୁ. ପ. ତ.

ସରିହଦ, ବି. (ଦେଶଜ) ଗୃହାଦିର ସୀମା ।

ସରିହାତ, ବିଂ. (ଦେଶଜ) ସମାନ । (ସମକକ୍ଷ ଶବ୍ଦ ଦେଖ ।)

ସରୀସୃପ, ବି. [କୁଟିଳଂ ସର୍ପଣାତ୍ ସରୀସୃପଃ— ସୃପ୍ = ଗମନ କରିବା (ଯଙ୍‌ଲୁଗନ୍ତ)-ଯ— ଦ୍ୱିତ୍ୱ-ଅ,ଈ ଆଗମ] ସର୍ପ; ବୃଶ୍ଚିକ ପ୍ରଭୃତି ।

ସରୁ, ତ୍ସରୁ, ବି. (ତ୍ସୃ = ଗମନ କରିବା-ଉ) ଖଡ୍‌ଗ ପ୍ରଭୃତିର ମୁଠି । (ତ୍ସରୁଃ ଖଡ୍‌ଗାଦି ମୁଷ୍ଟିଃ ସ୍ୟାତ୍— ଅମର ।)

ସରୁ, ବିଂ. (ସୃ = ଗମନ କରିବା-ଉ, କିନ୍ତୁ ଦେଶଜପ୍ରାୟ ବ୍ୟବହୃତ ) କ୍ଷୀଣ, କୃଶ । ଯଥା—

କଟି ସରୁ କେଶରୀ ମଧ୍ୟଠାରୁ । ର. କ.

ସୂକ୍ଷ୍ମ । ଯଥା—

ଗୁରୁ ସରୁ ସୁରେଖମାଳୀ । ବି. ଚ. ମ.

କୋମଳ । ଯଥା—

ସରୁ ଚୁମ୍ବନମାନ ବିହିବି କି । ର. ପ.

ପାତଳା । ଯଥା— ସରୁ ଲୁଗା ।

ସରୁମାଧୁଆ, ବି. (ଦେଶଜ) ଉତ୍ତମଚୁଡ଼ା ଧାନର ସଦୃଶ ଅଗ୍ରଭାଗରେ ଅଳ୍ପ କଳା ହୋଇଥିବା ଶୁକ୍ଳ ଧାନ୍ୟବିଶେଷ ।

ସରୂପ, ବି. ( ସ = ସମାନ-ରୂପ ) ସଦୃଶ, ତୁଲ୍ୟ ।

ସରେଇଘର, ବି. ( ଦେଶଜ ) ଏକପ୍ରକାର ଚଣ୍ଡୀଘର ।

ସରୋଜ, ସରୋଜନ୍ମା, ସରୋରୁହ, } ବି. ( ସରସ-ଜନ୍-ଅ, ମନ, ରୁହ୍-ଅ) ପଦ୍ମ । ଯେପରି— ସଜସରୋଜ । ବିଂ. ସରୋଜାତ ।

ସରୋଜିନୀ, ବି. ସ୍ତ୍ରୀ. (ସରୋଜ-ଇନ୍ ଅସ୍ତ୍ୟର୍ଥେ-ଈ-ସ୍ତ୍ରୀ) ପଦ୍ମିନୀ; ପଦ୍ମଲତା; ପୁଷ୍କରିଣୀ ।

ସରୋବର, ବି. (ସରସ୍-ବର) ପୁଷ୍କରିଣୀ ।

ସର୍ଗ, ବି. ( ସୃଜ୍ୟତେ ଇତି ସର୍ଗଃ—ସୃଜ୍ ବିସର୍ଗେ, ସୃଜ୍-ଅ) ସୃଷ୍ଟି; ନିଶ୍ଚୟ; ତ୍ୟାଗ; ଯତ୍ନ; ଉତ୍ସାହ; ଅଧ୍ୟାୟ ବା ଗ୍ରନ୍ଥର ପରିଚ୍ଛେଦ; ସ୍ୱଭାବ; ନିୟମ; ମୋହ; ମଳତ୍ୟାଗ ।

ସର୍ଜ, ସର୍ଜକ, ବି. (ସୃଜ୍-ଅ, କ) ଶାଳଗଛର ରସ, ଝୁଣା ।

ସର୍ଜନ୍, ବି. (ଇଂରାଜି ଶବ୍ଦ) ପ୍ରଧାନ ଚିକିତ୍ସକ ।

ସର୍ଜିବା, ସରଜିବା, } କ୍ରି. ( ସୃଜ୍ ଧାତୁଜ ) ସର୍ଜନା କରିବା ।

ସର୍ଜୁ, ସରଜୁ, ବି. ସ୍ତ୍ରୀ. (ସରଯୂ ଶବ୍ଦଜ) ନଦୀବିଶେଷ । ଯଥା—

ଗଙ୍ଗା ଗୟା ଗୋଦାବରୀ ସର୍ଜୁ ସରସ୍ୱତୀ । ନୃ. ପୁ. ଦ୍ୱି ତ

ସର୍ଦ୍ଦି, ସର୍ଦ୍ଦି, ବି. (ଦେଶଜ) ଶ୍ଳେଷ୍ମ, କଫ, ଲସମ ।

ସର୍ପ, ବି. [ସୃପ୍ = (କୁଟିଳ) ଗମନ କରିବା-ଅ] ସାପ; ଗମନ ।

ସର୍ପଭୁକ୍, ବି. ( ସର୍ପ-ଭୁଜ୍-କ୍ୱିପ୍ ) ଗରୁଡ଼; ମୟୂର ।

ସର୍ପରାଜ, ବି. ସଂ. ବାସୁକି; ଅନନ୍ତଦେବ ।

ସର୍ବ, ବିଂ. ( ସର୍ବ୍ = ଗମନ କରିବା-ଅ ) ସମୁଦାୟ, ସକଳ । ବି. ଶିବ; ବିଷ୍ଣୁ ।

ସର୍ବଂସହା, ବି. ସ୍ତ୍ରୀ. (ସର୍ବଂ-ସହ୍ = ସହିବା-ଅ-ଆ) ପୃଥିବୀ । (ସର୍ବଂସହା ବସୁମତୀ— ଅମର ।)

ସର୍ବଜନୀନ, ସାର୍ବଜନୀନ, } ବିଂ. (ସର୍ବ-ଜନ-ଈନ ହିତାର୍ଥେ ) ସର୍ବଲୋକ-ହିତକର; ବିଖ୍ୟାତ ।

ସର୍ବତୋମୁଖ, ବିଂ. (ସର୍ବତଃ = ସବୁଦିଗରେ-ମୁଖ) ସର୍ବଦିଗ୍‌ବର୍ତ୍ତୀ; ସକଳ ବିଷୟରେ ସ୍ଥିତ । ବି. ଜଳ; ଆକାଶ; ଶିବ; ବ୍ରହ୍ମା; ଅଗ୍ନି; ବ୍ରାହ୍ମଣ; ସ୍ୱର୍ଗ; ଆତ୍ମା ।

ସର୍ବତ୍ର, ଅଂ. (ସର୍ବ-ତ୍ର) ସବୁଦିଗରେ; ସବୁ ସ୍ଥଳରେ; ସମସ୍ତ ବିଷୟ ଓ କାଳରେ ।

ସର୍ବଥା, ଅଂ. (ସର୍ବ-ଥା ପ୍ରକାରାର୍ଥେ) ସକଳ ପ୍ରକାରେ; ଅତିଶୟ; ହେତୁ; ନିଶ୍ଚୟ ।

ସର୍ବଦା, ଅଂ. ସଂ. ସବୁ ସମୟରେ ।

ସର୍ବନାମ, ବି. (ସର୍ବ-ନାମ) ସମସ୍ତଙ୍କର ସଂଜ୍ଞା; ବିଶେଷ୍ୟାଦି ପରିବର୍ତ୍ତିରେ ଯାହା ବ୍ୟବହୃତ ହୁଏ, ଯଦ୍ ତଦ୍ ପ୍ରଭୃତି ।

ସର୍ବନାଶ, ବି. ସଂ. ସମସ୍ତଙ୍କର କ୍ଷୟ, ସମୂଳ-ବିନାଶ ।

ସର୍ବଭକ୍ଷ, ବି. (ସର୍ବ-ଭକ୍ଷ୍-ଅ) ଅଗ୍ନି । (ସର୍ବ-ଭକ୍ଷୋ ହୁତାଶନଃ । )

ସର୍ବମଙ୍ଗଳା, ବି. ସ୍ତ୍ରୀ. ସଂ. ଦୁର୍ଗା; ସର୍ବମଙ୍ଗଳକାରିଣୀ ।

ସର୍ବଳା, ବି. ସ୍ତ୍ରୀ. (ସର୍ବ-ଲା = ଗ୍ରହଣ କରିବା-ଅ-ସମସ୍ତ ଶତ୍ରୁମାନଙ୍କର ପ୍ରାଣ ଯେ ଗ୍ରହଣ କରେ) ତୋମର୍ଗ୍ରନ୍ଥ । (ସର୍ବଳାତୋମରେଽସ୍ତ୍ରିୟାଂ—ଅମର ।)

ସର୍ବଲିଙ୍ଗୀ, ବି. (ସର୍ବଲିଙ୍ଗିନ୍—ସର୍ବେଷାମାଶ୍ରମାଣାଂ ଲିଙ୍ଗାନି ଭଜନ୍ତି ଇତି ସର୍ବଲିଙ୍ଗିନଃ, ସର୍ବଲିଙ୍ଗ = ଚନ୍ଦ୍ରାଦି-ଇନ୍) ପାଷଣ୍ଡ । (ପାଷଣ୍ଡାଃ ସର୍ବଲିଙ୍ଗିନଃ—ଅମର ।)

ସର୍ବସୁଦ୍ଧା, କ୍ରି. ବି. (ଦେଶଜ ପ୍ରାୟ) ସମୁଦାୟରେ, ମୋଟରେ ।

ସର୍ବସ୍ୱ, ବି. (ସର୍ବ-ସ୍ୱ = ଧନ) ସକଳସମ୍ପତ୍ତି; ସାର ।

ସର୍ବୌଷଧି, ବି. ସ୍ତ୍ରୀ. (ସର୍ବ-ଔଷଧି) କୁଡ଼, ଜଟାମାଂସୀ, ହରିଦ୍ରା, ଶୈଳେୟ, ଚନ୍ଦନ, ଚମ୍ପକ, ମୁରା, କର୍ପୂର, ମୁସ୍ତକ—ଏଗୁଡ଼ିକ ସର୍ବୌଷଧି ନାମରେ ଅଭିହିତ ।

ସର୍ଷପ, } ବି. ସଂ. ସୋରିଷ; ଏକସର୍ଷପ
ସରିଷପ, } ପରିମାଣ; ବିଷବିଶେଷ ।

ସଳଖ, ବିଂ. (ଦେଶଜ) ସିଧା, ଅବକ୍ର । ଯଥା—

ଜଳାସଳଖେ ପାଉଛନ୍ତି ତୃଷ୍ଣା । ଗୋ. ଭା.

ସରଳ, ଅକୁଟିଳ ।

ସଳଖାସଳଖି, ବିଂ. (ଦେଶଜ) ଅବକ୍ର ।

ସଳଖିବା, କ୍ରି. (ଦେଶଜ) ସିଧା କରିବା । ଯଥା—

ବିଶିଖ ସଳଖେ ଲକ୍ଷ୍ମଣ,
ଚରମେ ବନ୍ଧରେ ଦଣ୍ଡ ଇନ୍ଧନ । ବୈ. ବି.

ଦୁଷ୍ଟ ବା କ୍ରୂରକୁ ସଂଯମିତ କରିବା ।

ସଳଖିହେବା, କ୍ରି. (ଦେଶଜ) ଅବକ୍ର ବା ଋଜୁ ହେବା; ଦୁଷ୍ଟପ୍ରକୃତି ତ୍ୟାଗ କରି ସୁସ୍ୱଭାବ ହେବା ।

ସଳଗ, ବିଂ. (ସଲଗ୍ନ ଶବ୍ଦଜ) ଲଗାଲଗି । କ୍ରି. ବି. ଲଗାଲଗି ହୋଇ । ଯଥା—

ରହିବାକୁ ନଷ୍ଟେ ମନ ଲୋଚନ,
ସଳଗେ ପ୍ରାସାଦ ବେନି ବଚନ । କୋ. ବ୍ର. ସୁ.

ସଳଗା, ବି. (ତୈଲଙ୍ଗ ଶବ୍ଦ—ଗଞ୍ଜାମରେ ବ୍ୟାବହାରିକ ଭାଷାରେ ବ୍ୟବହୃତ) କୋଡ଼ିଏ ମାଣ ହେଲେ ସଳଗା ହୁଏ; କୋଡ଼ିଏ ପୁଞ୍ଜା ହେଲେ ସଳଗା ହୁଏ ।

ସଳଗେଇବା, କ୍ରି. (ଗଡ଼ଜାତରେ) ସଜାଡ଼ି ଦେବା ।

ସଳଘ, ବିଂ. (ଶ୍ଳାଘ୍ୟ ଶବ୍ଦଜ) ଉତ୍ତମ । ଯଥା—

ବରଚ ପଦ ଓଘ, ବସ୍ୟାଳଶ ସଳଘ,
ଉପଇନ୍ଦ୍ର ଚନ୍ଦ୍ର ଅନଘ । ବୈ. ବି.

ସଳନ୍ତ, } ବିଂ. ( ଦେଶଜ ) ଅଳ୍ପ ଓଦା,
ସଳନ୍ତିଆ } କଞ୍ଚିଆ ଆର୍ଦ୍ର ।

ସଳନ୍ତ, ବି. ( ଦେଶଜ ) ଆର୍ଦ୍ରତା; ଯେ କୌଣସି ବସ୍ତୁର କଞ୍ଚିଆ ସତ୍ତ୍ୱ ।

ସଳଭ, ବି. ସଂ. ପତଙ୍ଗ, ଝିଣ୍ଟିକା ପ୍ରଭୃତି ।

ସଳରପକ୍ଷୀ, ବି. (ଦେଶଜ) କାଦୁଅଖୁମ୍ପୀ ପକ୍ଷୀ ।

ସଳସଳ, ବି. (ଦେଶଜ) କଣ୍ଡୁ, ଗଲଗଲ ।

ସଲା, ସହ୍ଲା, } ବି. ( ଦେଶଜ ) ଉପାୟ
ସଲ୍ହା, } ଉଦ୍ଭାବନ; ନିର୍ଦ୍ଧାରଣ; ମନ୍ତ୍ରଣା । ଯଥା—

ରାଘବଦାସଙ୍କ ମଠେ ଲଗିଛି ମାମଲା,
ମଠ କାମେ ମହାଫିସି ଦେଉଛନ୍ତି ସଲା । ଉ. ଭୂ.

ସଲାମ, ବି. (ଯାବନିକ) ଯବନପ୍ରଣାମ । ଯଥା—

ବାଦ୍‌ଶାର ଆଗେ ନେଇଁ ଦେଲା,
ଅନେକ ସଲାମ ସେ କଲା । ଦା. ର.

ସଲାମି, } ବି. (ଯାବନିକ) ଭେଟି, ସଲାମ କଲା
ସଲାମୀ, } ସମୟରେ ଦେବା ନଜର ।

ସଳି, ବି. (ଦେଶଜ ପ୍ରାୟ) ଶତ୍ରୁ । ଯଥା—

କାମିନୀ ବିଚ୍ଛେଦରେ ଦିବସ ରଜନୀ ହୁଅଇ ସଳି ।
ର. କ.

ଅରିଷ୍ଟି । ଯଥା—

ବିବାଦ ଆରମ୍ଭ ରମ୍ଭ ଆମ୍ଭର ଏ ଶାତକୁମ୍ଭ
କୁମ୍ଭସ୍ତନୀ ଯେନଯାଉ ସଳି । ବୈ. ବି.

ସଳିତା, ବି. (ଦେଶଜ) ସାନବତି, ଦୀପାଦିର କ୍ଷୁଦ୍ର ବର୍ତ୍ତିକା ।

ସଲଲ, } ବି. (ସରଣାର୍ତ୍ତ ସଲଳଂ, ସୃଗତୌ
ସରଳ, } ଋଳଯୋରଭେଦଃ ସଲଣାର୍ତ୍ତ ସଲଳଂ-ସଲ୍ ଗତୌ,ସଲ୍=ଗମନ କରିବା-ଇଳ) ଜଳ ।

ସଲଳଧି, ସଲଳନଧି, ବି. ସଂ. ସମୁଦ୍ର ।

ସଲୀଳ, ବିଂ. (ସ=ସହିତ-ଲୀଳା) ଲୀଳାଯୁକ୍ତ; କୌତୁକୀ, କ୍ରୀଡ଼ାକାରୀ ।

ସଲ୍ଲକୀ, ବି. ସଂ. ବୃକ୍ଷବିଶେଷ । (ଶଲ୍ଲକୀ ଶବ୍ଦ ଦେଖ ।)

ସବ, ବିଂ. [ସୂୟତେ ସୋମୋଽସ୍ମିନ୍ନିତି ସବଃ-ଷୁଞ୍ ଅଭିଷବେ, ସୁ=(ମଙ୍ଗଳ) ସ୍ନାନ-କରିବା ଇତ୍ୟାଦି-ଅ] ଯଜ୍ଞ; ଯଜ୍ଞପ୍ରସୂତ ଆସବ; ସନ୍ତାନ; ପ୍ରସବ; ସୂର୍ଯ୍ୟ; ଚନ୍ଦ୍ର; ଜଳ; ପୁଷ୍ପରସ; ସୋମରସ ନିଷ୍ପୀଡ଼ନ ଓ ପାନ ।

ସବର୍ଣ୍ଣ, ବିଂ. (ସ=ସମାନ-ବର୍ଣ୍ଣ) ସଦୃଶ, ତୁଲ୍ୟ; ସମାନବର୍ଣ୍ଣଯୁକ୍ତ; ବ୍ୟାକରଣରେ ତୁଲ୍ୟ ସ୍ଥାନ ବା ଏକ ସ୍ଥାନ ଉଚ୍ଚାରିତ ବର୍ଣ୍ଣ ।

ସବିତା, ବି. (ସବିତୃ—ସୂ=ପ୍ରସବ କରିବା ଇତ୍ୟାଦି-ତୃ) ସୂର୍ଯ୍ୟ; ଈଶ୍ୱର । ବିଂ. ଜନୟିତା । (ସ୍ତ୍ରୀ-ସବିତ୍ରୀ) ଜନୟିତ୍ରୀ, ମାତା; ଗାଭୀ ।

ସବିଧ, ବିଂ. ( ସ=ସମାନ-ବିଧ ) ତୁଲ୍ୟ; ସମୀପ ।

ସଶଙ୍କ, ବିଂ. (ସ-ଶଙ୍କା) ଭୀତ, ଶଙ୍କାଯୁକ୍ତ ।

ସଶଲ୍ୟ, ବିଂ. (ସ-ଶଲ୍ୟ) କଣ୍ଟକବିଦ୍ଧ; ପୀଡ଼ାଦାୟକ; ଦୁଷ୍କର ।

ସସତ୍ତ୍ୱା, ବି.ସ୍ତ୍ରୀ. (ସ-ସତ୍ତ୍ୱ=ଜନ୍ତୁ) ଗର୍ଭବତୀ ସ୍ତ୍ରୀ ।

ସସୁର, ବି. (ଶ୍ୱଶୁର ଶବ୍ଦଜ, ପ୍ରାକୃତ) ଭର୍ତ୍ତା ଓ ଭାର୍ଯ୍ୟାଙ୍କ ପିତା ।

ସସ୍କାଳ, କ୍ରି. ବିଂ. (ସଦ୍ୟ-କାଳ ଶବ୍ଦଜ) ଶୀଘ୍ର ।

ସସ୍ତ୍ରୀକ, ବିଂ. (ସ=ସହିତ-ସ୍ତ୍ରୀ-ସମାସାନ୍ତେ କ) ସ୍ତ୍ରୀ ବା ଭାର୍ଯ୍ୟା ସହିତ ।

ସସ୍ୟ, ବି. (ସସ୍-ଯ) ବୃକ୍ଷାଦିର ଫଳ; ଶସ୍ୟ, ଧାନ୍ୟାଦି; ଶସ୍ତ୍ର; ଉତ୍କୃଷ୍ଟତା ।

ସସ୍ର, ବିଂ. (ସହସ୍ର ଶବ୍ଦର ଅପଭ୍ରଂଶ) ସହସ୍ର ସଂଖ୍ୟା । ଯଥା—

ସଗର ନାମେ ରାଜନ, ଷାଠିଏ ସସ୍ର ନନ୍ଦନ । ବ. ରା.

ସହ, ବି. (ସହ୍-ଅ) ମାର୍ଗଶିର ମାସ; ବଳ । ବିଂ. ସହିଷ୍ଣୁ; ସହାୟ; ସମର୍ଥ । ଅଂ. ସହିତ; ସାହିତ୍ୟ; ସାକଲ୍ୟ; ସାଦୃଶ୍ୟ; ବିଦ୍ୟମାନତା; ସମୃଦ୍ଧି; ସମ୍ବନ୍ଧ ।

ସହକାର, ବି. (ସହକାରସ୍ତ୍ୱତି ମେଳସ୍ତ୍ୱତି ସ୍ତ୍ରୀ ପୁଂସାବତି ସହକାରଃ—ସହ-କୃ-ଅ) ଅତି ସୌରଭ ଆମ୍ର ଓ ତତ୍ତ୍ୱବୃକ୍ଷ; ଆମ୍ରପଲ୍ଲବ; ସାହାଯ୍ୟ ।

ସହକାରୀ, } ବିଂ (ସହ-କୃ-ଇନ୍) ସହାୟ,
ସହକାରିନ୍, } ସାହାଯ୍ୟକାରୀ । ବି. କାରଣବିଶେଷ ।

ସହଚର, ବିଂ. (ସହ=ସଙ୍ଗେ-ଚର୍=ଗମନ କରିବା-ଅ) ଅନୁଚର; ସଙ୍ଗୀ, ସଖା, ବୟସ୍ୟ; ଜାମିନ ବା ପ୍ରତିଭୂ । (ସ୍ତ୍ରୀ-ଈ) ପତ୍ନୀ; ସଖୀ ।

ସହଜ, ବି. (ସହ-ଜନ୍=ଜନ୍ମିବା-ଅ) ସହୋଦର; ସ୍ୱଭାବ । ବିଂ. ସ୍ୱାଭାବିକ; ସୁଲଭ; ସହଜାତ; ପ୍ରାକୃତିକ ବା ନୈସର୍ଗିକ ।

ସହଣ, ସହଣି, ବି. (ସହନ ଶବ୍ଦଜ) ସହନ ।

ସହଣି, ସଅଣି, } ବିଂ. ( ସହନ ଶବ୍ଦଜ )
ସହଣୀ, ସହଣିକ, } ସହିଷ୍ଣୁ ( ବ୍ୟକ୍ତି ) । ଯଥା—

ମନ୍ତ୍ରପ୍ରାପ୍ତେକ ହୋଇବ ସହଣୀ । ବ. ରା.

ବି. ସହିଷ୍ଣୁ ଗୁଣ । ଯଥା—

ପିତା ମାତା ଆଜ୍ଞାବର୍ତ୍ତୀ, ସହଣି କରେ ଧରଣୀ,
ତେଜୋବନ୍ତରେ ମିହିର । ସୁ. ପ.

(ଦେଶଜ) ଦେବତାଙ୍କୁ ପ୍ରଦାନକରଣାର୍ଥ ସଂକଳ୍ପିତ ଉପନାଦି ।

ସହଧର୍ମିଣୀ, } ବି. ସ୍ତ୍ରୀ. ( ସହ-ଧର୍ମିଣୀ,
ସହଧର୍ମଚାରିଣୀ, } ଧର୍ମଚାରିଣୀ) ଭାର୍ଯ୍ୟା; ସ୍ୱାମିସହିତ ଧର୍ମାନୁଷ୍ଠାନକାରିଣୀ ।

ସହନ, ବି. (ସହ୍ = ସହିବା-ଅନ) ସହିବା । ବିଂ. ସହିଷ୍ଣୁ । (ସହିଷ୍ଣୁଃ ସହନଃ କ୍ଷନ୍ତା— ଅମର) । (ବିଶେଷଣରେ ସହନୀୟ, ସହ୍ୟ ମଧ୍ୟ ହୁଏ ।)

ସହନ୍ତା, ବିଂ. (ସହ୍ ଧାତୁଜ) ସହିଷ୍ଣୁ । ଯଥା—
ସମସ୍ତ ଅସହଣି ତୁ ସକଳ ସହନ୍ତା । ନୃ.ପୃ.ତୃ.ଚ.

ସହମରଣ, ବି. ସଂ. ମୃତ ପତି ସହିତ ମରଣ, ମୃତ ପତିଙ୍କ ଚିତାରୋହଣପୂର୍ବକ ପ୍ରାଣ-ତ୍ୟାଗ ।

ସହମୃତା, ବି. ସ୍ତ୍ରୀ. ସହଗମନକାରିଣୀ ସ୍ତ୍ରୀ, ଯେଉଁ ସ୍ତ୍ରୀ ମୃତ ପତିଙ୍କ ଚିତାରେ ପ୍ରାଣ ତ୍ୟାଗ କରେ ।

ସହର, ବି. (ଯାବନିକ) ନଗର, ପାଟଣା । ଯେପରି— କଟକ ସହର, କଲିକତା ସହର ।

ସହଳ, ସଅଳ, କ୍ରି. ବିଂ. (ଦେଶଜ) ଶୀଘ୍ର ।

ସହବାସ, ବି. (ସହ = ସହିତେ-ବସ୍ = ନିବାସ କରିବା-ଅ) ଏକନିବାସସ୍ଥାନ, ମିଳି ମିଶି ନିବାସ କରିବା; ସର୍ବଦା ସଙ୍ଗରେ ରହିବା ।

ସହସା, ଅଂ. ସଂ. ଶୀଘ୍ର, ହଠାତ୍, ଅକସ୍ମାତ୍; ଅତର୍କିତଭାବରେ । (ଅତର୍କିତେତୁ ସହସା —ଅମର ।)

ସହସ୍ର, ବିଂ. ସଂ. ଦଶ ଶତ ସଂଖ୍ୟା, ହଜାର ।

ସହସ୍ର, ସହସ୍ତ, ବି. (ଶସ୍ତ୍ର ଶବ୍ଦଜ— ଅଧିକ ବର୍ଣ୍ଣ ଯୋଗ) ଶସ୍ତ୍ର । ଯଥା—
ଏହିରୂପେ ସେ ନୃପ ପରିକର ଭିଡ଼ା,
ହାତରେ ସହସ୍ର ଦେଇ ହୋଇଛନ୍ତି ଛିଡ଼ା । କୃ.ବା.ଆ.ପ.

ସହସ୍ରରଶ୍ମି, ସହସ୍ରାଂଶୁ, ସହସ୍ରକର, } ବି. (ସହସ୍ର-ରଶ୍ମି, ଅଂଶୁ, କର) ସୂର୍ଯ୍ୟ; ସହସ୍ର ପରିମିତ କିରଣ ।

ସହସ୍ରାକ୍ଷ, ବି. (ସହସ୍ର-ଅକ୍ଷି ଯାହାର) ଇନ୍ଦ୍ର । ଗୌତମଙ୍କ ଶାପରୁ ଏ ପ୍ରଥମତଃ ସହସ୍ର-ଯୋନି ହୋଇ ପରେ ସହସ୍ରଲୋଚନ ହୋଇ ପାରିଥିଲେ; ବିଷ୍ଣୁ ।

ସହାଧ୍ୟାୟୀ, ବି. (ସହ = ସହିତ-ଅଧ୍ୟାୟୀ = ଯେ ପଢ଼େ) ଏକ ଗୁରୁଙ୍କ ଶିଷ୍ୟ; ସତୀର୍ଥ ।

ସହାନୁଭୂତି, ବି. ସ୍ତ୍ରୀ. (ସହ = ସମାନ-ଅନୁଭୂତି = ଅନୁଭବ) ଅନ୍ୟର ସୁଖ ଦୁଃଖାଦିରେ ସୁଖ ଓ ଦୁଃଖ ଅନୁଭବ କରିବା; ସମ୍ପୂର୍ଣ୍ଣ ସାହାଯ୍ୟ ।

ସହାୟ, ବିଂ. (ସହ-ଇ = ଗମନ କରିବା-ଅ) ସହଚର; ଅନୁଚର; ଯେ ଅନୁକୂଳ ଆଚରଣ କରେ; ସାହାଯ୍ୟକାରୀ; ସହକାରୀ । (ବିଶେଷ୍ୟରେ ସାହାଯ୍ୟ ଓ ସହାୟତା ହୁଏ ।)

ସହାୟତା, ବି. (ସହାୟ-ତା ସମୂହାର୍ଥେ) ସହାୟସମୂହ, ସଖାସମୂହ, ସହକାରିସମୂହ । (ଅନେକେ ସାହାଯ୍ୟାର୍ଥରେ ସହାୟତାର ପ୍ରୟୋଗ କରନ୍ତି, ତାହା ତାଦୃଶ ସାଧୁ ନୁହେ; ସହାୟତା, ଗ୍ରାମତା, ଜନତା ଇତ୍ୟାଦି ପଦରେ ସମୂହାର୍ଥରେ କେବଳ ତା ପ୍ରତ୍ୟୟର ଯୋଗ ହୁଏ ।)

ସହି, ସଇ, ବି. (ଦେଶଜ) ଅଙ୍ଗୀକାର ।

ସହିତ, ବିଂ. (ସହ-ଇ = ଗମନ କରିବା-ତ) ସମଭିବ୍ୟାହୃତ; ସଂଯୁକ୍ତ । (ସ-ହିତ) ଇଷ୍ଟ-ସାଧକ ।

ସହିତା, ସହିଷ୍ଣୁ, } ବିଂ. (ସହିତୃ— ସହ୍-ତୃ, ଇଷ୍ଣୁ) ସହନଶୀଳ, କ୍ଷମାବାନ୍ ।

ସହିବା, କ୍ରି. (ସହ୍ ଧାତୁଜ) ସହ୍ୟକରିବା; ଦେବାତଙ୍କୁ ଉପନାଦି ଦେବାପାଇଁ ସଙ୍କଳ୍ପ କରିବା ।

ସହି, ବି. ସ୍ତ୍ରୀ. (ସଖୀ ଶବ୍ଦଜ, ପ୍ରାକୃତ) ସଖୀ । ଯଥା—
ଭିଡ଼ି ଅନ୍ତରେ ଥିବେ ପଗ ସହି । ଲ. ନ.

ସହୃଦୟ, ବିଂ. (ସ-ହୃଦୟ = ପ୍ରଶସ୍ତବାଚକ) ପ୍ରଶସ୍ତଚିତ୍ତ; ବିଦ୍ୱାନ୍; ରସଜ୍ଞ; ସାମାଜିକ ।

ସହୋଦର, ବି. (ସହ-ଉଦର) ଏକ ମାତାର ଗର୍ଭଜାତ ଭ୍ରାତା । ବିଂ. ତୁଲ୍ୟ, ସଦୃଶ । (ସ୍ତ୍ରୀ— ସହୋଦରା ।)

ସାଂକ୍ରମିକ, ବିଂ. (ସଂକ୍ରମ-ଇକ) ସଂକ୍ରମଣ-ଶୀଳ, ସ୍ପର୍ଶମାତ୍ରେ ଯାହା ଏକ ସ୍ଥାନରୁ ଅନ୍ୟସ୍ଥାନରେ ଉତ୍ପନ୍ନ ହୁଏ । ଯେପରି— ସାଂକ୍ରମିକ ରୋଗ, ମସୂରିକାଦି ।

ସାଂକ୍ଷେପିକ, ବଂ. ( ସଂକ୍ଷେପ-ଇକ ) ସଂକ୍ଷେପ-କାରକ; ସଂକ୍ଷିପ୍ତ ।

ସାଂଯାତ୍ରିକ, ବ. ( ସମ୍-ଯାତ୍ରା-ଇକ) ପୋତ ବଣିକ୍, ଯେଉଁମାନେ ଜଳପଥରେ ବାଣିଜ୍ୟ କରନ୍ତି । ( ସାଂଯାତ୍ରିକଃ ପୋତ-ବଣିକ୍—ଅମର । )

ସାଂଯୁଗୀନ, ବଂ.(ସଂଯୁଗ=ଯୁଦ୍ଧ-ଈନ, ସଂଯୁଗେ ସାଧୁଃ ସାଂଯୁଗୀନଃ) ଯୁଦ୍ଧକୁଶଳ ।

ସାଂଶୟିକ, ବଂ. (ସଂଶୟ-ଇକ) ସଂଶୟାପନ୍ନ, ସନ୍ଦେହାନ; ଅସ୍ଥିରବୁଦ୍ଧି ।

ସାଂସାରିକ, ବଂ. ( ସଂସାର-ଇକ ) ସଂସାର-ସମ୍ବନ୍ଧୀୟ ।

ସାଂସ୍ଥାନିକ, ବଂ. ( ସମ୍-ସ୍ଥାନ-ଇକ ) ଏକ-ଦେଶୀୟ; ଏକଦେଶସ୍ଥ ।

ସାଁଙ୍କ, ସାଁଙ୍ଗ, ବ. (ସଂଜ୍ଞାଶବ୍ଦଜ) ନାମ । ଯଥା—

ଆଜ ଏକା ବୁଡ଼ାଇବ ବପ୍ରଙ୍କର ସାଁଙ୍କ । ନୃ.ପୃ.ପ.ଚ

ସାଅନ୍ତ, ସାଆନ୍ତ, ସାନ୍ତ, } ବ. ( ସାମନ୍ତ ଶବ୍ଦଜ ) ପ୍ରଭୁ, ସ୍ୱାମୀ । ଯଥା—

ଏଠାରେ ସାଆନ୍ତ ସେବକ,
ତତ୍ତ୍ୱ ଦେଖିଲେ ସବେ ଏକ । ଦା. ର.

ବୈଦିକ ବ୍ରାହ୍ମଣବିଶେଷ, ଯେ କି ବ୍ରାହ୍ମଣ-ମାନଙ୍କ ମଧ୍ୟରେ ଉତ୍ତମ ଶ୍ରେଣୀଭୁକ୍ତ; ବ୍ରାହ୍ମଣମାନଙ୍କ ଉପାଧି; ରାଜାମାନଙ୍କର ଅନ୍ତର ସନ୍ତାନ ବା ଭୋଗିମା ସ୍ତ୍ରୀର ସନ୍ତାନ ।

ସାଅନ୍ତାଣୀ, ସାଆନ୍ତାଣୀ, } ବ ସ୍ତ୍ରୀ. ସ୍ୱାମିନୀ; ଗୃହାଧିକାରିଣୀ; ସାଅନ୍ତଙ୍କ ଭାର୍ଯ୍ୟା ।

ସାଆନ୍ତାଇପଣ, ସାଆନ୍ତେଇପଣ, } ବ. (ଦେଶଜ) ସାମନ୍ତପଣ; ବଡ଼ପଣ; ଗାରିମା । ଯଥା—

ନ ରହିବ ଆଉ ତୁମ୍ଭ ସାଆନ୍ତେଇପଣ,
ସଭାରେ ନ ଦେବେ ଆଉ ଆଗୁଆ ଚନ୍ଦନ ।
ଉ. ସା. ୧୮. ୯.

ସାଇଁ, ବ. (ସ୍ୱାମୀ ପଦଜାତ) ପ୍ରଭୁ । ଯଥା—

ଭେଟିବି ମୁଁ ତୁମ୍ଭ ସଙ୍ଗେ ଯାଇ ନରସାଇଁ । ଓ. ବ. ପଦ । ଯଥା—

ଆତଙ୍କେ କିଳବାସୀ ଭକତସାଇଁ । ମେ. ଦୂ.

କେତେକ ଶୂଦ୍ରଜାତିର ଉପାଧି ବା ଗୃହନାମ ।

ସାଇ, ସାହି, ବ. (ସହିଶବ୍ଦଜ ) ସହବାସି-ମାନଙ୍କର ଗୃହାବଳୀ । ଯେପରି— ବ୍ରାହ୍ମଣ ସାଇ, ଗଉଡ଼ ସାହି ।

ସାଇତା, ବ. ( ଦେଶଜ ) ସଞ୍ଚିତ କରିବା; ସମ୍ପାଦନ । ବଂ. ସଞ୍ଚିତ; ସମ୍ପାଦିତ ।

ସାଇତିବା, କ୍ରି. (ଦେଶଜ) ସମ୍ପାଦିବା । ଯଥା—

ମୃତ୍ୟୁକାଳରୁ ମୁଁ ତାହା ରଖିଛୁ ସାଇତି । ସା. ଭା. ସ. ସଞ୍ଚିତ କରିବା; ଯତ୍ନ କରି ଥୋଇବା । ଯଥା—

ସାଇତି ସୁଦନ୍ତ ରଖିଲା ସେସାନ
ପେଡ଼ିରେ ଅତି ଯତନେ । ଯ. କେ.

ସାଉଁଟା, ସାଉଣ୍ଟା, ବ. (ଦେଶଜ) ଇତସ୍ତତଃ ଗଡ଼ିବା । ଯଥା—

ବକର୍ଣ୍ଣଙ୍କ ମୁଣ୍ଡ କାଟନ୍ତେ ବାତବେଗ,
ଦେଲା ତାଙ୍କ ଗଣ୍ଡିଟି ଭୂମିକି ସାଉଣ୍ଟା ! କୃ. ଖ. କ ପ.

ଇତସ୍ତତଃ ପତିତ ପଦାର୍ଥର ଉତ୍ତୋଳନ ।

ସାଉଁଟାଦେବା, ସାଉଣ୍ଟାଦେବା, କ୍ରି. (ଦେଶଜ) ଇତସ୍ତତଃ ଗଡ଼ିବା । ( ସାଉଁଟା ଶବ୍ଦ ଦେଖ । )

ସାଉଁଟିବା, ସାଉଟିବା, ସାଉଣ୍ଟିବା, } କ୍ରି. ( ଦେଶଜ ) ଇତସ୍ତତଃ ପତିତ ପଦାର୍ଥ ଗୋଟାଇ ନେବା । ଯଥା—

ରତ୍ନସିଂହାସନ ତଳୁ ସାଉଟି ଆଣିଣ,
ପ୍ରସାଦ କଣିକା ଯେବେ କରଇ ଭକ୍ଷଣ । ନୃ. ପୃ. ବୃ. ଚ.
ସାଉଣ୍ଟି ସେ ପରଛନ୍ଦ ଶାଠ୍ୟ ମହୋଲ୍ଲାସେ । ମ. ଯା.

ସାକର, ଶାକର, ବ. ( ଶର୍କରା ଶବ୍ଦଜ ) ଖଣ୍ଡ ବା ଚିନି; ଗୁଡ଼ ଓ ଚିନି ବା ନବାତରେ ନିର୍ମିତ ଏକପ୍ରକାର ଖଜା ।

ସାକରପଟା, ସେଖରପଟା, ବ. (ଶିଖର ପଟ୍ଟିକା ଶବ୍ଦଜ) ଦ୍ୱାରବନ୍ଧ ଉପରେ ବିନ୍ୟସ୍ତ କାଷ୍ଠ-ଫଳକବିଶେଷ ।

ସାକରା, ବ. (ଦେଶଜ) ବ୍ୟଞ୍ଜନବିଶେଷ ।

ସାକାର, ବଂ. (ସ=ସହିତ-ଆକାର) ଆକାର-ବିଶିଷ୍ଟ ।

ସାକନ, ସାକିନ, ବି. (ଆରବ୍ୟ ଶବ୍ଦ) ନିବାସ-ସ୍ଥାନ ।

ସାକୁ, ବି. (ଦେଶଜ) ଗର୍ବ । ଯଥା—
ମୁହିଁ ଯେବେ ଶକ୍ତ ହେବି ଏହାକୁ,
ଭାଙ୍ଗି ଯିବ ସ୍ୱୀର ସମସ୍ତ ସାକୁ । ହା. ଭ.

ସାକୁଲ, ବି. (ଦେଶଜ) କାକୁତି, ମିନତି ।

ସାକୁଲାଇବା, କ୍ରି. (ଦେଶଜ) କାକୁତି ବା ମିନତି କରିବା ।

ସାକୁଲସାକୁଲ, ବି. (ଦେଶଜ) ଖୋସାମତ, କୌଶଳରେ ଫୁସଲେଇବା ।

ସାକ୍ଷର, ବିଂ. (ସ=ସହିତ-ଅକ୍ଷର=ବର୍ଣ୍ଣ, ବିଦ୍ୟା) ଅକ୍ଷରଯୁକ୍ତ; ବିଦ୍ୱାନ୍ । ବି. ସ୍ୱନାମଲେଖକ, ଦସ୍ତଖତ କରିବା ।

ସାକ୍ଷାତ୍, ଅଂ. ସଂ. ସମ୍ମୁଖ, ପ୍ରତ୍ୟକ୍ଷ; ସ୍ୱୟଂ; ତୁଲ୍ୟ, ସଦୃଶ । (ସାକ୍ଷାତ୍ ପ୍ରତ୍ୟକ୍ଷ ତୁଲ୍ୟୟୋଃ —ଅମର ।)

ସାକ୍ଷୀ, ବିଂ. (ସ—ଅକ୍ଷି-ଇନ୍) ପ୍ରତ୍ୟକ୍ଷଦର୍ଶୀ, ସ୍ୱୟଂଦ୍ରଷ୍ଟା; ଧର୍ମାଧିକରଣରେ ଯେ ବିଷୟର ପ୍ରମାଣ ଦିଏ ।

ସାକ୍ଷ୍ୟ, ବି. (ସାକ୍ଷୀ-ଯ) ସାକ୍ଷିର କର୍ମବିଷୟ ପ୍ରମାଣ ନେବା ।

ସାଖା, ବିଂ. (ସଖା ଶବ୍ଦଜ) ସହାୟ । ଯଥା—
ବୋଲଇ ଶାଖାବନ୍ତ ସାଖା ନ ହୋଇ । ବୈ. ବି.
ବି. ସାହାଯ୍ୟ ।

ସାଖି, ବିଂ. (ସାକ୍ଷୀ ଶବ୍ଦଜ) ସାକ୍ଷୀ, ପ୍ରମାଣ-ଦାତା । ଯଥା—
କୋଠାରେ କେ ସାଖି କେତେବେଳେ,
ମୁଁ ଥିଲି ସେ ବ୍ରଜବଧୂ ଭୁଲେ । ସ. ସ.

ସାଖ୍ୟ, ବି. (ସଖି-ଯ) ମିତ୍ରତା ।

ସାଖ୍ୟ, ସାକ୍ଷ, ବି. (ସାକ୍ଷ୍ୟ ଶବ୍ଦଜ) ସାକ୍ଷିର କର୍ମ ।

ସାଗ, ବି. (ଶାକ ଶବ୍ଦଜ) ଶାକ ।

ସାଗର, ବି. (ସଗର-ଅ) ସମୁଦ୍ର; ମୃଗବିଶେଷ; ସଂଖ୍ୟାବିଶେଷ, ଦଶ ପଦ୍ମ ସଂଖ୍ୟା ।

ସାଗରାଳୟ, ବିଂ. (ସାଗର-ଆଳୟ ଯାହାର) ବରୁଣ ।

ସାଗିବା, କ୍ରି. (ତୈଲଙ୍ଗ ପଦ, ଗଞ୍ଜାମରେ କେତେକ ସ୍ଥଳେ ବ୍ୟବହୃତ) ସଂକୁଚିତ ହେବା; ଉକର ପର ପ୍ରସାରିତ ହେବା ।

ସାଗୁ, ସାଗୁଦାନା, ବି. ଶସ୍ୟବିଶେଷ, ଖାଦ୍ୟଦ୍ରବ୍ୟ-ବିଶେଷ, ଏକପ୍ରକାର ଗୁଣ୍ଡିକ । ଯଥା—
ଖୋଲାରେ ଝାଳ ଜଳରେ କଲେ ପରପାକ,
ରୋଗି ପଥ୍ୟ ହୁଏ ତହିଁ ସାଗୁଦାନା ଶାକ । ବୃ. ସୁ.

ସାଗୁଆଣିକାଠ, ବି. (ଦେଶଜ) ଟେକ କାଠ ।

ସାଗୁଣା, ସାଗୁଁଣା, ବି. (ଦେଶଜ) ଗୃଧ୍ର ପକ୍ଷୀ । ଯଥା—
ଅନେକ ଦୁଃଖ ତାକୁ ଦେଇ,
ଜନ୍ମାନ୍ତ ସାଗୁଁଣାରେ ନେଇ । ବି. ପୁ.

ସାଙ୍କୁଚ, ବି. (ଶାଙ୍କୋଚ ଶବ୍ଦଜ) ମତ୍ସ୍ୟବିଶେଷ ।

ସାଙ୍କୁଡ଼ା, ସାଙ୍କୋଡ଼ା, } ବି. (ସାଙ୍କୋଚ ଶବ୍ଦଜ) ସଂକୋଚନ ।

ସାଙ୍କୁଡ଼ିବା, ସାଙ୍କୋଡ଼ିବା, } କ୍ରି. (ସଙ୍କୋଚ ଶବ୍ଦଜ) ସଙ୍କୁଚିତ ହେବା ।

ସାଙ୍ଖ୍ୟ, ବି. (ସମ୍-ଖ୍ୟା=ପ୍ରକଥନ-ଅ) କପିଳ ମୁନି ପ୍ରଣୀତ ଦର୍ଶନଶାସ୍ତ୍ର ।

ସାଙ୍ଗ, ବିଂ. (ସ=ସହିତ-ଅଙ୍ଗ) ଅଙ୍ଗଯୁକ୍ତ; ସଂପୂର୍ଣ୍ଣ; ଯାହାର ସମସ୍ତ ଅଙ୍ଗ ସଂପୂର୍ଣ୍ଣ ମାତ୍ର କୌଣସି ଅଙ୍ଗ ଅସଂପୂର୍ଣ୍ଣ ନୁହେ । (ସଙ୍ଗ ଶବ୍ଦଜ) ସଙ୍ଗ । ଯଥା—
ଭୀମସେନଙ୍କୁ ଦେଲୁ ଯେ କୁମ୍ଭୀର ଦୈତ୍ୟଙ୍କୁ,
ଧର୍ମବଳେ ସେହୁ ବର୍ତ୍ତି ଅଇଲା ସାଙ୍ଗଙ୍କୁ । ସା.ଭୀ.ଆ.
ବିଂ. ସଙ୍ଗୀ । ଯଥା—ଗୋପାଳ ଗୋବିନ୍ଦର ସାଙ୍ଗ ।

ସାଙ୍ଗକରିବା, କ୍ରି. ସଂପୂର୍ଣ୍ଣକରିବା ।

ସାଙ୍ଗସର, ବିଂ. (ଦେଶଜ) ସଙ୍ଗୀ । ଯଥା—
ଦେଖୁ ଦେଖୁ ତେତେ ସାଙ୍ଗସର ଭାଇ ମଲ,
ପୁତ୍ର ନାତି ସେନା ସୈନ୍ୟ ସବୁ କ୍ଷୟ ଗଲ । ନୃ.ପୁ.ଷ.ଚ.

ସାଙ୍ଗି, ସାଙ୍ଗୀ, } ବି. (ଦେଶଜ) କୌଣସି ଗୁରୁପଦାର୍ଥ ଉଠାଇବାପାଇଁ ଯେଉଁ କାଷ୍ଠ ବ୍ୟବହାର କରଯାଏ ।

**ସାଙ୍ଘାତିକ**, ବିଂ. ( ସଙ୍ଘାତ-ଇକ ) ମାରାତ୍ମକ, ପ୍ରାଣନାଶକ ।

**ସାଚ**, ଅଂ. ଙ୍ଗ. କଳ; ଷ୍ଟିର୍ଚ୍ଚ୍, ଟେରଟ୍ଟ । (ଦେଶଜ) ବି. କନ୍ଦ । ଯଥା—

ସାଚ ନବାତରେ ମିଶାଇ ପାଣି । ଦ୍ୱା. ତ.

ବିଂ. ଉତ୍କୃଷ୍ଟ । ଯଥା—

ସୁବାସିତ ଚୂଆ ଗୁଆ ସାଚ ପାନ । ର. ପ.

**ସାଚବ୍ୟ**, ବି. (ସଚିବ-ଯ ଭାବାର୍ଥେ ) ମନ୍ତ୍ରିତ୍ୱ; ସାହାଯ୍ୟ ।

**ସାଚୀକୃତ**, ବିଂ. ( ସାଚ-କୃତ-ଚ୍ୱୀ ଅଭୂତ ତଦ୍ଭାବାର୍ଥେ ) ବକ୍ରୀକୃତ ।

**ସାଜ**, ବି. (ସଜ୍ଜା ଶବ୍ଦଜ) ବେଶ; ଭୂଷଣାଦି; ଅସ୍ତ୍ରଶସ୍ତ୍ରାଦି; ସନ୍ନାହ । ଯଥା—

ଅଦୃଶ୍ୟ ହେଲ ସୈନ୍ୟ ସମ୍ଭାର ସାଜଣୀ ସାଜେ ଯେ । ସୁ. ପ.

**ସାଜଣି, ସାଜଣୀ, ସାଜେଣି**, ବି. ସ୍ତ୍ରୀ. ( ଦେଶଜ ବା ସଜ୍ଜା ଶବ୍ଦଜ ) ବେଶସଜ୍ଜା । ଯଥା—

କର ନୂପୁର ରୁଚକୁ ବାଜଣି,
କଟି ଡମ୍ବରୁରେ ଘଣ୍ଟି ସାଜଣୀ । କୋ. ବ୍ର. ସୁ

ଭଲ ସାଜେଣି ବାଜେଣି,
କଙ୍କିଣି କଟିରେ ପୁଣି । କୋ. ବ୍ର. ସୁ.

**ସାଜିବା**, କ୍ରି. (ସସ୍ଜ୍ ଧାତୁଜ) ସଜ୍ଜିତକରିବା । ଯଥା —

ରାଜା ବେଢେ କଲେ ସାଜ ସୈନ୍ୟକୁ । କୋ. ବ୍ର. ସୁ.

ସଜ୍ଜିତହେବା; ଶୋଭିତକରିବା; ଶୋଭା ପାଇବା । ଯଥା —

ନବରତ୍ନ ପଦକ ହୃଦରେ ଭଲ ସାଜେ । ନା. ର. ଗୀ.

**ସାଜମାଟି**, ବି. (ସର୍ଜିମୃତ୍ତିକା ଶବ୍ଦଜ)ଲୁଣମାଟି ।

**ସାଞ୍ଚ**, ବି. (ଦେଶଜ) ମୂର୍ତ୍ତିର ଆଦର୍ଶ । ଯଥା—

ଯୋଗାଗ୍ନିରେ ତୁମ୍ଭେ ସ୍ୱଣସାର ଥିବ ଦହି,
ଦେହ ଦଣ୍ଡୁଥିବ ସାଞ୍ଚଗୋଟି ପ୍ରାପ୍ତ ରହି । ନୃ. ପୁ. ସ. ତ.

ଅଲେଖା ତାଳପତ୍ର ପୁସ୍ତକ ।

**ସାଞ୍ଜନ**, ବି. (ସ-ଅଞ୍ଜନ) କୃକଳାସ, ଏଣ୍ଡୁଅ ।

**ସାଞ୍ଜୁ, ସାଞ୍ଜୋଆ, ସାଞ୍ଜୁଆ**, ବି. ( ଦେଶଜ ) ଯୁଦ୍ଧର ସଜ୍ଜାବିଶେଷ; କବଚ । ଯଥା—

ଏହା ଶୁଣି ସଭାରେ ଯେତେ ବସିଥିଲେ,
ଘରକୁ ଯାଇ ଅଙ୍ଗେ ସାଞ୍ଜୁ ପନ୍ଧିଲେ । କୃ. ଭା. ବ ପ.

**ସାଞ୍ଜୋଇବା**, କ୍ରି. (ଦେଶଜ) କେଶାଦି ବନ୍ଧନ କରିବା । ଯଥା—

ଆପଣେ ରୁକ୍ମଣ ସେ ତାମ୍ବୂଳ ସମର୍ପୁଛି,
ନାନାପୁଷ୍ପେ ରୁକ୍ମଣ କେଶ ସାଞ୍ଜୋଉଛି । ସା. ଭ. ସ.

**ସାଟ, ସାଟକଳା**, ବିଂ. (ଦେଶଜ) ଶଗଡ଼ର ଦୁଇ ଦଣ୍ଡାର ପଛରେ ଲଗିଥିବା କାଷ୍ଠଖଣ୍ଡ ।

**ସାଟୋପ**, ବିଂ. (ସ-ଆଟୋପ) ସଗର୍ବ; ବିକଟ ।

**ସାଠି, ସାଠିଏ**, ବିଂ. ( ଷଷ୍ଟୀ ଶବ୍ଦଜ ) ୬୦ ସଂଖ୍ୟା ।

**ସାଠିବାନ**, ବିଂ. ( ଦେଶଜ ) ସାଠିଏ ବାନ ଥିବା ସୁବର୍ଣ୍ଣ । ଯଥା—

ସାଠିବାନ ସୁବର୍ଣ୍ଣ ରସାଣ ପିଢ଼ା ସ୍ଥଳ,
ମୁକୁତା ପେଣ୍ଡାମାନେ ଲମ୍ବନ୍ତି ମାଳମାଳ । ନୃ. ପୁ. ଦ୍ୱି. ତ.

**ସାଢ଼ି, ସାଢ଼ୀ, ଶାଢ଼ି**, ବି. ସ୍ତ୍ରୀ. (ଶାଟୀ ଶବ୍ଦଜ, ପ୍ରାକୃତ) ସ୍ତ୍ରୀବସ୍ତ୍ର । ଯଥା—

ଇନ୍ଦୀବରେକ୍ଷଣା ପିନ୍ଧିଲ୍ଲ କନକ-କୁସୁମିତ ଝିନସାଢ଼ୀ । ଯ. କେ.

ଉପାଧିପଦ । (ଶାଢ଼ୀ ଶବ୍ଦ ଦେଖ ।)

**ସାଢ଼ଘର, ସାଢ଼ିଘର**, ବି. (ଶାଟୀ-ଗୃହ ଶବ୍ଦଜ, ପ୍ରାକୃତ) ତମ୍ବୁ, ବସ୍ତ୍ରଗୃହ । ଯଥା—

ଟେକିଛୁ କ ସାଢ଼ଘର, ତଥା ସୁନ୍ଦର ଏ । ଲ. ବ.

**ସାଢ଼େ, ସାଢ଼େ**, ବିଂ. (ସାର୍ଦ୍ଧ ଶବ୍ଦଜ)ଅର୍ଦ୍ଧର ସହିତ । ଯେପରି—ସାଢ଼େ ସାତ ଅର୍ଥାତ୍ ସାତ ଆଉ ଅଧେ ।

**ସାଣ**, ବି. (ଶାଣ ଶବ୍ଦଜ) ଶାଣଯନ୍ତ୍ର; ଅସ୍ତ୍ରାଦି ଶ୍ଳକ୍ଷ୍ଣ କରିବା ।

**ସାଣମେଲ**, ବି. (ଦେଶଜ) ସମ୍ପୂର୍ଣ୍ଣ ଉନ୍ମୁକ୍ତ ଦ୍ୱାର, ଦ୍ୱାରକୁ ସମ୍ପୂର୍ଣ୍ଣ ଖୋଲିବା । ଯେପରି— ଦିବା ୧୦ ଘଟିକାରେ ଶ୍ରୀଜଗନ୍ନାଥମହାପ୍ରଭୁଙ୍କର ସାଣମେଲ ହୁଏ ।

**ସାଣୁଣା**, ବି. ( ସ୍ନାନ ଶବ୍ଦଜ ) ଚନ୍ଦାଙ୍କନ, କଳା । ଯଥା —

ଚନ୍ଦନପଟା ଆଦି ବିବିଧ ସାଣୁଣା । ପ. ବ.

ସାତ, ଶାତ, ବି. [ ସ୍ୟତି ଦୁଃଖମିତି ସାତଂ-ଷୋ(ନ୍ତକର୍ମଣି, ଶ୍ୟତ୍ୟ ଶୁଭମିତି ବା ଶାତଂ—ଶୋ ତନୂକରଣେ, ସୋ = (ଦୁଃଖ) ନାଶ କରିବା-ତ, ଶୋ = (ଅଶୁଭ) କ୍ଷୀଣକରିବା-ତ] ସୁଖ; କୁଶଳ, ମଙ୍ଗଳ; ଆନନ୍ଦ, ହର୍ଷ । ବିଂ. ବିନଷ୍ଟ; ଦତ୍ତ ।

ସାତ, ବିଂ (ସପ୍ତନ୍ = ପ୍ରାକୃତ ସତ୍ତ ଶବ୍ଦଜ) ୭ ସଂଖ୍ୟା ।

ସାତ, ସାତା, ବି. (ସପ୍ତନ୍ ଶବ୍ଦଜ) ସାତଗୋଟି ଟିପକେ ଯୁକ୍ତ ଗଞ୍ଜପା ସାରିବିଶେଷ ।

ସାତକଣିଆଁ, ବି. (ସପ୍ତକୋଣ ଶବ୍ଦଜ) ସପ୍ତକୋଣବିଶିଷ୍ଟ ।

ସାତଘଡ଼ିଆ ଫୁଲ, ବି. (ଦେଶଜ) ବିଧୂଳି ଫୁଲ ।

ସାତପହଣ୍ଡି, ସାତପାହୁଣ୍ଡିଆ, } ବି. (ଦେଶଜ) ଏକପ୍ରକାର ଖେଳ, ପିଲମାନେ ବାଲି ଗୁଡିଏ ଗଦା କରି ତହିଁରେ ଗୋଟିଏ ବାଡ଼ି ପୋତି ଦିଅନ୍ତି, ତାର ଏକ ପାଖରେ ସାତ ପାହୁଣ୍ଡ ମାପି ଏକ ଚିହ୍ନ ଦେଇ ଗୋଟିଏ ପିଲ ଠିଆ ହୁଏ, ଅନ୍ୟ ପାଖରେ ଚଉଦ ପାହୁଣ୍ଡ ମାପି ଚିହ୍ନ ଦେଇ ଆଉ ଗୋଟିଏ ପିଲ ଠିଆ ହୁଏ, ଅନ୍ୟମାନେ ତିନଥର ତାଳ ମାରନ୍ତି, ଶେଷ ତାଳ ସମୟକୁ ସାତ ପାହୁଣ୍ଡରେ ଥିବା ପିଲଟି ବାଡ଼ି ଧରି ଧାଏଁ, ତାହାର ଚିହ୍ନ ସ୍ଥାନ ମଧ୍ୟରେ ଯଦି ଅନ୍ୟ ପାର୍ଶ୍ୱର ପିଲ ତାକୁ ଛୁଇଁଦିଏ ତେବେ ସେ ଜିଣିଲା, ଛୁଇଁ ନ ପାରିଲେ ବାଡ଼ିଧରା ପିଲଟି ଜିଣିଲା; ଏଥିରେ ପିଲମାନଙ୍କର ଚଞ୍ଚଳତା ଜଣାଯାଏ । ଯଥା—

ଆବର କେହୁ ଖେଳଇ ପଶା ନ୍ୟାସୁବଳ,
ଚନ୍ଦ୍ରା ସାତପହଣ୍ଡି ଫୋପଡ଼ା ଗୁଣ୍ଡିମାଳ । ନୃ.ପୁ.ଚ.ତ.

ସାତପୁଡ଼ା, ବି. (ଦେଶଜ) ଏକପ୍ରକାର ଖେଳ ।

ସାତପୁତ୍ର, ବି. (ସପ୍ତପୁତ୍ରିକା ଶବ୍ଦଜ) ଭାଦ୍ରବଦର ଅମାବାସ୍ୟା ।

ସାତବେଣ୍ଟି, ସାତମେଣ୍ଟ, } ବି. (ଦେଶଜ ବା ସପ୍ତସଛ ଶବ୍ଦଜ) ସାତଠାଇଁ ବାଳ କାଟିବା । ଯଥା—

ମୂର୍ଖ ମନ୍ଦବୁଦ୍ଧି ମହା ଦୁଷ୍ଟ ଧାତ୍ରିଶନ୍ତି,
ଛୁରି ଘେନି ଦ୍ରୁପଦଙ୍କୁ କଲା ସାତବେଣ୍ଟି । ସା.ଭା.ଆ.
ଚେଙ୍ଗି ଗୃବୁକ ଗୁଡ଼ ପିଟି,ସବୁଙ୍କୁ କଲେ ସାତମେଣ୍ଟି ।
ଦା. ର.

ସାତମଙ୍ଗଳା, ବି. (ଦେଶଜ ପ୍ରାୟ) ବିବାହର ସପ୍ତମ ଦିବସ । ଯଥା—

ବନ୍ଧୁ ମହୋତ୍ସବ କଲେ,ସାତମଙ୍ଗଳାହିଁ ଗଲେ । ବି.ସୁ.

ସାତଲିଘୋଟ, ବି. (ଦେଶଜ) ବାଟି ଖେଳରେ ବାଟିକୁ ବାଟିରେ ମାରିବା ସପ୍ତମ ଅଘାତ ।

ସାତି, ସାନ, ବି. (ସ୍ନନନଂ ସାନଂ ଚ ସାତିଃ-ଷଣୁଦାନେ ଷୋ(ନ୍ତକର୍ମଣି, ଷଣ୍-ତି, ଅନ) ଦାନ;ଅବସାନ । (ସାତି ର୍ଦାନାବସାନୟୋଃ —ଅମର । )

ସାତିଶୟ, ବିଂ.(ସ-ଅତିଶୟ) ଅଧିକ, ଅତ୍ୟନ୍ତ ।

ସାତ୍ତ୍ୱିକ୍ୟ, ବିଂ. (ସାତ୍ତ୍ୱିକ ଶବ୍ଦଜ) ସତ୍ତ୍ୱଗୁଣବିଶିଷ୍ଟ; ସାର୍ଥ ବା ସଫଳ । ଯଥା—

ଜନେହେଁ ଜୀଇଁଥିଲେ ସାତ୍ତ୍ୱିକ୍ୟ ତାର ପ୍ରାଣ,
ମୂର୍ଖ ଜୀଇଁ କି ହେବ ସହସ୍ରେ କୋଟି ଦିନ ।
ନୃ. ପୁ. ଦ୍ୱି. ତ.

ବି. ସତ୍ତ୍ୱଗୁଣ । ଯଥା—
ପ୍ରକୃତିପୁରୁଷ ପ୍ରମାଣେ,
ତମ ସାତ୍ତ୍ୱିକ୍ୟ ରଜୋଗୁଣେ । ଭା. ଏ. ସ୍କ.

ସାତୁଟା, ସାତୁଟି, ସାତୋଟା, ସାତୋଟି, ସାତଟା, ସାତଟି, } ବିଂ. (ସପ୍ତନ୍ ଶବ୍ଦଜ) ୭ ସଂଖ୍ୟା ।

ସାତ୍ୟକି, ବି. (ସତ୍ୟକ-ଇ ଅପତ୍ୟାର୍ଥେ) ଯଦୁବଂଶୀୟ କ୍ଷତ୍ରିୟବିଶେଷ ।

ସାତ୍ୱତ, ବି. (ସତ୍ୱତୀ = ଶିଶୁପାଳର ମାତା-ଅ ଅପତ୍ୟାର୍ଥେ) ଶିଶୁପାଳ । ( ସାତ୍ୱତ = ବଂଶବିଶେଷ-ଅ) ଶ୍ରୀକୃଷ୍ଣ; ବଳଦେବ ।

ସାତ୍ତ୍ୱିକ, ବି. (ସତ୍ତ୍ୱ-ଇକ) ବ୍ରହ୍ମ; ଅନ୍ତରିନ୍ଦ୍ରିୟର ଭାବବିଶେଷ,ସ୍ତମ୍ଭ,ସ୍ୱେଦ,ରୋମାଞ୍ଚ,ବୈସ୍ୱର୍ଯ୍ୟ, ଅଶ୍ରୁ,ବେପଥୁ ବୈବର୍ଣ୍ଣ୍ୟ ଓ ପ୍ରଳୟ(ମୂର୍ଚ୍ଛା) । ( ସ୍ତମ୍ଭଃ ସ୍ୱେଦୋ(ଥରୋମାଞ୍ଚଃ ସ୍ୱରଭଙ୍ଗଶ୍ଚ

ବେପଥୁଃ ବୈବର୍ଣ୍ଣ୍ୟମଶ୍ରୁ ପ୍ରଳୟ ଇତ୍ୟଷ୍ଟୌ ସାତ୍ତ୍ୱିକା ମୃତାଃ) ବିଂ. ସତ୍ତ୍ୱଗୁଣଜାତ, ସତ୍ତ୍ୱଗୁଣସମ୍ବନ୍ଧୀୟ, ସତ୍ତ୍ୱଗୁଣବିଶିଷ୍ଟ (କର୍ମାଦି); ସତ୍ୟ, ଯଥାର୍ଥ; ସାଧୁ ।

**ସାଥ**, ବି. (ସାର୍ଥ ଶବ୍ଦଜ) ସଙ୍ଗ । ଯଥା—
ଭୃତ୍ୟଙ୍କୁ ପାଇଣ ନାଥ, ଯୁଝିବୁ ଅସୁର ସାଥ । ବ. ଗ

**ସାଥି**, ବିଂ. (ସାଥ ଶବ୍ଦଜ) ସଙ୍ଗୀ । ବି. ସଙ୍ଗ । ଯେପରି—ତୁ ମୋ ସାଥିରେ ଆସ । ଯଥା—
ଘେନକର ଆମ୍ଭେ ସୈନ୍ୟ ସଖା ସାଥି,
ଯୁଝିବାକୁ ଅର୍ଜୁନଙ୍କୁ ଆମ୍ଭେ ଷଡ଼ରଥୀ । କୃ. ଖ ବ.ପ.

**ସାଦନ**, ବି. (ସଦ୍ = ଗତି, ଅବସାଦନ-ଣିଚ୍-ଅନ) ସଦନ, ଗୃହ; ବିନାଶକରଣ, ବିନାଶନ; ଅବସାଦନ; ଦୂରୀକରଣ ।

**ସାଦା**, ବିଂ. (ଯାବନିକ) ସାଧାରଣ, ଅକୁଟିଳ ।

**ସାଦି**, ବି. (ହିନ୍ଦୀ) ବିବାହ ।

**ସାଦୀ, ସାଦିନ୍**, ବି. (ସୀଦତି ବିଷୀଦତି ସାଦୟତି ତୁରଙ୍ଗମ ମିତି ଚ ସାଦୀ-ଷଦଲ୍ ବିଶରଣଗତ୍ୟବସାଦନେଷୁ, ସଦ୍-ଇନ୍) ଅଶ୍ୱାରୋହୀ; ହସ୍ତ୍ୟାରୋହୀ; ରଥାରୋହୀ । (ସାଦୀ ତୁରଙ୍ଗମାରୋହେ ନିଷାଦି ରଥିନୋରପି—ହୈମ ।) (ସାଦୀ ସ୍ୟାତ୍ ତୁରଗାରୋହେ ରଥେଭାରୋହୟୋରପି—ଇତି ପ୍ରତାପଃ ।)

**ସାଦୃଶ୍ୟ**, ବି. (ସଦୃଶ-ଯ ଭାବାର୍ଥେ) ତୁଲ୍ୟତା; ଆଲେଖ୍ୟ ।

**ସାଧ**, ବି. (ଦେଶଜ) ଅଭିଳାଷ; ଗର୍ଭିଣୀର ଇଚ୍ଛାନୁରୂପ ଭୋଜନ; ଦୋହଦ ।

**ସାଧନ**, ବି. (ସାଧ୍=ସାଧିବା, ନିଷ୍ପନ୍ନ କରିବା-ଅନ) କରଣକାରକ; ସମ୍ପାଦନ; କାରଣ; ଉପାୟ; ସହାୟ; ଗମନ; ବଧ; ସୈନ୍ୟ; ସମ୍ପତ୍ତି; ପ୍ରମାଣ; ଉପକରଣ; ଯୁଦ୍ଧୋପକରଣ; ମୃତସଂସ୍କାର; ଅନୁଗମନ; ଧାତୁମାରଣ; ନିଷ୍ପାଦନ । (ସ୍ତ୍ରୀ-ଆ) ଉପାସନା; ଆରାଧନା; ସିଦ୍ଧି; ନିଷ୍ପାଦନ । (ବିଶେଷଣରେ ସାଧକ, ସାଧିତ ଓ ସାଧନୀୟ ହୁଏ ।)

**ସାଧବ**, ବି. (ସାଧୁ ଶବ୍ଦଜ) ସାଧୁ । ଯଥା—
ଏଣୁ ସାଧବ ପ୍ରାଣିଙ୍କର,
ସଂସାରେ ନାହିଁ ନିଜ ପର । ଭା. ଏ. ସ୍କ.
ବୋହିତଭୁଆଳ ।

**ସାଧବବୋହୂ, ସାଧବଘରବୋହୂ**, } ବି. (ଦେଶଜ) ପାଟ ପୋକ, ଇନ୍ଦ୍ରଗୋପ କୀଟ । ଯଥା—
ଶ୍ୟାମଳ ଦୂର୍ବାଦଳେ ଶୋଭିତ ମହୀ,
ସାଧବବୋହୂ ତହିଁପରେ ଶୋଭଇ । ଗ୍ରୀ ମା

**ସାଧବାଣୀ**, ବି. ସ୍ତ୍ରୀ. (ଦେଶଜ) ବୋହିତଭୁଆଳର ସ୍ତ୍ରୀ; ପାଟପୋକ । ଯଥା—
କଳାମେଘ ଘୋଟି ମହୀରେଣ ଲେଟି
କଳା ତମ୍ବୁ ଘର ପର,
ଗଜଚର୍ମ ପ୍ରାୟେ ସାଧବାଣୀ ଜୀବ
ପୃଥ୍ୱୀକୁ ସିନ୍ଦୂର ସର । ଇ. ଧ.

**ସାଧାରଣ**, ବିଂ. (ସମାନମାଧାରଣଂ ମାନମସ୍ୟେତି ସାଧାରଣଃ, ସମାନମାଧାରଣମାଧାରୋଽସ୍ୟେତି ସାଧାରଣଂ, ସ=ସମାନ-ଆଧାରଣ=ମ ନ, ଆଧାର ଯାହାର) ତୁଲ୍ୟ, ଏକବିଧ; ଯାହା ସମସ୍ତଙ୍କର ଅଛି, ସାମାନ୍ୟ ।

**ସାଧାରଣତନ୍ତ୍ର**, ବି. ସଂ. ଯେଉଁ ଦେଶରେ ପୃଥକ୍ ରାଜା ନାହାନ୍ତି, ସର୍ବସାଧାରଣ ଲୋକଙ୍କ ମତାନୁସାରେ ରାଜକର୍ମ ନିର୍ବାହିତ ହୁଏ ।

**ସାଧି**, ବି. (ସାଧ ଶବ୍ଦଜ, ସାଧ୍-ଧାତୁରେ ଯୋଗ୍ୟାର୍ଥରେ ଇ ପ୍ରତ୍ୟୟ, ଯୋଗ୍ୟାର୍ଥ ଇ ପ୍ରତ୍ୟୟ ଯୋଗ ହେଲେ ହୋ ଧାତୁର ଗୋଟିଏ ରୂପ ତାର ପରେ ଯୋଗ କରିବାକୁ ହୁଏ) ସାଧ । ଯଥା—
ସହଦେବ ବୋଲେ ସେ ସମସ୍ତେ ହେବେ ସାଧି,
ଦୁଷ୍ଟ ହେଲେ ତାଙ୍କୁ ଚକ୍ରେ ପକାଇବ ଛେଦ ।
ସା. ଭ ସ.

**ସାଧିବା**, କ୍ରି. (ସାଧନ ଶବ୍ଦଜ) ସାଧନକରିବା, ପୂର୍ବକୃତ ଦ୍ୱେଷ ସୁଝାଇବା । ଯଥା—
ମାଡ଼ିବସି ଦୁଃଶାସନ ବୈରିଶୋଧ ସାଧେ । ବେ. ସଂ.

ସାଧୁ, ବିଂ. (ସାଧ୍ = ନିଷ୍ପନ୍ନ ହେବା କିମ୍ବା କରିବା-ଉ) ଉତ୍ତମ, ମହତ୍, ସଜ୍ଜନ, ଧାର୍ମିକ; ସୁନ୍ଦର; ସଦ୍‌ବଂଶଜାତ; ହିତ; ସମର୍ଥ; ଯୋଗ୍ୟ; ବାର୍ଦ୍ଧୁଷିକ ବା ସୁଧଖିଆ । ବି. ମୁନି; ବୁଦ୍ଧ; ବଣିକ୍ । (ଅତିସାଧୁ ଅର୍ଥରେ ସାଧୀୟାନ୍ ଓ ସାଧିଷ୍ଠ ହୁଏ) (ସାଧୀୟାନ୍ ସାଧୁବାଢ଼ୟୋଃ—ଅମର ।)

ସାଧୁତ, ବି. (ବଣିଗର୍ଥବୋଧକ ସାଧୁ ଶବ୍ଦଜ) ବୋହିତୁଆଳ । ଯଥା—

ସାଧୁତ ଶୁକ ନ ଦେଖି ଉଷ୍ଣନ୍ତି । ଲ. ବ.

ସାଧୁବାଦ, ବି. ସଂ. ଧନ୍ୟବାଦ, ପ୍ରଶଂସା ।

ସାଧ୍ୟ, ବି. (ସାଧ୍-ଯ) ଗଣଦେବତାବିଶେଷ; ଯୋଗବିଶେଷ; ଶର । ବିଂ. ସାଧନୀୟ; ଶକ୍ୟ; ଜ୍ଞେୟ; ପ୍ରତିକାରଯୋଗ୍ୟ; ନିବର୍ତ୍ତନୀୟ; ପ୍ରତିପାଦ୍ୟ ।

ସାଧ୍ୱସ, ବି. (ସାଧୂନସ୍ୟତୀତି ସାଧ୍ୱସଂ ଅସୁକ୍ଷେପଣେ, ସାଧୁ-ଅସ୍ = କ୍ଷେପଣ କରିବା, ପୀଡ଼ା ଦେବା-ଅ) ଭୟ । (ଭୀତିର୍ଭୀଃ ସାଧ୍ୱସଂଭୟଂ —ଅମର ।)

ସାଧ୍ୱୀ, ବି. ସ୍ତ୍ରୀ. (ସାଧୁ-ଈ) ପତିବ୍ରତା ସ୍ତ୍ରୀ । ବିଂ. ସାଧୁଗୁଣବିଶିଷ୍ଟା ।

ସାନ, ବିଂ. (କ୍ଷୀଣାର୍ଥ ସନ୍ନ ଶବ୍ଦଜ) କ୍ଷୁଦ୍ର । ଯଥା—

ତୁମ୍ଭ ମଧ୍ୟେ ସାନ ବଡ଼ ନାହିଁ କେହି । ଦ. ବା.

କନିଷ୍ଠ । ଯେପରି—ସାନ ଭାଇ ।

ସାନଆଠ, ବି. (ଦେଶଜ) ଚେମାଖେଳ ।

ସାନି, ବି. (ଯାବନିକ) ପୁନର୍ବିଚାରର ପ୍ରାର୍ଥନା ।

ସାନୁ, ବି. [ସନୋତିସୁଖଂ ଦଦାତୀତିସାନୁଃ-ଷଣୁଦାନେ, ସନ୍ = (ସୁଖ) ଦାନକରିବା-ଉ] ପର୍ବତର ଉପରିସ୍ଥ ସମାନ ଭୂମି; ପ୍ରସ୍ଥ; ବନ; ବାତ୍ୟା; ପଥ ।

ସାନ୍ତପନ, ବି. (ସମ୍-ତପନ-ଅ) ବ୍ରତବିଶେଷ ।

ସାନ୍ତ୍ୱ, ବି. (ସାନ୍ତ୍ୱ ସ୍ତୁତୀତିସାନ୍ତ୍ୱଂ-ସାନ୍ତ୍ୱ ସାମ ପ୍ରୟୋଗେ, ସାନ୍ତ୍ୱୟନ୍ତ୍ୟନେନସାନ୍ତ୍ୱଂ, ସାନ୍ତ୍ୱ-ଅ) ଅତି ମଧୁରବଚନ, ପ୍ରିୟବଚନ, ପ୍ରବୋଧବଚନ । (ଅତ୍ୟର୍ଥମଧୁରଂ ସାନ୍ତ୍ୱଂ —ଅମର ।) ସାମୋପାୟ, ସନ୍ଧି । (ସାମ ସାନ୍ତ୍ୱମଥୋସମୌ—ଅମର ।) ବିଂ. ପ୍ରିୟ; ଅଭିମତ ।

ସାନ୍ତ୍ୱନା, ବି. ସ୍ତ୍ରୀ. (ସାନ୍ତ୍ୱ = ସାମପ୍ରୟୋଗ-ଅନ-ଆ) ପ୍ରିୟବାକ୍ୟରେ ପ୍ରବୋଧଦେବା, ଆଶ୍ୱାସନା; ସାମ, ସନ୍ଧି; ପ୍ରଣୟ; ସସ୍ନେହ-ଭାଷଣ ଓ କୁଶଳପ୍ରଶ୍ନ ।

ସାନ୍ଦ୍ର, ବିଂ. ( ସ = ସହିତ-ଅନ୍ଦ୍ = ବନ୍ଧନ କରିବା-ର) ନିବିଡ଼; ପ୍ରବୃଦ୍ଧ; ମୃଦୁ, ସ୍ନିଗ୍ଧ; ମନୋଜ୍ଞ । ବି. ଅରଣ୍ୟ ।

ସାନ୍ଧି, ବି. (ସହଭୋଜନାର୍ଥ ସଗ୍ଧି ଶବ୍ଦଜ) ସହଭୋଜନ, ସମସ୍ତେ ମିଶି ଖାଇବା ।

ସାନ୍ଧ୍ୟ, ବିଂ. (ସନ୍ଧ୍ୟା-ଅ) ସନ୍ଧ୍ୟାକାଳୀନ । ଯେପରି—ସାନ୍ଧ୍ୟମିଳନ, ସାନ୍ଧ୍ୟଆଲୋକ ।

ସାନ୍ନିଧ୍ୟ, ବି. (ସନ୍ନିଧି-ଯ) ସାମୀପ୍ୟ, ସନ୍ନିଧାନ ।

ସାପ, ବି. (ସର୍ପ ଶବ୍ଦଜ) ସର୍ପ; ସରୀସୃପ ।

ସାପଖୋଳସ, ବି. (ଦେଶଜ) ସାପକାତି ।

ସାପଟିବା, କ୍ରି. (ଦେଶଜ) ଆଣ୍ଠକରି କୁଣ୍ଢାଇ ଧରିବା ।

ସାପତ୍ନ୍ୟ, ବି. (ସପତ୍ନ = ଶତ୍ରୁ-ଯ) ଶତ୍ରୁତା । ( ସପତ୍ନୀ-ଯ ) ସପତ୍ନୀତନୟ; ବହୁ-ପତ୍ନୀକତା । ବିଂ. ସପତ୍ନୀଜାତ ।

ସାପେକ୍ଷ, ବିଂ. (ସ-ଅପେକ୍ଷା) ଅପେକ୍ଷାଯୁକ୍ତ ।

ସାପ୍ତପଦୀନ, ବି. (ସପ୍ତଭିଃ ପଦୈରବାପ୍ୟତେ ଯତ୍ ସପ୍ତପଦ-ଈନ) ମିତ୍ରତା । (ସଖ୍ୟଂ ସାପ୍ତପଦୀନଂ ସ୍ୟାତ୍—ଅମର ।)

ସାପ୍ୟ, ବି. (ଶାପ ଶବ୍ଦଜ) ଶାପ । ଯଥା—

ତେଣୁ ଦତ୍ତ ସାପ୍ୟରୁ ଫଳିଲା ଏହା ହୃଦେ । ନୃ. ପୃ. ପ. ତ.

ସାଫଲ୍ୟ, ବି. (ସଫଳ-ଯ ଭାବାର୍ଥେ) ସଫଳତା, ଫଳୋଦୟ; ଲାଭଜନକତା ।

ସାଫସୁତରା, } ବି°. (ଦେଶଜ) ପରିଷ୍କୃତ ।
ସାଫସୁତୁରା, } ଯଥା—ଆମ୍ଭମାନଙ୍କର ଜଣେ ରାହାଙ୍ଗନିବାସୀ ସଙ୍ଗୀ ଯୁବକ କଥାଟାକୁ ସାଫସୁତୁରା କରି ଆବହମାନ ପ୍ରଚଳିତ ରୀତି ଓ ପ୍ରଥାର ଦୋହି ଦେଇ ବୁଝାଇ ଦେଇଥିଲେ । ବା. ମା. ପାଣ୍ଡି ।

ସାଫା, ବି°.(ଯାବନିକ) ପରିଷ୍କୃତ; ନିଃଶେଷ ।

ସାବକ, ବି°. (ଯାବନିକ) ପୂର୍ବେ ହୋଇଥିବା । ଯଥା—କ୍ରମଶଃ ଆମ ସାବକ ବୈଦିକ ଅମଳର ଚତୁର୍ବର୍ଣ୍ଣ ଆସି ପହଞ୍ଚିବ । ଉ. ସା. ୧୮. ୧୧ ।

ସାବତ, ବି°. (ସାପତ୍ନ୍ୟ ଶବ୍ଦଜ) ବୈମାତୃକ । ଯଥା—

ଧୃତରାଷ୍ଟ୍ର ବୋଇଲେ ଶୁଣ ଆଗୋ ଗାନ୍ଧାରୀ,
ସାବତ ସମ୍ପଦ ମୁହିଁ ସହି ତ ନ ପାରି । ସା. ଭ. ଆ.

(ଦେଶଜ) ଠିକ୍, ନିର୍ଣ୍ଣିତ । ବି. ଉପାଧିବିଶେଷ । ଯେପରି—ଗୌରାଙ୍ଗ ସାବତ, ବଳରାମ ସାବତ ।

ସାବତମା, } ବି.ସ୍ତ୍ରୀ.(ସପତ୍ନୀ-ମାତା ଶବ୍ଦଜ)
ସାବତମାତା, } ସଉତୁଣୀ ମା । ଯଥା—

ସାବତମାତ ର କ୍ରୂର ମନ୍ତ୍ରଣେ । ଯ. କେ.

ସାବର୍ଣ୍ଣ, } ବି°. (ଦେଶଜ ପ୍ରାୟ) ଯାହାର
ସାବେନ, } ଦେହ ଗୋରା ନୁହେ କି କଳା ନୁହେ ଏପରି ବର୍ଣ୍ଣବିଶିଷ୍ଟ । ଯଥା—

ଶାମଳା ଭିନ୍ନେ ଗଉରୀ ସେ ବଧାନେ
ସାବର୍ଣ୍ଣା ସେହିପ୍ରକାର । କୋ. କ୍ରୁ. ସୁ.

ସାବାସ, ବି. (ଯାବନିକ) ଧନ୍ୟବାଦ । ବି°. ଧନ୍ୟ, ଧନ୍ୟବାଦାର୍ହ ।

ସାବତ, ବି°. (ଦେଶଜ) ସୁନ୍ଦର; ଉତ୍ତମ ।

ସାବନ, ବି. (ପୋର୍ତ୍ତୁଗୀଜ ଶବ୍ଦ) ସାବୁନ । ଯଥା—

ସୁନ୍ଦର ସାବନ ବୋଲି ମୂଲାଇଲୁଁ ତାହା,
ପଇସାକୁ ଗୋଟା ଏହା କେନ୍ତେ ଦେଲି ଆହା ।ଉ.ସୋ.

ସାବେକ, ବି°. ( ଆରବ୍ୟ ଶବ୍ଦ ) ପୂର୍ବେ ହୋଇଥିବା ।

ସାମ, ବି. (ସ୍ୟତିପାପମିତି ସାମ-ଷୋଽନ୍ତ କର୍ମଣି, ସ୍ୟତି ବୈରିଂ ସାମ-ଷୋଽନ୍ତ କର୍ମଣି, ସୋ = ନାଶ କରିବା-ମ) ବେଦବିଶେଷ; ଶତ୍ରୁଜୟର ଉପାୟବିଶେଷ । (ଭେଦୋଦଣ୍ଡଃ ସାମଦାନ ମିତ୍ୟୁପାୟ ଚତୁଷ୍ଟୟଂ—ଅମର ।) ସନ୍ଧି; ସାନ୍ତ୍ୱନା; ପ୍ରିୟବଚନ ।

ସାମଗ୍ରୀ, ବି. ସ୍ତ୍ରୀ. (ସମଗ୍ର-ଅ-ଈ) ସାକଲ୍ୟ; କାରଣକଳାପ; ଦ୍ରବ୍ୟ; ଦ୍ରବ୍ୟସମ୍ଭାର; ଦଳବଳ; ଭଣ୍ଡାର ।

ସାମଞ୍ଜସ୍ୟ, ବି. ( ସମଞ୍ଜସ-ଯ ଭାବାର୍ଥେ ) ଔଚିତ୍ୟ; ସମୀଚୀନତା; ଉତ୍କର୍ଷ; ମେଳ, ପରସ୍ପର ସଂଲଗ୍ନତା ।

ସାମନା, ବି. (ହିନ୍ଦୀ) ସମ୍ମୁଖସ୍ଥ ସ୍ଥାନ । ଯଥା—ସେଗୁଡ଼ିକ ଆପଣଙ୍କ ସାମନାରେ ଥୋଇ ଦେବି ।

ସାମନ୍ତ, ବି. (ସମନ୍ତାତ୍-ଅ) ସମୀପସ୍ଥ ରାଜା; ଅନ୍ୟାନ୍ୟ ଦେଶର ସାମାନ୍ୟ ରାଜା; ଅଧିନାୟକ; ସାଅନ୍ତ, ରାଜାମାନଙ୍କର ଭୋଗିମା ସନ୍ତାନ; ସର୍ବଶ୍ରେଷ୍ଠ ବ୍ରାହ୍ମଣ; ବ୍ରାହ୍ମଣଙ୍କ ଉପାଧିବିଶେଷ । ବି°. ନିକଟବର୍ତ୍ତୀ ।

ସାମନ୍ତପଣିଆଁ, ବି. (ସଂସ୍କୃତ ଶବ୍ଦରେ ଓଡ଼ିଆ ପ୍ରତ୍ୟୟ) ବଡ଼ପଣିଆଁ, ବାବୁଗିରି; ସାମନ୍ତଙ୍କ ପ୍ରାୟ ଆଚରଣ ବା ଆଡ଼ମ୍ବର ।

ସାମୟିକ, ବି°. (ସମୟ-ଇକ) ସମୟୋଚିତ, ନିୟମାନୁଯାୟୀ; ସମୟେ ସମୟେ ଘଟିତ ବା ଉତ୍ପନ୍ନ ।

ସାମରଥ, } ବି°. (ସମର୍ଥ ଶବ୍ଦଜ) ସମର୍ଥ ।
ସାମରଥା, } ଯଥା—

ସେ କଥା କହିବାକୁ କେ ବା ସାମରଥା । ର. କ.

ସାମରିକ ବିଚାରାଳୟ, ବି. ସଂ. (Court martial) ଯେଉଁ ଧର୍ମାଧିକରଣରେ ସୈନିକ ପୁରୁଷମାନଙ୍କର ଅପରାଧର ବିଚାର ହୁଏ ।

ସାମର୍ଥ୍ୟ, ବି. (ସମର୍ଥ-ଯ ଭାବାର୍ଥେ) ବଳ; ଯୋଗ୍ୟତା; କ୍ଷମତା ।

ସାମଲ, ସାସମଲ, } ବି. (ସାହସ-ମଲ୍ଲ ଶବ୍ଦଜ)
ସାସମଲ୍ଲ, } ପାଇକମାନଙ୍କର ଉପାଧି-
ବିଶେଷ । ଯଥା—

ରାହୁତ ସାହାଣି ଆଉ ସାମଲ ଯେ ଜେନା,
ମାଲମୁଣ୍ଡାଳିକ ଯେ କୁମାର ବଡ଼ଜେନା । ସା. ଭ୍ର. ସ.

କେତେକ ଦଳୁଆ ନାମକ ଶୂଦ୍ରଜାତିର ଉପାଧି ବା ଗୃହ ନାମ ।

ସାମଲ୍, ବି. (ଯାବନିକ) ଓକିଲମାନଙ୍କର ପାଗ ।

ସାମବାୟିକ, ବିଂ. (ସମବାୟ-ଇକ ସମ୍ବନ୍ଧାଦି ଅର୍ଥେ) ସମବାୟସମ୍ବନ୍ଧୀୟ । ବି. ଅମାତ୍ୟ, ମନ୍ତ୍ରୀ; ଦଳପତି ।

ସାମସେଇ, ବି. (ଦେଶଜ) ଅଭିଷେକ ପାତ୍ର ।

ସାମାଜିକ, ବିଂ. (ସମାଜ-ଇକ) ସଭ୍ୟ; ସହୃଦୟ; ରସଜ୍ଞ; ସମାଜସମ୍ବନ୍ଧୀୟ ।

ସାମାନ, ବି. (ହିନ୍ଦୀ) ଉପକରଣ ଦ୍ରବ୍ୟାଦି ।

ସାମାନ୍ୟ, ବି. (ସମାନ-ଯ) ପ୍ରକାର, ରକମ; ଜାତି, ଗୋତ୍ୱମନୁଷ୍ୟତ୍ୱାଦି । (ଜାତିର୍ଜାତଂ ଚ ସାମାନ୍ୟଂ—ଅମର ।) ସାଧାରଣର କାର୍ଯ୍ୟ; କାବ୍ୟାଳଂକାରବିଶେଷ । ବିଂ. ସାଧାରଣ, ଯାହା ସମସ୍ତଙ୍କର ଅଛି । (ସାଧାରଣଂ ତୁ ସାମାନ୍ୟଂ—ଅମର ।) (ସ୍ତ୍ରୀ-ଆ) ବେଶ୍ୟା, ସାଧାରଣ ସ୍ତ୍ରୀ ।

ସାମିଲ୍, ବି. (ଯାବନିକ) ମିଳନ; ସାମ୍ୟ । ବିଂ. (ସମିଲ ବା ସମେଳ ଶବ୍ଦଜ) ସମ୍ମିଳିତ, ଅନ୍ତର୍ଭୁକ୍ତ ।

ସାମିଲକରିବା, କ୍ରି. ମିଳିତକରିବା, ଅନ୍ତର୍ଭୁକ୍ତ କରିବା । ଯଥା—

ସେ ଟିପାଖଣ୍ଡ ଏହି ବସ୍ତାନିରେ ସାମିଲ୍ କରାଗଲା ।
ହି. ସା. ୧୯. ୪.

ସାମୀପ୍ୟ, ବି. (ସମୀପ-ଯ)ସାନ୍ନିଧ୍ୟ, ନୈକଟ୍ୟ ।

ସାମୁଦ୍ରିକ, ବି. (ସ=ସହିତ-ମୁଦ୍ରା=ହସ୍ତରେଖାଦି-ଅ=ସାମୁଦ୍ର-ଇକ) ଶରୀର ଚିହ୍ନର ଶୁଭାଶୁଭ ଫଳ ପ୍ରକାଶକ ଦୈବଜ୍ଞ, ଶରୀରଚିହ୍ନସମ୍ବନ୍ଧୀୟ ଶାସ୍ତ୍ରାଦି । ବିଂ. ସମୁଦ୍ରସମ୍ବନ୍ଧୀୟ ।

ସାମ୍ପରାୟିକ, } ବି. ( ସଂପରାୟେନ୍ତେଽସ୍ମିନ୍ନିତି
ସମ୍ପରାୟିକ, } ସାମ୍ପରାୟିକଂ, ଅୟୁଗତୌ, ସମ୍-ପରା-ଅୟ୍-ଇକ ) ଯୁଦ୍ଧ ।

ସାମ୍ପ୍ରତ,ଅଂ.ସଂ.ଯୁକ୍ତ,ଉଚିତ । (ସ୍ୱପ୍ନଂଛେତ୍ତୁମ୍ନସାମ୍ପ୍ରତଂ) ଅଧୁନା, ବର୍ତ୍ତମାନ, ଏକ୍ଷଣି । ( ଅଧୁନା ସାମ୍ପ୍ରତଂ ତଥା—ଅମର । ) (ସାମ୍ପ୍ରତଂ ପଦ ଓଡ଼ିଆରେ ସାମ୍ପ୍ରତ ହୁଏ ।)

ସାମ୍ୟ, ବି. (ସମ-ଯ) ସମତା, ସାଦୃଶ୍ୟ ।

ସାମ୍ରାଜ୍ୟ, ବି. (ସମ୍ରାଜ୍-ଯ) ସର୍ବପ୍ରଧାନ ରାଜ୍ୟ, ସମ୍ରାଟଙ୍କ ଶାସିତ ରାଜ୍ୟ; ସାର୍ବଭୌମତ୍ୱ ।

ସାୟ, ବି.(ସ୍ୟତି ଦିନଂ ସାୟଃ-ଷୋଽନ୍ତକର୍ମଣି, ସୋ = ନାଶ କରିବା-ଅ) ଦିନାନ୍ତ ସମୟ; ଶେଷ, ଅବସାନ; ନାଶ; ଶର । (ସାୟଃ-କାଣ୍ଡେ ଦିନାନ୍ତେ ଚ—ମେଦିନୀ । )

ସାୟଂ, ଅଂ. ସଂ. ଦିନାନ୍ତ ସମୟ, ସାୟଂକାଳ ।

ସାୟକ, ବି.(ସୋ = ନାଶ କରିବା-ଅକ)ବାଣ; ଖଡ୍ଗ ।

ସାୟନ୍ତନ, ବିଂ.(ସାୟଂ-ତନ) ସନ୍ଧ୍ୟାକାଳୀନ ।

ସାର,ବି. (ସୃ-ଅ) ବଳ;ସ୍ଥିରାଂଶ; ବୃକ୍ଷର ମଜ୍ଜା; ତେଜ; ଜଳ; ଧନ; ଶ୍ରେଷ୍ଠାଂଶ; ଉତ୍କର୍ଷ; ମଜ୍ଜା; ଉପଯୁକ୍ତତା; କାଠିନ୍ୟ; ଦୃଢ଼ତା; ସାରତା; ନବନୀତ; ଜ୍ୱର; ବାୟୁ; ପୀଡ଼ା । ବିଂ. ଶ୍ରେଷ୍ଠ; ଉତ୍କୃଷ୍ଟ । (ଦେଶଜ) ପଶାସକଟାଦି ଖେଳର ଉପକରଣ । ଯଥା—

ଦିନେ କି ଅନ୍ଧାର ଧାର ପଡ଼ିଲେ ପଶାର ସାର
ଅଣାଇଲ ସନ୍ଧିଧର ଧୀର । ପ୍ରେ. ସୁ. ନି.

ଗଞ୍ଜପା ଅର୍ଥାତ୍ କାଗଜ ଓ କନାରେ ନିର୍ମିତ ନାନା ବର୍ଣ୍ଣରେ ଚିତ୍ରିତ କ୍ରୀଡ଼ୋପକରଣବିଶେଷ; ସାରିକା ପକ୍ଷୀ । ଯଥା—

କି ରଙ୍ଗେ ସାର ସ୍ୱରତରଙ୍ଗ ତୋଳେ । ରୂ. ପ୍ର.

ସାରକମା, ବି. ସ୍ତ୍ରୀ. (ଦେଶଜ) ଦେବୀବିଶେଷ । ଯଥା—

ହିଙ୍ଗୁଳା ସାରକମା ମାତଙ୍ଗୀ ଉଲୋଉମା । ନୃ.ପୃ.ଚ.ତ.

ସାରଗାର, ବିଂ. (ଦେଶଜ) ଉତ୍ତମ । ଯଥା—

ସେ ଖଞ୍ଜନରଞ୍ଜନ ସେ ପ୍ରଥମା ପିରୁଳା,
ସାରଗାର ଗୁଣା ଅଠାକାଠିରେ ଲଗିଲା । କୋ.ବ୍ର.ସୁ.

ସାରଗୁଣା, ବି. (ଦେଶଜ) ବାଦ୍ୟଯନ୍ତ୍ରବିଶେଷ । ଯଥା—

ସ୍ୱର୍ଗର ବିଳାସିଣୀ ମିଳିଲେ କୋଟିକୋଟି,
ହସ୍ତରେ ସାରଗୁଣାମାନ ଧରିଣ ଅଧାଟି । ନୃ.ପୂ ତୃ.ଛ.

ସାରଙ୍ଗ, ବି. (ସାରଣ୍ୟଙ୍ଗାନି ଯସ୍ୟ ସଃ ସାରଙ୍ଗଃ, ସଜାତିତ୍ୱେ ଃ ସତ ଅରଂ ଅତ୍ୟର୍ଥ୍ୟଂ ଗଚ୍ଛତୀତି ସାରଙ୍ଗଃ,ସାର-ଅଙ୍ଗ ଯାହାର ଅଥବା ସ = ସହିତ-ଅରଂ = ଶୀଘ୍ର ବା ଅତିଶୟ-ଗମ୍-ଅ) ଚାତକପକ୍ଷୀ; ଭ୍ରମର; ହରିଣ; ହସ୍ତୀ; ସିଂହ; ରାଜହଂସ; ମୟୂର; କୋକିଳ; କନ୍ଦର୍ପ; ମେଘ; ପଦ୍ମ; ପରିଚ୍ଛଦ; ପୁଷ୍ପ; ସ୍ୱର୍ଣ୍ଣ; ଧନୁ; ଚନ୍ଦନ; କର୍ପୂର; ବାଦ୍ୟଯନ୍ତ୍ରବିଶେଷ; ବସ୍ତ୍ର; ଶଙ୍ଖ; ମଣି; ରାତ୍ରି; ପୃଥିବୀ । ବିଂ. ନାନାବର୍ଣ୍ଣଯୁକ୍ତ ।

ସାରଙ୍ଗୀ, ବି. ସ୍ତ୍ରୀ. (ଶାରଙ୍ଗ ଶବ୍ଦଜ, ପ୍ରାକୃତ) ବାଦ୍ୟଯନ୍ତ୍ରବିଶେଷ । ଯଥା—

ସାରଙ୍ଗୀ କରେ ବାଇବ । ବି. ଚ. ମ.

ସାରଣ, ବି. (ସୃ-ଣିଚ୍-ଅନ) ଦୋଷଶୁଦ୍ଧି; ଚାଳନ; ଅତିସାର ରୋଗ; ରାବଣର ମନ୍ତ୍ରିବିଶେଷ; ଘୁଞ୍ଚାଇବା ।

ସାରଣା, ବି. (ଦେଶଜ) ବ୍ୟୟ । ଯଥା—

ଧନ ସାରଣା କେତେ କହିବାକୁ । କୋ. ବ୍ର. ସୁ.

ବନ୍ଦୋବସ୍ତ; ଠିକଣା । ଯଥା—

ଜୀବେଶ୍ୱରୀ ହୃଦୟରେ ପୂରିତ କରୁଣା,
ରତ୍ନ-ରଚନ ବର୍ଣ୍ଣନ କରିବ ସାରଣା । କୋ. ବ୍ର. ସୁ.

ସାରଣି, ସାରିଣୀ, ସାରଣୀ, } ବି.ସ୍ତ୍ରୀ.(ଦେଶଜ) ଖେଳଣାବିଶେଷ;କଇଥ ପ୍ରଭୃତିରେ ଏହାକୁ ତିଆରି କରି ରଜ୍ଜୁ ଲଗାଇ ଘୁରାଇ ଖେଳନ୍ତି । ଯଥା—

ବୋଇଲେ ମୁଁ ତୁମ୍ଭ କଣା କଙ୍କର,
କରସାରଣି ପରି ମୋତେ କର ।

ସାରଥି, ବି. (ସାରଯ୍ୟତ୍ୟଶ୍ୱାନିତିସାରଥିଃ, ସୃଗତୌ, ସୃ-ଅଥି) ରଥାଦି ଚାଳକ; ସହାୟ ।

ସାରଥ୍ୟ, ବି. (ସାରଥି-ଯ) ରଥାଦି ଚାଳନ; ସାହାଯ୍ୟ ।

ସାରମେୟ, ବି. (ସାରମା = ଶୁନୀ-ଏୟ ଅପତ୍ୟାର୍ଥେ) କୁକ୍କୁର ।

ସାରସ, ବି. (ସରସ-ଅ) ହଂସ; ସ୍ୱନାମପ୍ରସିଦ୍ଧ ଜଳଚର ପକ୍ଷୀ; ପଦ୍ମ; ଚନ୍ଦ୍ର । ବିଂ. ସରୋବରସମ୍ବନ୍ଧୀୟ ।

ସାରସନ, } ବି. ( ସାରଂସନୋତିସାରସନଂ, ସାରସନା, } ସ୍ତ୍ରୀ. ଷଣୁଦାନେ, ସାର = ଉତ୍କର୍ଷ-ସନ୍ = ଦେବା-ଅ)ସ୍ତ୍ରୀର କଟିଭୂଷଣବିଶେଷ, ତିନିସୋରିଯୁକ୍ତ କଟିଭୂଷଣ ଶୃଙ୍ଖଳା । (ବି ଭିଃ ସାରସନଂ ସରେ ଃ ।) (ସାରଂ ବଳଂ ସନୋତୀତି ସାରସନା, ସାର-ସନ୍ = ଦେବା-ଅ-ଆ) କଞ୍ଚୁକ ଧାରଣ କଲା ପରେ ଦୃଢ଼ାର୍ଥ ତଦ୍‌ବନ୍ଧନାର୍ଥ ରଜ୍ଜୁବିଶେଷ ।

ସାରା, ବିଂ. (ସମଗ୍ର ଶବ୍ଦଜ, କିନ୍ତୁ ଏହି ବଙ୍ଗଭାଷାରୁ ଆସି ଓଡ଼ିଆରେ ପ୍ରବେଶ କରିଅଛି) ସମଗ୍ର । ଯଥା—

ଦିନସାରା ବୃକ୍ଷକୁ ବୁଲନ୍ତି ଉପବାସେ । ସା.ଭା.ଆ.

ବି. ହାରାହାରି ମାପ ।

ସାରି, ବି. (ଦେଶଜ) ଧାଡ଼ି । ଯଥା—

ସାରି ସାରି କେଉ କେଉ ଗଜମୋତି ଝୁମ୍ପା ।
ନୃ. ପୂ. ଚ. ଛ.

(ସାରିକା ଶବ୍ଦଜ) ପକ୍ଷିବିଶେଷ ।

ସାରିଆ, ବିଂ. (ଦେଶଜ) ଗେହ୍ଲା ।

ସାରିକା, ଶାରିକା, ବି. ସ୍ତ୍ରୀ. ସଂ. ପକ୍ଷିଣୀବିଶେଷ ।

ସାରିଷୁ, ବିଂ. (ଦେଶଜ) ଅବ୍ୟର୍ଥ । ଯଥା—

ଦୁର୍ବାସାଙ୍କର ବଚନ ଏସନ ସାରିଷୁ । ସା.ଭା.ସ.

ସାରିଗାମା, ବି. (ଦେଶଜପ୍ରାପ୍ୟ) ବେହେଲା ପ୍ରଭୃତି ବାଦ୍ୟର ସ୍ୱର ।

ସାରିନ୍ଦାବାଜା, ବି. (ଯାବନିକ) ବେହେଲା ନାମକ ବାଦ୍ୟଯନ୍ତ୍ର ।

ସାରିବା, କ୍ରି. (ଦେଶଜ) ଶେଷକରିବା; ଗୃହୋପକରଣାଦି ବ୍ୟବହାରରେ ଲଗାଇବା । ଯଥା—

ସୁବର୍ଣ୍ଣ ଥାଳରେ କନ୍ଦ ସାରୁଥାଇ ପାଣି । ନୃ.ସ୍ତ୍ର.ଦ୍ୱି.ଛ.

ନାଶ କରିବା । ଯଥା—

ସାରେ ପାପ ନର ବର୍ଗଙ୍କେ କଣି ନେଇଁ । ସୁ. ପ.

ବସ୍ତାଦି ବୁଣିବା ।

ସାରସାର, } ବି°. (ଦେଶଜ) ଶ୍ରେଣୀଭୂତ ।
ସରସର, } ଯଥା—

ଗୋଡ଼ପାକରେ ଶିରି ଦିଶଇ ସରସର । ନୃ.ପୁ.ଚୂ.ଚ.

ସାରୁ, ବି. (ଶାକୁ ଶବ୍ଦଜ) କନ୍ଦବିଶେଷ ।

ସାରୁଆ, ବି. (ଦେଶଜ) ଯେ ସାରୁ ବ୍ୟବସାୟ କରେ, ଏକଜାତୀୟ ବ୍ରାହ୍ମଣ । (ବସ୍ତ୍ରସ ଶବ୍ଦ ଦେଖ ।)

ସାର୍ଥ, ବି. (ସ-ଅର୍ଥ) ସମୂହ; ସଙ୍ଗୀ; ବଣିକ୍-ସମୂହ । ବି°. ଧନବାନ୍, ଅର୍ଥଯୁକ୍ତ ।

ସାର୍ଥକ, ବି°. ( ସ-ଅର୍ଥ-କ ) ଅର୍ଥଯୁକ୍ତ; ସଫଳ; ବଣିକ୍‌ମାନଙ୍କର ଅଧିନାୟକ ।

ସାର୍ଥୁକ, ବି°. ( ସାର୍ଥକ ଶବ୍ଦଜ ) ସଫଳ; ଧନ୍ୟ । ଯଥା—

ବୁଝିଲେ ମୋହର ପ୍ରାଣେ ନାହିଁ କେ ସାର୍ଥୁକ ।
ନୃ. ପୁ. ସ. ଚ.

ସାର୍ବଭୌମ, ବି. (ସର୍ବ-ଭୂମି-ଅ) ସମ୍ରାଟ୍; ଚକ୍ରବର୍ତ୍ତୀ; ଉତ୍ତରଦିଗ୍ଗଜ; କୁବେର ହସ୍ତୀ । ବି°. ଜଗଦ୍‌ବ୍ୟାପୀ, ଜଗଦ୍‌ବିଖ୍ୟାତ ।

ସାଳ, ଶାଳ, ବି. [ସାଲ୍ (ଶାଲ୍)=ଗମନ କରିବା-ଅ, ସଲ୍ୟତେ ଗମ୍ୟତେ ଜନୈରନ୍ତି ସାଳଃ] ଗଛ; ସର୍ଜତରୁ । (ସଳନ୍ତି ନଗରମିତି ସାଳଃ) ପ୍ରାକାର, ପାଚେରି । (ଶଳନ୍ତି ଶୀଘ୍ରଂଗଚ୍ଛନ୍ତୀତି ଶାଳଃ ସାଳୋବା) ମତ୍ସ୍ୟବିଶେଷ । (ସାଳଃ ସର୍ଜତରୌ ବୃକ୍ଷମାତ୍ର ପ୍ରାକାରୟୋରପି —ମେଦିନୀ ।) (ଶାଲ୍ ଶବ୍ଦଜ) ସାଧାରଣ ଘର । (ଯାବନିକ) ସମ୍ପତ୍ତି; ଉତ୍ତମ ରେଶମୀ ଲୁଗା । ଯଥା—

ଗଣିବ ନାହିଁ ତୋ ସାଲର ପଗଡ଼ି । ଦା. ବା.

ସାଲଗମ, ବି. (ଦେଶଜ) ଏକପ୍ରକାର ମୂଳ ପରିବା ।

ସାଳପନ, } ବି. (ଶାଳପର୍ଣ୍ଣୀ ଶବ୍ଦଜ) ଔଷଧି
ଶାଳପନ, } ଗୁଳ୍ମବିଶେଷ ।

ସାଲମା, ବି. (ଦେଶଜ) କୋଳି ଆକୃତି ଫଳବିଶେଷ । ଯଥା—

ପାଚିଲ ସାଲମା କମ୍ବା ଶଙ୍କରି କଦଳୀ । ଉ. ଭ୍ର.

(ବାଲେଶ୍ୱର ପ୍ରାନ୍ତରେ) ଆମ୍ବଡ଼ା ।

ସାଲସା, ବି. (ସେରସାପେରିଲ୍-ଇଂରାଜୀ ଶବ୍ଦଜ) ଔଷଧବିଶେଷ ।

ସାଳି, ଶାଳୀ, ବି. (ଶାଳିକା ଶବ୍ଦଜ) ଭାର୍ଯ୍ୟାର ଭଗିନୀ ।

ସାଲସ, ବି. (ଯାବନିକ) ମଧ୍ୟସ୍ଥଦ୍ୱାରା ବିବାଦର ସମାଧାନ; ରଫା କରିବା; ରାଜିନାମା କମ୍ବା ମିଳିଯିବା ।

ସାଲିସି, ବି. (ଯାବନିକ) ପଞ୍ଚାୟତ ।

ସାଲୁ, ଶାଲୁ, ବି. (ଦେଶଜ) ଉତ୍ତମ ରେଶମିବସ୍ତ୍ର । ଯଥା—

ସେ ମୋତେ କହୁଥାଇ କଥାରେ ଗାଲୁ ବନ୍ଧି,
ଦେବ ତାଙ୍କୁ ଶିର ସାଲୁ କୃଷ୍ଣ ହକରଇ । କୃ.ସ୍ୱ.ବ.ପ.

ସାଲୁବାଲୁ, ବି°. (ଦେଶଜ) ଗୋଳିଆଗୋଳି, ଗୋଳମାଳିଆ ।

ସାବଧାନ, ବି°.(ସ-ଅବଧାନ = ମନୋଯୋଗ) ସତର୍କ, ମନୋଯୋଗୀ ।

ସାବିତ୍ରୀ, ବି. ସ୍ତ୍ରୀ. (ସବିତୃ-ଅ-ଈ) ଗାୟତ୍ରୀ, ବ୍ରହ୍ମାଙ୍କ ପତ୍ନୀ; ସୂର୍ଯ୍ୟାଧିଷ୍ଠାତ୍ରୀ ଦେବୀ; ଦୁର୍ଗା; ସତ୍ୟବାନ୍ ରାଜାଙ୍କ ପତ୍ନୀ ।

ସାବିତ୍ରୀବ୍ରତ, } ବି. ସଂ. ଜ୍ୟେଷ୍ଠ
ସାବିତ୍ରୀଅମାବାସ୍ୟାବ୍ରତ, } ଅମାବାସ୍ୟାରେ ସ୍ତ୍ରୀମାନଙ୍କର କର୍ତ୍ତବ୍ୟ ବ୍ରତ ।

ସାଷ୍ଟମ, ସାଷ୍ଟାମ, ବି°. (ଦେଶଜ) ସଧୈର୍ଯ୍ୟ । ଯଥା—

ଦେଖି ମୁନିଙ୍କି ସାଷ୍ଟମ କରେ ମୁରାସୁର,
ବୋଲେ ଅଧୈର୍ଯ୍ୟ କପାଁ ହୁଅ ମୁନିବର । ନୃ.ପୁ.ଚ.ଚ.

ସଚେତ । ଯଥା—

ମୁଖେ ପାଣି ସିଞ୍ଚିଲେ କୁଞ୍ଜଗଲ ନୃପତି,
ଚେତନା ପାଇ ସାଷ୍ଟମ ହେଲେ ମହୀପତି । ସା.ଖି.ଆ.

ବି. ଚେତନା, ଜ୍ଞାନ । ଯଥା—

ସାଷ୍ଟାମ ପାଇଲା ସେ କୁମାର ଚୂଡ଼ାମଣି,
ବୋଇଲା ଚେତା ହାରିଲି ମୁଁ କିରଧାତ ଶୁଣି । ସା.ଖି.ବ.

ସାସ, ବି. (ସାହସ ଶବ୍ଦର ଅପଭ୍ରଂଶ) ସାହସ, ଧୈର୍ଯ୍ୟ । (ଶ୍ୱାସ ଶବ୍ଦଜ) ନିଃଶ୍ୱାସ; ରୋଗ-ବିଶେଷ ।

ସାସ୍ନା, ବି. ସ୍ତ୍ରୀ. ସଂ. ଗୋରୁର ଗଳକମ୍ବଳ । (ସାସ୍ନାତୁ ଗଳକମ୍ବଳଃ—ଅମର ।)

ସାହସ, ବି. (ସହସ୍ = ବଳ-ଅ, ସହୋବଳଂ ତେନ ଭବଂ ସାହସଂ) ଦଣ୍ଡୋପାୟ । (ସାହସଂ ତୁ ଦମୋଦଣ୍ଡଃ—ଅମର ) ଅନ୍ତଃକରଣ ବିକ୍ରମ, ଉତ୍ସାହ; ଭୟଶୂନ୍ୟତା; ଦ୍ୱେଷ; ଅତ୍ୟାଚାର । (ସହସା-ଅ) ସହସା କୃତ-କର୍ମ; ଅବିମୃଷ୍ୟକାରିତା । (ବିଶେଷଣରେ ସାହସିକ ଓ ସାହସୀ ହୁଏ ।)

ସାହା, } ବିଂ. (ସହାୟ ଶବ୍ଦଜ ଅଥବା
ସାହାପକ୍ଷ, } ଶାଖା ଶବ୍ଦଜ, ପ୍ରାକୃତ) ସହାୟ । ଯଥା—

ଏ ସଂକଟେ ମୋର କେଉଁ ମିତ ହେବେ ସାହା । ଉ.ବ.
ଏମନ୍ତେ ମାତା ପୁଣି ଭଜନ୍ତି ଜଗନ୍ନାଥ,
ସେହିଠାରୁ ଗୋବିନ୍ଦ ହୁଅନ୍ତି ସାହାପକ୍ଷ । ନୃ.ପୁ ତୃ.ତ.

ବି. ସାହାଯ୍ୟ । ଯଥା—

ରଥପଥ ମଣ୍ଡି କଲିଛିଲି ଜଗତ
ଏହା ସାହାରେ ଦେବ ମୋହିତ । ବି.ଚ.ମ.

ସାହାଡ଼ା, ବି.(ଶାଖୋଟ ଶବ୍ଦଜ) ବୃକ୍ଷବିଶେଷ ।

ସାହାଣ, ବି. (ଶାଣ ଶବ୍ଦଜ-ଅଧିକ ବର୍ଣ୍ଣଯୋଗ) ଶାଣଯନ୍ତ୍ର, ଭଣ୍ଡାରିମାନେ ଯେଉଁ ପଥରରେ ଖୁର ଘଷନ୍ତି । ଯଥା—

ସୁବର୍ଣ୍ଣର ଖୁର ଧାର ସାହାଣେ ମାଜିଲା,
ମଧୁ ସେ ସାକର ନେଇ ନଇବେଦ୍ୟ ଦେଲା । ମଂ. ସଂ.

ଶ୍ରେଷ୍ଠାର୍ଥବାଚକ । ଯଥା—

ଜଗିଥିଲେ ଦୈତ୍ୟଗଣ, ଦ୍ୱାରେ ଅର୍ଗଳୀ ଦେଇଣ,
ଦେଖିଲେ କାଙ୍କ୍ଷିଲରେଣ, କପି ସାହାଣ । ବି. ସ୍ୱ.

ସାହାଣି, ସାଣି, ବି. (ଦେଶଜ) 'ଅଶ୍ୱରକ୍ଷକ ଚାକର । ଯଥା—

ଅଶ୍ୱ ସଜ କରଣ ସାହାଣି ଆଣି ଦେଲା । ନା.ର.ଗୀ.

କେତେକ ଶୂଦ୍ରଜାତିର ଉପାଧିବିଶେଷ ।

ସାହାଯ୍ୟକ, } ବି. (ସହାୟ-କ, ଯ ଭାବାର୍ଥେ)
ସାହାଯ୍ୟ, } ସହାୟତ୍ୱ; ଆନୁକୂଲ୍ୟ ।

ସାହାର, ବି. (ସହକାର ଶବ୍ଦଜ, ପ୍ରାକୃତ) ସୁବାସ ଆମ୍ବଫଳ ଓ ତାହାର ଗଛ ।

ସାହାଲି, ବି. (ଦେଶଜ) ଶ୍ରେଣୀ । ଯଥା— ପଥର ଦୁଇ ପାର୍ଶ୍ୱରେ ଦୁଇ ସାହାଲି ଧର୍ମଶାଳା ବନ୍ଧାଅଛି ।

ସାହାସ, ବି. (ଦେଶଜ) ଦସ୍ତନାମକ ଖେଳରେ ରଜାସାର ଭୁଲେ ନଅ ବା ଦୁକା ଥିଲେ ଅନ୍ୟ ହାତରେ ମନ୍ତ୍ରୀ ଓ ଦହ ଥିଲେ ନଅ ବା ଦୁକାକୁ ଲକ୍ଷ୍ୟ କରି ଖେଳିବା ଏବଂ ଉଚ୍ଚ ସାରଠାରୁ ଦୁଇଟିପ ଊଣା ହେବା ସାରକୁ ଖେଳିବା । ( ସାହସ ଶବ୍ଦଜ ) ଧୈର୍ଯ୍ୟ; ଅବିମୃଷ୍ୟକାରିତା ।

ସାହାସ୍ର, ବି. (ସହସ୍ରାଣାଂ ସମୂହଃ ସାହସ୍ରଂ) ସହସ୍ରସମୂହ । ବିଂ. ଯେଉଁ ସେନା-ନାୟକଙ୍କର ସହସ୍ର ଯୋଦ୍ଧା ବିଦ୍ୟମାନ ଅଛନ୍ତି; ସହସ୍ର ସହାୟପ୍ରାପ୍ତ । (ବଳବୋ ଯେ ସହସ୍ରେଣ ସାହାସ୍ରାସ୍ତେ ସହସ୍ରିଣଃ—ଅମର ।)

ସାହି, ବିଂ. (ସହାୟ ଶବ୍ଦଜ) ସହାୟ । ଯଥା—

ରାଜାର ବଚନ ଶୁଣି ନ ମାଇଲେ କେହି,
ବିରାଟ ବୋଇଲା ଧର୍ମ ମୋତେ ହୁଅ ସାହି । ସା ଭା ବି.

( ଦେଶଜ ବା ସହ ଶବ୍ଦଜ ) ସହବାସି-ମାନଙ୍କର ଗୃହାବଳୀ । (ସାଇ ଶବ୍ଦ ଦେଖ) ।

ସାହିତ୍ୟ, ବି. (ସହିତ-ଯ) ସଂସର୍ଗ, ମିଳନ; ଶବ୍ଦଶାସ୍ତ୍ର; କାବ୍ୟ ନାଟକ ଅଳଙ୍କାର ପ୍ରଭୃତି; ଏକକ୍ରିୟାନ୍ୱୟିତ୍ୱ ।

ସାହୁ, ବି. ( ସାଧୁ ଶବ୍ଦଜ ) ମହାଜନ ବା ଋଣଦାତା । ଯଥା—

ବାୟସ ସାହୁ ଡ଼ାକିଲୁ ପେଚକ,
ବୃକ୍ଷ କୋଡ଼େ ଲୁଚେ ହୀନ ଖାତକ । ବୈ. ବି.

ପୋଷକ ବା ବେତନଦାତା ଖାମିନ୍ଦ; କେତେକ ନିମ୍ନଶ୍ରେଣୀସ୍ଥ ବ୍ରାହ୍ମଣଙ୍କର ଉପାଧି ବା ଗୃହ ନାମ; କେତେକ ତେଲିଆ ନାମକ ଶୂଦ୍ରଜାତିର ଉପାଧି ବା ଗୃହ ନାମ ।

ସାହୁବ୍ରାହ୍ମଣ, } ବି. ଏକଜାତୀୟ ବ୍ରାହ୍ମଣ;
ସାହୁବ୍ରାହ୍ମଣ, } ଏମାନଙ୍କର ପ୍ରଧାନ ବୃତ୍ତି ବା ବ୍ୟବସାୟ ମଠ ଓ ପାଠବସ୍ତ ନିଯୁକ୍ତନିଯୁ କରିବା; ଏମାନେ ଗଞ୍ଜାମରେ ପ୍ରଚୁର-ଭାବରେ ଅବସ୍ଥାନ କରନ୍ତି ।

ସାହେବ, ବି. (ଆରବ୍ୟ ଶବ୍ଦ)ପ୍ରଭୁ; ମହଦର୍ଥକ ।

ସାହେବି, ବି. (ଦେଶଜ ପ୍ରାୟ) ପ୍ରଭୁତ୍ୱ; ଅତି ବଡ଼ଲୋକପଣିଆଁ । ବିଂ. ସାହେବଙ୍କ ତୁଲ୍ୟ । ଯେପରି—ସାହେବି କାରବାର । ସାହେବ-ସମ୍ବନ୍ଧୀୟ । ଯେପରି—ସାହେବି ପୋଷାକ ।

ସାହେର, } ବି. (ସାଗର = ପ୍ରାକୃତ ସାଅର
ସାହାର, } ଶବ୍ଦଜାତ) ସମୁଦ୍ର । ଯଥା—

କାଦମ୍ବିନୀ ପାନେ ସେହୁ ହୋଇଲା ମତ୍ତାର,
ଢେଉଁଣ ପଡ଼ିଲା ସେହି ସାହେର ଭିତର । ସା.ଭା ସ.

କେ କେ ଅଇଲ ସାହାର ଜିଣି,
ଏକା ହୋଇ ଥିବେ ରଘୁମଣି । ବ. ଗ୍ର.

ସିଅ, ବି. (ଶିଫ ଶବ୍ଦଜ) ବୃକ୍ଷର ଚେର ।

ସିଆଁ, ବି. (ସୀବନ ଶବ୍ଦଜ) ସିଲାଇ । ଯଥା—

ତା ବସ୍ତ୍ରସିଆଁ ଜନେ ଦେଖି,
ସେ ଦର୍ଜ୍ଜୀଙ୍କର ମହାସୁଖୀ । ଦା. ର.

ବିଂ. ଯେ ସିଏଁ ବା ସିଲାଇ କରେ; ସିଇଁଥିବା । ଯଥା—

ସିଆଁ ହେଲା ପର ବେକ ଚମ । ର. ପ.

ସିଆଇ, ସିହାଇ, } ବି. ( ହିନ୍ଦୀ ) କାଳୀ,
ସ୍ୟାଇ, ସେହାଇ, } ମସୀ ।

ସିଆଇଘଡ଼ି, } ବି. (ହିନ୍ଦୀ) ମସୀପାତ୍ର ।
ସିଆଇଦାନ, }

ସିଆଣ, ସିହାଣ, } ବିଂ. ( ଦେଶଜ )
ସିଆଣା, ସିହାଣା, } ବିଦଗ୍ଧ, ଚତୁର ।
ସିଆଣିଆ, ସିହାଣିଆ, } ଯଥା—

ସିଆଣା ଲୋକଟା ମୁହିଁ ଗଲି କାଟି ବାଟ,
ଭିତରକୁ ଯିବାପାଇଁ ପଡ଼ିଛି କବାଟ । ଉ. ଭ୍ର.

କହିବାକୁ ବଚନେ କେ ଅଛି ସିହାଣ । ର. କ.

ସିଆର, ବି. (ଦେଶଜ) ବୀଜ ପୋତିବାପାଇଁ ପହଣି । (ସୀର ଶବ୍ଦଜ) ଲଙ୍ଗଳକର୍ଷିତ ରେଖା ।

ସିଆଳ, ଶିଆଳ, ସ୍ୟାଳ, ବି. (ଶୃଗାଳ ଶବ୍ଦଜ, ପ୍ରାକୃତ) ବିଲୁଆ ।

ସିଆଳ, ସ୍ୟାଳ, ବି. (ଶାଳ ଶବ୍ଦଜ) ବୃକ୍ଷ-ବିଶେଷ । ଯଥା—

ରଜବନ୍ଧ ଉଚ୍ଛୁଳ ପଡ଼ନ୍ତେ ନୃପରାଜ,
ସିଆଳ ଦନାରେ ତୋଳି ଧଇଲେକ ବୀଜ । ନା.ର.ଗୀ.

(ଶୈବାଳ ଶବ୍ଦଜ) ଜଳମାଳୀ, ପାଣିତଟସ୍ଥ ପଥରରେ ଜମି ରହିଥିବା ଜଳମାଳୀ । ଯେପରି—ପାଉଛରେ ସିଆଳ ପଡ଼ିଥିବାରୁ ଗୋଡ଼ ଖସି ଯାଉଅଛି ।

ସିଆଳୀ, ବି ସ୍ତ୍ରୀ.(ଶୃଗାଳୀ ଶବ୍ଦଜ)ମାଈ ବିଲୁଆ ।

ସିଇଁବା, କ୍ରି. (ସୀବ୍ ଧାତୁଜ) ବସ୍ତ୍ରାଦି ସିଲାଇ କରିବା; ପତ୍ରରେ ଖଲି ଓ ଦନା ତିଆରି କରିବା ।

ସିଉଁଟା, ବି. ( ସୀମନ୍ତ ଶବ୍ଦଜ ) ସୀମନ୍ତ, କେଶବିନ୍ୟାସବିଶେଷ ।

ସିଉଁଥି, ସିମନ୍ତି, ସିମନ୍ତିମା, ବି. ସ୍ତ୍ରୀ. (ସୀମନ୍ତ ଶବ୍ଦଜ) ସୀମନ୍ତର ଅଳଙ୍କାର । ଯଥା—

ଶିଖାଇଦେଲୁ, ମନ୍ଦ ନ କଲୁ,
ସିଉଁଥିଏ ଆଉ ମାଗ ବୋଇଲୁ । ର. ପ.

ମାଥେ ମୁକୁତାବଲି ସିମନ୍ତି ଚନ୍ଦ୍ରମଣି । କୃ.ପ୍ର.ପ୍ର ତ.

ଶିରକୁ ସିମନ୍ତିମା ହୃଦକୁ ଦେବୁ ମାଳା । ସା. ଭା. ସ

ସିଉକା, ସୁଉକା, ସୁକା, ବି. ( ଦେଶଜ ) ଚୁରିଅଣି ମୁଦ୍ରା, ଚୁରିଅଣା ।

ସିଉକାର, } ବି. (ସ୍ୱୀକାର ଶବ୍ଦଜ) ସମ୍ମତି ।
ସୀଉକାର, } ଯଥା—

ବାଲା କଲା ସୀଉକାର । ର ପ.

ସିଉଳି, } ବି. (ଶେଫାଳିକା ଶବ୍ଦଜ) ପୁଷ୍ପ-
ସିଉଁଳି, } ବୃକ୍ଷବିଶେଷ ।

ସିଂହ, ବି. (ହିନସ୍ତି ହସ୍ତ୍ୟାଦିକମିତି ସିଂହଃ, ହିସି ହିଂସାୟାଂ, ହିନସ୍-ଅ-କର୍ତ୍ତୃ ବିପର୍ଯ୍ୟୟ ହୋଇଅଛି — ଭବେଦ୍ ବର୍ଣ୍ଣାଗମାଦ୍ଧଂସଃ ସିଂହୋବର୍ଣ୍ଣବିପର୍ଯ୍ୟୟାତ୍) ମୃଗେନ୍ଦ୍ର; ପଞ୍ଚମ ରାଶି । (ଅନ୍ୟ ନାମର ପରେ ରହିଲେ) ଶ୍ରେଷ୍ଠାର୍ଥବାଚକ । ଯଥା—ବୀରସିଂହ । (ସ୍ତ୍ରୀ-ଈ) ସ୍ତ୍ରୀ ସିଂହ; ସିଂହମାତା; ବାଇଗଣ-ଗଛ ।

**ସିଂହଡ଼ା**, ବି. (ଶୃଙ୍ଗାଟକ ଶବ୍ଦଜ) ଜଳକଣ୍ଟକ । (ଦେଶଜ) ପାନ୍ଥବିଶେଷ । ଯଥା—
ହସ୍ତି ଦିଲ୍ଲ କମ ଦଶଲକ୍ଷ ଯେ ସିଂହଡ଼ା ।
ସ୍ଥୂଳକମ ନବମାଣ ଲକ୍ଷେକ ଜ୍ଞାନ ସ୍ର । ସା ଭା ସ.

**ସିଂହଦ୍ୱାର**, ବି. ସଂ. ରାଜପ୍ରାସାଦ ଓ ଦେବାଳୟାଦିର ପ୍ରଥମ ବହିର୍ଦ୍ୱାର, ଫାଟକ ।

**ସିଂହନାଦ**, ବି. ସଂ. ବୀରମାନଙ୍କ ଗର୍ଜନ । (କ୍ଷ୍ୱେଡ଼ା ତୁ ସିଂହନାଦଃ ସ୍ୟାତ୍—ଅମର ।) ସିଂହର ଧ୍ୱନି ।

**ସିଂହଳ**, ବି. (ସିଂହ-ଲ୍=ଗ୍ରହଣ କରିବା-ଅ) ଲଙ୍କାଦ୍ୱୀପ; ପିତ୍ତଳ ଧାତୁ ।

**ସିଂହସଂହନନ**, ବିଂ. (ସିଂହସ୍ୟ ସଂହନନମିବ ସଂହନନଂ ବପୁର୍ଯସ୍ୟେତି ସିଂହସଂହନନଃ) ଶ୍ରେଷ୍ଠାଙ୍ଗ ରୂପଲାବଣ୍ୟଯୁକ୍ତ ।

**ସିଂହାସନ**, ବି. ସଂ. ରାଜାସନ, ସିଂହଚିହ୍ନିତ ଆସନ ।

**ସିଂହଟାଳି**, } ବି. (ସିଂହତୁଣ୍ଡ ଶବ୍ଦଜ) ମତ୍ସ୍ୟ-
**ସିଙ୍ଗିଟାଳି**, } ବିଶେଷ ।

**ସିଂହଣୀ**, ବି. ସ୍ତ୍ରୀ. (ସଂସ୍କୃତ ଶବ୍ଦରେ ଓଡ଼ିଆ ପ୍ରତ୍ୟୟ) ମାଈ ସିଂହ ।

**ସିକଡ଼**, } ବି. (ଦେଶଜ ବା ଶିଫା ଶବ୍ଦଜ)
**ଶିକଡ଼**, } ବୃକ୍ଷର ଚେର ଏବଂ ଓର ଓ ଜଟା । ଯଥା—
ଏକଇ ବୃକ୍ଷେ ବେନି ଫଳ, ଚତୁର ରସ ଧ୍ୱନି ମୂଳ ।
ପଞ୍ଚ ସିକଡ଼ ତଳେ ଗଣି, ଆତ୍ମା ଏହାର ଛଡ଼ଗୋଟି ।
ଭା ଦ. ସ୍କ.
ସେ ବୃକ୍ଷେ ଯେତେ ଡାଳ ପ୍ରକାଶେ ସାନ ବଡ଼ ।
ବସ୍ତ୍ରାର ଉପରେ ବଢ଼େ ସବୁରି ସିକଡ଼ । ନୃ. ପ୍ର. ସ. ଚ.

**ସିକଳି**, } ବି. (ଶୃଙ୍ଖଳା ଶବ୍ଦଜ) ଶୃଙ୍ଖଳା;
**ସିକୁଳି**, } ଶୃଙ୍ଖଳାକାର ମାଳା । ଯଥା—
ଝଁସ ସିକୁଳି ଗଳାକୁ ମାଳିକା । ଲ. ନ.

**ସିକତା**, ବି. (ସଂଯ୍ୟନ୍ତ ଇତି ସିକତାଃ-ଷିଚର୍ କ୍ଷରଣେ, ସିଚ୍-ଅତ-ଆ) ବାଲୁକା; ବାଲୁକାମୟ ପ୍ରଦେଶ; ଶର୍କରା ।

**ସିକସ୍ତ**, } ବିଂ. (ଦେଶଜ କିମ୍ବା ପାର୍ଶି ଶେକସ୍ତ
**ସିକସ୍ତ**, } ଶବ୍ଦରୁ ଜାତ) ନିରସ୍ତ; ଦୁରବସ୍ଥ, ଦରିଦ୍ର ।

**ସିକ୍ତ**, ବିଂ. (ସିଚ୍=ସିଞ୍ଚିବା-ତ) ଆର୍ଦ୍ରୀକୃତ, ସିଞ୍ଚାଯିବା ।

**ସିକ୍ଥ**, } ବି. (ସିଚ୍-ଥ, କ) ମହମପିଠା,
**ସିକ୍ଥକ**, } ମହଣ । (ମଧୂଚ୍ଛିଷ୍ଟଂ ତୁ ସିକ୍ଥକଂ—ଅମର ।) ଏକଗ୍ରାସ ଅନ୍ନ, ଏକପୁଳା ଭାତ ।

**ସିଖା**, ବି. (ଶିକ୍ଷା=ପ୍ରାକୃତ ସିକ୍ଖା ଶବ୍ଦଜ) ଶିକ୍ଷା; ବତାଇବା; ଚିଆଇବା । ବିଂ. ସିଖିଥିବା । ଯଥା—
ଦେଖାସିଖା ଗଢ଼ଡ଼ ବନ୍ଧ । ଛଗ ।

**ସିଖାଣ**, ବି. (ଦେଶଜ) ଶିକ୍ଷା, ଉପଦେଶ ।

**ସିଖିବା**, କ୍ରି. (ଶିକ୍ଷ୍ ଧାତୁଜ) ଅଭ୍ୟାସ କରିବା ।

**ସିଙ୍ଗାର**, } ବି. (ଶୃଙ୍ଗାର ଶବ୍ଦଜ, ପ୍ରାକୃତ)
**ଶିଙ୍ଗାର**, } ଭୂଷଣ । ଯଥା—
କି ବର୍ଣ୍ଣିବି ତାହା ରୂପ ଶୋଭା ଆହା
ବିଷାଦ ଧାର ସିଙ୍ଗାର । ୟ. କେ.
ଶୋଭା ।

**ସିଙ୍ଗାରଖଇ**, } ବି. (ଶୃଙ୍ଗାର-ଖଦିକା ଶବ୍ଦଜ)
**ସିଙ୍ଘାରଖଇ**, } ଘୃତ ଖଣ୍ଡାଦି ମିଶ୍ରିତ ଲାଜା ବା ଲିଆ ।

**ସିଙ୍ଘ**, ବି. (ସିଂହ ଶବ୍ଦଜ, ପ୍ରାକୃତ) ସିଂହ ।

**ସିଙ୍ଘଡ଼ା**, ବି. (ଶୃଙ୍ଗାଟ ଶବ୍ଦଜ) ଜଳକଣ୍ଟକ । (ଦେଶଜ) ମିଷ୍ଟାନ୍ନବିଶେଷ । ଯଥା—
ସିଙ୍ଘଡ଼ା ରସାପାପୁଡ଼ି ରସପୁଳି ମେଣ୍ଢା । ନୃ. ପ୍ର. ଦ୍ୱି. ତ.

**ସିଙ୍ଘଦ୍ୱାର**, } ବି. (ସିଂହଦ୍ୱାର ଶବ୍ଦଜ)
**ସିଙ୍ଘଦୁଆର**, } ଦେବତା ଓ ରାଜାଙ୍କ ମନ୍ଦିରର ସମ୍ମୁଖସ୍ଥ ଦ୍ୱାର ।

**ସିଙ୍ଘାଣ**, } ବି. ( ଘ୍ରାନସ୍ତି ପାଣ୍ଡୁରୋଗମିତି
**ସିଂହାଣ**, } ସିଂହାଣଂ ଶିଂଘାଣଂ ଚ, ଘ୍ରାନି ଘ୍ରଂସାୟାଂ, ଘ୍ରାନସ୍-ଆନ ବର୍ଣ୍ଣବିପର୍ଯ୍ୟୟ ) ଶ୍ଳେଷ୍ମ ମଳ; ନାସିକା ମଳ ।

**ସିଙ୍ଘାଣି**, } ବି ( ସିଂଘାଣ ଶବ୍ଦଜ ) ନାସା-
**ସିଙ୍ଗାଣି**, } ମଳ ।

ସିଙ୍ଘାର, ସିଙ୍ଗାର, } ବିଂ. ( ଶୃଙ୍ଗାର ଶବ୍ଦଜ )
ସିଂହାର, } ସୁନ୍ଦର; ଶ୍ରେଷ୍ଠ । ଯଥା—

ବସିଲେ ଧାଇଁ ସିଙ୍ଘାର ବେଶ କରିବାକୁ,
ବେଶ ନୋହେ, ଯୁବା ମାରଦର୍ପ ଖଣ୍ଡିବାକୁ । ମଂ. ଫ.

ବି. ଭୂଷଣ । ଯଥା—

ଶକ୍ତରେ ସିଂହାର ଯାହା ଶକ୍ତ ଗଲେ ଗୁଳ,
ପାର୍ଥ ! ସେ ସିଂହାର ହୁଏ ଅନର୍ଥର ହେତୁ । ମ. ଯା.

ସିଙ୍ଘାରୀ, ସିଙ୍ଗାରୀ, } ବି. ସ୍ତ୍ରୀ. ( ଶୃଙ୍ଗାର-
ସିଂହାରୀ, } କାରିଣୀ ଶବ୍ଦଜ) ବେଶ-କାରିଣୀ । ଯଥା—

କଙ୍କତିକା ଧରି ବଙ୍କା ସେ ସିଙ୍ଘାରୀ
ଚମ ଚମରେ ଦେଲା ଗୁଳି । ସୁ. ପ.

ସିଚୟ, ବି. ସଂ. ବସ୍ତ୍ର; ଜୀର୍ଣ୍ଣବସ୍ତ୍ର ।

ସିଝା, ବି. (ଦେଶଜ) ଫଳମୂଳାଦି ପାକକରିବା ବିଂ. ପକ୍ୱ; ଅଗ୍ନି ଓ ଆତପତାପରେ ପ୍ରତପ୍ତ ।

ସିଝିବା, କ୍ରି. (ଦେଶଜ) ଫଳମୂଳାଦି ପଚନରେ ସିଦ୍ଧ ହେବା; ଅଗ୍ନି ଓ ଆତପ ତାପରେ ପ୍ରତପ୍ତ ହେବା ।

ସିଞ୍ଚୁଡ଼ା, } ବି. (ସିଚ୍ = ପ୍ରାକୃତ ସିଞ୍ଚ ଧାତୁଜ)
ଛିଞ୍ଚୁଡ଼ା, } ସେଚନ । ଯଥା—

ଶେଯ ଉପରେ ପଡ଼ିଛି ସେବତୀ ପାଖୁଡ଼ା,
ପାଖୁଡ଼ା ପରେ ହୋଇଛି କର୍ପୂର ସିଞ୍ଚୁଡ଼ା । ନୃ. ପୁ. ପ୍ର. ତ.

ପବନନିକ୍ଷିପ୍ତ ଜଳଧାରା ବା ବିନ୍ଦୁ ।

ସିଞ୍ଚନ, ସିଞ୍ଚଣ, } ବି. ( ସେଚନ ଶବ୍ଦଜ )
ସିଞ୍ଚାଣି, } ସେଚନ । ଯଥା—

ଜଳସିଞ୍ଚନେ ଭୂମି ପଥ,
ତକ୍ଷଣେ ହୁଅନ୍ତି ସବଳ । ଭା. ଦ. ସ୍କ.

ସିଞ୍ଚା, ଛିଞ୍ଚା, ବି. (ସେଚନ ବା ପ୍ରାକୃତ ସିଞ୍ଚ ଧାତୁଜ) ସେଚନ ।

ସିଞ୍ଚାଡ଼ିବା, କ୍ରି. (ପ୍ରାକୃତ ସିଞ୍ଚ ଧାତୁଜ) ନିକ୍ଷିପ୍ତ କରିବା ।

ସିଞ୍ଚିବା, କ୍ରି. (ସିଚ୍ = ପ୍ରାକୃତ ସିଞ୍ଚ ଧାତୁଜ) ସେଚନକରିବା ।

ସିଞ୍ଜା, ବି. (ଶିଞ୍ଜିନୀ ଶବ୍ଦଜ) ଧନୁର ଗୁଣ । ଯଥା—

କାନଯାଏ କମାଣ ସିଞ୍ଜା ଟାଣି ଆଣି,
କଣିଆଇଁ ଯୁଦ୍ଧ ଦେଖାଉଥିଲ ଆଣି । ଯୁଦ୍ଧବର୍ଣ୍ଣନା ।

ସିଠା, ସିଠ୍ଠା, ବି. (ସିକ୍ଥ ଶବ୍ଦଜ) ଅସାର ଭାଗ । ଯଥା—

ସାରଭାଗ ତୋ ଶ୍ରୀମୁଖ, ସେ ସିଠା ଶୀତମୟୂଖ । ଲ. ବ.

ତୈଳାଦିର କାଣ୍ଡି, ବୃକ୍ଷର ନିର୍ଯ୍ୟାସ ବା କ୍ଷୀର ।

ସିଠୁଆ, } ବିଂ. (ସିକ୍ଥ ଶବ୍ଦଜ) ବିବର୍ଣ୍ଣ,
ସେଠୁଆ, } ବର୍ଣ୍ଣହୀନ । ଯଥା—

ଶ୍ରୀରାମ ବିଚ୍ଛେଦେ ତନୁ ଦିଶେ କ୍ଷିନ୍ନକାୟେ,
ଶୁଖିଲ ସିଠୁଆ ବର୍ଣ୍ଣ ଦିଶୁଛନ୍ତି ମାଏ । ନୃ. ପୁ. ସ. ତ.

ସିଡ଼ି, ଶିଡ଼ି, ବି. (ଦେଶଜ) ନିଶୁଣି; ପାହାଚ ।

ସିତ, ବି. ( ସୀୟତେ ଇତି ସିତଂ—ଷିଞ୍‌ବନ୍ଧନେ, ସିନୋତି ମନ ଇତି ସିତଃ—ଷିଞ୍‌ବନ୍ଧନେ, ଅବସ୍ୟନ୍ତି ପର୍ଯ୍ୟବସ୍ୟନ୍ତି ସିତଃ—ଷୋଽନ୍ତକର୍ମଣି, ସି = ବନ୍ଧନ-କରିବା, ସୋ = ଶେଷ କରିବା-ତ ) ଶୁକ୍ଳବର୍ଣ୍ଣ; କଦଳୀକୁସୁମବର୍ଣ୍ଣ; ଶ୍ୱେତ ବା ଶୁକ୍ଳକୃଷ୍ଣ; ଶୁକ୍ରାଚାର୍ଯ୍ୟ; ବାଣ । (ଶୁକ୍ଳବସ୍ତୁ) ରୌପ୍ୟ; ଚନ୍ଦନ । ( ଶ୍ୱେତେ ସିତଂ ଧାର୍ଗବେନା—ତ୍ରିକାଣ୍ଡକୋଷ ।) ବିଂ. ଶୁକ୍ଳ-ବର୍ଣ୍ଣବିଶିଷ୍ଟ; ବଦ୍ଧ ବା ବନ୍ଧନଯୁକ୍ତ; ନଷ୍ଟ । (ବଦ୍ଧାର୍ଜ୍ଜୁନୌ ସିତୌ—ଅମର ।) ସମ୍ପନ୍ନ, ସମାପ୍ତ । (ଅବସିତେ ସିତଃ—ଅମର ।) (ସ୍ତ୍ରୀ-ଆ) ଶର୍କରା, ଚିନି । (ଶର୍କରାୟାଂ ସିତା ସ୍ତ୍ରିୟାଂ) ଶ୍ୱେତଦୁର୍ବା; ଚନ୍ଦ୍ରିକା; ମଲ୍ଲିକା; ସୁଶ୍ରୀ କାମିନୀ । (ଶୀତ ଶବ୍ଦଜ) ଜାଡ଼ ।

ସିତକର, } ବି. (ସିତ = ଶୁକ୍ଳ-କର, ଅଂଶୁ)
ସିତାଂଶୁ, } ଚନ୍ଦ୍ର; କର୍ପୂର ।

ସିତଚ୍ଛଦ, ବି. ( ସିତ-ଛଦ = ପକ୍ଷ ) ହଂସ, ରାଜହଂସ ।

ସିତୟା, } ବି. ସ୍ତ୍ରୀ. (ସୀତା ଶବ୍ଦଜ) ରାମ-
ସୀତୟା, } ଚନ୍ଦ୍ରଙ୍କ ପତ୍ନୀ । ଯଥା—

ଦ୍ୱିତୀୟ ଅବତାରେ ସୀତୟା ହେବେ ସେହି ।
ନୃ. ପୁ. ତୃ. ତ.

ସିତାପାଙ୍ଗ, } ବି. ( ସିତ = ଶୁକ୍ଳ-ଅପାଙ୍ଗ =
ଶୁକ୍ଳାପାଙ୍ଗ, } ନେତ୍ରପ୍ରାନ୍ତ) ମୟୂର ।

ସିତାଫଳ, ବି. (ଦେଶଜପ୍ରାପ୍ତ) ଆତଫଳ ।

ସିତାଭ୍ର, } ବି. ସଂ. କର୍ପୂର; ଶୁକ୍ଳମେଘ-
ସିତାଭ୍ରକ, } ଖଣ୍ଡ ।

ସିତାର, ବି. (ଦେଶଜ) ବାଦ୍ୟଯନ୍ତ୍ରବିଶେଷ ।

ସିତକାର, ବି. (ସୀତ୍କାର ଶବ୍ଦଜ) ସୀତ୍କାର । ଯଥା—

କହେ ଉପଇନ୍ଦ୍ର ସିତକାରେ ବନେ ଚୁମ୍ବି ସତ,
ମୁଖେ ବୋଲେ ସାଁ ତୋ ଏ ନା । ର. ପ.

ସିଦା, ବି. (ଦେଶଜ) ରନ୍ଧାସାମଗ୍ରୀ, ଡାଲି ଚାଉଳ ପ୍ରଭୃତି ।

ସିଦ୍ଧ, ବି. (ସିଧ୍-ତ—ଅଣିମାଦି ସିଦ୍ଧିର୍ୟେଷା-ମସ୍ତୀତି ସିଦ୍ଧାଃ) ଦେବଯୋନିବିଶେଷ; କାଳତ୍ରୟଦର୍ଶୀ ମୁନି; ଯୋଗୀ; ଯୋଗ-ବିଶେଷ; ଐନ୍ଦ୍ରଜାଲିକ । ବିଂ. ସମ୍ପନ୍ନ; ପକ୍ୱ; ଫଳିତ; ପ୍ରସିଦ୍ଧ; ବସ୍ତୁରିତ; ପ୍ରମାଣୀ-କୃତ; ନିପୁଣ; ପ୍ରତିପାଦିତ; ପ୍ରସ୍ତୁତ; ସଂଶୋଧିତ ।

ସିଦ୍ଧବିଦ୍ୟା, ବି. ସ୍ତ୍ରୀ. ସଂ. କାଳୀ ତାରା ପ୍ରଭୃତି ଦଶ ମହାବିଦ୍ୟା ।

ସିଦ୍ଧାନ୍ତ, ବି. (ସିଦ୍ଧୋଽନ୍ତୋ ନିଶ୍ଚୟୋଽ-ନେନେତି ସିଦ୍ଧାନ୍ତଃ, ସିଦ୍ଧ-ଅନ୍ତ=ନିଶ୍ଚୟ) ପୂର୍ବପକ୍ଷ ନିରସପୂର୍ବକ ସିଦ୍ଧପକ୍ଷ ସ୍ଥାପନ; ମୀମାଂସା; ଜ୍ୟୋତିଃଶାସ୍ତ୍ରବିଶେଷ ।

ସିଦ୍ଧାର୍ଥ, ବି. (ସିଦ୍ଧ-ଅର୍ଥ) ଜୈନଙ୍କ ପିତା; ବୁଦ୍ଧ-ଦେବ;ପ୍ରସିଦ୍ଧାର୍ଥ;ସିଦ୍ଧକାର୍ଯ୍ୟ। ବିଂ. କୃତାର୍ଥ ।

ସିଦ୍ଧି, ବି. ସ୍ତ୍ରୀ. (ସିଧ୍-ତି) ନିଷ୍ପତ୍ତି; ଫଳୋତ୍ପତ୍ତି; ଯୋଗବିଶେଷ;ଶୁଭ;ମୁକ୍ତି; ପୁରୁଷାର୍ଥ; ପାକ; ଐଶ୍ୱର୍ଯ୍ୟ; ବୃଦ୍ଧି; ଅନ୍ତର୍ଦ୍ଧାନ; ଜ୍ଞାନ; ଶୁଦ୍ଧି; ଜୟଲାଭ; ଅଣିମାଦି ଅଷ୍ଟପ୍ରକାର ଐଶ୍ୱର୍ଯ୍ୟ ।

ସିଧା, ବିଂ. (ଦେଶଜ) ସଳଖ, ଅବକ୍ର; ସରଳାତ୍ମା । ଯେପରି—ସିଧା ଲୋକ ।

ସିନା, ଅଂ. (ଦେଶଜ) ନିଶ୍ଚୟାର୍ଥବୋଧକ । ଯଥା—

ବାଳାଏ ଏକ୍ଷଣି ଅଭୂତେ ହୋଏ ସିନା ପ୍ରାପତ । ବୈ. ବି.

ମାତ୍ର ବା କେବଳାର୍ଥ । ଯଥା—

ଗୁପତେ ସିନା ମୁଁ ତୋତେ ପଚ୍ଚରୁଛି
ବଳପକ୍ଷବାରୁ ବ୍ୟଥା ରେ । କ. ଚ. ଚ.

ଅବଧାରଣାର୍ଥ; ସମ୍ଭାବନାର୍ଥ ।

ସିନାନ, ବି. (ସ୍ନାନ ଶବ୍ଦଜ, ପ୍ରାକୃତ ସିଣାଣ ଶବ୍ଦଜାତ) ସ୍ନାନ । ଯଥା—

ସୁଖେ ସଙ୍ଗ ହୋଇ ସିନାନ ସମାପିଲେ ସକଳେ । ହ ସା.

ସିନୀବାଳୀ, ବି. ସ୍ତ୍ରୀ. ସଂ. ଯେଉଁ ଅମାବାସ୍ୟାରେ ଚନ୍ଦ୍ର ଅଳ୍ପ ମାତ୍ର ଦୃଷ୍ଟ ହୁଅନ୍ତି ।

ସିନେହ, ବି. (ସ୍ନେହ=ପ୍ରାକୃତ ସିଣେହ ଶବ୍ଦଜ) ସ୍ନେହ ।

ସିନ୍ଦ, ସିନ୍ଧ, } ବି. (ସନ୍ଧି ଶବ୍ଦଜାତ) ଚୌର୍ଯ୍ୟ
ସିନ୍ଧି, } ସ୍ଥିତିରେ ଖୋଳିବା ବିବର । ଯଥା—

କୃତ୍ରିମ ଲେଖ୍ୟ ଲେଖନେ ସିନ୍ଦେ ଚେନ୍ଥୁ ଅଟା । ମ ଯା

ତକ୍ଷଣେ ସିନ୍ଧଗାତ ଖୋଳି,
ପୂର୍ବ ପଶିଲା ତହିଁ ଗଲି । ଦା. ର

ଶଶିମଣ୍ଡଳ-ସିନ୍ଧ ମାରସ୍ତେର,
ରଚବା ଜଗଦାଲସ୍ତେ ପ୍ରବେଶି । ବହ୍ଲଣ କାବ୍ୟ ।

ସିନ୍ଦର, ବି. (ସିନ୍ଦୂର ଶବ୍ଦର ଅପଭ୍ରଂଶ) ସିନ୍ଦୂର

ସିନ୍ଧିଆଳ, } ବି. (ଦେଶଜ) ସିନ୍ଧଖୋଳା
ସିନ୍ଧିଆଳ, }
ସିନ୍ଧାଳ, } ଚୋର । ଯଥା—

ହତ୍ୟାକାରୀ ସିନ୍ଧିଆଳ ଚୌରବନ୍ଦିଙ୍କି ଡାକ । ମ ଯା

ସିନ୍ଦୁକ, ସିନ୍ଧୁକ, ବି. (ଦେଶଜ) ସାନକାଠପେଡ଼ି ।

ସିନ୍ଦୂରପାଟି, } ବି. (ଦେଶଜ ପ୍ରାପ୍ତ) ଲମ୍ବାକୃତି
ସିନ୍ଦୂରପାଟି, } ସିନ୍ଦୂର ରେଖା । ଯଥା—

ଲଲାଟେ ସିନ୍ଦୂରପାଟି କସ୍ତୁରୀ ଅଳକା । ନୃ. ପୂ. ପ୍ର ତ

ସିନ୍ଦୂରମୁଣ୍ଡି, } ବି. (ଦେଶଜ) ପକ୍ଷିବିଶେଷ ।
ସିନ୍ଦୂରମୁଣ୍ଡି, } ଯଥା—

ଚୌଦିଗେ ଶୁଭଇ ସିନ୍ଦୂରମୁଣ୍ଡିର
ସ୍ୱାଗତ ଋତୁନାୟକେ । ହବଂଶୀ ।

ସିନ୍ଦୁରା, ବିଂ. (ଦେଶଜ) ସିନ୍ଦୂରବର୍ଣ୍ଣବିଶିଷ୍ଟ । ଯଥା—

ସିନ୍ଦୁରା ପତନ ଶାଢ଼ୀ, ସିନ୍ଧ ଯେ ଥାଇ ସକାଡ଼ । ର.ପ

ସିନ୍ଦୂର, ବି. (ସ୍ୟନ୍ଦ୍=କ୍ଷରଣ ଇତ୍ୟାଦି-ଉର) ରକ୍ତବର୍ଣ୍ଣ ଚୂର୍ଣ୍ଣବିଶେଷ; ବୃକ୍ଷବିଶେଷ ।

ସିନ୍ଧଚୋର, ସିନ୍ଧିଆଚୋର, } ବି. ( ସନ୍ଧିଚୌର ଶବ୍ଦଜ ) କାନ୍ଥରେ ବିବର ଖୋଳି ଘରେ ପଶିବା ଚୋର ।

ସିନ୍ଧୁ, ବି. ( ସ୍ୟନ୍ଦତେ ଇତି ସିନ୍ଧୁଃ-ସ୍ୟନ୍ଦୂ ପ୍ରସ୍ରବଣେ, ସ୍ୟନ୍ଦ୍-ଉ, ନ୍ଦ = ନ୍ଧ ) ସମୁଦ୍ର; ସିନ୍ଧୁନାମକ ନଦ; ଦେଶବିଶେଷ; ସାଧାରଣ ନଦୀ; ଗଜମଦ । (ଦେଶେ ନଦବିଶେଷେଽବ୍ଧୌ ସିନ୍ଧୁର୍ନାସରିତି ସ୍ତ୍ରିୟାଂ —ଅମର । ସିନ୍ଧୁ ର୍ଗଜମଦେଽପିସ୍ୟାତ୍— ଇତି ଶେଷଃ ।)

ସିନ୍ଧୁଆ, ବି. (ଦେଶଜ) ଏକପ୍ରକାର ଶାଢ଼ୀ । ଯଥା—

ସଜାଡ଼ ବେଣୀ ଫେଇ ଜୁଡ଼ା,
ସିନ୍ଧୁଆ ମାଢ଼ୀ ଆଣି ଘୋଡ଼ା । ସୁ. ପ.

ସିନ୍ଧୁର, ବି. (ସିନ୍ଧୁ = ଗଜମଦ-ର ଅସ୍ତ୍ୟର୍ଥେ) ହସ୍ତୀ ।

ସିନ୍ଧୁବାର, ବି. ସଂ. ନିର୍ଗୁଣ୍ଡି ଗଛ ।

ସିପ, ବି. (ଦେଶଜ ବା ଶମ୍ବୁକ ଶବ୍ଦଜ) ଏକ-ପ୍ରକାର ଶାମୁକା ।

ସିପଚୂନ, ବି. ସିପ ପୋଡ଼ି ତିଆର କରିବା ଚୂନ ।

ସିପାଇ, ସିପାହି, ସିପେଇ, } ବି. ( ଦେଶଜ ) ପ୍ରଧାନ ପାଇକ, ପାଇକମାନଙ୍କ ଅଧିକାରୀ । ଯଥା—

ସେରୂପେ ସିପାଇଏ ଯୁଝିଲେ ସିପାଇଙ୍କି । କୃ. ଭ୍ର. ବି. ପ.
ପାଇକ ଘୋଡ଼ା ପରେ ସିପାହି ଚଳରେ,
ଏରୂପେ ଦେଖି ସର୍ବେ ରହିଲେ ଲାଜରେ । କୃ. ଭ୍ର. ବି. ପ.

ସିପୁଟି, ବି. (ଦେଶଜ) ବସ୍ତ୍ର ସିଇଁବା ଜାତି । ଯଥା—

ପାଟମୁଚୁଲି ଗଲି ଫାଟି,
ତାହା ଦେଖିଲି ସେ ସିପୁଟି । ଦା. ର.

ସିମାକଜୋଡ଼, ବି. (ଦେଶଜ—ବିଶେଷତଃ ଗଞ୍ଜାମରେ ବ୍ୟବହୃତ) ବାଟି ଖେଳରେ ବାଟିରେ ବାଟିକି ମାରିବା ଷଷ୍ଠ ଆଘାତ ।

ସିମୁଣି, ବି. (ଦେଶଜ) ଠୋକାଇ ।

ସିରସ୍ତା, ବି. (ହିନ୍ଦୀ) ରାଜକୀୟ କାଗଜପତ୍ର ଥିବା କାର୍ଯ୍ୟାଳୟ ।

ସିରସ୍ତାଦାର, ବି. ଯାହାଙ୍କ ଅଧୀନତାରେ ସମସ୍ତ ସିରସ୍ତା ରହେ ।

ସିରା, ବି. (ତୈଲଙ୍ଗ ଶବ୍ଦ, କିନ୍ତୁ ଗଞ୍ଜାମରେ ଓଡ଼ିଆ ପରି ବ୍ୟବହୃତ) କାଳି; ମସୀ ।

ସିରାନ, ବି. (ସ୍ନାନ ଶବ୍ଦଜ) ସ୍ନାନ ।

ସିରାବୁଡ଼ି, ବି. (ତୈଲଙ୍ଗ ଶବ୍ଦ, କିନ୍ତୁ ଗଞ୍ଜାମରେ ଓଡ଼ିଆ ପରି ବ୍ୟବହୃତ) କାଳୀଘଡ଼ି, ମସୀପାତ୍ର ।

ସିରି, ଶିରି, ବି. ସ୍ତ୍ରୀ. (ଶ୍ରୀ ଶବ୍ଦଜ, ପ୍ରାକୃତ) ଶୋଭା; ସମ୍ପତ୍ତି ।

ସିରିସ, ସିରିସି, ବି. (ଶିରୀଷ ଶବ୍ଦଜ, ପ୍ରାକୃତ) ବୃକ୍ଷବିଶେଷ ।

ସିଲ, ବି. (ତୈଲଙ୍ଗ ସେଲଭୁ ଶବ୍ଦରୁ ଜାତ, ଗଞ୍ଜାମରେ ବ୍ୟବହୃତ) ଛୁଟି, ଅବକାଶ; ବିଦାୟ ।

ସିସଲ, ବି. (ଦେଶଜ) ନିଷ୍ପତ୍ତି । ବି° ନିଷ୍ପନ୍ନ ।

ସିସ୍ତୁ, ଶିସ୍ତୁ, ବି. (ଗଞ୍ଜାମରେ ବ୍ୟବହୃତ) ଭୂମିକର ।

ସିହାଁ, ବି. (ଦେଶଜ ବା ସୀବନ ଶବ୍ଦଜ) ସିଲାଇ ।

ସିହାଁଇବା, କ୍ରି. ( ସୀବ୍ ଧାତୁଜ ) ସିଲାଇ କରାଇବା । ଯଥା—

କେ ସିହାଁଇ ତହିଁ ତୁଣୀର । ଲ. ବ.

ସିହିଁବା, କ୍ରି. (ସୀବ୍ ଧାତୁଜ) ସିଲାଇ କରିବା ।

ସିହା, ବି. (ଶିଖା ଶବ୍ଦଜ, ପ୍ରାକୃତ) ଅଗ୍ରଭାଗ; ବୃକ୍ଷାଗ୍ର । (ଯାବନିକ) ଜମାଖର୍ଚ୍ଚ ବହି; ମୁସଲମାନ ଶାଖାବିଶେଷ । ଯଥା—

ତାହା ବୁଝାଇବା ପୂର୍ବରୁ ସିହାମାନଙ୍କ ସମ୍ପତ୍ତି ବିଭାଗ ବିଷୟ ବୋଲିଯିବ । ଉ. ସା.

ସିହାଣ, ସିଂହାଣ, ବି°. ( ସଜ୍ଞାନ ଶବ୍ଦଜ ) ଚତୁର; ଶ୍ରେଷ୍ଠ । ଯଥା—

କର୍ଣ୍ଣ ଦେଇ ଶୁଣ ରସିକ ସିହାଣ (ସିଂହାଣ)
ବିଷୟରେ ନୋହି ଚଞ୍ଚଳ । ର. କ.

**ସିହାଣିଆ**, ବି. (ଦେଶଜ) ଚତୁର । ଯଥା—

ସେ ବ୍ରାହ୍ମଣ ଅଛ ତ ଅଟଇ ସିହାଣିଆ । କୃ.ଖ୍.ଆ.ପ.

**ସିହାଣୀ**, } ବି. ସ୍ତ୍ରୀ. ( ଦେଶଜ ) ଚତୁରା ।
**ସିହାଁଣୀ**, } ଯଥା —

ଅତର୍କିତେ କେବେ ଦେଖିଲେ ସିହାଣୀ
କାନ୍ତକୁ ଗଗଚରଲ । ଯ. କେ.

**ସିହ୍ଲା**, ବି. (ସିହ୍ଲ ଶବ୍ଦଜ) ସୁଗନ୍ଧଦ୍ରବ୍ୟବିଶେଷ ।

**ସିଁସା**, ବି. (ଶୀସକ ଶବ୍ଦଜ) ଉପରସବିଶେଷ ।

**ସୀକର**, ବି. (ସିକ୍ ବା ସିଚ୍—ସେଚନକରିବା-ଅର) ଜଳବିନ୍ଦୁ, ବାୟୁପ୍ରେରିତ ଜଳବିନ୍ଦୁ; ସୂକ୍ଷ୍ମ ବୃଷ୍ଟି ବା କୁଣ୍ଡାଝଡ଼ା ବର୍ଷା; ବାୟୁ ।

**ସିଁଥା, ସିନ୍ଥା**, ବି. ସ୍ତ୍ରୀ. (ସୀମନ୍ତ ଶବ୍ଦଜ) କେଶବିନ୍ୟାସ, କେଶବାଥୀ ।

**ସୀତା, ଶୀତା**, ବି. ସ୍ତ୍ରୀ. (ସ୍ୟନ୍ତି ଭୂବମିତି ସୀତା ଷୋଽନ୍ତ କର୍ମଣି, ଭୂମିକ ଯେ ନାଶକରେ ଅର୍ଥାତ୍ ଚିରପକାଏ, ସୋ-ଈତ୍-ଆ) ଲଙ୍ଗଳକର୍ଷିତ ରେଖା; ରାମଚନ୍ଦ୍ରଙ୍କ ପତ୍ନୀ; ବ୍ୟୋମଗଙ୍ଗା ବା ସ୍ୱର୍ଗଙ୍ଗା । (ସୀତାଙ୍କର ଲକ୍ଷ୍ମୀଭିରୁ) ଲକ୍ଷ୍ମୀ; ଦୁର୍ଗା । (ସୀତା ଲଙ୍ଗଳରେଖା ସ୍ୟାତ୍ ବ୍ୟୋମଗଙ୍ଗା ଚ ଜାନକୀ— ଇତ୍ୟମରଃ ।) (ଶୀତା ନଭଃସରିତ୍ ଲଙ୍ଗଳ ପଦ୍ଧତୌ ଚ ଶୀତା ଦଶାନନରିପୋଃ ସହଧର୍ମିଣୀ ଚ । ଇତି ତାଳବ୍ୟାଦୌ ଧରଣିଃ ।)

**ସୀତ୍କାର**, ବି. (ସୀତ୍-କାର) ଅବ୍ୟକ୍ତ ମୁଖଧ୍ୱନି-ବିଶେଷ ।

**ସୀତ୍ୟ**, ବି. (ସୀତା ଲଙ୍ଗଳପଦ୍ଧତିଃ ତୟା ସମିତଂ ସୀତ୍ୟଂ, ସୀତା = ଲଙ୍ଗଳରେଖା —ଯ) ଚଷିଥିବା ଭୂମି ।

**ସୀଧୁ**, ବି. (ଶେରତେ ଅନେନେତି ସୀଧୁଃ-ଶୀଙ୍ ସ୍ୱପ୍ନେ, ଶୀ = ଶୋଇବା-ଧୁ, ଶ = ସ) ପକ୍ୱ ଇକ୍ଷୁରସଜାତ ମଦ୍ୟ ।

**ସୀମନ୍ତ**, ବି. (ସୀମନ୍-ଅନ୍ତ) କେଶବିନ୍ୟାସ, କେଶବାଥୀ ।

**ସୀମନ୍ତକ**, ବି. ( ସୀମନ୍ତ-କ ଯୋଗ୍ୟାର୍ଥେ ) ସିନ୍ଦୂର ।

**ସୀମନ୍ତିନୀ**, ବି. ସ୍ତ୍ରୀ. (ସୀମନ୍ତ-ଇନ୍ ଅସ୍ତ୍ୟର୍ଥେ-ଈ) ସ୍ତ୍ରୀ; ବଧୂ ।

**ସୀମା**, ବି. ସ୍ତ୍ରୀ. (ସୀମନ୍—ସୀୟତେ ବଧ୍ୟତେ ଇତି ସୀମା—ଷିଞ୍ ବନ୍ଧନେ, ସି—ବାନ୍ଧିବା-ମନ୍, ଅଥବା ଅନ୍ୟପକ୍ଷେ ମ-ଆ) ଅନ୍ତ; ଅବଧି; ଗ୍ରାମାଦିର ନିର୍ଣ୍ଣୀତ ଅନ୍ତ୍ୟଭାଗ; ମର୍ଯ୍ୟାଦା ।

**ସୀମାନା**, ବି. ( ସୀମନ୍ ଶବ୍ଦଜ ) ଅବଧି; ଗୃହାଦିର ନିର୍ଣ୍ଣୀତ ଅନ୍ତ୍ୟଭାଗ ।

**ସୀର**, ବି. (ସୀୟନ୍ତେ ଯୁଗେନ ସହ ବଧ୍ୟତେ ଇତି ସୀରଂ ଷିଞ୍ ବନ୍ଧନେ, ସି-ର) ହଳ, ଲଙ୍ଗଳ; ସୂର୍ଯ୍ୟ ।

**ସୀରଧ୍ୱଜ**, ବି. (ସୀର-ଧ୍ୱଜ ଯାହାର) ଜନକ ରାଜା ।

**ସୀରପାଣି**, ବି. ( ସୀର-ପାଣି = ହସ୍ତ ) ବଳଦେବ ।

**ସୀବନ**, ବି. (ସୀବ୍—ସିଇଁବା-ଅନ) ସୂଚୀକର୍ମ, ସିଇଁବା; ଲିଙ୍ଗାଗ୍ରଠାରୁ ଗୁହ୍ୟ ପର୍ଯ୍ୟନ୍ତ ପ୍ରଦେଶ ।

**ସୀବନୀ**, ବି. ସ୍ତ୍ରୀ (ସୀବ୍-ଅନ-ଈ) ଛୁଞ୍ଚି ।

**ସସୀ, ସୀସକ**, } ବି. ଙ୍ଗ. ସିଁସା ଧାତୁ ବା
**ସୀସପତ୍ରକ**, } ଉପରସ ।

**ସୁଁ**, ଅଂ. (ଦେଶଜ) ସର୍ପାଦି ଧ୍ୱନିର ଅନୁ-କରଣ ।

**ସୁଁକାର**, ବି. (ସୁଁ-କାର) ସୁଁ ଶବ୍ଦ ।

**ସୁ**, ଅଂ. ଉତ୍ତମ; ସୁନ୍ଦର; ଶୁଭ; ଅତ୍ୟନ୍ତ; ଉତ୍କର୍ଷ; ସମୃଦ୍ଧି; କଷ୍ଟ; ହର୍ଷ ଇତ୍ୟାଦି । ବି. ପ୍ରସବ ।

**ସୁଅ**, ବି. (ସ୍ରୋତସ୍ ଶବ୍ଦଜ) ସ୍ରୋତ, ପ୍ରବାହ ।

**ସୁଆଁ**, ବି. (ଶାମା ଶବ୍ଦଜ) ଏକପ୍ରକାର ଶସ୍ୟ । (ସୋମ ଶବ୍ଦଜ) ସୁଆଁଲଇ ।

**ସୁଆଁର**, ବି. ( ସମ୍ବଲପୁର ଅଞ୍ଚଳରେ ) ପୁରିପିଠା ।

**ସୁଆଁସ**, } ବି. (ଦେଶଜ) ଚିତ୍ରକାର-
**ସୁଆଁସପେଡ଼ି**, } ମାନଙ୍କର ରଙ୍ଗ ଶଳାକା ରଖିବା ପେଟିକା ।

ସୁଆଁସ, ବି. ( ଦେଶଜ ) ରାଜାଙ୍କ ଆବାସ ବା ଉଆସ ।

ସୁଆଁସବଳ, } ବି.(ଦେଶଜ) ରାଜାଙ୍କ ଉଆସର
ସୁଆଁସିଆ, } ସାଧାରଣ କାର୍ଯ୍ୟ କରିବା ଲୋକ । ଯଥା—

ସୁଆଁ ସବଳଙ୍କୁ ହକାରି,
ଖମ୍ବ ପୋତାଇ ନିର୍ବା କରି । ଦା. ର.

ସୁଆ, ବି.(ଶୁକ = ପ୍ରାକୃତ ସୁଅ ଶବ୍ଦଜ) ଶୁକପକ୍ଷୀ

ସୁଆଗ, ସ୍ୱାଗ, } ବି. ( ସୌଭାଗ୍ୟ = ପ୍ରାକୃତ
ସୁହାଗ, } ସୋହଗ୍ଗ ଶବ୍ଦଜ) ଅତି ସ୍ନେହ । ଯଥା—

ଶ୍ୟାମସୁନ୍ଦର ଭ୍ରୂ ଶୃଙ୍ଖଳି ସୁଆଗ ଲଗା ନା । ଘ. ସ.

ସୁଆଗିଆ, ବିଂ. ( ଦେଶଜ ) ଅତି ସ୍ନେହଯୁକ୍ତ, ଅନୁରକ୍ତ ।

ସୁଆଗୀ, ସ୍ୱାଗୀ, ବି. ସ୍ତ୍ରୀ. (ଦେଶଜ) ପ୍ରେୟସୀ, ପ୍ରେମପାତ୍ରୀ, ସ୍ନେହଯୁକ୍ତା; ଅଭିଳାଷିଣୀ । ଯଥା—

ଏ ଚମ୍ପକ ପ୍ରସବରେ ସ୍ପୃଷ୍ଟ ଚମ୍ପକାଙ୍ଗୀ,
ଏବେ ତୁ ହୋଇଅଛୁ ଯଦ୍ୟପି ବା ସୁଆଗୀ । କା.ପ ନା.

ସୁଆଗୀମହାଦେଈ, } ବି. ସ୍ତ୍ରୀ. (ଦେଶଜ ପ୍ରାୟ)
ସ୍ୱାଗୀମହାଦେଈ, } ରାଜାଙ୍କ ରକ୍ଷିତା ପ୍ରେୟସୀ ସ୍ତ୍ରୀ, ରାଜା ପ୍ରେମରେ ଯେଉଁ ସ୍ତ୍ରୀକୁ ସ୍ନେହ କରନ୍ତି ।

ସୁଆଙ୍ଗ, ବି. (ଦେଶଜ) ନିମ୍ନ ଶ୍ରେଣୀର ଦୃଶ୍ୟ-କାବ୍ୟବିଶେଷ, ଏକପ୍ରକାର ନାଟକ ।

ସୁଆଦ, ସ୍ୱାଦ, ବି. ( ସ୍ୱାଦୁ ଶବ୍ଦଜ ) ରୁଚି । ଯଥା—

ଚଟୁ କି ଜାଣଇ ସେ ଭୋଜନର ସୁଆଦ । ନା. ର ଗୀ.

ବିଂ.ମଧୁର । ଯେପରି—ବଡ଼ ସୁଆଦ ଆମ୍ବ ।

ସୁଆବାଳ, ବି.(ଶୂକବାଳ ଶବ୍ଦଜ) କାଠବିଶେଷ ।

ସୁଆର, ବି. ( ସୂପକାର ଶବ୍ଦଜ, ପ୍ରାକୃତ ) ପାଚକ, ରନ୍ଧୁଣିଆ । ( ଶୂକର ଶବ୍ଦଜ ) ବରାହ ।

ସୁଆଳି, ବି. (ଦେଶଜ) ମନୁଷ୍ୟ ବହିବା ଯାନ-ବିଶେଷ । ଯଥା—

ସହସ୍ରେକ ସୁଆଳି ବେନି ଲକ୍ଷ ମାତଙ୍ଗ । ସା. ଭି. ଆ.

ସୁଆଲ, ବି. (ପାରସିକ ସଓୟାଲ ଶବ୍ଦଜ) ପ୍ରଶ୍ନ

ସୁକ୍‌ସୁକ୍, } ବିଂ. ( ଦେଶଜ ) ଆକଣ୍ଠପ୍ରାଣ,
ସୁକୁସୁକୁ, } ମୃତକଳ୍ପ ।

ସୁକଳ, ବିଂ. ( ସୁଶୋଭନା କଳା ତ୍ୟାଗ ଭୋଗଯୋରସ୍ୟେତି ସୁକଳଃ) ଯେ ତ୍ୟାଗ ଓ ଭୋଗରେ କୁଶଳ ।

ସୁକୁଟ, ବି. (ଦେଶଜ) ପରର ଦୋଷ, ଛିଦ୍ର ବା ଲାଞ୍ଛନା ଦେଖିବାର ଇଚ୍ଛା । (ବିଶେଷତଃ ଗଞ୍ଜାମରେ ବ୍ୟବହୃତ ।) ଯଥା--ସେ ମୋର ସୁକୁଟ ଦେଖୁଛି ।

ସୁକୁମାର, ବି. (ସୁ-କୁମାର) ଉତ୍ତମ ପୁତ୍ର; ଅତି ବାଳକ । ବିଂ. ଅତି କୋମଳ, କଷ୍ଟ-ଅସହିଷ୍ଣୁ । ( ସ୍ତ୍ରୀ—ସୁକୁମାରୀ । )

ସୁକୃତ, ବି. (ସୁ-କୃ-ତ) ପୁଣ୍ୟ; ଭାଗ୍ୟ; ଶୁଭ; ପୁରସ୍କାର; ଦାନ; ଦୟା, ବଦାନ୍ୟତା । ବିଂ. ପୁଣ୍ୟବାନ୍; ସୁନିର୍ମିତ; ଭାଗ୍ୟବାନ୍ ।

ସୁକୃତି, ବି. ( ସୁ-କୃ-ତି ) ଧର୍ମ; ଶୁଭ; ଭାଗ୍ୟ; ସତ୍‌କର୍ମ ।

ସୁକୃତୀ, ବିଂ.(ସୁକୃତିନ୍-ସୁକୃତ-ଇନ୍ ଅସ୍ତ୍ୟର୍ଥେ) ପୁଣ୍ୟବାନ୍; ଭାଗ୍ୟବାନ୍, ସୌଭାଗ୍ୟଶାଳୀ; ଶୁଭଯୁକ୍ତ ।

ସୁଖ, ବି. (ସୁଷ୍ଠୁ ଖନତ୍ୟଶୁଭମିତି ସୁଖଂ, ଖନୁ ଅବଦାରଣେ, ଶୋଭନାନ ଖାନି ଇନ୍ଦ୍ରିୟାଣ୍ୟସ୍ମିନ୍ନିତି ବା ସୁଖଂ, ସୁ-ଖନ୍ = ଖୋଳିବା-ଅ, ଯେ ଅଶୁଭ ଖୋଳିଦିଏ ବା ଦୂର କରିଦିଏ ଅଥବା ସୁ-ଖ = ଇନ୍ଦ୍ରିୟ-ଯାହା ହେତୁରୁ ଇନ୍ଦ୍ରିୟମାନ ପ୍ରଫୁଲ୍ଲ ରହନ୍ତି) ପ୍ରୀତି; ହର୍ଷ, ଆନନ୍ଦ; ସ୍ୱର୍ଗ; ଜଳ । ବିଂ. ସୁଖଜନକ; ପ୍ରିୟ; ମନୋହର; ମଧୁର; ସୁଖୀ ।

ସୁଖାବହ, ବିଂ.(ସୁଖ-ଆ-ବହ୍-ଅ)ସୁଖଦାୟକ ।

ସୁଗନ୍ଧ, ବିଂ. ( ଶୋଭନଃ ଗନ୍ଧଃ ଅସ୍ୟେତି ସୁଗନ୍ଧଃ—ଅମର ଟୀକା ) ( ସୁଗନ୍ଧ-ଇ ) ସୁଗନ୍ଧଯୁକ୍ତ; ଧାର୍ମିକ । ବି. ସହକାର; ଔଷଧି ଦ୍ରବ୍ୟବିଶେଷ ।

ସୁଗମ, ବିଂ. (ସୁ-ଗମ୍-ଅ) ଅନାୟାସଲଭ୍ୟ; ସୁଜ୍ଞେୟ ।

ସୁଗ୍ରି, ବି. (ସୁଗ୍ରୀବ ଶବ୍ଦର ଅପଭ୍ରଂଶ) ସୁଗ୍ରୀବ, ବାଳିଙ୍କ କନିଷ୍ଠ ଭ୍ରାତା । ବିଂ. ସୁନ୍ଦର ଗ୍ରୀବାଯୁକ୍ତ ।

ସୁଗ୍ରୀବ, ବି. (ସୁ-ଗ୍ରୀବା-ଯାହାର) ବାନରରାଜ; କୃଷ୍ଣଙ୍କ ଅଶ୍ୱବିଶେଷ, ରାଜହଂସ; ଶିବ; ଇନ୍ଦ୍ର; ହଂସ; ଜଳାଶୟ; ବାଉ । ବିଂ.ସୁନ୍ଦର ଗ୍ରୀବାଯୁକ୍ତ ।

ସୁଙ୍ଘା, ସୁଙ୍ଘା, ବି. (ଦେଶଜ) ଆଘ୍ରାଣ ।

ସୁଙ୍ଘିବା, ସୁଙ୍ଘିବା, କ୍ରି. (ଦେଶଜ) ଆଘ୍ରାଣ କରିବା ।

ସୁଜାଣ, ବିଂ. (ସୁଜ୍ଞାନ ଶବ୍ଦଜ) ସୁଜ୍ଞ । ଯଥା—

କର୍ଣ୍ଣ ମନ ଦେଇ ଆହେ ସୁଜାଣ,
କଳାକର ବର୍ଣ୍ଣନା ଶାନ୍ତ ଶୁଣ । ର. ପ.

ସୁଜି, ବି. (ଦେଶଜ) ଗହମ ଘୋରିଲା ଉତ୍ତାରୁ ମଇଦା ନ ହୋଇ ଯେଉଁ କ୍ଷୁଦ୍ର ଅଂଶ ରହିଯାଏ, ଗହମ ଖୁଦ ।

ସୁଝ, ସୁଝା, ବି. (ଶୋଧ ଶବ୍ଦଜ) ପରିଶୋଧ ।

ସୁଝିବା, କ୍ରି. (ଶୁଧ୍ ଧାତୁଜ) ପରିଶୋଧନ କରିବା; ଅପକାରକୁ ପ୍ରତ୍ୟପକାର କରିବା । ଯଥା —

ସୁଝ ଅଛନ୍ତୁ ଦହିଛ ତନୁ ଛାଡ଼ି ସୁଜନୁ ହେଲା । ସୁ ପ

ଲଗ୍ନାନୁସାରେ ବିବାହାଦି ଯୋଗ ଅନୁକୂଳ ହେବା । ଯଥା—

ବୁଝିଲେ ଲଗ୍ନ ମଗ୍ନ ହୋଇ ସୁଝିଲେ
ମଙ୍ଗଳ ଦାନରେ ତହିଁ । ବୈ. ବି.

ନୂତନ ଗୃହ ବା ଗୃହୋପକରଣାଦିର ସଂସ୍ଥାନ ଶୁଭକର ହେବା । ଯଥା—ତାକୁ ସେ ଘର ସୁଝିଲା ନାହିଁ ।

ସୁଞ୍ଚ, ବି. (ସୂଚୀ ଶବ୍ଦଜ) ସିଲାଇ କରିବାର ଅସ୍ତ୍ର ।

ସୁଠାମ, ବି. (ଦେଶଜ) ସୁଗଠନ । ବିଂ. ସୁଗଠିତ ।

ସୁଡ଼ଙ୍ଗ,ବି. (ସୁରଙ୍ଗ ଶବ୍ଦଜ) ଗର୍ତ୍ତ ବା ବିବର ।

ସୁଡ଼ୋଳ, ସୋଡ଼ୋଳ, ବିଂ. (ଦେଶଜ) ସୁନ୍ଦର; ସୁଗଠିତ । ଯଥା—

ସରଳ ସୁଡ଼ୋଳ ଗୃରୁ ବପୁ ଯେହ୍ନେ ଶୋଭା ବିଟପୀ ।
ହୃଷା ।

ବି. ମହାଦେବ । ଯଥା—

ତେତିଶ କୋଟି ଦେବେ ବ୍ରହ୍ମାଣ୍ଡ ସୁଡ଼ୋଳେ,
ସମସ୍ତେ ସେବାଲାଗି ଅଛନ୍ତି ଆଦମୂଳେ । ନୃ ପୁ ପ.ତ.
ମୁଣ୍ଡକୁ ହାଣି ତାର ପକାଇଦେଲି ତଳେ,
ଶୁଣ ଆଗୋ ଉମା ଭୃଙ୍ଗ କହନ୍ତି ସୋଡ଼ୋଳେ ।
ନୃ ପୁ. ସ. ତ.

ସୁଣ୍ଠା, ବି. (ଦେଶଜ) ବେଲ ଆମ୍ବ ପ୍ରଭୃତିର ଶୁଖିଲା କଷି ।

ସୁଣ୍ଢା, ବି. (ଶୁଣ୍ଡ ଶବ୍ଦଜ) ଗଜହସ୍ତ ।

ସୁତ, ବି. (ସୂ=ପ୍ରସବ କରିବା-ତ) ପୁତ୍ର; ରାଜା ବା ରାଜନନ୍ଦନ, ଯୁବରାଜ । (ସ୍ତ୍ରୀ. ସୁତା ।) (ପାର୍ଥିବେ ତନୟେ ସୁତଃ— ଅମର ।) ବିଂ. ଉତ୍ପନ୍ନ; ନିଷ୍ପାଦିତ ।

ସୁତର, ବି. (ସୂତ୍ର ଶବ୍ଦର ଅପଭ୍ରଂଶ) ଉପାୟ ।

ସୁତରାଂ, ଅ. ସଂ. ଅତ୍ୟନ୍ତ; ଅବଶ୍ୟ; ଅଗତ୍ୟା ।

ସୁତଳ, ବି. ସଂ. ଦ୍ୱିତୀୟ ପାତାଳ; ଉତ୍ତମ ତଳ । ବିଂ. ଉତ୍ତମ ତଳଯୁକ୍ତ ।

ସୁତଲି, ସୁତଲି, ବି. ସ୍ତ୍ରୀ. (ସୂତ୍ର ଶବ୍ଦଜ) ଛଣପଟର ଦଉଡ଼ି ।

ସୁତା, ସୂତା, ବି. (ସୂତ୍ର ଶବ୍ଦଜ) ସୂତ୍ର ।

ସୁତାକଣ୍ଡା, ବି. (ସୂତ୍ର ଗଣ୍ଡିକା ଶବ୍ଦଜ) ସୂତା ବଢ଼ା, ତନ୍ତରେ ବୁଣିବାପାଇଁ କାଠିରେ ଗୁଡ଼ାଇଥିବା ସୂତା ।

ସୁତିକଆ, ସୁତିକା, ବି. ( ସୂତକ ଶବ୍ଦଜ ) ଜନନାଶୌଚ ।

ସୁତୁରା, ବି. ( ସୂତ୍ର ଶବ୍ଦଜ ) କଳକୌଶଳ-ପୂର୍ବକ ସମ୍ପାଦିତକରଣ; ସଫା ।

ସୁତୁରାଇବା, ସୁତୁରେଇବା, } କ୍ରି. କଳକୌଶଳରେ ମନାଇବା ।

ସୁତୁରି, ବି. (ଗଡ଼ଜାତରେ) ଯେ ଟିକା ଦିଏ ।

**ସୁତୁରୁଣୀ,** ବି. ସ୍ତ୍ରୀ. (ଦେଶଜ ବା ସୂତ୍ରକାରିଣୀ ଶବ୍ଦଜ) ଯେଉଁ ସ୍ତ୍ରୀ ପର ପୁରୁଷ ଓ ପର ସ୍ତ୍ରୀର ମନକୁ ମିଶାଏ ।

**ସୁତ୍ରାମା,** ବି. (ସୁତ୍ରାମନ୍-ସୁଷ୍ଠୁ ତ୍ରାୟତେ ଇତି ସୁତ୍ରାମା, ସୁ-ତ୍ରୈ = ପାଳନ-ମନ୍) ଯେ ଲୋକଙ୍କୁ ସମ୍ୟକ୍ ପାଳନ କରେ, ଇନ୍ଦ୍ର ।

**ସୁଥାଣି, ସୁଁଥା, ସୁଉଁଥା,** ବି. (ସୀମନ୍ତ ଶବ୍ଦଜ) କେଶବିନ୍ୟାସ; କେଶବୀଥୀ, କୁଣ୍ଡିଆଇ ଥିବା କେଶମଧ୍ୟସ୍ଥ ରେଖା । ଯଥା—

ଖୋସା ପାଞ୍ଚ ସୁଥାଣି ଆଗକୁ ଅଛୁ ରଖି,
ସର ସର ଝଲକା ଲମ୍ବଇ ଗୃଧ ପାଖି । ନୃ.ପୃ.ପ.ଚ.

**ସୁଦ, ସୁଧ,** ବି. (କୁସୀଦ ଶବ୍ଦଜ) କଳାନ୍ତର ।

**ସୁଦନ୍ତ, ସୁଦନ୍ତୀ,** ବି. (ସୁ-ଦନ୍ତ, ଦନ୍ତର ଦତ୍ର ଆଦେଶ) ଉତ୍ତମ ଦନ୍ତଯୁକ୍ତ । (ସ୍ତ୍ରୀ-ଈ) ଉତ୍ତମ ଦନ୍ତଯୁକ୍ତା (ସ୍ତ୍ରୀ), ସୁନ୍ଦରୀ ।

**ସୁଦର୍ଶନ,** ବି. (ସୁ-ଦୃଶ୍-ଅନ) ବିଷ୍ଣୁଙ୍କ ଚକ୍ର; ଗୃଧ୍ର । ବିଂ. ସୁନ୍ଦର, ସୁଦୃଶ୍ୟ ।

**ସୁଦାମା,** ବି. (ସୁଦାମନ୍—ସୁ-ଦା-ମନ୍) ମେଘ ଓ ପର୍ବତବିଶେଷ; ଗୋପବିଶେଷ; କୁଚେଲ ବ୍ରାହ୍ମଣ । ବିଂ. ଉତ୍ତମ ଦାତା ।

**ସୁଧରାଣ, ଧୁଧୁରାଣ,** ବି. (ଦେଶଜ) ବଦଳ, ବଦଳ ଆଣିବା ।

**ସୁଧର୍ମା,** ବି. ସ୍ତ୍ରୀ. (ସୁ-ଧର୍ମ-ଆ) ଦେବସଭା, ଇନ୍ଦ୍ରଙ୍କ ସଭା ।

**ସୁଧା,** ବି. ସ୍ତ୍ରୀ. (ସୁଖେନ ଧୀୟତେ ପୀୟତେ ଇତି ସୁଧା, ଧେଟ୍ ପାନେ, ସୁ-ଧେ = ପିଇବା-ଅ-ଆ) ଅମୃତ; ପୁଷ୍ପରସ; ଜଳ; ଗଙ୍ଗା; ଚୂର୍ଣ୍ଣ ବା ଚୂନ; ହରୀତକୀ; ସିହୁଗଛ ।

**ସୁଧାଂଶୁ, ସୁଧାକର, ସୁଧାନିଧି, ସୁଧାଙ୍ଗ,** ବି. ସଂ. ଚନ୍ଦ୍ର ।(ଚନ୍ଦ୍ର-ନାମଭିନ୍ନ) କର୍ପୂର ।

**ସୁଧୁରାଇବା,** କ୍ରି. (ଦେଶଜ) (Amend) ଆଗର ବଦଳ କରିବା ।

**ସୁନ,** ବି. (ଶୂନ୍ୟ = ପ୍ରାକୃତ ସୁଣ୍ଣ ଶବ୍ଦଜ) ଅନୁସ୍ୱାର । ବିଂ. ଖାଲି; ଫଳରହିତ, ବ୍ୟର୍ଥ । (ସୂନୁ ଶବ୍ଦଜ) ପୁତ୍ର । ଯଥା—

ଚନ୍ଦ୍ରସେନ ବୋଇଲା ହୋ ଉତ୍ତମ ଉତ୍ତମ,
ଏତେ ବୋଲି କୋଠିକି ଯାଇଲେ ଇନ୍ଦ୍ରସୁନ ।
ନୃ. ପୃ. ଦ୍ୱି. ଚ.

**ସୁନା,** ବି. (ସ୍ୱର୍ଣ୍ଣ ଶବ୍ଦଜ) ସୁବର୍ଣ୍ଣ । ବିଂ. ସାଧୁ, ଉତ୍ତମ । ଯଥା—

ସୁନାପୁଅ ମୋର ଶୋଇପଡ଼ିଲାଣି
ଯାଆ ଯାଆ ତୁ ପଳାଇ । ଉ. ସା.

**ସୁନାକାକେର,** ବି. (ଦେଶଜ) କାକରପିଠାର ଆକୃତିବିଶିଷ୍ଟ ସ୍ୱର୍ଣ୍ଣଖଣ୍ଡ । ଯଥା—

ସୁନାକାକେର ଗୋଟି ଧର,
ଧାନ ଗଉଣୀ ପରେ ଭର । ଦା. ର.

**ସୁନାମକେଇ, ସୁନାମାଖି,** ବି. (ଦେଶଜ) ମଳନିଃସାରକ ଔଷଧି ଦ୍ରବ୍ୟବିଶେଷ ।

**ସୁନାର** ବି. (ସ୍ୱର୍ଣ୍ଣକାର ଶବ୍ଦଜ) ବଣିଆ ଜାତି । (ଦେଶଜ) ବୃକ୍ଷବିଶେଷ । (ସୁନାରୀ) ଉତ୍ତମା ସ୍ତ୍ରୀ ।

**ସୁନାସୀର, ଶୁନାସୀର,** ବି. (ଶୋଭନଂ ନାସୀରଂ ସେନାଗ୍ରଭାଗଂ ଯସ୍ୟ—ସୁନାସୀରଃ, ଶୁନନ୍ତୀତି ଶୁନାଃ—ଶୁନଗତୌ, ଶୁନାଃସୀରା ଲାଙ୍ଗଳାନି ଯେନ, ଶୁନାଃ ସମୃଦ୍ଧାଃ ସୀରା ଯେନେତି ବା = ଯାହାଙ୍କ ହେତୁରୁ ବର୍ଷା ଯୋଗୁଁ ସୀର ଯେ ଲାଙ୍ଗଳ ସମୃଦ୍ଧି ବା ସମଧିକ ବ୍ୟବହାର ହୁଏ, ସୁ-ନାସୀର = ସେନାଗ୍ରଭାଗ) ଇନ୍ଦ୍ର ।

**ସୁନି,** ବି. ସ୍ତ୍ରୀ. (ସ୍ୱର୍ଣ୍ଣ ଶବ୍ଦଜ) ସ୍ତ୍ରୀର ଲୋକବ୍ୟବହାର ନାମବିଶେଷ ।

**ସୁନିଆ,** ବି. (ଦେଶଜ) ଓଡ଼ିଆ ରାଜାଙ୍କ ଅଙ୍କ ପରିବର୍ତ୍ତନ ଦିବସ, ଭାଦ୍ରପଦ ଶୁକ୍ଳଦ୍ୱାଦଶୀ । (ସୁବର୍ଣ୍ଣ ଶବ୍ଦଜ) ସ୍ୱର୍ଣ୍ଣମୁଦ୍ରା । ଯଥା—

ସୁନିଆ ଦେଖାଇ ଠାରିଲା କୁଞ୍ଜେ । ର. ପ.

**ସୁନସୁନଆଁ, ଧୁନୁସୁନଆ,** ବି. (ସୁନଷଣ୍ଣକ ଶବ୍ଦଜ) ଶାକବିଶେଷ ।

ସୁନୁଲ, } ବି°. (ସ୍ୱର୍ଣ୍ଣ ଶବ୍ଦଜ) ସ୍ୱର୍ଣ୍ଣସମ୍ବନ୍ଧୀୟ ।
ସୁନେଲି, } ବି. ସ୍ୱର୍ଣ୍ଣବର୍ଣ୍ଣ ଦ୍ରବ୍ୟବିଶେଷ ।

ସୁନେଲିରଙ୍ଗ, ବି. ସ୍ୱର୍ଣ୍ଣବର୍ଣ୍ଣ ରଙ୍ଗ ।

ସୁନ୍ଥା, ବି. (ସୀମନ୍ତ ଶବ୍ଦଜ) କେଶବିନ୍ୟାସ । ଯଥା—

ସୁନ୍ଥା ପାଡ଼ି ବାନ୍ଧିଲି ସେ ମଲ୍ଲୀଫୁଲ ଗଭା,
ଖଞ୍ଜନନୟନ କଲା ଅଞ୍ଜନରେ ଶୋଭା । ନୃ.ପୁ.ପ୍ର.ଛ.

ସୁନ୍ଥାଣ, ସୁନ୍ଥାଣି, } ବି. (ଦେଶଜ) ମୁଣ୍ଡତଳେ
ସିନ୍ଥାଣ, } ଦେବା ମୁରୁଜା । ଯଥା—

ଯେଝା ବସାଣ୍ଟିକରେ ଶେଯକୁ ପକାଇ,
ଶୋଇଲେ ମୁଣ୍ଡଟିକି ସୁନ୍ଥାଣୁଟି ଦେଇ । କୃ.ଭା.ଖି.ପ.
ସେ ଖ୍ରିଷ୍ଟଖାର ଖାର ଶଯ୍ୟାରେ ଶୋଇଲେ,
ଶର ଶେଯେ ଶର ସୁନ୍ଥାଣିକି କଲେ । କୃ.ଭା.ଆ.ପ.
ଦେଖ ମୋର ମୁଣ୍ଡ ଲମ୍ବୁଛି ତଳକୁ,
ସିନ୍ଥାଣ ଖଣ୍ଡେ ଦିଅ ଲଦିବ ତାହାକୁ । କୃ.ଭା.ଖି.ପ.

ସୁନ୍ନି, ବି. ( ଯାବନିକ ) ମୁସଲମାନମାନଙ୍କ ଶାଖାବିଶେଷ । ଯଥା—

ସୁନ୍ନିମାନଙ୍କ ମଧ୍ୟରେ ଉତ୍ତରାଧିକାର ସୂତ୍ରରେ ସମ୍ପତ୍ତି ବିଭାଗ ବଡ଼ ଗୋଲମାଲିଆ । ଭ.ସା

ସୁନ୍ଦର, ବି°. ( ସୁଟଗଂ ଆଦ୍ୟନ୍ତେ ଇତି ସୁନ୍ଦରଂ, ଦୃଙ୍ ଆଦରେ, ସୁ-ଦୃ= ଆଦରକରିବା-ଅ) ମନୋହର; ସୁରୂପ । ବି. କନ୍ଦର୍ପ । (ସ୍ତ୍ରୀ-ଈ) ସୁରୂପା ସ୍ତ୍ରୀ; ହରିଦ୍ରା; ବୃକ୍ଷବିଶେଷ ।

ସୁପର୍ଣ୍ଣ, ବି.(ସୁ-ପର୍ଣ୍ଣ = ପକ୍ଷ) ଗରୁଡ଼; କୁକ୍କୁଟ; ସୁନାରଗଛ; ସୁବର୍ଣ୍ଣଚୂଡ଼ ପକ୍ଷୀ । ବି°. ସୁନ୍ଦର ପତ୍ରଯୁକ୍ତ । (ସ୍ତ୍ରୀ-ଆ) ଗରୁଡ଼ମାତା; ପଦ୍ମିନୀ ।

ସୁପର୍ଣ୍ଣକେତୁ, ସୁପର୍ଣ୍ଣଧ୍ୱଜ, } ବି. ( ସୁପର୍ଣ୍ଣ-
ସୁପର୍ଣ୍ଣବାହନ, ସୁପର୍ଣ୍ଣଯାନ, } କେତୁ ଇତ୍ୟାଦି ଯାହାର ) ବିଷ୍ଣୁ ।

ସୁପର୍ବ, ବି. [ସୁପର୍ବନ୍— ସୁଷ୍ଟୁ ପୂରୟନ୍ତିକାମାନ୍ ପାଳୟନ୍ତୀତି ବା ସୁପର୍ବାଣଃ-ପୃ ପାଳନ ପୂରଣୟୋଃ, ଶୋଭଂ ପର୍ବଚରିତଂ (ଚରଣଂ) ଯେଷାଂ ତେ, ଶୋଭନାନ ପର୍ବାଣ୍ୟଙ୍ଗୁଲ୍ୟାଦି ଗ୍ରନ୍ଥୟୋ ଯେଷାଂ ତେ, ଶୋଭନାନି ପର୍ବାଣ୍ୟୁତ୍ସବାନି ଯେଷାଂ ତେ ବା ସୁପର୍ବାଣଃ, ସୁ-ପୃ-ବନ୍ ଅଥବା ସୁ-ପର୍ବ=ଚରଣ, ଅଙ୍ଗୁଳିଗଣ୍ଠି, ଉତ୍ସବ ଯେଉଁମାନଙ୍କର] ଦେବତା, ସୁରଗଣ ।

ସୁପାଡ଼ି, ବି. (ଦେଶଜ) ଶେଯ । ଯଥା—

ଯାକୁ ମିଳିବ ପଲଙ୍କ ସୁପାଡ଼ି,
ତାର ଭୂମିଶଯ୍ୟାରେ କାହିଁ ମତି । ଗୋ. ଭ.

ସୁପାରି, ବି. (ଗୁବାକାର ଅନ୍ୟତମ ପର୍ଯ୍ୟାୟ ସୁପୁର ଶବ୍ଦଜ) ଗୁଆ ।

ସୁପାରିସ, ସିପାରିସ, } ବି. (ଯାବନିକ) ଉପ-
ସୁପାରସ, ସୁପାରସ, } ରୋଧ; ଅନ୍ୟର କାର୍ଯ୍ୟ ସଫଳ କରି ଦେବାପାଇଁ କୌଣସି ଲୋକକୁ ଅନୁରୋଧ କରିବା ।

ସୁପ୍ତ, ବି°. (ସ୍ୱପ୍=ଶୋଇବା-ତ, ବ=ଉ) ଶୟିତ, ନିଦ୍ରିତ; ଇନ୍ଦ୍ରିୟଜ୍ଞାନଶୂନ୍ୟ । ବି. ଶୟନ ।

ସୁପ୍ତି, ବି. ସ୍ତ୍ରୀ. (ସ୍ୱପ୍-ତି) ନିଦ୍ରା;ସ୍ୱପ୍ନ;ବିଶ୍ୱାସ ।

ସୁପ୍ରତୀକ, ବି. (ସୁ-ପ୍ରତୀକ=ଅଙ୍ଗ) ଐଶାନ୍ୟ କୋଣର ଦିଗ୍‌ହସ୍ତୀ । ବି°. ଶୋଭନାଙ୍ଗ ।

ସୁପ୍ରଳାପ, ବି. ସଂ. ସୁକ୍ତି, ସୁବଚନ । (ସୁପ୍ରଳାପଃ ସୁବଚନଂ ଅମର ।)

ସୁବ, ବି. (ସ୍ରୁକ ଶବ୍ଦଜ) ହୋମପାତ୍ରବିଶେଷ ।

ସୁବା, ବି. (ଯାବନିକ) ଦେଶର ଏକଭାଗ ।

ସୁବିଧା, ବି. (ସୁ-ବିଧା) ଉତ୍ତମ ପ୍ରକାର; ସୁଯୋଗ; ଖଞ୍ଜ, ଉପାୟ । (ଅନ୍ତିମ ଅର୍ଥଦ୍ୱୟ ଦେଶ ବ୍ୟବହାରରେ ପ୍ରଚଳିତ । )

ସୁବେ, ବି. (ଯାବନିକ) ସନ୍ଦେହ ।

ସୁବେଦାର, ବି. (ଯାବନିକ) ସୈନ୍ୟାଧ୍ୟକ୍ଷ ।

ସୁବୋଧ, ବି°. (ସୁ-ବୋଧ) ଉତ୍ତମବୁଦ୍ଧିଶାଳୀ; ଯାହା ଅନାୟାସରେ ବୁଝାଯାଏ; ଯେ ଅନାୟାସରେ ଶୀଘ୍ର ବୁଝି ପାରେ । ବି. ଉତ୍ତମଜ୍ଞାନ; ଜାଗରଣ ।

ସୁଭଗ, ବି°.(ସୁ-ଭଗ)ସୁନ୍ଦର; ପ୍ରିୟ,ସୌଭାଗ୍ୟଶାଳୀ; ସୁଖଦ; ଅଶୋକ ଓ ଚମ୍ପକପୁଷ୍ପବୃକ୍ଷ । (ସ୍ତ୍ରୀ-ଆ) ସ୍ୱାମିଙ୍କ ସୁହାଗିନୀ ସ୍ତ୍ରୀ; ବନମଲ୍ଲିକା; ହରିଦ୍ରା; କସ୍ତୁରୀ ।

ସୁମ, ବି. (କେହ୍ନି କେହ୍ନି ଟୀକାକାର 'ସୁମ'କୁ କୁସୁମ ଶବ୍ଦର ରୂପାନ୍ତର କହନ୍ତି, କୁଶ୍ୟନ୍ତି ଭ୍ରମରବୃନ୍ଦାନ୍ ଶ୍ଳିଷ୍ୟନ୍ତୀତି କୁସୁମଂ—ସୁମଂ, କୁ ସଂଶ୍ଳେଷଣେ) ପୁଷ୍ପ; ଚନ୍ଦ୍ର; ଆକାଶ ।

ସୁମତରାସ, ବି. (ଦେଶଜ) ଘୋଡ଼ାର ନଖ କାଟିବା ଛୁରି ।

ସୁମନ, ବି. ସଂ. ଗହମ । (ଗୋଧୂମଃ ସୁମନଃ ସମୌ—ଅମର ।) ବିଂ. ମନୋହର । (ସ୍ତ୍ରୀ-ଆ) ଜାଈ ଫୁଲ । (ସୁମନା ମାଳତୀ ଜାତିଃ—ଅମର ।) (ସୁମନସ୍ ଶବ୍ଦଜ)ପୁଷ୍ପ ।

ସୁମନସ୍, ସୁମନା, } ବି. (ସୁ-ମନସ୍) ଦେବତା; ବିଦ୍ୱାନ୍ ଲୋକ; ପୁଷ୍ପ; ମାଳତୀ ପୁଷ୍ପ । ବିଂ. ପଣ୍ଡିତ ବା ଧୀର; ମହାମନା; ସନ୍ତୁଷ୍ଟ । (ସୁମନା ପୁଷ୍ପ ମାଳତ୍ୟୋଃ ସ୍ତ୍ରିୟାଂ ନା ଦେବ ଧୀରୟୋଃ—କୋଷାନ୍ତର ।)

ସୁମରଣ, ସୁମରଣା, } ବି. (ସ୍ମରଣ ଶବ୍ଦଜ, ପ୍ରାକୃତ) ସ୍ମରଣ । ଯଥା—

ପ୍ରଭାତରୁ ଉଠି ସୁମରଣ କରନ୍ତି
ଦୁହେଁ ଦୁହିଙ୍କର ନାମ । ଲ ବ.

ସୁମରଣୀ, ବିଂ. (ସ୍ମରଣୀୟ ଶବ୍ଦଜ) ସ୍ମରଣ-ଯୋଗ୍ୟ । ଯଥା—

ସ୍ୱାତ ସୁମରଣୀ ଏହୁ, ହେବ ବୋଲି ଗଲ ଦେଇ ।
କୋ. ବ୍ର. ସୁ.

ସୁମରିବା, କ୍ରି. (ପ୍ରାକୃତ ସୁମର ଧାତୁଜ) ସ୍ମରଣକରିବା ।

ସୁମାରି, ସୁମାର, } ବି. (ଯାବନିକ) ସଂଖ୍ୟାକରିବା । କ୍ରି. ବିଂ. ପ୍ରାୟଶଃ । ଯଥା—ଏ ବର୍ଷ ଉତ୍କଳ ସମ୍ମିଳନୀକୁ ସୁମାର ତିନି ସହସ୍ର ଲୋକେ ଆସିଥିଲେ ।

ସୁମୃତି, ବି. (ସ୍ମୃତି ଶବ୍ଦଜ) ଧର୍ମଶାସ୍ତ୍ର । ଯଥା—

କାମଶାସ୍ତ୍ର ଆଦି ଯେତେ ସୁମୃତି,
ଶୁଣୁଥିବେ ତ ତୋର ଦୁଇ ଶ୍ରୁତି । ସୁ. ପ.

ସ୍ମରଣ ।

ସୁର, ବି.(ସୁରନ୍ତୀତି ସୁରାଃ—ଐଶ୍ୱର୍ଯ୍ୟଶାଳିନଃ, ସୁରଐଶ୍ୱର୍ଯ୍ୟେ, ସୁଷ୍ଠୁ ରାଜନ୍ତେ ଇତି ବା ସୁରାଃ, ରାଜୃଦୀପ୍ତୌ; ଭକ୍ତ୍ୟାଦତ୍ତଂ ହବିରାଦିକଂ ସୁଷ୍ଠୁ ରାନ୍ତି ଗୃହ୍ଣନ୍ତୀତି ବା ସୁରାଃ, ରା ଆଦାନେ, ଶୁଭଂ ରାନ୍ତି ବ୍ରୁବନ୍ତୀତି ବା ସୁରାଃ, ରୈ ଶବ୍ଦେ। ସମୁଦ୍ରମଥନୋଦ୍ଭବା ସୁରା ଯେଷାମସ୍ତୀତି ବା ସୁରାଃ, ତଦୁକ୍ତଂ-ସୁରାପରିଗ୍ରହାତ୍ ଦେବାଃ ସୁରା ଇତ୍ୟଭି-ବିଶ୍ରୁତାଃ ଇତି, ସୁଷ୍ଠୁ ବାଞ୍ଛିତଫଳଂ ରାନ୍ତି-ଦଦତୀତି ବା ସୁରାଃ, ରାଦାନେ) ଯେଉଁ-ମାନେ ଐଶ୍ୱର୍ଯ୍ୟଶାଳୀ, ଦୀପ୍ତିବନ୍ତ, ଭକ୍ତି-ସନ୍ତୁଷ୍ଟ, ଶୁଭବକ୍ତା, ବାଞ୍ଛିତ ଫଳଦାତା ଓ ସମୁଦ୍ରଜାତ ପବିତ୍ର ସୁରା ଗ୍ରାହକ; ଦେବତା; ସୂର୍ଯ୍ୟ । (ତତ୍ତ୍ୱାର୍ଥ ଧର୍ମଜ୍ଞରୁ) ପଣ୍ଡିତ ।

ସୁରକ୍ତ, ବିଂ. (ସୁ-ରନ୍ଜ୍-ତ) ଅତି ଅନୁରକ୍ତ; ଉତ୍ତମରୂପେ ରଞ୍ଜିତ; ଅତି ସୁଶ୍ରାବ୍ୟ ।

ସୁରଖୁର, ବି. (ଦେଶଜ) ନିର୍ବିଘ୍ନ । ଯଥା— ସୁରଖୁରରେ କ୍ରିୟା ସମାଧା ହୋଇଗଲା । କୌଶଳ ।

ସୁରଙ୍ଗ, ସୁରଙ୍ଗା, } ବି. ସଂ. ସୁଡ଼ଙ୍ଗ, ବିବରଭେଦ ।

ସୁରତ, ବି. (ସୁ-ରମ୍-ତ) ରତିକ୍ରୀଡ଼ା । ବିଂ. ଅତି ଅନୁରକ୍ତ; ଦୟାଳୁ । ବି. (ଶୂରତ୍ୱ ଶବ୍ଦଜ) ବଳସ୍ଥତା, ବଳବନ୍ତପଣିଆ ।

ସୁରଭି, ବି. (ସୁଷ୍ଠୁ ରଭତେ ଇତି ସୁରଭିଃ—ରଭରାଭସ୍ୟେ, ସୁ-ରଭ୍ = ହୃଷ୍ଟହେବା-ଇ) ସୁଗନ୍ଧଦ୍ରବ୍ୟ, ସୁବାସ; ଚମ୍ପକପୁଷ୍ପ ବୃକ୍ଷ; ବସନ୍ତ; ଜାଇଫଳ; ପଦ୍ମ; ସ୍ୱର୍ଣ୍ଣ । (ସ୍ତ୍ରୀ) ଗାଈ; କାମଧେନୁ; ମାତୃକାବିଶେଷ; ପୃଥିବୀ; ମଲ୍ଲିକା; ତୁଳସୀ; ସଲ୍ଲକୀବୃକ୍ଷ । ବିଂ. ସୁଗନ୍ଧଯୁକ୍ତ; ମନୋହର; ପ୍ରିୟ; ବିଖ୍ୟାତ; ଜ୍ଞାନୀ; ଧାର୍ମିକ ।

ସୁରସରଣୀ, ବି. (ସୁର = ଦେବତା-ସରଣୀ = ମାର୍ଗ) ଆକାଶ, ଗଗନ ।

ସୁରସିଙ୍ଗି, ବି. (ଶୂରସିଂହ ଶବ୍ଦଜ) ରାଜଦତ୍ତ ବୀର ଉପାଧିବିଶେଷ; ଏହି ଉପାଧିକୁ କରଣମାନେ ମଧ୍ୟ ପାଇଥାନ୍ତି । ଯେପରି— ସୁରସିଙ୍ଗି ପଟ୍ଟନାୟକ । (ବର୍ତ୍ତମାନ ମଧ୍ୟ କେତେକ ରାଜଧାନୀରେ ଏହି ଉପାଧିଧାରୀ କରଣମାନେ ଅଛନ୍ତି ।) ବିଂ. ଶୂରଶ୍ରେଷ୍ଠ ।

**ସୁରା**, ବି. ସ୍ତ୍ରୀ. (ସ୍ୱସ୍ତ୍ୟୁ ରାତ୍ୟେନାମିତ୍ତ ସୁରା, ରା ଆଦାନେ, ସୁ-ରା = ଗ୍ରହଣ କରିବା-ଅ-ଆ) ମଦିରା, ମଦ୍ୟ; ଚଷକ ବା ପାନପାତ୍ର ।

**ସୁରାକ**, ବି. ( ଯାବନିକ ) ଖବର; ସନ୍ଧାନ । ଯଥା—

ପଦ୍ୟ ଉତ୍ସର୍ଗ ହେବାର ସୁରାକ ପାଇଲେ କେତେ ଲୋକ କଲମ ଡ଼ାକି ବସିବେ ଯେ । ବା. ମା. ପା.

**ସୁରାଟ**, ବି. (ସୁରାଷ୍ଟ୍ର ଶବ୍ଦଜ) ସୁରାଜ୍ୟ, ଉତ୍ତମ ଦେଶ ।

**ସୁରୁଆ**, ବି. ( ଦେଶଜ ) ଝୋଳ ବା ଅଣ, ମାଂସର ରସ ।

**ସୁରୁକି**, **ସୁର୍କି**, ବି. (ଯାବନିକ) ଇଟାଗୁଣ୍ଡ ।

**ସୁରୁସୁରୁ**, ଅଂ. (ଦେଶଜ) ଅନୁକରଣ ଶବ୍ଦବିଶେଷ ।

**ସୁରେଇ**, ବି. (ଦେଶଜ) ଜଳପାତ୍ରବିଶେଷ, ଜଳପୂରିତ ପିନଦ୍ଧ ବା ଆବୃତ ପାତ୍ର ।

**ସୁରେଖ**, ବି. (ଦେଶଜ) ଗଞ୍ଜପା ସାରର ସୂର୍ଯ୍ୟ ରଙ୍ଗ । ସଂ. (ସୁ-ରେଖା) ଉତ୍ତମ ରେଖାଯୁକ୍ତ ।

**ସୁରେହା**, ବିଂ. (ଦେଶଜ) ସରାଗୀ, ଅନୁରାଗଯୁକ୍ତ । ଯଥା—

ମୋ କଥା ପୁଚ୍ଛିଲୁ ଯାହା, କହୁଅଛୁ ହେମଦେହା,
ହୋଇ ସାବଧାନ, ଶୁଣ ଦେଇ ମନ,
ତୋ ଆଗେ କହିବି ତାହା, ହୋଇ ସୁରେହା । ସୁ. ପ.

**ସୁର୍ଜ**, **ସୁର୍ଜ୍ୟ**, } ବି. (ସୂର୍ଯ୍ୟ ଶବ୍ଦଜ) ସୂର୍ଯ୍ୟ; ଗଞ୍ଜପା ସାରର ରଙ୍ଗବିଶେଷ; ହାଲ ଓ ଶଙ୍ଖ ବାଟି କଇଥ ଅଠା ମିଶାଇ ଏହି ରଙ୍ଗ ତପ୍ୟାରି କରନ୍ତି ।

**ସୁଲତାନ**, ବି. (ଯାବନିକ—ସୁରତ୍ରାଣ ଶବ୍ଦରୁ ଜାତ) ପଠାଣ ରାଜା ।

**ସୁଲଭ**, ବିଂ. ( ସୁ-ଲଭ୍-ଅ ) ସୁଖଲଭ୍ୟ; ଅଯତ୍ନସିଦ୍ଧ ।

**ସୁଲୁସୁଲୁ**, ବି. (ଦେଶଜ) କଣ୍ଡୁ ।

**ସୁଲୁସୁଲୁଆବାଆ**, ବି. (ଦେଶଜ) ଅଳ୍ପ ଅଳ୍ପ ମନ୍ଦ ମନ୍ଦ ବହି ଆସୁଥିବା ପବନ ।

**ସୁବର୍ଣ୍ଣ**, ବି. (ସୁ-ବର୍ଣ୍ଣ) ସୁନା, ସ୍ୱର୍ଣ୍ଣ; ଧନ; ମୋହର; ହରିଚନ୍ଦନ; କର୍ଷପରିମାଣ; ଧୁସ୍ତୁରା; ଗୈରିକ; ଉତ୍ତମ ବର୍ଣ୍ଣ; ଶ୍ରେଷ୍ଠ ଅକ୍ଷର; ଶ୍ରେଷ୍ଠ ଜାତି । ବିଂ. ସୁରୂପ ବା କାନ୍ତିଯୁକ୍ତ; ସୁନ୍ଦର ଲିପିଯୁକ୍ତ; ଜାତିଶ୍ରେଷ୍ଠ ।

**ସୁବହ**, ବିଂ. (ସୁ-ବହ୍ = ବହନ କରିବା-ଅ) ଅନାୟାସରେ ବହନୀୟ; ଯେ ଅନାୟାସରେ ବହନ କରିପାରେ; ଧୈର୍ଯ୍ୟଶାଳୀ ।

**ସୁଶୀଳ**, ବିଂ. (ସୁ-ଶୀଳ = ସ୍ୱଭାବ) ସଚ୍ଚରିତ୍ର ।

**ସୁଶ୍ରୀ**, **ସୁଶ୍ରୀକ**, ବିଂ. (ସୁ-ଶ୍ରୀ, କ ସମାସାନ୍ତେ) ଶ୍ରୀଯୁକ୍ତ, ଶୋଭାଯୁକ୍ତ, ସୁନ୍ଦର ।

**ସୁଶ୍ରୁତ**, ବି. (ସୁ-ଶ୍ରୁତ) ପ୍ରସିଦ୍ଧ ଚିକିତ୍ସାଗ୍ରନ୍ଥ; ସେହି ଗ୍ରନ୍ଥକାର; ସୁନ୍ଦର ଶ୍ରବଣ । ବିଂ. ଯାହା ଉତ୍ତମରୂପେ ଶୁଣା ଯାଇଅଛି ।

**ସୁଷମ**, ବିଂ. (ସୁ-ସମ୍-ଅ) ସୁନ୍ଦର, ଶୋଭନ । (ସୁଷମଂ ସାଧୁଶୋଧନଂ—ଅମର ।) ତୁଲ୍ୟ, ସଦୃଶ ।

**ସୁଷମା**, ବି. ସ୍ତ୍ରୀ. ସଂ. ଉତ୍କୃଷ୍ଟ ସୌନ୍ଦର୍ଯ୍ୟ । (ସୁଷମା ପରମାଶୋଭା—ଅମର । )

**ସୁଷି**, **ସୁଷିର**, } ବି. ସ୍ତ୍ରୀ. (ଶୁଷ୍-ଇ, ଇର, ଶ = ସ) ଛିଦ୍ର, ଗର୍ତ୍ତ, ବିବର ।

**ସୁଷିର**, ବି. (ଶୁଷ୍-ଇର) ବଂଶୀ ପ୍ରଭୃତି ବାଦ୍ୟ । ( ବଂଶାଦିକଂ ତୁ ସୁଷିରଂ—ଅମର । )

**ସୁଷୁପ୍ତି**, ବି. (ସୁ-ସ୍ୱପ୍-ତି) ଅଚେତନ ନିଦ୍ରା, ଗାଢ଼ନିଦ୍ରା । (ବିଶେଷଣରେ ସୁଷୁପ୍ତ ହୁଏ ।)

**ସୁଷୁମ୍ଣା**, ବି. ସ୍ତ୍ରୀ. ସଂ. ଶରୀରସ୍ଥ ନାଡ଼ୀବିଶେଷ; ସୂର୍ଯ୍ୟରଶ୍ମି ।

**ସୁସଞ୍ଚ**, ବିଂ (ଦେଶଜ) ଉତ୍ତମ; ସୁନ୍ଦର । ଯଥା—

ଏ ଫଳ ଦିଶଇ ସୁସଞ୍ଚ, ହସ୍ତ ନ ପାଏ ବଡ଼ ଉଚ୍ଚ ।
ଷ. ଦ. ସ୍ତୁ.

**ସୁସାର**, ବିଂ. (ଦେଶଜ) ଉତ୍ତମ; ସହଜ ।

**ସୁସାରେ**, କ୍ରି. ବିଂ. (ଦେଶଜ) ଉଚିତରୂପେ ।

**ସୁସୁନ୍ଦୀ** ବି. ସ୍ତ୍ରୀ. ( ବାଲେଶ୍ୱର ପ୍ରାନ୍ତରେ ) ସୁନୁସୁନିଆ ଶାକ ।

ସୁସୁମ୍ନା, } ବି. ସ୍ତ୍ରୀ. (ସୁଷୁମ୍ଣା ଶବ୍ଦଜ) ଦେହସ୍ଥ
ସୁଷୁମ୍ନା, } ପ୍ରାଣନାଡ଼ୀବିଶେଷ । ଯଥା—

ଶ୍ରୀହଟ ପାଟଣା ଦ୍ୱାରେ, ସୁଷୁମ୍ନାର ମଧ୍ୟରେ ।
ଜ୍ଞା. କୋ.

ସୁସ୍ତ, ସୁସ୍ତି, ବିଂ. (ସୁସ୍ଥ ଶବ୍ଦଜ) ସୁସ୍ଥ । ଯଥା—

ଅନେକ ଗୁଜର, କରି ନଉକର,
କରନ୍ତି ଏହାଙ୍କୁ ସୁସ୍ତି । ସୁ. ପ.

ଭୁଞ୍ଜିଲୁ ସକଳ ପଦାର୍ଥ,
ଦେହ ହୋଇଲା ଅତି ସୁସ୍ତ । ମା. ମା.

ନୀରୋଗତା; ସୌଖ୍ୟ । ଯଥା—

ଯେ ଅବା ଦରିଦ୍ର ଅଟଇ,
ତାହାକୁ ହିଣେ ସୁସ୍ତ ନାହିଁ । ମା. ମା.

ସୁସ୍ଥ, ବିଂ ( ସୁ-ସ୍ଥା-ଅ ) ନୀରୋଗ; ସୁଖୀ; ସୁସ୍ଥିର; ସ୍ୱାସ୍ଥ୍ୟଯୁକ୍ତ ।

ସୁସ୍ଥି, ସୁସ୍ତି, ବିଂ. ( ସୁସ୍ଥ ଶବ୍ଦଜ ) ଅଳସୁଆ, ମଠୁଆ । ବି. ହେଳା, ବିଳମ୍ବ; ଅଳସୁଆ-ପଣିଆଁ ।

ସୁହା, ବି. (ସହ୍ ଧାତୁଜ) ସହ୍ୟକରିବା । ବିଂ. ସହ୍ୟ । ଯଥା—

ଲବ ଅନ୍ତର ସୁହା ଯାଉ ନ ଥିଲା ଆହା
ପୂର୍ଣ୍ଣହେଲା ବରଷରେ । ଲ. ବ.

ସୁହାଇବା, କ୍ରି. (ସହ୍ ଧାତୁଜ) ସହ୍ୟକରାଇବା ।

ସୁହାଗ, ବି. (ସୌଭାଗ୍ୟ = ପ୍ରାକୃତ ସୋହଗ୍ଗ ଶବ୍ଦଜ) ଅତିସ୍ନେହ ।

ସୁହାଗିଆ, } ବିଂ. (ଦେଶଜ) ଅତିସ୍ନେହବନ୍ତ;
ସୁହାଗୀ, } ସୌଭାଗ୍ୟଯୁକ୍ତ । ଯଥା—

କୃଷ୍ଣର ନଖକ୍ଷତ ଲାଗି
ନପୁଣ ହୋଇଛ ସୁହାଗୀ । ଖ୍ରି. ଦ. ସ୍କ.

ସୁହାଯିବା, କ୍ରି. (ସହ୍ ଧାତୁଜ) ସହ୍ୟହେବା । (ସୁହା ଶବ୍ଦ ଦେଖ ।)

ସୁହୃଦ୍, ବି. (ସୁ-ହୃଦ୍) ମିତ୍ର; ସାହାଯ୍ୟକାରୀ ବା ସହାୟ; ଉତ୍ତମ ହୃଦୟ ।

ସୁହୃଦୟ, ବିଂ. (ସୁ-ହୃଦୟ) ପ୍ରଶସ୍ତମନା; ଶୁଦ୍ଧଚିତ୍ତ । ବି. ଉତ୍ତମ ହୃଦୟ ।

ସୂକ୍ଷ୍ମ, ବିଂ. (ସୂଚ୍ୟତେ ଇତି ସୂକ୍ଷ୍ମଂ, ସୂଚ୍-ସ୍ମ) ଅଳ୍ପ, କ୍ଷୀଣ, ସରୁ; କ୍ଷୁଦ୍ର । ବି. ଅଣୁ; ଅଧ୍ୟାତ୍ମ ବସ୍ତୁ; ଅଧ୍ୟାତ୍ମ ଶାସ୍ତ୍ର; କୈତବ, ଛଳ । (ସୂକ୍ଷ୍ମଂ ସ୍ୟାତ୍ତୁ କୈତବେଽଧ୍ୟାତ୍ମେ ପୁଂସ୍ୟଣୌ ନିଷୁଗୃଳ୍ପକେ—ମେଦିନୀ । )

ସୂଚକ, ବି. (ସୂଚ୍-ଣିଚ୍-ଅକ) ଗୂଢ଼ପୁରୁଷ; ପିଶୁନ ବା ଖଳ । ବିଂ. ପ୍ରକାଶକ; କଥକ ।

ସୂଚନ, ସୂଚନା, ବି. (ସୂଚ୍-ଅନ, ଅ, ଆ) ଜ୍ଞାପନ; ଅଙ୍ଗଭଙ୍ଗୀ ବା ସଙ୍କେତରେ ଜଣାଇବା; ବିଦ୍ଧକରଣ; ଦୁଷ୍ଟାମି; ଧ୍ୱଂସନ; ଦୋଷାବିଷ୍କରଣ । (ବିଶେଷଣରେ ସୂଚିତ, ସୂଚନୀୟ, ସୂଚ୍ୟ ଓ ସୂଚିତବ୍ୟ ହୁଏ ।)

ସୂଚି, ସୂଚୀ, ବି. ସ୍ତ୍ରୀ. (ସୂଚ୍-ଇ, ଈ) ସୀବନୀ, ଛୁଁଚୀ; ସୂକ୍ଷ୍ମ ଅଗ୍ରଭାଗ ।

ସୂଚିବା, କ୍ରି. (ସୂଚ୍ ଧାତୁଜ) ସୂଚନାକରିବା ।

ସୂତ, ବି. ( ସୂତେ ରଥାଦିକମିତି, ସୁବତି ପ୍ରେରୟତ୍ୟଶ୍ୱାନ୍ ଚ ସୂତଃ—ଷୂଙ୍ ପ୍ରାଣି-ପ୍ରସବେ, ଷୂ ପ୍ରେରଣେ, ସୂ = ପ୍ରସବ ଓ ପ୍ରେରଣ କରିବା-ତ) ରଥକାର, ସୂର୍ଯ୍ୟ-ଧରଜାତି; ସାରଥି; ବ୍ରାହ୍ମଣୀ ଗର୍ଭରୁ କ୍ଷତ୍ରିୟ ଔରସରେ ଜାତ ସନ୍ତାନ; ବନ୍ଦୀ ବା ସ୍ତୁତିପାଠକ; ପାରଦ, ପାରଦରସ । ବିଂ ଉତ୍ପନ୍ନ; ପ୍ରେରିତ ।

ସୂତକ, ବି. ସଂ ଜନନାଶୌଚ ।

ସୂତି, ବି. ସ୍ତ୍ରୀ. (ସୂ = ପ୍ରସବକରିବା-ତି)ପ୍ରସବ; ଉତ୍ପତ୍ତି;ସନ୍ତାନ;ସୀବନ ବା ସିଲାଇକରିବା ।

ସୂତିକାଗାର,ବି. ସ୍ତ୍ରୀ. ପ୍ରସବଗୃହ, ଅନ୍ତୁଡ଼ିଶାଳ ।

ସୂତ୍ର, ବି.(ସୀବ୍ = ସିଇଁବା-ତ୍ର)ସୂତା; ବ୍ୟବସ୍ଥା; ଶାସ୍ତ୍ର; ସଂକ୍ଷିପ୍ତବାକ୍ୟ; ଉପବୀତ, ପଇତା; ନାଟ୍ୟଶାସ୍ତ୍ରର ଉପକ୍ରମ ।

ସୂତ୍ରଧର, ବି. (ସୂତ୍ର-ଧୃ-ଅ) ବଢ଼େଇ; ନାଟ୍ୟ ପ୍ରସ୍ତାବକ, ପ୍ରଧାନ ନଟ; ସୂତ୍ରପ୍ରଣୟନ-କର୍ତ୍ତା ।

ସୂତ୍ରପାତ, ବି. ସଂ. ଆରମ୍ଭ ।

ସୂଦ, ବି. (ସୂଦୟତି କ୍ଷୁଧାଦିକମିତି ସୂଦଃ—ଷୂଦକ୍ଷରଣେ, ଯେ କ୍ଷୁଧାଦି ନାଶକରେ, ସୂଦ୍ = ନାଶିବା-ଅ) ତିଅଣ, ବ୍ୟଞ୍ଜନ; ସୂପକାର ବା ସୁଆର ।

ସୂଦନ, ବି. ( ସୂଦ୍ = ନାଶିବା-ଅନ ) ବଧ; ବିନାଶ କରିବା; ଅଙ୍ଗୀକାର କରିବା । ବିଂ. ବିନାଶକ; ପ୍ରିୟ ।

ସୂନୁ, ବି. (ସୂ = ପ୍ରସବ କରିବା-ନୁ) ପୁତ୍ର; ( ପୁତ୍ରଭିନ୍ନ ) କନିଷ୍ଠଭ୍ରାତା; ଦୌହିତ୍ର; ରବି । (ସ୍ତ୍ରୀ) କନ୍ୟା ।

ସୂନୃତ, ବି. ( ସୁଷ୍ଠୁ ନୃତ୍ୟନ୍ତ୍ୟନେନେତି ସୂନୃତଂ, ସୁ-ନୃତ୍-ଅ) ସତ୍ୟବଚନ; ପ୍ରିୟ-ବଚନ; ସତ୍ୟ ଅଥଚ ପ୍ରିୟହେବା ବଚନ । ବିଂ. ସତ୍ୟପ୍ରିୟବକ୍ତା ।

ସୂପକାର, ବି. ( ସୂପ = ବ୍ୟଞ୍ଜନ-କୃ-ଅ ) ପାଚକ, ରନ୍ଧୁଣିଆଁ ।

ସୂରି, ବି. (ସରନ୍ତିଚରନ୍ତିଶାନ୍ତ୍ରଂ ସୂରଃ—ସୃ ଗତୌ, ଯେ ଶାସ୍ତ୍ର ସଞ୍ଚାର କରନ୍ତି, ସୃ-ଇ, ଋ = ଊର୍) ସୂର୍ଯ୍ୟ; ପଣ୍ଡିତ ।

ସୂରତ, ବିଂ. ସଂ. (ସୁରଃ ସୂର୍ଯ୍ୟଇବ ତପତି ପ୍ରସିଦ୍ଧତପସ୍ୟା ପ୍ରକାଶତେ ଇତି ସୂରତଃ) ଅତି କୃପାଳୁ । (ସୁରତ ଓ ସୂରତ ହୁଏ ।)

ସୂରି, ବି. (ସୁବନ୍ତି ପ୍ରେରୟନ୍ତି ସତ୍କର୍ମଣୀତି ସୂରଃ—ଷୂ ପ୍ରେରଣେ, ସୂ = ପ୍ରେରଣ କରିବା-ରି) ପଣ୍ଡିତ; କବି; କୃଷ୍ଣ; ସୂର୍ଯ୍ୟ; ଉପାଧିବିଶେଷ ।

ସୂର୍ପ, ବି. (ସୂର୍ପ୍-ଅ) ତଣ୍ଡୁଳାଦି ପରିଷ୍କରଣ ପାତ୍ର, କୁଲା; ପରିମାଣବିଶେଷ ।

ସୂର୍ମୀ, ବି. ସ୍ତ୍ରୀ. ସଂ. ଲୌହପ୍ରତିମା ।

ସୂର୍ଯ୍ୟ, ବି (ସୁବନ୍ତି ପ୍ରେରୟନ୍ତି ବ୍ୟାପାରେଷ୍ୱିତି ସୂର୍ଯ୍ୟଃ—ଷୂ ପ୍ରେରଣେ, ସୂ = ପ୍ରେରଣ କରିବା-ଯ ଅଥବା ସୃ-ଯ) ଦିବାକର ।

ସୂର୍ଯ୍ୟକାନ୍ତ, ବି. ସଂ. ମଣିବିଶେଷ ।

ସୂର୍ଯ୍ୟେନ୍ଦୁସଙ୍ଗମ, ବି. ସଂ. ଅମାବାସ୍ୟା ।

ସୃଜନ, ବି. (ସୃଜ୍-ଅନ) ସୃଷ୍ଟି, ନିର୍ମାଣ ।

ସୃଣିକା, ସୃଣୀକା, ବି. ସ୍ତ୍ରୀ. ସଂ. ଲାଳ, ମୁଖର ଜଳ ।

ସୃଷ୍ଟି, ବି. (ସୃଜ୍-ତି) ନିର୍ମାଣ, ରଚନା; ସ୍ୱଭାବ । (ବିଶେଷଣରେ ସୃଷ୍ଟ ହୁଏ । )

ସେ, ସର୍ବଂ. (ତତ୍ଶବ୍ଦଜ, ପ୍ରାକୃତ) ସେହି ।

ସେଇ, ସେହି, ସର୍ବଂ. (ତତ୍ଶବ୍ଦଜ ପ୍ରାକୃତ, ସୋଇ ପଦଜାତ) ସେ ବ୍ୟକ୍ତି ବା ପଦାର୍ଥ ।

ସେଇତା, ସର୍ବଂ. (ଦେଶଜ) ତାହା ।

ସେଇଥିପାଇଁ, ଅଂ (ଦେଶଜ) ସେହିହେତୁରୁ, ସେହିନିମନ୍ତେ ।

ସେଇଲାଗେ, ସେହିଲାଗେ, } ଅଂ. ( ଦେଶଜ ) ସେହିକ୍ଷଣି, ତତ୍କ୍ଷଣାତ୍ ।

ସେକ, ବି. (ସିଚ୍-ଅ) ସେଚନ, ଜଳପ୍ରକ୍ଷେପ, ଛିଞ୍ଚାଇବା ।

ସେକା, ସେକାସେକ, } ବି. (ଦେଶଜ କିମ୍ବା ଭିନ୍ନାର୍ଥତଃ ସେକ ଶବ୍ଦଜ) ଉତ୍ତପ୍ତକରଣ ।

ସେକିବା, କ୍ରି. (ଦେଶଜ) ଅଗ୍ନିତାପ ଦେବା ।

ସେକିହେବା, କ୍ରି. (ଦେଶଜ) ସ୍ୱତଃ ସେକା ପାଇବା । ଯଥା—

ପୃଥ୍ୱୀପାଳ ରସାଦ କେ ନ ଖାଇ ଅଛୁ କ,
ଅନଳ ତପତକ କେ ହୋଇନାହିଁ ସେକ । ନୃ.ପୃ.ପ୍ର.ତ.

ସେକୁତୁଣୀ, ସେକତୁଣୀ, } ବି. ସ୍ତ୍ରୀ. ( ସେକ-ତରୁଣୀ ଏଥିରୁ ଜାତ ) ପ୍ରତ୍ୟହ ଶିଶୁ-ମାନଙ୍କୁ ଯେଉଁ ସ୍ତ୍ରୀ ସେକୁଥାଏ ।

ସେକ୍ଷଣ, ସେକ୍ଷଣି, ଅଂ. ( ଦେଶଜ ) ତତ୍କ୍ଷଣାତ୍ ।

ସେଚନ, ବି. (ସିଚ୍ = ଅନ) ସେକ, ଆର୍ଦ୍ର-କରଣ; ସିଞ୍ଚିବା; ସେକପାତ୍ର, ଜଳକ୍ଷେପଣ ପାତ୍ର । (ବିଶେଷଣରେ ସେଚକ, ସେଚିତ ହୁଏ ।)

ସେଚନୀ, ବି. ସ୍ତ୍ରୀ. ସଂ. ସେକପାତ୍ର, ଜଳ-କ୍ଷେପଣ ପାତ୍ର ।

ସେଜି, ବି. (ଦେଶଜ) ଗୃହର ଉପରିଭାଗରେ ପକାଇବା ରୁଅ ପ୍ରଭୃତି ।

ସେଠା, ସେଠାକାର, } ବିଂ. (ଦେଶଜ) ତତ୍ସ୍ଥାନୀୟ, ସେହିସ୍ଥଳର ।

ସେଠାଇଁ, ସେଠାଏଁ, ସେଠାଏ, ସେଠାରେ, } ସର୍ବଂ. ( ଦେଶଜ ) ସେସ୍ଥାନରେ ।

ସେଠି, ସେଠେଁ, ସେଠେ, } ସର୍ବ. (ଦେଶଜ) ସେହି ସ୍ଥଳରେ ।
ସେଠୁଁ, ସେଠୁ, ଅ. (ଦେଶଜ) ସେହିସ୍ଥାନରୁ, ସେଥିଉତ୍ତାରୁ, ତାହାଉତ୍ତାରୁ ।
ସେଣା, ବି. (ସେଚନ ଶବ୍ଦଜ) ସେକପାତ୍ର, ଶସ୍ୟକ୍ଷେତ୍ରକୁ ପାଣି ବାହିବାପାଇଁ ବାଉଁଶ-ନିର୍ମିତ ପାତ୍ରବିଶେଷ; ପକ୍ଷିବିଶେଷ । ଯଥା—
ସେଣା ପକ୍ଷୀ ପ୍ରାୟେ କ୍ଷେପନ୍ତି ଗଗନ ଗତି । ସା.ଭା.ଆ.
ସେଣିକି, ତେଣିକି, ଅ.-(ଦେଶଜ) ସେଆଡ଼କୁ ।
ସେଣୀ, ବି. (ସମ୍ବଲପୁର ଅଞ୍ଚଳରେ) ଶିମ୍ବ । (ଶ୍ରେଣୀ ଶବ୍ଦଜ) ଗୃହର ଛପ୍ପରରେ ପଡ଼ିବା ଲମ୍ବାକୃତି କାଷ୍ଠଖଣ୍ଡମାନ ।
ସେତଖାନା, ବି. (ଦେଶଜ) ପାଇଖାନା ।
ସେତା, ସର୍ବ. (ଦେଶଜ) ତାହା । ଯଥା—
ତେଣୁ ଅଗୋଚର ତାହାଙ୍କୁ ନିକ ସେତା । କୃ.ଭା.ଆ.ପ.
ସେତାର, ସିତାର, } ବି. (ଯାବନିକ) ବାଦ୍ୟଯନ୍ତ୍ରବିଶେଷ ।
ସେତିକି, ଅ. (ଦେଶଜ) ତେତେ ପରିମାଣ । ଯଥା—
ଶୂଚର ସମ୍ବଳ ସେତିକ ସିନା । କ. ବ.
ସେତୁ, ବି. (ସି = ବନ୍ଧନକରିବା-ତୁ) ଜଳବନ୍ଧ; ପୋଲ; ବିଲ ପ୍ରଭୃତିର ହୁଡ଼ା ।
ସେତୁବନ୍ଧ, ବି. (ସେତୁ-ବନ୍ଧ) ପୋଲ; ଭାରତର ଦକ୍ଷିଣ ସମୁଦ୍ରରେ ଲଙ୍କା ପର୍ଯ୍ୟନ୍ତ ନିର୍ମିତ ବନ୍ଧ ଆକାର ପର୍ବତଶ୍ରେଣୀ ।
ସେଥିକି, ସେଥିପାଇଁ, ସେଥିଲାଗି, } ଅ. (ଦେଶଜ) ତନ୍ନିମିତ୍ତ ।
ସେନା, ବି. (ଇନେନ ପ୍ରଭୁଣା ସହ ବର୍ତ୍ତତେ ଇତି ସେନା, ସ-ଇନ = ପ୍ରଭୁ-ଆ) ସୈନ୍ୟଦଳ ।
ସେନାଙ୍ଗ, ବି. (ସେନା-ଅଙ୍ଗ) ହସ୍ତୀ, ଅଶ୍ୱ, ରଥ ଓ ପାଦାତି ଏହି ଚାରି ।
ସେନାନିବେଶ, ବି. (ସେନା-ନିବେଶ = ଆବାସ) ଶିବିର, ସ୍କନ୍ଧାବାର, ଯହିଁରେ ସେନାମାନେ ନିବାସ କରନ୍ତି ।
ସେନାନୀ, ବି. (ସେନା-ନୀ = ନେବା-କ୍ୱିପ୍) ସେନାପତି; କାର୍ତ୍ତିକେୟ ।
ସେନାପଟା, ବି. (ଦେଶଜ) ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ପୃଷ୍ଠଭାଗରେ ନିହିତ କାଷ୍ଠବିଶେଷ । ଯଥା—
ପୃଷ୍ଠଭାଗ ସ୍ଥାନ ସେନାପଟା ଜଳଜଳ,
ଯାହା ପଛେ ସଦା ଢଳ ଢଳ ଗଙ୍ଗାଜଳ । କୋ.ବ୍ର.ସୁ.
ସେନେହ, ବି. (ସ୍ନେହ ଶବ୍ଦର ଅପଭ୍ରଂଶ) ସ୍ନେହ । ଯଥା—
କରଥାଏ ସେନେହ ଭୋଗ ଯାଏ,
କୃଷ୍ଣ ଭ୍ରମରକୁ ନାହିଁ ଉପାୟେ । ର. କ.
ସେନେହା, ସ୍ନେହା, } ବି. (ସ୍ନେହୀପଦଜାତ) ସ୍ନେହୀ । ଯଥା—
ସେ ମୋର ତନ୍ତୁଁ ଶୁଣି ଏହା,
ପରମଯୋଗରେ ସେନେହା । ଭା. ଏ. ସ୍କ.
ସେପରି, ସେପରି, ଅ. (ଦେଶଜ) ସେହିପ୍ରକାରେ ।
ସେବାଇତ, ସେବାର୍ଯ୍ୟିତ, ସେବୈତ, } ବି. (ସେବାଯୁକ୍ତ ଶବ୍ଦଜ) ସେବକ, ସେବାକାରୀ । ଯଥା—
ଖୁଣ୍ଟିଆ ବଡ଼ଜେନା ସେବକ ସେବାଇତ । ନୃ ପୃ ପ ତ.
ସେମନ୍ତ, ଅ. (ଦେଶଜ) ସେହିପରି ।
ସେମ୍ଭା, ସର୍ବ. (ଦେଶଜ) ତାହା ।
ସେର, ବି. (ପ୍ରାକୃତ) ୧୬ ଛଟାଙ୍କି ପରିମାଣ ।
ସେରନ୍ତା, ବି. (ଦେଶଜ) ଗେହ୍ଲା, ପ୍ରଧାନ । ଯଥା—
ଚତୁର୍ଥୀ ଲଘୁଖଣ୍ଡ କପଟ ଯେତେ କନ୍ଧ,
ତହିଁ ସେରନ୍ତା ଜାଣ ହସାରଯାକେ ମୁହିଁ । ନୃ ପୃ ସ ତ.
ସେଲଗେ, ସେହିଲଗେ, } ଅ. (ଦେଶଜ) ସେହିକ୍ଷଣି । ଯଥା—
କୁମାରୀ ହୋଇଲୁ ନନ୍ଦଙ୍କର ସେଲଗେ । ର. କ.
ସେଲ, ବି. (ଦେଶଜ) ପରିଧାନ ବା ପୋଷାକବିଶେଷ । ଯଥା—
ଭିଡ଼ିଲେ ସରୁ ଜାମା ଅଙ୍ଗରେ ପହିରି,
ସିପାଇ ବେଶ ସେଲ ଅଛନ୍ତି ବେକେ ଭରି ।
କୃ. ଭା. ଆ. ପ.
ସେବଣ୍ଡ, ବି. ସ୍ତ୍ରୀ. ଫ. ପୁଷ୍ପବିଶେଷ ।

ସେବନ, ବି.(ସେବ୍‌-ଅନ) ସେବା; ଉପାସନା; ପୂଜା; ଉପଭୋଗ; ସୀବନ ବା ସିଲେଇ । ( ବିଶେଷଣରେ ସେବକ, ସେବିତ, ସେବ୍ୟମାନ, ସେବନୀୟ ଓ ସେବ୍ୟ ପଦ ସିଦ୍ଧହୁଏ । )

ସେବନା, ବି. ସ୍ତ୍ରୀ. (ସେବନ-ଆ) ସେବା ।

ସେବନୀ, ବି. ସ୍ତ୍ରୀ. (ସେବନ-ଈ) ସୁଈ, ସୂଚୀ ।

ସେବା, ବି. ସ୍ତ୍ରୀ. (ସେବ୍‌-ଅ-ଆ) ପରିଚର୍ଯ୍ୟା; ଶୁଶ୍ରୂଷା; ଉପଭୋଗ; ଉପାସନା; ଆଶ୍ରୟ ।

ସେହି, ସର୍ବ. (ଦେଶଜ-ତଦ୍‌ଶବ୍ଦର ରୂପ) ସେ ।

ସେହିତା, ସର୍ବ. (ଦେଶଜ) ତାହା । ଯଥା—

ଯହିଁ ଯା ଶୋଭିବ ସେହିତା ବିଧାତା
ଗଢ଼ିଛନ୍ତି ସେହିସ୍ଥାନେ । ପାର୍ବତୀ ।

ସେହିମନ୍ତ, ସେମିତି, ସିମିତି, } ଅ. (ଦେଶଜ) ସେହି-ପରି । ଯଥା—

କାମକଳାବତୀ ଗୋପୀ ସେହିମନ୍ତ
ହେଲେଣି ମୋହେ ମନ ନେଇ । ର. କ.

ସେହୁ, ସର୍ବ. ( ପ୍ରାକୃତ ସୋଉ ପଦଜାତ ) ସେ । ଯଥା—

ଠିକେ ଏଥି ମର୍ମ ଜାଣି ପାରିବଟି ସେହୁ । ବ.ଚ.ମ.

ସେହ୍ଲା, ବି. (ସନ୍ନାହ ଶବ୍ଦଜ) କବଚ । ଯଥା—

ଫିଟଇ ଫଳା ଆଡ଼ଣ ଅଙ୍ଗେ ନାହିଁ ସେହ୍ଲା । ସା.ଭା.ବ.

(ସ୍ନେହକ ଶବ୍ଦଜ) ସହାୟ । ଯଥା—

କହିବାର ଅଧିକ ସିନା,
କାହିଁ କେତେ ନୋହିଛ ସେହ୍ଲା । ର. କ.

ସୈଂହିକେୟ, ବି. ( ସିଂହିକା-ଏୟ ଅପତ୍ୟାର୍ଥେ) ରାହୁ ।

ସୈକତ, ବି. ( ସିକତା-ଅ ପ୍ରଚୁରାର୍ଥେ ) ବାଲିମୟ ପ୍ରଦେଶ ।

ସୈନ୍ଧବ, ବି. (ସିନ୍ଧୁ-ଅ) ଘୋଟକ; ସମୁଦ୍ରଜାତ ଲବଣ । ବି. ସିନ୍ଧୁ ସମ୍ବନ୍ଧୀୟ; ସମୁଦ୍ରଜାତ ।

ସୈନ୍ୟ, ବି. (ସେନା-ଯ ସ୍ୱାର୍ଥେ, ସେନୈବ ସୈନ୍ୟ) ଶ୍ରେଣୀବଦ୍ଧ ଯୋଦ୍ଧା । (ମୌଳ, ଭୃତ୍ୟ, ସୁହୃତ୍‌, ଶ୍ରେଣୀ, ଦ୍ୱିଷତ୍‌ ଓ ଆଟବିକ —ଏହି ଛଅପ୍ରକାର ସୈନ୍ୟ) ସେନାରେ ସମବେତ ଚତୁରଙ୍ଗ ବଳ । (ସେନାୟାଂ ସମବେତା ଯେ ସୈନ୍ୟାସ୍ତେ ସୈନିକାସ୍ତତେ—ଅମର । )

ସୈରନ୍ଧ୍ରୀ, ସୈରିନ୍ଧ୍ରୀ, ସୈରନ୍ଧ୍ରୀ, } ବି. ସ୍ତ୍ରୀ. (ସ୍ୱୈରଂ ସ୍ୱଚ୍ଛନ୍ଦଂ ବର୍ତ୍ତନଂ ଦଧାତି ସୈରନ୍ଧ୍ରୀ, ଡୁଧାଞ୍‌ ଧାରଣ ପୋଷଣୟୋଃ, ସ୍ୱୈର = ସ୍ୱଚ୍ଛନ୍ଦ ବିହାର-ଧା କିମ୍ବା ଧୃ-ଇ, ଈ, ସଂଯୁକ୍ତ ବକାର ଲୋପ) ପରଗୃହସ୍ଥା ସ୍ୱବଶା ଶିଳ୍ପକାରିଣୀ । (ସମୟରେ ଏହି କାର୍ଯ୍ୟ କରିଥିବାରୁ) ଦ୍ରୌପଦୀ ।

ସୋଗତ, ବି. (ସୁଗୋବ ଶବ୍ଦଜ) ସ୍ନେହ । ବିଂ. ସ୍ନେହୀ ।

ସୋଁଠା, ଶୋଁଠା, ବି. (ଦେଶଜ) ଗ୍ରେଣ୍ଟିଆ ଠେଙ୍ଗା, ବାଡ଼ି ।

ସୋଡ଼କା, ବି. (ଦେଶଜ) ଶୋଷି ପିଇବା ।

ସୋଡ଼କିବା, କ୍ରି. ( ଦେଶଜ ) ଶୋଷିବା, ପିଇବା ।

ସୋଡ଼ା, ବି. କ୍ଷାରବିଶେଷ; ତଦ୍‌ଯୁକ୍ତ ପାନୀୟ ।

ସୋଡ଼ୁଅ, ବି. (ଦେଶଜ) ଶସ୍ୟାଦିକ ପାଣି କାଢ଼ିବା ନୌକାକାର ପାତ୍ର ।

ସୋଦର, ସୋଦର୍ଯ୍ୟ, } ବି. (ସ = ସମାନ-ଉଦର-ଅ,ଯ) ଏକଗର୍ଭଜାତ ଭ୍ରାତା । (ସ୍ତ୍ରୀ— ସୋଦରା ଓ ସୋଦର୍ଯ୍ୟା ହୁଏ ।)

ସୋଦ୍ରମା, ବି. ( ସୋଦରିମା ପଦଜାତ ) ସୋଦର ଭାବ । ଯଥା—

ଶତ୍ରୁକୁ ପାଳଇ ଏ ସୋଦ୍ରମା ବନ୍ଧୁପଣ । ସା.ଭା ଆ.

ସୋଧା, ବି. (ଦେଶଜ) ସୋଧିବା; ତନଖି । ଯଥା—

ଜଗନନ୍ଦନ ସହଦେବଙ୍କୁ ସୋଧା ଦେଲେ,
ପ୍ରଥମ ଦୁଆରେ ଭୀମ ଭେଟିଲେ ବଧିଲେ । ସା.ଭା ସ.

ସୋଧିବା, କ୍ରି. (ଦେଶଜ) ସ୍ୱୀଜନ ପ୍ରବେଶ କରଣାର୍ଥ କୌଣସି ସ୍ଥାନ ନିର୍ଜନ କରିବା; ଏକ ଏକ କରି ଦେଖିନେବା । ଯଥା—

ସୋଧନ୍ତେ ଦେଖିଲୁଁ ଯେ ଭଣ୍ଡାରେ ଧନ ନାହିଁ ।
ସା. ଭା. ଆ.

ସୋପର୍ଦ୍ଦ, ବି. (ଯାବନିକ) ଏକ ଅଦାଲତରୁ ଅନ୍ୟ ଅଦାଲତକୁ ମକଦ୍ଦମା ପଠାଇବା ।

ସୋପାନ, ବି. ( ସହ୍-ଉପ ନମନ୍ତ୍ୟସ୍ମିନ୍ନିତି ସୋପାନଂ, ଣମୁ ପ୍ରତ୍ୟୟତ୍ତ୍ୱେ ଣତ୍ୱେ, ସ୍=ସହ-ଉପ-ଆ-ନମ୍-ଅ ) ପାଉଛ, ଶିଡ଼ୀ । (ଦେଶଜ) ବିଂ. ସୁଲଭ । ଯଥା—

ପାନର ବାଲୀକ କେବୋଲେ କର ନାହିଁ ମୁଁ ପାନ ।
ପାନ ଭଙ୍ଗି ଭଙ୍ଗିଦିଅ ଗୋ ମୋତେ ହୋଇ ସୋପାନ ।
ସୂ. ପ.

ବି. କୌଶଳ, ଉପାୟ; ସୁଲଭତା ।

ସୋମ, ବି. [ସୂୟତେ ଅମୃତମିତି ସୋମଃ, ସୂ=( ଅମୃତ ) ପ୍ରସବକରିବା-ମ] ଚନ୍ଦ୍ର; କୁବେର;ଯମ;ବାୟୁ; ବସୁବିଶେଷ; କର୍ପୂର; ଜଳ; ଅମୃତ; ଯଜ୍ଞରେ ପ୍ରସ୍ତୁତ ରସବିଶେଷ, ସୋମଲତାର ରସ । ( ଉମୟା ସହ ବର୍ତ୍ତମାନଃ ସୋମଃ) ଶିବ ।

ସୋମପ, ସୋମପା, ସୋମପୀତିନ୍, ସୋମପୀଥିନ୍, } ବି. (ସୋମଂ ପିବନ୍ତୀତି ସୋମପଃ, ସୋମପାଃ, ସୋମଂ ପୀତମନେନେତି ସୋମପୀତୀ, ସୋମପୀଥଃ, ସୋମପାନମସ୍ୟାସ୍ତୀତି ସୋମପୀଥୀ, ସୋମ=ସୋମରସ-ପା-ଅ) ଯେ ଯଜ୍ଞର ଅବଶିଷ୍ଟ ସୋମରସ ପାନ କରନ୍ତି ।

ସୋମଯାଜୀ, ବି. (ସୋମ-ଯଜ୍-ଇନ୍) ସୋମଯାଗକର୍ତ୍ତା ।

ସୋରଡ଼ା, ବି. ( ଦେଶଜ ) ନସ୍ୟ ପ୍ରଭୃତି ନାସିକାଦ୍ୱାରା ସବେଗେ ଗ୍ରହଣକରିବା; ପେୟପଦାର୍ଥ ସବେଗେ ଶୋଷିବା ।

ସୋରଡ଼ିବା, କ୍ରି. ନାସା ଅଥବା ମୁଖଦ୍ୱାରା ଶୋଷିବା ।

ସୋରା, ସୋଡ଼ା, ବି. (ଯାବନିକ) ଯବକ୍ଷାର ।

ସୋରା, ସୋରି, ବି. (ସର ଶବ୍ଦଜ) ଏକ ଏକ ରେଖାରେ ଅଙ୍କିତ ଭାଗ । ଯଥା—

ମାତୁଲଙ୍କ ଫଳ ତାକୁ ବା ହୋଇଥାନ୍ତା ଲକ୍ଷ,
ପାଚଲେ ସୋର ସୋରି ତ ଦଶେ ତାର ସଙ୍ଖ୍ୟ ।
ନୃ. ସୁ. ଦ୍ୱି. ତ.

ଫଳ ଆଦିର ଖଣ୍ଡ ।

ସୋରିଷ, ବି. (ସର୍ଷପ ଶବ୍ଦଜ) ସର୍ଷପ ।

ସୋରିଷା, ବି. (ଦେଶଜ) କର୍ଣ୍ଣାଭରଣବିଶେଷ । ଯଥା—

କର୍ଣ୍ଣରେ ନବରତ୍ନ ସୋରିଷା ଗଜମୋତି । ନୃ. ପୂ. ତୃ. ତ

ସୋରିଷାମାଳୀ, ବି. ( ଦେଶଜ ) କର୍ଣ୍ଣର ଅଳଙ୍କାରବିଶେଷ ।

ସୋରେହା, ବି. (ଦେଶଜ ବା ସାଗ୍ରହ ଶବ୍ଦଜ) ଆଗ୍ରହ, ଆଦର । ଯଥା—

କରଇ ପୁରୁଣା-ପ୍ରୀତି ମନ ଫୁରୁଣା,
ହୋଇଲେ ଅତ୍ୟନ୍ତ ସୋରେହା । ର. କ.

ସଗରୀ ଯଥା—

କାମି କାମଦୁହା ଗୋଧନ ସୋରେହା
ହୋଇ ଶିଖିଲେ ଗାଇଦୁହଁ । ର. କ.

ସୋହଡ଼, ବିଂ. ( ଦେଶଜ ) ସୁସୌଷ୍ଠବ; ସୁଗଠିତ । ଯଥା—

ଶୁଦ୍ଧସ୍ୱର୍ଣ୍ଣ ପ୍ରାୟେ ବିରାଜିତ ତେଜ ବର୍ଣ୍ଣ,
ସୋହଡ଼ ସୁନ୍ଦର ନାଥ ଜଗତମୋହନ । ସା. ଭ୍ର. ଆ.

ସୋହନ, ସୋହଦ୍ର, } ବି. (ସମୁଦ୍ର ଶବ୍ଦଜ) ସମୁଦ୍ର । ଯଥା—

ଆନ ଲୋକର ମୁକାର କେତେମାନ ଅଟେ,
ସୋହନ ଜଳେ ଯେହ୍ନେ ଭସଇ ଛଟପଟେ ।
ନୃ. ପୁ. ଦ୍ୱି. ତ.

ସୋଦର, ସୋଦୋଦର, } ବି. (ସହୋଦର ଶବ୍ଦଜ) ଏକ ଗର୍ଭଜାତ ଭ୍ରାତା ।

ସୋହବତ, ବି. (ଯାବନିକ) ସଙ୍ଗ, ସଂସର୍ଗ; ଆଦର । ଯଥା—

ଯେ ହେଉ ଏତେ ଲୁବ୍‌ଧମୁଗ୍‌ଧ ଉପମା ଉପମେୟ ଏତେ
ସୋହବତ ମୋହବତ କାହିଁକ ? ବା. ମା. ପା.

ସୋହାଗ, ବି. (ସୌଭାଗ୍ୟ ଶବ୍ଦଜ, ପ୍ରାକୃତ ସୋହଗ୍ଗ ଶବ୍ଦଜାତ) ଅତିସ୍ନେହ । ଯଥା—

ମଣ୍ଡନ୍ତ ବଦନମଣ୍ଡଳ ନେତ୍ର ସଦା ସୋହାଗେ । ଚ. ଭ୍ର.

ସୋହାଗା, ବି. (ଦେଶଜ) ଟାଙ୍ଗଣା (ଖାର) ।

ସୋହାଗିନୀ, ବି. ସ୍ତ୍ରୀ. (ପୂର୍ବେ ଦେଖ) ସ୍ନେହବତୀ । ଯଥା—

ଦୋଳି ଜଳସଙ୍ଗେ ଖେଳୁଅଛୁ ରଙ୍ଗେ
ସୋହାଗିନୀ ମନ ମୋହି । କ. ମ.

ସୋଢ଼େ, } ବି. ( ପ୍ରାକୃତ ) ଶୋଭପାଏ । ଶୋଢ଼େ, } ଯଥା—

କାଣ୍ଡଗୁଢ଼େ ସୋଢ଼େ ବାଲା ଉଚରେ । ଲ. ବ.

ସୌକ, ବି. (ସୌଖିକ ଶବଜ) ମଉଜ । ବଂ. ମଉଜା ।

ସୌକନ, } ବି. (ଯାବନକ) ସଙ୍ଗୀତ ବିଶେଷ ଶୌକାନ, } (Allegro) । ବି. (ସୌଖୀନ ଶବଜ) ସୁଖେଚ୍ଛୁ, ବିଳାସୀ ।

ସୌକୁମାର୍ଯ୍ୟ, ବି. (ସୁକୁମାର-ଯ)ସୁକୁମାରତା, କୋମଳତା; ଯୌବନ ।

ସୌଖଶାୟୁନକ, ବି. (ସୁଖଶୟନ-ଇକ ) ବୈତାଳିକ ବା ସ୍ତୁତିପାଠକ; ସୁଖଶୟନ-ଜିଜ୍ଞାସୁ ।

ସୌଖୀନ, ବି. ( ସୁଖ-ଇନ ) ସ୍ୱଖେଚ୍ଛୁ, ବିଳାସୀ ।

ସୌଖ୍ୟ, ବି. (ସୁଖ-ଯ) ସୁଖ; ସୁଖବିସ୍ତୃତ ।

ସୌଗନ୍ଧିକ, ବି. (ସୁଗନ୍ଧ-ଇକ) କହ୍ଲାରପୁଷ୍ପ; ନୀଳୋତ୍ପଳ; ପଦ୍ମରାଗମଣି ।

ସୌଜନ୍ୟ, ବି. ( ସୁଜନ-ଯ ) ସୁଜନତା, ଭଦ୍ରତା, ସଦ୍‌ବ୍ୟବହାର ।

ସୌଦାଗର, ବି. (ଯାବନକ) ବ୍ୟବହାରୀ ।

ସୌଦାମନୀ, } ବି. ସ୍ତ୍ରୀ. (ସୁଦାମନ୍ = ପର୍ବତ-ସୌଦାମିନୀ, } ବିଶେଷ-ଅ-ଈ ) ବିଦ୍ୟୁତ୍, ବିଜୁଳୀ; ଅପ୍ସରାବିଶେଷ ।

ସୌଧ, ବି. (ସୁଧା-ଅ ସମ୍ବନ୍ଧାଦିଅର୍ଥେ) ରାଜ-ସଦନ, ଇଷ୍ଟକାଦି ନିର୍ମିତ ଭବନ, କୋଠା-ଘର ପ୍ରଭୃତି, ସୁଧାଧବଳିତ ଗୃହ ।

ସୌନ୍ଦ, ବି (ସୁନ୍ଦ-ଅ ଅପତ୍ୟାର୍ଥେ) ମାଲ୍ୟତ ରାକ୍ଷସ ।

ସୌନ୍ଦର୍ଯ୍ୟ,ବି. (ସୁନ୍ଦର-ଯ)ଶୋଭା, ସୁନ୍ଦରତା ।

ସୌପର୍ଣ୍ଣାଶ୍ମ, ବି. (ସୌପର୍ଣ୍ଣ-ଅଶ୍ମ = ପ୍ରସ୍ତର, ମଣି) ମରକତମଣି; ଗାରୁଡ଼ମଣି ।

ସୌଭଗ୍ୟ, ବି. (ସୁଭଗ-ଯ) ଶୁଭ ଅଦୃଷ୍ଟ; ସୌନ୍ଦର୍ଯ୍ୟ; ସୁଭଗତ୍ୱ; ପ୍ରିୟତ୍ୱ; ଯୋଗ-ବିଶେଷ ।

ସୌମିତ୍ର, } ବି. (ସୁମିତ୍ରା-ଅ, ଇ ଅପତ୍ୟାର୍ଥେ) ସୌମିତ୍ରି, } ଲକ୍ଷ୍ମଣ, ରାମାନୁଜ; ଶତ୍ରୁଘ୍ନ ।

ସୌମ୍ୟ, ବି. (ସୋମ-ଯ) ସୋମପୁତ୍ର, ବୁଧ-ଗ୍ରହ; ବିପ୍ର; ସୋମଦୈବତ; ସୌନ୍ଦର୍ଯ୍ୟ; ଶାନ୍ତମୂର୍ତ୍ତି । ବି. ସୁନ୍ଦର; ପ୍ରସନ୍ନ; ସାଧୁ ।

ସୌର, } ବି. (ସୂର-ଅ, ଇ ଅପତ୍ୟାର୍ଥେ) ସୌରି, } ଶନି; ଯମ; ସୁଗ୍ରୀବ; କର୍ଣ୍ଣ; ସୂର୍ଯ୍ୟ-ଉପାସକ । ବିଂ ସୂର୍ଯ୍ୟସମ୍ବନ୍ଧୀୟ ।

ସୌରଭ, } ବି. (ସୁରଭି-ଅ, ଯ) ସୁଗନ୍ଧ; ସୌରଭ୍ୟ, } ସୌନ୍ଦର୍ଯ୍ୟ; କୁଙ୍କୁମ ।

ସୌଷ୍ଠବ, ବି. ( ସୁଷ୍ଠୁ-ଅ ) ସୌନ୍ଦର୍ଯ୍ୟ, ସୁଗଠନ; ଆଧିକ୍ୟ ବା ଉତ୍କର୍ଷ, ପ୍ରାଚୁର୍ଯ୍ୟ ।

ସ୍କନ୍ଦ, ବି. (ସ୍କନ୍ଦସୃତ ଶତ୍ରୂନ୍ ଶୋଷୟତୀତି ସ୍କନ୍ଦଃ, ଦେବସ୍ତୀ ଦର୍ଶନାତ୍ ଈଶ୍ୱରରେତସଃ ସ୍କନ୍ଦତୀତି ସ୍କନ୍ଦଃ—ସ୍କନ୍ଦିର୍ ଗତି ଶୋଷ-ଣୟୋଃ, ସ୍କନ୍ଦ୍ = ଶୋଷଣ ଓ ଗତିକରିବା-ଅ) କାର୍ତ୍ତିକେୟ; ନଦୀତଟ; ରାଜା; ବିଦ୍ୱାନ୍ ।

ସ୍କନ୍ଧ, ବି. (ସ୍କନ୍ଦ୍ୟତେ ଇତି ସ୍କନ୍ଧଃ-ସ୍କନ୍ଦିର୍ ଗତି ଶୋଷଣୟୋଃ ସ୍କନ୍ଦ୍-ଅ, ଦ = ଧ) ଅଂସ-ଦେଶ, କାନ୍ଧ; ଶରୀର; ବ୍ୟୂହ; ମୂଳଠାରୁ ଶାଖା ନିର୍ଗମ ସ୍ଥାନ ପର୍ଯ୍ୟନ୍ତ ବୃକ୍ଷଭାଗ;ସମୂହ; ପଥ; ରାଜା; ସୈନ୍ୟାଧ୍ୟକ୍ଷ; ଋଷିର ଚୂଳ; ଗ୍ରନ୍ଥର ପରିଚ୍ଛେଦ; ବିଜ୍ଞାନାଦି ପଞ୍ଚସ୍କନ୍ଧ; ବୌଦ୍ଧମତରେ ଜ୍ଞାନର ପାଞ୍ଚ ଅଂଶ । (ସ୍କନ୍ଧଃ ପ୍ରକାଣ୍ଡେ କାୟେଽଂସେ ବିଜ୍ଞାନାଦିଷୁ ପଞ୍ଚସୁ । ନୃପେ ସମୂହେ ବ୍ୟୂହେ ଚ— ଇତି ହୈମ ।)

ସ୍କନ୍ଧାବାର, ବି. (ସ୍କନ୍ଧ = ସୈନ୍ୟବ୍ୟୂହ ଆ-ବୃ-ଅ) ଶିବିର, ତମ୍ବୁ; ରାଜାଙ୍କ ଶରୀରରକ୍ଷକ ସେନା ।

ସ୍କୁଲ, ବି. (ଇଂରାଜି ଶବ୍ଦ) ବିଦ୍ୟାଳୟ ।

ସ୍ଖଳନ, ବି. (ସ୍ଖଲ୍ = ସଂଚଳନ-ଅନ) ପତନ; ଧର୍ମରୁ ପତନ; ଧକ୍କା; ଭ୍ରମହେବା; ବିକଳ ହେବା; ବାକ୍ୟର ଅର୍ଦ୍ଧ ଉଚ୍ଚାରଣ; ବିକୃତି; ସ୍ଥାନଚ୍ୟୁତି; ଦୋଷ । (ବିଶେ-ଷଣରେ ସ୍ଖଳିତ ହୁଏ ।)

ସ୍ତନ, ବି. (ସ୍ତନ୍ = ଶବ୍ଦକରିବା-ଅ) କୁଚ, ବକ୍ଷୋଜ ।

**ସ୍ତନନ୍ଧୟ**, ବି. (ସ୍ତନ-ଧେ = ପାନ କରିବା-ଅ) ଦୁଗ୍ଧକଣ୍ଠ ଶିଶୁ ।

**ସ୍ତନୟିତ୍ନୁ**, ବି. (ସ୍ତନୟୁକ୍ତାତ ସ୍ତନୟିତ୍ନୁଃ) ମେଘ ।

**ସ୍ତନିତ**, ବି. (ସ୍ତନ୍-ତ) ମେଘଗର୍ଜନ; ବଜ୍ରଧ୍ୱନି । ବିଂ. ଶବ୍ଦକାରକ ।

**ସ୍ତବଦ**, ବିଂ. (ସ୍ତବ୍ଧ ଶବ୍ଦର ଅପଭ୍ରଂଶ) ସ୍ତବ୍ଧ, ନିଶ୍ଚଳ । ଯଥା—

ସ୍ତବଦ ହୋଇ ବସିଲ ସମସ୍ତ ନୃପତି । ସା.ଭା.ଆ.

**ସ୍ତବ୍ଧ**, ବିଂ. (ସ୍ତନ୍ଭ୍-ତ) ସ୍ତମ୍ଭିତ; ମୂର୍ଚ୍ଛିତ; ଦୃଢ଼ୀଭୂତ; ବଧିର ।

**ସ୍ତମ୍ଭ**, ବି. (ସ୍ତନ୍ଭ-ଅ) ଖୁଣ୍ଟ, ଖମ୍ବ; ସ୍ଥିରଭାବ; ସାତ୍ତ୍ୱିକ ବିକାରବିଶେଷ; ପ୍ରତିବନ୍ଧ, ରୋଧ । (ବିଶେଷଣରେ ସ୍ତମ୍ଭିତ ହୁଏ ।)

**ସ୍ତର**, ବି. (ସ୍ତୃ-ଅ) ଭୂମି ପ୍ରଭୃତିର ଭାଗବିଶେଷ; ତଳ୍ପ ବା ଶଯ୍ୟା ।

**ସ୍ତବ**, **ସ୍ତୁତି**, } ବି. (ସ୍ତୁ = ସ୍ତୁତି କରିବା-ଅ, ତି) ପ୍ରଶଂସା; ଗୁଣକୀର୍ତ୍ତନ । (ବିଶେଷଣରେ ସ୍ତୁତ, ସ୍ତୋତା ଓ ସ୍ତାବକ ହୁଏ ।)

**ସ୍ତବକ**, ବି. (ସ୍ତୁ = ସ୍ତୁତି କରିବା-ଅକ) ଗୁଚ୍ଛ, ପେଣ୍ଡା । (ସ୍ୟାଦ୍ଗୁଚ୍ଛକସ୍ତୁ ସ୍ତବକଃ—ଅମର) ସମୂହ; ଗ୍ରନ୍ଥର ପରିଚ୍ଛେଦ; ସ୍ତୁତି । ବିଂ. ସ୍ତବକାରକ ।

**ସ୍ତିମିତ**, ବିଂ. (ସ୍ତିମ୍-ତ) ଆର୍ଦ୍ର; ଓଦା; ନିଶ୍ଚଳ; ଜଡ଼ ।

**ସ୍ତିରି**, ବି. ସ୍ତ୍ରୀ. (ସ୍ତ୍ରୀ ଶବ୍ଦର ଅପଭ୍ରଂଶ) ନାରୀ ।

**ସ୍ତୂପ**, ବି. (ସ୍ତୂପ୍-ଅ) ସମୂହ; ମୃତ୍ତିକାଦିର ଗଦା ।

**ସ୍ତେନ**, ବି. (ସ୍ତେନ୍-ଅ) ଚୋର, ତସ୍କର; ଚୌର୍ଯ୍ୟ, ଚୋରି ।

**ସ୍ତୋକ**, ବି. (ସ୍ତୁଚ୍ = ପ୍ରସନ୍ନ ହେବା-ଅ) ଚାତକ ପକ୍ଷୀ; ଜଳବିନ୍ଦୁ । ବିଂ. ଅଳ୍ପ, ଈଷତ୍ । ଯଥା—

ବକ୍ଷଃସ୍ଥ ସ୍ତୋକ ଭସ୍ମ ବ୍ୟକତ
କରିଦିଏ ବ୍ରହ୍ମଋଷି ସ୍ୱଭାବ । ଜା.ପ ନା.

**ସ୍ତୋତ୍ର**, ବି. (ସ୍ତୁ = ସ୍ତବ କରିବା-ତ୍ର) ସ୍ତବ, ସ୍ତବପାଠ ।

**ସ୍ତୋମ**, ବି. (ସ୍ତୋମ୍ = ପ୍ରଶଂସା କରିବା-ଅ) ସମୂହ; ଧନ; ମସ୍ତକ; ଶସ୍ୟ; ଭାଟ । ବିଂ. ନତ; ବକ୍ର ।

**ସ୍ତ୍ରୈଣ**, ବି. (ସ୍ତ୍ରୀ-ନ) ସ୍ତ୍ରୀସ୍ୱଭାବ । ବିଂ. ସ୍ତ୍ରୀବଶ; ସ୍ତ୍ରୀସମ୍ବନ୍ଧୀୟ ।

**ସ୍ଥଗିତ**, ବିଂ. (ସ୍ଥଗ୍-ତ) ନିବୃତ୍ତ; ଅବରୁଦ୍ଧ; ଆବୃତ; ତିରୋହିତ ।

**ସ୍ଥପତି**, ବି. ପୁଂ. ଶିଳ୍ପୀ; ସୂତ୍ରଧର; କଞ୍ଚୁକୀ ବା ଅନ୍ତଃପୁରରକ୍ଷକ; ମନ୍ତ୍ରୀ । ବିଂ. ପ୍ରଧାନ ।

**ସ୍ଥବିର**, ବିଂ. (ସ୍ଥା-ଇର) ବୃଦ୍ଧ; ପ୍ରାଚୀନ; ସ୍ଥିର; ଜୀର୍ଣ୍ଣ ।

**ସ୍ଥାଣୁ**, ବି. (ସ୍ଥା-ନୁ) ଶିବ; ଖୁଣ୍ଟ, ସ୍ତମ୍ଭ; ଉଇହୁଙ୍କା; ଶାଖାଶୂନ୍ୟ ବୃକ୍ଷ । ବିଂ. ସ୍ଥିର; ସ୍ଥବିର ।

**ସ୍ଥାପନ**, ବି. (ସ୍ଥା-ଣିଚ୍-ଅନ, ପ ଆଗମ) ରଖିବା, ନିଯୋଗ କରିବା; ଆରୋପଣ । (ବିଶେଷଣରେ ସ୍ଥାପକ, ସ୍ଥାପିତ, ସ୍ଥାପନୀୟ ହୁଏ ।)

**ସ୍ଥାଳ**, **ସ୍ଥାଳୀ**, } ବି. (ସ୍ଥା-ଅଳ, ଈ) ପାତ୍ରବିଶେଷ, ସ୍ତ୍ରୀ. ଥାଳୀ; ପାକପାତ୍ର ।

**ସ୍ଥାବର**, ବି. (ସ୍ଥା-ବର) ଅଚଳ, ବୃକ୍ଷପର୍ବତାଦି । ବିଂ. ସ୍ଥିତିଶୀଳ ।

**ସ୍ଥିତି**, ବି. ସ୍ତ୍ରୀ. (ସ୍ଥା-ତି) ଅବସ୍ଥାନ; ସ୍ଥିରତା; ମର୍ଯ୍ୟାଦା; ସୀମାସ୍ଥାନ; ପାଳନ; ଅବସ୍ଥା; ନିବୃତ୍ତି, ନିସ୍ପତ୍ତି ।

**ସ୍ଥିର**, ବିଂ. (ସ୍ଥା-ଇର) ଧୀର; ସ୍ଥାୟୀ; ନିଶ୍ଚଳ; ଦୃଢ଼; ନିଯୁତ; ନିଶ୍ଚିତ । ବି. ପର୍ବତ; ଦେବତା; ବୃକ୍ଷ; ମୋକ୍ଷ । (ସ୍ତ୍ରୀ-ଆ, ପୃଥିବୀ) ।

**ସ୍ଥୂଳ**, ବିଂ. (ସ୍ଥୂଳ୍-ଅ) ପୁଷ୍ଟ, ମୋଟା; ମନ୍ଦ; ପ୍ରକାଣ୍ଡ; ମୂର୍ଖ । (ସ୍ଥୂଳର ଅତିଶୟାର୍ଥରେ ସ୍ଥବୀୟାନ୍ ଓ ସ୍ଥବିଷ୍ଠ ହୁଏ ।)

**ସ୍ଥେୟ**, ବିଂ. (ସ୍ଥା-ଯ) ସ୍ଥିରତର; ସ୍ଥାପନୀୟ । ବି. ବିବାଦପକ୍ଷର ନିର୍ଣ୍ଣେତା, ମଧ୍ୟସ୍ଥ ।

**ସ୍ନପନ**, ବି. (ସ୍ନପି-ଅନ) ସ୍ନାନ; ଅଭିଷେକକରଣ; ଆର୍ଦ୍ରୀକରଣ; ଧୌତକରଣ । (ବିଶେଷଣରେ ସ୍ନପିତ ହୁଏ ।)

ସ୍ନାନ, ବି. ( ସ୍ନା = ସ୍ନାନ କରିବା-ଅନ ) ସର୍ବାଙ୍ଗକ୍ଷାଳନ, ଅବଗାହନ; ସ୍ନାନସାଧନ ବସ୍ତୁ; ଗନ୍ଧଚୂର୍ଣ୍ଣାଦି, ତୈଳ ହରିଦ୍ରାଦି । (ବିଶେଷଣରେ ସ୍ନାତ, ସ୍ନାପକ, ସ୍ନାୟୀ ଓ ସ୍ନାମାସ୍ତ ପଦ ସିଦ୍ଧ ହୁଏ ।)

ସ୍ନାନପୌର୍ଣ୍ଣମୀ, ବି. ସଂ. ଜ୍ୟୈଷ୍ଠ ପୌର୍ଣ୍ଣମୀ । (ଏ ଦିନ ଜଗନ୍ନାଥ ମହାପ୍ରଭୁଙ୍କର ମହାସ୍ନାନ ହୁଏ । )

ସ୍ନାୟୁ, ବି. ସ୍ତ୍ରୀ. (ସ୍ନାତି ସଦାଆର୍ଦ୍ରୀ ଭବତି ସ୍ନାୟୁଃ, ସ୍ନା-ଉ, ଯ ଆଗମ) ସର୍ବଦେହବ୍ୟାପୀ ସୂକ୍ଷ୍ମଶିରାବିଶେଷ ।

ସ୍ନାହାନ, ବି. (ସ୍ନାନ ଶବ୍ଦଜ) ସ୍ନାନ । ଯଥା—
କୁବୁଜା କୁଙ୍କୁମ ଲେପନ, ତକ୍ଷଣେ ସାରିଲ ସ୍ନାହାନ । ଭି. ଦି. ସ୍କ.

ସ୍ନିଗ୍ଧ, ବିଂ. (ସ୍ନିହ୍-ଚିକ୍କଣ ହେବା, ପ୍ରୀତ ହେବା-ତ) ଚିକ୍କଣ; କୋମଳ; ମଧୁର; ସୁନ୍ଦର; ସ୍ନେହର ପାତ୍ର; ନିବିଡ଼; ସୁଶ୍ରାବ୍ୟ; ଶୀତଳକାରକ; ସ୍ନେହଯୁକ୍ତ । ବି. ସଖା; ତେଜଃ; ମଜ୍ଜା; ଭାତମଣ୍ଡ ।

ସ୍ନୁଷା, ବି ସ୍ତ୍ରୀ. ( ଗୃହବ୍ୟାପାରସ୍ଥ ଜଳଂ ସ୍ନୌତିଭି ସ୍ନୁଷା-ସ୍ନୁ ପ୍ରସ୍ରବଣେ, ସ୍ନୁ = ଜଳ ବହିବା-ସ-ଆ) ପୁତ୍ରବଧୂ ।

ସ୍ନେହ, ବି. (ସ୍ନିହ୍ = ପ୍ରୀତ ହେବା, ଚିକ୍କଣ ହେବା-ଅ) ପ୍ରେମ; ଦୟା; ବାତ୍ସଲ୍ୟ; ତୈଳାଦି ଦ୍ରବବସ୍ତୁ; ପ୍ରିୟବସ୍ତୁ । (ବିଶେଷଣରେ ସ୍ନେହିତ ଓ ସ୍ନେହୀ ହୁଏ । )

ସ୍ନେହା, ବିଂ. (ସ୍ନେହୀ ପଦ ଜାତ) ସ୍ନେହୀ । ଯଥା—
ବଲ୍ଲଭ ମୃଦୁବାଣୀ, ଶୁଣି ତରୁଣୀମଣି,
ଧୀରେ କହେ କ ସ୍ନେହା । ଲ. ବ.

ସ୍ପନ୍ଦ, ସ୍ପନ୍ଦନ, ବି. (ସ୍ପନ୍ଦ୍ = କମ୍ପିଚଳନ-ଅ, ଅନ) ଈଷତ୍ କମ୍ପନ; ଚଳନ; ସ୍ଫୁରଣ । (ବିଶେଷଣରେ ସ୍ପନ୍ଦିତ ହୁଏ ।)

ସ୍ପର୍ଶ, ସ୍ପର୍ଶନ, ବି. (ସ୍ପୃଶ୍-ଅ, ଅନ) ପରଶ, ଛୁଇଁବା; ଦାନ; ଗ୍ରହଣ; ବାୟୁ । (ବିଶେଷଣରେ ସ୍ପର୍ଶକ, ସ୍ପର୍ଶୀ, ସ୍ପୃଷ୍ଟ ପ୍ରଭୃତି ପଦ ସିଦ୍ଧ ହୁଏ ।)

ସ୍ପଷ୍ଟ, ବିଂ. (ସ୍ପଶ୍ = ପ୍ରକାଶ କରିବା-ତ) ସ୍ଫୁଟ, ବ୍ୟକ୍ତ, ପ୍ରକାଶିତ ।

ସ୍ପୃହା, ବି. ସ୍ତ୍ରୀ. (ସ୍ପୃହ୍ = ଇଚ୍ଛା କରିବା ଅ, ଆ) ବାଞ୍ଛା, ଗ୍ରହଣେଚ୍ଛା, ଲୋଭ; ଗଣନା । (ବିଶେଷଣରେ ସ୍ପୃହଣୀୟ, ସ୍ପୃହୟାଳୁ ପଦ ସିଦ୍ଧ ହୁଏ ।)

ସ୍ଫଟିକ, ବି. (ସ୍ଫଟ୍ = ବିଦୀର୍ଣ୍ଣ କରିବା-ଇକ) ଅତି ସ୍ୱଚ୍ଛ ଶୁକ୍ଳ ପ୍ରସ୍ତରବିଶେଷ; ମଣିବିଶେଷ, ସୂର୍ଯ୍ୟକାନ୍ତମଣି ।

ସ୍ଫୁଟ, ବିଂ. ( ସ୍ଫୁଟ୍-ଅ ) ବିକଶିତ; ସ୍ପଷ୍ଟ; ବ୍ୟକ୍ତ; ପ୍ରାପ୍ତ; ନିର୍ମଳ; ବିଦୀର୍ଣ୍ଣ; ବିସ୍ତୃତ; ଶୁଭ୍ର; ଜ୍ଞାତ ।

ସ୍ଫୁରଣ, ସ୍ଫୁରଣା, ବି. (ସ୍ଫୁର୍-ଅନ, ସ୍ତ୍ରୀ-ଆ) ଈଷତ୍ କମ୍ପନ; ଦୀପ୍ତି । (ବିଶେଷଣରେ ସ୍ଫୁରିତ ହୁଏ ।)

ସ୍ଫୂର୍ତ୍ତି, ବି. (ସ୍ଫୁର୍-ତି) କମ୍ପନ; ହର୍ଷ; ପ୍ରତିଭା; ବିକାଶ ।

ସ୍ଫୋଟନ, ବି. (ସ୍ଫୁଟ୍-ଅନ) ବିଦାରଣ; ବିକାଶନ, ପ୍ରକାଶନ ।

ସ୍ୱସ୍ତି, ବି. ସ୍ତ୍ରୀ. (ସତ୍ତି ଶବ୍ଦଜ) ସତ୍ତି । ଯଥା—
ସବୁ ସ୍ତ୍ରୀଙ୍କପରେ ସେ ଅଟନ୍ତି ମହାସ୍ୱସ୍ତି । ନୃ. ପୁ. ଭ. ତ.

ସ୍ୱପନା, ବି. ସ୍ତ୍ରୀ. (ସ୍ୱପ୍ନା ବା ସ୍ୱପ୍ନବତୀ ଶବ୍ଦଜ) ଦେବୀଙ୍କ ନାମବିଶେଷ । ଯଥା—
ସତ୍ୟବତୀ ସ୍ୱପନା ସୁନ୍ଦରୀ ଶକୁନ୍ତଳା । ନୃ. ସ୍ତ. ପ. ତ.

ସ୍ମର, ବି. (ସ୍ମୃ-ଅ) କନ୍ଦର୍ପ; ସ୍ମରଣ ।

ସ୍ମରଣ, ବି. (ସ୍ମୃ-ଅନ) ଧ୍ୟାନ ବା ଚିନ୍ତା; ସ୍ମରିବା, ମନେ ପକାଇବା । (ବିଶେଷଣରେ ସ୍ମୃତ, ସ୍ମରଣୀୟ, ସ୍ମର୍ତ୍ତବ୍ୟ ଓ ସ୍ମାରକ ପ୍ରଭୃତି ପଦ ହୁଏ ।)

ସ୍ମିତ, ବି. (ସ୍ମି = ଈଷତ୍ ହସିବା ଇତ୍ୟାଦି-ତ) ମନ୍ଦହାସ । ବିଂ. ବିସ୍ମିତ; ବିକସିତ ।

ସ୍ମୃତି, ବି. ସ୍ତ୍ରୀ. ( ସ୍ମୃ-ତି ) ସ୍ମରଣ; ଇଚ୍ଛା; ବୁଦ୍ଧି; ମନ୍ୱାଦି ପ୍ରଣୀତ ଧର୍ମଶାସ୍ତ୍ର । (ବିଶେଷଣରେ ସ୍ମୃତ ହୁଏ ।)

**ସ୍ୟନ୍ଦନ**, ବି. (ସ୍ୟନ୍ଦ୍ = କ୍ଷରଣ ଇତ୍ୟାଦି-ଅନ) କ୍ଷରଣ; ଗତି; ଜଳ; ରଥ; ବାୟୁ ।

**ସ୍ୟୂତ**, ବି. (ସିବ୍ = ସିଇଁବା-ତ) ଭୁଣ୍ଡି; ଥଳି; ସୂତ୍ରନିର୍ମିତ ପାତ୍ର । ବିଂ. ବୁଣିବା; ସିଲାଇ କରିବା; ରଫ୍ କରିବା; ଗ୍ରଥିତ ।

**ସ୍ରଜ୍**, ସ୍ରକ, ସ୍ରଗ, ବି. ସଂ. ମାଳା ପୁଷ୍ପାଦିର ହାର ।

**ସ୍ରବ**, ସ୍ରବଣ, ସ୍ରୁତି, ବି. (ସ୍ରୁ = ସ୍ରବିବା-ଅ, ଅନ, ତି) କ୍ଷରଣ, ଗଳନ; ପତନ; ଉତ୍ସ, ଝର । (ବିଶେଷଣରେ ସ୍ରୁତ ଓ ସ୍ରାବକ ଏବଂ ବିଶେଷ୍ୟରେ ସ୍ରାବ ମଧ୍ୟ ହୁଏ । )

**ସ୍ରବନ୍ତୀ**, ବି. ସ୍ତ୍ରୀ. (ସ୍ରବତ୍-ଈ) ନଦୀ ।

**ସ୍ରଷ୍ଟା**, ବି. ( ସୃଜ୍-ତୃ ) ବିଧାତା, ବ୍ରହ୍ମା । ବିଂ. ସୃଷ୍ଟିକର୍ତ୍ତା ।

**ସ୍ରାଗ**, ବି. (ସରାଗ ଶବ୍ଦର ରୂପାନ୍ତର) ସ୍ନେହ । ଯଥା—

ପତ୍ନୀଠାରେ ଗୁରୁତର ନ ଥାଏ କି ସ୍ରାଗ । ନୃ.ସୁ ଚ.ଚ.

**ସ୍ରୋତ**, ସ୍ରୋତସ୍, ବି. (ସ୍ରୁ ବିଶତି ସ୍ରୋତଃ— ସ୍ରୁ ପ୍ରସ୍ରବଣେ) ନଦ୍ୟାଦିର ଜଳପ୍ରବାହ; କର୍ଣ୍ଣାଦି ଇନ୍ଦ୍ରିୟ ବା ଇନ୍ଦ୍ରିୟଦ୍ୱାର; ହସ୍ତିର ସପ୍ତବିଧ ମଦକ୍ଷରଣ । (ସ୍ରୋତ ଇନ୍ଦ୍ରିୟେ ନିମ୍ନଗାରୟେ— ଅମର ।)

**ସ୍ରୋତସ୍ୱାନ୍**, ସ୍ରୋତସ୍ୱତ୍, ବିଂ. (ସ୍ରୋତସ୍-ବତ୍ ଅସ୍ତ୍ୟର୍ଥେ) ସ୍ରୋତୋବିଶିଷ୍ଟ । ବି. (ସ୍ତ୍ରୀ-ଈ) ନଦୀ । ବିଂ. ସ୍ରୋତୋବିଶିଷ୍ଟା । (ନଦୀ ଅର୍ଥରେ ସ୍ରୋତସ୍ୱିନୀ ଓ ସ୍ରୋତୋବହା ହୁଏ ।)

**ସ୍ୱ**, ବି. [ସ୍ୟତିଦୁଃଖଂ ସ୍ୱଃ—ଷୋଽନ୍ତକର୍ମଣି; ସୋ = (ଦୁଃଖ) ନାଶ କରିବା-ବନ୍ ]ଜ୍ଞାତି; ବନ୍ଧୁ; ଧନ, ଐଶ୍ୱର୍ଯ୍ୟ । ସର୍ବଂ. ଆତ୍ମା, ସ୍ୱୟଂ; ଜୀବାତ୍ମା । ବିଂ. ସ୍ୱକୀୟ, ଆପଣାର ।

**ସ୍ୱଚ୍ଛ**, ବିଂ. (ସୁ-ଅଚ୍ଛ) ନିର୍ମଳ; ଶୁଭ୍ର ବା ଶୁକ୍ଳ; ସୁସ୍ଥ ବା ନୀରୋଗ । ବି. ସ୍ଫଟିକ ।

**ସ୍ୱଚ୍ଛନ୍ଦ**, ବିଂ. (ସ୍ୱକୀୟ ଏବ ଛନ୍ଦୋଽଭିପ୍ରାୟୋ ଯସ୍ୟ ସଃ ସ୍ୱଚ୍ଛନ୍ଦଃ) (ସ୍ୱ = ନିଜ-ଛନ୍ଦ = ଅଭିପ୍ରାୟ) ସ୍ୱତନ୍ତ୍ର; ଅବାଧିତ; ସୁସ୍ଥ; ଅଯତ୍ନଜାତ ।

**ସ୍ୱତଃ**, ଅଂ. ସଂ. ନିଜଠାରୁ ସ୍ୱୟଂ ।

**ସ୍ୱତନ୍ତ୍ର**, ବିଂ. (ସ୍ୱ-ତନ୍ତ୍ର) ସ୍ୱାଧୀନ ।

**ସ୍ୱତ୍ୱ**, ବି. ( ସ୍ୱ-ତ୍ୱ ଭାବାର୍ଥେ ) ଅଧିକାର, ଧନାଦିରେ ପ୍ରଭୁତ୍ୱ ।

**ସ୍ୱନ**, ବି. (ସ୍ୱନ୍-ଅ) ଶବ୍ଦ, ସ୍ୱର ।

**ସ୍ୱପନ**, ସ୍ୱପ୍ନ, ବି. (ସ୍ୱପ = ଶୋଇବା-ଅନ, ନ) ନିଦ୍ରା, ନିଦ୍ରାବସ୍ଥାରେ ବିଷୟାନୁଭବ ।

**ସ୍ୱଭାବ**, ବି. ( ସ୍ୱ-ଭାବ ) ଆତ୍ମଭାବ; ପ୍ରକୃତି; ଅଭିପ୍ରାୟ ।

**ସ୍ୱୟମ୍ବର**, ବି. (ସ୍ୱୟଂ-ବୃ = ବରିବା-ଅ) ସ୍ୱୟଂ ପତିଗ୍ରହଣ ।

**ସ୍ୱୟମ୍ଭୁ**, **ସ୍ୱୟମ୍ଭୂ**, } ବି. ( ସ୍ୱୟଂ-ଭୂ-କ୍ୱିପ୍ ) ବ୍ରହ୍ମା; ବିଷ୍ଣୁ; ମହେଶ୍ୱର; ସମୟ ।

**ସ୍ୱର୍**, ଅଂ. (ଶାସ୍ତ୍ରେଷୁ ସ୍ୱର୍ଯ୍ୟତେ ଇତି ସ୍ୱର୍, ସ୍ୱୃ ଶବ୍ଦୋପତାପୟୋଃ, ସ୍ୱୃ-କ୍ୱିପ୍) ସ୍ୱର୍ଗ; ଆକାଶ; ପ୍ରଭା; ସୌନ୍ଦର୍ଯ୍ୟ; ନିରବଚ୍ଛିନ୍ନ ସୁଖ; ପରଲୋକ ।

**ସ୍ୱର**, ବି. (ସ୍ୱୃ-ଅ) ଶବ୍ଦ; କଣ୍ଠଧ୍ୱନି; ଷଡ୍ଜ ପ୍ରଭୃତି ଗାନଧ୍ୱନି; ଅକାର ପ୍ରଭୃତି ବର୍ଣ୍ଣ ।

**ସ୍ୱରୁ**, **ସ୍ୱରୁସ୍**, } ବି. ( ସ୍ୱୃ = ଉପତାପ ଓ ଶବ୍ଦ କରିବା-ଉ, ଉସ୍ ) ବଜ୍ର ।

**ସ୍ୱର୍ଗ**, ବି. (ସୁଷ୍ଠୁ ଋଜ୍ୟତେ ସ୍ଥୀୟତେଽସ୍ମିନ୍ନିତି ସ୍ୱର୍ଗଃ ଋଜୁଗତି ସ୍ଥାନାର୍ଜନୋପାର୍ଜନେଷୁ, ସୁ-ଋଜ୍ = ଅବସ୍ଥାନ କରିବା-ଅ — ଯହିଁରେ ଅତି ଉତ୍ତମ ଅବସ୍ଥାନ ହୁଏ) ଦେବଲୋକ; ଭୂର୍ଭୁବସ୍ ପ୍ରଭୃତି ଲୋକ; ନିରବଚ୍ଛିନ୍ନ ସୁଖ ।

**ସ୍ୱର୍ଣ୍ଣ**, ବି. (ସୁ = ସୁନ୍ଦର, ଅର୍ଣ୍ଣ = ବର୍ଣ୍ଣ-ଯାହାର) ସୁନା; ନାଗକେଶର; ଧୁସ୍ତୁର ।

**ସ୍ୱର୍ଣ୍ଣକାର**, ବି. (ସ୍ୱର୍ଣ୍ଣ-କୃ-ଅ) ସୁନାରିଜାତି ।

**ସ୍ୱର୍ଭାନୁ**, ବି. ( ସ୍ୱର୍ = ସ୍ୱର୍ଗ-ଭାନୁ = କିରଣ ) ରାହୁଗ୍ରହ ।

**ସ୍ୱସା**, ବି ସ୍ତ୍ରୀ. ( ସ୍ୱସୃ— ସୁଷ୍ଠୁ ଅସ୍ୟତି ସୋଦରସ୍ୟାସମିତି ସ୍ୱସା-ଅସ୍ କ୍ଷେପଣେ, ସୁ-ଅସ୍ = କ୍ଷେପଣ କରିବା-ଋ)ଯେ ସହୋଦରର ଆୟାସ ପ୍ରକ୍ଷେପ କରେ, ଭଗିନୀ ।

ସ୍ୱସ୍ତି, ବି. (ସୁ=ଶୁଭ-ଅସ୍ =ହେବା-ତି)ଆଶୀର୍ବାଦ; ଶୁଭ; ପୁଣ୍ୟାଦି ସ୍ୱୀକାର; ସନ୍ତୋଷ ।

ସ୍ୱସ୍ତିକ, ବି. ( ସ୍ୱସ୍ତି-କ ) ଗୃହଦ୍ୱାରଯୁକ୍ତ ପ୍ରାସାଦ; ଯୋଗାଙ୍ଗ ଆସନବିଶେଷ; ମାଙ୍ଗଳିକ ଦ୍ରବ୍ୟ; ଚତୁଷ୍ପଥ; ସର୍ପଫଣା ।

ସ୍ୱସ୍ଥ ବିଂ. (ସ୍ୱ-ସ୍ଥା-ଅ)ନିରୁଦ୍‌ବିଗ୍ନଚିତ୍ତ; ସନ୍ତୁଷ୍ଟଚିତ୍ତ; ସୁସ୍ଥ । (ସ୍ୱର୍-ସ୍ଥା-ଅ) ସ୍ୱର୍ଗସ୍ଥ; ମୃତ ।

ସ୍ୱାକ୍ଷର, ବି. ଫ. ଦସ୍ତଖତ୍, ସହି ।

ସ୍ୱାଗତ, ବି. (ସୁ=ଶୁଭ-ଆଗତ=ଆଗମନ) ଶୁଭାଗମନ; କୁଶଳପ୍ରଶ୍ନ ।

ସ୍ୱାଦ, ସ୍ୱାଦନ, ବି. (ସ୍ୱଦ୍-ଅ, ଅନ) ରସଗ୍ରହଣ, ରସାନୁଭବ । (ବିଶେଷଣରେ ସ୍ୱାଦିତ ହୁଏ ।)

ସ୍ୱାଦୁ, ବିଂ. (ସ୍ୱଦ୍-ଉ) ମଧୁର; ମନୋଜ୍ଞ । ବି. ମଧୁର ରସ ।

ସ୍ୱାଧ୍ୟାୟ,ବି.(ସୁ-ଆ-ଅଧ୍ୟାୟ=ଅଧ୍ୟୟନ)ବେଦପାଠ; ମନ୍ତ୍ରାଦିଜପ; ବେଦାଂଶବିଶେଷ ।

ସ୍ୱାନ, ବି. (ସ୍ୱନ୍=ଶବ୍ଦ କରିବା-ଅ)ଶବ୍ଦ, ଧ୍ୱନି ।

ସ୍ୱାପ, ବି. (ସ୍ୱପ୍-ଅ) ନିଦ୍ରା; ସ୍ୱପ୍ନ ।

ସ୍ୱାମୀ, ସ୍ୱାମିନ୍, } ବି. (ସ୍ୱ=ଐଶ୍ୱର୍ଯ୍ୟ-ମିନ୍ ଅସ୍ତ୍ୟର୍ଥେ) ଅଧିପତି, ପ୍ରଭୁ; ରାଜା; ଭର୍ତ୍ତା; ପଣ୍ଡିତ ବ୍ରାହ୍ମଣ; ଗୁରୁ; ପରମହଂସ; ବିଷ୍ଣୁ; ଶିବ; ପତି; ଗରୁଡ଼ ।

ସ୍ୱାର୍ଥ, ବି. (ସ୍ୱ-ଅର୍ଥ) ସ୍ୱକାର୍ଯ୍ୟ; ନିଜପ୍ରୟୋଜନ; ଆପଣାର ଅର୍ଥ ।

ସ୍ୱାସ୍ଥ୍ୟ, ବି. ( ସୁସ୍ଥ-ଯ ) ସୁସ୍ଥତା, ଆରୋଗ୍ୟ; ସନ୍ତୋଷ; ନିରୁଦ୍‌ବେଗ; ସୁଖ ।

ସ୍ୱାହା, ବି. ସ୍ତ୍ରୀ. [ସୁ-ଆ-ହ୍ୱେ=(ଦେବତାଙ୍କ) ଆହ୍ୱାନ-ଅ-ଆ] ମନ୍ତ୍ରୋଚ୍ଚାରଣ ପୂର୍ବକ ଅଗ୍ନିରେ ଘୃତପ୍ରଦାନ; ଅଗ୍ନିଙ୍କ ଭାର୍ଯ୍ୟା; ଆହୁତି ।

ସ୍ୱିନ୍ନ, ବିଂ. ( ସ୍ୱିଦ୍=ଘର୍ମାକ୍ତହେବା ଇତ୍ୟାଦି-ତ, ତ=ନ) ଘର୍ମାକ୍ତ, ସ୍ୱେଦଯୁକ୍ତ; ଆର୍ଦ୍ର; ପକ୍ୱ; କ୍ଲିନ୍ନ ।

ସ୍ୱୀକାର, ବି. ( ସ୍ୱ-କାର-ଅଭୂତ ତଦ୍ଭାବାର୍ଥେ ଚ୍ୱି ବା ଈ) ଆପଣାର କରିବା; ଅଙ୍ଗୀକାର; ଆୟତ୍ତୀକରଣ, ବଶୀକରଣ । ( ବିଶେଷଣରେ ସ୍ୱୀକୃତ ହୁଏ । )

ସ୍ୱେଚ୍ଛାଚାରୀ, ବିଂ. (ସ୍ୱେଚ୍ଛାଚାରିନ୍—ସ୍ୱେଚ୍ଛାଚାର-ଇନ୍) ସ୍ୱାଧୀନ; ଯେ ଅନ୍ୟକୃତ ବିଧି ନିୟମାଦି ମାନେ ନାହିଁ, ଯେ ନିଜ ଇଚ୍ଛାନୁରୂପ କାର୍ଯ୍ୟ କରେ, ଅବାଧ ।

ସ୍ୱେଦ, ବି. (ସ୍ୱିଦ୍=ଘର୍ମାକ୍ତହେବା ଇତ୍ୟାଦି-ଅ) ତାପ; ଘର୍ମ, ଝାଳ; କ୍ଲେଦ; ବାଷ୍ପ; ଉଷ୍ମ ।

ସ୍ୱୈର, ବିଂ. ( ସ୍ୱ-ଇର୍=ଗମନ ଓ ପ୍ରେରଣ କରିବା-ଅ ) ସ୍ୱାଧୀନ; ମନ୍ଦ; ଜଡ଼ । ବି. ସ୍ୱେଚ୍ଛାଧୀନତା; ସ୍ୱେଚ୍ଛାଚାର ।

ସ୍ୱୈରୀ,ବିଂ.(ସ୍ୱୈରିନ୍-ସ୍ୱୈର=ସ୍ୱେଚ୍ଛାଚାର-ଇନ୍ ଅସ୍ତ୍ୟର୍ଥେ) ସ୍ୱେଚ୍ଛାଚାରୀ, ଅବାଧ । (ସ୍ତ୍ରୀ-ଈ=ସ୍ୱୈରିଣୀ) କୁଳଟା, ବ୍ୟଭିଚାରିଣୀ ।

## ହ

ହ, ବ୍ୟଞ୍ଜନମାଳାର ତ୍ରୟସ୍ତ୍ରିଂଶବର୍ଣ୍ଣ । ବି. (ହା=ତ୍ୟାଗକରିବା; କିମ୍ବା ହନ୍=ବଧକରିବା-ଅ) ଶିବ; ବିଷ୍ଣୁ; ଜଳ; ଶୂନ୍ୟ; ଗମନ; ଧାରଣ; ମଙ୍ଗଳ; ସ୍ୱର୍ଗ; ରକ୍ତ; ଘୋଟକ; ଭୟ; ଧ୍ୟାନ; ଆକାଶ; ଜ୍ଞାନ; ଚନ୍ଦ୍ର; ଯୁଦ୍ଧ; ରୋମାଞ୍ଚ; ଗର୍ବ; ଚିକିତ୍ସକ; କାରଣ; ଉଦ୍ଦେଶ୍ୟ; ଈଶ୍ୱର; ଆନନ୍ଦ; ଆହ୍ୱାନ; ଅସ୍ତ୍ରଶସ୍ତ୍ର; ମଣିର ଦ୍ରବ; ବୀଣାର ଧ୍ୱନି । (ସ୍ତ୍ରୀ-ଆ) ବୀଣା । ଅଂ. ସମ୍ବୋଧନ; ପାଦପୂରଣାର୍ଥକ; କୋପ; ନିନ୍ଦା; ନିୟୋଗ; ନିଗ୍ରହ; ଚିନ୍ତନ; ମୃତ୍ୟୁ । ବିଂ. ଉଚ୍ଚହସିତ; ମତ୍ତ; ସୁରାମତ୍ତ ।

ହଇ, ହୋଇ, ଅ°. (ଦେଶଜ) ସମ୍ମତିସୂଚକ । ଯଥା—

ଶୁଣିଣ ଭୀମସେନ ବୋଇଲା ହଇ ହଇ । ନୃ.ପୁ.ସ.ତ.

ଅନୁକରଣ ଶବ୍ଦବିଶେଷ । ଯଥା—

କେବଳ ପ୍ରହରୀ, ସାବଧାନ କରି ଜୁହାରଇ

ହଇ ହଇ । କ. ମ.

ହଇଜା, ବି. (ଯାବନିକ) ବିସୂଚିକା; ଝାଡ଼ା । ଯଥା—

ଅନେକ ଆମଲା ହଇଜା ସମୟରେ ମରିବାକୁ ମୁକ୍ତା ଫୁରସତ ପାଆନ୍ତି ନାହିଁ । ଛ. ସା.

ହଇରାଣ, ହୟରାଣ, } ବି. (ଯାବନିକ ହୟରାନ ଶବ୍ଦଜ) ହରକତ, ହରବର । ଯଥା—

ହଇରାଣ ତଥ କାହିଁକି ଏତେ,

ହଇରାଣ ଆଉ ହେବ କେ କେତେ । ସଙ୍ଗୀତ ।

ବି°. କ୍ଲାନ୍ତ ।

ହଇରେ, ହୋରେ, } ଅ°. (ଦେଶଜ) ନୀଚ ସମ୍ବୋଧନ; ପ୍ରଶ୍ନ ।

ହଇଲୋ, ହୋଲୋ, } ଅ°. (ଦେଶଜ) ନୀଚ ସ୍ତ୍ରୀ ସମ୍ବୋଧନ; ପ୍ରଶ୍ନ ।

ହଇହେ, ହୋହେ, } ଅ°. (ହଂହୋ ଶବ୍ଦଜ) ଉଚ୍ଚ ବ୍ୟକ୍ତି ସମ୍ବୋଧନ; ପ୍ରଶ୍ନ ।

ହଇହୋ, ହୋହୋ, } ଅ°. (ହଂହୋ ଶବ୍ଦଜ) ମଧ୍ୟମ ଭଲ ବ୍ୟକ୍ତିର ସମ୍ବୋଧନ; ପ୍ରଶ୍ନ ।

ହଉ, ହେଉ, ଅ°. (ଦେଶଜ) ସମ୍ମତିସୂଚକାର୍ଥ । ଯଥା—

ଶୁଣି ତା ଗୁରସ୍ତ ହଉ ବୋଇଲା,

ଝିଅ ଅନୁରୂପେ ବର ଖୋଜିଲା । ହା. ଭ.

ହଁ, ଅ°. (ଦେଶଜ) ସମ୍ମତିସୂଚକାର୍ଥ ।

ହଁଭରିବା, କ୍ରି. (ଦେଶଜ) ସମ୍ମତ କରିବା ।

ହଂସ, ବି. (ହନ୍ = ବଧ କରିବା-ସ) ସ୍ୱନାମ-ପ୍ରସିଦ୍ଧ ପକ୍ଷିବିଶେଷ; ବିଷ୍ଣୁ; ସୂର୍ଯ୍ୟ; ପରମାତ୍ମା; ବ୍ରହ୍ମା; ଶିବ; ଅଶ୍ୱ; ମାତ୍ସର୍ଯ୍ୟ; ମନ୍ତ୍ରବିଶେଷ; ଗୂଢ଼ମନ୍ତ୍ରବିଶେଷ; ନିର୍ଲୋଭ ଯତି; ପର୍ବତ; ଦେହସ୍ଥ ବାୟୁବିଶେଷ । (ଅନ୍ୟ ନାମର ପରବର୍ତ୍ତୀ ହେଲେ) ଶ୍ରେଷ୍ଠ, ଉତ୍କୃଷ୍ଟ ।

ହଂସକ, ବି°. (ହଂସ-କୈ = ପ୍ରକାଶ ପାଇବା-ଅ) ପାଦାଭରଣବିଶେଷ, ନୂପୁର ବା ପାଦ-କଟକ । (ହଂସ-କ ସ୍ୱାର୍ଥେ) ରାଜହଂସ, ହଂସ ।

ହଂସରାଳ, ବି. (ଦେଶଜ) ପକ୍ଷିବିଶେଷ ।

ହଂସା, ବି. (ହଂସ ଶବ୍ଦଜ) ହଂସ । ଯଥା—

ସେ ରକ୍ତ ବାଟେ ଅମୃତ ଝରଇ ଝରଝର,

ସେ ଝର ଶୁଖିଗଲେ ଉଡ଼ଇ ହଂସାଘର । ନୃ.ପୁ.ତୃ.ତ.

ଫଙ୍କାସି ବା ଧୈର୍ଯ୍ୟ । ଯଥା—

ସେ ହକର ଶୁଣି ଦାସଙ୍କ ଉଡ଼ିଲା ହଂସା । ଛ.ବ.

ହଂସାମୁଣ୍ଡି, ବି. (ଦେଶଜ) ଶଗଡ଼ର ଦୁଇ ଦଣ୍ଡାକୁ ଯୋଡ଼ିବା କାଷ୍ଠଖଣ୍ଡ । (ଯହିଁରେ ଜୁଆଳି ବାନ୍ଧନ୍ତି ।)

ହଂସୂଳତୂଳ, ହଂସତୂଳ, ହଂସତୁଲ, } ବି. (ହଂସ-ତୂଳ—ଏ ଉଭୟ ଶବ୍ଦରୁ ଜାତ) ହଂସପକ୍ଷୀରେ ନିର୍ମିତ ଶେଯ । ଯଥା—

କାଟେ ଖଟ ବୋଲି ହଂସୂଳତୂଳକ ମୁଖ୍ୟ ଧୂଳିକି ସୁଖ ପାଇଲେ ହେ । ବ. ରା.

ହକ, ହକକ, ବି. (ଯାବନିକ) ସ୍ୱତ୍ୱ, ଯଥାର୍ଥ ବା ନ୍ୟାଯ୍ୟ ।

ହକନାକେ, କ୍ରି. ବି°. (ଦେଶଜ) ଅକାରଣରେ, ଭୁଗୁଚାରେ ।

ହକର, ବି. (ପ୍ରାକୃତ ହକ୍କାର ଶବ୍ଦଜ) ଡାକର । ଯଥା—

ରାଜାଙ୍କ ହକର ଅ.ସିଲା ଦାସଙ୍କ ପ୍ରତି । ଛ. ବ.

ବ୍ରାହ୍ମଣଶାସନମାନଙ୍କରେ ଦଶହରା ଦିନ ଦେବଦେବୀ ପ୍ରସାଦ ମାଂସଭାଗ; ବ୍ରାହ୍ମଣ-ଜାତିରେ ନବବଧୂ ଆନୟନାର୍ଥ ଦେବା ଯୋଗାଡ଼ ।

ହକଳା, ବି. (ଦେଶଜ) ବସ୍ତ୍ରାଦି ଧୋଇବା ।

ହକସ, ବି. (ଦେଶଜ) ଈର୍ଷା ।

ହକାରିବା, କ୍ରି. (ପ୍ରାକୃତ ହକ୍କାର ଶବ୍ଦଜ) ଡାକିବା ।

ହକାଳିବା, କ୍ରି. ( ଦେଶଜ ) ବସ୍ତ୍ରାଦି ଧୌତ କରିବା ।

ହକାହକ, ବି. ( ପ୍ରାକୃତ ହକ୍କାର ଶବ୍ଦଜ ) ଡକାଡକି । ଯଥା—

ହକାହକ ହୋଇ ଦେବଙ୍କର ପୁଅ ଭୁଲେ,
ଖେଳିବା ଆସ ବୋଲି ପ୍ରଥମୁ ଡାକ କଲେ । ନୃ. ପୁ ଦ୍ୱି. ଭ.

ହକିକତ, } ବି. ( ଦେଶଜ ) ନିବେଦନ, ହକିଗତ, } ଗୁହାରି; ହାଲଚାଲି । ଯଥା—

ସେ ଏକଦିନରେ, କେତକୀଦଳରେ,
ଲେଖିବା ହକିଗତ । ଫ. ସ.

ହକ୍କ, ବି. (ଦେଶଜ ପ୍ରାୟ) ଗଜସମାହ୍ୱାନ, ହାତୀର ଡାକ ।

ହଗ, ହଗା, ବି. ( ଦେଶଜ ) ମଳତ୍ୟାଗ; ଅତିସାର ।

ହଗରି, ହଗୁରି, ବି. ( ଦେଶଜ ) ଅତିସାର, ରୋଗବିଶେଷ । ଯଥା—

ପିଲୋହ ପେଟଟଣା ହଗରି ମୁଠାବାଡ଼ି । ନୃ ପୁ.ସ ଭ.

ବିଂ. ଯେ ଅନେକ ବାର ମଳତ୍ୟାଗ କରୁଥାଏ; ଡରୁଆ, ଭୀତ ।

ହଗିବା, କ୍ରି. (ଦେଶଜ) ମଳତ୍ୟାଗ କରିବା ।

ହଙ୍ଗମା, ହଙ୍ଗାମ, ବି. (ଯାବନିକ) କଳହ ।

ହଙ୍ଗାମୀ, ବି. (ଯାବନିକ) କଳହକାରୀ ।

ହଜମ, ବି. ( ଯାବନିକ ) ଅନ୍ନପରିପାକ; ଆତ୍ମସାତ୍କରଣ । ଯଥା—

ମାଦକ ହଜମ ଯେ କରି ଜାଣେ,
ଜଗତ ଜିଣେ ସେ ଆପଣା ଜ୍ଞାନେ । ଉ. ସା.

ହଜରତ, ବି. (ଆରବ୍ୟ) ମହାତ୍ମା; ସମ୍ଭ୍ରାନ୍ତ ବ୍ୟକ୍ତିଙ୍କ ପ୍ରତି ସମ୍ବୋଧନାର୍ଥ ବ୍ୟବହୃତ; ପ୍ରଭୁ ।

ହଜା, ବି. (ଦେଶଜ) ନ ଦିଶିବା; ହରଣ । ବିଂ. ହରଣ କରାଯାଇଥିବା; ହୃତ; ଯେ ହରଣ କରେ । ଯେପରି—ଜ୍ଞାନହଜା ।

ହଜାଇବା, କ୍ରି. (ଦେଶଜ) ହରାଇବା । ଯଥା—

ପ୍ରାଣସଙ୍ଗିନୀ ସଙ୍ଗସୁଖ ହଜାଇ । ମେ. ଦୂ.

ହଜାର, ବି. (ଦେଶଜ) ସହସ୍ର, ଦଶଶତ ।

ହଜିବା, କ୍ରି. (ଦେଶଜ) ନଷ୍ଟହେବା । ଯଥା—

ବେଲୁଁ ବେଲୁଁ ଜ୍ଞାନ ହଜିଲା । ବି. ଗୀ

ନ ଦିଶିବା, ହୃତ ହେବା ।

ହଜୁର, ବି. (ଯାବନିକ) ଶ୍ରୀମୁ, ବଡ଼ଲୋକ ଏବଂ ରାଜାଙ୍କ ସମ୍ମୁଖରେ ପ୍ରଯୋଜ୍ୟ, ପ୍ରଭୁ ।

ହଜ୍ଜତ, ହଜତ, ବି. ( ଆରବ୍ୟ ଶବ୍ଦ ) ତର୍କବିତର୍କ; ଝଗଡ଼ା ।

ହଞ୍ଜେ, ହଞ୍ଜା, ବି. ସଂ. ନାଟ୍ୟରେ ନୀଚ ବା ଭୃତ୍ୟ ସ୍ତ୍ରୀ ପ୍ରତି ସ୍ତ୍ରୀଲୋକଙ୍କର ସମ୍ବୋଧନ-ସୂଚକ ଶବ୍ଦ ।

ହଟ, ହଟି, ବି. (ହଠ ଶବ୍ଦଜ) ବଳାତ୍କାର, ଜୋର; ଅଳି, କଟାଳ । ଯଥା—

ତାରି ଯେଣୁ ଚନ୍ଦ୍ରଙ୍କୁ କଲା ତ ଏଡ଼େ ହଟି,
ବୁଝିଲେ ସଖି ! କପଁା ଗୁଣ୍ଡିଣ ଦିଅନ୍ତି । ନୃ.ପୁ ପ୍ର.ଭ.

(ଦେଶଜ) କୌତୁକ । ଯଥା—

ବଳମ୍ବେ ମୋ କର ହଟ,
ବିଧାନ ଯେ କରିଛୁ ଲୁଚିବା କପଟ । ବୈ. ବି.

ତାମସା । ଯଥା—

କପଁା ଆମ୍ଭ ଲଟ ନେଇ ଏଡ଼େ ହଟ
କରିଛ ରସିକ ନାଗର । ର. ନ.

ନାନାରୂପକରଣ ବା ଗାରୁଡ଼ି, କୁହୁକ । ଯଥା—

ଆସିଛି ଇନ୍ଦ୍ରଜାଲିକ କର୍ଣ୍ଣାଟ ତା ରାଜ୍ୟ,
ଶୁଣି ତୁମ୍ଭ ଦାତୃଗୁଣ କରିବାକୁ ହଟ । ଲ. ବ.

ହଟଚମଟ, } ବି. ( ଦେଶଜ ) କୁହୁକ । ହଟଷ୍ଟମଟ, } ଯଥା—

ହଟଚମଟ ବିଦ୍ୟା ଦେଖାଅ କେତେ ଆଣି । ନୃ ପୁ ଚ.ଭ.

ହଟଚମଟିଆ, } ବିଂ. ( ଦେଶଜ ) କୁହୁକିଆ । ହଟଷ୍ଟମଟିଆ, } ଯଥା—

ହଟଚମଟିଆ ପ୍ରାୟ କାହିଁକି ରୂପ ଧରୁ । ନୃ.ପୁ ସ ଭ

ଯେ ନାନାପ୍ରକାର ଗୁଭୁସି ପ୍ରଦର୍ଶନ କରେ ।

ହଟଡିରଣ୍ଡ, ବିଂ. (ଦେଶଜ, ବିଶେଷତଃ ଗଞ୍ଜାମ ଅଞ୍ଚଳରେ ବ୍ୟବହୃତ) ଅବାଧ, ଦୁଷ୍ଟ । ଯେପରି—ଏ ପିଲାଟା ବଡ଼ ହଟଡିରଣ୍ଡ ।

ହଟପଟ, ବି°. (ଦେଶଜ) ବ୍ୟସ୍ତବ୍ୟସ୍ତ; ନଟପଟ ।

ହଟହଟା, ବି. (ଦେଶଜ) ଲୋକହସା । ଯଥା—
କରୁଅଛୁ ଆହା ! ମର୍ତ୍ତ୍ୟେ ସେ ପ୍ରାଣିଙ୍କି
କେତେମତେ ହଟହଟା । ଯ. କେ.

ବି° ଯେ ଲୋକହସାରେ ପଡ଼ିଥାଏ ।

ହଟା, ବି. (ଦେଶଜ) ଲୋକହସା । ଯଥା—
କୁଳଟା ହଟା ନଥାଦ କରେ ଉଦନ୍ତ । ଲ. ବ.

ଅଳ. କଟା । ଯଥା—ପିଲା ହଟା ନ କଲେ ମା କୋଳ କରେ ନାହିଁ ।

ହଟାଣ, ବି. (ଦେଶଜ) ହଟାଇବା, ପରାସ୍ତ କରିବା ।

ହଟିଆ, ବି°. (ଦେଶଜ) ଯେ ଅଳ ବା କଟାଳ କରେ; ରଙ୍ଗିଆ ବା କୌତୁକକାରୀ । ଯଥା—
ଏ କି ହଟହଟା ଲାଗାଇଲ ଆହା
ହଟିଆ କେଳାଗିପଣ । ଯ. କେ.

ହଟିବା, କ୍ରି. (ଦେଶଜ) ଅଳକରିବା; ରହିତ ହେବା । ଯଥା—
ବାଳକ ସଙ୍ଗରୁ ମନ୍ତ ହଟିଲା । ବି. ଚ. ମ.

ପଶ୍ଚାତ୍ପଦ ହେବା ।

ହଟୁଆ, ବି°. (ଦେଶଜ) ଯେ ଅଳ ବା କଟାଳ କରେ; ଏକବାଗୀ ।

ହଟୁଣୁ, କ୍ରି. ବି°. (ହଠାତ୍ ଶବ୍ଦଜ) ଦୈବାତ୍; କଳେ ।

ହଟ୍ଟ, ବି. (ହଟ୍=ଦୀପ୍ତିପାଇବା-ଟ) କ୍ରୟବିକ୍ରୟର ସ୍ଥାନ, ହାଟ ।

ହଟ୍ଟଗୋଳ, ବି (ଦେଶଜ ପ୍ରାପ୍ତ) ଗୋଳଯୋଗ, ଗୋଳମାଳ ।

ହଟ୍ଟବିଳାସିନୀ, ବି. (ହଟ୍ଟ-ବିଳାସିନୀ) ବାରାଙ୍ଗନା; ଗନ୍ଧୌଷଧିବିଶେଷ, ନଖୀନାମକ ସୁଗନ୍ଧଦ୍ରବ୍ୟ ।

ହଠ, ବି. (ହଠ୍=ବଳାତ୍କାର କରିବା-ଅ) ବଳାତ୍କାର; ଲୁଠ; ପଶ୍ଚାତ୍ ଗମନ ।

ହଠାତ୍, ଅ°. କ୍ରି. ବି°. ସଂ. ଅକସ୍ମାତ୍, ଦୈବାତ୍ ।

ହଡ଼କା, ବି. (ଦେଶଜ) ଧକ୍କା; ଆଘାତ ।

ହଡ଼ପ, ବି. (ଦେଶଜ) ତାମ୍ବୂଳସାମଗ୍ରୀ । ଯଥା—
କେ ଘେନଅଛନ୍ତି ଦନ୍ତୁଡ଼ି ଚନ୍ଦ୍ରଦୀପ
କେ ଖଟେ ଖଦଗୃମର,
କାହାର କରେ ହଡ଼ପ ଧୂପକାଠି
ଦର୍ପଣ ଝରୀ କା କର । ବି. ଚ.

ରାଜଦତ୍ତ ଉପାଧିବିଶେଷ; ରାଜାଙ୍କୁ ପାନ ସଜାଡ଼ି ଦେବା ବ୍ୟକ୍ତିର ଉପାଧି । ଯେପରି —ହଡ଼ପରନ୍ଧ ।

ହଡ଼ବଡ଼ାଇବା, କ୍ରି. (ଦେଶଜ) ବ୍ୟସ୍ତହେବା; ଘାବରାହେବା ।

ହଡ଼ବଡ଼, ବି. (ଦେଶଜ) ଗୋଳ ବା ଧୂମଧାମ ।

ହଡ଼ହଡ଼, ବି. (ଦେଶଜ) ବୃଥାରେ ଏଣେତେଣେ ହେବା ।

ହଡ଼ା, ବି. (ଦେଶଜ) ଜରାଗ୍ରସ୍ତ ବା ମୃତକଳ୍ପ ଗୋରୁ, ମୃତଗୋରୁ ।

ହଡ଼ାଖିଆ, ବି. (ଦେଶଜ) ଶ୍ୱପଚ, ଚଣ୍ଡାଳ ।

ହଡ଼ି, ହଡ଼ି, } ବି. (ଦେଶଜ) କଏଦୀକୁ
ହଡ଼ିସାଙ୍କୁଳ, } ବନ୍ଦୀ କରି ରଖିବା କାଷ୍ଠଯନ୍ତ୍ରବିଶେଷ, ଏଥିରେ ଦୋଷିର ହାତ ଗୋଡ଼ ବନ୍ଧା ରଖନ୍ତି ।

ହଡ଼କ, ହଡ଼୍ଡକ, } ବି. ସଂ. ହାଡ଼ଜାଣ୍ଡି ।
ହଡ଼୍ଡିକ, }

ହଡ଼୍ଡ, ବି. ସଂ. ଅସ୍ଥି, ହାଡ଼ ।

ହଣା, ବି. (ହନ୍ ଧାତୁଜ) ଖଡ୍ଗ ପ୍ରଭୃତିର ଆଘାତ । ବି°. ଶସ୍ତ୍ରାଘାତରେ ଛିନ୍ନ ।

ହଣାହଣି, ବି. (ହନ୍ ଧାତୁଜ) ଅନ୍ୟୋନ୍ୟ ହାଣିବା ।

ହଣ୍ଟାଳିବା, କ୍ରି. (ଦେଶଜ) ଗର୍ଜନ କରିବା ।

ହଣ୍ଡା, ବି. (ହଣ୍ଡିକା ଶବ୍ଦଜ) ବଡ଼ ପିତ୍ତଳହାଣ୍ଡି । (ଦେଶଜ) ଶରୀରର ଗଣ୍ଡି; ଗୁଣ୍ଡିଆ ।

ହଣ୍ଡିକା, ହଣ୍ଡୀ, ବି. ସ୍ତ୍ରୀ. ସଂ. ମୃତ୍ପାତ୍ରବିଶେଷ, ହାଣ୍ଡି ।

ହଣ୍ଡେ, ଅ°. ସଂ. ନାଟ୍ୟରେ ନୀଚ ସ୍ତ୍ରୀ ବା ଭୃତ୍ୟସ୍ତ୍ରୀ ପ୍ରତି ସ୍ତ୍ରୀଲୋକକୃତ ସମ୍ବୋଧନ ।

ହତ, ବି°. (ହନ୍=ବଧ କରିବା-ତ) ବିନାଶିତ, ବିନଷ୍ଟ; ପ୍ରତିହତ; ଗୁଣିତ; ନିରାଶ; କୁତ୍ସିତ; ଦଗ୍ଧ । ବି. ହନନ; ଗୁଣନ ।

**ହତକ**, ବି. ସଂ. କାପୁରୁଷ; ନୀଚ; ନଷ୍ଟପ୍ରାପ୍ତ; ହତଭାଗ୍ୟ ।

**ହତା**, ବି. (ହସ୍ତକ ଶବ୍ଦଜ) ଧନୁଆଦିର ମୁଠି । ଯଥା—
କୃପଙ୍କ ଧନୁହତା ଦୁଇଙ୍କି ଦେଲେ ଛେଦ । କୃ.ଖ.ବି ପ.
ଭାଗ । ଯଥା—
ବ୍ରାହ୍ମଣ ପାଖରୁ ଭାତ ହତା ଏକ ଖାଇ,
ବାମ କରେ ପିଠା ପାଞ୍ଚ ସାତ ଯେ କ୍ଷେପଇ । ସା.ଭ.ଆ.
ଭୂମିର ଏକପ୍ରଦେଶ; ଦର୍ଗା ବା ଚଟି ।

**ହତି**, ବି. (ହନ୍-ତି) ବଧ; ବ୍ୟାଘାତ; ଅପକର୍ଷ; ଗୁଣନ ।

**ହତିଆର**, } **ହତ୍ୟାର**, } ବି. (ଯାବନିକ) ଶସ୍ତ୍ର ।

**ହତ୍ୟା**, ବି. ସ୍ତ୍ରୀ. (ହନ୍-ଯ-ଆ, ନ=ତ) ବଧ, ହିଂସା । ବିଂ. ବିଷଣ୍ଣ ।

**ହଦ୍**, ବି. (ଯାବନିକ) ଶେଷ ।

**ହଦ୍ଦ**, ବି. (ଯାବନିକ) ସୀମା; ଊର୍ଦ୍ଧ୍ୱସୀମା । ଯଥା—
ବୟସ ସେତେବେଳେ ହଦ୍ଦ ଚଉଦ କି ପନ୍ଦର ।
ବା. ମା. ପା.

**ହନନ**, ବି. (ହନ୍-ଅନ) ବଧ; ଗୁଣନ । (ବିଶେଷଣରେ ହନ୍ତା ଓ ହନ୍ତବ୍ୟ ହୁଏ ।)

**ହନୁ**, } **ହନୂ**, } ବି. ସ୍ତ୍ରୀ. (ହନ୍-ଉ, ଊ) ଗଣ୍ଡପ୍ରଦେଶର ଉପରିଭାଗ; ରୋଗ; ଅସ୍ତ୍ର; ମୃତ୍ୟୁ ।

**ହନୁ**, } **ହନୁମତ**, } ବି. (ହନୁମତ୍ ଶବ୍ଦଜ) ଆଞ୍ଜନେୟ, ହନୁମାନ୍ । ଯଥା—
ରାମରମଣୀ ଯେତେହେଁ ଉତ୍କଣ୍ଠାକୁଳେ,
ସମ୍ଭାଷିଲେ ହନୁକୁ ତରୁ ଉପରେ । ମେ. ଦୂ.

**ହନୁମନ୍ତ**, ବି. (ହନୁମତ୍=ପ୍ରାକୃତ ହଣୁମନ୍ତ ଶବ୍ଦଜ) ହନୁମାନ୍ ।

**ହନ୍ତ**, ଅଂ. ସଂ. ବିଷାଦ; ଅନୁକମ୍ପା; ହର୍ଷ; ବାକ୍ୟାରମ୍ଭ; ସଂଭ୍ରମ ।

**ହନ୍ତକ**, **ହନ୍ତକାର**, **ହନ୍ତକାରି**, **ହନ୍ତକାରୁ**, **ହନ୍ତକାରୀ**, } ବିଂ. (ହନ ଧାତୁରୁ ଜାତ) ଘାତକ, ବିନାଶକ । ଯଥା—
ଶ୍ରୀନାରାୟଣ ବୋଇଲେ ଶୁଣ ରେ ହନ୍ତକ ।
ନୃ. ପୁ. ପ. ଚ.
ମନେ ମନେ ଭୁମ୍ଭେ ତ ହୋଇ ହନ୍ତକାର,
ଆସିଛ ପରଭବ ପାଅ ହେ ଏଥର । କୃ. ଖ. ବି. ପ.
ଦେହ ବନ୍ଧ ପରକୁ ଯେ ହୁଏ ହନ୍ତକାରୀ । ନୃ.ପୁ.ପ୍ର.ଚ.
ରଥରୁ ଡେଇଁପଡ଼ି କୁରୁ କୁଳଗୁରୁ,
ଫିଙ୍ଗିଲେ କୃପ ଗଦାଟିଏ ହନ୍ତକାରୁ । କୃ. ଖ. ବି. ପ.

**ହନ୍ତସନ୍ତ**, ବିଂ. (ଦେଶଜ) ବାଧାରେ ଅସ୍ତବ୍ୟସ୍ତ । ଯଥା—
ପିଟିବା କଣ୍ଟାଗୁଣ୍ଡ ଧର,
ଅନେକ ହନ୍ତସନ୍ତ କର । ମା. ମା.

**ହନ୍ୟମାନ**, ବିଂ. (ହନ୍-ମାନ, ଯ ଆଗମ) ଯାହାକୁ ହନନ କରୁଅଛନ୍ତି ।

**ହପା**, ବି. (ଦେଶଜ) ଆବେଗ । ଯଥା—
କୁଆରଆ ଅସ୍ରାଭଳି ହପା ଉପରେ ହପା
ଅଭିମାନ ଉଠୁଅଛି । ବା.ମା.ପା

**ହପ୍‌କା**, ବି. (ଦେଶଜ) ଭୟ ।

**ହପ୍ତା**, ବି. (ଯାବନିକ) ସପ୍ତାହ ।

**ହବିସ**, } **ହବିଷ**, } ବି. (ହବିଷ୍ୟ ଶବ୍ଦର ଅପଭ୍ରଂଶ) ବ୍ରତୋପବାସବିଶେଷ, ହବିଷ୍ୟାନ୍ନ ।

**ହମ୍**, ଅଂ. (ହା=ତ୍ୟାଗ କରିବା-ଅମ୍) କ୍ରୋଧୋକ୍ତି ।

**ହମହମ**, ବିଂ. (ଅହମହମିକା ଶବ୍ଦରୁ ଜାତ) ଉଦ୍ୟତ ।

**ହମା**, **ହମ୍ମା**, **ହମ୍ବା**, **ହାମ୍ବେ**, } ବି. (ହମ୍ବା ଶବ୍ଦଜ) ଗୋରୁମାନଙ୍କ ଡାକ ।

**ହମାଳ**, ବି. (ହମ୍ବାକାର ଶବ୍ଦଜ) ଗୋରୁମାନଙ୍କର ଡାକ ବା ଧ୍ୱନି ।

**ହମାଳିବା**, } **ହମ୍ବାଳିବା**, } କ୍ରି. (ଦେଶଜ କମ୍ବା ହମ୍ବା ଶବ୍ଦଜ) ବାଦ୍ୟ ବଜାଇବା କମ୍ବା ନିନାଦିତ କରିବା । ଯଥା—
ଶିବଗଣଙ୍କୁ ଯେନ ମିଳିଲେ ପଶୁପତି,
ଶବଦେ ନବଲକ୍ଷ ଡମ୍ବରୁ ହମ୍ବାଳନ୍ତି । ନୃ.ପୁ.ଦ୍ୱି.ଚ.
ଗୋରୁମାନେ ଡାକଦେବା ।

**ହମ୍ବା**, ବି. ସ୍ତ୍ରୀ. ସଂ. ଗୋରୁମାନଙ୍କ ଧ୍ୱନି ।

**ହୟ**, ବି. (ହୟ୍ ଧାତୁ=ଗମନ କରିବା-ଅ) ଘୋଟକ, ଘୋଡ଼ା; ଇନ୍ଦ୍ର; ସପ୍ତସଂଖ୍ୟା ।

**ହୟଗ୍ରୀବ**, } **ହୟଶୀର୍ଷ**, } ବି. ସଂ. ବିଷ୍ଣୁ; ବିଷ୍ଣୁଙ୍କ ଅବତାରବିଶେଷ ।

ହସ୍ତନ, ବି. (ହସ୍ତ୍ = ଗମନ କରିବା-ଅନ) ଆଚ୍ଛାଦିତ ଶକଟ, ଗାଡ଼ି ଶଗଡ଼ ।

ହସ୍ତାନ୍ତକ, ବିଂ. (ଦେଶଜ) ବଡ଼, ବୃହତ୍ ।

ହର, ବି. (ହୃ = ହରିବା, ନେବା-ଅ) ଶିବ; ଅଗ୍ନି; ଗର୍ଦ୍ଦଭ; ବିଭାଜକ ଅଙ୍କ; ହରଣ; ଭାଗ । ବିଂ. ବନ୍ଧନକାରକ, ଯେ ଧରି ଯାଏ । ଯଥା—ସନ୍ଦେଶହର; ହରଣକାରୀ ।

ହରକତ, ହର୍କତ, ବି. (ଦେଶଜ) ଗୋଳଯୋଗ, ହରବର; ବ୍ୟାଘାତ ବା ବିଘ୍ନ । ବିଂ. ବିରକ୍ତ ।

ହରକରା, ବି. (ଯାବନିକ) ପତ୍ରାଦିବାହକ ବା ଦୂତ, ପିଆଦା ବା ଚପରାସି ।

ହରଗଉରୀ, ହରଗୌରୀ, ବି. (ହରଗୌରୀ ଶବ୍ଦଜ) ଅର୍ଦ୍ଧନାରୀଶ୍ୱରରୂପ; ପୁଷ୍ପ-ବିଶେଷ । ବିଂ. ଧୋବ ଏବଂ ହଳଦିଆ ବର୍ଣ୍ଣରେ ମିଶ୍ରିତ । ଯଥା—

କେ ହରଗଉରୀ ଯେ ଗୁନ୍ଥଇ ଫୁଲମାଳ । ନୃ. ପୁ. ଭୃ. ଚ.

ହରଘଡ଼ି, କ୍ରି.ବିଂ. (ଦେଶଜ) ସର୍ବଦା । ଯଥା—

ଯେଉଁ ରଜା କାମ କ୍ରୋଧ ଦୁଇ ଛାଡ଼ି,
ଉତ୍ତମ ପାଦେ ଦେଉଥାଏ ହରଘଡ଼ି । କୃ. ଖ୍ରୀ. ହ. ପ.

ହରଡ଼, ବି. (ହରେଣୁ ଶବ୍ଦଜ) ରବିଶସ୍ୟ-ବିଶେଷ ।

ହରଣ, ବି. (ହୃ = ହରିବା,ନେବା-ଅନ) ଅପ-ହରଣ; ଗ୍ରହଣ; ଭାଗକରଣ; ଭୁଜ, ବାହୁ; ଯୌତୁକ ଦାନ; ଗୁରୁଦକ୍ଷିଣାଦି ଦାନ ।

ହରଦ, ବିଂ. (ଦେଶଜ) ମୋଟ, ହରାହରି ।

ହରଦର, ବିଂ. (ଦେଶଜ) ସରସ ନୀରସ ମିଶାମିଶି; ସମସ୍ତ ବା ମୋଟ ।

ହରପ, ହରଫ, ବି. (ଯାବନିକ) ବର୍ଣ୍ଣମାଳାର ଅକ୍ଷର; ପଦାଙ୍କ ।

ହରବର, ବି. (ଦେଶଜ) ଧନ୍ଦା, ଅସ୍ତବ୍ୟସ୍ତତା; ବିପତ୍ତି । ଯଥା—

ପଡ଼ିବୁ ସହାୟ ଥିଲେ ହରବରେ । ନ. କେ.

(ହର-ବର) ଶିବପ୍ରଦତ୍ତ ବର, ଶିବାନୁ-ଗ୍ରହ ।

ହରା, ବି. (ହୃ ଧାତୁଜ) ହରଣ, ହାରିବା ଅର୍ଥାତ୍ ପରାସ୍ତ ହେବା । ଯଥା—

ହରା ଜିଣା ନ ବୁଝି ଯେ କରେ ପକ୍ଷବାଦ । ନୃ.ପୁ.ସ.ଚ.

ବିଂ. ଯେ ହରଣ କରେ; ଯାହା ହରଣ କରା ଯାଇଥାଏ, ହୃତ; ଯେ ହାରିଥାଏ ବା ପରାସ୍ତ; ଯେ ହଜାଇ ଦେଇଥାଏ । ଯଥା—

ମଣିହରା ଫଣିପରାଏ ନୃପତି ହୋଇଲେ ଦୀପିତହୀନ ।

ହରାଇବା, କ୍ରି. (ହୃ ଧାତୁଜ) ଦୂର କରିବା, ନଷ୍ଟ କରିବା । ଯଥା—

ହରାଇଣ ଆଶା ଉତ୍ସାହ ଶକତି । କ. ବ.

ଅନ୍ୟକୁ ଯୁଦ୍ଧାଦିରେ ପରାସ୍ତ କରିବା; ଅଙ୍କ ବିଭଜନ କରାଇବା; ଅପହରଣ କରାଇବା ।

ହରାଣ, ବି. (ହରଣ ଶବ୍ଦଜ) ଅଙ୍କକୁ ଅଙ୍କରେ ହରିବା, ବିଭଜନ କରିବା; ପରାଜୟୀ-କରଣ, ପରାସ୍ତକରଣ ।

ହରାହରି, ବି. (ଦେଶଜ) ହରଦର ବା ମୋଟ (Average).

ହରି, ବି. (ହୃ = ହରଣ କରିବା ଇତ୍ୟାଦି-ଇ) ବିଷ୍ଣୁ; ଶିବ; ବ୍ରହ୍ମା; ଇନ୍ଦ୍ର; ଯମ; ବାୟୁ; ଅଗ୍ନି; ଚନ୍ଦ୍ର; ସୂର୍ଯ୍ୟ; ସିଂହ; ଅଶ୍ୱ; ଶୁକ-ପକ୍ଷୀ; ବାନର; କିରଣ; ସର୍ପ; ଭେକ; କୋକିଳ; ମୟୂର; ହଂସ; ପୃଥିବୀର ନବବର୍ଷ ମଧ୍ୟରୁ ଏକ ବର୍ଷ; ହରିଦ୍‌ବର୍ଣ୍ଣ; ପିଙ୍ଗଳବର୍ଣ୍ଣ; କପିଳବର୍ଣ୍ଣ ।

ହରିକା, ହେରିକା, ଅ°. (ଦେଶଜ) ପ୍ରଭୃତି । ଯଥା—

ବିବାହକୁ ବାଜା ହରିକା କିଛି ଆଣିବେ ନାହିଁ ।
ଉ. ସା. ୧୮. ୯.

ହରିଚନ୍ଦନ, ବି. (ହରି = ଇନ୍ଦ୍ର-ଚନ୍ଦ୍ = ଆହ୍ଲାଦ କରିବା-ଅନ) ଦେବତରୁବିଶେଷ; ଶ୍ୱେତଚନ୍ଦନ; କୁଙ୍କୁମ; ଚନ୍ଦ୍ରିକା ବା ଜ୍ୟୋତ୍ସ୍ନା ।

ହରିଡ଼ା, ବି. (ହରୀତକୀ = ପ୍ରାକୃତ ହରଡ଼ଇ ଶବ୍ଦଜ) ସ୍ୱନାମପ୍ରସିଦ୍ଧ ଔଷଧିଫଳବିଶେଷ ।

ହରିଣ, ବି. (ହୃ-ଇନ) ମୃଗ; ପାଣ୍ଡୁବର୍ଣ୍ଣ; ବିଷ୍ଣୁ; ଶିବ; ସୂର୍ଯ୍ୟ; ହଂସ । ବିଂ. ପାଣ୍ଡୁରବର୍ଣ୍ଣବିଶିଷ୍ଟ; ବିଶଦ ।

ହରଣବାଡ଼ୀ, } ବି. ( ଦେଶଜ—ବିଶେଷତଃ
ହରଣବାଡ଼, } ବଙ୍ଗଭାଷାରେ ପ୍ରଚୁର )
ଜେଲଖାନା, କାରାଗୃହ ।

ହରିତ୍, ବି. (ହୃ-ଇତ୍) ନୀଳପୀତମିଶ୍ରିତ ବର୍ଣ୍ଣ, ପାଲଶ ବା ପତ୍ରର ବର୍ଣ୍ଣ । (ଅକାରାନ୍ତ ମଧ୍ୟ ହୁଏ ।) (ପାଲାଶୋ ହରିତୋ ହରିତ୍—ଅମର ।) ବେଗବାନ୍ ଅଶ୍ୱ; ସୂର୍ଯ୍ୟ; ବିଷ୍ଣୁ; ସିଂହ; ଘାସ; ଦିଗ; ହରିଦ୍ରା । ବିଂ. ହରିଦ୍ ବର୍ଣ୍ଣବିଶିଷ୍ଟ ।

ହରିତାଳିକା, } ବି. ସ୍ତ୍ରୀ. ( ହରିତାଳ-ଇ-
ହରିତାଳୀ, } ପକ୍ଷେ କ ଯୋଗ-ଆ) ଦୁବ୍ବା
ଘାସ; ଦକ୍ଷିଣୋତ୍ତରବ୍ୟାପିନୀ ଆକାଶସ୍ଥ ରେଖା, ଛାୟାପଥ; ଭାଦ୍ର ଶୁକ୍ଳଚତୁର୍ଥୀ ।

ହରିଦଶ୍ୱ, ବି. (ହରିତ୍-ଅଶ୍ୱ) ସୂର୍ଯ୍ୟ ।

ହରିଦ୍ରା, ବି. ସ୍ତ୍ରୀ. (ହରି=ବିଷ୍ଣୁ ଇତ୍ୟାଦି-ଦୃ=ଆଦର କରିବା-ଅ-ଆ) ହଳଦୀ ।

ହରିନୀଳ, ବି. ସଂ. ଇନ୍ଦ୍ରନୀଳମଣି ।

ହରିବା, କ୍ରି. ( ହୃ ଧାତୁଜ ) ପର ପଦାର୍ଥ ଆତ୍ମସାତ୍ କରିବା; ଅଙ୍କ ହରଣ କରିବା ।

ହରିୟାଳ, ବି. (ଦେଶଜ) ପୀତବର୍ଣ୍ଣ ପକ୍ଷି-ବିଶେଷ ।

ହରିବାସର, ବି. ସଂ. ଏକାଦଶୀ, ଦ୍ୱାଦଶୀ ଦିନର ପ୍ରଥମପାଦ ।

ହରିଶୟନ, ବି. ସଂ. ଆଷାଢ଼ମାସର ଶୁକ୍ଳଦ୍ୱାଦଶୀ ଅବଧି କାର୍ତ୍ତିକ ମାସର ଶୁକ୍ଳଦ୍ୱାଦଶୀ ପର୍ଯ୍ୟନ୍ତ ଚାରି ମାସ; ବିଷ୍ଣୁଙ୍କ ନିଦ୍ରା ।

ହରିହୟ, ବି. ( ହରି=ସବୁଜବର୍ଣ୍ଣ-ହୟ= ଘୋଟକ ) ଇନ୍ଦ୍ର; ସୂର୍ଯ୍ୟ; କାର୍ତ୍ତିକେୟ; ଗଣେଶ ।

ହରୀତକୀ, ବି. ସ୍ତ୍ରୀ. ହରିଡ଼ା ।

ହରୁଆ, ବିଂ. (ହୃ ଧାତୁଜ) ହରିବା ଲୋକ । ଯଥା—

କେତେ ଅବା ହେଉ ନାହିଁ ହୃଦୟ ହରୁଆ । ର. କ

ହରେକ, ବିଂ. (ଯାବନିକ) ପ୍ରତ୍ୟେକ; ନାନା-ପ୍ରକାର । ଯଥା—ହରେକ ରକମର ପଦାର୍ଥ ।

ହର୍ଦମ, ବିଂ. (ପାରସ୍ୟ ଶବ୍ଦ) କ୍ରମାଗତ, ଅବିଶ୍ରାନ୍ତ ।

ହର୍ତ୍ତା, ବିଂ. (ହୃ=ହରିବା-ତୃ) ହରଣକାରକ; ବହନକାରକ; ଗ୍ରହଣକାରକ; ସଂହାର-କାରକ । ବି. ଚୋର ।

ହର୍ମ୍ୟ, ବି. [ହୃ=(ମନକୁ) ହରଣ କରିବା-ଯ, ମ ଆଗମ]ପ୍ରାସାଦ,ଇଷ୍ଟକାଦି ରଚିତ ଗୃହ ।

ହର୍ଯ୍ୟକ୍ଷ, ବି. (ହରି=ସବୁଜବର୍ଣ୍ଣ-ଅକ୍ଷି) ସିଂହ; କୁବେର ।

ହର୍ଷ, } ବି. (ହୃଷ୍=ହୃଷ୍ଟ ହେବା-ଅ, ଅନ)
ହର୍ଷଣ, } ଆନନ୍ଦ, ସୁଖ । (ବିଶେଷଣରେ—ହର୍ଷକ, ହର୍ଷୟିତ୍ନୁ, ହର୍ଷିତ, ହର୍ଷମାଣ ଇତ୍ୟାଦି ପଦ ସିଦ୍ଧ ହୁଏ ।)

ହଳ, ବି.(ହଲ୍=କର୍ଷଣ କରିବା-ଅ) ଲଙ୍ଗଳ; ଜକାରାଦି ସମସ୍ତ ବ୍ୟଞ୍ଜନବର୍ଣ୍ଣ । (ଦେଶଜ-ଗଡ଼ଜାତରେ) ଶଗଡ଼ ।

ହଳ, } ବି. (ଦେଶଜ) ଯୋଡ଼ା, ଦୁଇଟା ।
ହଲ, } ଯଥା—

ଏମନ୍ତେ ପଡ଼ିଲା ଆସି ବକଦୈତ୍ୟ ପାଳି,
ଭାତ ପିଠାଦି ଶଗଡ଼ ବଳଦ ଦ୍ୱି ହଳି । ସା. ଭା. ଆ.

ହଳକ, ବି. (ପ୍ରାକୃତ ହଲକ୍କ ଶବ୍ଦଜ) ଧୈର୍ଯ୍ୟ ।

ହଲକା, ବିଂ. (ଦେଶଜ) ଯାହା ହଲୁଥାଏ, ହଲହଲ; ଅଦୃଢ଼ । (ଆରବ୍ୟ ଶବ୍ଦ) ସମୂହ, ଦଲ ବା ଦଳ ।

ହଳଚଣା, ବି. (ଦେଶଜ) ଏକପ୍ରକାର କର, ହଳ ଉପରେ ଧାର୍ଯ୍ୟ କର । ଯଥା—

ହାତୁଁ ବନ୍ଧନ ଦେଇ ଆଣଇ ସବୁ ଭାଗ,
ତଣ୍ଡ ହଳଚଣା ବେଠି ସବୁ ଗ୍ରାମେ ଆଗ । ନୃ. ପୁ. ଦ୍ୱି. ତ.

ହଳଦି, ହଳଦୀ, } ବି. ( ହରିଦ୍ରା=ପ୍ରାକୃତ
ହଳଦି, } ହଲିଦ୍ଦା ଶବ୍ଦଜ) ହରିଦ୍ରା ।

ହଳଦିଆ, ବିଂ. (ଦେଶଜ) ପୀତ ବା ହଳଦି-ବର୍ଣ୍ଣବିଶିଷ୍ଟ । ବି. ହଳଦେବା । ବିଂ. ଯେ ହଳ ଦିଏ ।

ହଳଦିଆତେଲ, ବି. (ଦେଶଜ) ଏକପ୍ରକାର ତେଲ ଜାତି ।

ହଳଦିବସନ୍ତ, ହଳଦୀବସନ୍ତ, ହଳଦିଆବସନ୍ତ, } ବି. (ଦେଶଜ ପ୍ରାୟ) ପକ୍ଷି ବିଶେଷ । ଯଥା—

ହଳଦିବସନ୍ତ ଉଠି ଉପରେ,
କରଇ ସଙ୍ଗୀତ ଆନନ୍ଦଭରେ । ଗୁ ମା.

ହଳନ୍ତ, ବି. ସଂ. (ହଲ୍-ଅନ୍ତ) ବ୍ୟଞ୍ଜନବର୍ଣ୍ଣ ।

ହଳଫ, ବି. (ଯାବନିକ) ଶପଥ ।

ହଳସାଇଁ, ବି. (ହଳ-ସ୍ୱାମୀ ପଦଜାତ) ବଳରାମ । ଯଥା—

ଏରୂପେ ପାଞ୍ଚ ହର ବଳରାମଙ୍କୁ ଚାହିଁ,
ବୋଇଲେ ଦୁଇ କଥା ଫେଡ଼ିବା ହଳସାଇଁ ।
ନୃ. ପୁ. ସ. ଢ.

ହଳହଳ, ହଳଚଳ, } କ୍ରିଂ. (ଦେଶଜ) ଏଣେତେଣେ ଚଳିତ, ଲଙ୍ଗଳପଙ୍ଗଳ, ଏଣେତେଣେ ହେବା ।

ହଳା, ବି. (ଦେଶଜ) ଧାନବିଡ଼ା । ଯଥା—

ପୁଷମାସ ଧାନକଟା ସମୟରେ ନାହର ବିଲ ବିଲ ବୁଲି ପ୍ରତ୍ୟରୁ ଗୋଟାଏ ଗୋଟାଏ ହଳା ଅସୁଲ କରେ । ଉ. ସା. ୧୮. ୯.

(ହା-ଲ୍ = ଗ୍ରହଣ କରିବା-ଅ-ଆ) ସଖୀ; ପୃଥିବୀ; ମଦ୍ୟ; ଜଳ । ଅଂ. ସଖୀପ୍ରତି ସ୍ତ୍ରୀଲୋକର ସମ୍ବୋଧନ ।

ହଲା, ବି. (ଦେଶଜ) ଚଳନ ।

ହଲାଇବା, କ୍ରି. (ଦେଶଜ) ଏଣେତେଣେ ଚଳନ କରିବା ।

ହଳାୟୁଧ, ହଳଧର, ହଳୀ, } ବି. (ହଳ-ଆୟୁଧ, ଧୃ-ଅ, ହଳ-ଇନ୍ ଅସ୍ତ୍ୟର୍ଥେ) ବଳରାମ ।

ହଳାୟୁଧ, ବି. (ଦେଶଜ) ଶସ୍ୟର ବିଡ଼ା ।

ହଳାହଳ, ହାଳାହଳ, ହାଳହଳ, ହାହଳ, } ବି ସଂ. ବିଷବିଶେଷ; କାଳକୂଟ; ସର୍ପବିଶେଷ; ବ୍ରହ୍ମସର୍ପ । (ହାଳାହଳଂ ହାଳହଳଂ ହାହଳଂ ଚ ହଳାହଳଂ—ରୁଦ୍ର ।)

ହଲାହଲ, ବି. (ଦେଶଜ) ଏଣେତେଣେ ଅଧିକ ଚଳନ ।

ହଳିଆ, ହଳୁଆ, } ବି. (ହାଳିକ ଶବ୍ଦଜ) ହଳବାହିବା ଚାକର; ହଳବହିବା ବଳଦ; ହଳକର୍ତ୍ତା; ଏକପ୍ରକାର ନିମ୍ନଶ୍ରେଣୀସ୍ଥ ବ୍ରାହ୍ମଣ । ଯଥା—

ବସ୍ତ୍ରସ ବୈଦିକ ଘାସି ସାରୁଆ ହଳିଆ (ହଳୁଆ) ।
ଉ. ସା. ୧୮. ୯.

ହଲିବା, କ୍ରି. (ହିଲ୍ଲୋଳ ଶବ୍ଦଜ) ଦୋହଲିବା ।

ହଲିମ୍ବ, ହଲିମ୍ବକ, } ବି. (ହଲୀମକ ଶବ୍ଦଜ) ରୋଗବିଶେଷ । ଯଥା—

ବିସୂଚୀ ହଲିମ୍ବ କାମଲ ଯେ ହଲିମ୍ବକ । ନୃ. ପୁ. ପ୍ର. ତ.

ହଳୀଷା, ବି. ସ୍ତ୍ରୀ. ସଂ. ଲଙ୍ଗଳଦଣ୍ଡ ।

ହଲେଣ୍ଡି, ବି. ସ୍ତ୍ରୀ. (ଦେଶଜ) ଯେଉଁ ସ୍ତ୍ରୀ ହାତ ଅଧିକ ହଲ ହଲ କରି କହେ ।

ହଲ୍କା, ବି. (ଦେଶଜ) ଅଗ୍ନିଶିଖା ।

ହଲ୍ୟ, ବିଂ. ସଂ. ହଳକୃଷ୍ଟ (ଜମି); ହଳସମ୍ବନ୍ଧୀୟ । (ସ୍ତ୍ରୀ-ଆ) ବି. ହଳସମୂହ ।

ହଲ୍ଲକ, ବି.ସଂ. ରକ୍ତକହ୍ଲାର ପୁଷ୍ପ; ନେଧୋକ୍ତ ।

ହଲ୍ଲା, ବି. (ଆରବ୍ୟ ହାମଲା ଶବ୍ଦଜ) ଆକ୍ରମଣ; ଗୋଳମାଳ ।

ହଲ୍ଲୀସ, ହଲ୍ଲୀସକ, ବି. ସଂ. ସ୍ତ୍ରୀମାନଙ୍କର ମଣ୍ଡଳାକାର ନୃତ୍ୟବିଶେଷ ।

ହବନ, ବି. (ହୁ = ହୋମ କରିବା ଇତ୍ୟାଦି-ଅନ) ହୋମ, ଯଜ୍ଞ ।

ହବି, ବି. (ହବିସ୍—ହୁ = ହୋମ କରିବା-ଇସ୍) ଘୃତ; ଜଳ; ହୋମ ।

ହବିଷ୍ୟ, ବି. (ହବିସ୍-ଯ) ଘୃତାନ୍ନ; ପକ୍ୱ ନବମାତ ।

ହବ୍ୟ, ବି. (ହୁ = ହୋମ କରିବା-ଯ) ହୋମାର୍ଥ ବସ୍ତୁ; ହୋମ; ଦେବତାଙ୍କୁ ଦେବା ହବିର୍ଭାଗ । ବିଂ. ହୋମଯୋଗ୍ୟ ।

ହବ୍ୟବାହ, ହବ୍ୟବାହନ, } ବି. (ହବ୍ୟ-ବହ୍-ଅ, ଅନ) ଅଗ୍ନି । ଯଥା—

କର ଉଚ୍ଚାବଚଶିଖ-ହବ୍ୟବାହେ ପ୍ରଦକ୍ଷିଣ । କା.ପ.ନା.

ହସ, ହସନ, ବି. (ହସ୍-ଅ, ଅନ) ହାସ, ହାସ୍ୟ । (ବିଶେଷଣରେ ହସିତ ହୁଏ ।)

ହସକୁଡ଼ା, } ବିଂ. ( ଦେଶଜ ) ଯେ ଅଧିକ
ହସକୁଳା, } ହସେ; ଆନନ୍ଦିତ; ରସିକ ବା କୌତୁକୀ ।

ହସନ୍ତି, ହସନ୍ତୀ, } ବି. ସ୍ତ୍ରୀ. ସଂ. ଅଗ୍ନିପାତ୍ର,
ହସନ୍ତିକା, } ଉଷ୍ମାଇ ।

ହସା, ହଁସା, ବି. (ହାସ ଶବ୍ଦଜ) ହାସ ।

ହସାଦେବା, କ୍ରି. (ହାସ ଶବ୍ଦଜ) ହସିବା ।

ହସିବା, ହଁସିବା, } କ୍ରି. (ହସ୍ ଧାତୁଜ) ହାସ
ହାସିବା, } ପ୍ରକାଶ କରିବା । ଯଥା—

ଶୁଣିଣ ମହାପ୍ରଭୁ ବୋଲନ୍ତି ଦରହାସି । ନୃ.ସୃ.ଚ.ଚ.

ପ୍ରକାଶିତ ବା ପ୍ରଫୁଲ୍ଲିତ ହେବା ।

ହସ୍ତ, ବି. (ହସନ୍ତି ହସ୍ତଃ-ହସ୍ = ପ୍ରକାଶିତ ହେବା-ତ) ହାତ; ହସ୍ତିଶୁଣ୍ଢ; ୨୪ ଅଙ୍ଗୁଳି ପରିମାଣ । ( କେଶ ଶବ୍ଦର ପରବର୍ତ୍ତୀ ହେଲେ) ଗୁଚ୍ଛ । ଯେପରି—କେଶହସ୍ତ । (ସ୍ତ୍ରୀ-ଆ) ନକ୍ଷତ୍ରବିଶେଷ ।

ହସ୍ତିପ, } ବି. (ହସ୍ତୀ-ପା = ପାଳନ କରିବା-
ହସ୍ତିପକ, } ଅ-ପକ୍ଷେ କ ଯୋଗ) ହସ୍ତିପାଳକ, ମାହୁନ୍ତ ।

ହସ୍ତୀ, ବି. ( ହସ୍ତିନ୍—ହସ୍ତ = ଶୁଣ୍ଢ-ଇନ୍ ଅସ୍ତ୍ୟର୍ଥେ ) ହାତୀ । ( ସ୍ତ୍ରୀ = ହସ୍ତିନୀ ) ହାତୁଣୀ; ସ୍ତ୍ରୀବିଶେଷ ।

ହଁ, ଅଂ. ( ଆମ୍ ଶବ୍ଦଜ ) ଆଶ୍ଚର୍ଯ୍ୟାର୍ଥକ; ନିଷେଧାର୍ଥ; ସମ୍ବୋଧନ ସ୍ୱୀକାରାର୍ଥ ।

ହା, ଅଂ. ସଂ. ବିଷାଦ, ଶୋକ, ପୀଡ଼ା ପ୍ରଭୃତି ସୂଚକ; ଆନନ୍ଦସୂଚକ; କୁତ୍ସା ।

ହାଁପଣ, ବି. (ଦେଶଜ) ଅଗ୍ନି ତାଇବା ଯନ୍ତ୍ର ।

ହାଁହାଁ, ଅଂ. ( ଆମ୍ ଶବ୍ଦଜ ) ନିଷେଧ ବା ନିବାରଣାର୍ଥକ; ସମ୍ଭାବନାସୂଚକାର୍ଥ ।

ହାଇଁପାଇଁ, ବିଂ. (ଦେଶଜ) ଆକୁଳ; ଆତୁର ।

ହାଇ, ହାଇହାଇ, ଅଂ. (ଦେଶଜ) ଆନନ୍ଦସୂଚକ ।

ହାଇ, ବି. (ହାଫିକା ଶବ୍ଦଜ) ଜୃମ୍ଭା ।

ହାଇଏ, ବି. ( ହାଫିକା ଶବ୍ଦଜ ) ଏକମାତ୍ର ଜୃମ୍ଭା । ଯଥା—

ଶ୍ରୀକୃଷ୍ଣ ହାଇଏ ମାଇଲେ,
ଯଶୋଦା ତା ମୁଖେ ଦେଖିଲେ । ଭା. ଦ. ସ୍କ.

ହାଇକାଇ, ବି. (ଦେଶଜ) ଅସ୍ଥିରତା ପ୍ରକାଶ; ଚଞ୍ଚଳତା ବା ଦ୍ରୁତତା ।

ହାଇର, ବି. (ଦେଶଜ) ପରାଭବ; ପରାଜୟ ।

ହାଉ, ବି. (ଦେଶଜ) ଉତ୍ତପ୍ତ ବାଷ୍ପ ।

ହାଉଆ, } ବି. ( ଯାବନିକ ) ଅଣ୍ଡାପବନ,
ହାଓ୍ୱା, } ବଡ଼ ଜାକର ପବନ; ବତାସ ।

ହାଉଜା, ବି. (ଦେଶଜ, ବିଶେଷତଃ ଗଞ୍ଜାମରେ ପ୍ରଚଳିତ) ଖ୍ୟାତି; ଜନରବ ।

ହାଉଡ଼ା, ବିଂ. (ଦେଶଜ) ଯେ ଅସ୍ପଷ୍ଟ ବଚନ କହେ । ଯଥା—

ସଂକୀର୍ତ୍ତନରେ ହାଉଡ଼ାଟା ମଧ୍ୟ ଆଁ କରିବା କଥା
ଧୂର୍ଜଟୀ ତ ପୁରୁଣା କରି ଦେଇଅଛନ୍ତି । ବା. ମା. ପା.

ଅତ୍ୟନ୍ତ ପେଟୁକ ।

ହାଉଦା, ବି. (ଯାବନିକ) ହସ୍ତିପୃଷ୍ଠ ଅମାରି, ହସ୍ତିପୃଷ୍ଠ ଆସନ ।

ହାଉପାଉ, ବିଂ. (ଦେଶଜ) ବହୁତ ।

ହାଉଲତ, } ବି (ଯାବନିକ) ବିନା ଲେଖା-
ହାଓଲତ, } ପଢ଼ାରେ ଅଳ୍ପଦିନପାଇଁ ହାତେ ହାତେ ଯେଉଁ ଋଣ ଦିଆଯାଏ ।

ହାଉଳ, ବି. (ଦେଶଜ) ଅଗ୍ନିର ଉତ୍ତାପ; ବାଉଳା । ଯଥା—

କେତେବେଳେ ଟିକିଏ ଆଖି ଲଗିଲେ ହାଉଳ ଖାଇଲା
ପରି ଚମକପଡ଼ି କହନ୍ତି । ଭ. ସା.

(ଗଡ଼ଜାତରେ) ଚମ୍ପେଇନଉଳ ।

ହାଉଳଖାଇବା, କ୍ରି. ( ଦେଶଜ ) ନିଦରେ ବାଉଳି ହେବା ।

ହାଉହାଉ, ବି. (ଦେଶଜ) ଗୋଳମାଳ; ବୃଥା ବାକ୍ୟବ୍ୟୟ । ଯଥା—

ଗୁରିଆଡ଼େ ଶୁଭୁଅଛି ଖାଲି ହାଉହାଉ । ଭ ସା.

ଉଚ୍ଚରେ ଗୁଡ଼ାଏ କହିବା । ଯଥା—

କେ ହାଉହାଉ ହୋଇ ପାଉନ୍ତି ହୁଲହୁଲି । ନୃ.ସୃ.ଚୃ.ଚ.

ହାକ, ବି. (ପ୍ରାକୃତ ହକ୍କାର ଶବ୍ଦଜ) ଡାକ ବା ଧ୍ୱନି । ଯଥା—
କାକ ଡାକ ହାକ ଦେଲେ ଅନେକେ । ସୁ. ପ.

ହାକଣା, ବି. (ଦେଶଜ) ଡାକ; ଧ୍ୱନି; ଆହ୍ୱାନର ଡାକ ବା ଧ୍ୱନି ।

ହାକଡ଼ାକବା, କ୍ରି. (ପ୍ରାକୃତ ହକ୍କାର ଶବ୍ଦ ବା ହକ୍କ ଧାତୁଜ) ଡାକବା । ଯଥା—
ରୁମ୍ଭଙ୍କୁ ମାରବୁଁ ଯେ କହୁଚୁଁ ହାକଡ଼ାକ । ନୃ. ପୁ. ଚ. ଭ

ହାକବା, କ୍ରି. (ପ୍ରାକୃତ ହକ୍କାର ଶବ୍ଦ ବା ହକ୍କ ଧାତୁଜ) ଡାକବା । ଯଥା—
ମରୁତ ସାରଥିକ ଯେ ହାକଲେ ଚଞ୍ଚଳା । ସା. ଭ. ସ.

ହାକମ, ବି. (ଯାବନକ) ଶାସନକର୍ତ୍ତା ବା ଅଧିକାରୀ; ଉଚ୍ଚପଦସ୍ଥ ବ୍ୟକ୍ତି; ଗଞ୍ଜାପାସାର ନକସ ଓ ଦସ୍ତଖେଳର କ୍ରମବିଶେଷ ।

ହାକମଟିପ, ବି. ( ଦେଶଜ ) ଦସ୍ତଖେଳର କ୍ରମବିଶେଷ ।

ହାକୁଟି, ବି. (ହିକ୍କା ଶବ୍ଦଜ) ହିକ୍କା, ଗର୍ଭସ୍ଥ ବାୟୁ ଧ୍ୱନି ସହିତ ଉପରକୁ ଉଠିବା । ଯଥା—
ପ୍ରକଟି ଦଶନ ପାଟି ମାରଇ ହାକୁଟି । ମ. ଯା.
ଉଦ୍ଗାର ।

ହାକୁଳିବିକୁଳି, ବି. (ଦେଶଜ) ବ୍ୟସ୍ତତା, ଅସ୍ଥିରତା ପ୍ରକାଶ ।

ହାକୁହାକୁ, ହାଉହାଉ, } ବି. ( ଦେଶଜ ) ସନ୍ତାପର ଜ୍ୱାଳାର ଆବେଗ; ଜ୍ୱଳନର ଆବେଗ ।

ହାକେଣୀ ବି. ସ୍ତ୍ରୀ. (ଦେଶଜ) ଦେବୀବିଶେଷ । ଯଥା—
ହାକେଣୀ ଡାକେଣୀ ଯେ ମଙ୍ଗଳଚଣ୍ଡୀ ଭୀମା ।
ନୃ. ପୁ. ଚ. ଭ.

ହାଙ୍କପାଙ୍କ, ବି. (ଦେଶଜ) ବ୍ୟସ୍ତତା । ବିଂ. ବ୍ୟସ୍ତ ।

ହାଙ୍କା, ବି. ( ହୁଙ୍କାର ଶବ୍ଦଜ ) ହୁଙ୍କାର; ହାଙ୍କିବା । କ୍ରି. ହୁଙ୍କାର କରିବା । ଯଥା—
ଭୀଷଣ ଶରକୁ ସେକ୍ଷଣ ସୁର ବନ୍ଧିଲା ହାଙ୍କି । ବ.ଚ.ମ.

ହାଙ୍ଗର, ବି. (ଦେଶଜ) ହିଂସ୍ର ଜଳଜନ୍ତୁ-ବିଶେଷ ।

ହାଙ୍ଗାମା, ବି. (ପାରସ୍ୟ ଶବ୍ଦ) ଗୋଳମାଳ; ଲଢ଼ାଇ; ଆକ୍ରମଣ ।

ହାଜତ, ବି. (ଯାବନକ) ବିଚାରାଧୀନ ଅପରାଧୀ ବ୍ୟକ୍ତିର ଅବରୋଧ ।

ହାଜର, ହାଜର, ହାଜିର, } ବିଂ.(ଯାବନକ) ଉପସ୍ଥିତ; ପ୍ରସ୍ତୁତ; ଇଚ୍ଛୁକ । ବି. ଉପସ୍ଥିତି ।

ହାଜରଜବାବ, ବି. (ଯାବନକ) ଉପସ୍ଥିତ-ବକ୍ତା; ରସିକ ।

ହାଜରଜାମିନ, ବି. (ଯାବନକ) ଯେ ବ୍ୟକ୍ତି ଅଦାଲତ ପ୍ରଭୃତିରେ ନିର୍ଦ୍ଦିଷ୍ଟ ସମୟରେ ଅନ୍ୟ ବ୍ୟକ୍ତିର ଉପସ୍ଥିତିର ଦାୟିତ୍ୱ ଗ୍ରହଣ-କରେ ।

ହାଜିର, ବି. ( ଯାବନକ ) ପ୍ରାତଃକାଳୀନ ଭୋଜନ ।

ହାଟ, ବି. (ହଟ୍ଟ ଶବ୍ଦଜ) ବଜାର, କ୍ରୟବିକ୍ରୟ ସ୍ଥାନ ।

ହାଟଆଣିବା, କ୍ରି. (ଦେଶଜ) ହାଟରୁ ପଦାର୍ଥ କିଣି ଆଣିବା । (ଗଡ଼ଜାତରେ) ସୌଦା ଆଣିବା ।

ହାଟକ, ବି. (ହଟ୍ = ଦୀପ୍ତିପାଇବା-ଅକ) ସ୍ୱର୍ଣ୍ଣ, କନକ । ବିଂ. ସ୍ୱର୍ଣ୍ଣନିର୍ମିତ ।

ହାଟୁଆ, ବି. ( ଦେଶଜ ) ମୃତ୍ପାତ୍ରବିଶେଷ; ବିଡ଼; ହାଟରେ ଯେ କ୍ରୟବିକ୍ରୟ କରେ ।

ହାଟୁଆର, ବି. (ଦେଶଜ) ଦ୍ୱିଜାତିତର ଜାତି-ବିଶେଷ । ଯଥା—
ଜାତି ମୋହର ହାଟୁଆର,
ବଞ୍ଚଇ କଂସ ସେବା କରି । ଭ. ଦ. ସ୍ତ.

ହାଡ଼, ବି. (ହଡ଼୍ଡ ଶବ୍ଦଜ) ଅସ୍ଥି ।

ହାଡ଼ଗିଳା, ବି. (ଦେଶଜ) ସ୍ୱନାମପ୍ରସିଦ୍ଧ ପକ୍ଷୀ ।

ହାଡ଼ଚଡ଼ାକଥା, ବି. ( ଦେଶଜ ) ମର୍ମଭେଦୀ ବଚନ, ଅସହ୍ୟ ବଚନ ।

ହାଡ଼ଫୁଟି, ବି. (ଦେଶଜ) ପାଣିବସନ୍ତ ।

ହାଡ଼ବାଣ୍ଟ, ବି. ସ୍ତ୍ରୀ. ( ଦେଶଜ ) ବେଶ୍ୟା-ବିଶେଷ । (ରୂପାଣ୍ଟ ଶବ୍ଦ ଦେଖ ।)

ହାଡ଼ଭଙ୍ଗା, ବି. (ଦେଶଜ) ଔଷଧି ଗଛବିଶେଷ ।

ହାଡ଼ଭାଙ୍ଗିବା, ବିଂ. ଯେ ହାଡ଼ ଭାଙ୍ଗିଦିଏ ।

ହାଡ଼ଭଙ୍ଗାକଥା, ବି. ମର୍ମଭେଦୀ ବାକ୍ୟ, ଅତି କ୍ଲିଷ୍ଟ ବଚନ ।

ହାଡ଼ଭଙ୍ଗାଶୀତ, ବି. ଅତିଶୟ ଜାଡ଼, ହାଡ଼ ପର୍ଯ୍ୟନ୍ତ ଭେଦିବା ଜାଡ଼ ।

ହାଡ଼ା, ବିଂ. (ଦେଶଜ) ଅତି କ୍ଷୀଣ, ଅସ୍ଥିଚର୍ମା-ବଶିଷ୍ଟ ଶରୀର ।

ହାଡ଼ି, ବି. ( ହଡ୍ଡିକ ଶବ୍ଦଜ ) ଚଣ୍ଡାଳଜାତି-ବିଶେଷ । ବିଂ. ଭ୍ରଷ୍ଟାଚାରୀ । ( ସ୍ତ୍ରୀ— ହାଡ଼ିଆଣୀ । )

ହାଡ଼ୁଆ, ବିଂ. (ଦେଶଜ) ଅତି କ୍ଷୀଣ; କଠିନ । ବି. କୌଣସି ବ୍ୟକ୍ତିର ନାମ ।

ହାଣ, ବି. (ହନ୍ ଧାତୁଜ) ଅସ୍ତ୍ରଶସ୍ତ୍ରର ଆଘାତ ।

ହାଣଖାଇବା, ହାଣଖାଇଯିବା, } କ୍ରି. (ହନ୍ ଧାତୁଜ) ଅସ୍ତ୍ରା-ଘାତରେ ବିପନ୍ନ ହେବା ।

ହାଣନ, ବି. (ହନନ ଶବ୍ଦଜ) ପ୍ରହାର, ହନନ ।

ହାଣିବା, କ୍ରି. (ଦେଶଜ) ଅସ୍ତ୍ରଶସ୍ତ୍ରରେ ଆଘାତ କରିବା ।

ହାଣ୍ଡଣ, ବି. (ହୁଣ୍ଡନ ଶବ୍ଦଜ) ଏଣେତେଣେ ବୁଲିବା, ଅଧିକ ବୁଲା ।

ହାଣ୍ଡିବା, କ୍ରି. ସମଧିକ ବୁଲିବା ।

ହାଣ୍ଡି, ବି. (ହଣ୍ଡିକା ଶବ୍ଦଜ) ମୃତ୍ତିକା ଭାଣ୍ଡ, ପିତ୍ତଳ ପ୍ରଭୃତିର ପାତ୍ରବିଶେଷ ।

ହାଣ୍ଡିଆ, ବି. (ଦେଶଜ) ମୁଖଘ ଖପର; ମଦ୍ୟ-ବିଶେଷ । ବିଂ. ହାଣ୍ଡିସଦୃଶ ।

ହାଣ୍ଡିଖିଆ, ବିଂ. ( ଦେଶଜ ) ହାଣ୍ଡିରେ ଯେ ଖାଏ ।

ହାଣ୍ଡିସାଳ, ବି. (ହଣ୍ଡିକା—ହାଣ୍ଡି, ଶାଳା—ସାଳ, କିନ୍ତୁ ରୂଢ଼ିରେ ଭିନ୍ନାର୍ଥ) ପାକଶାଳା ।

ହାତ, ହାଥ, ବି. (ହସ୍ତ ଶବ୍ଦଜ) ହସ୍ତ । ଯଥା—

ଗୁଡ଼ଣ ଜାତି କୁଳ ମାନ,
ଚଣ୍ଡାଳ ହାଥୁଁ ନେଲ ଅନ୍ନ । ଦା. ର.

ହାତକସା, ବିଂ. (ଦେଶଜ) କୃପଣ ।

ହାତକାବୁଡ଼ା, ହାତକାବୁରା, } ବିଂ. ( ଦେଶଜ ) ଯାହା ହାତରେ କିଛି କାର୍ଯ୍ୟ କରା ହୁଏ ନାହିଁ ।

ହାତଗଣ୍ଠି, ବି. (ହସ୍ତଗ୍ରନ୍ଥି ଶବ୍ଦଜ) ବିବାହରେ ବର ଓ କନ୍ୟାର ହସ୍ତଦ୍ୱୟକୁ ମନ୍ତ୍ରୋଚ୍ଚାରଣପୂର୍ବକ କୁଶରେ ବାନ୍ଧିବା ।

ହାତଚକ, ବି. (ହସ୍ତ-ଚକ୍ର-ଶବ୍ଦଜ) ହସ୍ତତଳ ।

ହାତଚଳା, ବି. (ହସ୍ତଚାଳନ ଶବ୍ଦଜ) ଭୋଜନା-ରମ୍ଭରେ ଚଳୁ, ଭୋଜନାରମ୍ଭରେ ମନ୍ତ୍ରୋ-ଚ୍ଚାରଣପୂର୍ବକ ଆଚମନ ।

ହାତଚାଳିବା, କ୍ରି. ଭୋଜନସଭାରେ ସମସ୍ତେ ଯୁଗପତ୍ ଭୋଜନାରମ୍ଭ କରିବା ।

ହାତଚିଠି, ବି. (ଦେଶଜ) ରସିଦ ।

ହାତବଳା, ବି. (ଦେଶଜ) ହାତ ସିଦ୍ଧ ହେବା-ପାଇଁ ପ୍ରଥମତଃ ଲେଖା ଚିତ୍ର ପ୍ରଭୃତି ଅଭ୍ୟାସ କରିବା, ହଠାତ୍ ଅନ୍ୟକୁ ପ୍ରହାରିବା, ପ୍ରହାରାର୍ଥ ହାତ ବଢ଼ାଇବା । ବିଂ. ହସ୍ତ ସିଦ୍ଧ ହେବା ପାଇଁ ପ୍ରଥମେ ଯାହା ଚିତ୍ରିତ ବା ଲିଖିତ ହୋଇଥାଏ । ଯଥା—

ଅନୁମାନେ ଆସେ ଆଗେ ବିଧି ସାଧି
ପଦେ ଚନ୍ଦ୍ରେ ହାତବଳା । ଯ. କେ.

ହାତବଳାଇବା, କ୍ରି. ଶିଳ୍ପକାର୍ଯ୍ୟ ଅଭ୍ୟାସ କରିବା, ଅନ୍ୟକୁ ପ୍ରହାର କରିବା କିମ୍ବା ପ୍ରହାରାର୍ଥ ହାତ ବଢ଼ାଇବା ।

ହାତବଳିବା, କ୍ରି. (ଦେଶଜ) ଶିଳ୍ପକାର୍ଯ୍ୟ ଶିଖି-ବାକୁ ପ୍ରଥମତଃ ହସ୍ତ ଅଭ୍ୟାସ ବଢ଼ାଇବା କିମ୍ବା ଅଭ୍ୟାସ କରିବା । ଯଥା —

ରାମା କଳ୍ପନା ପାଞ୍ଚିଲ ରମା ଉମା ନିର୍ମାଣିଲ
ହାତ ବଳିବାକୁ ବିଧି । ଲ. ବ.

ହାତବ୍ୟ, ବିଂ. (ହା = ତ୍ୟାଗ କରିବା-ତବ୍ୟ) ତ୍ୟକ୍ତବ୍ୟ, ତ୍ୟାଗଯୋଗ୍ୟ ।

ହାତି, ହାଥି, ବି. ( ହସ୍ତୀ ପଦଜାତ ) ହସ୍ତୀ, ଗଜ ।

ହାତିଅନ୍ଦ, ହାତିବନ୍ଧ, ହାତିଅନ୍ଧ, ହାତ୍ୟନ୍ଧ, } ବି. (ଦେଶଜ) ଗୃହର ଦୁଇ ଶେଷଭାଗର କାନ୍ଥ ।

ହାତୁଡ଼ି, } ବି. (ଦେଶଜ) ଲୌହମୁଦ୍ଗର-
ହାତୁରି, } ବିଶେଷ, କମାରମାନଙ୍କର ଆଘାତ ଯନ୍ତ୍ର । ଯଥା—

ଏଣୁ କମାରୁଣୀ ଚେଣ୍ଡ କମାର,
କାଞ୍ଜିକ ଦେଲେ ହାତୁରି ପ୍ରହାର । ହା. ଚ.

ହାତୁଡ଼ିଆ, } ବି.(ଦେଶଜ) ମୂର୍ଖବୈଦ୍ୟ, ପ୍ରବ-
ହାତୁଡ଼ିୟା, } ଞ୍ଚକବୈଦ୍ୟ (Charlatan) ।

ହାତୁଣୀ, ବି.ସ୍ତ୍ରୀ. (ହସ୍ତିନୀ ଶବ୍ଦଜ) ମାଇହାତୀ ।

ହାନି, ବି. (ହା = ତ୍ୟାଗକରିବା-ତି, ତ = ନ) ଗତି; ତ୍ୟାଗ; ନାଶ; କ୍ଷତି, ଅପଚୟ ।

ହାନ୍ଦେ, } କ୍ରି. ବିଂ. ( ଦେଶଜ ) ହଠାତ୍ ।
ହାଦେ, } ଯଥା—

ଭଗତକୁ ଯେହୁ ମୋର ହୃଦେ ଚିନ୍ତେ ମନ୍ଦ,
ନିଶ୍ଚୟ ତାହାର ହାଦେ ନାଶଯାଇ କନ୍ଦ । ନା.ର.ଗୀ.

ନିଶ୍ଚେ । ଯଥା—

ରୁ ହାନ୍ଦେ ଦାସୀପୁତ୍ର ସିନା । ଦା. ର.

ଅବହେଳାରେ ।

ହାନ୍ଦୋଳ, ବି. (ଆନ୍ଦୋଳନ ଶବ୍ଦଜ) କଳହ ବା ଗୋଳମାଳ । ଯଥା—

ରଣରଙ୍ଗ ହାନ୍ଦୋଳ ଯେ ବଢ଼ିଲା ସମର । ସା. ଭା. ସ.

ଇତସ୍ତତଃ ବିକ୍ଷୋଭ । ଯଥା—

ଜଳ ହାନ୍ଦୋଳ ହୋଇଲା ମନ୍ଥନ ପର୍ବତେ । ସା ଭା.ସ.

ବିଂ. ଇତସ୍ତତଃ ବିକ୍ଷୋଭିତ ।

ହାନ୍ଦୋଳା, } ବି. ସ୍ତ୍ରୀ. (ଆନ୍ଦୋଳିକା ଶବ୍ଦଜ)
ହିନ୍ଦୋଳା, } ଶିକଳି ବା ଦୋଳା । ଯଥା—
ହିନ୍ଦୋଳ, }

ଗଜଦନ୍ତ ହିନ୍ଦୋଳୁ ଓହ୍ଲାଇ ଚନ୍ଦ୍ରମୁଖୀ । ମଂ. ସ.

ହାନ୍ଦୋଳାଇବା, କ୍ରି. ( ଆନ୍ଦୋଳ ଶବ୍ଦଜ ) ଇତସ୍ତତଃ ଚାଳିତ କରିବା ।

ହାନ୍ଦୋଳିବା, କ୍ରି. ( ଆନ୍ଦୋଳ ଶବ୍ଦଜ ) ଇତସ୍ତତଃ ଚାଳିତ ହେବା । ଯଥା—

ଷଡ଼ରସ ଭେଦଣ ଯେ ହାନ୍ଦୋଳେ ପବନ ।
ନୃ. ପ୍ର. ଦ୍ୱି. ଚ.

ଇତସ୍ତତଃ ଚାଳିତ କରିବା ।

ହାନ୍ଦୋଳହେବା, କ୍ରି. ( ଆନ୍ଦୋଳ ଶବ୍ଦଜ ) ଇତସ୍ତତଃ ଚଳିବା । ଯଥା—

ଯେରୂପେ ସାଗରରେ ହାନ୍ଦୋଳ ହୁଏ ପାଣି ।
ନୃ. ପୁ. ଚ. ଚ.

ହାପ, ବି. (ଦେଶଜ) ପିଲାମାନଙ୍କର ଏକପ୍ରକାର ଖେଳ, ଗୋଟିଏ ସାନ ଗାତରେ ପିଲ ବା କ୍ଷୁଦ୍ର କାଷ୍ଠଖଣ୍ଡ ରଖି ବାଡ଼ିରେ ନିକ୍ଷେପ କଲେ ଅନ୍ୟ ପାର୍ଶ୍ବସ୍ଥ ପିଲାମାନେ ସେ ପିଲଟିକୁ ବାଡ଼ିରେ ମାରନ୍ତି, ଏପରି ଦୁଇ ପାର୍ଶ୍ବସ୍ଥ ଖେଳାଳି ମାରୁଥାନ୍ତି, ଯେଉଁ ପାର୍ଶ୍ବସ୍ଥ ଖେଳାଳି ମାରି ନ ପାରନ୍ତି ତାଙ୍କର ହାରି ହୁଏ ।

ହାପର, ବି. (ଦେଶଜ) ଧାତୁ ଆବର୍ତ୍ତନ ପାତ୍ର ।

ହାପରି, ବି. (ଦେଶଜ) ଚଷାମାନେ ଶସ୍ୟ-ଖାଦକ ଜନ୍ତୁଙ୍କୁ ହୁରୁଡ଼ାଇବାପାଇଁ ଫାଳ-ବାଉଁଶରେ କରିବା ଶବ୍ଦ ଏବଂ ସେହି ଦ୍ବିଫାଳ ବାଉଁଶଖଣ୍ଡର ବାଦ୍ୟ । (ଟିକରି ଶବ୍ଦ ଦେଖ ।)

ହାପଣୀ, ହାପଣି, ବି. (ଦେଶଜ) କଳାଲୋକ ।

ହାପୁରି, ବି. (ଦେଶଜ) ଦ୍ରବୀଭୂତ ଖାଦ୍ୟଦ୍ରବ୍ୟ ସଶବ୍ଦ ଶୋଷଣରେ ଖାଇବା ।

ହାପୁରିବା, କ୍ରି. (ଦେଶଜ) ଦ୍ରବୀଭୂତ ଖାଦ୍ୟ-ଦ୍ରବ୍ୟ ଶବ୍ଦ ସହ ଶୋଷି ଖାଇବା । ଯଥା—

କେ ବୋଲଇ ଭଲ ମଣ୍ଡର ଚଅଣ,
ହାପୁରି ଦେଲାକ୍ଷଣି ସନ୍ତୋଷ ହେଲା ମନ । କୃ.ଷ୍ଠ.ସ.ପ.

ହାଫିକା, ବି. ସ୍ତ୍ରୀ. ଫ. ଜୃମ୍ଭା, ହାଇ ।

ହାଫୁ, ବି. ଫ. ଅଫିମ ।

ହାବିଲଦାର, } ବି. ( ଯାବନିକ ) ଦଣ୍ଡ-
ହବାଲଦାର, } ନାୟକ, ପାଇକମାନଙ୍କର
ହାବାଲଦାର, } ଅଧିକାରୀ ।

ହାବା, ବି. (ଦେଶଜ) ଏକସ୍ଥାନରୁ ଅନ୍ୟତ୍ର ଶୀଘ୍ର ପ୍ରବେଶ, ଅତି ଦ୍ରୁତ ଗତି । ବିଂ. ନିର୍ବୋଧ; ବାକ୍ୟହୀନ ବ୍ୟକ୍ତି ।

ହାବିବା, କ୍ରି. (ଦେଶଜ) ଏକସ୍ଥାନରୁ ଅନ୍ୟତ୍ର ଅତିଶୀଘ୍ର ଯାଇ ପ୍ରବେଶିବା ।

ହାବୁକା, ବି. (ଦେଶଜ) ଧକ୍କା । ଯଥା—
ଦନ୍ତେ ଛରଣ ଧରିଲେ,
ପଛେ ହାବୁକା ତାଙ୍କୁ ଦେଲେ । ଦା. ର.

ହାବୁଡ଼, ବି. ( ଦେଶଜ ) ପ୍ରତ୍ୟକ୍ଷ; ଭେଟ, ମିଳନ ।

ହାବୁଡ଼ା, ବି. (ଦେଶଜ) ଧକ୍କା; ହସ୍ତଗତ ହେବା । ବିଂ. ହସ୍ତଗତ; ଦୃଷ୍ଟିଗତ ।

ହାବୁଡ଼ା, ହାବୋଡ଼ା, } ବି. (ଦେଶଜ) ଭେଟ, ପ୍ରତ୍ୟକ୍ଷ; ମିଳନ । ଯଥା—
କର୍ମ ଅବଲେ ପଡ଼ିଲା ହେଲେ କାମ ହାବୋଡେ ।ର.କ.

ବିଂ. ଯେ ଶୀଘ୍ରପାଇ ଭେଟିପାରେ । ଯଥା—
ହାବୋଡ଼ା ଶରେ ମାଇଲା ହେ ଲଙ୍କେଶ୍ୱର । ବି. ର.

ହାବୁଡ଼ାହାବୁଡ଼, ହାବୋଡ଼ାହାବୁଡ଼, } ବି. (ଦେଶଜ) ପରସ୍ପର ଭେଟ । ଯଥା—
ହାବୋଡ଼ାହାବୋଡ଼ ହୋନ୍ତି ବହୁ ସୈନ୍ୟ ତହିଁ ।
ସା. ଭା. ଆ.

ହାବୁଡ଼ିବା, ହାବୋଡ଼ିବା, } କ୍ରି. ( ଦେଶଜ ) ଭେଟିବା । ଯଥା—
ହାବୋଡ଼େ ଆସି ଯେ ନ ଦେଇ ଖବର । ଦ. ବା.

କୌଣସି ଅନୁରୋଧଦ୍ୱାରା ଅଟକିଯିବା । ଯଥା—
ଗଦା ବୁଲାଇଲା କରକର ହୋଇ ବୀର,
ଗଦା ହାବୁଡ଼ଇ ନାହିଁ କୌଣସି ଦଗର । ସା. ଭା. ଆ.

ହାବେଲ, ହାବେଲୀ, ହାବଲ, ହାବାଲ, } ବି. ସ୍ତ୍ରୀ. ( ଦେଶଜ ) ଏକପ୍ରକାର ବାଣ । ଯଥା—
ଜଡ଼ିଗଲା କବା ଅନମ୍ବର ଶତ ହାବେଲ ବାଣେ । ହଷା ।
(ଆରବ୍ୟ ଶବ୍ଦ) ବାସସ୍ଥାନ ।

ହାମି, ବି. (ଦେଶଜ) ବନ୍ଧା, କୌଣସି ଦ୍ରବ୍ୟ ବନ୍ଧକ ଦେବା ।

ହାମୁ, ବି. (ଦେଶଜ) ଅନ୍ନ ।

ହାମୁଡ଼ା, ହାମ୍ବୁଡ଼ା, ହାମ୍ବୋଡ଼ା, ବି. (ଦେଶଜ) ଶିଶୁମାନଙ୍କର ଆଣ୍ଠୁରେ ଗମନ ।

ହାମୁଡ଼ିବା, ହାମ୍ବୁଡ଼ିବା, ହାମ୍ବୋଡ଼ିବା, } କ୍ରି. ( ଦେଶଜ ) ଶିଶୁମାନେ ଆଣ୍ଠୁପକାଇ ଚାଲିବା । ଯଥା—
ଏ ବର୍ତ୍ତମାନ ଧରି ଜନ୍ମିବେ ଚୋର ପୋଏ,
ତେଣିଁ ଘୋଷାଡ଼ି ହାମ୍ବୋଡ଼ି ଚାଲିବେ ସଭିଏ ।
ନ. ପୁ. ପ୍ର. ଭ.

ହାମେଶା, କ୍ରି. ବିଂ. (ପାରସ୍ୟ ଶବ୍ଦ) ସର୍ବଦା, ଅନବରତ; ଚିରକାଳ ।

ହାମେହାଲ, କ୍ରି. ବିଂ. (ପାରସ୍ୟ ଶବ୍ଦ) ସକଳ ଅବସ୍ଥାରେ, ସର୍ବଦା ।

ହାମ୍ପୋଡ଼ା, ବି. ( ଦେଶଜ ) ଆଘାତପୂର୍ବକ ନିକ୍ଷେପଣ ।

ହାମ୍ପୋଡ଼ିବା, କ୍ରି. ( ଦେଶଜ ) ଆଘାତପୂର୍ବକ ନିକ୍ଷେପିବା । ଯଥା—
ବନଚର ମୃଗ ଆଦି ଯେ ପଡ଼ନ୍ତି ଆଗେ,
ଦେନି ହାତେ ହାମ୍ପୋଡ଼ି ଚାଲଇ ବେଗେ ବେଗେ ।
ସା. ଭା. ଆ.

ହାମ୍ପୋଡ଼ିହେବା, କ୍ରି. (ଦେଶଜ) ଆପେ ନିକ୍ଷିପ୍ତ ହେବା । ଯଥା—
ହାମ୍ପୋଡ଼ି ହୋଇଣ କେ ପଡ଼ିଲା ମୋହ ଯାଇ ।
ନ. ପୁ. ସ. ଭ.

ହାମ୍ପୋଳ, ହାପୋଳ, ହାମ୍ପୋଳ, ହାମ୍ପୋଳୀ, } ବି. ( ଦେଶଜ ) କୌତୁକାର୍ଥ କରତଳରେ ଶବ୍ଦ ସହିତ ଅଳ୍ପ ଆଘାତ । ଯଥା—
ଶିଖଣ୍ଡିର ପିଠିରେ ମାରଣ ହାପୋଳ,
ବୋଇଲେ ସବୁଗୁଣମାନଙ୍କେ ତୁମ୍ଭେ ଭଲ ।କୃ.ଭା ଉ ପ.
କିତମ୍ଭେ ହାମ୍ପୋଲ ଠୁକୁଁ ଚେତନା ବସିଲା । ଲ. ବ.

ହାମ୍ପୋଳିବା, କ୍ରି. (ଦେଶଜ) କରତଳାସ୍ଫାଳନ କରିବା; ବାଦ୍ୟଯନ୍ତ୍ରାଦି ଶବ୍ଦାୟମାନ କରିବା । ଯଥା—
ଅର୍ଜୁନ ସ୍ତମ୍ଭରେ ଯାଇ ବଜସ୍ୱେ କପାଳୀ,
ନାଚନ୍ତି ଶିବଗଣେ ଡମ୍ବରୁ ହାମ୍ପୋଳି । ସା.ଭା ସ.

ହାୟ, ଅଂ. (ହା ଶବ୍ଦଜ) ଖେଦପ୍ରକାଶକ ।

ହାୟନ, ବି. ସଂ. ସମ୍ବତ୍ସର; ଧାନ୍ୟବିଶେଷ; ଅଗ୍ନିଶିଖା ।

ହାୟା, ବି. (ଆରବ୍ୟ ଶବ୍ଦ) ଲଜ୍ଜା ।

ହାର, ବି. [ହୃ=(ମନ) ହରଣ କରିବା-ଅ] ମୁକ୍ତାଦିମାଳା; ଭାଗ; ଯୁଦ୍ଧ; ହରଣ । ବିଂ. ବିଭାଜକ; ବାହକ; ହାରକ; ହର-ସମ୍ବନ୍ଧୀୟ ।

ହାରକ, ବି. (ହୃ-ଅକ) କିତବ; ଧୂର୍ତ୍ତ; ଚୌର; ଭାଜକ ଅଙ୍କ । ବିଂ. ହରଣକାରୀ; ଦ୍ୟୁତ-କାର; ବାହକ ।

ହାର, ବି. ସ୍ତ୍ରୀ. (ହାର ଶବ୍ଦର ରୂପାନ୍ତର) ମାଳା, ମୁକ୍ତାହାରମାଳା ।

ହାରମଜାଦ, ବିଂ. (ଯାବନିକ) ଦୁଷ୍ଟ ।

ହାରମଜାଦି, ବି. (ଯାବନିକ) ଦୁଷ୍ଟପଣିଆଁ, ଦୁଷ୍ଟସ୍ୱଭାବ ।

ହାରମଜାଦୀ, ବି. ସ୍ତ୍ରୀ. (ଯାବନିକ) ଦୁଷ୍ଟା ସ୍ତ୍ରୀ ।

ହାରି, ହାରୀ, ବି. (ଦେଶଜ) ଗୁହାରି । ଯଥା—
ରାଜା ସମସ୍ତଙ୍କର ହାରି ଗୁହାରି ଶୁଣିବା ଉଚିତ । ବିଂ. ହାରିବା ବ୍ୟକ୍ତି, ଯେ ଯୁଦ୍ଧାଦିରେ ପରାସ୍ତ ହୋଇଥାଏ; ନ୍ୟୂନ, ଊଣା । ଯଥା—
କେହି ନୁହେ ବୟସରେ ଭାରି,
କେହି ନୁହନ୍ତି ବୟସରେ ହାରୀ । ର. କ.
(ସଂସ୍କୃତ ହେଲେ) ମନୋହର ସୁନ୍ଦର ।

ହାରିବା, କ୍ରି. (ହୃ ଧାତୁଜ) ପରାଜିତ ହେବା; ଚେଙ୍ଗିବା । ଯଥା—
କଣ୍ଟିତ ଯୁଦ୍ଧରେ ମାନବ ହାତରେ
ହାରିଲୁ ଯେ ତୁଚ୍ଛ ପ୍ରାଣ । ବ. ରା.

ହାରିଷ, ବି. (ଅର୍ଶ ଶବ୍ଦଜ) ଅର୍ଶରୋଗ ।

ହାରୀ, ବିଂ. (ହୃ-ଇନ୍) ଯେ ହରଣ କରେ; ବାହକ; ମନୋହର । (ହାର-ଇନ୍ ଅସ୍ତ୍ୟର୍ଥେ) ହାରବିଶିଷ୍ଟ ।

ହାରୀତ, ବି. ସଂ. ପକ୍ଷିବିଶେଷ; ଶୁକପକ୍ଷୀ, ମୁନିବିଶେଷ ।

ହାର୍ଦ୍ଦ, ହାର୍ଦ୍ଦ୍ୟ, } ବି. (ହୃଦ୍-ଅ, ଯ) ହୃଦ୍ୟତା, ପ୍ରୀତି, ସ୍ନେହ । ବିଂ. ହୃଦ୍‌ଗତ; ମନୋଜ୍ଞ । (ପ୍ରେମାନା ପ୍ରିୟତା ହାର୍ଦ୍ଦଂ—ଅମର ।)

ହାର୍ଯ୍ୟ, ବିଂ. (ହୃ-ଯ) ଗ୍ରାହ୍ୟ; ତ୍ୟାଜ୍ୟ; ଅପହରଣୀୟ; ନିବାର୍ଯ୍ୟ ।

ହାଲ, ବି. (ଆରବ୍ୟ ଶବ୍ଦ) ରୀତି, ଆଚରଣ-କ୍ରମ । ଯଥା—
ପ୍ରଥମରେ ଶୁଣିଯାଅ ମନ୍ଦରର ହାଲ । ଉ. ଭ୍ର.
ଅବସ୍ଥା । ଯଥା—
ଯାର ନାମ ସନ୍ତାପ ପାପେ ହଅଇ ତାପ
ତାର ସେବକର ଏ ହାଲ ହେ । ଲୋକନାଥ ଜଣାଣ ।
ବର୍ତ୍ତମାନସମୟ; ଅଳ୍ପସମୟ ।

ହାଲକ, ବି. (ହୃଦୟ = ପ୍ରାକୃତ ହଲ୍ଲକ ଶବ୍ଦଜ) ହୃଦୟ ।

ହାଲଖାତା, ବି. (ଯାବନିକ) ନୂତନ ଖାତା ।

ହାଲଚାଲ, ବି. (ଦେଶଜ) ଅବସ୍ଥା; ବ୍ୟବସ୍ଥା ।

ହାଲତ, ବି. (ଦେଶଜ) ଅବସ୍ଥା । ଯଥା—
ନାଗ୍ରର ହାଲତେ ଯେବେ ହୁଏ କହିବାକୁ,
ବଡ଼ ହସ ମାଡ଼େ ତାହା କଲୁ ଶୁଣିବାକୁ । ଉ. ଭ୍ର.

ହାଲପ, ବି. (ଦେଶଜ) ଅତି ଶୀତଳ ପବନ ।

ହାଲସା, ବି. (ଦେଶଜ) ନୌକାର କର୍ଣ୍ଣ ।

ହାଳହଳ, ହାଳହାଳ, ହାଳାହଳ, } ବି. ସଂ. ବିଷବିଶେଷ ।

ହାଲହୋଲ, ବି. (ଦେଶଜ) କାଉଳି, କୋଳାହଳ । ଯଥା—
ସମସ୍ତେ ପାଡ଼ିଲେ ବୋବାଳି,
ଗ୍ରାମେ ପଡ଼ିଲା ହାଲହୋଲି । ଦା. ର.

ହାଲା, ବି. ସ୍ତ୍ରୀ. (ହ୍ରିୟତେ ଲଜ୍ଜା ଅନୟେତି ହାଲା—ଓହାକ୍‌ତ୍ୟାଗେ, ହା = ଲଜ୍ଜା ତ୍ୟାଗ କରିବା-ଅଳ-ଆ) ମଦ୍ୟ; କନିଷ୍ଠା ଶ୍ୟାଳିକା, ସାନ ଶାଳୀ ।

ହାଲାକ, ବି. (ଆରବ୍ୟ ଶବ୍ଦ) ବଧ; ନଷ୍ଟ ।

ହାଲାଲ, ବି. (ଆରବ୍ୟ ଶବ୍ଦ) ମୁସଲମାନଧର୍ମର ନିୟମାନୁଯାୟୀ ପଶୁପକ୍ଷ୍ୟାଦିର କଣ୍ଠଚ୍ଛେଦନ । ବିଂ. ବୈଧ ବା ଧର୍ମସମ୍ମତ ।

ହାଲି, ବିଂ. (ଦେଶଜ) ଖାଲି; କାର୍ଯ୍ୟରହିତ; ନିରଶ୍ରୟ । ଯଥା—ଯେ କୌଣସି ଲୋକ ହେଉ ହାଲିରେ ରହି ବଞ୍ଚିବା ବଡ଼ କଷ୍ଟକର । ବି. ନୌକାଦଣ୍ଡ । (ଯାବନିକ) ବିଂ. ନୂତନ; ନବୋତ୍ପନ୍ନ ।

ହାଲିଆ, ହାଲ୍ଲା, } ବିଂ. (ଦେଶଜ) ପରିଶ୍ରାନ୍ତ । ଯଥା—
ନକୁଳ ସହଦେବ ଯୁଦ୍ଧରେ ହାଲିଆ,
ହୋଇ ରହିଛନ୍ତି ଦେଖ ହୋଇ ଠିଆ । କୃ. ଭା ଶ ପ.
ଓଜହୀନ; ଚିନ୍ତିତ । ଯଥା—
ଗୁରସ୍ତ ବାପୁଡ଼ା ମାଇଗୁଲିଆ,
ମାଇପ ଟାଣରେ ହୋଏ ହାଲିଆ । ହା. ଚ.

ହାଳିକ, ବଂ. (ହଳ = ଲାଙ୍ଗଳ-ଇକ) ହଳ-ସମ୍ବନ୍ଧୀୟ; ହଳିଆ, ହଳବାହକ ।

ହାଲୁଆ, ବ. (ଦେଶଜ) ମିଷ୍ଟାନ୍ନବିଶେଷ, ମୋହନଭୋଗ ।

ହାଲୁଇ, ହାଲୁଇକାର, } ବ. (ଦେଶଜ) ମିଷ୍ଟାନ୍ନକାରୀ, ଗୁଡ଼ିଆ ।

ହାଲୁକା, ହାଲ୍‌କା, } ବଂ. ( ପ୍ରାକୃତ ହଲୁଅଂ ଶବ୍ଦଜ ) ଲଘୁ; ପାତଳା; ଅସାହସୀ ବା ଧୈର୍ଯ୍ୟହୀନ । ଯଥା—ରାଜପୁତ୍ର ହୋଇ ହାଲୁକା ହେବା ବିସ୍ମୟକର ।

ହାଲ୍ଲୋଳ, ବ. (ହିଲ୍ଲୋଳ ଶବ୍ଦଜ) କୋଳାହଳ । ବଂ. ମୁଖରିତ । ଯଥା—

ପୃଥ୍ୱୀ ହାଲ୍ଲୋଳ ହେଉଛି ବୀରତୂର ବାଦ୍ୟେ,
କମ୍ପୁଅଛି ଚଉଦଗ ବୀରତୂର ନାଦେ । ସା. ଭ. ସ.

ହାବ, ବ. (ହ୍ୱୟନ୍ତେ ରାଗିଣୋନ ହାବାଃ—ହ୍ୱ ଦାନାଦାନୟୋଃ,ହ୍ୱ = ଆହ୍ୱାନକରିବା-ଅ) ସ୍ତ୍ରୀମାନଙ୍କର ଶୃଙ୍ଗାରଭାବଜନିତ କ୍ରିୟା-ବିଶେଷ; ଆହ୍ୱାନ ।

ହାସ, ବ. (ହସ୍-ଅ) ହାସ୍ୟ, ହସିବା ।

ହାସଲ, ବ. (ଆରବ୍ୟ ଶବ୍ଦ)କର୍ତ୍ତବ୍ୟସମ୍ପାଦନ; ନଜର ଆୟତ୍ତ କରିବା । ବଂ. ଆୟତ୍ତ, ଅଧୀନ ।

ହାସିଲ, ବ. (ଆରବ୍ୟ ଶବ୍ଦ) ଲଭ୍ୟ; ଉତ୍ପନ୍ନ-ଦ୍ରବ୍ୟ; ଏକପ୍ରକାର ପଥକର ।

ହାସିଲହେବା, କ୍ରି. (ଦେଶଜ) କାର୍ଯ୍ୟ ସିଦ୍ଧ-ହେବା ।

ହାସ୍ତିକ, ବ. (ହସ୍ତୀ-ଇକ ସମୂହାର୍ଥେ) ହସ୍ତି-ସମୂହ । ବଂ. ହସ୍ତିସମ୍ବନ୍ଧୀୟ ।

ହାସ୍ୟ,ବ. (ହସ୍-ଯ)ହାସ; କାବ୍ୟରସବିଶେଷ । ବଂ. ପରିହାସମୀୟ, ଉପହାସଯୋଗ୍ୟ ।

ହାହା, ବ. (ହା = ବିଷାଦ-ହା = ପାଇବା-କ୍ୱିପ୍) ଗନ୍ଧର୍ବବିଶେଷ । ଅଂ. ଦୁଃଖ, ଶୋକ, ବିସ୍ମୟ ଓ ସମ୍ଭ୍ରମସୂଚକ ।

ହିଁ, ଅଂ. (ହି ଶବ୍ଦଜ) ନିଶ୍ଚୟାର୍ଥ; ମଧ୍ୟ, ସୁଦ୍ଧା । ଯଥା—

କରିତ ବରିହା ଅଙ୍ଗ ପ୍ରାଣ ନେବା କଥାହିଁ
ଏହାକୁ କେତେ କ । ର କ.

କେବଳାର୍ଥ । ଯଥା—

ତ୍ରିଭୁବନରେ ଏକହିଁ ବୀର । ବି. ଗି.

ସମ୍ଭାବନାର୍ଥ । ଯଥା—ହେଲେହେଁ ହୋଇ-ପାରେ ।

ହିଁସ, ବ. (ଦେଶଜ) ଲାଙ୍ଗଳଦଣ୍ଡ ।

ହିଁହିଁ, ଅଂ. (ହ୍ରୀହ୍ରୀ ଶବ୍ଦଜ) ହାସ୍ୟ; ଅନୁକରଣ ଶବ୍ଦବିଶେଷ ।

ହି, ଅଂ. ସଂ. ହେତୁ; ନିଶ୍ଚୟ; ଅବଧାରଣ; ପ୍ରଶ୍ନ; ସମ୍ଭ୍ରମ; ଅସୂୟା; ପାଦପୂରଣ; ବ୍ୟଗ୍ରତା; ଶୋକ ।

ହିଆ, ହିୟା, ବ. (ହୃଦୟ = ପ୍ରାକୃତ ହିଆ ଶବ୍ଦଜ) ହୃଦୟ । ଯଥା—

ତେବେ ସେ ମୋହର ହିଆ ହୋଇବ ଶୀତଳ । ବେ.ସଂ.

ହିଆଳ, ବ. (ହୃଦୟାଳୁ ଶବ୍ଦଜ) ସନ୍ତୋଷ-କାରକ ପ୍ରିୟ ପଦାର୍ଥ । ଯଥା—

ଶାଲୁ ବୋଇଲା ଅମ୍ବିକା କନ୍ୟା ନାମେ ତାଲୀ,
ସେହି କନ୍ୟା ମୋହର ଯେ ମନର ହିଆଳ । ସା ଭ ଆ.

(ପ୍ରହେଳିକା ଶବ୍ଦଜ) ଗୂଢ଼ାର୍ଥ ପ୍ରଶ୍ନ ।

ହିଂସକ, ବଂ. (ହିନସ୍ = ବଧକରିବା-ଅକ) ହିଂସାକାରକ । ବ. ହିଂସ୍ରଜନ୍ତୁ, ଶତ୍ରୁ; ଅଥର୍ବବେଦବେତ୍ତା ବ୍ରାହ୍ମଣ ।

ହିଂସା, ହିଂସନ, } ବ. ( ହିନସ୍—ବଧକରିବା-ଅ-ସ୍ତ୍ରୀ ଆ, ଅନ ) ହତ୍ୟା, ବଧ; ଅପକାର; ଦ୍ୱେଷ; ଈର୍ଷା । (ବିଶେଷଣରେ ହିଂସାଳୁ ଓ ହିଂସିତ ହୁଏ ।)

ହିଂସ୍ର, ହିଂସ୍ରକ, } ବଂ. (ହିନସ୍ = ବଧକରିବା-ର, କ ଯୋଗ) ହିଂସାଶୀଳ, ଘାତୁକ; ଅପକାରକ । ବ. ହିଂସାକାରକ ଜନ୍ତୁ ।

ହିକମତ, ବ. (ଦେଶଜ) ପଟୁତା, ଶିଳ୍ପକଳା (Art) ।

ହିକା, ହିକୁଆ, } ବ. (ହିକ୍‌କା ଶବ୍ଦଜ) ରୋଗବିଶେଷ ଅର୍ଥାତ୍ ପବନ ହୃଦୟ ଓ ନାଭି-ମୂଳରୁ ଉପରକୁ ଉଠିବା । ଯଥା—

କାଶ ଶ୍ୱାସ ହିକୁଆ ଯେ ଅଜୀର୍ଣ୍ଣ ଧୁଗାଡ଼ି,
ପେଟବଥା ଜ୍ୱାଳା ଉଦ୍ର ମୁଣ୍ଡବଥା ବ୍ୟାଧି । ନୃ.ପୁ.ପ.ତ

ହିକ୍କା, ବି. ସ୍ତ୍ରୀ. (ହିକ୍କ = ଶବ୍ଦକରିବା-ଅ-ଆ) ରୋଗବିଶେଷ ।

ହିଙ୍ଗଳ, ବି. (ହିଙ୍ଗୁଳ ଶବ୍ଦର ଅପଭ୍ରଂଶ) ହିଙ୍ଗୁଳ ।

ହିଙ୍ଗଳରଙ୍ଗ, ବି. (ହିଙ୍ଗୁଳ-ରଙ୍ଗ ଶବ୍ଦର ଅପଭ୍ରଂଶ) ଏକପ୍ରକାର ବର୍ଣ୍ଣିକ, ଗଞ୍ଜାପା ସାରର ବଗତ ରଙ୍ଗ ।

ହିଙ୍ଗଳଶିଳ, ବି. (ହିଙ୍ଗୁଳ-ଶିଳା ଉଭୟ ଶବ୍ଦରୁ ଜାତ) ଚିତ୍ରକାରମାନେ ଯେଉଁ ଶିଳାରେ ହିଙ୍ଗୁଳ ବାଟନ୍ତି ।

ହିଙ୍ଗୁ, ବି. ସଂ. ସୁଗନ୍ଧ ନିର୍ଯ୍ୟାସବିଶେଷ ।

ହିଙ୍ଗୁଳା, ବି. ସ୍ତ୍ରୀ. (ହିଙ୍ଗୁଳାକ୍ଷୀ ଶବ୍ଦଜ) ଦେବୀବିଶେଷ ।

ହିଙ୍ଗୁଳାଇବା, କ୍ରି. (ଦେଶଜ ପ୍ରାୟ) ଚିତ୍ର-କରିବା । ଯଥା—

କେ ଯନ୍ତ୍ରା ଢଥାଇ    କେହି ହିଙ୍ଗୁଳାଇ
କେ ବନ୍ଧାଇ ଆନ କୋପକୁ । ଲ. ବ.

ହିଙ୍ଗୁଳି, ହିଙ୍ଗୁଳୀ, ବିଂ. (ହିଙ୍ଗୁଳଶବ୍ଦଜ) ହିଙ୍ଗୁଳଯୁକ୍ତ । ଯଥା—

ହିଙ୍ଗୁଳୀ କପର୍ଦ୍ଦ ଖାଳ କରକର
ରଙ୍ଗାଳାବା ଜୂଟେ ଦେଖାଇ । କୋ ବ୍ର. ସ୍ୱ.

ହିଙ୍ଗୁଳିବା, କ୍ରି. ହିଙ୍ଗୁଳରେ ଚିତ୍ର କରିବା । ଯଥା—

ପଞ୍ଚେଷୁଖଡ଼ଗ ଫଳ ହିଙ୍ଗୁଳିଲା ପ୍ରାୟ ଗଣ୍ଡେ ପାନରସ । ର. ପ.

ହିଜଡ଼, ବି. (ଦେଶଜ) ନପୁଂସକ ।

ହିଜଡ଼ା, ହେଜଡ଼ା, ବିଂ. (ଦେଶଜ, ହ୍ରୀ = ଲଜ୍ଜା-ଛାକୁ ଯେ ଛାଡ଼ିଥାଏ ସେ ହ୍ରୀଛଡ଼ା, ହିଜଡ଼ା, ହେଜଡ଼ା) ନିର୍ଲ୍ଲଜ୍ଜ ।

ହିଜ୍ଜଳ, ବି. (ହିଜ୍ଜଳ ଶବ୍ଦଜ) ଜଳନିକଟସ୍ଥ ବୃକ୍ଷବିଶେଷ ।

ହିଡ଼, ବି. (ଦେଶଜ) ବିଲର ଛୋଟ ଛୋଟ ମାଟିବନ୍ଧ, ପୁଷ୍କରଣୀର ଚତୁଃପାର୍ଶ୍ୱସ୍ଥ ବନ୍ଧ ।

ହିଡ଼ମିଚ୍ଛ, ହିଡ଼ମୋଚ୍ଛ, ବି. ସ୍ତ୍ରୀ. (ହୀଳମୋଚୀ ଶବ୍ଦଜ) ଔଷଧିବିଶେଷ ।

ହିଡ଼ହିଡ଼ା, ବିଂ. (ଦେଶଜ) ରଙ୍କ, ମାଗିଖିଆ ।

ହିଣ୍ଡନ, ବି. (ହିନ୍ଡ୍ = ଗମନକରିବା-ଅନ) ଭ୍ରମଣ; ବିଲେଖନ; ଲେଖନ; ରମଣ ।

ହିଣ୍ଡିର, ହିଣ୍ଡୀର, ବି. (ହିଣ୍ଡ୍ = ଘୃଣାକରିବା, ଗମନ କରିବା-ଇର, ଈର) ସମୁଦ୍ରଫେନ; ସମୁଦ୍ରାଦିର ଫେନ; ଅସ୍ଥିବିଶେଷ; ବାଇଗଣଫଳ; ପୁରୁଷ ।

ହିତ, ବିଂ. (ଧା = ପୋଷଣକରିବା-ତ, ଧା = ହି) ଯୋଗ୍ୟ ବା ଉପଯୁକ୍ତ; ପଥ୍ୟ; ଉପକାରକ; ପ୍ରିୟ; ଗତ; ଅନୁକୂଳ; ବ୍ୟବହାର୍ଯ୍ୟ; ଧୃତ । ବି. ଇଷ୍ଟସାଧନ; ମଙ୍ଗଳ; ଗମନ ।

ହିତୈଷୀ, ହିତୈଷିନ୍, ବିଂ. (ହିତ-ଇଷ୍ = ଇଚ୍ଛାକରିବା-ଇନ୍) ହିତାଭିଳାଷୀ ।

ହିନସ୍ତା, ବି. (ହୀନାବସ୍ଥା ଶବ୍ଦଜ) ହଟହଟା । ଯଥା—

କଳହିଣ ବଧୂ ଶାଶୁ ଲଭିବେ ହିନସ୍ତା । ବେ. ପ.

ଦୁରବସ୍ଥା ।

ହିନ୍ତାଳ, ହୀନ୍ତାଳ, ବି. (ହୀନ = ଅଧମ-ତାଳ, ନିପାତନ) ହେନ୍ତାଳ ଗଛ ।

ହିନ୍ଦୁ, ବି. (ହୀନ ଦୂଷ୍-ହୀନମାନଙ୍କୁ ଯେ ଦୂଷିତ କରେ-ନିପାତନ, ହୀନଂ ଚ ଦୂଷୟତ୍ୟେବ ହିନ୍ଦୁରିତ୍ୟୁଚ୍ୟତେ ପ୍ରିୟେ) ମହାଜାତି-ବିଶେଷ; ଭାରତଜାତି, ଭାରତବର୍ଷୀୟ ସମ୍ପ୍ରଦାୟ ।

ହିନ୍ଦୋଳ, ହିନ୍ଦୋଳୀ, ବି. (ହି = ଅବ୍ୟୟ ଶବ୍ଦ-ଦୁଲ୍-ସ୍ତ୍ରୀ. ଈ, ନିପାତନ, କେହି କେହି ହିନ୍ଦୋଳ ଶବ୍ଦକୁ ସଂସ୍କୃତ ବୋଲି ଏପରି ବ୍ୟୁତ୍ପତ୍ତି ବୁଝାନ୍ତି) ଯାନବିଶେଷ; ଝୁଲଣା (ଯାତ୍ରା); ଦୋଳନ; ଦୋଳା ।

ହିମ, ବି. (ହନ୍ = ବଧକରିବା-ମ, ହନ୍ = ହି) ତୁଷାର, ବରଫ; ଚନ୍ଦନ; କର୍ପୂର; ମୁକ୍ତା; ଶୀତଳତା; ଋତୁବିଶେଷ; ଚନ୍ଦ୍ର; ନବନୀତ । ବିଂ. ଶୀତଳ ।

ହିମକଟିବନ୍ଧ, ବି. ସଂ. ( Arctio Zone ) ଉଦୀଚ୍ୟ ବୃତ୍ତ ଓ ଉଦୀଚ୍ୟେତର ବୃତ୍ତଠାରୁ ଉତ୍ତର ଓ ଦକ୍ଷିଣ ମେରୁ ପର୍ଯ୍ୟନ୍ତ ଦୁଇଭାଗ ।

ହିମକର, ହିମଦ୍ୟୁତି, ହିମାଂଶୁ, } ବି. ( ହିମ = ଶୀତଳ-କର, ଦ୍ୟୁତି, ଅଂଶୁ = କିରଣ, କାନ୍ତି ଯାହାର ) ଚନ୍ଦ୍ର; କର୍ପୂର ।

ହିମରଜଃ, ବି. ସଂ. (ହିମରଜସ୍) କର୍ପୂରଧୂଳି; ଚନ୍ଦନରଜ ।

ହିମଗିରି, ହିମପ୍ରସ୍ଥ, ହିମାଦ୍ରି, ହିମାଳୟ, } ବି. ( ହିମ = ବରଫ-ଗିରି, ପ୍ରସ୍ଥ, ଅଦ୍ରି, ଆଳୟ) ହିମବାନ୍ ପର୍ବତ, ଭାରତବର୍ଷର ଉତ୍ତରସ୍ଥ ପର୍ବତ ।

ହିମବାଲୁକା, ବି. ସ୍ତ୍ରୀ. ସଂ. କର୍ପୂର ।

ହିମାନୀ, ବି. ସ୍ତ୍ରୀ. ସଂ. ହିମସଂହତି, ବରଫ ।

ହିମିକା, ବି. ସ୍ତ୍ରୀ. ସଂ. ଶିଶିର, ହିମକଣା, ତୃଣାଦିରେ ପତିତ ହିମ; କୁଜ୍ଝଟିକା ।

ହିମ୍ମତ, ବି. (ଆରବ୍ୟ ଶବ୍ଦ) ସାହସ; ବୀରତ୍ୱ ।

ହିରଣ, ବି. (ହୃ = ଗ୍ରହଣକରିବା-ଅନ, ଋ = ଇର) ସ୍ୱର୍ଣ୍ଣ; ରେତ; କଉଡ଼ି ।

ହିରଣ୍ମୟ, ବିଂ. (ହିରଣ୍ୟ = ସ୍ୱର୍ଣ୍ଣ-ମୟ, ହିରଣ୍ୟ = ହିରଣ୍) ସ୍ୱର୍ଣ୍ଣବିକାର, ସ୍ୱର୍ଣ୍ଣମୟ । ବି. ବ୍ରହ୍ମା; ନବ ବର୍ଷ ମଧ୍ୟରେ ବର୍ଷବିଶେଷ ।

ହିରଣ୍ୟ, ବି. (ହୃ = ଗ୍ରହଣକରିବା-ଅନ; ଋ = ଇର, ଅଥବା ହର୍ଯ୍ୟତି ଗଚ୍ଛତୀତି ହିରଣ୍ୟଂ-ହର୍ଯ୍ୟ ଗତି କାନ୍ତ୍ୟୋଃ ) ଧନ; ସ୍ୱର୍ଣ୍ଣ; ରୌପ୍ୟ; ରେତ; ବରାଟକ ।

ହିରଣ୍ୟକଶିପୁ, ବି. (ହିରଣ୍ୟ = ସ୍ୱର୍ଣ୍ଣ-କଶିପୁ = ଗ୍ରାସାଚ୍ଛାଦନ) ଦୈତ୍ୟବିଶେଷ, ପ୍ରହ୍ଲାଦଙ୍କ ପିତା ।

ହିରଣ୍ୟଗର୍ଭ, ବି. (ହିରଣ-ଗର୍ଭ = ଉତ୍ପତ୍ତିସ୍ଥାନ) ବ୍ରହ୍ମା; ଶିଳାବିଶେଷ ।

ହିରଣ୍ୟରେତା, ବି. ସଂ. ଅଗ୍ନି; ସୂର୍ଯ୍ୟ; ଶିବ ।

ହିରା, ବି. (ହୀରକ ଶବ୍ଦଜ) ରତ୍ନବିଶେଷ ।

ହିଲ୍ଲୋଳ, ବି. ( ହିଲ୍ଲୋଳ୍ = ଦୋଳନ-ଅ ) ତରଙ୍ଗ, ଢେଉ ।

ହିସାବ, ବି. ( ଯାବନିକ ) ଗଣନା, ଆୟ-ବ୍ୟୟାଦିର ବିବରଣ । ଯଥା—

ମାଗିବ ଯେବେ ସେ ମନ୍ତ୍ରୀର ହିସାବ,
କି ହିସାବ ଦେବ ବେଳୁଁ ତାହା ଭାବ । ଦ. ବା.

ହିସାବନିବିସ, ବି. ( ଯାବନିକ ) ହିସାବ ପରିଷ୍କାରକାରକ ।

ହିସାବୀ, ହିସାବି, ବି. (ଯାବନିକ) ଯେ ଆୟ-ବ୍ୟୟାଦିର ଗଣନା କରେ, ଗୁମାସ୍ତା ।

ହିସ୍ୟା, ବି. (ଆରବ୍ୟ ଶବ୍ଦ) ଅଂଶ, ଭାଗ ।

ହିସ୍ୟାଦାର, ବି. (ଆରବ୍ୟ ଶବ୍ଦ) ଅଂଶୀଦାର ।

ହିହି, ଅ. ସଂ. ଆହ୍ଲାଦସୂଚକ ଶବ୍ଦ; ହାସ୍ୟ ଶବ୍ଦ । ବି. ଗନ୍ଧର୍ବବିଶେଷ ।

ହୀ, ଅ. ସଂ. ହାସ୍ୟଶବ୍ଦ; ବିସ୍ମୟ; ଶୋକ; ବିଷାଦ, ଦୁଃଖ ।

ହୀନ, ବିଂ. (ହା = ତ୍ୟାଗକରିବା-ତ)ପରିତ୍ୟକ୍ତ; ରହିତ; ଊନ; ନିନ୍ଦନୀୟ; ଅଧମ; ଶୂନ୍ୟ ।

ହୀୟମାନ, ବିଂ. (ହା = ତ୍ୟାଗକରିବା-ମାନ, ଯ ଆଗମ) ଯାହା ହୀନ ହୋଇଅଛି; ଯାହା ହ୍ରାସ ପାଇଅଛି ।

ହୀର, ବି. (ହୃ = ଗ୍ରହଣକରିବା-ଅ, ଋ = ଈର) ଶିବ, ଇନ୍ଦ୍ରଙ୍କ ବଜ୍ର; ସର୍ପ; ହାର; ସିଂହ; ହୀରକରତ୍ନ ।

ହୀରକ, ବି. (ହୀର-କ ସ୍ୱାର୍ଥେ) ରତ୍ନବିଶେଷ, ହୀରା ।

ହୀରା, ବି. ସ୍ତ୍ରୀ. (ହୀର-ଆ) ଲକ୍ଷ୍ମୀ; ମତ୍ସ୍ୟବିଶେଷ; ପିପୀଲିକା । (ହୀରକ ଶବ୍ଦଜ) ରତ୍ନବିଶେଷ ।

ହୀହୀ, ଅ. ସଂ. (ଦ୍ୱିରୁକ୍ତି) ଆହ୍ଲାଦସୂଚକ ଶବ୍ଦ; ହାସ୍ୟଧ୍ୱନି ।

ହୁଁ, ଅ. (ହୁମ୍ ଏବଂ ହୂମ୍ ଶବ୍ଦଜ) ସ୍ୱୀକାର-ବୋଧକ ଶବ୍ଦ; କ୍ରୋଧାର୍ଥ; ଅନୁକରଣ ଶବ୍ଦବିଶେଷ । ଯଥା—

ତର୍ଜି ଗର୍ଜି କଲେ ହୁଁ ହୁଁ ହୁଁ ରଡ଼ି । ବୈ. ବି.

ପଞ୍ଚମୀବିଭକ୍ତ୍ୟର୍ଥ; ନିଷେଧାର୍ଥ; ପ୍ରଶ୍ନାର୍ଥ; ବିତର୍କ; ସ୍ମରଣ ।

ହୁଆହୁଆ, ବି. (ଦେଶଜ) କୋଳାହଳ । ବିଂ. କୋଳାହଳଯୁକ୍ତ । ଯଥା—

ସୂର୍ଯ୍ୟମଣ୍ଡଳକୁ ଗ୍ରହିଁଣ ବଳୁଆ,
ବୋବାଇଲେ ଆଣ୍ଠେ ହୋଇ ହୁଆ ହୁଆ । କୃ.ଭି.ବ.ପ.

ହୁକା, ବି. ( ଦେଶଜ ) ଯହିଁରେ ତମାଖୁ ଖାଆନ୍ତି ।

ହୁକାନ, କ୍ରି. ବିଂ. (ଦେଶଜ) ହଠାତ୍; ଶୀଘ୍ର ।

ହୁକୁମ, ବି. (ଯାବନିକ) ଆଜ୍ଞା, ଆଦେଶ ।

ହୁକେହୁକେ, କ୍ରି. ବିଂ.(ଦେଶଜ) କଷ୍ଟଦ୍ୟୋତକ ଅନୁକରଣ ଶବ୍ଦବିଶେଷ । ଯଥା—

ରଣକନରେ ବଧ କାମୁଣ୍ଡ,
ହୁକେ ହୁକେ ବୋଲି ପକାଉ ରଣ୍ଡ । ଦ. ସା.

ହୁଗୁଳା, ବିଂ. (ଦେଶଜ) ଶିଥିଳ ।

ହୁଗୁଳାଇବା, କ୍ରି. ( ଦେଶଜ ) ଭିଡ଼ ବନ୍ଧନ ଶିଥିଳ କରିବା; କଂଚତ୍ ଊଣା କରିବା ।

ହୁଗୁଳିବା, କ୍ରି. ( ଦେଶଜ ) ଶିଥିଳ ହେବା । ଯଥା—

ଜୀବମାନେ ଭ୍ରମିଣ ପଡ଼ିଲେ ଭେଲାଭେଲା,
ଅସ୍ଥିବନ୍ଧୁଁ ହୁଗୁଳି ପଡ଼ିଲେ ଅସ୍ଥିଜଳା । ନୃ.ସୁ.ଚୂ.ତ.

ହୁଙ୍କା, ବି. (ଦେଶଜ) ଉଇ ଢିଳା ।

ହୁଙ୍କାର,ହୁଙ୍କୃତ, ହୁଙ୍କୃତି, ବି. (ହୁମ୍=ଅନୁକରଣ ଶବ୍ଦ-କୃ-ଅ, ତ, ତି) ହୁମ୍‌କରିବା; ବନ୍ୟ ବରାହାଦିର ଧ୍ୱନି; ଗର୍ଜନ । ବିଂ. ଗର୍ଜିତ ।

ହୁଜୁର, ବି. (ଯାବନିକ) ପ୍ରଭୁ ।

ହୁଞ୍ଚୁଡ଼ା, ବି. ( ଦେଶଜ ) ବଳାତ୍କାରେ ଝିଙ୍କି ଛଡ଼ାଇ ନେବା ।

ହୁଞ୍ଚୁଡ଼ିବା, କ୍ରି. ବଳେ ଅନ୍ୟଠାରୁ ଓଟାରି ନେବା । ଯଥା—

ହୁଞ୍ଚୁଡ଼ି ସେ ଶକ୍ତି ଖିର ନେଲା ବାମ ହାତେ । ବେ.ଫ.

ହୁଡ଼, ବି. (ଦେଶଜ) ପଣ । ଯଥା—

କାଲ ସ୍ୱୟମ୍ବରେ ଅବହେଳେ କଲା ପ୍ରାଣକୁ ହୁଡ଼ ।
ଉଷା ।

ଭ୍ରମ । ଯଥା—

କାହୁଡ଼େ ହୁଡ଼େ ସେ ପଥରେ ମନ୍ଥରେ
ମନ ପାଲଟ କରିନେଲା । ବୈ. ବି.

ଦୋଷ; ଅପରିଶୁଦ୍ଧତା ।

ହୁଡ଼କା, ହୁଡ଼ୁକା, } ବି. (ହୁଡ଼ୁକ୍ ଶବ୍ଦଜ) ଅର୍ଗଳ ଦଣ୍ଡ ଅର୍ଥାତ୍ ଦ୍ୱାର ବନ୍ଦ କରିବା କାଷ୍ଠ ଖଣ୍ଡ; ଯୋଡ଼ିବା ଖିଲ; ପତିସଂସର୍ଗ-ତ୍ୟାଗିନୀ ସ୍ତ୍ରୀ ।

ହୁଡ଼ା, ବି. (ଦେଶଜ) ପୁଷ୍କରିଣୀ ପ୍ରଭୃତିର ଚତୁଃପାର୍ଶ୍ୱରେ ଥିବା ମାଟିବନ୍ଧ । ଯେପରି— ବଳହୁଡ଼ା, ପୋଖରୀହୁଡ଼ା । ମୃତପିଣ୍ଡ; ଭର୍ତ୍ସନା ବା ଗାଳି । (ଗଡ଼ଜାତରେ) ଟେକା ବା ଲୋଷ୍ଟ୍ର ।

ହୁଡ଼ାହୁଡ଼, ବି. ( ଦେଶଜ ) ବୋଲ୍‌ବୋଲି, ଠେଲ୍‌ଠେଲି, ମରାମରି, ଗାଳି କରାକରି ।

ହୁଡ଼ି, ବି. (ଦେଶଜ) କୋଳାହଳ । ଯଥା—

ମୁଦ୍ଗରେ ଚୌଦଗେ ପଡ଼ିଗଲା ହୁଡ଼ି । ନ. କେ.

ହୁଡ଼ିବା, କ୍ରି. (ଦେଶଜ) ଭ୍ରାନ୍ତହେବା । ଯଥା—

ଚମ୍ପା ଙ୍କାନେ ଅଳ ଜଡ଼ିଛୁ କ ହୁଡ଼ି । ନ. କେ.

ବିସ୍ମରିବା; ଭର୍ତ୍ସନା ବା ଗାଳିଦେବା ।

ହୁଡ଼ୁକ, ବି. ( ହୁଡ଼ୁକ୍=ଅନୁକରଣ ଶବ୍ଦ-କୈ=ଶବ୍ଦକରିବା-ଅ ) ବାଦ୍ୟବିଶେଷ; ଦାତ୍ୟୂହପକ୍ଷୀ; ମତ୍ତବ୍ୟକ୍ତି; ହୁଡ଼ୁକା ବା ଅର୍ଗଳ ।

ହୁଡ଼ୁମ, ହୁଡ଼ୁମ୍ବ, ବି. (ଦେଶଜ) ଭ୍ରଷ୍ଟଚିପିଟକ, ଚୂଡ଼ାଭଜା; ମୁଢ଼ି ।

ହୁଣ୍ଡା, ବି. (ଦେଶଜ) ନିର୍ବୋଧ, ମୂର୍ଖ । ଯଥା—

ଅଳସୀ ମାରଇ ଫାଲୁଆ ଗୁଣ୍ଡା,
ଗୃହି ରହିଥାଏ ଗେରସ୍ତ ହୁଣ୍ଡା । ହା. ଚ.

ହୁଣାର, ବି. (ଦେଶଜ) ଗର୍ଦ୍ଧିଆବାଘ ।

ହୁଣ୍ଡି, ହୁଣ୍ଡୀ, ବି. ( ଦେଶଜ ) ଅର୍ଥସମ୍ବନ୍ଧୀୟ ଚିଠି; କବାଚ; ଆକଟ । ବିଂ. ସମସ୍ତଙ୍କର ବା ଅନେକଙ୍କର ଯାହା ଏକତ୍ରିତ ଥାଏ ।

ହୁତ୍‌କରିବା, କ୍ରି. (ଦେଶଜ) ଘଉଡ଼ିବା ।

ହୁତ, ବିଂ. (ହୁ=ହୋମକରିବା-ତ) ମନ୍ତ୍ରୋ-ଚାରଣପୂର୍ବକ ଅଗ୍ନିନିକ୍ଷିପ୍ତ ଘୃତାଦି; ତର୍ପିତ । ବି. ହୋମ, ହୋମାଗ୍ନି ।

ହୁତଭୁକ୍, ହୁତବହ, ହୁତାଶ, ହୁତାଶନ, } ବି. (ହୁତ-ଭୁଜ୍-କ୍ୱିପ୍, ବହ୍-ଅ, ଅଶ୍-ଅ, ଅନ) ଅଗ୍ନି; ହୋମର ଘୃତାଦି ଭକ୍ଷକ ।

ହୁତାଷ, ବି. (ଦେଶଜ) ଭୟ, ଦୁଶ୍ଚିନ୍ତା ।
ହୁତି, ବି. (ହୁ=ହୋମକରିବା-ତି) ହୋମ ।
ହୁଡା, ହୋଦା, ବି. ( ଦେଶଜ ) ଅଧିକାର, ଆଧିପତ୍ୟ । ଯଥା—
ସ୍ୱେ ଦେବ ଚତୁର୍ଭୁଜେ ଶଙ୍ଖ ଚକ୍ର ଗଦା,
ସୁଦର୍ଶନ ଚକ୍ର ପରେ କାର ନାହିଁ ହୁଦା । ନୃ.ପୂ.ସ.ଚ.
ହୁନ୍ଦର, ବି. ( ଦେଶଜ ) ମାୟା ବା କୁହକ । ଯଥା—
କାହିଁ ସେ ହୁନ୍ଦର ଯେ ହୁନ୍ଦର ବଳେ
ସ୍ୱରୂପ ହେବ ରମଣୀ । ଯ. କେ.
ହୁପା, ବି. (ଦେଶଜ) ତରଙ୍ଗ ।
ହୁବୁକା, ବି. (ଦେଶଜ) ଚମକିବା, ଉପରକୁ ଡେଇଁବା ।
ହୁବୁକିବା, କ୍ରି. ( ଦେଶଜ ) ଚମକିବା ବା ହୁରୁଡ଼ିବା, ଉପରକୁ ଡେଇଁବା ।
ହୁମ୍, ଅଂ. ଫ. ସ୍ୱୀକାର; ନିଷେଧ; ସ୍ମରଣ; ସଂଶୟ; ଅସୂୟା; ପ୍ରଶ୍ନ; ବିତର୍କ; ଗାନଧ୍ୱନି ।
ହୁମ, ବି. (ହୋମ ଶବ୍ଦଜ) ହୋମ ।
ହୁମ୍କି, ହୁମକି, ବି. ( ଦେଶଜପ୍ରାୟ ) ଭୟପ୍ରଦର୍ଶନ ।
ହୁମ୍ମା, ବିଂ. (ଦେଶଜ) ଯେ ସମସ୍ତଙ୍କୁ ଠେଲି କହେ; ଯାହାଠାରେ ଶିଷ୍ଟାଚାର ଓ ଭଦ୍ରତା ନାହିଁ ।
ହୁରଜୁର, ବି. ( ଦେଶଜ ) ମାଡ଼ପିଟି ଜୁରିନେବା । ଯଥା—
ନିର୍ଦ୍ଦୟ ରୂପ ଧରି ଆସଇ ଭଙ୍ଗି ସ୍ୱର,
ବାରଣ କେହି ନ କରେ କରେ ହୁରଜୁର । ନୃ.ପୂ.ଦ୍ୱି.ଚ
ହୁରି, ବି. (ଦେଶଜ) ଡାକ । ଯଥା—
ତେଣୁ ଆଜ୍ଞେ ସିନା ପକାଉଛୁ ହୁରି । ଦ. ବା.
ଗୋଳମାଳ; ଅପବାଦ । ଯଥା—
ଉଗ୍ର ହୋଇ ଉଡ଼ିଯିବ ଆସୁରି ହୁରି । ବି.ଚି.ମ.
ହୁରିଆ, ବି. ( ଦେଶଜ ) ରଜାଙ୍କ ଆବାସରେ ନିଯୁକ୍ତ ପାଇକ । ଯଥା—
ଅଇଁଠା ପତ୍ର ମାଇଲେ ହୁରିଆଏ ବେଢ଼ି,
କୁହାଟ ଦେଇକରି ଦେଲେ ବାହାର କରି । ସା.ଭା.ସ.
ବିଂ. ହୁରିକାରକ, ଯେ ଉଚ୍ଚରେ ଅଧିକ ଡାକିପାରେ ।
ହୁରିଜୁରି, ବି. ( ଦେଶଜ ) ମାଡ଼ପିଟି ଜୁରିନେବା । ଯଥା—
ରାଜ୍ୟରେ ଧ୍ୱଂସି ଏହାର କଲୁ ହୁରିଜୁରି । ସା. ଭା. ସ.
ହୁରୁଡ଼ା, ବି. ( ଦେଶଜ ) ଚମକା; ଗାଈ ମଇଁଷି ପ୍ରଭୃତି ଚମକିବା, ପଶୁଜାତିକୁ ଚମକଦେବା; ଭୟ ଦେଖାଇବା ।
ହୁରୁଡ଼ାଇବା, କ୍ରି. (ଦେଶଜ) ଭୟ ଦେଖାଇ ଘଉଡ଼ିବା । ଯଥା—ଚଷାମାନେ ଧାନ୍ୟକ୍ଷେତ୍ରରୁ ପଶୁପକ୍ଷୀ ପ୍ରଭୃତିଙ୍କୁ ହୁରୁଡ଼ାଉଥାନ୍ତି ।
ହୁରୁଡ଼ିବା, କ୍ରି. ( ଦେଶଜ ) ଗାଈ ମଇଁଷି ପ୍ରଭୃତି ଚମକି ଧାଇଁବା ।
ହୁରୁମାସ, } ବି. (ଦେଶଜ) କାର୍ଯ୍ୟ-
ହୁରୁମାସଫରମାସ, } କରଣାର୍ଥ ଆଦେଶ; ଫରମାସିବା ।
ହୁଳ, ବି. ( ଦେଶଜ ) ସୂକ୍ଷ୍ମାଗ୍ରଭାଗ; ଧନୁର ପୃଷ୍ଠଭାଗର ଅଗ୍ରଭାଗ । ଯଥା—
ବିକଳିତ ପୃଥିବୀ ଭାଲେ,
ବସୁଁ ହୁଳ ପାଦ ଅଗ୍ରେ ପଡ଼ିବ ତଳେ । ବୈ. ବି.
ଧନୁର ଅଗ୍ରଭାଗ । ଯଥା—
ଯେ ଗାଣ୍ଡୀବଟି ତାହାର ହୁଳଟି,
ମଧ୍ୟରୁ ଅରଜୁନ କାଟିଲେ ଗୁଣଟି । କୃ. ଭା. ବ. ପ.
ହୁଲର, ବି. (ଦେଶଜ) ହୁରି । ଯଥା—ଆଇନ ବ୍ୟବସାୟଠାରୁ ସ୍ୱାଧୀନ ବ୍ୟବସାୟ ଆଉ ନାହିଁ ବୋଲି ଲୋକେ ହୁଲର କରନ୍ତି । ଉ. ସା. ୧୧ । ୨
ହୁଳସ୍ଥୁଳ, ବି. ( ଦେଶଜ ) ଗୋଳଯୋଗ, ଗୋଳମାଳ ।
ହୁଳହୁଳ, ହୁଳହୁଳୀ, ହୁଳୁହୁଳା, ହୁଳାହୁଳୀ, } ବି. ସ୍ତ୍ରୀ. ( ଉଲ୍ଲୁ ଶବ୍ଦଜ ) ଶୁଭକାର୍ଯ୍ୟରେ ସ୍ତ୍ରୀମାନଙ୍କର ଓଷ୍ଠପ୍ରାନ୍ତ ଦ୍ୱୟରେ ଜିହ୍ୱା-ଚାଳନରୁ ଜନିତ ଧ୍ୱନି ।

ହୁଳହୁଳ, } ବି. ସ୍ତ୍ରୀ. ଦେବୀବିଶେଷ ।
ହୁଳହୁଳୀ, } ଯଥା—

ଡାକେଣୀ କ୍ଷେପଣୀ ଗୋ ରଙ୍ଗିଣୀ ହୁଳହୁଳ,
ଏ ସବୁ ଦେବୀଙ୍କି ଯେ ଘେନଣ ତୋର ଭେଳୀ । ସା. ସ୍ତ୍ର. ଆ.

(ଗଡ଼ଜାତରେ) ଶୁଭକାର୍ଯ୍ୟ ।

ହୁଳା, ବି. (ଦେଶଜ) ଜ୍ୱାଳା । ଯଥା—

ଅନଳ ଜିହ୍ୱାର ହୁଳା ବାହାରଇ
ହୃତପ୍ତ ମେଦିନୀ ଅଙ୍ଗେ । ଯ. କେ.

ନିଆଁ ଲଗାଇଥିବା ପାଳଆଦିର ବିଣ୍ଡା ବା ବିଡ଼ା; ଏକପ୍ରକାର ବିଦ୍ରୂଢ଼ । ଯଥା—

ତାହା ଶୁଣି ଲୋକେ ଲଗାଇଣ ହୁଳା,
କୀଚକକୁ ଆସି କଲେ ସେ ସଙ୍ଗୋଳା । କୃ.ଭା.ବି.ପ.

ହୁଳ, ବି. ( ଦେଶଜ ) ନଦୀରେ ଥିବା ଗ୍ଲେଟ ଗ୍ଲେଟ ମତ୍ସ୍ୟବିଶେଷ ।

ହୁଲିଆ, ହୁଲିୟା, ବି. ( ପାର୍ଶି ଶବ୍ଦ ) ପଳାୟିତ ବ୍ୟକ୍ତିର ଅନୁସନ୍ଧାନାର୍ଥ ବିଜ୍ଞାପନ ପ୍ରଚୁର ।

ହୁଳୁ, ହୁଳୁଧ୍ୱନି, ବି. ( ଉଲୁଲୁ ଶବ୍ଦଜ ) ସ୍ତ୍ରୀମାନଙ୍କର ମଙ୍ଗଳଧ୍ୱନି, ହୁଳହୁଳି ।

ହୁଳୁଣା, ବି. (ବାଲେଶ୍ୱର ପ୍ରାନ୍ତରେ) ମଧଭଲ ହାଣ୍ଡି ।

ହୁସିଆର, } ବିଂ. ( ଯାବନିକ ) ସାବଧାନ,
ହୁସିୟାର, } ସତର୍କ; ମନୋଯୋଗୀ; ଚତୁର; ବିଜ୍ଞ । ଯଥା—

ସେ କଠିନ ଝିଙ୍କାଝିଙ୍କିରୁ ନିସ୍ତାର,
ଲଭ ଲଗି ଆଗୁଁ ହୁଅ ହୁସିଆର । ଦ. ବା.

ହୁସିଆରି, } ବି. ( ଯାବନିକ ) ସାବଧାନତା;
ହୁସିୟାରି, } ଚତୁରତା ।

ହୂହୂ, ହୂହୂ, ବି. (ହ୍ୱେ = ଆହ୍ୱାନକରିବା-ଉ, ନିପାତନ) ଗନ୍ଧର୍ବବିଶେଷ । ଅଂ. ଅନୁକରଣ ଶବ୍ଦବିଶେଷ । ଯଥା —

ହୂହୂରବେ ବହେ ପାପ ପ୍ରଳୟ ପବନ । ଆଶା ।

ହୂ, ଅଂ. ସଂ. ଅହ୍ୱାନ; ଅବଜ୍ଞା; ଶୋକ; ଗର୍ବ ।

ହୂଣ, ହୂନ, ବି (ହ୍ୱେ = ଆହ୍ୱାନକରିବା-ନ) ଶକ ଜାତିର ଶାଖାବିଶେଷ; ଭାରତବର୍ଷର ଉତ୍ତର ଦେଶବିଶେଷ ।

ହୂତ, ବିଂ. (ହ୍ୱେ = ଆହ୍ୱାନକରିବା-ତ) ଆହୂତ । ବି. ଆହ୍ୱାନ ।

ହୂତି, ବି. (ହ୍ୱେ-ତି) ଆହ୍ୱାନ, ଆହୂତି ।

ହୂୟମାନ, ବିଂ. (ହ୍ୱେ = ଡାକିବା-ମାନ, ଯ ଆଗମ) ଯାହାକୁ ଆହ୍ୱାନ କରା ହୋଇଅଛି ।

ହୃଣୀୟ, } ବି.(ହୃଣୀ = ଲଜ୍ଜିତହେବା-ଯ-ଆ)
ହୃଣୀୟା, } ସ୍ତ୍ରୀ. ଲଜ୍ଜା; ନିନ୍ଦା ।

ହୃତ୍, ବି. (ହୃ = ହରିବା-କ୍ୱିପ୍) ହୃଦୟ । ବିଂ. ହରଣକାରୀ ।

ହୃତ, ବିଂ. ( ହୃ-ତ ) ଅପହୃତ; ଆନୀତ; ଆକୃଷ୍ଟ; ଛିନ୍ନ ।

ହୃଦ୍, ହୃଦୟ, ବି. (ହୃତ୍ ଦେଖ) (ହୃ-ଅୟ, ଦ୍ ଆଗମ) ବକ୍ଷଃସ୍ଥଳ; ଚିତ୍ତ, ମନ; ଜୀବିତ ।

ହୃଦୟଙ୍ଗମ, ବିଂ. (ହୃଦୟ-ଗମ୍-ଅ, ମ ଆଗମ) ମନୋଗତ; ଉପଯୁକ୍ତ; ମନୋହର ।

ହୃଦୟବାନ୍, ହୃଦୟାଳୁ, } ବିଂ. (ହୃଦୟ-ଅସ୍ତ୍ୟ-
ହୃଦୟିକ, ହୃଦୟୀ, } ର୍ଥରେ ବତ୍, ଆଳୁ, ଇକ ଏବଂ ଇନ୍ ପ୍ରତ୍ୟୟ ଯୋଗ) ପ୍ରଶସ୍ତ-ଚିତ୍ତ; ସଦନ୍ତଃକରଣ, ମନସ୍ୱୀ ।

ହୃଦ୍ୟ, ବିଂ. (ହୃଦ୍-ଯ) ମନୋଗତ; ମନୋହର; ପ୍ରିୟ, ବାଞ୍ଛିତ ।

ହୃଷିକେଶି, ବି. (ହୃଷୀକେଶ ଶବ୍ଦଜ) ଶ୍ରୀକୃଷ୍ଣ ଯଥା—

ଯୁଧିଷ୍ଠିର ବୋଇଲେ ସ୍ୱାମି ହୃଷିକେଶି,
ଶ୍ରୀମାକୁ ଦେଖ ଆମ୍ଭ ଘରେ ବସିଛି ଋଷି । ନୃ.ପୃ.ସ.ଚ.

ହୃଷିତ, ବିଂ. ( ହୃଷ୍ = ହୃଷ୍ଟହେବା-ତ ) ପୁଷ୍ଟ; ପ୍ରୀତ, ହର୍ଷିତ; ପୁଲକିତ; ପ୍ରଣତ; ସଙ୍କୁଚିତ; ବିସ୍ମିତ, ପ୍ରହତ ।

ହୃଷୀକ, ବି. ( ହୃଷ୍ = ଅଳୀକ ବ୍ୟବହାର କରିବା-ଈକ ) ଇନ୍ଦ୍ରିୟ; ଜ୍ଞାନେନ୍ଦ୍ରିୟ ।

ହୃଷୀକେଶ, ବି. ( ହୃଷୀକ = ଇନ୍ଦ୍ରିୟ-ଈଶ = ଈଶ୍ୱର ) ବିଷ୍ଣୁ ।

ହୃଷ୍ଟ, ବିଂ. (ହୃଷ୍ = ହୃଷ୍ଟହେବା-ତ) ଆନନ୍ଦିତ; ପ୍ରୀତ ବା ସନ୍ତୁଷ୍ଟ; ପୁଲକିତ । (ବିଶେଷ୍ୟରେ ହୃଷ୍ଟି ହୁଏ ।)

ହେଁ, ଅଂ. (ଦେଶଜ) ସମୂହସୂଚକାର୍ଥ । ଯଥା—
ଏ ଛନହେଁ ହରନ୍ତ ଚନ୍ଦ୍ର ଧରନ୍ତ । ପ୍ରେ. ସୁ. ନ.
ମଧ୍ୟ, ସୁଦ୍ଧା । ଯଥା—
କେତେବେଳେହେଁ କଳା ଧଳା ନୁହଇ । ର. କ.
ପରିମାଣବୋଧକ । ଯଥା—
କୃଷ୍ଣ ବୋଇଲେ କପି ଏତେହେଁ ଗର୍ବ କାଲେ ।
ନୃ. ପୁ. ସ. ଚ.
ନିଶ୍ଚୟାର୍ଥ; ପାଦପୂରଣାର୍ଥ ।

ହେ, ଅଂ. ସଂ. ସମ୍ବୋଧନ, ଆହ୍ୱାନ; ଅସୂୟା ।

ହେଁସ, ବି. ( ଦେଶଜ ) ମସିଣା; ତୃଣାସନ-ବିଶେଷ ।

ହେଇଟି, ହେଟି, ହେଇତି, } ଅଂ. (ଦେଶଜ) ସମ୍ମୁଖସ୍ଥ ପଦାର୍ଥ ବା ବ୍ୟକ୍ତିକୁ ନିର୍ଦ୍ଦିଷ୍ଟକରି ଦେଖାଇବା । ଯଥା—
ହେଇଟି ଦେଖ, ହେଟି ମା କେ ଟି କୁଞ୍ଜକୁଟୀରେ !
ସଙ୍ଗୀତ ।

ହେଉ, ଅଂ. (ଦେଶଜ) ସ୍ୱୀକାର ।

ହେଉଚେବେ, ଅଂ. ( ଦେଶଜ ) ସ୍ୱୀକାର; ଅବଧାରଣ ।

ହେଙ୍କା, ବି. (ହିକ୍କା ଶବ୍ଦଜ) ହିକ୍କା ।

ହେଙ୍ଗଲା, ବି. (ଦେଶଜ) ମୂର୍ଖ ।

ହେଙ୍ଗୁ, ବି. (ହିଙ୍ଗୁ ଶବ୍ଦଜ) ହିଙ୍ଗୁ ।

ହେଙ୍ଗୁଳ, ବି. (ହିଙ୍ଗୁଳ ଶବ୍ଦଜ) ହିଙ୍ଗୁଳ ।

ହେଜ,ହେଜା, ବି. (ଦେଶଜ) ସ୍ମରଣ । ଯଥା—
ରହିଥାଇ ମୋର ସଙ୍କେତବେଳକୁ
ଗୁଣମଣିର କି ହେଜ । ର. ପ.
ଅନୁମାନ; ତର୍କ; ଅନ୍ଦାଜ ।

ହେଜଡ଼ା, ବିଂ. (ଦେଶଜ) ମାଗିଖିଆ, ରଙ୍କ ।

ହେଜାକୁକହିବା, ହେଜାରେକହିବା, } କ୍ରି. ( ଦେଶଜ ) ଅନ୍ଦାଜରେ କହିବା; ଆନୁମାନିକ କହିବା ।

ହେଜିବା, କ୍ରି. ( ଦେଶଜ ) ସ୍ମରଣକରିବା; ଭାବିବା; ଅନୁମାନକରିବା; ତର୍କିବା ।

ହେଙ୍ଗୋଡ଼ା, ବିଂ. (ଦେଶଜ) ଚଗଲା ।

ହେଟ, ହେଠ, ବି. (ଅଧଃ=ପ୍ରାକୃତ ହେଟ୍ଠ ଶବ୍ଦଜ) ତଳଭାଗ, ନିମ୍ନଭାଗ । ବିଂ. ନମ୍ର । ଯଥା—
ହେଟ କଲେ ବଦନଚନ୍ଦ୍ରକୁ କୃଶକଟୀ । ବ.ଚ.ମ.

ହେଟା, ବି. (ଦେଶଜ) ଗଧିଆବାଘ ।

ହେଟାଇବା, ହେଠାଇବା, } କ୍ରି. (ଦେଶଜ) ନମ୍ର କରିବା, ତଳକୁ ନୁଆଁଇବା । ଯଥା—
ମନ ଚଇତନ୍ୟକୁ ଏକ କଲ ସଞ୍ଚା,
ପବନ ହେଠାଇଣ ଏକତ୍ର କଲ ବାଞ୍ଛା । ସା. ସ୍ୱ. ଆ.

ହେଟାଗୁଡ଼, ବି. (ଦେଶଜ) ଦୁଇଗୋଡ଼ ଓ ଡାହାଣହାତଦ୍ୱାରା ହାମୁଡ଼େଇ ରଖିବା କିମ୍ବା ରହିବା ।

ହେଡ଼କ, ବି. (ଦେଶଜ) କ୍ରୋଧ ।

ହେଡ଼ା ବି. (ହଡ୍ଡ ଶବ୍ଦଜ) ହାଡ଼ଯୁକ୍ତ ମାଂସ; ପଶୁମାଂସ; ନିକୃଷ୍ଟ ମାଂସ ।

ହେଣ୍ଟେଇବା, କ୍ରି. ( ଦେଶଜ ) ଅଣ୍ଟାଇବା; ସାହାଯ୍ୟକରିବା ।

ହେଣା,ବିଂ. (ଦେଶଜ) ମୂର୍ଖ । ବି. କଷବାଦ୍ୟ । ଯଥା—
ଖାଇପଡ଼ୁପୁଣି କାହାକୁ ନ ଦେଇ
ଖାଇ ମାରୁଥାଏ ହେଣା । ହା. ଚ.

ହେଣ୍ଡି, ବି. ( ଦେଶଜ ) କଷବାଦ୍ୟ; ବାହୁ-ସ୍ଫୋଟ । ( ଗୁଗଣ୍ଡି ଶବ୍ଦ ଦେଖ । )

ହେତା, ବି. (ଦେଶଜ) ମୂଳଆକୁ ଦେବା ଜମି; ପ୍ରଶସ୍ତ ଜମି ।

ହେତି, ବି. ସ୍ତ୍ରୀ. ( ହନ୍=ବଧକରିବା-ତି, ନିପାତନ ) ଅସ୍ତ୍ର; ଶସ୍ତ୍ର; ସୂର୍ଯ୍ୟକିରଣ; ଅଗ୍ନିଶିଖା । ଯଥା—
ନିର୍ବିଘ୍ନେ ଉପବର୍ହି ହେତିନିକରେ ସନ୍ତପ୍ତ ସଦ୍ରାବତ ।
ଜା. ପ. ନା.

ହେତୁ, ବି. (ହି=ଗମନକରିବା-ତୁନ୍) କାରଣ, ପ୍ରୟୋଜନ; ମୂଳ; ବୀଜ । ( ଦେଶଜ ) ସ୍ମରଣ; ଜ୍ଞାନ । ଯଥା—
ହେ ବିଭୀଷଣ ମହିମା ଶୁଣ ହେତୁକର । ସା. ସ୍ୱ. ସ.
ଧନ ହେଲେ ପ୍ରାଣିଙ୍କର ହେତୁ ହୁଏ ବଣା । ନୃ.ପୁ.ପ୍ର.ଚ.

ହେତୁହରା, ବିଂ. (ଦେଶଜ) ଉନ୍ମତ୍ତ; ଅଜ୍ଞାନ । ଯଥା—
ହେତୁହରା ହୋଇଣ ସେ ଶୃଙ୍ଗାର ଖେଳେ । ସା.ସ୍ୱ.ଆ.

ହେଥା, ଅଂ. ( ଦେଶଜ ବା ପ୍ରାକୃତ ଏଥୁରୁ ଜାତ ) ଏହିଠାରେ । ଯଥା—
ଗାନ୍ଧାରୀ ବାକ୍ୟ ଶୁଣି କୁନ୍ତୀଭୋଜ ସୁତା,
କହିଲେ ତୁ ବୃଥା କଲି ନ କର ଗୋ ହେଥା ।
କୃ. ସ୍ୱ. ବ୍ର. ପ.

ହେଦେ, କ୍ରି. (ଗଡ଼ଜାତରେ) ଏହ୍ନ ଦେଖ ।

ହେନ୍ତାଳ, ବି. (ହିନ୍ତାଳ ଶବ୍ଦଜ) ବୃକ୍ଷବିଶେଷ ।

ହେପା, ବି. (ଦେଶଜ ବିଶେଷତଃ ଗଞ୍ଜାମରେ ବ୍ୟବହୃତ) ସ୍ମରଣ; ଜ୍ଞାନ ।

ହେପାଜାତ, ବି. (ଯାବନିକ) ଅଧିକାର; ଦଖଲ; ଅଧୀନତା । ଯଥା—ପୋଲିସ ହେପାଜାତରେ ହାବାଜ ରହିଲେ ।

ହେମ, ବି. (ହେମନ୍-ହି=ଗମନ କରିବା-ମନ୍) ସୁନା, ସ୍ୱର୍ଣ୍ଣ; ଧୁସ୍ତୁର କେଶର (ସ୍ୱର୍ଣ୍ଣପର୍ଯ୍ୟାୟଭୁକ୍ତ) । (ହେମନ୍ତ ଶବ୍ଦର ଅପଭ୍ରଂଶ) ଶୀତଋତୁ । ଯଥା—

ହେମକାଳେ ଧନୁରୁ ଉଷ୍ଣୁମ ହୋଏ ଜାତ । ନୃ.ପୁ.ସ.ତ.

କାକର ବା ଶିଶିର । ବିଂ. ଅତି ଥଣ୍ଡା ।

ହେମକୂଟ, ବି. (ହେମ=ସ୍ୱର୍ଣ୍ଣ-କୂଟ=ଶିଖର) କିଂପୁରୁଷବର୍ଷସ୍ଥ ହିମାଳୟର ଉତ୍ତରରେ ସ୍ଥିତ ପର୍ବତବିଶେଷ ।

ହେମତ, ବି. (ଦେଶଜ) ସାହସ; ଧୈର୍ଯ୍ୟ; ପ୍ରଶ୍ରୟ ବା ଉତ୍ସାହ । ଯଥା—ସେମାନେ ପିଲାଙ୍କୁ ହେମତ ଦେଉଅଛନ୍ତି ।

ହେମନ୍ତ, ବି. [ହିନ୍=(ସନ୍ତାପ) ବଧକରିବା-ଅନ୍ତ, ହନ୍=ହି, ମ ଆଗମ] ହିମଋତୁ; ହିମାଳୟ ପର୍ବତ ।

ହେମସ, ବି. (ଦେଶଜ ବିଶେଷତଃ ଗଞ୍ଜାମରେ ବ୍ୟବହୃତ) ମନୋଯୋଗ; ଶ୍ରଦ୍ଧା ।

ହେମାଳ, ବି. (ହିମକାଳ ଶବ୍ଦଜ) ଶୀତଋତୁ । ବିଂ. ଅତିଥଣ୍ଡା ।

ହେମାଳିଆ, } ବିଂ. (ଦେଶଜ) ଆନନ୍ଦରେ
ହେମାଳୟା, } ଉନ୍ମତ୍ତ । ଯଥା—

ହାଟକୁର ବାଟକୁର ପେଣୁକୁର କଲେ,
ପହରେ ପର୍ଯ୍ୟନ୍ତେ ଦେଶ ହେମାଳିଆ ହେଲେ ।
ନୃ. ପୁ. ତୃ. ତ.

ହେୟ, ବିଂ. (ହା=ତ୍ୟାଗ କରିବା-ଯ) ତ୍ୟାଜ୍ୟ; ତୁଚ୍ଛ ।

ହେୟାଳ, ହେଁୟାଳ, ବି. (ଦେଶଜ) ଗୂଢ଼ ବିଷୟ ।

ହେରକେଣ୍ଡିଆ, ବିଂ. (ଗଡ଼ଜାତରେ) ଗଡ଼ନ୍ତ ପଡ଼ନ୍ତ ।

ହେରଣ, } ବି. (ପ୍ରାକୃତ ହେର ଧାତୁଜ)
ହେରଣା, } ଦର୍ଶନ, ଦେଖିବା ।

ହେରମ୍ବ, ବି. (ହେ=ରୁଦ୍ର ସମୀପେ ରମ୍ବତେ ତିଷ୍ଠତୀତି ହେରମ୍ବଃ, ରୁ ଗତୌ, ହେରତେ ବର୍ଦ୍ଧୟତି ଭକ୍ତାନିତି ବା ହେରମ୍ବଃ, ହେର ବୃଦ୍ଧୌ) ଗଣେଶ; ଗର୍ବିତ ବୀର; ମହିଷ ।

ହେରସା, ବିଂ. (ଦେଶଜ) ନିର୍ଲଜ୍ଜ ।

ହେରାପଞ୍ଚମୀ, ବି. (ଦେଶଜ ପ୍ରାୟ) ଗୁଣ୍ଡିଚା-ଯାତ୍ରାର ପଞ୍ଚମ ଦିବସ ।

ହେରିକ, ବି. (ଦେଶଜ) ଦୂତ, ଚର ।

ହେରିକା, ଅଂ. (ଦେଶଜ) ପ୍ରଭୃତି । ଯଥା—କାଲି ଏଠାକୁ ଗୋପାଳ ଗୋବିନ୍ଦ ହେରିକା ଆସିବେ ।

ହେରିବା, କ୍ରି. (ପ୍ରାକୃତ ହେର ଧାତୁଜ) ଦେଖିବା, ଚାହିଁବା । ଯଥା—

ଚକୋର ବନ୍ଧୁ ଛବି ହେର ଉସତ । ରୁ. ସ୍ତ.

ହେଳ, ବି. (ହେଳା ଶବ୍ଦର ଅପଭ୍ରଂଶ) ହେଳା; ଅଶ୍ରଦ୍ଧା । ଯଥା—

ନ କର ମୋ ବିଷୟେ ହେଳ,
ମୋ ହୃଦେ ଜ୍ଞାନଦୀପ ଜାଳ । ଦା. ର.

ହେଳଣା, ବି. (ହେଳନ ଶବ୍ଦଜ) ଅନାଦର, ଅବଜ୍ଞା ।

ହେଳନ, ବି. (ହେଡ଼୍=ଘୃଣା କରିବା-ଅନ, ଡ଼=ଳ) ଅବଜ୍ଞା, ଅନାଦର ।

ହେଳା, ବି. ସ୍ତ୍ରୀ. (ହେଡ଼୍=ଘୃଣା କରିବା-ଅ-ଆ) ଅବଲୀଳା; ଅବହେଳା; ଅବଜ୍ଞା । (ହିଲ୍=ଭଙ୍ଗୀକରିବା-ଅ-ଆ) ଲୀଳା; ସ୍ତ୍ରୀମାନଙ୍କର ଭାବବିଶେଷ ।

ହେଳି, ହେଳୀ, ବି. (ହିଲ୍=ଭଙ୍ଗୀ କରିବା-ଇ, ଇନ୍) ସୂର୍ଯ୍ୟ; ଆଲିଙ୍ଗନ; ହେଳା ।

ହେଳେ, କ୍ରି. ବିଂ. (ହେଳା ଶବ୍ଦଜ) ସହଜରେ; ଅବଲୀଳାକ୍ରମେ ।

ହେଲେ, ଅଂ. (ଦେଶଜ) ମଧ, ତଥାପି । ଯଥା—

କେବେ ହେଲେ ତାଙ୍କୁ ସ୍ମରନ୍ତି ନାହିଁ ସରଗେ । ଉ.ବ.

ହେଲେହେଁ, ଅଂ. (ଦେଶଜ) ହୋଇଥିଲେ ମଧ୍ୟ । ଯଥା—

ତମପଣେ ବର୍ଣ୍ଣୁଅଛୁ ମୁଁ ଗୋବିନ୍ଦ ଚରିତ,
ତଗଡ଼ମାଳ ହେଲେହେଁ ସାକ୍ଷାତେ ଅମୃତ । ବ.ଚ.ମ.

ହେଷା, ବି. ସ୍ତ୍ରୀ. (ହେଷ୍=ଘୋଡ଼ା ଧ୍ୱନି-କରିବା-ଅ-ଆ,) ଅଶ୍ୱଧ୍ୱନି ।

ହେସୁଆତି, } ବି. (ଦେଶଜ) ତୃଣଜାତୀୟ
ହେଁସୁଆତି, } ଜଳଜ ବୃକ୍ଷବିଶେଷ ।

ହେହେ, ଅଂ. ସଂ. (ହେ-ଦ୍ୱିତ୍ୱ) ସମ୍ବୋଧନ-ସୂଚକ ଶବ୍ଦ ।

ହୈ, ଅଂ.(ହ୍ୱେ=ଆହ୍ୱାନ କରିବା-ଐ)ଆହ୍ୱାନ; ସମ୍ବୋଧନ; ନିଷେଧ; ପାଦପୂରଣାର୍ଥ ।

ହୈତୁକ, ବି. (ହେତୁ=କାରଣ-ଇକ) ଯେ ବ୍ୟକ୍ତି ଯୁକ୍ତିପ୍ରଦର୍ଶନ କରି ସତ୍କର୍ମର ଅନୁଷ୍ଠାନରେ ସନ୍ଦିହାନ ହୁଏ । ବିଂ. ହେତୁସମ୍ବନ୍ଧୀୟ ।

ହୈମବତ, ବି. (ହିମବତ୍-ଅ ସମ୍ବନ୍ଧାର୍ଥେ) ଭାରତବର୍ଷ । ବିଂ. ହିମାଳୟସମ୍ବନ୍ଧୀୟ ।

ହୈମବତୀ, ବି. ସ୍ତ୍ରୀ. (ହିମବତ୍=ହିମାଳୟ-ପର୍ବତ-ଅ ଜାତାର୍ଥେ-ଈ) ପାର୍ବତୀ ବା ଦୁର୍ଗା; ଗଙ୍ଗା; ହରିତକୀ; ସ୍ୱର୍ଣ୍ଣକ୍ଷୀରୀ ।

ହୈମାଦ୍ରି, ବି. (ହୈମ=ସ୍ୱର୍ଣ୍ଣମୟ-ଅଦ୍ରି=ପର୍ବତ) ମେରୁପର୍ବତ ।

ହୈୟଙ୍ଗବୀନ, ବି. (ହ୍ୟସ୍=ପୂର୍ବଦିନେ ଗୋଦୋହ ଦୁଗ୍ଧ-ଈନ୍ ଉଦ୍ଭବାର୍ଥେ, ନିପାତନ) ପୂର୍ବଦିନର ଦୋହିତ ଦୁଗ୍ଧରୁ ଜାତ ଘୃତ, ସଦ୍ୟୋଜାତ ଘୃତ । (ତତ୍ତୁ ହୈୟଙ୍ଗବୀନଂ ଯତ୍ ହ୍ୟୋ ଗୋଦୋହୋଦ୍ଭବଂ ଘୃତଂ—ଅମର ।)

ହୈହୈ, ବି. (ଦେଶଜ ପ୍ରାୟ) ଗଣ୍ଡଗୋଳ ।

ହୋ, ଅଂ. (ହ୍ୱେ=ଡାକିବା-ଓ) ସମ୍ବୋଧନ, ଆହ୍ୱାନ; ବିସ୍ମୟ । କ୍ରି. (ପ୍ରାକୃତ ପଦ) ଭୂଧାତୁ ଅର୍ଥ, ହୁଅ । ଯଥା—

ବିଦୂରେ ନେଇ ରାମ ବାନ୍ଧି ଲକ୍ଷ୍ମଣ କହି ହୋ ଅନ୍ତର ।
ବୈ. ବି.

ହୋଇ, ଅଂ. (ଦେଶଜ) ସମ୍ମତିସୂଚକାର୍ଥ । ଯଥା—

କେ ବୋଲେ ହୋଇହୋଇ ଖାଇବା ତେବେ ଖଜି,
ନୃସିଂହ ପରଶିବେ ସବୁରି ମନରଞ୍ଜି । ନୃ.ପୁ.ତୃ.ତ.

ହୋଗଲା, ବି. (ଦେଶଜ) ସୁଦୀର୍ଘ ତୃଣବିଶେଷ, ଏରକା ।

ହୋଟେଲ, ବି. (ଇଂରାଜୀ ଶବ୍ଦ) ଅନ୍ନ ବିକ୍ରୟ ସ୍ଥାନ ।

ହୋତା, ବି. (ହୋତୃ—ହୁ=ହୋମ କରିବା-ତୃ) ଯଜମାନ, ଯେ ଯାଗ କରେ, ପୁରୋହିତ, ଋକ୍‌ବେଦଜ୍ଞ ।

ହୋତି, ଅଂ. (ଗଡ଼ଜାତରେ) ସେଠାରେ ।

ହୋତ୍ର, ବି. (ହୁ=ହୋମ-କରିବା-ତ୍ର) ହୋମ; ହୋମଘୃତ । (ସ୍ତ୍ରୀ—ହୋତ୍ରା) ସ୍ରୁଚି, ସ୍ରୁବ ।

ହୋତ୍ରୀ, ବି. (ହୋତ୍ରିନ୍—ହୋତ୍ର=ହୋମ-ଇନ୍ ଅସ୍ତ୍ୟର୍ଥେ) ହୋମକାରକ, ଯାଜ୍ଞିକ । (ସ୍ତ୍ରୀରେ) ଯଜମାନରୂପା ଶିବଙ୍କ ମୂର୍ତ୍ତି । (ବିଶେଷଣରେ—ହୋତ୍ରୀୟ = ହୋତ୍ର-ସମ୍ବନ୍ଧୀୟ, ହୋତୃସମ୍ବନ୍ଧୀୟ ।)

ହୋମ, ବି. (ହୁ=ହୋମକରିବା-ମ) ମନ୍ତ୍ରପାଠ-ପୂର୍ବକ ଅଗ୍ନିରେ ଘୃତାଦି ଦାନ । (ବିଶେଷଣରେ ହୋମକ ଓ ହୋମୀ ହୁଏ ।)

ହୋରା, ବି. ସ୍ତ୍ରୀ. (ହୋଡ଼୍=ଗମନ କରିବା-ଅ-ଆ, ଡ଼=ର) ଲଗ୍ନ; ରାଶି ପରିମାଣର ଅର୍ଦ୍ଧାଂଶ; ଶାସ୍ତ୍ରବିଶେଷ; ରେଖାବିଶେଷ । (ହୋରା ତୁ ଲଗ୍ନେ ରାଶ୍ୟର୍ଦ୍ଧେ ଶାସ୍ତ୍ରରେଖା ପ୍ରଭେଦୟୋଃ—ହୈମ ।)

ହୋରି, ବି. (ହୋଲିକା ଶବ୍ଦଜ) ବସନ୍ତଉତ୍ସବ; ପକ୍ଷିବିଶେଷ । ଯଥା—

ଭଉଁରି ବାଜପୋଇ କୋଇଲି କରାଖାଇ,
ସାଗୁଣା ମାଚିଚଢ଼ା ବାଇଚା ହୋରି ଜୁଇ । ନ.ପୁ.ଚ.ତ.

ହୋଲ, ବି. (ଦେଶଜ) ମୁଷ୍କ, ଅଣ୍ଡକୋଷ ।

ହୋଳକା, ହୋଲାକା, ହୋଲିକା, } ବି.ସ୍ତ୍ରୀ.ସଂ. ବସନ୍ତୋତ୍ସବ ।

ହୋଲି, ବି. ସ୍ତ୍ରୀ. ( ହୋଲକା ଶବ୍ଦର ଅପଭ୍ରଂଶ ) ବସନ୍ତ ଉତ୍ସବ, ଦୋଳଯାତ୍ରା ।

ହୋସ, ବି. ( ପାରସ୍ୟ ଶବ୍ଦ ) ଜ୍ଞାନ, ବୁଦ୍ଧି; ମନ ।

ହୌ, ଅଂ. (ହ୍ୱେ = ଡାକିବା-ଔ) ସମ୍ବୋଧନ, ଆହ୍ୱାନ ।

ହୌଜ, ବି. (ଆରବ୍ୟ ଶବ୍ଦ) କ୍ଷୁଦ୍ର ଜଳାଶୟ ।

ହ୍ୟସ୍ତନ, ହ୍ୟସ୍ତ୍ୟ, } ବିଂ. (ହ୍ୟସ୍-ପୂର୍ବଦିନସରେ-ତନ, ଯ) ଗତଦିବସୀୟ, ପୂର୍ବଦିବସୀୟ ।

ହ୍ରଦ, ବି. (ହ୍ରାଦ୍ = ଶବ୍ଦକରିବା-ଅ, ନିପାତନ) ଅକୃତ୍ରିମ ବୃହତ୍ ଜଳାଶୟ; ଆଲୋକ; ରଶ୍ମି ।

ହ୍ରସ୍ୱ, ବିଂ. (ହ୍ରସତ୍ୟନ୍ତ ହ୍ରସ୍ୱଃ, ହ୍ରସ ହ୍ରାସେ, ହ୍ରସ୍ = ଖର୍ବ ହେବା-ବ) ଖର୍ବ; କ୍ଷୁଦ୍ର; ଲଘୁ । ବି. ଏକମାତ୍ରୋଚାର୍ଯ୍ୟ ସ୍ୱରବର୍ଣ୍ଣ; ବାମନ; ପରିମାଣବିଶେଷ । ( ବିଶେଷଣ ହ୍ରସ୍ୱ ଶବ୍ଦ ବିଶେଷ୍ୟାର୍ଥରେ ହ୍ରସିମା, ହ୍ରସ୍ୱତା, ହ୍ରସ୍ୱତ୍ୱ ହୁଏ; ଅତିଶୟାର୍ଥରେ ହ୍ରସୀୟାନ୍ ଓ ହ୍ରସିଷ୍ଠ ହୁଏ । )

ହ୍ରାଦ, ବି. (ହ୍ରାଦ୍ = ଶବ୍ଦକରିବା-ଅ) ଶବ୍ଦ, ଗୋଳମାଳଧ୍ୱନି ।

ହ୍ରାଦିନୀ, ବି. ସ୍ତ୍ରୀ. (ହ୍ରାଦ୍ = ଶବ୍ଦ-ଇନ୍ ଅସ୍ତ୍ୟର୍ଥେ-ଈ) ନଦୀ; ବଜ୍ର; ବିଦ୍ୟୁତ୍ ।

ହ୍ରାସ, ବି. (ହ୍ରସ୍=ସ୍ୱଳ୍ପହେବା, ଶବ୍ଦ କରିବା-ଅ) କ୍ଷୀଣତା, କ୍ଷୟ; ଶବ୍ଦ ।

ହ୍ରୀଣୀୟା, ହ୍ରୀମାୟା, } ବି. (ହ୍ରୀଣୀ= ଲଜ୍ଜିତ ହେବା-ଯ-ଆ) ଲଜ୍ଜା; ଘୃଣା, ନିନ୍ଦା ।

ହ୍ରୂତ, ବିଂ. (ହ୍ରୀ = ଲଜ୍ଜିତ ହେବା-ତ, ହ୍ରୃ = ଗ୍ରହଣ କରିବା-ତ, ଋ = ଋ, ଈ = ଇ) ଲଜ୍ଜିତ; ବିଭକ୍ତ; ମିତ ।

ହ୍ରୀବେର, ହ୍ରୀବେର, } ବି. (ନଗୃଢ଼ତ୍ୱେନ ହ୍ରୀଯୁକ୍ତମିବ - ବେରମସ୍ୟେତି ହ୍ରୀବେରଂ = ଲୁଚି ରହିଥିବାରୁ ଏହାର ବେର ଯେ ଅଙ୍ଗ ହ୍ରୀଯୁକ୍ତପ୍ରାୟ ବୋଲି ହ୍ରୀବେର) ସ୍ୱନାମ-ପ୍ରସିଦ୍ଧ ସୁଗନ୍ଧ ଦ୍ରବ୍ୟବିଶେଷ ।

ହ୍ରୀ, ବି. ସ୍ତ୍ରୀ. (ହ୍ରୀ = ଲଜ୍ଜିତ ହେବା-କ୍ୱିପ୍) ଲଜ୍ଜା ।

ହ୍ରୀଣ, ହ୍ରୀତ, ବିଂ. (ହ୍ରୀ = ଲଜ୍ଜିତ ହେବା-ତ) ଲଜ୍ଜିତ । (ହ୍ରୀଣ ହ୍ରୀତୌ ତୁ ଲଜ୍ଜିତେ—ଅମର ।)

ହ୍ରେପିତ, ବିଂ. (ହ୍ରୀପ୍ = ଲଜ୍ଜିତ ହେବା-ଣିଚ୍-ତ) ଲଜ୍ଜାପ୍ରାପିତ ।

ହ୍ରେଷା, ହ୍ଲେଷା, ବି. ସ୍ତ୍ରୀ. (ହ୍ରେଷ୍ = ଘୋଡ଼ା ଧ୍ୱନିକରିବା-ଅ-ଆ) ଘୋଡ଼ାର ଧ୍ୱନି ।

ହ୍ଲାଦ, ହ୍ଲାଦନ, } ବି. (ହ୍ଲାଦ୍ = ଆନନ୍ଦିତ ହେବା-ଅ, ଅନ) ଆହ୍ଲାଦ, ଆନନ୍ଦ । (ବିଶେଷଣରେ ହ୍ଲାଦିତ ଏବଂ ହ୍ଲାଦୀ ହୁଏ ।)

ହ୍ଲାଦିନୀ, ବି. ସ୍ତ୍ରୀ. (ହ୍ରାଦିନୀ ଦେଖ, ର = ଳ) ନଦୀ; ବିଦ୍ୟୁତ୍, ବିଜୁଳି; ବଜ୍ର; ଶକ୍ତି-ବିଶେଷ ।

ହ୍ୱାନ, ବି. ( ହ୍ୱେ = ଆହ୍ୱାନ କରିବା-ଅନ ) ଆହ୍ୱାନ ।

—ସମାପ୍ତ—

# ବୈଦ୍ୟକ ଶବ୍ଦମାଳା

## ଅ

ଅଂଘ୍ରି—ବୃକ୍ଷର ମୂଳ ।
ଅକ୍ଷ—ବାହାଡ଼ା; ସୌବର୍ଚ୍ଚଳ ଲବଣ; ଏକ କର୍ଷ ପ୍ରମାଣ; ଇନ୍ଦ୍ରିୟ; ପ୍ରାଣ ।
ଅକ୍ଷି—ଆଖି ।
ଅଗ୍ରା—ଧଣିଆ ।
ଅଣ୍ଡ—ପୁରୁଷୋପସ୍ଥ ।
ଅନ୍ଧ—ଅନ୍ନ, ଭାତ ।
ଅବ୍ଦ—ମୁସ୍ତକ ବା ମୁଥା । (ଅବ୍ଦ ଅର୍ଥାତ୍ ମେଘ ପର୍ଯ୍ୟାୟ ସବୁ ମୁଥାର ନାମ ।)
ଅମ୍ବୁ—କୁରୁବେଲ । (ଅମ୍ବୁ ବା ଜଳର ପର୍ଯ୍ୟାୟ ସବୁ ଏହାର ନାମ ।)
ଅୟଃ, ଅୟସ୍—ଲୁହା; କାନ୍ତଲୁହା ।
ଅର୍କ—ଅରଖ ଗଛ । (ସୂର୍ଯ୍ୟବାଚକ ସମସ୍ତ ଶବ୍ଦ ଏହାର ନାମ ।)
ଅର୍ଷ—ଶିଆଳି ଲତା ।
ଅସ୍—ଲୋହିତ; ରକ୍ତ ।
ଅସ୍ଥି—ହାଡ଼ ।
ଅଂଶଳ—କରମଙ୍ଗା ।
ଅକଣ୍ଠ—ବଉଳଫୁଲ ।
ଅକ୍ଷତ—ଚାଉଳ ।
ଅକ୍ଷିକ, ଅକ୍ଷୁକ—ଆଚୁ ବୃକ୍ଷ ।
ଅକ୍ଷୀବ—ସମୁଦ୍ର ଲବଣ; ମହାନମ୍ବ; ସଜନାଗଛ ।
ଅକ୍ଷୋଟ—ଆଖରୋଟ ।
ଅଗଦ—ଔଷଧ ।
ଅଗସ୍ତି—ସ୍ୱନାମପ୍ରସିଦ୍ଧ ଶାକବୃକ୍ଷବିଶେଷ ।
ଅଗୁରୁ—ଅଗର ଚନ୍ଦନ; ଶିଂଶପା ଗଛ ।
ଅଗ୍ନିକ—କଳାଭଲିଆ ଓ ତାହାର ଗଛ ।
ଅଙ୍କୋଠ, ଅଙ୍କୋଲ—ଆଙ୍କୁଲ ଗଛ ।
ଅଙ୍କୁର—ଗଜା ।
ଅଙ୍ଗଜ—ଅଗର ଚନ୍ଦନ ।
ଅଚ୍ଛୁକ—ଆଚୁ ବୃକ୍ଷ ।
ଅଜଗ—ବାଇଡ଼ଙ୍ଗ ।
ଅଜାଜୀ, ଅଜାଜି—ଜିରା ।
ଅଜାନ୍ତ୍ରୀ—ନୀଳ ବନବନା ।
ଅଜଝଟା—ଭୂଇଁ ଏଳା ।
ଅଞ୍ଜନ—କଜ୍ଜ୍ୱଳ; ସୌବୀରାଦି ଚତୁର୍ବିଧ ଅଞ୍ଜନ ।
ଅଞ୍ଜଳି—କୁଡବ ଅର୍ଥାତ୍ ଷୋଳପଳ ପ୍ରମାଣ ।
ଅଣ୍ଡଜ—ଜରାୟୁଜାଦି ଚତୁର୍ବିଧ ଜନ୍ତୁଙ୍କ ମଧ୍ୟରୁ ଏକବିଧ ଜନ୍ତୁ ଅର୍ଥାତ୍ ପକ୍ଷି ସର୍ପାଦି ।
ଅଣ୍ଡଜା—କସ୍ତୁରୀ ।
ଅତନ୍ଦ୍ରୀ—ଚା; ଯାହାକୁ ଇଂରାଜୀରେ (Tea) ଟୀ କହନ୍ତି ।
ଅତସୀ—ଚଣକବିଶେଷ, ଅତସି ଚଣା ।
ଅତୁସୀ—ଔଷଧ ଦ୍ରବ୍ୟବିଶେଷ ।
ଅତ୍ୟମ୍ଳା—ମଧୁର ଟାଭା ।
ଅତ୍ୟୁଷ୍ଣ—ତପ୍ତ ।
ଅଦ୍ରିଜ, ଅଦ୍ରିଜତୁ—ଶିଳାଜତୁ ।
ଅଧ୍ୱଗ—ମେଦାନାମକ କନ୍ଦା ।
ଅନନ୍ତା—ଦୁର୍ଲ୍ଲଭା; ଚେମଡ଼ା ଲଇ ଅର୍ଥାତ୍ ସୁଗନ୍ଧ-ଭେଦ; ଲହଲଙ୍ଗଳିଆ ଗଛ; ଦୂବ; ନୀଳ ଦୂବ; ହେମାଦ୍ରିଖ୍ୟାତ ନାମକ ଔଷଧି ଦ୍ରବ୍ୟ ।
ଅନଳ—ଚିତାପାରୁ । (ଅନଳ ବା ଅଗ୍ନିର ବାଚକ ଶବ୍ଦସବୁ ଏହାର ନାମ ।)
ଅନିଳ—ବାତ; ପବନ ।
ଅନକ୍ଷୁ—ଅଣଆଖୁଆ ।
ଅନୁଜା—ତ୍ରାୟମାଣା ।
ଅନେହା—କାଳ ।
ଅନ୍ଧକ—ତୁମ୍ବୁରୁ ନାମକ ଔଷଧ ଦ୍ରବ୍ୟ ।
ଅନ୍ତକ—ରକ୍ତକାଞ୍ଚଣ ଗଛ ।
ଅପଟୁ—ରୋଗୀ ।

ଅପଙ୍ଗ — କଷ୍ଟର ବୃକ୍ଷ ।
ଅପାନ — ଗୁଦସ୍ଥ ବାୟୁ; ଗୁଦ ।
ଅପୁଷ୍ପ — ଗହ୍ମମ ।
ଅବଲ୍ଗୀ — କାଞ୍ଜିପାଣି ।
ଅବ୍ୟଥା — ହରଡ଼ା; ମୁଣ୍ଡଢକା ବା ମୁଣ୍ଡିଢ; ସ୍ଥଳପଦ୍ମ ।
ଅବ୍ୟଥା, ଅଭୟା — ହରଡ଼ା ।
ଅବ୍ୟଙ୍ଗା — ବାଇଚ୍ଛଙ୍କ ।
ଅଭସ୍ତୁ — ଛଣୀରବେଣା ।
ଅଭ୍ୟଙ୍ଗ — ଦେହମର୍ଦ୍ଦନ ।
ଅଭ୍ୟୁଗ — ଘିଅପିଠା ।
ଅମରୀ — ଇନ୍ଦ୍ରବାରୁଣୀ, ଗୋରେଖ କାକୁଡ଼ି; ବଢୁଆଢ ।
ଅମୃତ — ଦୁଗ୍ଧ; ପାରଦରସ ।
ଅମୃତା — ହରଡ଼ା; ଅଁଳା; ଗୁଳୁଚୀ ।
ଅମ୍ଳକଂ — ଆମ୍ବିଳ ।
ଅମ୍ଳାଢ୍ୟ — କରୁଣାଫଳ ।
ଅମ୍ଳାନ — ବଧୂଲି ଫୁଲ ।
ଅମ୍ଳିକା, ଅମ୍ଳିକା — ପାଲଙ୍ଗ ଶାକ; ତେନ୍ତୁଳ ।
ଅମ୍ବରୀ — କପାଗଛ ।
ଅମ୍ବଷ୍ଠା — ଅମ୍ବିଲିଢ; ଅକାନବନ୍ଧ; ଜୁଇ ଫୁଲ ।
ଅମ୍ବୁଜ — ପଦ୍ମ ।
ଅମ୍ବୁଜନାଲା — ମୃଣାଲ ।
ଅମ୍ବୁଦ — ମୁସ୍ତକ ବା ମୁଥା । (ଅମ୍ବୁଦ ବା ମେଘର ପର୍ଯ୍ୟାୟ ସବୁ ମୁଥାର ନାମ ।)
ଅମ୍ଭୋକା — ଗଙ୍ଗଶିମୁଳ ।
ଅରଣି — ଅଗିବଥ ।
ଅରତ୍ନି — କାଣି ଏକ ପରମାଣ ।
ଅରଲୁ — ଫଣଫଣା ବା ଫାମ୍ପୁଣିଆଁ ।
ଅରିଷ୍ଟ — ନିମ୍ବ; କଣ୍ଟକରୋହିଣୀ; ରସଣ, ସୂତିକା ଗୃହ; ଅପମୃତ୍ୟୁ ।
ଅରିଷ୍ଟା — କଣ୍ଟକରୋହିଣୀ ।
ଅରୁଣ — ମିରଗା କୋଳି ।
ଅରୁଣା — ଅତୁସୀ; ପୁଣ୍ଡରୀକ କାଠ; ଦୁଧୁଡ଼ି; ମୁଣ୍ଡିଦ୍ରବ୍ୟ, ଏହି ଗଛ ବଲରେ ଜକର ସ୍ଥାନରେ ହୁଏ, ହାତେ ଉଚ୍ଚ ପରମାଣ ବଢ଼େ, ଏହାର ଫୁଲ କଦମ୍ବଫୁଲର ଆକୃତିବିଶିଷ୍ଟ ।
ଅରୁଷ୍କ — କଳାଭାଲିଆ ।
ଅର୍କକ — ଶ୍ୱେତ ତୁଲସୀଗଛ ।
ଅର୍ଜୁନ — ଅର୍ଜୁନଗଛ; ନେତ୍ରରୋଗ । (ଅର୍ଜୁନ ବାଚକ ସମସ୍ତ ଶବ୍ଦ ଅର୍ଜୁନ ଗଛର ନାମ ।)
ଅର୍ଦ୍ଧାଂଶ — ଅଗଡ଼ା, ଚାଗଡ଼ା ।
ଅର୍ମଣ — ଦ୍ରୋଣ ପରମାଣ ।
ଅଲର୍କ — ଶ୍ୱେତଅର୍କଗଛ ।
ଅଲାବୁ — ଲାଉଫଳ ।
ଅଶନ — ସାହାଜ ଗଛ; ଭୋଜନ ।
ଅଶନି — ବଜ୍ର ବା ହୀରକ ।
ଅଶିର — ବଜ୍ର ବା ହୀରା ।
ଅଶୋକା — କଣ୍ଟକରୋହିଣୀ ।
ଅଶ୍ମଘ୍ନ — ପାଷାଣଭେଦ ଗଛ ।
ଅଶ୍ମଜ — ଶିଳାଜତୁ ।
ଅଶ୍ୱେତା — କୃଷ୍ଣଅପରାଜିତା ।
ଅସନ — ପିଆଶାଲ ଗଛ ।
ଅସୃକ୍, ଅସ୍ରୁକ — ରକ୍ତ ।
ଅହିଂସ୍ରା — ହୁଡ଼ୁପି ।
ଅଂଶୁମତୀ — ଶାଲପର୍ଣ୍ଣୀ ।
ଅକ୍ଷପୀଡ — ଶ୍ୱେତ ବନବନା ।
ଅକ୍ଷିପୀଡ଼ା, ଅକ୍ଷିରୁଜା — ଆଖିବଥା; ଅକ୍ଷି ରୋଗ ।
ଅଗ୍ନିଜିହ୍ୱା, ଅଗ୍ନିମୁଖୀ — ଲାଙ୍ଗଲାଙ୍ଗଲିଆଗଛ; କଳାଭାଲିଆ
ଅଗ୍ନିଜ୍ୱାଲା — ଧାତୁକୀଫୁଲ ।
ଅଗ୍ନିମନ୍ଥ — ଅଗିବଥ ।
ଅଗ୍ନିଶିଖ — ଓଲୁଅକନ୍ଦା ।
ଅଗ୍ନିଶିଖା, ଅଗ୍ନିଜିହ୍ୱା — କଳାଭାଲିଆ ।
ଅଗ୍ରପର୍ଣ୍ଣୀ, ଅଜଲୋମା — କେଶିଗଛ ।
ଅଙ୍ଗାରକ — ଭୃଙ୍ଗରାଜଗଛ ।
ଅଂଘ୍ରିପର୍ଣ୍ଣୀ — ପୃଶ୍ନିପର୍ଣ୍ଣୀ ।
ଅଜକର୍ଣ୍ଣ — ସାହାଜ ଗଛ ।
ଅଜକର୍ଣ୍ଣ — ଏକପ୍ରକାର ଶାଲଗଛ ।
ଅଜପ୍ରିୟା, ଅଜାପ୍ରିୟା — ବଦରୀ ବା ବରକୋଳି ଗଛ ।
ଅଜମୋଦା — ଔଷଧଦ୍ରବ୍ୟବିଶେଷ; ବଣଯୁଆଣି ।
ଅଜଶୃଙ୍ଗୀ — କକଡ଼ାଶୃଙ୍ଗୀ, ମେଣ୍ଢାଶିଙ୍ଗା ବା ମେରଶିଙ୍ଗା ଗଛ ।
ଅଞ୍ଜଲିକା — ସର୍ପଗନ୍ଧା ଗଛ ।
ଅଷ୍ଠଚକ୍ର — ସ୍ଥଳପଦ୍ମ ଗଛ ।

ଅଝଚ୍ଛଦା—ସଉପ; ବଜ୍ରମୂଳୀ ।

ଅଡବଷା—ଅରୁଷୀ ।

ଅଢବଳା—ବଜ୍ରମୂଳୀ ।

ଅଢମୁକ୍ତ—ମାଧବୀଲତା ।

ଅଢଯବ—ଶୂକ ଧାନ୍ୟବିଶେଷ ।

ଅଢଶୂକ—ଯବଧାନଭେଦ ।

ଅଢରୁଦ୍ରା—ଛେଳିପାଗୁଳିଆ ।

ଅଦ୍ରିଜତୁ—ଶିଳାଜତୁ ।

ଅଧଃପୁଷ୍ପା—ଅଧୋମୁଖୀ ।

ଅଧଃଶଲ୍ୟ—ଅପାମାର୍ଗଗଛ ।

ଅଧ୍ୟମ୍ଳ—ଚହ୍ଲା ।

ଅନଶନ—ଉପବାସ, ଜ୍ୱରାଦୌ ଲଙ୍ଘନ ।

ଅନାକ୍ରାନ୍ତ—ଅକ୍ରାନ୍ତ ।

ଅନାର୍ଯ୍ୟକ—ଅଗରଚନ୍ଦନ ।

ଅନ୍ତର୍ଗଳ—ଅଗଡ଼ା, ତାଗଡ଼ା ।

ଅପାମାର୍ଗ—ସ୍ୱନାମପ୍ରସିଦ୍ଧ ଗୁଲ୍ମବିଶେଷ ।

ଅବଗାହ—ସ୍ନାନ ।

ଅବଦଂଶ—ମଦ୍ୟପାନ ।

ଅବଲ୍‌ଗୁଜ, ଅବଲ୍‌ଗୁଜା—ସୋମରାଜ ମଞ୍ଜି ।

ଅବଶାୟ—କାକର ।

ଅବାକ୍‌ପୁଷ୍ପା—ଅଧୋମୁଖୀ ।

ଅବାକ୍‌ପୁଷ୍ପୀ—ପାନମହୁରି ।

ଅବ୍ଧିକଫ—ସମୁଦ୍ରଫେନ ।

ଅଭ୍ରପୁଷ୍ପ—ବେତଗଛ ।

ଅଭ୍ରମୁତ—କାଞ୍ଜିପାଣି ।

ଅମରୁତ୍—ଗ୍ରୀଷ୍ମକାଳ ।

ଅମୃଣାଳ—ଉଶୀରବେଣା, ଗନ୍ଧବେଣା ।

ଅମ୍ବୁଷ୍ଟକୀ—ଅକାନବିନ୍ଧ ।

ଅମ୍ବାଳିକା, ଅମ୍ବିକା—ମାଚିକା ନାମକ ଔଷଧଦ୍ରବ୍ୟ, ଏହାକୁ ହିନ୍ଦୁସ୍ଥାନରେ ମୋଇୟା କହନ୍ତି ।

✓ଅମ୍ବୁସାର—କଦଳୀ ।

ଅମ୍ଳପତ୍ରା—ଅଗଡ଼ା ବା ତାଗଡ଼ା ।

ଅମ୍ଳାଟନ, ଅମ୍ଳାତକ—ଦାସକରଣ୍ଡା ପୁଷ୍ପବିଶେଷ, ବଙ୍ଗଳାରେ ଏହାକୁ ଆୟୁନା କହନ୍ତି ।

ଅମ୍ଳୋତ୍ତମ—ଡ଼ାଳିମ୍ବଫଳ ।

ଅମ୍ଭଃସାର—ମୁକ୍ତା ।

ଅୟୋମଳ—ଲୌହମଳ ।

ଅରିମେଦ—ବଡ଼ଗନ୍ଧ ଖଇର ।

ଅରିମର୍ଦ୍ଦ—କଳାକାସିନ୍ଦାଗଛ ।

ଅରୁଷ୍କର—କଳାଭଲିଆ ।

ଅର୍କପତ୍ର, ଅର୍କମୂଳା—ପାନଅଇର ।

ଅର୍କପର୍ଣ୍ଣ—ରକ୍ତଅର୍କଗଛ ।

ଅର୍କବେଧ—ତାଳୀଶପତ୍ର ।

ଅର୍ଦ୍ଧଚନ୍ଦ୍ରା—କଳାତ୍ରିବୃତ୍ତି ।

ଅର୍ଦ୍ଧତିକ୍ତ—ଚିରାଇତାଭେଦ, ନେପାଳଦେଶସ୍ଥ ଚିରାଇତା ।

ଅଲକ୍ତକ—ଲାଖ ବା ଜଉ ।

ଅଲମ୍ବୁଷା—ପୋକସୁଂଘାଗଛ; ମୁଣ୍ଡିରୀସ୍ଥ । ( ଅରୁଣା ଶବ୍ଦ ଦେଖ । )

ଅଳିପ୍ରିୟା—ପାଟଳିଗଛ ।

ଅଲ୍ପକେଶୀ—ଭୂତକେଶୀଗଛ ।

ଅଶ୍ୱକର୍ଣ୍ଣ—ଶିଆଳିଲତା ।

ଅଶ୍ୱଖୁର—ନଖୀନାମକ ସୁଗନ୍ଧଦ୍ରବ୍ୟ ।

ଅଶ୍ୱନାମ, ଅଶ୍ୱାହ୍ୱୟ—ଘୋଡ଼ାଶୁଣ୍ଡୀ । ( ଘୋଡ଼ାର ଯେତେ ପର୍ଯ୍ୟାୟ ସେସବୁ ଏହାର ନାମ । )

ଅଶ୍ୱପୁତ୍ରୀ—ଶଲରି ।

ଅଶ୍ୱାହ୍ୱୟା—ଅଶ୍ୱଗନ୍ଧା ।

ଅଶ୍ୱେତରି—କୃଷ୍ଣଅପରାଜିତା ।

ଅଶ୍ମଗର୍ଭ—ମରକତମଣି ।

ଅଶ୍ମନ୍ତକ—ଆମ୍ଳିତ ।

ଅଶ୍ମଭିଦ୍—ପାଷାଣଭେଦୀଗଛ ।

ଅସିପତ୍ର—ଆଖୁଗଛ ।

ଅସ୍ରୁଗ୍‌ବରା—ଚର୍ମ ।

ଅଷ୍ଟଗନ୍ଧ—ଚନ୍ଦନ, ଅଗର, କୁରୁବେଲ୍ଲୀ, କୁଙ୍କୁମ, କୁଡ଼, ଉଶୀର, ଜଟାମାଂସୀ ଓ ମୁରାମାଂସୀ ।

ଅଷ୍ଟଧାତୁ—ସୁବର୍ଣ୍ଣ, ରୁପା, ତମ୍ବା, ନାଗ, ବଙ୍ଗ, କାନ୍ତଲୌହ, ତୀକ୍ଷ୍ଣଲୌହ ଓ ମୁଣ୍ଡଲୌହ ।

ଅଷ୍ଟବର୍ଗ ଜୀବକ, ଋଷଭକ, ମେଦ, ମହାମେଦ, ଋଦ୍ଧି, ବୃଦ୍ଧି, କାକୋଳି ଓ କ୍ଷୀରକାକୋଳି ଏହି ଆଠଗୋଟି ଔଷଧି ଦ୍ରବ୍ୟ ।

ଅଷ୍ଟଭୋଗ—ଚନ୍ଦନ, ବନିତା, ବସ୍ତ୍ର, ତାମ୍ବୂଳ, ଭୋଜନ, ଗୀତ, ଶଯ୍ୟା ଓ ବାହନ ।

ଅଷ୍ଟଶିଖ—ଓଲୁଅକନ୍ଦା ।

ଅହିପର୍ଣ୍ଣୀ—ପାନ ବା ତାମ୍ବୂଳ ।

ଅହିଫେନ—ଅଫିମ ବା ଆପୁ ।
ଅଂଶୁମତ୍ଫଳା, ଅଂଶୁମତ୍ତୀଫଳା—କଦଳୀ ।
ଅଗଦଙ୍କାର—ବୈଦ୍ୟ ।
ଅଗସ୍ତି ମଞ୍ଜୁ—ଗୋମେଦରତ୍ନ ।
ଅଗ୍ନି ଗର୍ଭକ—ସୂର୍ଯ୍ୟକାନ୍ତମଣି ।
ଅଗ୍ନିଦୀପନ—ବରୁଣଗଛ ।
ଅଗ୍ନି ସ୍ପର୍ଶୀ—ପର୍ପଟୀ, ଏକପ୍ରକାର ସୁଗନ୍ଧଦ୍ରବ୍ୟ ।
ଅଙ୍ଗଚେଷ୍ଟନ—ବ୍ୟାୟାମ ।
ଅଙ୍ଗନାପ୍ରିୟ—ପଦ୍ମାକାର ପୁଷ୍ପ; କଣିଅର ।
ଅଙ୍ଗନାପ୍ରିୟା—ପ୍ରିୟଙ୍ଗୁ ।
ଅଙ୍ଗସଂସ୍କାର—ଦେହଘସିବାର ।
ଅଙ୍ଗାରକର୍କଟୀ—ଗୋଧୂମ ଚୂର୍ଣ୍ଣରେ କୃତ ବଟକ-ବିଶେଷ ।
ଅଙ୍ଗାରପର୍ଣ୍ଣୀ—ବ୍ରାହ୍ମଣଯଷ୍ଟି ।
ଅଙ୍ଗାରବଲ୍ଲୀ—ବ୍ରାହ୍ମଣଯଷ୍ଟି; କାଇଁଚ ଗଛ ।
ଅଙ୍ଗାରବୃକ୍ଷ—ପୁଇଗୁନ୍ଦୁଆ ଗଛ ।
ଅଜଗନ୍ଧିକା—ଅଜମୋଦା ।
ଅଜମୋଦିକା—ଯୁଆଣି ଭେଦ ।
ଅଜଶୃଙ୍ଗିକା, ଅଜଶୃଙ୍ଗୀ—ମେଣ୍ଢାଶିଙ୍ଗା ବା ମେରଶିଙ୍ଗା ଗଛ ।
ଅଟରୂଷକ—ବାସଙ୍ଗ ଗଛ ।
ଅଞ୍ଜନକେଶୀ—ନଳିକା, ଏକପ୍ରକାର ଗନ୍ଧଦ୍ରବ୍ୟ ।
ଅତିଛତ୍ରକ—ଚିଣା ।
ଅତିପାଣ୍ଡୁର—ମହାମେଦ ।
ଅତିମଞ୍ଜୁଲା—ଶ୍ୱେତ ଗୋଲାପ ପୁଷ୍ପ ।
ଅନନ୍ତମୂଳ—ଶୁକ୍ଳ ସୁଗନ୍ଧ ମୂଳ ।
ଅନାର୍ଯ୍ୟତିକ୍ତ—ଚିରାଇତା ।
ଅପନଦ୍ରଣ—ହିଙ୍ଗୁଳ ବା ଅନଦ୍ରା ।
ଅପରାଜିତା—ସ୍ୱନାମପ୍ରସିଦ୍ଧ ଲତାବିଶେଷ ।
ଅମୃତବଲ୍ଲୀ—ଗୁଳୁଚୀ ।
ଅଭ୍ରଜାତକ—ଗୁଡ଼ତ୍ୱକ, ଅଳାଇଚ, ତେଜପତ୍ର, କାକୋଲା, କୁଡ଼, ପିପ୍‌ପଳୀ, ବଚ, ମୁଥା, କଇକନ୍ଦା, ହଣୀ ଓ ଶୁଣ୍ଠୀ ।
ଅଭ୍ୟଂବହାର—ଭୋଜନ ।
ଅମୃତଫଳ—ପଟୋଳ ।
ଅମୃତୋତ୍ପନ୍ନ—ଖପର ।
ଅମ୍ଳକେଶର—ଟାଭା ।
ଅମ୍ଳପତ୍ରକ, ଅମ୍ଳଲୋଣିକା—ଆମ୍ବିଳିତ ।
ଅମ୍ଳବାସ୍ତୁକ—ଟଙ୍କବଥୁଆ ଶାକ ।
ଅମ୍ଳବୃକ୍ଷକ—ତେନ୍ତୁଳିଗଛ ।
ଅମ୍ଳବେତସ—ପାଣିବେତ; ଅମ୍ଳପାଳଙ୍ଗ ।
ଅମ୍ଳସାଂପତ୍ର—ବରୁଣଗଛ ।
ଅର୍କପୁଷ୍ପିକା, ଅର୍କପୁଷ୍ପୀ—କଲବଙ୍ଗ ।
ଅର୍କୋପମ—ଶାଳବୃକ୍ଷ ।
ଅର୍ଶସୂଦନ—ଓଲୁଅ କନ୍ଦା ।
ଅଳକବଲ୍ଲଭ—ପାଟଲ ଗଛ ।
ଅଳ୍ପଗୋଧୂମ—ତଣ୍ଡୁଗୋଧୂମ ।
ଅଳ୍ପମାରଷ—କାଣିଲେଉଟିଆ ଶାଗ ।
ଅଶ୍ୱନାମକ—ଘୋଡ଼ାଶୁଣ୍ଠୀ (ଘୋଡ଼ାର ଯେତେ ପର୍ଯ୍ୟାୟ ସେ ସବୁ ଘୋଡ଼ାଶୁଣ୍ଠୀର ନାମ ।)
ଅଶ୍ୱକର୍ଣ୍ଣିକା—ଶାଳଗଛ ।
ଅଶ୍ୱମାରକ—କନିଅରପୁଷ୍ପ ।
ଅଶ୍ମଗର୍ଭଜ—କନ୍ଥା ।
ଅସ୍ଥି ଶୃଙ୍ଖିକ—ହନ୍ତାଳଗଛ ।
ଅସ୍ଥି ସଂହାର, ଅସ୍ଥି ସଂହାରକ, } ପବଅଇର ।
ଅସ୍ଥି ସଂହାରୀ, ଅସ୍ଥି ଶୃଙ୍ଖଳା, }
ଅଷ୍ଟଜାତକ—ଗୁଡ଼ତ୍ୱକ, ହରଡ଼ା, ଇନ୍ଦ୍ରଯବ, କାକୋଲା, କର୍ପୂର, ପିପ୍‌ପଳୀ, ଅଳାଇଚ ଓ ମରଚ ।
ଅଷ୍ଟପାଦିକା—ବନମଲ୍ଲୀ ।
ଅଙ୍ଗାରକମଣି—ପ୍ରବାଳ ବା ପୋହଳା ।
ଅଙ୍ଗାରବଲ୍ଲରୀ—କରଞ୍ଜଭେଦ, କାଇଁଚଗଛ ।
ଅଚରପଲ୍ଲବ—ଛୁରିଅନା ।
ଅଞ୍ଜନପଞ୍ଚକ—ପୁଷ୍ପାଞ୍ଜନ, ନୀଳାଞ୍ଜନ, ରସାଞ୍ଜନ, ସୌବୀରାଞ୍ଜନ ଓ ସ୍ରୋତାଞ୍ଜନ ।
ଅଞ୍ଜଳକାରିକା—ଲଜ୍ଜାବତୀ ଲତା ।
ଅତିତପସ୍ୱିନୀ—ମୁଣ୍ଡିରିକା, କେନ୍ଦୁ କେନ୍ଦୁ ବନ୍ତ-ଥାଲକୁଡ଼ି କହନ୍ତି ।
ଅଦ୍ରବ୍ୟଭେଷଜ—ଜ୍ୱରାଦିରେ ଲଂଘନାଦି ।
ଅପେତରାକ୍ଷସୀ—ତୁଳସୀଗଛ ।
ଅମରପୁଷ୍ପିକା—କାଇଁଶ, ଅଧୋମୁଖୀ ।
ଅମରବଲ୍ଲରୀ—ଆକାଶବଲ୍ଲୀ, ଲତାବିଶେଷ ।
ଅମୃତବଲ୍ଲରୀ—ଗୁଳୁଚୀ ।
ଅମ୍ଭୋଧିବଲ୍ଲଭ—ପ୍ରବାଳ ବା ପୋହଳା ।

ଅରଣ୍ୟସମ୍ଭୂତ—କାଙ୍କଡ଼ । 
ଅରୁଣଶିମ୍ବିକା—କୃଷ୍ଣସୋହ୍ଲା, ଚଣକବିଶେଷ । 
ଅଶ୍ୱଗନ୍ଧାହ୍ୱୟ, ଅଶ୍ୱଗନ୍ଧା—ଅଶ୍ୱନ୍ଧ ( ଯେଉଁ ଶବ୍ଦମାନଙ୍କ ଆଦ୍ୟରେ ଅଶ୍ୱବାଚକ ଶବ୍ଦ ଓ ଅନ୍ତରେ ଗନ୍ଧ ଶବ୍ଦ ରହେ ସେ ସବୁ ଏହାର ନାମ । ) 
ଅଷ୍ଟାଙ୍ଗଚିକିତ୍ସା—ଶଲ୍ୟ, ଶାଳାକ, କାୟିକ, ଭୂତ, ବିଷ, କୁମାରଭରଣ, ବାଜୀକରଣ ଓ ରସାୟନ ଚିକିତ୍ସା । 
ଅତିଲେହିତଗନ୍ଧ—ଦଏଣା । 
ଅତିବୃହତ୍‌ଫଳ—ପଣସ । 
ଅନ୍ତକୋଟରପର୍ଣ୍ଣୀ—ନୀଳବନବନା । 
ଅଷ୍ଟବିଧମାଂସଜାତି—ମୃଗ, ବିଷ୍କିର, ପ୍ରତୁଦ, ପ୍ରସହ, ବିଲେଶୟ, ମହାମୃଗ, ଜଳଚର, ମତ୍ସ୍ୟ ଏପରି ଅଷ୍ଟବିଧ ମାଂସଜାତି । 

## ଆ

ଆଜ୍ୟ—ଘିଅ । 
ଆମ୍ର—ଆମ୍ବ । 
ଆଲ—ହରିତାଳ । 
ଆଶୁ—ବରି ବା ବ୍ରୀହି । 
ଆକ୍ଷୀବ—ସଜନା । 
ଆଗମ—ବୃକ୍ଷ । 
ଆଙ୍କୋଠ—ଆଙ୍କୁଲଗଛ । 
ଆଢ଼କ—ଚୃତୁଃପ୍ରସ୍ଥ ପରିମାଣ । 
ଆଢ଼କୀ—ହରଡ଼ । 
ଆନୂପ—ହିନ୍ତାଳଗଛ । 
ଆପକ୍ୱ—ଘିଅ ପିଠା । 
ଆପ୍ଲବ—ସ୍ନାନ । 
ଆପାନ—ମଦୁଆଗୋଷ୍ଠୀ । 
ଆବର୍ତ୍ତ—ରାଜାବର୍ତ୍ତ ମଣି । 
ଆମଣ୍ଡ—ଗବ ଗଛ । 
ଆମଳା—ଭୁଇଁଅଁଳା । 
ଆମିଷ—ମାଂସ । 
ଆସ୍ପୃସ—ଲୁହା । 
ଆର୍ଦ୍ରକ—ଅଦା । 
ଆସବ—ମଦଭେଦ । 
ଆସ୍ଫୋତା—ବନମଲ୍ଲୀ; ଶୁକ୍ଳ ଅପରାଜିତା । 
ଆହାର—ଅନ୍ନ, ଭୋଜନ । 
ଆଖୁପର୍ଣ୍ଣୀ, ଆଖୁପର୍ଣୀ—ମୂଷାକାନି । 
ଆଖୁବିଷ—ଦାରୁମୁଷି । 
ଆତ୍ମଗୁପ୍ତା—ବାଇଡ଼ଙ୍କ । 
ଆବର୍ତ୍ତିନୀ—ଉତୁରୁଲୀ । 
ଆମଳକୀ—ଅଁଳା, ଭୁଇଁଅଁଳା । 
ଆମଗନ୍ଧ—ଦୁର୍ଗନ୍ଧ । 
ଆମୟାବୀ—ରୋଗୀ । 
ଆମ୍ରାତକ, ଆମ୍ବ୍ରାତକ—ଆମ୍ବଡ଼ା, ବୃକ୍ଷବିଶେଷ । 
ଆରଗ୍‌ବଧ, ଆରେବତ—ସୁନାରିଗଛ । 
ଆସ୍ଫୋତକ—ଭୁଇଁପଳାଶଗଛ । 
ଆକର୍ଷଫଳା—ଅଁଳା । 
ଆରନାଳକ—କାଞ୍ଜିପାଣି । 
ଆଖୁବିଷଜିତ୍—ସଳପଗଛ । 

## ଇ

ଇକ୍ଷୁ—ଆଖୁଗଛ । 
ଇରା—ମଦ୍ୟ; ପାଣି; ଭୂମି; ବଚନ । 
ଇଷୁ—କାଣ୍ଡଶର ଗଛ । ( ଶର ପର୍ଯ୍ୟାୟ ସବୁ ଏହାର ନାମ । ) 
ଇକ୍ଷୁର—କୋଇଲେଖା । 
ଇକ୍ଷ୍ୱାକୁ—ପିତାଲାଉ ଫଳ । 
ଇଙ୍ଗୁଦୀ—ଫୁଟିକାକୁଡ଼ି; ପୁଇଗୃନ୍ଦୁଆ ଗଛ । 
ଇଙ୍କଟ—ଇଙ୍ଗଡ଼ । 
ଇଙ୍ଗଡ଼—ଦୂର୍ବାଦି ବର୍ଗୀୟ ସ୍ନାନବୃକ୍ଷବିଶେଷ । 
ଇନ୍ଦ୍ରାଣୀ—ବେଗୁନିଆଁ । 
ଇନ୍ଦ୍ରିୟ—ବୀର୍ଯ୍ୟ, ରେତ । 
ଇକ୍ଷୁାଳିକା—ଅଣଆଖୁଆ । 
ଇକ୍ଷୁଗନ୍ଧା—ଗୋଖରା । 
ଇକ୍ଷୁତୁଲ୍ୟା—ଅଣଆଖୁଆ । 
ଇନ୍ଦୀବର—ନୀଳୋତ୍ପଳ । 
ଇନ୍ଦୀବରୀ—ଛତାବରୀ; ଉତୁରୁଲୀ ଲତା । 
ଇନ୍ଦ୍ରପୁଷ୍ପା—ଲାଙ୍ଗଲାଙ୍ଗଳିଆ । 
ଇନ୍ଦ୍ରଯବ—ପିତାକୋରୁଆ ଫଳ । 
ଇନ୍ଦ୍ରପଲ—ନୀଳରତ୍ନ ବା ନୀଳା । 
ଇଷ୍ଟଗନ୍ଧ—ସୁଗନ୍ଧ ।

ଇକ୍ଷୁବ୍ଦାଗ୍ଧା—ଭୂଇଁକଖାରୁ ।
ଇକ୍ଷୁବାଳିକା—ଅଣଆଖୁଆ ।
ଇନ୍ଦ୍ରବାରୁଣୀ—ଗୋରେଖ କାକୁଡ଼ି ।
ଇନ୍ଦ୍ରସୁରସ—ବେଗୁନିଆଁ ।
ଇଭଦନ୍ତାହ୍ୱା—ନାଗଦନ୍ତୀ । (ଯେଉଁ ଶବ୍ଦର ଆଦିରେ ଗଜର ପର୍ଯ୍ୟାୟ ଓ ଅନ୍ତରେ ଦନ୍ତ ଶବ୍ଦ ରହେ ସେ ସବୁ ଏହାର ନାମ । )

---

## ଈ

ଈକ୍ଷଣ—ଆଖି ।
ଈର୍ବାରୁ—କଣ୍ଟିଆଳ କାକୁଡ଼ି ।

---

## ଉ

ଉଖା—ଭାଣ୍ଡଭେଦ ।
ଉଗ୍ରା—ବଚ ।
ଉଷ—ଲୁଣିଆମାଟି ।
ଉଷ୍ଣ—ଗ୍ରୀଷ୍ମକାଳ ।
ଉତ୍କଟ—ଗୁଡ଼ତ୍ୱକ ।
ଉତ୍ତମା—ବୃଦ୍ଧି; ଅଷ୍ଟବର୍ଗାନ୍ତର୍ଗତ ଦ୍ରବ୍ୟବିଶେଷ; ଦୁଧିଆମେଣ୍ଢିଆ ଲତା ।
ଉତ୍ତପ୍ତ—ଶୁଖିଲା ମାଂସ ।
ଉତ୍କ୍ରମ—ଡେଇଁବାର ।
ଉତ୍ପଳ—କୁଡ଼; ନୀଳୋତ୍ପଳ ।
ଉତ୍ପ୍ଳବ—ପାଣିପହରା ।
ଉଦଚ୍ୟ—କୁରୁବେଲ୍ଲୀ ।
ଉଦ୍ଦାଳ—ବହାଳୁ ବା ବୋଆଳୁ, କୋଦୁଅଭେଦ ।
ଉଦ୍‌ବୁଦ୍ଧ—ପୁଷ୍ପାଦି ଫୁଟିବାର ।
ଉଦ୍ଭିଜ୍ଜ—ବୃକ୍ଷାଦି, ଯାହା ଭୂମିକୁ ଭେଦି ଉଠେ ।
ଉଦ୍ଭିଦ—ପାଣିଫୋଟକା ।
ଉଦ୍ଭିନ୍ନ, ଉନ୍ନିଦ୍ର—ପୁଷ୍ପାଦି ଫୁଟିବାର ।
ଉନ୍ମତ୍ତ—ଦୁଦୁରାଗଛ ।
ଉନ୍ମଦ—ମତୁଆ, ମଦ୍ୟପାନରେ ମତ୍ତ ।
ଉପସ୍ଥ—ଲିଙ୍ଗ ।
ଉଲୂକ—ଫଣଫଣା ବା ଫାମ୍ପୁଣିଆଁ ।

ଉଶୀର—ବେଣାଚେର ।
ଉଷଣ—ମରିଚ, ଗୁଗ ବା କଟୁ ।
ଉଷଣା—ପିପ୍‌ପଳୀ; ଗୁଇଁକାଠ ।
ଉଷିତ—ବାସି ଜଳ ।
ଉଷ୍ଟିକା—ଯବାଗୁ ବା ଯାଉ ।
ଉଗ୍ରଗନ୍ଧା—ବଚ; ଅଜମୋଦା ।
ଉଚ୍ଛାଦନ—ଘଷି ବା ଦେହଘସା ଲେପନ ।
ଉଜ୍ଜୃମ୍ଭଣ—ଉଜାଗର, ନିଦ୍ରାଭାବ ।
ଉଜ୍ଜୃମ୍ଭିତ—ପୁଷ୍ପାଦି ଫୁଟିବାର; ବାତାଦି ବିକାରର ଉଦ୍ରେକ ।
ଉତ୍ପ୍ଲବନ—ଡେଇଁବାର ।
ଉଦର୍ଶ୍ୱିତ୍ର—ଚହ୍ଲାଭେଦ, ତକ୍ରଭେଦ ।
ଉଦ୍‌ବର୍ତ୍ତନ—ଘଷି ବା ଦେହଘସା ଲେପନ ।
ଉଦୁମ୍ବର—ଡିମ୍ବିରିଗଛଭେଦ; ତମ୍ବା ।
ଉନ୍ମିଷିତ—ପୁଷ୍ପାଦିର ପ୍ରକାଶ ।
ଉପକୁଲ୍ୟା—ପିପ୍‌ପଳୀ ।
ଉପରତ୍ନ—ଗୋମେଦ, ପୁଷ୍ପରାଗ, ବୈଦୁର୍ଯ୍ୟ ଓ ପ୍ରବାଳ ।
ଉପଚଣା—ଦନ୍ତୀଗଛ ।
ଉପରସ—ଖପର, ସୁନାମାଛି, ରୁପାମାଛି, ଅଭ୍ର, ହରିତାଳ, ମନଃଶିଳା, ବୈକ୍ରାନ୍ତ, ମୟୂରଚିଲିଆ, କାଶୀଶ, ଗୈରିକ, ଅଞ୍ଜନ, ହିଙ୍ଗୁଳ ଓ ନବସାରଦ ।
ଉପଲୋହ—କଂସା ପିତ୍ତଳ ପ୍ରଭୃତି ।
ଉପୋଦକା—ପୋଇଶାଗ ।
ଉରୁକାଳ—ମହାକାଳଗଛ ଓ ଫଳ ।
ଉଷଃପୀତ, ଉଷସ୍ତୋୟ—ଉଷାକାଳୀନ ଜଳ ।
ଉଷ୍ଟ୍ରଭକ୍ଷ୍ୟ—କଣ୍ଟାର ।
ଉଷ୍ଣାଗମ—ଗ୍ରୀଷ୍ମକାଳ ।
ଉଚ୍ଚେଷ୍ଟନ, ଉଚ୍ଛେଷ୍ଟନ—ଡେଇଁବାର ।
ଉତ୍ତମାଟିଳା—ତାଳମୂଳୀମନଃଶିଳା ।
ଉପକୁଞ୍ଚିକା—କଳାଜିରା ।
ଉପଦେହନ—ଦେହମର୍ଦ୍ଦନ ।
ଉପବାସକ—ଉପବାସ, ଜ୍ୱରାଦୌ ଲଂଘନ ।
ଉପସମ୍ପନ୍ନ—ସଂସ୍କାରବ୍ୟଞ୍ଜନ ।
ଉଷ୍ମୋପଗମ—ଗ୍ରୀଷ୍ମକାଳ ।
ଉତ୍ତମକରଣୀ—ଦୁଧିଆମେଣ୍ଢିଆ ଲତା ।

ଉତ୍ପଳଶାରିବା—ସୁଗନ୍ଧ ।
ଉଦୁମ୍ବରପର୍ଣ୍ଣୀ—ଦନ୍ତୀଗଛ ।
ଉଭୟଫଳାଶ୍ରିତ—ଫଳଆଳୁ ।

# ଋ

ଋତୁ—ସ୍ତ୍ରୀରଜୋସମୟ, ଚୈତ୍ରାଦି ମାସଯୁଗ୍ମ ।
ଋଦ୍ଧି, ଋଷଭ—ଅଷ୍ଟବର୍ଗାନ୍ତର୍ଗତ ଦ୍ରବ୍ୟବିଶେଷ ।
ଋଷିକା—ଅର୍କଗଛ, ସର୍ପଗନ୍ଧାଗଛ ।
ଋତୁଷଟ୍କ—ବସନ୍ତ, ଗ୍ରୀଷ୍ମ, ବର୍ଷା, ଶରତ୍, ହେମନ୍ତ ଓ ଶିଶିର ।
ଋଷ୍ୟପ୍ରୋକ୍ତା—ଶତାବରୀ, ବଳାମୂଳୀ ।
ଋଷିପ୍ରୋକ୍ତା—ମାସପର୍ଣ୍ଣୀ ।

# ଏ

ଏଳା—ଅଳାଇଚ ।
ଏରଣ୍ଡ—ଗବଗଛ ।
ଏକକନ୍ଦ—ପାଣିସାରୁ ।
ଏକଶିଖା, ଏକାଷ୍ଠୀଲା—ଅକାନବିନ୍ଧ ।
ଏଡ଼ଗଜ—ଗୁଳୁଣ୍ଡାଗଛ ।
ଏଳାପର୍ଣ୍ଣୀ—ସାମାନ୍ୟ ରାସ୍ନା ।
ଏଳବାଳୁକ—ଗନ୍ଧଲାଳୁକା ।

# ଐ

ଐନ୍ଦ୍ରୀ—ଗୋରେଖ କାକୁଡ଼ି ।
ଐଲେୟ—ଗନ୍ଧଲାଳୁକା ।
ଐକେଶିକା—ଅକାନବିନ୍ଧ ।
ଐରାବତ—ନାରଙ୍ଗଫଳ ।

# ଓ

ଓଷ୍ଠୀ—ମଧୁରତୋରଡ଼ା ଫଳ ।
ଓଦନ—ଭାତ ।
ଓଡ୍ରପୁଷ୍ପ—ରକ୍ତମନ୍ଦାରପୁଷ୍ପ ।

# ଔ

ଔପୂଳ—କଇଁକନ୍ଦା ।
ଔଧସ୍ୟ—ଗୋ ପ୍ରଭୃତିର ଦୁଗ୍ଧ ।
ଔଜାବକ—ଉଆଉ ଫଳ ।
ଔଷଧିଗଣ—ବିଷ୍ଣୁକ୍ରାନ୍ତା, ଶାରିବା, ଭୃଙ୍ଗରାଜ, ଶତାବରୀ, ଗୁଳୁଚୀ ଓ ସହଦେବୀ ।

# କ

କଂସ—କଂସା, ଧାତୁବିଶେଷ; ଆଢ଼କ ବା ଗୃହପ୍ରସ୍ଥ ପରିମାଣ ।
କଙ୍ଗୁ—କାଙ୍ଗୁ, ଶସ୍ୟବିଶେଷ ।
କଚ୍ଛ—ଗୟାଅଶ୍ୱତ୍ଥବୃକ୍ଷ ।
କଟ—ଦାରୁହଳଦି; ମସିଣା ।
କଟୁ—ଚଟାକର୍ପୂର; ପିତା ବା ଝାଲ; ନିନ୍ଦାବଚନ ।
କଣା—ପିପ୍ପଳୀ ।
କନ୍ୟା—ଘିଅକୁଆଁରି ।
କନ୍ଦ—ମୂଳ, କନ୍ଦା ।
କପି—ସିହ୍ଲା ନାମକ ସୁଗନ୍ଧ ଦ୍ରବ୍ୟବିଶେଷ ।
କମ୍ବୀ—ତେଲପାକାଦିର ଚଟୁ ।
କର୍ଣ୍ଣ—କାନ ।
କର୍ଷ—ଦୁଇତୋଳା ବା ଚତ୍ୱାରିଂଶ ଚିହ୍ନକ ।
କଲ୍କ—ଶିଳରେ ବଟା ହେବା ଏକପ୍ରକାର କଷାୟ ।
କବ୍ୟ—ମାଂସ ।
କାଂସ୍ୟ—କଂସା ।
କାଙ୍କ୍ଷୀ—ପର୍ବତମାଟି ।
କାଚ—ନେତ୍ରରୋଗ ।
କାନ୍ତ—କାନ୍ତଲୁହା ।
କାନ୍ତା—ପ୍ରିୟଙ୍ଗୁ ।
କାଳା—ମଞ୍ଜିଷ୍ଠା ।
କ୍ୱାଥ—ଷୋଡ଼ଶପଳ ଜଳରେ ପକ୍ୱ କଷାୟବିଶେଷ ।
କୁଣି—ଗୟାଅଶ୍ୱତ୍ଥ ।
କୁଥ—କୁଶ ।
କୁମ୍ଭ—କନକାମଞ୍ଜି; ଦୁଇ ଦ୍ରୋଣ ପରିମାଣ ।
କୁମ୍ଭୀ—କାଫଡ଼; ପାଟଳୀ ।
କୁଲ୍ୟ—ହାଡ଼ ।

କୁଷ୍ଠ—କୁଢ଼; ଚର୍ମରୋଗ ।
କୃତ୍ତି—ଚର୍ମ ।
କୃଷ୍ଣ—ଅଗରଚନ୍ଦନ; କଳାଜିରା; ମରିଚ; କଳାଜହ୍ନା ।
କୃଷ୍ଣା—ପିପ୍‌ପଳୀ ।
କେଶ—କୁରୁବେଲ୍ଲୀ ।
କେଶୀ—କେଶୀଗଛ; ଭୂତକେଶୀଗଛ ।
କୋଲ—ବରକୋଳି ।
କୋଲା—ପିପ୍‌ପଳୀ; ଗୁଇଁକାଠ ।
କୌନ୍ତୀ—ରେଣୁକ ।
କ୍ରୋଷ୍ଟା—ବିଲୁଆଡ଼ ।
କ୍ରୋଷ୍ଟ୍ରା କୃଷ୍ଣପର୍ଣ୍ଣୀ ।
କ୍ରୋଷ୍ଟ୍ରୀ—କୃଷ୍ଣପର୍ଣ୍ଣୀ; ଭୂଇଁକଖାରୁ ।
କକୁଭ—ଅର୍ଜୁନଗଛ ।
କଚୋର—ଗନ୍ଧଶୁଣ୍ଠି ।
କଚ୍ଛୁର—ଯବଧାନ ।
କଚ୍ଛୁରା—ଦୁଲ୍ଲର୍ଭା; ବାଇଡ଼ୁଙ୍କ ।
କଜ୍ଜ୍ୱଳ—କଜଳ ।
କଞ୍ଚୁକୀ—କ୍ଷୀରକଞ୍ଚୁକୀ; ସୋହ୍ଲାଚଣା ।
କଟଭି, କଟଭୀ, କଟମ୍ଭ, କଟମ୍ଭୀ—ଲତାଶିରୀଷ ।
କଟ୍‌ଫଳ—କାଫଳ ।
କଟ୍‌ଫଳୀ—ଗମ୍ଭାରି ।
କଟ୍ୱଙ୍ଗ—ଫଣଫଣା ।
କଟୁକ—ତ୍ରିକଟୁ ଅର୍ଥାତ୍ ଶୁଣ୍ଠି, ପିପ୍‌ପଳୀ ଓ ମରିଚ; ରାଗ ବା କଟୁରସ ।
କଟୁକୀ—କଟକରୋହିଣୀ; ପୀତକଟୁକୀ ।
କଟୁଲ—କୋଦୁଅ ।
କଟେରୁ—ଦାରୁହଳଦ ।
କଠିଞ୍ଜ—ଖଡ଼ି ।
କଠିଲ୍ଲ—ଶ୍ୱେତପୁରୁଣୀ ।
କଠିଲ୍ଲଃ—କଲରା; କାଙ୍କଡ଼ ।
କଠିଲ୍ଲୀ—କାଙ୍କଡ଼ ।
କଣଭ—ଅଣସୋରିଷ ।
କଣ୍ଟକୀ କଣ୍ଟାମଣ୍ଡ; ବଡ଼୍‌ଗନ୍ଧଖଇର ।
କଣ୍ଟାକୀ—ଶମିଗଛ ।
କଣ୍ଟୁର—ମାଣକନ୍ଦାଗଛ ।
କଣ୍ଟୁରା—ବାଇଡ଼ୁଙ୍କ ।
କଦର—ଶୁକ୍ଳ ଖଇର ।
କନକ—ସୁନା; ଦୁଦୁରା; ଦନ୍ତୀମଞ୍ଜି ଓ ଗଛ ।

କଦଳୀ—କେନ୍ଦୂଳୀ ।
କପିତ୍ଥ—କଇଥ ।
କପିଳ—କୁନ୍ଦପୁଷ୍ପ ।
କପିଷ—ସିହ୍ଲା ।
କବୋଷ୍ଣ—ଅଳ୍ପ ତପ୍ତ ।
କମଳ—ପଦ୍ମ ।
କରକା—କୁଆପଥର ।
କରଜ—କରଞ୍ଜଗଛ ।
କରମ୍ଭା—ଦାନ୍ଧକଡ଼ମା ।
କରାଳ—କୁନ୍ଦପୁଷ୍ପ ।
କରାଳା—ଚେମଡ଼ାଲଇ ।
କରୁଣ—କରୁଣାଫଳ ।
କର୍କଟ—ଦଶପ୍ରକାର ଜଙ୍ଗମ ବିଷରୁ ଏକ ।
କର୍କଟୀ—ଖଡ଼ି; କଣ୍ଟିଆଳି କାକୁଡ଼ି ।
କର୍କନ୍ଧୂ—କଣ୍ଟାଇକୋଳି ।
କର୍କଶ—କାସୁନ୍ଦ; ପଟୋଳ ।
କର୍କେନ୍ଧୂ—କଣ୍ଟାଇକୋଳି; ଶୃଗାଳକୋଳି ।
କର୍କୋଟ—କାଙ୍କଡ଼ ।
କର୍ତ୍ତୂଣ—ରାମକପୁର ।
କଲଣ୍ଟ—ବାଳବାଳୁଆ ଶାକ ।
କଲମ୍ବୂ—କଲମ୍ବୃଶାକ ।
କଲଶ—ଭାଣ୍ଡଭେଦ; ଏକ ଦ୍ରୋଣ ପରିମାଣ ।
କଲଶୀ—କୃଷ୍ଣପର୍ଣ୍ଣୀ ।
କଲହକ—ଗନ୍ଧଶୁଣ୍ଠି ଭେଦ ।
କଲାୟ—କୃଷ୍ଣସୋହ୍ଲା; ଚଣକବିଶେଷ ।
କଲିକ କୁନ୍ଦପୁଷ୍ପ ।
କଶିକ—ନନ୍ଦମୁଖ ଧାନ ।
କଷାୟ ଅଠଗୁଣ ଜଳରେ ପକ୍ୱ ପାଚନବିଶେଷ; କଷା ।
କହ୍ଲାର—ରଙ୍ଗକଇଁ ।
କ୍ରକର—କସାର ।
କ୍ରମୁକ—ଗୁଆଗଛ ଓ ଫଳ ।
କାଂଶକ—କଂସା, ଧାତୁବିଶେଷ ।
କାକାହ୍ୱା—କାକୋଳି; ଲୁଣିଲୁଣିଆଶାକ; କାଇଁଚ; ଡମ୍ବିରା (କାକର ପର୍ଯ୍ୟାୟ ସବୁ ଏଗୁଡ଼ିକର ନାମ ।)
କାକେନ୍ଦୂ—ମଧୁର କେନ୍ଦୂ ।
କାକୋଲ—ବିଷ ।
କାକୋଳୀ—ଅଷ୍ଟବର୍ଗାନ୍ତର୍ଗତ ଦ୍ରବ୍ୟବିଶେଷ ।

କାଞ୍ଚନ—ସୁନା; ରକ୍ତକଞ୍ଚଣଗଛ ।
କାଞ୍ଚନୀ—ହଳଦୀ ।
କାଞ୍ଜିକ—କାଞ୍ଜିପାଣି ।
କାଣ୍ଡାସ୍ଥି—ବୃକ୍ଷର ମଞ୍ଜ ।
କାଣ୍ଡିନୀ—ନାଗଦନ୍ତୀ ।
କାଣ୍ଡେକ୍ଷୁ—ଖଡ଼; କାଇଁଶ ।
କାନ୍ତାର—ଆଖୁଭେଦ ।
କାପାଲୀ—ହୁଡ଼ୁପି ।
କାପୋତ—ସାଚକ୍ଷାର ।
କାମୁଘା—ମୁଦ୍‌ଗପର୍ଣ୍ଣୀ ।
କାମଣ୍ଡ୍ୟ—ଅଷ୍ଟପ୍ରକାର ସ୍ଥାବର ବିଷରୁ ଏକ ।
କାମ୍ବୋଜୀ—ମାଷପର୍ଣ୍ଣୀ ।
କାରବୀ—କଳାଜିରା; ସଉପ ।
କାରୁକ—କରମଙ୍ଗା ଫଳ ଓ ଗଛ ।
କାଲାଟ—ଚହ୍ଲା, ଦହି ।
କାଲାୟସ—ଲୁହା ବା ଲୌହ ।
କାଲେୟ—କୃଷ୍ଣଚନ୍ଦନ ।
କାଶ୍ମର—ଗମ୍ଭାରୀ ।
କାଶାନ—କାଇଁଶ ।
କାଶ୍ମୀରୀ—ଅରୁସି ।
କାଶ୍ମର୍ଯ୍ୟ—ଗମ୍ଭାରଗଛ ।
କାଶୀସ—ହ୍ରସ୍ୱବୃକ୍ଷବିଶେଷ; ହୀରାକସ ।
କାସଘ୍ନୀ—ବଂଶରୋଚନା ।
କ୍ୱାଥୋତ୍‌ଥ—କୃତ୍ରିମାଞ୍ଜନ ।
କଂଶୁକ—ପଳାଶବୃକ୍ଷ ଓ ପୁଷ୍ପ ।
କମ୍ପାକ—ମହାଙ୍କାଳ ।
କୀକଶ—ହାଡ ।
କୀକସ—ମଜ୍ଜା ।
କ୍ଲୀତକ—ଜାଠିମଧୁ ।
କୁକ୍‌କୁଟୀ—ବହୁଡ଼ ।
କୁଚେଲା—ଅକାନବନ୍ଧ ।
କୁଞ୍ଜରା—ଧାରୁକୀଫୁଲ ।
କୁଞ୍ଜଲ—କାଞ୍ଜିପାଣି ।
କୁଟଜ—ପିତାକୋରୁଆ ।
କୁଟିଳ—ତଗରପାଦ ।
କୁଡ଼ବ—ଗୁଣପଲ ପ୍ରମାଣ ।
କୁଣ୍ଡଳୀ—ଗୁଳୁଚୀ ଲତା ।
କୁଦ୍ଦାଲ—କୋଦୁଅ ।
କୁନଟୀ—ଡାଲିମ୍ବ। ମନଃଶିଳା ।
କୁବର—ବରକୋଳି ।
କୁମୁଦା—ଗମ୍ଭାରୀ ।
କୁମୁଦୀ—ମୁଦ୍‌ଗପର୍ଣ୍ଣୀ ।
କୁମୁଦ୍ୱ, କୁମୁଦ—କଇଁଫୁଲ ।
କୁମାରୀ—ଘିଅକୁଆଁରୀ; ଜୁଇଗଛ ।
କୁମ୍ଭଜ—ଅଗସ୍ତିଗଛ ।
କୁମ୍ଭଲା—ମୁଣ୍ଡିଦ୍ରବ୍ୟ ।
କୁମ୍ଭାଣ୍ଡୀ—କଖାରୁ ।
କୁମ୍ଭିକ—ଛୁରଅନାଗଛ ।
କୁମ୍ଭିକା—ବୁରଝାଞ୍ଜି ବା ବୋଲଝାଞ୍ଜି ।
କୁଳକ—ବରକୋଳି ବା ବଦରୀ; ମଧୁର କେନ୍ଦୁ; କୁରୁଆଶାକ ।
କୁଲଞ୍ଜ—ଭୈରବ ବଚ ।
କୁଲଟା—ଭୂଇଁଅଁଳା ।
କୁଲ୍ଲଳୀ—କୋଳଥିଆ ବଏର ।
କୁଲକ—ହୁଡ଼ୁପି ।
କୁଲିଙ୍ଗ—ଘରଚଟିଆ ପକ୍ଷୀ ।
କୁଲିଙ୍ଗୀ—କକଡ଼ାଶୃଙ୍ଗୀ; ବହୁଡ଼ ।
କୁଲିଶ—ବଜ୍ର ବା ହୀରା ।
କୁଲୀର—କଙ୍କଡ଼ା ।
କୁଲ୍ମାଶ—ସୁବାସ ଧାନ ।
କୁଲ୍ମାଷ—କାଞ୍ଜିପାଣି; କୋଳଥ; ସୁବାସ ଧାନ ।
କୁଶିକ—ଶିଆଳଲତା ।
କୁସୁମ—ବୃକ୍ଷବିଶେଷ; ଫୁଲ ।
କୁସ୍ତୁର—ବଙ୍ଗ ।
କୁଷ୍ମାଣ୍ଡ—କଖାରୁ ।
କୂଟସ୍ଥ—ନଖୀଭେଦ ।
କୃତକ—ରସାଞ୍ଜନ ।
କୃତ୍ରିମ—ସିହ୍ଲା ନାମକ ସୁଗନ୍ଧଦ୍ରବ୍ୟ; ଚଟାକର୍ପୂର ।
କୃମିଘ୍ନ—ବିଡ଼ଙ୍ଗ ।
କୃମିଜା—ଜଉ ।
କୃଶରା—ଖିରସା; ଛେଳଶର୍କରାଦି ମିଶ୍ରିତ ନାଡ଼ିକେଳ ରସରେ ପ୍ରସ୍ତୁତ ପେୟବିଶେଷ ।
କୃଷ୍ଣଲା—କାଇଁଚ; ହରଡ଼ ।
କୃଷ୍ଣାୟସ—ଲୌହ ବା ଲୁହା ।

କୃଷ୍ଣିକା — ରାଇସୋରିଷ ।
କେତକ—କିଆଫୁଲ ଓ ଗଛ ।
କେଶର — ବଉଳ; ପୁନ୍ନାଗ; ଦଶପ୍ରକାର ଜଙ୍ଗମ ବିଷରୁ ଏକ ।
କେଶିକ — କଶେରୁକନ୍ଦା ।
କୈଡର୍ଯ୍ୟ — ଘୋଡ଼ାଶୁଣ୍ଠି; ନିମ୍ବଗଛ ।
କୈଦାର — ପଦ୍ମକାଠ ।
କୈରବ — କଇଁ ।
କୈରବୀ — ମେଥି ।
କୈରାତ — ଚିରାଇତା ।
କୋଦ୍ରବ — କୋଦୁଅ ।
କୋଲକ — କାକୋଲା ।
କୌଟଜ — ଇନ୍ଦ୍ରଯବ ।
କୌଶିକ — ଗୁଗ୍‌ଗୁଳ ।
କୌଶିମ୍ବୀ — ରୁମ୍ବା ବା ଶିମ୍ବୀବିଶେଷ ।
କୌସୁମ୍ଭ — କୃଷି ମାଞ୍ଜନ ।
କକ୍‌କୋଲକ — କାକୋଲା ।
କଟୁକନ୍ଦ — ମୂଳା ।
କଦମ୍ବକ — ସୋରିଷ ।
କଦୁଷ୍ଣକ — ଅଳ୍ପତପ୍ତ ।
କପିନାମା — ସିହ୍ଲା ନାମକ ସୁଗନ୍ଧଦ୍ରବ୍ୟ ।
କପୀତନ — ଆମ୍ବଡ଼ା; ଗନ୍ଧମୁଣ୍ଡଗଛ ।
କମ୍ବୁକାଖ୍ୟା — ଅଶ୍ୱଗନ୍ଧ ।
କରଜାଖ୍ୟ — ନଖୀ । ( କରଜର ପର୍ଯ୍ୟାୟ ସବୁ ଏହାର ନାମ । )
କରଞ୍ଜକ — କରଞ୍ଜଗଛ ।
କରହାଟ — ମଏଣ ଫଳ ।
କରମର୍ଦ୍ଦ — କରମ୍ଦାକୋଳି ।
କରବୀର — କନିଅରପୁଷ୍ପ ଗଛ ।
କରାଳକ — କୃଷ୍ଣତୁଳସୀ ।
କର୍କଟକ — କଙ୍କଡ଼ା; କକଡ଼ାଶୃଙ୍ଗୀ ।
କର୍କଟାଖ୍ୟା — କକଡ଼ାଶୃଙ୍ଗୀ । ( କର୍କଟର ଯେତେ ପର୍ଯ୍ୟାୟ ସେସବୁ ଏହାର ନାମ । )
କର୍କାରୁକ, କର୍କାରୁ — କଖାରୁ ।
କର୍କୋଟକୀ — ଘୋଷାଡ଼ଲୀ ।
କର୍ଣ୍ଣିକାର — ପଦ୍ମାକାଠ ପୁଷ୍ପ କନିଆର ।
କର୍ବୁଦାଳ — ଶ୍ୱେତ କଞ୍ଚଣଗଛ ।
କର୍ବୂରକ — ଗନ୍ଧଶୁଣ୍ଠି ଭେଦ ।

କଳ୍ପବୃକ୍ଷ — ବାହାଡ଼ା ।
କଳ୍ପଦ୍ରୁମ — ବାହାଡ଼ା ।
କଳିଙ୍ଗକ — ଇନ୍ଦ୍ରଯବ ।
କଶେରୁକ — କଶେରୁ କନ୍ଦା ।
କଶେରୁକା — ପିଠିର ହାଡ଼ ।
କସ୍ତୂରକ, କସ୍ତୂରିକ — କନିଅରପୁଷ୍ପ ଓ ଗଛ ।
କସ୍ତୂରିକା — କସ୍ତୂରୀ ।
କାଂଶନାଳ — ମୟୂରଗିରଥା ।
କାକଜମ୍ବୁ — ଭୁଇଁଜାମ୍ବୁ ।
କାକଜଂଘା, କାକଢକ୍ତା — କାଇଁଚ ।
କାକମାଚୀ — ଲୁଣିଲୁଣିଆଶାକ ।
କାକମାଳ — କୃଷ୍ଣତୁଳସୀ ।
କାକଶୀର୍ଷ — ବକପୁଷ୍ପ ।
କାକାଦନୀ — କାଇଁଚଗଛ; ହୁଡ଼ୁପି ।
କାଚସ୍ଥାଲୀ — ପାଟଲୀ ।
କାଞ୍ଚନାଳ — ଶ୍ୱେତକଞ୍ଚଣ ।
କାଣ୍ଡେରୁହା — କଟୁକରୋହିଣୀ ।
କ ନ୍ଦୂଲକ — ଗସ୍ତୁ। ଅଶ୍ୱତ୍ଥ ।
କାମଦୂତୀ — ପାଟଲୀ ।
କାର୍ମିଲ୍ଲକ — ମୁଦାରଶିଙ୍ଗୀ ।
କାଳକୂଟ — ଦଶପ୍ରକାର ଜଙ୍ଗମ ବିଷରୁ ଏକ ।
କାଳକୋଚ — ପାଣିସାରୁ ।
କାଳଙ୍କତ — କାସୁନ୍ଦ ।
କାଳମାଳ — କୃଷ୍ଣତୁଳସୀ ।
କାଳମେଷୀ — ସୁଗନ୍ଧ ।
କାଳସେପ୍ୟ — ଚହ୍ଲା ।
କାଳସ୍କନ୍ଧ — କେନ୍ଦୁଗଛ ଓ ଫଳ; ବଟଖଦିର; ତମାଳଗଛ ।
କାଳୀୟକ — କୃଷ୍ଣଚନ୍ଦନ ।
କାଳେୟକ — ଦାରୁହଳଦୀ ।
କାଶ୍ମୀରଜ — କୁଙ୍କୁମ ।
କାସମର୍ଦ୍ଦ — କାସୁନ୍ଦଗଛ ।
କାଷ୍ଠପୁଷ୍ପ — କିଆ ।
କଙ୍କେଲାଶ, କଙ୍କିଲାଶ — ଅଶୋକଗଛ ଓ ଫୁଲ ।
କିରାତିନୀ — ଜଟାମାଂସୀ ।
କୁକାଞ୍ଚନ — ପିତଳ ।
କୁଚନ୍ଦନ — ରକ୍ତଚନ୍ଦନ ।

କୁଟନ୍ନଟ – ଗଙ୍ଗାମୂଥା ।
କୁଟୁମ୍ବରୀ—ପ୍ରସାରୁଣୀ ।
କୁଠେରକ—ଶ୍ୱେତତୁଳସୀ ।
କୁଣୀକଚ୍ଛ – ଗନ୍ଧାଅଶ୍ୱଗନ୍ଧା ।
କୁନାଶକ—ଦୁର୍ଲ୍ଲଭା ।
କୁବଳୟ—ନୀଳୋତ୍ପଳ ।
କୁବେରାକ୍ଷୀ—ପେଡ୍ଡପେଡ୍ଡଆ; ପାଟଲୀ ।
କୁବେରକ—ଗନ୍ଧାଅଶ୍ୱଗନ୍ଧା ।
କୁମାରକା—ସେବତୀପୁଷ୍ପ ।
କୁମ୍ଭକାରୀ—କୁଳୁଥିଆ ବଏର ।
କୁମ୍ଭପର୍ଣ୍ଣୀ—କଖାରୁ ।
କୁରୁବନ୍ଦ —ଗଙ୍ଗାମୁଥା; ଶର ।
କୁରୁବକ – କୁରୁଆଶାକ ।
କୁରୁଣ୍ଟକ – ପୀତପୁଷ୍ପ ଦାସକରଣ୍ଡା ।
କୁଲତୃଣ —ନାକଦଏଣା ।
କୁଲାହଲ—ପୋକସୁଙ୍ଘାଗଛ ।
କୁଲଙ୍ଗାକ୍ଷୀ—ପେଡ୍ଡପେଡ୍ଡଆ ।
କୁଲୁତ୍ଥକ—କୋଲଥ ।
କୁଲୁତ୍ଥିକା—କୁଳୁଥିଆ ବଏର ।
କୁଶପୁଷ୍ପ—ଗଣ୍ଠିଅନା ।
କୁଶେଶୟ—ପଦ୍ମ ।
କୁସ୍ତୁମ୍ବୁରୁ—ଧଣିଆ ।
କୁଷ୍ଠମୂଳ —କୁଡ଼ମୂଳ ।
କୂଟରଣା—ଡଙ୍କ ।
କୃତଚ୍ଛିଦ୍ରା —ଜହ୍ନି ।
କୃତମାଳ – ସୁନାରଗଛ ଓ ଫଳ ।
କୃମିଶତ୍ରୁ—ବିଡଙ୍ଗ ।
କୃମୀଲକ—ବନମୁଦ୍ଗ ।
କୃଷ୍ଣଜଟା କଟାମାଂସୀ ।
କୃଷ୍ଣପୁଷ୍ପା – ମାଷପର୍ଣ୍ଣୀ ।
କୃଷ୍ଣମୁଦ୍ଗ—କଳାମୁଗ ।
କୃଷ୍ଣମୂଳ —କୁଡ଼ମୂଳ ।
କୃଷ୍ଣବଲ୍ଲୀ – କୃଷ୍ଣତୁଳସୀ ।
କୃଷ୍ଣସାର—ଶିଶୁଆଗଛ ।
କୃଷ୍ଣାଗୁରୁ— ଅଗରଚନ୍ଦନ ।
କୃଷ୍ଣାର୍ଜକ --କୃଷ୍ଣତୁଳସୀ ।
କେତୁରତ୍ନ – ବୈଡ଼ୁର୍ଯ୍ୟ ।

କେଶରାଜ—ଭୃଙ୍ଗରାଜଗଛ ।
କୋକନଦ—ରକ୍ତୋତ୍ପଳ ।
କୋକିଲାକ୍ଷ୍ୟ, କୋକିଲାକ୍ଷ—କୋଇଲେଖା ।
କୋଦ୍ରବୀଣ—ଯେଉଁ ଭୂମିରେ କୋଦୁଅ ହୁଏ; କୋଦୁଅସମ୍ବନ୍ଧୀୟ ।
କୋବିଦାର—ରକ୍ତକାଞ୍ଚଣ ।
କୋରଦୂଷ—କୋଦୁଅ ।
କୋରମେଦ—କାସୁନ୍ଦଗଛ ।
କୋଲବଲ୍ଲୀ—ଗଜପିପ୍ପଳୀ ।
କୋଶଳାମ୍ଳ, କୋଷଳାମ୍ଳ – କୋଶଳାଶାକ ।
କୋଷଫଳ—କାକୋଲା ।
କୋଷଫଳା—ଲେମ୍ବୁ ।
କୋଷାତକ, କୋଷାତକୀ—ଜହ୍ନି ।
କ୍ରୋଷ୍ଟୁନାମା—କଣ୍ଟାଇକୋଳି । ( କ୍ରୋଷ୍ଟୁ ବା ଶୃଗାଳର ପର୍ଯ୍ୟାୟ ସବୁ ଏହାର ନାମ । )
କଟୁକାପାଳୀ—ହୁଡ଼ୁପି ।
କଟୁଚ୍ଛତ୍ରିକା – ବଡ଼ ଛଣପଟ ।
କଟୁପୁଷ୍ପିକା—ମହାରୁଣ୍ଡା ।
କଟୁରୋହିଣୀ— କଟକରୋହିଣୀ ।
କଣ୍ଟାରକ – ଜିରଭେଦ ।
କଣ୍ଟକାରିକା - ଅକରାନ୍ତ ।
କଣ୍ଟକିଫଳ, କଣ୍ଟକୀଫଳ – ପଣସ ।
କଦମ୍ବପୁଷ୍ପା, କଦମ୍ବପୁଷ୍ପୀ ମୁଣ୍ଡିଦ୍ୱୟ । ( ଅରୁଣା ଶବ୍ଦ ଦେଖ । )
କନକାହ୍ୱୟ – ଦୁଦୁରାଗଛ । ( କନକ ବା ସୁବର୍ଣ୍ଣର ପର୍ଯ୍ୟାୟ ସବୁ ଏହାର ନାମ । )
କପିକଚ୍ଛୁକା—ବାଇଡ଼ଙ୍କ ।
କପିପିପ୍ପଳୀ— ଅଟରୋଷ ।
କବଳଗ୍ରହ— ଏକ କର୍ଷ ପ୍ରମାଣ ।
କମ୍ବଳାଂଶୁକ ବାଳୁବାଳୁଆଶାକ ।
କର୍କଟଶୃଙ୍ଗୀ—କକଡ଼ାଶୃଙ୍ଗୀ ।
କର୍ଣ୍ଣଭୂଷଣ—ଅଶୋକ ପୁଷ୍ପ ଓ ଗଛ ।
କର୍ପୂରତୈଳ – ପନ୍ନୀରପାଣି ।
କଲମୋତ୍ତମ—ସୁବାସ ଧାନ ।
କଲକୋତ୍ତମ – ଲବଙ୍ଗ ।
କଲମାରକ—ଲତାକରଞ୍ଜ ।
କଷାୟଷଟ୍କ—ସ୍ୱରସାଦି ଛଅପ୍ରକାର କଷାୟ ।

କାକଣନ୍ତିକା—କାଇଁଚ ।
କାକତିନ୍ଦୁକ, କାକପୀଲୁକ—ମଧୁର କେନ୍ଦୁ ।
କାଞ୍ଚନରସ—ହରିତାଳ ।
କାଣ୍ଡକଣ୍ଟକ—ଚରାଇତା ।
କାରମର୍ଦ୍ଦକ—କରମ୍ଦାକୋଳି ।
କାରବେଲ୍ଲକ—କଲରା ।
କାଲନିର୍ଯ୍ୟାସ—ଗୁଗ୍‌ଗୁଲ ।
କାଲମର୍ଦ୍ଦକ—ମହାଙ୍କାଳଗଛ ।
କାଲମୁଷ୍କକ—ଝୁଣ୍ଟୁଝୁଣ୍ଟିଆଗଛ ।
କାଲମେଷିକା—ମଞ୍ଜିଷ୍ଠା ।
କାଲଲବଣ—ବିଟଲବଣ ।
କାଶ୍ମୀରଜନ୍ମା—କୁଙ୍କୁମ ।
କାସନାଶିନୀ—କକଡ଼ାଶୃଙ୍ଗୀ ।
କିଟ୍ଟମଣ୍ଡୁର—ଲୌହମଳ ।
କିରାତତିକ୍ତ—ଚିରାଇତା ।
କୁଡ଼ବଦ୍ୱୟ—ଆଠ ପଲ ।
କୁମାରୀଚକ—ଭୃଙ୍ଗପୋଡ଼ାଗଛ ।
କୁଳଶାହ୍ୱକ—ପଦ୍ମଅଇରି । ( କୁଳଶର ପର୍ଯ୍ୟାୟ ସବୁ ଏହାର ନାମ । )
କୁଳୀରଶୃଙ୍ଗୀ—କକଡ଼ାଶୃଙ୍ଗୀ ।
କୁସୁମୋଦର—ହଆଉ ଫଳ ।
କୁଷ୍ଠନାଶନ—କ୍ଷୀରକଞ୍ଚୁକୀ ।
କୁଷ୍ଠନାଶିନୀ—ସୋମରାଜମଞ୍ଜି ।
କୃତବେଧନା—ଜହ୍ନି ।
କୃଷ୍ଣଚଞ୍ଚୁକ, କୃଷ୍ଣଚୁଚୁକ—ସୋହ୍ଲାଚଣା ।
କୃଷ୍ଣଲବଣ—ସୌବର୍ଚ୍ଚଲ ଲବଣ ।
କୃଷ୍ଣବୃନ୍ତିକା, କୃଷ୍ଣବୃନ୍ତକା—ଗମ୍ଭାରି; ପେଣ୍ଡପେଡ଼ିଆ ।
କୃଷ୍ଣପିଣ୍ଡୀର—ତଳଚକା ଫଳ ।
କେଶବପ୍ରିୟା—ତୁଳସୀଗଛ; ଗୋରୋଚନା ।
କୋଷ୍ଟୁପୁଚ୍ଛିକା—କୃଷ୍ଣପର୍ଣ୍ଣୀ ।
କନକସଙ୍କକ—କନକାମଞ୍ଜି । ( କନକ ପର୍ଯ୍ୟାୟ ଏହାର ନାମ । )
କମଣ୍ଡଳୁବୃକ୍ଷ—ଜଡ଼ ଗଛ ।
କରବୀରଭୁଜା—ହରଡ଼ ।
କର୍ପୂରାଦ୍ୟକ—କର୍ପୂର, କସ୍ତୁରୀ ଓ କୁଙ୍କୁମ ।
କାକୋଡୁମ୍ବରିକା—ଡିମ୍ବିରି ଗଛ ।
କାଳାନୁଶାରିବା—ତଗରପାଦ; ଶିଆଳଲେଣ୍ଡି ।
କାଲୋପକୁଞ୍ଚିକା—କଳାଜିରାଭେଦ ।
କୃଷ୍ଣପିଣ୍ଡୀତକ—ତଳଚକା ଫଳ ।
କୃଷ୍ଣପୃଷ୍ଠଫଳା—ସୋମରାଜ ମଞ୍ଜି ।
କଂଚନାଗଦଲୋପମ—ପରୁଷ ଫଳ ବା ସୀତାଫଳ ଗଛ ।

---

## ଖ

ଖଟୀ—ଖଡ଼ି ।
ଖଣ୍ଡ—ନେତ୍ରବିକାର; ନବାତ; ଅର୍ଦ୍ଧଭାଗ ।
ଖର—ତୀକ୍ଷ୍ଣ; ତପ୍ତ ।
ଖାରୀ—ଷୋଳଦ୍ରୋଣ ପରିମାଣ ।
ଖଜାକା—ତୈଳାଦି ପାକାର୍ଥ ଚଟୁ ।
ଖଣ୍ଡୋଷ୍ଠୀ—ମଞ୍ଜିଷ୍ଠା ।
ଖଣ୍ଡିକ—ବଡ଼ଚଣା ।
ଖଦିର—ଖଇର ।
ଖଦିରୀ, ଖଦିରୀ—ଲଜକୋଳି ।
ଖପୁର—ଗୁଆ ବା ଗୁବାକ ।
ଖର୍ଜ୍ଜୁର—ଖଜୁରୀ; ରୁପା ।
ଖର୍ଜୁରୀ—ଖଜୁରି ଗଛ ।
ଖର୍ପରୀ—ଖପର ।
ଖୁଡ଼ାକ—ସଲପ ଗଛ ।
ଖରଚ୍ଛଦ—କୁଶ; ସାହାଡ଼ା ଗଛ ।
ଖରସ୍ୱରା—ତ୍ରିପୁରମଲ୍ଲୀ ।
ଖରଖରୀ—ସଲପ ଗଛ ।
ଖରପଲ୍ଲବ—ସାହାଡ଼ା ଗଛ ।
ଖରମଞ୍ଜରୀ—ଅପାମାରଙ୍ଗ ।

---

## ଗ

ଗ୍ରାମ୍ୟା—ପାଳଙ୍ଗ ଶାକ ।
ଗ୍ରାହ୍ୟା—କଇଠ ।
ଗ୍ଲାନ, ଗ୍ଲାସ୍ନୁ—ରୋଗୀ ।
ଗୁଞ୍ଜା—କାଇଁଚ ଓ ତତ୍‌ପରିମାଣ ।
ଗୁଣ୍ଡା—ସିଦ୍ଧୁରଗଛ ।
ଗୁଣ୍ଡୀ—ମୃଦାରଶିଙ୍ଗୀ ।

ଗୁଲ୍ମ — ରୋଗବିଶେଷ; ଗ୍ରେଚ୍ଛଗଛ; ପଦ୍ମ ।
ଗୁଲ୍ମା — ହୁଡ଼ୁପି ।
ଗୁହା — କୃଷ୍ଣପର୍ଣ୍ଣୀ; ସିଙ୍ଘୁଗଛ ।
ଗ୍ରୈଷ୍ମ — ଚଲଣାଫଳ ।
ଗୋଣୀ — ଷୋଡ଼ଶ ଦ୍ରୋଣ ପରିମାଣ ।
ଗୋଲା — ମନଃଶିଳା, ତାଲମୂଳମନଃଶିଳା ।
ଗୌର — ଶ୍ୱେତକପୁର ।
ଗୌରୀ — ହଳଦୀ ।
ଗଜାହ୍ୱା — ଗଜପିପ୍ପଳୀ । (ଗଜ ପର୍ଯ୍ୟାୟ ସବୁ ଏହାର ନାମ । )
ଗଣାଙ୍ଗ — ଚିନା ଧାନ ।
ଗଣିକା — ଜୁଇଫୁଲ ।
ଗଣ୍ଡୀରୀ — ମଞ୍ଜିଷ୍ଠା ।
ଗନ୍ଧାଖ୍ୟା — ଶାଳପର୍ଣ୍ଣୀ ।
ଗନ୍ଧମା — ମୁରାମାଂସୀ ।
ଗନ୍ଧାଲୀ — ପ୍ରସାରୁଣୀ ।
ଗନ୍ଧାଳୁ — ଖମ୍ବଆଳୁ; ସୁବାସ ଧାନ ।
ଗବାକ୍ଷା — କୃଷ୍ଣଅପରାଜିତା ।
ଗବାକ୍ଷୀ — ଗନ୍ଧମକାକୁଡ଼ି, ଗୋରେଖକାକୁଡ଼ି ।
ଗରଳ — ବିଷ ।
ଗର୍ଦ୍ଦଭ — ଜୁଇଫୁଲ ।
ଗହ୍ୱର — ବିଡ଼ଙ୍ଗ ।
ଗ୍ରନ୍ଥିକ — ପିପ୍ପଳାମୂଳ; ଗନ୍ଧମାଳି ।
ଗ୍ରନ୍ଥିମ — ଦଶପ୍ରକାର ଜଙ୍ଗମ ବିଷରୁ ଏକ ।
ଗ୍ରନ୍ଥିଲ — ଗନ୍ଧମାଳି; ଗଇଁଶଫୁଲ; କଣ୍ଟିର ।
ଗାଙ୍ଗେୟ — ବନମୁଥା ।
ଗାୟତ୍ରୀ — ଖଇର ।
ଗ୍ରାବାଣ — ପାଷାଣଭେଦ ଗଛ ।
ଗିରିଜ — ପର୍ବତମହୁଲ ।
ଗିରିଜା — ମଧୁରଟଙ୍କ; ଶ୍ୱେତବନବନା ।
ଗୁଞ୍ଜନ — ରସୁଣ ।
ଗୁଡ଼ୁଚୀ — ଗୁଳୁଚଲତା ।
ଗୁତ୍ସକ — ଗଣ୍ଠିଅନା ।
ଗୁନ୍ଦ୍ରକ — କାଣ୍ଡଶର ଗଛ ।
ଗୁନ୍ଦ୍ରାରି — ଗରଗଡ଼ ।
ଗୁବାକ — ଗୁଆ ।
ଗୁଲ୍ମିମ — ଲତା ।
ଗୈରିକ — ଗେରୁ ।
ଗୋକର୍ଣ୍ଣୀ — ମୁରୁଗା ।
ଗୋଜିହ୍ୱା — ଗରଗଡ ।
ଗୋଗ୍ଗୁଲ — ପୋକସୁଙ୍ଘା ଗଛ ।
ଗୋଡ଼ୁମ୍ବା — ଗନ୍ଧମକାକୁଡ଼ି ।
ଗୋଦନ୍ତ — ହରିତାଳ ।
ଗୋଦନ୍ତା — କାକୋଲା; ହରିତାଳ; ରତ୍ନଭେଦ ।
ଗୋଦୁଗ୍ଧା — ଗନ୍ଧମକାକୁଡ଼ି ।
ଗୋଧୂମ — ଗହମ ।
ଗୋନର୍ଦ୍ଦ — କେଉଟିଆ ମୁଥା ।
ଗୋନାମ — ବୈକ୍ରାନ୍ତ ମଣି ।
ଗୋପକ — ବୋଳ; ଗୁଗ୍‌ଗୁଳୁ ପ୍ରାୟ ଏକପ୍ରକାର ସାରଜଦ୍ରବ୍ୟ ।
ଗୋପନ — ତେଜପତ୍ର
ଗୋପିଷ୍ଟ — ଶିଂଶପା ।
ଗୋଲୋମୀ — ଶ୍ୱେତଦୁବ; ବେଗୁନିଆଁ; ଭୂତକେଶୀ ଗଛ ।
ଗୋଲ୍ଲପା, ଗୋଲ୍ଲପୀ — କଶେରୁକନ୍ଦା ।
ଗୋଶୀର୍ଷ — ଶ୍ରୀଖଣ୍ଡଚନ୍ଦନ; ଗଇଁଶ ।
ଗୋଶାଲ — ପୋକସୁଙ୍ଘାଗଛ ।
ଗୋସ୍ତନୀ — ଦ୍ରାକ୍ଷା ।
ଗଜାଶନ — ଅଶ୍ୱତ୍ଥବୃକ୍ଷ ।
ଗଜାଶନା — ଶଲରି ଗଛ ।
ଗଣ୍ଡକାଲୀ — ଲଜକୋଳି ।
ଗନ୍ଧକୁଟୀ — ମୁରାମାଂସୀ ।
ଗନ୍ଧଖେଟ — ଗନ୍ଧମାଳି ।
ଗନ୍ଧତୋୟ — କାକୋଲା, ଗୁଡ଼ତ୍ୱକ, ଜାଇପତ୍ରୀ, ସୂକ୍ଷ୍ମ ଅଲାଇଚ, ନାଗେଶ୍ୱର ଓ ଚମ୍ପା ପୁଷ୍ପରେ ଯୁକ୍ତ ଜଳ ।
ଗନ୍ଧବହା — ନାସିକା ।
ଗନ୍ଧବାସ — କୃଷ୍ଣଚନ୍ଦନ ।
ଗନ୍ଧବୀଜା — ମେଥି ।
ଗନ୍ଧମତ୍ତା — ତ୍ରିପୁରମଲ୍ଲୀ ।
ଗନ୍ଧମାଳୀ — ତୃଣଜାତୀୟ ସୁଗନ୍ଧଦ୍ରବ୍ୟବିଶେଷ ।
ଗନ୍ଧମୁଣ୍ଡ — ବୃକ୍ଷବିଶେଷ ।
ଗନ୍ଧମୂଳ — ବଚ ।
ଗନ୍ଧରସ — ବୋଳ ।
ଗନ୍ଧଶାଲ — ସୁବାସ ଧାନ ।

ଗନ୍ଧସାର—ଚନ୍ଦନ ।
ଗବାଦନୀ – କୃଷ୍ଣ ଅପରାଜିତା ।
ଗବେଧୁକା—ଗରଗଡ଼ା ।
ଗର୍ଦ୍ଦଭାଣ୍ଡ – ଗନ୍ଧମୁଣ୍ଡ ଗଛ ।
ଗ୍ରନ୍ଥିଖେଟ – ଗନ୍ଧମାନ୍ଦି ।
ଗ୍ରନ୍ଥିପର୍ଣ୍ଣ – ଗଣ୍ଠିଅନା; ଗନ୍ଧମାନ୍ଦି ।
ଗ୍ରନ୍ଥିଫଳ—ଫଳଆଳୁ ।
ଗ୍ରନ୍ଥିମାନ୍—ପବଅଇର ।
ଗାଙ୍ଗେରୁକୀ—ଗୋରକ୍ଷ ଗୃଢଳ ।
ଗାରୁତ୍ମତ—ମରକତମଣି ।
ଗ୍ରାମ୍ୟଧର୍ମ – ମୈଥୁନ ।
ଗିରିକର୍ଣ୍ଣୀ—ଶୁକ୍ଳ ଅପରାଜିତା ।
ଗିରିମୃତ୍ – ଗେରୁ ।
ଗ୍ରୀଷ୍ମଭବା—ସେବତିଫୁଲ ।
ଗୁଗ୍‌ଗୁଲୁକ—ଗୁଗୁଳ ।
ଗୁଚ୍ଛକନ୍ଦ – କୁଜସାରୁ ।
ଗୁଚ୍ଛଫଳ—ମିରଗାକୋଳି ।
ଗୁଡ଼ପୁଷ୍ପ—ମହୁଲ ।
ଗୁଣାବହା—ଲୁଣିଲୁଣିଆ ଶାକ ।
ଗୃଧ୍ରନଖୀ – ହୁଡ଼ୁପି ।
ଗୃହଦ୍ରୁମ – ମେଣ୍ଢାଶିଙ୍ଗା ଗଛ ।
ଗୋକଣ୍ଟକ, ଗୋକ୍ଷୁରକ—ଗୋଖରା ।
ଗୋଧାପଦୀ—ସୁଆଁଳିଆ ଲତା ।
ଗୋପପନ୍ଦ, ଗୋପାଙ୍ଗନା, ଗୋପବଧୂ— ତେଜପନ୍ଦ ।
ଗୋପବଲ୍ଲୀ – ଚେମଡ଼ାଲଇ ।
ଗୋରସଜ—ଚହ୍ଲା ।
ଗୌରଶାକ— ପର୍ବତ ମହୁଲ ।
ଗୌଣ୍ଡେଜ – ଅଭ୍ର ।
ଗୌରପ୍ରିୟ—ନୀଳରତ୍ନ ।
ଗୌରୀବୀଜ – ଗନ୍ଧକ ।
ଗଜଘଣ୍ଟା—ଗୋରେଖ କାକୁଡ଼ି ।
ଗଣରୂପିକା—ଶ୍ୱେତ ଅର୍କ ।
ଗଣିକାରିକା—ଅଗିବଥ ।
ଗନ୍ଧଚେଲିକା—ଲତାକସ୍ତୁରୀ ।
ଗନ୍ଧନାକୁଳୀ—ସୁଗନ୍ଧରାସ୍ନା ।
ଗନ୍ଧପାଷାଣ— ଗନ୍ଧକ
ଗନ୍ଧସୌମୁଖ୍ୟ—ରକ୍ତକଇଁ ।
ଗର୍ଦ୍ଦଭଶାଖା—ବ୍ରାହ୍ମଣଯଷ୍ଟି ।
ଗର୍ଭଘାତନୀ, ଗର୍ଭପାତନୀ—ଲଙ୍ଗଳଙ୍ଗଳିଆ ବା ଲହଲଙ୍ଗଳିଆ ଗଛ ।
ଗିରିପୁଷ୍ପକ—ଶୈଳଜ ।
ଗିରିମଲ୍ଲିକା—ପିତାକୋରୁଆ ।
ଗୁଣବଲ୍ଲରୀ – କ୍ଷୀରକାକୋଳୀ ଶାକ ।
ଗୁପ୍ତପନ୍ଦକ—ମହୁଆଳୁ ।
ଗୋପବଲ୍ଲଭ —ପ୍ରବାଳ ବା ପୋହଳା ।
ଗୋପଭଦ୍ରିକା—ଗମ୍ଭାରି ।
ଗୋହରୀତକୀ—ବେଲଗଛ ଓ ଫଳ ।
ଗୌରସର୍ଷପ—ଶ୍ୱେତ ସୋରିଷ ।
ଗନ୍ଧଫଣିଜ୍ଝକ—ଗନ୍ଧତୁଳସୀ ।
ଗନ୍ଧହସ୍ତକ – ଗବଗଛ ।
ଗଳପିଣ୍ଡୀତକ – ମଏଣ ଫଳ ।
ଗୋରକ୍ଷତଣ୍ଡୁଳା—ଗୋରେଖ ଗୃଢଳ ।
ଗୋବନ୍ଦନାଗବଲ୍ଲୀ – ସହଦେବୀ ଗଛ ।

## ଘ

ଘଣ୍ଟା – ଛଣପଟ; ଅପାମାର୍ଗ, ଝୁଣ୍ଟୁଣୁଣିଆ ଗଛ ।
ଘନ—ମୁଥା । ( ଘନ ପର୍ଯ୍ୟାୟ ସବୁ ଏହାର ନାମ । )
ଘୋଣ୍ଟା —ଗୁବାକ ।
ଘୋଲ —ଚହ୍ଲାଦହି ।
ଘୋଷ—କଂସା, ଧାତୁବିଶେଷ ।
ଘଣ୍ଟାସ୍ୱା – ହାତିଆ ବଏର ।
ଘଣ୍ଟାବୀଜ – କନକାମଞ୍ଜି ।
ଘନରସ – ଲତାକସ୍ତୁରୀ ।
ଘନସାର – କର୍ପୂର ।
ଘନାହ୍ୱୟ—ଅଭ୍ର । (ଘନ ବା ମେଘର ପର୍ଯ୍ୟାୟଗୁଡ଼ିକ ଏହାର ନାମ । )
ଘୁଣପ୍ରିୟା, ଘୂଣପ୍ରିୟା – ଅରୁସି ।
ଘୃତମଣ୍ଡା— କାକୁଡ଼ିଆ ଘାସ ।
ଘ୍ରାଣତର୍ପଣ – ସୁଗନ୍ଧ ।

# ଚ

ଚଣ୍ଡ — ତଗରପାଦ ।
ଚକ୍ଷୁ — ମେଣ୍ଢାଶିଙ୍ଗା; ଆଖି ।
ଚଣ୍ଡୀ — ପିଙ୍ଗଖି ।
ଚବ୍ୟ — ଚାଇଁକାଠ ।
ଚଳ — ସିହ୍ଲା; ସୁଗନ୍ଧଦ୍ରବ୍ୟବିଶେଷ ।
ଚାର — ପିଆଳଗଛ ।
ଚଞ୍ଚା — ତେନ୍ତୁଳି ।
ଚିତ୍ର — ଗବଗଛ ।
ଚିତ୍ରା — ଗନ୍ଧମନାକୁଣ୍ଡି; ଦନ୍ତୀଗଛ ।
ଚୀନ — ଶିଂସା; ଚନାଧାନ ।
ଚୁକ୍ର — ଅମ୍ଳପାଳଙ୍ଗ; ଆମ୍ବିଳି ।
ଚୂତ — ଆମ୍ବଗଛ ।
ଚୂର୍ଣ୍ଣ — ଧୂଳି; ଔଷଧବିଶେଷ ।
ଚୋକ — ସ୍ୱର୍ଣ୍ଣକ୍ଷୀରୀବୃକ୍ଷର ମୂଳ ।
ଚକ୍ରାଙ୍ଗୀ — କଙ୍କଡ଼ାଶୃଙ୍ଗୀ; କଟୁକରୋହିଣୀ; ଦହଦହିଆ ।
ଚକ୍ଷୁଷ୍ୟ — ପୁଣ୍ଡରୀକ କାଠଭେଦ; ଖପର ।
ଚକ୍ଷୁଷ୍ୟା — ହାଣ୍ଡିଆ ବଏର ।
ଚଣକ — ଅତୁସୀ; ସୋହ୍ଲାଚଣା ।
ଚନ୍ଦ୍ରକ — ଚଟାକର୍ପୂର ।
ଚନ୍ଦ୍ରିକା — ମେଥି ।
ଚପଳା — ପିପ୍ପଳୀ ।
ଚବିକା — ଚାଇଁକାଠ; ଅର୍କଗଛ ।
ଚମ୍ପକ — ଚମ୍ପାଗଛ ।
ଚରକ — ପାପଡ଼ା ।
ଚାଙ୍ଗେରୀ — ଆମ୍ବିଳିଢ ।
ଚାମ୍ପେୟ — ନାଗେଶ୍ୱର; ଚମ୍ପାଗଛ ।
ଚକ୍କଣ — ତୈଳ ।
ଚିତ୍ରକ — ଚିତାପାରୁ; ଚଟାକର୍ପୂର; ମୁଚୁକୁନ୍ଦ ପୁଷ୍ପ ।
ଚିତ୍ରାଙ୍ଗ, ଚଭଟ — ଗସ୍ତା କଲରା ।
ଚହ୍ନକ — ଚାର କାଇଁଚ ପ୍ରମାଣ ।
ଚୀଭଟ — ଗସ୍ତା କଲରା ।
ଚୁକ୍ରିକା — ଆମ୍ବିଳିଢ, ତେନ୍ତୁଳି ।
ଚୁଲ୍ଲିକ — ଟଙ୍କବଥୁଆ ଶାକ ।
ଚେତକୀ — ହରଡ଼ା ।
ଚେଲ୍ଲାଣ — ଚଲଣାଫଳ ।
ଚୋରକ — ଘୋଡ଼ାଶୁଣ୍ଠି ।
ଚୌରକ — ପିଙ୍ଗଖି ।
ଚନ୍ଦ୍ରଦନ୍ତୀ — କନକା ମଞ୍ଜି ।
ଚନ୍ଦ୍ରମର୍ଦ୍ଦ — ଚାକୁଣ୍ଡାଗଛ ।
ଚନ୍ଦ୍ରବର୍ତ୍ତୀ — ବଥୁଆ ଶାକ ।
ଚତୁର୍ଜାତ — ଚାତୁର୍ଜାତକ ।
ଚତୁର୍ଥିକ — ଏକପଳ ପରିମାଣ ।
ଚତୁଃସମ — ଚନ୍ଦନ, ଅଗର, କସ୍ତୁରୀ ଓ କୁଙ୍କୁମ ।
ଚତୁରମ୍ଳ — ବଦରୀ, ଦାଡ଼ିମ, ତେନ୍ତୁଳି, ଅମ୍ଳବେତସ ।
ଚନ୍ଦ୍ରକାନ୍ତ — ଶ୍ରୀଖଣ୍ଡଚନ୍ଦନ; କଇଁଫୁଲ ।
ଚନ୍ଦ୍ରଲେଖା, ଚନ୍ଦ୍ରରେଖା — ସୋମରାଜ ମଞ୍ଜି ।
ଚର୍ମକଷା, ଚର୍ମଫଙ୍କ — ଛେଳିପାଗୁଳିଆ (ଚର୍ମ ପର୍ଯ୍ୟାୟ ସବୁ ଏହାର ନାମ) ।
ଚାମୀକର — ସୁନା ବା ସ୍ୱର୍ଣ୍ଣ ।
ଚିକିତ୍ସକ — ବୈଦ୍ୟ ।
ଚିତ୍ରବଲ୍ଲୀ — ମଞ୍ଜିଷ୍ଠା ।
ଚିରବିଲ୍ୱ — କରଞ୍ଜ ।
ଚୈତ୍ୟବୃକ୍ଷ — ଅଶ୍ୱତ୍ଥ ।
ଚନ୍ଦ୍ରନାସ୍ତକ — ନଖିଭେଦ ।
ଚନ୍ଦ୍ରବର୍ତ୍ତିନୀ — ପର୍ପଟୀ, ସୁଗନ୍ଧଦ୍ରବ୍ୟବିଶେଷ ।
ଚନ୍ଦ୍ରଲକ୍ଷଣା — ଗୁଳୁଚି ।
ଚନ୍ଦ୍ରସାମଙ୍କ — ସ୍ରୋତାଞ୍ଜନ ।
ଚତୁରଙ୍ଗୁଳ — ସୁନାରିଗଛ ।
ଚତୁର୍ବିଧାଗ୍ନି — ସମାଗ୍ନି, ବିଷମାଗ୍ନି, ମନ୍ଦାଗ୍ନି ଓ ତୀକ୍ଷ୍ଣାଗ୍ନି ।
ଚତୁର୍ବିଧାନ୍ନ — ଭକ୍ଷ୍ୟ, ଭୋଜ୍ୟ, ଲେହ୍ୟ ଓ ପେୟ ।
ଚତୁର୍ବିଧାଳୁ — ଦଣ୍ଡାଳୁ, ମଧ୍ୟାଳୁ, ପିଣ୍ଡାଳୁ ଓ ଫଳଆଳୁ ।
ଚତୁର୍ବିଧାଭ୍ର — କୃଷ୍ଣ, ଶୁକ୍ଳ, ରକ୍ତ ଓ ପୀତ ଅଭ୍ରକ ।
ଚତୁରୂଷଣ — ତ୍ରିକଟୁ ଓ ପିପ୍ପଳୀ ମୂଳ ।
ଚାତୁର୍ଜାତକ — ଗୁଡ଼ତ୍ୱକ, ତେଜପତ୍ର, ଅଳାଇଚ ଓ ନାଗେଶ୍ୱର ।
ଚାତୁର୍ଭଦ୍ରକ — ମୁଥା, ଶୁଣ୍ଠି, ଚରାଇତା ଓ ଗୁଳୁଚି । (ଅନ୍ୟମତେ) ଶୁଣ୍ଠି, ଅତୁସୀ, ମୁଥା ଓ ଗୁଳୁଚି ।
ଚିତ୍ରତଣ୍ଡୁଳ — ବିଡ଼ଙ୍ଗ ।
ଚିତ୍ରକଦ୍ୱୟ — ରକ୍ତଚିତାପାରୁ, ଶୁକ୍ଳଚିତାପାରୁ ।
ଚୀନକର୍ପୂର — ଚଟାକର୍ପୂର ।

ଚତୁର୍ବିଧାଞ୍ଜନ—ରସାଞ୍ଜନ, ଶ୍ରୋତାଞ୍ଜନ, ସୌବୀରାଞ୍ଜନ ଓ କୁଳିମାଞ୍ଜନ ।

ଚତୁର୍ବିଧଜନ୍ତୁ—ଜରାୟୁଜ, ଅଣ୍ଡଜ, ସ୍ୱେଦଜ ଓ ଉଦ୍ଭିଜ୍ଜ ।

ଚତୁର୍ବିଧାହାର—ଭକ୍ଷ୍ୟ, ଭୋଜ୍ୟ, ଲେହ୍ୟ, ପେୟ ବା ଚୋଷ୍ୟ ।

ଚତୁଷ୍ପାଦଚିକିତ୍ସା—ବୈଦ୍ୟ, ରୋଗୀ, ଔଷଧ ଓ ଦୂତ ଏମାନଙ୍କର ଅନୁକୂଳତା ।

---

## ଛ

ଛତ୍ର—ଝିଣାଗଛ; ଗନ୍ଧତୃଣ ବା ଗନ୍ଧମାଳି ।

ଛତ୍ରା—ପାନମହୁରି; ଧଣିଆ ।

ଛଗଲା—ନୀଳବନବନା; ବୃଦ୍ଧଦାରକ ।

ଛତ୍ରାଙ୍ଗ—ହରିତାଳ ।

ଛର୍ଦ୍ଦନ—ମଏଣ, ନିମ୍ବ ।

ଛୁରିକ—ଛୁରିଅନା ।

ଚ୍ଛେଲଙ୍କ—ଠଭ୍ର ।

ଛତ୍ରପତ୍ର—ଭୂର୍ଜଗଛ ।

ଛିନ୍ନରୁହା—ଗୁଳୁଚୀ ।

---

## ଜ

ଜଟା—ବୃକ୍ଷାଦିର ମୂଳ ।

ଜଟୀ—ଜଟାମାଂସୀ, ଜିଓଗଛ ।

ଜଡ଼ା—ବାଇଡ଼ଙ୍କ ।

ଜନ୍ତୁ, ଜନ୍ତୀ, ଜନ୍ୟ—ପ୍ରାଣୀ ।

ଜବା—ରଙ୍ଗମନ୍ଦାର ପୁଷ୍ପ ଓ ଗଛ ।

ଜମ୍ଭ—ଜମ୍ଭିର ଫଳ ।

ଜୟା—ଗଞ୍ଜାଇ; ଜୟନ୍ତୀଗଛ ।

ଜାତି—ଜାଇ ଫୁଲ ।

ଜାମ୍ବୁ—ଔଷଧ ।

ଜିଙ୍ଗୀ—ମଞ୍ଜିଷ୍ଠା ।

ଜିହ୍ମ—ତଗରପାଦ ।

ଜୀର୍ଣ୍ଣ—ତଗରପାଦ; ପୁରାତନ; ପକ୍ୱ ।

ଜୂଣ—ଦୂର୍ବାଦିବର୍ଗୀୟ ଧାନବୃକ୍ଷବିଶେଷ ।



ଜ୍ୟୋସ୍ନା—ଜହ୍ନି ।

ଜଟାୟୁ—ଗୁଗ୍‌ଗୁଳ ।

ଜଟିଳା—ଜଟାମାଂସୀ; ବଚ ।

ଜତୁକ—ହିଙ୍ଗୁ ।

ଜନ୍ତୁଘ୍ନ—ବିଡଙ୍ଗ ।

ଜମ୍ଭୀର—ଜମ୍ଭିର ଫଳ ।

ଜମ୍ବୁକ, ଜମ୍ଭୁକ—କେତକୀପୁଷ୍ପଗଛ ।

ଜମ୍ଭଳ—ଜମ୍ଭିର ଫଳ ।

ଜଳଜ—ହିଜ୍ଜଳଗଛ; ପଦ୍ମ ।

ଜଳାହ୍ୱ—ପଦ୍ମର ପାଣି । ( ଜଳର ପର୍ଯ୍ୟାୟଗୁଡ଼ିକ ଏହାର ନାମ । )

ଜାରଣ—ଶ୍ୱେତଜୀରା ।

ଜାଳନୀ—ଜହ୍ନି ।

ଜୀରକ—ଶ୍ୱେତଜୀରା, କଳାଜୀରା ।

ଜୀବକ—ଅଷ୍ଟବର୍ଗାନ୍ତର୍ଗତ ଦ୍ରବ୍ୟବିଶେଷ ।

ଜୀବନ୍ତୀ—ଜୀବନ୍ତୀଶାକ, ଧାନଗନ୍ଧବର୍ଗାନ୍ତର୍ଗତ ଦ୍ରବ୍ୟବିଶେଷ ।

ଜୀବନୀ—ଜୀବନ୍ତୀଶାକ, ମେଦ ( ଅଷ୍ଟବର୍ଗର ଦ୍ରବ୍ୟବିଶେଷ ) ।

ଜୀବାତୁ—ରୁଦ୍ଧି ( ଅଷ୍ଟବର୍ଗାନ୍ତର୍ଗତ ଦ୍ରବ୍ୟବିଶେଷ ) ।

ଜୂର୍ଣ୍ଣି, ଜୂର୍ଣ୍ଣାଖ୍ୟ—ଜୂଣ ।

ଜ୍ୟୋତିଷ୍କ—ଅଗିବଥୁ ।

ଜୟପାଳ—କନକାମଞ୍ଜି ।

ଜସ୍ୟାମୁନ—ଶ୍ରୋତାଞ୍ଜନ ।

ଜଳଦାମ୍ନା—ସୂର୍ଯ୍ୟକାନ୍ତମଣି ।

ଜଳପ୍ରାୟ୍ୟା, ଜଳପ୍ରିୟା—ହିଡମୋଚ୍ଚ ।

ଜଳବଲ୍ଲୀ—ସିଂହଡ଼ା ।

ଜଳଭୋକ୍ତା—କେନ୍ଦୁଲୀ ।

ଜଳଶୁକ୍ତି—ଗେଣ୍ଡା ଓ ଶାମୁକା ।

ଜାଗରଣ—ଉଜାଗର ।

ଜାତିକୋଷ—ଜାଇପତ୍ରୀ ।

ଜାତିଫଳ—ଜାଇଫଳ ।

ଜୀବରତ୍ନ—ପୁଷ୍ପରାଗରତ୍ନ ।

ଜୀବବଲ୍ଲୀ—କ୍ଷୀରକାକୋଲୀ ।

ଜୀବଶାକ—ଜୀବନ୍ତୀଶାକ, କୋଶଳାଶାକ ।

ଜୀବଫଙ୍କ—ଜୁଇଗଛ ।

ଜୀମୂତକ—ସଲପଗଛ ।

ଜ୍ୟୋତିଷ୍ମତୀ—ଫଟିଫୁଟିକା ।

ଜଳକଣ୍ଟକ—ସିଂଘଡ଼ା ।
ଜାମ୍ବୁମୂଳ – ଗନ୍ଧଶୁଣ୍ଠି ।
ଜୀବକଦ୍ରୁମ—ଜୁଇଗଛ ।
ଜୀରକତ୍ରୟ—ଜିରା, କଳାଜିରା ଓ କଣଜୀରକ ।
ଜନ୍ତୁଦ୍ରୁମାଳୟ—ଜଉ ।
ଜୀବନୀୟଗଣ – କାକୋଲୀ, କ୍ଷୀରକାକୋଲୀ, ଜୀବକ, ଋଷଭକ, ମେଦ, ମହାମେଦ, ଜୀବନ୍ତୀମଧୁକ (ଜାଠିମଧୁ), ମୁଦ୍‌ଗପର୍ଣ୍ଣୀ ଓ ମାଷପର୍ଣ୍ଣୀ ।

---

## ଝ

ଝଂସା—ଗୋରେଖ ଗୁଡ଼ୁଲ ।
ଝିଣ୍ଟୀ – ଦାସକରଣ୍ଟାଗଛ ।

---

## ଟ

ଟଙ୍କ – ରାଜାମ୍ର ବା ଆମ୍ରଭେଦ ।
ଟଙ୍କଣ —ସ୍ଫଟିକଟାଙ୍ଗଣା, ଟାଙ୍ଗଣାକ୍ଷାର ।
ଟୁଣ୍ଟୁକ —ଫଣଫଣା ।
ଟଙ୍କଦେଶଜ —ଟଙ୍କବଥୁଆଶାକ ।
ଟିଣ୍ଟିଣିକା—ଜଳଶିରୀଷକ ।

---

## ଡ଼

ଡ଼ହୁ —ଜେଉଟଫଳ ।

---

## ତ

ତତ୍ରୂ – ପାତ୍ରରୁ ତୈଳାଦି ବାହାର କରିବାକୁ ଅଣକ ।
ତ୍ରପୁ – ବଙ୍ଗ ।
ତ୍ୱକ୍, ତ୍ୱଚ୍—ଗୁଡ଼ତ୍ୱକ ।
ତାପ୍ୟ—ସୁବର୍ଣ୍ଣମାକ୍ଷୀ ।
ତାମ୍ର – ତମ୍ବା ।
ତାର —ରୁପା ।
ତାର୍କ୍ଷ୍ୟ—ରସାଞ୍ଜନ ।
ତାଲ—ହସ୍ତତାଳ; ଅଙ୍ଗୁଷ୍ଠ ଅଗ୍ରଠାରୁ ମଧ୍ୟମାଙ୍ଗୁଳି ଅଗ୍ର ପର୍ଯ୍ୟନ୍ତ ପରିମାଣ ।
ତାଳୀ—ତାଳମୂଳୀ ।
ତିକ୍ତ—ପାଗଡ଼ା; ପିତା ।
ତିକ୍ତା—ଲତାକସ୍ତୁରୀ; କଟୁକରୋହିଣୀ; ଅକାନବିନ୍ଧ ।
ତିଲ—ରାଶି ।
ତୀକ୍ଷ୍ଣ—ଗନ୍ଧତୁଳସୀ; ଲବଙ୍ଗ; ଲୁହା; ତପ୍ତ ।
ତୀକ୍ଷ୍ଣା—ବଚ; ଅକାନବିନ୍ଧ ।
ତୁଗା—ବଂଶରୋଚନା ।
ତୁଙ୍ଗ—ପୁନ୍ନାଗ ବୃକ୍ଷ ।
ତୁତ୍ଥ—ମୟୂରଗିରିଆ ।
ତୁମ୍ବୀ—ଲାଉଫଳ ।
ତେଜ—ବୀର୍ଯ୍ୟ ।
ତୋକ୍ମ—ଯବଧାନ ।
ତୋଲ—ଦୁଇମାଛ ବା କୋଡ଼ିଏ ଚଣାର ପରିମାଣ ।
ତ୍ରୁଟୀ – ସୂକ୍ଷ୍ମ ଅଳାଇଚ ।
ତଗର—ତଗରପାଦ ।
ତନ୍ତୁଭ—ସୋରିଷ ।
ତରଲା—ଚତୁର୍ଗୁଣ ଜଳରେ କୃତ ଜାଉ ।
ତରସ—ମାଂସ ।
ତର୍କରି – ଗୁକୁଣ୍ଡା ଗଛ ।
ତର୍କାରୀ - ଜୟନ୍ତୀ ଗଛ; ଅଗ୍ନିମନ୍ଥ ବା ଅଗିବଥୁ ଗଛ ।
ତରୁକ—ଶୁକ୍ଳ ଖଇର ।
ତରୁଣ – ଗବ ଗଛ ।
ତରୁଣୀ – ଘିଅକୁଆଁରୀ ।
ତସ୍କର—ପିଙ୍ଗୁଳି ।
ତ୍ରପୁସ—ଫୁଟିକାକୁଡ଼ି ।
ତ୍ରପୁସୀ—କଣ୍ଟିଆଳ କାକୁଡ଼ି; ଫୁଟିକାକୁଡ଼ି ।
ତ୍ୱକ୍‌କ୍ଷୀରୀ—ପାଳୁଅ ।
ତାମସୀ—ଅରୁଷୀ ।
ତାମ୍ବୂଳ, ତାମ୍ବୂଳୀ—ପାନ ।
ତ୍ରାୟନ୍ତୀ—ତ୍ରାୟମାଣା ।
ତିକ୍ତକ—କୁରୁଆ ଶାକ; ପଟୋଳ ।
ତିନ୍ତିଡ଼ି—ତେନ୍ତୁଳି ।
ତିନ୍ଦୁକ—କେନ୍ଦୁଫଳ; ଏକ କର୍ଷ ପ୍ରମାଣ ।
ତିରୀଟ, ତିଲ୍ୱକ—ଲୋଧ ।
ତିଳଣ—ଆତୁ ଗଛ ।

ତ୍ରିକଟୁ—ଶୁଣ୍ଠି, ପିପ୍‌ପଳୀ ଓ ମରିଚ ।
ତ୍ରିକୂଟ—ସାମୁଦ୍ର ଲବଣ ।
ତ୍ରିଗନ୍ଧ—ଅଳାଇଚ, ଗୁଡ଼ତ୍ୱକ ଓ ତେଜପତ୍ର ।
ତ୍ରିଗୁଣ—ସତ୍ତ୍ୱ, ରଜ ଓ ତମ ।
ତ୍ରିଜାତ—ଗୁଡ଼ତ୍ୱକ, ତେଜପତ୍ର ଓ ଅଳାଇଚ ।
ତ୍ରିଦଳା—ସୁଆଁଳିଆ ଲତା ।
ତ୍ରିଦୋଷ—ବାତ, ପିତ୍ତ ଓ କଫ ।
ତ୍ରିଧାତୁ—ଜାଙ୍ଗଲ, ଆନୂପ ଓ ସାଧାରଣ ।
ତ୍ରିନମ୍ବ—ନମ୍ବ, ଭୂନମ୍ବ ଓ ମହାନମ୍ବ ।
ତ୍ରିନାଡ଼ୀ—ଇଳା, ପିଙ୍ଗଳା ଓ ସୁଷୁମ୍ନା ।
ତ୍ରିପଦୀ—ହଂସପାଦୀ ।
ତ୍ରିପୁଟା—ତେଉଡ଼ି; କୃଷ୍ଣସୋହ୍ଲାଚଣା ।
ତ୍ରିଫଳା—ହରଡ଼ା, ବାହାଡ଼ା ଓ ଅଁଳା ।
ତ୍ରିବଳା—ବାଙ୍ଗଅଁଳା, ଭୁଇଁଅଁଳା ଓ ଅଁଳା
ତ୍ରିବୃତା, ତ୍ରିଭଣ୍ଡୀ—ତେଉଡ଼ି ।
ତ୍ରିଭଦ୍ର—ମୁଥା, ଚିତାପାରୁ ଓ ବିଡ଼ଙ୍ଗ ।
ତ୍ରିମଳ—ବାତ, ପିତ୍ତ ଓ କଫ ।
ତ୍ରିଯଷ୍ଟି—ପାପଡ଼ା ।
ତ୍ରିଲୌହ—ମୁଣ୍ଡ, ତୀକ୍ଷ୍ଣ ଓ କାନ୍ତ ଲୌହ ।
ତ୍ରିକ୍ଷାର—ସର୍ଜିକାକ୍ଷାର, ଯବକ୍ଷାର ଓ ଟାଙ୍ଗଣାକ୍ଷାର ।
ତୁତ୍ଥକ—ମୟୂରଗିରିଆ ।
ତୁରଷ୍କ—ସିହ୍ଲା ନାମକ ସୁଗନ୍ଧଦ୍ରବ୍ୟ ।
ତୁଳସୀ—ଲଣ୍ଡାବାବୁଲ ।
ତୁଳମୀ—ଶିମୁଳି ଗଛ ।
ତୁଷାର—କାକର; ଶୀତଳ ।
ତୁହନ—କାକର ।
ତ୍ର୍ୟୂଷଣ—ଶୁଣ୍ଠି, ପିପ୍‌ପଳୀ ଓ ମରିଚ ।
ତୂବର—କଳାକନ୍ଥା; କଷା ବା କଷାୟ ରସ ।
ତେଜନ—କାଣ୍ଡଶର ଗଛ ।
ତେଜନୀ—ମୁରୁଗା ।
ତେମନ—ତିଅଣ ।
ତୈଲାଙ୍ଗ—ବଉଳଗଛ ଓ ଫୁଲ ।
ତ୍ରୈଫଳ—ହରଡ଼ା, ବାହାଡ଼ା ଓ ଅଁଳା ।
ତଡ଼ାଗଜ—ପାଣିସାରୁ ।
ତଣ୍ଡୁଲୀୟ—କାଣିଲେଉଟିଆ ।
ତନୁତ୍ୱକ୍—କୁଜସାରୁ ।
ତପସ୍ୱିନୀ—ଜଟାମାଂସୀ ।
ତମାଲକ—ତେଜପତ୍ର ।
ତମୋମଣି—ଗୋମେଦ ।
ତ୍ୱଚପ୍ରିୟ—ସୁଆଁ ।
ତାମ୍ରପୁଷ୍ପ—ଧାତୁକିଫୁଲ ।
ତାମ୍ରମୂଳା—ଦୁର୍ଲଭଭେଦ ।
ତାମ୍ରବଲ୍ଲୀ—ମଞ୍ଜିଷ୍ଠା ।
ତାମ୍ରପାକୀ—ଗନ୍ଧମୁଣ୍ଡଗଛ ।
ତାମ୍ରବୀଜ—କୋଳଥ ।
ତାମ୍ରସାର—ରକ୍ତଚନ୍ଦନ ।
ତାଳପର୍ଣ୍ଣୀ—ମୁରାମାଂସୀ ।
ତ୍ରାୟମାଣା—ସ୍ଥାନଗନ୍ଧବର୍ଗାନ୍ତର୍ଗତ ଦ୍ରବ୍ୟବିଶେଷ ।
ତିକ୍ତଶାକ—ବରୁଣଗଛ; ବଡ଼୍‌ଗନ୍ଧ ଖଇର ।
ତିକ୍ତତୁମ୍ବୀ—ପିତାଲାଉ ଫଳ ।
ତିକ୍ତଯୁଗ୍ମା—କଟୁକରୋହିଣୀ; ଚିରାଇତା ।
ତିନ୍ତିଡ଼ିକ—ତେନ୍ତୁଳି; ଆମ୍ବିଳି ବା ଅମ୍ଳରସ ।
ତିମୀରକ—ମଞ୍ଜୁଆତିଗଛ ।
ତିଲପର୍ଣ୍ଣୀ—ରକ୍ତଚନ୍ଦନ ।
ତିଲପିଣ୍ଡୀ, ତିଲମଲ—ପିଡ଼ିଆ ।
ତିଲସ୍ରାଣା—ଖିରସା ।
ତ୍ରିକତ୍ରୟ—ତ୍ରିଜାତ, ତ୍ରିଫଳା ଓ ତ୍ରିକଟୁ ।
ତ୍ରିଜୀରକ—ଜିରା, କଳାଜିରା ଓ କଣଜୀରକ ।
ତ୍ରିବୃନ୍ଦିକା—ତେଉଡ଼ି ।
ତ୍ରିମଧୁର—ଦୁଗ୍ଧ, ମହୁ ଓ ସାକର ।
ତ୍ରିସୁଗନ୍ଧ—ଅଳାଇଚ, ଗୁଡ଼ତ୍ୱକ ଓ ତେଜପତ୍ର ।
ତୀକ୍ଷ୍ଣଗନ୍ଧ—ଭୈରବ ବଚ; ପିଆଜ ।
ତୀକ୍ଷ୍ଣଗନ୍ଧା—ସୂକ୍ଷ୍ମ ଅଳାଇଚ; ବଚ ।
ତୀକ୍ଷ୍ଣପତ୍ର—ଭୁଣ୍ଡପୋଡ଼ାଗଛ ।
ତୀକ୍ଷ୍ଣଲୌହ—ଭୁଖ ଲୁହା ।
ତୀକ୍ଷ୍ଣଶୂକ—ଯବଧାନ ।
ତୀବ୍ରକନ୍ଦ—ଓଲୁଅକନ୍ଦା ।
ତୁଣ୍ଡୀକେର—ମଧୁର ତୋରଡ଼ା; କପାଗଛ ।
ତୁଲଫଳା—ଶିମୁଳିଗଛ ।
ତୃଣଗ୍ରାହୀ—ନୀଳା ।
ତୃଣବୀଜ, ତୃଣମୁଦ୍‌ଗ—ସୁଆଁ ।
ତୃଣଶୂନ୍ୟ—ନାକଦଅଣା ।
ତେଜପତ୍ର—ତେଜପତ୍ରୀ ।
ତେଜୋମନ୍ଥ—ଅଗିବଥୁ ।

ତେଜୋବତୀ—ଗୁଇଁକାଠ ।
ତୈଳପର୍ଣ୍ଣୀ—ଲବଣଖୋଟି; ରକ୍ତଚନ୍ଦନ ।
ତୋୟବଲ୍ଲୀ—କଲରା ।
ତାଡ଼କାଫଳା—ଅଳାଇଚ ।
ତାପସପ୍ରିୟ—ପୁଇଗୃନ୍ଦୁଆଗଛ ।
ତାମ୍ବୂଲପତ୍ର—ଖମ୍ବଆଳୁ ।
ତାମ୍ବୂଲବଲ୍ଲୀ—ପାନ ଲତା ଓ ପାନ ।
ତାଳବୃନ୍ତକ—ବଞ୍ଚଣା ।
ତନ୍ତ୍ରିଣୀଫଳ—କନକା ।
ତଳବଲ୍କଲ—ପିଢ଼ୁଆ ।
ତ୍ରିବିଧଦେଶ—ଆନୂପ, ଜାଙ୍ଗଲ ଓ ସାଧାରଣ ।
ତ୍ରିବିଧବଳ—ସହଜ ବଳ, କାଳଜ ବଳ ଓ ଯୁକ୍ତିଜାତ ବଳ ।
ତ୍ରିବିଧମାନ—ଯାକ୍ଷ, ଦ୍ରବ୍ୟ ଓ ଯୌବନ ।
ତୀକ୍ଷ୍ଣଗନ୍ଧକ—ସଜନାଗଛ ଓ ସଜନା ଫଳ ।
ତୀକ୍ଷ୍ଣତଣ୍ଡୁଲା—ପିପ୍‌ପଳୀ ।
ତଗରପାଦିକା—ତଗରପାଦ ।
ତକ୍ରରୋହିଣୀକା—କଟୁକରୋହିଣୀ ।
ତ୍ରିବିଧବୟସ—ବାଲ୍ୟ, ମଧ୍ୟମାବସ୍ଥା ଓ ବୃଦ୍ଧାବସ୍ଥା ।
ତୃଣପଞ୍ଚମୂଳ—କାଶ, ଧାନ୍ୟ, ଇକ୍ଷୁ, କୁଶ ଓ କାଣ୍ଡଶର ଗଛର ମୂଳ ।
ତଣରାଜାହ୍ୱୟ—ତାଳଗଛ ।
ତୋୟାଧିବାସିନୀ—ପାଟଳୀଗଛ ।
ତ୍ରୈଲୋକ୍ୟବିଜୟା—ଗଞ୍ଜାଇ ।
ତଯ୍ୟୀଗାମିନ୍ଦଗନ୍ଧନୀ—ପୂତିକୀ ବା ସାଲଆପୂତିକୀ ।

---

## ଦ

ଦ୍ରୁ—ବୃକ୍ଷ ।
ଦଧି—ବସାଦହି, ଚହ୍ଲାଦହି ।
ଦନ୍ତୀ—ଦନ୍ତୀଗଛ ଓ ତାହାର ମଞ୍ଜି ।
ଦର୍ଭ—କୁଶ; ଜୁଣଗଛ ।
ଦ୍ରପ୍ସ୍ୟ—ବସାଦହି ।
ଦ୍ରବ—ପଦାର୍ଥର ରସ; ଚହ୍ଲାଭେଦ ।
ଦାରୁ—ଦେବଦାରୁ ।
ଦାର୍ବୀ—ଦାରୁହଳଦୀ; କୃଷିମାଞ୍ଜନ; ତୈଳାଦି ପାକାର୍ଥ ଚଟୁ ।
ଦାସୀ—ପୀତପୁଷ୍ପ ଦାସକରଣ୍ଟା ।
ଦ୍ରାକ୍ଷ—ଋଷଭକ ।
ଦୀପ୍ୟ—ଜୁଆଣି, ଶ୍ୱେତଜୀରା ।
ଦୀପ୍ତା—ଲହଲଙ୍ଗଳିଆ ।
ଦୀର୍ଘ—ସିଆଳିଲତା ।
ଦ୍ରୁମ—ଗଛ ।
ଦୂର୍ବା—ଦୂବ ।
ଦୂଷ୍ୟ—ରସରକ୍ତାଦି ସପ୍ତଧାତୁ ।
ଦୃକ୍—ଆଖି ।
ଦୃଢ଼ା—ତାଳମୂଳୀ ।
ଦେବୀ—ପିଢ଼ଙ୍ଗି; ମୁରୁଗା ।
ଦୈତ୍ୟା—ମୁରାମାଂସୀ ।
ଦ୍ୱୈପ—ପଣସଫଳ ।
ଦ୍ରୋଣ—ଗୁରୁ ଆଢ଼କ ପରିମାଣ ।
ଦୌଗ୍ଧ—ଦହି ।
ଦଗ୍ଧାସ୍ୟ—ତୁଣ୍ଡପୋଡ଼ାଗଛ ।
ଦଣ୍ଡାଳୁ—ଖମ୍ବଆଳୁ ।
ଦଦଣ୍ଡ—ମଞ୍ଜୁଆଠ ।
ଦଧିଜ—ଲହୁଣି ।
ଦଧିତ୍ଥ—କଇଥ ।
ଦଧାଳୀ—ଦହିଦହିଆ ।
ଦବଜ—ଚଟାକର୍ପୂର ।
ଦୟିତା—ପ୍ରିୟଙ୍ଗୁ ।
ଦରଦ—ହିଙ୍ଗୁଳ ।
ଦର୍ଦ୍ଦୁଘ୍ନ—ଗୁକୁଣ୍ଡାଗଛ ।
ଦର୍ଦ୍ଦୁର—ବର୍ଷ ।
ଦର୍ବିକା—ଖପର ।
ଦଳାମ୍ଳ—ଟଙ୍କବଥୁଆ ଶାକ ।
ଦ୍ରଂକ୍ଷଣ—ଦୁଇ ମାଢ଼ ବା ତୋଲକ ପରିମାଣ ।
ଦ୍ରବନ୍ତୀ—ମୁଷାକାନଗଛ ।
ଦାଡ଼ିମ, ଦାଡ଼ିମୀ—ଡାଳିମ୍ବ ।
ଦାଧିକ—ବସାଦହି ।
ଦାରଦ—ବର୍ଷ ।
ଦ୍ରାବିଡ଼ୀ—ସୂକ୍ଷ୍ମ ଅଳାଇଚ ।
ଦଗ୍ଧିକା—ପୋଡ଼ା ଅନ୍ନ ।
ଦଢ଼ବ—ଅନ୍ନ ବା ଭାତ ।
ଦ୍ୱିପାହ୍ୟ—ନାଗେଶ୍ୱର । (ଦ୍ୱିପ ବା ହସ୍ତୀର ପର୍ଯ୍ୟାୟ ସବୁ ଏହାର ନାମ ।)

ଦୀପ୍ୟକ – ଜୁଆଣି ।
ଦୀର୍ଘାୟୁ—ଜୀବକ । ( ଅଷ୍ଟବର୍ଗରୁ ଏକ ) ।
ଦୁଗ୍ଧିକା—ଦୁଧିଆମେଣ୍ଡିଆ ଲତା ।
ଦୁର୍ଦ୍ଧର – ଋଷଭକ ।
ଦୁର୍ଲ୍ଲଭ—ଜୀବନ୍ତୀଗଛ ।
ଦୁର୍ବର୍ଣ୍ଣ—ରୁପା ।
ଦୁର୍ବୀଜ—ଭାଲିଆ ।
ଦୁଃସ୍ପର୍ଶ—ଦୁର୍ଲ୍ଲଭ ।
ଦଣ୍ଡାହତ – ଚକ୍ରାଭେଦ ।
ଦଣ୍ଡୋତ୍ପଳା—ଶ୍ୱେତପୁଷ୍ପ ଦଣ୍ଡିପୋହଳା ।
ଦଧିସକ୍ଥୁ—ଦହିକଡ଼ମା ।
ଦଧିଶ୍ରାଦ୍ଧ, ଦଧିଶ୍ରୁତ୍ୟା—ଲବଣଖୋଟି ।
ଦନ୍ତଶଠ - ଜମ୍ବିର ।
ଦନ୍ତଶଠା—ଆମ୍ବିଳ ।
ଦମନକ – ଦଏଣା ।
ଦଶବାୟୁ—ପ୍ରାଣାଦି ପଞ୍ଚ, କୃକଳ, ଦେବଦତ୍ତ, ନାଗ, କୂର୍ମ ଓ ଧନଞ୍ଜୟ ନାମକ ପବନ ।
ଦାରୁବଷ – ଦାରୁମୁଷି । ( ପଞ୍ଚମୂଳ ଶବ୍ଦ ଦେଖ । )
ଦଶମୂଳ—ବଡ ପଞ୍ଚମୂଳ ଓ ସାନ ପଞ୍ଚମୂଳ ।
ଦାକ୍ଷାୟଣୀ – ଦନ୍ତଗଛ ।
ଦ୍ରାବଡକ – ଗନ୍ଧଶୁଣ୍ଠି ଭେଦ ।
ଦର୍ବ୍ୟଲୋହ—କାନ୍ତଲୁହା ।
ଦୀପ୍ତଲୋହ – କଂସା ।
ଦୀପ୍ତୋପଳ—ସୂର୍ଯ୍ୟକାନ୍ତମଣି ।
ଦୀର୍ଘବୃନ୍ତ – ଫଣଫଣା ।
ଦୀର୍ଘମୂଳା—ସୁଗନ୍ଧ, ଶାଳପର୍ଣ୍ଣୀ ।
ଦୀର୍ଘଶିମ୍ବା—ଶିମ୍ବଭେଦ ।
ଦୁଗ୍ଧସାର – ଦୁଧସର ।
ଦୁରାଲଭା – ଦୁର୍ଲ୍ଲଭ ।
ଦ୍ରୁକିଲିମ—ଦେବଦାରୁ ।
ଦ୍ରୁମୋତ୍ପଳ—କନିଆରଗଛ ।
ଦେବକାଷ୍ଠ—ଦେବଦାରୁ ।
ଦେବଦାଲୀ—ସଲପ ।
ଦେବଦୂତୀ – ମଧୁର ଚେଣ୍ଟ ।
ଦେବଧୂପ ଗୁଗୁଗୁଲୁ ।
ଦେବମଣି – ମହାମେଦ ।
ଦୋଷକର—କେଉଟ ।
ଦ୍ରୋଣପୁଷ୍ପ—ଗଇଶ ।
ଦଧିସ୍କନ୍ଧ – କସାଦନ୍ଧ ।
ଦନ୍ତଧାବନ – ଖଇର ।
ଦ୍ରବ୍ୟଭେଷଜ – କଷାୟାଦି ଔଷଧ ।
ଦାରୁହରିଦ୍ରା – ଦାରୁହଳଦୀ ।
ଦାରୁହସ୍ତକ—ତୈଳାଦି ପାକାର୍ଥ ଅଣକ ।
ଦ୍ୱାଦଶତତ୍ତ୍ୱ—ଦେଶ, କାଳ, ବୟସ, ବହ୍ନି, ସାତ୍ମ୍ୟ, ପ୍ରକୃତି, ଔଷଧ, ଦୋଷ, ସତ୍ତ୍ୱ, ବଳ, ବ୍ୟାଧି ଓ ଦୂଷ୍ୟ ଏ ଦ୍ୱାଦଶର ବିଚାର ।
ଦୀର୍ଘପତ୍ରିକା—ଶ୍ୱେତ ବଚ ।
ଦୃଷ୍ଟିପ୍ରଧର୍ଷିଣୀ—ବାଇଗଣ ।
ଦ୍ରବ୍ୟମାନ—ଅଙ୍ଗୁଳ୍ୟାଦିକୃତ ମାନ ।
ଦୂଷ୍ୟସପ୍ତକ – ରସ, ରକ୍ତ, ମାଂସ, ମେଦ, ଅସ୍ଥି, ମଜ୍ଜା ଓ ଶୁକ୍ର ।
ଦୃଢ଼ଗର୍ଭକ – ଧାତ୍ରି ।
ଦେବକୁସୁମ – ଲବଙ୍ଗ ।
ଦେବବଲ୍ଲଭ—ପୁନ୍ନାଗଗଛ ।
ଦୋଷପାଚନ – କଇଥ ।
ଦିବାନିଶୋଷିତ – ଅଷ୍ଟପ୍ରହର ଜଳ ।
ଦୀର୍ଘଖରଚ୍ଛଦ – ଇଙ୍ଗୁଡ଼ି ।
ଦୀର୍ଘସମୁଚ୍ଛ୍ରୟ – ନଳ ।
ଦୁଗ୍ଧପାଷାଣିକା – ଦୁଧଖଡ଼ି ।
ଦ୍ୱିବିଧଭେଷଜ – ଦ୍ରବ ଓ ଅଦ୍ରବ ଔଷଧ ।
ଦୁଗ୍ଧାଦି ପରଗୋଳିତ – ଅମୃତମନ୍ଥ ।

## ଧ

ଧନ୍ୱୀ—ଅର୍ଜୁନଗଛ ।
ଧବ – ଧବଗଛ ।
ଧ୍ୱଜ—ପୁରୁଷଉପସ୍ଥ ।
ଧ୍ୱାଙ୍କ୍ଷା—ତାଳମୂଳୀ; ବାଇଡ଼ଙ୍କ ।
ଧାତ୍ରୀ – ଅଁଳା ।
ଧାତୁ—ସ୍ୱର୍ଣ୍ଣାଦି; ଗୈରିକାଦି ।
ଧାମ – ଦଏଣା ।
ଧୀର – ମେଦ । ( ଅଷ୍ଟବର୍ଗରୁ ଏକ । )
ଧ୍ରୁବା – ଶାଳପର୍ଣ୍ଣୀ ।
ଧୂର୍ତ୍ତ—ଦୁଦୁରା ଗଛ ।

ଧମନ—ନଳ ।
ଧମନୀ—ଶିରା ।
ଧମନ୍ୟ—ଧାମଣ ଗଛ ।
ଧର୍ମଣ—ଧାମଣ ଗଛ ।
ଧାତକୀ—ଧାତୁକଫୁଲ ।
ଧାନ୍ୟାକ—ଧଣିଆଁ ।
ଧାରଣା—ଶିରା ।
ଧ୍ୱାଂକ୍ଷୋଲୀ, ଧ୍ୱାକ୍ଷୋଲୀ—କାକୋଲୀ ।
ଧନ୍ୟଯାସ—ଦୁର୍ଲ୍ଲଭା ।
ଧନଞ୍ଜୟ—ଅର୍ଜୁନ ଗଛ ।
ଧନ୍ୟବୃକ୍ଷ—ଧାମଣ ଗଛ ।
ଧନୁଃପଟ—ପିଆଲକୋଳି ।
ଧନୁଃଶ୍ରେଣୀ—ମୁରୁଗା ।
ଧାନ୍ୟସାର—ଚର ।
ଧାନ୍ୟଶ୍ରେଷ୍ଠ—ରାଜଶାଳି ଧାନ ।
ଧାବନିକା—ଅନ୍ତାନ୍ତ ।
ଧାମାର୍ଗବ—ପୀତପୁଷ୍ପ ଘୋଷାଢ଼ଲି ।
ଧୁରନ୍ଧର—ଧବ ଗଛ ।
ଧୁସ୍ତୁରକ—ଦୁଦୁରା ଗଛ ।
ଧରଣୀଫଳ—ମୁଗ ।
ଧର୍ମପତ୍ତନ—ମରିଚ ।
ଧାତୁକାଶୀଶ—କାଶୀଶ ।
ଧାତୁପୁଷ୍ପିକା—ଧାତୁକଫୁଲ ।
ଧାତୁମାକ୍ଷିକ—ସୁବର୍ଣ୍ଣମାକ୍ଷୀ ।
ଧାତୁବଲ୍ଲଭ—ଟାଙ୍ଗଣାକ୍ଷାର ।
ଧାମରୋହଷ—ରାମକପୁର ।
ଧୂସରଚ୍ଛଦା—ଶ୍ୱେତ ବନବନା ।
ଧୂସରପତ୍ରିକା—ବ୍ରାହ୍ମୀଶାକଭେଦ ।
ଧୂସରପୁଚ୍ଛିକା—ବିଛୁଆତି ।

## ନ

ନଖ—ନଖିନାମକ ସୁଗନ୍ଧଦ୍ରବ୍ୟ ।
ନତ—ତଗରପାଦ ।
ନାଗ—ଶିଂଶା; ନାଗଦନ୍ତୀଗଛ; ନାଗେଶ୍ୱର ।
ନାଡ଼ୀ—ଶିରା; ହଂସପଦୀ ।
ନାଲୀ—ନଳିତାଶାକ ।
ନନ୍ଦ୍ୟା—ଲଣ୍ଡାବାବୁଲ ।
ନଶା—ହଳଦୀ ।
ନୀପ—କଦମ୍ବ ।
ନୀଳ—ଶିଂଶା ।
ନୀଳୀ—ଶରପୁଙ୍ଖା ।
ନୃପ—ଋଷଭକ । (ଅଷ୍ଟବର୍ଗ ଦ୍ରବ୍ୟବିଶେଷ ।)
ନେତ୍ର—ବୃକ୍ଷାଦିର ମୂଳ; ଆଖି ।
ନେମି—ଆଚୁଗଛ ।
ନକ୍ରକ—ଆଠପ୍ରକାର ସ୍ଥାବର ବିଷରୁ ଏକ ।
ନଦୀଜ—ଅର୍ଜୁନଗଛ; ସ୍ରୋତାଞ୍ଜନ ।
ନନ୍ଦିତ—ମହୁକ ।
ନଦୀନୀ, ନଳଦ—ଜଟାମାଂସୀ ।
ନଳିନ—ପଦ୍ମ ।
ନ୍ୟଗ୍ରୋଧ—ବରଗଛ ।
ନାକୁଲୀ—ଗନ୍ଧିକାଠ; ସୁଗନ୍ଧ; ରାସ୍ନା ।
ନାଗଜ—ସିନ୍ଦୂର ।
ନାଗର—ଶୁଣ୍ଠି ।
ନାଦେୟ—ସୈନ୍ଧବ ଲବଣ ।
ନାଦେୟୀ—ଭୂମିଜମ୍ବୁ; ନାରଙ୍ଗ; ପାଣିବେତ; ଜୟନ୍ତୀ ଗଛ ।
ନିକୁଞ୍ଚ—ଚତୁଃଷଷ୍ଟି ଦ୍ରୋଣ ପରିମାଣ ।
ନିକୁମ୍ଭ—ଦନ୍ତୀଗଛ ।
ନିକୋଚ—ଆଙ୍କୁଲ ।
ନିଚୁଳ—ହିଜ୍ଜଳ ଗଛ ।
ନିଦୁଗ୍ଧ—ବ୍ୟାଘ୍ରୀମ ।
ନିର୍ଗୁଣ୍ଡୀ—ବେଗୁନିଆ ।
ନିର୍ଯ୍ୟାସ—ସାହାଡ଼ା ଗଛ ।
ନିର୍ଯ୍ୟୁହ—କ୍ୱାଥ ।
ନିର୍ଭବ—ରସ ।
ନିଳମୀ—ନୀଳ ବନବନା ।
ନିଃସ୍ରୁଣ, ନିସ୍ରୁଣ—ଢଉଡ଼ ।
ନିସୁଚ—ଗହମ ।
ନିଷ୍ପାବ—ଶିମ୍ବ ।
ନିଷ୍ଠାନ—ଛଉଣ ।
ନିଷ୍କୃତ—ରସ ।
ନୀବାର—ବାଳୁଙ୍ଗା ଧାନ ।
ନୀଳକା—ରୁଖଲୁହା ।
ନୀହାର—କାକର ।

ନପାର୍ହ—ରାଜଶାଳି ଧାନ ।
ନୈପାଳ—ଆଖୁଭେଦ ।
ନୈପାଳୀ—ଡାଳିମ୍ବ; ମନଃଶିଳା ।
ନକ୍ତମାଳ—କରଞ୍ଜ ଗଛ ।
ନନ୍ଦୀବୃକ୍ଷ—ମେଣ୍ଢାଶିଙ୍ଗା ଗଛ; ଗଛ୍ଵା ଅଶ୍ୱତ୍ଥ; ଗନ୍ଧମୁଣ୍ଡ ଗଛ ।
ନନ୍ଦୀମୁଖ—ଧାନ୍ୟବିଶେଷ ।
ନବଜାତ—ସପ୍ତଜାତ ଏବଂ ବଚ ଓ ଉଶୀରବେଣା ।
ନବନୀତ—ଲହୁଣୀ ।
ନବରତ୍ନ—ବଜ୍ର, ମୌକ୍ତିକ, ମାଣିକ୍ୟ, ନୀଳ, ମରକତ, ଗୋମେଦ, ପୁଷ୍ପରାଗ, ବୈଦୁର୍ଯ୍ୟ ଓ ପ୍ରବାଳ ।
ନଭସ୍ୱାନ୍—ବାତ, ପବନ ।
ନମସ୍କାରୀ—ଲଜକୋଳୀ ।
ନାଗଜିହ୍ଵା—ଟେମଡ଼ାଲଇ ।
ନାଗବଳା—ଗୋରକ୍ଷ ଗୁଲି ।
ନାଗବଲ୍ଲୀ—ପାନ ।
ନାଗରଙ୍ଗ—ନାରଙ୍ଗଫଳ ।
ନାରାୟଣୀ—ଛତାବରୀ ।
ନାରିକେଳ—ପଇଡ଼, ନଡ଼ିଆ ।
ନାଳପୁଷ୍ପା—ବଡ଼ ଛଣପଟ ।
ନିଦ୍ରାକର—ସୁନସୁନିଆଁ ଶାକ ।
ନିମ୍ବତରୁ—ପାଲଧୁଆ ଗଛ ।
ନିମଜ୍ଜନ—ସ୍ନାନ ।
ନିରାମୋଦ—କୁନ୍ଦପୁଷ୍ପ ।
ନିରାହାର—ଉପବାସ, ଲଙ୍ଘନ ।
ନିର୍ଦ୍ଦିଗ୍ଧିକା—ଅକରାନ୍ତ ।
ନୀଳପୁଷ୍ପା—କୃଷ୍ଣଅପରାଜିତା ।
ନୀଳକଣ୍ଠ—ପିଆଶାଲ ଗଛ; ମୂଳା ।
ନୀଳବର୍ଣ୍ଣା—ନୀଳବନବନା ।
ନୀଳମାଷ—ବରଗୁଡ଼ି ।
ନୀଳାମ୍ବର—ତାଲୀଶ ପତ୍ର; ନୀଳବନବନା ।
ନୃପାତ୍ମଜା—ପିତା ଲାଉ ।
ନୃପାହ୍ୱୟ—ରାଜାବର୍ତ୍ତ ମଣି । (ରାଜ ପର୍ଯ୍ୟାୟ ସବୁ ଏହାର ନାମ ।)
ନୃପୋଚିତ—ବରଗୁଡ଼ି ।
ନେତ୍ରୌଷଧ—ଉତୁରୁଳି ଲତା ।

ନଖରଞ୍ଜକ—ମନ୍ତ୍ରୁଆଳ ।
ନଟମଣ୍ଡନ—ହରିତାଳ ।
ନବନୀତକ—ଲହୁଣୀ ।
ନବମାଳିକା—ସେବତୀ ପୁଷ୍ପ; ନଆଳୀ ପୁଷ୍ପ ।
ନାଗକେଶର—ନାଗେଶ୍ୱର ।
ନାଗଜିହ୍ଵିକା—ମନଃଶିଳା ।
ନିସ୍ତୁଷୋପଲ—ସ୍ଫଟିକ ।
ନୀଚକୁଳଶ—ବୈକ୍ରାନ୍ତ ମଣି ।
ନୀଳପୁଙ୍ଖିକା—ଶରପୁଙ୍ଖା ।
ନୃପବଲ୍ଲଭ—ଗହମ କାକୁଡ଼ି ।
ନଦୀଭଲ୍ଲାତକ—ଭଲିଆଭେଦ, ଲଙ୍କା ଆମ୍ବଗଛ (?) ।
ନାଗବଲ୍ଲିଦଳା—ନଳିତା ଶାକ ।
ନୀଳକୁରଣ୍ଟକ—ନୀଳପୁଷ୍ପ ଦାସକରଣ୍ଡା ।
ନେପାଳମଧୁହସ୍ତ—ପୀତକଣ୍ଟକି ।

---

## ପ

ପଟୁ—ପଟୋଳ; ଲୁଣିଆଁ ।
ପତ୍ରି—ପାଦ ।
ପଠ—ନାଡ଼ିବ୍ରଣ ।
ପତ୍ର—ତେଜପତ୍ର; ବୃକ୍ଷାଦିର ପତ୍ର ।
ପଥ୍ୟା—ହରିଡ଼ା ।
ପଦ୍ମା—ବ୍ରାହ୍ମଣଯଷ୍ଟି ।
ପର୍ଣ୍ଣ—ପତ୍ର; ପାନ ।
ପର୍ଣ୍ଣୀ—ପାନ ।
ପଳ—ପାରଦ; ମାଂସ; ଚାରି କର୍ଷ ପରିମାଣ ।
ପାକ—ରନ୍ଧନ ।
ପାଠା—ଅକାନବିନ୍ଧ; ଚକ୍ରମୂଳ ।
ପାଣ୍ଡୁ—ମାଷପର୍ଣ୍ଣୀ ।
ପାଦ—ବୃକ୍ଷାଦିର ମୂଳ; ଚତୁର୍ଥାଂଶ ।
ପାୟୁ—ଗୁହ୍ୟ ।
ପାର୍ଥ—ଅର୍ଜୁନଗଛ ।
ପିଙ୍ଗୀ—ଶମୀଗଛ ।
ପିଚୁ—ଏକ କର୍ଷ ପରିମାଣ ।
ପିଚ୍ଛା—ଶିମୂଳଅଠା ।
ପିଣ୍ୟା—ଫୁଟିଫୁଟିକାଗଛ ।
ପିଣ୍ଡ—ବୋଲ, ସୁଗନ୍ଧଦ୍ରବ୍ୟବିଶେଷ ।

ପିଷ୍ଟ—ଶିଂସା; ସିଝା ପିଠା ।
ପୀତା—ହଳଦ ।
ପୁର—ଗୁଗ୍‌ଗୁଳ ।
ପୁଗ—ଗୁଆ ।
ପୁପ—ସିଝା ପିଠା ।
ପୁର—ଝେଣ୍ଡ ।
ପୃକ୍‌କା—ପିଡ଼ପିଡ଼ିଆ ବା ପିଡ଼ଙ୍ଗି ।
ପେୟ—ରସ ଅର୍ଥାତ୍ ଦ୍ରବ ।
ପେଶୀ—ଜଙ୍ଘାମାଂସୀ ।
ପୈଚ୍ଛ୍ୟ — ସ୍ତ୍ରୀ ବା ଛଳ ।
ପୌଣ୍ଡ୍ର—ଆଖୁଭେଦ ।
ପୌଲ—ଘିଅପିଠା ।
ପୌଷ୍ପ—ବସନ୍ତ ଋତୁ ।
ପ୍ରସ୍ଥ—ଷୋହଳ ପଳ ପରିମାଣ ।
ପ୍ରାଣ—ହୃଦୟସ୍ଥ ପବନ; ବଳ ।
ପ୍ରିୟ—ଜୀବକ । ( ଅଷ୍ଟବର୍ଗରୁ ଏକ । )
ପ୍ରିୟା—ପ୍ରିୟଙ୍ଗୁ; ବୃଦ୍ଧି । ( ଅଷ୍ଟବର୍ଗରୁ ଏକ । )
ପ୍ରୃଥୁ, ପୃଥୁ—କଳାଜୀରାଭେଦ ।
ପ୍ଲକ୍ଷ—ଜିଡଗଛ ।
ପ୍ଲୀହ—ରୋଗବିଶେଷ, ପିଳୋଇ ।
ପଙ୍କଜ—ପଦ୍ମ ।
ପଞ୍ଚାମ୍ଳ—ବଦରୀ, ଦାଡ଼ିମ, ତେନ୍ତୁଳି, ଅମ୍ଳବେତସ ଓ ଝେଣ୍ଡ ।
ପତଙ୍ଗ, ପଟାଙ୍ଗ—ରକ୍ତଚନ୍ଦନ ।
ପଣ୍ଡୁର—ମଦରଙ୍ଗା ।
ପଦ୍ମକା—ବ୍ରାହ୍ମଣଯଷ୍ଟି ।
ପନସ—ପଣସଫଳ ।
ପନୀର—ପନରପାଣି ।
ପୟସ୍ୱ—ବସାଦନ୍ତ ।
ପୟସ୍ୱା—କାକୋଳ; କଳବିରା ।
ପରୁଷ—ସୀତାଫଳ ।
ପର୍ଜନ୍ୟ—ଦାରୁହଳଦ ।
ପର୍ପଟ—ପାପଡ଼ା
ପର୍ପଟୀ—ଜିଡ଼ଗଛ ।
ପଲଣ୍ଡୁ—ପିଆଜ ।
ପଲାଶ—ବୃକ୍ଷବିଶେଷ; ପତ୍ର ।
ପଲାଶା—ଗନ୍ଧଶୁଣ୍ଠୀ ।
ପଲାଶୀ—କ୍ଷୀରକୋଳଗଛ ।
ପଲଲ—ମାଂସ ।
ପବିତ୍ର—ଘୃତ ।
ପାକଲ—କୁଡ଼ ।
ପାଚନ—ରନ୍ଧନ; ଔଷଧବିଶେଷ ।
ପାଟଲା—ପାଟୁଳିଗଛ ।
ପାଟଲୀ—ଝୁଣ୍ଟିଝୁଣ୍ଟିଆଗଛ ।
ପାଦପ—ବୃକ୍ଷ ।
ପାୟସ—କ୍ଷୀରି ବା କ୍ଷୀରାନ୍ନ ।
ପାବକ—ଅଗିବଥୁ; ଅଗ୍ନି ।
ପାର୍ଥିବୀ—ପାଳୁଅ ।
ପାର୍ବତ—ନିମ୍ବଗଛ ।
ପାର୍ଶ୍ୱିକା—ପାର୍ଶ୍ୱସ୍ଥ ହାଡ ।
ପାଲଙ୍କୀ—ପାଲଙ୍ଗ ।
ପାଳନ୍ଦୀ—କୁନ୍ଦୁରୁଖୋଟି; ସୁଗନ୍ଧ ।
ପିଆଲ—ସ୍ୱନାମପ୍ରସିଦ୍ଧ କୋଳିବିଶେଷ ।
ପିଙ୍ଗଲ—ପିତଳ ।
ପିଙ୍ଗଲା—ଶିଶୁଆଗଛ ।
ପିଚଟ—ବଙ୍ଗ ।
ପିଚୁଲ—କଣ୍ଟା ମଏଣ ।
ପିଚ୍ଛିଲ—ଶୋଧିତ ବ୍ୟଞ୍ଜନ ।
ପିଚ୍ଛିଲା—ଶିଶୁଆଗଛ; ଅତସିଚଣା ।
ପିଞ୍ଜର—ହରିତାଳ ।
ପିଠର—ଘଣ୍ଟଭେଦ ।
ପିଣ୍ଡାଳୁ—ହାତଖୋଜିଆ ଆଳୁ ।
ପିଣ୍ଡିକ, ପଣ୍ଡ୍ୟାକ—ଲବଣଖୋଟି ।
ପିଣ୍ଡିତ—ସିହ୍ଲା ।
ପିଣ୍ୟାକ—ଡ଼ଳପିଡ଼ିଆ ।
ପିତ୍ତଳ—ପିତଳ; ହରିତାଳ ।
ପିପ୍‌ପଳ—ଅଶ୍ୱତ୍ଥ ।
ପିଶିତ—ମାଂସ ।
ପୀତକା—ହଳଦ ।
ପୀତଦ୍ରୁ—ଦେବଦାରୁ; ଦାରୁହଳଦ; କରିଡ଼ଗଛ ।
ପୀୟୂଷ—ଅଭିନବ ଦୁଗ୍ଧ ।
ପ୍ଲୀହଘ୍ନୀ, ପ୍ଲୀହାଘ୍ନୀ—ଶରପୁଙ୍ଖା ।
ପୁଣ୍ଡ୍ରକ—ମାଧବୀ ପୁଷ୍ପ ।
ପୂରକ, ପୁରକ—ଝେଣ୍ଡ ।

ପୁଷ୍ପ—ବନ୍ଧୁା ।
ପୁରୁଷ—ପୁନ୍ନାଗଗଛ ।
ପୁଷ୍କର—କୁଡ଼ମୂଳ; କଇଁକାନ୍ଦା ।
ପୂତନା—ହରଡ଼ା ।
ପୂତିକ—ଲତାକରଞ୍ଜ ।
ପୂତୀକ—ଗିଲ ।
ପୃଥ୍ୱୀକା—ସୂକ୍ଷ୍ମ ଅଳାଇଚ; କଳାଜିରା ।
ପୃଷତ, ପୃଷନ୍ତ—ବିନ୍ଦୁମାତ୍ର ପରିମାଣ ।
ପେଟିକା—ପେଡ଼ିପେଡ଼ିଆ ।
ପେୟସୀ—ଅଦା ।
ପୋଦକା—କଲମ୍ବ ଶାକ ।
ପୌଣ୍ଡ୍ରର୍ଯ୍ୟ—ପୁଣ୍ଡ୍ରରୀକ କାଠ ।
ପୌରୁଷ—ବୀର୍ଯ୍ୟ, ରେତ ।
ପୌଷ୍କର—କୁଡ଼ମୂଳ ।
ପ୍ରଜ୍ଞାର୍ଥି—ଗିଲ ।
ପ୍ରକୃତି—ଶୁକ୍ର ଶୋଣିତ ସଂଯୋଗ ସମୟରେ ବାତ ବା ପିତ୍ତ ବା କଫର ଆଧିକ୍ୟ ବା ଔତ୍କଟ୍ୟ ।
ପ୍ରକୋଷ୍ଠ—ଏକହସ୍ତ ପରିମାଣ ।
ପ୍ରଘଣ୍ଟା—ହାତିଆ ବଏର ।
ପ୍ରଣୀତ—ସଂସ୍କାର ବ୍ୟଞ୍ଜନ ।
ପ୍ରତ୍ୟଙ୍ଗ—ଭୃଙ୍ଗରାଜଗଛ ।
ପ୍ରପର୍ଣ୍ଣୀ—ପାନ ।
ପ୍ରରୋହା—ନଙ୍ଗଳିମୂଳ ।
ପ୍ରବାଳ—ପୋହଳା; କୋମଳପତ୍ର ।
ପ୍ରବୋଧ—ଉଜାଗର, ନିଦ୍ରାଭାବ ।
ପ୍ରଶସ୍ତ—ସଂସ୍କାର ବ୍ୟଞ୍ଜନ ।
ପ୍ରସହା—ଲବଆଙ୍କୁଡ଼ୀ ।
ପ୍ରସ୍ରାବ—ମୂତ୍ର ।
ପ୍ରସୃତ—ଦୁଇପଲ ପରିମାଣ ।
ପ୍ରାଚନା, ପ୍ରାଚୀନା—ଅକାନବନ୍ଧ ।
ପ୍ରିୟକ—ପିଆଶାଳଗଛ ।
ପ୍ଲବନ—ସ୍ନାନ ।
ପଚଂପଚ୍—ଦାରୁହଳଦ ।
ପଞ୍ଚକର୍ମ—ରେଚନ, ବମନ, ନସ୍ୟ, ନିରୂହ ଓ ଅନୁବାସନ ।
ପଞ୍ଚକୋଲ—ପିପ୍ପଳୀ, ପିପ୍ପଳୀମୂଳ, ଗୁଇଁକାଠ, ଚଢ଼ାପାରୁ ଓ ଶୁଣ୍ଠୀ ।

ପଞ୍ଚତିକ୍ତ—ନିମ୍ବ, ଭୂନିମ୍ବ, ମହାନିମ୍ବ, ପଟୋଳ ଓ ବାସଙ୍ଗ ।
ପଞ୍ଚନିମ୍ବ—ନିମ୍ବର ପତ୍ର, ପୁଷ୍ପ, ଫଳ, ମୂଳ ଓ ବକଳ ।
ପଞ୍ଚଭଙ୍ଗ—ବଟ, ଅଶ୍ୱତ୍ଥ, ଡିମ୍ବିରି, କିଜ଼ ଓ ଆମ୍ବର ପଲ୍ଲବ ।
ପଞ୍ଚଫଳୀ—ତ୍ରିଫଳା, ପିପ୍ପଳୀ ଓ ବିଡ଼ଙ୍ଗ ।
ପଞ୍ଚଭଦ୍ର—ଗୁଳୁଚୀ, ପାପଡ଼ା, ମୁଥା, ଚିରାଇତା ଓ ଶୁଣ୍ଠୀ ।
ପଞ୍ଚମୂଳ, ପଞ୍ଚମୂଳୀ—ଅନନ୍ତ, ଭେଙ୍ଗାଭେଜି, ଶାଳପର୍ଣ୍ଣୀ, କୃଷ୍ଣପର୍ଣ୍ଣୀ ଓ ଗୋଖରା—ଏ ପାଞ୍ଚ ସାନ ପଞ୍ଚମୂଳ । ବେଲ, ଫାମ୍ପୁଣିଆ, ଗମ୍ଭାରି, ପାଟୁଲି ଓ ଅଗିବଥୁ—ଏ ପାଞ୍ଚ ବଡ଼ ପଞ୍ଚମୂଳ ।
ପଞ୍ଚାମୃତ—ମହୁ, ସାକର, ଦୁଗ୍ଧ, ଦଧି ଓ ଘୃତ ।
ପଞ୍ଚୋଷଣ—ପଞ୍ଚକୋଳ ।
ପତ୍ରଶାକ—ଅଗସ୍ତି ଗଛ ।
ପଦାହ୍ୱୟ—ବୃକ୍ଷାଦର ମୂଳ । (ପଦର ପର୍ଯ୍ୟାୟସବୁ ଏହାର ନାମ ।)
ପଦ୍ମରାଗ—ମାଣିକ୍ୟ ।
ପୟଃପେଟୀ—ପଇଡ଼ ।
ପୟସ୍ୱିନୀ—କ୍ଷୀରକାକୋଳି ।
ପରିକର୍ମ—ଦେହମର୍ଦ୍ଦନ ।
ପରିବ୍ୟାଧ—ପାଣିବେତ; କନିଆର ଗଛ ।
ପରୁଷକ—ଫାଲସା ଫଳ ।
ପର୍ଣ୍ଣୀଦ୍ୱୟ—ଶାଳପର୍ଣ୍ଣୀ ଓ କୃଷ୍ଣପର୍ଣ୍ଣୀ ।
ପର୍ଯ୍ୟୁଷିତ—ବାସି ।
ପର୍ବପୁଷ୍ପା—ନାଗଦନ୍ତୀ ଗଛ ।
ପଳାଶିକା—ଭୁଇଁକଖାରୁ ।
ପାକଶୁକ୍ଳା—ଖଡ଼ି ।
ପାକ୍ୟକ୍ଷାର—ଯବକ୍ଷାର ।
ପାଣିତଳ—ଦୁଇ ତୋଳା ବା ଗୋଟିଏ ଚନ୍ଦ୍ରା ପରିମାଣ ।
ପାଦ୍ୟମାନ—ଧାନ୍ୟାଦି ମାପିବାର ପରିମାଣ ।
ପାରିଜାତ—ଶ୍ୱେତମନ୍ଦାର ।
ପାରିଭଦ୍ର—ପାଲଧୁଆ ଗଛ ।
ପାରିଖବ୍ୟ—କୁଚ୍ଛ ।
ପାର୍ବତେୟ—ସୌବୀରାଞ୍ଜନ; ଅଣସୋରିଷ ।
ପିଚୁମର୍ଦ୍ଦ—ନିମ୍ବ ଗଛ ।
ପିଣ୍ଡଫଳା—ଲାଉ ।
ପିଣ୍ଡୀତକ—ତଳଚକା ।

ପିଲୁପର୍ଣ୍ଣୀ— ମୁରୁଗା; ଲତାକରଞ୍ଜ ।
ପିଶାଚଦ୍ରୁ—ସାହ୍ୱାଡ଼ା ।
ପିଶାଚକା—ଆକାଶମାଂସୀ ।
ପୀତକାଷ୍ଠ—ପଦ୍ମକାଠ ।
ପୀତଘୋଷା—ପୀତପୁଷ୍ପ ଘୋଷାଲତା ।
ପୀତଚୈଳା—ଫୁଟିଫୁଟିକା ଗଛ ।
ପୀତଦାରୁ—ସରଳକାଠ ।
ପୀତପାକ୍ସା—କାକୋଲୀ ।
ପୀତପୁଷ୍ପା—ପୀତପୁଷ୍ପ ଦାସକରଣ୍ଟା; ମେଥି; ବନ୍ଧ୍ୟାମୂଳୀ ।
ପୀତମୁଖା, ପୀତମୁଖୀ—ଲତାକସ୍ତୁରୀ ।
ପୀତରସ—କଶେରୁକନ୍ଦା ।
ପୀତଶାଳ—ପିଆଶାଳ ଗଛ ।
ପୀତସାର—ହରିଚନ୍ଦନ ।
ପୁଷ୍ପଦଳ—ସୁନସୁନିଆ ଶାକ ।
ପୁଣ୍ଡରୀକ—ଶ୍ୱେତପଦ୍ମ ।
ପୁତ୍ରଶ୍ରେଣୀ—ମୂଷାକାନି ଗଛ ।
ପୁନର୍ଣ୍ଣବା—ପୁରୁଣୀ ।
ପୁଷ୍ପରସ—ମଧୁ ।
ପୁଷ୍ପାଞ୍ଜନ—କୁସିମାଞ୍ଜନ ।
ପୁଷ୍ପାରୁମ୍ବୀ—ବଡ଼ ଲଉ ।
ପୂତିକଟ୍ୟା, ପୂତିଗନ୍ଧ—ପୂତମା ବା ସାଳଆପୁତମା ।
ପୂତିଗନ୍ଧ—ଦୁର୍ଗନ୍ଧ ।
ପୂତିପୁଷ୍ପ—ପୁଇଗନ୍ଧିଆ ଗଛ ।
ପୂତିବାତ—ବେଲ ।
ପୂତିବୃକ୍ଷ—ଫଣଫଣା ।
ପୂତିଶାକ—ଅଗସ୍ତି ଗଛ ।
ପୃଥକ୍‌ପର୍ଣ୍ଣୀ—କୃଷ୍ଣପର୍ଣ୍ଣୀ ।
ପୃଥଗାଲୁ—ହାତଖୋଜିଆ ଆଳୁ ।
ପୃଶ୍ନିପର୍ଣ୍ଣୀ, ପୃଷ୍ଟିପର୍ଣ୍ଣୀ—କୃଷ୍ଣପର୍ଣ୍ଣୀ ।
ପେଚନାମା, ପେଚନାମ୍ନା—ପଇଡ଼ ।
ପୋଟଗଲ—ଖଡ଼; ନଳ ।
ପୌଷ୍ପାଞ୍ଜନ—କୁସିମାଞ୍ଜନ ।
ପ୍ରକୁଞ୍ଚନ—ଏକପଲ ପରିମାଣ ।
ପ୍ରଶାଲକ—କୋଶଳା ଶାକ ।
ପ୍ରତିବଷା—ଅତୁସୀ ।
ପ୍ରତାନନୀ—ଲତା ।

ପ୍ରତ୍ୟକ୍‌ପୁଷ୍ପା, ପ୍ରତ୍ୟକ୍‌ପୁଷ୍ପୀ—ଅପାମାରଙ୍ଗ ।
ପ୍ରତ୍ୟକ୍‌ଶ୍ରେଣୀ—ମୂଷାକାନି ଗଛ ।
ପ୍ରଦୀପନ—ବିଷ ।
ପ୍ରପୁନ୍ନାଡ଼—ଚକୁଣ୍ଡା ଗଛ ।
ପ୍ରସନ୍ନେରା—ମଦ୍ୟ ବା ମଦ ।
ପ୍ରସାରଣୀ—ପ୍ରସାରୁଣି ଗଛ ।
ପ୍ରାଣପ୍ରିୟା—ଋଦ୍ଧି (ଅଷ୍ଟବର୍ଗରୁ ଏକ) ।
ପ୍ରାବୃଷେଣ୍ୟ—କଦମ୍ବ ଗଛ ।
ପ୍ରିୟଙ୍ଗୁକ—କାଙ୍ଗୁ ।
ପ୍ରିୟଶୀଳ—ଜାମ୍ବୁ ଗଛ ।
ପ୍ଲୀହଶତ୍ରୁ—ରୋଆମ ଗଛ ।
ପଞ୍ଚକଷାୟ—ଡିମ୍ବିରି, ଅଶ୍ୱତ୍ଥ, ବଟ, ଜଡ଼ ଓ ପଳାଶର ପଲ୍ଲବ ।
ପଞ୍ଚଜାତକ—ଗୁଡ଼ତ୍ୱକ, ଅଳାଇଚ, ପିପ୍‌ପଳୀ, କୁଚ ଓ ତେଜପତ୍ର ।
ପଞ୍ଚପର୍ଣ୍ଣିକା—ମୂଷାକାନି ।
ପଞ୍ଚପଲ୍ଲବ—ଆମ୍ବ, ଜାମ୍ବ, କଇଥ, ଟଭା ଓ ବେଲର ନୂତନପତ୍ର ।
ପଞ୍ଚବଲ୍‌କଲ—ବଟ, ଡିମ୍ବିରି, ଜଡ଼, ଅଶ୍ୱତ୍ଥ ଓ ବେତସର ବକଳ ।
ପଞ୍ଚବାୟୁ—ପ୍ରାଣ, ଅପାନ, ସମାନ, ବ୍ୟାନ ଓ ଉଦାନ ।
ପଞ୍ଚଭୂତ—ପୃଥିବୀ, ଜଳ, ବାୟୁ, ଆକାଶ ଓ ତେଜ ।
ପଞ୍ଚଲବଣ—ସୈନ୍ଧବ, ସୌବର୍ଚ୍ଚଳ, ବିଟ, ସାମୁଦ୍ର ଓ ସଚଳଲବଣ ।
ପଞ୍ଚଶିମ୍ବୀ—ଶିମ୍ବୀପର ପତ୍ର, ପୁଷ୍ପ, ଫଳ, ମୂଳ ଓ ବଲ୍‌କଲ ।
ପଞ୍ଚସାରକ—ଦ୍ରାକ୍ଷା, ମଧୁ, ଗମ୍ଭାରି ରସ, ସାକର ଓ କର୍ପୂରରେ ପ୍ରସ୍ତୁତ ପାନକବିଶେଷ ।
ପଞ୍ଚସୁଗନ୍ଧ—କାକୋଲା, ପୂଗଫଳ, ଲବଙ୍ଗ, ଜାଇଫଳ ଓ କର୍ପୂର ।
ପଟୋଲ୍ଲିହକ—ରୁଖଲୁହା ।
ପଦ୍ମମୂଳକ—କଇଁକନ୍ଦା ।
ପଦ୍ମସଞ୍ଜ୍ଞକ—ପଦ୍ମକାଠ ।
ପସ୍ୟସାପିକ—କ୍ଷୀରୀ ।
ପରିପେଲବ—ମୂଥା ।
ପର୍ଣ୍ଣୀଚତୁଷ୍କ—ଶାଲପର୍ଣ୍ଣୀ, କୃଷ୍ଣପର୍ଣ୍ଣୀ, ମୁଦ୍‌ଗପର୍ଣ୍ଣୀ ଓ ମାଷପର୍ଣ୍ଣୀ ।

ପଲ୍ଲବାଦ୍ରସ୍ତ—ଡାଳୀଶପତ୍ର । (ପଲ୍ଲବପର୍ଯ୍ୟାୟଗୁଡ଼ିକ ଏହାର ନାମ ।)
ପାଣ୍ଡରଚ୍ଛଦ—କଣ୍ଟା ଗଛ ।
ପାନଗୋଷ୍ଠିକା—ମଦୁଆଗୋଷ୍ଠୀ ।
ପାପଚେଲକା—ଅକାନବନ୍ଧ ।
ପାରଜାତକ—ପାଲଧୂଆ ଗଛ ।
ପାର୍ବତୀମୃଷ୍ଟା – ପର୍ବତମାଟି ।
ପାଶୁପତକ—ବକପୁଷ୍ପ ବା ବଗଫୁଲ ।
ପାଷାଣଭେଦ – ହେଠାଭଲ ବା ପାଷାଣଭେଦ ଗଛ ।
ପିଙ୍ଗସ୍ଫଟିକ—ଗୋମେଦ ।
ପିଚ୍ଛିଲଚ୍ଛଦା—ପୋଇ ଶାକ ।
ପିଚ୍ଛିଲତ୍ୱକ୍—ଧାମଣ ଗଛ ।
ପିଚ୍ଛିଳାନ୍ତର—ହାଡଖୋଳିଆ ଆଳୁ ।
ପିଣ୍ଡଖର୍ଜୁର—ଖଜୁର ।
ପିପ୍ପଲୀମୂଳ—ପିପ୍ପଳାମୂଳ ।
ପିଷ୍ଟପାୟସ—ଖିରସା ।
ପୀତପୁଷ୍ପକ—ତଳଚକାଭେଦ ।
ପୀତରୋହଣୀ—ପୀତକଣ୍ଟକୀ ।
ପୀତସ୍ଫଟିକ—ପୁଷ୍ପରାଗ ରତ୍ନ ।
ପୂତିକରଜ—ଲତାକରଞ୍ଜ ।
ପୂତୀକରଞ୍ଜ—ଗିଲ ଗଛ ।
ପୂତପଲ୍ଲବ—ଗସ୍ତା କଲରା ।
ପୂତପୁଷ୍ପିକା—ମଧୁର ଟଭା ।
ପୃଥୁବୀଜକ—ମସୂର ।
ପ୍ରକୃତିତ୍ରୟ—ବାତପ୍ରକୃତି, ପିତ୍ତପ୍ରକୃତି ଓ କଫ-ପ୍ରକୃତି ।
ପ୍ରତ୍ୟବସନ—ଭୋଜନ ।
ପ୍ରତୁଦଜାତି, ପ୍ରତ୍ୟୁଦଜାତି—କୋକିଲ ଦାତ୍ୟୂହ ଶୁକାଦି ।
ପ୍ରପୌଣ୍ଡରୀକ—ପୁଣ୍ଡରୀକ କାଠ ।
ପ୍ରସହଜାତି—ସିଂହ ଭାଲୁ ମୂଷା କୁଆ ଆଦି ।
ପ୍ରସ୍ରବୋପଲ—ଚନ୍ଦ୍ରକାନ୍ତମଣି ।
ପ୍ରାବୃଷାୟଣୀ—ପୁରୁଣୀ ।
ପ୍ରାୟୋପବେଶ—ଅନାହାର ।
ପ୍ରେତରାକ୍ଷସୀ—ଲଣ୍ଡାବାବୁଲ ।
ପଞ୍ଚମହାରତ୍ନ—ବଜ୍ର, ମୌକ୍ତିକ, ମାଣିକ୍ୟ, ନୀଳ ଓ ମରକତ ।
ପରମପୁଷ୍ଟକ—ଅଫିମ ।
ପାନୀୟପୃଷ୍ଠଜା—ବୋରଝାଙ୍କି ।
ପାନୀୟାମଲକ—ପାଣିଅଁଳା ।
ପାର୍ବତପର୍ଣୀ—ଫୁଟିଫୁଟିକା ଗଛ ।
ପାଷାଣସଙ୍କିତ—ଦାରୁମୁଷ୍ଟି ।
ପ୍ରାଚୀନାମଲକ—ପାଣିଅଁଳା ।
ପୁନର୍ଣ୍ଣବାଦ୍ୱୟ—ଶ୍ୱେତପୁରୁଣୀ ଓ ରକ୍ତପୁରୁଣୀ ।
ପୁଂଶ୍ଳୋକଲନେହାଭ—ଉତ୍ତମ ମାଣିକ୍ୟ ।
ପାରଦର ଅଷ୍ଟ ଦୋଷ—ନାଗ, ବଙ୍ଗ, ମଳ, ବହ୍ନି, ଚାଞ୍ଚଲ୍ୟ, ବିଷ, ଗିରି ଓ ଅସହ୍ୟାଗ୍ନିଜନିତ ଅଷ୍ଟପ୍ରକାର ଦୋଷ ।

---

## ଫ

ଫଳ—ତ୍ରିଫଳା; ଶସ୍ୟ ।
ଫଳୀ—ପ୍ରିୟଙ୍ଗୁ ।
ଫଲ୍‌ଗୁ—ଡିମ୍ବିରିଗଛ ।
ଫାଣ୍ଟ—ତପ୍ତଜଳରେ ନିକ୍ଷିପ୍ତ ଔଷଧର ଏକ ପ୍ରକାର କଷାୟ ।
ଫେନ—ସମୁଦ୍ର ଫେନ ।
ଫେଲା—ଉଚ୍ଛିଷ୍ଟ ଅନ୍ନ ।
ଫଳାଳୁ—ଫଳଆଳୁ, ପାଣିସାରୁ ।
ଫଳିନୀ—ପ୍ରିୟଙ୍ଗୁ ।
ଫାଲ୍‌ଗୁନ—ଗୋରେଖ କାକୁଡ଼ି, ଅର୍ଜୁନଗଛ ।
ଫଳଂକସ—ଗୁଗ୍‌ଗୁଲ ।
ଫଳଂକଷ—ଶିମ୍ବ ।
ଫଳଂକଷା—ଗୋଖରା, ଗୁଗ୍‌ଗୁଲ, କଇଁ, ମୁଣ୍ଡିବ୍ରୁଷ । (ଅରୁଣା ଶବ୍ଦ ଦେଖ ।)
ଫଳାଧମ—କେଉଟ ।
ଫଳେପାକା—ଆମ୍ବଡ଼ା, ଗନ୍ଧମୁଣ୍ଡଗଛ ।
ଫଳେରୁହା—ପାଟଳୀ ।
ଫଳପୂରକ—ଟଭା ।

## ବ

ବଂଶ — ବାଉଁଶଗଛ ।
ବଚ୍ — ବଚ ।
ବଜ୍ର — ହୀରା ।
ବଟ — ବରଗଛ ।
ବନ୍ୟ — ସିଆଳିଲତା ।
ବପା — ମାଂସଭେଦ ।
ବୟଃ — ବାଲ୍ୟାଦି ଅବସ୍ଥା ।
ବରା — ତ୍ରିଫଳା; ଅକାନବିନ୍ଧ ।
ବର୍ଣ୍ଣା — ଛତାବର୍ଣ୍ଣା; ହରଡ଼ ।
ବର୍ତ୍ତି — ମହ୍ମା ।
ବର୍ତ୍ତୀ — ନେତ୍ରଲେପନ, ନେତ୍ରୌଷଧ ।
ବର୍ଯ୍ୟା — ହରଡ଼ ।
ବର୍ହି   କୁଶ ।
ବଲା — ବାଡ଼ିଅଁଳା ।
ବଲି, ବଲୀ — ଗନ୍ଧକ ।
ବଲ୍କ — ବକଲ ।
ବଲ୍ଲୀ — କ୍ଷୀରକଞ୍ଚୁକୀ, ସିଆଳିଲତା ।
ବଲ୍ୟା — ଅଶ୍ୱଗନ୍ଧଗଛ ।
ବଲ୍ଲୀ — ଲତା ।
ବସା — ମାଂସଭେଦ ।
ବହ୍ଲା — ସୁଗନ୍ଧ ରାସ୍ନା ।
ବାଂଶୀ — ବଂଶରୋଚନା ।
ବାଟୀ — ଇଙ୍ଗଡ ।
ବାଣ — ନୀଳପୁଷ୍ପ ଦାସକରଣ୍ଠା; କାଣ୍ଡଶରଗଛ ।
ବାଲ — କୁରୁବେଲ୍ଲୀ ।
ବାସ — ବାସଙ୍ଗ ।
ବାହ — ଖାରଚତୁଷ୍ଟୟ ପରିମାଣ ।
ବ୍ୟାଘ୍ରୀ — ଅଙ୍କରାନ୍ତ, ଲବଆଙ୍କୁଡ଼ୀ ।
ବ୍ୟାଧି — କୁଡ଼; ରୋଗ ।
ବ୍ୟାପ୍ୟ — କୁଡ଼ ।
ବ୍ରଧ୍ନ — ବୃକ୍ଷାଦିର ମୂଳ ।
ବ୍ରାହ୍ମୀ — ଶାକବିଶେଷ; ବ୍ରାହ୍ମଣଯଷ୍ଟୀ ।
ବିଡ — ବିଟଲବଣ ।
ବିମ୍ବୀ — ମଧୁର ତୋରଡ଼ା ।
ବିଲ୍ୱ — ବେଲଫଳ; ଏକ ପଳ ପରିମାଣ ।
ବିଶ୍ୱ — ଶୁଣ୍ଠୀ ।
ବିସ୍ର — ଦୁର୍ଗନ୍ଧ ।
ବିଷା — ଅତୁଷୀ ।
ବୀଜ — ବୀର୍ଯ୍ୟ ।
ବୀର — ପାଣିବେଣା, ପୀତପୁଷ୍ପ ଦାସକରଣ୍ଠା ।
ବୀରା — କାକୋଲୀ ।
ବୃକ — ଗବଗଛ ।
ବୃକା — ଅକାନବିନ୍ଧ ।
ବୃତ୍ତ — ପାଣିଅଁଳା ।
ବୃଦ୍ଧ — ଶୈଳଜ ।
ବୃଷ — ବାସଙ୍ଗଗଛ; ଗହମ ।
ବୃଷ୍ୟା — ଋଦ୍ଧି । (ଅଷ୍ଟବର୍ଗରୁ ଏକ । )
ବେଣୀ — ସଲପଗଛ ।
ବେତ୍ର — ବେତଗଛ ।
ବେଲ — ବିଡ଼ଙ୍ଗ ।
ବେଷ୍ଟ — ଲବଣଖୋଟି ।
ବୋଧି — ଅଶ୍ୱତ୍ଥ ବୃକ୍ଷ ।
ବୋଲ — ଗୁଗ୍‌ଗୁଲୁ ପ୍ରାୟ ଏକ ପ୍ରକାର ସାରଜ ସୁଗନ୍ଧି
  ଦ୍ରବ୍ୟବିଶେଷ ।
ବ୍ୟୋଷ — ତ୍ରିକଟୁ ।
ବ୍ରୀଡ଼ା — କୋଲଧିଆ ବଏର ।
ବଂଶଜା — ବଂଶରୋଚନା ।
ବକୁଲ — ବଉଳଗଛ; କୋଦୁଅଭେଦ ।
ବଞ୍ଜୁଲ — ଅଶୋକଗଛ; ବେତଗଛ ।
ବଟକ — ଦୁଇ ମାଢ଼ ବା ଏକ ତୋଲକ ପରିମାଣ ।
ବଟିକା — ପିପ୍‌ପଳୀ ମୂଳ; ଔଷଧମାତ୍ରା ।
ବତ୍ସକ — କୁରୁଆଗଛ ।
ବଦର, ବଦରୀ — ବରକୋଳି ।
ବଦରା — କପାଗଛ ।
ବନାଲୁ — ଶଙ୍ଖସାରୁ ।
ବନ୍ଧୁକ — ଋଷଭକ । (ଅଷ୍ଟବର୍ଗରୁ ଏକ); ବଧୁଲି
  ଫୁଲ ।
ବନ୍ଧୁର — ଋଷଭକ ।
ବୟଃସ୍ଥା — ହରଡ଼ା; ଅଁଳା; ବ୍ରାହ୍ମୀଶାକ; ସୂକ୍ଷ୍ମ
  ଅଳାଇଚ ।
ବରକ — କାଙ୍ଗୁ; ଅଣସୋରଷ ।
ବରଦ — ଲେଉଟିଆ ଶାକ ।
ବରଦା, ବଳଦା — ଅଶ୍ୱଗନ୍ଧା ।

ବର୍ଗାଙ୍ଗ—ଗୁଡ଼ତ୍ୱକ ।
ବର୍ଗାମ୍ଳ—କରନ୍ଦାକୋଳି ।
ବର୍ଗାହ୍ୱ—ଭଲଚକା ।
ବରୁଣ—ବୃକ୍ଷବିଶେଷ ।
ବର୍ଚ୍ଚସ୍କ—ବିଷ୍ଠା ।
ବର୍ବର—ହରିଚନ୍ଦନ; ଭୈରବବଚ ।
ବର୍ଣ୍ଣାହ୍ୱ—ପର୍ଣ୍ଣମୁଗ ।
ବର୍ଣ୍ଣିନୀ—ହଳଦୀ ।
ବର୍ଦ୍ଧିଷ୍ଣୁ—ବୃଦ୍ଧି ( ଅଷ୍ଟବର୍ଗରୁ ଏକ ) ।
ବର୍ଷାଭ୍ୱ—ପୁରୁଣୀ ।
ବର୍ହିଷ୍ଠ—କୁରୁବେଲ୍ଲି; ଚମ୍ପା ।
ବଳଦ—ଚଣ୍ଡାକର୍ପୂର ।
ବଲ୍କଲ—ବୃକ୍ଷାଦିର ବକଲ ।
ବଲ୍ଲଭ—ପାଳଙ୍ଗ ଶାକ ।
ବଲ୍ଲରୀ—ମେଥି; ମଞ୍ଜରୀ ।
ବଲ୍ଲୂର—ଶୁଷ୍କ ମାଂସ ।
ବସୁକ—ଅର୍କଗଛ; ବଗହୁଲାଗଛ; ଅଗର ଚନ୍ଦନ; ସଚଳ ଲବଣ ।
ବସ୍ତାଙ୍ଗ—ତେଜପତ୍ର ।
ବହୁଲା—ଅଳାଇଚ ।
ବ୍ୟଞ୍ଜନ—ତିଅଣ ।
ବ୍ୟବାୟ—ମୈଥୁନ ।
ବ୍ରତତୀ—ଲତା ।
ବ୍ରାହ୍ମଣୀ—ରେଣୁକ; ବ୍ରାହ୍ମଣଯଷ୍ଟି ।
ବ୍ରାହ୍ମାଣ୍ଡ—ଭଲଚକା ଭେଦ ।
ବାକୁଚୀ—ସୋମରାଜ ମଞ୍ଜି ।
ବାତାରି—ଗବଗଛ ।
ବାନୀର—ବେତଗଛ ।
ବାମନ—ଆଙ୍କୁଲଗଛ ।
ବାମନୀ—ବଡଛଣପଟ ।
ବାୟସୀ—ଲୁଣିଲୁଣିଆ ।
ବାରିଜ—ଲବଙ୍ଗ ।
ବାରୁଣୀ—ମଦ୍ୟ ।
ବାର୍ତ୍ତାକୀ—ବାଇଗଣ; ଲବିଆଙ୍କୁଡ଼ି ।
ବାର୍ଦ୍ଧକ—ବୈଦୁର୍ଯ୍ୟ; କଆଗଛ ।
ବାଳେୟ—ମୂଥା ।
ବାଳିଶ—ପାଦରୋଗ ।
ବାଳୁକ—ଆଠପ୍ରକାର ସ୍ଥାବର ବିଷରୁ ଏକ ।
ବାସନ୍ତ—କଳାମୁଗ ।
ବାସନ୍ତୀ—ମାଧବୀ, ଜୁଇଫୁଲ ।
ବାସ୍ତୁକ, ବାସ୍ତୂକ—ବଥୁଆ ଶାକ ।
ବାହ୍ଲୀକ—କୁଙ୍କୁମ, ହିଙ୍ଗୁ, ଶ୍ରୋତାଞ୍ଜନ ।
ବ୍ୟାଧିତ—ରୋଗୀ ।
ବିକସା, ବିକଷା—ମଞ୍ଜିଷ୍ଠା ।
ବିକୃତ—ରୋଗୀ ।
ବିଜଳ—ଶୋଧିତ ବ୍ୟଞ୍ଜନ ।
ବିଜୟା—ଗଞ୍ଜାଇ ।
ବିଜ୍ଜଲ—ଗୁଡ଼ତ୍ୱକ ।
ବିଟପୀ—ଗଛ ।
ବିଡ଼ଗନ୍ଧ—ବିଟଲବଣ ।
ବିତୁନ୍ନ—ସୁନିସୁନିଆ ଶାକ ।
ବିଦାହ୍ୱ—ଆମ୍ବିଳ ।
ବିଦାରୀ—ଭୂଇଁକଖାରୁ ।
ବିଦୁର—ବୋଲ ।
ବିଦୁଲ—ବେତ ଓ ପାଣିବେତ ଗଛ ।
ବିଦ୍ରୁମ—ପୋହଳା ।
ବିପୃଷ—ବିଦ୍ଧମାନ ।
ବିମ୍ବିକା—ମଧୁରତୋରଡ଼ା ।
ବିରଣ—ପାଣିବେଣା ।
ବିଲେପୀ—ଚତୁର୍ଗୁଣ ଜଳରେ ପକ୍ୱ ପାତଳା ଜାଉ ।
ବିଶାଖା—କଲରା ।
ବିସର୍ଗ—ମଳତ୍ୟାଗ ।
ବିଷଲ୍ୟା—ଦନ୍ତିଗଛ ।
ବିଷାଣ—ଶିଙ୍ଗ ।
ବୀଜକ—ପିଆଶାଳ ଗଛ ।
ବୀରୁଦ୍—ଲତା ।
ବୃକ୍ଷାମ୍ଳ—ତେନ୍ତୁଳ ।
ବୃଶ୍ଚିକ—ଶ୍ୱେତପୁରୁଣି ।
ବୃଷକ—ଭାଲିଆଭେଦ ।
ବୃଷଣ—ଅଣ୍ଡକୋଷ ।
ବୃଷଭ୍ୟ—ବାଇଡ଼ଙ୍କ ।
ବୃହତୀ—ଲବିଆଙ୍କୁଡ଼ି; ଅନ୍ତାକ୍ଷ ।
ବେଣୁଜ, ବୈଣବ—ବାଉଁଶଧାନ ।
ବେଧସୀ—ମେଥି ।
ବେଲ୍ଲଜ—ମରି ।

ବୈଦେହୀ — ପିପ୍ପଳୀ ।
ବୋଲାଶ୍ୱ — ଚଲଣାଫଳ ।
ବ୍ୟୁଷିତ — ବାସିଜଳ ।
ବଂଶଧାନ୍ୟ — ବାଉଁଶଧାନ ।
ବକପୁଷ୍ପ — ବଗଫୁଲା ।
ବଜ୍ରବୃକ୍ଷ — ସିଜୁ ଗଛ ।
ବଜ୍ରବଲ୍ଲୀ — ପବଅଇଣ୍ଠ ।
ବତ୍ସନାଭ — ଆଠପ୍ରକାର ସ୍ଥାବର ବିଷରୁ ଏକ ।
ବତ୍ସାଦନୀ — ଗୁଳୁଚି ।
ବନମୁଦ୍ଗ — ବଣମୁଗ ।
ବନସ୍ପତି — ପୁଷ୍ପ ବିନା ଫଳିବା ଗଛ ।
ବନେକ୍ଷୁଦ୍ରା — କରଦ୍ଧାକୋଳି ।
ବନେସର୍ଜ — ସାହାଜ ଗଛ ।
ବନୋଦ୍ଭବା — ଅଦା; ବନ କପା; ବନ ମଲ୍ଲୀ ।
ବନୋଦ୍ଭବ — କଣ୍ଟାଇକୋଳି ।
ବନ୍ଧୁଜୀବ — ବଧୂଲି ଫୁଲ ।
ବରଲବ୍ଧ — ଚମ୍ପା ଗଛ ।
ବରୋହକ — ଅଶ୍ୱଗନ୍ଧା ।
ବର୍ତ୍ତିଲୋହ — ରୁଖାଲୁହା ।
ବର୍ଦ୍ଧମାନ — ଗବ ଗଛ ।
ବର୍ଷପାକୀ — ଆମ୍ବଡ଼ା ।
ବସୁଚ୍ଛିଦ୍ରା — ମହାମେଦ ।
ବହୁଦୁଗ୍ଧ — ତୃଣଗହମ ।
ବହୁପତ୍ର — ଅଭ୍ର ।
ବହୁପୁତ୍ରା — ଭୂଇଁଅଁଳା ।
ବହୁପୁତ୍ରୀ — ତାଳମୂଳୀ ।
ବହୁପାଦ୍ — ବରଗଛ ।
ବହୁମଳ — ଶିଂସା ।
ବହୁମୂଳ — ଇଙ୍ଗଡ଼ ।
ବହ୍ନିନାମା — ଭଲିଆ; ଚିତାପାରୁ । (ବହ୍ନିପର୍ଯ୍ୟାୟସବୁ ଚିତାମୂଳର ଓ ଭଲିଆର ନାମ ।)
ବହ୍ନିମନ୍ଥ — ଅଗିବଥୁ ।
ବହ୍ନିଶିଖା — ଲହଲଙ୍ଗଳିଆ ।
ବହ୍ନିଯୁକ୍ତ, ବହ୍ନିଦ୍ରବ୍ୟ — ଭଲିଆ ଓ ଚିତାପାରୁ ।
ବହୁପ୍ରଜ — ଶଙ୍ଖସାରୁ ।
ବହୁପ୍ରିୟ — ଯବଧାନଭେଦ ।
ବହୁଫଳ — ନନ୍ଦମୁଖ ଧାନ ।
ବହୁସୁତା — ଛତାବରୀ ।
ବାଚ୍ୟପୁଷ୍ପ — ଚନ୍ଦନ, ପୁଷ୍ପ, ଗୁଡ଼ତ୍ୱକ ଓ କୁଙ୍କୁମ ।
ବାଜିଦନ୍ତ — ବାସଙ୍ଗ ଗଛ ।
ବାଟ୍ୟାଲକ, ବାଟ୍ୟପୁଷ୍ପ — ବାଡ଼ିଅଁଳା ।
ବାତପୋତ — ପଳାଶ ଗଛ ।
ବାତିଙ୍ଗଣ — ବାଇଗଣ ।
ବାନପ୍ରସ୍ଥ — ପଳାଶ ଗଛ ।
ବାସ୍ତୁପାଳୀ — କାକୁଡ଼ିଆ ଘାସ ।
ବାସ୍ତୁସେକ୍ଷୁ — କାଇଁଶ ।
ବାରପର୍ଣ୍ଣୀ — ବୋଚଖାଣ୍ଡୀ ।
ବାଲପ୍ରସ୍ଥ — ପଳାଶ ଗଛ ।
ବିକଙ୍କତ — ବଇଁଚ ଗଛ ।
ବିଟ୍‌ଖଦିର — ବଡ଼୍‌ଗନ୍ଧ ଖଇର ।
ବିଡ଼ାଳିକା — ଭୂଇଁକଖାରୁ ।
ବିତାନକ — ଧଣିଆଁ ।
ବିଦୁନ୍ନକ — ଭୂଇଁଅଁଳା ।
ବିଦାରିକା — ଭୂଇଁକଖାରୁ ।
ବିଭୀତକ — ବାହାଡ଼ା ।
ବିଲୋଚନ — ରୂପ ।
ବିଲୋଡ଼ିତ — ଚହ୍ଲାଭେଦ ।
ବିଶାଚିକା — ଆକାଶମାଂସୀ ।
ବିଶ୍ୱକ୍‌ସେନା, ବିଶ୍ୱକ୍‌ଷେନା — ପ୍ରିୟଙ୍ଗୁ ।
ବିଶ୍ୱଗ୍‌ଦେବା — ରକ୍ତପୁଷ୍ପ ଦଣ୍ଡିପହଲା ଗଛ ।
ବିଶ୍ୱଦେବା — ଗୋରେଖଗୃଉଳ; ଦଣ୍ଡିପହଲା ଗଛ ।
ବିସର୍ପିଣୀ — ଶ୍ୱେତ ବନବନା ।
ବିଷଦ୍ରବ୍ୟ — ସ୍ଥାବର ଓ ଜଙ୍ଗମ ବିଷ ।
ବିଷପର୍ଣ୍ଣୀ — ଦହଦହିଆ ।
ବିଷପୁଷ୍ପ — ମଏଣ ।
ବିଷବୃକ୍ଷ — ଉଦୁମ୍ବର ବୃକ୍ଷ ।
ବିଷମୂଳା — ନରକୋଳି ।
ବିଷହର — କାଣିଲେଉଟିଆ ଶାକ ।
ବିଷାପହା — ପାନଅଇର ।
ବିଷୌଷଧ, ବିଷୌଷଧି — ନାଗଦନ୍ତ ଗଛ ।
ବିଷ୍ଣୁକ୍ରାନ୍ତା — ଶୁକ୍ଳ ଅପରାଜିତା ।
ବୀଜକୋଷ — ଫଳ ।
ବୀଜପୂର — ଟଭ ।
ବୀରତର — ପାଣିବେଣା ।
ବୀରତରୁ — ଭଲିଆ; କୋଇଲେଖା ।

ବାରରଜ—ସିନ୍ଦୂର ।
ବୃକ୍ଷବଲ୍ଲୀ, ବୃଷବଲ୍ଲୀ —ଭୂଇଁକଖାରୁ ।
ବୃନ୍ତପତ୍ର, ବୃନ୍ତପତ୍ର—ଲେଉଟିଆ ଶାକ ।
ବୃନ୍ତବାକା—ଶିମ୍ବଭେଦ ।
ବୃକ୍ଷପର୍ଣ୍ଣୀ—ମୂଷାକାନ ।
ବୃଷାକର —ବର ।
ବୃହତିକା— ଲବଆଙ୍କୁଡ଼ି ।
ବୃହଚ୍ଛତ—ନମ୍ବ ।
ବୃହତ୍ପୃଷ୍ଠା—ଛଣପଟ ।
ବୃହତ୍‌ଫଳା —ବଡ଼ଜାମ୍ବୁ; ଲାଉ ।
ବୃହତ୍କାଶୀ - ଖଡ଼ ।
ବୃହଦ୍ଧାନ୍ୟ— ବଡ଼ଧାନ ।
ବେଣୁପତ୍ରୀ —ହିଙ୍ଗୁପତ୍ରୀ ।
ବେଶବାର—ମାଂସାଦିର ବ୍ୟଞ୍ଜନବିଶେଷ; ଶୁଣ୍ଠି ପିପ୍‌ପଳୀ ପ୍ରଭୃତିରେ କୃତ ଔଷଧ ଯୋଗ-ବିଶେଷ ।
ବେଷଣୋଗ୍ରୀ — ଧଣିଆ ।
ବୋଧନକା - ବୃଦ୍ଧି । (ଅଷ୍ଟବର୍ଗରୁ ଏକ ।)
ବ୍ୟତକର - ସ୍ୱର୍ଣ୍ଣ ।
ବ୍ୟାଘ୍ରନଖ—ନଖୀ ।
ବ୍ୟାଘ୍ରାଦନୀ— ତିଉଡ଼ି ।
ବ୍ୟାଘ୍ରୀଦ୍ୱୟ— ଅନାନ୍ତ୍ର; ଲବଆଙ୍କୁଡ଼ି ।
ବ୍ୟାଧିଘାତ—ସୁନାରିଗଛ ।
ବ୍ରଣକୃତ୍ —ଭଲିଆ ।
ବ୍ରହ୍ମଦର୍ଭା—ଅଜମୋଦା ।
ବ୍ରହ୍ମପୁତ୍ର—ବିଷ ।
ବ୍ରହ୍ମବୃକ୍ଷ—ହସ୍ତିକର୍ଣ୍ଣପଲାଶ ।
ବଂଶତଣ୍ଡୁଳ—ବାଉଁଶଧାନ ।
ବକଣାଲନୀ—ଘିଅକୁଆଁରି ।
ବଦରଚ୍ଛଦ—ହାତିଆ ବଏର ।
ବନକାର୍ପାସୀ—ବନକପାଗଛ ।
ବନକୋଦ୍ରବ—କୋଦୁଅଭେଦ ।
ବନଶୃଙ୍ଗାଟ— ଗୋଖରା ।
ବନ୍ୟଧାନ୍ୟକ—ବାଳୁଙ୍ଗା ।
ବରତକ୍ତକ—ସୋଆମଗଛ ।
ବର୍ମ୍ମକଣ୍ଟକ— ପାପଡା ।
ବଳଭଦ୍ରକା—ତ୍ରାୟମାଣା ।

ବସୁହଟ୍ଟକ, ବସୁହାଟକ —ବଗଫୁଲ ବା ବକପୁଷ୍ପ ।
ବହୁଳଚକ୍ଷୁ—ମେଣ୍ଢାଶିଙ୍ଗାଗଛ ।
ବହୁବାରକ—ବୋଆଲୁ ।
ବାନରପ୍ରିୟ—କ୍ଷୀରକୋଳି ।
ବାରଣବୃଷା—କଦଳୀ ।
ବାଲତନୟ—ଖଇର ।
ବାସୁକାଲଙ୍ଗ —ଚଲଣାଫଳ ।
ବିତାନମୂଳ—ପାଣିବେଣା ।
ବିଶାଲତ୍ୱକ୍ —ଛତିଅନା ।
ବିଶାଲପତ୍ର—ମାଣବୃକ୍ଷ ।
ବିଶ୍ୱଭେଷଜ - ଶୁଣ୍ଠି ।
ବିଶ୍ୱରୂପକ—ଅଗରଚନ୍ଦନ ।
ବିଷନାଶନ - ଶିରସ ।
ବିଷମଚ୍ଛଦ—ଛତିଅନା ।
ବିଷଘ୍ନକୃତ୍—ଭୂଇଁପଲାଶ ।
ବିଷ୍କିରଜାତି—ବର୍ତ୍ତିକ, ତିତିର, ମୟୂର, କୁକୁଡ଼ା ପ୍ରଭୃତି ।
ବ୍ରହ୍ମଚାରଣୀ—ବ୍ରାହ୍ମୀଶାକ; ବ୍ରାହ୍ମଣଯଷ୍ଟି ।
ବ୍ରହ୍ମତନ୍ଦୁକ—କୁଚମୂଳ ।
ବୃଷପଲ୍ଲବା—କଳମ୍ବ ଶାକ ।
ବୃହତୀଦ୍ୱୟ —ଅନାନ୍ତ୍ର; ଲବଆଙ୍କୁଡ଼ି ।
ବେଧମୁଖ୍ୟକ—ଗନ୍ଧଶୁଣ୍ଠିଭେଦ ।
ବୈଜୟନ୍ତିକା—ଜୟନ୍ତୀ ।
ବିଡ଼ାଲପଦକ — ଏକ କର୍ଷ ପରିମାଣ ।
ବିଦାରଗନ୍ଧାଖ୍ୟ— ଶାଳପର୍ଣ୍ଣୀ ।
ବିଲେଶୟଜାତି — ଗୋଧି, ନକୁଳ, ଝିଙ୍କ, ବେଙ୍ଗ, ସାପ ପ୍ରଭୃତି ।
ବିଷମବଲ୍କଳ—କରୁଣାଫଳ ।
ବିଷବିନାଶକ, ବିଷବିନାଶନ—ମାଣ ବୃକ୍ଷ ।
ବୈଶ୍ରବଣୋଦୟ—ବରଗଛ ।

---

## ଭ

ଭକ୍ତ—ଅନ୍ନ ବା ଭାତ ।
ଭଗ—ଯୋନି ।
ଭଣ୍ଡୀ—ମଞ୍ଜିଷ୍ଠା ।

ଭଦ୍ରା— କାଙ୍ଗଡ଼; ଗମ୍ଭାର; ଡ଼ିମ୍ବ ରୋଗଛ ।
ଭବ୍ୟ  ଓଆଉ ଫଳ ।
ଭର୍ମ – ସୁବର୍ଣ୍ଣ ।
ଭସ୍ମ—ଧାତୁ ଉପଧାତୁ ପ୍ରଭୃତିର ଶୁଦ୍ଧିପୂର୍ବକ ଚୂର୍ଣ୍ଣ ।
ଭାର୍ଗୀ— ବ୍ରାହ୍ମଣଯଷ୍ଟି ।
ଭକ୍ଷ୍ୟ—ଅନ୍ନ ବା ଭାତ ।
ଭୀରୁ—ଛତାବରୀ ।
ଭୂର୍ଜ—ବୃକ୍ଷବିଶେଷ ।
ଭୃଙ୍ଗ—ଭୃଙ୍ଗରାଜ; ଗୁଡ଼ତ୍ୱକ ।
ଭେକୀ— ଥାଲକୁଡ଼ି ।
ଭୋଗ— ଶାଳଧାନ ।
ଭଣ୍ଡାକୀ – ଅକରାନ୍ତ; ଲବଆଙ୍କୁଡ଼ି ।
ଭଣ୍ଡାରୀ, ଭଣ୍ଡୀରୀ – ମଞ୍ଜିଷ୍ଠା ।
ଭଦ୍ରଶ୍ରୀ – ଶ୍ୱେତଚନ୍ଦନ ।
ଭସ୍ମକ – ବିଡ଼ଙ୍ଗ ।
ଭିଷକ୍ – ବୈଦ୍ୟ ।
ଭକ୍ଷିଷ୍ଟା – ପୋଡ଼ା ଅନ୍ନ ।
ଭୂତଘ୍ନୀ—ପୁଣ୍ଡ୍ରଶାକ କାଠ; ମୁଣ୍ଡି ଦ୍ରବ୍ୟ । ( ଅରୁଣା ଶବ୍ଦ ଦେଖ । )
ଭୂଢକ— ଜୁଆଣି ।
ଭୂତଣ – ଗନ୍ଧମାଳୀ ।
ଭୂଧାତ୍ରୀ— ଭୂଇଁଅଁଳା ।
ଭୂନମ୍ବ—ଚିରାଇତା ।
ଭୂପଦ୍ମୀ – ଶତଦଳ ମଲ୍ଲୀ ।
ଭେଷଜ, ଭୈଷଜ୍ୟ – ଔଷଧ ।
ଭଣ୍ଡୀତକୀ – ମଞ୍ଜିଷ୍ଠା ।
ଭଦ୍ରକାଳୀ— ପ୍ରସାରୁଣୀ ।
ଭଦ୍ରଦାରୁ—ସରଳ କାଠ; ଦେବଦାରୁ ।
ଭଦ୍ରମଲ୍ଲୀ—ବନମଲ୍ଲୀ ।
ଭଦ୍ରମୁସ୍ତ – ବନମୁଥା ।
ଭଦ୍ରସାର—ଶ୍ରୀଖଣ୍ଡଚନ୍ଦନ ।
ଭରଂସହା – ହେମାଦ୍ରି ଖ୍ୟାତ ।
ଭଲ୍ଲାତକ—ଭଲିଆ ।
ଭାଦ୍ରବକ—ଚନାଧାନ ।
ଭାରଦ୍ୱାଜୀ – ବନ କପା ।
ଭୀରୁପତ୍ରୀ, ଭୀରୁପର୍ଣ୍ଣୀ – ଛତାବରୀ ।

ଭୂକଦମ୍ବ – ପୋକଯୁଦ୍ଧାଗଛ ।
ଭୂତଜଟା—ଆକାଶମାଂସୀ ।
ଭୂତବେଶ୍ୟା— ଭୂତକେଶୀଗଛ ।
ଭୂଢପୁଷ୍ପ— ଫଣଫଣା ।
ଭୂପଲାଶ—ଭୂଇଁପଲାଶଗଛ ।
ଭୂମିଜମ୍ବୁ— ଭୂଇଁଜାମୁ ।
ଭୂର୍ଜପତ୍ର—ଭୂର୍ଜଗଛ ।
ଭୋଜନକ—ଭାଲିଆଭେଦ ।
ଭୋଜନାର୍ହ— ଶାଳଧାନ ।
ଭୌମରତ୍ନ – ପହୁଲା ।
ଭଦ୍ରବଲ୍ଲିକା – ଚେମଡ଼ାଲଇ ।
ଭଗ୍ନବଲ୍କଲ – କୁଜିସାରୁ ।
ଭୂତନାଶନ—ଭାଲିଆ ।
ଭୂମିକୁଷ୍ମାଣ୍ଡ—ଭୂଇଁକଖାରୁ ।
ଭୂମିଜମ୍ବୁକା—ନାରଙ୍ଗ ଫଳ ।
ଭୂମ୍ୟାମଲକୀ—ଭୂଇଁଅଁଳା; ତାଳମୂଳୀ ।
ଭୃଙ୍ଗାରପତ୍ର—କର୍ପୂର ।
ଭୋଗିବଲ୍ଲଭ – ଚନ୍ଦନ ।
ଭୁକ୍ତସମୁଜ୍‌ଝିତ—ଉଚ୍ଛିଷ୍ଟ ଅନ୍ନ ।

---

## ମ

ମଜ୍ଜା—ବୃକ୍ଷମଞ୍ଜ; ଦେହଗତ ଧାତୁବିଶେଷ ।
ମଣି—ରତ୍ନ; ସ୍ଫଟିକ; ଲିଙ୍ଗାଗ୍ର ।
ମଣ୍ଡା – ମେଥି ।
ମଦ—କସ୍ତୁରୀ ।
ମଦ୍ୟ— ମଦ ।
ମଧୁ – ମହୁ; ମହୁଲରୁ ଜାତ ମଦ୍ୟ ।
ମନ୍ଥ—ଅମୃତ ମନ୍ଥ ।
ମଳ— ବିଷ୍ଠା ଆଦି; ବାତପିତ୍ତାଦି ଦୋଷ ।
ମାଘ୍ୟ—କୁନ୍ଦପୁଷ୍ପ ।
ମାଢ଼—ଗୁର ମାଷ ବା ଦଶ ଚହ୍ଲା ପରିମାଣ ।
ମାଣ— ବୃକ୍ଷବିଶେଷ ।
ମାଂସୀ—ଜଟାମାଂସୀ ।
ମାର୍ଷ୍ଟି – ଦେହମର୍ଦ୍ଦନ ।
ମାଷ – ବିରି ।

ମାଷ — ଦଶକାଇଁଚ ପରମାଣ ।
ମିଷୀ—ପାନମହୁର ।
ମିଷ୍ଟ — ମଧୁର, ସୁସ୍ୱାଦୁ ।
ମୁଞ୍ଜ — କାଣ୍ଡଶରଗଛ ।
ମୁର — ମୁରମାଂସୀ ।
ମୁଷା — ମୟୂରଗିରିଆ ।
ମୁଷ୍ଟି—ଏକପଲ ପରିମାଣ ।
ମୁଷ୍କ — ଅଣ୍ଡକୋଷ ।
ମୁସ୍ତ — ମୁଥା ।
ମୂର୍ତ୍ତି — ରୂପ ।
ମୂର୍ବା — ମୁରୁଗା ।
ମୃଜା—ଦେହ ଘଷିବା ।
ମେଦା — ଅଷ୍ଟବର୍ଗର ଦ୍ରବ୍ୟବିଶେଷ ।
ମେଧ — ଘନଧାନ ।
ମେଧା —ଶ୍ୱେତବଚ ।
ମୋଘା—ପାଟଲିଗଛ ।
ମୋଚ — ଶିମୁଳି ।
ମୋଚ୍ଛ — କଦଳୀ ।
ମୌର୍ବୀ—ଇତୁରୁଲି ଲତା ।
ମଙ୍ଗଲ୍ୟ — ବେଲ ।
ମଙ୍ଗଲ୍ୟା — ଅଗରଚନ୍ଦନ; ପାନମହୁର; ବଚ; ଗୋରୋ-
 ଚନା; ଦୂବ; ଅଧୋମୁଖୀ ।
ମଞ୍ଜୁଷା — ମଞ୍ଜିଷ୍ଠା ।
ମଣ୍ଡନା, ମଣ୍ଡଲୀ—ପୋଇଶାଗ ।
ମଣ୍ଡୂକୀ— ଥାଲକୁଡ଼ି ।
ମଣ୍ଡୂକୀ—ବ୍ରାହ୍ମିଶାକ ।
ମଥିତ — ଚହ୍ଲା ।
ମଦଘ୍ନୀ—ପୋଇଶାଗ ।
ମଦନ—ମଏଣ, କଣ୍ଟାମଏଣ ।
ମଦଜ୍ଞା — ମେଥି ।
ମଦରା — ମଦ୍ୟ ।
ମଧୂକ— ମହୁ; ମହୁଲ; ପର୍ବତ ମହୁଲ ।
ମଧୂକା—ଜାଠିମହୁ ।
ମଧୂରା—ପାନମହୁରି; ମଧୁର ଝଞ୍ଜା; ରୁମା; ମେଦ ।
ମଧୂଲୀ—କାକୁଡ଼ିଆ ଘାସ ।
ମଧ୍ୱାଳୁ— ମହୁଆଳୁ ।

ମନୋଜ୍ଞ — ସରଳ ।
ମନୋଜ୍ଞା — ମନଃଶିଳା ।
ମନ୍ଥକ — ଅଗ୍ନିବଥ; ଜଳରେ ପକାଇ ମନ୍ଥନ କରିବାରେ
 ପ୍ରସ୍ତୁତ କଷାୟ ।
ମନ୍ଦାର—ପାଲଧୂଆ ।
ମନ୍ଦୋଷ୍ଣ — ଅଳ୍ପ ତପ୍ତ ।
ମନ୍ମଥ — କଇଥ ।
ମୟୂଷ୍ଠ — ବନମୁଗ ।
ମର୍କଟୀ— କରଞ୍ଜଭେଦ; ବାଇଡ଼ଙ୍କ ।
ମର୍ମାନ୍ଧ — ମସୂର ।
ମଲପୂ—ଡ଼ିମ୍ବିରିଗଛ ।
ମହାର୍ହ — ଶ୍ୱେତଚନ୍ଦନ ।
ମାକ୍ଷିକ —ମହୁ; ସାମୁଦ୍ର ଲବଣ ।
ମାକ୍ଷୀକ—ସୁବର୍ଣ୍ଣମାକ୍ଷି ।
ମାଗଧ—ଶ୍ୱେତଜୀର ।
ମାଗଧୀ — ପିପ୍ପଳୀ ।
ମାଞ୍ଜିଷ୍ଠ—ଦଶପ୍ରକାର ଜଙ୍ଗମ ବିଷରୁ ଏକ ।
ମାତସୀ—ଅତସୀ ।
ମାତୃକ—ଋଷଭକ । ( ଅଷ୍ଟବର୍ଗରୁ ଏକ । )
ମାଦକ— ଆମ୍ବୁ ।
ମାଦକ — ଶିମ୍ବ ।
ମାଧବ—କଳାମୁଗ ।
ମାଧ୍ୱୀକ—ମହୁଲରୁ ଜାତ ମଦ୍ୟ ।
ମାନକା — ଆଠ ପଲ ।
ମାର୍କବ—ଭୃଙ୍ଗରାଜ ।
ମାର୍ଜନ — ଲୋଧ, ଦେହ ଘଷିବା ।
ମାର୍ଜିତା—ଦହିକଡମା ।
ମାଲତୀ—ଜାଇଫୁଲ, ମାଲତୀଫୁଲ ।
ମାଲୂର — ବେଲ ।
ମାଲେୟା —ଅଲାଇଚ ।
ମାସର —ପେଜ ।
ମିହିକା — କର୍ପୂର ।
ମୁକୁନ୍ଦ —କୁନ୍ଦରୁଖୋଟି ।
ମୁକୁଷ୍ଟ—ବନମୁଗ ।
ମୁଜାଷ୍ଟ —ବାଲୁଙ୍ଗାଧାନ ।
ମୁସ୍ତକ—ମୁଥା; ଆଠପ୍ରକାର ସ୍ଥାବର ବିଷରୁ ଏକ ।
ମୂଷଲୀ — ତାଲମୂଳୀ ।

ମୁଷ୍କକ—ଟ୍ରୁଟ୍ରୁଣିଆଁ ।
ମୂଳକ—ମୂଳା ।
ମୂଷିକା—ମୁଷାକାନ ।
ମୃଣାଳ—ପଦ୍ମନାଡ଼ ।
ମୃଦ୍ଵଙ୍ଗ—ବଙ୍ଗ ।
ମୃଦ୍ଵିକା—ଦ୍ରାକ୍ଷା ।
ମେଖଳା—କୃଷ୍ଣପର୍ଣ୍ଣୀ ।
ମେଘାଖ୍ୟ—ମୁଥା; କାଣିଲେଉଟିଆ ଶାକ । (ମେଘର ପର୍ଯ୍ୟାୟଗୁଡ଼ିକ ଏ ଦୁଇଟିର ନାମ । )
ମେଚକ—ସୌବୀରାଞ୍ଜନ; ମୟୂରଚନ୍ଦ୍ରିକା ।
ମେଥିକା—ମେଥି ।
ମେଦଘ୍ନୀ—ପୋଇ ଶାଗ ।
ମେଦସ—ଦେହସ୍ଥ ଧାତୁବିଶେଷ ।
ମେହ—ରୋଗବିଶେଷ, ମୂତ୍ରସ୍ରାବ ।
ମେହନ—ମୂତ୍ର; ଉପସ୍ଥ ।
ମେହଘ୍ନୀ—ହଳଦୀ ।
ମ୍ଳେଚ୍ଛାସ୍ୟ—ତମ୍ବା ।
ମୈରେୟ—ମଦ୍ୟଭେଦ ।
ମୋଚକ, ମୋଚକ—ସଜନା ।
ମୋରଟ—ଚକ୍ଷୁମୂଳ; ଲତାକରଡ଼ ।
ମୋରଟା—ମୁରୁଗା ।
ମୋହନୀ—ଶତଦଳ ମଲ୍ଲୀ ।
ମୌକ୍ତିକ—ମୁକ୍ତା ।
ମକରନ୍ଦ—ମହୁ ।
ମଙ୍ଗଲ୍ୟକ—ମସୂର ।
ମଜ୍ଜସାର—ଜାଇଫଳ ।
ମଞ୍ଜରକ—ଗନ୍ଧତୁଳସୀ ।
ମଣିଚ୍ଛିଦ୍ରା—ମେଦ । ( ଅଷ୍ଟବର୍ଗରୁ ଏକ । )
ମଦଗନ୍ଧା—ଅତସିଚଣା ।
ମଦୟନ୍ତୀ—ତ୍ରିପୁରମଲ୍ଲୀ ।
ମଧୂକ୍ଷବା—ଶିମ୍ବ ।
ମଧୂତୃଣ—ଆଖୁ
ମଧୂଦ୍ରୁମ—ମହୁଲ ।
ମଧୂପର୍ଣ୍ଣୀ—ବହିଚଗଛ; ଗୁଳୁଚୀ ।
ମଧୂପୁଷ୍ପ—ମହୁଲ ।
ମଧୂରସା—ଦ୍ରାକ୍ଷା; ମୁରୁଗା ।
ମଧୂଶିଗ୍ରୁ—ରକ୍ତସଜନା ।
ମଧୂସ୍ରବା—ହଂସପାଦ ।
ମଧୂଲିକା—ମୁରୁଗା ।
ମନାଗୁଷ୍ଣ—ଅଳ୍ପ ଉଷ୍ଣ ।
ମନୋଗୁପ୍ତା—ତାଳମୂଳାମନଃଶିଳା ।
ମୟୂରକ—ଅପାମାରଙ୍ଗ ।
ମର୍କଲାଂଘ୍ରି—ହଙ୍ଗୁଲ ।
ମରୁଦ୍ଭବା—ଦୁଲ୍ଲଭି ।
ମଳୟଜ—ଶ୍ରୀଖଣ୍ଡଚନ୍ଦନ ।
ମହାକନ୍ଦ—ରସୁଣ ।
ମହାକାଳ—ମହାକାଳଗଛ ।
ମହାକାଳୀ—ବିଛୁଆତି ।
ମହାଜାଲି—ଘୋଷାଲତା ।
ମହାଜମ୍ବୁ, ମହାପଣ୍ଠା, ମହାଫଳା—ବଡ଼ଜାମୁ ।
ମହାଘୋଷା—କକଡ଼ାଶୃଙ୍ଗୀ ।
ମହାଫଳ—ବେଲ ।
ମହାପୁଷ୍ପା—ଲତାଶିରଷ ।
ମହାବଳା—ବଜ୍ରମୂଳୀ ।
ମହାମେଦା—ମହାମେଦ । ( ଅଷ୍ଟବର୍ଗରୁ ଏକ । )
ମହାରସା—ଆଖୁଗଛ ।
ମହାରାଷ୍ଟ୍ରୀ—ମହାରୁଣ୍ଡା ।
ମହାଲୋଧ୍ର—ପାଟଳିଆ ଲୋଧ ।
ମହାଶାମା—ସୁଗନ୍ଧ ।
ମହାଶିମ୍ବୀ—ରୁମା ।
ମହାଶ୍ବେତା—ଲତାଶିରଷ; କ୍ଷୀରବିଦାରୀ ।
ମହାସର୍ଜ—ସାଜଗଛ ।
ମହାଷଣ—ବଡ଼ଛତ୍ରପଟ ।
ମହାସହା—ମାଷପର୍ଣ୍ଣୀ ।
ମହାହ୍ରସ୍ବା—କେଶିବୃକ୍ଷା ।
ମହିଷାକ୍ଷ୍ୟ—ଗୁଗ୍‌ଗୁଲୁ ।
ମହୀଫେନ—ଅଫିମ ।
ମହୀରୁହ—ଗଛ ।
ମହୋରଗ—ତଗରପାଦ ।
ମାଂସୀଦ୍ଵୟ—ଜଟାମାଂସୀ ଓ ମୁରାମାଂସୀ ।
ମାଣିମନ୍ଥ—ସୈନ୍ଧବଲବଣ ।
ମାତାପାତ—ଆଢ଼କପରିମାଣ ।
ମାତୁଲୁଙ୍ଗ—ଟଭା ।

ମାତୁଳୁଙ୍ଗା—ମଧୁର ଟଭା ।
ମାଧବକ—ମହୁଲ ମଦ ।
ମିଶ୍ରପୁଷ୍ପା—ମେଥି ।
ମୁକ୍ତାପ୍ରସୂ—ମୁକ୍ତାଶାମୁକା ।
ମୁଖବାସ—ଫୁଟିକାକୁଡ଼ି ।
ମୁଚୁକୁନ୍ଦ—ପୁଷ୍ପବିଶେଷ
ମୁଚୁଳିନ୍ଦ—କଣ୍ଟାମଏଣ ।
ମୁଣ୍ଡଭକା—ମୁଣ୍ଡିଦ୍ୱୟ । (ଅରୁଣା ଶବ୍ଦ ଦେଖ) ।
ମୁନିଦ୍ରୁମ—ଫଟଫଣା, ପିଆଳ, ସୁଇଗୁନ୍ଧିଆ, ପଳାଶ ଓ ଅଗସ୍ତି ଗଛ ।
ମୂଳପର୍ଣ୍ଣୀ—ଆଳକୁଡ଼ି ।
ମୃଗନାଭି, ମୃଗମଦ—କସ୍ତୁରୀ ।
ମୃଗପ୍ରିୟା—କେନ୍ଦୁଲୀ ।
ମୃଗାଦନୀ—ରୁମା ।
ମୃଦ୍ଧୁପୁଷ୍ପ—ଆଖୁ ।
ମୃଦୁପୁଷ୍ପ—ଶିରିଷ ।
ମେଦନାଦ—କାଣିଲେଉଟିଆ ।
ମେଢ୍ରଶୃଙ୍ଗୀ—ମେଣ୍ଢାଶିଙ୍ଗା ଗଛ ।
ମେଷଶୃଙ୍ଗୀ—ମେଣ୍ଢାଶିଙ୍ଗାଗଛ; ଦଶପ୍ରକାର ଜଙ୍ଗମ ବିଷରୁ ଏକ ।
ମୋଚରସ—ଶିମୁଳିଅଠା ।
ମୋଦୟନ୍ତୀ—ନିପୁରମଲ୍ଲି ପୁଷ୍ପ ।
ମକରନ୍ଦକ—ପନ୍ନୀରପାଣି; ପୁଷ୍ପରସ ।
ମଣିକାବର୍ତ୍ତି—ରାଜାବର୍ତ୍ତିମଣି ।
ମଣ୍ଡୁକପର୍ଣ୍ଣୀ—ଆଳକୁଡ଼ି; ମଞ୍ଜିଷ୍ଠା ।
ମଦନାଦ୍ରକ—କୋଦୁଅ ।
ମଦବାସିନୀ—ଧାତୁକୀଫୁଲ ।
ମଧୁକୁକୁଟୀ—ମଧୁର ଟଭା ।
ମଧୁତର୍ପଣ—ଦ୍ରାକ୍ଷା, ଦାଡ଼ିମ, ଖଜୁରୀ, ମହୁ, ଶର୍କରା; ଲିଜାଚୂର୍ଣ୍ଣ ଓ ଜଳରେ ପ୍ରସ୍ତୁତ ଖାଦ୍ୟବିଶେଷ ।
ମଧୁନିଷ୍ପାବ—ମହୁକ ।
ମଧୁପିଞ୍ଜର—ବଉଳ ।
ମଧୁମନ୍ଦର—ପୁଷ୍ପ ।
ମଧୁଯଷ୍ଟିକା—ଜାଠିମହୁ ।
ମଧୁରାକର—ଆଖୁ ।
ମାଳବୋଦ୍ଭବ—କାକୋଲା ।
ମାଲାତୃଣକ—ଗନ୍ଧମାଳୀ ।
ମାକ୍ଷିକଦ୍ୱୟ—ସୁବର୍ଣ୍ଣମାକ୍ଷି, ରୁପାମାକ୍ଷି ।
ମୁଣ୍ଡଚଣକ—ବଡ଼ଚଣା ।
ମୁନିପାଦପ—ଅଗସ୍ତି ଗଛ ।
ମୋଦଦାୟିନୀ—କଇଫୁଲ ।
ମୟୂରବଦଲା—ସୁଗନ୍ଧ ।
ମହାକପିତ୍ଥାଖ୍ୟ—ବେଲ ।
ମହାମୃଗକାନ୍ତ—ଗଣ୍ଡା ହାତୀ ବରାହାଦ ।
ମୃଦୁକଣ୍ଟଫଳା—କଣ୍ଟିଆଳକାକୁଡ଼ି ।
ମେଘସ୍ୱନାଙ୍କୁର—ବୈଡ଼ୂର୍ଯ୍ୟ ।
ମେଷବିଷାଣିକା—ମେଣ୍ଢାଶିଙ୍ଗାଗଛ ।
ମୌକ୍ତିକସମ୍ପୁଟ—ମୁକ୍ତାଶାମୁକା ।
ମୃଗପର୍ଯ୍ୟାୟନାମା—ମିରଗାକୋଳି । ( ମୃଗପର୍ଯ୍ୟାୟ ସବୁ ଏହାର ନାମ । )

## ଯ

ଯବ—ଧାନଭେଦ ।
ଯଷ୍ଟୀ—ଜାଠିମହୁ ।
ଯାବ—ଜଉ ।
ଯାସ—ଦୁର୍ଲ୍ଲଭା ।
ଯୁକ୍ତା—ସୁଗନ୍ଧ ରାସ୍ନା ।
ଯୂକ—ବକପୁଷ୍ପ ।
ଯୂଷ—ମଣ୍ଡ ।
ଯଜ୍ଞାଙ୍ଗ—ଉଦୁମ୍ବର, କୁଶ ।
ଯବାଗୂ—କାଉ; ଷୀରି ।
ଯବାସ—ଦୁର୍ଲ୍ଲଭା ।
ଯମଲ—ଗନ୍ଧମ ।
ଯମାନୀ—ଜୁଆଣି ।
ଯଷ୍ଟିକା—ବ୍ରାହ୍ମଣଝୋଟି ।
ଯାଦସ୍—ଜଳଜନ୍ତୁ ।
ଯାବକ—କୋଳଥ; ଅଳତା ।
ଯାବନ—କଳାଜହ୍ନା ।
ଯାମାତା—ଅଣସୋରିଷ ।
ଯୂଥିକା—ଜୁଇଫୁଲ ।
ଯକ୍ଷଧୂପ—ଝୁଣା ।

ଯକ୍ଷବତ୍ତି — ନଳିତା ଶାକ ।
ଯବକ୍ଷାର — ଯବଖାର ।
ଯବତିକ୍ତା — ଶ୍ୱେତବନବନା ।
ଯବନାଳ — କଳାଜହ୍ନା ।
ଯବନେଷ୍ଟ — ପିଆଜ ।
ଯବାଗ୍ରଜ — ଯବଖାର ।
ଯମାନକା — କୁଆଁଣି ।
ଯାବଶୂକ — ଯବଖାର ।
ଯୁକ୍ତରସା — ସୁଗନ୍ଧରାସ୍ନା, ସାମାନ୍ୟରାସ୍ନା ।
ଯୁକ୍ତଯୁକ୍ତ — ସିହ୍ଲା ।
ଯୁଗ୍ମପତ୍ର — ରକ୍ତକାଞ୍ଚନ ।
ଯୁଗ୍ମଫଳା — ଦୁଧିଆମେଣ୍ଡିଆ ଲତା ।
ଯକ୍ଷକର୍ଦ୍ଦମ — କର୍ପୂର, ଅଗରଚନ୍ଦନ, କସ୍ତୂରୀ, ଚନ୍ଦନ ଓ କକ୍‌କୋଳ ।
ଯୋଜନବଲ୍ଲୀ — ମଞ୍ଜିଷ୍ଠା ।
ଯୌବନମାନ — ଉଲାଦମାନ ।

---

## ର

ରକ୍ତ — ଲୋଧ; ରକ୍ତଚନ୍ଦନ, ତମ୍ବା, ହିଙ୍ଗୁଳ ।
ରକ୍ତ — ଗୁରଧାନର ଉଳ ।
ରଙ୍ଗ — ବଙ୍ଗ ।
ରତ — ମୈଥୁନ ।
ରବା — ଛଣପଟ ।
ରମ୍ଭା — କଦଳୀ ।
ରସ — ସିହ୍ଲା, ଲବଣଖୋଟି, ବୋଲ । ( ଏଗୁଡ଼ିକ ସୁଗନ୍ଧ ଦ୍ରବ୍ୟବିଶେଷ ।) ପାରଦରସ; ଦ୍ରବ; ମାଂସାଦ; ସଦ୍ୟୋଜଳ ।
ରସା — ମେଦ । ( ଅଷ୍ଟବର୍ଗରୁ ଏକ ଦ୍ରବ୍ୟ । )
ରାଜ — ପଟୋଳ ।
ରାଠ — ମଏଣ ।
ରାଳ — ଝୁଣା ।
ରାଶି — ଦ୍ରୋଣପରିମାଣ ।
ରାସ୍ତ୍ରୀ — ମହାରୁଣ୍ଡା ।
ରିଢ — ଶିଉଳ ।
ରୁକ୍ମ — ସୁନା ।
ରୁଚ୍ୟ — ମିରଗାକୋଳି ।
ରୁଚ୍ୟା — ନଳିତା ଶାକ ।
ରୁଚ — ସ୍ୱାଦୁ ।
ରୁରୁ — ଗବଗଛ ।
ରୁମା — ଶିମ୍ବିବିଶେଷ ।
ରୋଧ୍ର — ଲୋଧ ।
ରୋମ — ରୁମ ।
ରକ୍ତକ — ବଧୂଲିଫୁଲ ।
ରକ୍ତକା — କାଇଁଚ ।
ରକ୍ତାଙ୍ଗୀ — ମୁଦାରଶିଙ୍ଗୀ; ମଞ୍ଜିଷ୍ଠା ।
ରକ୍ତାରି — ମହାରୁଣ୍ଡା ।
ରକ୍ଷୋଘ୍ନୀ — ଶ୍ୱେତବଚ ।
ରଜତ — ରୁପା ।
ରଜନୀ — ହଳଦୀ ।
ରଞ୍ଜନ — ରକ୍ତଚନ୍ଦନ ।
ରଞ୍ଜନୀ — ହଳଦୀ ।
ରଲ୍ୱଣ — ଏକ ଦ୍ରୋଣ ପରିମାଣ ।
ରସଜ୍ଞା — ଜିଭ ।
ରସାଳ — ଆମ୍ବଗଛ; ଆଖୁଗଛ ।
ରସାଳା — ଦହିକଡ଼ମା, ଦଧି ଦୁଗ୍ଧ ଓ ମଧୁରେ ଖଣ୍ଡ ଘୃତାଦି ଦେଇ ନିର୍ମିତ ପେୟବିଶେଷ ।
ରସାଳୀ — କୃଷ୍ଣସୋହ୍ଲା ।
ରସାହ୍ୱ — ଲବଣଖୋଟି ।
ରାଜାର୍କ, ରାଜାହ୍ୱ — ଶ୍ୱେତଅର୍କ ।
ରାଜିକା — ଅଣସୋରିଷ ।
ରାମଠ — ହିଙ୍ଗୁ ।
ରାମେଠ — ଗୁଡ଼ୁଚିକ ।
ରାଲବ — ଖିରସା ।
ରୁଚକ — ସୌବର୍ଚ୍ଚଳ ଲବଣ; ଟଭା ।
ରୁଧିର - କୁଙ୍କୁମ, ରକ୍ତ ।
ରୁରୁକ — ଗବଗଛ ।
ରୁଷିକା, ରୂଷିକା — ଅର୍କଗଛ ।
ରେଚକୀ — କନକାମଞ୍ଜି ।
ରେଣୁକା — ରେଣୁକ ବା ଶିତଳା ମରିଚ ।
ରେତସ୍ — ମଜ୍ଜା; ବୀର୍ଯ୍ୟ ।
ରୋଚନା — ଗୋରୋଚନା ।

ରୋଦନୀ—ଦୁର୍ଲ୍ଲଭା ।
ରୋମକ—ସଚଳଲବଣ ।
ରୋହଣୀ—କାଫଡ଼; ଦୁର୍ଲ୍ଲଭଭେଦ; କଣ୍ଠରୋଗବିଶେଷ ।
ରୋହତ—ସୋଆମଗଛ ।
ରୌପ୍ୟକ—ରୁପା ।
ରକ୍ତଧାତୁ—ଗେରୁ ।
ରକ୍ତପୁଷ୍ପ—ରକ୍ତକଞ୍ଚନ; ଡ଼ାଳିମ୍ବ ।
ରକ୍ତପୁଷ୍ପା—କେନ୍ଦୁଲୀ ।
ରକ୍ତଫଳା—ମଧୁର ତୋରଡ଼ା ।
ରକ୍ତବର୍ଗ—ମଞ୍ଜିଷ୍ଠା, କୁଙ୍କୁମ, ଲାକ୍ଷା, ଦାଡ଼ିମ, ରକ୍ତଚନ୍ଦନ, ବନ୍ଧୁଲୀ ଓ କରବୀର ପୁଷ୍ପ ।
ରକ୍ତବୃନ୍ତା—ଗଙ୍ଗଶିମୁଳି ।
ରକ୍ତୋତ୍ପଳ—ରକ୍ତପଦ୍ମ ।
ରସନେଷ୍ଟ—ଆଖୁ ।
ରସାଗ୍ରଜ—ରସାଞ୍ଜନ ।
ରସାସ୍ବନୀ—ଲୁଣିଲୁଣିଆ ।
ରସୋଦର—ହିଙ୍ଗୁଳ ।
ରସୋନକ—ରସୁଣ ।
ରାଜଜମ୍ବୁ—ବଡଜାମୁ ।
ରାଜଧାନ୍ୟ—ରାଜଶାଳିଧାନ ।
ରାଜବୃକ୍ଷ—ସୁନାରିଗଛ ।
ରାଜମାଷ—ବରଗୁଡ଼ି ।
ରାଜଶାକ—ବଥୁଆ ଶାଗ ।
ରାଜାଦନ—କ୍ଷୀରକୋଳି; ପିଅଳକୋଳି; ହସ୍ତିକର୍ଣ୍ଣ ପଳାଶ ।
ରାମକନ୍ଦ, ରାମବୃକ୍ଷ—ଶମିଗଛ ।
ରାରକୂଟ—ପିତ୍ତଳ ।
ରୁକ୍ଷଗନ୍ଧା—ବୃଦ୍ଧଦାରକ; ବିଛୁଆତି ।
ରୋଗହାରୀ—ବୈଦ୍ୟ ।
ରୋଚନକା—ମୁଦାରଶିଙ୍ଗୀ ।
ରୋହୀତକ—ସୋଆମଗଛ ।
ରକ୍ତକୈରବ, ରକ୍ତସିନ୍ଦୁକ—ରଙ୍ଗକଇଁ ।
ରକ୍ତଶୃଙ୍ଗକ ଦଶପ୍ରକାର ଜଙ୍ଗମବିଷରୁ ଏକ ।
ରକ୍ତଶୀର୍ଷକ—ଲବଣଖୋଟି ।
ରକ୍ତଯଷ୍ଟିକା—ମଞ୍ଜିଷ୍ଠା ।
ରଜନୀଦ୍ୱୟ—ହଳଦି ଓ ଦାରୁହଳଦି ।
ରାଜଶାଳିକ—ରାଜଶାଳିଧାନ ।
ରାତ୍ରିନାମିକା—ହଳଦୀ । (ରାତ୍ରିର ପର୍ଯ୍ୟାୟ ସବୁ ଏହାର ନାମ ।)
ରାମଦୂତିକା—ନାଗଦନ୍ତୀ ।
ରାଷ୍ଟ୍ରିକାକୁଳୀ—ଲବିଆଙ୍କୁଡ଼ି ।
ରୁକ୍ଷଗନ୍ଧିକା—କ୍ଷୀରବିଦାରୀ ।
ରୁକ୍ଷଲାମ୍ବିକା—କୃଷ୍ଣସୋହ୍ଲା ।
ରୋମବଲଣ—ସଚଳଲବଣ ।
ରସବ୍ୟକ୍ତକର—ରନ୍ଧନ ।
ରାଜକୋଷାତକୀ—ପୀତପୁଷ୍ପ ଘୋଷାଲି ।

## ଲ

ଲବ—ଲବଙ୍ଗ ।
ଲାକ୍ଷା—ଜଉ ।
ଲାଜା—ଲିଆ ।
ଲିଙ୍ଗ—ଜୀବାଦିର ଲକ୍ଷଣ; ଉପସ୍ଥ ।
ଲିଙ୍ଗୀ—କୃଷ୍ଣସୋହ୍ଲା ।
ଲେଖ—ତାଳଫଳ ।
ଲୋଧ୍ର—ଲୋଧ ।
ଲୋମ—ରୁମ ।
ଲୋହ—ଅଗରଚନ୍ଦନ; ଲୁହା ।
ଲକୁଚ, ଲିକୁଚ—କେଉଟ ଫଳ ।
ଲକ୍ଷଣ—ଜିଡ଼ଗଛ ।
ଲଘୁକ—ଅଗରଚନ୍ଦନ ।
ଲଘୁଞ୍ଚ, ଲଘୁଞ୍ଚା—ଘରଗଡ଼ି ।
ଲତିକା—ଲତାକସ୍ତୁରୀ ।
ଲବଣ—ଲୁଣିଆଁ ରସ ।
ଲବଣା—ଫୁଟିଫୁଟିକା ।
ଲବଲୀ—ନରକୋଳି ।
ଲଜ୍ଜୁକ—ଗନ୍ଧଲଜ୍ଜୁକା ।
ଲଶୁନ—ରସୁଣ ।
ଲାଙ୍ଗଲୀ—ପଇଡ଼; କୃଷ୍ଣପର୍ଣ୍ଣୀ ।

ଲଞ୍ଛନ—ନନ୍ଦୀମୁଖଧାନ ।
ଲଲାକୁ—ଶଙ୍ଖସାରୁ ।
ଲମ୍ପାକ—ଲେମ୍ବୁ ।
ଲେଖନ—ବାନ୍ତି ବା ବମନ ।
ଲୋମନୀ—ଲତାଶିରସ ।
ଲୋମଶ—ମନ୍ଦୁଆଳୁ, କାଶୀଶ ।
ଲୋମଶା—ଜଟାମାଂସୀ, ମାଳବନବନା ।
ଲୋହାଖ୍ୟ—ଅଗରଚନ୍ଦନ ।
ଲୋହିତ—ରକ୍ତ ।
ଲଘୁପାକ୍ୟ—ଚନାଧାନ ।
ଲଘୁମାଂସୀ—ଆକାଶମାଂସୀ ।
ଲତାଦ୍ରୁମ—ଶିଆଳିଲତା ।
ଲାଙ୍ଗଳିନୀ—ଲହଲଙ୍ଗଳିଆ ।
ଲାମଜ୍ଜକ—ଉଶୀରବେଣା ।
ଲୋଧ୍ରଦ୍ୱୟ—ଲୋଧ ଏବଂ ପାଟଳିଆଲୋଧ ।
ଲୋହକିଟ୍ଟ—ଲୋହମଳ ।
ଲୋହଦ୍ରାବୀ—ଟାଙ୍ଗଣାକ୍ଷାର ।
ଲୋହିତକ—ମାଣିକ୍ୟ ।
ଲବଣୋତ୍ତମ—ସୈନ୍ଧବଲବଣ ।
ଲମ୍ବାଭିଧାନ—ଲେମ୍ବୁ ।
ଲୋମଶପର୍ଣ୍ଣୀ—ମାଷପର୍ଣ୍ଣୀ ।
ଲୋମହର୍ଷକ—ସଲପଗଛ ।
ଲୋହକାନ୍ତକ—କାନ୍ତଲୁହା ।
ଲୋହମାରକ—ମଦରଙ୍ଗା ।
ଲୋହିତମୃତ୍ତିକା—ଗେରୁ ।

## ଶ

ଶଟୀ—ଗନ୍ଧଶୁଣ୍ଠି ।
ଶଠ—ତଗରପାଦ, ଧୁଦୁରା ।
ଶମି—ବୃକ୍ଷଭେଦ ।
ଶର—କାଣ୍ଡଶରଗଛ ।
ଶଳ—ଝିଙ୍କକାଠି ।
ଶ୍ରବା—ଶଲଗ ।
ଶାଖୀ—ଗଛ ।
ଶାମା—ଲତାକସ୍ତୁରୀ ।
ଶାଳ—ଷାଠିଆ ଧାନ ।
ଶ୍ରାଣା—ଜାଉ ।
ଶିଖା—କେଶିବୃକ୍ଷ ।
ଶିଗ୍ରୁ—ସଜନାଗଛ ।
ଶିତ—ଶ୍ୱେତଜୀରା; ପୁଣ୍ଡ୍ରୀକ କାଠଭେଦ; ସ୍ଫଟିକ ଟାଙ୍ଗଣା; କୁନ୍ଦପୁଷ୍ପ; ଅଣଯୋରସ ।
ଶିତା—ଶ୍ୱେତଚନ୍ଦନ; ସୋମରାଜ ମଞ୍ଜି; ଗଙ୍ଗଶିମୂଳ; ଶିଆଳିଆଗ୍ରେଡ଼; ଶ୍ୱେତଦୁବ ।
ଶିବ—ସିନ୍ଦୂର; ଭୂର୍ଜଗଛ ।
ଶିବା—ହରଡ଼ା; ଭୂଇଁଅଁଳା; ବ୍ରାହ୍ମିଶାକଭେଦ ।
ଶିର—ସାମୁଦ୍ରଲବଣ ।
ଶୀତ—ବୋଆଳୁ; ବେତଗଛ; ଶୀତଳ ଓ ମନ୍ଦୋଷ୍ଣଜଳରେ ସିଦ୍ଧ ଔଷଧଦ୍ରବ୍ୟ ବା ଏକପ୍ରକାର କଷାୟ ।
ଶୀଳ—ବୃକ୍ଷବିଶେଷ ।
ଶୁକ୍ତ—ମଧୁକାଞ୍ଜିକାଦିରେ ପ୍ରସ୍ତୁତ ଔଷଧବିଶେଷ ।
ଶୁକ୍ତି—ମୁକ୍ତାଶାମୁକା; ଦୁଇ କର୍ଷ ବା ଅର୍ଦ୍ଧ ପଳ ପରିମାଣ ।
ଶୁକ୍ର—ବୀର୍ଯ୍ୟ; ନସ୍ବନ; ରୋଗବିଶେଷ ।
ଶୁକ୍ଳ—ପାଟଳିଆ ଲୋଧ ।
ଶୁକ୍ଳା—କ୍ଷୀରକାକୋଳି ।
ଶୁଭ୍ରା—ବଂଶରୋଚନା ।
ଶୁଲ୍ବ—ତମ୍ବା ।
ଶୃତ—ଦଶ ଚହ୍ଲା ବା ମାଷକ ପରିମାଣ ।
ଶ୍ରୁବା—ମୁରୁଗା ।
ଶୂଳ—ପୀଡ଼ା, ରୋଗବିଶେଷ ।
ଶୃଙ୍ଗୀ—କକଡ଼ାଶୃଙ୍ଗୀ; ଅତୁସୀ; ବରଗଛ; ଆଠ ପ୍ରକାର ସ୍ଥାବର ବିଷରୁ ଏକ ।
ଶେଳୁ—ବୋଆଳୁ ।
ଶ୍ୱେତ—ଘୋଡାଶୁଣ୍ଠି; ସ୍ଫଟିକଟାଙ୍ଗଣା; ରୂପା ।
ଶ୍ୱେତା—ଅତୁସୀ; ଲତାଶିରସ ।
ଶୈବ—ସ୍ଫଟିକ ।
ଶୈଳ—ଶିଳାଜତୁ; ରସାଞ୍ଜନ ।
ଶୌଣ୍ଡୀ—ପିପ୍‌ପଳୀ ।
ଶୌଣ୍ଡ—ଲହଲଙ୍ଗଳିଆ ।

ଶକୃତ୍—ବିଷ୍ଠା ।
ଶଙ୍ଖିନୀ—କାଇଁଚ; ଶ୍ୱେତବନବନା ।
ଶତାହ୍ୱା—ସହ୍ନପ ।
ଶନ୍ଦନ—ଆଚୁଗଛ ।
ଶମ୍ପାକ—ସୁନାରିଗଛ ।
ଶମ୍ବୂକ—ଶାମୁକା; ଗେଣ୍ଡା ।
ଶରାବ—ଆଠ ପଲ ପରିମାଣ ।
ଶରୀର—ଦେହ ।
ଶରୀରୀ—ପ୍ରାଣୀ ।
ଶର୍କରା—ନବାତ ।
ଶଲ୍ଲକୀ—ଶଲରିଗଛ ।
ଶଲ୍ମକ—ମଏଣ ।
ଶସ୍ତ୍ରକ—ଲୁହା ।
ଶ୍ରବଣା—ପୁଣ୍ଡରୀକକାଠ; ମୁଣ୍ଡିଦ୍ୱସ୍ତୁ ।
ଶ୍ୱସନ—ମଏଣ ।
ଶାଲ୍ମଲ—ଶିମୁଳି ଅଠା ।
ଶାଲ୍ମଲୀ—ଶିମୁଳିଗଛ ।
ଶାମାକ—ସୁଆଁ ।
ଶାମ୍ଭବ—କର୍ପୁର ।
ଶାରଦ—ମୁଗ ।
ଶାରଦୀ—ଛତିଅନା ।
ଶାରିବା—ଟେମଡାଲିଇ ।
ଶାଲିଞ୍ଚ—ମଦରଙ୍ଗା ।
ଶାଲୂକ—କଇଁକନ୍ଦା ।
ଶ୍ରାବଣୀ—ମୁଣ୍ଡିଦ୍ୱସ୍ତୁ । (ଅରୁଣା ଶବ୍ଦ ଦେଖ ।)
ଶିଂଶପା—ଶିଶୁଆଗଛ ।
ଶିଖର—ଉତ୍ତମ ମାଣିକ୍ୟ ।
ଶିଖରୀ—ଅପାମାରଙ୍ଗ ।
ଶିତାଶ୍ମା—ଚନ୍ଦ୍ରକାନ୍ତ ମଣି ।
ଶିଲୋଦ୍ଭବ—ଶିଳାଜତୁ ।
ଶିରୀଷ, ଶିରୀଷ—ଶିରସି ଫୁଲ ।
ଶିଶିର—ଶୀତଲ, ଋତୁବିଶେଷ ।
ଶୀତଲା—ଶିଆଳିଆଗ୍ରେଡ଼, ଛେଳିପାଗୁଳିଆ ।
ଶୀତଲୀ—ଶିଆଳିଆଗ୍ରେଡ଼ ।
ଶୀସକ—ଶିଂସା ।
ଶ୍ରୀଖଣ୍ଡ—ଚନ୍ଦନ ।
ଶ୍ରୀପର୍ଣ୍ଣୀ—ଗମ୍ଭାରି ।

ଶ୍ରୀପିଷ୍ଟ—ଲବଣଖୋଟି ।
ଶ୍ରୀଫଲ—ବେଲ ।
ଶ୍ରୀବାସ—ଲବଣଖୋଟି; ହରିଚନ୍ଦନ ।
ଶ୍ରୀସଞ୍ଜ—ଲବଙ୍ଗ । (ଶ୍ରୀପର୍ଯ୍ୟାୟଗୁଡ଼ିକ ଏହାର ନାମ ।)
ଶୁକାଖ୍ୟା—ଶୁଆଥେଣ୍ଟିଆ । (ଶୁକପର୍ଯ୍ୟାୟ ସବୁ ଏହାର ନାମ ।)
ଶୁକ୍ତିକ—ମୁକ୍ତା ଶାମୁକା ।
ଶୁକ୍ତିଲା—ଅଗଡ଼ାଭାଗଡ଼ା ।
ଶୃରଣ—ଓଲୁଅକନ୍ଦା ।
ଶୃଙ୍ଗକ—ଜୀବକ । (ଅଷ୍ଟବର୍ଗରୁ ଏକ); ଅଗର ଚନ୍ଦନ ।
ଶୃଙ୍ଗାଟ—ସିଂହଡ଼ା ବା ଜଳକଣ୍ଟକ ।
ଶେଖର—ଲବଙ୍ଗ ।
ଶେଫାଲୀ—ଗଙ୍ଗଶିମୁଳି ।
ଶ୍ରେୟସୀ—ହରଡ଼ା; ସୁଗନ୍ଧ ରାସ୍ନା; ଗଜପିପ୍ପଲୀ ।
ଶ୍ୱେତାର୍କ—ରୁପାମାଷି ।
ଶୈଲାଖ୍ୟ—ଶିଳାଜତୁ ।
ଶୋଥଘ୍ନୀ—ପୁରୁଣୀ ।
ଶୋନାକ—ଫଣଫଣା ବା ଫାମ୍ପୁଣିଆ ।
ଶୋଲଙ୍କ—ଟଭି ।
ଶକଟାକ୍ଷ—ଧବଗଛ ।
ଶଣାସନ—ଗଞ୍ଜାଇ ।
ଶଙ୍ଖକନ୍ଦ—ଶଙ୍ଖସାରୁ ।
ଶଙ୍ଖନଖ—ନଖିଭେଦ ।
ଶଙ୍ଖପୁଷ୍ପୀ—ବ୍ରାହ୍ମୀଶାକଭେଦ ।
ଶତପତ୍ରୀ—ଶତଦଲ ମଲ୍ଲୀ ।
ଶତପଦୀ—ହଂସପାଦୀ ।
ଶତପର୍ବା—ଶ୍ୱେତଦୁବ ।
ଶତଭୀରୁ—ବନମଲ୍ଲୀ ।
ଶତମୂଳୀ—ଛତାବରୀ ।
ଶତବୀର୍ଯ୍ୟା—ଶ୍ୱେତଦୁବ ।
ଶତବେଧୀ—ଅମ୍ଳପାଲଙ୍ଗ ।
ଶତାଙ୍ଗୁଲ—ତାଲଗଛ ଓ ଫଳ ।
ଶଶକନ୍ଦ—କ୍ଷୀରକଞ୍ଚୁକୀ ।
ଶାକବୀର—କୋଶଲା ଶାକ ।

ଶାଖୋଟକ—ସାହାଡ଼ାଗଛ ।
ଶାଲଗ୍ରୁହ୍—ବଡ଼ ଗୋଟା ଧାନ ।
ଶିଖଣ୍ଡିନୀ—କାଇଁଚ; ଜୁଇଫୁଲ ।
ଶିଖରଣୀ—ଦଧି ମଣ୍ଡରେ ଶର୍କରା ଦେଇ କରବା ପେୟବିଶେଷ ।
ଶିଖିକୁନ୍ଦ—କୁନ୍ଦୁରୁଖୋଟି ।
ଶିଗ୍ରୁଦ୍ୱୟ—ସଜନା ଓ ରକ୍ତସଜନା ।
ଶିତଶିବ—ଶମିଗଛ ।
ଶିତଶୂକ—ଯବଧାନ ।
ଶିତାଭ୍ରକ—କର୍ପୂର ।
ଶିତବର୍ଣ୍ଣୀ—କଲବରା ।
ଶିଦ୍ଧସାର—ମଦରଙ୍ଗା ଶାକ ।
ଶିବପ୍ରିୟ—ବକପୁଷ୍ପ ।
ଶିବାଟିକା—ଶ୍ୱେତପୁରୁଣୀ ।
ଶିମ୍ବିପର୍ଣ୍ଣୀ—ମୁଦ୍‌ଗପର୍ଣ୍ଣୀ ।
ଶିରଶ୍ଛଦ—ଭୂର୍ଜଗଛ ।
ଶିଲାଧାତୁ—ଖଡ଼ି ।
ଶିଲାଭେଦ—ପାଷାଣଭେଦଗଛ ।
ଶୀତପାକୀ—କାକୋଲୀ । (ଅଷ୍ଟବର୍ଗରୁ ଏକ ।)
ଶୀର୍ଣ୍ଣବୃନ୍ତ—ଫୁଟିଫୁଟିକା ।
ଶୁକନାମା—ଶୁଆଅଣ୍ଡିଆ ।
ଶୁକପ୍ରିୟ—କରମଙ୍ଗା ।
ଶୁକଶିମ୍ବୀ—ବାଇଚୁଙ୍କ ।
ଶୁକାନନା—ଶୁଆଅଣ୍ଡିଆଗଛ ।
ଶୁକ୍ଳତରୁ—ଶିରଷଗଛ ।
ଶୁକ୍ଳପୁଷ୍ପ—କୁରୁଆ ଶାକ; ତଲଚକାଭେଦ ।
ଶୁକ୍ଳପୁଷ୍ପା—ନାଗଦନ୍ତୀ ।
ଶୁଚପୁଷ୍ପ, ଶୁଚପୁଷ୍ପ—କେତକୀ ।
ଶୁଭାଞ୍ଜନ, ଶୋଭାଞ୍ଜନ—ରକ୍ତସଜନା ।
ଶୁଷ୍କମାଂସ—ଶୁଖିଲା ମାଂସ ।
ଶୃଙ୍ଗବେର—ଅଦା ।
ଶ୍ଳେଷ୍ମାତକ—ବୋଆଲୁ ।
ଶ୍ୱେତପର୍ଣ୍ଣୀ, ଶ୍ୱେତପତ୍ର—ଶ୍ୱେତ ତୁଳସୀ ।
ଶ୍ୱେତପୁଷ୍ପା—ଜହ୍ନି ।
ଶ୍ୱେତବଚ୍—ଶୁକ୍ଳବଚ ।
ଶ୍ୱେତବର୍ଣ୍ଣା—ଶ୍ୱେତବନବନା ।
ଶ୍ୱେତବୃକ୍ଷ—ବରୁଣ ।
ଶ୍ୱେତରତ୍ନ—ସ୍ଫଟିକ ।
ଶ୍ୱେତଶୃଙ୍ଗୀ—ଆଠପ୍ରକାର ସ୍ଥାବର ବିଷରୁ ଏକ ।
ଶୋଭାଞ୍ଜନ—ସଜନାଗଛ ।
ଶୌକ୍ତିକେୟ—ମୁକ୍ତା ।
ଶୌକ୍ଳକେୟ—ବିଷ ।
ଶନପର୍ଯ୍ୟାୟ—କୁରୁଆଗଛ ।
ଶକୁଲାଦନୀ—କଟୁକରୋହିଣୀ ।
ଶଙ୍କରପ୍ରିୟ—ଗଇଁଶ ।
ଶତପୁଷ୍ପାଖ୍ୟ—ସଉପ ।
ଶତପର୍ବିକ—ଆଖୁ ।
ଶବରଲୋଧ୍ର—ପାଟଲିଅଲୋଧ ।
ଶରଖଡ୍‌ଗକ—ଖଡ଼ି ।
ଶଶ୍ୱଦୁଦ୍ଭବ—ଲେଉଟିଆସାଗ ।
ଶାଲ୍ମଲୀବେଷ୍ଟ—ଶିମୁଳଅଠା ।
ଶିଖିକଣ୍ଠ—ମୟୂରଗିରିଆ ।
ଶିତପର୍ପଟୀ—ପର୍ବତମାଟି ।
ଶିତସାରକ—କେନ୍ଦୁ ।
ଶିବସାଧନ—ଶାଲଧାନ ।
ଶିଗ୍ରୁମଲକ—ନରକୋଳି ।
ଶୀତବଲ୍ଲରୀ—ଭୂମିଜମ୍ବୁ ।
ଶୃଗାଲକୋଲୀ—କଣ୍ଟାଇକୋଳି ।
ଶୃଙ୍ଗାରପତ୍ର—କର୍ପୂର ।
ଶ୍ୱେତମରିଚ—ସଜନାମଞ୍ଜି ।
ଶୋଣବଲ୍‌କଲ—ଖମ୍ବୁଆଳୁ ।
ଶୋଣରତ୍ନକ—ମାଣିକ୍ୟ ।
ଶୋଣିତାହ୍ୱୟ—କୁଙ୍କୁମ ।
ଶୋଥନାଶନ—ଭଲିଆ ।
ଶବରଦନ୍ତାଖ୍ୟ—କ୍ଷୀରକଞ୍ଚୁକୀ ।
ଶରଧାନ୍ୟନକା—ଗୋରେଖଗୁଡ଼ଲ ।
ଶଶାଙ୍କକରଣ—ଶର୍କରା ସହ ପକ୍ୱ ଘନୀଭୂତ କ୍ଷୀର ।
ଶାଲପତ୍ରସମା—ଶାଲପର୍ଣ୍ଣୀ ।
ଶ୍ରୀପୁଷ୍ପପୁଣ୍ଡରୀକ—ପୁଣ୍ଡରୀକକାଠଭେଦ ।
ଶୂଚ୍ୟଗ୍ରସ୍ଥୂଲକ—ଜୁଣଗଛ ।
ଶ୍ୱେତପ୍ରତାନକା—ଚଳଣା ।

## ସ

ସର୍ଜ—ଝୁଣା ।
ସର୍ପିଃ—ଘିଅ ।
ସସ୍ୟ, ଶଷ୍ପ—ଫଳ ।
ସହା—ଘିଅକୁମାରୀ; ସହଦେବୀ; ସୁଗନ୍ଧରାସ୍ନା ।
ସ୍ୱଚ୍ଛ—ସ୍ଫଟିକ ।
ସ୍ୱର୍ଣ୍ଣ—ସୁନା ।
ସ୍ତନ୍ୟା—କଳମ୍ବଶାକ ।
ସାଧ୍ୱୀ—ଦୁଧଖଡ଼ ।
ସାନ୍ଦ୍ର—ବରଗୁଡ଼ି ।
ସାର—ଲବଣୀ; ଦେହସ୍ଥ ମଜ୍ଜା; ବୃକ୍ଷର ମଞ୍ଜ ।
ସ୍ୱାଦ୍ୱୀ—ଦ୍ରାକ୍ଷା ।
ସ୍ନାୟୁ—ଶିରା ।
ସିଂହୀ—ଅଙ୍କାନ୍ତି, ଲବଆଙ୍କୁଡ଼ି ।
ସ୍ଥିରା—ଶାଳପର୍ଣ୍ଣୀ ।
ସୀଧୁ—ମଦ୍ୟଭେଦ ।
ସୁଦ—ଝଉଣ ।
ସୁଧା—ସିଝୁ ।
ସୁପ୍ତି—ନିଦ୍ରା ।
ସୁରା—ମଦ ।
ସୁରସା—ରାଇସୋରିଷ ।
ସୁର୍ବା—ମୁରୁଗା ।
ସ୍ନୁକ୍—ସିଝୁଗଛ ।
ସୂତ—ପାରାରସ ।
ସୂପ—ଢଉଣ ।
ସ୍ଥୂଳା—ଅଲାଇଚ ।
ସ୍ନୁହୀ—ସିଝୁ ।
ସ୍ଥୂଣୀ—ଅଙ୍କାନ୍ତି ।
ସେବ୍ୟ—ଉଶୀରବେଣା ।
ସ୍ନେହ—ତେଲ ।
ସୌରୀ—ଲହଲଙ୍ଗଳିଆ ।
ସଂବର୍ତ୍ତି—ବାହାଡ଼ା ।
ସଂବେଶ—ନିଦ୍ରା ।
ସଙ୍କ୍ଲିଷ୍ଟା—କାଇଁଚ ।
ସଚଳ—ଲବଣବିଶେଷ ।
ସପ୍ତଲା—ଛେଳିପାଗୁଳିଆ ।
ସଭଦ୍ରା—ଗମ୍ଭାରି ।
ସମଙ୍ଗା—ଲାଜକୋଳି; ମଞ୍ଜିଷ୍ଠା ।
ସମାଂସା—ବାଡ଼ିଅଇଁଳା ।
ସରଜ—ଷାଠିଆଧାନ ।
ସରଳ—ସ୍ୱନାମପ୍ରସିଦ୍ଧ ସୁଗନ୍ଧଦ୍ରବ୍ୟବିଶେଷ; ଲବଣଖୋଟି; କରଡ଼ି ।
ସର୍ଜିକା—ସାଚକ୍ଷାର ।
ସର୍ପାକ୍ଷୀ—ସାପକଙ୍କାଳିଆ ।
ସର୍ପାହ୍ୱ—ନାଗକେଶର । ( ସର୍ପପର୍ଯ୍ୟାୟସବୁ ଏହାର ନାମ । )
ସର୍ଷପ—ସୋରିଷ ।
ସଶଲ୍ୟା—ନାଗଦନ୍ତୀ ।
ସ୍ୱଗୁପ୍ତା—ବାଇଡ଼ଙ୍କ ।
ସ୍ୱଦଂଷ୍ଟ୍ରା—ଗୋଖରୁ ।
ସ୍ୱରସ—କ୍ଷୁଣ୍ଣଦ୍ରବ୍ୟମାନଙ୍କର ରସ; ଦ୍ୱିଗୁଣ ଜଳରେ ଅହୋରାତ୍ର ନିକ୍ଷିପ୍ତ ଔଷଧଚୂର୍ଣ୍ଣ, କଷାୟବିଶେଷ ।
ସାବର—ପାଟଳିଆଲୋଧ ।
ସାରକ—କନକାମଞ୍ଜି ।
ସାଲଜ—ଝୁଣା ।
ସାଲୂର—ଜାଇଫଳ ।
ସ୍ୱାଦାଢ୍ୟ—ଖଜୁରି ।
ସିଂହାଣ—ଲୋହମଳ ।
ସିଂହାସ୍ୟ—ବାସଙ୍ଗଗଛ ।
ସିକତା—ବାଲିବାଲିଆ ।
ସିକାର—ଶ୍ୱେତକଞ୍ଚଣ ।
ସିଦ୍ଧାର୍ଥ—ଶ୍ୱେତସୋରିଷ ।
ସିହ୍ଲକ—ସିହ୍ଲା ।
ସୁଗନ୍ଧ—ଭୁଇଁପଲାଶ; ଜିରା; ନାକଦଅଣା ।
ସୁଗନ୍ଧା—ସେବତୀଫୁଲ; ସୁଗନ୍ଧ ରାସ୍ନା ।
ସୁଗନ୍ଧି—ସ୍ୱନାମପ୍ରସିଦ୍ଧ ମୂଳବିଶେଷ; ଗନ୍ଧାଲିକା; ସିତା ଭୁଇଁପଲାଶ ।
ସୁଗୁପ୍ତା—ବାଇଡ଼ଙ୍କ ।
ସୁଘ୍ନିକ—ସାଚକ୍ଷାର ।
ସୁନନ୍ଦା—ପାନଅଇରି; ଚେମଡ଼ାଲଇ ।

ସୁମାଳା—ଅତସୀଚଣା ।
ସୁପୀତ—ହରିଚନ୍ଦନ ।
ସୁପୁନ୍ଦ—କୁଇଗଛ ।
ସୁଫଳ—ଝେଞ୍ଜ ।
ସୁବର୍ଣ୍ଣ—ସୁନା ।
ସୁବହା—ସୁଗନ୍ଧରାସ୍ନା ।
ସୁଭଗ—ଶୈଳଜ; ଟାଙ୍ଗଣାକ୍ଷାର ।
ସୁଭଦ୍ରା—ସୁଗନ୍ଧ ।
ସୁଭିକ୍ଷା—ଧାତୁକିଫୁଲ ।
ସୁମନ—ଗହମ ।
ସୁମନା—ଜାଇଫୁଲ, ଫୁଲ, ମାଲତୀଫୁଲ ।
ସୁରକ୍ତ—ରଙ୍ଗକଇଁ ।
ସୁରଙ୍ଗ—କରୁଣାଫଳ; ରକ୍ତସଜନା ।
ସୁରଭି—ସୁଗନ୍ଧ ।
ସୁରଶ୍ମି—ଲଣ୍ଡାବାବୁଲ; ଶଲଗ ।
ସୁରସା—ଲଣ୍ଡାବାବୁଲ ।
ସୁରାହ୍ୱ—ଦେବଦାରୁ ।
ସୁଲଭ—ପାଲଙ୍ଗଶାକ ।
ସୁଶିର—ଲବଙ୍ଗ ।
ସୁଶୀତ—ପ୍ରୁଷ୍ପକାଶୀଶ ।
ସୁସ୍ୱର—ବ୍ରାହ୍ମୀଶାକ ।
ସୁସ୍ପଷ୍ଟ—କଲାକ୍ରଭେଦ; କଲଥ ।
ସୁଷୀମ—ଶୀତଳ ।
ସୂକ୍ଷ୍ମକନ୍ଦ—କ୍ଷୀରକଞ୍ଚୁକୀ ।
ସ୍ଥୂର୍ଜକ—କେନ୍ଦୁ ।
ସ୍ତ୍ରଗ୍ଦାରୁ—ବହିଚଗଛ ।
ସୂକ୍ଷ୍ମୈଳା—ସୂକ୍ଷ୍ମ ଅଳାଇଚ ।
ସ୍ନେହନ—ଦେହମର୍ଦ୍ଦନ ।
ସୌବୀର—ବରକୋଳି; କାଞ୍ଜିପାଣି ।
ସୌରାଷ୍ଟ୍ରୀ—ପର୍ବତ ମାଟି ।
ସକଣ୍ଟକ—ଗିଲି ।
ସତୀନକ—ବଡ଼ଚଣା ।
ସଦାପୁଷ୍ପୀ—ଅର୍କ ।
ସନକଦ୍ରୁ, ସନ୍ନକଦ୍ରୁ—ପିଆଲକୋଳି ।
ସପ୍ତଜାତ—ସପ୍ତଜାତକ ଶବ୍ଦ ଦେଖ ।
ସନ୍ଧ୍ୟାରୁଣ—ସିନ୍ଦୂର ।
ସପ୍ତଧାତୁ—ରସ, ରକ୍ତ, ମାଂସ, ମେଦ, ଅସ୍ଥି, ମଜ୍ଜା ଓ ଶୁକ୍ର ।
ସପ୍ତଧାନ୍ୟ—ଯବ, ଗୋଧୂମ, ଧାନ୍ୟ, ତିଳ, କାଙ୍ଗୁ, ଶାମାକ ଓ ଚୀନକ ।
ସପ୍ତପର୍ଣ୍ଣ, ସପ୍ତପର୍ଣ୍ଣୀ—ଛତିଅନାଗଛ ।
ସମୁଦ୍ରାନ୍ତା—ଦୁଲ୍ଲଭା, କପାଗଛ ।
ସମ୍ପୁଟାଙ୍ଗ—ତିଆଡ଼ି ।
ସର୍ଜରସ—ଝୁଣା ।
ସର୍ପଦଂଷ୍ଟ୍ରା—ବିଛୁଆତି, ସାପକଙ୍କାଳିଆଭେଦ ।
ସର୍ପନାମା, ସର୍ପସତ୍ତ୍ୱା—ସାପକଙ୍କାଳିଆ ।
ସର୍ବଗନ୍ଧ—ଅଗର, ସିହ୍ଲକ, ଲବଙ୍ଗ, ନାଗେଶ୍ୱର, ଗୁଡ଼ତ୍ୱକ, ଅଳାଇଚ, ତେଜପତ୍ର, କକୋଲ ଓ କର୍ପୂର ।
ସର୍ବସହ—ଗୁଗ୍‌ଗୁଳୁ ।
ସର୍ବୌଷଧି—କୁଡ଼, ଜଟାମାଂସୀ, ମୁରାମାଂସୀ, ହଳଦୀ, ଦାରୁହଳଦୀ, ଶୈଳେୟ, ଚମ୍ପକ, ଅଳାଇଚ, କର୍ପୂର ଓ ମୁଥା ।
ସଲଟୁକ—ଲେଉଟିଆ ଶାକ ।
ସହକାର—ସୁଗନ୍ଧ ଆମ୍ର ।
ସହଚର—ନୀଳପୁଷ୍ପ ଦାସକରଣ୍ଟା; ପୀତପୁଷ୍ପ ଦାସ କରଣ୍ଟା ।
ସ୍ଥଳପୁଷ୍ପ—ବକପୁଷ୍ପ ।
ସ୍ୱଚ୍ଛାକାର—ଉତ୍ତମମାଣିକ୍ୟ ।
ସ୍ୱମଙ୍ଗଳା—କାକୁଡ଼ିଆ ଘାସ ।
ସ୍ୱର୍ଣ୍ଣକ୍ଷୀରୀ—ହେମାଦ୍ରିଖ୍ୟାତ ।
ସ୍ୱର୍ଣ୍ଣାହ୍ୱୟ—ସୁବର୍ଣ୍ଣମାକ୍ଷୀ ।
ସ୍ୱଳ୍ପଶୀତ—ବଡ଼ଧାନ ।
ସ୍ୱାଦୁକଣ୍ଟକ—ବହିଚ ।
ସ୍ୱାଦୁକନ୍ଦ—ମହୁଆଳୁ ।
ସିଂହପୁଚ୍ଛୀ—ମାଷପର୍ଣ୍ଣୀ ।
ସିନ୍ଧୁରତ୍ନ—ମୁକୁତା ।
ସିନ୍ଧୁଭବ—ସୈନ୍ଧବଲବଣ ।
ସୁକୁମାର—ଶିମ୍ବଭେଦ ।
ସୁଗନ୍ଧକ—ଗନ୍ଧତୁଳସୀ ।
ସୁଦର୍ଶନା—ଦନ୍ଦଦହିଆ ।

ସୁବର୍ଣ୍ଣକ— ସୁନାରଗଛ, ଏକ କର୍ଷ ପରମାଣ ।
ସୁବର୍ଣ୍ଣାହ୍ୱ—ନାଗେଶ୍ୱର ।
ସୁଭଦ୍ରାଣୀ—ତ୍ରାୟମାଣା ।
ସୁରଦାରୁ—ଦେବଦାରୁ ।
ସୁରାଷ୍ଟ୍ରକ—କଳାମୁଗ ।
ସୁଲେହ୍ୱତ— ପିଆଜ ।
ସୁଶୀତଲ—ନାକଦଅଣା ।
ସୁସଂସ୍କୃତ—ସଂସ୍କାର ବ୍ୟଞ୍ଜନ ।
ସୂକ୍ଷ୍ମଫଳା—ତାଳମୂଳୀ ।
ସୂର୍ଯ୍ୟାବର୍ତ୍ତ— ଅଣସୋରଷ ।
ସ୍ଥୂଳକଙ୍ଗୁ—କାଙ୍ଗୁ ।
ସ୍ଥୂଳପୁଷ୍ପ—ବକପୁଷ୍ପ ।
ସ୍ଥୂଳଶାଳି—ବଡ଼ ଗୋଟା ଧାନ ।
ସ୍ଥୂଳଶିମ୍ବୀ—ଶିମ୍ବ ।
ସ୍ନେହଗର୍ଭ—ରାଶି ।
ସୈରୀୟକ—ନୀଳପୁଷ୍ପ ଦାସକରଣ୍ଡା ।
ସୋମସଂଜ୍ଞ— କର୍ପୂର । (ସୋମ ବା ଚନ୍ଦ୍ର ପର୍ଯ୍ୟାୟ ସବୁ କର୍ପୂରର ନାମ । )
ସୋମମଣି—ଚନ୍ଦ୍ରକାନ୍ତମଣି ।
ସୋମଯୋନି—ଶ୍ୱେତଚନ୍ଦନ ।
ସୋମରାଜୀ—ସୋମରାଜମଞ୍ଜି ।
ସୌବର୍ଚ୍ଚଳ—ଲବଣବିଶେଷ ।
ସୌବୀରକ—ସୌବୀରାଞ୍ଜନ ।
ସୌରାଷ୍ଟ୍ରିକ—କଂସା; ବିଷ ।
ସତୋଦମଣ୍ଡ—ଅମୃତମଣ୍ଡ ।
ସପ୍ତଜାତକ—ଇନ୍ଦ୍ରଯବ, କାକୋଲା, କର୍ପୂର, ପିପ୍‌ପଲୀ, ଅଳାଇଚ, ମରିଚ ଓ ଗୁଡ଼ତ୍ୱକ ।
ସବରଲୋଧ୍ର—ପାଟଳିଆଲୋଧ ।
ସମନ୍ତଦୁଗ୍ଧା—ସିଜୁଗଛ ।
ସମ୍ପଦାହ୍ୱୟା—ଋଦ୍ଧି । ( ଅଷ୍ଟବର୍ଗରୁ ଏକ । )
ସରପର୍ପଟୀ—ଦୁଧସର ।
ସରସାତନୁ—କାଙ୍କଡ଼ ।
ସର୍ପଗନ୍ଧାଖ୍ୟା—ସୁଗନ୍ଧରାସ୍ନା ।
ସର୍ପପାହ୍ୱୟ—ଆଠପ୍ରକାର ସ୍ଥାବର ବିଷରୁ ଏକ ।
ସର୍ପଘାତିନୀ—ସାପକଙ୍କାଳିଆ ।
ସହସ୍ରବୀର୍ଯ୍ୟା—ଦୂବ ।

୬୮୦

ସହସ୍ରବେଧୀ—ଅମ୍ଳପାଳଙ୍ଗ; ହିଙ୍ଗୁ ।
ସ୍ୱର୍ଣ୍ଣଗୈରିକ—ହଳଦିଆ ଗେରୁ ।
ସ୍ୱାଦୁକଣ୍ଟକ—ଗୋଖରା ।
ସିନ୍ଧୁବାରକ—ବେଗୁନିଆଁ ।
ସିନ୍ଧୁରକଫ—ସମୁଦ୍ରଫେନ ।
ସିନ୍ଧୁସମ୍ଭବ—ସ୍ଫଟିକଟାଙ୍ଗଣା ।
ସ୍ନିଗ୍ଧତଣ୍ଡୁଲ—ଷାଠିଆଧାନ ।
ସୁଗନ୍ଧଗଣ—ଉଶୀର, କସ୍ତୁରୀ, କର୍ପୂର, କୁଙ୍କୁମ, ଗୋରୋଚନା ଓ ଚନ୍ଦନ ।
ସୁଖବର୍ଚ୍ଚଳ—ସାଚକ୍ଷାର ।
ସୁନିଷଣ୍ଣକ—ସୁନିସୁନିଆଶାକ ।
ସୁବର୍ଣ୍ଣବର୍ଣ୍ଣା—ଜୀବନ୍ତୀ ।
ସୁମନଃଫଳ—ଜାଇଫଳ ।
ସୁରପୁନ୍ନାଗ—ଛୁରିଅନା ।
ସ୍ଫୁଟବଲ୍‌କଲା—ଫୁଟିଫୁଟିକା ।
ସୂଦସାଧନ—ସୋରିଷ ।
ସ୍ଥୂଳତଣ୍ଡୁଲ—ବଡ଼ ଗୋଟା ଧାନ ।
ସ୍ଥୂଳମଞ୍ଜରୀ—ଅପାମାର୍ଗ ।
ସୋମଧାନ୍ୟାମ୍ଳ—କାଞ୍ଜିପାଣି ।
ସୋମବଲ୍‌କାଖ୍ୟ—କାଫଡ଼ ।
ସୋମବଲ୍‌କଲ—ଶୁକ୍ଳ ଖଇର ।
ସୋଷ୍ଣବୈକୃତ—ତପ୍ତଜଳ ।
ସର୍ପକଙ୍କାଳିକା—ସାପକଙ୍କାଳିଆ ।
ସୁଗନ୍ଧାମଳକ—ସର୍ବୌଷଧି ଏବଂ ଅଁଳା ।
ସୁବର୍ଣ୍ଣଗୈରିକ—ହଳଦିଆ ଗେରୁ ।
ସୁମନଃପତ୍ରିକା—ଜାଇପତ୍ରୀ ।

## ଷ

ଷଣ—ଛଣପଟ ।
ଷଟ୍‌କୋଣ—ହୀରା ।
ଷଡ଼୍‌ଗ୍ରନ୍ଥ—କରଞ୍ଜଭେଦ ।
ଷଡ଼୍‌ଗ୍ରନ୍ଥା—ଶ୍ୱେତ ବଚ ।
ଷଡ଼୍‌ଗ୍ରନ୍ଥି—ପିପ୍‌ପଳୀ ମୂଳ ।
ଷଡ଼୍‌ରସ—ମଧୁର, ଅମ୍ଳ, ଲବଣ, ତିକ୍ତ, କଷାୟ ଓ କଟୁରସ ।

ଷଷ୍ଟିକ, ଷଷ୍ଟିକା—ଷାଠିଆ ଧାନ ।

ଷଡ୍‌ଜାତକ—ଇନ୍ଦ୍ରଯବ, କାକୋଲା, କର୍ପୂର, ପିପ୍‌ପଲୀ, ଅଳାଇଚ ଓ ଗୁଡ଼ତ୍ୱକ ।

ଷଡ୍‌ଗ୍ରନ୍ଥିକା—ଶ୍ୱେତବଚ ।

ଷଡୂଷଣ—ତ୍ରିକଟୁ, ପିପ୍‌ପଳା ମୂଳ, ଚତାପାରୁ ଓ ଗୁଈଁକାଠ ।

ଷୋଡ଼ଶକ—ଏକପଲ ପରମାଣ ।

ଷଣ୍‌ପୁଷ୍ପିକା—ଛଣପଟ ।

---

## ହ

ହଠ, ହଠା—ବୁରଙ୍ଗାଞ୍ଜି ।

ହବିଃ—ଘିଅ ।

ହାଫୁ—ଅଫିମ ବା ଆପୁ ।

ହାଲା—ହୁଡ଼ୁପି; ମଦ ।

ହଂସ୍ରା—ହୁଡ଼ୁପି; ଶିରା ।

ହିମ—ଶୀତଲ; ବରଫ; ଷଡ଼୍‌ଗୁଣ ଜଲରେ ନିଃଶେଷ ପକ୍ୱ କ୍ୱାଥ ।

ହେମ—ସୁନା ।

ହସ୍ତିକା—ବ୍ରାହ୍ମଣଯାଟୀ ।

ହରିତ—କାଶୀଶ; ଯବଧାନଭେଦ ।

ହରିଦ୍ରା—ହଳଦୀ ।

ହରେଣୁ—ରେଣୁକ; ବଡ଼ଚଣା ।

ହଲ୍ଲକ—ରଙ୍ଗକଇଁ ।

ହଲିନୀ—ଲହଲାଙ୍ଗଲିଆ ।

ହଲୀନ—ଶୀଲବୃକ୍ଷ, କେତକୀ ।

ହ୍ୟସ୍ତନ—ବାସିଜଲ ।

ହ୍ରସ୍ୱାଙ୍ଗ—ଜୀବକ । (ଅଷ୍ଟବର୍ଗରୁ ଏକ ।)

ହାଟକ—ସୁନା ।

ହାରଦ୍ର—ଦଶପ୍ରକାର ଜଙ୍ଗମ ବିଷରୁ ଏକ ।

ହିଙ୍ଗୁଲୀ—ବାଇଗଣ ।

ହିଣ୍ଡିର, ହିଣ୍ଡୀର—ସମୁଦ୍ର ଫେନ ।

ହିମଜା—ଗନ୍ଧଶୁଣ୍ଠି; ପାଲଙ୍ଗ ଶାକ ।

ହୀରକ—ହୀରା ।

ହ୍ରୀବେର—କୁରୁବେଲ୍ଲୀ ।

ହୃଦ୍‌ଗନ୍ଧ—ଜିରା

ହୈମନ—ମହୁକାଙ୍କ ।

ହଂସପାଦ୍ରି, ହଂସପାଦୀ—ସୁଆଁଳିଆ ଲତା ।

ହଂସୋଦକ—ଅଷ୍ଟପ୍ରହରର ଜଲ ।

ହରିମନ୍ଥ—ଅଗିବଥୁ ।

ହରବୀଜ—ପାରଦରସ ।

ହରିନ୍ମଣି—ମରକତ ।

ହରିନ୍ମୁଦ୍‌ଗ—ପରିମୁଗ ।

ହରିପର୍ଣ୍ଣ—ମୂଳା ।

ହରିଦ୍ରୁବ—ଦାରୁହଳଦୀ ।

ହରିପ୍ରିୟ—କୃଷ୍ଣଚନ୍ଦନ ।

ହରିମନ୍ଥ—ସୋହ୍ଲାଚଣା ।

ହରୀତକୀ—ହରିଡ଼ା ।

ହସ୍ତିକାଲ—ହାତଆବଏର ।

ହସ୍ତିପର୍ଣ୍ଣୀ—ଲତାକରଡ଼ ।

ହସ୍ତିପାଦ୍ର—ହାତଖୋଜିଆ ଆଳୁ ।

ହ୍ରସ୍ୱକନ୍ଦ—କୁଜିସାରୁ ।

ହ୍ରସ୍ୱବୃକ୍ଷ—କୁଶ ।

ହାଲାହଲ—ଦଶପ୍ରକାର ଜଙ୍ଗମ ବିଷରୁ ଏକ ।

ହିଙ୍ଗୁପର୍ଣ୍ଣୀ—ହିଙ୍ଗୁପତ୍ରୀ ।

ହୀଡ଼ମୋଚୀ, ହୀଲମୋଚୀ—ହୀଡ଼ମୋଚୁ ।

ହେମଦୁଗ୍‌ଧ—ଉଦୁମ୍ବର ।

ହେମମିତ୍ର—ସ୍ଫଟିକ ଟାଙ୍ଗଣା ।

ହେମାଦ୍ରିକା, ହେମକ୍ଷୀରୀ, ହେମଶିଖା, ହେମପୀତା } ହେମାଦ୍ରି ଖ୍ୟାତ ବା ସ୍ୱର୍ଣ୍ଣକ୍ଷୀରି ବୃକ୍ଷ ।

ହୈମବତୀ—ଶ୍ୱେତବଚ; ହରିଡ଼ା; ଅତସୀଚଣା ।

ହରିବାଳୁକ—ଗନ୍ଧବାଳୁକା ।

ହଲଧରପ୍ରିୟ—କଦମ୍ବ ଗଛ ।

ହିଙ୍ଗୁନିର୍ଯ୍ୟାସ—ନିମ୍ବ ଗଛ ।

ହିମବାଲୁକା, ହିମରଜ—କର୍ପୂର ।

ହେମଗନ୍ଧନୀ—ରେଣୁକ ।

ହେମପୁଷ୍ପକ—ଚମ୍ପା ।

ହୋମଧାନ୍ୟକ—ରାଶି ବା ତିଲ ।

ହସ୍ତିଙ୍ଗବୀନକ—ଲହୁଣି ।

ହସ୍ତିକର୍ଣ୍ଣଦଲ—ହସ୍ତିକର୍ଣ୍ଣ ପଲାଶ ।

ହ୍ରସ୍ୱଗ୍ରେବଧୂକା—ଗୋରକ୍ଷ ଶୃଙ୍ଖଳ ।
ହ୍ଵଙ୍ଗୁଣିବାଟିକା—ହ୍ଵଙ୍ଗୁପତ୍ରୀ ।

—

## କ୍ଷ

କ୍ଷବ—ରାଇସୋରଷ ।
କ୍ଷାର—ଲୁଣିଆଁ ।
କ୍ଷୀର—ଦୁଗ୍ଧ ।
କ୍ଷୀଣି—ଦୁଧଖଣ୍ଡ; କ୍ଷୀରକଞ୍ଚୁକୀ ।
କ୍ଷୁଦ୍ର—ଘୋଡ଼ା ଶୁଣ୍ଠୀ ।
କ୍ଷୁଦ୍ରା—ଗରଗଡ଼ ।
କ୍ଷ୍ୱେଡ—ବିଷ; ଜୀବକ ।
କ୍ଷୋମା—ଅତସୀ ।
କ୍ଷୌଦ୍ର—ମହୁ ।
କ୍ଷତଜ—ରକ୍ତ ।
କ୍ଷାର—ଖାର ।
କ୍ଷାରଦ୍ରୁ—ଝୁଣିଝୁଣିଆ ଗଛ ।
କ୍ଷୀରିକା—କ୍ଷୀଣି; ପାଳଙ୍ଗ ।
କ୍ଷୁଦ୍ରଦ୍ରୁ—ତୁଣ୍ଡପୋଡ଼ା ।
କ୍ଷୁଦ୍ରାକ—ସଲପ ଗଛ ।
କ୍ଷୁରକ—କୋଇଲେଖା ।
କ୍ଷେତ୍ରେକ୍ଷୁ—ବଡ ଧାନ ।

କ୍ଷାରତ୍ରୟ—ଯବକ୍ଷାର, ସାଚକ୍ଷାର ଓ ଟାଙ୍ଗଣାଖାର ।
କ୍ଷାରମଧ୍ୟ—ଅପାମାର୍ଗ ।
କ୍ଷାରଯୁଗ—ସର୍ଜିକାକ୍ଷାର ଓ ଯବକ୍ଷାର ।
କ୍ଷିପ୍ରପାକ୍ଷୀ—ଗନ୍ଧମୁଣ୍ଡ ଗଛ ।
କ୍ଷୀରବାନ୍—କସ୍ତୁରୀ ।
କ୍ଷୀରବୃକ୍ଷ—କ୍ଷୀରକୋଳି ।
କ୍ଷୀରଶୁକ୍ଳା—ପାଳୁଅ; ଭୂଇଁକଖାରୁ ।
କ୍ଷୀରସହା—ଡହଣ୍ଡ ।
କ୍ଷୁଦ୍ରକନ୍ଦ—ସିଂହଡ଼ା ।
କ୍ଷଦ୍ରସହା—ମୁଦ୍‌ଗପର୍ଣ୍ଣୀ ।
କ୍ଷ୍ୱେଡ଼ଗନ୍ଧ—କନିଅର ।
କ୍ଷୟନାଶିନୀ—ଜୀବନ୍ତୀ ।
କ୍ଷାରମୃତ୍ତିକା, କ୍ଷାରମୂର୍ତ୍ତିକା—ଲୁଣିଆ ମାଟି ।
କ୍ଷୀରକାକୋଲୀ—ଅଷ୍ଟବର୍ଗାନ୍ତର୍ଗତ ଦ୍ରବ୍ୟବିଶେଷ ।
କ୍ଷୀରବିଦାରୀ—ଭୂଇଁକଖାରୁଭେଦ ।
କ୍ଷାରମୋଟକ, କ୍ଷାରମୋରଟ—କସ୍ତୁରୀ ।
କ୍ଷୀରସନ୍ତାନା—ଦୁଧସର ।
କ୍ଷୁଦ୍ରବଜ୍ରକ—ବୈକ୍ରାନ୍ତ ।
କ୍ଷୁଦ୍ରାବୃହତୀ—ଅନ୍ତ୍ରାନ୍ତ ।
କ୍ଷେତ୍ରାମଲକୀ—ଭାଲମୂଲୀ ।
କ୍ଷୁଧାଭିଜନନ—ରାଇସୋରଷ ।
କ୍ଷ୍ୱେଡ଼କୋଷଫଳା—ଘୋଷାଲି ।

ସମ୍ପୂର୍ଣ୍ଣ

Printed by Natabar Sahu at the Swadheen Press, Berhampur, 1976